'oaob.nitrkl.ac.in' images reprocessed

ଶ୍ରୀମା

ଜନ୍ମଗ୍ରହଣ

ଫେବୃଆରୀ ୨୧, ୧୮୭୮

ଭାରତ ବର୍ଷରେ ପଦାର୍ପଣ

ମାର୍ଚ୍ଚ ୨୯, ୧୯୧୪

ମହାପ୍ରୟାଣ

ନଭେମ୍ବର ୧୭, ୧୯୭୩

ଜନ୍ମଶତବାର୍ଷିକୀ

ଫେବୃଆରୀ ୨୧, ୧୯୭୮

'oaob.nitrkl.ac.in' images reprocessed



# ମାତୃବାଣୀ

## ପଞ୍ଚଦଶ ଖଣ୍ଡ

'oaob.nitrkl.ac.in' images reprocessed

# ମାତୃରଚନାବଳୀ : ୧୫ଶ ଖଣ୍ଡ

ଶ୍ରୀମା'ଙ୍କର "Words of The Mother" ଗ୍ରନ୍ଥର
ଓଡ଼ିଆ ଅନୁବାଦ


ଅନୁବାଦ:

ଶ୍ରୀ ଚିତ୍ତରଞ୍ଜନ ଦାସ



ପ୍ରଥମ ମୁଦ୍ରଣ : ୨୪ ଏପ୍ରିଲ୍ ୧୯୯୦



ସର୍ବସ୍ୱତ୍ୱ ସଂରକ୍ଷିତ

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ-୬୦୫୦୦୨



ପ୍ରକାଶକ :

ନବଜ୍ୟୋତି କାର୍ଯ୍ୟାଳୟ, ପ୍ରକାଶନ ବିଭାଗ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ-୬୦୫୦୦୨

Printe
·i Aurobindo As



'oaob.nitrkl.ac.in' images reprocessed

# ପ୍ରକାଶକଙ୍କ ଟିପ୍‌ପଣୀ

ମାତୃ-ରଚନାବଳୀର ଏହି ୧୪ଶ ଖଣ୍ଡର ପ୍ରଥମ ଭାଗରେ ପ୍ରଧାନତଃ ଯୋଗ ତଥା ଜୀବନର ଭିନ୍ନଭିନ୍ନ ବିଭାବ ବିଷୟରେ ମାଆଙ୍କ ଦ୍ୱାରା ପ୍ରଦତ୍ତ ଅପେକ୍ଷାକୃତ ଅଧିକ ସଂକ୍ଷିପ୍ତ ଲିଖିତ ବିବୃତିଗୁଡ଼ିକ ରହିଛି । ସେଗୁଡ଼ିକୁ ତାଙ୍କର ସାଧାରଣ ବାର୍ତ୍ତା, ବ୍ୟକ୍ତିଗତ ପତ୍ରାଳାପ ଏବଂ ଟିପ୍‌ପଣୀଗୁଡ଼ିକରୁ ସଂଗ୍ରହ କରି ଅଣାଯାଇଛି । ଏଗୁଡ଼ିକ ସହିତ କେତେକ ଟେପ୍ ଦ୍ୱାରା ରେକର୍ଡ଼ କରା ଯାଇଥିବା ମନ୍ତବ୍ୟ ମଧ୍ୟ ରହିଛି ; ସେଗୁଡ଼ିକୁ ପାଦ ଟିପ୍‌ପଣୀ ଦ୍ୱାରା ଚିହ୍ନିତ କରି ଦିଆଯାଇଛି । ସାଧକମାନେ ମନେ ପକାଇ ଟିପି ରଖିଥିବା ଓ ପରେ ପ୍ରକାଶନ ଲାଗି ମାଆଙ୍କର ଅନୁମୋଦନ ଲାଭ କରିଥିବା ଅଳ୍ପ କେତୋଟି ମୌଖିକ ବିବୃତି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଛି ; ଏଗୁଡ଼ିକୁ * ଚିହ୍ନ ଦ୍ୱାରା ସୂଚିତ କରାଯାଇଛି ।

ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ବିବୃତି ଆଶ୍ରମ ତଥା ଆଶ୍ରମ ସହିତ ସଂପୃକ୍ତ ନାନା ଗୋଷ୍ଠୀ ଦ୍ୱାରା ପ୍ରକାଶିତ ପୁସ୍ତକ ଏବଂ ପତ୍ରିକାମାନଙ୍କରେହିଁ ସର୍ବପ୍ରଥମେ ବାହାରିଥିଲା । ଏଥିରୁ ବହୁତର ଭାଗ ଫରାସୀ ଭାଷାରେ ଓ ବାକିଗୁଡ଼ିକ ଇଂରାଜୀ ଭାଷାରେ ଲେଖା ହୋଇଥିଲା । ଏହି ପୁସ୍ତକଟିରେ ପ୍ରକାଶିତ ଇଂରାଜୀ ଅନୁବାଦ-ଗୁଡ଼ିକ ଅଧିକାଂଶତଃ ପୂର୍ବରୁ ପ୍ରକାଶିତ ହୋଇ ସାରିଥିଲା; ଆବଶ୍ୟକ ସ୍ଥଳ-ମାନଙ୍କରେ ସେଗୁଡ଼ିକରେ କିଞ୍ଚିତ୍ ସଂଶୋଧନ କରି ଦିଆଯାଇଛି । କୌଣସି ବିଭାଗ ମଧ୍ୟରେ ରହିଥିବା ଦିନାଙ୍କିତ ବିବୃତିଗୁଡ଼ିକୁ ସମୟାନୁକ୍ରମରେ ସଜାଇ ରଖାଯାଇଛି ; ଅଦିନାଙ୍କିତଗୁଡ଼ିକୁ ସେଗୁଡ଼ିକ ସର୍ବୋତ୍ତମ ଭାବରେ ଖାପ ଖାଉଥିବା ସ୍ଥାନ-ମାନଙ୍କରେ ଅନ୍ତର୍ଭୁକ୍ତ କରାଯାଇଛି ।

ବିଭିନ୍ନ ବିଭାଗମାନଙ୍କରେ ଯେତେଗୁଡ଼ିଏ ବିବୃତିକୁ ଅନ୍ତର୍ଭୁକ୍ତ କରାଯାଇ ପାରିଥାନ୍ତା, ଏହି ପୁସ୍ତକରେ ସେଗୁଡ଼ିକୁ ସବୁଗୁଡ଼ିକୁ ଆଣି ରଖା ଯାଇ ନାହିଁ । ଅଳ୍ପ କେତୋଟି ବ୍ୟତିକ୍ରମକୁ ଛାଡ଼ିଦେଲେ, ପ୍ରତ୍ୟେକ ବିବୃତିକୁ କେବଳ ଗୋଟିଏ ବିଭାଗରେହିଁ ରଖାଯାଇଛି ; ଅବଶ୍ୟ ଏକଥା ସତ ଯେ କେତୋଟିକୁ ସମାନ ଔଚିତ୍ୟର ସହିତ ଦୁଇଟି ବା ତିନୋଟି ବିଭାଗରେ ମଧ୍ୟ ରଖାଯାଇ ପାରିଥାନ୍ତା । ମାତୃରଚନାବଳୀର ଅନ୍ୟ ଖଣ୍ଡଗୁଡ଼ିକରେ ଯେଉଁସବୁ ବିବୃତି ପ୍ରକାଶିତ ହୋଇଛି, ଅଳ୍ପ କେତୋଟି ବ୍ୟତୀତ ସେଗୁଡ଼ିକୁ ଏହି ଖଣ୍ଡଟିରେ ରଖା ଯାଇ ନାହିଁ ।

୧୯୫୪ ଓ ୧୯୫୫ର ଅଧିକାଂଶ ଏକବାକ୍ୟବିଶିଷ୍ଟ ବିବୃତିକୁ ମାଆ ତାଙ୍କର ଧ୍ୟାନ ଓ ପ୍ରାର୍ଥନାର ଉଦ୍ଧରଣମାନଙ୍କରୁ ଅନୁବାଦ କରିଛନ୍ତି । କେତେକ ଶବ୍ଦର ଯେଉଁ ସଂକ୍ଷିପ୍ତ ସଂଜ୍ଞାମାନ ଦିଆଯାଇଛି, ସେଗୁଡ଼ିକ ପ୍ରକୃତରେ ମାଆ ବିଭିନ୍ନ ଫୁଲମାନଙ୍କୁ ପ୍ରଦାନ କରିଥିବା ନିହିତାର୍ଥଗୁଡ଼ିକୁହିଁ ବ୍ୟକ୍ତ କରିଦେଉଛି ।

'oaob.nitrkl.ac.in' images reprocessed

ପାଠକର ଉଲ୍ଲେଖ କରି ରଖିବା ଉଚିତ ଯେ ଏହି ବକ୍ତୃତାଗୁଡ଼ିକର ଅଧିକାଂଶ ବିଶେଷ ବ୍ୟକ୍ତିମାନଙ୍କ ନିମନ୍ତେ ବିଶେଷ ଅବସରମାନଙ୍କରେ ଲେଖା ଯାଇଥିଲା ଏବଂ ଲେଖାହେବା ସମୟରେ ସେଗୁଡ଼ିକୁ ସାଧାରଣଙ୍କର ଅବଗତି ଲାଗି ଉଦ୍ଦିଷ୍ଟ କରି ରଖାଯାଇ ନ ଥିଲା ।

ଏହି ଗ୍ରନ୍ଥର ଦ୍ୱିତୀୟ ଭାଗରେ ଏପରି ନାନାବିଧ କଥୋପକଥନଗୁଡ଼ିକୁ ଅନ୍ତର୍ଗତ କରାଯାଇଛି, ଯେଉଁଗୁଡ଼ିକ କ ମାତୃରଚନାବଳୀର ଅନ୍ୟ କୌଣସି ସ୍ଥାନରେ ପ୍ରକାଶିତ ହୋଇ ନାହିଁ । ୧୯୫୦ ଓ ୧୯୫୧ର ପ୍ରଥମ ଛଅଗୋଟି କଥୋପକଥନ ହେଉଛି ପ୍ଲେଗ୍ରାଉଣ୍ଡ୍‌ରେ ପ୍ରଦତ୍ତ ସର୍ବପ୍ରଥମ କାଳର କଥୋପକଥନ । ମାତ୍ର ଅଳ୍ପଦିନ ହେଲା ସେଗୁଡ଼ିକର ପ୍ରତିଲିପି ଖୋଜି ବାହାର କରାଯାଇଛି । ପରବର୍ତ୍ତୀ କଥୋପକଥନଗୁଡ଼ିକର ଅଧିକାଂଶ ପ୍ରଥମେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍‌ରେ ପ୍ରକାଶିତ ହୋଇଥିଲା । ସେହି ପତ୍ରିକାରେ ସେଗୁଡ଼ିକର ଯେପରି ଶିର୍ଷକମାନ ଥିଲା, ଏଠାରେ ମଧ୍ୟ ସେଗୁଡ଼ିକୁ ଠିକ୍ ସେହିପରି ରଖାଯାଇଛି ।

ଏହି କଥୋପକଥନଗୁଡ଼ିକ ନାନାଭାବରେ ଲିପିବଦ୍ଧ ହୋଇଛି । ୧୯୫୦ ଓ ୧୯୫୧ର କଥୋପକଥନଗୁଡ଼ିକୁ ଆଶୁଲିପିରେ ଟିପି ନିଆ ଯାଇଥିଲା । ୧୯୬୨ ଏପ୍ରିଲ୍ ତିନ ତାରିଖଟି ମନେପକାଇ ଲେଖା ହୋଇଥିଲା । ତିନୋଟି କଥୋପ-କଥନ : ୧୯୫୭ ମସିହା ୧୨ ନଭେମ୍ବରର ଓ ୧୯୫୮ର "ପୂର୍ବ ଜନ୍ମଗୁଡ଼ିକର ସ୍ମରଣ" ଏବଂ ୧୯୬୦ ଜାନୁଆରି, — ଏଗୁଡ଼ିକର ପ୍ରତିଲିପି-ପ୍ରଣାଳୀ ଆମକୁ ଜଣା ନାହିଁ । ଆଉସବୁଗୁଡ଼ିକୁ ଟେପ୍‌ରେ ରେକର୍ଡ୍ କରି ରଖାଯାଇଥିଲା । ନଭେମ୍ବର ୧୨, ୧୯୫୨ ଏବଂ ୧୯୫୮ର "ପୂର୍ବ ଜନ୍ମଗୁଡ଼ିକର ସ୍ମରଣ" କଥୋପକଥନଗୁଡ଼ିକ ଜାନୁଆରି ୧୯୬୦ ୩ ଏପ୍ରିଲ୍ ୧୯୬୨, ୧୩ ଏପ୍ରିଲ୍ ୧୯୬୨ (କେବଳ ପ୍ରଥମାର୍ଦ୍ଧଟି), ୧୧ ମଇ ୧୯୬୭ ଓ ୨୫ ମଇ ୧୯୬୦, — ଏଗୁଡ଼ିକ ଇଂରାଜୀରେ ପ୍ରଦତ୍ତ ହୋଇଥିଲା । ଆଉ ସବୁଗୁଡ଼ିକରେ ମାଆ ଫରାସୀରେ ଉତ୍ତର ଦେଇଥିଲେ ।

'oaob.nitrkl.ac.in' images reprocessed

# ବିଷୟସୂଚୀ

## ପ୍ରଥମସର୍ଗ : ପତ୍ରାବଳୀ, ବାର୍ତ୍ତାବଳୀ ଏବଂ ଅନ୍ୟାନ୍ୟ ସଂକ୍ଷିପ୍ତ ଲିଖିତ ବିବୃତି


ଦିବ୍ୟ ପରମସତ୍ତା ଓ ବିଶ୍ୱ-ବ୍ରହ୍ମାଣ୍ଡ ... ୩
ଦିବ୍ୟ ପରମସତ୍ତାଙ୍କର ଅଭିବ୍ୟକ୍ତି ... ୩
ବିଶ୍ୱ-ବ୍ରହ୍ମାଣ୍ଡରେ କ୍ରିୟା କରୁଥିବା ଦିବ୍ୟ ପରମସତ୍ତା ... ୬
ପ୍ରକୃତି ତଥା ପ୍ରାକୃତିକ ଶକ୍ତିଚୟ ... ୧୩
ଦେବଦେବୀ, ଉଚ୍ଚତର ସତ୍ତା ଓ ପ୍ରତିକୂଳ ଶକ୍ତି ୧୬
ଦେବଦେବୀ ... ୧୬
କୃଷ୍ଣ ଓ ରାଧା ... ୧୮
କାଳୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ... ୨୦
ଅବତାର ... ୨୬
ଉଚ୍ଚତର ସତ୍ତ୍ୱଗଣ ... ୨୭
ପ୍ରତିକୂଳ ଶକ୍ତି ... ୨୯
ଧର୍ମ ଓ ଗୂଢ଼ବିଦ୍ୟା ... ୪୦
ଧର୍ମ ... ୪୦
ଗୂଢ଼ବିଦ୍ୟା ... ୪୬
ଫଳିତ ଜ୍ୟୋତିଷ ... ୫୦
ହସ୍ତ-ସାମୁଦ୍ରିକ ... ୫୨
ସଂଖ୍ୟାତତ୍ତ୍ୱ ୫୩
ରଙ୍ଗଗୁଡ଼ିକ ବିଷୟରେ ... ୫୪
ପ୍ରତୀକ ... ୫୫
ନୈତିକତା ଓ ଯୁଦ୍ଧ ... ୬୦
ନୈତିକତା ... ୬୦
ଯୁଦ୍ଧ ଓ ସହିଂସତା ... ୬୧
ନିରାପତ୍ତା ଓ ସୁରକ୍ଷା ... ୬୫
ଅର୍ଥସମ୍ପଦ ଏବଂ ରାଷ୍ଟ୍ର ... ୬୮
ଅର୍ଥସମ୍ପଦ ଓ ଅର୍ଥନୀତି ... ୬୮


'oaob.nitrkl.ac.in' images reprocessed

| | |
|---|---|
| ଗୃହ୍ସ ଓ ରାଜନୀତି ... | ୭୫ |
| ମାନବ-ଏକତା ... | ୮୩ |
| ବର୍ତ୍ତମାନ ଜଗତ୍ ... | ୯୪ |
| ଅନ୍ଧକାର ଓ ଆଲୋକ | ୯୭ |
| ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ | ୯୯ |
| ଅତୀତ | ୯୯ |
| ବର୍ତ୍ତମାନ | ୧୦୩ |
| ଭବିଷ୍ୟତ୍ | ୧୦୪ |
| ଅଗ୍ରଗତି ଓ ପୂର୍ଣ୍ଣତା | ୧୦୭ |
| ଅଗ୍ରଗତି | ୧୦୭ |
| ପୂର୍ଣ୍ଣତା | ୧୧୦ |
| ସଫଳତା | ୧୧୧ |
| ବିଳମ୍ବ | ୧୧୪ |
| ରୂପାନ୍ତର ଓ ଅତିମାନସ | ୧୧୭ |
| ରୂପାନ୍ତର | ୧୧୭ |
| ରୂପାନ୍ତର ଓ ସତ୍ତାର ବିଭିନ୍ନ ଭାଗ | ୧୨୨ |
| ଅତିମାନସ | ୧୨୫ |
| ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି | ୧୩୦ |
| ନୂତନ ଚେତନା | ୧୪୫ |
| ଅତିମାନସ ଓ ନୂତନ ସତ୍ତା | ୧୪୯ |
| ଅମରତ୍ୱ | ୧୬୦ |
| ନୂତନ ସୃଜନ | ୧୬୧ |
| ମୃତ୍ୟୁ ଓ ପୁନର୍ଜନ୍ମ ... | ୧୬୪ |
| ବୃଦ୍ଧାବସ୍ଥା ଓ ମୃତ୍ୟୁ ... | ୧୬୪ |
| ପୁନର୍ଜନ୍ମ ... | ୧୭୨ |
| ଆତ୍ମହତ୍ୟା | ୧୭୮ |
| ନିଦ୍ରା ଓ ସ୍ୱପ୍ନ | ୧୮୨ |
| ନିଦ୍ରା ଓ ବିଶ୍ରାମ | ୧୮୨ |
| ସ୍ୱପ୍ନ | ୧୮୭ |
| ଅସୁସ୍ଥତା ଓ ସ୍ୱାସ୍ଥ୍ୟ | ୧୯୧ |


'oaob.nitrkl.ac.in' images reprocessed

ଅସୁସ୍ଥତାର ଅନ୍ତର୍ଗତ କାରଣ ... ୧୯୨
ଭୟ ଓ ଅସୁସ୍ଥତା ... ୧୯୬
ଅସୁସ୍ଥତା ବିଷୟରେ ଚିନ୍ତା ଓ ଉଦ୍‌ବେଗ ... ୧୯୯
ଅନୁଚିତ ଭାବନା ଏବଂ ଅସୁସ୍ଥତା ... ୨୦୩
ଅସୁସ୍ଥତାକୁ ଜୟ କରିବାର ଇଚ୍ଛା ୨୦୬
ବାସନାଗୁଡ଼ିକର ନିୟନ୍ତ୍ରଣ ୨୦୭
ଶାନ୍ତି ଓ ସ୍ଥିରତା, ବିଶ୍ୱାସ ଓ ସମର୍ପଣ ୨୦୯
ଦିବ୍ୟ ପରମକରୁଣା ଦ୍ୱାରା ଆରୋଗ୍ୟଲାଭ ୨୧୩
ଡାକ୍ତର ଏବଂ ଔଷଧ ୨୧୮
ଆଶ୍ରମ-ସ୍ୱାସ୍ଥ୍ୟ-ସେବା ଲାଗି ବାର୍ତ୍ତା ୨୨୪
ସାଧାରଣ ୨୨୬

ସନ୍ଦେଶାବଳୀ ୨୩୨
ନବବର୍ଷର ସନ୍ଦେଶାବଳୀ ୨୩୨
ଦର୍ଶନଦିବସଗୁଡ଼ିକର ବାର୍ତ୍ତା ୨୫୫
ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି ଲାଗି ପ୍ରଦତ୍ତ ବାର୍ତ୍ତା ... ୨୬୨
ପଣ୍ଡିଚେରୀରେ ମାଆଙ୍କର ପ୍ରଥମ ଆଗମନ ଲାଗି ବାର୍ତ୍ତା ... ୨୬୩
ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ-ଆଗମନ ଲାଗି ବାର୍ତ୍ତା ୨୬୫
ପୂଜାର ବାର୍ତ୍ତାଚୟ ୨୬୬
ଖ୍ରୀଷ୍ଟପର୍ବର ବାର୍ତ୍ତାବଳୀ ୨୭୦
ଜନ୍ମଦିନର ବାର୍ତ୍ତାମାନ ୨୭୪
କେନ୍ଦ୍ର ତଥା ସଙ୍ଗଠନଗୁଡ଼ିକ ଲାଗି ବାର୍ତ୍ତା ୨୭୮
ନାନା ବିଭାଗ ଏବଂ କାରବାର ଲାଗି ବାର୍ତ୍ତା ୨୮୩
ପ୍ରକୀର୍ଣ୍ଣ ବାର୍ତ୍ତାବଳୀ ୨୮୪

ପ୍ରାର୍ଥନାବଳୀ ୨୮୫
ପ୍ରାର୍ଥନା ଓ ଦିବ୍ୟ ପରମସତ୍ତାଙ୍କ ଆବାହନ ୨୮୫
ପ୍ରାର୍ଥନାବଳୀ ୨୮୮

ସାଧନା ଓ ଜୀବନ ୩୦୬
ତୁମ ଜୀବନ... ୩୦୬
ପରିବର୍ତ୍ତନ ... ୩୦୭
ଉଚିତ କାର୍ଯ୍ୟଟିକୁ କର ... ୩୧୦
ଉଚ୍ଚକୁ ଉଡ଼ିଚାଲ ୩୧୩


'oaob.nitrkl.ac.in' images reprocessed

ମନୁଷ୍ୟ ଲାଗି ଦ୍ରବ୍ୟ ପରମସତ୍ତାଙ୍କର ସାହାଯ୍ୟ ... ୩୧୫
ସୌନ୍ଦର୍ଯ୍ୟ ୩୧୯
ସାଧାରଣ ୩୨୨
ବ୍ୟକ୍ତିଗତ ପରାମର୍ଶ ୩୨୪
ସଂକ୍ଷିପ୍ତ ଉତ୍ତରମାନ ୩୨୪
ଦୀର୍ଘତର ପତ୍ରଗୁଡ଼ିକ ୩୩୯
ସତର୍କବାଣୀ ୩୫୨
ବ୍ୟାବହାରିକ ବ୍ୟାପାର ୩୬୫
ସାଧାରଣ ୩୬୫
ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା ... ୩୬୫
ଆଶ୍ରମ ଗ୍ରନ୍ଥାଗାରରୁ ବହିନେବା ୩୬୭
ଚିତ୍ରକଳା ୩୮୦
ମାଆଙ୍କର କେତେକ ଅନୁଭୂତି ୩୮୬
ଅନୁଭୂତିଗୁଡ଼ିକର ପ୍ରତିଲିପି ୩୮୬
ଶରୀରଚେତନାର କେତେକ ଅନୁଭୂତି ୩୮୭
ଶରୀରଚେତନାର ନାନା ନୂତନ ଅନୁଭୂତି ୩୯୦


## ଦ୍ୱିତୀୟ ଭାଗ : କଥୋପକଥନ


୩୦ ଡିସେମ୍ବର ୧୯୫୦
ନାସ୍ତିକ ଓ ନାସ୍ତିକ୍ୟବାଦ ୩୯୭
୭ ଜାନୁଆରୀ ୧୯୫୧
ଏକ ସମଗ୍ର ରୂପାନ୍ତର ୪୦୮
ପରିପୂର୍ଣ୍ଣ ଆନ୍ତରିକତା ୪୧୪
୧୮ ଜାନୁଆରୀ ୧୯୫୧
ଆଧ୍ୟାତ୍ମିକ ସାଧନାର ପ୍ରଣାଳୀ ୪୨୧
ଚୈତ୍ୟସତ୍ତା ଓ ସତ୍ୟ ... ୪୨୫
୨୨ ଜାନୁଆରୀ ୧୯୫୧
ମନର ନିସ୍ତବ୍ଧତା ୪୨୯
ଅନ୍ୟର ଦୃଷ୍ଟିକୋଣରୁ ବୁଝ ୪୩୭
୩୦ ଜାନୁଆରୀ ୧୯୫୧


'oaob.nitrkl.ac.in' images reprocessed

ବିଶ୍ୱାସ, ଆନ୍ତରିକତା ଓ ସମର୍ପଣ ... ୪୪୨
ଅଦୃଶ୍ୟ ଜଗତଚୟ ... ୪୪୩
ପ୍ରାଣିକ ସଂବେଗ, ଚୈତ୍ୟ ସଂବେଗ ୪୫୨
୧ ଫେବ୍ରୁଆରୀ ୧୯୫୧
ସ୍ୱପ୍ନ ଓ ନିଦ୍ରା ୪୫୭
୧୨ ନଭେମ୍ବର ୧୯୫୨
ଆତ୍ମାର ସୋପାନଚୟ ୪୬୯
୫ ଫେବ୍ରୁଆରୀ ୧୯୫୭
ଦୁଇ ପ୍ରକାରର ଦୁଃଖଭୋଗ ୪୭୫
୧୯୫୮ (୧)
ଅତୀତ ଜନ୍ମଗୁଡ଼ିକର ସ୍ମୃତି ୪୭୭
୧୯୫୮ (୨)
ଅନ୍ତର୍ଗତ ଉପଲବ୍ଧି ବାହ୍ୟ ଉପଲବ୍ଧିପାଇଁ ଗୃହୀତ ୪୮୩
୩୦ ମଇ ୧୯୫୮
ଅଭିବ୍ୟକ୍ତି ୪୮୫
୧୯ ଜୁଲାଇ ୧୯୫୮
ଫଳଟିକୁ ଆହାର କରିବା ୪୮୭
୨୧ ଜୁଲାଇ ୧୯୫୮
ଶକ୍ତିର ଅପଚୟ ଘଟାଅ ନାହିଁ ୪୯୧
(ଜୁଲାଇ ?) ୧୯୫୮
ଅନୁଭୂତିଗୁଡ଼ିକର ମନୋଗତ ରଚନା ୪୯୩
(ଜୁଲାଇ) ୧୯୫୮
ସୌନ୍ଦର୍ଯ୍ୟବୋଧ ୪୯୫
୧୦ ଅକ୍ଟୋବର ୧୯୫୮
ଜଡ଼ ମଧ୍ୟରେ ସର୍ବୋଚ୍ଚ ପରମସତ୍ତାଙ୍କର ଉପାସନା ୪୯୭
୪ ନଭେମ୍ବର ୧୯୫୮
ଦେବତାମାନେ ଓ ସେମାନଙ୍କର ଜଗତ୍ ... ୪୯୯
୮ ନଭେମ୍ବର ୧୯୫୮
୫ ନଭେମ୍ବର ୧୯୫୮ର ଅନୁଭୂତି ୫୦୭
୧୫ ନଭେମ୍ବର ୧୯୫୮
୧୩ ନଭେମ୍ବର ୧୯୫୮ର ଅନୁଭୂତି ... ୫୧୭


'oaob.nitrkl.ac.in' images reprocessed

୨୨ ନଭେମ୍ବର ୧୯୫୮

କର୍ମ ... ୫୨୪

ଜାନୁଆରି ୧୯୬୦

ସନ୍ଥମାନଙ୍କ ବିଷୟରେ କାହାଣୀ ୫୨୯

ଅଦିନାଙ୍କିତ : ଫେବୃଆରି ୧୯୬୦ ପୂର୍ବରୁ

ଯଥାର୍ଥ ବିବେକବୁଦ୍ଧି ୫୩୧

୪ ଜୁନ୍ ୧୯୬୦

ଉତ୍ତମ ଶ୍ରଦ୍ଧା ୫୩୩

୧୮ ଜୁଲାଇ ୧୯୬୦

ପୁରାତନ ପ୍ରବଚନମାନ ଓ ଏବର କେତେକ ବସ୍ତୁ ୫୩୬

୧୮ ଜୁଲାଇ ୧୯୬୧

ଅତିମାନସ ସୃଜନ ୫୩୮

୩ ଏପ୍ରିଲ୍ ୧୯୬୨

୨ ଏପ୍ରିଲ୍ ୧୯୬୨ ରାତିର ଅନୁଭୂତି ୫୪୬

୧୩ ଏପ୍ରିଲ୍ ୧୯୬୨

୧୨ ଏପ୍ରିଲ୍ ୧୯୬୨ ରାତିର ଅନୁଭୂତି ୫୫୦

୭ ସେପ୍ଟେମ୍ବର ୧୯୬୩

ଜଣେ ବସ୍ତୁବାଦୀଙ୍କ ସହିତ କଥୋପକଥନ ୫୫୩

୨୪ ଡିସେମ୍ବର ୧୯୬୬

ସତ୍ୟର ନିର୍ବାଚନ ୫୫୮

୧୧ ମଇ ୧୯୬୭

ସର୍ତ୍ତହୀନ ସମର୍ପଣ ୫୬୦

୧୫ ଅଗଷ୍ଟ ୧୯୬୭

୧୫ ଅଗଷ୍ଟ ୧୯୬୭ ର ଅନୁଭୂତି ୫୬୬

୨୫ ମଇ ୧୯୭୦

ରାଜନୀତିକୁ ଅତିକ୍ରମ କରିଯିବା ୫୭୦


'oaob.nitrkl.ac.in' images reprocessed

Do not take my words for a teaching. Always they are a force in action, uttered with a definite purpose, and they lose their true power when separated from that purpose.

'oaob.nitrkl.ac.in' images reprocessed

ମୋ' କଥାକୁ କଦାପି ଏକ ଶିକ୍ଷୋପଦେଶ ବୋଲି ଗ୍ରହଣ କରିବ ନାହିଁ । କାରଣ ମୁଁ ସେଗୁଡ଼ିକୁ ସବୁବେଳେ ଏକ କ୍ରିୟାଶୀଳ ଶକ୍ତି ରୂପେ ବ୍ୟବହାର କରିଥାଏ, ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସେଗୁଡ଼ିକୁ ମୁଁ ବ୍ୟକ୍ତ କରିଥାଏ । ଏବଂ ସେହି ଉଦ୍ଦେଶ୍ୟଟିରୁ ସେଗୁଡ଼ିକୁ ବିଚ୍ୟୁତ କରି ପକାଇଲେ ସେଗୁଡ଼ିକର ଅସଲ ଶକ୍ତିଟି ପ୍ରକୃତରେ ନଷ୍ଟ ହୋଇଯାଇଥାଏ ।

—ଶ୍ରୀମା

ଶ୍ରୀ [illegible] କେନ୍ଦ୍ର
ଗ୍ରା - [illegible]
ଥା - [illegible]
, ଓଡ଼ିଶା
ବହି ନଂ - [illegible]

'oaob.nitrkl.ac.in' images reprocessed



ଶ୍ରୀମା (୧୯୭୪)

'oaob.nitrkl.ac.in' images reprocessed

ପ୍ରଥମ ଭାଗ

# ପତ୍ରାବଳୀ, ବାର୍ତ୍ତାବଳୀ
# ଏବଂ
# ଅନ୍ୟାନ୍ୟ ସଂକ୍ଷିପ୍ତ ଲିଖିତ ବକ୍ତୃତା

'oaob.nitrkl.ac.in' images reprocessed

# ଦିବ୍ୟ ପରମ ସତ୍ତା ଓ ବିଶ୍ୱବ୍ରହ୍ମାଣ୍ଡ

## ବିଶ୍ୱବ୍ରହ୍ମାଣ୍ଡ : ଦିବ୍ୟ ପରମ ସତ୍ତାଙ୍କର ଅଭିବ୍ୟକ୍ତି

କେବଳ ସେଇ, ସେହି ପରିପୂର୍ଣ୍ଣ ସତ୍ତା
ଏହି ସକଳ କିଛିକୁ ପୂର୍ଣ୍ଣ କରି ରଖିଛନ୍ତି ।

ସେହି ପରିପୂର୍ଣ୍ଣ ସତ୍ତା ସବୁକିଛିକୁ
ପୂର୍ଣ୍ଣ କରି ରଖିଛନ୍ତି ।

କେବଳ ସେଇ, ସବୁକିଛିକୁ ପୂର୍ଣ୍ଣ କରି ରଖିଛନ୍ତି ।

ସିଏ ପ୍ରକୃତରେ କିଏ ? ସିଏ ହେଉଛନ୍ତି ସେହି ପରିପୂର୍ଣ୍ଣ ସତ୍ତା ।

କେବଳ ସେଇ, ସେହି ପରିପୂର୍ଣ୍ଣ ସତ୍ତା,
ଯିଏକି ଏହି ସବୁକିଛିକୁ ପୂର୍ଣ୍ଣ କରି ରହିଛନ୍ତି ।

୧୯୫)

*

ସତ୍ତ୍ୱର ଶକ୍ତିର ଚଳଗୁଡ଼ିକରୁ କେବଳ ସେହି ପରମ ପ୍ରଭୁ ଏହି ସବୁକିଛିକୁ ଗତିଶୀଳ କରି ରଖିଛନ୍ତି; ତାଙ୍କର ଇଚ୍ଛାହିଁ ସବୁକିଛିର ନିର୍ଦ୍ଦେଶନା ଦେଉଛି, ତାଙ୍କର ଶକ୍ତିହିଁ ଯାବତୀୟ କାର୍ଯ୍ୟ କରୁଛି ।

୧୮ ସେପ୍ଟେମ୍ବର ୧୯୫୪

*

ଆମେ ସମସ୍ତେ ସେହି ଦିବ୍ୟ ପରମ ସତ୍ତାଙ୍କର ସେବା କରିବା ଲାଗିହିଁ ଜୀବନ ଧାରଣ କରି ରହିଛୁ ; ସେହି ଦିବ୍ୟ ପରମ ସତ୍ତା ଯାବତୀୟ ନିଷ୍ପତ୍ତି କରୁଛନ୍ତି,

'oaob.nitrkl.ac.in' images reprocessed

ସେଇ ଆଦେଶ ଦେଉଛନ୍ତି, ସବୁକିଛିକୁ ଗଢ଼ ପ୍ରଦାନ କରୁଛନ୍ତି, ନିର୍ଦ୍ଦେଶନା ଦେଉଛନ୍ତି ଏବଂ କାର୍ଯ୍ୟଟିର ସମ୍ପାଦନ କରୁଛନ୍ତି ।

୨୫ ଡିସେମ୍ବର ୧୯୫୪

✽

ସେହି ଦିବ୍ୟ ପରମ ସତ୍ତାଙ୍କୁ ପୁଣି କିଏ ତିଆରି କରିଛି ?

ସିଏ ନିଜେ ।

ଅଗଷ୍ଟ ୧୯୬୭

✽

ଏହି ବିଶ୍ୱବ୍ରହ୍ମାଣ୍ଡର ଯୋଜନା କରିବାକୁ କେତେ ସମୟ ଲାଗିଥିଲା ? ତାହାକୁ କାର୍ଯ୍ୟକାରୀ କରିବା ଲାଗି ସେହି କ୍ଷେତ୍ରରେ କିଏ ଅବସ୍ଥିତ ରହିଥିଲେ ?

ଆଗରୁ କୌଣସି ଯୋଜନା ହୋଇ ନ ଥିଲା । ସବୁକିଛି ତତ୍‌କ୍ଷଣାତ୍ ଘଟିଲା, ପ୍ରତ୍ୟକ୍ଷ ଭାବରେ ଘଟିଲା, ସ୍ୱତଃ ପ୍ରେରିତ ଭାବରେ ଘଟିଲା । ମଧ୍ୟବର୍ତ୍ତୀ ହୋଇ ଆଦୌ କେହି ନ ଥିଲେ । ମଧ୍ୟବର୍ତ୍ତୀମାନଙ୍କର ହସ୍ତକ୍ଷେପ ବ୍ୟାପାରଗୁଡ଼ିକୁ ସରଳ କରିବା ପରିବର୍ତ୍ତେ ଅଧିକାଂଶତଃ ଅଧିକ ଜଟିଳ କରି ପକାଇଛି । ସେଥିଲାଗି ଏକ ଦୀର୍ଘ କାହାଣୀ କହିବାକୁ ପଡ଼ିବ ।

⁂

ଚେତନାର ଅର୍ଥ କ'ଣ ?

ଯେତେବେଳେ ପରମ ପ୍ରଭୁ ଆପଣା ବିଷୟରେ ସଚେତନ ହୁଅନ୍ତି, ଏହି ଜଗତର ସୃଷ୍ଟି ସେତିକିବେଳେ ହୁଏ ।

ଚେତନା ହେଉଛି ସେହି ନିଃଶ୍ୱାସ ବାୟୁ, ଯାହାକି ଏହି ସବୁକିଛିକୁ ଜୀବନ ପ୍ରଦାନ କରେ ।

✽

ମାଆ, ଆପଣ ମୋତେ 'ଚେତନା'ର ଅର୍ଥ କହନ୍ତୁ ।

'oaob.nitrkl.ac.in' images reprocessed

ଚେତନା ନ ଥିଲେ ତୁମେ ବଞ୍ଚି ରହୁଛ ବୋଲି ମଧ୍ୟ ଜାଣି ପାରନ୍ତ ନାହିଁ ।

❋

ଏକାତ୍ମକତା ଦ୍ୱାରା ଯେକୌଣସି ବସ୍ତୁ ସମ୍ବନ୍ଧରେ ସଜ୍ଞାନ ହୋଇ ପାରିବାର ସାମର୍ଥ୍ୟ, — ତାହାହିଁ ଚେତନା ।

ଦିବ୍ୟ ପରମ ଚେତନା ଯେ କେବଳ ସଜ୍ଞାନ ହୋଇ ରହିଛନ୍ତି ତା' ନୁହେଁ, ମାତ୍ର ସିଏ ଜାଣୁଛନ୍ତି ଓ କାର୍ଯ୍ୟକାରୀ କରାଇ ମଧ୍ୟ ପାରୁଛନ୍ତି । ଉଦାହରଣ ସ୍ୱରୂପ, କୌଣସି ଏକ ସ୍ପନ୍ଦନ ସମ୍ବନ୍ଧରେ ସଜ୍ଞାନ ହେବା, ତାହାର ଅର୍ଥ ନୁହେଁ ଯେ, ତୁମେ ସେଇଟି ବିଷୟରେ ସବୁକିଛି ଜାଣିଛ ।

❋

ଦିବ୍ୟ ପରମଚେତନାର କ୍ଷେତ୍ରରେ ନିମ୍ନସ୍ଥ କ୍ଷୁଦ୍ରତମ ବସ୍ତୁଗୁଡ଼ିକ ମଧ୍ୟ ଊର୍ଦ୍ଧ୍ୱସ୍ଥ ଉଚ୍ଚତମ ଏବଂ ଉଦାରତମ ବସ୍ତୁଗୁଡ଼ିକ ସହିତ ମଧ୍ୟ ଯାଇ ସମ୍ମିଳିତ ହୋଇ ପାରନ୍ତି ।

୩ ଜୁଲାଇ ୧୯୫୪

⁂

ଦିବ୍ୟ ପରମ ସତ୍ତା କ'ଣ ଯାବତୀୟ ବସ୍ତୁ ଭିତରେ, ଏପରିକି ମଇଳା ପକା ଯାଉଥିବା ଟିଣ ଭିତରେ ମଧ୍ୟ ରହିଛନ୍ତି ?

ଏହି ସମୁଦାୟ ବିଶ୍ୱବ୍ରହ୍ମାଣ୍ଡ ହେଉଛି ସେହି ଦିବ୍ୟ ପରମ ସତ୍ତାଙ୍କରହିଁ ଅଭିବ୍ୟକ୍ତି ; ମାତ୍ର ଏହା ଏପରି ଏକ ଅଭିବ୍ୟକ୍ତି ଯାହାକୁ ଆପଣାର ଉତ୍ସ ବିଷୟରେ ଏକ ସମଗ୍ର ଅଚେତନତାରୁ ଆରମ୍ଭକରି କ୍ରମୋନ୍ନତ ଭାବରେ ଏହି ଚେତନାଟି ଆଡ଼କୁ ଗତି କରିବାରେ ଲାଗିଥାଏ ।

❋

ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ କଦାପି ଭୁଲି ଯିବ ନାହିଁ ଯେ, ଏହି ସବୁ-କିଛି ତାଙ୍କର ଭିତରୁ ତାଙ୍କର ଦ୍ୱାରା ସୃଷ୍ଟ ହୋଇଛି । ସିଏ ଯେ କେବଳ ସକଳ

'oaob.nitrkl.ac.in' images reprocessed

ବସ୍ତୁ ମଧ୍ୟରେ ବିଦ୍ୟମାନ ରହିଛନ୍ତି ତା' ନୁହେଁ, ମାତ୍ର ସକଳ ବସ୍ତୁ କହିଲେ ବସ୍ତୁତଃ କେବଳ ତାହାଙ୍କୁହିଁ ବୁଝାଇବ । କେବଳ ଅଭିବ୍ୟକ୍ତି ଏବଂ ପରିପ୍ରକାଶର କ୍ଷେତ୍ରରେ ଯାହା ପାର୍ଥକ୍ୟମାନ ରହିଛି । ଓଁ

ଏହି କଥାଟିକୁ ଭୁଲିଗଲେ ତୁମେ ପ୍ରକୃତରେ ସବୁକିଛି ହରାଇ ବସିବ ।

*

ଏହି ବିଶ୍ୱମୟ ବିସ୍ମୟର ପ୍ରକୃତରେ କୌଣସି ସୀମାହିଁ ନାହିଁ ।

ଆପଣାର ଏହି କ୍ଷୁଦ୍ର ଅହଂଟିର ବାଡ଼ଗୁଡ଼ିକ ମଧ୍ୟରୁ ଆମେ ଯେତିକି ମୁକ୍ତ ହୋଇ ପାରୁଥିବା, ଏହି ବିସ୍ମୟଗୁଡ଼ିକ ଆମ ସମ୍ମୁଖରେ ସେତିକି ପ୍ରତିଭାତ ହେବାରେ ଲାଗିଥିବେ ।

*

ଯେତେବେଳେ ଏହି ବିଶ୍ୱ ସେହି ପରମ ପ୍ରଭୁଙ୍କର ଭୂମିରେ ପରିଣତ ହୋଇପାରିବ, ସେତିକିବେଳେ ଯାଇ ପରମ ପ୍ରଭୁ ପରିପୂର୍ଣ୍ଣ ଭାବରେ ତାଙ୍କର ଏହି ବିଶ୍ୱକୁ ଅଧିକାର କରି ରହିପାରିବେ ।

## ବିଶ୍ୱବ୍ରହ୍ମାଣ୍ଡରେ କ୍ରିୟା କରୁଥିବା ଦ୍ରବ୍ୟ ପରମ ସତ୍ତା

ଏହି ବିଶ୍ୱ ହେଉଛି ଏକ ଅନ୍ତବିଶିଷ୍ଟ ସମଗ୍ର ବସ୍ତୁ, ମାତ୍ର ତାହାର ବିଧୃତି ହେଉଛି ଅନନ୍ତ । ଏହି ଅନନ୍ତତା ମଧ୍ୟରେ ଯାହାକିଛି ପରିବର୍ତ୍ତନ ସଂଘଟିତ ହୁଏ, ତାହା ପରମ ଶୁଦ୍ଧବସ୍ତୁ ଉପାଦାନ ଉପରେ କ୍ରିୟା କରିବାର ପରିଣାମ ସ୍ୱରୂପହିଁ ଘଟେ । ଗୁଣାତ୍ମକତା ପରିମାଣାତ୍ମକତା ମଧ୍ୟରେ ପ୍ରବେଶ କଲେ, ତା' ଭିତରକୁ ଭେଦ ଦିବା ଦ୍ୱାରାହିଁ ତାହା ଘଟେ । ତଦ୍ଦ୍ୱାରା ବିଶ୍ୱର ବିଧୃତି-କ୍ଷେତ୍ରରେ ଏକ ସତତ ଏବଂ ଉତ୍ତରଣଧର୍ମୀ ସଂଗଠନ ତଥା ପୁନଃସଂଗଠନ ସଂଘଟିତ ହେବାରେ ଲାଗିଥାଏ ।

୨୪ ମାର୍ଚ୍ଚ ୧୯୩୨

*

ପ୍ରତ୍ୟେକ ମୁହୂର୍ତ୍ତରେହିଁ ଏହି ବିଶ୍ୱବ୍ରହ୍ମାଣ୍ଡ ତାହାର ସମଗ୍ରତା ତଥା ତାହାର ପ୍ରତ୍ୟେକ ଅଂଶ ଓ ଭାଗର କ୍ଷେତ୍ରରେ ମଧ୍ୟ ସ୍ପଷ୍ଟ ହେବାରେ ଲାଗିଛି ।

*

'oaob.nitrkl.ac.in' images reprocessed

ବିଶ୍ୱବ୍ରହ୍ମାଣ୍ଡର କୌଣସି ଦୁଇଟି ସଂଯୋଗ, କୌଣସି ଦୁଇଟି ଗତିସ୍ପନ୍ଦନ ମଧ୍ୟ ପରସ୍ପରର ଅବିକଳ ଏକାଭଳି ନୁହନ୍ତି; କୌଣସି ଗୋଟିଏ ବସ୍ତୁ ମଧ୍ୟ ଠିକ୍ ସେହିପରି ଭାବରେ ପୁନରୁତ୍ପନ୍ନ ଆଦୌ ହେଉ ନାହିଁ । ସାଦୃଶ୍ୟ ଅବଶ୍ୟ ରହିଛି, ସାମଞ୍ଜସ୍ୟ ରହିଛି; ବର୍ଗମାନ ରହିଛି, ଗତିସ୍ପନ୍ଦନଗୁଡ଼ିକର ମଧ୍ୟ ଏପରି ବର୍ଗସବୁ ରହିଛି ଯାହାକୁ କି ସ୍ପନ୍ଦନଗୁଡ଼ିକର ଏକ ସାମାନ୍ୟ ଶ୍ରେଣୀ ବୋଲି କୁହାଯାଇ ପାରିବ । ତଥାପି, ଏପରି ଦୁଇଟି ବସ୍ତୁ କଦାପି ନାହିଁ, — କାଳ ଅଥବା ଦେଶ କୌଣସି ଭୂମିରେହିଁ ନାହିଁ, — ଯେଉଁମାନେ କି ପରସ୍ପରର ଅବିକଳ ଏକାଭଳି ହୋଇ ରହିଛନ୍ତି । କୌଣସି ଗୋଟିଏ ବସ୍ତୁର ମଧ୍ୟ ପୁନରାବୃତ୍ତି ହେଉ ନାହିଁ, ତା' ନ ହେଲେ ଆଦୌ କୌଣସି ଅଭିବ୍ୟକ୍ତି ସମ୍ଭବ ହେଉ ନ ଥା'ନ୍ତା, କୌଣସି ସମ୍ଭୂତି ସମ୍ଭବ ହେଉ ନ ଥା'ନ୍ତା; ସୃଷ୍ଟି କେବଳ ଗୋଟିଏହିଁ ରହିଥା'ନ୍ତା, କେବଳ ଗୋଟିଏ ବସ୍ତୁ ରହିଥା'ନ୍ତା ।

ଅଭିବ୍ୟକ୍ତି କହିଲେ ଠିକ୍ ଏହି ବୈଚିତ୍ର୍ୟ ଓ ବହୁତ୍ୱଧର୍ମିତାକୁହିଁ ବୁଝାଇବ । ପରମ ଏକହିଁ ନିଜକୁ ବିଶ୍ୱମୟ ଅନେକ ରୂପେ ପ୍ରକଟ କରି ଦେଉଛନ୍ତି, — ସେହି ପ୍ରକ୍ରିୟା ଅନ୍ତହୀନ ଭାବରେ ଲାଗି ରହିଛି ।

*

ଭୌତିକ ଭୂମିରେ ଦିବ୍ୟ ପରମସତ୍ତା ଆପଣାକୁ ସୌନ୍ଦର୍ଯ୍ୟ ରୂପେ, ମନୋଭୂମିରେ ଜ୍ଞାନରୂପେ, ପ୍ରାଣର ଭୂମିରେ ସାମର୍ଥ୍ୟ ରୂପେ ଏବଂ ଚୈତ୍ୟଭୂମିରେ ପ୍ରେମରୂପେ ଅଭିବ୍ୟକ୍ତ କରୁଛନ୍ତି ।

ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିଗଲେ ଆମେ ଆବିଷ୍କାର କରିପାରିବା ଯେ, ଏହି ତ୍ରିରେଟିଯାକ ବିଭବ ଏକ ଅବିଭକ୍ତ ଚେତନା ମଧ୍ୟରେ ପରସ୍ପର ସହିତ ସମ୍ମିଳିତ ହୋଇ ରହିଛନ୍ତି,—ପ୍ରେମସ୍ୱଭାବରେ ପୂର୍ଣ୍ଣ ହୋଇ ରହିଛନ୍ତି, ଜ୍ୟୋତିର୍ମୟ, ଶକ୍ତିମୟ ଓ ସୌନ୍ଦର୍ଯ୍ୟମୟ ହୋଇ ରହିଛନ୍ତି, ସବୁକିଛିକୁ ବିଧୃତ କରି ରଖିଛନ୍ତି, ସର୍ବବ୍ୟାପୀ ହୋଇ ରହିଛନ୍ତି ।

ଏହି ବିଶ୍ୱରୂପୀ ଲୀଳାକୁ ଚରିତାର୍ଥ କରିବା ନିମନ୍ତେହିଁ ଏହି ଚେତନା ନିଜକୁ ଅଭିବ୍ୟକ୍ତିର ଏକାଧିକ ପଂକ୍ତି ତଥା ବିଭବରେ ବିଭାଜିତ କରି ରଖିଛି ।

*

'oaob.nitrkl.ac.in' images reprocessed

ଏହି ପୃଥିବୀକୁ ଏପରି ଏକ ଅରାଜକତା ରୂପେ କଳ୍ପନା କରାଯାଇ ପାରିବ, ଯେଉଁଥିରେ କି ଅନ୍ଧକାର ଓ ଆଲୋକ, ମିଥ୍ୟା ଓ ସତ୍ୟ, ମୃତ୍ୟୁ ଓ ଜୀବନ, ଅସୁନ୍ଦରତା ଏବଂ ସୁନ୍ଦରତା, ଘୃଣା ଏବଂ ଭଲ ପାଇବା ଏଭଳି ଘନିଷ୍ଠ ଭାବରେ ଏକତ୍ର ଗୁନ୍ଥି ହୋଇ ରହିଛି ଯେ, ଗୋଟିକୁ ଆଉଗୋଟିକଠାରୁ ଭେଦ ନିରୂପଣ କରି କହିଦେଇ ପାରିବା ପ୍ରକୃତରେ ଭାରି ଅସମ୍ଭବ; ଗୋଟିକୁ ଆଉଗୋଟିକଠାରୁ କାଢ଼ି ଅଲଗା କରି ଦେଖାଇ ପାରିବା ଆହୁରି ଅଧିକ ଅସମ୍ଭବ,—ସେହି ଏକତ୍ରାଲିଙ୍ଗନର ଅବସ୍ଥାରେ ଏକ ଅବସାନ ଘଟାଇବା ଏକାନ୍ତ ଅସମ୍ଭବ । ସେହି କାରଣରୁହିଁ ସେହିସବୁ କ୍ଷେତ୍ରରେ ଏକ ନିର୍ମମ ସଂଘର୍ଷର ଭୟଙ୍କରତା ବଳବତ୍ତର ହୋଇ ରହିଛି; ଆବରଣଯୁକ୍ତ ହୋଇ ରହିଥିବାରୁ ତାହା ଆହୁରି ଅଧିକ ତୀବ୍ର ଭାବରେ ଲାଗି ରହିଛି । ବିଶେଷ ଭାବରେ ମନୁଷ୍ୟର ଚେତନା କ୍ଷେତ୍ରରେ, ଯେଉଁଠାରେ କି ଏହି ସଂଘର୍ଷ ଜ୍ଞାନ ଲାଗି, ସାମର୍ଥ୍ୟ ଲାଗି ଏବଂ ବିଜୟ ପ୍ରାପ୍ତି ଲାଗି ଏକ ବେଦନାକୁ ପରିବର୍ତ୍ତିତ ହୋଇ ଯାଉଛି,—ଏକ ଅତ୍ୟାଚ୍ଛନ୍ନ ଏବଂ ଯନ୍ତ୍ରଣାମୟ ସମରରେ ପରିଣତ ହୋଇ ଯାଉଛି, ସେତେବେଳେ ତାହା ଆହୁରି ଅଧିକ ନୃଶଂସ ହୋଇ ପଡ଼ୁଛି, କାରଣ ସେଥିରୁ କୌଣସି ପରିଣାମ ଉପୁଜୁଥିବା ପରି ବୋଧ ହେଉ ନାହିଁ; ମାତ୍ର ଏହି ଇନ୍ଦ୍ରିୟଗତ ବୋଧ, ଯାବତୀୟ ସଂବେଗାନୁଭୂତି ଓ ମନୋଧାରଣାର ଊର୍ଦ୍ଧ୍ୱରେ, ମନର ଏହି ରାଜ୍ୟଟିର ଆହୁରି ସେପାଖରେ — ସେହି ଦିବ୍ୟ ପରମ-ଚେତନାର ସ୍ତରରେ ତାହାର ଏକ ସମାଧାନ ମିଳିବାର ସାମର୍ଥ୍ୟ ଅବଶ୍ୟ ରହିଛି ।

୨୯ ମାର୍ଚ୍ଚ ୧୯୩୪

*

ଅଭିବ୍ୟକ୍ତି ଘଟିବା ଦ୍ୱାରାହିଁ ସକଳ ବାଧା ଓ ଅସୁବିଧା ଅତିକ୍ରାନ୍ତ ହୋଇ ଯିବ, କାରଣ ଅଭିବ୍ୟକ୍ତ କହିଲେ ସକଳ ଅସୁବିଧାକୁ ଉତ୍ତୀର୍ଣ୍ଣ ହୋଇଯିବାହିଁ ବୁଝାଉଛି ।

*

ଏହି ଯାବତୀୟ ସତ୍ତା ମଧ୍ୟରେ ସେହି ଏକ ଦିବ୍ୟ ପରମ ଚେତନା କାର୍ଯ୍ୟ କରିବାରେ ଲାଗିଛି, ଏହି ଯାବତୀୟ ଅଭିବ୍ୟକ୍ତ ଗୁଡ଼ିକର ମଧ୍ୟଦେଇ ଆପଣାର ପଥକୁ ପ୍ରସ୍ତୁତ କରିବାରେ ଲାଗିଛି । ପୂର୍ବର ସକଳ ସମୟ ଅପେକ୍ଷା ବର୍ତ୍ତମାନ ତାହା ଏଠାରେ ଏହି ପୃଥିବୀପୃଷ୍ଠରେ ଆହୁରି ଅଧିକ ଶକ୍ତିଶାଳୀ ଭାବରେ କ୍ରିୟା କରିବାରେ ଲାଗିଛି ।

* ୨୯ ଜାନୁଆରୀ ୧୯୩୫

'oaob.nitrkl.ac.in' images reprocessed

ମୁଁ କହିବି : ପରମ ଦିବ୍ୟସତ୍ତା ଯେ ପ୍ରକଟ ହେବାରେ ଲାଗିଛନ୍ତି, ପୃଥିବୀ ସେହି ବିଷୟରେ ପ୍ରକୃତରେ ସଜ୍ଞାନ ହେଉ ।

୮ ଏପ୍ରିଲ୍ ୧୯୩୬

✽

ଅନୁକ୍ଷଣ ପରିବର୍ତ୍ତିତ ହୋଇ ଯାଉଥିବା ଏହି ପ୍ରତୀତିଗୁଡ଼ିକୁ ଆମେ ଆଦୌ ଦେଖିବାକୁ ମନ କରିବା ନାହିଁ; ସର୍ବତ୍ର ଏବଂ ସକଳ ବସ୍ତୁରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କର ଅପରିବର୍ତ୍ତନୀୟ ଏକତ୍ୱକୁହିଁ ଆପଣାର ଅନ୍ତର୍ଦର୍ଶନ ମଧ୍ୟରେ ଧରି ରଖିଥିବା ।

୨୯ ସେପ୍ଟେମ୍ବର ୧୯୫୪

✽

ଯଦି ଆମେ ବାହ୍ୟ ବସ୍ତୁରୂପଗୁଡ଼ିକୁ ଆଉ କେବଳ ସେହିଗୁଡ଼ିକ ମଧ୍ୟରେହିଁ ସେହିଗୁଡ଼ିକହିଁ ସେମାନଙ୍କର ସମ୍ପୂର୍ଣ୍ଣ ଅଭିବ୍ୟକ୍ତି ବୋଲି ଏକ ଧାରଣା ସହିତ ନ ଦେଖୁ, ଯଦି କେବଳ ସେହିଗୁଡ଼ିକର ପ୍ରାତିଭାସିକ ପରିଚୟ ମଧ୍ୟରେହିଁ ସୀମିତ ହୋଇ ନ ଦେଖୁ, ମାତ୍ର, ଆମେ ସେଗୁଡ଼ିକୁ ଯଦି ଏକ ଅଧିକ ଗଭୀର ଓ ଅଧିକ ସ୍ଥାୟୀ ସତ୍ୟର ଅଭିବ୍ୟକ୍ତି ରୂପେହିଁ ଦେଖୁ, ତେବେ ସେହି ସବୁଯାକ ବସ୍ତୁ— ତଥା ସକଳ ପରିବେଶ ଓ ସକଳ ଘଟନା,—ପଶ୍ଚାତରେ ରହିଥିବା ସେହି ପରମ ଶକ୍ତିରହିଁ ପ୍ରତୀକ ରୂପେ ପ୍ରତିଭାତ ହୋଇ ଉଠିବ; ସେହି ପରମଶକ୍ତିହିଁ ଆପଣାକୁ ପ୍ରକଟ କରି ଆଣିବାକୁ ସେହି ବସ୍ତୁଗୁଡ଼ିକୁ ମାଧ୍ୟମ ରୂପେ ବ୍ୟବହାର କରୁଛି ବୋଲି ଉପଲବ୍ଧି କରିହେବ ।

ଚେତନାର ଏପରି ଏକ ଅବସ୍ଥା ରହିଛି, ଯେଉଁଠାରେ କି କୌଣସି ଗୋଟିଏ ବି ପରିସ୍ଥିତି, ଗୋଟିଏ ବି ବସ୍ତୁ, କ୍ରିୟା ଅଥବା ଗତିସ୍ପନ୍ଦନ ଏକ ଗଭୀରତର ବା ଉଚ୍ଚତର, ଅଧିକ ସ୍ଥାୟୀ, ଅଧିକ ମର୍ମଗତ ଓ ଅଧିକ ଯଥାର୍ଥ ସତ୍ୟର ଅଭିବ୍ୟକ୍ତି କରୁ ନାହିଁ ବୋଲି ଆଦୌ ମନେ ହେବ ନାହିଁ ।

✽

ଯାବତୀୟ ପ୍ରତୀତିର ପଶ୍ଚାତରେ ପରମସତ୍ୟର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବା ଏକ ସୂକ୍ଷ୍ମ ସତ୍ୟ ବିଦ୍ୟମାନ ରହିଛି; ଆମେ ତୁମକୁ ସେହି ସତ୍ୟଟିକୁହିଁ ଦେଖାଇ ଦେବାକୁ ଚେଷ୍ଟା କରୁଛୁ ।

✽

'oaob.nitrkl.ac.in' images reprocessed

ଭ୍ରାନ୍ତିର ଏହି ଜଗତ୍ ଓ ନିରାନନ୍ଦମୟ ଦୁଃସ୍ୱପ୍ନ ଉପରେ ଦିବ୍ୟ ପରମ ସତ୍ୟର ଆପଣାର ଉଦାର ସତ୍ୟକୁ ପ୍ରସାରିତ କରି ରଖିଛନ୍ତି ଏବଂ ଜଡ଼ର ପ୍ରତ୍ୟେକ ଅଣୁ ମଧ୍ୟରେ ତାଙ୍କର ଚିରନ୍ତନତାର କିଛି ନା କିଛି ଉପାଦାନ ଅବଶ୍ୟ ନିହିତ ହୋଇ ରହିଛି ।

୧୪ ନଭେମ୍ବର ୧୯୫୪

*

ଦିବ୍ୟ ପରମସତ୍ତା ଏହି ପୃଥିବୀର ଯନ୍ତ୍ରଣାମୟ ଅନେକତାର ସୃଷ୍ଟି କରିବା ଲାଗି ତାଙ୍କ ପରମ ଏକତ୍ୱର ପରମାନନ୍ଦକୁ ଯେ ପରିହାର କଲେ, ଏହା କ'ଣ ପ୍ରକୃତରେ ଏକ ସର୍ବୋଚ୍ଚ ତ୍ୟାଗସ୍ୱୀକାର ନୁହେଁ କି ?

*

ବିଚରା ପରମ ଦିବ୍ୟ ସତ୍ତା ! କେତେ କେତେ ଭୟାନକ ବ୍ୟାପାର ଲାଗି ତାଙ୍କୁ ଦୋଷ ଦିଆ ନ ଯାଉଛି !

ଯଦି ଏହିସବୁ ଦୋଷାରୋପ ପ୍ରକୃତରେ ସତ ହୋଇଥାନ୍ତା, ତେବେ, ସିଏ ପ୍ରକୃତରେ ସର୍ବ-କରୁଣାମୟ, ସିଏ ଏକ କେଡ଼େ ରାକ୍ଷସସଦୃଶ ହୋଇ ନ ଥାନ୍ତେ !

*

ପୃଥିବୀ ବର୍ତ୍ତମାନ ଯେପରି ହୋଇ ରହିଛି, ତାହା ଯେ ଦିବ୍ୟ ପରମ-ସତ୍ତାଙ୍କର ଇଚ୍ଛା ଅନୁସାରେ ଗଠିତ ହୋଇଛି, ସେ କଥା କହିବା ପ୍ରକୃତରେ ଠିକ୍ ନୁହେଁ । ଯଦି ତାହା ହୋଇଥାନ୍ତା, ତେବେ

(କ) ପୃଥିବୀର ଯାବତୀୟ ଦୁଷ୍ଟତା ସେହି ଦିବ୍ୟସତ୍ତାଙ୍କରହିଁ ଦୁଷ୍ଟତା ହୋଇଥାନ୍ତା ।

(ଖ) ନିଜକୁ ଅଥବା ଏହି ପୃଥିବୀକୁ ବଦଳାଇବା ଲାଗି ଆଉ କୌଣସି ଆବଶ୍ୟକତା ନ ଥାନ୍ତା ।

*

ସବୁ ବିଷୟରେ ବିଚାର କରି, ପୃଥିବୀ ବର୍ତ୍ତମାନ ଯେଉଁଭଳି ସ୍ଥିତିରେ ରହିଛି ଓ ଏହା ଯେପରି ଅସାଧ୍ୟ ବୋଲି ବୋଧ ହେଉଛି, ତାହାକୁ ସେହିପରି ଭାବରେ

'oaob.nitrkl.ac.in' images reprocessed

ଅବଲୋକନ କରି ମନୁଷ୍ୟର ବୁଦ୍ଧି ଏହି ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ ପରମେଶ୍ୱର ନିଶ୍ଚୟ ଭୁଲରେ ଏହି ସଂସାରକୁ ତିଆରି କରିଛନ୍ତି ; ବୁଦ୍ଧି ସିଦ୍ଧାନ୍ତ କରି ନେଉଛି ଯେ, ଏହି ବିଶ୍ୱ-ଅଭିବ୍ୟକ୍ତି ବା ସୃଷ୍ଟି ହେଉଛି ବାସନାରହିଁ ଏକ ପରିଣାମ — ନିଜକୁ ବ୍ୟକ୍ତ କରିବାର, ନିଜକୁ ଜାଣିବାର ଏବଂ ନିଜକୁ ଉପଭୋଗ କରିବାରହିଁ ସେହି ବାସନାର ପରିଣାମ । ତେଣୁ, ବାସନା ଭିତରେ ଲିପ୍ତ ହୋଇ ରହିବାକୁ ଓ ତାହାର ଭୟଙ୍କର ପରିଣାମଗୁଡ଼ିକୁ ଜାବୁଡ଼ି ଧରିବାକୁ ଯଥା ସମ୍ଭବ ଶୀଘ୍ର ଅସ୍ୱୀକାର କରିବା ଦ୍ୱାରାହିଁ ଏହି ଭୁଲ୍‌ଟିର ବିଲୋପସାଧନ କରିବା, ତାହାହିଁ ମନୁଷ୍ୟର ଏକମାତ୍ର କର୍ତ୍ତବ୍ୟ ।

ମାତ୍ର, ସର୍ବୋଚ୍ଚ ପରମ ପ୍ରଭୁ ତାହାର ଉତ୍ତର ଦେଇ କହୁଛନ୍ତି ଯେ, ଏହି ସୁଖାନ୍ତକ ନାଟକଟି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବରେ ଅଭିନୀତ ହୋଇନାହିଁ, ଏବଂ ସିଏ ଆହୁରି କହୁଛନ୍ତି, "ତୁମେ ସର୍ବଶେଷ ଅଙ୍କ ଯାଏ ଅପେକ୍ଷା କର ; ଏଥିରେ କୌଣସି ସନ୍ଦେହ ନାହିଁ, ଯେ ତୁମେ ନିଶ୍ଚୟ ତୁମର ମତ ବଦଳାଇବ ।"

୨୩ ଜୁଲାଇ ୧୯୫୮

*

ଯେତେବେଳେ ଏହି ଜଡ଼ ପୃଥିବୀ ସେହି ଦିବ୍ୟ ମହିମାକୁ ପ୍ରକଟ କରି ଆଣି ପାରିବ, ସେତେବେଳେ ସବୁକିଛି ଚମତ୍କାର ହୋଇଯିବ ।

*

ଯିଏ ଆପଣାର ହୃଦୟ ମଧ୍ୟରେ କାନ ଡେରି ଶୁଣି ଜାଣିଛି, ତାକୁ ଏହି ସମସ୍ତ ସୃଷ୍ଟି କେବଳ ସେହି ଦିବ୍ୟ ପରମସତ୍ତାଙ୍କର କଥାହିଁ କହୁଛି ।

୮ ଡିସେମ୍ବର ୧୯୬୫

*

ସର୍ବୋଚ୍ଚ ପରମଚେତନା ବ୍ୟତୀତ ଆଉ ଅନ୍ୟ କୌଣସି ଚେତନା ନାହିଁ ।

ସର୍ବୋଚ୍ଚ ପରମଇଚ୍ଛା ବ୍ୟତୀତ ଆଉ ଅନ୍ୟ କୌଣସି ଇଚ୍ଛା ନାହିଁ ।

ସର୍ବୋଚ୍ଚ ପରମଜୀବନ ବ୍ୟତୀତ ଆଉ ଅନ୍ୟ କୌଣସି ଜୀବନ ନାହିଁ ।

'oaob.nitrkl.ac.in' images reprocessed

ସର୍ବୋଚ୍ଚ ପରମ ବ୍ୟକ୍ତିରୂପ ବ୍ୟତୀତ ଆଉ ଅନ୍ୟ କୌଣସି ବ୍ୟକ୍ତିରୂପ ନାହିଁ । ସେଇ ହେଉଛନ୍ତି ସେହି ପରମ ଏକ, ସେହି ପରମ ସମସ୍ତ ।

୧୭ ସେପ୍ଟେମ୍ବର ୧୯୬୭

*

ଏହି ପୃଥିବୀରେ ଏପରି କୌଣସି ବସ୍ତୁ ନାହିଁ, ଯାହାକି ପ୍ରକୃତିର ଅତୀତ ଏକ ପ୍ରତ୍ୟକ୍ଷ କ୍ରିୟାଶୀଳତାର ଅଧୀନ ହୋଇ ନ ରହିଛି । ମାତ୍ର ଅଧିକାଂଶ ମନୁଷ୍ୟ ଏ ବିଷୟରେ ଆଦୌ କିଛି ଜାଣନ୍ତି ନାହିଁ ।

୧୮ ସେପ୍ଟେମ୍ବର ୧୯୬୭

*

ଦ୍ରବ୍ୟ ଉପସ୍ଥିତି : ଆପଣାର ସଦାବର୍ତ୍ତମାନ ବୈଭବକୁ ତାହା ଅଜ୍ଞାନାଚ୍ଛନ୍ନ ଚକ୍ଷୁଗୁଡ଼ିକ ପାଖରୁ ଅନ୍ତରାଳ କରି ରଖିଥାଏ ।

*

ତୁମେ ଆନନ୍ଦର କଥା କହୁଛ, ମାତ୍ର ଏହି ଜଡ଼ସ୍ଥ ପୃଥିବୀରେ ଆନନ୍ଦ ବୋଲି ଆଦୌ କୌଣସି ପଦାର୍ଥ ନାହିଁ । ତଥାପି, ସେହି ଆନନ୍ଦକୁ ଅପସାରିତ କରି ନେଇଯାଅ, ଏବଂ ତତ୍‌କ୍ଷଣାତ୍ ଏହି ସମଗ୍ର ଜଗତ୍ ସମାପ୍ତ ହୋଇଯିବ ।

'oaob.nitrkl.ac.in' images reprocessed

# ପ୍ରକୃତି ତଥା ପ୍ରାକୃତିକ ଶକ୍ତିଚୟ

ସୌନ୍ଦର୍ଯ୍ୟରେହିଁ ପ୍ରକୃତିର ସୁଖ ।

❋

ପ୍ରକୃତି ଆପଣାର ସୌନ୍ଦର୍ଯ୍ୟରେ ପୁଲକିତ ହୋଇ ରହିଥାଏ ।

❋

ସୌନ୍ଦର୍ଯ୍ୟ,—ତାହା ହେଉଛି ପ୍ରକୃତିର ଆନନ୍ଦମୟ ଆତ୍ମନିବେଦନ ।

❋

ଏହି ପ୍ରକୃତିର ଏକ ଆତ୍ମା ରହିଛି, ଯାହାକି ଅତ୍ୟନ୍ତ କମନୀୟ ହୋଇ ଫୁଟିଉଠେ ।

❋

ପ୍ରକୃତି ମଧ୍ୟରେ ରହିଥିବା ସବୁକିଛି ହେଉଛି ସ୍ୱତଃସ୍ଫୂର୍ତ୍ତ ଭାବରେ ଉଦାର ।

❋

ପ୍ରାଚୁର୍ଯ୍ୟ : ପ୍ରକୃତି ଅତ୍ୟନ୍ତ ଉଦାର ଭାବରେ ଆମଲାଗି ସବୁକିଛି ଆଣି ଢାଳି ଦେଉଛି ଏବଂ ତାହାହିଁ ଆମକୁ ପ୍ରାଚୁର୍ଯ୍ୟର ଆନନ୍ଦ ଆଣି ଦେଇ ଯାଉଛି ।

❋

ପ୍ରକୃତି ଭିତରେ ଆଲୋକ ଲାଗି ଏକ ସହଜାତ ପିପାସା ରହିଛି ।

❋

'oaob.nitrkl.ac.in' images reprocessed

ପ୍ରକୃତି ଯେ ଦିନେ ଆପଣାକୁ ଉପଲବ୍ଧି କରିବ, ଏକଥା ସିଏ ଅବଶ୍ୟ ଜାଣିଛି ।

*

ମନୁଷ୍ୟହିଁ ପ୍ରକୃତିକୁ ଦୁଃଖମୟ କରି ରଖିଛି ।

*

ବିଶ୍ୱପ୍ରକୃତି ସହିତ ଘନିଷ୍ଠତା : ଯେଉଁମାନଙ୍କର ଚେତନା ବହୁବିସ୍ତୃତ ହୋଇଥିବ ଏବଂ ଯେଉଁମାନଙ୍କ ମଧ୍ୟରେ ନିଜର କୌଣସି ଅଭିରୁଚି ଅଥବା ଘୃଣା ନ ଥିବ, କେବଳ ସେହିମାନେହିଁ ଏହି ଘନିଷ୍ଠତା ସ୍ଥାପନ କରିପାରିବେ ।

*

ଏପରି ଅନେକ ସତ୍ତ୍ୱ ଅଛନ୍ତି, ଯେଉଁମାନେ କି ଆପଣାର ଆକାରରେ ମନୁଷ୍ୟଠାରୁ ଅନୁପାତାତୀତ ଭାବରେ ଅନେକ ବୃହତ୍ ଓ ସେମାନେ ଚାଳିତ କରି ପାରୁଥିବା ସାମର୍ଥ୍ୟଗୁଡ଼ିକ ମଧ୍ୟ ସେହିପରି ବୃହତ୍ । ପ୍ରକୃତିର ତଥାକଥିତ ଶକ୍ତିଚୟ କହିଲେ କେବଳ ସେହି ସତ୍ତ୍ୱଗୁଡ଼ିକର ବାହ୍ୟ ଯାବତୀୟ କ୍ରିୟାକୁ ବୁଝାଇବ ।

*

(୧୯୬୭ ମସିହା ମଇ ପହିଲା ଦିନ ପଣ୍ଡିଚେରୀରେ ହୋଇଥିବା ଏକ ଝଡ଼ ବିଷୟରେ)

ତା'ର କେତେକ ନିଦ୍ରାଗତ ମନୁଷ୍ୟ-ସନ୍ତାନ ଯେପରି ଶ୍ରୀଅରବିନ୍ଦଙ୍କର ଏହି ଉକ୍ତି : "ଜଡ଼ଗତ ଦୃଷ୍ଟିରୁ ତୁମେମାନେ ଆଦୌ କିଛି ନୁହଁ, ଆଧ୍ୟାତ୍ମିକ ଦୃଷ୍ଟିରୁ ତୁମେମାନେ ସବୁକିଛି"କୁ ଭିତ୍ତି କରି ଅଗ୍ରଗତି କରିବାର ଆବଶ୍ୟକତା ବିଷୟରେ ଜାଗ୍ରତ ହୋଇ ପାରିବେ, ଏହି ଝଡ଼ର ଆକାରରେ ପୃଥ୍ୱୀ-ପ୍ରକୃତି ସେମାନଙ୍କୁ ସେଥିଲାଗି କେବଳ ଏକ ଧକ୍କା ଦେବାକୁ ଆସିଥିଲା ।

ମଇ ୧୯୬୭

*

'oaob.nitrkl.ac.in' images reprocessed

( ୧୯୬୭ ମସିହା ନଭେମ୍ବର ମାସରେ
ପଣ୍ଡିଚେରୀରେ ହୋଇଥିବା ଏକ ଝଡ଼ ବିଷୟରେ)

ପ୍ରକୃତି ତା'ର ଆପଣା ମାର୍ଗରେ ସହଯୋଗ କରୁଛି । ଏକ ସ୍ୱତଃସ୍ଫୂର୍ତ୍ତି ଆନ୍ତରିକତାର ଅଭିବୃଦ୍ଧି ଲାଗି ଏହି ସବୁକିଛି ଅଭିପ୍ରେତ ହୋଇ ରହିଛି ।

ନଭେମ୍ବର ୧୯୬୭

❋

ପ୍ରକୃତି ଭିତରେ ବୃକ୍ଷଲତା ଯେପରି ବଢ଼ନ୍ତି, ଆମର ପ୍ରତ୍ୟେକ ବସ୍ତୁକୁ ସେହିପରି ବଢ଼ିବା ଲାଗି ବାଟ ଛାଡ଼ିଦେଇ ପାରିବା ଉଚିତ । ସେଗୁଡ଼ିକ ଉପରେ ସେଗୁଡ଼ିକର ଉଚିତ ସମୟ ଆସିବା ପୂର୍ବରୁ ଆମେ ଅତ୍ୟନ୍ତ କଠୋର ଭାବରେ ଯାହାକିଛି ଆକାର ଅଥବା ସୀମାକୁ ନେଇ ଲଦିଦେବା ପାଇଁ ଇଚ୍ଛା କରିବା, ତାହା ସେମାନଙ୍କର ସ୍ୱାଭାବିକ ବିକାଶରେ ପ୍ରତିବନ୍ଧକ ହେବ ଏବଂ ତେଣୁ, ଶୀଘ୍ର ହେଉ କିଂବା ବିଳମ୍ବରେ ହେଉ, ସେଗୁଡ଼ିକୁ ନଷ୍ଟ କରି ଦେବାକୁହିଁ ପଡ଼ିବ ।

ପ୍ରକୃତି ମଧ୍ୟରେ କାର୍ଯ୍ୟ କରୁଥିବା ଦିବ୍ୟ ପରମସତ୍ତା ଚୂଡ଼ାନ୍ତ କରି ଆଦୌ କିଛିହେଲେ ସୃଷ୍ଟି କରନ୍ତି ନାହିଁ । ତାଙ୍କର ଯୋଜନାରେ ସବୁକିଛି ସାମୟିକ ହୋଇ ରହିଥାଏ ଏବଂ ତଥାପି ଯୁଗପତ୍ ଭାବରେ, ଉପସ୍ଥିତ ପରିସ୍ଥିତିରେ ସେହି ସମୟରେ ଯେତେଦୂର ସମ୍ଭବ, ସେଇ ଅନୁସାରେ ପୂର୍ଣ୍ଣତାଯୁକ୍ତ ମଧ୍ୟ ହୋଇ ରହିଥାଏ ।

❋

ଆମର କର୍ମ ପ୍ରଣାଳୀରେ ଆମେ କଦାପି ପ୍ରକୃତିର ଦାସ ହୋଇ ପଡ଼ିବା ନାହିଁ । ଚେଷ୍ଟା କରିବାର ଏବଂ ପରିବର୍ତ୍ତନ ଘଟାଇବାର ଏହି ଯାବତୀୟ ଅଭ୍ୟାସ, ଗଢ଼ିବା, ଭାଙ୍ଗିବା ଓ ପୁଣି ବାରବାର ଗଢ଼ୁଥିବା, ଶକ୍ତି କ୍ଷୟ କରୁଥିବା, ଶ୍ରମ, ସମ୍ପଦ ଏବଂ ଅର୍ଥର ମଧ୍ୟ ଅପଚୟ ଘଟାଉଥିବା,— ଏସବୁ ହେଉଛି ପ୍ରକୃତିର କର୍ମ ପ୍ରଣାଳୀ, ଦିବ୍ୟ ପରମସତ୍ତାଙ୍କର କର୍ମ ପ୍ରଣାଳୀ ଆଦୌ ନୁହେଁ । ଦିବ୍ୟ ପରମଚେତନା ଯେକୌଣସି କାର୍ଯ୍ୟରେ ନିହିତ ହୋଇ ରହିଥିବା ସତ୍ୟର ଅଂଶଟିକୁହିଁ ସବୁଆଗ ଦେଖିଥାଏ, ଉପସ୍ଥିତ ପରିବେଶଗୁଡ଼ିକରେ ତାହାକୁ କିପରି ସର୍ବୋତ୍ତମ ଭାବରେ ସାଧନା କରିଯାଇ ପାରିବ, ସେହି କଥାଟିକୁ ଦେଖିଥାଏ । ଏବଂ, ସିଏ ଯେତେବେଳେ କାର୍ଯ୍ୟ କରେ, ତାହାକୁ ଚୂଡ଼ାନ୍ତ ଭାବରେହିଁ କରେ । କୌଣସି

'oaob.nitrkl.ac.in' images reprocessed

କାର୍ଯ୍ୟକୁ କରିସାରିବା ପରେ ସିଏ ପୁନର୍ବାର ତା'ପାଖକୁ ଆଦୌ ଫେରି ଆସେ ନାହିଁ, ସତତ ଆଗକୁ ଯାଉଥାଏ, ଏକ ନୂତନ ଅଗ୍ରଗତି ଲାଗି, ଲକ୍ଷ୍ୟ ଆଡ଼କୁ ପରବର୍ତ୍ତୀ ଆଉ ଏକ ପଦକ୍ଷେପରୂପେ ବିଫଳତା ତଥା ସଫଳତା ଦୁଇଟିଯାକକୁ କାର୍ଯ୍ୟରେ ଲଗାଇବାରେ ଲାଗିଥାଏ ।

ଅଗ୍ରଗତି କରିବା ନିମନ୍ତେ ପ୍ରକୃତି ଧ୍ୱଂସସାଧନ ହି କରେ ; ମାତ୍ର ଦିବ୍ୟ ପରମ ଚେତନା ଅଭିବୃଦ୍ଧି ଲାଗିହିଁ ପ୍ରେରଣା ଦେଉଥାଏ ଏବଂ ପରିଶେଷରେ ଏକ ରୂପାନ୍ତର ଘଟାଏ । ମାଁ

❋

ଯଦି ତୁମେ ନିଜର ଦାୟିତ୍ୱକୁ ଅନୁଭବ ନ କରିବ ଏବଂ ସର୍ବଦା ସଜାଗ ଏବଂ କଷ୍ଟସହିଷ୍ଣୁ ହୋଇ ନ ରହିବ, ତେବେ ପ୍ରକୃତି ତୁମ ସହିତ ଖଳତାର ଆଚରଣ କରିବାରେ ଲାଗିଥିବ । ଯଦି ତୁମେ ପ୍ରକୃତିର ସେହି ଖଳ-ଆଚରଣ ବନ୍ଦ ହେଉ ବୋଲି ଇଚ୍ଛା କରୁଥିବ, ତେବେ ତୁମକୁ ଆପଣାର କାର୍ଯ୍ୟଟିକୁ ଯଥାନିଷ୍ଠିତ ଭାବରେ ଏବଂ ଦାୟିତ୍ୱବୋଧ ସହିତ କରିବାକୁ ପଡ଼ିବ । କୌଣସି କାର୍ଯ୍ୟକୁ କଦାପି ଅସମ୍ପନ୍ନ ରଖି ଛାଡ଼ିଦେବ ନାହିଁ । ସର୍ବଦା ସାବଧାନ ଓ ସତର୍କ ହୋଇ ରହିଥିବ ; ତେବେଯାଇ ନିରାପଦ ରହିବ । ମାଁ

'oaob.nitrkl.ac.in' images reprocessed

# ଦେବଦେବୀ,
# ଉଚ୍ଚତର ସତ୍ତା ଓ ପ୍ରତିକୂଳ ଶକ୍ତି

## ଦେବଦେବୀ

ଦେବଦେବୀମାନଙ୍କ ଉପରେ ଯେଉଁମାନଙ୍କର ତଥାପି ବିଶ୍ୱାସ ରହିଛି, ସେମାନେ, ଯଦି ସେହିଭଳି ଅନୁଭବ କରୁଥିବେ, ତେବେ ଅବଶ୍ୟ ଅବ୍ୟାହତ ଭାବରେ ସେମାନଙ୍କୁ ପୂଜା କରିପାରିବେ । ମାତ୍ର ସେମାନେ ଏକଥାଟି ମଧ୍ୟ ଅବଶ୍ୟ ଜାଣି ରଖିଥିବେ ଯେ ଏହି ଆଚରଣ ମାର୍ଗ ଏବଂ ପୂଜା ଉପାସନାର ଶ୍ରୀଅରବିନ୍ଦଙ୍କର ଶିକ୍ଷା ସହିତ ଆଦୌ କୌଣସି ସମ୍ପର୍କ ନାହିଁ । ପୁନଶ୍ଚ, ଅଧିମାନସ ଉପଲବ୍ଧି ସହିତ ମଧ୍ୟ ତାହାର କୌଣସି ସମ୍ବନ୍ଧ ଆଦୌ ନାହିଁ ।

୧୯୬୪

*

ଯଦି ଏହି ପୃଥିବୀ ପୃଷ୍ଠରେ ପରମ ଦିବ୍ୟ ସତ୍ତାଙ୍କର ସୃଷ୍ଟିଟି ଉପଲବ୍ଧ ହେବାର ରହିଥାଏ, ତେବେ ଦେବଦେବୀମାନଙ୍କୁ ମଧ୍ୟ ସେହି ସର୍ବୋଚ୍ଚ ପରମ-ସତ୍ତାଙ୍କ ଲାଗି ବାଟ ଛାଡ଼ିଦେବାକୁ ପଡ଼ିବ ।

*

**ଦୀପାବଳୀ, ଦଶହରା ଓ ରାଖୀପୂର୍ଣ୍ଣିମା ପ୍ରଭୃତି ପର୍ବ ପର୍ବରେ ପ୍ରକୃତରେ କେଉଁ କାରଣ, ତାତ୍ପର୍ଯ୍ୟ ଏବଂ ଉଦ୍ଦେଶ୍ୟ ନିହିତ ହୋଇ ରହିଛି ?—ଏବଂ, ପାଶ୍ଚାତ୍ୟ ଜଗତର କେତେକ ପର୍ବ ପର୍ବରେ ମଧ୍ୟ କେଉଁ କାରଣ ଓ ଉଦ୍ଦେଶ୍ୟ ଇତ୍ୟାଦି ରହିଛି ? ଏହିସବୁ ଦିନମାନଙ୍କରେ କ'ଣ ଦେବତାମାନେ ମନୁଷ୍ୟର ଅଭୀପ୍ସାଗୁଡ଼ିକ ଲାଗି ଅପେକ୍ଷାକୃତ ଅଧିକ ଅନୁସ୍ପନ୍ଦନ ଜଣାଇଥା'ନ୍ତି ?**



'oaob.nitrkl.ac.in' images reprocessed

ତୃତୀୟତଃ, ଅନ୍ତରସ୍ଥ ସତ୍ୟ ଏବଂ ଏହିସବୁ ପର୍ବପାଳନର ବାହ୍ୟ ଅନୁଷ୍ଠାନାଦି ମଧ୍ୟରେ ପ୍ରକୃତରେ କି ସମ୍ପର୍କ ରହିଛି ? ସର୍ବଶେଷରେ, ଏହିସବୁ ପର୍ବମାନଙ୍କ ପ୍ରତି ଆମର ଦୃଷ୍ଟିକୋଣ କିପରି ହେବା ଉଚିତ ?

ମଣିଷମାନଙ୍କୁ ପର୍ବ ଭଲ ଲାଗେ ।

୯ ନଭେମ୍ବର ୧୯୬୯

*

ପର୍ବଗୁଡ଼ିକର ତାତ୍ପର୍ଯ୍ୟ ବିଷୟରେ ଆପଣଙ୍କୁ ମୁଁ ଯେଉଁ ପତ୍ର ଲେଖିଥିଲି, ତାହାର ଉତ୍ତର ଦେଇ ଆପଣ ଲେଖିଛନ୍ତି : "ମଣିଷମାନଙ୍କୁ ପର୍ବ ଭଲ ଲାଗେ ।" ତେବେ, ଏହାର କ'ଣ ଏହିପରି ଅର୍ଥ ହେବ ଯେ, କେବଳ ନିଜର ଭ୍ରାନ୍ତ କଳ୍ପନା ଓ ଖିଆଲ ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟମାନେ ସେଗୁଡ଼ିକର ଅନୁଷ୍ଠାନ କରିଥା'ନ୍ତି ? ସେଗୁଡ଼ିକର କ'ଣ କୌଣସି ଅର୍ଥ ବା ପ୍ରୟୋଜନ ନାହିଁ ?

ପର୍ବଗୁଡ଼ିକର ଔଚିତ୍ୟକୁ ପ୍ରମାଣ କରିବା ଅଭିପ୍ରାୟରେ ମନୁଷ୍ୟମାନେ ସେଗୁଡ଼ିକୁ ଏକ ଅର୍ଥ ପ୍ରଦାନ କରିଥାନ୍ତି ।

୧୯ ନଭେମ୍ବର ୧୯୬୯

*

## କୃଷ୍ଣ ଓ ରାଧା

କୃଷ୍ଣ ଓ ବିଶ୍ୱଗତ ଦେବତ୍ୱ ତଥା ଅନ୍ତର୍ନିହିତ ଦେବତ୍ୱ ଉଭୟର ପ୍ରତିନିଧିତ୍ୱ କରିଥାନ୍ତି ; ଆମେ ତାଙ୍କୁ ନିଜ ସତ୍ତାର ଭିତରେ ଭେଟି ପାରିବା ଏବଂ ଏହି ଅଭିବ୍ୟକ୍ତି-ମୟ ଜଗତ୍ କହିଲେ ଯାହାକିଛିକୁ ବୁଝାଉଛି, ସେହି ସବୁକିଛି ମଧ୍ୟରେ ବି ତାଙ୍କର ସାକ୍ଷାତ୍ଲାଭ କରାଯାଇ ପାରିବ ।

ଏବଂ, ତାଙ୍କୁ କାହିଁକି ସର୍ବଦା ଏକ ଶିଶୁରୂପେ ଉପସ୍ଥାପିତ କରାଯାଇଥାଏ, ତୁମେ ସେକଥା ଜାଣିବାକୁ ଇଚ୍ଛା କରୁଛ ? ତାହାର କାରଣ ହେଉଛି, ସିଏ ସତତ

'oaob.nitrkl.ac.in' images reprocessed

ଅଭିବ୍ୟକ୍ତିଶୀଳ ହୋଇ ରହିଆନ୍ତି । ଏହି ପୃଥିବୀ ଯେଉଁ ମାତ୍ରାରେ ପୂର୍ଣ୍ଣତା ଲାଭ କରେ, ତାଙ୍କର ଲୀଳାଟି ମଧ୍ୟ ସେହି ମାତ୍ରାରେ ପୂର୍ଣ୍ଣ ହୋଇ ଚାଲିଥାଏ ;— ଯାହା ଗତକାଲର ଲୀଳା ହୋଇ ରହିଥିଲା, ତାହା କଦାପି ଆଗାମୀ କାଲିର ଲୀଳା ହୋଇ ପାରିବ ନାହିଁ । ତାଙ୍କର ସେହି ଲୀଳା ଅଧିକରୁ ଅଧିକ ପରିମାଣରେ ସୌଷମ୍ୟଯୁକ୍ତ, ସୌମ୍ୟ ତଥା ଆନନ୍ଦମୟ ହେବାରେ ଲାଗିଥିବ; ପୃଥିବୀ ସେଇଟିର ଉଦ୍ଦେଶ୍ୟରେ ନିଜର ଅନୁସ୍ପନ୍ଦନ ଜଣାଇବାରେ ଓ ଦିବ୍ୟ ପରମସତ୍ତାଙ୍କ ସହିତ ତାହାକୁ ଉପଭୋଗ କରିବାରେ ଯେତିକି ସମର୍ଥ ହେଉଥିବ, ତାହା ଠିକ୍ ସେହିପରି ହେବାରେ ଲାଗିଥିବ ।

*

କୃଷ୍ଣଙ୍କର ଲୀଳା : ଅଗ୍ରଗତିର ଏକ ସାମର୍ଥ୍ୟ ଯାହାକି ବସ୍ତୁ ପ୍ରପଞ୍ଚ ମଧ୍ୟରେ ନିଜକୁ ଲୁକ୍କାୟିତ କରି ରଖିଥାଏ ।

*

ଜଡ଼ର ଭୂମିରେ କୃଷ୍ଣଙ୍କର ଲୀଳା : ସୌନ୍ଦର୍ଯ୍ୟ, ପ୍ରେମ ଓ ଆନନ୍ଦ, ଏମାନେ ପରସ୍ପରର ସାଥୀ; ଏହା ଏପରି ଏକ ଲୀଳା ଯାହାକି କ୍ରମପ୍ରଶସ୍ତ ହେବାରେ ଲାଗିଥାଏ ଏବଂ କ୍ରମର ଅଗ୍ରଗତି ସାଧନ କରିଏ ।

*

ଭୌତିକ ଭୂମିରେ କୃଷ୍ଣଙ୍କର ଲୀଳା : ପୃଥିବୀପୃଷ୍ଠରେ ଅବତାରଙ୍କର କର୍ମ ପଦ୍ଧତି, ଅର୍ଥାତ୍ ସେହି ନୂତନ ଦିବ୍ୟ ଜଗତ୍‌ର ଉପଲବ୍ଧି ।

*

> ରାଧା ପ୍ରକୃତରେ କେବେ ଥିଲେ କି ନାହିଁ, ସେକଥା
> ଆପଣ ମୋତେ କହି ପାରିବେ ? ସିଏ ପ୍ରକୃତରେ
> ନ ଥିଲେ ବୋଲି ଗଦାଗଦା ବହି ଲେଖାଯାଉଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଥିଲେ; ଏବଂ, ଏବେ ମଧ୍ୟ ରହିଛନ୍ତି ।

*

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ଲାଗି ପରିପୂର୍ଣ୍ଣ ଅନୁରକ୍ତି,—ରାଧାଙ୍କର ଚେତନା ତାହାର ପ୍ରତୀକ ।

*

## କାଳୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ

ଯେତେବେଳେ ଲୋକମାନେ ଆପଣଙ୍କ ବିରୁଦ୍ଧରେ କିଛି କହୁଥା'ନ୍ତି, ସେତେବେଳେ ମୁଁ ଅନୁଭବ କରେ ଯେତେ-ଯେପରି ମୋ' ଭିତରୁ ଅନେକ ଜିହ୍ୱା ବିସ୍ତାର କରି ଏକ ବୃହତ୍ ଅଗ୍ନିଶିଖା ଉତ୍‌ଥିତ ହୋଇଆସେ ଏବଂ ତା'ପରେ ସମ୍ମୁଖରେ ଥିବା ବ୍ୟକ୍ତିଟି ବଶ ହୋଇ ଆସନ୍ତି ।

ତୁମେ ସେତେବେଳେ କାଳୀଙ୍କର ଶକ୍ତିର ଆବାହନ କରୁଥିବ ।

*

ଶ୍ରୀଅରବିନ୍ଦଙ୍କ ବିଷୟରେ 'କ' ଯେଉଁ ଚିଠି ଲେଖିଛନ୍ତି, ସେଥିରେ ରହିଥିବା ଅବିବେକିତା ଏବଂ ଅଶିଷ୍ଟତା ଉଦ୍ଦେଶ୍ୟରେ ମୁଁ ବ୍ୟକ୍ତ କରିଥିବା ପ୍ରତିକ୍ରିୟା ସମ୍ବନ୍ଧରେ ଆପଣଙ୍କୁ ଗୋଟିଏ ପ୍ରଶ୍ନ ପଚାରିବି । ଅନେକ ବର୍ଷ ତଳର ଏକ ଅବସରର କଥା ମୋ'ର ମନେ ପଡୁଛି, ଯେତେ-ବେଳେ କ ମୋ'ର ଜଣେ ମହିଳା ବନ୍ଧୁ ଆପଣ ଦୁଇଜଣଙ୍କ ବିଷୟରେ ଆଦୌ ଶୋଭା ନ ପାଉଥିବା କଥାଟିଏ କହିଥିଲେ । ମୁଁ ସଙ୍ଗେସଙ୍ଗେ ତାଙ୍କର ମୁହଁକୁ ଜୋର୍‌କରି ବନ୍ଦ କରି ରଖିଲି, ମାତ୍ର ତାହା ଫଳରେ ମୋ' ଭିତରେ ଯେଉଁ କ୍ରୋଧ ଜାତ ହୋଇଥିଲା, ତାହା ମୋ' ଭିତରେ ସେହିପରି ପ୍ରଜ୍ୱଳିତ ହୋଇ ରହିଲା । ମୋ'ର ଛାତି ଭିତରୁ ସତେଅବା ଅଗ୍ନିର ଏକ ତରବାରି ଉତ୍‌ତୋଳିତ ହୋଇ ଯାଇ ଅନେକ ଘଣ୍ଟା ଧରି କାହାକୁ

କେବଳ ଆଘାତ କରି ଯାଉଥିଲା । ମୋ'ର ମନ ତାହାକୁ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ନେଇ ବଜାଇବାରେହିଁ ସାହାଯ୍ୟ କରି ପାରୁଥିଲା । ପ୍ରକୃତ ଧ୍ୱଂସାଚରଣରେ ତାହାର ପ୍ରାପ୍ୟ କୌଣସି ଭାଗ ନ ଥିଲା । ତା'ପରଦିନ ସେହି ମହିଳା ସାଙ୍ଘାତିକ ଭାବରେ ଆମାଶୟ ରୋଗରେ ପୀଡ଼ିତ ହୋଇ ପଡ଼ିଲେ ।

କାଲି 'ଖ' ଙ୍କ ପତ୍ର ପାଠ କରି ମୋ'ର ବକ୍ଷ ଭିତରୁ ଠିକ୍ ସେହିପରି ଏକ ଜ୍ୱାଳା ନିର୍ଗତ ହେବାରେ ଲାଗିଥିଲା । ତାଙ୍କର ପତ୍ରିକାଟି ଉଦ୍ଦେଶ୍ୟରେ ତାହାକୁ ପ୍ରେରଣ କରିବାରେ ମୁଁ ଆଦୌ କୌଣସି ସଙ୍କୋଚ ଅନୁଭବ କରୁ ନ ଥିଲି, ସତେଯେପରି ପତ୍ରିକାଟିର ଭବିଷ୍ୟତକୁ ମୁଁ ପୋଡ଼ି ଭସ୍ମ କରି ଦେବାକୁ ଇଚ୍ଛା କରୁ-ଥିଲି । ମାତ୍ର, ସତେଅବା 'ଖ' ଙ୍କୁ ବିନାଶ କରିବା ନିମନ୍ତେ ଆଘାତଗୁଡ଼ିକୁ ଖାସ୍ ତାଙ୍କରି ଆଡ଼କୁ ପ୍ରେରଣ କରୁଥିଲେ ମଧ୍ୟ, ସେହି ପ୍ରଚଣ୍ଡ ଆକ୍ରମଣକୁ କୌଣସି ପ୍ରୋତ୍ସାହନ ଦେଉ ନ ଥିଲି । ଜଣେ ବ୍ୟକ୍ତିଙ୍କ ଉପରେ ସେପରି ଭାବରେ ଆକ୍ରମଣ କରିବା ଆଦୌ ଯୁକ୍ତିଯୁକ୍ତ କି ନାହିଁ, ମୁଁ ନିଜକୁ ସେହିକଥା ପଚାରୁଥିଲି । ବେଳେବେଳେ ମୁଁ ଯାହା କରୁଛି ଠିକ୍ କରୁଛି ବୋଲି ଭାବୁଥିଲି । ଆଉ ବେଳେବେଳେ ଏକଥା ମଧ୍ୟ ଭାବୁଥିଲି ଯେ ସେହି ତରବାରୀକୁ ମୁଁ ଆପଣଙ୍କର ଏବଂ ଶ୍ରୀଅରବିନ୍ଦଙ୍କର ସମ୍ମୁଖରେ ନେଇ ରଖିଦେବି ଓ ମୁଁ ଏହାକୁ ଗୋଟାସୁଦ୍ଧା 'ଖ'ଙ୍କ ଉଦ୍ଦେଶ୍ୟରେ ପ୍ରୟୋଗ କରିବା ପରିବର୍ତ୍ତେ ଆପଣ-ମାନଙ୍କୁହିଁ ତାହାକୁ ପ୍ରୟୋଗ କରିବା ଲାଗି ଛାଡ଼ିଦେବି । ଏ ବିଷୟରେ ପଥପ୍ରଦର୍ଶନ ସ୍ୱରୂପ ଆପଣଙ୍କଠାରୁ କେତୋଟି ଶବ୍ଦ ପାଇପାରିଲେ ମୁଁ ଅତ୍ୟନ୍ତ କୃତଜ୍ଞ ରହିବି । ଆପଣ ଦୟାକରି ସ୍ମରଣ ରଖିବେ ଯେ ମୁଁ ଏଠାରେ କେବଳ ଏକ କ୍ରୋଧର ପ୍ରକୋପରେହିଁ ଉଲ୍ଲେଖ କରୁ ନାହିଁ ।

'oaob.nitrkl.ac.in' images reprocessed

ମୋ'ର ମନେ ହେଉଛି ଏହି କ୍ଷେତ୍ରରେ ଏପରି କୌଣସି ଏକ ଶକ୍ତି ରହିଛି, ଯାହାକି ପ୍ରକୃତରେ କ'ଣସବୁ ଧ୍ୱଂସ କରିବାକୁ ଇଚ୍ଛା କରୁଛି ଏବଂ ଧ୍ୱଂସ କରିବା ଲାଗି ତାହାର ଶକ୍ତି ରହିଛି ବୋଲି ଅନୁଭବ ମଧ୍ୟ କରୁଛି। ଅବଶ୍ୟ ଏକଥା ସମ୍ପୂର୍ଣ୍ଣ ସତ୍ୟ ଯେ, ମୁଁ ମୋ' ନିଜର କୌଣସି ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହାକୁ ବ୍ୟବହାର କରିବା କଥା କଦାପି ଚିନ୍ତା କରିବି ନାହିଁ।

ସୁନିଶ୍ଚିତ ଭାବରେ କାଳୀଙ୍କର ଶକ୍ତିହିଁ କ୍ରିୟାଶୀଳ ହୋଇ ତୁମ ଭିତରେ ଏହି ଅଗ୍ନିକୁ ପ୍ରଜ୍ୱଳିତ କରିଛି ଏବଂ ତାହାକୁ ବିଭିନ୍ନ ଢଙ୍ଗରେ ପ୍ରେରଣ କରୁଛି। ଏହାର କାର୍ଯ୍ୟ ଭିତରେ ଆଦୌ କୌଣସି ଭୁଲ ନାହିଁ; ଏହା ତୁମ ଭିତରେ ବ୍ୟକ୍ତିଗତ ହୋଇ ରହିଥିବା କୌଣସି କ୍ରୋଧ ନୁହେଁ, ଏହାକୁ ଏକ ଦିବ୍ୟ ଶକ୍ତିସତ୍ତାର ପ୍ରକୋପ ବୋଲି କହିବାକୁ ହେବ ଏବଂ ତାହାକୁ କାର୍ଯ୍ୟ କରିବା ଲାଗି ଅବଶ୍ୟ ବାଟ ଛାଡ଼ିଦେବା ଉଚିତ। ବସ୍ତୁତଃ ତୁମେ ସେହି ଅଗ୍ନିକୁ ବନ୍ଦ କରି ରଖିବାକୁ ଇଚ୍ଛା କରିଥିଲେ ମଧ୍ୟ ତୁମେ ତାହାକୁ କଦାପି କଳିବାକୁ ନିବୃତ୍ତ କରି ପାରି ନ ଥାନ୍ତ। ଏହି ବ୍ୟକ୍ତି ସେହି କ୍ରୋଧକୁ ଆପଣା ଉପରକୁ ଡାକି ଆଣିଛି ଏବଂ ଯାହା ଘଟିଛି, ସେଥିରେ ଆଦୌ କୌଣସି ଭୁଲ ନାହିଁ। ଏଥିପାଇଁ କେବଳ ସେହି ବ୍ୟକ୍ତିହିଁ ଦାୟୀ। ଅବଶ୍ୟ ଏକଥା ଏକାନ୍ତ ସତ୍ୟ ଯେ ତାହାକୁ କଦାପି କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସାଧନରେ ବା ଆତ୍ମକାମୀ କୌଣସି ମାର୍ଗରେ କଦାପି ବ୍ୟବହାର କରିବା ଉଚିତ ନୁହେଁ।

୮ ଅକ୍ଟୋବର ୧୯୫୦

*

"ଯେତେବେଳେ ଆପଣାର ବଳ ସହିତ ଆସି ହସ୍ତକ୍ଷେପ କରିବା ଲାଗି କାଳୀଙ୍କୁ ବାଟ ଛାଡ଼ି ଦିଆଯାଏ, ସେତେବେଳେ ମୁହୂର୍ତ୍ତକ ମଧ୍ୟରେହିଁ ସାଧକକୁ ଅଟକାଇ ରଖିଦେଇଥିବା ବାଧାଗୁଡ଼ିକ ଅଥବା ତାହା ଉପରେ ଆକ୍ରମଣ କରୁଥିବା ଶତ୍ରୁମାନେ ସଙ୍ଗତି ନ ଥିବା ନାନା

ବସ୍ତୁ ଭଳି କୁଆଡ଼େ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଆନ୍ତି ।"*

—ଶ୍ରୀଅରବିନ୍ଦ

**ମହାକାଳୀ-ଶକ୍ତିର ଏହି ହସ୍ତକ୍ଷେପ ପ୍ରକୃତରେ କିପରି ଅନୁଭୂତ ହୋଇଥାଏ ?**

ତାହା ସବୁଠୁ ବେଶୀ ମଧ୍ୟ ହୁଏତ ... 

ତାହା ସବୁଠୁଅବା କୌଣସି ବେଗଯୁକ୍ତ, ହଠାତ୍ ଆଗତ, ମୀମାଂସକ ଏବଂ ଅଖଣ୍ଡନୀୟ ବସ୍ତୁପରି ଅନୁଭୂତ ହୁଏ । ତାହା ପଛରେ ଗୋଟିଏ ପ୍ରକାରର ଦିବ୍ୟ ବା ଅତିମାନସ ସ୍ୱୀକୃତି ମଧ୍ୟ ରହିଥାଏ ଏବଂ ଏପରି ଏକ ଅନୁଜ୍ଞା ପରି କାର୍ଯ୍ୟ କରୁଥାଏ, ଯାହା ବିରୁଦ୍ଧରେ କି ଆଦୌ କୌଣସିଠାରେ ଆବେଦନ କରିବାକୁ ନ ଥାଏ । ଯାହା କିଛି କରିଯାଏ, ତାହାକୁ ଲେଉଟାଇ ହୁଏ ନାହିଁ ଅଥବା ବ୍ୟର୍ଥ ମଧ୍ୟ କରିହୁଏ ନାହିଁ । ପ୍ରତିକୂଳ ଶକ୍ତିମାନେ ସେହି କ୍ଷେତ୍ରରେ ହୁଏତ ଚେଷ୍ଟା କରିପାରନ୍ତି ବା ଏପରିକି ତାହାକୁ ଆସି ଛୁଇଁ ପାରନ୍ତି ବା ତାହା ଉପରେ ଆକ୍ରମଣ କରିପାରନ୍ତି ସତ, ମାତ୍ର ସେମାନଙ୍କୁ ତଥାପି ପରାସ୍ତ ହୋଇ ଫେରିଯିବାକୁ ପଡ଼େ ଏବଂ ଦୃଷ୍ଟି ଗୋଚର ହୋଇଥାଏ ଯେ, ସେମାନେ ଫେରିଯିବା ସଙ୍ଗେ ସଙ୍ଗେ ଉପସ୍ଥିତ ଭୂମିଟି ଠିକ୍ ଯେପରି ଥିଲା, ସେହିପରି ହିଁ ରହିଛି । ଆକ୍ରମଣ ସମୟରେ ମଧ୍ୟ ତାହା ଠିକ୍ ସେହିପରି ରହିଥାଏ । ପୁନଶ୍ଚ, ଯେଉଁ ବାଧାମାନ ପୂର୍ବରୁ ବେଶ୍ ବଳଶାଳୀ ହୋଇ ରହିଥିଲେ, ଏହି ଅନୁଜ୍ଞାର ସ୍ପର୍ଶଟି ଆସି ବାଜିଯିବା ଫଳରେ ସେମାନଙ୍କର ଶକ୍ତି ମଧ୍ୟ କ୍ଷୀଣ ହୋଇଯାଏ, ସେମାନଙ୍କର ସମ୍ଭାବ୍ୟତା ବିନଷ୍ଟ ହୋଇଯାଏ ବା, ସେମାନେ ସବୁଠୁଅବା ଗୋଟିଏ ଗୋଟିଏ ନିତାନ୍ତ ବଳହୀନ ଛାୟାପରି ହୋଇ ରହିଥାଆନ୍ତି, ଯେଉଁମାନେ କି କେବଳ ମିଂକି ମିଂକି ହୋଇ କିଛି ସମୟ ପାଇଁ ଆସନ୍ତି ଓ ତା'ପରେ ମ୍ଳାନ ହୋଇ ଯାଆନ୍ତି । ମୁଁ "ବାଟ ଛାଡ଼ି ଦିଆଯାଏ" ବୋଲି କହୁଛି, କାରଣ ମହାକାଳୀଙ୍କର ଏହି ଉଚ୍ଚତମ କ୍ରିୟାଟି ଅପେକ୍ଷାକୃତ ଅଧିକାଂଶ କ୍ଷେତ୍ରରେ କ୍ୱଚିତ୍ ସଂଘଟିତ ହୋଇଥାଏ । ଅନ୍ୟାନ୍ୟ ଶକ୍ତିଗୁଡ଼ିକର କ୍ରିୟା ଅଥବା ମହାକାଳୀଙ୍କର କୌଣସି ଆଂଶିକ କ୍ରିୟା ଅପେକ୍ଷାକୃତ ଅଧିକ ସାଧାରଣ ଭାବରେ ଘଟେ ।

ନଭେମ୍ବର ୧୯୫୮

*

* ମା, ଶତବାର୍ଷିକୀ ସଂସ୍କରଣ, ୨୫ଶ ଖଣ୍ଡ, ପୃ-୨୧

'oaob.nitrkl.ac.in' images reprocessed

ଦିବ୍ୟ ଜନନୀଙ୍କର ଯେତେ ଯେତେ ବିଭାବ ରହିଛି, ସେଥିମଧ୍ୟରୁ କାଳୀହିଁ ସବୁଠାରୁ ଅଧିକ ଶକ୍ତିଶାଳୀ ଭାବରେ ସ୍ପନ୍ଦନଯୁକ୍ତ ତଥା ସକ୍ରିୟ ପ୍ରେମକୁ ବ୍ୟକ୍ତ କରି ଆଣୁଛନ୍ତି ଏବଂ, ବେଳେ ବେଳେ ପ୍ରକାଶ ପାଉଥିବା ତାଙ୍କର ସେହି ଭୟପ୍ରଦ ବିଭବ ସତ୍ତ୍ୱେ ସିଏ ଆପଣା ମଧ୍ୟରେ ଏକ ସର୍ବଶକ୍ତିଶାଳୀ ପ୍ରେମର ସ୍ୱର୍ଣ୍ଣୋଜ୍ଜ୍ୱଳ ମହିମାକୁ ମଧ୍ୟ ବହନ କରୁଛନ୍ତି ।

୨୪ ଫେବୃଆରୀ ୧୯୬୫

*

କାଳୀ କ୍ୱଚିତ୍ ମନର ସ୍ତରରେ କାର୍ଯ୍ୟ କରିଥାନ୍ତି । ଉଚ୍ଚତର ଭୂମିର ଆସ୍ପୃହନ ଗୁଡ଼ିକରେ ସେ ପ୍ରେମର ଏକ ଶକ୍ତିରୂପେ ବିଦ୍ୟମାନ ରହିଥାନ୍ତି ଯାହାକି ଅଗ୍ରଗତି ତଥା ରୂପାନ୍ତର ଆଡ଼କୁ ପଛରୁ ଠେଲି ଠେଲି ନେଇଯିବାରେ ଲଗିଥାଏ । ପ୍ରାଣର ଭୂମିରେ ସେ ମିଥ୍ୟା, କପଟତା ଏବଂ ଅସତ୍ ଇଚ୍ଛାର ବିନାଶକାରିଣୀ ଶକ୍ତି ହୋଇ ରହିଥାନ୍ତି ।

ଯାହାକିଛି ଭଲ, ସତ୍ୟଯୁକ୍ତ ଏବଂ ଅଗ୍ରଗତିଶୀଳ, ସେଗୁଡ଼ିକୁ ସିଏ କଦାପି ଧ୍ୱଂସ କରନ୍ତି ନାହିଁ । ବରଂ ଅନ୍ୟପକ୍ଷରେ ତାହାକୁ ସିଏ ସୁରକ୍ଷା ପ୍ରଦାନ କରନ୍ତି, ସଂପୋଷିତ କରି ରଖିଥାନ୍ତି ।

୫ ଜୁନ୍ ୧୯୬୫

*

ଯାବତୀୟ ଧ୍ୱଂସ ପ୍ରକ୍ରିୟାର ପଶ୍ଚାତ୍ତରେ, ତାହା ପ୍ରକୃତିର ସେହି ବିପୁଳ ଧ୍ୱଂସ ପ୍ରକ୍ରିୟାମାନ — ଭୂମିକମ୍ପ, ଆଗ୍ନେୟଗିରିର ଉତ୍ପାତ, ଝଡ଼ ଓ ବନ୍ୟା ପ୍ରଭୃତି ଅଥବା ଯୁଦ୍ଧ, ବିପ୍ଳବ ଓ ବିଦ୍ରୋହ ପ୍ରଭୃତି ମନୁଷ୍ୟକୃତ ଯାବତୀୟ ହିଂସାପ୍ରେରିତ ଧ୍ୱଂସସାଧନ ହୋଇଥାଉ ପଛକେ, ମୁଁ ସର୍ବଦା ସେହି କାଳୀଙ୍କର ଶକ୍ତିକୁହିଁ ପ୍ରତ୍ୟକ୍ଷ କରିଥାଏ, — ରୂପାନ୍ତରର ଅଗ୍ରଗତିକୁ ତ୍ୱରାନ୍ୱିତ କରିନେବା ନିମନ୍ତେ ସେ ଏହି ପୃଥିବୀ-ପରିବେଶରେ କାର୍ଯ୍ୟ କରିବାରେ ଲାଗିଥାନ୍ତି ।

କେବଳ ଆପଣାର ଅନ୍ତଃସାରର ଭୂମିରେ ନୁହେଁ, ଉପଲବ୍ଧିର ଭୂମିରେ ମଧ୍ୟ ଯାହାକିଛି ଦିବ୍ୟ ହୋଇ ରହିଥାଏ, ସେସବୁ ସ୍ୱଭାବତଃ ଏହି ଯାବତୀୟ ବିନାଶଲୀଳାରୁ ଊର୍ଦ୍ଧ୍ୱରେ ରହିଥାନ୍ତି ଏବଂ ସେଗୁଡ଼ିକ ଏସବୁକୁ ସ୍ପର୍ଶ ମଧ୍ୟ କରି ପାରନ୍ତି ନାହିଁ । ତେଣୁ ଧ୍ୱଂସ ସାଧନର ମାତ୍ରା ବସ୍ତୁତଃ ଅପୂର୍ଣ୍ଣତାର ଆସ୍ପୃହନଟି ବିଷୟରେହିଁ ଏକ ପରିଚୟ ଆଣି ଦେଇଥାନ୍ତି ।

'oaob.nitrkl.ac.in' images reprocessed

ଏହି ଧ୍ୱଂସାତ୍ମକ ଘଟଣାଗୁଡ଼ିକର ଯେପରି ଆଉ ପୁନରାବୃତ୍ତି ନ ହେବ, ତାହାର ଉପାୟ ହେଉଛି ଯେ ଆମେ ସେଗୁଡ଼ିକରୁ ଯଥାର୍ଥ ଶିକ୍ଷା ଲାଭ କରିବା ଏବଂ ଆବଶ୍ୟକ ଅଗ୍ରଗତିଟିକୁ କରିବାରେ ଲାଗିଥିବା ।

*

ମହାଲକ୍ଷ୍ମୀଙ୍କର ସମଗ୍ର ସମ୍ପତ୍ତି : କ୍ରିୟାଶୀଳତାର ଯାବତୀୟ କ୍ଷେତ୍ରରେ ସକଳ ଅନୁଭବ ତଥା କର୍ମରୂପୀ ସମ୍ପଦ, ବୌଦ୍ଧିକ, ମନୋଗତ ତଥା ଭୌତିକ ଯାବତୀୟ କ୍ଷେତ୍ରରେ ।

*

ପରିପୂର୍ଣ୍ଣତାର ପ୍ରୟୋଜନ ବିଷୟରେ ପୃଥିବୀକୁ ଜାଗରୂକ କରି ରଖିବା ହେଉଛି ମହାସରସ୍ୱତୀଙ୍କର କାର୍ଯ୍ୟ; ମାତ୍ର ସ୍ୱୟଂ ପରିପୂର୍ଣ୍ଣତା କେବଳ ସେହି ସର୍ବୋଚ୍ଚ ପରମପ୍ରଭୁଙ୍କର ନିକଟରେହିଁ ରହିଥାଏ; ଆଉ କେହିହେଲେ ତାହାର ସମ୍ପୂର୍ଣ୍ଣ ପରିଚୟ ପାଇ ପାରିବେ ନାହିଁ ।

*

ମାଆ, ଶ୍ରୀଅରବିନ୍ଦ ତାଙ୍କର 'ମାଆ' ପୁସ୍ତକରେ ଦିବ୍ୟ ଜନନୀଙ୍କର ଯେଉଁ ଚାରି ବିଭୂତିର ବର୍ଣ୍ଣନା କରିଛନ୍ତି, ତାହାର ଏକ ପରିଚୟ ଲାଭ କରିବାକୁ ଆପଣ ମୋତେ ଦୟାକରି ସାହାଯ୍ୟ କରିବେ ।

ଉଚ୍ଚତର କ୍ଷେତ୍ରଗୁଡ଼ିକରେ, ଅଧିମାନସର ଊର୍ଦ୍ଧ୍ୱରେ ରହିଥିବା ସେହିସବୁ ବିଭିନ୍ନ ଭୂମିରେ ଦିବ୍ୟ ଜନନୀଙ୍କର ବିଗ୍ରହ ଗୁଡ଼ିକ ଅତ୍ୟନ୍ତ ସରଳ ରୂପ ଧାରଣ କରିଥାନ୍ତି ଏବଂ ସେମାନଙ୍କର ଆଦୌ ବହୁ ସଂଖ୍ୟକ ଭୁଜ ବା ଅନ୍ୟାନ୍ୟ ଅଙ୍ଗ ରହି ନ ଥାଏ ।

ସେଥିରେ ପ୍ରଦତ୍ତ ହୋଇ ରହିଥିବା ସକଳ ଚିହ୍ନଲକ୍ଷଣ ତଥା ଜଟିଳତାକୁ କେବଳ କେତେକ ପ୍ରତୀକାତ୍ମକ ବୋଲି ବୁଝାଯିବ ଏବଂ ଅଧିକାଂଶ ସ୍ଥଳରେ ଅଦୃଶ୍ୟ

'oaob.nitrkl.ac.in' images reprocessed

ଗୁଣକଳ୍ପନାଗୁଡ଼ିକୁ ଏକ ପ୍ରତୀକାତ୍ମକ ପରିଚିତି ଦେବା ସକାଶେ ମନୁଷ୍ୟମାନେହିଁ ସେଗୁଡ଼ିକୁ ଆଣି ସେଥିସହିତ ଯୋଡ଼ି ଦେଇଥାନ୍ତି ।

୨୯ ସେପ୍ଟେମ୍ବର ୧୯୬୭

*

## ଅବତାର

ଅବତାର — ପୃଥିବୀରେ ଆପଣାକୁ ବ୍ୟକ୍ତ କରିଥିବା ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଦେହଗ୍ରହଣ ।

*

ଅବତାର : ଏକ ପାର୍ଥିବ ଆକାର ଗ୍ରହଣ କରି ଆବିର୍ଭୂତ ହୋଇଥିବା ସର୍ବୋଚ୍ଚ ଦିବ୍ୟ ପରମସତ୍ତା — ଏହି ଆକାର ସାଧାରଣତଃ ଏକ ମନୁଷ୍ୟର ଆକାର ହୋଇ ରହିଥାଏ, ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟର ସାଧନ ଲାଗି ସେହି ଆକାରକୁ ଧାରଣ କରାଯାଇଥାଏ ।

*

ସର୍ବଶକ୍ତିମାନ୍ ପରମ ଦିବ୍ୟସତ୍ତା ପୃଥିବୀପୃଷ୍ଠରେ ଅବତରଣ ନ କରି ମଧ୍ୟ ମନୁଷ୍ୟମାନଙ୍କୁ ଉପରକୁ ଉଠାଇ ନେଇ ପାରିବେ, କେବଳ ଯଦି ଏହି ପୃଥ୍ୱୀ-ବ୍ୟବସ୍ଥାର ଅଂଶ ସ୍ୱରୂପ ସେଭଳି ପ୍ରୟୋଜନ ହୁଏ, ତେବେ ସିଏ ଆପଣା ଉପରକୁ ମନୁଷ୍ୟ-ଶରୀର ଧାରଣ କରିବାର ବୋଝଟିକୁ ଉଠାଇ ନିଅନ୍ତି ଏବଂ ସ୍ଥିରୀକୃତ ମାର୍ଗଟିକୁ ଉନ୍ମୋଚିତ କରିଦିଅନ୍ତି, କେବଳ ସେହି କ୍ଷେତ୍ରରେହିଁ ଅବତାରତ୍ୱର ଏକ ଅର୍ଥ ରହିଥାଏ ।

୬ ମାର୍ଚ୍ଚ ୧୯୩୫

*

ପରମ ଦିବ୍ୟସତ୍ତା ଏହି ପୃଥ୍ୱୀ ଉପରକୁ ଆସି ଦୁଃଖ ଭୋଗ କରିବେ, କେବଳ ସେହି ସର୍ତ୍ତରେହିଁ ମନୁଷ୍ୟମାନେ ତାଙ୍କୁ ଏଠାରେ ସହ୍ୟ କରିବା ପାଇଁ ସମ୍ମତ ହୋଇଥାନ୍ତି ।

*

'oaob.nitrkl.ac.in' images reprocessed

ଯେତେବେଳେ ମନୁଷ୍ୟମାନେ ଅନନ୍ୟାଶ୍ରୟୀ ଭାବରେ କେବଳ ଦିବ୍ୟ ପରମସତ୍ତାଙ୍କ ଉପରେହିଁ ନିର୍ଭର କରି ରହିବେ ଓ ତାଙ୍କ ବ୍ୟତୀତ ଆଉ କାହାରିକୁ ହେଲେ ଲୋଡ଼ିବେ ନାହିଁ, ସେତେବେଳେ ଅବତାର ଗ୍ରହଣ କରିଥିବା ଦେବତାଙ୍କର ସେମାନଙ୍କ ଲାଗି ମୁଖାବରଣ କରିବାର ପ୍ରକୃତରେ ଆଉ କୌଣସି ପ୍ରୟୋଜନ ରହିବ ନାହିଁ ।

୨ ଅଗଷ୍ଟ, ୧୯୫୨

*

ଦିବ୍ୟ ପରମସତ୍ତା ଯେ ପୃଥିବୀରେ ପ୍ରକୃତରେ ଅବତୀର୍ଣ୍ଣ ଓ ପ୍ରକାଶିତ ହୋଇ ପାରନ୍ତି, ମନୁଷ୍ୟକୁ ତାହାର ଏକ ସାକାର ପ୍ରମାଣ ଦେବାହିଁ 'ଅବତାର'ଙ୍କର ପ୍ରଧାନ ଉଦ୍ଦେଶ୍ୟ ହୋଇ ରହିଥାଏ ।

୧୨ ଜୁଲାଇ ୧୯୫୪

*

ଯେକୌଣସି ପ୍ରକାରେ ଏହି ପୃଥିବୀ ଉପରେ ପରମ ଦିବ୍ୟସତ୍ତାଙ୍କର ଉପଲବ୍ଧି ଯଦି ତୁମର ଲକ୍ଷ୍ୟ ହୋଇ ନ ଥାଏ, ତେବେ ତୁମେ ଦିବ୍ୟ ବାର୍ତ୍ତାବହ-ମାନଙ୍କର କଦାପି ଅତ୍ୟନ୍ତ ସମୀପବର୍ତ୍ତୀ ହୋଇ ନ ଆସିବାକୁହିଁ ଅତ୍ୟନ୍ତ ସାବଧାନ ରହିଥିବ ; କାରଣ, ସେମାନେ ଠିକ୍ ଏକ ଝଡ଼ପରି କାର୍ଯ୍ୟ କରନ୍ତି, ଯାହାକି ପ୍ରତିଷ୍ଠିତ ଯାବତୀୟ ବସ୍ତୁକୁ କୁଆଡ଼େ ବୋଲି କୁଆଡ଼େ ଉଡ଼ାଇ ନେଇଯାଏ ।

୭ ମଇ ୧୯୫୭

*

## ଉଚ୍ଚତର ସତ୍ତାଗଣ

ଉଚ୍ଚତର ସତ୍ତାଗଣ ସର୍ବଦା ମନୁଷ୍ୟଜାତିର ସେବା କରୁଥିବେ, ଏହି ସର୍ତ୍ତରେହିଁ ମନୁଷ୍ୟଜାତି ଉଚ୍ଚତର ସତ୍ତାମାନଙ୍କୁ ସହ୍ୟ କରେ ଏବଂ ସେମାନଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିଥାଏ ।

୪ ଫେବୃଆରୀ ୧୯୬୫

*

'oaob.nitrkl.ac.in' images reprocessed

ସାଧାରଣ ମନୁଷ୍ୟମାନେ ଜଣେ ମନୀଷୀଙ୍କୁ ପ୍ରକାର ଏକ ପ୍ରକାରର ସଙ୍ଗୀତ-ଉତ୍ପାଦନକାରୀ ପେଟିକା ପରି ଦେଖିଥାନ୍ତି, ଯାହା ଭିତରକୁ କି ସେମାନେ ସେମାନଙ୍କର ପ୍ରଶ୍ନରୂପୀ ପଇସାମାନ ଗଳାଇ ଦେଉଥିବେ ଏବଂ ସେହି ବାକ୍ସ ଭିତରୁ ସେମାନଙ୍କୁ ଆପଣାଛାଏଁ ଉତ୍ତରଗୁଡ଼ିକ ମିଳି ଯାଉଥିବ ।

*

*

ମଣିଷମାନେ ଯେପରି ଜଣେ ଦେବତାଙ୍କୁ ପ୍ରକୃତରେ ଚିହ୍ନି ପାରିବେ, ସେଥିଲାଗି ତାଙ୍କର ମୁଣ୍ଡ ପଛକୁ ଏକ ପ୍ରଭାମଣ୍ଡଳ ରହିଥିବା ଦରକାର; ଜଣେ ରାଜାକୁ ରାଜା ବୋଲି ଚିହ୍ନିବାକୁ ହେଲେ ରାଜା ହାତରେ ଏକ ରାଜଦଣ୍ଡ ଅବଶ୍ୟ ଧରିଥିବା ଦରକାର ।

*

ଯେଉଁ ବ୍ୟକ୍ତି ଅହଂକାରକୁ ପରିତ୍ୟାଗ କରି ଆସିଛି, ତା' ଲାଗି ଏହି ପୃଥିବୀରେ ଆଉ କୌଣସି ବ୍ୟକ୍ତିଗତ ସ୍ଥାନ ନାହିଁ । ଅର୍ଥାତ୍, ତା ନୈର୍ବ୍ୟକ୍ତିକତାର ସିଧା ଅନୁପାତ ଅନୁସାରେ ଏହି ବ୍ୟକ୍ତିଗତ ପୃଥିବୀ ତା' ସହିତ ଆଉ କୌଣସି ବ୍ୟକ୍ତିଗତ ସମ୍ବନ୍ଧ ରଖିବାକୁ ଇଚ୍ଛା କରେ ନାହିଁ । ସିଏ କେବଳ ବସ୍ତୁଗତ ତଥା ବ୍ୟକ୍ତିନିରପେକ୍ଷ କୌଣସି ଶକ୍ତି ପରି ଏହି ପୃଥିବୀର ସକଳ ତଥା ବସ୍ତୁଗୁଡ଼ିକ ସହିତ ଯାହାକିଛି ସମ୍ବନ୍ଧ ରଖିଥାଏ । ସେହି ଶକ୍ତିଗୁଡ଼ିକ ଭଳି ସିଏ ମଧ୍ୟ ସମସ୍ତଙ୍କ ମଧ୍ୟରେ କ୍ରିୟା କରେ, ସମସ୍ତଙ୍କୁ ପ୍ରେରଣା ଦିଏ ଓ ସମସ୍ତଙ୍କର ରକ୍ଷା କରୁଥାଏ; ମାତ୍ର ସାଧାରଣତଃ, ସିଏ ଯେଉଁମାନଙ୍କୁ ପ୍ରେରଣା ଦେଉଥାଏ, ସୁରକ୍ଷିତ କରି ରଖିଥାଏ ଓ ଗତିଶୀଳ କରିଦେଉଥାଏ, ସେମାନେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଉପେକ୍ଷା କରିବାରେ ଲାଗିଥାନ୍ତି ।

ସିଏ ଆଉ ପୃଥିବୀକୁ ଇଚ୍ଛା କରୁନାହିଁ ବୋଲି କହିବା ଆଦୌ ଠିକ୍ ନୁହେଁ, ପ୍ରକୃତରେ ପୃଥିବୀହିଁ ତାହାକୁ ଇଚ୍ଛା କରୁ ନ ଥାଏ; ବରଂ, ହୁଏତ ଅଧିକ ଯଥାର୍ଥ ଭାବରେ ଏପରି କୁହାଯାଇ ପାରିବ ଯେ, ସିଏ ପ୍ରକୃତରେ ରହିଛି ବୋଲି ପୃଥିବୀ ଆଉ ଠଉରାଇ ମଧ୍ୟ ପାରୁ ନ ଥାଏ ।

*

'oaob.nitrkl.ac.in' images reprocessed

## ପ୍ରତିକୂଳ ଶକ୍ତି

ଆପଣାର ଆଧ୍ୟାତ୍ମିକ ଅଗ୍ରଗତି ଲାଗି ଆମେ ଯେତେବେଳେ ଏକ ମୀମାଂସକ ପଦକ୍ଷେପ ଗ୍ରହଣ କରିଥାଉ, ସେତେବେଳେ ପରମ ଦିବ୍ୟ ସତ୍ତ୍ୱଙ୍କର ଅଦୃଶ୍ୟ ଶତ୍ରୁମାନେ ସର୍ବଦା ପ୍ରତିଶୋଧ ନେବାର ଚେଷ୍ଟା କରନ୍ତି ଏବଂ, ଯେତେବେଳେ ସେମାନେ ଆତ୍ମାକୁ ଆଘାତ କରି ନ ପାରନ୍ତି, ସେତେବେଳେ ଶରୀର ଉପରେହିଁ ପ୍ରହାର କରିବାକୁ ଆସନ୍ତି । ମାତ୍ର ସେମାନଙ୍କର ସକଳ ଚେଷ୍ଟା କେବଳ ବ୍ୟର୍ଥହିଁ ହୋଇ ଯାଉଥାଏ ଏବଂ ଶେଷକୁ ତାହା ଅବଶ୍ୟ ପରାଭୂତ ହୋଇଯିବ, କାରଣ ଦିବ୍ୟ ପରମ କରୁଣା ଆମ ସହିତ ବିଦ୍ୟମାନ ରହିଛି ।

*

ଆମେ ପ୍ରତିକୂଳ ଶକ୍ତିମାନଙ୍କୁ ସେମାନଙ୍କର ଖଳତାଗୁଡ଼ିକୁ ଚରିତାର୍ଥ କରିବା ଲାଗି କଦାପି ସୁଯୋଗ ଦେବା ନାହିଁ । ଆମ ପାଖରେ ଏତେ ଟିକିଏ ଅଚେତନାର ଆଭାସ ପାଇଲେହିଁ ସେମାନେ ତାହାର ସୁଯୋଗ ଗ୍ରହଣ କରିଥାନ୍ତି ।

*

ଈର୍ଷା, ସ୍ୱାର୍ଥପୀଡ଼ିତ ଅସନ୍ତୋଷ ଭାବନା ଏବଂ ଆହତ ଦମ୍ଭଭାବହିଁ ଆମକୁ ଦିବ୍ୟ ପରମସତ୍ତ୍ୱଙ୍କର ସୁରକ୍ଷା ମଧ୍ୟରୁ ବାହାରକୁ ବାହାର କରି ଆଣନ୍ତି ଏବଂ ତଦ୍ୱାରା ଚେତନାର ଦ୍ୱାରଗୁଡ଼ିକୁ ପ୍ରତିକୂଳ ଶକ୍ତିମାନଙ୍କ ଲାଗି ଉନ୍ମୋଚିତ କରି ଦେଇଥାନ୍ତି ।

ଆପଣା ଭିତରେ ଏହିସବୁ ଭୁଲ୍ ଗତିସ୍ପନ୍ଦନକୁ ଆଦୌ ଘଟିବାକୁ ବାଟ ଛାଡ଼ି ନ ଦେଲେ ଯାଇ ଆମେ ପ୍ରତିକୂଳ ପ୍ରଭାବଟି ତଥା ତାହାର ଅନିଷ୍ଟକାରୀ ପରିଣାମଗୁଡ଼ିକରୁ ନିଷ୍କୃତି ଲାଭ କରି ପାରିବା ।

*

ଏକ ବୃହତ୍ ଅଜ୍ଞାନର କାରଣରୁହିଁ ଆମେ ଅନ୍ଧକାର ଏବଂ ବିନାଶର ଶକ୍ତିଗୁଡ଼ିକର ପ୍ରବର୍ତ୍ତନାଗୁଡ଼ିକ ଲାଗି ଅନୁମୋଦନ ଜ୍ଞାପନ କରିଥାଉ । ଦିବ୍ୟ ପରମ ସତ୍ତ୍ୱଙ୍କର ଅନନ୍ତ କରୁଣାମୟତା ଲାଗି ଏକ ଯଥାର୍ଥ କୃତଜ୍ଞତା ଭାବ ପୋଷଣ କରିବା ଦ୍ୱାରାହିଁ ଆମେ ଏଭଳି ବିପଦଗୁଡ଼ିକରୁ ଆପଣାକୁ ରକ୍ଷା କରି ପାରିବା ।

*

'oaob.nitrkl.ac.in' images reprocessed

> ବେଳେବେଳେ ମୋତେ ଆକ୍ରମଣ କରିବାକୁ ଆସୁଥିବା ଏହି ପ୍ରବର୍ତ୍ତନାଗୁଡ଼ିକ ପ୍ରକୃତରେ କ'ଣ ? ସେଗୁଡ଼ିକ କ'ଣ ବାହାରୁ ଆସନ୍ତି ନାହିଁ ?

. ହଁ, ସେମାନେ ପ୍ରକୃତରେ ବାହାରୁ ଆସନ୍ତି, ଏପରି ଏକ ପ୍ରାଣିକ ସତ୍ତା ପାଖରୁ ଆସନ୍ତି, ଯାହାକି, ତୁମେ ସେଗୁଡ଼ିକୁ କିପରି ଭାବରେ ଗ୍ରହଣ କରୁଛ କି ନାହିଁ ତାହା ଦେଖିବେ ବୋଲି ସେଗୁଡ଼ିକୁ ତୁମ ପାଖକୁ ପ୍ରେରଣ କରିବାରେ ଖୁବ ଆନନ୍ଦ ଲାଭ କରନ୍ତି । ତୁମକୁ ଫୁଲଟି ଦେଉଥିବା ସମୟରେ ମୁଁ ସେହି ପ୍ରବର୍ତ୍ତନାକୁ ଆସୁଥିବାର ଦେଖିଥିଲି । ତା' ଉପରେ ମୁଁ ଆଦୌ କୌଣସି ମହତ୍ତ୍ୱ ଦେଲି ନାହିଁ, କାରଣ ତାହା ଏକ ନିର୍ବୋଧତା ବ୍ୟତୀତ ପ୍ରକୃତରେ ଆଉ କ'ଣ ଥିଲା ? କିନ୍ତୁ ବର୍ତ୍ତମାନ ଦେଖୁଛି ଯେ ତୁମେ ସେଇଟିକୁ ଗ୍ରହଣ କରିନେଲ ।

୨୮ ଏପ୍ରିଲ୍ ୧୯୩୪

*

ମହାକାଳୀଙ୍କର କୋପ ଆପଣାକୁ ବାରବାର ବ୍ୟକ୍ତ କରେ ଏବଂ କାର୍ଯ୍ୟ କରୁଥାଏ ସତ, ମାତ୍ର ତା'ର ପରିଣାମଟି ସ୍ଥାୟୀ ହୋଇ ରହି ପାରେ ନାହିଁ, କାରଣ ଯେଉଁମାନେ ପ୍ରତିକୂଳ ଶକ୍ତି ଉଦ୍ଦେଶ୍ୟରେ ଅନୁଷ୍ଠାନ କରାଉଥାନ୍ତି, ସେମାନେ ରୋଗମୁକ୍ତ ହେବାଲାଗି ପ୍ରକୃତରେ ଇଚ୍ଛାହିଁ କରୁ ନ ଥାନ୍ତି — ସେମାନଙ୍କ ମଧ୍ୟରେ ନିସ୍ତାର ଅଭାବ ରହିଥାଏ ।

୧ ଜୁଲାଇ ୧୯୩୫

*

> ମାଆ, ଏହି ଆକ୍ରମଣଗୁଡ଼ିକର ଆଦୌ କୌଣସି ସଂଖ୍ୟା ନାହିଁ, ଏବଂ କାଲି ମୁଁ ଅତ୍ୟନ୍ତ ଦୁର୍ବଳ ଅନୁଭବ କରିଥିଲି ।

ଯଦି ସେହି ଆକ୍ରମଣଗୁଡ଼ିକ ବିଷୟରେ ତୁମେ ଆଉଟିକିଏ କମ୍ ଭାବନ୍ତ, ତେବେ ସେଗୁଡ଼ିକ କଦାପି ଏତେ ସଂଖ୍ୟାରେ ହୁଅନ୍ତେ ନାହିଁ ।

୭ ଅକ୍ଟୋବର ୧୯୩୫

*

'oaob.nitrkl.ac.in' images reprocessed

ଅନୁକ୍ଷଣ ପ୍ରତିକୂଳଶକ୍ତିଗୁଡ଼ିକ ବିଷୟରେ ଚିନ୍ତା କରୁଥିବ ଏବଂ ସେମାନଙ୍କୁ ଭୟ କରୁଥିବ,—ଏହି ଦୁର୍ବଳତାଟିକୁ ପ୍ରକୃତରେ ଅତ୍ୟନ୍ତ ବିପଜ୍ଜନକ ବୋଲି ବୁଝାଯିବ ।

*

ତୁମେ ଯେଉଁପରି କହୁଛ, ଏହି ପ୍ରତିକୂଳ ଶକ୍ତିଟି ଉପରେହିଁ ବିଜୟ ଲାଭ କରିବାକୁ ହେବ ଓ ତାହାକୁ ନଷ୍ଟ କରିଦେବାକୁ ପଡ଼ିବ ; ତା' ନ ହେଲେ ଆପଣାକୁ ବ୍ୟକ୍ତ କରିବା ସକାଶେ ତାହାକୁ ସର୍ବଦା କେହି ନା କେହି ଅବଶ୍ୟ ମିଳି ଯାଉଥିବେ ।

୨୮ ମଇ ୧୯୩୭

*

ପ୍ରତିକୂଳ ଶକ୍ତିଗୁଡ଼ିକୁ ପୃଥିବୀରେ କାର୍ଯ୍ୟ କରିବାଲାଗି ଅନୁମତି ଦିଆଯାଉଛି, କାରଣ ସେମାନଙ୍କ ଦ୍ୱାରାହିଁ ମନୁଷ୍ୟର ଅସଲ ନିଷ୍ଠାର ପରୀକ୍ଷା ହୋଇଥାଏ । ମନୁଷ୍ୟ ଯେଉଁଦିନ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇଯିବ, ସେଦିନ ସେହି ଶକ୍ତିମାନେ ଅବଶ୍ୟ ବିଦା ହୋଇ ଚାଲିଯିବେ, କାହିଁକିନା ସେମାନଙ୍କର ସ୍ଥିତି ରହିବାଲାଗି ସେତେବେଳେ ଆଉ କୌଣସି କାରଣ ରହିବ ନାହିଁ ।

୧୩ ମାର୍ଚ୍ଚ ୧୯୪୯

*

ଆଜି ରାତିରେ ମଧ୍ୟ ପ୍ରତିକୂଳ ଶକ୍ତିମାନଙ୍କର ପୁଣି ଏକ ଆକ୍ରମଣ ହୋଇଥିଲା । ମୋ'ର ନିଦ ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯାଇଛି । ଏହିସବୁ ଦୁରାଚାର କବଳରୁ ମୋତେ ଉଦ୍ଧାର କରିବା ଲାଗି ମୁଁ ମୋ'ର ସକଳ ବ୍ୟାକୁଳତା ସହିତ ଆପଣଙ୍କୁ ପ୍ରାର୍ଥନା କରୁଛି । ସେହି ଶକ୍ତିମାନେ ମୋ'ର ତଳପେଟକୁ, ଦୁଇଜଙ୍ଘକୁ ଏବଂ ଦୁଇ ଆଣ୍ଠୁକୁ ଆକ୍ରମଣ କରୁଛନ୍ତି । ମୋତେ ଆପଣଙ୍କର ପ୍ରତିଶ୍ରୁତି ପରାମର୍ଶ ଦିଅନ୍ତୁ, ଯେପରିକି ମୁଁ ପୂର୍ଣ୍ଣ ଭାବରେ ସେମାନଙ୍କ ହାତରୁ ନିଷ୍କୃତି ପାଇପାରିବି, ମୁଁ ଏତିକି ପ୍ରାର୍ଥନା କରୁଛି ।

'oaob.nitrkl.ac.in' images reprocessed

ଏହି ପ୍ରତିକୂଳ ଶକ୍ତିମାନଙ୍କର ଯୌନ ବାସନା ସହିତ ସମ୍ପର୍କ ଅଛି । କାର୍ଯ୍ୟଟି କଲା ସମୟରେ ଯେଉଁ ଶକ୍ତିର ଅପଚୟ ହୋଇଥାଏ, ଏହି ଶକ୍ତିମାନେ ତାହାକୁ ଖାଇ ବଞ୍ଚିଥାନ୍ତି । ଏବଂ ଏପରିକି, କେବଳ ଏକ ଭାବନା, ଏକ ମନୋଗତ ଅଥବା ପ୍ରାଣିକ ବାସନାହିଁ ସେମାନଙ୍କୁ ଭିତରକୁ ଆସି ପରିବେଶ ମଧ୍ୟ ଆସନ ଦଖଲ କରି ରହିବା ଲାଗି ଯଥେଷ୍ଟ ହୋଇଥାଏ । ତେଣୁ, ସେହି ମନର ଭୂମିରେହିଁ ଶୁଦ୍ଧୀକରଣ ସମ୍ଭବ ହୋଇ ପାରିବା ଉଚିତ ।

ମୋର ଅନେକ ଆଶୀର୍ବାଦ ।

୧୬ ସେପ୍ଟେମ୍ବର ୧୯୬୦

*

ମାଆ, ମୁଁ ବେଳେବେଳେ ଗୋଟିଏ ବିଚିତ୍ର କଥା ଦେଖୁଛି । ମୁଁ ଏପରି ଏକ କ୍ଷେତ୍ର ଦେଖୁଛି, ଯେଉଁଠାକୁ କ ମଲା ମାଛିମାନେ ଯିବାରେ ଲାଗିଛନ୍ତି । ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ରହିଥିବା ପରି ବୋଧ ହେଉଛି । ମୁଁହିଁ ଏତେଗୁଡ଼ିଏ ମାଛିଙ୍କୁ ମାରୁଛି ବୋଲି ସେମାନେ ଅଭିଯୋଗ କରୁଛନ୍ତି ।

ଏସବୁ ଯାହା ତୁମେ ଦେଖୁଛ ଏଗୁଡ଼ିକ ହେଉଛି କଳ୍ପନା ଏବଂ ଭାବନାରେ ସୃଷ୍ଟିତ ପ୍ରତିରୂପ ଗୁଡ଼ିକରୁ ଏଗୁଡ଼ିକ ନିଷ୍ପନ୍ନ ହେଉଛନ୍ତି । ମାଛିମାନଙ୍କୁ କେନ୍ଦ୍ର କରି ଏତେ ବେଶୀ ଭାବପ୍ରବଣ ହୋଇ ପଡ଼ିବାର ଆଦୌ କୌଣସି କାରଣ ନାହିଁ । ଏହି ସବୁ ସତ୍ତା ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ଗଢ଼ା ହୋଇଛନ୍ତି ଏବଂ ସେମାନଙ୍କର ଏହି ପୃଥିବୀରୁ ଅନ୍ତର୍ହିତ ହୋଇଯିବାହିଁ ଉଚିତ ।

*

ଏହି ପୃଥିବୀ-ବ୍ୟବସ୍ଥାରେ ପତଙ୍ଗମାନଙ୍କର ସଂସାରକୁ ହୁଏତ ପ୍ରାଣିକ ଜଗତର ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ସୃଷ୍ଟ ହୋଇଥିବା ଏକ ସଂସାର ବୋଲି କୁହାଯାଇ ପାରିବ । ସେଗୁଡ଼ିକ ହେଉଛନ୍ତି ପ୍ରତିକୂଳ ତଥା ଅନେକ ସମୟରେ ପୈଶାଚିକ ହୋଇ ରହିଥିବା ଭାବନା ଏବଂ କଳ୍ପନାଗୁଡ଼ିକର ପରିଣାମ ; ସେମାନେ ମନୁଷ୍ୟ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇ ରହି ନଥାନ୍ତି, ମାତ୍ର ଦ୍ରବ୍ୟ କର୍ମ ଉଦ୍ଦେଶ୍ୟରେ ଅଭିପ୍ରେତ ହୋଇ ରହିଥାନ୍ତି । ଅନେକ ସମୟରେ ବେଶ୍ ଅହିତକର

'oaob.nitrkl.ac.in' images reprocessed

ପରି ଦେଖା ଯାଉଥିବା ଏକ ପତଙ୍ଗ ହୁଏତ ଏକ ମନ୍ଦ ଏବଂ ଅଦ୍ଭୁତ କାମନା କରୁଥିବା ଇଚ୍ଛାର ବାର୍ତ୍ତାବହ ହୋଇ ରହିଥାଏ ; ସେହି କ୍ଷେତ୍ରରେ ଆମକୁ ତାହା ସହିତ ଅତ୍ୟନ୍ତ କଠୋର ଭାବରେ ଆଚରଣ କରିବାକୁ ପଡ଼ିବ ।

ପ୍ରେମ ସବୁକିଛୁକୁ ସହ୍ୟ କରିପାରେ—ମାତ୍ର ପ୍ରକୃତ କ୍ରିୟାର କ୍ଷେତ୍ରରେ ଦିବ୍ୟ ପରମ ସତ୍ତା ପ୍ରକୃତରେ ବାଛନ୍ତି ଏବଂ ନିଷ୍ପତ୍ତି କରନ୍ତି । ତଥାପି, ତାଙ୍କର ଧ୍ୱଂସସାଧନର କ୍ରିୟାରେ ମଧ୍ୟ ଶୁଦ୍ଧ ପ୍ରେମହିଁ ଆଲୋକ ପରି ଚକ୍‌ଚକ୍ କରୁଥାଏ, ଉଦାତ୍ତ ପ୍ରେମହିଁ ଉଜ୍ଜ୍ୱଳ ହୋଇ ଜଳୁଥାଏ ।

୧୪ ଅକ୍ଟୋବର ୧୯୫୫

❋

ଯେତେବେଳେ ଯଥାର୍ଥ ମାର୍ଗରେ ପ୍ରତିକୂଳ ଶକ୍ତିଗୁଡ଼ିକର ସମ୍ମୁଖୀନ ହେବା ସମ୍ଭବ ହୁଏ, ସେତେବେଳେ ଯାବତୀୟ କୁତ୍ସିତ ଏବଂ ମିଥ୍ୟା କୁଆଡ଼େ ଅନ୍ତର୍ହିତ ହୋଇ ଯାଆନ୍ତି ଏବଂ, ଯାହା ସତ୍ୟ ଏବଂ ସୁନ୍ଦର, କେବଳ ତାହାରି ଲାଗି ଜାଗା ଛାଡ଼ିଦିଅନ୍ତି ।

❋

ଏବେ ଟିକିଏ ବ୍ୟାପାରରେ ଯେତେବେଳେ ତୁମର ଅହଂ ଅପ୍ରସନ୍ନ ହୋଇ ଯାଉଛି, ସେତେବେଳେ ଉଦ୍ଧତ ଏବଂ ଜିଦ୍‌ଖୋର କୌଣସି ଏକ ମନ୍ଦ ଭାବନା ଲାଗି ତୁମ ସତ୍ତାର ଦ୍ୱାରକୁ ଖୋଲି ଦେବାରେ ତାହା ଅଭ୍ୟସ୍ତ ହୋଇ ରହିଛି; ଯାହାକିଛି ପବିତ୍ର ଏବଂ ସୁନ୍ଦର, ସେହି ଅବିଶ୍ୱାସ କେବଳ ତାହାରି ଉପରକୁହିଁ କାଦୁଅ ଏବଂ ମଇଳା ଫିଙ୍ଗିବାରେ ସମସ୍ତ ଅତିବାହିତ କରୁଛି । ବିଶେଷତଃ ତୁମ ଆତ୍ମାର ଅଭୀପ୍ସା ଉପରେ ଏବଂ ଦିବ୍ୟ ପରମ ସତ୍ତାଙ୍କର କରୁଣାରୁ ଆସୁଥିବା ସହାୟତା ଉପରେ କାଦୁଅ ଏବଂ ମଇଳା ଫୋପାଡ଼ିବାରେ ଲାଗିଯାଉଛି ।

ଯଦି ଏହିପରି ଘଟିବା ଲାଗିହିଁ ବାଟ ଛାଡ଼ି ଦିଆଯାଏ, ତେବେ ପରିଣାମରେ କେବଳ ବିପର୍ଯ୍ୟୟ ଏବଂ ସର୍ବନାଶରହିଁ ସମ୍ମୁଖୀନ ହେବାକୁ ପଡ଼ିବ । ଏହାର ଅବସାନ ଘଟାଇବାକୁ କଠୋର ପଦକ୍ଷେପମାନ ଗ୍ରହଣ କରିବାକୁ ପଡ଼ିବ ଏବଂ ସେଥିଲାଗି ତୁମର ଆତ୍ମା ସେଥିରେ ସହଯୋଗ କରିବାର ଏକାନ୍ତ ଆବଶ୍ୟକତା ରହିଛି । ତୁମର ଆତ୍ମାକୁ ଜାଗ୍ରତ ହୋଇ ଉଠିବାକୁ ପଡ଼ିବ ଏବଂ ସାହସର ସହିତ



'oaob.nitrkl.ac.in' images reprocessed

ଏହି ମନ୍ଦ ଉପାଦାନ ଲାଗି ଦୁଆରକୁ ବନ୍ଦ ରଖି ଅହଂର ବିରୁଦ୍ଧରେ ଏହି ସଂଗ୍ରାମରେ ଯୋଗ ଦେବାକୁହିଁ ପଡ଼ିବ ।

୯ ଏପ୍ରିଲ ୧୯୫୮

*

ପ୍ରକୃତରେ, ସ୍ୱାଧୀନତା କହିଲେ କ'ଣ ବୁଝାଏ ? ତୁମର ଯାହା ମନ ହେବ, ଘରଆଡ଼େ ଧାଁଧପଡ଼ କରି ସେହିସବୁକୁ କରିବା ? ମାତ୍ର "ତୁମେ" କହିଲେ ପ୍ରକୃତରେ କ'ଣ ବୁଝାଉଛି, ତୁମେ ତାହା ଜାଣିଛ କି ? ତୁମର ଇଚ୍ଛା କହିଲେ ପ୍ରକୃତରେ କ'ଣ ବୁଝାଏ, ତୁମେ ଜାଣିଛ ? ପ୍ରକୃତରେ ତୁମ ଭିତରୁ କ'ଣ ଆସୁଛି ଓ ବାହାରୁ ଅନ୍ୟ ସ୍ଥାନମାନଙ୍କରୁ କ'ଣ ଆସୁଛି, ତୁମେ ସେକଥା ଜାଣିଛ କି ? ହଁ, ଯଦି ତୁମର ଏକ ଶକ୍ତିଶାଳୀ ଇଚ୍ଛାଶକ୍ତି ଥାଆନ୍ତା, ତେବେ ମୁଁ ତୁମକୁ କାର୍ଯ୍ୟ କରିବାକୁ ନିଶ୍ଚୟ ଅନୁମତି ଦେଇଥାନ୍ତି । ମାତ୍ର ଏହା ପ୍ରକୃତରେ ସେକଥା ନୁହେଁ ; କେବଳ ଆବେଗମାନେହିଁ ତୁମକୁ ଆନ୍ଦୋଳିତ କରିବାରେ ଲାଗିଛନ୍ତି ଏବଂ ସେଗୁଡ଼ିକ ମଧ୍ୟ ଆଦୌ ତୁମ ନିଜର ନୁହନ୍ତି । ସେମାନେ ବାହାରୁ ତୁମ ଭିତରକୁ ଆସନ୍ତି ଏବଂ ତୁମ ଦ୍ୱାରା ନାନା ନିର୍ବୋଧ କାର୍ଯ୍ୟ କରାଇବାରେ ଲାଗିଥାନ୍ତି । ତୁମେ ରାକ୍ଷସମାନଙ୍କ ହାତରେ ଯାଇ ପଡ଼ିଯାଇଥାଅ । ପ୍ରଥମେ ସେମାନେ ତୁମ ଦ୍ୱାରା ନାନା ନିର୍ବୋଧ କାର୍ଯ୍ୟ କରାଇ ନିଅନ୍ତି ଓ ତା'ପରେ ହସିବାରେ ଲାଗିଥାନ୍ତି । ଯଦି ତୁମ ପାଖରେ ଏକ ଦୃଢ଼ ଇଚ୍ଛାଶକ୍ତି ରହିଥାଏ, ଯଦି ତୁମର ଇଚ୍ଛାଶକ୍ତି ତୁମର ଆବେଗଗୁଡ଼ିକ ଏବଂ ଆଉ ସବୁକିଛି ଚୈତ୍ୟକୁ କେନ୍ଦ୍ର କରି ଅବସ୍ଥିତ ରହିଥାନ୍ତି, କେବଳ ସେତିକବେଳେ ଯାଇ ତୁମେ ମୁକ୍ତ ଓ ସ୍ୱାଧୀନତାର କିଞ୍ଚିତ୍ ପ୍ରକୃତ ସ୍ୱାଦ ଲାଭ କରିପାରିବ ; ତା' ନହେଲେ ତୁମେ ଏକ ଦାସ ହୋଇହିଁ ରହିଥିବ ।*

*

ଯଦି ତୁମେ ଦିବ୍ୟ ପରମ ସତ୍ତା ଏବଂ ତାଙ୍କର ଅଭିବ୍ୟକ୍ତି କରୁଥିବା ପରମ ଗୁରୁଙ୍କର ଏକ ବାଧ୍ୟ ଏବଂ ସମର୍ପିତ ଭୃତ୍ୟ ହୋଇ ରହିବାକୁ ମନା କରିବ, ତେବେ ତାହାର ଅର୍ଥ ହେଉଛି ଯେ ତୁମେ ଆପଣାର ଅହଂକାର, ଦମ୍ଭ ତଥା ନିଜର ଧୃଷ୍ଟ ମହତ୍ତ୍ୱ-ଆକାଂକ୍ଷାର ଦାସ ହୋଇ ରହିବାକୁ ଇଚ୍ଛା କରୁଛ ଏବଂ ତୁମକୁ ନିଜ ଅଧିକାର ମଧ୍ୟରେ — ସେମାନେ ଏଥିରେ ସର୍ବଦା ଯେ ଅସଫଳ ହୁଅନ୍ତି, ସେକଥା ଆଦୌ ନୁହେଁ, — ରଖିବାର ଉଦ୍ୟମ କରି ତୁମକୁ ନାନା ଚମତ୍କାର ଦୃଶ୍ୟ

ଦେଖାଇ ପ୍ରଲୁବ୍ଧ କରୁଥିବା ରାକ୍ଷସମାନଙ୍କ ହାତରେ ଏକ କ୍ରୀଡ଼ନକ ହୋଇ ରହିବାକୁହିଁ ଅଭିଳାଷ ରଖିଛ ।

ତୁମେ ଯଦି ବୁଝିଥାନ୍ତ ଏବଂ ଠିକ୍ ଭାବରେ ନିଜର ପ୍ରତିକ୍ରିୟାଗୁଡ଼ିକୁ ବ୍ୟକ୍ତ କରିଥାନ୍ତ, ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ମଧ୍ୟ ହୋଇ ଯାଇଥାନ୍ତ ଓ କେବଳ ଏହି ବିଶେଷ ଅସୁବିଧାଟିରୁ ନୁହେଁ, ମାତ୍ର ସମ୍ଭବତଃ ପ୍ରତିକୂଳ ଉପାଦାନଟିର ସମସ୍ତ ପ୍ରଭାବଟିରୁ ମଧ୍ୟ ମୁକ୍ତ ହୋଇ ପାରିଥାନ୍ତ, ମାତ୍ର ତୁମେ ବିଫଳ ହୋଇଗଲ ଏବଂ ତାହା ତୁମକୁ ଅଧିକାର କରିନେଲା । ସେହି କ୍ଷେତ୍ରରେ ମୋ'ଲାଗି କେବଳ ଗୋଟିଏ କଥା କରିବାହିଁ ବାକି ରହିଗଲା, — ତୁମ ଭିତରୁ ଅନୁପ୍ରବେଶକାରୀଙ୍କୁ ତଡ଼ି, ବାହାର କରିଦେବା ପାଇଁ ତୁମକୁ ସେହି ଶୁଦ୍ଧ ଆଲୋକ, ଶୁଦ୍ଧିକରଣର ସେହି ଶୁଭ୍ର ଅଗ୍ନି ଶିଖା ଦ୍ୱାରା ପ୍ଲାବିତ କରି ଦେବାହିଁ ମୋର ଏକମାତ୍ର କାର୍ଯ୍ୟ ହୋଇ ରହିଗଲା । ଏହାକୁ ତୁମେ ସମ୍ଭବତଃ ତୁମ ସହିତ ମୋର ସମ୍ବନ୍ଧ କଟିଗଲା ବୋଲି ଭ୍ରମ କଲ, ଆମ ଦୁହିଁଙ୍କ ମଧ୍ୟରେ ଏକ ବିଚ୍ଛିନ୍ନକାରୀ ପ୍ରାଚୀର ଠିଆ ହୋଇ ରହିଲା ବୋଲି ଭାବିଲ । ମାତ୍ର ପ୍ରକୃତରେ ସେପରି କିଛି ହୋଇ ନ ଥିଲା । ମୁଁ ତୁମ ଭିତରେହିଁ ରହିଥିଲି, ସବୁଦିନ ପରି ତୁମ ଭିତରକୁ ଭେଦ କରୁଥିଲି ; ମାତ୍ର, ଏହି ସର୍ବୋଚ୍ଚ ଶୁଦ୍ଧତାର ରୂପରେହିଁ ଏସବୁ କରୁଥିଲି । ଯାହାକିଛି ଅଦିବ୍ୟ ହୋଇ ରହିଥାଏ, ବା ତାହାର ଏପରିକି ଯାବତୀୟ ନିତ୍ୟନୈମିତ୍ତିକ ମାନୁଷୀ ଗତିଶୀଳତା ପାଖରେ ମଧ୍ୟ ସେହି ଆଲୋକ ଅତ୍ୟନ୍ତ ଅପରିଚିତ ହୋଇ ରହିଥାଏ ।

ପ୍ରତିକୂଳ ଉପାଦାନଟି କେବଳ ପ୍ରାଣ ସ୍ତରର ଆଦୌ ନୁହେଁ, ତାହା ମନର ସ୍ତରରେ ମଧ୍ୟ ରହିଥାଏ ଏବଂ ସଂପୂର୍ଣ୍ଣ ଯୁକ୍ତିସଙ୍ଗତ ବୋଲି ପ୍ରତୀତ ହେଉଥିବା ଏପରି କେତେକ ଆପାତ ସିଦ୍ଧାନ୍ତ ଦ୍ୱାରା ଆପଣାର ବାସନାକୁ ସମର୍ଥନ କରୁଥାଏ, ସେଇଁଗୁଡ଼ିକ କି ଅନମନୀୟତା ଦ୍ୱାରା ଅତ୍ୟନ୍ତ ଆକ୍ରମକ ଭାବରେ ନିର୍ବୋଧ ହୋଇ ରହିଥାନ୍ତି । ଯେତେବେଳେ ତୁମେ ଏଇଟି ଦ୍ୱାରା ଅଧିକୃତ ହୋଇ ରହିଥାଅ, ସେତେବେଳେ ତୁମ ପାଖରୁ ସକଳ ସାଧାରଣ ବୋଧସାମର୍ଥ୍ୟ ଏବଂ ଏକାବେଳେକେ ପ୍ରାଥମିକ ସ୍ତରର ବୁଝିବାଶକ୍ତି ମଧ୍ୟ ହଜି ଯାଇଥିବା ପରି ମନେ ହୋଇଥାଏ ।

ତେଣୁ, ଆଦୌ କୌଣସି ପ୍ରଚୀର ନାହିଁ — କେବଳ ଶୁଦ୍ଧ ଆଲୋକହିଁ ରହିଛି, — ସେହି ଶୁଦ୍ଧିକରଣର ଶୁଭ୍ର ଶିଖା ବାହାରୁ ଭିତରକୁ ଓ ଭିତରୁ ବାହାରକୁ ତୁମକୁ ଭେଦ କରିବାରେହିଁ ଲାଗିଛି ।

'oaob.nitrkl.ac.in' images reprocessed

ବର୍ତ୍ତମାନ ଯାହାକିଛି ଘଟିଛି, ମୁଁ ତୁମକୁ ସେ ବିଷୟରେ କହିପାରିବି ଏବଂ ଆଶାକରୁଛି ଯେ ତୁମେ ଏଥର ମୋତେ ଠିକ୍ ଭାବରେ ବୁଝିବ।

※

(ଜଣେ ସାଧକଙ୍କର ଆକସ୍ମିକ ଦୁର୍ଘଟଣା ବିଷୟରେ)

ମୁଁ ଯାହା କହିଥିଲି, ଏଇଟି ହେଉଛି ତା'ର ଏକ ଦୁଃଖପୂର୍ଣ୍ଣ ଅଥଚ ଏକ ସ୍ପଷ୍ଟ ଦୃଷ୍ଟାନ୍ତ।

ଏଇଟି ଏକ ଅତି ସ୍ପଷ୍ଟ ଘଟଣା। କୌଣସି ଏକ ଅହଙ୍କାର ପ୍ରଣୋଦିତ କାରଣରୁ ସେ ଯେତିକ ପାରିଥାନ୍ତେ, ତା'ଠାରୁ ଅଧିକ କରିବା ଲାଗି ଉଦ୍ୟମ କରିଥିଲେ।

ଯଦି ଏହି ଦର୍ପଟି ଅତ୍ୟନୁକୂଳ ହୋଇଥାନ୍ତା, ତେବେ ସେ ହୁଏତ ସଫଳ ହୋଇ ଯାଇଥାନ୍ତେ।

ମାତ୍ର ଏ ଦର୍ପଟି ଏକ ସାଧାରଣ ବା ନିରପେକ୍ଷ ଦର୍ପ ହୋଇଥିବାରୁ ସିଏ ଆପଣା ଲାଗି ତଥା ଅନ୍ୟମାନଙ୍କ ଲାଗି ମନ୍ଦ ପରିଣାମ ଘଟାଇବା ବ୍ୟତୀତ କଦାପି ସଫଳତା ଲାଭ କରି ନ ଥାନ୍ତେ।

ଏହି ଦର୍ପଟି ଅତ୍ୟନ୍ତ ବିପଜ୍ଜନକ ଭାବରେ ମନ୍ଦ ହୋଇଥିବାରୁ ତାହାର ମନ୍ଦ ପରିଣାମଟିକୁ ପୂର୍ଣ୍ଣରୂପେ ଭୋଗିବାକୁ ପଡ଼ିଲା। ବର୍ତ୍ତମାନ, ଏହି ପରିସ୍ଥିତିରେ ସର୍ବୋତ୍ତମ ଭାବରେ ଯେତିକ କରିହେବ, ମୁଁ କେବଳ ସେତିକ କରି ପାରିବି। ମାତ୍ର ଏହା ପ୍ରକୃତରେ ଏକ ବୃହତ୍ତ ଯୁଦ୍ଧରେହିଁ ପରିଣତ ହୋଇଗଲା।

ମୁଁ କହିଲାବେଳେ ପ୍ରକୃତରେ ଏହି ଅର୍ଥରେ ସେକଥାଟି କହିଥିଲି, ମାତ୍ର, "ସାବଧାନ ଥିବ" ବୋଲି କହି ମୁଁ କ'ଣ କହିବାକୁ ଚାହୁଁଥିଲି, ସେକଥାକୁ ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତି ବୁଝିଥିଲେ। ମୁଁ ଏହି ଅର୍ଥରେ ସେପରି କହିଥିଲି: "ତୁମେ ଖୁବ୍ ବେଶୀ ଯେତିକ ପାରିବ କେବଳ ସେତିକ କରିବ ଏବଂ ଯଥାସମ୍ଭବ ଆଦୌ କୌଣସି ଆତ୍ମିକ ପ୍ରମାଦ ଘଟାଇବ ନାହିଁ।" ମାତ୍ର, ସେମାନେ ଏହାର ଠିକ୍ ବିପରୀତ ବୁଝିଲେ, ଭୟ କରିବାକୁ ଆରମ୍ଭ କଲେ ଏବଂ କେବଳ ସେତିକକୁହିଁ ଏକ ସାଂଘାତିକ ଆତ୍ମିକ ପ୍ରମାଦ ବୋଲି ବୁଝାଯାଇ ପାରିବ। ଅଧିକ ସତର୍କ ଏବଂ ଅଧିକ ବିଶ୍ୱାସଯୁକ୍ତ ହେବା ପରିବର୍ତ୍ତେ ସେମାନଙ୍କ ମଧ୍ୟରୁ ଅଧିକାଂଶ ସଙ୍ଗେ ସଙ୍ଗେ

'oaob.nitrkl.ac.in' images reprocessed

ପ୍ରତିକୂଳ ପ୍ରସ୍ତାବନାଗୁଡ଼ିକ ଲାଗି ଦ୍ୱାରକୁ ଉନ୍ମୁକ୍ତ କରିଦେଲେ ଏବଂ ପରିସ୍ଥିତିଟିକୁ ଅଧିକ ପରିମାଣରେ ବିଗାଡ଼ି ଦେଲେ । ଏପରିକି କେତେକ ବ୍ୟକ୍ତି ମୁଁ ସେପରି କାହିଁକି କହିଲି ବୋଲି ମୋତେ ଦୋଷ ମଧ୍ୟ ଦେଲେ । ସେମାନେ ବୁଝିଲେ ନାହିଁ ଯେ, ଯଦି ମୁଁ ଏହି ସ୍ଥାନର ବ୍ୟକ୍ତିମାନଙ୍କୁ ସତର୍କ କରିଦେଇ ନ ପାରେ ଏବଂ ଉଚିତ ଦୃଷ୍ଟିକୋଣରେ ଦୃଢ଼ ହୋଇ ରହିବା ଲାଗି ସେମାନଙ୍କୁ ପରାମର୍ଶ ନ ଦିଏ, ତେବେ ତାହାର ଅର୍ଥ ହେବ ଯେ ସେମାନେ ଆଦୌ ପ୍ରକୃତ ସାଧକ ନୁହନ୍ତି ଏବଂ ସେମାନଙ୍କର ଦୃଷ୍ଟିକୋଣରେ ଆଦୌ କୌଣସି ସାଧୁତା ନାହିଁ ।

ନିଜକୁ ଆହୁରି ଟିକିଏ ସ୍ପଷ୍ଟ କରିଦେବା ଉଦ୍ଦେଶ୍ୟରେ, ମୁଁ ଯାହା କହିବାକୁ ଇଚ୍ଛା କରିଥିଲି, ତାହାକୁ ପୁଣିଥରେ କହିଦେଉଛି : ଏବର୍ଷ ପରି ଗୋଟିଏ ବର୍ଷରେ, ଯେତେବେଳେ କି ପ୍ରତିକୂଳ ଶକ୍ତିଗୁଡ଼ିକ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟକୁ ପ୍ରୟୋଗ କରି ଆକ୍ରମଣ କରିବାଲାଗି ଠିକ୍ କରିଛନ୍ତି, ସେତେବେଳେ ଦିବ୍ୟ ପରମ ଉପଲବ୍ଧି ନିମନ୍ତେ ସଂଗ୍ରାମ କରିବାକୁ ଠିକ୍ କରିଥିବା ସକଳ ବ୍ୟକ୍ତିଙ୍କର କର୍ତ୍ତବ୍ୟ ହେଉଛି ଯେ, ସେମାନେ ସକଳ ପ୍ରକାର ଭୟକୁ ଏଡ଼ି ରହିବାକୁ ସକଳ ପ୍ରକାର ଯତ୍ନ ଅବଶ୍ୟ କରିବେ ।

ଯେତେବେଳେ ବର୍ଷର ଆରମ୍ଭରେ ମୁଁ ଏକଥା କହିଥିଲି, ସେତେବେଳେ ମୁଁ ବିଶେଷ ଭାବରେ ସତର୍କ ହୋଇ ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲି; କାରଣ, ଯେତେବେଳେ କାଳ ଅନୁକୂଳ ନ ଥାଏ, ସେତେବେଳେ ଜଣେ ବ୍ୟକ୍ତି ଯାହାକିଛି ଭୁଲ କରେ, ତାହାର ପୂର୍ଣ୍ଣ ପରିଣାମଟିକୁ ତାକୁ ସଙ୍ଗେସଙ୍ଗେ ଭୋଗ କରିବାକୁ ହୁଏ ; କାରଣ, ପରମ କରୁଣାର କ୍ରିୟା ସେତେବେଳେ ପ୍ରତିକୂଳ ଆକ୍ରମଣର ତୀବ୍ରତା ଦ୍ୱାରା ବାଧାପ୍ରାପ୍ତ ହୋଇ ରହିଥାଏ । ସେତେବେଳେ ତୁମର ବିଶ୍ୱାସ ଅଧିକ ସମ୍ପୂର୍ଣ୍ଣ ହୋଇ ରହିବା ଉଚିତ, ସତର୍କତା ଅଧିକ ଅବିଚ୍ଛିନ୍ନ ହୋଇ ରହିବା ଦରକାର ଏବଂ ଦିବ୍ୟ ପରମ ସତ୍ତାଙ୍କ ଉପରେ ରହିଥିବା ଆସ୍ଥା ମଧ୍ୟ ଅଧିକ ଅବିଚଳିତ ହୋଇ ରହିପାରିବା ଦରକାର ।

୧୯୫୫

*

ତୁମର ଊର୍ଦ୍ଧ୍ୱ ଆଡକୁ ଉନ୍ମୋଚିତ ହୋଇପାରିବା ବିଷୟରେ — କିଛି ଭୟ କର ନାହିଁ; ଏହା ସମ୍ପୂର୍ଣ୍ଣ ଭାବରେ ତୁମର ଆନ୍ତରିକତା ଉପରେହିଁ ନିର୍ଭର କରିବ । ଯଦି ତୁମେ କେବଳ ସେହି ଦିବ୍ୟ ପରମ ସତ୍ତାଙ୍କ ଲାଗିହିଁ ବାଞ୍ଛା ରଖିଥିବ ଓ ଏହା ପଛରେ ତୁମର ଆଦୌ କୌଣସି ବ୍ୟକ୍ତିଗତ ସୁଯୋଗଲାଭର କାମନା ନ ଥିବ,

'oaob.nitrkl.ac.in' images reprocessed

ତେବେ କେବଳ ସେହି ଦିବ୍ୟ ପରମ ସତ୍ତାହିଁ ତୁମ ଆବାହନର ଉତ୍ତର ଦେବେ । ଯେତେବେଳେ ଅଭିପ୍ରାୟଟି ଅହଂକେନ୍ଦ୍ରିକ ହୋଇ ରହିଥିବ, କେବଳ ସେତିକି-ବେଳେ ଯାଇ ପ୍ରତିକୂଳ କୌଣସି ଉତ୍ତର କୌଣସି ବିପଦ ଘଟାଇ ପାରିବ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

୫ ସେପ୍ଟେମ୍ବର ୧୯୬୪

*

କାଲି ରାତିରେ ଭୋର ତିନଟା ସମୟରେ, ବଡ଼ କ୍ଲାନ୍ତ ଏବଂ ନିଦ୍ରାଚ୍ଛନ୍ନ ଅବସ୍ଥାରେ ମୁଁ ଆପଣଙ୍କୁ ଡାକିଲି । ତାହାର କେତେକ୍ଷଣ ଉତ୍ତାରେ, ମୁଁ ତିନଥର ଅନୁଭବ କରିଥିଲି, ମୋତେ ଯେପରି କୌଣସି ପ୍ରବଳ ଶକ୍ତି ଚଳତ୍‌ଶକ୍ତିରହିତ କରି ପକାଉଛି ଏବଂ ମୋତେ ଅଚେତନା ମଧ୍ୟରେ ନେଇ ପକାଇ ଦେବାକୁ ଚେଷ୍ଟା କରୁଛି । ମୁଁ ତାହା ବିରୁଦ୍ଧରେ କଠିନ ସଂଗ୍ରାମ କଲି, କାରଣ ତାହାକୁ ମୁଁ ଏକ ପ୍ରତିକୂଳ ଶକ୍ତିରୂପେ ଅନୁଭବ କରୁଥିଲି ଯିଏକି ମୋର ସୂକ୍ଷ୍ମ ଶରୀରକୁ ନେଇ ପଳାଇ ଯିବାକୁ ଇଚ୍ଛା କରୁଥିଲା । ତୃତୀୟ ଥର, — ସେତେ-ବେଳେ ମୋର ଗୋଟିଏ ଆଖି ଖୋଲା ଥିଲା;—ମୁଁ ଜଣେ ଦୀର୍ଘାକୃତି ମନୁଷ୍ୟର ଗାଢ଼ ନୀଳରଙ୍ଗୀ ପୋଷାକର କିୟଦଂଶ ଦେଖିବାକୁ ପାଇଲି । ସେହି ଲୋକଟି ମୋତେ ନେଇଯିବ ବୋଲି ଅପେକ୍ଷା କରି ରହିଥିଲା । ମୋର ମନେହେଲା, ସତେଯେପରି 'କ'ଙ୍କର ଏକ ପ୍ରସର୍ଜକ ତା'ର କଡ଼କୁ ଛୁଡ଼ା ହୋଇ ରହିଥିଲା ।

ମା ଆ, ଏପରି କିପରି ଘଟିଲା ଯେ, ଆପଣଙ୍କୁ ଡାକିବା ପରେ ମଧ୍ୟ ମୁଁ ଏହିପରି ଏକ ଅନୁଭୂତି ଲାଭ କଲି ?

ନିଜକୁ ଏକାବେଳେକେ ଏକାଧିକ ଗୂଢ଼ ଶକ୍ତିର ପ୍ରଭାବାଧୀନ କରି ରଖିଥିଲେ ଏହି ଦୁର୍ଯୋଗଟି ମିଳିଥାଏ ।

'oaob.nitrkl.ac.in' images reprocessed

ଅତୀତରେ କୌଣସି କାରଣ ବଶତଃ ଜଣେ ବ୍ୟକ୍ତିକୁ ଜଣେ ଆଧ୍ୟାତ୍ମିକ ଗୁରୁଙ୍କୁ ବାଛିନେବାକୁ ପରାମର୍ଶ ଦିଆଯାଇଥିଲା ଏବଂ ସିଏ ଯେପରି ଅନ୍ୟ କୌଣସି ଗୁରୁଙ୍କ ସହିତ ସାକ୍ଷାତ୍ କରିବାକୁ ନ ଯାଆନ୍ତି, ତାଙ୍କୁ ସେଥିଲାଗି ଖୁବ୍ ସାବଧାନ କରି ଦିଆଯାଇଥିଲା; ତାଙ୍କୁ ପ୍ରଭାବଗୁଡ଼ିକର ଏକ ମିଶ୍ରଣକୁ ଏଡ଼ାଇବାକୁ କୁହାଯାଉଥିଲା କାରଣ ତଦ୍ଦ୍ୱାରା ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ହୋଇଥାଏ। ଅଜ୍ଞାନରୁ ପ୍ରସୂତ ହେଉଥିବା ତଥାକଥିତ ଆଧୁନିକ ଜ୍ଞାନକୁଶଳତା ଯାବତୀୟ ପ୍ରକାରର ପ୍ରଭାବ ଲାଗି ଉନ୍ମୁକ୍ତ ହୋଇ ରହିଥାଏ। ସେହି ପ୍ରଭାବମାନେ ଅନେକ ସମୟରେ ପରସ୍ପର ବିରୋଧୀ ହୋଇ ରହିଥାନ୍ତି ଏବଂ ଫଳରେ ବିରାଟ ବିଭ୍ରାନ୍ତି ମଧ୍ୟରେ ଯାଇ ପଡ଼ିବାକୁ ହୋଇଥାଏ।

ବର୍ତ୍ତମାନ କେବଳ ଗୋଟିଏ ମାତ୍ର ସମାଧାନ ରହିଛି : ତୁମକୁ ସକଳ ମାନୁଷୀ ରୂପକଳ୍ପନାକୁ ଡେଇଁ ଆଗକୁ ଚାଲିଯିବାକୁ ପଡ଼ିବ ଏବଂ ତୁମର ଯଥାସମ୍ଭବ ଅଧିକ ସାମର୍ଥ୍ୟ ସହିତ ସିଧା କେବଳ ସେହି ସର୍ବୋଚ୍ଚ ପ୍ରଭୁଙ୍କର ନିକଟବର୍ତ୍ତୀ ହେବାକୁ ପଡ଼ିବ ଏବଂ,······ ପରିଣାମ ସକାଶେ ଅପେକ୍ଷା କରିବାକୁ ହେବ।

ଅନେକ ଆଶୀର୍ବାଦ।

୨୫ ମାର୍ଚ୍ଚ ୧୯୭୦

[illegible] ଓଡ଼ିଶା
[illegible] ନଂ

'oaob.nitrkl.ac.in' images reprocessed

# ଧର୍ମ ଓ ଗୂଢ଼ବିଦ୍ୟା

## ଧର୍ମ

ପରମେଶ୍ୱର ତାଙ୍କର ସମଗ୍ର ସୃଷ୍ଟି ଲାଗିହିଁ ଆପଣାକୁ ଦାନ କରିଛନ୍ତି ; ତାଙ୍କର କରୁଣା କୌଣସି ଗୋଟିଏ ଧର୍ମର ଆଦୌ ଏକଚାଟିଆ ସମ୍ପତ୍ତି ହୋଇ ରହି ନାହିଁ ।

❋

ମଣିଷଙ୍କୁ ପରସ୍ପରଠାରୁ ଅଲଗା କରି ରଖିବା ପରିବର୍ତ୍ତେ ଧର୍ମସବୁ ପରସ୍ପରର ପରିପୂରକ ହୋଇ ରହିବା ଉଚିତ ।

❋

ଆରାଧନା, ଭକ୍ତି ଏବଂ ଉତ୍ସର୍ଗ ଭାବନା ପ୍ରଭୃତି ଯେଉଁସବୁ ଧର୍ମାନୁଭୂତିମାନ ରହିଛି, ଆଧ୍ୟାତ୍ମିକ ଦୃଷ୍ଟି ତାହାର ଆଦୌ ବିପରୀତ ନୁହେଁ । ମାତ୍ର ଧର୍ମଗୁଡ଼ିକ ଭିତରେ ଯାହାସବୁ ଅନୁଚିତ ହୋଇ ପ୍ରବେଶ କରିଛି, ସେଗୁଡ଼ିକ ହେଉଛି ଯେ, ସେହି କ୍ଷେତ୍ରରେ ମନ କେବଳ ଗୋଟିଏ ସୂତ୍ରକୁହିଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରିନେଇ ତାହାରି ଭିତରେ ଲାଗି ରହିଯାଇଛି । ଆମକୁ ସର୍ବଦା ସ୍ମରଣ ରଖିବାକୁ ହେବ ଯେ ସୂତ୍ର ମାତ୍ରକେ କେବଳ ମନର ସ୍ତରରେହିଁ ସତ୍ୟକୁ ବ୍ୟକ୍ତ କରିବା ଲାଗି ଏକ ପ୍ରୟାସ କରିଥାନ୍ତି ଏବଂ ସେହି ସତ୍ୟକୁ ସର୍ବଦା ଅନ୍ୟ ଅନେକ ମାର୍ଗରେ ମଧ୍ୟ ଅବଶ୍ୟ ଅଭିବ୍ୟକ୍ତ କରାଯାଇ ପାରିବ ।

୬ ଡିସେମ୍ବର ୧୯୬୪

❋

ଶ୍ରୀଅରବିନ୍ଦଙ୍କଠାରେ ରହିଥିବା ତୁମର ବିଶ୍ୱାସକୁ ତୁମେ ଏପରି କେତୋଟି ନିର୍ଦ୍ଦିଷ୍ଟ ଶବ୍ଦ ଦେଇ ବ୍ୟକ୍ତ କରୁଛ, ଯେଉଁଗୁଡ଼ିକ କି ତୁମ ପାଇଁ ସେହି ବିଶ୍ୱାସର ସର୍ବୋତ୍ତମ ଅଭିବ୍ୟକ୍ତି ବୋଲି ପ୍ରତୀତ ହେଉଛନ୍ତି । ଏଥିରେ ଆଦୌ କୌଣସି

'oaob.nitrkl.ac.in' images reprocessed

ବାଧା ନାହିଁ । ମାତ୍ର ଯଦି ଠିକ୍ ଏହି ଶବ୍ଦଗୁଡ଼ିକୁହିଁ ତୁମେ ଶ୍ରୀଅରବିନ୍ଦ ପ୍ରକୃତରେ ଯାହା ତାହାକୁ ପ୍ରକଟ କରିପାରିବାର ଏକମାତ୍ର ନିର୍ଭୁଲ ଶବ୍ଦସମୂହ ବୋଲି ତୁମ ନିଜ ଭିତରେ ଦୃଢ଼ତାର ସହିତ ମାନି ନେଇଥିବ, ତେବେ ତୁମେ ତଦ୍ୱାରା କେବଳ ସୈଦ୍ଧାନ୍ତିକ ହୋଇପଡ଼ିବ ଏବଂ ସେଥିରୁ ଗୋଟିଏ ଧର୍ମ ଗଠନ କରି ରଖିଦେବାକୁ ପ୍ରସ୍ତୁତ ମଧ୍ୟ ହୋଇଯିବ ।

୫ ମାର୍ଚ୍ଚ ୧୯୬୫

ଏକ କଠୋର, କର୍କଶ କଣ୍ଠରେ :

"ମହାଶୟା, ଆପଣ ଆପଣଙ୍କ ଶବ୍ଦକୁ ନେଇ ବାଜି ରଖିବାକୁ ଚାହୁଁଛନ୍ତି ।"

ଅତ୍ୟନ୍ତ ଶାନ୍ତ ଭାବରେ :

"ମହାଶୟ, ମୋତେ ସେକଥା ଜଣାଅଛି । ଏବଂ ଯେତେବେଳେ ମୁଁ କୌଣସି ପ୍ରତିଜ୍ଞା କରେ, ସେହି ପ୍ରତିଜ୍ଞାକୁ ରକ୍ଷା ମଧ୍ୟ କରେ । ମାତ୍ର, ମୋ' ଲାଗି ଏହିସବୁ ବସ୍ତୁର ଖୁବ୍ ବେଶୀ ମହତ୍ତ୍ୱ ନ ଥାଏ । କୌଣସି ଧର୍ମ ପ୍ରତି ମୋର ଆଦୌ କୌଣସି ମୋହ ନାହିଁ, କୌଣସି ଘୃଣା ମଧ୍ୟ ନାହିଁ । ମୁଁ ଧର୍ମଗୁଡ଼ିକୁ ଆଧ୍ୟାତ୍ମିକ ଜୀବନର କେତେକ ବାହ୍ୟ ଆକାର ରୂପେ ଦେଖିଥାଏ, ସେଗୁଡ଼ିକରେ ମାନୁଷୀ ପ୍ରବୃତ୍ତିମାନ ଅତିରିକ୍ତ ପରିମାଣରେ ପ୍ରବେଶ କରି ରହିଥାଏ । ପ୍ରତ୍ୟେକ ଧର୍ମ ସେହି ଏକ ଓ ଶାଶ୍ୱତ ପରମ ସତ୍ୟରହିଁ କୌଣସି ଗୋଟିଏ ବିଭାବକୁ ବ୍ୟକ୍ତ କରୁଥାଏ ; ମାତ୍ର ସେହି ଅଭିବ୍ୟକ୍ତିର ପ୍ରତିଯୋଗିତାରେ ଅନ୍ୟ ବିଭାବଗୁଡ଼ିକୁ ବହିର୍ଭୂତ କରି ରଖିଦେବା ଦ୍ୱାରା ତାହା ନିଜଟିକୁ ମଧ୍ୟ ବିକୃତ ଏବଂ କ୍ଷୀଣବଳ କରିପକାଏ । କୌଣସି ଗୋଟିଏ ଧର୍ମର ନିଜକୁ ଏକମାତ୍ର ଯଥାର୍ଥ ବିଭାବ ବୋଲି ଦାବି କରିବାର କୌଣସି ଅଧିକାରହିଁ ନାହିଁ ; ଅନ୍ୟ ବିଭାବଗୁଡ଼ିକ ମଧ୍ୟରେ ଯେଉଁ ସତ୍ୟ ନିହିତ ହୋଇ ରହିଛି, ତା'ର ଯେପରି ସେଇଟିକୁ ଅସ୍ୱୀକାର କରିବାର ଅଧିକାର ନାହିଁ, ଠିକ୍ ସେହିପରି । ଏବଂ ସେହି ଧର୍ମମାନେ ଏକାଠି ମିଶିଗଲେ ମଧ୍ୟ ତଥାପି ସର୍ବୋଚ୍ଚ ପରମ ସତ୍ୟକୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତ କରିବା ଲାଗି କଦାପି ଯଥେଷ୍ଟ ହେବେ ନାହିଁ । ସର୍ବୋଚ୍ଚ ପରମ ସତ୍ୟ ଏହି ପ୍ରତ୍ୟେକଟିରେ ଅବସ୍ଥିତ ରହିଛି ସତ, ମାତ୍ର ତାହା ଯାବତୀୟ ଅଭିବ୍ୟକ୍ତିର ଅତୀତ ହୋଇରହିଛି ।"

ଏକ ଶୁଷ୍କ ଧ୍ୱନିମୁଦ୍ରାରେ :

"ମୁଁ ଅତ୍ୟନ୍ତ ଦୁଃଖିତ ଆଜ୍ଞା, ମାତ୍ର ଏହି କ୍ଷେତ୍ରରେ ମୁଁ ଆପଣଙ୍କର ମତକୁ ଆଦୌ ଗ୍ରହଣ କରି ପାରିବି ନାହିଁ ।"

'oaob.nitrkl.ac.in' images reprocessed

ଈଷତ୍ ହସି ଓ ଶାନ୍ତ ଭାବରେ :

"ମୁଁ ସେକଥା ଉତ୍ତମ ଭାବରେ ଜାଣିଛି; ମୁଁ ଯେଉଁଭଳି ଏକ ପ୍ରତିଶ୍ରୁତ ଢଏ ବୋଲି ଆପଣ ଯେଉଁ ଦାବି କରୁଥିଲେ, ମୁଁ ଯଥେଷ୍ଟ ଗମ୍ଭୀର ଭାବରେ କାହିଁକି ତାହାର ଉତ୍ତର ଦେଲି ନାହିଁ, ଆପଣଙ୍କୁ କେବଳ ସେହି କଥା ବୁଝାଇ କହିଦେବାକୁହିଁ ମୁଁ ଏସବୁ କଥା କହିଲି ।"

✽

ଲୋକେ କାହିଁକି ପୂଜା କରିବାକୁ ଇଚ୍ଛା କରୁଥାନ୍ତି ?

ପୂଜା କରିବା ଅପେକ୍ଷା ଉତ୍ତରୋତ୍ତର କିଛି ହେବା ଅଧିକ ଭଲ ।

ଆମେ ବଦଳିବାକୁ ଅମଙ୍ଗ ହେଉଥାଉ ବୋଲି ପୂଜା କରିବାକୁ ମନ କରୁ ।

୨୪ ଜୁନ୍ ୧୯୬୯

✽

ଆମେ ପରିବର୍ତ୍ତନ ଲାଗି ନିଜକୁ ଉନ୍ମୁକ୍ତ ରଖିଥିବା, ଏହି ସର୍ତ୍ତରେହିଁ ହୁଏତ ଆମେ ନିଜକୁ ପୂଜା କରିବାରୁ ନିବୃତ୍ତ କରି ରଖି ପାରିବା । କାରଣ, ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ବଦଳିବାକୁ ଚାହାନ୍ତି ନାହିଁ କିଂବା ପୂଜା କରିବାକୁ ମଧ୍ୟ ଚାହାନ୍ତି ନାହିଁ ।

ଜୁନ୍ ୧୯୬୯

✽

ଧର୍ମଗୁଡ଼ିକ ପ୍ରତି ଯେଉଁଭଳି ଦୃଷ୍ଟିକୋଣ ରହିବା ଉଚିତ :

ସକଳ ଉପାସକଙ୍କ ପ୍ରତି ଏକ ଉଦାର ସଦିଚ୍ଛା ।

ସକଳ ଧର୍ମଗୁଡ଼ିକ ପ୍ରତି ଏକ ସନ୍ଦୀପନଯୁକ୍ତ ଉଦାସୀନତା ।

ଏକ ଏବଂ ଅଦ୍ୱିତୀୟ ପରମସତ୍ୟକୁ ଯାବତୀୟ ଧର୍ମ କେବଳ ଆଂଶିକଭାବରେ ଏକ ପ୍ରାପ୍ତ ସତ୍ୟ ରୂପେ କଳ୍ପନା କରି ପାରୁଛନ୍ତି । ପରମ ସତ୍ୟ ସେମାନଙ୍କର ଅନେକ ଊର୍ଦ୍ଧ୍ୱରେ ଅବସ୍ଥିତ ରହିଛି ।

ଏପ୍ରିଲ୍ ୧୯୬୯

✽

'oaob.nitrkl.ac.in' images reprocessed

ସବୁ ଉପାସକଙ୍କ ପ୍ରତି ଏକ ଉଦାର ସଦିଚ୍ଛା ।

ସବୁ ଧର୍ମପ୍ରତି ଏକ ସନ୍ଦୀପନଯୁକ୍ତ ଉଦାସୀନତା ।

ଅଧିମାନସ ସତ୍ତ୍ୱମାନଙ୍କ ସହିତ ସମ୍ବନ୍ଧ ରଖିବା ବିଷୟରେ କହିବାକୁ ଗଲେ, ଯଦି ଏହିସବୁ ସମ୍ବନ୍ଧ ପୂର୍ବରୁ ସ୍ଥାପିତ ହୋଇ ରହିଥାଏ, ତେବେ ପ୍ରତ୍ୟେକ କ୍ଷେତ୍ରରେହିଁ ତାହାର ନିଜ ସମାଧାନଟିକୁ ବାହାର କରିବାକୁ ହେବ ।

*

ଲୋକମାନେ ଧର୍ମ ଭିତରେ ଲାଗି ରହନ୍ତି କାହିଁକି ?

ଧର୍ମଗୁଡ଼ିକ ଗୋଟିଏ ଗୋଟିଏ ମତ ବା ସିଦ୍ଧାନ୍ତ ଉପରେ ଆଧାରିତ ହୋଇ ରହିଥାନ୍ତି । ସେହି ସ୍ତରକୁ ନେଇ ଆସିଲେ ତାହାକୁ ବୁଝିବା ଅପେକ୍ଷାକୃତ ଅଧିକ ସହଜ ହୋଇଯିବ, ଅଧ୍ୟାତ୍ମ ଅନୁଭୂତିଗୁଡ଼ିକୁ ସେହି ସ୍ତରକୁ ଖସାଇ ଆଣିଲେ ସେଇଠାରୁ ମତ ଓ ସିଦ୍ଧାନ୍ତମାନେ ତିଆରି ହୋଇଥାନ୍ତି । ମାତ୍ର ତଦ୍ଦ୍ୱାରା ସେହି ଅନୁଭୂତିଗୁଡ଼ିକର ଅନ୍ତର୍ଗତ ଶୁଦ୍ଧତା ଏବଂ ସତ୍ୟ ପ୍ରକୃତରେ ନଷ୍ଟହିଁ ହୋଇଯାଏ ।

ଧର୍ମଗୁଡ଼ିକର ବେଳ ଶେଷ ହୋଇ ଆସିଲାଣି ।

ବର୍ତ୍ତମାନ ଆମେ ବିଶ୍ୱଗତ ଆଧ୍ୟାତ୍ମିକତାର ଯୁଗ ମଧ୍ୟରେ, ନିଜର ସମ୍ପୂର୍ଣ୍ଣ ଶୁଦ୍ଧତାକୁ ରଖି ପାରୁଥିବା ଆଧ୍ୟାତ୍ମିକ ଅନୁଭୂତିର ଯୁଗରେ ଆସି ପ୍ରବିଷ୍ଟ ହୋଇଛୁ ।

*

("ନୂତନ ଯୁଗରେ ଧର୍ମ" ଶୀର୍ଷକ ଥିବା ଏକ ଲେଖା ବିଷୟରେ)

ମୁଁ ସେହି ଲେଖାଟିକୁ ପଢ଼ିଛି । ସେଇଟି ବେଶ୍ ଭଲ ହୋଇଛି । ମୁଁ ସେଥିରେ କେବଳ ଗୋଟିଏ ପରିବର୍ତ୍ତନ କରିଦେଇଛି—ଶେଷ ପୃଷ୍ଠାରେ, ଯେଉଁଠି ତୁମେ "ଯେହେତୁ ଏହି ଯୁଗ ପରମେଶ୍ୱରଙ୍କ ଯୁଗ ହେବାକୁ ଯାଉଛି" ବୋଲି ଲେଖିଛ (ପରମେଶ୍ୱର କହିବା ଦ୍ୱାରା ମଧ୍ୟ ଖୁବ୍ ଧର୍ମୀୟ ପରି ମନେ ହେଉଛି), ମୁଁ ତାହାକୁ କାଟି "ପରମ ଅଦ୍ୱିତୀୟଙ୍କର" ବୋଲି ଲେଖିଦେଇଛି, କାରଣ ଏହା ପ୍ରକୃତରେ ସେହି ପରମ ଏକତ୍ୱରହିଁ ଯୁଗ ହେବାକୁ ଯାଉଛି ।

*

'oaob.nitrkl.ac.in' images reprocessed

'ଆର୍ଟ ହୋମ୍'ରେ ତୁମେ ଏହି ଅଭ୍ୟାସଟିକୁ ଅବିଚ୍ଛିନ୍ନ ରଖିଛ, ଏଥିରେ ମୋର ପୂର୍ଣ୍ଣ ସମର୍ଥନ ରହିଛି । ଏହି କ୍ଷେତ୍ରରେ କେବଳ ଗୋଟିଏ ସର୍ତ୍ତ ରହିବ ଯେ, ସେଠାରେ ରହୁଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କର ନିଜ ସ୍ୱପ୍ରତ୍ୟୟ ଅନୁସାରେହିଁ କାର୍ଯ୍ୟକ୍ରମରେ ଯୋଗ ଦେବା ବା ନ ଦେବା ବିଷୟରେ ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିବ । ଏକ ଅଭ୍ୟାସ ଅଥବା ବାଧ୍ୟତାରେ ପରିଣତ ହୋଇଗଲେ ଏହି ପ୍ରକାରର କାର୍ଯ୍ୟକ୍ରମଗୁଡ଼ିକର ଆଦୌ କୌଣସି ଆଧ୍ୟାତ୍ମିକ ମୂଲ୍ୟ ରହେ ନାହିଁ । ଏପରିକି, ସେହି ବାଧ୍ୟତା ତୁମର ଏକମାତ୍ର ମନଃସ୍ତରୀୟ ବାଧ୍ୟତା ହୋଇଥିଲେ ମଧ୍ୟ ଠିକ୍ ସେହିପରି ହୁଏ । ଏହାଦ୍ୱାରା ମୁଁ ଏତିକି କହିବାକୁ ଇଚ୍ଛା କରୁଛି ଯେ, ଏହି କ୍ଷେତ୍ରରେ ଆଦୌ କୌଣସି ପ୍ରଚାରପ୍ରେରିତ ମନୋଭାବର ପ୍ରୟୋଗ କରା ଯିବ ନାହିଁ ।

ଅନେକ ଆଶୀର୍ବାଦ ସହିତ ।

*

ଧର୍ମଗୁଡ଼ିକର ପ୍ରଭାବରୁ ଆପଣାକୁ ମୁକ୍ତ କରି ପାରିନଥିବା ଧର୍ମୀୟ ବସ୍ତୁରଗୁଡ଼ିକୁ ଆଦୌ ବ୍ୟବହାର କରାଯାଇ ପାରିବ ନାହିଁ ।

*

ଧର୍ମର ଧାରଣାଟିକୁ ଅଧିକାଂଶ ସମୟରେ ଈଶ୍ୱରାନ୍ୱେଷଣ ସହିତ ସଂଲଗ୍ନ କରି ରଖା ଯାଇଥାଏ । କେବଳ ଏହି ସନ୍ଦର୍ଭରେ କ'ଣ ଆମେ ସର୍ବଦା ଧର୍ମକୁ ବୁଝିବା ? ବସ୍ତୁତଃ, ଆମର ଏବେ ଅନ୍ୟ ନାନା ଆକାରର ଧର୍ମ ଦୃଷ୍ଟିଗୋଚର ହେଉ ନାହାନ୍ତି କି ?

ପୃଥିବୀ ଅଥବା ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଏକ ଧାରଣାକୁ ଯେତେବେଳେ ଏକମାତ୍ର ଯଥାର୍ଥ ସତ୍ୟରୂପେ ଆଣି ଉପସ୍ଥାପନା କରାଯାଏ, ସେତେବେଳେ ଆମେ ତାହାକୁହିଁ "ଧର୍ମ" ବୋଲି କହୁ । ସେହି ଧାରଣାଟିରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିବାକୁ ହେବ ବୋଲି କୁହା ଯାଇଥାଏ । ସାଧାରଣତଃ ଏପରି କରାଯାଏ, କାରଣ ସେହି ସତ୍ୟକୁ ଏକ ପ୍ରତ୍ୟକ୍ଷ ସତ୍ୟୋଦ୍‌ଘାଟନର ପରିଣାମ ବୋଲି ଘୋଷଣା କରାଯାଏ ।

ଅଧିକାଂଶ ଧର୍ମରେ ଜଣେ ପରମେଶ୍ୱରଙ୍କର ଅସ୍ତିତ୍ୱକୁ ସ୍ୱୀକାର କରାଯାଇଛି, ତାଙ୍କ ମାନି ଚଳିବାର ନିୟମମାନ ତିଆରି କରି ଦିଆଯାଇଛି; ମାତ୍ର, ଏପରି

'oaob.nitrkl.ac.in' images reprocessed

କେତେ ଧର୍ମ ମଧ୍ୟ ଅଛି, ଯେଉଁଥିରେ ପରମେଶ୍ୱରଙ୍କୁ କୌଣସି ସ୍ଥାନ ଦିଆଯାଇ ନାହିଁ । ଉଦାହରଣ ସ୍ୱରୂପ ଆମେ କେତେକ ସାମାଜିକ—ରାଜନୀତିକ ସଂଗଠନ ଗୁଡ଼ିକର ବିଚାର କରିପାରିବା, ଯେଉଁଥିରେ କି ଏକ ବୃହତ୍ ଆଦର୍ଶ ଅଥବା ବୃହତ୍‌ଶକ୍ତିଯୁକ୍ତ ରାଷ୍ଟ୍ରର ନାମରେ ସମସ୍ତେ ସେଗୁଡ଼ିକୁ ମାନନ୍ତୁ ବୋଲି ଦାବି କରି ଯାଇଥାଏ ।

ମୁକ୍ତ ଭାବରେ ପରମସତ୍ୟର ଅନୁଗମନ କରିବା ଓ ଆପଣାର ସ୍ୱକୀୟ ମାର୍ଗରେ ମୁକ୍ତ ଭାବରେ ସେହି ଆଡ଼କୁ ଅଗ୍ରସର ହେବା, ଏହା ହେଉଛି ପ୍ରତ୍ୟେକ ମାନବର ଅଧିକାର । ମାତ୍ର ଏହି କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତିକୁ ଏକଥା ଅବଶ୍ୟ ଜାଣି ରଖିବାକୁ ହେବ ଯେ, ତା'ର ସେହି ଆବିଷ୍କାର କେବଳ ତା'ର ନିଜପାଇଁ ଉପଯୋଗୀ ଏବଂ ତାହାକୁ ସିଏ କଦାପି ଅନ୍ୟମାନଙ୍କ ଉପରେ ଲଦି ଦେବାକୁ ଇଚ୍ଛା କରିବ ନାହିଁ ।

୧୩ ମଇ ୧୯୭୦

*

ଧର୍ମଶିକ୍ଷାକୁ ଆଧ୍ୟାତ୍ମିକ ଶିକ୍ଷା ସହିତ ତୁମେ କଦାପି ଏକାଠି ଗୋଳାଇ ମିଶାଇ ଦେବ ନାହିଁ ।

ଧର୍ମଶିକ୍ଷା ହେଉଛି ଅତୀତର ଏକ ବସ୍ତୁ ଏବଂ ତାହା ଅଗ୍ରଗତିକୁ ଅଟକାଇ ଦେଇଥାଏ ।

ଆଧ୍ୟାତ୍ମିକ ଶିକ୍ଷା ହେଉଛି ଭବିଷ୍ୟତର ଶିକ୍ଷା—ତାହା ଚେତନାକୁ ଆଲୋକିତ କରିଥାଏ ଏବଂ ତାହାକୁ ଭବିଷ୍ୟତ ଉପଲବ୍ଧି ନିମନ୍ତେ ପ୍ରସ୍ତୁତ କରିଥାଏ ।

ଆଧ୍ୟାତ୍ମିକ ଶିକ୍ଷା ଯାବତୀୟ ଧର୍ମର ଊର୍ଦ୍ଧ୍ୱରେ ରହିଥାଏ ଓ ଏକ ବିଶ୍ୱପ୍ରତିଷ୍ଠ ପରମସତ୍ୟ ଆଡ଼କୁ ଗତିକରିବାଲାଗି ଉଦ୍ୟମ କରୁଥାଏ ।

ତାହା ଆମକୁ ଦିବ୍ୟ ପରମସତ୍ତାଙ୍କ ସହିତ ଏକ ପ୍ରତ୍ୟକ୍ଷ ସମ୍ବନ୍ଧ ମଧ୍ୟରେ ପ୍ରବିଷ୍ଟ ହେବାର ଶିକ୍ଷା ଦେଇଥାଏ ।

୧୫ ଜୁଲାଇ ୧୯୭୨

*

ଶ୍ରୀ ... ସାଧନା ...
ସଂଗ୍ରହିଆ
'oaob.nitrkl.ac.in' images reprocessed

# ଗୂଢ଼ବିଦ୍ୟା

ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ନେଇ ସମର୍ପିତ କରି ନ ଦେବା ପର୍ଯ୍ୟନ୍ତ ଗୂଢ଼ବିଦ୍ୟାର ଯଥାର୍ଥ ବିକଶନ ସମ୍ଭବ ହୁଏ ନାହିଁ ।

ଏହି କ୍ଷେତ୍ରରେ ତଥାପି ଏକ ଉପମା ରହିଛି । ପିଆନୋ ବଜାଇବା ବିଷୟରେ ଲିଖିତ ସମ୍ଭାବ୍ୟ ସକଳ ଗ୍ରନ୍ଥକୁ ତୁମେ ହୁଏତ ପାଠ କରିପାର । ମାତ୍ର ନିଜେ ପିଆନୋ ନ ବଜାଇବା ପର୍ଯ୍ୟନ୍ତ ତୁମେ ଯେପରି କଦାପି ଜଣେ ପିଆନୋବାଦକ ହୋଇପାରିବ ନାହିଁ, ଠିକ୍ ସେହିପରି, ଗୂଢ଼ବିଦ୍ୟା ସମ୍ବନ୍ଧରେ ଯାହା କିଛି ଲିଖିତ ହୋଇଛି, ତୁମେ ହୁଏତ ସେହି ସବୁକିଛିକୁ ପାଠ କରିବ, ମାତ୍ର ନିଜେ ଗୂଢ଼ବିଦ୍ୟାର ଅଭ୍ୟାସ ନ କଲେ ତୁମେ କଦାପି ସେହି ବିଷୟରେ ଯଥାର୍ଥନିପୁଣତା ଅର୍ଜନ କରିପାରିବ ନାହିଁ ।

ନଭେମ୍ବର ୧୯୫୭

***

ପୂର୍ବଦର୍ଶନ : ନିଜର ଚେତନାକୁ ଭବିଷ୍ୟ ମଧ୍ୟକୁ ପ୍ରକ୍ଷେପିତ କରି ରଖିବାର ସାମର୍ଥ୍ୟ ।

*

ଏହିସବୁ ଦେଖାଣିଆ ଅଲୌକିକ ଘଟଣାକୁ ମୁଁ ଆଦୌ ପସନ୍ଦ କରେ ନାହିଁ—ଅସଲ ଶକ୍ତିଟିର ରୂପ ଦ୍ୱାରା ଆହାନ୍ତ ହୋଇ ସେଗୁଡ଼ିକ ଅଧିକାଂଶ ସମୟରେ ବିଫଳହିଁ ହୋଇଥାନ୍ତି । ଏହାର ସର୍ବପ୍ରଥମ ଫଳରୂପେ ଅହଂ ଅତ୍ୟନ୍ତ ବିପଜ୍ଜନକ ଭାବରେ ସ୍ଫୀତ ହୋଇଯାଏ । ସେହି ଯାବତୀୟ ବ୍ୟାପାରର ସମ୍ମୁଖୀନ ହୋଇ ପାରିବାକୁ ହେଲେ କେବଳ ଗୋଟିଏ ଦୃଷ୍ଟିକୋଣ ହିଁ ରଖିବାକୁ ପଡ଼ିବ—ତୁମେ ଆପଣାର ସର୍ବୋତ୍ତମ ସାମର୍ଥ୍ୟ ଦେଇ ସବୁ କରିବ ଏବଂ ଯାବତୀୟ ଫଳକୁ ସେହି ପ୍ରଭୁଙ୍କ ହାତରେ ଛାଡ଼ି ଦେଇଥିବ ।

*

ଅନେକ ସନ୍ଥଙ୍କର ଜୀବନଚରିତରେ ଆମେ ପଢ଼ିଥାଉ ଯେ, ସ୍ୱୟଂ ପ୍ରଭୁ ଆବିର୍ଭୂତ ହୋଇ ଅଂଶଗ୍ରହଣ ନ କରିବା

'oaob.nitrkl.ac.in' images reprocessed

ପର୍ଯ୍ୟନ୍ତ ସାଧକ ସମ୍ପୂର୍ଣ୍ଣ ବିଶ୍ୱାସର ସହିତ ଆଦୌ କିଛି ଖାଦ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ନ ଥିଲେ । ଏବଂ, ପ୍ରଭୁ ପ୍ରକୃତରେ ଆବିର୍ଭୂତ ହେଲେ, ଖାଦ୍ୟ ଗ୍ରହଣ କଲେ ଏବଂ, ଠିକ୍ ମନୁଷ୍ୟମାନଙ୍କ ପରି ଆଚରଣ କଲେ । ଏହିସବୁ କାହାଣୀରେ କୌଣସି ସତ୍ୟ ରହିଛି କି ?

ଏଥିରେ ଏକ ମନସ୍ତାତ୍ତ୍ୱିକ ସତ୍ୟ ଅବଶ୍ୟ ରହିଛି; କାରଣ, ଯଦି ତୁମେ ସେହିପରି ଏକ କଳ୍ପିତ ସୃଷ୍ଟି କରିବ, ତେବେ ଯେକୌଣସି ବ୍ୟକ୍ତି ମଧ୍ୟ ତୁମପାଇଁ ପ୍ରଭୁରେ ପରିଣତ ହୋଇ ପାରିବ । ସାଧାରଣତଃ ଯେତିକି ସ୍ୱୀକାର କରାଯାଇଥାଏ, ତାହାଠାରୁ ଅଧିକ ବ୍ୟାପକ ଭାବରେ ଏହି ଆତ୍ମକେନ୍ଦ୍ରୀ ଦୃଷ୍ଟିକୋଣଟି ଏହି କ୍ଷେତ୍ରରେ ପ୍ରଭାବ ବିସ୍ତାର କରି ରହିଛି ।

*

ତୁମେ ପଠାଇଥିବା ଲେଖାଗୁଡ଼ିକୁ ମୁଁ ପଢ଼ିଛି ।

ଲେଖାଗୁଡ଼ିକର ଐତିହାସିକ ଅଂଶଟି ସତ ବୋଲି ମନେ ହେଉଛି । ପ୍ରତିଷ୍ଠାତା ନିଶ୍ଚୟ କାବାଲା ବିଷୟରେ ଓ ଏସିଆ ମାଇନର୍ ଅଞ୍ଚଳର କେତେକ ରହସ୍ୟବାଦୀ ସାଧକଙ୍କ ବିଷୟରେ ଜାଣିଥିଲେ । ମୂଳ ଲେଖାଟି ଲାଟିନ୍ ଭାଷାରେ ଲେଖା ହୋଇଥିବା ପରି ମନେ ହେଉଛି ଏବଂ ସେଥିରେ କେତେକ ହିବ୍ରୁ ଶବ୍ଦକୁ ଆଣି ଯୋଡ଼ି ଦିଆଯାଇଛି (ସେଗୁଡ଼ିକୁ ସମ୍ଭବତଃ କାବାଲାରୁ ନିଆଯାଇଛି) । ମାତ୍ର ମୁଁ ଭାବୁଛି, ଅସିରସ୍-ଇସିସ୍ ଅଂଶଟି ସେଥିରେ ଅନେକ ପରେ ଆସି ମିଶିଛି, ହୁଏତ ମୋଟେ ୫୦ ବା ୭୦ ବର୍ଷ ପୂର୍ବେ ଆଣି ଯୋଡ଼ି ଦିଆଯାଇଛି ।

ସମସ୍ତ ରଚନାଟି ମୂଳରୁହିଁ ଏକ ସୁଲକ୍ଷିତ । ଅତ୍ୟନ୍ତ ଶକ୍ତିଶାଳୀ ଏବଂ ଅତ୍ୟନ୍ତ ପ୍ରାଞ୍ଜଳ ମାନସିକ ରଚନା ହୋଇ ରହିଛି, କେତେକ ପ୍ରାଣିକ ଉପାଦାନ ତଥା ଶକ୍ତିକୁ ଆକୃଷ୍ଟ କରି ପାରିବାକୁ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଏକ ଗଠନରୂପ ଧାରଣ କରିଛି (ବ୍ୟକ୍ତିର ବାହାରେ ତଥା ଭିତରେ), ଯେପରିକି ସେଗୁଡ଼ିକୁ ପରିଚାଳିତ କରାଯାଇ ପାରିବ, ବ୍ୟବହାର କରାଯାଇ ପାରିବ ଏବଂ ପ୍ରାଣିକର ମାଧ୍ୟମରେ ଭୌତିକ ଜଗତ୍ ଉପରେ ଏକ ଆଂଶିକ କ୍ଷମତା ବିସ୍ତାର କରାଯାଇ ପାରିବ ।

'oaob.nitrkl.ac.in' images reprocessed

ଏହି ପ୍ରକାରର ଅଗଣିତ ରଚନା ରହିଛି; ସେଗୁଡ଼ିକ ପୃଥିବୀପୃଷ୍ଠରେ ଗୁପ୍ତ ସମିତିଗୁଡ଼ିକର ରୂପ ଧାରଣ କରିଛି । ଏଭଳି ଅଳ୍ପବହୁତ ପ୍ରାଚୀନ ଅନେକ ସମିତି ସହିତ ମୋ'ର ସାକ୍ଷାତ୍ ହୋଇଛି,—ଅଳ୍ପବହୁତ ଶକ୍ତିଶାଳୀ ଭାବରେ ସେମାନେ ସଂଗଠିତ ହୋଇ ରହିଥିଲେ, ମାତ୍ର ସମସ୍ତେ କେବଳ ସେହି ଗୋଟିଏ ଧରଣର ଥିଲେ । ସେମାନଙ୍କର ସ୍ୱଭାବରୁ ସେମାନଙ୍କୁ ଆଦୌ ଆଧ୍ୟାତ୍ମିକ ବୋଲି କୁହାଯିବ ନାହିଁ । ତଥାପି ସେଗୁଡ଼ିକ ମଧ୍ୟରେ ଯଦି କୌଣସି ଆଧ୍ୟାତ୍ମିକତା ରହିଥାଏ, ତେବେ ତାହା ସ୍ୱୟଂ ସେହି ସମିତିର ଗଠନ ହେତୁ କଦାପି ନୁହେଁ", ମାତ୍ର ସେହି ସମିତିରେ ଏକ ଆଧ୍ୟାତ୍ମିକ ବିଶିଷ୍ଟତା ଏବଂ ଉପଲବ୍ଧି ରହିଥିବା ଜଣେ ଅଥବା କେତେଜଣ ବ୍ୟକ୍ତି ରହିଥିବାରୁହିଁ ତାହା ସମ୍ଭବ ହୁଏ ।

***

ପୁରାତନ କାଳରେ ମହାନ୍ ଆଧ୍ୟାତ୍ମିକ ସତ୍ୟଗୁଡ଼ିକର ଶିକ୍ଷା ଏକ ଗୋପନରେ ରଖାଯାଇଥିବା ଶିକ୍ଷା ହୋଇ ରହିଥିଲା, ଏବଂ ତାହାକୁ ଅଳ୍ପସଂଖ୍ୟକ କେତେଜଣ ଦୀକ୍ଷାର୍ଥୀଙ୍କ ସକାଶେ ସୁରକ୍ଷିତ କରି ରଖା ଯାଇଥିଲା ।

ବର୍ତ୍ତମାନ ମଧ୍ୟ ଏପରି ଅନେକ କଥା ରହିଛି, ଯାହାକୁ କି କୁହାଯାଇ ପାରିବ, ମାତ୍ର କଦାପି ଲେଖି ହେବ ନାହିଁ,-ସେଗୁଡ଼ିକୁ ଛପାଇ ବାହାର କରିବା ତ ଆହୁରି ଦୂରର କଥା ।

*

ଆମର ପ୍ରାତ୍ୟହିକ ସାଧନାରେ ଆମେ ଦିବ୍ୟ ପରମାବତରଣର ସେହି ବିପୁଳ ରହସ୍ୟଟିକୁହିଁ ବ୍ୟକ୍ତ କରିବାଲାଗି ଚେଷ୍ଟା କରୁଛୁ ।

*

ସର୍ବଶେଷ ବିଶ୍ଳେଷଣରେ ସୂତ୍ରବଦ୍ଧ ଜ୍ଞାନକୁ କେବଳ ଏପରି ଏକ ଭାଷା ବୋଲି ବୁଝାଯିବ, ଯାହାକି ଆମକୁ ଏହି ଜ୍ଞାନଦ୍ୱାରା ଅଭିପ୍ରେତ ବସ୍ତୁଟି ଉପରେ କାର୍ଯ୍ୟ କରିବାର ସାମର୍ଥ୍ୟ ପ୍ରଦାନ କରିଥାଏ ।

*

'oaob.nitrkl.ac.in' images reprocessed

(ଜଣେ ସାଧକ ଲେଖିଥିଲେ ଯେ, ଶ୍ରୀଅରବିନ୍ଦ ଓ ମାଆଙ୍କର ଫଟୋ ଆଗରେ ଭକ୍ତମାନେ ଠିକ୍ ଅନ୍ୟ ଦେବତାମାନଙ୍କର ପୂଜା ଭଳି ପୂଜାନୁଷ୍ଠାନମାନ କରୁଥିଲେ । ଦେବତାଙ୍କର ଆବାହନ ଲାଗି ଯଥାର୍ଥ ପୂଜାରେ ଏକ ବୀଜମନ୍ତ୍ରର ପ୍ରୟୋଜନ ରହିଥାଏ ବୋଲି ଉଲ୍ଲେଖ କରି ଶ୍ରୀଅରବିନ୍ଦ ଏବଂ ମାଆଙ୍କ ପାଇଁ ସେପରି ଗୋଟିଏ ମନ୍ତ୍ର ରହିଛି କି ନାହିଁ ବୋଲି ସିଏ ପଚାରିଥିଲେ । ମାଆ ଉତ୍ତରରେ ଲେଖିଲେ : )

ଏକ ଆନ୍ତରିକ ଅଭୀପ୍ସାରୂପେ ହୃଦୟର ଗଭୀରରୁହିଁ ସେହି ମନ୍ତ୍ର ଉତ୍ଥିତ ହୋଇ ଆସିବାଲାଗି ବାଟ ଛାଡ଼ିଦେବାକୁ ମୁଁ ସର୍ବଦା ପରାମର୍ଶ ଦେଇ ଆସିଛି ।

❋

ମୁଁ ଭାବୁଛି, ଜପ ଲାଗି ମୁଁ ଆପଣଙ୍କୁ ଗୋଟିଏ ସଙ୍କେତଶବ୍ଦ ମାଗିବି ।

ଓଁ ।

❋

ଓଁ ହେଉଛି ପରମ ପ୍ରଭୁଙ୍କର ସ୍ୱାକ୍ଷର ।

❋

(ଦିବ୍ୟ ପରମ ସତ୍ତାଙ୍କୁ ପ୍ରଣାମ ଜଣାଇବା ବିଷୟରେ)

ପୂର୍ଣ୍ଣ ନିଷ୍ଠାର ସହିତ ପ୍ରଣାମ କଲାବେଳେ ତଦ୍ଦ୍ୱାରା ସମଗ୍ର ସୃଷ୍ଟି ମଧ୍ୟରେ ରହିଥିବା ଦିବ୍ୟ ପରମସତ୍ତାଙ୍କ ନିକଟରେ ଆପଣାକୁ ଉତ୍ସର୍ଗ କରି ଦିଆ ଯାଇଥାଏ । ଏହା ହେଉଛି ଠିକ୍ ସେଇଆ, — ତାହା ହେଉଛି ବସ୍ତୁର ଉତ୍ସ … ଏକ ସ୍ୱୀକୃତ ଜ୍ଞାପନ କରିବା ପରି, ଏକ ସ୍ୱୀକୃତ — ଜ୍ଞାପନ ଏବଂ ସୃଷ୍ଟି ମଧ୍ୟରେ



'oaob.nitrkl.ac.in' images reprocessed

ବର୍ତ୍ତମାନ ରହିଥିବା ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ନେଇ ସମର୍ପଣ କରିଦେବା ।

ତାହାହିଁ ହେଉଛି ଏହାର ଅର୍ଥ । ଏହା ଅତ୍ୟନ୍ତ ସ୍ୱାଭାବିକ ଯେ, ବାହ୍ୟ ପ୍ରତୀତିର କ୍ଷେତ୍ରରେ, ହଜାରକରେ ଜଣେ ବ୍ୟକ୍ତି ମଧ୍ୟ ତାହା କରେ ନାହିଁ … ମାତ୍ର ତାହା ହେଉଛି ପ୍ରଣାମର ପ୍ରକୃତ ଅର୍ଥ । (ଟେପ୍ ଦ୍ୱାରା ରେକର୍ଡ଼୍ କରାଯାଇଥିଲା ।)

୧୯ ମାର୍ଚ୍ଚ ୧୯୭୩

*

## ଫଳିତ ଜ୍ୟୋତିଷ

ତୁମର ନିଜ ଜୀବନ ପାଇଁ ମୋଟେ ଭୟ କର ନାହିଁ — ଭାଗ୍ୟ ଗଣନା କରି କହୁଥିବା ବ୍ୟକ୍ତିମାନେ ସବୁବେଳେ ଆଦୌ ସତ କହନ୍ତି ନାହିଁ ।

୭ ନଭେମ୍ବର ୧୯୩୯

*

ନକ୍ଷତ୍ରମାନଙ୍କର ଆଦୌ କୌଣସି ମୀମାଂସକ ପ୍ରଭାବ ପଡ଼େ ନାହିଁ । କେବଳ ଦିବ୍ୟ ପରମସତ୍ତାଙ୍କଠାରେ ଆସ୍ଥା ନ ଥିବା ସମୟରେହିଁ ମଣିଷ ନକ୍ଷତ୍ରମାନେହିଁ ଜୀବନର ମୀମାଂସା କରିଦିଅନ୍ତି ବୋଲି ବିଶ୍ୱାସ କରେ ଏବଂ ମିଛଟାରେ ଦୁଃଖ ଭୋଗ କରେ ।

ଇଉରୋପ ଏବଂ ଭାରତବର୍ଷରେ ମୁଁ ଅନେକ ଜ୍ୟୋତିଷୀଙ୍କର ସମ୍ପର୍କରେ ଆସିଛି । ଏପର୍ଯ୍ୟନ୍ତ, ସେମାନଙ୍କ ମଧ୍ୟରୁ ଜଣେ କେହିହେଲେ ନିର୍ଭୁଲ ଭାବରେ ଭବିଷ୍ୟତ ଗଣନା କରି କହି ପାରିନାହାନ୍ତି । ଏହି ବିଫଳତାର ଦୁଇଟି କାରଣ ରହିଛି । ପ୍ରଥମ କାରଣ ହେଉଛି, କିପରି ନିର୍ଭୁଲ ଭାବରେ ଭବିଷ୍ୟତ ଗଣନା କରିବାକୁ ହୁଏ, ସେକଥା ଏହି ଗଣକମାନଙ୍କୁ ଜଣା ନ ଥାଏ । ଦ୍ୱିତୀୟତଃ, ଜାତକ ମଧ୍ୟ ସର୍ବଦା ଭୁଲ୍ ଭାବରେ ତିଆରି କରା ହୋଇଥାଏ, — ଜାତକ ପ୍ରସ୍ତୁତ କରିଥିବା ବ୍ୟକ୍ତି ଜଣେ ବିଚକ୍ଷଣ ଗଣିତଜ୍ଞ ହୋଇଥିଲେ ତାହା ଅବଶ୍ୟ ଅନ୍ୟ କଥା ହେବ । ଏବଂ ଏପରି ଜଣେ ବ୍ୟକ୍ତି ପାଇଁ ମଧ୍ୟ ଏକ ନିର୍ଭୁଲ ଜାତକ ତିଆରି କରିବା ଅତ୍ୟନ୍ତ କଷ୍ଟକର । 'ତୃତୀୟ କଥା ହେଉଛି, ତୁମର ଜନ୍ମ ସମୟରେ ଅମୁକ ବା ଅମୁକ ଘରେ ରହିଥିବା ଗ୍ରହମାନେ ତୁମର ଭାଗ୍ୟକୁ ନିୟନ୍ତ୍ରଣ କରନ୍ତି

'oaob.nitrkl.ac.in' images reprocessed

ବୋଲି ସେତେବେଳେ ଲୋକେ କହନ୍ତି, ସେତେବେଳେ ସେମାନେ ପ୍ରକୃତରେ ଭୁଲ୍ କଥାହିଁ କହନ୍ତି । ଯେଉଁ ଗ୍ରହମାନଙ୍କର ଅବସ୍ଥିତି ମଧ୍ୟରେ ତୁମେ ଜନ୍ମଲାଭ କରିଥାଅ, ସେମାନେ କେବଳ ଭୌତିକ ଅବସ୍ଥାଗୁଡ଼ିକୁ "ଟେପ୍‌ରେ ରେକର୍ଡ଼୍ କରି ରଖିଲା ପରି ରଖିଥା'ନ୍ତି । ଆତ୍ମାର ଭବିଷ୍ୟତ୍ ଉପରେ ସେମାନଙ୍କର ଆଦୌ କୌଣସି ନିୟନ୍ତ୍ରଣ ନ ଥାଏ । ଆହୁରି ସେପାଖକୁ ଆଉକିଛି ରହିଥାଏ, ଯାହାକି ସେହି ଗ୍ରହମାନଙ୍କୁ ଓ ଅନ୍ୟ ଯାବତୀୟ ସବୁକିଛିକୁ ନିୟନ୍ତ୍ରଣ କରୁଥାଏ । ଆତ୍ମା ହେଉଛି ସେହି ସର୍ବୋଚ୍ଚ ପରମସତ୍ତାଙ୍କର ସମ୍ପଦ । ଏବଂ, ଯଦି ତାହା ଯୋଗର ସାଧନା କରୁଥାଏ, ତେବେ ତାହା ଅନ୍ତତଃ ଅଧିକ ଦୃଢ଼ଭାବରେହିଁ ନକ୍ଷତ୍ରମାନଙ୍କର ଶକ୍ତି କିଂବା ଅନ୍ୟ କୌଣସି ଶକ୍ତି ଉପରେ କଦାପି ବିଶ୍ୱାସ କରିବ ନାହିଁ ।

ତୁମ ଜୀବନରେ ଏକ ବିପର୍ଯ୍ୟୟ ଘଟିବ ବୋଲି ଯେଉଁ ଗଣକ ଭବିଷ୍ୟବାଣୀ କରୁଛି, ତାକୁ ଜଣେ ଜୋକର୍ ସହିତ ତୁଳନା କରିଯାଇ ପାରିବ । ଅନେକ ଜୋକର୍ "ଆଜି ତୁମର ବେକ କଟିଯିବ" ଓ ସେହିପରି କଥାସବୁ କହିଥା'ନ୍ତି । ଏହି ଯାବତୀୟ ପରିହାସ ସତ୍ତ୍ୱେ ପ୍ରକୃତରେ ଆଦୌ କିଛି ଘଟେ ନାହିଁ ।

କେବଳ ଜଣେ ପ୍ରବୀଣ ଯୋଗୀହିଁ ନିର୍ଭୁଲ ଭାବରେ ତୁମକୁ ତୁମର ଭବିଷ୍ୟ ବିଷୟରେ କହିଦେଇ ପାରିବ । ତଥାପି, ସେହି କ୍ଷେତ୍ରରେ ମଧ୍ୟ ଦିବ୍ୟ ପରମଇଚ୍ଛାଟି ଅବଶ୍ୟ ଅବସ୍ଥିତ ରହିଥିବ, ଯାହାକି ଏକାକୀ ସବୁକିଛିକୁ ନିୟନ୍ତ୍ରଣ କରିଦେଉଛି ଓ ସବୁକିଛିର ମୀମାଂସା କରୁଛି ।

୮ ସେପ୍ଟେମ୍ବର ୧୯୬୮

⁂

'କ' ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ କରୁଛନ୍ତି ଓ ଏବେ ମୋ'ର ଜାତକ ତିଆରି କରି ଦେଇଛନ୍ତି । ଆପଣ ତାହାକୁ ଦେଖିବେ ବୋଲି ମୁଁ ସେଇଟିକୁ ଆପଣଙ୍କ ପାଖକୁ ପଠାଇଲି । ଆପଣ କ'ଣ ଭାବୁଛନ୍ତି ଯେ, ମୋ'ର ଭବିଷ୍ୟତ୍ ବିଷୟରେ ସେ ସେଥିରେ ଯେଉଁସବୁ ସୂଚନା ଦେଇଛନ୍ତି, ତାହାର କୌଣସି ମୂଲ୍ୟ ଅଛି ?

ତୁମ ଭବିଷ୍ୟତ୍ ନିମନ୍ତେ ଏକ ମାନସିକ କଳ୍ପନାର ଭୂମି ହିସାବରେ ବ୍ୟବହାର କରି ପାରିବା ସକାଶେ ଜାତକଟି ଯଥେଷ୍ଟ ପରିମାଣରେ ଅସ୍ପଷ୍ଟ ଏବଂ ଅନୁକୂଳ ହୋଇଛି ।

'oaob.nitrkl.ac.in' images reprocessed

ଅନ୍ତର୍ବୋଧ ନମିଭ ରହିଥିବା ଜଣେ ଗଣକର ସାମର୍ଥ୍ୟ, ତାହାହିଁ ଯେକୌଣସି ଜାତକରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ।

୭ ମଇ ୧୯୬୪

❋

ଜ୍ୟୋତଷୀମାନେ କହୁଥିବା କଥାକୁ ତୁମେ କାହିଁକି ବିଶ୍ୱାସ କରୁଛ ? ସେହି ବିଶ୍ୱାସହିଁ ଯାବତୀୟ ଗୋଳମାଳର କାରଣ ।

ଶ୍ରୀଅରବିନ୍ଦ କହିଛନ୍ତି ଯେ, ଜଣେ ବ୍ୟକ୍ତି ନିଜେ ଯାହା ବୋଲି ସ୍ୱୟଂ ଚିନ୍ତା କରେ, ସେ ପ୍ରକୃତରେ ତାହାହିଁ ହୁଏ ।

୧୯୬୫

❋

ଯୋଗସାଧନା କରୁଥିବା ବ୍ୟକ୍ତିମାନଙ୍କ ଲାଗି ଜାତକର କୌଣସି ମହତ୍ତ୍ୱ ନାହିଁ, କାରଣ ଯୋଗସାଧନାର ମାଧ୍ୟମରେ ଯେଉଁ ପ୍ରଭାବଟି ଆପଣାକୁ କାର୍ଯ୍ୟକାରୀ କରି ରଖିଥାଏ, ନକ୍ଷତ୍ରମାନଙ୍କର ପ୍ରଭାବଠାରୁ ତାହା ଅନେକ ଅଧିକ ପରିମାଣରେ ଶକ୍ତିଶାଳୀ ।

❋

## ହସ୍ତସାମୁଦ୍ରିକ

ହସ୍ତରେଖା— ଅଧ୍ୟୟନ ହେଉଛି ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ କଳା, ମାତ୍ର ତାହାକୁ ସାଧନ କରୁଥିବା ବ୍ୟକ୍ତିର ସାମର୍ଥ୍ୟ ଉପରେହିଁ ତାହାର ଯଥାର୍ଥତା ଏବଂ ସତ୍ୟତା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରିଥାଏ । ପୁନଶ୍ଚ, ତାହା କେବଳ ଭୌତିକ ନିୟତି ସହିତହିଁ ଆପଣାକୁ ସମ୍ପୃକ୍ତ କରି ରଖିଥାଏ ଏବଂ, ଉଚ୍ଚତର ଶକ୍ତିଗୁଡ଼ିକର ହସ୍ତକ୍ଷେପ ଫଳରେ ସେହି ନିୟତି ପରିବର୍ତ୍ତିତ ହୋଇଯିବାର ସର୍ବଦା ସମ୍ଭାବନା ରହିଥାଏ ।

୩ ଜାନୁଆରୀ ୧୯୫୧

❋

'oaob.nitrkl.ac.in' images reprocessed

## ସଂଖ୍ୟାତତ୍ତ୍ୱ

୧ — ଏକମେବାଦ୍ୱିତୀୟଂ
୨ — ସୃଷ୍ଟି କରିବାର ଇଚ୍ଛା
୩ — ସୃଷ୍ଟିର ଆରମ୍ଭ
୪ — ପରପ୍ରକାଶ
୫ ଶକ୍ତି
୬ — ସୃଜନ
୭ — ଉପଲବ୍ଧି
୮ — ଗୃହ ସଂରଚନା
୯ — ସ୍ଥିତଶୀଳ ତତ୍ତ୍ୱାର୍ଥତାର ସାମର୍ଥ୍ୟ
୧୦ — ଅଭିବ୍ୟକ୍ତିର ସାମର୍ଥ୍ୟ
୧୧ — ଅଗ୍ରଗତି
୧୨ — ପରିପୂର୍ଣ୍ଣ ଅଭିବ୍ୟକ୍ତ ଦୃଢ଼ପ୍ରତିଷ୍ଠ ହେବା

❋

୧ — ପରମ ତତ୍ତ୍ୱ
୨ — ସୃଷ୍ଟିକାରିଣୀ ଚେତନାର ଉନ୍ମେଷ
୩ — ସଚ୍ଚିଦାନନ୍ଦ
୪ — ପରପ୍ରକାଶ
୫ — ଶକ୍ତି
୬ — ନୂତନ ସୃଷ୍ଟି
୭ — ଉପଲବ୍ଧି
୮ — ଦୁଇଗୋଟି ପ୍ରାଚୀର (ଅନ୍ତରସ୍ଥ ତଥା ବାହ୍ୟ ଶତ୍ରୁମାନଙ୍କ ଠାରୁ ସୁରକ୍ଷା)
୯ — ନୂତନ ଜନ୍ମଲାଭ

'oaob.nitrkl.ac.in' images reprocessed

୧୦ — ପରିପୂର୍ଣ୍ଣତା

୧୧ — ଅଗ୍ରଗତି

୧୨ — ଦୁଇଟିଯାକ ପରିପୂର୍ଣ୍ଣତା (ଭୌତିକ ଓ ଆଧ୍ୟାତ୍ମିକ)

୧୪ — ରୂପାନ୍ତର


*

ଆଜି ସକାଳେ ପ୍ରଣାମ ପରେ ଆପଣ ଗୁଚ୍ଛେଟି 'ଆନ୍ତରିକତା' ଫୁଲ ଦେଇ ମୋତେ ଆଶୀର୍ବାଦ କରିଥିଲେ । ଏଥିରେ ଏକ ବିଶେଷ ତାତ୍ପର୍ଯ୍ୟ ରହିଛି ବୋଲି ମୁଁ ଭାବୁଛି, ମାତ୍ର ମୁଁ ତାହା ନିଜେ ନିର୍ଦ୍ଧାରଣ କରିପାରୁ ନାହିଁ, ଆପଣ କହିଦେବେ କି ?

ତୁମକୁ ଦେବ ବୋଲି ଯେତେବେଳେ ମୁଁ ଫୁଲଗୁଡ଼ିକୁ ଉଠାଇ ହାତରେ ଧରିଲି, ସେତେବେଳେ ଏକାଧିକ ଫୁଲ ହାତରେ ଆସୁଛନ୍ତି ବୋଲି ଅନୁଭବ କଲି ଏବଂ ମୁଁ ଏହିପରି ଏକ ଇଚ୍ଛା ପ୍ରକାଶ କରିଥିଲି : "ଏହା ସତ୍ତାଗତ ସ୍ଥିତିର ସେହି ସଂଖ୍ୟାଟି ହେଉ, ଯେଉଁଥିରେ କି ଆନ୍ତରିକତା (ଦିବ୍ୟ ପରମସତ୍ତାଙ୍କ ଲାଗି ଆପଣାକୁ ଉତ୍ସର୍ଗ କରିବାର କ୍ଷେତ୍ରରେ) ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତିଷ୍ଠିତ ହୋଇ ପାରିବ ।" ଗୁଚ୍ଛର ତାତ୍ପର୍ଯ୍ୟ ହେଉଛି ସଂପୂର୍ଣ୍ଣତା : ସତ୍ତାର ଗୁଚ୍ଛେଟି ଅବସ୍ଥା ; ମାନସିକ, ଚୈତ୍ୟ, ପ୍ରାଣିକ ଓ ଭୌତିକ ।

୧୭ ଡିସେମ୍ବର ୧୯୫୩

*

## ରଙ୍ଗଗୁଡ଼ିକ ବିଷୟରେ

ଧଳଧଳିଆ ରଙ୍ଗ କେତେବେଳେ ମନକୁ ସଙ୍କେତ କରେ ଓ କେତେବେଳେ ଆଲୋକକୁ ସଙ୍କେତ କରେ, ତାହା ବୁଝାଯାଇ ପାରିବ କି ?

'oaob.nitrkl.ac.in' images reprocessed

ସବୁଜମିଶା ହଳଦିଆ ହେଉଛି ମାନସିକ ।

ଚୈତ୍ୟସ୍ତରଙ୍କ ଥିବା ହଳଦିଆ ଆଲୋକର ପ୍ରତୀକ ।

*

## ପ୍ରତୀକ

ଲଫାଫା ଉପରେ ଥିବା କୋକଣିଆଳୀ ଚତୁରତାର ପ୍ରତୀକ ।

୮ ଜାନୁଆରୀ ୧୯୩୬

*

ଏହା ହେଉଛି ଗୋଟିଏ ଠେକୁଆ—"ବୁଦ୍ଧିମତ୍ତା" ।

୯ ଫେବୃଆରୀ ୧୯୩୬

*

ମାଆ, ହରିଣରୁ କେଉଁ ସଙ୍କେତ ମିଳେ ?

ଧୀରତା ଏବଂ ଗତ୍ୟାତ୍ମକ ବେଗ ।

*

ସାଧାରଣତଃ ସାପ ହେଉଛି ଏକ ମିଥ୍ୟାପ୍ରଣୋଦିତ ସକ୍ରିୟତାର ପ୍ରତୀକ । ଯେତେବେଳେ ପ୍ରକୃତି ଭିତରେ ରହିଥିବା କୌଣସି ବସ୍ତୁ ମିଥ୍ୟା ସହିତ ସାଦୃଶ୍ୟ ରଖିଥାଏ, ସେତେବେଳେ ସାପମାନେ ଆକୃଷ୍ଟ ହୋଇ ଆସନ୍ତି । ସାପର ପ୍ରକୃତି ଏବଂ ତାହା ଯେଉଁ ଭୂମିରେ ଆସି ଆବିର୍ଭୂତ ହୁଏ, ସେଇଥିରୁହିଁ ମିଥ୍ୟାର ସ୍ୱଭାବଟି ବିଷୟରେ ମଧ୍ୟ ସୂଚନା ମିଳିଥାଏ ।

୩୦ ଅଗଷ୍ଟ ୧୯୩୬

*

ଆପଣ ମୋତେ ଘୋଡ଼ାର ସଙ୍କେତାର୍ଥ କହି ଦିଅନ୍ତୁ ।

'oaob.nitrkl.ac.in' images reprocessed

ଘୋଡ଼ା ବ୍ୟକ୍ତିସତ୍ତାର ଶକ୍ତିକୁ ସୂଚାଇ ଦିଏ, ଯେଉଁ ଶକ୍ତିକୁ କି ନିୟନ୍ତ୍ରଣ ମଧ୍ୟକୁ ଆଣିବାକୁ (ବଶ କରିବାକୁ) ପଡ଼ିବ ।

୧ ଜାନୁଆରୀ ୧୯୩୩

*

ଲଫାଫା ଉପରେ ଯେଉଁ ଅଙ୍କନଟି କରି ଆପଣ ମୋ' ପାଖକୁ ପଠାଇଥିଲେ, ତାହାର ଅର୍ଥ କ'ଣ ?

ଏହା ଗୋଟିଏ ମେଣ୍ଢ'ଛୁଆ, ତାହାର ଅର୍ଥ ହେଉଛି "ଶୁଦ୍ଧତା" ।

୪ ଜାନୁଆରୀ ୧୯୩୩

*

ଆପଣ ମୋ' ପାଖକୁ ପଠାଇଥିବା ଚିତ୍ରଟିର ତାତ୍ପର୍ଯ୍ୟ କ'ଣ ?

ଏହି ବିଗ୍ରହ ହେଉଛି ବାସନାଚକ୍ରର ପ୍ରତୀକ ।

୧୯୩୩

*

(ବାଜ ପକ୍ଷୀର ତାତ୍ପର୍ଯ୍ୟ)

ତୀକ୍ଷ୍ଣ ଦୃଷ୍ଟି ।

୧୯୩୩

*

ସର୍ପ କ୍ଷମତାର ପ୍ରତୀକ ନୁହେଁ, ଶକ୍ତିର ପ୍ରତୀକ । ଏବଂ, ଯେପରି ଅନେକ ପ୍ରକାରର ଅନ୍ଧକାରାବୃତ ଏବଂ ବିକୃତ ଶକ୍ତିମାନ ରହିଛି, ଠିକ୍ ସେହିପରି ସର୍ପ ନାନାପ୍ରକାର ଅପୁନରୁଜ୍ଜୀବିତ ଏବଂ ଅଦିବ୍ୟ ଶକ୍ତିର ପ୍ରତୀକ ମଧ୍ୟ ହୋଇପାରେ ।

୨୯ ମଇ ୧୯୩୪

*

'oaob.nitrkl.ac.in' images reprocessed

ଗାଈର ପ୍ରକୃତିରେ କୌଣସି ସ୍ୱତନ୍ତ୍ର ଶୁଦ୍ଧତା ରହିଛି ନା ଏହାକୁ ଆର୍ଥିକ ଆବଶ୍ୟକତା ଉପରେ ଆଧାରିତ କେବଳ ଏକ ପରମ୍ପରା ବୋଲି କୁହାଯିବ ?

ପୁରାତନ ପ୍ରତୀକଗୁଡ଼ିକ ଉପରେ ଆଧାରିତ କେବଳ ପରମ୍ପରା ।

⁂

ମାଆ, ଛବିରେ ଥିବା ଘରଟିର ଅର୍ଥ କ'ଣ ?

ପଠାଇଥିବା ଚିଠିଟି ଆଉ ମୋ'ର ମନେ ନାହିଁ । ସାଧାରଣତଃ ଘର କହିଲେ ବିଶ୍ରାମ ଓ ନିରାପତ୍ତାର ଏକ ସ୍ଥାନକୁ ବୁଝାଏ ।

*




ଶୁଭ ଖରାପ ଅଶୁଭ
ହିଟଲର

*

ଏହି ସାନ ବ୍ୟାକ୍ତିକୁ ଠିକ୍ ଏହିପରି ଭାବରେ ବନ୍ଧା ଯାଇଥିଲା । ଅଗଣିତ ଅନେକ ରେଶମ ସୂତାରୁ ପ୍ରସ୍ତୁତ ଗୋଟିଏ ଦଉଡ଼ିରୁ ଝୁଲୁଥିବା ଗୋଟିଏ ପେଣ୍ଡୁ— ତାହାର ନିମ୍ନଲିଖିତ କାରଣମାନ ରହିଛି ।

ପେଣ୍ଡୁଟି — ଗୋଲକଟି — ତାହା ବିଶ୍ୱଜନୀନତା, ସମଗ୍ରତା ଓ ଅନନ୍ତତାର ପ୍ରତୀକ । ଏକ,— ଏହାର ପ୍ରତୀକାତ୍ମକ ତାତ୍ପର୍ଯ୍ୟ ହେଉଛି ସହ୍ରର

'oaob.nitrkl.ac.in' images reprocessed

ସକଳ ଆସ୍ପୃହନରେ ବ୍ୟକ୍ତ ହୋଇଥିବା ସର୍ବୋଚ୍ଚ ପରମ ଏକତ୍ୱ — ଏବଂ ଅନେକତ୍ୱ — ତାହା ରେଶମ ଡୋରଟିରୁ ସୂଚିତ ହେଉଛି ।

*

> ଆଜି ମୁଁ ଆପଣଙ୍କଠାରୁ ପାଇଥିବା ଛବିଟିରେ ମୁଁ ଜଣେ ବ୍ୟକ୍ତିଙ୍କୁ କୃତାଞ୍ଜଳି ହୋଇ ଗୋଟିଏ ପୂର୍ଣ୍ଣପ୍ରସ୍ଫୁଟିତ ରକ୍ତବର୍ଣ୍ଣ ପଦ୍ମ, ଗୋଟିଏ କଡ଼ ଓ ଗୋଟିଏ ମାଳା ନିବେଦନ କରୁଥିବାର ଦେଖିପାରୁଛି । ଛବିର ପୃଷ୍ଠଭୂମି ହେଉଛି ହଳଦିଆ । ଏସବୁର ତାତ୍ପର୍ଯ୍ୟ କ'ଣ ?

ରକ୍ତବର୍ଣ୍ଣ ପଦ୍ମ ହେଉଛି ଅବତାରର ପ୍ରତୀକ ଏବଂ ସେହି ପଦ୍ମର ନିବେଦନ ଅବତାରଙ୍କ ପାଖରେ ଆପଣାକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବାକୁ ବୁଝାଉଛି । ପୃଷ୍ଠଭୂମିର ହଳଦିଆ ରଙ୍ଗ ଅତିମାନସ ଅଭିବ୍ୟକ୍ତିକୁ ସୂଚିତ କରୁଛି ।

୮ ନଭେମ୍ବର ୧୯୩୩

*

> ଆପଣ ମୋତେ ଦେଇଥିବା ଛବିରେ ଥିବା ଜଳପ୍ରପାତ କାହାର ପ୍ରତୀକ ? ଏହା କ'ଣ ମୋତେ ସତତ ପ୍ଲାବିତ କରି ରଖିଥିବା ଆପଣଙ୍କର ଅବିକ୍ଷୁବ୍ଧ ଶାନ୍ତି ଏବଂ ଦିବ୍ୟ ଶକ୍ତିମତ୍ତାର ସ୍ରୋତ ନୁହେଁ କି ?

ହଁ, ଏହା ହେଉଛି ଭୌତିକ ଭୂମିରେ ଦିବ୍ୟ ଶକ୍ତିସମୂହ ଅବତରଣ କରୁଥିବାର ପ୍ରତୀକ ।

୨୫ ଜାନୁଆରୀ ୧୯୩୪

*

ପାଣିର ବହୁ ତାତ୍ପର୍ଯ୍ୟ ରହିଛି, ଯଥା — ତରଳତା, ନମନୀୟତା, ସ୍ଥିତିସ୍ଥାପକତା, ଶୁଦ୍ଧିକାରୀ ସତ୍ତ୍ୱ । ଏହା ହେଉଛି ଏକ ଅଗ୍ରସର କରାଇ ନେଉଥିବା ଶକ୍ତି ଏବଂ ସଂଗଠିତ ଜୀବନର ଆରମ୍ଭ ହେଲା ବୋଲି ସୂଚନା ଦେଇଥାଏ । ୩୦

*

'oaob.nitrkl.ac.in' images reprocessed

ଜଳ ପ୍ରାଣିକର ଅନୁସୂଚକ, ପବନ ମନର, ଅଗ୍ନି ଚୈତ୍ୟର, କ୍ଷିତି ଜଡ଼ର ଏବଂ ବ୍ୟୋମ ଚିତ୍ସତ୍ତାର ଅନୁସୂଚକ ।

୨୦ ଅଗଷ୍ଟ ୧୯୫୫

*

ସ୍ୱର୍ଣ୍ଣ ହେଉଛି ଶୁଦ୍ଧ ଆଧ୍ୟାତ୍ମିକ ଆଲୋକର ପ୍ରତୀକ । କୌଣସି ପ୍ରତିକୂଳ ଶକ୍ତି ତାହାକୁ ଏଡ଼ାଇ ଆଗକୁ ଯାଇ ପାରିବ ନାହିଁ । ଯଦି ତୁମେ ସେହି ଆଲୋକକୁ ନେଇ କୌଣସି ପ୍ରତିକୂଳ ଶକ୍ତି ଉପରେ ପ୍ରତିଫଳିତ କରାଇ ପାରିବ, ତେବେ ତାହା ନିଷ୍ପ୍ରଭ ଦ୍ରବୀଭୂତ ହୋଇ ଉଭେଇ ଯିବ । ମାତ୍ର ସ୍ୱର୍ଣ୍ଣର ଆଲୋକକୁ ଆଖିବୁଜା ଭାବରେ ସକଳ କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ନାହିଁ, କାରଣ, ଯେଉଁ ମନୁଷ୍ୟସତ୍ତାମାନେ ଏହି ପ୍ରତିକୂଳ ଶକ୍ତିଗୁଡ଼ିକୁ ନିଜ ଭିତରେ ଆଶ୍ରୟ ଦେଇ ରଖିଥିବେ, ସେମାନେ ତଦ୍ୱାରା ଅତ୍ୟନ୍ତ ବିପଜ୍ଜନକ ଭାବରେ ଆକ୍ରାନ୍ତ ହୋଇ ପଡ଼ିବେ ।

ଅବଶ୍ୟ ଏଠାରେ ମୁଁ ବସ୍ତୁଜଗତର ସ୍ୱର୍ଣ୍ଣ ବିଷୟରେ କିଛି କହୁ ନାହିଁ ।

*

ଅତିମାନସ ଆଲୋକ ଏବଂ ସୂର୍ଯ୍ୟଙ୍କର ଆଲୋକ ମଧ୍ୟରେ କି ସମ୍ବନ୍ଧ ରହିଛି ?

ସୂର୍ଯ୍ୟଙ୍କର ଆଲୋକ ହେଉଛି ଅତିମାନସ ଆଲୋକର ପ୍ରତୀକ ।

୯ ଜୁଲାଇ ୧୯୬୫

*

ଆମେ ଦିବ୍ୟ ପରମ ପ୍ରଭୁଙ୍କର ପ୍ରତୀକ ସେହି ସୂର୍ଯ୍ୟାଲୋକର ଆବାହନ କରୁଛୁ, ଯିଏ ଆମକୁ ପରମସତ୍ୟର ଆଲୋକ ପ୍ରଦାନ କରନ୍ତୁ ।

*

ପ୍ରତୀକଗୁଡ଼ିକ ଗୋଟିଏ ଚଳଣି, ଏବଂ ଭାଷାଗୁଡ଼ିକର ଯେଉଁ ମୂଲ୍ୟ ରହିଥାଏ, ପ୍ରତୀକମାନଙ୍କର ମଧ୍ୟ ସେହି ମୂଲ୍ୟ ରହିଛି ।

୧୦ ଏପ୍ରିଲ୍ ୧୯୬୭

'oaob.nitrkl.ac.in' images reprocessed

# ନୈତିକତା ଓ ଯୁଦ୍ଧ

## ନୈତିକତା

ଯେକୌଣସି ନୈତିକ ବିଧାନ ଅପେକ୍ଷା ଅଧିକ ଉଚ୍ଚ ଓ ଅଧିକ କଠୋର ଏକ ବିଧାନ ପାଖରେ ବାଧ୍ୟ ହୋଇ ରହି ପାରି ନ ଥିବା ପର୍ଯ୍ୟନ୍ତ ତୁମର ପ୍ରଚଳିତ ନୈତିକତାକୁ ବର୍ଜନ କରିବାର କୌଣସି ଅଧିକାର ନାହିଁ ।

୨୮ ମଇ ୧୯୪୭

❋

ଦିବ୍ୟ ପରମବିଧାନକୁ ମାନିପାରିଲେ ଯାଇ ତୁମେ ନୈତିକ ବିଧାନଗୁଡ଼ିକୁ ଅମାନ୍ୟ କରିପାରିବ ।

❋

ପରମସତ୍ୟର ପରିପ୍ରେକ୍ଷୀରେ ବିଚାର କଲେ ନୈତିକ ନିୟମଗୁଡ଼ିକର କେବଳ ଏକ ଅତ୍ୟନ୍ତ ଆପେକ୍ଷିକ ମୂଲ୍ୟ ରହିଛି । ପୁନଶ୍ଚ, ଦେଶ, ଜଳବାୟୁ ଏବଂ କାଳର ପାର୍ଥକ୍ୟ ଅନୁସାରେ ସେଗୁଡ଼ିକ ମଧ୍ୟ ଭାରି ଭିନ୍ନଭିନ୍ନ ହୋଇ ରହିଥାନ୍ତି ।

ଆଲୋଚନାମାନଙ୍କରୁ ସାଧାରଣତଃ କୌଣସି ଫଳ ମିଳେ ନାହିଁ ଓ ସେଥିରେ କୌଣସି ଯଥାର୍ଥରେ ଉତ୍ପାଦନକାରୀ ମୂଲ୍ୟ ନ ଥାଏ । ଯଦି ପ୍ରତ୍ୟେକ ବ୍ୟକ୍ତି ପୂର୍ଣ୍ଣ ଆନ୍ତରିକତା ସହିତ ଏକ ବ୍ୟକ୍ତିଗତ ଉଦ୍ୟମ କରିପାରିବେ, ଯଦି ସାଧୁତା ଏବଂ ସଦିଚ୍ଛା ସହିତ ତାହା କରିପାରିବେ, ତେବେ କାର୍ଯ୍ୟଟି ଲାଗି ସର୍ବୋତ୍ତମ ସ୍ଥିତିଟି ଅବଶ୍ୟ ଉପଲବ୍ଧ ହୋଇଯିବ ।

ଅଗଷ୍ଟ ୧୯୬୬

❋

ପ୍ରତୀତିଗୁଡ଼ିକରୁହିଁ କଦାପି କୌଣସି ସିଦ୍ଧାନ୍ତ କରି ନେବ ନାହିଁ, ଲୋକମାନଙ୍କଠାରୁ ଶୁଣିଥିବା ଗପରୁ ତ ଆହୁରି କମ୍ ପ୍ରତୀତି ମିଳୁଥିବ ।

'oaob.nitrkl.ac.in' images reprocessed

ଗୋଟିଏ ଦେଶରେ ଯାହା ନୀତି, ଆଉଗୋଟିଏ ଦେଶରେ ତାହା ଅନୀତି ।

ଉଦବ୍ୟ ପରମ ସତ୍ତାଙ୍କର ସେବାରେ ନିଯୁକ୍ତ ରହିଲେ ସେଥିପାଇଁ ଯେଉଁ ଆତ୍ମତ୍ୟାଗର ନିଷ୍ଠା ଦ୍ୱାରା ଅଗ୍ରସର ହେବାକୁ ପଡ଼େ, ତାହା ଆଦୌ କୌଣସି ନୈତିକତାକୁ କ୍ଷତ ନ ଆଏ ।

୧୭ ଫେବ୍ରୁଆରୀ ୧୯୭୧

❊

## ଯୁଦ୍ଧ ଓ ସହିଂସତା

ତାହା ଆଦୌ ବହୁଦିନର କଥା ନୁହେଁ, ଏହି ଶତାବ୍ଦୀର ଆରମ୍ଭ ସମୟର କଥା ; ଯାହାକୁ ଆମେ ହୁଏତ ସବୁଠାରୁ ଅଧିକ ପରିମାଣରେ ହିଂସ୍ରତାପୂର୍ଣ୍ଣ ଯୁଦ୍ଧ ବୋଲି କହିପାରିବା, ଲକ୍ଷ ଲକ୍ଷ ମନୁଷ୍ୟଙ୍କର ଭାଗ୍ୟର ମୀମାଂସା ଏକାଧିକ ଥର ପାଇଁ ସେହି ସମୟରେ ବିଭିନ୍ନ ରାଷ୍ଟ୍ରର ପରସ୍ପର ସହିତ ଯୁଦ୍ଧରତ ଶାସକମାନଙ୍କର ଅର୍ଥବ୍ୟାପାରଗତ ଅନୁମାନଗୁଡ଼ିକ ଦ୍ୱାରାହିଁ କରାଯାଇଥିଲା ।

❊

ହେ ମନୁଷ୍ୟ, ତୋ'ର ହୃଦୟ ଭିତରେ ତ କୌଣସି ଶାନ୍ତି ନାହିଁ, ତେବେ ତୁ 'ଶାନ୍ତି' ନାମକ ସେହି ଉଦାର ମହାନ୍ ଶବ୍ଦଟିକୁ କିପରି ଉଚ୍ଚାରଣ କରିପାରିବୁ ?

ତୁ କହୁଛୁ, ଯୁଦ୍ଧ ସରିଗଲା ; ତଥାପି ପ୍ରତ୍ୟେକ ସ୍ଥାନରେ ମନୁଷ୍ୟ ମନୁଷ୍ୟର ହତ୍ୟା କରିବାରେ ଲାଗିଛି ଏବଂ ହତ୍ୟାକାରୀ କେଣେ ଭାଇ ତା'ର ଭାଇର ହତ୍ୟା କରି ରକ୍ତ ବୁହାଇବାରେ ଲାଗିଛି !

❊

ବାଇବେଲ୍‌ରେ ଅଛି ଯେ ପରମେଶ୍ୱର କେନ୍‌କୁ ଡାକି କହିଲେ : "ତୋ' ଭାଇ ପ୍ରତି ତୁ କି ଆଚରଣ ନ କଲୁ ?"

ଆଜି ମୁଁ ମଧ୍ୟ ମନୁଷ୍ୟକୁ ଡାକି ପଚାରିବି : "ଏହି ପୃଥିବୀ ପ୍ରତି ତୁ କି ଆଚରଣ ନ କଲୁ ?"

❊

'oaob.nitrkl.ac.in' images reprocessed

ମନୁଷ୍ୟମାନଙ୍କୁ ପରସ୍ପରଠାରୁ ବିଦୀର୍ଣ୍ଣ କରି ନେଇ ଯାଉଥିବା ଏହି ଭୟଙ୍କର ସଂଘାତ ମଧ୍ୟରୁ ଦିବ୍ୟ ପରମକରୁଣା ସେଉଁମାନଙ୍କୁ ବହୁଦୂରରେ ରଖିଛନ୍ତି, ଦିବ୍ୟ କାର୍ଯ୍ୟ ନିମିତ୍ତ ଆପଣାର ସମଗ୍ର ସତ୍ତାକୁ ଉତ୍ସର୍ଗ କରିଦେବା ଦ୍ୱାରାହିଁ ସେମାନେ ଆପଣାର କୃତଜ୍ଞତା ବ୍ୟକ୍ତ କରି ପାରିବେ ।

ମଇ ୧୯୪୦

*

ହିଟଲର୍ ବିଷୟରେ ଆଦୌ ବ୍ୟସ୍ତ ହୁଅ ନାହିଁ । ଦିବ୍ୟଶକ୍ତି ସମ୍ମୁଖରେ କୌଣସି ଆସୁରିକ ଶକ୍ତି ମଧ୍ୟ ସବୁଦିନ ଲାଗି କଦାପି ଛିଡ଼ା ହୋଇ ପାରିବ ନାହିଁ ଏବଂ ସିଏ ପରାଭୂତ ହେବାର ମୁହୂର୍ତ୍ତଟି ଅବଶ୍ୟ ଆସି ପହଞ୍ଚିବ ।

୨୭ ମଇ ୧୯୪୦

*

The 15th August 1945

The Victory has come. Thy Victory, O Lord, for which we render to Thee infinite thanksgiving.

But now our ardent prayer rises towards Thee. It is with Thy force and by Thy force that the victors have conquered. Grant that they do not forget it in their success and that they keep the promises which they have made to Thee in the hours of danger and anguish. They have taken Thy name to make war, may they not forget Thy grace when they have to make the peace.

M.

ବିଜୟ ଉପସ୍ଥିତ ହୋଇଛି । ହେ ପରମପ୍ରଭୁ, ଏହା ହେଉଛି ତୁମରି ବିଜୟ, ଯାହା ସକାଶେ ଆମେ ଆପଣଙ୍କ ପାଖରେ ଅଶେଷ କୃତଜ୍ଞତା ଜ୍ଞାପନ କରୁଛୁ ।

'oaob.nitrkl.ac.in' images reprocessed

ମାତ୍ର ଆମର ଉଦ୍ଦୀପ୍ତ ପ୍ରାର୍ଥନା ବର୍ତ୍ତମାନ ଆପଣଙ୍କ ଉଦ୍ଦେଶ୍ୟରେହିଁ ଉତ୍ଥିତ ହେଉଛି । କେବଳ ଆପଣଙ୍କର ଶକ୍ତି ସାଥିରେ ଥିବାରୁ ଓ କେବଳ ଆପଣଙ୍କର ଶକ୍ତି ଦ୍ୱାରାହିଁ ନେତାମାନେ ଜୟଲାଭ କରିଛନ୍ତି । ଆପଣ କରନ୍ତୁ, ଯେପରିକି ସେମାନେ ଏହି ସଫଳତାର ମୁହୂର୍ତ୍ତରେ ସେହି କଥାଟିକୁ ଆଦୌ ପାସୋର ନ ଯାଆନ୍ତୁ ଏବଂ ଦୁଃଖ ଓ ବିପଦ ସମୟରେ ଆପଣଙ୍କ ପାଖରେ ସେମାନେ ଯେଉଁସବୁ ଶପଥ କରିଥିଲେ, ସେମାନେ ସେଗୁଡ଼ିକୁ ଯେପରି କଦାପି ଭୁଲି ନ ଯା'ନ୍ତୁ । ଯୁଦ୍ଧ କରିବା ସକାଶେ ସେମାନେ ଆପଣଙ୍କର ନାମ ନେଇଛନ୍ତି; ବର୍ତ୍ତମାନ ଶାନ୍ତି ସ୍ଥାପନା କରିବାକୁ ଯାଉଥିବା ବେଳେ ସେମାନେ ଯେପରି ଆପଣଙ୍କର କରୁଣାକୁ ପାସୋରି ନ ଯାଆନ୍ତି !

୧୫ ଅଗଷ୍ଟ ୧୯୪୫

*

## ଆଣବିକ ବୋମା

ଆଣବିକ ବୋମାକୁ ଅନପେକ୍ଷ ଭାବରେ ସବୁଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଏକ କୃତିତ୍ୱ ଏବଂ ଜଡ଼ପ୍ରକୃତି ଉପରେ ମନୁଷ୍ୟର କ୍ରମବର୍ଦ୍ଧମାନ ଶକ୍ତିର ଏକ ସଙ୍କେତ ବୋଲି ଅବଶ୍ୟ କୁହାଯିବ । ମାତ୍ର ଏହି କ୍ଷେତ୍ରରେ ଯାହା ଏକାନ୍ତ ପରିତାପର ବିଷୟ, ତାହା ହେଉଛି ଯେ, ଜଡ଼କ୍ଷେତ୍ରର ଏହି ଅଗ୍ରଗତି ଏବଂ ପ୍ରଭୁତ୍ୱ-ଅର୍ଜନ କୌଣସି ଆଧ୍ୟାତ୍ମିକ ପ୍ରଗତି ଏବଂ ପ୍ରଭୁତ୍ୱ-ଅର୍ଜନର ଫଳସ୍ୱରୂପ ଆଦୌ ଉପଲବ୍ଧ ହୋଇ ନାହିଁ । ଏଇଟି ସହିତ ତାହାର ଆଦୌ କୌଣସି ସଙ୍ଗତି ନାହିଁ । ଏବଂ, କେବଳ ସେହି ଆଧ୍ୟାତ୍ମିକ ପ୍ରଗତି ଏବଂ ପ୍ରଭୁତ୍ୱ-ଅର୍ଜନରହିଁ ଏହିସବୁ ଆବିଷ୍କାରରୁ ଉଦ୍ଭୂତ ହୋଇ ଆସିଥିବା ଭୟାନକ ବିପଦକୁ ବିରୋଧ କରିବାର ଏବଂ ବାରିତ କରି ରଖିବାର ଶକ୍ତି ରହିଛି । ଆମେ ଅଗ୍ରଗତିକୁ ରୋକି ପାରିବା ନାହିଁ, ତାହାକୁ କଦାପି ବନ୍ଦ କରି ଦେବା ନାହିଁ; ମାତ୍ର, ଭିତର ଏବଂ ବାହାର ଉଭୟ ମଧ୍ୟରେ ଏକ ସମତାବସ୍ଥା ସମ୍ଭବ କରିହିଁ ଆମେ ତାହାର ଉପଲବ୍ଧି କରିବା ।

୩୦ ଅଗଷ୍ଟ ୧୯୪୫

*

କୌଣସି ଆଦର୍ଶର ବିଜୟଲାଭ ଲାଗି ହିଂସା କଦାପି ଏକ ଉତ୍ତମ ମାର୍ଗ

ଶ୍ରୀ ... ଇଂଲିଗିଆ ...
'oaob.nitrkl.ac.in' images reprocessed

ନୁହେଁ । ଆମେ ଅନ୍ୟାୟ ଦ୍ୱାରା କିପରି ନ୍ୟାୟର ପ୍ରତିଷ୍ଠା କରି ପାରିବା, ଘୃଣା ଦ୍ୱାରା କିପରି ସମଞ୍ଜସତାର ପ୍ରତିଷ୍ଠା କରି ପାରିବା ?

୯ ଅକ୍ଟୋବର ୧୯୫୧

❋

> 'କ' ଜାଣିବାକୁ ଇଚ୍ଛା କରୁଛନ୍ତି, ଆପଣ ଏବେ ବିଶ୍ୱ-ପରିସ୍ଥିତି ସମ୍ବନ୍ଧରେ କିଛି କହିବନ୍ତି କି ନାହିଁ । ଆଉ ଏକ ବିଶ୍ୱଯୁଦ୍ଧ ଅଥବା ସେହିପରି କୌଣସି ଭୟଙ୍କର ପ୍ରମାଦ ଘଟିବାର ସମ୍ଭାବନା ରହିଛି କି ନାହିଁ ବୋଲି ସେ ଜାଣିବାକୁ ଇଚ୍ଛା କରୁଛନ୍ତି ।

ତାଙ୍କୁ କହିଦେବ ଯେ ମୁଁ ଜଣେ ଭବିଷ୍ୟବକ୍ତା ହେବା ପାଇଁ ମୋଟେ ରାଜି ନୁହେଁ ।

୩ ଫେବୃଆରୀ ୧୯୬୨

❋

ପ୍ରଯୁକ୍ତ ଶକ୍ତିକୁ ଫଳପ୍ରଦ କରିବାକୁ ହେଲେ ଏକ ଦୁର୍ବିପାକ ଘଟାଇବାର ଆବଶ୍ୟକତା ଯେ ରହିଛି, ସେହି ପୁରାତନ ଧାରଣା ହେଉଛି ଏକ ପରିସୀମନ, ଏବଂ ତାହାକୁ ଅତିକ୍ରମ କରିଯିବାକୁ ହେବ ।

❋

ଧ୍ୱଂସକୁ ସ୍ୱାଗତ କରିବାର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ମାତ୍ର, ତାହା ଆମକୁ ଯେଉଁ ଶିକ୍ଷା ଦେବାକୁ ଆସେ, ଆମକୁ ସେଥିରୁ ଅବଶ୍ୟ ଶିକ୍ଷାଲାଭ କରିବାକୁ ହେବ ।

❋

ମୁଁ ହିଂସାର ସମ୍ପୂର୍ଣ୍ଣ ଭାବରେ ନିନ୍ଦା କରୁଛି । ଆମେ ଯେଉଁ ଲକ୍ଷ୍ୟ ସକାଶେ ଅଭୀପ୍ସା ରଖିଛୁ, ସେହି ଲକ୍ଷ୍ୟରେ ଯାଇ ପହଞ୍ଚିବାର ପଥରେ ହିଂସାତ୍ମକ ପ୍ରତ୍ୟେକ କାର୍ଯ୍ୟ ଆମକୁ ଗୋଟିଏ ପାଦ ପଛକୁହିଁ ନେଇଯାଏ ।

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତା ସକଳ ସ୍ଥାନରେ ବିଦ୍ୟମାନ ରହିଛନ୍ତି ଏବଂ ଅତ୍ୟଧିକ ଭାବରେ ଚେତନାଯୁକ୍ତ ଅଛନ୍ତି । ଆମେ ତାଙ୍କର ସମ୍ମୁଖରେ ଯାହା ନ କରି ପାରିବା, ତାହାକୁ କେବେହେଲେ କରିବାକୁ ଦିବା ନାହିଁ ।

୭ ମଇ ୧୯୭୧

✽

କାହାକୁ ପ୍ରହାର କରିବା ଲାଗି ଯେତେବେଳ ଯାଏ ତୁମ ଭିତରେ ସାମର୍ଥ୍ୟ ରହିଥିବ, ସେପର୍ଯ୍ୟନ୍ତ ତୁମ ନିଜକୁ ମଧ୍ୟ ଆଉକିଏ ଆସି ପ୍ରହାର କରିବାର ସମ୍ଭାବନାଟି ଲାଗି ତୁମେ ଦ୍ୱାର ଉନ୍ମୁକ୍ତ କରି ରଖିଥିବ ।

✽

ସାମୂହିକ କୋପପ୍ରକାଶ : ଆନ୍ଲୋକକୁ ଘୃଣା ଏବଂ ଅବଜ୍ଞା କରୁଥିବା କର୍ଦ୍ଦମର ବିକଟରୂପଧାରୀ ନୃଶଂସତା ।

✽

ହିଂସା ଏବଂ ନୃଶଂସତା ମଧ୍ୟରେ ଏକ ପାର୍ଥକ୍ୟ ରହିଛି । ହିଂସା ପ୍ରଣୋଦିତ ହୋଇ ଜଣେ ବ୍ୟକ୍ତି ହୁଏତ ଏକ ଅତ୍ୟନ୍ତ ଭୟାନକ କାର୍ଯ୍ୟ କରିଦେଇ ପାରିବ, ମାତ୍ର ପରେ ସେଥିଲାଗି ହୁଏତ ଅତ୍ୟନ୍ତ ଦୁଃଖିତ ଅନୁଭବ କରିବ । ଅନ୍ୟ ପକ୍ଷରେ, ଜଣେ ନୃଶଂସ ବ୍ୟକ୍ତି ସମ୍ପୂର୍ଣ୍ଣ ଅବବୋଧରହିତ ଭାବରେହିଁ ସେହି କାର୍ଯ୍ୟଟିକୁ କରିଥାଏ — ସଚୂକରି ଆଗରୁ ବରାଦ ହୋଇ ରହିଥାଏ ଏବଂ କେବଳ ସେଇଟି ଲାଗିହିଁ ସେଇଟିକୁ କରାଯାଏ ।

✽

## ନିରାପତ୍ତା ଓ ସୁରକ୍ଷା

ବୋମାବୃଷ୍ଟି ହେଉଥିବା ସମୟରେ ମୃତ୍ୟୁଭୟରେ ପଳାୟନ କରୁଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ :



'oaob.nitrkl.ac.in' images reprocessed

ସମଗ୍ର ପୃଥିବୀ ବିପଦଗ୍ରସ୍ତ ହୋଇ ରହିଥିବା ବେଳେ ତୁମେ କାହିଁକି ନିରାପଦରେ ରହିବ ? ତୁମର ଯେ କୌଣସି ବିଶେଷ ଭାବରେ ସୁରକ୍ଷା ହେବ, ତାହା ଦାବି କରିବା ପାଇଁ ତୁମପାଖରେ କେଉଁ ବିଶେଷ ଗୁଣ ବା ବିଶେଷ ଯୋଗ୍ୟତା ରହିଛି ?

କେବଳ ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ ନିରାପତ୍ତା ରହିଛି । ତୁମେ ତାଙ୍କର ମଧ୍ୟରେ ଆଶ୍ରୟ ନିଅ ଏବଂ ସକଳ ଭୟର ପରିହାର କର ।

୨୭ ମଇ ୧୯୪୨

*

(୧୯୬୫ ମସିହା ସେପ୍‌ଟେମ୍ବର ମାସରେ ପାକିସ୍ଥାନ ସହିତ ଭାରତର ଯୁଦ୍ଧ ଲାଗିଥିବା ବେଳେ ପଣ୍ଡିଚେରୀ ଆସିବାକୁ ଅନୁମତି ପ୍ରାର୍ଥନା କରିଥିବା ବ୍ୟକ୍ତିମାନଙ୍କ ବିଷୟରେ )

ସେମାନେ ପଣ୍ଡିଚେରୀକୁ ଅବଶ୍ୟ ଆସିପାରନ୍ତି ; ମାତ୍ର ଯେଉଁମାନେ ଭୀତ, ସେମାନେ ଯେକୌଣସି ସ୍ଥାନରେ ମଧ୍ୟ ଭୀତ ହୋଇ ରହିବେ ଏବଂ, ଯାହାର ବିଶ୍ୱାସ ଅଛି, ସେ ଯେକୌଣସି ସ୍ଥାନରେ ମଧ୍ୟ ନିରାପଦ ହୋଇ ରହିଥିବ ।

୯ ସେପ୍‌ଟେମ୍ବର ୧୯୬୫

*

ଦିବ୍ୟ ପରମକରୁଣା ଉପରେ ଅବିଚଳ ବିଶ୍ୱାସ, — ତାହାହିଁ ସର୍ବୋତ୍ତମ ସୁରକ୍ଷା ।

*

ତୁମ ପଟେ ପୂର୍ଣ୍ଣ ଏବଂ ସାତତ୍ୟଯୁକ୍ତ ବିଶ୍ୱାସ ରହିଥିଲେ ଯାଇ ସୁରକ୍ଷା ସକ୍ରିୟ ହେବ ଓ ଫଳପ୍ରଦ ହୋଇ ପାରିବ ।

*

'oaob.nitrkl.ac.in' images reprocessed

ଆମେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଏବଂ ଆନ୍ତରିକତା ସହିତ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ଅର୍ପଣ କରିଦେବା ଏବଂ ତେବେ ତାଙ୍କର ସୁରକ୍ଷାକୁ ମଧ୍ୟ ଲାଭ କରି ପାରିବା ।

*

ସମଗ୍ର ସୁରକ୍ଷା : କେବଳ ଦିବ୍ୟ ପରମସତ୍ତାହିଁ ଯାହା ପ୍ରଦାନ କରି ପାରିବେ ।

*

ଚୈତ୍ୟ ସୁରକ୍ଷା : ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମର୍ପଣ କରିଦେବା ଦ୍ୱାରା ଯାହା ଲବ୍ଧ ହୋଇଥାଏ ।

*

ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିପାରିଲେ ଓ ଯାବତୀୟ ବାସନାରୁ ମୁକ୍ତ ହୋଇ ରହି ପାରିଲେ ଯାଇ ଶାଶ୍ୱତିକ ସୁରକ୍ଷା ଉପଲବ୍ଧ ହୋଇ ପାରିବ ।

*

ଦିବ୍ୟ ପରମ ଉପସ୍ଥିତି ଉପରେ ଆପଣାକୁ ଆହୁରି ଅଧିକ ସାତତ୍ୟର ସହିତ ଅଭିନିବେଶିତ କରି ରଖ, ଏବଂ ତା'ହେଲେ ସୁରକ୍ଷା ଅଧିକ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇ ପାରିବ ।

*

ଆପଣାର ଯାବତୀୟ କ୍ରିୟାଶୀଳତାକୁ ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉଦ୍ଦିଷ୍ଟ କରି ରଖିବା ; ନିରାପତ୍ତା ଲାଭ କରିବାର ସୁନିଶ୍ଚିତତମ ମାର୍ଗ ।

*

ଆମେ ଯାହାକୁ ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପଣ କରିଥାଉ, କେବଳ ସେତକ ବ୍ୟତୀତ ଆଉ କିଛିହେଲେ ନିରାପଦ ହୋଇ ରହି ନ ଥାଏ ।

'oaob.nitrkl.ac.in' images reprocessed

# ଅର୍ଥସମ୍ପଦ ଏବଂ ରାଷ୍ଟ୍ର

## ଅର୍ଥସମ୍ପଦ ଓ ଅର୍ଥନୀତି

*Money is not meant to make money, money is meant to make the earth ready for the advent of the new creation*

ଆହୁରି ଅଧିକ ଅର୍ଥ କମାଇବାର କାମରେ ଲାଗିବା ଅର୍ଥର ଉଦ୍ଦେଶ୍ୟ ନୁହେଁ ; ଅଭିପ୍ରେତ ନୂତନ ସୃଷ୍ଟିର ଆଗମନ ନିମିତ୍ତ ପୃଥିବୀକୁ ପ୍ରସ୍ତୁତ କରି ରଖିବା ହେଉଛି ଅର୍ଥର ଉଦ୍ଦେଶ୍ୟ ।

*

ସମସ୍ତ ସମ୍ପତ୍ତି ହେଉଛି ସେହି ଦିବ୍ୟ ପରମସତ୍ତାଙ୍କର । ସେହି ଦିବ୍ୟ ପରମସତ୍ତା ଜୀବନଧାରୀ ପ୍ରାଣୀମାନଙ୍କୁ ତାହା ଧାରସୂତ୍ରରେ ଦିଅନ୍ତି, ସେହି ଅର୍ଥ ସ୍ୱଭାବତଃ ପୁନର୍ବାର ତାଙ୍କର ପାଖକୁହିଁ ଲେଉଟି ଯିବ ।

*

'oaob.nitrkl.ac.in' images reprocessed

ଚୈତ୍ୟ ପୁରୁଷର ଅଧୀନରେ ରହିଥିବା ଅର୍ଥ : ଯେଉଁ ଅର୍ଥ ତାହାର ଯଥାର୍ଥ ଅଧିକାରୀ, ସେହି ଦିବ୍ୟ ପରମସତ୍ତାଙ୍କ ପାଖକୁହିଁ ଫେରିଯିବାକୁ ପ୍ରସ୍ତୁତ ହୋଇ ରହିଥାଏ ।

*

ଏପରି ଏକ ଦିନ ଆସିବ, ଯେତେବେଳେ କି ଏହି ପୃଥିବୀର ସକଳ ସମ୍ପତ୍ତି ଦିବ୍ୟଭାବବିରୋଧୀ ଶକ୍ତିଗୁଡ଼ିକର ଦାସତ୍ୱ ମଧ୍ୟରୁ ମୁକ୍ତ ହୋଇ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଓ ସମ୍ପୂର୍ଣ୍ଣ ଭାବରେ ଆପଣାକୁ ଏହି ପୃଥିବୀ ପୃଷ୍ଠରେ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟରେ ଲାଗିପାରିବ ବୋଲି ଅବଶ୍ୟ ଅର୍ପଣ କରିଦେବ । *

୭ ଜାନୁଆରୀ ୧୯୫୫

*

ତୁମେ ଯାହାକିଛି ହୋଇ ରହିଛ, ତୁମ ପାଖରେ ଯାହାକିଛି ରହିଛି, ତୁମେ ସେହି ସବୁକିଛିକୁ ଦେଇ ଦିଅ । ତା'ଠାରୁ ଆଉ ଅଧିକ କିଛିହେଲେ ତୁମ ପାଖରୁ ମଗା ଯାଉ ନାହିଁ, ଏବଂ ଏହାଠାରୁ ଏତେଟିକିଏ କମ୍ ମଧ୍ୟ ମଗା ଯାଉ ନାହିଁ । *

* ୭ ଜାନୁଆରୀ ୧୯୫୭

ଯେଉଁ ସମ୍ପତ୍ତି ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ ହୁଏ, ତାହାହିଁ ଯଥାର୍ଥ ସମ୍ପତ୍ତି ।

*

ତୁମେ ଯେଉଁ ଅର୍ଥକୁ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟରେ ଅର୍ପଣ କର, ତାହାହିଁ ତୁମକୁ ଧନବାନ୍ କରିବାରେ ଲାଗିଥାଏ ।

୩୦ ଜାନୁଆରୀ ୧୯୫୯

*

* "ଜଡ଼ଜଗତକୁ ଦିବ୍ୟ ପରମ ସତ୍ତାଙ୍କ ପାଇଁ ଅର୍ପଣ କରିଦେବା ପାଇଁ" ମାଆ ଯେଉଁ ପ୍ରକଳ୍ପର ଅବଧାରଣାର ଉଦ୍ଭାବନ କରିଥିଲେ, ସେହି ପ୍ରସଙ୍ଗରେ ପ୍ରଦତ୍ତ ହୋଇଥିବା ସନ୍ଦେଶ ।

'oaob.nitrkl.ac.in' images reprocessed

ଯେଉଁ ସମ୍ପତ୍ତିକୁ ତୁମେ ନିଜ ପାଖରେ ରଖିଥାଅ, ତାହା ଅପେକ୍ଷା, ଯାହାକୁ ତୁମେ ଦାନ କରିଦଅ, ତାହା ତୁମକୁ ଅଧିକ ଧନବାନ୍ କରିଥାଏ ।

*

( ଶ୍ରୀଅରବିନ୍ଦ ସୋସାଇଟିର ପ୍ରଥମ ବାର୍ଷିକ ସମ୍ମିଳନୀ ନିମନ୍ତେ ବାର୍ତ୍ତା )

ଯଥାର୍ଥ ମାର୍ଗରେ ସମ୍ପତ୍ତିର ବ୍ୟୟ କରିବା, ତାହାହିଁ ସମ୍ପତ୍ତିକୁ ଯଥାର୍ଥ ସମ୍ପତ୍ତିରେ ପରିଣତ କରେ ।

ସର୍ବୋତ୍ତମ ଭାବରେ ଆପଣା ସମ୍ପତ୍ତିର ବିନିଯୋଗ କରିବା ଦ୍ୱାରାହିଁ ତୁମେ ଯଥାର୍ଥରେ ଧନବାନ୍ ହୋଇଥାଅ ।

ଫେବୃଆରି ୧୯୬୨

*

ଯିଏ ଆପଣାର ଐଶ୍ୱର୍ଯ୍ୟକୁ ଉଦବ୍ୟ ପରମସତ୍ତାଙ୍କୁହିଁ ଦେଇ ପାରୁଥାଏ, ଐଶ୍ୱର୍ଯ୍ୟ ତାହାର ପାଖରେ ସ୍ଥାୟୀ ହୋଇ ରହେ ।

*

ନିଃସ୍ୱାର୍ଥପର ଐଶ୍ୱର୍ଯ୍ୟଶାଳିତା ! ଯେଉଁ ବ୍ୟକ୍ତି ପ୍ରଚୁର ଐଶ୍ୱର୍ଯ୍ୟ ଲାଭ କରେ, ଏବଂ ତାହାକୁ ଲାଭ କରିବା ସଙ୍ଗେ ସଙ୍ଗେ ଦାନ କରି ଦେଉଥାଏ ।

*

ଉଦାରତା କେବଳ ଦେବାରେହିଁ ଲାଗିଥାଏ, ତାହା ବଦଳରେ ତାହା କ'ଣସବୁ ପାଇବ ବୋଲି ଆଦୌ ଚିନ୍ତା କରୁ ନ ଥାଏ ।

*

ଉତ୍ତମ କାର୍ଯ୍ୟ ଲାଗି ପ୍ରଚୁର ଧନ ଆସୁ ଓ ପ୍ରଚୁର ଧନ ବ୍ୟୟିତ ହେଉ ।

*

'oaob.nitrkl.ac.in' images reprocessed

କୌଣସି କାର୍ଯ୍ୟରେ ଅତ୍ୟଧିକ ଭାବରେ ଅର୍ଥ ବ୍ୟୟିତ ହୋଇ ଯାଉଥିଲେ ମଧ୍ୟ, ମୁଁ ଯେକୌଣସି କାର୍ଯ୍ୟକୁ ସେଥିରେ ବ୍ୟୟିତ ହେଉଥିବା ଅର୍ଥ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମନେ କରିଥାଏ । ଏହିସବୁ ନିଷ୍ପତ୍ତିର କ୍ଷେତ୍ରରେ ଅର୍ଥ ଆଦୌ ଏକ ମାନଦଣ୍ଡ ହୋଇ ରହିବା ଉଚିତ ନୁହେଁ । ଗୁଡ଼ାଏ ଖର୍ଚ୍ଚ ହୋଇଯିବ ବୋଲି ଯଦି ଆମେ କୌଣସି ବସ୍ତୁକୁ ରଖିବା ନାହିଁ ବୋଲି କହୁ, ତେବେ ତଦ୍ୱାରା ଆମେ ପରମ କରୁଣା ପ୍ରତି ରହିଥିବା ଆମର ଗ୍ରହଣଶୀଳତାକୁ ସୀମିତ କରି ରଖିଦେବା ଏବଂ ତାହାର କାର୍ଯ୍ୟକୁ ପ୍ରକୃତରେ ବ୍ୟାହତ କରି ରଖିବା । ଅର୍ଥ ହେଉଛି ଆଦାନପ୍ରଦାନର କେବଳ ଏକ ମାଧ୍ୟମ ମାତ୍ର, ଏହା ଏକାନ୍ତ ଆପେକ୍ଷିକ ଏବଂ ଦ୍ରବ୍ୟ ପରମସତ୍ତାଙ୍କର ଭଣ୍ଡାର ଏକ ଅସରନ୍ତି ଭଣ୍ଡାର । ଏହି ଦୃଷ୍ଟିକୋଣକୁ ଏକ ଉଚିତ ଦୃଷ୍ଟିକୋଣ ବୋଲି କୁହା ଯିବ କି ?

ତୁମେ ଠିକ୍ କଥା କହୁଛ ଓ ତୁମର ଦୃଷ୍ଟିକୋଣକୁ ମୁଁ ସମର୍ଥନ କରୁଛି ।

***

ଆପଣାର ଭାବନାରେ ତୁମେ କଦାପି ଆଧ୍ୟାତ୍ମିକ ଶକ୍ତି ସହିତ ଅର୍ଥକୁ ନେଇ ଏକାଠି ମିଶାଇ ଦେବ ନାହିଁ; କାରଣ ତାହା ତୁମକୁ ସିଧା ବିପର୍ଯ୍ୟୟ ଆଡ଼କୁ ଟାଣି ନେଇ ଯାଉଥିବ ।

*

ଭିତରେ ଅହଂକାର ରଖି ଯାହାକିଛି ଦାନ କରାଯାଏ, ତାହା ଦାତା ଅଥବା ଗ୍ରହୀତା କାହାର ପାଇଁ ବି ଲାଭଜନକ ହୁଏ ନାହିଁ ।

*

'oaob.nitrkl.ac.in' images reprocessed

ସେ ଏହି କଥାଟିକୁ ବୁଝନ୍ତୁ ଓ ଅନୁଭବ କରନ୍ତୁ ବୋଲି ମୁଁ ଇଚ୍ଛା କରୁଥିଲି ଯେ, କୌଣସି ଗୋଟିଏ ଦାନ ମଧ୍ୟରେ ଯେଉଁ ଭାବନା, ଯେଉଁ ଅନୁଭବ ଓ ଯେଉଁ ଶକ୍ତି ଅନ୍ତର୍ନିହିତ ହୋଇ ରହିଥାଏ, ତାହା ଦାନ କରା ଯାଉଥିବା ବସ୍ତୁଟି ତୁଳନାରେ ପ୍ରକୃତରେ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ଅଧିକ ମୂଲ୍ୟବାନ୍ ।

❋

ଅଧିକରୁ ଅଧିକ ମୁହୂର୍ତ୍ତ ହୁଃ ହୋଇ ମୋ'ର ମନରେ ଏକ ବ୍ୟାବହାରିକ ସମସ୍ୟାର ଉଦୟ ହେଉଛି : ଯେଉଁ ବ୍ୟକ୍ତି ଯୋଗସାଧନା ନିମନ୍ତେ ପ୍ରସ୍ତୁତ ହେଉଛି ଏବଂ ଆପଣଙ୍କ ପାଖରେହିଁ ସବୁକିଛୁ ଅର୍ପଣ କରିଦେଇ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ଉପରେ ନିର୍ଭର କରିବାକୁ ନିଜ ଜୀବନର ଏକ ସାଧାରଣ ନିୟମ ବୋଲି ଗ୍ରହଣ କରିନେଇଛି, ସିଏ ଅନ୍ୟମାନେ ଦେଉଥିବା ଅର୍ଥ ବା ଅନ୍ୟ କୌଣସି ପଦାର୍ଥକୁ ଦାନରୂପେ ଗ୍ରହଣ କରି ପାରିବ କି ? କାରଣ ଯଦି ସେ ତାହା ଗ୍ରହଣ କରିବ, ତେବେ ତାକୁ ନାନା ବ୍ୟକ୍ତିଗତ ବାଧ୍ୟବାଧକତା ଏବଂ କର୍ତ୍ତବ୍ୟ ମଧ୍ୟରେ ବାନ୍ଧିହୋଇ ରହିବାକୁ ପଡ଼ିବ । ଜଣେ ସାଧକ ନିଜକୁ ଏତେଦୂର ବାନ୍ଧି ଛାଡ଼ିଦେବ କି ? ସିଏ ନିଜକୁ "ଦିବ୍ୟ ପରମସତ୍ତା ଅନେକ ମାର୍ଗରେ ଦାନ କରନ୍ତି" ବୋଲି ପ୍ରକୃତରେ କହି ପାରିବ କି ?

ଗୋଟିଏ କ୍ଷେତ୍ରରେ ଏକ ଦାନ ଗ୍ରହଣ କରିଛି ଓ ଆଉଗୋଟିଏ କ୍ଷେତ୍ରରେ ଦାନ ଗ୍ରହଣ କରି ନାହିଁ ବୋଲି ଜଣେ ବ୍ୟକ୍ତି ଯଦି କଳହ କରିବାକୁ ଆରମ୍ଭ କରେ, ତେବେ ସେହି ପରିସ୍ଥିତିରେ କ'ଣ କରାଯିବ ? ବାରବାର ନାହିଁ କରୁଥିବା ଦ୍ୱାରା ନିଜ ଚତୁର୍ଦିଗରେ ଉପୁଜୁଥିବା ତିକ୍ତତାକୁ ଏଡ଼ାଇବା ନିମନ୍ତେ ପ୍ରକୃତରେ କ'ଣ କରିବାକୁ ହେବ ?

'oaob.nitrkl.ac.in' images reprocessed

"ଦିବ୍ୟ ପରମସତ୍ତା ଅନେକ ବାଟରେ ଦାନ କରନ୍ତି ।"

ଏହାହିଁ ଯଥାର୍ଥ କଥା । ଆଉ କାହାର ପାଖରେ କୌଣସି ବାଧ୍ୟବାଧକତା ନାହିଁ, କେବଳ ଦିବ୍ୟ ପରମସତ୍ତାଙ୍କ ପାଖରେହିଁ ତାହା ରହିଛି, ସମ୍ପୂର୍ଣ୍ଣ ଭାବରେ ତାଙ୍କରି ପାଖରେହିଁ ରହିଛି । ଅତେବ କୌଣସି ସର୍ତ୍ତ ନ ଥାଇ ଯେତେବେଳେ କିଛି ଦାନ କରାଯାଉଥାଏ, ସେତେବେଳେ ତାହାକୁ ଦିବ୍ୟ ପରମସତ୍ତାଙ୍କ ପାଖରୁ ଆସୁଥିବା ଏକ ଦାନ ବୋଲି ମନେ କରି ଗ୍ରହଣ କରାଯାଇ ପାରିବ, ଏବଂ ତାହାର ପ୍ରତିଦାନ ବା ଅନୁମୋଦନ ସ୍ୱରୂପ କ'ଣ ପ୍ରୟୋଜନ, ସେହି କଥାଟିକୁ ସେହି ଦିବ୍ୟ ପରମସତ୍ତାଙ୍କ ମାରଫତରେ ଛାଡ଼ି ଦେବାକୁ ପଡ଼ିବ ।

ଏହି କ୍ଷେତ୍ରରେ ଘଟୁଥିବା ଅସଦ୍‌ଭାବନା, ଦ୍ୱେଷ, କଳହ ଏବଂ ଈର୍ଷାଗୁଡ଼ିକର କ୍ଷେତ୍ରରେ ଆମକୁ ଆନ୍ତରିକତା ସହିତ ସେସବୁର ଊର୍ଦ୍ଧ୍ୱରେ ରହିବାକୁ ହେବ ଏବଂ ଏକ ଉଦାର ସ୍ମିତହାସ୍ୟ ଦ୍ୱାରା ଉଗ୍ରତମ କଥାର ମଧ୍ୟ ଜବାବ ଦେବାକୁ ପଡ଼ିବ । ଏବଂ, ନିଜ ବିଷୟରେ ତଥା ନିଜର ସକଳ ପ୍ରତିକ୍ରିୟା ବିଷୟରେ ଏକାନ୍ତ ନିଶ୍ଚିତ ନ ହୋଇ ପାରୁଥିବା ଯାଏ, ଏକ ସାଧାରଣ ନିୟମ ହିସାବରେ ନୀରବତା ଅବଲମ୍ବନ କରିବାହିଁ ଏହି କ୍ଷେତ୍ରରେ ଅଧିକ ଉତ୍ତମ ହେବ ।

୬ ଅକ୍ଟୋବର ୧୯୬୦

*

ଲୋକମାନେ "ପରମେଶ୍ୱର ଦରିଦ୍ରର ବନ୍ଧୁ" ବୋଲି କହିଥାନ୍ତି; ମାତ୍ର ତାହା ପ୍ରକୃତରେ ଏକ ଭୁଲ ଏବଂ ମିଛ କଥା ବୋଲି ମନେ ହେଉଛି । ଈଶ୍ୱର ହେଉଛନ୍ତି ଧନୀମାନଙ୍କର ବନ୍ଧୁ । ଆମର ସ୍ଥାନ ଏହି କ୍ଷେତ୍ରରେ ସେ କେଉଁଠି ଅଛି, ଆମକୁ ସେକଥା ଜଣା ନାହିଁ ।

ଭଗବାନ୍ ଧନୀମାନଙ୍କୁ ଧନ ଦିଅନ୍ତି, ମାତ୍ର ଦରିଦ୍ର ଲୋକମାନଙ୍କୁ ନିଜକୁ ଦିଅନ୍ତି । ଦରିଦ୍ରମାନେ ଧନ ଅଥବା ଭଗବାନ୍, ଦୁଇଟି ମଧ୍ୟରୁ କେଉଁଟିକୁ ଅଧିକ ମୂଲ୍ୟ ଦିଅନ୍ତି, ସବୁକଥା ତାହାରି ଉପରେ ନିର୍ଭର କରିଥାଏ ।

୨୨ ଅଗଷ୍ଟ ୧୯୬୪

*

'oaob.nitrkl.ac.in' images reprocessed

ଅର୍ଥଦାତା ଏବଂ ବ୍ୟବସାୟୀମାନଙ୍କୁ ଭବିଷ୍ୟ ସହିତ ସହଯୋଗ କରିବାର ଏକ ସମ୍ଭାବନା ପ୍ରଦତ୍ତ ହୋଇ ରହିଛି, ମାତ୍ର ସେମାନଙ୍କ ମଧ୍ୟରୁ ଅଧିକାଂଶ ସେହି ସମ୍ଭାବନାକୁ ଗ୍ରହଣ କରିବାଲାଗି ସମ୍ମତ ହେଉ ନାହାନ୍ତି; ସେମାନଙ୍କ ଭିତରେ ଏହି ବିଶ୍ୱାସଟି ଦୃଢ଼ ହୋଇ ରହିଛି ଯେ, ଭବିଷ୍ୟତ୍‌ ଅପେକ୍ଷା ଅର୍ଥରହିଁ ଅଧିକ ଶକ୍ତି ରହିଛି ।

ମାତ୍ର ଭବିଷ୍ୟତ୍‌ ଆପଣାର ଅପ୍ରତିରୋଧ୍ୟ ଶକ୍ତି ଦ୍ୱାରା ସେମାନଙ୍କୁ ପେଷି ଗୁଣ୍ଡା କରି ଦେବ ।

*

ଜଡ଼ର ଆବେଶ ମଧ୍ୟରେ ରହିଥିବା ଏହି ପୃଥିବୀରେ ମନୁଷ୍ୟମାନେ ଅର୍ଥକୁହିଁ ଦିବ୍ୟ ପରମ ସତ୍ତାଙ୍କର ଇଚ୍ଛା ଠାରୁ ଅଧିକ ପବିତ୍ର ବୋଲି ଜ୍ଞାନ କରୁଛନ୍ତି ।

୧୨ ମାର୍ଚ୍ଚ ୧୯୬୫

*

ଅର୍ଥ ଲାଗି ଲୋଭ : ନିଜର ବିବେକରେ ହ୍ରାସ ଘଟାଇବା ଏବଂ ନିଜର ସ୍ୱଭାବକୁ ସଙ୍କୀର୍ଣ୍ଣ କରି ରଖିବାର ନିଶ୍ଚିତତମ ଉପାୟ ।

*

ଅର୍ଥ ଦେଇ ସୁଖ ନିଆଯାଉ, ମୁଁ ଏହାକୁ ସମର୍ଥନ କରେ ନାହିଁ ।

*

ମୁଁ କିଞ୍ଚିତ୍ ପରିମାଣରେ ମାଲକାରବାର ଏବଂ ମୂଳଧନ ଖଟାଇବାରେ ସମୟ ନଷ୍ଟ କରିଥିଲି ମାତ୍ର ପୂରା ଲୋକସାନରେ ପଡ଼ିଲି । ସେତେବେଳେ ମୁଁ ଯେଉଁସବୁ ଅଟକଳବାଜି କରୁଥିଲି, ତାହା ମୋର ପକେଟରେ ଏଡ଼େ ବଡ଼ କଣା କରିଦେଇ ଗଲା । ବର୍ତ୍ତମାନ ଭାବୁଛି, ଏସବୁ ନ କରିଥିଲେ ଭଲ ହୋଇଥାନ୍ତା । ଆପଣ କ'ଣ ଏହିସବୁ ଅଟକଳବାଜିର ଏକାନ୍ତ ବିରୁଦ୍ଧରେ ?

'oaob.nitrkl.ac.in' images reprocessed

ତୁମର ଜାଣିରଖିବା ଉଚିତ ଯେ ମୁଁ ଅଟକଳବାଜୀର ଆଦୌ ସମର୍ଥନ କରେ ନାହିଁ, ମାତ୍ର ଯାହା ହୋଇଗଲାଣି, ସେବିଷୟରେ ଆଉ ଭାବୁଛ କାହିଁକି ?

୧୨ ଡିସେମ୍ବର ୧୯୩୯

*

ଜଣେ ବ୍ୟକ୍ତିର ଚେତନାରେ ଉନ୍ନତି ହେବା ସଙ୍ଗେସଙ୍ଗେ ତା'ର ଆର୍ଥିକ ଅବସ୍ଥା ମଧ୍ୟ ସ୍ଥାୟୀ ହୁଏ କି ?

ଯଦି "ଚେତନାର ଉନ୍ନତି" କହିଲେ ଏକ ବୃଦ୍ଧିପ୍ରାପ୍ତ ଓ ପ୍ରସାରିତ ଚେତନାକୁ ଅର୍ଥାତ୍ ଚେତନାର ଏକ ଅଧିକ ଉତ୍ତମ ସଂଗଠନକୁ ବୁଝାଏ, ତେବେ ତାହା ଫଳରେ ସ୍ୱଭାବତଃ ବାହ୍ୟ ବସ୍ତୁଗୁଡ଼ିକ ଉପରେ ("ଆର୍ଥିକ ଅବସ୍ଥା" ସମେତ) ନିଶ୍ଚୟ ଏକ ଅଧିକ ଉତ୍ତମ ନିୟନ୍ତ୍ରଣ ମଧ୍ୟ ସମ୍ଭବ ହୋଇଯିବ । ମାତ୍ର, ଏକଥା ମଧ୍ୟ ସତ୍ୟ ଯେ, ଯେତେବେଳେ ଚେତନା ଅଧିକ ଉନ୍ନତ ହେବ, ସେତେବେଳେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଜଣେ ବ୍ୟକ୍ତି ନିଜର ଆର୍ଥିକ ଅବସ୍ଥା ପ୍ରଭୃତି ବ୍ୟାପାରରେ ପ୍ରକୃତରେ କମ୍ ବ୍ୟସ୍ତ ଓ ସମ୍ପୃକ୍ତ ହୋଇ ରହିବ ।

*

ଆର୍ଥିକ ସମସ୍ୟାର ସମାଧାନ :

ଦୁଇଟି ସମସ୍ୟାର ଏକ ସମନ୍ୱୟରେ ଉପନୀତ ହେବା :

(୧) ଉତ୍ପାଦନକୁ ଆବଶ୍ୟକତାଗୁଡ଼ିକ ସହିତ ଅନୁକୂଳିତ କରି ରଖିବା ।

(୨) ଆବଶ୍ୟକତାଗୁଡ଼ିକୁ ଉତ୍ପାଦନ ସହିତ ଅନୁକୂଳିତ କରି ରଖିବା ।

*

## ରାଷ୍ଟ୍ର ଓ ରାଜନୀତି

ଅନ୍ୟମାନଙ୍କୁ ଶାସନ କରିବାର ଆଶା ପୋଷଣ କରିବା ପୂର୍ବରୁ ବ୍ୟକ୍ତିକୁ ପ୍ରଥମେ ନିଜକୁ ନିୟନ୍ତ୍ରଣରେ ରଖିବା ଲାଗି ସମର୍ଥ ହେବାକୁ ପଡ଼ିବ ।

*

'oaob.nitrkl.ac.in' images reprocessed

(୧) ଆପଣା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ-ଲାଭ, ଅନ୍ୟମାନଙ୍କୁ ନିୟନ୍ତ୍ରଣରେ ରଖିବା ଲାଗି ତାହା ହେଉଛି ଅପରିହାର୍ଯ୍ୟ ପୂର୍ବସର୍ତ୍ତ ।

(୨) ଯେତେବେଳେ କୌଣସି ରୁଚି-ଅଭିରୁଚି ରହିବ ନାହିଁ, ଜଣକୁ ଭଲପାଇ ଆଉ ଜଣକୁ ଭଲ ପାଇଲେ ଆଦୌ ହେବ ନାହିଁ — ପ୍ରତ୍ୟେକ ବ୍ୟକ୍ତି ଲାଗି ସମତାଭାବ ରହିବ ।

(୩) ପୂର୍ଣ୍ଣ ଧୈର୍ଯ୍ୟ ରହିବ, ସହନଶୀଳତା ରହିଥିବ ।

ଏବଂ ଯାହା କହିବା ଏକାନ୍ତ ଅପରିହାର୍ଯ୍ୟ, କେବଳ ସେତିକ କହିବାକୁ ପଡ଼ିବ, ତା'ଠାରୁ ଅଧିକ କଥା କହିଲେ ଆଦୌ ଚଳିବ ନାହିଁ ।

ମାର୍ଚ୍ଚ ୧୯୬୪

*

ଯେଉଁମାନଙ୍କର ଜୀବନ ବୁଦ୍ଧିଗତ ବିବେକ ଦ୍ୱାରା ପରିଚାଳିତ ହେଉଥାଏ, ଆମେ ସେମାନଙ୍କର କଥାକୁ ପ୍ରକୃତରେ ଗମ୍ଭୀର ଭାବରେ ଗ୍ରହଣ କରିଥାଉ ; ମାତ୍ର, ଯେଉଁ ବ୍ୟକ୍ତିମାନେ କେବଳ ନିଜ କ୍ଷଣିକ ପ୍ରବଳାବେଗଗୁଡ଼ିକ ହାତରେ ପ୍ରକୃତରେ ଗୋଟିଏ ଗୋଟିଏ ଖେଳନା ହୋଇ ରହିଥାନ୍ତି, ସେମାନେ କରୁଥିବା ତଥାକଥିତ ନିଷ୍ପତ୍ତିଗୁଡ଼ିକୁ ଆଦୌ କୌଣସି ମହତ୍ତ୍ୱ କିପରି ଦିଆଯାଇ ପାରିବ ?

*

ବିଗ୍ରହ : ସଂଗଠକ ମାତ୍ରକେ ପ୍ରତ୍ୟେକଙ୍କ ପାଇଁ ଏକାନ୍ତ ଆବଶ୍ୟକ ; ତାହାର ଗୁଣାତ୍ମକ ଶକ୍ତି ଉପରେହିଁ ସଂଗଠନଟିର ଗୁଣାତ୍ମକତା ନିର୍ଭର କରିଥାଏ ।

*

ସଂଗଠନ କରିବା ଅପେକ୍ଷା ଦବାଇଦେବା ଅଧିକ ସହଜ, ମାତ୍ର ଯଥାର୍ଥ ବ୍ୟବସ୍ଥା ଦବାଇ ଦେବାଠାରୁ ଅନେକ ଅଧିକ ଉଚ୍ଚରେ ଅବସ୍ଥିତ ।

୩୦ ଜୁନ୍ ୧୯୬୪

*

ଯାବତୀୟ ଫଳଲାଭ ନିମନ୍ତେ ସଂଗଠନ ଏବଂ ଶୃଙ୍ଖଳା ଆବଶ୍ୟକ ଭୂମିରୂପେ କାର୍ଯ୍ୟ କରିଥାନ୍ତି ।

'oaob.nitrkl.ac.in' images reproccessed

ଉତ୍ତମ ଭାବରେ ଆଦେଶ ଦେଇ ଜାଣିବାକୁ ହେଲେ ପ୍ରଥମେ ଉତ୍ତମ ଭାବରେ ଆଦେଶ ପାଳନ କରିବା ଶିକ୍ଷା କରିବାକୁ ହୁଏ ।

*

ଯିଏ ଆଦେଶ ପାଳନ କରି ଜାଣିଛି, କେବଳ ସେଇ ଶାସନ କରିବାକୁ ସମର୍ଥ ହେବ ।

*

*To those whose work is to govern or to lead.*

*When you want to please the people, you let things go as they are, waiting for Nature to impose her progress upon man. But this is not the truth of the creation. The true mission of man is to impose his progress on Nature.*

*2.12.54*

### ଶାସନ କରିବା ଓ ନେତୃତ୍ୱ ଦେବା ଯେଉଁମାନଙ୍କର କାର୍ଯ୍ୟ, ସେହିମାନଙ୍କ ଲାଗି ।

ଯେତେବେଳେ ତୁମେ ଲୋକମାନଙ୍କୁ ସନ୍ତୁଷ୍ଟ କରି ରଖିବାଲାଗି ଇଚ୍ଛା କରିବ, ସେତେବେଳେ ତୁମେ ସକଳ ବ୍ୟାପାରକୁ ସେଗୁଡ଼ିକ ଯେଉଁପରି ଅଛନ୍ତି, ସେହିପରି ରହିବାକୁ ଛାଡ଼ିଦେବ ଓ ପ୍ରକୃତି ମନୁଷ୍ୟ ଉପରେ ତା'ର ଅଗ୍ରଗତିକୁ ଆଣି ଲଦିଦେବା ପର୍ଯ୍ୟନ୍ତ ଅପେକ୍ଷା କରିବ । ମାତ୍ର, ସୃଷ୍ଟିର ସତ୍ୟ ଆଦୌ ଏପରି ନୁହେଁ । ଆପଣାର ଅଗ୍ରଗତିକୁ ପ୍ରକୃତି ଉପରେ ନେଇ ଲଦିଦେବା, ତାହାହିଁ ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ ଓ କର୍ତ୍ତବ୍ୟ ।

୨ ଡିସେମ୍ବର ୧୯୫୪

*

'oaob.nitrkl.ac.in' images reprocessed

ନିଜର ସାଧାରଣ ଚେତନାର ଭୂମିରେ ଲୋକେ ଆଦୌ କୌଣସି କର୍ତ୍ତୃତ୍ୱକୁ ସହ୍ୟ କରନ୍ତି ନାହିଁ ; ସେହି କର୍ତ୍ତୃତ୍ୱ ଯେତେ ବିଧାନସମ୍ମତ ହୋଇଥିଲେ ମଧ୍ୟ, ଯଦି ସେମାନଙ୍କର ସମସ୍ତଶ୍ରେଷ୍ଠ ବୋଲି ସ୍ୱୀକାର କରୁଥିବା ଜଣେ ବ୍ୟକ୍ତି ଦ୍ୱାରା ସେହି କର୍ତ୍ତୃତ୍ୱଟିକୁ ଆଣି ସେମାନଙ୍କ ଉପରେ ଲଗୁ କରି ଯାଉଥାଏ, ତେବେ ସେମାନେ ତାହାକୁ ଆଦୌ ସହନ୍ତି ନାହିଁ ।

ଅନ୍ୟ ପକ୍ଷରେ, ଯଦି ମନୁଷ୍ୟର କର୍ତ୍ତୃତ୍ୱକୁ ବିଧାନସମ୍ମତ ଭାବରେ ଅନ୍ୟମାନଙ୍କ ଉପରେ ଲଗୁ କରିବାକୁ ରହିଥାଏ, ତେବେ ସେହି କର୍ତ୍ତୃତ୍ୱ ଯଥେଷ୍ଟ ପରିମାଣରେ ସନ୍ଦୀପିତ, ନିଷ୍ପକ୍ଷ ଏବଂ ଅହଂଭାବମୁକ୍ତ ହୋଇଥିବା ଦରକାର, ଯେପରିକି କେହି ଯୁକ୍ତିସଙ୍ଗତ ଭାବରେ ତାହାର ମୂଲ୍ୟପ୍ରାସଙ୍ଗିକତା ବିଷୟରେ ଆଦୌ କୌଣସି ସଂଶୟ ପ୍ରକାଶ କରି ପାରିବ ନାହିଁ ।

*

ଯାହାଠାରେ ଯଥାର୍ଥ ନ୍ୟାୟର ପରିପୂର୍ଣ୍ଣ ବୋଧ ରହିଛି, କେବଳ ତାହାରହିଁ ଅନ୍ୟମାନେ ତାହାର ଆଦେଶ ପାଳନ କରନ୍ତୁ ବୋଲି ଦାବି କରିବାର ଅଧିକାର ରହିଛି ।

*

"ଶ୍ରେଷ୍ଠ" ଲୋକମାନେହିଁ ପୃଥିବୀର ଶାସନ କରନ୍ତୁ ବୋଲି ମୁଁ ଯେତେବେଳେ କହୁଥାଏ, ସେତେବେଳେ କୌଣସି ରାଜନୀତିକ ଦୃଷ୍ଟିକୋଣରୁ ନୁହେଁ, ମାତ୍ର ଏକ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁହିଁ ସେପରି କହୁଥାଏ ।

ରାଷ୍ଟ୍ରର ବିଭିନ୍ନ ପ୍ରକାରସବୁ ଯେଉଁଭଳି ଅଛନ୍ତି, ଠିକ୍ ସେହିଭଳି ହୋଇ ରହି ପାରନ୍ତି; ତାହାର କେବଳ ଏକ ଗୌଣ ମହତ୍ତ୍ୱ ରହିଛି । ମାତ୍ର କ୍ଷମତାରେ ରହିଥିବା ବ୍ୟକ୍ତିମାନଙ୍କର ସାମାଜିକ ସ୍ଥିତି ଯାହା ହୋଇଥାଉ ପଛକେ, ଯେଉଁମାନେ ପରମସତ୍ୟର ଉପଲବ୍ଧି କରିଛନ୍ତି ଏବଂ କେବଳ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ଇଚ୍ଛା ବ୍ୟତୀତ ଯେଉଁମାନଙ୍କର ଅନ୍ୟ କୌଣସି ଇଚ୍ଛା ନାହିଁ, ସେମାନେ ଏହିଭଳି ବ୍ୟକ୍ତିମାନଙ୍କଠାରୁହିଁ ଆପଣାର ପ୍ରେରଣା ଲାଭ କରିପାରୁଥିବା ଉଚିତ ।

୧୭ ସେପ୍ଟେମ୍ବର ୧୯୫୯

*

'oaob.nitrkl.ac.in' images reprocessed

ତୁମେ ରାଜନୀତି ଭିତରେ ରହିଥାଅ ଓ ପରମସତ୍ୟକୁ ରାଜନୀତି ମଧ୍ୟକୁ ଆଣିବାକୁ ଚେଷ୍ଟାକର । ଫଳପ୍ରଦ ଆଧ୍ୟାତ୍ମିକତା ଦୃଷ୍ଟିରେ ଏହା ହେଉଛି ଏକ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ପଥ ।

*

ବକ୍ତୃତାରେ ବା ଲେଖାରେ ବ୍ୟକ୍ତିମାନଙ୍କୁ ପ୍ରକାଶ୍ୟ ଭାବରେ ଗାଳି ଦେବାର ଏହି ଅତି ନିମ୍ନ ସ୍ତରର ଅଶିଷ୍ଟ ରାଜନୀତିକ ଅଭ୍ୟାସଟିକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିଦେବାକୁ ପଡ଼ିବ । ଆମକୁ ବ୍ୟକ୍ତି ବ୍ୟକ୍ତି ଭିତରେ କୌଣସି ଯୁଦ୍ଧରେ ନୁହେଁ, ବସ୍ତୁର ବସ୍ତୁର ମଧ୍ୟରେ ଏକ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ପଡ଼ିବ, ତେବେ ଯାଇ ସତ୍ୟର ବିଜୟ ହୋଇ ପାରିବ ।

*

ମାଆ, ଯୁବ ଶିବିରଗୁଡ଼ିକ* ସମ୍ବନ୍ଧରେ ଆପଣ କହିଛନ୍ତି ଯେ ଆମେ ସେଠାରେ ରାଜନୀତିର କୌଣସି ଚର୍ଚ୍ଚା କରିବୁ ନାହିଁ ।

ଏହି ସମ୍ବନ୍ଧରେ ଆପଣ ଆମକୁ ଅଧିକ ନିର୍ଦ୍ଦିଷ୍ଟ ଭାବରେ କିଛି ମାର୍ଗଦର୍ଶନ ଦେବେ ବୋଲି ମୁଁ ପ୍ରାର୍ଥନା କରୁଛି । ମଧୁମୟୀ ମାଆ, କେବଳ ଯୁବ-ଶିବିରର ଆମପାଇଁ ନୁହେଁ, ଶ୍ରୀଅରବିନ୍ଦ କର୍ମଧାରା ବିଷୟରେ ଆମେ ଯେଉଁମାନେ ଦେଶର ଚାରିଆଡ଼େ ବୁଲି ବକ୍ତୃତା ଦେଉଛୁ ସାଧାରଣ ଭାବରେ ସେମାନଙ୍କ ପାଇଁ ମଧ୍ୟ ଆପଣ କିଛି କହିବେ ···

ଏପର୍ଯ୍ୟନ୍ତ ଆମେ ଏହିପରି ବିଚାର କରି ଆସିଛୁ ଯେ, "ରାଜନୀତି" ରେ କୌଣସି ଏକ ଆନ୍ଦୋଳନର କାର୍ଯ୍ୟକ୍ରମ ରହିଥାଏ, ସେଥିରେ ଷଡ଼ଯନ୍ତ୍ର ଏବଂ ଅନ୍ୟାୟାଚାରର

* ଶ୍ରୀଅରବିନ୍ଦ ଓ ମାଆଙ୍କ ରଚନାଗୁଡ଼ିକୁ ଅଧ୍ୟୟନ କରିବା ଉଦ୍ଦେଶ୍ୟରେ ଆୟୋଜିତ ସେମିନାର । ଏଗୁଡ଼ିକ ଏକାଧିକ ଦିନ ସକାଶେ ଆୟୋଜିତ ହେଉଥିଲା ।

'oaob.nitrkl.ac.in' images reprocessed

ଅନ୍ତର୍ଭୁକ୍ତ ଥାଏ ଏବଂ ଅନ୍ୟମାନଙ୍କ ଉପରେ ନିଜର ଅଥବା ନିଜ ଦଳର କର୍ତ୍ତୃତ୍ୱ ବିସ୍ତାର କରିବା ଲାଗି ତାହା ଉଦ୍ଦିଷ୍ଟ ହୋଇ ରହିଥାଏ । ଏଥିରେ ଏହି କଥାଟିକୁ ବିଶ୍ୱାସ କରିବାକୁ ପଡ଼େ ଯେ, ନିଜର ମତ ବା ଆଦର୍ଶ ହେଉଛି ଠିକ୍ ମତ ଓ ଠିକ୍ ଆଦର୍ଶ; ଏବଂ ଅନ୍ୟମାନଙ୍କର ମତ ଓ ଆଦର୍ଶ ଭୁଲ ।

ଆମକୁ ଏହି ରାଜନୀତିଠାରୁ ଦୂରରେ ରହିବାକୁ ହେବ । ନୁହେଁ କି ?

ହଁ ।

ମାତ୍ର ଶ୍ରୀଅରବିନ୍ଦ ଏକ ଅତ୍ୟନ୍ତ ଉଚ୍ଚ ଦୃଷ୍ଟିଭୂମିରେ ଅବସ୍ଥିତ ରହି ଏଗୁଡ଼ିକର ଚର୍ଚ୍ଚା କରିଛନ୍ତି । ପ୍ରତ୍ୟେକ ପଥ ଓ ପ୍ରତ୍ୟେକ ଆଦର୍ଶବାଦରେ ଯାହା ଯଥାର୍ଥ, ସେହି ଚର୍ଚ୍ଚାରେ ସେ ତାହାକୁ ଦେଖିଛନ୍ତି ଏବଂ ଏହି ଯାବତୀୟ ଆଂଶିକ ସତ୍ୟକୁ ଏକ ପ୍ରକୃତ ସମନ୍ୱୟ ମଧ୍ୟକୁ ଯଥାର୍ଥ ଭାବରେ ସଂଯୁକ୍ତ କରି ଆଣିବା ଆଡ଼କୁ ବାଟ ଦେଖାଇ ଦେଇଛନ୍ତି । ଯଦି ଆମେ ତାଙ୍କର ଶିକ୍ଷା ଲାଭ କରି ତାଙ୍କର ପନ୍ଥାଟିକୁ ଅନୁସରଣ କରି ପାରିବା, ତେବେ ଆମେ ଏହିସବୁ ବ୍ୟାପାରର ଯଥାର୍ଥ ଭାବରେ ସମ୍ମୁଖୀନ ହୋଇ ପାରିବା, ଏବଂ ତା'ପରେ ଏଗୁଡ଼ିକୁ ଏଡ଼ି କରି ରହିବାର ଆଉ କୌଣସି ପ୍ରୟୋଜନ ନ ଥିବ । ଆମର ଏହିପରି ବୁଝିବା ଏବଂ ଏହିପରି ଅଗ୍ରସର ହେବା ଠିକ୍ କି ?

ହଁ ।

ବ୍ୟାଙ୍କ୍ - ଜାତୀୟକରଣ, ରାଜାମାନଙ୍କର ଭତ୍ତାଲୋପ, ପ୍ରେସ୍ ବିଲ୍‌ପ୍ରଭୃତି ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକର ଯେତେବେଳେ ଉତ୍ତର ଦେବାକୁ ପଡ଼ୁଛି, ସେତେବେଳେ, ପୂର୍ବରୁ

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଅଥବା ଆପଣଙ୍କ ଠାରୁ ସିଧା ଏବଂ ସୁନିର୍ଦ୍ଦିଷ୍ଟ ଉତ୍ତରମାନ ପ୍ରାପ୍ତ ହୋଇ ନ ଥିଲେ, ଆମେ ଏସବୁର ଏହିଭଳି ଉତ୍ତର ଦେଇଛୁ ଯେ, ଏହି କାର୍ଯ୍ୟଗୁଡ଼ିକ ହେଉଛନ୍ତି କେବଳ ଉପରିସ୍ତରର ଗୋଟିଏ ଗୋଟିଏ ତାତ୍କାଳିକ ବ୍ୟବସ୍ଥା ଏବଂ ତେଣୁ କେବଳ ତାହାରି ମଧ୍ୟରେହିଁ ସମସ୍ୟାଚୟର ଅଭିପ୍ରେତ ଉତ୍ତରଗୁଡ଼ିକ ଆମକୁ କଦାପି ମିଳି ଯିବ ନାହିଁ । କେବଳ ଚେତନାର ଭୂମିରେ ଏକ ପରିବର୍ତ୍ତନ ସମ୍ଭବ ହୋଇପାରିଲେ, ବା, ଅନ୍ତତଃ ସତ୍ୟଲାଗି ଅଭୀପ୍ସା ରଖିଲେ ଓ ତାହାରି ଫଳରେ ଚେତନାର ଏକ ପରିବର୍ତ୍ତନ ଲାଗି ଆମ ଭିତରେ ଏକ ଉନ୍ମୋଚନ ଘଟିପାରିଲେ ଯାଇ ଏସବୁ ନିର୍ଦ୍ଦିଷ୍ଟ ସମସ୍ୟାର ଯଥାର୍ଥ ସମାଧାନ ହୋଇ ପାରିବ । କାରଣ, ଯେକୌଣସି ବ୍ୟବସ୍ଥା କିଂବା ଯୋଜନାର ଆକାର ଯାହା ହୋଇଥାଉ ପଛକେ, ଆମରି ଲୋକମାନେହିଁ ତ ତାହାକୁ ପ୍ରକୃତ କ୍ଷେତ୍ରରେ କାର୍ଯ୍ୟକାରୀ କରିବେ । ଏବଂ ସେହି ଲୋକମାନେ ଅନ୍ଧକାର ଏବଂ ମିଥ୍ୟା ଭିତରେ ଆବଦ୍ଧ ହୋଇ ରହିଥିବା ପର୍ଯ୍ୟନ୍ତ, ବାହାରକୁ ସେତେ ଚମତ୍କାର ବୋଲି ଦେଖା ଯାଉଥିଲେ ମଧ୍ୟ, କୌଣସି ବ୍ୟବସ୍ଥା ଓ ଯୋଜନା କଦାପି ସଫଳ ହୋଇ ପାରିବ ନାହିଁ ।

ତେଣୁ, ଯାବତୀୟ ସମସ୍ୟା ଲାଗି କେବଳ ସେହି ଗୋଟିଏ ସମାଧାନ ରହିଛି; ଆପଣ ସେହି ସମାଧାନଟିକୁ ଦେଇଛନ୍ତି — କେବଳ ସେହି ଶାଶ୍ୱତ ପରମସତ୍ୟର ନିର୍ଦ୍ଦେଶ ମାନିବାକୁ ହେବ ଏବଂ ପରମସତ୍ୟର ନିର୍ଦ୍ଦେଶ ଅନୁସାରେ ଜୀବନ ବଞ୍ଚିବାକୁ ପଡ଼ିବ ।

ଏହି ଉତ୍ତରଟି ପ୍ରକୃତରେ ଯଥାର୍ଥ ଏବଂ ଯଥେଷ୍ଟ କି ?

'oaob.nitrkl.ac.in' images reprocessed

ହଁ, ପ୍ରକୃତରେ ଯଥାର୍ଥ ।

ଏପରି କେତେକ ସମସ୍ୟା, ଯେଉଁଥିରେ କି ଆପଣ ବା ଶ୍ରୀଅରବିନ୍ଦ ସିଧା ଉତ୍ତରମାନ ଦେଇଛନ୍ତି, ସେଥିରେ ଆମେ ମଧ୍ୟ ନିର୍ଦ୍ଦିଷ୍ଟ ଉତ୍ତର ଦେଇ ପାରୁଛୁ । ଉଦାହରଣ ସ୍ୱରୂପ, ଭାରତ ଏବଂ ପାକିସ୍ତାନର ଏକତ୍ୱ ବିଷୟକ ସମସ୍ୟା, — ସେହି ଏକତ୍ୱ ହେଉଛି ଏପରି ଏକ ବୃହତ୍ ସତ୍ୟ, ଯାହା ବ୍ୟତୀତ ବାଂଲାଦେଶ ପ୍ରଭୃତି ସମସ୍ୟାଗୁଡ଼ିକର ଆଦୌ କୌଣସି ସମାଧାନ ହୋଇ ପାରିବ ନାହିଁ । ଅଥବା, ଭାଷାର ସମସ୍ୟାକୁ ଆଉଗୋଟିଏ ଉଦାହରଣ ରୂପେ ନିଆ ଯାଇପାରେ, ଯେଉଁ ସମ୍ବନ୍ଧରେ ଆପଣ କହିଛନ୍ତି ଯେ ଦେଶ ଲାଗି (୧) ଆଞ୍ଚଳିକ ଭାଷା ଶିକ୍ଷାର ମାଧ୍ୟମ ହେବ, (୨) ସଂସ୍କୃତ ଜାତୀୟ ଭାଷା ହେବ ଏବଂ (୩) ଇଂରାଜୀ ଆନ୍ତର୍ଜାତୀୟ ଭାଷାରୂପେ ଗୃହୀତ ହେବ ।

ଏହିସବୁ ପ୍ରଶ୍ନର ଏହି ଉତ୍ତରମାନ ଦେବା ଦ୍ୱାରା ଆମେ ଠିକ୍ କରୁଛୁ ତ ?

ହଁ ।

ଅନେକ ଆଶୀର୍ବାଦ ।

ଅଳ୍ପ କଥା କହିବ, ସଚ୍ଚୋଟ ହେବ, ନିଷ୍ଠା ସହିତ କାର୍ଯ୍ୟ କରିବ ।

୪ ଅକ୍ଟୋବର ୧୯୭୧

*

କମ୍ୟୁନିଜମ୍‌କୁ ପରମସତ୍ୟ ବୋଲି କହିବା ଦ୍ୱାରା ଯାବତୀୟ ଧର୍ମଗତ ମତାନ୍ଧତା ଯେଉଁ ଭୁଲ କରିଛନ୍ତି, ଠିକ୍ ସେହି ଭୁଲଟିର ପୁନରାବୃତ୍ତି ହିଁ ହେବ, ତଦ୍ଦ୍ୱାରା କମ୍ୟୁନିଜ୍‌ମ୍‌କୁ ଅନ୍ୟ ଯାବତୀୟ ଧର୍ମର ସମାନ ସ୍ତରରେ ନେଇ ରଖି

'oaob.nitrkl.ac.in' images reprocessed

ବଢ଼ାଇବ ... ଏବଂ ତାହା ପରମସତ୍ୟର ପ୍ରକୃତରେ ଅନେକ ଦୂରବର୍ତ୍ତୀ ହୋଇ ରହିବ ।

*

## ମାନବ-ଏକତା

### ଆମେରିକା ଉଦ୍ଦେଶ୍ୟରେ ବାର୍ତ୍ତା

ତୁମେମାନେ ହେଉଛ ପଶ୍ଚିମ ଜଗତର ଓ ଅନ୍ୟମାନେ ହେଉଛନ୍ତି ପୂର୍ବ ଜଗତର, ତୁମେମାନେ ଆଉ ଏପରି ଆଦୌ ଚିନ୍ତା କର ନାହିଁ ସବୁ ମଣିଷ ସେହି ଗୋଟିଏ ଦିବ୍ୟ ଉତ୍ସରୁହିଁ ଜାତ ହୋଇଛନ୍ତି ଏବଂ ପୃଥିବୀପୃଷ୍ଠରେ ଏହି ଉତ୍ସର ଏକତ୍ୱକୁ ବ୍ୟକ୍ତ କରିବାପାଇଁ ଅଭିପ୍ରେତ ହୋଇ ଆସିଛନ୍ତି ।

୪ ଅଗଷ୍ଟ ୧୯୪୯

*

ଆପଣାର ଆନ୍ତର୍ଜାତିକ ସମ୍ବନ୍ଧ ଓ ବ୍ୟାପାରଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ଅବଶ୍ୟ ସତ୍ୟାନୁରାଗୀ ଏବଂ ନିଷ୍ଠାଯୁକ୍ତ ହୋଇ ରହିବାକୁ ପଡ଼ିବ ବୋଲି ମନୁଷ୍ୟମାନେ ବୁଝିଲେ ଯାଇ ପୃଥିବୀରେ ଏକ ସ୍ଥାୟୀ ତଥା ଅବିଚ୍ଛିନ୍ନ ଶାନ୍ତି ସମ୍ଭବ ହୋଇ ପାରିବ ।

ରାଷ୍ଟ୍ରମାନେ ଯାହାସବୁ କରୁଛନ୍ତି, ସେଗୁଡ଼ିକୁ କେବଳ କହି ଦେବାରେ ନୁହେଁ ସେମାନେ ଯାହାସବୁ କହୁଛନ୍ତି, ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ମଧ୍ୟ ସେମାନଙ୍କର ସର୍ବୋଚ୍ଚ ପରୀକ୍ଷା ନିହିତ ହୋଇ ରହିଛି ।

*

ଦୈତ ଆଚରଣ ଏବଂ ମିଥ୍ୟା ଉପରେ ଆଧାରିତ ନ ରହି ଯଦି ରାଜନୀତିସୁ ପରମସତ୍ୟ ଓ ଦିବ୍ୟ ପରମ କରୁଣାର ଯନ୍ତ୍ରରୂପେ କାର୍ଯ୍ୟ କରି ପାରନ୍ତା, ତେବେ

'oaob.nitrkl.ac.in' images reprocessed

ତଦ୍ଵାରା ମାନବ-ଏକତା ଏବଂ ସମନ୍ୱୟତା ଦଗରେ ଏକ ବୃହତ୍ ପଦକ୍ଷେପ ନିଆଯାଇ ପାରନ୍ତା ।

୧୫ ଏପ୍ରିଲ୍ ୧୯୫୫

❊

## ଶାନ୍ତି ବିଷୟରେ

ମାନବ-ଏକତା ବିଷୟରେ ଆମର ସଚେତନତାର ଅଭିବୃଦ୍ଧି ଏବଂ ପ୍ରତିଷ୍ଠା ଦ୍ଵାରାହିଁ ପୃଥିବୀରେ ଏକ ଯଥାର୍ଥ ଓ ସ୍ଥାୟୀ ଶାନ୍ତି ସମ୍ଭବ ହୋଇ ପାରିବ । ଏହି ଲକ୍ଷ୍ୟଟିରେ ଯାଇ ଉପନୀତ ହୋଇ ପାରୁଥିବା ସକଳ ସାଧନ ଅବଶ୍ୟ ସ୍ୱାଗତଯୋଗ୍ୟ ହୋଇ ରହିବ; ଅବଶ୍ୟ ଏକଥା ସତ ଯେ ବାହ୍ୟ ସାଧନଗୁଡ଼ିକର ଏହି କ୍ଷେତ୍ରରେ ଏକ ଅତ୍ୟନ୍ତ ସୀମାବଦ୍ଧ ଫଳପ୍ରଦତାହିଁ ରହିଛି । ମାତ୍ର, ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ଅଧିକ ଜରୁରି ତଥା ଅପରିହାର୍ଯ୍ୟ ସାଧନଟି ହେଉଛି ଯେ, ମନୁଷ୍ୟର ଚେତନାରେହିଁ ଏକ ରୂପାନ୍ତର ଘଟିବ, ତାହା କାର୍ଯ୍ୟ କରୁଥିବା କ୍ଷେତ୍ରରେ ଏକ ସନ୍ଦୀପନ ସମ୍ଭବ ହେବ ଏବଂ ତାହା ଏକ ନୂତନ ଦୀକ୍ଷା ଗ୍ରହଣ କରି ପାରିବ ।

ସେକଥା ସମ୍ଭବ ହେବା ପର୍ଯ୍ୟନ୍ତ, ଏକ ମଧ୍ୟବର୍ତ୍ତୀ ପ୍ରତିକାର ରୂପେ ବାହ୍ୟ ପଦକ୍ଷେପମାନ ଗ୍ରହଣ କରିବା ଦ୍ଵାରା ମଧ୍ୟ ଅନେକ ଉପକାର ହେବ, ଏବଂ ଦୁଇଟି ଦେଶର ନାଗରିକ ହୋଇ ପାରିବାର ନୀତିଟିକୁ ଗ୍ରହଣ କରିବାକୁ ସେହିଭଳି ଏକ ପଦକ୍ଷେପ ବୋଲି କୁହାଯାଇ ପାରିବ । ଯେଉଁ ବ୍ୟକ୍ତିମାନେ ଦୁଇଟି ଦେଶର ନାଗରିକତ୍ୱ ଗ୍ରହଣ କରିଛନ୍ତି, ସେହି ଦୁଇଟି ଦେଶ ମଧ୍ୟରେ ଯୁଦ୍ଧ ଲାଗିଲେ ଉପୃକ୍ତ ସେହି ବ୍ୟକ୍ତିମାନେ ବଡ଼ ଅଡ଼ୁଆ ସ୍ଥିତିରେ ଯାଇ ପଡ଼ିଯିବେ, ଏହାକୁହିଁ ସର୍ବଦା ସେହି ନୀତି ବିରୁଦ୍ଧରେ ସର୍ବପ୍ରଧାନ ଯୁକ୍ତିରୂପେ ଦର୍ଶାଯାଇଛି ।

ମାତ୍ର, ପ୍ରକୃତ ଆନ୍ତରିକତା ସହିତ ଶାନ୍ତି ଇଚ୍ଛା କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝିବାକୁ ହେବ ଯେ, ଯୁଦ୍ଧ ବିଷୟରେ ଚିନ୍ତା କରିବା, ଯୁଦ୍ଧର କଥା କହିବା ଏବଂ ସମ୍ମୁଖରେ ଆଗରୁ ଯୁଦ୍ଧକୁ ଦେଖି ପାରୁଥିବା ଦ୍ଵାରାହିଁ ସେମାନେ ଯୁଦ୍ଧ ଲାଗି ଆପଣାର ଦ୍ଵାରକୁ ଉନ୍ମୁକ୍ତ କରି ରଖିଥିବେ ।

ଅପର ପକ୍ଷରେ, ଯୁଦ୍ଧର ବିକ୍ଷେପସାଧନରେ ପ୍ରକୃତରେ ଆଗ୍ରହ ରଖୁଥିବା ଲୋକମାନଙ୍କର ସଂଖ୍ୟା ଯେତିକି ଅଧିକ ହେଉଥିବ, ଏକ ସ୍ଥାୟୀ ଶାନ୍ତିର ପ୍ରତିଷ୍ଠା

'oaob.nitrkl.ac.in' images reprocessed

ଲାଗି ସମ୍ଭାବନାଗୁଡ଼ିକ ମଧ୍ୟ ସେତିକି ଫଳପ୍ରଦ ହେବାରେ ଲାଗିଥିବ । ସର୍ବଶେଷରେ ମନୁଷ୍ୟ ଭିତରେ ଏକ ନୂତନ ଚେତନାର ଆଗମନ ଘଟିବ ଓ ତାହା ପୂର୍ବର ସକଳ ସମ୍ଭାବନାକୁ ବିଲୁପ୍ତ କରିଦେବ ।

୨୪ ଏପ୍ରିଲ ୧୯୫୫

*

ଯାବତୀୟ ସଙ୍କୀର୍ଣ୍ଣତା, ସ୍ୱାର୍ଥଭାବନା ଓ ସୀମାବଦ୍ଧତାକୁ ଦୂରକୁ ଫିଙ୍ଗିଦିଅ ଏବଂ ମନୁଷ୍ୟ-ଏକତାର ସେହି ଉଚ୍ଚତର ଚେତନା ମଧ୍ୟକୁ ଜାଗ୍ରତ୍ ହୋଇଆସ । ଶାନ୍ତି ଏବଂ ସମନ୍ୱୟତାର ପ୍ରତିଷ୍ଠା ଲାଗି ଏହାହିଁ ଏକମାତ୍ର ପନ୍ଥା ।

ମଇ ୧୯୫୫

*

ଜାତି ଗୁଡ଼ିକ ସ୍ତରରେ ଆମକୁ କିଛି କୁହନ୍ତୁ ।

ମାତ୍ର ବଡ଼ ଦୁଃଖର କଥା, ଯଦି ମୁଁ ଏହି ବିଷୟରେ କହିବି, ତେବେ ତାହାକୁ ଏକ ଖୁବ୍‌ବେଶୀ ଉଚ୍ଚ ସ୍ତର ବୋଲି ଆଦୌ କୁହା ଯିବ ନାହିଁ ।

ଏବେ ମଧ୍ୟ ଜାତିମାନେ ଯଥାର୍ଥରେ କୌଣସି ଆଧ୍ୟାତ୍ମିକ ସନ୍ଦେଶ ପ୍ରତି କର୍ଣ୍ଣପାତ କରିବା ଲାଗି ପ୍ରସ୍ତୁତ ହୋଇଥିବା ପରି ବୋଧ ହେଉ ନାହାନ୍ତି ।

୧୧ ମଇ ୧୯୫୭

*

ଜାତିମାନଙ୍କର ଅକୃତଜ୍ଞତା ବିଷୟରେ :

ଯିଏ ତୁମର ହିତସାଧନ କରୁଛି, ତାହା ପ୍ରତି ଅପ୍ରସନ୍ନତା ପ୍ରଦର୍ଶନ ନ କରିବା ନିମନ୍ତେ ଏକ ଚରିତ୍ରଗତ ଉଦାରତା ଥିବା ଆବଶ୍ୟକ ।

*

(ଶ୍ରୀଅରବିନ୍ଦ ସୋସାଇଟିର ପ୍ରଥମ ବିଶ୍ୱ ସମ୍ମିଳନୀ ଲାଗି ବାର୍ତ୍ତା।)

'oaob.nitrkl.ac.in' images reprocessed

ଚେତନାର ଏକ ପରିବର୍ତ୍ତନ ଉପରେହିଁ ପୃଥିବୀର ଭବିଷ୍ୟତ୍ ନିର୍ଭର କରି ରହିଛି ।

ମନୁଷ୍ୟର ଚେତନାରେ ଏକ ପରିବର୍ତ୍ତନ ଘଟିବାରେହିଁ ଭବିଷ୍ୟତ୍ ବିଷୟରେ ଏକମାତ୍ର ଆଶା ନିହିତ ରହିଛି । ଏବଂ ସେହି ପରିବର୍ତ୍ତନ ଅବଶ୍ୟ ଆସିବ ।

ମାତ୍ର, ମନୁଷ୍ୟମାନେ ଏହି ପରିବର୍ତ୍ତନରେ ପ୍ରକୃତରେ ସହଯୋଗ କରିବେ କିଂବା ଧ୍ୱଂସାବହ ପରିସ୍ଥିତିମାନ ସେହି ଚେତନାକୁ ସେମାନଙ୍କ ଉପରେ ଜବରଦସ୍ତି ଆଣି ଲଦିଦେବ, ତାହାର ନିଷ୍ପତ୍ତି କରିବା ସେହିମାନଙ୍କ ଉପରେହିଁ ନିର୍ଭର କରୁଛି ।

ତେଣୁ ଜାଗ୍ରତ ହୁଅ ଏବଂ ସହଯୋଗ କର !

ଅନେକ ଆଶୀର୍ବାଦ ।

ଅଗଷ୍ଟ ୧୯୬୪

*

(ସମ୍ମିଳନୀରେ ଯୋଗ ଦେଇଥିବା ବ୍ୟକ୍ତିମାନେ ଆଲୋଚନା କରିବେ ବୋଲି ମାଆ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ପଠାଇଥିଲେ । ପ୍ରଶ୍ନଗୁଡ଼ିକର ନିଜର ଉତ୍ତର ମଧ୍ୟ ଲେଖିଦେଇଥିଲେ ।)

ମନୁଷ୍ୟ ଜାତି ଏକ ହୋଇ ପାରିବ କିପରି ?

ନିଜର ଯଥାର୍ଥ ଉତ୍ସ ବିଷୟରେ ସଚେତନ ହୋଇ ।

ମନୁଷ୍ୟ ଭିତରେ ମନୁଷ୍ୟ-ଐକ୍ୟର ଚେତନାକୁ କିପରି ବୃଦ୍ଧି କରାଯାଇ ପାରିବ ?

ଆଧ୍ୟାତ୍ମିକ ଶିକ୍ଷା ଦ୍ୱାରା, ଅର୍ଥାତ୍, ଏପରି ଏକ ଶିକ୍ଷାଦ୍ୱାରା, ଯାହାକି କୌଣସି ଧର୍ମୀୟ ଅଥବା ନୈତିକ ଶିକ୍ଷା ଅପେକ୍ଷା ବା ଜଡ଼ସ୍ତରର ତଥାକଥିତ ଜ୍ଞାନ ଅପେକ୍ଷା ଆତ୍ମାର ଅଭିବୃଦ୍ଧି ଉପରେହିଁ ଅଧିକ ମହତ୍ତ୍ୱ ଦେଉଥିବ ।

ଚେତନାର ପରିବର୍ତ୍ତନ କହିଲେ କ'ଣ ବୁଝାଏ ?

'oaob.nitrkl.ac.in' images reprocessed

ଚେତନାର ପରିବର୍ତ୍ତନକୁ ଆମେ ଏକ ନୂତନ ଜନ୍ମଲାଭର ସମତୁଲ୍ ବୋଲି ଜାଣିବା, ଜୀବନବିଚରଣର ଏକ ଉଚ୍ଚତର ଭୂମି ମଧ୍ୟକୁ ଜନ୍ମଲାଭର ସମତୁଲ୍ ବୋଲି ଜାଣିବା ।

ଚେତନାରେ ପରିବର୍ତ୍ତନ ଘଟିଲେ ତାହା ପୃଥିବୀର ଜୀବନକୁ କିପରି ବଦଳାଇ ଦେଇ ପାରିବ ?

ମନୁଷ୍ୟର ଚେତନାରେ ପରିବର୍ତ୍ତନ ଘଟିବା ଦ୍ୱାରା ପୃଥିବୀପୃଷ୍ଠରେ ଏକ ଉଚ୍ଚତର ଶକ୍ତି, ଶୁଦ୍ଧତର ଆଲୋକ ଏବଂ ସମଗ୍ରତର ବୃହତ୍ତ୍ସତ୍ୟର ପରିପ୍ରକାଶ ସମ୍ଭବ ହେବ ।

ଅଗଷ୍ଟ ୧୯୬୪

*

ମନୁଷ୍ୟଜାତି ବର୍ତ୍ତମାନ ଯେଉଁ ଉତ୍ପୀଡ଼କ ସ୍ଥିତିର ଆବର୍ତ୍ତ ମଧ୍ୟରେ ଆସି ପଡ଼ିଛି, କେବଳ ଚେତନାର କ୍ଷେତ୍ରରେ ଏକ ମୂଳଭୂତ ପରିବର୍ତ୍ତନହିଁ ସେଥିରୁ ତାହାର ରକ୍ଷା କରି ପାରିବ ।

*

ମନୁଷ୍ୟମାନେ ଯେଉଁ ଯାବତୀୟ ତଥାକଥିତ "ବ୍ୟାବହାରିକ" ସାଧନାର ଆଶ୍ରୟ ନେଇଥାନ୍ତି, ତାହାକୁ କେବଳ ଏକ ପିଲାଖେଳ ବୋଲି ବୁଝାଯିବ; ସେମାନେ ଯେପରି ଯଥାର୍ଥ ଆବଶ୍ୟକତା ଏବଂ ଏକମାତ୍ର ପ୍ରତିକାରଟିକୁ ଆଦୌ ଦେଖି ନ ପାରିବେ ସେଥିପାଇଁ ସେହିସବୁ ଉପାୟ ଦ୍ୱାରା ସେମାନେ ନିଜକୁ ଅନ୍ଧ କରି ରଖିଥାନ୍ତି ।

*

ସ୍ଥାୟୀ ବିଶ୍ୱ-ଏକତା ସମ୍ଭବ କରିବାର ବାଟ କ'ଣ ?

ସେହି ପରମ ଐକ୍ୟର ଚେତନାକୁ ଉପଲବ୍ଧି କରିବା ।

୧୩ ଅକ୍ଟୋବର ୧୯୬୪

*

'oaob.nitrkl.ac.in' images reprocessed

(ଶ୍ରୀଅରବିନ୍ଦ ସୋସାଇଟି ଦ୍ୱାରା ପ୍ରସ୍ତୁତ ହୋଇ ବହୁ ଦେଶର ଦୂତାବାସକୁ ପଠାଯାଇଥିବା ଶ୍ରୀଅରବିନ୍ଦ ଜନ୍ମ-ଶତବାର୍ଷିକୀର ଫଟୋ ଓ ବାର୍ତ୍ତାର ସଂଗ୍ରହଟି ଉଦ୍ଦେଶ୍ୟରେ ସନ୍ଦେଶ )

ଏକ ନୂତନ ପୃଥିବୀ ଜନ୍ମଗ୍ରହଣ କରିବା ଲାଗି ଇଚ୍ଛା କରୁଛି, ଯାହାକି ପରମସତ୍ୟ ଉପରେ ଆଧାରିତ ହୋଇ ରହିଥିବ ଓ ଯାହା ମିଥ୍ୟାର ସେହି ପୂର୍ବ ସଂଗଠନ ଭଳି ଦାସ ହୋଇ ରହିବାକୁ ନାହିଁ କରିଦେଇ ପାରୁଥିବ ।

ସକଳ ଦେଶରେ ଏପରି ମନୁଷ୍ୟମାନେ ଅଛନ୍ତି, ଯେଉଁମାନେକି ତାହା ଜାଣିଛନ୍ତି, ଅନ୍ତତଃ ଅନୁଭବ କରି ପାରୁଛନ୍ତି ।

ଆମେ ସେହିମାନଙ୍କୁ ଡାକ ଦେଇ କହୁଛୁ :

"ଆପଣମାନେ ସହଯୋଗ କରିବେ କି ?"*

୧୯୭୨

✽

## ଓ୍ୱାର୍ଲ୍‌ଡ୍ ଇଉନିଅନ୍ ଲାଗି ବାର୍ତ୍ତା । ✽

ଏହି ପୃଥିବୀକୁ ଆମେ ଏକ ଏକତ୍ୱ ବୋଲି ଜାଣିବା—ଏହା ସର୍ବଦା ସେହିପରି ରହିଆସିଛି, ସର୍ବଦା ଓ ଏପରିକି ବର୍ତ୍ତମାନ ମଧ୍ୟ ସେହିପରି ଏକ ହୋଇ ରହିଛି, — ଏକଥା ମୋଟେ ନୁହେଁ ଯେ, ସେହି ଏକତ୍ୱଟି ନାହିଁ ଏବଂ ତାହାକୁ ବାହାରୁ ଆଉ କେଉଁଠାରୁ ଆଣି ତାହା ଉପରେ ଲଦି ଦେବାକୁ ପଡ଼ିବ ।

* ମାଆ ମୂଳ ଫରାସୀ ପାଣ୍ଡୁଲିପି, "ମାଆ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ" ଉପରେ ଦସ୍ତଖତ କରିଥିଲେ ।

✽ ୧୯୮୫ ମସିହା ନଭେମ୍ବର ମାସରେ ପ୍ରତିଷ୍ଠିତ ଓ୍ୱାର୍ଲ୍‌ଡ୍ ୟୁନିଅନ୍ ସଂସ୍ଥା ହେଉଛି ଏକ ଲୋକ ହିତକାମୀ ସଂସ୍ଥା, ଯାହାକି ଏକ ଆଧ୍ୟାତ୍ମିକ ଭିତ୍ତିରେ ମୂଳତଃ ମନୁଷ୍ୟ-ଏକତା ଏବଂ ବିଶ୍ୱଶାନ୍ତି ଲାଗି କାର୍ଯ୍ୟ କରୁଛି । ଆପଣାର କାର୍ଯ୍ୟରେ ଏହା ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ମାନବ-ଏକତାର ଆଦର୍ଶ" ଗ୍ରନ୍ଥଟିରୁ ପ୍ରେରଣା ଲାଭ କରିଛି ।

'oaob.nitrkl.ac.in' images reprocessed

ଅସଲ କଥା କେବଳ ଏତକ ଯେ, ଏହି ପୃଥିବୀ ତାହାର ଏକତା ବିଷୟରେ ସଚେତନ ହୋଇ ପାରି ନାହିଁ । ତାହାକୁ ସେହି ସଚେତନତା ଆଣି ଦେବାକୁ ହେବ ।

ଆମେ ଜାଣୁଛୁ ଯେ ବର୍ତ୍ତମାନ ସମୟଟି ହେଉଛି ସେହି ଉଦ୍ୟମ ଲାଗି ସବୁଠାରୁ ଅଧିକ ଅନୁକୂଳ ।

କାରଣ, ଏକ ନୂତନ ବୃହତ୍ତ ଶକ୍ତି ବା ଚେତନା ବା ଆଲୋକ—ଏହି ନୂତନ ଉପାଦାନଟିକୁ ତୁମେ ଯେଉଁ ନାମ ଦେଇ ବୁଝି ପାରୁଛ,—ଏହି ପୃଥିବୀ ମଧ୍ୟକୁ ଅଭିବ୍ୟକ୍ତ ହୋଇ ଆସିଛି ଏବଂ, ଆପଣାର ଏକତ୍ୱ ବିଷୟରେ ସଚେତନ ହୋଇ ପାରିବା ଲାଗି ବର୍ତ୍ତମାନ ପୃଥିବୀର ସାମର୍ଥ୍ୟ ମଧ୍ୟ ରହିଛି ।

୨୫ ମାର୍ଚ୍ଚ ୧୯୬୦

ତୁମର କଥା ସଂପୂର୍ଣ୍ଣ ଠିକ୍ । ଏହି ନୂତନ କାର୍ଯ୍ୟଟି ଲାଗି ପୁରାତନ ପ୍ରଣାଳୀଗୁଡ଼ିକ କାମ ଦେଇ ପାରିବେ ନାହିଁ । କେବଳ ଯେ ଏକ ନୂତନ ଚେତନାର ଦୃଢ଼ ଭାବରେ ପ୍ରତିଷ୍ଠା ହେବ, ତା'ନୁହେଁ, ଏକ ନୂତନ ପ୍ରଣାଳୀ ମଧ୍ୟ ବାହାର କରିବାକୁ ହେବ, — ତେବେଯାଇ ଯଥାର୍ଥରେ ଫଳପ୍ରଦ ଭାବରେ କିଛି କରିପାରିବା ସମ୍ଭବ ହେବ ।

୧୫ ଜାନୁଆରି ୧୯୬୧

## ଓ୍ୱାର୍ଲ୍ଡ୍ ୟୁନିଅନ୍‌ର କାର୍ଯ୍ୟ ସହିତ ସଂପୃକ୍ତ ବ୍ୟକ୍ତିମାନଙ୍କୁ

ଆପଣମାନଙ୍କ ଭିତରେ ରହିଥିବା ମତଭେଦଗୁଡ଼ିକ କେବଳ ମାନସିକ ସ୍ତରର ଏବଂ, ଆପଣମାନେ ସେଗୁଡ଼ିକୁ ଯେତେ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରୁଥିଲେ ମଧ୍ୟ , ସେଗୁଡ଼ିକର ପ୍ରକୃତ ମହତ୍ତ୍ୱ ଅତି ଅଳ୍ପ ଏବଂ, ଯଦି ପ୍ରତ୍ୟେକ ବ୍ୟକ୍ତି ଆପଣାକୁ ପ୍ରଶସ୍ତ କରିଦେଇ ପାରୁଥିବା ଏକ ଉଦ୍ୟମ କରିବ ଏବଂ ସିଏ ଯେଉଁଭଳି ଚକ୍ରା କରୁଛି, ତାହାକୁ ସମ୍ପୂର୍ଣ୍ଣ ସମସ୍ୟାଟିର କେବଳ ଗୋଟିଏ ଦିଗର ଦୃଷ୍ଟିକୋଣ ବୋଲି ବୁଝିବାକୁ ସମର୍ଥ ହେବ, — ଯଥାର୍ଥ ଫଳପ୍ରଦତା ପାଇବା ପାଇଁ ଅନ୍ୟ ଦୃଷ୍ଟିକୋଣକୁ ମଧ୍ୟ ବୁଝିବା ଏକାନ୍ତ ଆବଶ୍ୟକ ବୋଲି ବୁଝି ଯେତେବେଳେ ସିଏ ସେହି ସବୁଗୁଡ଼ିକ ମଧ୍ୟରେ ଏକ ସମନ୍ୱୟ ସମ୍ଭବ କରିବାକୁ ଚେଷ୍ଟା କରିବ, ସେତେବେଳେ ସେଗୁଡ଼ିକୁ ଅତିକ୍ରମ କରିଯିବା ଅତ୍ୟନ୍ତ ସହଜ ହୋଇଯିବ ।

'oaob.nitrkl.ac.in' images reprocessed

ତା'ନହେଲେ, ଆପଣମାନଙ୍କର ବୁଦ୍ଧି ଯେତେ ଅଧିକ ଉଚ୍ଚ ଏବଂ ବିଚକ୍ଷଣ ସ୍ତରର ହୋଇଥାଉ ପଛକେ, ଆପଣମାନେ ତଥାପି ଅତ୍ୟନ୍ତ ନୈରାଶ୍ୟଜନକ ଭାବରେ ସଙ୍କୀର୍ଣ୍ଣ ଓ ସୀମାବଦ୍ଧ ହୋଇ ରହିଥିବେ । ଯେଉଁ ବ୍ୟକ୍ତିମାନେ ଅତିମାନସ ଚେତନାର ଉପଲବ୍ଧି କରି ଉଚ୍ଚତର ମଣ୍ଡଳଟି ମଧ୍ୟରେ ପ୍ରବେଶ କରି ନାହାନ୍ତି, ସେହି ପ୍ରତ୍ୟେକ ବ୍ୟକ୍ତିଙ୍କର କ୍ଷେତ୍ରରେ ଏହି କଥାଟି ପ୍ରଯୁଜ୍ୟ ହେବ ।

ଆପଣମାନେ ସମସ୍ତେ ସୌଜନ୍ୟ ରକ୍ଷା କରି ଓ ଖୁସି ହୋଇ କାର୍ଯ୍ୟ କରିବେ, ଆପଣା ଆପଣା ମଧ୍ୟରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଭୁଲିଯିବେ; ପ୍ରତ୍ୟେକ ବ୍ୟକ୍ତି ଆପଣାର ନିଜ କାର୍ଯ୍ୟଟିକୁ ନିଜକଳ୍ପନା ଅନୁସାରେ ଯଥାଶକ୍ତି ଉତ୍ତମ ଭାବରେ କରିବାଲାଗି ହିଁ ଚେଷ୍ଟା କରୁଥିବେ । ମାତ୍ର ସେମାନେ ଉପଲକ୍ଷିତ ଭାବରେ ଅନ୍ୟମାନଙ୍କର କଳ୍ପନାର ଯୁକ୍ତିଯୁକ୍ତତାକୁ ମଧ୍ୟ ସ୍ୱୀକାର କରୁଥିବେ ଏବଂ ଏକ ସମନ୍ୱୟର ଆବଶ୍ୟକତାକୁ ମଧ୍ୟ ହୃଦୟଙ୍ଗମ କରୁଥିବେ ।

୭ ଏପ୍ରିଲ ୧୯୬୧

ଯାହା ଏକ, ତୁମେ ତାହାକୁ ଭାଗଭାଗ କରି ପକାଇବ ନାହିଁ । ବିଜ୍ଞାନ ତଥା ଆଧ୍ୟାତ୍ମିକତା ଉଭୟଙ୍କର ସେହି ଗୋଟିଏ ଲକ୍ଷ୍ୟ ରହିଛି,—ତାହା ହେଉଛି ସେହି ସର୍ବୋଚ୍ଚ ଦ୍ରବ୍ୟ ପରମସତ୍ୟ । ଦୁହିଁଙ୍କ ମଧ୍ୟରେ ଫରକ କେବଳ ଏତିକି ରହିଛି ଯେ, ଦ୍ୱିତୀୟଟି ତାହାକୁ ଜାଣିଛି ଓ ପ୍ରଥମଟି ଜାଣି ପାରି ନାହିଁ ।

ଡିସେମ୍ବର ୧୯୬୭

ଆପଣମାନଙ୍କୁ ମୁଁ ପୂର୍ବରୁ ଯେପରି କହିଛି, ଆପଣାର ବିଶ୍ୱାସକୁ ଅପେକ୍ଷାକୃତ ଏକ ଅଧିକ ମୂର୍ତ୍ତି ରୂପ ଦେବା ସକାଶେ ଯେଉଁମାନେ ଏକ ବାହ୍ୟ କର୍ମସୂଚୀ ଏବଂ ସଙ୍ଗଠନର ଆବଶ୍ୟକତା ଅନୁଭବ କରୁଛନ୍ତି, ଓ୍ୱାର୍ଲ୍ଡ୍ ଇଉନିଅନ୍‌କୁ ସେହିମାନଙ୍କ ଲାଗି ଅଭିପ୍ରେତ ଏକ ବାହ୍ୟ କର୍ମଆନ୍ଦୋଳନ ବୋଲି ବୁଝାଯିବ ।

ମନୁଷ୍ୟସମାଜ ବର୍ତ୍ତମାନ ଯେପରି ରହିଛି, ଭବିଷ୍ୟତର ଏକ ପୂର୍ଣ୍ଣାଙ୍ଗ ଅଗ୍ରଗତି ନିମନ୍ତେ ତାହାକୁ ପ୍ରସ୍ତୁତ କରିବା ସକାଶେ ସେଥିରେ ଯଥାସମ୍ଭବ ଏକ ସମଞ୍ଜସତା ଆଣିବା ଲାଗି ଯେଉଁମାନେ ଇଚ୍ଛା କରୁଛନ୍ତି ଏହା ହେଉଛି ସେହିମାନଙ୍କ ପାଇଁ ଏକ ଆଦର୍ଶ କାର୍ଯ୍ୟପନ୍ଥା ।

ଆହୁରି ଅଳ୍ପ କେତେଜଣ ଅଛନ୍ତି, ଯେଉଁମାନେ କ ବ୍ୟକ୍ତିର ଅନ୍ତର୍ଗତ ପ୍ରସ୍ତୁତି ଏବଂ ଅଗ୍ରଗତି ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରନ୍ତି,—ସେମାନେ

'oaob.nitrkl.ac.in' images reprocessed

ହେଉଛନ୍ତି ପୁରୋଗାମୀ ଦଳ ଓ ପୃଥିବୀକୁ ବାଟ ଦେଖାଇ ନେଉଛନ୍ତି । ଏମାନଙ୍କୁ ସେମାନଙ୍କର ସେହି ଅଭିନିବେଶ ମଧ୍ୟରୁ ବାହାରକୁ ବାହାର କରି ଆଣିବା ଆଦୌ ଉଚିତ ନୁହେଁ । ସେମାନଙ୍କର ମଧ୍ୟ ସହାନୁଭୂତି ସହିତ ଓ୍ୱାର୍ଲ୍ଡ ଇଉନିଅନ୍‌ର କାର୍ଯ୍ୟଗୁଡ଼ିକ ଉପରେ ଦୃଷ୍ଟିପାତ କରୁଥିବା ଉଚିତ; ମାତ୍ର ସକ୍ରିୟ ଭାବରେ ସେଗୁଡ଼ିକରେ ଅଂଶ ଗ୍ରହଣ କରିବା ଉଚିତ ନୁହେଁ ।

୧ ଜୁଲାଇ ୧୯୬୩

କୃପାମୟୀ ମାଆ, ଯେଉଁ ବ୍ୟକ୍ତିମାନଙ୍କର ଜର୍ମପ୍ରଣାଳୀ ହୁଏତ ଆମ ଅଭୀପ୍‌ସା ସହିତ ସଙ୍ଗତି ରକ୍ଷାକରୁ ନ ଥିବ ଓ ବେଳେବେଳେ ତା'ଠାରୁ ଏକାବେଳକେ ଅନ୍ୟ ଦିଗରେ ଗତି କରୁଥିବ, ସେମାନଙ୍କ ସହିତ ମିଶି କାର୍ଯ୍ୟ କରିବା ସମୟରେ ଆମେ ଯେପରି ସ୍ୱ-ଅଭୀପ୍‌ସା ପ୍ରତି ଅନୁଗତ ରହିବାକୁ ସମର୍ଥ ହେବୁ, ସେଥିଲାଗି ଆମେ ଆପଣଙ୍କର ମାର୍ଗ ଦର୍ଶନ ଆବଶ୍ୟକ କରୁଛୁ । ଦୟା କରି ଆମକୁ ଏକ ମାର୍ଗଦର୍ଶନକାରୀ ପ୍ରଣାଳୀ ବତାଇ ଦିଅନ୍ତୁ ।

ଏଠାରେ ମୁଁ ଗୋଟିଏ ସଙ୍କେତର ଉଲ୍ଲେଖ କରୁଛି, ଯାହାକି ଏକ ଆଚରଣ ନୀତି ତଥା ଏକ କାର୍ଯ୍ୟକ୍ରମରୂପେ ବ୍ୟବହୃତ ହୋଇ ପାରିବ ।

ଏକ ବିଶ୍ୱ-ଏକତା, ଯାହାକି ମନୁଷ୍ୟ ସମୂହର ଏକତା ଉପରେ ଆଧାରିତ ହୋଇ ରହିଥିବ ଏବଂ ପରମ ଅଧ୍ୟାତ୍ମର ପ୍ରତ୍ୟକ୍ଷ ଉପଲବ୍ଧି କରୁଥିବ ।

ଅନେକ ଆଶୀର୍ବାଦ ସହିତ ।

ଏପ୍ରିଲ ୧୯୬୪

ତୁମମାନଙ୍କୁ ମୁଁ କହିବାକୁ ଇଚ୍ଛା କରୁଛି ଯେ, ଏକ ଉଚ୍ଚତର ଦୃଷ୍ଟିଭୂମିରୁ ବିଚାର କଲେ, ସମଗ୍ର ପୃଥିବୀ ଏକ ମୂଳଭୂତ ପରିବର୍ତ୍ତନ ଦିଗରେ କ୍ଷିପ୍ର ଭାବରେ ଅଗ୍ରଗତି କରିବାରେ ଲାଗିଛି ଏବଂ, ତାହାର ଯଥାର୍ଥ ପରିଚାଳନା ହୋଇ ପାରିଲେ, ଓ୍ୱାର୍ଲ୍ଡ ଇଉନିଅନ୍ ଲାଗି ମଧ୍ୟ ଏହି ପରିବର୍ତ୍ତନରେ ଏକ ସ୍ୱତନ୍ତ୍ର ସ୍ଥାନ ଅବଶ୍ୟ ରହିବ ।

୨୪ ଜୁଲାଇ ୧୯୬୪

'oaob.nitrkl.ac.in' images reprocessed

କୌଣସି ପ୍ରକାର ବାହ୍ୟ ବ୍ୟବସ୍ଥାରୁ ନୁହେଁ, ମାତ୍ର ସେହି ଶାଶ୍ବତ ପରମ ଏକତ୍ବ ସମ୍ବନ୍ଧରେ ସଚେତନ ହୋଇ ପାରିବା ଦ୍ବାରାହିଁ ଏକତା ଉପଲବ୍ଧ ହୋଇଥାଏ ।

୧୨ ଅଗଷ୍ଟ ୧୯୬୪

ଏହି ସବୁ ସାଜ ସିଦ୍ଧାନ୍ତ ପଛରେ କିଛି ସତ୍ୟ ଅବଶ୍ୟ ରହିଛି, ମାତ୍ର ସେଗୁଡ଼ିକ ମଧ୍ୟରୁ କୌଣସି ମୋଟେ ସମ୍ପୂର୍ଣ୍ଣ ନୁହନ୍ତି ।

କୌଣସି ପ୍ରକାର ଯାଦୃଚ୍ଛିକ ମାନସିକ ପ୍ରଣାଳୀ ଦ୍ବାରା ପ୍ରେରିତ ହୋଇ ନୁହେଁ, ମାତ୍ର ଏକ ଜୀବନ୍ତ ଅନୁଭୂତି-ଲବ୍ଧ ଏବଂ ଅନ୍ତର୍ଗତ ଅଗ୍ରଗତି ଦ୍ବାରାହିଁ ଏକ ବସ୍ତୁତଥ୍ୟ, ସ୍ଥିତିସ୍ଥାପକ ତଥା ଉଦ୍ଭାବନର ବୃଦ୍ଧିଶୀଳ ସମନ୍ବୟ ସମ୍ଭବ ହୋଇ ପାରିବ ।

ବର୍ତ୍ତମାନ ଯାହା ଅବସ୍ଥିତ ରହିଛି, ଆହୁରି ଅଧିକ ସମ୍ପୂର୍ଣ୍ଣ ଏକ ଉପଲବ୍ଧି ଆଡ଼କୁ ଅଗ୍ରସର ହେବାର ଇଚ୍ଛାକୁ ବର୍ଦ୍ଧନ କରି ଆମେ ସେହିଠାରୁ ଆମର ଯାତ୍ରା ଆରମ୍ଭ କରିବା ।

ଅକ୍ଟୋବର ୧୯୬୪

("୧୯୬୫ — ଆନ୍ତର୍ଜାତିକ ସହଯୋଗ-ବର୍ଷ" ବିଷୟରେ ଆୟୋଜିତ ଏକ ସ୍ଥାନୀୟ ପରିଚର୍ଚ୍ଚାରେ ଭାଗ ନେବା ପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା-କେନ୍ଦ୍ରର ଛାତ୍ରମାନେ ନିମନ୍ତ୍ରିତ ହୋଇଥିଲେ ।)

ଓ୍ବାର୍ଲ୍ଡ୍ ୟୁନିଅନ୍, ତୁମେ ଓ 'କ' ପ୍ରଦର୍ଶନରେ ଯୋଗଦେବା ବିଷୟରେ ମୋ'ର କୌଣସି ଆପତ୍ତି ନାହିଁ । ମୁଁ କେବଳ ଆମ ଗ୍ରୁପ୍‌ମାନେ ସେଥିରେ ଅଂଶଗ୍ରହଣ କରିବା ବିଷୟରେ ଆପତ୍ତି କରିଥିଲି, କାରଣ, ଯେଉଁସବୁ କ୍ଷେତ୍ରରେ ବିଶ୍ବ-ସମସ୍ୟା ଗୁଡ଼ିକର ସମ୍ପର୍କ ରହିଛି, ସେଥିରେ କଥିତ କିଂବା ଲିଖିତ ଶବ୍ଦଗୁଡ଼ିକର କୌଣସି ଉପଯୋଗିତା ରହିଛି ବୋଲି ମୁଁ ବିଶ୍ବାସ କରେ ନାହିଁ ।

ମୁଁ ଏହି କଥାଟି ଉପରେ ସର୍ବଦା ଜୋର ଦେବି ଯେ, ସେହି ପରମ ଏକତ୍ବର ଚେତନାକୁ ଅର୍ଜନ କରିବା ଲାଗି ଆମର ଅନ୍ତର୍ଗତ ଉଦ୍ୟମ ଅବିଚ୍ଛିନ୍ନ ରହିଥିବ ଏବଂ ତାହାରି ଫଳସ୍ବରୂପ ଆମର କାର୍ଯ୍ୟଗୁଡ଼ିକର ଭୂମିରେ ମଧ୍ୟ ଏକ

'oaob.nitrkl.ac.in' images reprocessed

ରୂପାନ୍ତର ସମ୍ଭବ ହୋଇ ଯାଇଥିବ । ବକ୍ତୃତା ଏବଂ ପ୍ରବନ୍ଧଲେଖା ଅପେକ୍ଷା ଏହା ଅନନ୍ତ ଗୁଣରେ ଅଧିକ ଫଳପ୍ରଦ ।

ଜାନୁଆରୀ ୧୯୬୫

ବଡ଼ଦିନ ଉତ୍ସବ ଲାଗି ଲିଖିତ ସନ୍ଦେଶଟି ଠିକ୍ ସେହି ଉଦ୍ଦେଶ୍ୟ ପାଇଁ ବ୍ଲକ୍ କରା ଯାଇଥିଲା । ତୁମେ ଅବଶ୍ୟ ତାହାକୁ କାମରେ ଲଗାଇବ ।

ଯଦି ତୁମେ ପୃଥିବୀରେ ଶାନ୍ତି ଚାହୁଁଥିବ,

ତେବେ ପ୍ରଥମେ ନିଜ ହୃଦୟରେ ଶାନ୍ତିର ପ୍ରତିଷ୍ଠା କର ।

ଯଦି ତୁମେ ପୃଥିବୀରେ ସଙ୍ଘବଦ୍ଧତା ଚାହୁଁଥିବ,

ତେବେ ଆଗ ନିଜ ସତ୍ତାର ବିଭିନ୍ନ ସ୍ତରଗୁଡ଼ିକ ମଧ୍ୟରେ ଏକତା ସ୍ଥାପନ କର ।

ଫେବୃଆରୀ ୧୯୬୫

କଥାରେ ଯାହାସବୁ କୁହା ଯାଉଛି, ତୁମେ ତାହା ଉପରେ ଖୁବ୍ ବେଶୀ ମହତ୍ତ୍ୱ ଦେବ ନାହିଁ । ଶବ୍ଦଗୁଡ଼ାକ କେବଳ ଶବ୍ଦ, ଏବଂ ପ୍ରତ୍ୟେକ ବ୍ୟକ୍ତିର ମନରେ ସେଗୁଡ଼ିକ ଏକ ଭିନ୍ନ ରଙ୍ଗ ଗ୍ରହଣ କରିଥାନ୍ତି ।

ଫେବୃଆରୀ ୧୯୬୭

ନିଜ ଭିତରେ ଏକତା ସ୍ଥାପନ କରି ପୃଥିବୀ ଆଗରେ ସଙ୍ଘର ସମ୍ଭାବନାକୁ ପ୍ରତିପାଦିତ କର ।

୧୯ ଫେବୃଆରୀ ୧୯୬୭

ମନୁଷ୍ୟସମୂହର ଏକତା ଏକ ଅନ୍ତର୍ନିହିତ ଏବଂ ବର୍ତ୍ତମାନ ସତ୍ୟ ।

ମାତ୍ର ମନୁଷ୍ୟସମୂହର ବାହ୍ୟ ଏକତାସ୍ଥାପନ ମନୁଷ୍ୟର ସଦିଚ୍ଛା ଏବଂ ଆନ୍ତରିକତା ଉପରେ ନିର୍ଭର କରୁଛି ।

୧୨ ଅଗଷ୍ଟ ୧୯୬୭

ବିଶ୍ୱଜନର ଶକ୍ତି ଅସ୍ଥିର, ତାହା କଦାପି ସ୍ଥାୟୀ ହେବ ନାହିଁ ।

'oaob.nitrkl.ac.in' images reprocessed

ସେଥ ଏକ ସ୍ଥାୟୀ ଶକ୍ତି ଏବଂ ସମନ୍ୱୟତାଯୁକ୍ତ ଭବିଷ୍ୟତ ଲାଗି କାର୍ଯ୍ୟ କରୁଛି ।

୨୫ ଏପ୍ରିଲ ୧୯୭୧

ବର୍ତ୍ତମାନ ମନୁଷ୍ୟମାନେ ଯେଉଁ ମିଥ୍ୟା ମଧ୍ୟରେ ବାସ କରୁଛନ୍ତି, ସେମାନେ ଯେତେବେଳେ ସେଥିରେ ସତକୁ ସତ ବିରକ୍ତ ହୋଇଯିବେ, ସେତିକବେଳେ ଯାଇ ପୃଥିବୀ ପରମସତ୍ୟର ଶାସନ ନିମିତ୍ତ ପ୍ରସ୍ତୁତ ହୋଇଯିବ ।

୧୪ ଅଗଷ୍ଟ ୧୯୭୧

ଯଦି ତୁମେ ପୃଥିବୀରେ ଏକତା ଇଚ୍ଛା କରୁଛ, ତେବେ ପ୍ରଥମେ ନିଜ ସତ୍ତାର ଭିନ୍ନ ଭିନ୍ନ ଅଂଶଗୁଡ଼ିକ ମଧ୍ୟରେ ଏକତା ସ୍ଥାପନ କର ।

୧୭ ଡିସେମ୍ବର ୧୯୭୧

ପୃଥିବୀରେ ଯାହାସବୁ ଭୁଲ ରହିଛି, ଯଦି ତୁମେ ସେଗୁଡ଼ିକୁ ନିଜ ଭିତରୁ ଲୋପ କରିଦେଇ ପାରିବ, ତେବେ ପୃଥିବୀ ମଧ୍ୟ ଆଉ ଭୁଲ ଭିତରେ ପଡ଼ି ରହିବ ନାହିଁ ।

୨୩ ଏପ୍ରିଲ ୧୯୭୨

❋

## ବର୍ତ୍ତମାନ ଜଗତ

ଶ୍ରୀଅରବିନ୍ଦଙ୍କ ଭାଷାରେ କହିଲେ, ବର୍ତ୍ତମାନ ଆମେ ଗୋଟିଏ 'ଦେବ ମୁହୂର୍ତ୍ତ' ମଧ୍ୟରେ ଆସି ପଡ଼ିଛୁ — ଏବଂ, ଏହି ପୃଥିବୀର ରୂପାନ୍ତରକାମୀ ବିବର୍ତ୍ତନ ଏକ ତ୍ୱରାନ୍ୱିତ ତଥା ସଘନୀକୃତ ଗତିରେ ଅଗ୍ରସର ହେଉଛି ।

❋

ଏକଥା ସତ ଯେ "ଆମେ" ବର୍ତ୍ତମାନ ଏକ କଷ୍ଟକର ଯୁଗପର୍ଯ୍ୟାୟର ମଧ୍ୟ ଦେଇ ଗତି କରୁଛୁ (ଏଠାରେ "ଆମେ" ଅର୍ଥ ପୃଥିବୀ), ମାତ୍ର ଯେଉଁମାନେ ଅବିଚଳ

'oaob.nitrkl.ac.in' images reprocessed

ହୋଇ ରହିଛନ୍ତି, ସେମାନେ ପୂର୍ବାପେକ୍ଷା ଅନେକ ଅଧିକ ବଳଯୁକ୍ତ ହୋଇହିଁ ଏହା ମଧ୍ୟରୁ ବାହାରକୁ ବାହାରି ଆସି ପାରିବେ ।

*

ମନୁଷ୍ୟମାନଙ୍କୁ ସେମାନଙ୍କର ଆପଣା ବଳ ଓ ସାଧନା ଉପରେହିଁ ନିର୍ଭର କରିବାକୁ ଛାଡ଼ି ଦିଆଯାଇଛି, — ଆମେ ସେହିଭଳି ଗୋଟିଏ ଯୁଗକ୍ଷଣରେ ଆଦୌ ବାସ କରୁ ନାହୁଁ ।

ସେମାନଙ୍କୁ ଆଲୋକ ଆଣି ଦେବାଲାଗି ଦିବ୍ୟ ପରମସତ୍ତା ତାଙ୍କର ଚେତନାକୁ ଏହି ଭୂପୃଷ୍ଠକୁ ପ୍ରେରଣ କରିଛନ୍ତି ।

ଏବଂ, ଯେଉଁମାନେ ତାହା କରିପାରିବେ, ସେମାନଙ୍କର ଏଥିରୁ ଅବଶ୍ୟ ଲାଭବାନ୍ ହେବା ଉଚିତ ।

*

ଏହି ଅଶାନ୍ତ ଅବସ୍ଥା ସତ୍ତ୍ୱେ ସତ୍ୟ ଅବଶ୍ୟ ବିଜୟ ଲାଭ କରିବ ।

*

ଏହି ବିଭ୍ରାନ୍ତି ଭିତରେ ମଧ୍ୟ ଦିବ୍ୟ ବସ୍ତୁ-ବ୍ୟବସ୍ଥାର ବୀଜ ଅନ୍ତର୍ନିହିତ ହୋଇ ରହିଛି ।

*

ଭିତରେ ସବୁକିଛି ଉନ୍ନତି କରୁଥିବା ଭଳି ମନେ ହେଉଛି ; ବାହାରେ ସତେ ଅବା ଏକ ବିଘଟଣ ଦ୍ୱାର ଦେଶରେ ଅପେକ୍ଷା କରି ରହିଛି । ଏହି ସ୍ଥିତିରେ ଆମେ ପ୍ରକୃତରେ କେଉଁଠାରେ ରହିଛୁ ?

ଏକ ଚମତ୍କାର ଉପଲବ୍ଧିର ସନ୍ନିକଟରେ ।

*

'oaob.nitrkl.ac.in' images reprocessed

ବସ୍ତୁଗୁଡ଼ିକ ପ୍ରତ୍ୟହ ଅଧିକରୁ ଅଧିକ ଲୋପ ହୋଇ ଯାଉଥିବା ପରି ମନେ ହେଉଛି । ଅସଲ କଥା ହେଉଛି, ସଢ଼ିପଚି ଯାଉଥିବା ପୁରାତନ ପୃଥିବୀଟି ବିଷୟରେ ଆମେ ଦିନକୁ ଦିନ ଅଧିକରୁ ଅଧିକ ବିରକ୍ତ ଅନୁଭବ କରୁଛୁ ଏବଂ, ଏହି ସୁପରିଚିତ ଗୁଳାଗୁଡ଼ିକ ମଧ୍ୟରେ କୌଣସି ଏକ ସ୍ଥାନରେ ଜୀବନର ଏକ ନୂତନ କେନ୍ଦ୍ରର ପ୍ରତିଷ୍ଠା କରିବା ବିଷୟରେ ଆମେ ଅଧିକରୁ ଅଧିକ ସପ୍ରତ୍ୟୟଯୁକ୍ତ ହେବାରେ ମଧ୍ୟ ଲାଗିଛୁ । ଏପରି ଏକ ନୂତନ କେନ୍ଦ୍ର, ଯେଉଁଠାରେ କି ଏକ ନୂତନ ଏବଂ ସତ୍ୟତର ଆଲୋକର ପରିପ୍ରକାଶ ଘଟି ପାରିବ, ଏପରି ଏକ ନୂତନ ପୃଥିବୀର ପରିପ୍ରକାଶ ଘଟିବ, ଯାହା କି ଆଉ ସ୍ୱାର୍ଥପ୍ରଣୋଦିତ ନାନା ପ୍ରତିଦ୍ୱନ୍ଦ୍ୱିତା ଏବଂ ଅହଂପ୍ରେରିତ ସଂଘର୍ଷ ଉପରେ ଆଧାରିତ ହୋଇ ରହି ନ ଥିବ, ଯାହା ସମସ୍ତଙ୍କର କଲ୍ୟାଣ, ଜ୍ଞାନ ଏବଂ ଅଗ୍ରଗତିକୁ ଅଗ୍ରସର କରାଇ ନେବା ଲାଗି କରା ଯାଉଥିବା ନାନା ସାର୍ବଜନୀନ ଏବଂ ଉତ୍ସାହପ୍ରେରିତ ଉଦ୍ୟମ ଉପରେ ଆଧାରିତ ରହିଥିବ; — ଏପରି ଏକ ସମାଜର ପରିପ୍ରକାଶ ଘଟିବ, ଯାହାକି ଅର୍ଥଲାଭର କାମନା ଏବଂ ଭୌତିକ ପ୍ରତିପତ୍ତି ଉପରେ ଆଧାରିତ ହୋଇ ନ ରହି ଆଧ୍ୟାତ୍ମିକ ଅଭୀପ୍ସା ଉପରେହିଁ ଆଧାରିତ ରହିଥିବ ।

*

ମୁଁ ଆଗାମୀ କାଲର ପୃଥିବୀଟିକୁ ପ୍ରକୃତରେ ଦେଖି ପାରୁଛି; ମାତ୍ର ଗତ କାଲର ପୃଥିବୀଟି ମଧ୍ୟ ତଥାପି ବଞ୍ଚି ରହିଛି ଓ କିଛି ସମୟ ଲାଗି ନିଶ୍ଚୟ ବଞ୍ଚି ରହିବ । ଯେ ପର୍ଯ୍ୟନ୍ତ ପୁରାତନ ବ୍ୟବସ୍ଥାଗୁଡ଼ିକ ବଞ୍ଚି ରହିଛନ୍ତି, ସେମାନଙ୍କୁ ସେପର୍ଯ୍ୟନ୍ତ ରହିବାକୁ ଦିଆଯାଉ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନଗୁଡ଼ିକ ମନ୍ଥର ଭାବରେ ଆସିବେ ।

ମାତ୍ର ସେଥିଲାଗି ବ୍ୟସ୍ତ ହୁଅ ନାହିଁ — ଏବଂ ଭବିଷ୍ୟତ ଲାଗି ଅବଶ୍ୟ ଆଶା ରଖ ।

*

ଆମେ ଅପେକ୍ଷା କରିବା, ଦେଖିବା । ଫଳ ଅବଶ୍ୟ ଫଳିବ — ମାତ୍ର କେଉଁ ବାଟରେ ଫଳିବ ଓ କେତେ ଦିନେ ଫଳିବ, ତାହା ଅନିଶ୍ଚିତ ହୋଇ ରହିଛି ।

*

'oaob.nitrkl.ac.in' images reprocessed

## ଅନ୍ଧକାର ଓ ଆଲୋକ

ଏହି ରାତି ସତ୍ତ୍ୱେ ଆଧ୍ୟାତ୍ମିକ ପରମାଲୋକ ଅବଶ୍ୟ ବିଦ୍ୟମାନ ରହିଛି ।

*

ସମସ୍ତଙ୍କ ମଧ୍ୟରେ ସେହି ଆଲୋକହିଁ ଚେତନାକୁ ଆଲୋକିତ କରିଦେବ ଏବଂ ଅଜ୍ଞାନର ସକଳ ଗ୍ରନ୍ଥିକୁ ଦୂର କରିଦେବ ।

୩୦ ଡିସେମ୍ବର ୧୯୩୭

*

ତୁମେ ହୃଦୟକୁ ଉନ୍ମୁକ୍ତ କରିଦିଅ, ତେବେ ପରମ ଆଲୋକ ତାହାର ମଧ୍ୟକୁ ପ୍ରବେଶ କରିବ ଓ ସେହିଠାରେ ବାସ କରିବ ।

୧୨ ଜାନୁଆରୀ ୧୯୩

*

ଜୀବନ ହେଉଛି ଅନ୍ଧକାର ମଧ୍ୟରେ ଏକ ଯାତ୍ରା ! ତୁମେ ନିଜ ଭିତରେ ରହିଥିବା ସେହି ଆଲୋକ ଲାଗି ଜାଗ୍ରତ୍ ହୋଇଉଠ ।

୧୪ ଏପ୍ରିଲ ୧୯୫୪

*

ପ୍ରତ୍ୟେକର ହୃଦୟ ମଧ୍ୟରେ ଯାବତୀୟ ଆବରଣକୁ ଦୂର କରିଦେବାକୁ ହେବ ଏବଂ ଆଲୋକହିଁ ସେଠାରେ ପୂର୍ଣ୍ଣଭାବେ ପ୍ରଦୀପ୍ତ ହୋଇ ଉଠିବ ।

୨୪ ଜୁନ୍ ୧୯୫୪

*

ସତ୍ତାର ସକଳ ସ୍ତରରେ ଯାବତୀୟ ବାଧାକୁ ଅବଶ୍ୟ ଅନ୍ତର୍ହିତ ହୋଇ ଯିବାକୁ ପଡ଼ିବ; ଯେଉଁଠାରେ ଅଜ୍ଞାନର ଅନ୍ଧକାର ରହିଛି, ସେଠାରେ ଦିବ୍ୟ ପରମସତ୍ତାଙ୍କର ଜ୍ଞାନ ବିରାଜମାନ କରିବ ।

୧୨ ଅକ୍ଟୋବର ୧୯୫୪

*



'oaob.nitrkl.ac.in' images reprocessed

ଆଲୋକ ସର୍ବତ୍ର ବିଦ୍ୟମାନ ରହିଛି, ଶକ୍ତି ସର୍ବତ୍ର ବିଦ୍ୟମାନ ରହିଛି । ଏବଂ, ତାହାର ତୁଳନାରେ ଏହି ପୃଥିବୀ ପ୍ରକୃତରେ କେଡ଼େ କ୍ଷୁଦ୍ର !

୧୯୫୮

*

ପୃଥିବୀ ଉପରେ ଏକ ନୂତନ ଆଲୋକର ଉଦୟ ହୋଇ ଆସୁଛି । ତାହାକୁ ଗ୍ରହଣ କରିବାକୁ ଏବଂ ତାହାର ସ୍ୱାଗତ ଜ୍ଞାପନ କରିବା ଲାଗି ଜାଗ୍ରତ ହୋଇ ଉଠ, ଏକତାବଦ୍ଧ ହୁଅ ।

୧୯୫୯

*

ଜ୍ଞାନର ଅନ୍ୱେଷଣ କରୁ କରୁ ଅନେକ ବ୍ୟକ୍ତି ଅନ୍ଧମାନଙ୍କ ପରି ସେମାନେ ଯେଉଁଠାରେ ଥାଆନ୍ତି, ସେଠାରେ ରହିଥିବା ପରମ ଆଲୋକକୁ ଅସ୍ୱୀକାର କରିବାରେ ଲାଗିଥାଆନ୍ତି — ଏହିପରି ଭାବରେ ସେମାନେ ଯେଉଁଠାରେ ଯାଇ ପ୍ରବେଶ କରନ୍ତି, ସେମାନଙ୍କ ଲାଗି ତାହା ଏକ ନୂତନ ଅନ୍ଧକାର ପରି କାର୍ଯ୍ୟ କରୁଥାଏ ।

୧୨ ଅକ୍ଟୋବର ୧୯୬୪

*

ଆପଣାର ଅନ୍ଧତା ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟମାନେ ପ୍ରକୃତ ଆଲୋକକୁ ଛାଡ଼ି ଚାଲିଯାଆନ୍ତି ଏବଂ ଜ୍ଞାନର ପ୍ରାପ୍ତି ନିମନ୍ତେ ଅନ୍ଧକାର ମଧ୍ୟରେ ପ୍ରବେଶ କରନ୍ତି !

'oaob.nitrkl.ac.in' images reprocessed

# ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍

## ଅତୀତ

ଭବିଷ୍ୟତ ଆଡ଼କୁ ଲମ୍ଫପ୍ରଦାନ କରିବା ଲାଗି ତୁମେ ଅତୀତକୁ ଏକ ସ୍ପ୍ରିଂ-ବୋର୍ଡ୍ ରୂପେ ବ୍ୟବହାର କରିବ ।

୨୫ ଡିସେମ୍ବର ୧୯୫୩

*

ଯାହା ଥିଲା, ଅନେକ ସମୟରେ ଆମେ ତାହାକୁହିଁ ଯାବୁଡ଼ି ଧରି ରହିଥାଉ; ଏକ ପୂର୍ବଲବ୍ଧ ଅଭିଜ୍ଞତାର ଫଳକୁ କାଳେ ହରାଇବାକୁ ପଡ଼ିବ, କାଳେ ଏକ ବିସ୍ତାରଯୁକ୍ତ ଉଚ୍ଚ ଚେତନାକୁ ହରାଇବସି ପୁନର୍ବାର ଏକ ଅଧିକ ନିମ୍ନସ୍ଥ ଅବସ୍ଥାରେ ଯାଇ ପଡ଼ିବାକୁ ହେବ, ଆମେ ସେହି ଭୟରେ ତାହା କରୁଥାଉ । ମାତ୍ର ଆମକୁ ସତତ ସମ୍ମୁଖକୁ ଦୃଷ୍ଟି ରଖିବାକୁ ହେବ ଏବଂ ଅଗ୍ରସର ହେବାକୁ ପଡ଼ିବ ।

୧୩ ଅକ୍ଟୋବର ୧୯୫୪

*

ଆମ ଭିତରେ ଅନୁକ୍ଷଣ ଯେଉଁ ପୁନଃନିର୍ମାଣର କାର୍ଯ୍ୟ ଚାଲିଛି, ଆମର କୌଣସି ଅତୀତ ଅଭିଜ୍ଞତା ଯେପରି ତାହାର କାର୍ଯ୍ୟକୁ କଦାପି ବ୍ୟାହତ ନ କରେ, ସେତେବେଳେ ବେଳେବେଳେ ତାହାର ସ୍ମୃତିକୁ ମଧ୍ୟ ଆମର ଭାବନା ମଧ୍ୟରୁ ପୋଛି ବାହାର କରିଦେବାକୁ ପଡ଼ିବ । ନାନା ଆପେକ୍ଷିକତାର ଏହି ପୃଥିବୀ ମଧ୍ୟରେ ସେହି ପୁନଃଗଠନର କାର୍ଯ୍ୟଟିହିଁ ଦବ୍ୟ ପରମସତ୍ତାଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ଲାଗି ବାଟ ଛାଡ଼ି ଦେଇଥାଏ ।

*

୨୧ ନଭେମ୍ବର ୧୯୫୪

ସ୍ମୃତିଗୁଡ଼ିକର ଆକର୍ଷଣ ବିଷୟରେ ସାବଧାନ ରହିଥିବ । ଅତୀତର ଅଭିଜ୍ଞତାଗୁଡ଼ିକର ଚେତନାର ଅଭିବୃଦ୍ଧି ଉପରେ ଯେଉଁ ପ୍ରଭାବ ପଡ଼ିଥାଏ, ସେମାନେ ତାହାକୁହିଁ ପଛରେ ପକାଇଦେଇ ଯାଇଥାନ୍ତି । ମାତ୍ର, ନିଜକୁ ଅନୁରୂପ

'oaob.nitrkl.ac.in' images reprocessed

ପରିସ୍ଥିତିରେ ପୁନରୁପସ୍ଥାପିତ କରି ଯେତେବେଳେ ତୁମେ ପୁନର୍ବାର ଅତୀତର ଏକ ସ୍ମୃତିକୁ ଆଶ୍ରୟରେ ବଞ୍ଚିବାକୁ ଇଚ୍ଛା କର, ସେତେବେଳେ ତୁମକୁ ଏହି କଥାଟିକୁ ହୃଦୟଙ୍ଗମ କରିବାକୁ ଆଦୌ ବିଳମ୍ବ ଲାଗେ ନାହିଁ ଯେ, ସେଗୁଡ଼ିକ ଭିତରେ ପୂର୍ବର ସେହି ଶକ୍ତି ଏବଂ ଆକର୍ଷଣ ଆଉ ଆଦୌ ନାହିଁ, କାରଣ, ଅଗ୍ରଗତି ଲାଗି ସେମାନଙ୍କ ମଧ୍ୟରେ ରହିଥିବା ଉପଯୋଗିତାକୁ ସେମାନେ ହରାଇ ବସିଛନ୍ତି ।

*

ସ୍ଥାୟୀ ସ୍ମରଣ : ଅଗ୍ରଗତି କରିବାରେ ଯାହା ସବୁକୁ ସାହାଯ୍ୟ କରିଥିଲା, ତାହାର ସ୍ମରଣ କରିବା ।

*

ଭାବମୟ ସ୍ମରଣ : ଯେଉଁ ପରିସ୍ଥିତିଗୁଡ଼ିକ ଦିବ୍ୟ ପରମସତ୍ତାଙ୍କର ଅନ୍ୱେଷଣ କରିବାରେ ଆମକୁ ସହାଯ୍ୟ କରିଥିଲେ, କେବଳ ସେହିଗୁଡ଼ିକହିଁ ଏହି ସ୍ମରଣର ଲକ୍ଷ୍ୟବସ୍ତୁ ହୋଇ ରହିବା ଉଚିତ ।

*

ଗୋଟିଏ ଗୋଟିଏ ଯୁଗ-ପର୍ଯ୍ୟାୟରେ ଏହି ପୃଥିବୀର ସମଗ୍ର ଜୀବନଟି ସତେଅବା ଏକ ଅଲୌକିକ ଘଟଣା ଘଟିଥିବା ପରି ନାନା ସୋପାନକୁ ପାର ହୋଇ ଯାଉଥିବା ପରି ବୋଧହୁଏ, ଯେଉଁଥି ସକାଶେ କି ଅନ୍ୟ ସମୟଗୁଡ଼ିକରେ ହୁଏତ ହଜାର ହଜାର ବର୍ଷ ବାଟ ଚାଲିବା ଆବଶ୍ୟକ ହୋଇଥାନ୍ତା ।

୧୧ ଡିସେମ୍ବର ୧୯୫୪

*

ସକଳ ବସ୍ତୁର ଅଧିକାରୀ ହେବା ଲାଗି କପରି ସକଳ ବସ୍ତୁକୁ ତ୍ୟାଗ କରିବାକୁ ପଡ଼େ, ଅତୀତକୁ ଏକ ମୃତଦେହ ସଦୃଶ ତ୍ୟାଗ କରି କପରି ଏକ ବୃହତ୍ତର ବହୁଳତା ମଧ୍ୟରେ ପୁନର୍ଜନ୍ମ ଲାଭ କରିବାକୁ ପଡ଼େ, ଆମକୁ ପ୍ରତ୍ୟେକ ମୁହୂର୍ତ୍ତରେ ସେହି କଥାଟିକୁ ଜାଣି ରଖିବାକୁ ପଡ଼ିବ ।

୧୨ ଡିସେମ୍ବର ୧୯୫୪

*

'oaob.nitrkl.ac.in' images reprocessed

ଆମେ କ'ଣ ଆପଣାକୁ ସବୁଦିନ ଲାଗି ସ୍ଥାୟୀକରି ରଖିବାକୁ ଇଚ୍ଛା କରୁଥିବା ଅତୀତର, ଆପଣାକୁ ନିଃଶେଷିତ କରିଦେବାରେ ଲାଗିଥିବା ବର୍ତ୍ତମାନର ନା ଜନ୍ମ ହେବା ସକାଶେ ବ୍ୟାକୁଳ ହେଉଥିବା ଭବିଷ୍ୟତର, — ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ସେହି କଥାଟିକୁ ଜାଣିବା ଉପରେହିଁ ସବୁକିଛି ନିର୍ଭର କରିଥାଏ ।

୧୬ ଫେବୃଆରୀ ୧୯୬୩

*

ଯୋଗସାଧନା କରିବାକୁ ହେଲେ, ଅତୀତ ପ୍ରତି ରହିଥିବା ଆମର ଯାବତୀୟ ଆସକ୍ତିରୁ ମୁକ୍ତିଲାଭ କରିବା ହେଉଛି ଏକ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କଥା ।

ଅତୀତ ଅତୀତହିଁ ହୋଇଯାଉ ଏବଂ ତୁମେ ଯେଉଁ ଅଗ୍ରଗତିକୁ ହାସଲ କରିବାକୁ ଇଚ୍ଛା କରୁଛ, ଆପଣାକୁ ତାହାରି ଉପରେ ଅଭିନିବେଶିତ କରି ରଖ । ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେବା, ଯାହାକୁ ତୁମେ ନିଜ ଜୀବନରେ ଈପ୍‌ସିତ ଲକ୍ଷ୍ୟ ବୋଲି ଗ୍ରହଣ କରିଛ, କେବଳ ତାହାରି ଉପରେ ଅଭିନିବେଶିତ କର ।

ମୋର ଆଶୀର୍ବାଦ ଓ ସହାୟତା ସର୍ବଦା ତୁମ ପାଖରେ ରହିଛି । ସସ୍ନେହ ।

୧୦ ଜାନୁଆରୀ ୧୯୬୭

*

ଅତୀତର ଯାବତୀୟ ଅଭ୍ୟାସ ଏବଂ ବିଶ୍ୱାସ ସହିତ ରହିଥିବା ଡୋରକୁ ଛିନ୍ନ କରି ନ ପାରିଲେ, ଈଶ୍ୱର ସହିତ ଭବିଷ୍ୟ ଆଡ଼କୁ ଅଗ୍ରସର ହେବାର ପ୍ରାୟ କୌଣସି ଆଶା ରହିବ ନାହିଁ ।

୨୩ ଡିସେମ୍ବର ୧୯୬୭

*

ଅତୀତକୁ ଭୁଲିଯିବା ଏବଂ ଜୀବନର ପୁରାତନ ଅଭ୍ୟାସଗୁଡ଼ିକୁ ଛାଡ଼ି ଆସିବା, — ଏହା ପ୍ରକୃତରେ ଗୋଟିଏ କଷ୍ଟକର କଥା ଏବଂ ସେଥିଲାଗି ସାଧାରଣତଃ ଏକ କଠୋର "ତପସ୍ୟା"ର ପ୍ରୟୋଜନ ହୋଇଥାଏ । ମାତ୍ର, ଯଦି ଦିବ୍ୟ ପରମକରୁଣା ଉପରେ ତୁମର ବିଶ୍ୱାସ ରହିଥାଏ ଏବଂ ଯଦି ପୂର୍ଣ୍ଣ ହୃଦୟରେ

'oaob.nitrkl.ac.in' images reprocessed

ତୁମେ ତାହାର ଆବାହନ କରିପାର, ତେବେ ତୁମେ ଅଧିକ ସହଜରେ ସଫଳତା ଲାଭ କରି ପାରିବ ।

ଅନେକ ଆଶୀର୍ବାଦ ।

✽ ୨୨ ନଭେମ୍ବର ୧୯୬୮

ଅନ୍ତରର ତରଙ୍ଗଗୁଡ଼ିକ ସର୍ବଦା ତୁମଠାରୁ ବହୁଦୂରରେ ରହିଥାଆନ୍ତୁ, ସେଗୁଡ଼ିକ ସହିତ ତୁମର ଯାବତୀୟ ଆସକ୍ତି ଓ ଯାବତୀୟ ଦୁର୍ବଳତା ସେହି ଦୂରକୁହିଁ ଖସି ଚାଲିଯାଉ ।

ସେମାନଙ୍କର ସ୍ଥାନକୁ ଗ୍ରହଣ କରିବା ନିମନ୍ତେ ଦିବ୍ୟ ଚେତନାର ଜ୍ୟୋତିର୍ଦୀପ୍ତ ଆନନ୍ଦ ଅପେକ୍ଷା କରି ରହିଛି ।

✽

ଅନ୍ତରରେ କରିଥିବା କର୍ମ ସାଧନାର ପଥରେ ବାଧା ସୃଷ୍ଟି କରିବ ନାହିଁ କି ?

ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରି ରଖିଲେ, ତୁମେ ଅନ୍ତରରେ ଯାହାସବୁ ହୋଇ ଆସିଥିବ, ତାହା କୁଆଡ଼େ ପୋଛି ହୋଇ ଚାଲିଯିବ ।

✽

ମୋର ପ୍ରିୟ ସନ୍ତାନ,

ତୁମର ପ୍ରାର୍ଥନା ମୋ' କାନରେ ବାଜିଛି । ତୁମର ଅତୀତ ଅନ୍ତର୍ହିତ ହୋଇଯାଇଛି । ଏଥର ତୁମେ ଚେତନା, ଆଲୋକ ଏବଂ ପ୍ରଶାନ୍ତି ମଧ୍ୟରେହିଁ ଅଭିବୃଦ୍ଧି ଲାଭ କରିବାକୁ ପ୍ରସ୍ତୁତ ହୋଇଯାଅ ।

ଆମର ଅନେକ ଅଶୀର୍ବାଦ ସତତ ତୁମ ପାଖରେ ରହିଛି ।

✽

ଅତୀତ ଅତୀତ ହୋଇ ରହୁ ।

'oaob.nitrkl.ac.in' images reprocessed

ପରମ ଶାଶ୍ୱତଙ୍କ ଠାରେହିଁ ଅଭିନବେଷ୍ଟିତ ହୋଇ ରହ ।

ଅନେକ ଆଶୀର୍ବାଦ ।

୧୦ ଡିସେମ୍ବର ୧୯୭୧

*

ଆମେ ଯେତେବେଳେ ଏହି ବସ୍ତୁଭୂତ ସମସ୍ତପ୍ରକାର ସ୍ପର୍ଶରେ ରହି ବାସ କରୁଥାଉ, ସେତେବେଳେ ସମସ୍ତ ଆଦୌ କୌଣସି ସଙ୍କେତକୁ ପଛରେ ରଖିବାକୁ ଚେଷ୍ଟା କରେ ନାହିଁ ଓ ଅନ୍ତର୍ହିତ ହୋଇ ଯାଉଥାଏ ।

*

## ବର୍ତ୍ତମାନ

ସ୍ୱର୍ଗର ଘଣ୍ଟରେ ଗୋଟିଏ ମିନଟ୍‌ କଦାପି ଦୁଇଥର ଆସେ ନାହିଁ ।

*

ଜୀବନରେ ଏପରି ଅସାଧାରଣ ମୁହୂର୍ତ୍ତମାନ ରହିଥାଏ, ଯାହାକି ପ୍ରତ୍ୟେକ ଏକ ସ୍ୱପ୍ନପରି ଅନ୍ତର୍ହିତ ହୋଇଯାଏ । ସେମାନଙ୍କର ଡେଣା ଧରି ସେମାନଙ୍କୁ ଅଟକାଇବାକୁ ପଡ଼ିବ, କାରଣ ସେମାନେ ଆଉ କଦାପି ଫେରି ଆସନ୍ତି ନାହିଁ ।

*

ବର୍ତ୍ତମାନହିଁ ଜୀବନର ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ ।

୧୬ ଫେବୃଆରୀ ୧୯୫୬

*

ଜୀବନରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତ କେଉଁଟି ? ତାହା

'oaob.nitrkl.ac.in' images reprocessed

ହେଉଛି ଏହି ବର୍ତ୍ତମାନ ମୁହୂର୍ତ୍ତଟି । କାରଣ, ଅତୀତର ଆଉ କୌଣସି ଅସ୍ତିତ୍ୱ ନ ଥାଏ ଏବଂ ଭବିଷ୍ୟତ ମଧ୍ଯ ଆସି ଉପସ୍ଥିତ ହୋଇ ନ ଥାଏ ।

(୧୯୫)

*

ଆହୁରି, ଆହୁରି ଉପରକୁ ଉଡ଼ିଚାଲ; ଆହୁରି, ଆହୁରି ଦୂରକୁ ଉଡ଼ି ଚାଲିଯାଅ । ସେଥିପାଇଁ ଆଦୌ କୌଣସି ଭୟ ଅଥବା ସଙ୍କୋଚ କର ନାହିଁ । ବର୍ତ୍ତମାନ ପୋଷଣ କରି ଯାଉଥିବା ଆଶା,—ସେହିଗୁଡ଼ିକହିଁ ଭବିଷ୍ୟତର ଉପଲବ୍ଧି ।

*

## ଭବିଷ୍ୟତ୍

ଭବିଷ୍ୟତଠାରୁ ଅତୀତ ଅବଶ୍ୟ ଅଧିକ ଭଲ । ଆମକୁ କେବଳ ଯେକୌଣସି ମତେ ଆଗକୁହିଁ ଯିବାକୁ ପଡ଼ିବ ।

*

ଆଗକୁ ଚାଲ ! ଏକ ଅଧିକ ଭଲ ଭବିଷ୍ୟତ ଆଡ଼କୁ, ଆଗାମୀ କାଲିର ଉପଲବ୍ଧି ଆଡ଼କୁ ।

*

ଆମେ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ଅପ୍ରତିହତ ଭାବରେ ଆରୋହଣ କରି ଯାଉଥିବା, ଏବଂ ଶେଷରେ ଆଗାମୀ କାଲିର ସମ୍ପୂର୍ଣ୍ଣ ଉପଲବ୍ଧି କରିବା ।

*

ଭବିଷ୍ୟତ୍ : ଏକ ଅନୁପଲବ୍ଧ ପ୍ରତିଶ୍ରୁତି ।

*

'oaob.nitrkl.ac.in' images reprocessed

ଭବିଷ୍ୟତ୍ ପ୍ରତିଶ୍ରୁତି ଦ୍ୱାରା ପୂର୍ଣ୍ଣ ହୋଇ ରହିଛି ।

*

ଯେଉଁମାନେ ଭବିଷ୍ୟତ ଲାଗି ନିଜକୁ ପ୍ରସ୍ତୁତ କରି ଜାଣନ୍ତି, ସେମାନଙ୍କ ଲାଗି ତାହା କେତେ ନା କେତେ ସମ୍ଭାବନାରେ ପୂର୍ଣ୍ଣ ହୋଇ ରହିଥାଏ ।

*

ଉଦିତ ହେଉଥିବା ପ୍ରତ୍ୟେକ ପ୍ରଭାତ ଏକ ନୂତନ ଅଗ୍ରଗତିର ସମ୍ଭାବନାକୁ ବହନ କରି ଆଣେ ।

ଆଗକୁ ଯିବାଲାଗି ଆମେ ଆଦୌ ବ୍ୟସ୍ତ ଓ ତରତର ହେଉ ନାହୁଁ, କାରଣ ଭବିଷ୍ୟତ ବିଷୟରେ ଆମେ ନିଶ୍ଚିତ ହୋଇ ରହିଛୁ ।

*

ମୁଁ ଜାଣିଛି ଯେ, ଯାହା ଠିକ୍ ଏବଂ ଯାହା ଭଲ, ଆମେ କେବଳ ତାହାକୁ କରିଯାଉଥିବା । ଭବିଷ୍ୟତ ବିଷୟରେ ଆଦୌ ଅତିବେଶୀ ଚିନ୍ତା କରିବା ନାହିଁ, ତାହାକୁ ଦିବ୍ୟ ପରମ କରୁଣାଙ୍କର ହେପାଜତରେ ଛାଡ଼ି ଦେଇଥିବା ।

'oaob.nitrkl.ac.in' images reprocessed

# ଅଗ୍ରଗତି ଓ ପୂର୍ଣ୍ଣତା

## ଅଗ୍ରଗତି

ଅଗ୍ରଗତି ହେଉଛି ସୃଷ୍ଟି ଉପରେ ପଡ଼ୁଥିବା ଦିବ୍ୟ ପ୍ରଭାବର ସଙ୍କେତ ।

*

ଅଗ୍ରଗତି : ଯେଉଁଥିପାଇଁ ଆମ୍ଭେମାନେ ଏହି ସଂସାରରେ ରହିଛୁ ।

*

ଅଗ୍ରଗତି ହେଉଛି ଏହି ପାର୍ଥିବ ଜୀବନର ଉଦ୍ଦେଶ୍ୟ । ତୁମର ଅଗ୍ରଗତି ବନ୍ଦ ହୋଇଗଲେ ତୁମର ମୃତ୍ୟୁ ଘଟିବ । ଅଗ୍ରଗତି ନ କରି ଅତିବାହିତ ହେଉଥିବା ପ୍ରତ୍ୟେକ ମୁହୂର୍ତ୍ତ ତୁମକୁ ତୁମ କବରର ନିକଟବର୍ତ୍ତୀ କରି ଆଣିଥାଏ ।

*

ଯେଉଁ ମୁହୂର୍ତ୍ତରୁ ତୁମେ ସନ୍ତୁଷ୍ଟ ହୋଇଯାଅ ଏବଂ ଆଉ କୌଣସି ଅଭୀପ୍ସା ରଖ ନାହିଁ, ସେହି ମୁହୂର୍ତ୍ତରୁହିଁ ତୁମେ ମରିବାକୁ ଆରମ୍ଭ କର । ଜୀବନ ହେଉଛି ଗତି, ଜୀବନ ହେଉଛି ଉଦ୍ୟମ । ଜୀବନ କହିଲେ ଆଗକୁ ଆଗକୁ ଚାଲୁଥିବାର ବୁଝାଏ, ଭବିଷ୍ୟତର ଗର୍ଭରେ ରହିଥିବା ସତ୍ୟୋଦ୍‌ଘାଟନ ଏବଂ ସତ୍ୟୋପଲବ୍ଧି-ଗୁଡ଼ିକ ଆଡ଼କୁ ଆରୋହଣ କରିଯିବାକୁହିଁ ବୁଝାଏ । ବିଶ୍ରାମ କରିବାକୁ, ଅଟକି ରହିବାକୁ ଇଚ୍ଛା କରିବା ବ୍ୟତୀତ ଅଧିକ ବିପଜ୍ଜନକ ଆଉ କିଛି ନାହିଁ ।

*

'oaob.nitrkl.ac.in' images reprocessed

ସର୍ବଦାହିଁ କିଛି ନା କିଛି ଶିକ୍ଷା କରିବାକୁ ରହିଥାଏ, ଏକ ଅଗ୍ରଗତି ସମ୍ଭବ କରିବାକୁ ରହିଥାଏ; ଏବଂ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟ ଆମେ ସେହି ଶିକ୍ଷାଟିକୁ ଲାଭ କରିବାର ଏବଂ ସେହି ଅଗ୍ରଗତିକୁ ସମ୍ଭବ କରିବାର ଅବସରଟିକୁ ଅବଶ୍ୟ ଫଳପ୍ରଦ କରି ପାରିବା ।

୧୧ ସେପ୍ଟେମ୍ବର ୧୯୩୪

*

ଅଗ୍ରଗତି : ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବା, ମାର୍ଗରେ ଆହୁରି ଆଗକୁ ଯାଇ ପାରିବାଲାଗି ଆମେ ଯାହାକିଛି ହୋଇ ରହିଛୁ ଓ ଆମ ପାଖରେ ଯାହାକିଛି ରହିଛି, ସେହି ସବୁକିଛିକୁ ତ୍ୟାଗ କରିବା ।

୨୯ ଜୁନ୍ ୧୯୫୦

*

ଅଗ୍ରଗତିର ଆଦୌ କୌଣସି ଅନ୍ତ ନାହିଁ ଏବଂ, ଆମେ ଯେଉଁ କାର୍ଯ୍ୟଟିକୁ କରୁଛୁ, ତାହାକୁ ଅଧିକ ଭଲ ଭାବରେ କରିବାଲାଗି ଆମେ ପ୍ରତିଦିନହିଁ ଶିକ୍ଷା କରି ପାରିବା ।

୨୭ ଏପ୍ରିଲ ୧୯୫୪

*

ତୁମେ କ'ଣ ହୋଇ ରହିଆସିଛ, ସେକଥା ମୋଟେ ଭାବ ନାହିଁ । ତୁମେ ଯାହା ହେବାପାଇଁ ଇଚ୍ଛା କରୁଛ, କେବଳ ସେହି କଥାହିଁ ଚିନ୍ତା କର ; — ଏବଂ ତୁମେ ନିଶ୍ଚୟ ଅଗ୍ରଗତି କରିବ ।

୧ ଜୁନ୍ ୧୯୫୪

*

ଆଉ ପଛଆଡ଼କୁ ଦେଖ ନାହିଁ, ସର୍ବଦା ଆଗକୁ ଅନାଅ; ତୁମେ ଯାହା କରିବାକୁ ଇଚ୍ଛା କରୁଛ, ତାହାର ଉପରେ ଦୃଷ୍ଟି ରଖ, — ଏବଂ ତୁମେ ନିଶ୍ଚୟ ଅଗ୍ରଗତି କରିବ ।

୨ ଜୁନ୍ ୧୯୫୪

*

ଆମେ ନିଜ ହୃଦୟ ଭିତରେ ଅଗ୍ରଗତିର ଅଗ୍ନିକୁ ସର୍ବଦା ପ୍ରଜ୍ୱଳିତ କରି ରଖିବା ।

୨୧ ଜୁନ୍ ୧୯୫୪

*

'oaob.nitrkl.ac.in' images reprocessed

ଆଜି ଯାହା ହୋଇ ପାରୁ ନାହିଁ, ତାହା ପରେ ଅବଶ୍ୟ ହେବ । ଅଗ୍ରଗତି ନିମନ୍ତେ କରା ଯାଉଥିବା କୌଣସି ଉଦ୍ୟମ କଦାପି ବ୍ୟର୍ଥ ହୋଇ ନାହିଁ ।

୨୫ ଜୁନ୍ ୧୯୫୪

*

ଆମେ ସ୍ୱୟଂ ସତତ ଅଗ୍ରଗତି କରୁଥିବା । ଅନ୍ୟମାନଙ୍କୁ ଅଗ୍ରଗତି ଲାଗି ପ୍ରେରିତ କରିବାଲାଗି ତାହାହିଁ ସର୍ବୋତ୍ତମ ଉପାୟ ।

୨୩ ଜୁଲାଇ ୧୯୫୪

*

କେଉଁଠି ଅଟକି ଯିବାର ଅର୍ଥ ହେଉଛି ପଡ଼ିବାକୁ ଆରମ୍ଭ କରିବା ।

ଉତ୍ତରୋତ୍ତର ଅଗ୍ରଗତି ଲାଗି ଅଭିଳାଷ ନ ରଖିଥିଲେ କୌଣସି ଉଦ୍ୟମ କଦାପି ସମୃଦ୍ଧି ଲାଭ କରିବ ନାହିଁ ।

ଏକ ସତତ ବୃଦ୍ଧିଶୀଳ ପରିପୂର୍ଣ୍ଣତା ଆଡ଼କୁ ତୁମେ ଅଗ୍ରଗତି କରିବାରେହିଁ ଲାଗିଥାଅ ।

* ୨୧ ଫେବୃଆରୀ ୧୯୫୭

ଉତ୍ତରୋତ୍ତର ଅଗ୍ରଗତି ନ କଲେ କୌଣସି ଅନୁଷ୍ଠାନ ବଞ୍ଚିରହି ପାରିବ ନାହିଁ ।

ସର୍ବଦା ଦିବ୍ୟ ପରମସତ୍ତାଙ୍କର ଅଧିକରୁ ଅଧିକ ନିକଟବର୍ତ୍ତୀ ହେଉଥିବା,— ତାହାହିଁ ଯଥାର୍ଥ ଅଗ୍ରଗତି ।

ଅତିକ୍ରାନ୍ତ ହୋଇଯାଉଥିବା ପ୍ରତ୍ୟେକ ବର୍ଷକୁ ପରିପୂର୍ଣ୍ଣତା ଆଡ଼କୁ ଏକ ନୂତନ ଅଗ୍ରଗତି ଦ୍ୱାରା ଚିହ୍ନିତ ହୋଇ ରହିବାକୁ ପଡ଼ିବ ।

୨୧ ଫେବୃଆରୀ ୧୯୫୭

*

ପ୍ରତ୍ୟେକ ନୂତନ ବସ୍ତୁକୁ ସର୍ବଦା ରକ୍ଷଣଶୀଳ ବ୍ୟକ୍ତିମାନଙ୍କ ଠାରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ । ଯଦି ଆମେ ସେହି ବିରୋଧ ଆଗରେ

'oaob.nitrkl.ac.in' images reprocessed

ମୁଣ୍ଡ ନୁଆଁଇବା, ତେବେ ପୃଥିବୀ ଗୋଟିଏ ପଦ୍ଧୁଣ୍ଡ ମଧ୍ୟ ଆଗକୁ ଯାଇ ପାରିବ ନାହିଁ ।

❋ ୭ ନଭେମ୍ବର ୧୯୬୧

ପୃଥିବୀ ଏଡ଼େ କ୍ଷିପ୍ରତାର ସହିତ ଆଗକୁ ଯିବାରେ ଲାଗିଛି ଯେ, ଆମକୁ ଯେକୌଣସି ମୁହୂର୍ତ୍ତରେ ମଧ୍ୟ, ଆହୁରି ଅଧିକ ଭଲ ଭାବରେ ଜାଣିବା ନିମନ୍ତେ, ଆମ ଜ୍ଞାନସାରର ଗାରଟିକୁ ଅତିକ୍ରମ କରି ଆଗକୁ ଚାଲିଯିବାକୁ ପଡ଼ିବ ।

୩ ମାର୍ଚ୍ଚ ୧୯୬୩

❋

ଏହି ବିଶ୍ୱର ସତତ ଅଗ୍ରଗତିର ଭୂମି ଉପରେ, ଯାହାକିଛି ହାସଲ ହୋଇ ସାରିଛି, ତାହା ଏକ ବୃହତ୍ତର ଉପଲବ୍ଧି ଆଡ଼କୁ ପକା ଯାଇଥିବା ସର୍ବପ୍ରଥମ ପଦ୍ଧୁଣ୍ଡଟି ବ୍ୟତୀତ ଆଉ କିଛି ନୁହେଁ ।

❋

ଅତିକ୍ରାନ୍ତ ହେଉଥିବା ପ୍ରତ୍ୟେକଟି ବର୍ଷ ଏକ ନୂତନ ବିଜୟ ହୋଇ ରହିବା ଉଚିତ । ତାହା ଅନିବାର୍ଯ୍ୟ ଭାବରେ ତାହାହିଁ ହୋଇ ରହିଥାଏ ।

❋

ପ୍ରତ୍ୟେକ ବ୍ୟକ୍ତି ତଥା ପ୍ରତ୍ୟେକ ବସ୍ତୁ ସର୍ବଦା ଅବଶ୍ୟ ଅଗ୍ରଗତି କରି ପାରିବ, ଏବଂ ଏକ ସମ୍ଭାବ୍ୟ ଉନ୍ନତିସାଧନକୁ ଦୃଷ୍ଟି ସମକ୍ଷରେ ରଖି ମୁଁ ସର୍ବଦା କାର୍ଯ୍ୟ କରି ଆସିଛି । ମୁଁ ଭଲ କରି ଜାଣିଛି ଯେ ସବୁଠାରୁ ଅଧିକ ଅସାଧ୍ୟ ବୋଲି ମନେ ହେଉଥିବା ଅସୁବିଧା ସବୁଠାରୁ ବଡ ବିଜୟପ୍ରାପ୍ତିକୁହିଁ ଘଟାଇବାରେ ନିମିତ୍ତ ହୋଇଥାଏ ଏବଂ ମୁଁ ବିଶ୍ୱାସ କରୁଛି ଯେ, ସେଥିପାଇଁ ତୁମେ ମଧ୍ୟ ମୋ' ସହିତ ଅବଶ୍ୟ ରହିଛ ।

❋

'oaob.nitrkl.ac.in' images reprocessed

# ପୂର୍ଣ୍ଣତା

ସବୁକିଛୁକୁ ଏକାଠି ଗୋଳାଇ ମିଶାଇ ପକାଇଲେ ତାହା କଦାପି ତୁମକୁ ପୂର୍ଣ୍ଣତା ଆଣି ଦେବ ନାହିଁ — ପୂର୍ଣ୍ଣତା ଭିତରୁହିଁ ଆସିବ ।

୧ ମାର୍ଚ୍ଚ ୧୯୩୬

✻

ସବୁଠାରୁ ଅଧିକ ବା କୌଣସି ଏକ ଶେଷରେ ଆସି ପହଞ୍ଚିଲେ ତାହାକୁ ପୂର୍ଣ୍ଣତା କୁହାଯିବ ନାହିଁ । ପୂର୍ଣ୍ଣତା ହେଉଛି ଏକ ସମତାବସ୍ଥା, ଏକ ସମସ୍ତସତ୍ତା ।

✻

ପୂର୍ଣ୍ଣତା ଏକ ଶିଖର ନୁହେଁ, ଏକ ଶେଷ ପ୍ରାନ୍ତ ମଧ୍ୟ ନୁହେଁ । ଶେଷପ୍ରାନ୍ତ ବୋଲି ଆଦୌ କିଛି ନାହିଁ : ତୁମେ ଯାହାକିଛି କରୁଥାଅନା କାହିଁକି, ସେଥିରେ ସର୍ବଦା ତାହାକୁ ଅଧିକ ଭଲ କରି କରିବାର ସମ୍ଭାବନା ଅବଶ୍ୟ ରହିଥାଏ । ଏବଂ, ଅଧିକ ଭଲ କରି କିଛି କରିବାର ଏହି ସମ୍ଭାବନାହିଁ ଅଗ୍ରଗତିର ପ୍ରକୃତ ଅର୍ଥ ।

✻

ପୂର୍ଣ୍ଣତା ହେଉଛି ଚିରନ୍ତନ; କେବଳ ପୃଥିବୀର ପ୍ରତିରୋଧହିଁ ତାହାକୁ ଉତ୍ତରୋତ୍ତର ହୋଇ ରହିଥିବା କେତେକ ସୋପାନରେ ପରିଣତ କରି ରଖିଥାଏ ।

✻

ଆମେ ପୂର୍ଣ୍ଣତା ଲାଭ କଲୁ ବୋଲି ହୁଏତ କୁହା ଯାଇପାରେ; ଅବଶ୍ୟ ତାହା ସର୍ବଦା ଉତ୍ତରୋତ୍ତର ବୃଦ୍ଧିଶୀଳ ଅବସ୍ଥାରେ ରହିଥାଏ । ଯେତେବେଳେ ନିମ୍ନରୁ ପ୍ରକାଶ ପାଉଥିବା ଗ୍ରହଣଶୀଳତା ପ୍ରକାଶ ଲାଭ କରିବାକୁ ଇଚ୍ଛା କରୁଥିବା ଊର୍ଦ୍ଧ୍ୱରୁ ଆଗତ ଶକ୍ତିର ସମତୁଲ୍ ହୋଇଯାଏ, ସେତିକିବେଳେ ତାହାକୁ ପୂର୍ଣ୍ଣତାର ଅବସ୍ଥା ବୋଲି କୁହାଯାଇପାରେ ।

୩ ଜାନୁଆରୀ ୧୯୫୧

'oaob.nitrkl.ac.in' images reprocessed

ନିଜେ ପୂର୍ଣ୍ଣ ହୋଇ ପାରି ନ ଥିବା ପର୍ଯ୍ୟନ୍ତ ତୁମେ କଦାପି ଆଉ କାହାକୁ ପୂର୍ଣ୍ଣ ହେଉ ବୋଲି ଆଶା କରି ପାରିବ ନାହିଁ । ଏବଂ, ପୂର୍ଣ୍ଣ ହେବାର ପ୍ରକୃତ ଅର୍ଥ ହେଉଛି, ପରମପ୍ରଭୁ ତୁମକୁ ଯାହା ହେବା ପାଇଁ ଇଚ୍ଛା କରୁଛନ୍ତି, ଠିକ୍ ତାହାହିଁ ହେବା ।

୩ ଜୁନ୍ ୧୯୫୮

*

ଆମର ସର୍ବୋଚ୍ଚ ଅଭୀପ୍ସାର ଭୂମିରେ ଆମେ ଯାହାକିଛି ହେବାକୁ ଇଚ୍ଛା କରୁ, ତାହାହିଁ ପୂର୍ଣ୍ଣତା ।

୯ ଅକ୍ଟୋବର ୧୯୬୭

*

ପୂର୍ଣ୍ଣତା ଲାଗି ପିପାସା : ସତତ ଏବଂ ବନ୍ଧୁରହିତ ଅଭୀପ୍ସା ।

*

## ସଫଳତା

ଲକ୍ଷ୍ୟକୁ କଦାପି ଭୁଲି ଯାଅ ନାହିଁ । ଅଭୀପ୍ସା କଦାପି ବନ୍ଦ ହୋଇ ନ ଯାଉ । ନିଜର ଅଗ୍ରଗତିରେ କଦାପି ଅଟକି ଯାଅ ନାହିଁ ଏବଂ ତେବେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।

*

ସଫଳତାର ଶର୍ତ୍ତ : ଯେଉଁ ବ୍ୟକ୍ତିମାନେ ନିଜର ଉଦ୍ୟମକୁ ଅବ୍ୟାହତ ରଖି ଜାଣିଛନ୍ତି, ସେହିମାନଙ୍କର ଶର୍ତ୍ତ ।

*

ଖାଲି ଚେଷ୍ଟା କରିବାହିଁ ଯଥେଷ୍ଟ ନୁହେଁ, ତୁମକୁ ସଫଳତା ବି ଲାଭ କରିବାକୁ ପଡ଼ିବ ।

*

'oaob.nitrkl.ac.in' images reprocessed

ସଫଳତା ଲାଭ କରିବାକୁହିଁ ଲକ୍ଷ୍ୟ ରଖି ଆଦୌ କୌଣସି ଚେଷ୍ଟା କରିବା ଉଚିତ ନୁହେଁ ।

✻ ୭ ଏପ୍ରିଲ୍ ୧୯୫୨

[କେହି ପ୍ରସ୍ତାବ ଦେଇଥିଲେ ଯେ, ଆଶ୍ରମରୁ ପ୍ରକାଶିତ ଏକ ପତ୍ରିକାର ପାଠକମାନଙ୍କୁ ଯଦି ସେମାନଙ୍କର ପ୍ରତିକ୍ରିୟା ଏବଂ ପ୍ରତ୍ୟାଶାଗୁଡ଼ିକୁ ବ୍ୟକ୍ତ କରିବାଲାଗି ଅନୁରୋଧ କରାଯାଏ, ତେବେ ପତ୍ରିକାର ଲୋକପ୍ରିୟତା ଅଧିକ ହୋଇପାରିବ । ସେହି କଥାଟି ମାଆଙ୍କ ପାଖରେ ନେଇ ଉପସ୍ଥାପିତ କରିବାରୁ ମାଆ ଲେଖିଥିଲେ :]

ଚାଲ ଆମେ ଯଥାସମ୍ଭବ ଅଧିକରୁ ଅଧିକ ଅଶିଷ୍ଟ ହେବା, ତେବେ ଆମଲାଗି ଅବଶ୍ୟ ସଫଳତା ଆସିବ ।

✻ ୧୭ ଜାନୁଆରୀ ୧୯୫୫

ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବା ଏବଂ ସଫଳତା ଲାଭ କରିବାକୁ ଉଦ୍ଦେଶ୍ୟ ରଖି ଯାହାକିଛି କରାଯାଏ, ସେସବୁକୁ ଆମେ ଅଶିଷ୍ଟ ବୋଲି ଜାଣିବା ଏବଂ ତାହା ଆମକୁ ମିଥ୍ୟା ଭିତରକୁ ଟାଣି ନେଇଯାଏ । ଏହି ବିଷୟରେ ମୁଁ ଏକ ଗମ୍ଭୀରତର ଦୃଷ୍ଟିପାତ ଏଥି ସହିତ ପଠାଉଛି ।*

ଅନେକ ଆଶୀର୍ବାଦ ।

✻ ୧୮ ଜାନୁଆରୀ ୧୯୬୫

* ଯେଉଁମାନେ ମିଥ୍ୟାରୁ ନିଜକୁ ମୁକ୍ତ କରି ରଖିବା ନିମନ୍ତେ ପ୍ରକୃତରେ ଆଗ୍ରହୀ, ମୁଁ ଏଠାରେ ସେମାନଙ୍କ ପାଇଁ ଗୋଟିଏ ଉପାୟ ବତାଇ ଦେଉଛି :

ନିଜକୁ ସନ୍ତୁଷ୍ଟ କରିବାକୁ ଆଦୌ ଚେଷ୍ଟା କରିବ ନାହିଁ, ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିବାକୁ ମଧ୍ୟ କୌଣସି ଚେଷ୍ଟା କରିବ ନାହିଁ । କେବଳ ପ୍ରଭୁଙ୍କର ସନ୍ତୋଷବିଧାନ ନିମନ୍ତେ ଚେଷ୍ଟା କରିବ ।

କାରଣ, ଯଥାର୍ଥ ସତ୍ୟ କହିଲେ କେବଳ ତାହାଙ୍କୁହିଁ ବୁଝାଏ । ଆମେ ପ୍ରତ୍ୟେକ ବ୍ୟକ୍ତି; ଭୌତିକ ଶରୀରରେ ମନୁଷ୍ୟ ସତ୍ତା ହୋଇ ରହିଥିଲେ ମଧ୍ୟ ଆମେ ମିଥ୍ୟାର ଏକ ଆବରଣ ରୂପେ ସେହି ପ୍ରଭୁଙ୍କୁ ଆବୃତ କରି ରଖିଛୁ ଓ ତାଙ୍କୁ ଲୁଗ୍ରଇ ରଖିଛୁ ।

କେବଳ ସେଇ ନିଜ ପାଖରେ ସତ୍ୟ ହୋଇ ରହିଛନ୍ତି, ଆମେ ତାଙ୍କଠାରେ ଅଭିନିବିଷ୍ଟ ହୋଇ ରହିବା, ମିଥ୍ୟାର ଏହି ଖୋଳଗୁଡ଼ାକୁ ଆଦୌ ମନ ଦେବା ନାହିଁ ।

'oaob.nitrkl.ac.in' images reprocessed

ତୁମକୁ ଯେଉଁ ପରିସ୍ଥିତିରେ ରଖା ଯାଇଅଛି ପଛକେ, ତୁମେ ପରମସତ୍ୟ ସହିତ ସଂଯୋଗ ରକ୍ଷା କରି ତାହାର ସର୍ବୋତ୍ତମ ଉପଯୋଗ କରିବାକୁ ଚେଷ୍ଟା କର । ସେହି ପରିସ୍ଥିତିରୁ ଫାଇଦା ଉଠାଇବା, ତାହା ହେଉଛି ଏକ ଭିନ୍ନ କଥା ।

ତୁମ ପାଖରେ ଯେତିକି ପରିମାଣରେ ସତ୍ୟ ରହିଛି, ଯାବତୀୟ ସଫଳତା କେବଳ ତାହାରି ଉପରେହିଁ ନିର୍ଭର କରିବ ।

*

ସଫଳତାଲାଭ ସମ୍ପୂର୍ଣ୍ଣ ଭାବରେ ଆନ୍ତରିକତା ଉପରେହିଁ ନିର୍ଭର କରେ ।

୨୨ ଜୁନ୍ ୧୯୭୨

*

ଅତିମାନସ କାର୍ଯ୍ୟତନ୍ତ୍ରରେ ସଫଳତା : ଧୈର୍ଯ୍ୟର ସହିତ ଉଦ୍ୟମ କରିବା ଏବଂ ଏକ ସମ୍ପୂର୍ଣ୍ଣ ଅଭିନିବେଶର ଯୋଗ୍ୟ ହେବାର ଫଳ ।

*

ଦିବ୍ୟ ପରମସତ୍ତାଙ୍କ ସହିତ ସଚେତନ ଭାବରେ ସମ୍ମିଳିତ ହେବା, ତାହାକୁ ଆମେ ଆଧ୍ୟାତ୍ମିକ ସଫଳତା ବୋଲି କହିବା ।

*

ଦୁର୍ଭାଗ୍ୟ ଅପେକ୍ଷା ସଫଳତାକୁହିଁ ଆମକୁ ଅତିକ୍ରମ କରିବାକୁ ପଡ଼ୁଥିବା ଏକ କଠିନତର ପରୀକ୍ଷା ବୋଲି ବୁଝାଯିବ ।

ସଫଳତାର ମୁହୂର୍ତ୍ତରେହିଁ ଆମ ନିଜଠାରୁ ଅଧିକ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବାକୁ ଆମକୁ ବିଶେଷ ଭାବରେ ଜାଗରୂକ ରହିବାକୁ ପଡ଼ିବ ।

*

କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ତୁମେ ସଫଳତା ଅର୍ଜନ କରିଛ ବୋଲି ଚିନ୍ତା କରିବା ମାତ୍ରକେ, ପ୍ରତିକୂଳ ଶକ୍ତିମାନେ ସଙ୍ଗେସଙ୍ଗେ ତାହାର ଉଦ୍ଦେଶ୍ୟରେ



'oaob.nitrkl.ac.in' images reprocessed

ଆକ୍ରମଣ ଆରମ୍ଭ କରି ଦିଅନ୍ତି ଓ ତାହାକୁ ନଷ୍ଟ କରିଦେବାକୁ ମାତ୍ର ଆସନ୍ତି । ପୁନଶ୍ଚ, ତୁମେ ଯେତେବେଳେ ସଫଳତା ବିଷୟରେ ଚିନ୍ତା କରିବାକୁ ଆରମ୍ଭ କର, ସେତେବେଳେ ନିଜର ଅଗ୍ରପ୍ରଗତିରେ ତୁମେ ଏକ ଶ୍ଳଥନ ଘଟାଇଥାଅ ଏବଂ ଏତେ ଅଳ୍ପ ଟିକିଏ ଶ୍ଳଥନ ମଧ୍ୟ ସମୁଦାୟ ଜେଲଟିକୁ ନଷ୍ଟ କରିଦେବା ଲାଗି ଯଥେଷ୍ଟ ହୋଇଥାଏ । ତେଣୁ ସର୍ବୋତ୍ତମ କାର୍ଯ୍ୟ ହେଉଛି ଯେ, ତୁମେ ଏ ବିଷୟରେ ଆଦୌ କିଛି ଭାବିବ ନାହିଁ, ମାତ୍ର ଆପଣାର କର୍ତ୍ତବ୍ୟ କରିବାରେ ଲାଗିଥିବ । ମାତ୍ର ବେଳେବେଳେ, ଯେତେବେଳେ ତୁମେ ନିଜର ଅଭାବ ଏବଂ ବିଫଳତାଗୁଡ଼ିକ ବିଷୟରେ ଚିନ୍ତା କରିବାରେ ଲାଗିଥିବ ଓ ତଦ୍ୱାରା ନିରାଶା ଅନୁଭବ କରୁଥିବ, ସେତେବେଳେ ତୁମକୁ ସେହି ସଫଳତାକୁ ଆଣି ନିଜର ନାକ ଆଗରେ ରଖିବାକୁ ହେବ ଏବଂ "ଏଇଟାକୁ ଦେଖ" ବୋଲି କହିବାକୁ ପଡ଼ିବ ।"

*

## ବିଜୟ

ଆମେ ଶାନ୍ତି ଲାଗି ଏଠାକୁ ଆସି ନାହୁଁ, ଆମେ ବିଜୟ ଲାଗି ଆସିଛୁ । କାରଣ, ପ୍ରତିକୂଳ ଶକ୍ତିମାନଙ୍କ ଦ୍ୱାରା ଶାସିତ ହେଉଥିବା ଏକ ଜଗତରେ ପ୍ରଥମେ ବିଜୟ ଆସିବ ଓ ତା'ପରେ ଯାଇ ଶାନ୍ତି ।

ଫେବୃଆରି ୧୯୬୦

*

ଦୁଇଟି କଥା ତୁମେ କଦାପି ଭୁଲିବ ନାହିଁ : ସେହି ଦୁଇଟି କଥା ହେଲା ଶ୍ରୀଅରବିନ୍ଦଙ୍କର କରୁଣା ଏବଂ ମାଆଙ୍କର ଭଲ ପାଇବା, ଏବଂ ଏହି ଦୁଇଟି ବସ୍ତୁକୁ ସାଙ୍ଗରେ ଧରି ତୁମେ ଅବିଚଳ ଓ ଧୈର୍ଯ୍ୟଯୁକ୍ତ ଭାବରେ ସଂଗ୍ରାମ କରି ଯାଉଥିବ । ଶେଷକୁ ଶତ୍ରୁମାନେ ଅବଶ୍ୟ ନିର୍ମୂଳ ହୋଇଯିବେ ଏବଂ ବିଜୟ ମଧ୍ୟ ସ୍ଥାୟୀ ଭାବରେ ହାସଲ ହୋଇ ପାରିବ ।

ବାହାରେ ସାହସ, ଭିତରେ ଶାନ୍ତି ଏବଂ ଦିବ୍ୟ ପରମସତ୍ତାଙ୍କ କରୁଣା ଉପରେ ସମ୍ପୂର୍ଣ୍ଣ ଭାବରେ ଅଟଳ ରହିଥିବା ଏକ ବିଶ୍ୱାସ ।

୧୯ ମଇ ୧୯୬୬

*

'oaob.nitrkl.ac.in' images reprocessed

ଶତ୍ରୁପକ୍ଷରୁ ହେଉଥିବା ବାରବାର ଆକ୍ରମଣର ସମ୍ମୁଖରେ ତୁମକୁ ନିଜର ବିଶ୍ୱାସକୁ ଅବିଚଳ ରଖିବାକୁ ପଡ଼ିବ ଏବଂ ଚୂଡ଼ାନ୍ତ ବିଜୟ ହାସଲ ହେବା ପର୍ଯ୍ୟନ୍ତ ସବୁ ସହ୍ୟ କରିବାକୁ ହେବ ।

✻ ୨ ଫେବୃଆରୀ ୧୯୪୨

ଦିବ୍ୟ ପରମସତ୍ତାଙ୍କର ଚୂଡ଼ାନ୍ତ ବିଜୟ ସୁନିଶ୍ଚିତ, ସେଥିରେ ସନ୍ଦେହର କୌଣସି ଅବକାଶହିଁ ନାହିଁ ।

✻ ୭ ଏପ୍ରିଲ୍ ୧୯୪୨

ବିଜୟ ସୁନିଶ୍ଚିତ ଏବଂ ଏହିପରି ଦୃଢ଼ନିଶ୍ଚିତ ହୋଇ ରହିଥିଲେ ଆମେ ଧୈର୍ଯ୍ୟର ସହିତ ଯେତେ ମନ ସେତେ ପରିମାଣର ମିଥ୍ୟା ପ୍ରସ୍ତାବନା ଏବଂ ପ୍ରତିକୂଳ ଆକ୍ରମଣର ସମ୍ମୁଖୀନ ହୋଇ ପାରିବା ।

✻

ବିଜୟ ବିଷୟରେ ସୁନିଶ୍ଚିତ ହୋଇ ରହିଥିଲେ ତଦ୍ୱାରା ଆମେ ଅକ୍ଲାନ୍ତ ଧୈର୍ଯ୍ୟ ଏବଂ ସର୍ବାଧିକ ସମ୍ଭବ ଶକ୍ତିର ଅଧିକାରୀ ହୋଇପାରିବା ।

✻

ଆମ ଭିତରେ ଏକ ନିଷ୍ଠାଯୁକ୍ତ ଅଭୀପ୍ସା ସହିତ ସତତ ସଦିଚ୍ଛା ସମ୍ମିଳିତ ହୋଇ ରହିଥିବ । ତେବେ ବିଜୟ ସୁନିଶ୍ଚିତ ।

୧୯ ମଇ ୧୯୫୪

✻

ବିଗତ କାଳର ବିଜୟକୁ ଆଗାମୀ କାଳର ବିଜୟ ଲାଗି କେବଳ ଏକ ସୋପାନମାତ୍ର ହୋଇ ରହିବାକୁ ପଡ଼ିବ ।

୭ ସେପ୍ଟେମ୍ବର ୧୯୫୪

✻

'oaob.nitrkl.ac.in' images reprocessed

ଆମ ବିଶ୍ୱାସର ଆନ୍ତରିକତା ଉପରେହିଁ ଆମ ବିଜୟର ସୁନିଶ୍ଚିତତା ନିର୍ଭର କରୁଛି ।

୩ ଅକ୍ଟୋବର ୧୯୫୪

*

ଏପରି କୌଣସି ବସ୍ତୁ ନାହିଁ, ଯାହାକି ଆମକୁ ଅନ୍ତତଃ କେବଳ ସେହି ଦିବ୍ୟ ପରମସତ୍ତାଙ୍କର ସମ୍ପୂର୍ଣ୍ଣ ବିଜୟ ଆଡ଼କୁ ପରିଚାଳିତ କରିନେଇ ଯାଉଥିବା ଏକ ନିମିତ୍ତ ରୂପେ କାର୍ଯ୍ୟ ନ କରୁଛି ।

ଜୁଲାଇ ୧୯୫୬

*

ମାଆ,

ଆପଣ ଲେଖିଛନ୍ତି :

"ଆଦର୍ଶ ଶିଶୁ ଏକ ସାହସୀ ଶିଶୁ । ସିଏ ସର୍ବଦା ଶେଷ ବିଜୟଟି ନିମିତ୍ତ ସଂଗ୍ରାମ କରୁଥାଏ । ହୁଏତ ଅନେକ ପରାଜୟ ଆସେ, ତଥାପି ସେ ସଂଗ୍ରାମ କରି ଚାଲିଥାଏ ।"

"ଶେଷ ବିଜୟ"ର ପ୍ରକୃତ ଅର୍ଥ କ'ଣ ? ଜୟ କ'ଣ? ଓ ପରାଜୟ କ'ଣ ? ଆମ କ୍ରୀଡ଼ା-କାର୍ଯ୍ୟକ୍ରମରେ ସେଗୁଡ଼ିକର କି ସ୍ଥାନ ରହିଛି ?

ଏଠାରେ ମୁଁ କ୍ରୀଡ଼ାରେ ବିଜୟ ଲାଭ କରିବା କଥା କହି ନ ଥିଲି । ଅଜ୍ଞାନ ଏବଂ ନିର୍ବୋଧତା ଉପରେ ଚେତନାର ବିଜୟ ବିଷୟରେ କହିଥିଲି ।

୧୯ ମାର୍ଚ୍ଚ ୧୯୬୦

*

ଯାବତୀୟ ପ୍ରତିବନ୍ଧକ ଉପରେ ବିଜୟହିଁ ଜୟଲାଭ କରିବ ।

'oaob.nitrkl.ac.in' images reprocessed

# ରୂପାନ୍ତର ଓ ଅତିମାନସ

## ରୂପାନ୍ତର

*There is a*
*Supreme Divine Consciousness.*
*We want to manifest this*
*Divine Consciousness in the*
*physical life.*

*Blessings*

ଏକ ସର୍ବୋଚ୍ଚ ଦିବ୍ୟ ପରମଚେତନା ରହିଛି । ଏହି ଦିବ୍ୟ ପରମଚେତନାକୁ ଆମେ ଭୌତିକ ଜୀବନସ୍ତରରେ ପ୍ରକାଶିତ କରିବାକୁ ଇଚ୍ଛା କରୁଛୁ ।

ଆଶୀର୍ବାଦ ।

*

ଦିବ୍ୟ ପରମଚେତନା ମଧ୍ୟରେ ନିଜକୁ ହଜାଇଦେବା ଆମର ଲକ୍ଷ୍ୟ ନୁହେଁ । ଦିବ୍ୟ ପରମଚେତନା ଯେପରି ଜଡ଼ ମଧ୍ୟରେ ପ୍ରବିଷ୍ଟ ହୋଇ ତାହାର ରୂପାନ୍ତର ସାଧନ କରିବ, ସେଥିଲାଗି ତାକୁ ବାଟ ଛାଡ଼ି ଦେବା ହେଉଛି ଲକ୍ଷ୍ୟ ।

*

'oaob.nitrkl.ac.in' images reprocessed

ଦିବ୍ୟ ପରମଚେତନା ତୁମର ରୂପାନ୍ତର ଲାଗି କାର୍ଯ୍ୟ କରୁଛି । ତାହା ଯେପରି ତୁମ ଭିତରେ ମୁକ୍ତ ଭାବରେ କାର୍ଯ୍ୟ କରି ପାରିବ, ସେଥିଲାଗି ତୁମର ତାହାଲାଗି ନିଜକୁ ଉନ୍ମୁକ୍ତ କରି ରଖିଥିବା ଉଚିତ ।

୧୭ ଅକ୍ଟୋବର ୧୯୬୭

*

ଦିବ୍ୟ ପରମଚେତନାଙ୍କୁ ଏହି ଜଡ଼ଜଗତ ମଧ୍ୟକୁ ଅବତୀର୍ଣ୍ଣ କରାଇ ଆଣିବା ହେଉଛି ସକଳ ବସ୍ତୁଠାରୁ ଅଧିକ କଷ୍ଟକର । ମାତ୍ର ଆମେ କ'ଣ ସେଥିପାଇଁ ଆମର ପ୍ରୟାସଟିକୁ ଛାଡ଼ିଦେବା ? କଦାପି ନୁହେଁ ।

୨ ଜୁଲାଇ ୧୯୫୫

*

ବର୍ତ୍ତମାନ ତୁମେ ଆଧ୍ୟାତ୍ମିକତାର ଯେଉଁ ସୋପାନରେ ରହିଛ, ଯାହା ଜଡ଼କୁ ବର୍ଜନ କରିବାକୁହିଁ ଆବଶ୍ୟକ ଅନୁଭବ କରୁଛି ଏବଂ ତାହା ପାଖରୁ ପଳାଇ ଯିବାକୁ ଇଚ୍ଛା କରୁଛି । ଆଗାମୀ କାଲକୁ ଯେଉଁ ଆଧ୍ୟାତ୍ମିକତାର ପ୍ରତିଷ୍ଠା ହେବ, ତାହା ଜଡ଼କୁ ଗ୍ରହଣ କରିନେବ ଓ ତାହାର ରୂପାନ୍ତର ସାଧନ କରିବ ।

୩୦ ଜୁଲାଇ ୧୯୬୫

*

ଯଥାର୍ଥ ଆଧ୍ୟାତ୍ମିକତା ଜୀବନର ରୂପାନ୍ତର ସାଧନ କରେ ।

*

ମନୁଷ୍ୟ ବାହାର କରିଥିବା ଉପାସ୍ୟଗୁଡ଼ିକର ଅଗଭୀରତା ଏବଂ ଅସମର୍ଥତା ବିଷୟରେ ଗୋଟିଏ ବର୍ଷ ଅଭିଜ୍ଞତା ଲାଭ କରିବାପରେ ବର୍ତ୍ତମାନ ସେହି ଯଥାର୍ଥ ଲକ୍ଷ୍ୟ, ରୂପାନ୍ତରସାଧନ ଆଡ଼କୁ ପରିଚାଳିତ କରି ନେଉଥିବା ଉଠାଣି ବାଟଟିକୁ ଆରୋହଣ କରିବାର ସମୟ ଆସି ପହଞ୍ଚିଛି ।

*

'oaob.nitrkl.ac.in' images reprocessed

ରୂପାନ୍ତର : ସୃଷ୍ଟିର ଉଦ୍ଦେଶ୍ୟ ।

*

ନୂତନ ଜଗତ୍ : ରୂପାନ୍ତରର୍ ପରିଣାମ ।

*

## ଉଚନୋଟି ସର୍ତ୍ତ

ଯେଉଁ କାର୍ଯ୍ୟ ପୃଥିବୀର ଅଗ୍ରଗତିକୁ ଆପଣାର ଲକ୍ଷ୍ୟ ବୋଲି ଗ୍ରହଣ କରିଛି, ଉଚ୍ଚ ପରମସତ୍ତାଙ୍କର ଅନୁମତି ଏବଂ ସହାୟତା ବ୍ୟତୀତ ତାହାକୁ କଦାପି ଆରମ୍ଭ କରାଯାଇ ପାରିବ ନାହିଁ ।

ପ୍ରକୃତିର ସନ୍ତୋଷବିଧାନ କରୁଥିବା ଭଳି ଏକ ଅବିଚ୍ଛିନ୍ନ ବସ୍ତୁପ୍ରକାଶର ଅଭିବୃଦ୍ଧି ଲାଗି ରହି ନ ଥିବା ପର୍ଯ୍ୟନ୍ତ ସେହି କାର୍ଯ୍ୟ କଦାପି ସ୍ଥାୟୀ ହେବ ନାହିଁ ।

କେବଳ ମନୁଷ୍ୟର ଅସଦିଚ୍ଛାହିଁ ହୁଏତ ତାହାକୁ ଅକାଳରେ ନଷ୍ଟ କରିଦେଇ ପାରିବ । ସେତେବେଳେ ତାହା ଉଚ୍ଚ ପରମସତ୍ତାଙ୍କ ସହିତ ଶତ୍ରୁତାଚରଣ କରୁଥିବା ଶକ୍ତିଗୁଡ଼ିକ ହାତରେ ଏକ ସାଧନ ପରି କାର୍ଯ୍ୟ କରିବ । ସେହି ଶତ୍ରୁତାଚରଣକାରୀ ଶକ୍ତିମାନେହିଁ ପୃଥିବୀ ପୃଷ୍ଠରେ ତାଙ୍କର ଅଭିବ୍ୟକ୍ତିକୁ ଓ ପୃଥିବୀର ରୂପାନ୍ତରକୁ ଯଥାସମ୍ଭବ ଅଧିକ ବିଳମ୍ବିତ କରିଦେବାକୁ ଚେଷ୍ଟା କରୁଛନ୍ତି ।

*

ଗୋଟିଏ କଥାକୁ ତୁମେ ଅବଶ୍ୟ ମନେରଖିବ ଓ କଦାପି ପାସୋରି ଦେବ ନାହିଁ : ରୂପାନ୍ତରର ଏହି କାର୍ଯ୍ୟରେ, ଯାହାକିଛି ସତ୍ୟ ଓ ଯାହାକିଛି ନିଷ୍ଠାଯୁକ୍ତ, ତାହାର ଅବଶ୍ୟ ରକ୍ଷଣ ହେବ । ଯାହାକିଛି ଅସତ୍ୟ ଏବଂ ନିଷ୍ଠାରହିତ, କେବଳ ତାହାକୁହିଁ ଘୁଞ୍ଚିଯିବାକୁ ପଡ଼ିବ ।

*

'oaob.nitrkl.ac.in' images reprocessed

ରୂପାନ୍ତରର ବିସ୍ତୃତି ଅଗ୍ରଗତ କରିବା ସଙ୍ଗେ ସଙ୍ଗେ ଅସ୍ପଷ୍ଟତା ଅଧିକରୁ ଅଧିକ ପରିମାଣରେ ଅନ୍ତର୍ହିତ ହୋଇ ଯାଉଥିବ ।

* * *

ରୂପାନ୍ତରର ପଥରେ ଯେତେଯେତେ ପ୍ରତିବନ୍ଧକକୁ ଅତିକ୍ରମ କରିବାକୁ ହେବ, ତୁମେ ପ୍ରତ୍ୟେକେ ସେଥିରୁ ଗୋଟିଏ ଗୋଟିଏର ପ୍ରତିନିଧି ହୋଇ ରହିଛ ।

* * *

ଯଦି ତୁମର ଜୀବନରେ ଅନ୍ତହୀନ ଧୈର୍ଯ୍ୟ ଏବଂ ଅବିଚଳିତ ଅଧ୍ୟବସାୟ ସମ୍ଭବ ନ ହେଉଛି, ତେବେ ରୂପାନ୍ତରର ମାର୍ଗରେ ଯାତ୍ରା ଆରମ୍ଭ ନ କଲେହିଁ ତାହା ଅଧିକ ଭଲ ହେବ ।

* * *

ଆମର ପ୍ରତ୍ୟେକ ଦୁଃଖଭୋଗ ରୂପାନ୍ତରର ପଥକୁ ତିଆରି କରି ଦେଉଥାଏ ।

୩ ଜୁଲାଇ ୧୯୫୪

* * *

କେବଳ କାର୍ଯ୍ୟଟିକୁ କରିବା ଲାଗି ନୁହେଁ, ମାତ୍ର ରୂପାନ୍ତରର ଉପଲବ୍ଧି ନିମନ୍ତେ ମଧ୍ୟ ତୁମେ ସ୍ଥିର ହୋଇଯାଅ ଏବଂ ବଳ ଓ ଶକ୍ତିର ସଂଗ୍ରହ କର ।

୨୮ ଜୁଲାଇ ୧୯୫୫

* * *

ପରିପୂର୍ଣ୍ଣ ସମଗ୍ର ସ୍ଥିରସାମ୍ୟ : ରୂପାନ୍ତର ଲାଗି ପ୍ରସ୍ତୁତ ହୋଇ ରହିଥିବାର ଲକ୍ଷଣ ।

* * *

ରୂପାନ୍ତର ନିମନ୍ତେ ଦିବ୍ୟ ପରମସତ୍ତାଙ୍କର ସତତ ସ୍ମରଣ ଏକାନ୍ତ ଅପରିହାର୍ଯ୍ୟ ।

* * *

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କର ଆଦେଶ ପାଳନ କରିବାରେ ତୁମେ କେବଳ ପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇ ରହିବ—ରୂପାନ୍ତରର ମାର୍ଗରେ ତାହା ତୁମକୁ ଅନେକ ଦୂର ଆଗକୁ ନେଇଯାଇ ପାରିବ ।

*

ବାହାରର ସକଳ କୋଳାହଳକୁ ନୀରବ କରିଦିଅ, ଦିବ୍ୟ ପରମସତ୍ତାଙ୍କର ସହାୟତା ଲାଗି ଅଭୀପ୍‌ସା ରଖ ; ସେହି ସହାୟତା ଆସି ଉପଗତ ହେବାମାତ୍ରକେ ତାହା ଲାଗି ସମ୍ପୂର୍ଣ୍ଣ ଭାବରେ ଉନ୍ମୁକ୍ତ ହୋଇ ରହ ଏବଂ ତାହାର କାର୍ଯ୍ୟ ସମ୍ମୁଖରେ ନିଜକୁ ସମର୍ପିତ କରି ରଖ । ତେବେ ତାହା ଫଳପ୍ରଦ ଭାବରେ ତୁମର ରୂପାନ୍ତରକୁ ଅବଶ୍ୟ ସଂଘଟିତ କରାଇ ଆଣିବେ ।

*

ଦିବ୍ୟ ପରମପ୍ରେମ ମଧ୍ୟରେହିଁ ରୂପାନ୍ତରର ସର୍ବୋଚ୍ଚ ଶକ୍ତି ନିହିତ ହୋଇ ରହିଛି ।

*

ଦିବ୍ୟ ପରମପ୍ରେମ ମଧ୍ୟରେହିଁ ରୂପାନ୍ତରର ଶକ୍ତି ନିହିତ ହୋଇ ରହିଛି । ତାହାରି ମଧ୍ୟରେହିଁ ଏହି ଶକ୍ତି ରହିଛି, କାରଣ ସେହି ରୂପାନ୍ତର ସକାଶେ ତାହା ନିଜକୁ ପୃଥିବୀ ପାଖରେ ଦାନ କରିଛି ଓ ସର୍ବତ୍ର ବ୍ୟକ୍ତ ହୋଇଛି । କେବଳ ମନୁଷ୍ୟସତ୍ତା ମଧ୍ୟକୁ ନୁହେଁ, ମାତ୍ର ଜଡ଼ର ସକଳ ଅଣୁ ମଧ୍ୟକୁ ମଧ୍ୟ ତାହା ଆପଣାକୁ ପ୍ରେରିତ କରି ରଖିଛି, ଯେପରିକି ତାହା ପୃଥିବୀକୁ ପୁନର୍ବାର ସେହି ମୂଳ ପରମ ସତ୍ୟ ପାଖକୁ ଫେରାଇ ନେଇଯାଇ ପାରିବ ।

ତୁମେ ଯେଉଁ ମୁହୂର୍ତ୍ତରେ ନିଜକୁ ତାହାର ଉଦ୍ଦେଶ୍ୟରେ ଉନ୍ମୁକ୍ତ କରିଦେବ, ସେତେବେଳେ ତୁମେ ତାହାର ରୂପାନ୍ତରକାରିଣୀ ଶକ୍ତିକୁ ମଧ୍ୟ ଲାଭ କରି ପାରିବ । ମାତ୍ର ତୁମେ ତାହାକୁ କୌଣସି ପରିମାଣାତ୍ମକ ଭୂମିରେ କଦାପି ମାପି ପାରିବ ନାହିଁ ; ମୂଳ କଥା ହେଉଛି ସେଇଟି ସହିତ ସମ୍ପର୍କ ଲାଭ କରିବା ; କାରଣ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ତାହା ସହିତ ଏକ ଯଥାର୍ଥ ସମ୍ପର୍କ ଘଟି ପାରିଲେ ତାହାହିଁ ତୁମର ସତ୍ତାକୁ ତତ୍‌କ୍ଷଣାତ୍ ପୂର୍ଣ୍ଣ କରିଆଣି ପାରିବା ଲାଗି ଯଥେଷ୍ଟ ହୋଇଯିବ ।

*

'oaob.nitrkl.ac.in' images reprocessed

ଏବଂ ଯେତେବେଳେ ସେହି ସର୍ବୋଚ୍ଚ ପରମ ପ୍ରେମ ଆପଣାକୁ ଅଭିବ୍ୟକ୍ତ କରିଦେବାର ବେଳ ଆସି ପହଞ୍ଚିବ, ଯେତେବେଳେ ସେହି ସର୍ବୋଚ୍ଚ ପରମପ୍ରେମର ମୂର୍ତ୍ତି ଓ ଅଭିନବେଷ୍ଟିତ ଅବତରଣ ପ୍ରକୃତରେ ଘଟିବ, ବସ୍ତୁତଃ ତାହାକୁହିଁ ରୂପାନ୍ତରର ମୁହୂର୍ତ୍ତ ବୋଲି ବୁଝାଯିବ । କାରଣ ସେତେବେଳେ ଆଉ କିଛିହେଲେ ତାଙ୍କର ପଥକୁ ଓଗାଳି ରଖି ପାରିବ ନାହିଁ ।

*

## ରୂପାନ୍ତର ଓ ସତ୍ତାର ବିଭିନ୍ନ ଭାଗ

ରୂପାନ୍ତର ନିମନ୍ତେ କ'ଣ ଏକ ଅତ୍ୟନ୍ତ ଅଧିକ ପରିମାଣର ଅଭୀପ୍ସା, ସମର୍ପଣ ଏବଂ ଗ୍ରହଣଶୀଳତା ଆବଶ୍ୟକ ହେବ ନାହିଁ କି ?

ରୂପାନ୍ତର ଏକ ସମ୍ପୂର୍ଣ୍ଣ ତଥା ପୂର୍ଣ୍ଣାଙ୍ଗ ଆତ୍ମୋତ୍ସର୍ଗ ଆବଶ୍ୟକ କରିଥାଏ । ମାତ୍ର ତାହାହିଁ କ'ଣ ପ୍ରକୃତରେ ପ୍ରତ୍ୟେକ ନିଷ୍ଠାଯୁକ୍ତ ସାଧକଙ୍କର ଅଭୀପ୍ସା ନୁହେଁ କି ?

ସମ୍ପୂର୍ଣ୍ଣ କହିଲେ, ଅନୁଲମ୍ବ ଭାବରେ, ସବୁଠାରୁ ଅଧିକ ସ୍ଥୂଳଠାରୁ ଆରମ୍ଭ କରି ସବୁଠାରୁ ଅଧିକ ସୂକ୍ଷ୍ମ ପର୍ଯ୍ୟନ୍ତ ସତ୍ତାର ସକଳ ଭାଗରେ ତାହା ହୋଇ ପାରୁଥିବ ।

ପୂର୍ଣ୍ଣାଙ୍ଗ କହିଲେ, ଅନୁପ୍ରସ୍ଥଭାବରେ, ଆମର ବାହ୍ୟ ସତ୍ତାଟିକୁ ଗଠନ କରିଥିବା ଭିନ୍ନ ଭିନ୍ନ ଓ ଅନେକ ସମୟରେ ପରସ୍ପର ବିରୋଧୀ ସକଳ ଭାଗରେ, ଶାରୀରିକ, ପ୍ରାଣିକ ତଥା ମାନସିକ ସକଳ ଭାଗରେ ତାହା ସମ୍ଭବ ହେଉଥିବ ।

*

ଚୈତ୍ୟକୁ କେନ୍ଦ୍ର କରି ସଗଠିତ ହୋଇଥିବା ସତ୍ତା : ରୂପାନ୍ତରର ପ୍ରଥମ ପର୍ଯ୍ୟାୟ ।

*

'oaob.nitrkl.ac.in' images reprocessed

ମାନସିକ ଉନ୍ମୋଚନ : ରୂପାନ୍ତର ଉଦ୍ଦେଶ୍ୟରେ ମନ ଗ୍ରହଣ କରୁଥିବା ପ୍ରଥମ ପଦକ୍ଷେପ ।

*

ମନର ପ୍ରାର୍ଥନା : ରୂପାନ୍ତର ଲାଗି ଅଭୀପ୍ସା ରଖିଥିବା ଏକ ମନରେ ତାହା ସ୍ୱତଃସ୍ଫୂର୍ତ୍ତି ଭାବରେ ଆସେ ।

*

ବୁଝିବାର ପିପାସା : ରୂପାନ୍ତର ଲାଗି ଅତି ଉପଯୋଗୀ ।

*

ସ୍ଥୂଳ ମନର ସାଧୁତା : ରୂପାନ୍ତର ଲାଗି ପ୍ରାଥମିକ ଅପରିହାର୍ଯ୍ୟ ସର୍ତ୍ତ ।

*

ପ୍ରାଣିକର ସମ୍ପୂର୍ଣ୍ଣ ନିବେଦନ : ରୂପାନ୍ତର ବାଟରେ ଏକ ମହତ୍ତ୍ୱପୂର୍ଣ୍ଣ ସୋପାନ ।

*

ଆବେଗାନୁପ୍ରେରିତ ବାସନାଗୁଡ଼ିକର ତ୍ୟାଗ : ରୂପାନ୍ତର ନିମନ୍ତେ ଅପରିହାର୍ଯ୍ୟ ।

*

କେବଳ ମନ ଓ ପ୍ରାଣିକ ନୁହେଁ, ଶରୀର ମଧ୍ୟ ତାହାର ପ୍ରତ୍ୟେକ କୋଷରେ ଦିବ୍ୟ ରୂପାନ୍ତର ଲାଗି ଅବଶ୍ୟ ଅଭୀପ୍ସା ରଖିବ ।

*

'oaob.nitrkl.ac.in' images reprocessed

ଶାରୀରିକ ନମନୀୟତା : ରୂପାନ୍ତର ଲାଗି ଏକ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ।

*

ତୁମର ଶାରୀରିକ ସତ୍ତା ଆନ୍ତରିକତା ସହିତ ଆପଣାକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ସମର୍ପଣ କରିଦେଉ । ତେବେ ତାହାର ମଧ୍ୟ ରୂପାନ୍ତର ଘଟିବ । ତାହାହିଁ ପ୍ରମାଣ କରିବ ଯେ, ତୁମେ ନିଜକୁ ଅହଂରୁ ମୁକ୍ତ କରିବା ନିମନ୍ତେ ଏକ ସଂକଳ୍ପ ଗ୍ରହଣ କରିଛ ।

*

ଭୌତିକ ସ୍ତରର ସ୍ୱଭାବରେ ଦିବ୍ୟ ପରମସତ୍ତାଙ୍କ ପ୍ରତି ବିନମ୍ରଭାବ : ରୂପାନ୍ତର ଲାଗି ଆବଶ୍ୟକ ପ୍ରଥମ ଦୃଷ୍ଟିକୋଣ ।

*

ଶାରୀରିକ ଗତିସ୍ପନ୍ଦନରେ ଚୈତ୍ୟ ଆଲୋକ : ଶରୀରର ରୂପାନ୍ତର ଦିଗରେ ପ୍ରଥମ ପଦକ୍ଷେପ ।

*

ଭୌତିକ ଗତିସ୍ପନ୍ଦନରେ ଚୈତ୍ୟ ଆଲୋକ : ରୂପାନ୍ତର ଲାଗି ଅତ୍ୟାବଶ୍ୟକ ସର୍ତ୍ତ ।

*

ଜଡ଼ର ସ୍ତରରେ ଚୈତ୍ୟର ଜାଗରଣ : ଆଧ୍ୟାତ୍ମିକ ଜୀବନ ଲାଗି ଉନ୍ମୁକ୍ତ ହୋଇ ପାରିଥିବା ଜଡ଼ ।

*

ଅତିମାନସ ଦ୍ୱାରା ପରିଚାଳିତ ଜଡ଼ : ତାହାର ରୂପାନ୍ତର ଲାଗି ଆବଶ୍ୟକ ହେଉଥିବା ଅବସ୍ଥା ।

*

'oaob.nitrkl.ac.in' images reprocessed

ଅବଚେତନରେ ଅତିମାନସ ଆଲୋକ : ରୂପାନ୍ତର ନିମନ୍ତେ ଅତ୍ୟାବଶ୍ୟକ ସର୍ତ୍ତ ।

❋

ଅବଚେତନ କ୍ଷେତ୍ରରେ ଅତିମାନସର ପ୍ରଭାବ : ଏହାର ଏକ କ୍ଷୀଣ ଆବିର୍ଭାବରେ ମଧ୍ୟ ତାହା ରୂପାନ୍ତର ଲାଗି ଏକ ବୃହତ୍ ଶକ୍ତିରୂପେ କାର୍ଯ୍ୟ କରିଥାଏ ।

❋

ରୂପାନ୍ତରକୁ ଏପରି ଏକ ପରିବର୍ତ୍ତନ ବୋଲି ବୁଝାଯିବ, ଯାହାଦ୍ୱାରା କି ସତ୍ତାର ସକଳ ଉପାଦାନ ଏବଂ ସକଳ ଗତିସ୍ପନ୍ଦନ ସେହି ସର୍ବୋଚ୍ଚ ପରମ ଅତିମାନସ ସତ୍ୟକୁ ପ୍ରକାଶ କରି ଆଣିବା ଲାଗି ପ୍ରସ୍ତୁତ ହୋଇଯାଆନ୍ତି ।

❋

## ଅତିମାନସ

ଉପଲବ୍ଧି : ପୃଥିବୀ ପୃଷ୍ଠରେ ଅତିମାନସ ପରମସତ୍ୟର ପ୍ରତିଷ୍ଠା ।

❋

ଅତିମାନସ ପରମସତ୍ୟ ମଧ୍ୟରେ ଯାବତୀୟ ମିଥ୍ୟାର ବିଲୟ ଘଟିବ ।

❋

ଅତିମାନସ ଯେ ସ୍ୱୟଂ କେବଳ ପରମସତ୍ୟ ତା' ନୁହେଁ, ଏହାହିଁ ମିଥ୍ୟାର ମଧ୍ୟ ଖଣ୍ଡନ । ମିଥ୍ୟାକୁ କୌଣସି ଆଶ୍ରୟ ଦେଇ ରଖିଥିବା ଏକ ଚେତନାରେ ଅତିମାନସ କଦାପି ଅବତରଣ କରିବ ନାହିଁ, ସ୍ଥିର ହୋଇ ରହିବ ନାହିଁ ଓ ବ୍ୟକ୍ତ ମଧ୍ୟ ହୋଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ 'ମିଥ୍ୟା କହିବା' ପରିହାର କରିବା ହେଉଛି ମିଥ୍ୟା ଉପରେ ବିଜୟ ହାସଲ କରିବାର ପ୍ରଥମ ସର୍ତ୍ତ । ମାତ୍ର ଏହା ହେଉଛି କେବଳ ଏକ ପ୍ରାଥମିକ ପଦକ୍ଷେପ । ଯଦି ଅସଲ ଲକ୍ଷ୍ୟଟିକୁ ପ୍ରକୃତରେ ହାସଲ କରିବାକୁ ହୁଏ, ତେବେ ସତ୍ତ୍ୱରେ ପରିଶେଷରେ ଏକ ଅବିମିଶ୍ରିତ ଓ ସମ୍ପୂର୍ଣ୍ଣ ଆନ୍ତରିକତାର ପ୍ରତିଷ୍ଠା କରିବାକୁ ହେବ, ସତ୍ତ୍ୱର ସକଳ କ୍ରିୟାତ୍ମକତାରେ ମଧ୍ୟ ତାହାର ପ୍ରତିଷ୍ଠା କରିବାକୁ ପଡ଼ିବ ।

୮ ଏପ୍ରିଲ ୧୯୩୨

❋

କଳହ ବନ୍ଦ : ଅତିମାନସର ଆଗମନକୁ ପ୍ରତିବନ୍ଧକଶୂନ୍ୟ କରିବା ସକାଶେ ପରିପୂରଣ କରିବାକୁ ରହିଥିବା ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ।

❋

ଏକ ଆଲୋକମୟ ଚେତନା ଯେଉଁଥିରେ କି କୌଣସି ଅସ୍ପଷ୍ଟତା ନ ଥିବ, ତାହା ଆପଣାକୁ ଅତିମାନସ ଆଲୋକର ଅଭିମୁଖୀ କରି ରଖିଥିବ ଏବଂ ଏକ ଅତିମାନସୀକୃତ ନମନୀୟତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ, ଏହିଗୁଡ଼ିକ ହେଉଛି ପୃଥିବୀପୃଷ୍ଠରେ ଅତିମାନସ ଆଲୋକ ପ୍ରକାଶିତ ହୋଇ ପାରିବାର ଗୋଟିଏ ଗୋଟିଏ ସର୍ତ୍ତ ।

❋

ଅତିମାନସ ପରମସତ୍ୟକୁ ପ୍ରକାଶିତ କରି ଆଣିବା ଯେ ଆମର ଲକ୍ଷ୍ୟ, ଏକଥା ଆମେ କଦାପି ଭୁଲି ଯିବା ନାହିଁ ।

୨୫ ମଇ ୧୯୫୪

❋

ସେହି ପରମଶକ୍ତି ପ୍ରକାଶିତ ହେବା ଲାଗି ଅପେକ୍ଷା କରି ରହିଛନ୍ତି; ଯେଉଁସବୁ ନୂତନ ଆକାରକୁ ମାଧ୍ୟମ କରି ତାହାର ପ୍ରକାଶ ଘଟିବ, ଆମକୁ ସେହି ଆକାରଗୁଡ଼ିକର ଆବିଷ୍କାର କରିବାକୁ ପଡ଼ିବ ।

୧୨ ଜୁନ୍ ୧୯୫୪

❋

'oaob.nitrkl.ac.in' images reprocessed

ଏକ ନୂତନ ମହାନ୍‌ଶକ୍ତିର ଅଭିବ୍ୟକ୍ତି ଘଟି ପାରିବା ନିମନ୍ତେ ନୂତନ ଆକାରଗୁଡ଼ିକର ଆବଶ୍ୟକତା ରହିଛି ।

୨୭ ଜୁନ୍ ୧୯୫୪

❋

ଅତିମାନସ ପରମଶକ୍ତି ପ୍ରକାଶିତ ହୋଇ ଆସିବା ଲାଗି ପ୍ରସ୍ତୁତ ହୋଇ ରହିଛି; ଚାଲ, ଆମେ ମଧ୍ୟ ପ୍ରସ୍ତୁତ ହୋଇଯିବା ଓ ତେବେଯାଇ ତାହାର ପ୍ରକାଶ ଘଟିବ ।

❋ ୭ ଜୁଲାଇ ୧୯୫୪

ଯେତେବେଳେ ଅତିମାନସ ପରମଶକ୍ତିର ପ୍ରକାଶ ଘଟେ, ସେତେବେଳେ ପୃଥିବୀ ଉପରେ ଏକ ପରିତାନ୍ତରହିତ ଆନନ୍ଦ ବ୍ୟାପ୍ତ ହୋଇଯାଏ ।

୮ ଜୁଲାଇ ୧୯୫୪

❋

ସକଳ ଭୟ ତ୍ୟାଗ କର, ସକଳ ଦ୍ୱନ୍ଦ୍ୱ ଓ କଳହକୁ ପରିହାର କର, ଆପଣାର ଆଖି ଖୋଲି ଦେଖ, ହୃଦୟର ଦ୍ୱାରକୁ ଖୋଲିଦିଅ — ଅତିମାନସ ପରମଶକ୍ତି ତୁମର ସମ୍ମୁଖରେହିଁ ବିଦ୍ୟମାନ ରହିଛି ।

୯ ଜୁଲାଇ ୧୯୫୪

❋

ଧୈର୍ଯ୍ୟଶୀଳତା, ବଳ, ସାହସ ଏବଂ ଏକ ସ୍ଥିର ତଥା ଅପ୍ରତିହତ ଶକ୍ତିମତ୍ତା ସହିତ ଆମେ ଅତିମାନସ ପରମଶକ୍ତିକୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ହୋଇ ରହିବା ।

❋ ୧୦ ଜୁଲାଇ ୧୯୫୪

ନୂତନ ବିଷୟଗୁଡ଼ିକୁ ବ୍ୟକ୍ତ କରି ପାରିବା ନିମନ୍ତେ ନୂତନ ଭାଷା ଦରକାର, ନୂତନ ଶକ୍ତିଗୁଡ଼ିକୁ ପ୍ରକାଶିତ କରିପାରିବା ନିମନ୍ତେ ନୂତନ ରୂପଗୁଡ଼ିକର ଉଦ୍ଭାବନ ଦରକାର ।

❋ ୧ ଅଗଷ୍ଟ ୧୯୫୪

'oaob.nitrkl.ac.in' images reprocessed

ଆମେ ଏହି କଥାଟିକୁ କଦାପି ଭୁଲି ଯିବା ନାହିଁ ଯେ, ଅତିମାନସ ପରମସତ୍ୟ ଏବଂ ପରମାତ୍ମାଙ୍କର କାର୍ଯ୍ୟ କରିବା ପାଇଁ ଏବଂ ଆମ ନିଜ ଭିତରେ ତଥା ଏହି ପୃଥିବୀପୃଷ୍ଠରେ ତାହାର ଅଭିବ୍ୟକ୍ତି ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ଆମ୍ଭେମାନେ ଏଠାରେ ରହିଛୁ ।

୧୩ ଅଗଷ୍ଟ ୧୯୫୪

❋

ବିଶ୍ୱ-ଅଭିବ୍ୟକ୍ତି ମଧ୍ୟରେ ଘଟୁଥିବା ପ୍ରତ୍ୟେକଟି ନୂତନ ଅଗ୍ରଗତି, — ଅର୍ଥାତ୍ ଏକ ନୂତନ ପ୍ରକାଶର ସମ୍ଭାବନା ।

୨୧ ଅଗଷ୍ଟ ୧୯୫୪

❋

ଏହି ପୃଥିବୀକୁ ଏତେ ଅଧିକ ପରିମାଣର ଅସ୍ପଷ୍ଟତା ଆଚ୍ଛନ୍ନ କରି ରଖିଛି ଯେ, କେବଳ ଅତିମାନସ ଅଭିବ୍ୟକ୍ତି ଦ୍ୱାରାହିଁ ତାହାର ଅପସାରଣ ସମ୍ଭବ ହେବ ।

୨୨ ଅଗଷ୍ଟ ୧୯୫୪

❋

ଆମେ ସବୁବେଳେ ଆଗକୁ ଯାଉଥିବା, କେଉଁଠିହେଲେ ଅଟକି ଯିବା ନାହିଁ, — ସର୍ବଦା ଏକ ଅଧିକରୁ ଅଧିକ ପୂର୍ଣ୍ଣ ଅଭିବ୍ୟକ୍ତି ଆଡ଼କୁ ସର୍ବଦା ଏକ ଅଧିକରୁ ଅଧିକ ପୂର୍ଣ୍ଣତର ଏବଂ ଉଚ୍ଚତର ଚେତନା ଆଡ଼କୁ ଅଗ୍ରସର ହେବାରେ ଲାଗିଥିବା ।

୩୧ ଅଗଷ୍ଟ ୧୯୫୪

❋

ଅତିମାନସ ଶକ୍ତିର ସବୁଠାରୁ ଅଧିକ ଅନ୍ଧକାରଗ୍ରସ୍ତ ଘୃଣାକୁ ମଧ୍ୟ ଜ୍ୟୋତିର୍ମୟ ଶାନ୍ତସ୍ଥିତିରେ ରୂପାନ୍ତରିତ କରିଦେବାର ଶକ୍ତି ରହିଛି ।

୧୧ ଅକ୍ଟୋବର ୧୯୫୪

❋

ଆମେ ଯାବତୀୟ ଅଜ୍ଞାନ ମଧ୍ୟରୁ ମୁକ୍ତି ଲାଭ କରିବା ଲାଗି ଅଭୀପ୍ସା ରଖିଛୁ, ଆମ ନିଜ ଅହଂଠାରୁ ମୁକ୍ତିଲାଭ କରିବାର ଅଭୀପ୍ସା ରଖିଛୁ, ଯେପରିକି

'oaob.nitrkl.ac.in' images reprocessed

ଅତିମାନସର ସେହି ଗୌରବୋଜ୍ଜ୍ୱଳ ଅଭିବ୍ୟକ୍ତିର ଦ୍ୱାରଗୁଡ଼ିକ ପ୍ରକୃତରେ ଉନ୍ମୋଚିତ ହୋଇଯାଇ ପାରିବ ।

❋ ୨୩ ଅକ୍ଟୋବର ୧୯୫୪

ଆମର ସମଗ୍ର ଜୀବନ ଓ ସମଗ୍ର କାର୍ଯ୍ୟ ସେହି ଅତିମାନସ ପୂର୍ଣ୍ଣତା ଅଭିମୁଖରେହିଁ ଏକ ସତତ ଅଭୀପ୍ସା ହୋଇ ରହିଥିବା ଉଚିତ ।

୨୪ ଅକ୍ଟୋବର ୧୯୫୪

❋

ସେହି ପ୍ରଶାନ୍ତ ଏବଂ ଅବିଚଳ ଚେତନା ପୃଥିବୀର ପ୍ରାନ୍ତବଳୟଗୁଡ଼ିକରେ ଶାଶ୍ୱତତାର ଏକ ରହସ୍ୟମୟୀ ମୂର୍ତ୍ତିରୂପେ ଅବସ୍ଥିତ ରହି ଦୃଷ୍ଟିପାତ କରିବାରେ ଲାଗିଛି ଏବଂ ତଥାପି କେତେକ ବ୍ୟକ୍ତିଙ୍କ ଲାଗି ତାହା ଆପଣା ରହସ୍ୟର ଅନାବରଣ ମଧ୍ୟ କରିଦେଉଛି ।

ତେଣୁ ଆମ ଭିତରେ ଏହି ସୁନିଶ୍ଚିତତା ଦୃଢ଼ମୂଳ ହୋଇ ରହିଛି ଯେ, ଯାହା ସମ୍ପନ୍ନ ହେବାକୁ ରହିଛି, ତାହା ଅବଶ୍ୟ ସମ୍ପନ୍ନ ହେବ । ଏବଂ, ଆମର ଏହି ବର୍ତ୍ତମାନର ବ୍ୟକ୍ତିସତ୍ତାଟିକୁ ପ୍ରକୃତରେ ଏହି ଗୌରବମୟ ବିଜୟ ସହିତ, ଏହି ନୂତନ ଅଭିବ୍ୟକ୍ତିର ଘଟଣାଟି ସହିତ ସହଯୋଗ କରିବା ନିମନ୍ତେ ଏକ ଆହ୍ୱାନ ମଧ୍ୟ ଆସି ପହଞ୍ଚିଛି ।

❋ ୧୧-୧୨ ନଭେମ୍ବର ୧୯୫୪

ଯାବତୀୟ ପ୍ରାଚୀରକୁ ଗୋଟିକ ପରେ ଗୋଟିଏ କରି ଭାଙ୍ଗି ପକାଇବାକୁ ହେବ, ଯେପରିକି ଆମର ସତ୍ତା ଅଭିବ୍ୟକ୍ତିର ଯାବତୀୟ ସମ୍ଭାବନା ରୂପୀ ସେହି ପୂର୍ଣ୍ଣାଙ୍ଗ ବିପୁଳତାଟିକୁ ଆପଣା ଅଙ୍ଗରେ ଧାରଣ କରିବାକୁ ସମର୍ଥ ହେବ ।

୧୪ ଡିସେମ୍ବର ୧୯୫୪

❋

ଏହି ପୃଥିବୀ ଉପରେ ଏକ ନୂତନ ଆଲୋକର, ପରମ ସତ୍ୟ ଏବଂ ପରମ ସୌନ୍ଦର୍ଯ୍ୟର ଏକ ଆଲୋକର ଉଦୟ ଘଟିବ ।

୨୪ ଡିସେମ୍ବର ୧୯୫୪

❋

'oaob.nitrkl.ac.in' images reprocessed

ଅତିମାନସ ଅଭିବ୍ୟକ୍ତ : ଆମେ ତାହାର ସ୍ୱାଗତ କରିବା ।

❊

ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଘଟିବା ପୂର୍ବରୁ ଏହି ପ୍ରଶ୍ନଗୁଡ଼ିକର କିପରି ଉତ୍ତର ଦିଆଯାଇ ପାରିବ ? ଅତିମାନସର ଆଗମନ କିପରି ହେଲା ଓ ତାହାର ଅଭିବ୍ୟକ୍ତି କିପରି ଘଟୁଛି, କେବଳ ସେହି ଅଭିବ୍ୟକ୍ତି ଘଟିବା ପରେ ଯାଇ ଆମେ ହୁଏତ ତାହାକୁ ଜାଣିବାକୁ ପାଇବା ।

## ପୃଥିବୀ ପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି

୨୯ ଫେବୃଆରୀ ୧୯୫୬

### ବୁଧବାରର ସାମୂହିକ ଧ୍ୟାନ ସମୟରେ

ଆଜି ସନ୍ଧ୍ୟା ସମୟରେ ସେହି ଦିବ୍ୟ ପରମ-ଉପସ୍ଥିତି ଅତ୍ୟନ୍ତ ମୂର୍ତ୍ତ ଏବଂ ବାସ୍ତବ ରୂପରେ ସେଠାରେ ତୁମମାନଙ୍କର ଗହଣରେ ବିଦ୍ୟମାନ ରହିଥିଲେ । ମୁଁ ଏକ ଜୀବନ୍ତ ସୁବର୍ଣ୍ଣ ପିଣ୍ଡର ଆକାର ଧାରଣ କରିଥିଲି, — ତାହା ଏହି ବିଶ୍ୱବ୍ରହ୍ମାଣ୍ଡଠାରୁ ମଧ୍ୟ ଅଧିକ ବୃହତ୍ତର ହୋଇ ଦିଶୁଥିଲା, ଏବଂ, ମୋ'ର ସମ୍ମୁଖରେ ଏକ ବୃହତ୍ ଅତିକାୟ ସ୍ୱର୍ଣ୍ଣନିର୍ମିତ ଦ୍ୱାର ଅବସ୍ଥିତ ରହିଥିଲା, ଯାହାକି ଏହି ପୃଥିବୀକୁ ଦିବ୍ୟ ପରମସତ୍ତାଙ୍କଠାରୁ ଅଲଗା କରି ରଖିଥିଲା ।

ମୁଁ ସେହି ଦ୍ୱାରଟିକୁ ଅନାଇ ଦେଖିଲି, ଚେତନାର ଏକ କ୍ଷଣମାତ୍ରର ଗତିସ୍ପନ୍ଦନରେ "ଯଥାର୍ଥ ସମୟ ଆସି ଉପସ୍ଥିତ ହୋଇଛି" ବୋଲି ମୁଁ ଜାଣିପାରିଥିଲି ଏବଂ ଇଚ୍ଛା ମଧ୍ୟ କରିଥିଲି ଏବଂ, ମୋର ଦୁଇହାତରେ ଏକ ଶକ୍ତିଶାଳୀ ସୁନା ହାତୁଡ଼ିକୁ ଉଠାଇ ସେହି ଦ୍ୱାର ଉପରେ ମୁଁ ଏକ ପ୍ରହାର କଲି ; କେବଳ ଥରେ ପ୍ରହାର କଲି ଏବଂ ଦ୍ୱାରଟି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଥିଲା ।

ତା'ପରେ ଅତିମାନସ ପରମ ଆଲୋକ, ପରମ ଶକ୍ତି ଏବଂ ପରମ ଚେତନା ଏକ ଅପ୍ରତିହତ ପ୍ରବାହ ଆକାରରେ ପୃଥିବୀ ଉପରକୁ ଧାବିତ ହୋଇ ଆସିଥିଲା । *

* ୧୯୫୬ ମସିହାର ଅଧିବର୍ଷରେ ଲିଖିତ ଏହି ବିବୃତିଟି ୧୯୬୦ ମସିହା ଫେବୃଆରୀ

'oaob.nitrkl.ac.in' images reprocessed


1956

29 février - 29 mars

Seigneur, Tu as voulu et je réalise:
Une lumière nouvelle point sur la terre,
Un monde nouveau est né,
Et les choses promises sont accomplies.

29 February - 29 March

Lord, Thou hast willed, and I execute:
A new light breaks upon the earth,
A new world is born.
The things that were promised are fulfilled.



୧୯୫୬

୨୯ ଫେବୃଆରୀ—୨୯ ମାର୍ଚ୍ଚ

ହେ ପରମ ପ୍ରଭୁ
ଆପଣ ଇଚ୍ଛା କରିଛନ୍ତି, ମୁଁ ତାହାକୁ କାର୍ଯ୍ୟକାରୀ କରୁଛି ;
ପୃଥିବୀପୃଷ୍ଠରେ ଏକ ନୂତନ ଆଲୋକ ନିଃସୃତ ହୋଇ ଆସୁଛି,
ଏକ ନୂତନ ପୃଥିବୀ ଜନ୍ମଲାଭ କରୁଛି ।

୨୯ ତାରିଖର ସନ୍ଦେଶ ରୂପେ ସର୍ବପ୍ରଥମେ ସାଧାରଣରେ ବିତରଣ କରା ଯାଇଥିଲା । ସେଦିନ ପୃଥିବୀ ପୃଷ୍ଠରେ ଅତିମାନସ ଅଭିବ୍ୟକ୍ତିଲାଭର ପ୍ରଥମ "ବାର୍ଷିକୋତ୍ସବ" ପାଳିତ ହୋଇଥିଲା ।

'oaob.nitrkl.ac.in' images reprocessed

ଏକଦା ପ୍ରତିଶ୍ରୁତ ବସ୍ତୁଗୁଡ଼ିକ ପ୍ରାପ୍ତ ହେବାରେ ଲାଗିଛନ୍ତି ।

❋

24th April 1956

The manifestation of the Supramental upon earth is no more a promise but a living fact, a reality.

It is at work here, and one day will come when the most blind, the most unconscious, even the most unwilling shall be obliged to recognise it.

୨୪ ଏପ୍ରିଲ, ୧୯୫୬

ପୃଥିବୀ ଉପରେ ଅତିମାନସର ଅଭିବ୍ୟକ୍ତି ଆଉ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ତାହା ଏକ ପ୍ରକୃତ ଘଟନା, ଏକ ଜୀବନ୍ତ ସତ୍ୟରେ ପରିଣତ ହୋଇଛି ।

ତାହା ଏଠାରେ କାର୍ଯ୍ୟ କରୁଛି ଏବଂ, ଏପରି ଗୋଟିଏ ଦିନ ଆସୁଛି, ଯେତେବେଳେ କି, ଯେଉଁମାନେ ଏକାବେଳେକେ ଅନ୍ଧ, ଏକାବେଳେକେ ଅଚେତନ, ଏପରିକି ଏକାବେଳେକେ ଅନିଚ୍ଛୁକ, ସେମାନେ ମଧ୍ୟ ତାହାକୁ ସ୍ୱୀକାର କରିନେବାକୁ ବାଧ୍ୟ ହେବେ ।

❋

ମୁଁ ଏପରି ଏକ ଅତିମାନସ ଅଭିବ୍ୟକ୍ତିର କଥା କହୁଛି, ଯାହାକି ସମସ୍ତଙ୍କୁ —ଏପରିକି ଏକାବେଳେକେ ଅଜ୍ଞାନମାନଙ୍କୁ ମଧ୍ୟ ସ୍ପଷ୍ଟ ଭାବରେ ଦୃଷ୍ଟ ହେବ—

'oaob.nitrkl.ac.in' images reprocessed

ମନୁଷ୍ୟର ଆବିର୍ଭାବ ଘଟିଲାବେଳେ ଯେପରି ତାହାକୁ ସମସ୍ତେ ସ୍ପଷ୍ଟ ଭାବରେ ଦେଖିଥିଲେ, ଠିକ୍ ସେହିପରି ।

*

ଅଭୀପ୍ସା କରୁଥିବା ସକଳ ବ୍ୟକ୍ତିଙ୍କୁ

ଏହି ନୂତନ ମହାନ୍ ଶକ୍ତି ଆଜିକୁ ନିଜକୁ ଉନ୍ମୁକ୍ତ କରିଦିଅ । ତାହାରି ତୁମ ଭିତରେ ପ୍ରବେଶ କରି ରୂପାନ୍ତରର କାର୍ଯ୍ୟଟିକୁ ଆରମ୍ଭ କରିଦେଉ ।

ଏପ୍ରିଲ ୧୯୫୬

*

ପୃଥିବୀପୃଷ୍ଠରେ ଯାହାର ଉଦୟ ଘଟିଲା, ସେହି ନୂତନ ଆଲୋକ ଉଦ୍ଦେଶ୍ୟରେ ନିଜକୁ ଉନ୍ମୁକ୍ତ କରିଦିଅ ଏବଂ ତା'ହେଲେ ତୁମ ସମ୍ମୁଖରେ ଏକ ଆଲୋକମୟ ମାର୍ଗ ଉନ୍ମୁକ୍ତ ହୋଇଯିବ ।

୨୮ ମଇ ୧୯୫୬

*

ଆମେ କାଳକୁ ଖାତିର କରିବା ନାହିଁ, ଦେଶକୁ ଭୟ କରିବା ନାହିଁ, ଏହି ଅଗ୍ନିପରୀକ୍ଷାର ଶିଖାଗୁଡ଼ିକ ମଧ୍ୟରୁ ଶୁଦ୍ଧ ହୋଇ ବାହାରିଯିବା ଓ ଆମର ଲକ୍ଷ୍ୟ ସେହି ଅତିମାନସ ବିଜୟର ଉପଲବ୍ଧି ଅଭିମୁଖରେ ଆଦୌ କୌଣସି ସ୍ଥାନରେ ଅଟକି ନ ଯାଇ ଉଡ଼ି ଚାଲିଯିବା ।

*

୨୪ ଏପ୍ରିଲ ୧୯୫୬

ସେହି ପରମ ନୂତନ ଆଲୋକ ପୃଥିବୀ ଉପରେ ବ୍ୟାପ୍ତ ହୋଇଯାଉ ଏବଂ ମାନବଜୀବନର ଉପସ୍ଥିତ ସ୍ଥିତିଟିକୁ ବଦଳାଇ ଦେଉ ।

୬ ଜାନୁଆରୀ ୧୯୫୬

*

ଏହି ଅତିମାନସ ଆଲୋକ, ତାହା ସକଳ ପ୍ରଶ୍ନର ଅତୀତ ।

ଆପଣାକୁ ଆଦୌ କ୍ଷୁବ୍ଧ ଓ ଉଦ୍‌ବେଗଯୁକ୍ତ କରି ରଖ ନାହିଁ, ମୁକ୍ତ ହୁଅ, ଆଦୌ କୌଣସି ବାଧା ନ ପାଇ ତାହାକୁ ତୁମର ଶରୀର ଭିତରକୁ ପ୍ରବେଶ

'oaob.nitrkl.ac.in' images reprocessed

କରିବାକୁ ଦିଅ । ତୁମକୁ ପୁନର୍ବଳୀତ ଓ ପୁନଃସ୍ୱାସ୍ଥ୍ୟଯୁକ୍ତ କରିବା ଲାଗି ତା'ଭିତରେ ଉପଯୁକ୍ତ ସାମର୍ଥ୍ୟଟି ରହିଛି ।

❋

ଏକ ନୂତନ ଜଗତ୍ ଜନ୍ମଲାଭ କରୁଛି—ଯେଉଁମାନେ ସେଥିରେ ଏକ ସ୍ଥାନ ପାଇବେ ବୋଲି ଇଚ୍ଛା କରୁଛନ୍ତି, ସେମାନଙ୍କୁ ସେଥିଲାଗି ଆନ୍ତରିକତା ସହିତ ଆବଶ୍ୟକ ପ୍ରସ୍ତୁତି କରିବାକୁ ପଡ଼ିବ ।

୧୫ ଅଗଷ୍ଟ ୧୯୫୭

❋

ଏକ ନୂତନ ଜଗତର ଜନ୍ମ ହେଉଛି ବୋଲି ଘୋଷଣା କରି ଆମେ, ଯେଉଁମାନେ ସେଥିରେ ଏକ ସ୍ଥାନ ପାଇବେ ବୋଲି ଆଶା କରୁଛନ୍ତି, ସେମାନଙ୍କୁ ନିଷ୍ଠାର ସହିତ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା ସକାଶେ ଆମନ୍ତ୍ରଣ ଜଣାଉଛୁ ।

୧୫ ଅଗଷ୍ଟ, ୧୯୫୭

❋

ଯଦି ଲୋକମାନେ ଯଥେଷ୍ଟ ପରିମାଣରେ ପ୍ରସ୍ତୁତ ହୋଇ ନ ଥିବେ, ତେବେ ଅତିମାନସ ପୃଥିବୀ ଯେ ପ୍ରକୃତରେ କେଉଁଭଳି ହେବ, କାଲି ରାତିରେ ମୁଁ ତାହାର ଏକ ଦୃଷ୍ଟିଗତ ଆଭାସ ପାଇଥିଲି । ସେହି କ୍ଷେତ୍ରରେ ଯାହାସବୁ ଘଟିବ, ତାହାର ତୁଳନାରେ ବର୍ତ୍ତମାନ ପୃଥିବୀକୁ ଗ୍ରାସ କରି ରହିଥିବା ବିଭ୍ରମ ଓ ବିଭ୍ରାନ୍ତିକୁ ପ୍ରକୃତରେ କିଛି ନୁହେଁ ବୋଲି କୁହାଯାଇ ପାରିବ । ତୁମେ ଥରେ ଏପରି ଏକ ମହାଶକ୍ତିଶାଳୀ ଇଚ୍ଛାଶକ୍ତିର କଳ୍ପନା କର ଯାହାର କି ନିଜର ଇଚ୍ଛା ଅନୁସାରେ ଜଡ଼କୁ ରୂପାନ୍ତରିତ କରିଦେବାର ଶକ୍ତି ବିଦ୍ୟମାନ ରହିଥିବ । ଯଦି ଶକ୍ତିର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ସେହି ଅନୁପାତରେ ସାମୂହିକ ଐକ୍ୟର ବୋଧଟି ମଧ୍ୟ ବୃଦ୍ଧି ନ ପାଏ, ତେବେ ସେଥିରୁ ଯେଉଁ ସଂଘାତ ଉପୁଜିବ, ତାହା ଆମର ଏହି ଭୌତିକ ଭୂମିର ଯାବତୀୟ ଦ୍ୱନ୍ଦ୍ୱରୁ ମଧ୍ୟ ଅଧିକ ଉତ୍କଟ ଓ ଅଧିକ ଅସ୍ତବ୍ୟସ୍ତ ହୋଇ ପଡ଼ିବ ।

୧୫ ଫେବୃଆରି ୧୯୫୮

❋

ଏକ ଅନଶ୍ୱର ଶରୀରର ଜନ୍ମକୁ ଉତ୍ସବରୂପେ ପାଳନ କରିବା ହୁଏତ ବିଶ୍ୱାସପ୍ରବଣ କେତେକ ଅନୁଭବ-ଭାବନାକୁ ତୃପ୍ତି ଆଣିଦେବ ।

'oaob.nitrkl.ac.in' images reprocessed

ଅନନ୍ତ ପରମଚେତନାର ଅଭିବ୍ୟକ୍ତିର ଆବାହନୋତ୍ସବକୁ ଏହି ବିଶ୍ୱ-ଇତିହାସର ପ୍ରତ୍ୟେକ ମୁହୂର୍ତ୍ତରେ ମଧ୍ୟ ପାଳନ କରାଯାଇ ପାରିବ ।

ମାତ୍ର ଏକ ନୂତନ ଜଗତର ଆବାହନ-ଉତ୍ସବ, ସେହି ଅତିମାନସ ଜଗତର ଆବାହନ-ଉତ୍ସବ — ତାହାକୁ ସର୍ବଦା ଏକ ଅଦ୍ଭୁତ ଏବଂ ବିଶେଷ ସୌଭାଗ୍ୟଶାଳିତା ବୋଲିହିଁ ବୁଝାଯିବ ।

୨୧ ଫେବୃଆରୀ ୧୯୫୮

✻

ତାହାକୁ ତୁମେ ଯେଉଁ ନାମ ଦେଇ ସମ୍ବୋଧନ କର ପଛକେ, ଅତିମାନସ ହେଉଛି ଏକ ସତ୍ୟ ଓ ଏକ ପ୍ରକୃତ ଘଟଣା । ଏବଂ ଏହାର ଆଗମନ ଓ ପ୍ରବର୍ତ୍ତନ ସୁନିର୍ଦ୍ଦିଷ୍ଟ ଭାବରେ ଅଭିପ୍ରେତ ହୋଇ ରହିଛି ।

୨୭ ମାର୍ଚ୍ଚ ୧୯୫୨

✻

ଏକ ନୂତନ ଜଗତର ଆଗମନ ହେଉଛି ଏକ ଅନିବାର୍ଯ୍ୟ ସତ୍ୟ, ଏବଂ ତୁମେ ତାହାକୁ ଯେଉଁ ନାମରେ ଅଭିହିତ କର ପଛକେ, ତାହାର ବିଜୟ ଅବଶ୍ୟ ସୁନିଶ୍ଚିତ ।

✻

ଯାହାକିଛି ମନୁଷ୍ୟକୁ ତା'ର ପଶୁସ୍ତର ମଧ୍ୟକୁ ଟାଣି ଆଣିବାକୁ ଚେଷ୍ଟା କରୁଥାଏ, ଅତିମାନସ ପ୍ରଭାବ ତାକୁ ସେହି ସବୁକିଛିରୁ ଅବଶ୍ୟ ମୁକ୍ତ କରି ଆଣିବ ।

✻

ଅତିମାନସର କାର୍ଯ୍ୟ : ଏପରି ଏକ କାର୍ଯ୍ୟ, ଯାହାକି କୌଣସିଟିକୁ ବି ବାଦ୍ ଦେବ ନାହିଁ, ଏକ ସମଗ୍ର କାର୍ଯ୍ୟ ।

✻

ଅତିମାନସ ଜ୍ଞାନ : ଯାବତୀୟ ସମସ୍ୟା ବିଷୟରେ ଏକ ଭ୍ରମମୁକ୍ତ ଦୃଷ୍ଟି ।

✻

'oaob.nitrkl.ac.in' images reprocessed

ଅଧିମାନସ ଚେତନା : ମହିମମୟ ଭାବରେ ଜାଗ୍ରତ ଏବଂ ଶକ୍ତିଯୁକ୍ତ; ଏହା ଏକ ଆଲୋକମୟ ଚେତନା, ନିଜ ବିଷୟରେ ସୁନିଶ୍ଚିତ, ଆପଣାର ଯାବତୀୟ ଗତିସ୍ପନ୍ଦନରେ ଭ୍ରାନ୍ତିରହିତ ।

*

ଅଧିମାନସ ଚେତନାର ଆଲୋକରେ ଏକ ଭବ୍ୟତର ଭବିଷ୍ୟତର ନିର୍ମିତି ହୋଇ ପାରିବ ।

*

(ପୃଥିବୀପୃଷ୍ଠରେ ଅଧିମାନସ ଅଭିବ୍ୟକ୍ତିର ପ୍ରଥମ ବାର୍ଷିକ ସ୍ମାରକୀ ଉପଲକ୍ଷ୍ୟେ)*

ସୁବର୍ଣ୍ଣ-ଦିନ

ଏଣିକି ଫେବୃଆରୀ ୨୯ ତାରିଖ ପରମ ପ୍ରଭୁଙ୍କ ଲାଗି ଉତ୍ସୃଷ୍ଟ ଗୋଟିଏ ଦିନ ହୋଇ ରହିବ ।

* ୧୯୬୦

୧୯୬୦ ଫେବୃଆରୀ ୨୯ ତାରିଖରେ ଆପଣ ଯେଉଁ ପଦକସବୁ ବିତରଣ କଲେ, ସେଥିରେ ଅଙ୍କିତ ଶ୍ରୀଅରବିନ୍ଦଙ୍କର ପ୍ରତୀକରେ ଏକ ପରିବର୍ତ୍ତନ କରାଯାଇ ଥିବାର ଦେଖିବାକୁ ମିଳିଲା । ସାଧାରଣତଃ ଯେଉଁ ଦୁଇ ତ୍ରିଭୁଜ ମଝିରେ ପଦ୍ମଟି ରହିଥିବା ବର୍ଗକ୍ଷେତ୍ରଟି ଅଙ୍କିତ ହୋଇଥାଏ, ଏଥିରେ ସେହି ଦୁଇଟିକୁ ରଖା ଯାଇ ନାହିଁ

* ପ୍ରଥମ ବାର୍ଷିକ ସ୍ମାରକୀ ଉପଲକ୍ଷ୍ୟେ ପ୍ରଦତ୍ତ ସନ୍ଦେଶଟି ଏହି ପୁସ୍ତକର — ପୃଷ୍ଠାରେ ଦିଆଯାଇଛି । ଦ୍ୱିତୀୟ ବାର୍ଷିକ ସ୍ମାରକୀ ଲାଗି ପ୍ରଦତ୍ତ ସନ୍ଦେଶଟି ହେଉଛି ଶ୍ରୀଅରବିନ୍ଦଙ୍କର ରଚନାରୁ ଆନୀତ ଏକ ଉଦ୍ଧୃତି । ତେଣୁ ସେଇଟିକୁ ଏଠାରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ ।

'oaob.nitrkl.ac.in' images reprocessed

ଓ ତା'ର ପରିବର୍ତ୍ତରେ ବର୍ଗକ୍ଷେତ୍ରଟିରୁ ସୂର୍ଯ୍ୟର ରଶ୍ମିମାନ ବହିର୍ଗତ ହେବାରେ ଲାଗିଛି । କୌଣସି ମହତ୍ତ୍ୱପୂର୍ଣ୍ଣ କାରଣରୁ ଆପଣଙ୍କ ଏହି ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ କରାଇଥିବେ, ନୁହେଁ ? ଏହି ପରିବର୍ତ୍ତନର କାରଣ କ'ଣ, ଆପଣ କହି ପାରିବେ କି ?

ପଦକ ଉପରେ ଶ୍ରୀଅରବିନ୍ଦଙ୍କର ପ୍ରତୀକଟିକୁ ଦେବା ଲାଗି ମୁଁ ଆଦୌ ଭାବି ନ ଥିଲି ।

ସେଥିରେ ଥିବା ଚିହ୍ନଟିର ତାତ୍ପର୍ଯ୍ୟ ହେଉଛି—

ଅବତାରଙ୍କର ପରପ୍ରକାଶ ମଧ୍ୟରୁ ନୂତନ ସୃଷ୍ଟିର ବାରୋଟିଯାକ ରଶ୍ମି ନିର୍ଗତ ହେଉଛି :

ପଦ୍ମ—ଅବତାର ।
ବର୍ଗକ୍ଷେତ୍ର—ପରପ୍ରକାଶ ।
୧୨ଟି ରଶ୍ମି—ନୂତନ ସୃଷ୍ଟି ।

ବୁଲେଟିନ୍‌ର ୧୯୫୭ ନଭେମ୍ବର ସଂଖ୍ୟାରେ (ପୃଷ୍ଠା-୨) "ନୂତନ ସାହସଯାତ୍ରା" ଶୀର୍ଷକରେ ପ୍ରକାଶିତ ଆପଣଙ୍କର ପ୍ରବଚନରେ ଆପଣ କହିଛନ୍ତି :

"ଗତବର୍ଷ ଯେତେବେଳେ ମୁଁ ତୁମମାନଙ୍କ ଲାଗି ଅତିମାନସ ଚେତନା, ଆଲୋକ ତଥା ଶକ୍ତିର ଅଭିବ୍ୟକ୍ତି ବିଷୟରେ ମୋ'ର ଘୋଷଣାଟିକୁ କରିଥିଲି ସେତେବେଳେ ସେଇଟି ସହିତ ମୋ'ର ଆହୁରି ଏତିକି ଯୋଡ଼ିଦେବା ଉଚିତ ଥିଲା ଯେ, ଏହି ଘଟଣାଟି ହେଉଛି ଏକ ନୂତନ ଜଗତ୍ର ଜନ୍ମଲାଭ କରିବାର ପୁରୋଗାମୀ ଘଟଣା ।"

ଏହାର ଅର୍ଥ ହେଉଛି ଯେ, ଅତିମାନସ ଚେତନାର ଅଭିବ୍ୟକ୍ତି ଘଟିବା ପରେ ଯାଇ ନୂତନ ଜଗତର ଜନ୍ମ ହୋଇଥିଲା । ଅତିମାନସ ଅଭିବ୍ୟକ୍ତିର ତାରିଖକୁ ଆପଣ ୧୯୫୬ ଫେବୃଆରି ୨୯ ତାରିଖ ବୋଲି ନିର୍ଦ୍ଧାରିତ

'oaob.nitrkl.ac.in' images reprocessed

କରିଛନ୍ତି । ତେବେ, ନୂତନ ଜଗତର ଜନ୍ମଟି କେଉଁ ତାରିଖରେ ଘଟିଛି ବୋଲି ଗ୍ରହଣ କରାଯିବ ?

ତା'ର ଅଧଘଣ୍ଟା ପରେ ।

ବୁଲେଟିନ୍‌ର ୧୯୬୮ ମସିହା ନଭେମ୍ବର ସଂଖ୍ୟାରେ (ପୃଷ୍ଠା-୯୭) "ନୂତନ ଜନ୍ମ" ଶୀର୍ଷକରେ ଆପଣଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତରରେ ଆପଣ ନିମ୍ନଲିଖିତ ଭାବରେ କହିଛନ୍ତି :

"ତୁମମାନଙ୍କୁ ଆଶ୍ୱାସନା ଦେବା ଲାଗି ମୁଁ କହିପାରେ ଯେ, ଏହି ମୁହୂର୍ତ୍ତରେ ଯେ ତୁମେମାନେ ପୃଥିବୀରେ ବାସ କରୁଛ··· ସେହି ଘଟନାଟି ସକାଶେହିଁ ତୁମେ ଗ୍ରହଣ କରୁଥିବା ବାୟୁ ସହିତ ମଧ୍ୟ ବର୍ତ୍ତମାନ ପୃଥିବୀ-ପରିବେଶରେ ବ୍ୟାପ୍ତ ହୋଇ ଯାଉଥିବା ଅତିମାନସ ଉପାଦାନକୁ ନିଜ ଭିତରକୁ ପ୍ରବିଷ୍ଟ କରାଇ ପାରୁଛ । ତାହା ତୁମମାନଙ୍କ ଭିତରେ ଏପରି ନାନା ବସ୍ତୁକୁ ପ୍ରସ୍ତୁତ କରିବାରେ ଲାଗିଲାଣି, ଯାହାକୁ କି ତୁମେମାନେ ସେହି ମୀମାଂସକ ପଦକ୍ଷେପଟିକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ହଠାତ୍ ବ୍ୟକ୍ତ କରି ଆଣିବାରେ ମଧ୍ୟ ସମର୍ଥ ହୋଇଯିବ ।

"ଏହି ମୀମାଂସକ ପଦକ୍ଷେପ-ଗ୍ରହଣ ତୁମ ଲାଗି ସହାୟକ ଭାବରେ କାର୍ଯ୍ୟ କରିବ କି ନାହିଁ, ତାହା ହେଉଛି ଏକ ଅନ୍ୟ ପ୍ରଶ୍ନ ଓ ତାହାକୁ ଅଧ୍ୟୟନ କରିବାକୁ ପଡ଼ିବ, କାରଣ, ବର୍ତ୍ତମାନ ଘଟୁଥିବା ଏବଂ ଅଚିରେ ଅଧିକରୁ ଅଧିକ ପରିମାଣରେ ଘଟିବାକୁ ଯାଉଥିବା ଅନୁଭବଗୁଡ଼ିକ ଏକ ସଂପୂର୍ଣ୍ଣ ନୂତନ ସ୍ୱଭାବର ହୋଇଥିବାରୁ, ପ୍ରକୃତରେ କ'ଣ ଘଟିବାକୁ ଯାଉଛି, ସେକଥା ଆଗରୁ କଦାପି ଜାଣି ହେବ ନାହିଁ । ତେଣୁ ସେଗୁଡ଼ିକର ଅଧ୍ୟୟନ କରିବାକୁ ହେବ, ଏବଂ ଏକ ନିକଟ ଅଧ୍ୟୟନ କରିସାରିବା ପରେ ଯାଇ, ଏହି

'oaob.nitrkl.ac.in' images reprocessed

ଅତିମାନସ ଉପାଦାନ ଦ୍ୱାରା ନୂତନ ଜନ୍ମର କାର୍ଯ୍ୟଟି ପ୍ରକୃତରେ ସହଜ ହୋଇଯିବ କି ନାହିଁ, ସେହି କଥାଟିକୁ ନିଶ୍ଚିତ ଭାବରେ କହିପାରିବା ସମ୍ଭବ ହେବ । ମୁଁ ଟିକଏ ପରେ ତୁମମାନଙ୍କୁ ଏହି ବିଷୟରେ କହିବି । ମାତ୍ର, ବର୍ତ୍ତମାନ ସେହିଷମ୍ଭୂତି ଉପରେ ଭରସା ନ ରଖିବାହିଁ ବରଂ ଅଧିକ ଭଲ ହେବ ଏବଂ; କେବଳ ସେହି ଆଧ୍ୟାତ୍ମିକ ଜୀବନ ମଧ୍ୟରେ ନବଜନ୍ମ ଲାଭ କରିବାର ମାର୍ଗଟିକୁହିଁ ଗ୍ରହଣ କରିନେବାକୁ ପଡ଼ିବ ।”

ଏହି ନୂତନ ଜନ୍ମର ଉପଲବ୍ଧି ଲାଗି ଏହି ଅତିମାନସ ଉପାଦାନ ମୀମାଂସକ ଭାବରେ କାର୍ଯ୍ୟ କରିବ କି ନାହିଁ, ଆପଣ ସୁନିଶ୍ଚିତ ଭାବରେ ବର୍ତ୍ତମାନ ସେକଥା କହି ପାରିବେ କି ?

ଅବଶ୍ୟ କାର୍ଯ୍ୟ କରିବ ।

୨୭ ମାର୍ଚ୍ଚ ୧୯୬୦

*

ଆପଣ କହିଛନ୍ତି ଯେ, ଆମକୁ “ଅତିମାନସ ଶକ୍ତିଚୟର ସ୍ପନ୍ଦନ ସହିତ ଏକ ଅନ୍ତରଙ୍ଗ, ସାତତ୍ୟଯୁକ୍ତ, ସମ୍ପୂର୍ଣ୍ଣ ଓ ଅନିବାର୍ଯ୍ୟ ସମ୍ମିଳନର” ବିକାଶ କରାଇ ଆଣିବାକୁ ପଡ଼ିବ । ଏହି ସ୍ପନ୍ଦନଟିକୁ ଅନୁଭବ କରି ପାରିବାର ସାମର୍ଥ୍ୟକୁ କପରି ଅର୍ଜନ କରାଯାଇ ପାରିବ ? ଅତିମାନସ ଅଭିବ୍ୟକ୍ତି ଦ୍ୱାରା ଏକ ନୂତନ ପୃଥିବୀ ତଥା ନୂତନ ପୃଥ୍ୱୀ-ପରିବେଶମାନ ସୃଷ୍ଟି ହୋଇ ଆସିବା ସଙ୍ଗେ ସଙ୍ଗେ ସାଧନାର ପ୍ରକ୍ରିୟାରେ ମଧ୍ୟ ଏକ ପରିବର୍ତ୍ତନ ସମ୍ଭବ ହୋଇଛି କି ? ଏହି ନୂତନ ବାତାବରଣଗୁଡ଼ିକ ମଧ୍ୟରେ ଆପଣାର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜଣେ ସାଧକର କ’ଣ କରିବା ଉଚିତ ହେବ ?

'oaob.nitrkl.ac.in' images reprocessed

ହଁ, ସାଧନାରେ ଏକ ବୃହତ୍ ପରିବର୍ତ୍ତନ ସଙ୍ଘଟିତ ହୋଇଛି, କାରଣ ବର୍ତ୍ତମାନ ଖାସ୍ ଏହି ସ୍ଥୂଳ ଭୂମିରେହିଁ ସେହି ସାଧନା କରିବାକୁ ପଡ଼ିବ ।

ତୁମେ ସ୍ଥୂଳ ରୂପାନ୍ତର ଉପରେ ଆପଣାକୁ ଅଭିନିବେଶିତ କରି ରଖ; ଏଠାରେ ସ୍ଥୂଳ କହିଲେ ମୁଁ ମାନସିକ, ପ୍ରାଣିକ ଓ ଶାରୀରିକ ଚେତନାକୁ ବୁଝାଉଛି ।

ତୁମେ ମନ ଭିତରେ ସେହି ଅନୁଭୂତିକୁ ଲାଭ କରିବା ସକାଶେ ଚେଷ୍ଟା କରୁଛ, ମାତ୍ର ମନ ପ୍ରକୃତରେ କଦାପି ତାହାକୁ ଲାଭ କରି ପାରିବ ନାହିଁ । ତେଣୁ, ନିଜର ମନ ଭିତରୁ ବାହାରକୁ ବାହାରି ଆସ ଏବଂ ତେବେ, ମୁଁ ଯେଉଁ କଥା କହୁଛି, ତୁମେ ସେକଥା ବୁଝି ପାରିବ ।

*

ମନୁଷ୍ୟଙ୍କୁ ବୁଝି ରଖିବାକୁ ହେବ ଯେ, ତା'ର ଯାବତୀୟ ବୁଦ୍ଧି-ଅର୍ଜିତ କୁଶଳତା-ହାସଲ ସତ୍ତ୍ୱେ, ମନୁଷ୍ୟର ଆବିର୍ଭାବ ପୂର୍ବରୁ ମନଃକ୍ଷେତ୍ରୀୟ ସ୍ପନ୍ଦନଗୁଡ଼ିକ ଯେତେବେଳେ ପୃଥିବୀ-ମଣ୍ଡଳରେ ପରିବ୍ୟାପ୍ତ ହୋଇ ରହିଥିଲେ, ସେତେବେଳେ ସେଗୁଡ଼ିକୁ ଆପଣାର ବୋଧଗମ୍ୟ କରାଇ ପାରିବା ଲାଗି ଇତରପ୍ରାଣୀ ଯେପରି ଅସମର୍ଥ ହୋଇ ରହିଥିଲେ, ଏହି ଅତିମାନସ ସ୍ପନ୍ଦନଗୁଡ଼ିକୁ ଅନୁଭବ କରିବାରେ ମନୁଷ୍ୟ ବର୍ତ୍ତମାନ ଠିକ୍ ସେହିଭଳି ଅସମର୍ଥ ହୋଇ ରହିଛି ।

*

ପାଣି ପିଇବା ସକାଶେ ହରିଣଟିଏ ଅରଣ୍ୟ ମଧ୍ୟଦେଇ ଚାଲି ଯାଉଛି, ମାତ୍ର ସିଏ ସେହିପରି ଚାଲିଗଲା ବୋଲି ପ୍ରମାଣ କରିବାକୁ ପ୍ରକୃତରେ କ'ଣ ରହିଛି ? ଅଧିକାଂଶ ମନୁଷ୍ୟ ତାହାର ଆଦୌ କୌଣସି ସଙ୍କେତ ପାଇବେ ନାହିଁ । ହରିଣଟିଏ କହିଲେ କ'ଣ ବୁଝାଏ, ସେମାନେ ସମ୍ଭବତଃ ସେକଥା ମଧ୍ୟ ଜାଣନ୍ତି ନାହିଁ, ଏବଂ, ତଥାପି ଯେଉଁମାନେ ଜାଣନ୍ତି, ହୁଏତ ସେମାନେ ମଧ୍ୟ ହରିଣଟିଏ ଯାଇଛି ବୋଲି କହି ପାରିବେ ନାହିଁ । ମାତ୍ର ଯିଏ ଶିକାର ବିଷୟରେ ବିଶେଷ ଅଧ୍ୟୟନ କରିଛି, ବାରି କରି ବାଟ

'oaob.nitrkl.ac.in' images reprocessed

ଚାହିଁ ପାରୁଥିବ, ତାକୁ ନିଶ୍ଚୟ ସେହି ବିଷୟରେ ପରିଷ୍କାର ସୂଚନାମାନ ମିଳିଯିବ ଏବଂ, କେଉଁ ପ୍ରକାରର ହରିଣଟିଏ ଯାଇଛି, ସିଏ ଯେ ଖାଲି ସେତିକି କହିଦେଇ ପାରିବ ତା' ନୁହେଁ, ମାତ୍ର ହରିଣଟିର ଆକାର, ଆୟୁ ଓ ଲିଙ୍ଗ ପ୍ରଭୃତି ବିଷୟରେ ମଧ୍ୟ କେତେ କଥା କହିଦେଇ ପାରିବ । ଠିକ୍ ସେହିପରି ଭାବରେ, ଏଭଳି ମନୁଷ୍ୟ ଅବଶ୍ୟ ରହିଥିବେ, ଯେଉଁମାନଙ୍କର କି ଶିକାରର ଜ୍ଞାନ ପରି ଆଧ୍ୟାତ୍ମିକ ବ୍ୟାପାରଗୁଡ଼ିକ ବିଷୟରେ ମଧ୍ୟ ଜ୍ଞାନ ରହିଥିବ, ଜଣେ ବ୍ୟକ୍ତି ଅତିମାନସର ସମ୍ପର୍କରେ ଆସିଛି ବୋଲି ସିଏକି ପ୍ରକୃତରେ କହିଦେଇ ପାରିବ । ମାତ୍ର ଅନ୍ୟ ମାମୁଲି ଲୋକମାନେ, ଯେଉଁମାନେ ନିଜର ମନକୁ ସେହି ଦିଗରେ କୌଣସି ତାଲିମ ଦେଇ ନାହାନ୍ତି, ଏହା ସେମାନଙ୍କର କଦାପି ବୋଧଗମ୍ୟ ହେବ ନାହିଁ । କୁହାଯାଉଛି ଯେ, ପୃଥିବୀ ଉପରେ ଅତିମାନସର ଅବତରଣ ଘଟିଛି ଓ ତାହା ଆପଣାକୁ ଏଠାରେ ପ୍ରକାଶିତ କରି ଦେଇଛି । ଏହି ବିଷୟରେ ଯାହାକିଛି ଲେଖା ଯାଇଛି, ମୁଁ ସେହି ସବୁକିଛିକୁ ପାଠ କରିଛି, ମାତ୍ର ମୁଁ ତଥାପି ସେହି ଅଜ୍ଞାନମାନଙ୍କର ଦଳରେ ରହିଛି, ଯେଉଁମାନେ କିଛି ଦେଖି ପାରୁ ନାହାନ୍ତି, କିଛି ଅନୁଭବ କରି ପାରୁ ନାହାନ୍ତି । ଏପରି ଜଣେ କେହି, ଯାହାଙ୍କର ବୋଧଶକ୍ତି ଏହି ବିଷୟରେ ଅପେକ୍ଷାକୃତ ଅଧିକ ପ୍ରଶିକ୍ଷିତ ହୋଇ ସାରିଛି, ଜଣେ ବ୍ୟକ୍ତି ପ୍ରକୃତରେ ଅତିମାନସ ସହିତ ସମ୍ପର୍କିତ ହୋଇ ରହିଛି ବୋଲି ମୁଁ ଯେପରି ଜାଣିପାରନ୍ତି, ସିଏ ମୋତେ ତାହାର ସଙ୍କେତଗୁଡ଼ିକୁ ବତାଇ ଦେଇ ପାରନ୍ତେ ନାହିଁ ?

ଜଣେ ବ୍ୟକ୍ତି ଯେ ଅତିମାନସର ସମ୍ପର୍କରେ ରହିଛି, ତାହାର ପ୍ରମାଣ ସ୍ୱରୂପ ଦୁଇଟି ଅଭ୍ରାନ୍ତ ସଙ୍କେତ ରହିଛି :

'oaob.nitrkl.ac.in' images reprocessed

୧. ଏକ ପୂର୍ଣ୍ଣ ଓ ସତତ ସମତା,

୨. ଜ୍ଞାନ ବିଷୟରେ ଏକ ଅନପେକ୍ଷ ସୁନିଶ୍ଚୟତା ।

ଏକ ପରିପୂର୍ଣ୍ଣତାର ଭୂମିରେ ଅବସ୍ଥିତ ରହିବାକୁ ହେଲେ ସେହି ସମତା ଅପରିବର୍ତ୍ତନୀୟ, ସ୍ୱତଃସ୍ଫୂର୍ତ୍ତ ଓ ପ୍ରୟାସହୀନ ହୋଇ ପାରିବା ଉଚିତ । ସ୍ଥୂଳ ହେଉ ଅଥବା ମାନସିକ ହେଉ, ସେଗୁଡ଼ିକର ସ୍ୱଭାବ ଏବଂ ପ୍ରଭାବର ନିର୍ବିଶେଷରେ ସକଳ ପରିସ୍ଥିତି, ସକଳ ଘଟନା ତଥା ସକଳ ସମ୍ପର୍କର କ୍ଷେତ୍ରରେ ମଧ୍ୟ ଅବଶ୍ୟ ସମତା ରହିଥିବା ଆବଶ୍ୟକ ।

ଅର୍ଥାତ୍, ଏକାତ୍ମକତା ଦ୍ୱାରା ଲାଭ କରି ଯାଇଥିବା ଏକ ଭ୍ରମ ରହିତ ଜ୍ଞାନର ସେହି ଅନପେକ୍ଷ ଏବଂ ବିବାଦ ରହିତ ସୁନିଶ୍ଚୟତା ।

ଫେବୃଆରି ୧୯୬୧

*

ସ୍ଥୂଳ ଅଥବା ମାନସିକ ସକଳ ପରିସ୍ଥିତି ପ୍ରତି ଏକ ପରିପୂର୍ଣ୍ଣ ସମତା ଏବଂ ଜ୍ଞାନର ଭୂମିରେ ଏକ ଅନପେକ୍ଷତା — ଏପରି ଏକ ଜ୍ଞାନ, ଯାହାକି ମନର ମାଧ୍ୟମରେ ନୁହେଁ, ମାତ୍ର ଏକାତ୍ମକତା ଦ୍ୱାରା ଉପଲବ୍ଧ ହୋଇଥାଏ । ଅତିମାନସର ସଂସ୍ପର୍ଶରେ ରହିଥିବା ବ୍ୟକ୍ତି ପାଖରେ ଏହି ଦୁଇଟିଯାକ ଗୁଣ ରହିଥାଏ ।

ନିଜେ ଅନୁଭୂତି ଲାଭ କରି ନ ଥିଲେ ତୁମେ କଦାପି ତାହାକୁ ବୁଝି ପାରିବ ।

* ୨୩ ଫେବୃଆରି ୧୯୬୧

ଏହି ସର୍ବପ୍ରଥମ ଥର ପାଇଁ ଅତିମାନସ ପୃଥିବୀପୃଷ୍ଠରେ ଅବତରଣ କରି ନାହିଁ, ନୁହେଁ କି ?

ଏହା ଅତ୍ୟନ୍ତ ସୁନିଶ୍ଚିତ ଯେ, ସମୁଦାୟ ପୃଥିବୀ ସକାଶେ ରୂପାନ୍ତରର ଏକ ସମୂହଶକ୍ତି ରୂପେ ସର୍ବପ୍ରଥମ ଥର ପାଇଁହିଁ ବର୍ତ୍ତମାନ ଅତିମାନସ ଶକ୍ତିର ଅବତରଣ ଘଟିଛି । ପାର୍ଥିବ ସୃଜନର ଇତିହାସରେ ଏହା ହେଉଛି ଏକ ନୂତନ ପର୍ଯ୍ୟାୟର ଆରମ୍ଭବିନ୍ଦୁ ।

ମାତ୍ର, ଏକଥା ବି ହୋଇପାରେ ଯେ, ଆଗରୁ ମଧ୍ୟ ଆଂଶିକ ଏବଂ ସାମୟିକ

'oaob.nitrkl.ac.in' images reprocessed

ସ୍ତବରେ କୌଣସି ଜଣେ ବ୍ୟକ୍ତି ମଧ୍ୟରେ ଏକ ପ୍ରତିଶ୍ରୁତି ଓ ଏକ ଦୃଷ୍ଟାନ୍ତରୂପେ ଏକଦା ଅତିମାନସ ଶକ୍ତିର ଅଭିବ୍ୟକ୍ତି ଘଟିଥିଲା ।

୨୨ ଅକ୍ଟୋବର ୧୯୬୪

❋

୧୯୫୬ ମସିହାରେ ଆପଣ କହିଥିଲେ : ଅତିମାନସ ପରମ ଆଲୋକ, ପରମ ଚେତନା ଏବଂ ପରମ ଶକ୍ତିର ଅଭିବ୍ୟକ୍ତି ଘଟିଅଛି, ଅତିମାନସ ଆନନ୍ଦର ଆଗମନ ତଥାପି ବାକି ରହିଛି ।"

୪.୫.୬୭ କୁ ଏପରି ଏକ ମହତ୍ତ୍ୱପୂର୍ଣ୍ଣ ତାରିଖ ବୋଲି ବର୍ଣ୍ଣନା କରାଯାଉଛି, ଯେତେବେଳେ କି କିଛି ଅସାଧାରଣ ଘଟିବ ବୋଲି ପ୍ରତ୍ୟାଶା କରା ଯାଇଥାଏ, ସେହି ତାରିଖକୁ ଅତିମାନସ ଆନନ୍ଦର ଅଭିବ୍ୟକ୍ତି ହୁଏତ ଘଟିବ କି,— ଆପଣ ଦୟାକରି କହିଦେବେ ।

ସର୍ବପ୍ରଥମ ଅତିମାନସ ଅବତରଣର ବାର୍ଷିକ ଦିନଟି ଗୁରବର୍ଷରେ ଥରେ (ପ୍ରତି ଅଧିବର୍ଷରେ) ଆସେ । ୭ ସଂଖ୍ୟାର ଏହି ପ୍ରସଙ୍ଗରେ କ'ଣ କରିବାକୁ ରହିଛି, ମୁଁ ସେକଥା ଆଦୌ ଦେଖି ପାରୁ ନାହିଁ । ଏବର୍ଷ, ୧୯୬୪ରେ, ସର୍ବପ୍ରଥମ ଅବତରଣର ଦ୍ୱିତୀୟ ବାର୍ଷିକୀ ପଡ଼ିଥିଲା । ପରବର୍ତ୍ତୀ ବାର୍ଷିକୀ ୧୯୬୮ ଫେବୃଆରୀ ୨୯ ତାରିଖକୁ ପଡ଼ିବ — ଏବଂ ସେଦିନ ପ୍ରଥମ ଅବତରଣର ଠିକ୍ ବାର ବର୍ଷ ପୂରିଯିବ । ସେତେବେଳେ କ'ଣ ଘଟିବ, ଆମେ ତାହା ଦେଖିବା ।

୧୪ ନଭେମ୍ବର ୧୯୬୪

❋

## ୪.୫.୬୭ ଲାଗି ବାର୍ତ୍ତା

"ଏକ ମହାନ୍ ଦିବ୍ୟସତ୍ତା ଏହି ପୃଥ୍ୱୀ-ଜୀବନକୁହିଁ ଆପଣାର ଅବସ୍ଥାନ-ଭୂମିରୂପେ ନିଜେ ବାଛି ନେଇଛନ୍ତି, ଏବଂ ଏହି ପୃଥିବୀକୁ ଏକ ଅମୁହାଁ ବନ୍ଦୀଶାଳାରୁ ଆପଣାର

'oaob.nitrkl.ac.in' images reprocessed

ଐଶ୍ୱର୍ଯ୍ୟଶାଳୀ ସୌଧ ଏବଂ ସ୍ୱର୍ଗାନୁସ୍ପର୍ଶୀ ସମୁଚ୍ଚ ମନ୍ଦିରରୂପେ ପରିବର୍ତ୍ତିତ କରି ନେବା ପାଇଁ ତାଙ୍କର ଚିରନ୍ତନ ଇଚ୍ଛା ରହିଛି ।"

— ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ଯେଉଁ ଦିବ୍ୟସମ୍ରାଟଙ୍କର ଉଲ୍ଲେଖ କରିଛନ୍ତି, ତାହା କୌଣସି ବ୍ୟକ୍ତିଙ୍କୁ ବୁଝାଉ ନାହିଁ; ତାହା ଏକ ପରିବେଶକୁ ବୁଝାଉଛି ଏବଂ, ଯେଉଁମାନେ ତାହାକୁ ଗ୍ରହଣ କରିବା ନିମନ୍ତେ ଆପଣାକୁ ପ୍ରସ୍ତୁତ କରି ରଖିଛନ୍ତି, ଏହି ପରିବେଶଟିରେ ସେମାନେ ସମସ୍ତେ ଅଂଶ ଗ୍ରହଣ କରିବେ ।

*

ମଇ ମାସ ୪ ତାରିଖ ଦିନ ରୋମାନ୍ କାଥୋଲିକ୍‌ମାନେ ଯୀଶୁଖ୍ରୀଷ୍ଟଙ୍କର ଅତ୍ୟନ୍ତ ଅଲୌକିକ ଭାବରେ ସ୍ୱର୍ଗରାଜ୍ୟକୁ ଉଠି ଚାଲି ଯାଇଥିବାର ଯେଉଁ ଉତ୍ସବଟି ପାଳନ କଲେ, ତାହାର ଏହି ମହାନ୍ ଦିନ ୪.୫.୬୭ ସହିତ କୌଣସି ସମ୍ବନ୍ଧ ଅଛି କି ? ବା, ଆମେ ତାହାକୁ ସମ୍ପୂର୍ଣ୍ଣ ଭାବରେ କେବଳ ଏକ ଆକସ୍ମିକ ସଂଯୋଗ ବୋଲି ଜାଣିବା ?

ଶ୍ରୀଅରବିନ୍ଦଙ୍କର ଆସ୍ପୃହନ ମଧ୍ୟରେ ଆକସ୍ମିକ "ସଂଯୋଗ" ବୋଲି ଆଦୌ କିଛି ନାହିଁ । ଯାହା କିଛି ଯେତେବେଳେ ଘଟୁଛି, ତାହା ଦିବ୍ୟ ପରମଚେତନାଙ୍କର କାର୍ଯ୍ୟର ପରିଣାମ ସ୍ୱରୂପ ଘଟୁଛି । ବର୍ତ୍ତମାନ ଯେଉଁ ମହାନ୍ ଶକ୍ତି ସକ୍ରିୟ ହୋଇ ରହିଛି, ତାହା ହେଉଛି ସମଞ୍ଜସତାର ଏକ ଶକ୍ତି,—ତାହା ଏକତା ଲାଗି କାର୍ଯ୍ୟ କରୁଛି — ଦିବ୍ୟ ପରମସତ୍ୟାଙ୍କୁ ବ୍ୟକ୍ତ କରୁଥିବା ଯାବତୀୟ ପ୍ରଣାଳୀର ଏକତ୍ରୀକରଣ ଲାଗି କାର୍ଯ୍ୟ କରୁଛି ।

*

୫ ମଇ ୧୯୬୭

"୧୯୬୭ ମସିହାରେ ଅନ୍ତର୍ମାନସ ଇଚ୍ଛା ଉପଲବ୍ଧିକାରିଣୀ ଶକ୍ତିର ପର୍ଯ୍ୟାୟ ମଧ୍ୟରେ ପ୍ରବେଶ କରିବ ।" "ଉପଲବ୍ଧି-କାରିଣୀ ଶକ୍ତି"ର ପ୍ରକୃତ ଅର୍ଥ କ'ଣ ?

'oaob.nitrkl.ac.in' images reprocessed

ମନୁଷ୍ୟର ମନ ଏବଂ ଘଟଣାଗୁଡ଼ିକର ଗତିପଥ ଉପରେ ମୀମାଂସକ ଭାବରେ କାର୍ଯ୍ୟ କରୁଥିବା ।

❋

ମାଆ ଏବଂ ଶ୍ରୀଅରବିନ୍ଦ ନୂତନ ଜାତି, ଅତିମାନବର ଜାତି ବିଷୟରେ ଯାହା କହିଛନ୍ତି, ଏହି ତାରିଖ (୪.୫.୬୭)ଠାରୁ ତାହାର ଆରମ୍ଭ ସଙ୍ଘଟିତ ହେଲା କି ?

ବିଗତ କେତେ ମାସ ହେଲା ଯେଉଁସବୁ ପିଲା — ଅଧିକାଂଶତଃ ଆମ ଲୋକମାନଙ୍କ ମଧ୍ୟରେ — ଜନ୍ମ ହେଉଛନ୍ତି, ସେମାନେ ହେଉଛନ୍ତି, ଏକ ଅତ୍ୟନ୍ତ ବିଶେଷ ପ୍ରକାରର ।

❋

(ପୃଥିବୀ ପୃଷ୍ଠରେ ଅତିମାନସ-ଅଭିବ୍ୟକ୍ତିର ତୃତୀୟ ବାର୍ଷିକ ଦିବସ ଲାଗି ବାର୍ତ୍ତା ।)

କେବଳ ପରମସତ୍ୟହିଁ ପୃଥିବୀକୁ ଦିବ୍ୟ ପରମସତ୍ତାଙ୍କର ପ୍ରେମକୁ ଗ୍ରହଣ ଏବଂ ଅଭିବ୍ୟକ୍ତ କରିବାର ଶକ୍ତି ପ୍ରଦାନ କରି ପାରିବ ।

୨୯ ଫେବୃଆରୀ ୧୯୬୮

❋

## ନୂତନ ଚେତନା*

ନୂତନ ଚେତନାକୁ କୌଣସି ପ୍ରକାରେ ବିକୃତ କରି ନ ପକାଇ ତାହାକୁ ଗ୍ରହଣ କରି ପାରିବାକୁ ହେଲେ :

* ୧୯୬୯ ମସିହା ଜାନୁଆରୀ ପହିଲା ଦିନ ପୃଥିବୀ ପୃଷ୍ଠରେ ନୂତନ ଚେତନାର ଅଭିବ୍ୟକ୍ତି ଘଟିଥିଲା । ସେହିବର୍ଷ ଜାନୁଆରୀ ମାସରେ ପ୍ରଦତ୍ତ ମାଆଙ୍କର ଏକାଧିକ ପ୍ରବଚନରେ ତା'ର ଲକ୍ଷଣଗୁଡ଼ିକ ବର୍ଣ୍ଣିତ ହୋଇ ରହିଛି । ସେଥିରେ ମାଆ ତାହାକୁ ଅତିମାନବର ଚେତନା ବୋଲି କହିଛନ୍ତି । ଏହି ପ୍ରବଚନମାନ ଶତବାର୍ଷିକୀ ସଂସ୍କରଣ ରଚନାବଳୀର ୧୧ଶ ଖଣ୍ଡ 'ପଥଯାତ୍ରୀର ଟିପ୍ପଣୀ'ରେ ପ୍ରକାଶିତ ହୋଇଛି ।

'oaob.nitrkl.ac.in' images reprocessed

ସେହି ସର୍ବୋଚ୍ଚ ଚେତନାର ଆଲୋକ ମଧ୍ୟରେ ତୁମେ ଦଣ୍ଡାୟମାନ ହୋଇ ପାରୁଥିବ, ଅଥଚ ତୁମର କୌଣସି ଗ୍ରନ୍ଥି ପଡ଼ୁ ନ ଥିବ ।

୧୬ ଏପ୍ରିଲ ୧୯୬୯

❋

ନୂତନ ଘଟନା କେବଳ ଗୋଟିଏ ରହିଛି, — ଏହି ବର୍ଷଟି ଆରମ୍ଭ ହେବା ସମୟରେ ଏକ ନୂତନ ଚେତନାର ଅଭିବ୍ୟକ୍ତି ଘଟିଛି ଏବଂ ପୃଥିବୀକୁ ନୂତନ ସୃଜନ ଲାଗି ପ୍ରସ୍ତୁତ କରାଇ ନେବାକୁ ତାହା ଅତଶସ୍ତ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରୁଛି ।

୧୬ ଏପ୍ରିଲ ୧୯୬୯

❋

ଏହି ଅଳ୍ପ କେତେଦିନ ହେଲା ମୁଁ ମୋ' ଶରୀର ମଧ୍ୟରେ ଊର୍ଦ୍ଧ୍ୱଦେଶରୁ ଏକ ବୃହତ୍ ଶକ୍ତି ପ୍ରବାହିତ ହୋଇ ଆସୁଥିଲା ପରି ଅନୁଭବ କରୁଛି । ମୁଁ ତାହାକୁ ଅତ୍ୟନ୍ତ ମୂର୍ତ୍ତ ଭାବରେ ଏକ ମଧୁର ତରଳ ପଦାର୍ଥ ରୂପେ ଅନୁଭବ କରିପାରୁଛି । ଏହା ଅବିଶ୍ରାନ୍ତ ଭାବରେ ମୋ'ର ସମସ୍ତ ଶରୀର ମଧ୍ୟରେ ପ୍ରବାହିତ ହେବାରେ ଲାଗିଛି । ଏବଂ ବାରଂବାର ମୁଁ ତାହାର ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ଆର୍ଦ୍ର ଓ ଅନୁସିକ୍ତ ହୋଇଯିବା ପରି ବୋଧ କରୁଛି । ତାହା ମୋତେ ଏକ ଅତ୍ୟନ୍ତ ସୁଖକର ଏବଂ ଶାନ୍ତିଦାୟକ ଅନୁଭବ ଆଣି ଦେଇ ଯାଉଛି । ସତେ ଯେପରି ଠିକ୍ ଊର୍ଦ୍ଧ୍ୱରୁ ମୋ' ଭିତରକୁ ଏକ ପ୍ରକାରର ଆନନ୍ଦର ଧାରାଟିଏ ପ୍ରବାହିତ ହୋଇ ଆସୁଛି । ପାଟିଭିତରେ ମଧ୍ୟ ତାହା ଏକ ମଧୁର ସ୍ୱାଦ ଆଣି ଦେଉଛି ।

ଏହି ଅନୁଭୂତିଟିର ପ୍ରକୃତ ଅର୍ଥ କ'ଣ, ମୁଁ ସେକଥା ଜାଣି ନାହିଁ । ଏହା କ'ଣ ସେହି ନୂତନ ଚେତନା ଯାହାକି ଏହି ବର୍ଷ ଜାନୁୟାରୀ ପହିଲାଠାରୁ ଆସିଛି ବୋଲି ଆପଣ କହୁଥିଲେ ? ବା ଏହାକୁ କୌଣସି ଏକ ନୂତନ ଅବତରଣ ବୋଲି ବୁଝାଯିବ, ଯାହାକି ଏବେ ସଂଘଟିତ

'oaob.nitrkl.ac.in' images reprocessed

ହୋଇଛି ? ବା ଏହା କେବଳ ବ୍ୟକ୍ତିଗତ ଭାବରେ ମୋ'ର ଜୀବନରେ ଘଟିଛି ?

ଜାନୁଆରୀ ମାସଠାରୁ ସେହି ମହାନ୍ ଚେତନାଟିହିଁ କାର୍ଯ୍ୟ କରୁଛି । ମାତ୍ର ଏବେ ତାହାର କ୍ରିୟା ଅଧିକ ପରିମାଣରେ ସଘନ ହୋଇଛି ।

୧୨ ନଭେମ୍ବର ୧୯୬୯

*

ଶ୍ରୀଅରବିନ୍ଦ ୧୯୧୯ ମସିହାରେ ଲେଖିଥିଲେ ଯେ, ସେତେବେଳେ ଘଟିଥିବା ଅରାଜକତା ଓ ବିପର୍ଯ୍ୟୟମାନ ସମ୍ଭବତଃ ଏକ ନୂତନ ସୃଜନରହିଁ ଜନ୍ମଜନିତ ଯନ୍ତ୍ରଣା ହୋଇଥିବ । ଏହି ପର୍ଯ୍ୟାୟଟି କେତେ ଦିନଯାଏ ରହିଥିବ ? ଆମ ଆଶ୍ରମରେ, ଭାରତବର୍ଷରେ ଏବଂ ପରିଶେଷରେ ଏହି ପୃଥିବୀରେ ?

ନୂତନ ସୃଜନକୁ ଗ୍ରହଣ କରି ନେବା ଲାଗି ପୃଥିବୀ ପ୍ରସ୍ତୁତ ଏବଂ ଇଚ୍ଛୁକ ହେବା ପର୍ଯ୍ୟନ୍ତ ଏହା ଲାଗି ରହିବ । ଏହି ବର୍ଷର ଆରମ୍ଭରୁ ଏହି ନୂତନ ସୃଜନର ଚେତନା କାର୍ଯ୍ୟ କରିବାକୁ ଆରମ୍ଭ କଲାଣି । ଯଦି ଲୋକମାନେ ଏହାର ପ୍ରତିରୋଧ ନ କରି ଏହା ସହିତ ସହଯୋଗ କରି ପାରନ୍ତେ, ତେବେ ପ୍ରକ୍ରିୟାଟି ଅଧିକ ତ୍ୱରାନ୍ୱିତ ହୁଅନ୍ତା ।

ମାତ୍ର ନିର୍ବୋଧତା ଏବଂ ଅଜ୍ଞାନ ଅତ୍ୟନ୍ତ ଦୁରାଗ୍ରହୀ ହୋଇ ରହିଆନ୍ତି !

୧୯ ନଭେମ୍ବର ୧୯୬୯

*

ମାଆ, "ପୃଥିବୀ ଏକ ବୃହତ୍ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ ହେଉଛି, ତୁମେ ସାହାଯ୍ୟ କରିବ କି ?"* ଆପଣ ଏଠାରେ କେଉଁ ବୃହତ୍ ପରିବର୍ତ୍ତନ ବିଷୟରେ କହୁଛନ୍ତି ?

* ୧୯୭୦ ମସିହାର ନବବର୍ଷ-ସନ୍ଦେଶ ।

'oaob.nitrkl.ac.in' images reprocessed

> ଏବଂ, ଏହାଲାଗି ଆମେ ବା କଭଳି ଭାବରେ ସହାୟକ
> ହୋଇ ପାରିବା ?

ସେହି ମହାନ୍ ପରିବର୍ତ୍ତନ ହେଉଛି ପୃଥିବୀପୃଷ୍ଠରେ ଏକ ନୂତନ ମାନବ-ଜାତିକୁ ଗ୍ରହଣ କରିନେବା, ଯାହାକି, ଇତରପ୍ରାଣୀ ଲାଗି ମନୁଷ୍ୟ ଯେଉଁଭଳି ସ୍ତରରେ ରହିଛି, ମନୁଷ୍ୟ ଲାଗି ସେହିଭଳି ସ୍ତରରେ ରହିଛି । ଯେଉଁମାନେ ନୂତନ ଜାତିର ସେହି ଚେତନାକୁ ଗ୍ରହଣ କରି ଓ ତାହାର ବାର୍ତ୍ତାକୁ ଶୁଣି ପାରୁଛନ୍ତି, ସେହିମାନଙ୍କର ଆଲୋକନ ନିମନ୍ତେ ତାହା ପୃଥିବୀପୃଷ୍ଠରେ କାର୍ଯ୍ୟ କରିବାକୁ ଆରମ୍ଭ କରିସାରିଲାଣି ।

୧୯୬୦

❋

> ଆମକୁ ଆପଣ ସାହାଯ୍ୟ କରିବା ପାଇଁ କହିଛନ୍ତି । ମୁଁ
> ଆପଣଙ୍କୁ କପରି ସାହାଯ୍ୟ କରି ପାରିବି ? ମୋତେ
> ସେଥିପାଇଁ କ'ଣ କରିବାକୁ ହେବ ?

ସେହି ନୂତନ ଓ ବର୍ଦ୍ଧନଶୀଳ ଚେତନାକୁ ଗ୍ରହଣ କରିବା ଲାଗି, ଅବତୀର୍ଣ୍ଣ ହୋଇ ଆସୁଥିବା ନୂତନ ବସ୍ତୁଗୁଡ଼ିକୁ ଗ୍ରହଣ କରିବା ଲାଗି, ଆପଣାକୁ ଅଭିନିବେଶିତ କରି ରଖିବା ଓ ଉନ୍ମୋଚିତ କରିଦେବା ।

୩ ମାର୍ଚ୍ଚ ୧୯୬୦

❋

ସେହି ପରିବର୍ତ୍ତନ ଓହ୍ଲାଇ ଆସିବା ନିମନ୍ତେ ଆମର ସାହାଯ୍ୟ ଆଦୌ ଆବଶ୍ୟକ କରୁ ନାହିଁ ; ମାତ୍ର ସେହି ଚେତନା ସମ୍ମୁଖରେ ନିଜକୁ ଉନ୍ମୋଚିତ କରି ଦେବା ଲାଗି ଆମର ଆବଶ୍ୟକତା ରହିଛି, ଯେପରିକି ତାହାର ଆଗମନ ଆମ ଲାଗି ତଥାପି ବ୍ୟର୍ଥ ହୋଇ ଯିବ ନାହିଁ ।

❋

> ଗତବର୍ଷ ଅବତରଣ କରିଥିବା ସେହି ନୂତନ ଚେତନାକୁ
> ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଛାଡ଼ିଦେବା ଲାଗି ଜଣେ
> ସାଧକର କ'ଣ କରିବା ଉଚିତ ?

'oaob.nitrkl.ac.in' images reprocessed

୧. ଗ୍ରହଣଶୀଳ ହୁଅ
ଏବଂ
୨. ନମନୀୟ ହୁଅ ।

୧୯୭୦

❋

ନୂତନ ଚେତନାକୁ ଗ୍ରହଣ କରିବା ନିମନ୍ତେ ଆପଣାକୁ ପ୍ରସ୍ତୁତ କରିବାର ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି, ଆମେ ଏକ ଯଥାର୍ଥ ଏବଂ ସ୍ୱତଃସ୍ଫୂର୍ତ୍ତ ବିନମ୍ର ଭାବର ଯୋଗ୍ୟ ହେବା, ଯାହାକି ଆମକୁ ଏହି କଥାଟିକୁ ଗଭୀର ଭାବରେ ଅନୁଭବ କରିବା ଲାଗି ସାମର୍ଥ୍ୟ ଆଣିଦେବ ଯେ, ଆମେ ପ୍ରକୃତରେ ଆଦୌ କିଛି ଜାଣି ନାହୁଁ ଏବଂ, ଆମକୁ ଯେଉଁସବୁ ଅଦ୍ଭୁତ ବସ୍ତୁ ଅର୍ଜନ କରିବାକୁ ହେବ, ସେଗୁଡ଼ିକର ସମ୍ମୁଖରେ ଆମେ ପ୍ରକୃତରେ ଆଦୌ କିଛି ହାସଲ କରି ନାହୁଁ ।

❋

## ଅତିମାନସ ଓ ନୂତନ ସତ୍ତା

ଆମେ ଯଥା ଶକ୍ତି ସେହି ନୂତନ ପରମ ସତ୍ତାର ଆଗମନ ଲାଗି କ୍ଷେତ୍ର ପ୍ରସ୍ତୁତ କରି ରଖିବା ।

ମନକୁ ନୀରବ କରିଦେବାକୁ ପଡ଼ିବ ଏବଂ ତାହାର ସ୍ଥାନରେ ପରମ ଋତ୍-ଚିତ୍ତର ପ୍ରତିଷ୍ଠା ହେବ — ସମଗ୍ର ଚେତନା ଯାବତୀୟ ଟିକିନିଖି ସବୁକିଛିର ଚେତନା ସହିତ ସୁସମନ୍ୱିତ ହୋଇ ରହିଥିବ ।

❋

ଅତିମାନସ ପରମ ଚେତନା ସ୍ଥାନ ଗ୍ରହଣ କରିବା ନିମନ୍ତେ ବାଟ ଛାଡ଼ିଦେଇ ମନ ନୀରବ ହୋଇଯିବ ।

❋

ଋତ-ଚିତ୍ ଆମର ସମୁଦାୟ ସତ୍ତାରେହିଁ ବିରାଜମାନ କରୁଥିବ, ଆମର ସକଳ ଗତିସ୍ପନ୍ଦନ ଉପରେ କର୍ତ୍ତା ହୋଇ ରହିବ । ତାହା ଆମର ଅସ୍ତିତ୍ୱର ସ୍ଥୂଳ

'oaob.nitrkl.ac.in' images reprocessed

ମନଟିକୁ ସ୍ଥିର ଓ ଶାନ୍ତ କରି ଆଣିବ । ଅଭିବ୍ୟକ୍ତ ନମନ୍ତେ ଏହିଗୁଡ଼ିକୁହିଁ ଆମେ ପ୍ରାଥମିକ ପୂର୍ବ ସର୍ତ୍ତ ବୋଲି ଜାଣିବା ।

❋

ସ୍ଥୂଳମନର ସ୍ତରରେ ପ୍ରଜ୍ଞା : ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତିର ଏକ ପ୍ରଥମ ପଦକ୍ଷେପ ।

❋

(ପୃଥିବୀ ଉପରେ ଅତିମାନସ ଅଭିବ୍ୟକ୍ତିର ଚତୁର୍ଥ ବାର୍ଷିକ ଦିବସ ଉପଲକ୍ଷେ ବାର୍ତ୍ତା)

ଅତିମାନସ ଶରୀର-ମନର ଭୂମିରେ ଅଭିବ୍ୟକ୍ତ ଲାଭ କରି ପାରିଲେ ଯାଇ ତାହାର ଉପସ୍ଥିତି ସ୍ଥାୟୀ ହୋଇ ରହି ପାରିବ ।

୨୯ ଫେବୃଆରୀ ୧୯୬୨

❋

ଏହା ଏକାନ୍ତ ଅପରିହାର୍ଯ୍ୟ ଯେ ପ୍ରତ୍ୟେକ ବ୍ୟକ୍ତି ତା'ର ଚୈତ୍ୟର ଆବିଷ୍କାର କରିବ ଏବଂ ସୁନିଶ୍ଚିତ ଭାବରେ ତାହାର ସହିତ ସମ୍ମିଳିତ ହେବ । ଏହି ଚୈତ୍ୟର ମାଧ୍ୟମରେହିଁ ଅତିମାନସ ନିଜର ଅଭିବ୍ୟକ୍ତି ଘଟାଇବ ।

୨୪ ଜୁନ୍ ୧୯୬୨

❋

ଯାନେ ଅହଂର ପାଶରୁ ମୁକ୍ତ ହୋଇ ବାହାରି ଆସିଛନ୍ତି, ମଧ୍ୟରେହିଁ ଋତ-ଚିତ୍ତର ପ୍ରକାଶ ସମ୍ଭବ ହେବ ।

❋

ମନୁଷ୍ୟ ଓ ତା'ର ମନ କଦାପି ସୃଜନର ସର୍ବଶେଷ ଭୂମି ନୁହନ୍ତି । ବର୍ତ୍ତମାନ ଏକ ଅତିମାନସ ସତ୍ତା ପ୍ରସ୍ତୁତ ହେବାରେ ଲାଗିଛି ।

୨୫ ଡିସେମ୍ବର ୧୯୬୨

❋

'oaob.nitrkl.ac.in' images reprocessed

ମନ ଯଥାର୍ଥ ଭାବରେ କିଛି ଜାଣେ ନାହିଁ । ଆନ୍ତରିକତା ସହିତ ତୁମେ ଅତିମାନସ ଲାଗି ଅଭୀପ୍ସା କର ।

ଜାନୁଆରୀ ୧୯୭୩

✻

ଅତିମାନବତ୍ୱ : ଆମର ଯାବତୀୟ ଅଭୀପ୍ସାର ଲକ୍ଷ୍ୟ ।

✻

ଯାହା ବର୍ତ୍ତମାନ ଅଛି ଓ ଆମେ ଯାହା ଉପଲବ୍ଧି କରିବାକୁ ଯାଉଛୁ, ମନୁଷ୍ୟ ହେଉଛି, ସେହି ଦୁଇଟି ମଝିରେ ରହିଥିବା ମଧ୍ୟବର୍ତ୍ତୀସତ୍ତା ।

୩୦ ଅଗଷ୍ଟ ୧୯୫୪

✻

ମନୁଷ୍ୟ ଏହି ପୃଥିବୀରେ ଏକ ମଧ୍ୟବର୍ତ୍ତୀସତ୍ତା ଏବଂ ସେହି କାରଣରୁ, ତା' ବିବର୍ତ୍ତନର ପ୍ରକ୍ରିୟାଟି ମଧ୍ୟରେ ସେ ଗୋଟିଏ ପରେ ଗୋଟିଏ କରି ଏକାଧିକ ସ୍ୱଭାବର ମଧ୍ୟଦେଇ ଗତିକରି ଆସିଛି, ଯେଉଁଗୁଡ଼ିକ କି ଏକ ଆରୋହଣକାରୀ ଗତିରେଖାକୁ ଅନୁସରଣ କରିଛନ୍ତି । ଏହି ଧାରାଟି ଏହିପରି ଭାବରେ ଲାଗି ରହିବ ଏବଂ ପରିଶେଷରେ ମନୁଷ୍ୟ ଯାଇ ଅତିମାନସ ପ୍ରକୃତିର ଦ୍ୱାରଦେଶରେ ଉପନୀତ ହେବ ଏବଂ ଏକ ଅତିମାନବକୁ ରୂପାନ୍ତରିତ ହୋଇଯିବ । ଏହି ରେଖାଟିକୁ ଆମେ ମାନସିକ ବିକାଶର କମକୁଣ୍ଡଳୀ ବୋଲି ମଧ୍ୟ କହିପାରିବା । ଯେକୌଣସି ସ୍ୱତଃସ୍ଫୂର୍ତ୍ତି ଅଭିବ୍ୟକ୍ତି, ଯାହାକି କଦାପି ଏକ ପୂର୍ବଚିନ୍ତିତ ନିଷ୍ପତ୍ତି କିଂବା କୌଣସି ସ୍ୱନିର୍ବାଚନର ପରିଣାମ ସ୍ୱରୂପ ଘଟେ ନାହିଁ, ଅର୍ଥାତ୍, ମାନସିକ କ୍ରିୟାର ଆଦୌ କୌଣସି ଅନୁପ୍ରବେଶ ବ୍ୟତୀତ ଯାହା ଘଟିଥାଏ, ଆମେ ସାଧାରଣତଃ ତାହାକୁହିଁ "ସ୍ୱାଭାବିକ" ବୋଲି କହିଥାଉ । ସେହି କାରଣରୁହିଁ, ଯେତେବେଳେ ଜଣେ ମନୁଷ୍ୟର କ୍ଷେତ୍ରରେ ଏପରି ଏକ ପ୍ରାଣଗତ ସ୍ୱତଃସ୍ଫୂର୍ତ୍ତତା ଦୃଷ୍ଟିଗୋଚର ହୁଏ, ଯାହାକି ଖୁବ୍ ବେଶୀ ବ୍ୟକ୍ତ ହୋଇ ନ ଥାଏ, ସେତେବେଳେ ଆପଣାର ସହଜତାରେ ସିଏ ଆମକୁ ଅପେକ୍ଷାକୃତ ଅଧିକ "ସ୍ୱାଭାବିକ" ବୋଲି ମନେ ହୋଇଥାଏ । ମାତ୍ର, ସେହି ସ୍ୱାଭାବିକତା ଅଧିକତର ପରିମାଣରେ ଏକ ଇତରପ୍ରାଣୀରହିଁ ସ୍ୱାଭାବିକତା ହୋଇ

'oaob.nitrkl.ac.in' images reprocessed

ରହୁଥାଏ ଏବଂ ତାହା ମନୁଷ୍ୟର ବିବର୍ତ୍ତନଗତ ସମଗ୍ରତାଟିର ଏକାବେଳେକେ ଚାଲେ ଯାଇ ରହୁଥାଏ ।

*

The Lord is Eternal and Infinite.
Even when the supramental will be fully realised upon earth the Lord will infinitely exceed this realisation which will be followed by other manifestations of the Lord ad infinitum.

'oaob.nitrkl.ac.in' images reprocessed

ପରମ ପ୍ରଭୁ ହେଉଛନ୍ତି ଶାଶ୍ୱତ ଏବଂ ଅନନ୍ତ ।

ଯେତେବେଳେ ପୃଥିବୀପୃଷ୍ଠରେ ଅତିମାନସର ପୂର୍ଣ୍ଣ ଉପଲବ୍ଧି ହୋଇଯିବ, ସେତେବେଳେ ମଧ୍ୟ ପରମ ପ୍ରଭୁ ଏହି ଉପଲବ୍ଧିଠାରୁ ଆହୁରି ଅନେକ ଅଧିକ ହୋଇ ରହିଥିବେ । ଏଇଟି ପରେ ଅନ୍ୟ ଅଭିବ୍ୟକ୍ତିଗୁଡ଼ିକ ମଧ୍ୟ ନିରବଧି ଅବଶ୍ୟ ଲାଗି ରହିଥିବ ।

*

ଏକଥା କେବେହେଲେ ଭୁଲିବ ନାହିଁ ଯେ, ବାହ୍ୟ ବ୍ୟକ୍ତିଟି ହେଉଛି କେବଳ ଏକ ଶାଶ୍ୱତ ପରମସତ୍ତାର ଆକାର ଏବଂ ପ୍ରତୀକ୍‌ସ୍ୱରୂପ ଏବଂ ଏହି ଦେହଗତ ପ୍ରତୀତିର ପର୍ଯ୍ୟାୟଗୁଡ଼ିକ ମଧ୍ୟଦେଇ ତୁମକୁ ସେହି ଉଚ୍ଚତର ପରମସତ୍ତାର ସ୍ତରରେ ଯାଇ ପହଞ୍ଚିବାକୁ ପଡ଼ିବ ।

ଅତିମାନସ ଅଭିବ୍ୟକ୍ତି ଦ୍ୱାରା ପୂର୍ଣ୍ଣଭାବରେ ରୂପାନ୍ତରିତ ହୋଇ ନ ପାରିବା ପର୍ଯ୍ୟନ୍ତ ଶରୀରସ୍ଥ ସତ୍ତାଟି ସେହି ଶାଶ୍ୱତ ପରମସତ୍ତାକୁ ଯଥାର୍ଥ ଭାବରେ କଦାପି ଅଭିବ୍ୟକ୍ତ କରି ପାରିବ ନାହିଁ । ଏବଂ, ସେହି ମୁହୂର୍ତ୍ତଟି ଆସି ପହଞ୍ଚିବା ପର୍ଯ୍ୟନ୍ତ, ଏଇଟି ମଧ୍ୟଦେଇ ଅତିକ୍ରମ କରି ଯିବାଦ୍ୱାରାହିଁ ତୁମକୁ ସେହି ପରମ ସତ୍ତାର ଆବିଷ୍କାର କରିବାକୁ ପଡ଼ିବ ।

*

ମାଆ, "ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ" କହିଲେ କାହାକୁ ବୁଝାଇବ ।

ସନ୍ଦର୍ଭ ସହିତ ନ ଦେଖିଲେ ଏହି ପ୍ରଶ୍ନର ଉତ୍ତର ଦେବା କଷ୍ଟକର ହେବ । ତୁମ ପ୍ରଶ୍ନରେ ତୁମେ କେଉଁ "ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକର" କଥା କହୁଛ ? ଅତିମାନବରେ ପରିଣତ ହେବାର ପଥରେ ମନୁଷ୍ୟର ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ ନା, ଯେତେବେଳେ ଅତିମାନସ ସତ୍ତା ଏହି ପୃଥିବୀରେ ଆସି ଆବିର୍ଭୂତ ହେବ, ତା'ଭିତରେ ପରିଲକ୍ଷିତ ହେଉଥିବା ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକ ?

ପ୍ରଥମ କ୍ଷେତ୍ରଟିରେ, ସେଗୁଡ଼ିକୁ ଆମେ ଏପରି ନାନା ସାମର୍ଥ୍ୟ ବୋଲି ବୁଝିବା, ଯେଉଁଗୁଡ଼ିକ କି, ମନୁଷ୍ୟ ଆପଣାକୁ ଉଚ୍ଚତର ମନ ଏବଂ ଅଧିମାନସକୁ ଉନ୍ମୋଚିତ କରିନେବା ସଙ୍ଗେ ସଙ୍ଗେ ଓ ସେହିଗୁଡ଼ିକର ମାଧ୍ୟମରେ ପରମସତ୍ତାର

'oaob.nitrkl.ac.in' images reprocessed

ଆଲୋକ ଲାଭ କରିବା ସଙ୍ଗେ ସଙ୍ଗେ ତା’ଭିତରେ ବିକଶିତ ହୋଇ ଆସିଥା’ନ୍ତି । ଏହି ସାମର୍ଥ୍ୟଗୁଡ଼ିକୁ ସର୍ବୋଚ୍ଚ ପରମସତ୍ତ୍ୱାର ଏକ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ବୋଲି ଆଦୌ କୁହା ଯିବ ନାହିଁ; ମାତ୍ର ଏକ ପ୍ରତିଲିପି ବୋଲି କୁହାଯିବ, ଏହାର ଏକ ପରୋକ୍ଷ ପ୍ରତିବିମ୍ବନ ବୋଲି କୁହାଯିବ । ସେଥିରେ ଅନ୍ତର୍ବୋଧ ରହିଥାଏ, ପୂର୍ବ ଅବହିତିର ସାମର୍ଥ୍ୟ ରହିଥାଏ, ଏକାତ୍ମତା ଦ୍ୱାରା ଉପଲବ୍ଧ ହେଉଥିବା ଜ୍ଞାନ ରହିଥାଏ ଏବଂ ଆରୋଗ୍ୟ କରି ପାରିବାର ଓ କିଛି ପରିମାଣରେ ପରିସ୍ଥିତିଗୁଡ଼ିକ ଉପରେ କ୍ରିୟା କରି ପାରିବାର କେତେକ ଶକ୍ତି ମଧ୍ୟ ରହିଥାଏ ।

ଯଦି ଆମେ ଏହାଦ୍ୱାରା ଅତିମାନସ ସତ୍ତ୍ୱର ସର୍ବୋଚ୍ଚ ସାମର୍ଥ୍ୟଗୁଡ଼ିକୁ ବୁଝୁଥାଉ, ତେବେ ସେଗୁଡ଼ିକ ବିଷୟରେ ଆମେ ଆଦୌ କେଣିକିଛି କହି ପାରିବା ନାହିଁ; କାରଣ, ବର୍ତ୍ତମାନ ଆମେ ସେହି ବିଷୟରେ ଯାହାକିଛି କହିପାରିବୁ, ସେହି ସବୁକିଛିକୁ ଜ୍ଞାନ-କ୍ଷେତ୍ରର ନ କହି ଅଧିକତର ପରିମାଣରେ ବରଂ କଳ୍ପନା-କ୍ଷେତ୍ରର ବୋଲିହିଁ କୁହାଯିବ । କାରଣ ସେହି ସତ୍ତ୍ୱା ଏପର୍ଯ୍ୟନ୍ତ ଆପଣାକୁ ପୃଥିବୀ ପୃଷ୍ଠରେ ପ୍ରକାଶିତ କରି ନାହିଁ ।

୨୩ ଏପ୍ରିଲ୍ ୧୯୬୦

✻

ମଧୁମୟୀ ମାଆ,

ଏଥିରୁ ଏପରି ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ପ୍ରଶ୍ନର ଉତ୍ଥାପନ ହୋଇଆସୁଛି : “ପରମ ଅତିମାନସ ଜଡ଼ର ଭୂମିକୁ ଅବତରଣ କରିବା ସଙ୍ଗେସଙ୍ଗେ ଏବଂ, ତାହା ଫଳରେ ଯଦି ନୂତନ ନାନା ବିଧାନ ତଥା ପ୍ରକ୍ରିୟା କାର୍ଯ୍ୟକାରୀ ହେବାକୁ ଆରମ୍ଭ କରିବ ବୋଲି ଅନୁମାନ କରାଯାଏ, ତେବେ ସେହି କ୍ଷେତ୍ରରେ ଆମେ ଏପରି ନାନା ସତ୍ତ୍ୱଙ୍କର ଆବିର୍ଭାବକୁ ମଧ୍ୟ କ’ଣ କଳ୍ପନା କରି ପାରିବା, ଆପଣା ଶରୀର ଉପରେ ରହିଥିବା ଯେଉଁମାନଙ୍କର ନିୟନ୍ତ୍ରଣ କି ସେମାନଙ୍କୁ ବିଘଟନାତ୍ମକତା ବା ବିଶ୍ୱ-ରଶ୍ମିଗୁଡ଼ିକ ଲାଗି ଅତ୍ୟଧିକ ପରିମାଣରେ ଉନ୍ମୁକ୍ତ ହୋଇ ରହିବାର ପରିଣାମଗୁଡ଼ିକୁ ନିଷ୍ଫଳ କରିଦେବାକୁ ବା

'oaob.nitrkl.ac.in' images reprocessed

ନିଜ ଭିତରକୁ ନେଇ ଲୀନ କରିଦେବାକୁ ସମର୍ଥ କରି ପାରିବ ?"

ଆଶ୍ରମରେ ବାସ କରୁଥିବା ଜଣେ ଜ୍ଞାନୀ ବ୍ୟକ୍ତି କହିଲେ ଯେ ବିଘଟନାତ୍ମକତାରୁ ନିଜକୁ ନିରାପଦ କରି ରଖିବା "ଆଦୌ ସମ୍ଭବ ନୁହେଁ", କାରଣ ସ୍ଥୂଳ ସ୍ତରର ଜଡ଼ ଆମର ନିମ୍ନତର ପ୍ରକୃତି ଦ୍ୱାରାହିଁ ନିୟନ୍ତ୍ରିତ ହୋଇଥାଏ । ଆମ ଲାଗି ଯେ ଆଦୌ କିଛିହେଲେ "ଅସମ୍ଭବ" ନୁହେଁ, ଆପଣ ମୋତେ ଏହି କଥାଟି କହିପାରିବେ ବୋଲି ମୁଁ ପ୍ରତ୍ୟାଶା ରଖୁଛି ।

ଦୁଇଟିଯାକ ଉକ୍ତି ପ୍ରକୃତରେ ସତ ।

(୧) ଜଡ ବର୍ତ୍ତମାନ ଯେଉଁ ଅବସ୍ଥାରେ ଅଛି, ତାହା ସେହି ଅବସ୍ଥାରେ ରହିଥିବା ପର୍ଯ୍ୟନ୍ତ ତାହା କଦାପି ଆପଦମୁକ୍ତ ହୋଇ ପାରିବ ନାହିଁ । ମାତ୍ର, (୨) ଅତିମାନସ ଶକ୍ତି ସ୍ଥୂଳ ଶରୀରକୁ ମଧ୍ୟ ରୂପାନ୍ତରିତ କରି ପାରିବ (କାଳକ୍ରମେ) ବୋଲି ଆଶା କରାଯାଉଛି ଏବଂ ସେତେବେଳେ ତାହା ସମ୍ପନ୍ନ ହୋଇ ପାରିବ, ସେତେବେଳେ ସବୁକିଛି ସମ୍ଭବ ହୋଇଯିବ, ବା, ଆଉ କିଛିହେଲେ ଅସମ୍ଭବ ହୋଇ ରହିବ ନାହିଁ ।

ଅନେକ ଆଶୀର୍ବାଦ ।

❋

୨୬ ଅଗଷ୍ଟ ୧୯୬୧

ଯଦି ଏକ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ, ତେବେ ତଦ୍ୱାରା ଯେ ମନୁଷ୍ୟସମୂହର ଅଧିକତର ଭାଗଟି ଧ୍ୱଂସ ହୋଇଯିବ ତା'ନୁହେଁ, ମାତ୍ର, ଯେଉଁମାନେ ତଥାପି ବଞ୍ଚି ରହିଥିବେ, ଆଣବିକ ତେଜସ୍କ୍ରିୟତାର ଫଳସ୍ୱରୂପ ସେମାନଙ୍କ ଲାଗି ମଧ୍ୟ ଜୀବନଧାରଣ କରି ରହିବାର ପରିବେଶଟି ମଧ୍ୟ ଆଉ କଦାପି ସମ୍ଭବ ହେବ ନାହିଁ । ଯଦି ସେହିପରି ଏକ ଯୁଦ୍ଧର ସମ୍ଭାବନା ତଥାପି ରହିଥାଏ, ତେବେ ତାହା କ'ଣ ଅତିମାନସର ଆଗମନକୁ କୌଣସି ପ୍ରକାରେ

'oaob.nitrkl.ac.in' images reprocessed

ବ୍ୟାହତ କରିବ ନାହିଁ, ପୃଥିବୀପୃଷ୍ଠରେ ନୂତନ ମାନବ-ଜାତିର ସ୍ଥାପନାକୁ ବାଧାପ୍ରାପ୍ତ କରି ପକାଇବ ନାହିଁ ?

ଏଗୁଡ଼ିକ ହେଉଛି କେବଳ ମନରହିଁ ନାନା କଳ୍ପନା ଓ ଜଳ୍ପନା, ଏବଂ, ତୁମେ ଥରେ ମନୋଗତ କଳ୍ପନାସବୁର ରାଜ୍ୟମାନଙ୍କ ମଧ୍ୟରେ ଯାଇ ପଶିଗଲେ ସମସ୍ୟାବଳୀର ଓ ସେଗୁଡ଼ିକ ଲାଗି ଚିନ୍ତା କରି ଯାଉଥିବା ସମାଧାନଗୁଡ଼ିକର ମଧ୍ୟ ଆଉ କୌଣସି ଅନ୍ତ ରହିବ ନାହିଁ । ମାତ୍ର ସେହି ଯାବତୀୟ କଥା ତୁମକୁ ଗୋଟିଏ ପଦହୁଣ୍ଟ ଲାଗି ମଧ୍ୟ ସତ୍ୟର ଅଧିକ ନିକଟବର୍ତ୍ତୀ ହେବାରେ ଆଦୌ କୌଣସି ସାହାଯ୍ୟ କରିବେ ନାହିଁ ।

ମନର କ୍ଷେତ୍ରରେ ସବୁଠାରୁ ଅଧିକ ନିରାପଦ ଓ ଅଧିକ ସ୍ୱାସ୍ଥ୍ୟକର ଦୃଷ୍ଟିକୋଣ ଏହିପରି ହେବା ଉଚିତ : ଆମକୁ ଏକ ନିର୍ଦ୍ଦିଷ୍ଟ ଏବଂ ସୁନିଶ୍ଚିତ ଭାବରେ କୁହାଯାଇଛି ଯେ, ବର୍ତ୍ତମାନର ପର୍ଯ୍ୟାୟଟି ପରେ ଅତିମାନସ ସୃଷ୍ଟିର ପର୍ଯ୍ୟାୟ ଆସିବ ଏବଂ ତେଣୁ, ବର୍ତ୍ତମାନ ଯାହାକିଛି ଆମକୁ ଏକ ଭବିଷ୍ୟତ ଲାଗି ପ୍ରସ୍ତୁତ କରୁଛି, ତାହାର ଯାବତୀୟ କ୍ଷେତ୍ରଟି ସେହି ଆଗମନ ନିମନ୍ତେ ଆବଶ୍ୟକ ପରିବେଶଗୁଡ଼ିକର କ୍ଷେତ୍ର ହୋଇହିଁ ରହିପାରିବା ଉଚିତ । ସେହିସବୁ ପରିବେଶ କ'ଣ ବା କିପରି ହେବ, ସେବିଷୟରେ ଆଗରୁ କିଛି ଦେଖିବା ଲାଗି ବା ଅନୁମାନ କରିବା ଲାଗି ଆମର କୌଣସି ସାମର୍ଥ୍ୟ ନ ଥିବାରୁ, ସେସବୁ ବିଷୟରେ ନୀରବ ରହିବାହିଁ ଅଧିକ ଶ୍ରେୟସ୍କର ହେବ ।

*

ଅସୁବିଧାଗୁଡ଼ିକ ଆସିବ ବୋଲି ଆଶଙ୍କା କରିବା ଦ୍ୱାରାହିଁ ଆମେ ସେଗୁଡ଼ିକ ପ୍ରକୃତରେ ଘଟିବାରେ ସାହାଯ୍ୟ କରିଥାଉ ।

ସର୍ବଦା ସର୍ବୋତ୍ତମକୁହିଁ ଦେଖି ପାରୁଥିବ ଏବଂ ଦିବ୍ୟ ପରମକରୁଣା ଉପରେ ପୂର୍ଣ୍ଣ ଆସ୍ଥା ରଖିଥିବ; — ତାହାରି ଦ୍ୱାରାହିଁ ଆମେ ପୃଥିବୀପୃଷ୍ଠରେ ଅତିମାନସ କାର୍ଯ୍ୟରେ ସହଯୋଗ କରିପାରିବା ।

*

ମା'ଆ,

ଆଜି ସକାଳ ଧ୍ୟାନସମୟରେ ମୁଁ ଏପରି ଅନେକ

'oaob.nitrkl.ac.in' images reprocessed

କଥା ଦେଖିଲି, ଯେଉଁଗୁଡ଼ିକର କ ବାହ୍ୟ ନ୍ୟାୟର ଦୃଷ୍ଟିରୁ ବିଚାର କଲେ ଆଦୌ ପରସ୍ପର ମଧ୍ୟରେ କୌଣସି ସମ୍ବନ୍ଧ ନ ଥିଲା, ମାତ୍ର ଯେଉଁଥିରୁ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ଭାବରେ ଏପରି ଏକ ଧାରଣା ହୋଇ ଯାଉଥିଲା ଯେ କିଛି ନା କିଛି ଅସାଧାରଣ କଥା ଅବଶ୍ୟ ଘଟିବାକୁ ଯାଉଛି । ସମ୍ଭବତଃ ପ୍ରଥମ ଥର ପାଇଁ ଏପରି ଏକ ପୂର୍ବବୋଧ ଲାଭ କଲି, ଏବଂ ତାହା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଉପଲବ୍ଧ ହେଉଥିଲା ।

ଏଥିରେ ପ୍ରକୃତରେ କୌଣସି ସତ୍ୟ ଅଛି କି ନାହିଁ ଏବଂ ଆମେ କିପରି ସେଥିଲାଗି ପ୍ରସ୍ତୁତ ହେବୁ, ମୁଁ ସେକଥା ଜାଣିବାକୁ ଇଚ୍ଛା କରୁଛି ।

କାଲି ରାତିରେ, ଆମେ (ତୁମେ ଓ ମୁଁ ଏବଂ ଅନ୍ୟମାନେ) 'ବେଶ୍ ଦୀର୍ଘ ସମୟ ପାଇଁ ଶ୍ରୀଅରବିନ୍ଦଙ୍କର ସୂକ୍ଷ୍ମ ଭୌତିକରେ ଥିବା ସ୍ଥାୟୀ ନିବାସ ସ୍ଥାନରେ ଏକାଠି ରହିଥିଲେ । (ସୂକ୍ଷ୍ମ ଭୌତିକକୁ ଶ୍ରୀଅରବିନ୍ଦ ଯଥାର୍ଥ ଭୌତିକ ବୋଲି କହୁଥିଲେ) । ସେଠାରେ ଯାହାକିଛି ଘଟୁଥିଲା (ସେସବୁ ବର୍ଣ୍ଣନା କରି କହିଲେ ଦୀର୍ଘ ସମୟ ଲାଗିବ ଏବଂ ବହୁ ଜଟିଳ ହେବ), ତାହା, ରୂପାନ୍ତରର ବର୍ତ୍ତମାନ ଗତିସ୍ପନ୍ଦନର କ୍ଷିପ୍ରତାକୁ ଏକ ମୂର୍ତ୍ତି ରୂପ ଦେଇ ବର୍ଣ୍ଣନା କରିବାକୁ ଗଲେ, ଅତ୍ୟନ୍ତ ସଙ୍ଗଠିତ ହୋଇ ରହିଥିଲା । ଏବଂ, ଶ୍ରୀଅରବିନ୍ଦ ଈଷତ୍ ହସି ତୁମକୁ ଏହିପରି କିଛି କହିଥିଲେ : "ବର୍ତ୍ତମାନ ବିଶ୍ୱାସ ହେଲା ତ ?" ସତେ ଯେପରି ସେତେବେଳେ ସେ ସାବିତ୍ରୀ ଗ୍ରନ୍ଥର ଏହି ତିନୋଟି ଧାଡ଼ିକୁ ଆବାହନ କରି ଆଣୁଥିଲେ :

"ବିଜ୍ଞ ବ୍ୟକ୍ତିମାନେ କଥା କହୁଥିବେ ଓ ଶୋଇ ରହିଥିବେ,

କାରଣ, ପ୍ରକୃତ ମୁହୂର୍ତ୍ତଟି ଆସି ପହଞ୍ଚିବା ପର୍ଯ୍ୟନ୍ତ

ମନୁଷ୍ୟ ତାହାକୁ କଦାପି ଜାଣି ପାରିବ ନାହିଁ

ଏବଂ କାର୍ଯ୍ୟଟି ସମ୍ପନ୍ନ ନ ହେଲା ପର୍ଯ୍ୟନ୍ତ ତା'ର ବିଶ୍ୱାସ ବି ହେବ ନାହିଁ ।"

'oaob.nitrkl.ac.in' images reprocessed

ତୁମେ ଯେଉଁ ଧ୍ୟାନାବସ୍ଥାର ଅନୁଭବଟି କଥା କହୁଛ, ଏହା ତାହାର ଯଥେଷ୍ଟ ବ୍ୟାଖ୍ୟା କରିଦେଇ ପାରିବ ବୋଲି ମୁଁ ଭାବୁଛି ।

ମୋର ଅନେକ ଆଶୀର୍ବାଦ ।

୧ ଫେବୃଆରୀ ୧୯୭୩

*

Somebody asked me, —

In the work of Transformation, who is the slowest to do his part, man or God?"

I replied, —

man finds that God is too slow to answer his prayers.

God finds that man is too slow to receive His influence

But for the Truth-Consciousness all is going on as it ought to go.

'oaob.nitrkl.ac.in' images reprocessed

ମୋତେ କେହିଜଣେ ପଚାରିଥିଲେ,—

"ରୂପାନ୍ତରର କାର୍ଯ୍ୟଟିରେ, ମଣିଷ ନା ଭଗବାନ୍ କିଏ ଆପଣାର ଭାଗଟିକୁ ସମ୍ପନ୍ନ କରିବାରେ ସବୁଠାରୁ ଅଧିକ ମଠ କରୁଛନ୍ତି ?"

ମୁଁ ଉତ୍ତର ଦେଇଥିଲି,—

ମନୁଷ୍ୟ ଦେଖୁଛି ଯେ ତା' ପ୍ରାର୍ଥନାଗୁଡ଼ିକର ଜବାବ ଦେବାରେ ଭଗବାନ୍ ଅତିଶୟ ମଠ କରୁଛନ୍ତି ।

ଭଗବାନ୍ ଦେଖୁଛନ୍ତି ଯେ ମନୁଷ୍ୟ ତାଙ୍କର ପ୍ରଭାବକୁ ଗ୍ରହଣ କରିବାରେ ଅତିଶୟ ମଠ କରୁଛି ।

ମାତ୍ର, ସବୁକିଛି ଯେପରି ଭାବରେ ହେବା କଥା, ପରମ ଋତ-ଚିତ୍ ଲାଗି ସବୁ ଠିକ୍ ସେହିପରି ଭାବରେ ସମ୍ପନ୍ନ ହେବାରେ ଲାଗିଛି ।

❋

ଯେଉଁମାନେ ରୂପାନ୍ତର ନିମନ୍ତେ ପ୍ରସ୍ତୁତ ହୋଇ ରହିଛନ୍ତି, ସେମାନେ ଯେକୌଣସି ସ୍ଥାନରେ ମଧ୍ୟ ଏହା କରି ପାରିବେ । ଏବଂ, ଯେଉଁମାନେ ପ୍ରସ୍ତୁତ ହୋଇ ନାହାନ୍ତି, ସେମାନେ ଯେଉଁଠାରେ ରହିଲେ ମଧ୍ୟ ଏହାକୁ କଦାପି କରି ପାରିବେ ନାହିଁ ।

୧୬ ନଭେମ୍ବର ୧୯୬୧

❋

ଅତିମାନସ ରୂପାନ୍ତର ହେଉଛି କଠିନ ଆୟାସର କଥା ଏବଂ ସେଥିଲାଗି ଏକ ଶାନ୍ତ ଶରୀରର ଆବଶ୍ୟକତା ରହିଛି । ଆଉ କିଛି ସମୟ ଲାଗି, ସମ୍ଭବତଃ ଆଉ ଶହେ ବର୍ଷ ଲାଗି ଆପଣାର ଶକ୍ତି ଧାରଣ ନିମନ୍ତେ ଏହି ଭୌତିକ ଶରୀରକୁ ଖାଦ୍ୟ ଗ୍ରହଣ କରିବାକୁ ପଡ଼ିବ ।ଏବଂ ଆମକୁ ତାହାର ସେହି ଆବଶ୍ୟକତା ପାଖରେ ସମ୍ମତ ହୋଇ ରହିବାକୁ ହେବ ।

ଡିସେମ୍ବର ୧୯୬୬

❋

'oaob.nitrkl.ac.in' images reprocessed

# ଅମରତ୍ୱ

ଚିରନ୍ତନ ଯୌବନ : ଯେତେବେଳେ ଆମେ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ମିଳିତ ହୋଇଯାଉ, ସେତେବେଳେ ସେ ଆମକୁ ତାହା ଦାନ କରନ୍ତି ।

❊

ବାହ୍ୟ ରୂପଚୟସ୍ତୁ ସତତ ରୂପାନ୍ତରିତ ହୋଇ ଯାଉଛନ୍ତି ; ତୁମେ ନିଜକୁ ସେହି ଅମର ପରମ ଚେତନା ସହିତ ଏକାତ୍ମକ କରି ରଖ ଏବଂ ତୁମେ ମଧ୍ୟ ତାହାର ଅଧିକାରୀ ହୋଇ ପାରିବ ।

❊

ଅମରତ୍ୱ ଏକ ଲକ୍ଷ୍ୟ ନୁହେଁ, ଏପରିକି ଏହା ଏକ ସାଧନ ମଧ୍ୟ ନୁହେଁ । ପରମ ସତ୍ୟକୁ ବଞ୍ଚି ପାରିବାରୁହିଁ ତାହା ଏକ ସ୍ୱାଭାବିକ ପରିଣାମ ରୂପେ ଉପଲବ୍ଧ ହୋଇ ପାରିବ ।

❊

ସମଗ୍ର ଅମରତ୍ୱ : ଏହା ଏକ ପ୍ରତିଶ୍ରୁତି । ତାହା ଏକ ବାସ୍ତବ ସତ୍ୟରେ କେବେ ପରିଣତ ହେବ ?

❊

ଅତିମାନସ ଅମରତ୍ୱ : ଏହି ସତ୍ୟର ପ୍ରତିଷ୍ଠା ହୋଇ ସାରିଛି, ମାତ୍ର ଅତି ଅଳ୍ପ ସଂଖ୍ୟକ ମନୁଷ୍ୟସତ୍ତା ତାହାକୁ ଅନୁଭବ କରିଛନ୍ତି ।

❊

ପୃଥିବୀପୃଷ୍ଠରେ ଅତିମାନସ ଅମରତ୍ୱ : ଏହାର ଉପଲବ୍ଧି ହେବାକୁ ତଥାପି ବାକି ଅଛି ।

❊

'oaob.nitrkl.ac.in' images reprocessed

ପ୍ରାଣିକ ଅମରତ୍ୱ : ଆପଣାର ନିଜ କ୍ଷେତ୍ରଟିରେ ଏହା ଅବଶ୍ୟ ଅଛି, ମାତ୍ର ଦିବ୍ୟ ପରମସତ୍ତାଙ୍କ ନିକଟରେ ସମର୍ପିତ ହୋଇ ରହିବା ଦ୍ୱାରାହିଁ ପ୍ରସୀମିତ ହୋଇ ରହିଛି ।

*

ଅମରତ୍ୱ ଲାଗି ଅଭୀପ୍ସା : ଶୁଦ୍ଧ, ଅଭୀପ୍ସାବାନ୍, ବିଶ୍ୱାସବାନ୍ ।

*

ଅମରତ୍ୱ ଲାଗି ଭୌତିକ ଅଭୀପ୍ସା : ଅଭୀପ୍ସା ତୀବ୍ର ହୋଇଥିବ, ମାତ୍ର ସାଧନା ବିଷୟରେ ଅଙ୍କିତା ରହିଥିବ ।

*

ସମଗ୍ର ଅମରତ୍ୱ ଲାଗି ଅଭୀପ୍ସା : ଚେତନାର ଏକ ସଂଗଠିତ, ଅଧ୍ୟବସାୟପୂର୍ଣ୍ଣ ଓ ବିଧିବଦ୍ଧ ବିକାଶ ।

*

ଅମରତ୍ୱ ଅଭିମୁଖରେ ପ୍ରସ୍ଥାନ : ନିରବଚ୍ଛିନ୍ନ ଏବଂ ସହସମ୍ବନ୍ଧିତ ।

*

## ନୂତନ ସୃଜନ

ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବା ଉଦ୍ଦେଶ୍ୟରେ ଚେତନାକୁ ଏକୋଦ୍ଦିଷ୍ଟ କରି ଆଣିବାର ଅର୍ଥ ହେଉଛି କାର୍ଯ୍ୟ । ଏକ ନୂତନ ପୃଥିବୀର ସୃଜନ କ୍ଷେତ୍ରରେ ମଧ୍ୟ ଏହାର ବ୍ୟତିକ୍ରମ ହେବ ନାହିଁ ।

*

11

'oaob.nitrkl.ac.in' images reprocessed

ନୂତନ ସୃଜନର ଉପଲବ୍ଧି : ଏହିଟି ସକାଶେହିଁ ଆମେ ଆପଣାକୁ ପ୍ରସ୍ତୁତ କରିବା ।

*

ଅଭିପ୍ରେତ ନୂତନ ସୃଜନର ଦୃଷ୍ଟିରୁ ପୃଥିବୀକୁ ପ୍ରସ୍ତୁତ କରିନେବା ଲାଗି ସର୍ବୋଚ୍ଚ ପରମ ପ୍ରଜ୍ଞା ଯେକୌଣସି ପ୍ରତ୍ୟେକ ବସ୍ତୁକୁ ମଧ୍ୟ ଏକ ସାଧନରୂପେ ବ୍ୟବହାର କରିପାରେ !

*

ଅତିମାନସକୁ ଗ୍ରହଣ କରିବା ଲାଗି ଜଡ଼ର ପ୍ରସ୍ତୁତି : ନିଜକୁ ନୂତନ ସୃଜନ ଲାଗି ପ୍ରସ୍ତୁତ କରିବା ନିମନ୍ତେ ଜଡ଼ ଆପଣାର ପୁରାତନ ଅଭ୍ୟାସଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇ ଆସିବାକୁ ଚେଷ୍ଟା କରୁଥାଏ ।

*

ନୂତନ ସୃଜନର ଆଦର୍ଶ : ଭବିଷ୍ୟତରେ ନିଜକୁ ଉପଲବ୍ଧି କରି ପାରିବାକୁ ହେଲେ ଆଦର୍ଶ ଉତ୍ତରୋତ୍ତର ବର୍ଦ୍ଧନଶୀଳ ହୋଇ ରହିଥିବା ଆବଶ୍ୟକ ।

*

ନୂତନ ସୃଜନର ବିବିଧ ଶକ୍ତି : ନୂତନ ସୃଜନ ଅତିଶୟ ପରିମାଣରେ ସମ୍ଭାବନା ସମ୍ପନ୍ନ ହୋଇ ରହିଥିବ ।

*

ନୂତନ ସୃଜନର ମନୋହାରିତା : ଅଗ୍ରଗତି କରିବା ପାଇଁ ଇଚ୍ଛା କରୁଥିବା ପ୍ରତ୍ୟେକଙ୍କ ସକାଶେ ନୂତନ ସୃଜନ ଆକର୍ଷକ ହୋଇ ରହିଥାଏ ।

*

'oaob.nitrkl.ac.in' images reprocessed

ନୂତନ ସୃଜନର ସୌନ୍ଦର୍ଯ୍ୟ : ନୂତନ ସୃଜନ ଦିବ୍ୟ ପରମ ସତ୍ତାଙ୍କୁ ଅଭିବ୍ୟକ୍ତ କରି ଆଣିବା ଲାଗି ଅଧିକ ଭଲ ଭାବରେ ଉଦ୍ୟମ କରେ ।

*

ନୂତନ ସୃଜନର ଉପଯୋଗିତା : ଏହି ସୃଜନ ମନୁଷ୍ୟମାନଙ୍କୁ ନିଜର ସୀମାଗୁଡ଼ିକୁ ଅତିକ୍ରମ କରି ଆହୁରି ଆଗକୁ ଯିବାକୁ ଶିକ୍ଷାଦେବା ଲାଗି ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରିଥାଏ ।

'oaob.nitrkl.ac.in' images reprocessed

# ମୃତ୍ୟୁ ଓ ପୁନର୍ଜନ୍ମ

## ବୃଦ୍ଧାବସ୍ଥା ଓ ମୃତ୍ୟୁ

ଜୀବନର ଯେଉଁସବୁ ବର୍ଷକୁ ତୁମେ ବୃଥା ଅତିବାହିତ କରିଦିଅ, କେବଳ ସେହିଗୁଡ଼ିକହିଁ ତୁମକୁ ବୃଦ୍ଧ କରିପକାନ୍ତି ।

ବୃଥା ଅତିବାହିତ ହୋଇଥିବା ଗୋଟିଏ ବର୍ଷର ଅର୍ଥ ହେଉଛି ଯେ, ସେବର୍ଷ ତୁମ ଜୀବନରେ କୌଣସି ଅଗ୍ରଗତି ହାସଲ ହୋଇ ନାହିଁ, ତୁମର ଚେତନାରେ ଆଦୌ କୌଣସି ଅଗ୍ରଗତି ଘଟି ନାହିଁ ଏବଂ ପୂର୍ଣ୍ଣତାପ୍ରାପ୍ତି ଦିଗରେ କୌଣସି ଅଧିକ ପଦକ୍ଷେପ ନିଆଯାଇ ନାହିଁ ।

ତୁମ ନିଜଠାରୁ ଉଚ୍ଚତର ଏବଂ ପ୍ରଶସ୍ତତର କୌଣସି କିଛିର ଉପଲବ୍ଧି ନିମନ୍ତେ ତୁମେ ନିଜର ଜୀବନକୁ ନିବେଦିତ କରି ରଖ ଏବଂ ତା'ହେଲେ ତୁମେ କେବେହେଲେ ଅତିବାହିତ ହୋଇଯାଉଥିବା ବର୍ଷଗୁଡ଼ିକର ଓଜନକୁ ଅନୁଭବ କରିପାରିବ ନାହିଁ ।

୨୧ ଫେବୃଆରୀ ୧୯୫୮

*

ଜନ୍ମଠାରୁ ମୃତ୍ୟୁ ଅବଧି, ଜୀବନ ହେଉଛି ଏକ ବିପଜ୍ଜନକ ବସ୍ତୁ ।

ସାହସୀ ବ୍ୟକ୍ତିମାନେ ଆଶଙ୍କିତ ବିପଦଗୁଡ଼ିକ ବିଷୟରେ କୌଣସି ଚିନ୍ତା ନ କରି ସେହି ଅବଧିଟିକୁ ଅତିକ୍ରମ କରନ୍ତି ।

ବୁଦ୍ଧିମାନ୍‌ମାନେ ସାବଧାନତା ଅବଲମ୍ବନ କରନ୍ତି ।

ଭୀରୁ ସ୍ୱଭାବର ବ୍ୟକ୍ତିମାନେ ସବୁକିଛିକୁ ଭୟ କରୁଥାନ୍ତି ।

ମାତ୍ର ପରିଶେଷରେ, ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଯାହାସବୁ ଘଟେ, ତାହା କେବଳ ସର୍ବୋଚ୍ଚ ପରମ ଇଚ୍ଛାର ନିଷ୍ପତ୍ତି ଅନୁସାରେହିଁ ଘଟିଥାଏ ।

୧୯ ଜୁନ୍ ୧୯୬୭

*

'oaob.nitrkl.ac.in' images reprocessed

ଯେଉଁମାନେ ବଞ୍ଚିଛନ୍ତି, ସେମାନଙ୍କ ଭିତରୁ କେତେକ ଆଗରୁ ଅର୍ଦ୍ଧମୃତ ଅବସ୍ଥାରେ ରହିଛନ୍ତି । ଅନେକ ମୃତ ବ୍ୟକ୍ତି ଏବେ ମଧ୍ୟ ବହୁ ପରିମାଣରେ ଜୀବିତ ଅଛନ୍ତି ।

*

ପ୍ରିୟ ବନ୍ଧୁ,

ତୁମର ପତ୍ର ମୋତେ ଯେଉଁ ସମ୍ବାଦ ଆଣି ଦେଲା, ମୁଁ ତାହାକୁ ଆଗରୁ ଜାଣିଥିଲି । କାରଣ, ଅନେକ ସମୟରେ ତୁମ ବିଷୟରେ ଭାବନା ତୁମକୁ ସ୍ମରଣ କରାଇଦେଇ ଯାଏ ଏବଂ ତୁମର ଦୁଃଖକଷ୍ଟଗୁଡ଼ିକ ସହିତ ମୋତେ ଅବହିତ କରାଇ ରଖିଥାଏ । ବସ୍ତୁତଃ ପ୍ରତ୍ୟେକ ବ୍ୟକ୍ତିର ଆପଣାର ଦୁଃଖ ଓ କଷ୍ଟ ଅବଶ୍ୟ ରହିଛି, ଏବଂ, ତୁମକୁ ଓ ମୋତେ ଏକଥା ଭଲ ଭାବେ ଜଣାଅଛି ଯେ, କେବଳ ଆମର ଅନ୍ତର୍ଗତ ଦୃଷ୍ଟିକୋଣର ଭୂମିରେହିଁ ଶାନ୍ତି ଉପଲବ୍ଧ ହୋଇଥାଏ ।

ଯେତେଦିନ ପର୍ଯ୍ୟନ୍ତ ଆମେ ଏକ ଶରୀର ମଧ୍ୟରେ ରହିଥାଉ, ସେହି ଶରୀରର ବୟସ ଏବଂ ସନ୍ତାପଗୁଡ଼ିକ ଯାହା ହୋଇଥାଉ ପଛକେ, ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ସେଇଟି ମଧ୍ୟରେ ଆମର କିଛି କରିବାକୁ ଥାଏ ଅଥବା ଶିକ୍ଷା କରିବାକୁ ମଧ୍ୟ ରହିଥାଏ ଏବଂ ସେହି ପ୍ରତ୍ୟୟହିଁ ଆମକୁ ଯାବତୀୟ ସୁଖଦୁଃଖର ସମ୍ମୁଖୀନ ହେବା ଲାଗି ଆମକୁ ଆବଶ୍ୟକ ବଳ ଆଣି ଦେଇଥାଏ ।

ତିବ୍ବତୀୟ ଶରଣାର୍ଥୀମାନଙ୍କ ସହିତ ତୁମର ସମ୍ପର୍କ ଘଟାଇ ମୁଁ ଆଶା କରିଥିଲି ଯେ, ସେମାନଙ୍କ ଭିତରେ ଏପରି ଅନ୍ତତଃ ଜଣେ କେହି ରହିଥିବ, ଯିଏ କି ବୁଦ୍ଧିର କ୍ଷେତ୍ରରେ ବିକାଶ ଲାଭ କରିବାର ଏହି ସୁଯୋଗଟିକୁ ହାସଲ କରିବା ଲାଗି ନିଜର ଜୀବନକୁ ଉତ୍ସର୍ଗ କରିବ ଏବଂ ଏହି ସେବା କାର୍ଯ୍ୟର ବଦଳରେ ତୁମେ ତାକୁ ଯାହାକିଛି ଶିକ୍ଷା ଦେଇ ପାରିବ, ସିଏ ତାହାକୁ ଶିକ୍ଷା କରିବ ।

ଏକଥା କ'ଣ ସମ୍ଭବ ହୋଇ ପାରନ୍ତା ନାହିଁ ?

ମୁଁ ପରମ କରୁଣାକୁ ଏକ କ୍ରିୟାଶୀଳ ସତ୍ତା ବୋଲି ଅନୁଭବ କରଥାଏ, ଯାହା କି କାଳକାଳ ଧରି ଆମର ନିୟତିକୁ ପରିଚାଳିତ କରି ଆସୁଛି ।

ଆମର ଏଡ଼େ ତରତର ହୋଇ ଏଠାରୁ ବିଦାୟ ନେଇ ଚାଲିଯିବାକୁ ଆଦୌ ଇଚ୍ଛା କରିବା ଉଚିତ ନୁହେଁ, — ଏପରିକି, ଚରମ ଶାନ୍ତି ଲାଭ କିଂବା ନିର୍ବାଣପ୍ରାପ୍ତିର ଉଲ୍ଲାସ ମଧ୍ୟକୁ ପ୍ରବେଶ କରିବାକୁ ରହିଥିଲେ ମଧ୍ୟ ସେଥିଲାଗି ତରତର ହେବା ଉଚିତ ନୁହେଁ । ଯେପର୍ଯ୍ୟନ୍ତ ଆମେ ଏକ ଶରୀର ଭିତରେ ରହିଛୁ,

'oaob.nitrkl.ac.in' images reprocessed

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଆମର ସେଇଟି ମଧ୍ୟରେ ଅବଶ୍ୟ କିଛି କାର୍ଯ୍ୟ କରିବାକୁ ଅଥବା ଶିକ୍ଷା କରିବାକୁ ରହିଛି ।

*

ମୃତ୍ୟୁବରଣ କରିବାର ଏହି ପ୍ରସ୍ତାବନାଟି ପ୍ରକୃତରେ ସେହି "ଅହଂ"ଟି ମଧ୍ୟରୁହିଁ ଆସେ; ଏଥର ଆସ୍ଥାନଟିକୁ ଛାଡ଼ିବାକୁ ହେବ ବୋଲି ଅହଂ ଅନୁଭବ କରିବାକୁ ଆରମ୍ଭ କରିବା ମାତ୍ରକେ ତାହା ସେହିପରି ଚକ୍ରା କରିଥାଏ ।

*

ତୁମେ ଚରମ ତ୍ୟାଗ ବିଷୟରେ କହୁଛ, ମାତ୍ର ଶରୀର ତ୍ୟାଗ କରିବାକୁ କଦାପି ଚରମ ତ୍ୟାଗ ବୋଲି କୁହାଯିବ ନାହିଁ । ଅହଂର ତ୍ୟାଗ ହେଉଛି ଏକମାତ୍ର ଯଥାର୍ଥ ଓ ସମ୍ପୂର୍ଣ୍ଣ ତ୍ୟାଗ, ଏବଂ ତାହା ଏକ ଅଧିକା ଆୟାସକର କାର୍ଯ୍ୟ । ଯଦି ତୁମେ ଅହଂକୁ ଛାଡ଼ି ନ ପାରିଛ, ଶରୀରକୁ ତ୍ୟାଗ କରି ତୁମେ କଦାପି ମୁକ୍ତି ପାଇବ ନାହିଁ ।

*

(ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ "ପ୍ରେମ ଓ ମୃତ୍ୟୁ" କବିତାରେ ବର୍ଣ୍ଣିତ ରାତ୍ରି ଏବଂ ଦୁଃଖର ରାଜ୍ୟଗୁଡ଼ିକ ବିଷୟରେ)

ପ୍ରାଣିକ ଜଗତଟି ସାଧାରଣତଃ ସେହିପରି ହୋଇ ରହିଥାଏ, ଏବଂ ଯେଉଁ ବ୍ୟକ୍ତିମାନେ ଗୋଟାସୁଦ୍ଧା ଭୌତିକ ତଥା ପ୍ରାଣିକ ମଧ୍ୟରେ ଜୀବନ କଟାଉଥାନ୍ତି, ସେମାନେ ମୃତ୍ୟୁପରେ ସେହିଠାକୁ ଯାଆନ୍ତି । ତଥାପି, ସେହି କ୍ଷେତ୍ରରେ ମଧ୍ୟ ପରମ କରୁଣା ରହିଥାଏ ! ···

*

ମୃତ୍ୟୁ ଯାହା ହୋଇଥିବ ବୋଲି ତୁମେ ବିଶ୍ୱାସ କରୁଛ, ତାହା ଆଦୌ ସେପରି ନୁହେଁ । ମୃତ୍ୟୁଠାରୁ ତୁମେ ଏକ ଅଚେତନ ବିଶ୍ରାମାବସ୍ଥାର ନିରପେକ୍ଷ

'oaob.nitrkl.ac.in' images reprocessed

ଶାନ୍ତି ଲାଭ କରିବ ବୋଲି ପ୍ରତ୍ୟାଶା ରଖିଛ । ମାତ୍ର, ସେହି ବିଶ୍ରାମ ପ୍ରାପ୍ତ କରିବାକୁ ହେଲେ ତୁମକୁ ସେଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

ମୃତ୍ୟୁ ସମୟରେ ତୁମେ କେବଳ ଏହି ଦେହଟିକୁ ଛାଡ଼ି ଚାଲିଯାଅ, ଏବଂ ଯୁଗପତ୍ ଭାବରେ ସେତେବେଳେ ଏହି ଜଡ଼ସ୍ଥ ପୃଥିବୀ ସହିତ ସମ୍ବନ୍ଧ ରଖିବାର ତଥା ସେଠାରେ କାର୍ଯ୍ୟ କରିବାର ସମ୍ଭାବନାଗୁଡ଼ିକ ମଧ୍ୟ ଲୁପ୍ତ ହୋଇଯାଏ । ମାତ୍ର ଭୌତିକ ଘଟଟି ଚାଲିଯିବା ସହିତ ପାଣିକ ଜଗତ ସହିତ ସମ୍ବନ୍ଧ ରଖିଥିବା ଆଦୌ କିଛିହେଲେ ତୁମକୁ ଛାଡ଼ି ଯାଏ ନାହିଁ ; ତୁମର ଯାବତୀୟ ବାସନା, ଆସକ୍ତି ଓ ଅଭିଳାଷ ସେଗୁଡ଼ିକର ବ୍ୟର୍ଥତା ତଥା ନୈରାଶ୍ୟର ବୋଧଟି ସହିତ ତଥାପି ବଳବତ୍ତର ରହିଥାଏ ଏବଂ ସେମାନେ ସମସ୍ତେ ମିଶି ତୁମକୁ ତୁମର ପ୍ରତ୍ୟାଶିତ ଶାନ୍ତିକୁ ଲାଭ କରିବାରୁ ବଞ୍ଚିତ କରି ରଖିଥାନ୍ତି । ଏକ ଶାନ୍ତିମୟ ଏବଂ ଘଟନାହୀନ ମୃତ୍ୟୁର ସୌଭାଗ୍ୟ ଲାଭ କରିବାକୁ ହେଲେ ତୁମକୁ ସେଥିଲାଗି ପ୍ରସ୍ତୁତ ହେବାକୁ ପଡ଼ିବ । ଏବଂ ବାସନାଗୁଡ଼ିକର ବିଲୁପ୍ତିସାଧନ, ତାହାହିଁ ସେଥିଲାଗି ଏକମାତ୍ର ଫଳପ୍ରଦ ପ୍ରସ୍ତୁତି ।

ଏକ ଶରୀର ରହିଥିବା ପର୍ଯ୍ୟନ୍ତ ଆମକୁ କ୍ରିୟାଶୀଳ ରହିବାକୁ ପଡ଼ିବ, କର୍ମ କରିବାକୁ ହେବ, କିଛି ନା କିଛି ଅବଶ୍ୟ କରିବାକୁ ହେବ : ମାତ୍ର, ଯଦି କେବଳ କରିବାକୁ ପଡ଼ୁଛି ବୋଲି ଆମେ ତାହାକୁ କରୁଥାଉ, ଯଦି ଫଳପ୍ରାପ୍ତିର କୌଣସି ଆକାଙ୍‌କ୍ଷା ରଖି ନ ଥାଉ ବା କାର୍ଯ୍ୟଟି ଏପରି ହେଉ ଅଥବା ସେପରି ହେଉ ବୋଲି ଆଦୌ ଇଚ୍ଛା କରୁ ନ ଥାଉ, ତେବେ ତାହା ଆମକୁ ଅଧିକରୁ ଅଧିକ ପରିମାଣରେ ଏକ ନିର୍ବାଣକ୍ତି ପ୍ରଦାନ କରୁଥିବ ଏବଂ ଏହିପରି ଭାବରେ ଆମେ ନିଜକୁ ଏକ ବିଶ୍ରାମଦାୟକ ମୃତ୍ୟୁ ଲାଗି ପ୍ରସ୍ତୁତ କରି ନେଉଥିବା ।

❋

ଯଦି ତୁମେ ମୃତ୍ୟୁଠାରୁ ଦୂରରେ ରହିବାକୁ ଇଚ୍ଛା କରୁଥାଅ, ତେବେ ବିନାଶଶୀଳ କୌଣସି ବସ୍ତୁ ସହିତ ଆପଣାକୁ ବାନ୍ଧି ରଖିବ ନାହିଁ ।

ଯାହାପ୍ରତି ଆମର ଆଦୌ କୌଣସି ଭୟ ନାହିଁ, ଆମେ କେବଳ ତାହାକୁହିଁ ଜୟ କରି ପାରିବା । ଏବଂ, ଯିଏ ମୃତ୍ୟୁକୁ ଭୟ କରୁଛି, ସିଏ ମୃତ୍ୟୁ ପାଖରେ ପ୍ରକୃତରେ ପରାଜିତ ହୋଇ ସାରିଲାଣି ।

❋

'oaob.nitrkl.ac.in' images reprocessed

ମୃତ୍ୟୁକୁ ପରାସ୍ତ କରି ଅମରତ୍ୱ ଲାଭ କରିବାକୁ ହେଲେ, ଆମେ ମୃତ୍ୟୁକୁ ଭୟ କରିବା ନାହିଁ କିଂବା ତାହାଲାଗି କୌଣସି ବାସନା ମଧ୍ୟ ରଖିବା ନାହିଁ ।

*

ଆମର ଲକ୍ଷ୍ୟ ଅମରତ୍ୱ ।

ଏବଂ ଅଭ୍ୟାସ ବୋଲି ଯାହାକିଛି ସେଇଁଠି ରହିଛି, ମୃତ୍ୟୁ ହେଉଛି ନିଃସନ୍ଦେହ ଭାବରେ ସେଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ଅନମନୀୟ ।

*

ଆଧ୍ୟାତ୍ମିକ ଜ୍ଞାନର ଦୃଷ୍ଟିକୋଣରୁ ବିଚାର କଲେ, ଜର୍ଜରତା ଏବଂ କ୍ଷୟପ୍ରାପ୍ତି—ବିଘଟନ—ତାହା ହେଉଛି ପ୍ରତ୍ୟକ୍ଷ ତଥା ନିଃସନ୍ଦେହ ଭାବରେ ଏକ ଭୁଲ ଦୃଷ୍ଟିକୋଣର ପରିଣାମ ।

*

୧. ଲୋକେ ଶରୀର ତ୍ୟାଗ କରି ଯିବାକୁ ବାଧ୍ୟ ହୁଅନ୍ତି କାହିଁକି ?

କାରଣ, ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ପ୍ରକୃତି ଯେପରି କ୍ରମାଗ୍ରଗତି କରି ଚାଲିଛି, ସେମାନେ ତାହା ସହିତ ତାଳ ମିଳାଇ ଗତି କରିବାର ଉପାୟଟିକୁ ଜାଣି ନ ଥାନ୍ତି ।

୨. ଜଣେ ମୃତ ବ୍ୟକ୍ତିର ଶରୀରକୁ ସମ୍ମାନ କରିବା ଉଚିତ କି ? ଯଦି କରିବା ଉଚିତ, ତେବେ କିପରି ?

ଜୀବନ୍ତ ଓ ମୃତ ସବୁକିଛିକୁ ସମ୍ମାନ କରିବା ଉଚିତ । ଜାଣିରଖିବା ଉଚିତ ଯେ, ଯାବତୀୟ ସକଳ ବସ୍ତୁ ଦିବ୍ୟପରମଚେତନା ମଧ୍ୟରେ ଅବସ୍ଥିତ ରହିଛନ୍ତି ।

ଆମର ହୃଦୟ ଭିତରେ ଏବଂ ଅନ୍ତରସ୍ଥ ଦୃଷ୍ଟିକୋଣରେ ସେହି ସମ୍ମାନବୋଧ ରହିଥିବା ଉଚିତ ।

'oaob.nitrkl.ac.in' images reprocessed

୩. ଜଣେ ମୃତ ବ୍ୟକ୍ତିର ଶରୀର ଭିତରେ ଦିବ୍ୟ ପରମସତ୍ତା ଅବସ୍ଥିତ ଥାଆନ୍ତି କି ?

ଦିବ୍ୟ ପରମସତ୍ତା ସର୍ବତ୍ର ରହିଥାନ୍ତି; ଏବଂ ମୁଁ ପୁନର୍ବାର କହି ରଖୁଛି ଯେ, ଦିବ୍ୟ ପରମସତ୍ତାଙ୍କ ପାଇଁ କିଛି ଜୀବିତ ନାହିଁ ବା କିଛି ମୃତ ମଧ୍ୟ ନାହିଁ — ସକଳ ବସ୍ତୁ କେବଳ ଶାଶ୍ୱତ ଭାବରେ ଅବସ୍ଥିତ ରହିଛି ।

୪. ଆତ୍ମାକୁ ସୁଖୀ ରଖିବା ପାଇଁ ଆମର କ'ଣ କରିବା ଉଚିତ, ଯେପରିକି ତାହା ଉତ୍ତମ ପରିବେଶ ମଧ୍ୟରେ, ଉଦାହରଣ ସ୍ୱରୂପ ଏକ ଆଧ୍ୟାତ୍ମିକ ବାତାବରଣରେ ପୁନର୍ବାର ଅବତୀର୍ଣ୍ଣ ହୋଇପାରିବ ?

ଦୁଃଖରୁ ମୁକ୍ତ ହୋଇ ରହ ଓ ଅତ୍ୟନ୍ତ ଶାନ୍ତ ଏବଂ ସ୍ଥିର ରହିଥାଅ, ଏବଂ ଯିଏ ସଂସାରରୁ ବିଦାୟ ନେଇ ଚାଲିଗଲେ, ତାଙ୍କର ସ୍ନେହପୂର୍ଣ୍ଣ ସ୍ମରଣ କର ।

୫. ଆତ୍ମାମାନେ କାନ୍ଦନ୍ତି କି ?

ଯେତେବେଳେ କୌଣସି ବସ୍ତୁ ଦ୍ୱାରା ସେମାନେ ଦିବ୍ୟ ପରମସତ୍ତାଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଆନ୍ତି ।

୬. ଜଣେ ବ୍ୟକ୍ତିକୁ କାନ୍ଦିବାରୁ ନିବୃତ୍ତ କରାଯାଇ ପାରିବ କିପରି ?

ତୁମେ ତାହାକୁ ଆନ୍ତରିକତା ସହିତ ଓ ଗମ୍ଭୀରଭାବରେ ଭଲ ପାଇବ ; ମାତ୍ର ତାହାର ଲୋତକକୁ ବନ୍ଦ କରିବାର କୌଣସି ଚେଷ୍ଟା କରିବ ନାହିଁ ।

*

ସାଧାରଣତଃ, ମୃତ ବ୍ୟକ୍ତିର ଚେତନା ଯିଏ ଦେହ ଛାଡ଼ି ଚାଲିଯିବା ପରେ ସେହି ଦେହକୁ କ'ଣସବୁ ଘଟେ, ସେସବୁ ବିଷୟରେ ଆଦୌ କୌଣସି ବେଦନା

'oaob.nitrkl.ac.in' images reprocessed

ଅନୁଭବ କରିବା ଉଚିତ ନୁହେଁ । ମାତ୍ର, ଜଡ଼ ଶରୀର ମଧ୍ୟରେ ମଧ୍ୟ ଏପରି ଗୋଟିଏ ଚେତନା ରହିଥାଏ, — ତାହାକୁ "ଦେହର ଭାବ" କୁହାଯାଏ, — କୋଷସମଷ୍ଟି ମଧ୍ୟରୁ ସମ୍ପୂର୍ଣ୍ଣ ଭାବରେ ବାହାରିଯାଇ ପାରିବା ଲାଗି ତାହାକୁ ଅବଶ୍ୟ କିଛି ସମୟ ଲାଗିଥାଏ । ସେଇଟିର ଗ୍ଳାଲିଯିବାକୁ ଏକ ସାଧାରଣ ଅପଘଟନର ଆରମ୍ଭ ବୋଲି କୁହାଯିବ ; ଏବଂ, ଗ୍ଳାଡ଼ି ଗ୍ଳାଲିଯିବା ପୂର୍ବରୁ, ଶରୀରର କ୍ଷେତ୍ରରେ କ'ଣସବୁ ଘଟୁଛି, ସେହି ବିଷୟରେ ହୁଏତ ତାହାର ଗୋଟିଏ ପ୍ରକାରର ଅନୁଭବ ହୋଇପାରେ । ତେଣୁ, ତରତର ହୋଇ ଶବସଂସ୍କାର କରି ନ ପକାଇବାକୁହିଁ ସର୍ବଦା ଅଧିକ କରଣୀୟ ବୋଲି କୁହାଯିବ ।

୧୩ ନଭେମ୍ବର ୧୯୬୬

✱

ତୁମେ କହୁଛ ଯେ ସମ୍ବାଦପତ୍ରରୁହିଁ ତୁମେ ତୁମର ସ୍ୱସୁର ମରିଥିବାର ସମ୍ବାଦ ପାଇଲ । ଅର୍ଥାତ୍, ବେଶ୍ ଅଳ୍ପ କେତେ ଦିନ ପୂର୍ବରୁ ପିଲାଟିର ମୃତ୍ୟୁ ହୋଇଥିଲା । ଏହି ଘଟନା ଦ୍ୱାରା କ ଏବଂ ଖ ଆପଣାର ପରିବେଶରେ, ସେମାନଙ୍କର ଅନୁଭବ, ଭାବନା ଏବଂ ଅବବୋଧଗୁଡ଼ିକର କ୍ଷେତ୍ରରେ କୌଣସି ପାର୍ଥକ୍ୟ ଘଟିଥିବାର ବୋଧ କରିଥିଲେ କି ? — ସେମାନେ ଏପରି କୌଣସି ପାର୍ଥକ୍ୟ, ଏକ ଅସ୍ୱସ୍ତି କିଂବା କିଛି ହରାଇ ଥିବାର ଅନୁଭବ ଲାଭ କରିଥିଲେ, ଯାହାକୁ କି ସେମାନଙ୍କ ଦୁଃଖର ଏକ ପ୍ରକୃତ କାରଣ ବୋଲି କୁହାଯାଇ ପାରିବ ? ମୁଁ ବେଶ୍ ନିଶ୍ଚିତ ଭାବରେ କହିବି ଯେ ସେମାନେ ସେପରି କିଛି ଅନୁଭବ କରି ନ ଥିଲେ । ତେଣୁ, ଯଦି ସେମାନଙ୍କର ମନରେ କିଛି ଦୁଃଖ ହୋଇଥାଏ, ତେବେ ସେହି ଦୁଃଖ ଆଦୌ ପ୍ରକୃତରେ ପ୍ରକୃତ ଦୁଃଖ ନୁହେଁ, ତାହା ସାଧାରଣ ଚିରାଚରିତ ଭାବନା ଏବଂ ଅନୁଭବର ପରିଣାମ ସ୍ୱରୂପହିଁ ଘଟିଛି । ଏସବୁ ଭ୍ରମ ସେହି ପରିବାରର ବୋଧରୁହିଁ ଜନ୍ମଲାଭ କରିଛି ; —ସେହି ବୋଧକୁ ଯାବତୀୟ ଚଳଣି ମଧ୍ୟରେ ଗୋଟିଏ ସବୁଠାରୁ ଅଧିକ କୃତ୍ରିମ ଏବଂ ମିଥ୍ୟାପୂର୍ଣ୍ଣ ବୋଧ ବୋଲି କୁହାଯିବ ।

ପ୍ରକୃତ କଥା ହେଉଛି, ପିଲାଟି ସେମାନଙ୍କର ପରିବେଶ ମଧ୍ୟରେ ଆଦୌ ନ ଥିଲା ; ତା' ନ ହେଲେ, ସେହି ସମ୍ବାଦଟି ପାଇବାର ଆଦୌ କୌଣସି ଆବଶ୍ୟକତା ନ ଥାଇ ମଧ୍ୟ ସେମାନେ ତା'ର ମୃତ୍ୟୁ ସମ୍ବନ୍ଧରେ ସଜ୍ଞାନ ହୋଇ ପାରିଥା'ନ୍ତେ । ପ୍ରତ୍ୟେକ ଦିନ ଯେଉଁ ଦୁଇ ଲକ୍ଷ ମନୁଷ୍ୟଙ୍କର ମୃତ୍ୟୁ ଘଟୁଛି, ସେମାନଙ୍କ ମଧ୍ୟରୁ କୌଣସି ଜଣେ ମନୁଷ୍ୟର ତୁଳନାରେ ସେହି ପିଲାଟି ସେମାନଙ୍କର ପରିବେଶରେ ଆଦୌ ଅଧିକ ପରିମାଣରେ ରହି ନ ଥିଲା । କାରଣ, ପ୍ରତ୍ୟେକ ଦିନ ହାରାହାରି ଦୁଇଲକ୍ଷ ବ୍ୟକ୍ତିଙ୍କର ପ୍ରତ୍ୟହ ମୃତ୍ୟୁ ଘଟୁଛି ।

'oaob.nitrkl.ac.in' images reprocessed

ସେମାନେ ତାହା ଜାଣିଛନ୍ତି କି ? ମୃତ୍ୟୁ କ'ଣ ଏହି ସଂସାରର ଏକ ସାଧାରଣ ଘଟଣା ନୁହେଁ ଓ ଏହା କ'ଣ ପ୍ରତ୍ୟେକ ଦିନ ଘଟୁ ନାହିଁ ଯେ, ସେମାନେ ଚହ୍ନିଥିବା କୌଣସି ବ୍ୟକ୍ତି ଏହି ସାଧାରଣ ନିୟମଗୁଡ଼ିକୁ ଏଡ଼ିଦେଇ ପାରିବ ବୋଲି ସେମାନେ ପ୍ରକୃତରେ ଆଶା ପୋଷଣ କରି'ପାରିବେ ?

✽

ତୁମ ବାପାଙ୍କର ମୃତ୍ୟୁର ସମୟ ଆସି ପହଞ୍ଚିଥିଲା, ସେହି କାରଣରୁହିଁ ତାଙ୍କର ମୃତ୍ୟୁ ଘଟିଲା । ପରିସ୍ଥିତିଗୁଡ଼ିକୁ ହୁଏତ ଏକ ଅବସର ବୋଲି କୁହାଯାଇ ପାରିବ, ମାତ୍ର କଦାପି ଏକ କାରଣ ବୋଲି କୁହାଯିବ ନାହିଁ । କାରଣ ତ ଦିବ୍ୟ ପରମ ସତ୍ତାଙ୍କର ଇଚ୍ଛା ମଧ୍ୟରେହିଁ ରହିଛି ଓ କୌଣସି ପରିସ୍ଥିତିରେହିଁ ତାହା ଅନ୍ୟଥା ହେବ ନାହିଁ ।

ତେଣୁ ତୁମେ କୌଣସି ଦୁଃଖ କର ନାହିଁ ଓ ଆପଣାର ସମସ୍ତ ଦୁଃଖକୁ ଦିବ୍ୟ ପରମସତ୍ତାଙ୍କର ଚରଣତଳେ ନେଇ ସମର୍ପଣ କରିଦିଅ । ସେଇ ତୁମକୁ ଶାନ୍ତି ପ୍ରଦାନ କରିବେ, ଦୁଃଖ ମଧ୍ୟରୁ ମୁକ୍ତ କରି ଆଣିବେ ।

✽

(ନିଜ ବନ୍ଧୁଙ୍କର ମୃତ୍ୟୁ ଘଟିଥିବା ଜଣେ ବ୍ୟକ୍ତିଙ୍କ ଲାଗି)

ବର୍ତ୍ତମାନ ତୁମେ ଆଉ ଏହି ଶରୀର ଉପରକୁ ନିଜକୁ ଆନତ କରି ଆଣି ତାହାର ସେବା କରି ପାରିବ ନାହିଁ, ଆପଣାର କାର୍ଯ୍ୟଗୁଡ଼ିକର ମଧ୍ୟଦେଇ ତୁମେ ଆଉ ତୁମର ଗଭୀର ସ୍ନେହକୁ ବ୍ୟକ୍ତ କରି ପାରିବ ନାହିଁ ; — ଏବଂ ସେହି କଥା-ଗୁଡ଼ିକହିଁ ଏହା ତୁମକୁ ଦୁଃଖିତ କରି ଦେଉଛି । ମାତ୍ର ତୁମକୁ ସେହି ଦୁଃଖକୁ ଅତିକ୍ରମ କରି ଭିତରକୁ ଦୃଷ୍ଟିପାତ କରିବାକୁ ପଡ଼ିବ, ଊର୍ଦ୍ଧ୍ୱକୁ ଦୃଷ୍ଟିପାତ କରିବାକୁ ପଡ଼ିବ, — କାରଣ କେବଳ ଜଡ଼ ଶରୀରଟାରହିଁ କ୍ଷୟ ଘଟିବ । ତାଙ୍କ ଭିତରେ ତୁମେ ଯାହାକିଛିକୁ ଭଲ ପାଉଥିଲ, ଜଡ଼ ଆବରଣଟିର କ୍ଷୟ ଘଟିବା ଦ୍ୱାରା ତାହା ଉପରେ ଆଦୌ କୌଣସି ଆଞ୍ଚ ଆସିବ ନାହିଁ । ଏବଂ ଯଦି, ଏକ ଗଭୀର ପ୍ରେମର ପ୍ରଶାନ୍ତି ମଧ୍ୟରେ, ତୁମେ ନିଜର ଭାବନା ତଥା ନିଜର ଶକ୍ତିକୁ ତାଙ୍କ ଉପରେ ଅଭିନିବେଶିତ କରି ରଖିପାରିବ, ତେବେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ସିଏ ତୁମର ଅତ୍ୟନ୍ତ ନିକଟରେହିଁ ଆସି ଅବସ୍ଥିତ ରହିବେ ଏବଂ ତାଙ୍କ ସହିତ

'oaob.nitrkl.ac.in' images reprocessed

ତୁମର ଏକ ସଚେତନ ସମ୍ପର୍କ — ଅଧିକରୁ ଅଧିକ ପରିମାଣରେ ମୂର୍ତ୍ତି ହୋଇ ରହୁଥିବା ଏକ ସମ୍ପର୍କ ଅବ୍ୟାହତ ରହୁପାରିବ ।

*

ଜୀବନ ଅମର । କେବଳ ଶରୀରରହିଁ ମୃତ୍ୟୁ ହୁଏ ।

୧୦ ମାର୍ଚ୍ଚ ୧୯୭୧

*

ଆମେ ମୃତ୍ୟୁକୁ ଏକ ଦେବତା ବୋଲି କହୁ କାହିଁକି ? ମିଥ୍ୟାର ଅଧିଷ୍ଠାତା ପରି ମୃତ୍ୟୁ ମଧ୍ୟ ଏକ ଅସୁର ନୁହେଁ କି ?

ମନୁଷ୍ୟର ଚେତନା ମଧ୍ୟରେହିଁ ମୃତ୍ୟୁ ଏକ ଦେବତାରେ ପରିଣତ ହୋଇଛି ଏବଂ ସେହି କାରଣରୁ ତାହାର ରୂପାନ୍ତର ଘଟାଇବା ଏତେ କଷ୍ଟକର ହୋଇ ରହିଛି ।

* ୨୯ ଅକ୍ଟୋବର ୧୯୭୨

## ପୁନର୍ଜନ୍ମ

ଶ୍ରୀଅରବିନ୍ଦ କହିଛନ୍ତି ଯେ, ମୃତ୍ୟୁ ହେବାର କିଛି ସମୟ ପରେ ପ୍ରାଣିକ ଓ ମାନସିକ କୋଷଗୁଡ଼ିକ କ୍ଷୟପ୍ରାପ୍ତ ହୁଅନ୍ତି ଏବଂ ଆତ୍ମା ଯେପରି ପରବର୍ତ୍ତୀ ନୂତନ କୋଷଗୁଡ଼ିକୁ ଗ୍ରହଣ କରି ପାରିବ, ସେଥିଲାଗି ସେମାନେ ତାହାକୁ ଚୈତ୍ୟ ଜଗତ ମଧ୍ୟରେ ପ୍ରବିଷ୍ଟ ହେବାଲାଗି ମୁକ୍ତ କରିଦେଇ ଯାଆନ୍ତି । ସେହି କ୍ଷେତ୍ରରେ ପୁରାତନ କୋଷ-ଗୁଡ଼ିକର କର୍ମ ତଥା ସଂସ୍କାରଗୁଡ଼ିକର କ'ଣ ପରିଣତି ହୁଏ ? ସେଗୁଡ଼ିକ ମଧ୍ୟ କ'ଣ ଭଲ ଓ ମନ୍ଦ ଆଦୌ କୌଣସି ପରିଣାମ ନ ଘଟାଇ କ୍ଷୟପ୍ରାପ୍ତ ହୋଇ ଯାଆନ୍ତି । ମାତ୍ର

'oaob.nitrkl.ac.in' images reprocessed

କର୍ମର ସିଦ୍ଧାନ୍ତ ଅନୁସାରେ ସେମାନଙ୍କର ଅବଶ୍ୟ କିଛି ନା କିଛି ପରିଣାମ ଘଟିବାର କଥା । ଏବଂ, ପ୍ରାଣିକ ଏବଂ ମନୋମୟ କୋଷଦ୍ୱୟର ବିଲୟ ଘଟିବାପରେ ପ୍ରାଣିକ ତଥା ମନୋମୟ ସତ୍ତ୍ୱର ପୁଣି କ'ଣ ହୁଏ ?

କେବଳ ବାହ୍ୟ ରୂପଟିରହିଁ କ୍ଷୟ ଘଟେ; ଯଦି ସେଇଟିକୁ ମଧ୍ୟ ସଚେତନ କରିଯାଇ ପାରିଥାଏ ଏବଂ ଦିବ୍ୟ କେନ୍ଦ୍ରଟିର ଚାରିପାଖରେ ତାହାକୁ ସଙ୍ଗଠିତ କରି ରଖା ଯାଇଥାଏ, ତେବେ ହୁଏତ ଅନ୍ୟପ୍ରକାର ଘଟଣା ଘଟେ । ମାତ୍ର, ଯଥାର୍ଥ ମନୋମୟ, ଯଥାର୍ଥ ପ୍ରାଣିକ ଓ ଏପରିକି ଯଥାର୍ଥ ସୂକ୍ଷ୍ମଭୌତିକ,— ଏଗୁଡ଼ିକର କ୍ଷୟ ଘଟେ ନାହିଁ : ଏହାହିଁ ପାର୍ଥିବ ଜୀବନରେ ଅନୁଭୂତ ଯାବତୀୟ ସଂସ୍କାରକୁ ଅତୁଟ କରି ରଖେ ଏବଂ କର୍ମର ଜଞ୍ଜିରଟିକୁ ତିଆରି କରିଥାଏ ।

*

ଆପଣା ଭିତରେ ପ୍ରବେଶ କରି କିଛି ଦୂର ଅଗ୍ରସର ହୋଇପାରିଲେ ଆମେ ଆବିଷ୍କାର କରିପାରିବା ଯେ, ଆମ ପ୍ରତ୍ୟେକଙ୍କ ମଧ୍ୟରେ ଏପରି ଏକ ଚେତନା ଅବସ୍ଥିତ ରହିଛି, ଯାହାକି ଆବହମାନ କାଳରୁ ଯୁଗଯୁଗ ଧରି ରହିଆସିଛି ଏବଂ କେତେକେତେ ଆକାରରେ ଆପଣାକୁ ବ୍ୟକ୍ତ କରିବାରେ ଲାଗିଛି ।

୨୪ ଜାନୁଆରି ୧୯୩୫

*

ପୁନର୍ଜନ୍ମରେ ଆମର ବାହ୍ୟ ସତ୍ତା—ଆମର ପିତାମାତା, ପରିବେଶ ତଥା ପରିସ୍ଥିତି ଦ୍ୱାରା ଯାହା ଆକାର ଲାଭ କରିଥାଏ, ଅର୍ଥାତ୍ ଆମର ମନୋମୟ, ପ୍ରାଣିକ ଏବଂ ଦୈହିକ ସତ୍ତାଗୁଡ଼ିକ ଆଦୌ ଆଉଥରେ ଜନ୍ମଗ୍ରହଣ କରେ ନାହିଁ । କେବଳ ଚୈତ୍ୟସତ୍ତାହିଁ ଗୋଟିଏ ଶରୀରରୁ ଆଉଗୋଟିଏ ଶରୀର ମଧ୍ୟରେ ପ୍ରବେଶ କରିବାରେ ଲାଗିଥାଏ । ତେଣୁ, ନ୍ୟାୟତଃ, ମନୋମୟ ବା ପ୍ରାଣିକ କେହି ଗୋଟିଏ ହେଲେ ପୂର୍ବ ଜୀବନକୁ ସ୍ମରଣ ରଖି ପାରିବେ ନାହିଁ କିଂବା ଅମୁକ ଅଥବା ସମୁକ ବ୍ୟକ୍ତିର ଚରିତ୍ର ବା ଜୀବନର ଧାରା ମଧ୍ୟରେ ଆପଣାକୁ ଚିହ୍ନିନେଇ ପାରିବେ ନାହିଁ । କେବଳ ଚୈତ୍ୟସତ୍ତାହିଁ ମନେ ରଖି ପାରିବ; ଏବଂ, କେବଳ ନିଜର ଚୈତ୍ୟ ସତ୍ତାର କ୍ଷେତ୍ରରେ ସଚେତନ ହେବା ଦ୍ୱାରାହିଁ ଆମେ ଯୁଗପତ୍ ଭାବରେ ଆମ ପୂର୍ବତନ ଜୀବନଗୁଡ଼ିକ ବିଷୟରେ ନିର୍ଭୁଲ ଧାରଣାମାନ ଲାଭ କରି ପାରିବା ।

'oaob.nitrkl.ac.in' images reprocessed

ପୁନଶ୍ଚ, ଆମେ ପୂର୍ବରୁ କ'ଣ ଥିଲୁ ବା ନ ଥିଲୁ, ତାହା ଅପେକ୍ଷା, ଆମେ ଆଗକୁ ଯାହା ହେବାକୁ ଇଚ୍ଛା କରୁଛୁ, ତାହାର ଉପରେ ଆପଣାର ମନୋନିବେଶ କରିବା ହେଉଛି ଅନେକ ଅଧିକ ମହତ୍ତ୍ୱପୂର୍ଣ୍ଣ ।

୨ ଏପ୍ରିଲ ୧୯୬୫

*

ସ୍ନେହର ସନ୍ତାନ,

'କ'ଙ୍କର ଯେପରି ହଠାତ୍ ପ୍ରୟାଣ ଘଟିଲା, ତାହା ଏଠାରେ ଥିବା ସମସ୍ତଙ୍କ ଲାଗି ଏକ ଅତ୍ୟନ୍ତ ଦୁଃଖମୟ କ୍ଷତି । ତାଙ୍କର ପରିପୂର୍ଣ୍ଣ ଉତ୍ସର୍ଗଭାବ ରହିଥିଲା, ଆପଣାର କାର୍ଯ୍ୟରେ ସେ ପୂର୍ଣ୍ଣ ସାଧୁତା ରଖିଥିଲେ, — ସେ ଏପରି ଜଣେ ବ୍ୟକ୍ତି ଥିଲେ ଯାହାଙ୍କ ଉପରେ କି ସମ୍ପୂର୍ଣ୍ଣ ନିର୍ଭର କରାଯାଇ ପାରିବ । ଏହାକୁ ତାଙ୍କର ପ୍ରକୃତିରେ ଏକ ବିଶିଷ୍ଟ ଗୁଣ ବୋଲି କୁହାଯିବ । ଏକ ସୌର ଆଲୋକ ମଧ୍ୟକୁ ତାଙ୍କର ପ୍ରୟାଣ ଘଟିଛି ଏବଂ, ସିଏ ଯଥାର୍ଥରେ ଯେଉଁ ବିଶ୍ରାନ୍ତିର ଯୋଗ୍ୟ ଥିଲେ, ବର୍ତ୍ତମାନ ସେହି ବିଶ୍ରାନ୍ତିକୁହିଁ ଉପଭୋଗ କରୁଛନ୍ତି ।

୫ ଜୁଲାଇ ୧୯୬୫

*

ସ୍ୱପ୍ନରେ ମୁଁ 'କ'ଙ୍କୁ ଖୁବ୍ ଖୁସି ଥିବାର ଦେଖି ପାରୁଛି । ହଠାତ୍ ଦେଖିଲି, ସିଏ ମୋ' ଟେବୁଲ ଉପରକୁ ହାମୁଡ଼େଇ ହୋଇ ରହିଛନ୍ତି ଏବଂ ମୋତେ କହୁଛନ୍ତି; "ଆସିଲା-ବେଳେ ତୁମକୁ କହୁହେଲେ କହିବା ଲାଗି ମୁଁ ସୁଯୋଗ ପାଇଲି ନାହିଁ, କାରଣ ଶ୍ରୀଅରବିନ୍ଦଙ୍କ ଠାରୁ ଡାକରା ପାଇ ମୋତେ ଭାରି ତରତର ହୋଇ ଚାଲି ଆସିବାକୁ ପଡ଼ିଲା ।" ମାଆ ଏହି ସ୍ୱପ୍ନଟିରେ କ'ଣ ପ୍ରକୃତରେ କୌଣସି ସତ୍ୟ ରହିଛି ?

ଏହି ସ୍ୱପ୍ନଟି ନିଶ୍ଚିତ ଭାବରେ ସତ୍ୟ, କାରଣ 'କ' ସିଧା ଶ୍ରୀଅରବିନ୍ଦଙ୍କ ସହିତ ମିଳିତ ହେବା ଲାଗିହିଁ ଏଠାରୁ ଯାଇଥିଲେ ।

'oaob.nitrkl.ac.in' images reprocessed

ମାଆ, କେତେଗୁଡ଼ିଏ ପ୍ରଶ୍ନ ତାଙ୍କର ମୃତ୍ୟୁ ପରେ ମୋ' ମନକୁ ବାରବାର ଆସୁଛି । ମୁଁ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଜାଣିବା ଲାଗି ଇଚ୍ଛା କରୁଛି ।

ଆପଣଙ୍କ ବିଷୟରେ ସଚେତନ ରହିଥିବା ଗୋଟିଏ ଆତ୍ମାକୁ କ'ଣ ଏଠାରୁ ଦେହ ଛାଡ଼ି ଯିବା ସଙ୍ଗେସଙ୍ଗେ ପୁନର୍ବାର ଜନ୍ମ ନେବାକୁ ହୋଇଥାଏ କି ? ନା ତାହାକୁ ଦୀର୍ଘକାଳ ଅପେକ୍ଷା କରି ରହିବାକୁ ପଡ଼େ ?

ପ୍ରତ୍ୟେକ ଚୈତ୍ୟସତ୍ତା, ଯିଏକି ପୂର୍ଣ୍ଣଭାବରେ ସଚେତନ ହୋଇ ସାରିଥାଏ, ଓ ପୂର୍ଣ୍ଣ ବିକାଶଲାଭ କରିଥାଏ, — ତାହାର ପରବର୍ତ୍ତୀ ଜୀବନ କ'ଣ ହେବ ଏବଂ କେବେ ସେହି ଜୀବନଟି ଆରମ୍ଭ ହେବ, ତାହା ସ୍ୱୟଂ ଠିକ୍ କରିବାକୁହିଁ ତା'ର ସ୍ୱାଧୀନତା ରହିଥାଏ ।

ଜନ୍ମଗ୍ରହଣ କରି ସାରିବା ପରେ, ପୃଥିବୀରେ ଆପଣଙ୍କର କାର୍ଯ୍ୟଟିକୁ ସମ୍ପାଦନ କରିବା ଲାଗି ଏହି ଆତ୍ମା ଆଶ୍ରମକୁ ଆସିଥାଏ କି ?

ସଙ୍ଗେ ସଙ୍ଗେ ପୁନର୍ବାର ଜନ୍ମଗ୍ରହଣ କରିଥିଲେ ତାହା ସାଧାରଣତଃ ତାହାହିଁ କରିବାକୁ ମନ କରିଥାଏ ।

ଆପଣାର ପୁନର୍ଜନ୍ମକୁ ସ୍ୱୟଂ ବାଛିନେଇ ଆଶ୍ରମ ଜୀବନର ସୁଖକୁ ଉପଭୋଗ କରିବା ଲାଗି ଏହି ଆତ୍ମାର ସାମର୍ଥ୍ୟ ରହିଥାଏ କି ?

ଯଦି ତାହା ପୂର୍ଣ୍ଣ ବିକାଶ ଲାଭ କରିଥାଏ, ତେବେ ଏଭଳି କରିବା ଲାଗି ସମର୍ଥ ମଧ୍ୟ ହୁଏ ।

ଅତିମାନସ ଆଲୋକ ଏବଂ ସୌର ଆଲୋକ ମଧ୍ୟରେ କି ସମ୍ବନ୍ଧ ରହିଛି ?

'oaob.nitrkl.ac.in' images reprocessed

ସୌର ଆଲୋକ ହେଉଛି ଅଧିମାନସ ଆଲୋକର ପ୍ରତୀକ ।

ଅନେକ ଆଶୀର୍ବାଦ ।

୨ ଜୁଲାଇ ୧୯୬୭

*

ମାଆ, ବୁଲେଟିନ୍‌ରେ ଆପଣ କହିଛନ୍ତି ; "ଚୈତ୍ୟ ସ୍ମୃତିଗୁଡ଼ିକର ଏକ ଅତ୍ୟନ୍ତ ବିଶେଷ ଲକ୍ଷଣ ଥାଏ, ସେଗୁଡ଼ିକ ମଧ୍ୟରେ ଏକ ଚମତ୍କାର ସଘନତା ରହିଥାଏ ... ସେଗୁଡ଼ିକୁ ଜୀବନର କେତେଗୁଡ଼ିଏ ଅବିସ୍ମରଣୀୟ ମୁହୂର୍ତ୍ତ ବୋଲି କୁହାଯିବ, ଯେତେବେଳେ କି ଚେତନା ପ୍ରଗାଢ଼, ଆଲୋକମୟ, ଶକ୍ତିପୂର୍ଣ୍ଣ, ସକ୍ରିୟ ଏବଂ ସବଳ ହୋଇ ରହିଥାଏ ଏବଂ, ବେଳେବେଳେ ସେମାନେ ଜୀବନର କ୍ଷେତ୍ରରେ ଗୋଟିଏ ଗୋଟିଏ ମୋଡ଼ ପରି କାର୍ଯ୍ୟ କରିଥାନ୍ତି, ଯାହାଦ୍ୱାରା କି ଜଣେ ବ୍ୟକ୍ତିର ଜୀବନର ଧାରଣି ଏକାବେଳେକେ ପରିବର୍ତ୍ତିତ ହୋଇ ଯାଇଥାଏ । ମାତ୍ର, ତୁମେ କେଉଁ ବସ୍ତ୍ର ପରିଧାନ କରିଥିଲ, କେଉଁ ଭଦ୍ର ବ୍ୟକ୍ତିଙ୍କ ସହିତ ତୁମର କଥାବାର୍ତ୍ତା ହେଲା ଅଥବା କେଉଁମାନେ ତୁମର ପ୍ରତିବେଶୀ ହୋଇ ରହିଥିଲେ ଏବଂ ତୁମେ କେଉଁଭଳି କ୍ଷେତ୍ରରେ ଯାଇ ଅବସ୍ଥିତ ରହିଥିଲ, ସେତେବେଳେ ଏସବୁ କଥା କହିବା ଲାଗି ତୁମେ ଆଦୌ ସମର୍ଥ ହେବ ନାହିଁ ।" (ବୁଲେଟିନ୍, ନଭେମ୍ବର, ୧୯୬୭, ପୃଷ୍ଠା-୪୧ ) ଏବଂ, ଏହିସବୁ କ୍ଷୁଦ୍ର ବିଷୟକୁ ମନେ ପକାଇବା ବିଷୟରେ ଆପଣ କହିଥିଲେ, "ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ଏକ ପିଲାଳିଆ ପ୍ରବୃତ୍ତି ।"

(ତଦେବ, ପୃଷ୍ଠା-୩୭)

ମାତ୍ର, ତା'ହେଲେ, ଏପରି ମଧ୍ୟ କିପରି ହୁଏ ଯେ, ଖବର କାଗଜ ମାନଙ୍କରେ ବେଶ୍ ଅନେକ ସମୟରେ ଏଭଳି ଗଳ୍ପମାନ ପାଠ କରିବାକୁ ମିଳିଥାଏ, ଯେଉଁଥିରେ କି

'oaob.nitrkl.ac.in' images reprocessed

ସାନ ପିଲାମାନେ ସେମାନଙ୍କର ପୂର୍ବ ଜୀବନ-କଥା ମନେ ପକାଇ ଥାଆନ୍ତି ଓ ତାହାର ଠିକଣାଖି ସବୁକଥା ମଧ୍ୟ ପ୍ରକୃତ ଘଟଣା ସହିତ ମିଳି ଯାଇଥାଏ ? ଏବଂ, ସେହି ଘଟଣାଗୁଡ଼ିକର ଅଧ୍ୟୟନ ଦ୍ୱାରହିଁ ପରା-ମନୋବିଜ୍ଞାନୀମାନେ ପୁନର୍ଜନ୍ମ ଅବଶ୍ୟ ରହିଛି ବୋଲି ଦୃଢ଼ ଭାବରେ ଘୋଷଣା କରନ୍ତି । ତେବେ ସେମାନେ ଏକାବେଳେକେ ଭୁଲ କଥା କହୁଛନ୍ତି ବୋଲି କୁହାଯିବ ନାହିଁ କି ? ଏବଂ ଆଉ କେଉଁ ପଦ୍ଧତି ହୁଏତ ରହିଛି, ଯାହା ସାହାଯ୍ୟରେ କି ପୁନର୍ଜନ୍ମର ଘଟଣାକୁ ବୈଜ୍ଞାନିକ ଭାବରେ ପ୍ରମାଣ କରି ଦେଖାଇ ଦେଇ ହେବ ?

ତୁମେ ଯେଉଁସବୁ ସ୍ମରଣ କଥା କହୁଛ ଓ ଯାହାସବୁ ଖବରକାଗଜମାନଙ୍କରେ ବାହାରିଥାଏ, ସେଗୁଡ଼ିକ ହେଉଛି ପ୍ରାଣିକ ସତ୍ତାର ସ୍ମୃତି । ସେହି ପ୍ରାଣିକ ସତ୍ତା, ଗୋଟିଏ ଗୋଟିଏ ବିଶେଷ କ୍ଷେତ୍ରରେ ଆଉ ଏକ ଶରୀର ମଧ୍ୟରେ ପ୍ରବେଶ କରିବ ବୋଲି ଗୋଟିଏ ଶରୀର ଭିତରୁ ବାହାରି ଚାଲି ଯାଇଥାଏ । ଏପରି ଗୋଟିଏ ଘଟଣା ଅବଶ୍ୟ ଘଟିପାରେ, ମାତ୍ର ଏହା ଆଦୌ ଅଧିକାଂଶ ସମୟରେ ଘଟେ ନାହିଁ ।

ମୁଁ ଯେଉଁ ସ୍ମୃତିଗୁଡ଼ିକର କଥା କହୁଛି, ସେଗୁଡ଼ିକ ହେଉଛି ଚୈତ୍ୟ ସତ୍ତାର ସ୍ମୃତି ଏବଂ, କେବଳ ନିଜର ଚୈତ୍ୟ ସତ୍ତା ସହିତ ସଚେତନ ଭାବରେ ସମ୍ବନ୍ଧିତ ହୋଇ ରହିଥିଲେ ଯାଇ ଜଣେ ବ୍ୟକ୍ତି ଏହା ବିଷୟରେ ସଚେତନ ହୋଇପାରେ ।

ଏ ଦୁଇଟି ମଧ୍ୟରେ ଆଦୌ କୌଣସି ବିରୋଧ ନାହିଁ ।

୨୧ ନଭେମ୍ବର ୧୯୬୭

⁂

ମୁଁ ମୋ' ପୂର୍ବଜନ୍ମରେ କ'ଣ ଥିଲି, ତାହା ଜାଣିବା ଆବଶ୍ୟକ କି ?

'oaob.nitrkl.ac.in' images reprocessed

ଯଦି ଆବଶ୍ୟକ ହୋଇଥାଏ, ତେବେ ତୁମେ ତାହା ଅବଶ୍ୟ ଜାଣିବ ।

୧୪ ଫେବୃଆରୀ ୧୯୭୩

*

କେତେକ ଅତ୍ୟନ୍ତ ବିରଳ ଘଟଣାକୁ ଛାଡ଼ିଦେଲେ, ଇତର ପ୍ରାଣୀମାନଙ୍କ ମଧ୍ୟରେ ଆଦୌ କୌଣସି ବ୍ୟକ୍ତି-ଭାବ ନ ଥାଏ ଏବଂ ସେମାନେ ମୃତ୍ୟୁ ପରେ ଆପଣା ଜୀବଜାତିର ଆତ୍ମା ଭିତରକୁ ଫେରି ଯାଆନ୍ତି ।

*

## ଆତ୍ମହତ୍ୟା

ଦିବ୍ୟଜନନୀ,

ମୋ ମସ୍ତିଷ୍କ ଭିତରେ କେଉଁଠି କ'ଣ ଗୋଳମାଳ ହୋଇ ଯାଇଛି । ମୁଁ ଅଧିକାଂଶ ସମୟରେ ଆତ୍ମହତ୍ୟା ବିଷୟରେ ଚିନ୍ତା କରୁଛି । ଆପଣ ମୋତେ ସେଥିପାଇଁ କ୍ଷମା କରିବେ ଏବଂ ମୋତେ ଆପଣଙ୍କର ସୁରକ୍ଷା ତଥା ଆଶୀର୍ବାଦ ପ୍ରଦାନ କରିବେ ।

ମୋତେ ଦେଖିବା ଲାଗି ତୁମ ଭିତରେ ଯଦି ଆନ୍ତରିକ ଅଭୀପ୍ସା ରହିଥାଏ, ତେବେ ତୁମକୁ ଆତ୍ମହତ୍ୟାର ଏହି ବ୍ୟାଧିତ ଭାବନାଗୁଡ଼ିକୁ ନିଜଠାରୁ ବହୁଦୂରକୁ ଫିଙ୍ଗିଦେବାକୁ ହେବ । ଏହିସବୁ ଭାବନା ହେଉଛି ଦିବ୍ୟ ଜୀବନର ସମ୍ପୂର୍ଣ୍ଣ ବିରୋଧୀ । ତୁମେ ଧୈର୍ଯ୍ୟଶୀଳ ହୁଅ, ଦୃଢ଼ ଓ ସ୍ଥିର ହୋଇଯାଅ, ସ୍ଥିର ଭାବରେ ଜୀବନର ଅସୁବିଧାଗୁଡ଼ିକର ସମ୍ମୁଖୀନ ହୁଅ, ଏବଂ, ଆହୁରି ଅଧିକ ସ୍ଥିର ଭାବରେ, "ସାଧନା"ର ଅସୁବିଧାଗୁଡ଼ିକର ସମ୍ମୁଖୀନ ମଧ୍ୟ ହୁଅ । —ତେବେ ତୁମେ ଅନ୍ତିମ ବିଜୟ ବିଷୟରେ ସୁନିଶ୍ଚିତ ରହି ପାରିବ ।

ଅନେକ ଆଶୀର୍ବାଦ ସହିତ ।

୨୧ ଅଗଷ୍ଟ ୧୯୬୪

*

'oaob.nitrkl.ac.in' images reprocessed

ମୁଁ ଅନୁଭବ କରୁଛି ଯେ ମୁଁ ହେଉଛି ଆପଣଙ୍କର ଏକ ରିକ୍ତ ସନ୍ତାନ ଓ ଏକ ରିକ୍ତ ଭାଗ୍ୟ ନେଇ ମୁଁ ଜନ୍ମଗ୍ରହଣ କରିଛି । ଏପରି ଏକ ସନ୍ତାନର ପୂର୍ଣ୍ଣତ୍ତି କରିବା ଲାଗି ଜୀବନରେ ଆଦୌ କୌଣସି ବ୍ରତ ନାହିଁ । ତେବେ, ଏହି ସଂସାରରୁ ବିଦାୟ ନେଇ ଚାଲିଯିବା ଅଧିକ ଭଲ ହେବ ନାହିଁ କି ?

ଏହି ସଂସାରରେହିଁ ତୁମକୁ ବଦଳିବାକୁ ପଡ଼ିବ । ଏବଂ ସେହି ପରିବର୍ତ୍ତନ ଅବଶ୍ୟ ସମ୍ଭବ । ଯଦି ତୁମେ ଏଠାରୁ ଖସି ପଳାଇଯିବ, ତେବେ ତୁମକୁ ଆଉଥରେ ଏହିଠାକୁହିଁ ଆସିବାକୁ ହେବ ; ସମ୍ଭବତଃ ଆହୁରି ଅଧିକ ଖରାପ ଅବସ୍ଥା ମଧ୍ୟରେ ଜନ୍ମଗ୍ରହଣ କରିବାକୁ ପଡ଼ିବ ଏବଂ ତୁମକୁ ପୁନର୍ବାର ମୂଳରୁହିଁ ସବୁକିଛି କରିବାକୁ ପଡ଼ିବ ।

ଏହା ପ୍ରକୃତରେ ଅନେକ ଅଧିକ ଭଲ କଥା ଯେ ତୁମେ ଭୀରୁ ହେବ ନାହିଁ ବର୍ତ୍ତମାନହିଁ ଅବସ୍ଥାଟିର ସମ୍ମୁଖୀନ ହେବାକୁ ପଡ଼ିବ ଓ ବିଜୟ ଲାଭ କରିବା ନିମିତ୍ତ ଆବଶ୍ୟକ ଉଦ୍ୟମଟିକୁ କରିବାକୁ ହେବ । ସହାୟତା ସର୍ବଦା ମିଳିବ ; ତୁମକୁ ତାହାର ସୁଯୋଗ ନେଇ ଶିଖିବାକୁ ହେବ ।

ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ।

୧୩ ନଭେମ୍ବର ୧୯୬୭

*

ଏହି କଥାଟିକୁ ସୁନିଶ୍ଚିତ ଭାବରେ ଜାଣିବ ଯେ, ଜଣେ ମନୁଷ୍ୟ ଯେତେ ଯାହା କରି ପାରିବ, ଆତ୍ମହତ୍ୟା ହେଉଛି ସେଗୁଡ଼ିକ ମଧ୍ୟରୁ ସବୁଠାରୁ ଅଧିକ ନିର୍ବୋଧ କାର୍ଯ୍ୟ । କାରଣ, ଶରୀରର ସମାପ୍ତି ଘଟିବାର ଆଦୌ ଅର୍ଥ ନୁହେଁ ଯେ, ତୁମ ଚେତନାର ମଧ୍ୟ ସମାପ୍ତି ଘଟିଲା ଏବଂ, ତୁମର ଜୀବଦ୍ଦଶାରେ ଯାହା ସକାଶେ ତୁମେ ବ୍ୟତିବ୍ୟସ୍ତ ହେଉଥିଲ, ତୁମର ମୃତ୍ୟୁ ପରେ ମଧ୍ୟ ତାହା ତୁମକୁ ସେହିପରି କଷ୍ଟ ଦେବାରେ ଲାଗିଥିବ । ଯେତେବେଳେ ଏଠାରେ ଜୀବନ ଧାରଣ କରି ରହିଥିବା ସମୟରେ ତୁମର ମନକୁ ଅନ୍ୟତ୍ର ନିୟୋଜିତ କରିବା ଲାଗି ତୁମକୁ ଯେଉଁ ସମ୍ଭାବନା ପ୍ରାପ୍ତ ହୁଅନ୍ତା, ତାହାର ମଧ୍ୟ ଆଦୌ କୌଣସି ସମ୍ଭାବନା ନ ଥିବ ।

୧୭ ଜୁଲାଇ ୧୯୬୯

*

'oaob.nitrkl.ac.in' images reprocessed

'ମଦର୍ ଇଣ୍ଡିଆ' ପତ୍ରିକାରେ ଜଣେ ପାଠକଙ୍କଠାରୁ ମୁଁ ଗୋଟିଏ ମର୍ମନ୍ତୁଦ ଚିଠି ପାଇଛି । ସିଏ ଲେଖିଛନ୍ତି :

"ନିଜର ଜୀବନରେ ମାଆଙ୍କର ପ୍ରଦତ୍ତ ଶିକ୍ଷାଗୁଡ଼ିକୁ ଅନୁସରଣ କରିବା ନିମନ୍ତେ ମୁଁ ନିଷ୍ଠାସହକାରେ ଚେଷ୍ଟା କରୁଛି ସତ, ମାତ୍ର ନାନାବିଧ ଅସୁବିଧା ମୋତେ ପ୍ରବଳ ଭାବରେ ଘେରି କରି ରହିଛନ୍ତି; — ଏପରି ଭାବରେ ଘେରି କରି ରହିଛନ୍ତି ଯେ, କେବଳ ଆତ୍ମହତ୍ୟା ଦ୍ୱାରାହିଁ ତାହାର ଏକ ସମାଧାନ ପ୍ରାପ୍ତ ହୋଇ ପାରିବ । ମୋ'ର ପ୍ରାର୍ଥନା ଯେପରି ଦିବ୍ୟ ଜନନୀଙ୍କ ଋଣ୍ଣ ବ୍ୟକ୍ତିଗତ ଦୃଷ୍ଟିରେ ଯାଇ ପଡ଼ିପାରିବ, ତାହାକୁ ଦୟାକରି ଦେଖିବା ସକାଶେ ଆପଣଙ୍କୁ ମୁଁ ଅନୁରୋଧ କରୁଛି ।"

ମା, ମୁଁ ଏହାର କି ଉତ୍ତର ଦେବି ।

ଆତ୍ମହତ୍ୟା ଆଦୌ ସମାଧାନ ନୁହେଁ, ଏହାଦ୍ୱାରା ଅତ୍ୟନ୍ତ ନିର୍ବୋଧ ଭାବରେ ଅବସ୍ଥାଟିକୁ ଆହୁରି ଅଧିକ ସାଂଘାତିକ କରି ଦିଆଯାଇଥାଏ, ଯାହାକି ସମ୍ଭବତଃ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ଜୀବନକୁ ଦୁର୍ବିସହ କରି ରଖିଥିବ ।

୧୨ ଜୁନ୍ ୧୯୬୨

❋

ରାମାୟଣରେ ଅଛି ଯେ ପୃଥିବୀରେ ଆପଣାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଗଲା ବୋଲି ଯେତେବେଳେ ରାମ ଦେଖିବାକୁ ପାଇଲେ, ସେତେବେଳେ ସେ ସଙ୍ଗୀମାନଙ୍କର ଗହଣରେ ସରଯୂ ନଦୀର ଜଳରେ ଯାଇ ପ୍ରବେଶ କରିଥିଲେ । ଏହା ଏକ ସମୂହଆତ୍ମହତ୍ୟା ପରି ବୋଧ ହେଉଛି ଏବଂ ଏଣେ ଆତ୍ମହତ୍ୟାକୁ ସବୁଠାରୁ ବଡ଼ ପାପ ବୋଲି ସ୍ୱୀକାର କରାଯାଇଛି । ଏହାକୁ ଆମେ କିପରି ବୁଝିବା ?

'oaob.nitrkl.ac.in' images reprocessed

୧. ସର୍ବୋଚ୍ଚ ପରମ ସତ୍ତାଙ୍କ ଲାଗି ପାପ ବୋଲି କିଛି ନାହିଁ ।

୨. ଜଣେ ଭକ୍ତ ଲାଗି ପ୍ରଭୁଙ୍କଠାରୁ ଦୂରକୁ ଚାଲିଯିବାଠାରୁ ବଳି ବଡ଼ ପାପ କିଛି ନାହିଁ ।

୩. ଯେଉଁ ସମୟରେ ରାମାୟଣର କଳ୍ପନା ଏବଂ ରଚନା କରାଯାଇଥିଲା, ସେତେବେଳେ ଏହି ପୃଥିବୀ ଦିନେ ଏକ ଦିବ୍ୟ ଜଗତକୁ ରୂପାନ୍ତରିତ ହୋଇଯିବ ଏବଂ ସର୍ବୋଚ୍ଚ ପରମସତ୍ତାଙ୍କର ସଦନରେ ପରିଣତ ହେବ ବୋଲି ଶ୍ରୀଅରବିନ୍ଦ ଯେଉଁ ଜ୍ଞାନକୁ ପ୍ରକଟ କରାଇଛନ୍ତି, ତାହା ଅଜ୍ଞାତ ହୋଇ ରହିଥିଲା ଓ ତାହାକୁ କେହି ଗ୍ରହଣ କରି ନ ଥିଲେ ।

ଏହି ତିନୋଟି କଥାକୁ ବିଚାର କଲେ ତୁମେ କାହାଣୀଟିର ଅର୍ଥଟିକୁ ମଧ୍ୟ ବୁଝି ପାରିବ । (ହୁଏତ ଏକଥା ମଧ୍ୟ ହୋଇପାରେ ଯେ, କଥାଟିକୁ ଯେପରି ଭାବରେ ଲେଖା ହୋଇଛି, ତାହା ପ୍ରକୃତ କ୍ଷେତ୍ରରେ ସେପରି ଆଦୌ ଘଟି ନାହିଁ ।)

'oaob.nitrkl.ac.in' images reprocessed

# ନିଦ୍ରା ଓ ସ୍ୱପ୍ନ

## ନିଦ୍ରା ଓ ବିଶ୍ରାମ

ମୁଁ ଶୋଇଥିଲି, କିନ୍ତୁ ଠିକ୍ କ୍ଲାସ୍ ଯିବାର ସମୟ ହେବା ମାତ୍ରକେ ମୋ'ର ନିଦ ଭାଙ୍ଗିଗଲା । କ'ଣ ଦିବ୍ୟ ପରମସତ୍ତା ମୋତେ ଡାକି ଉଠାଇଦେଲେ ?

ତାହା ଯେ ଅବଶ୍ୟ ସେପରି ହୋଇଥିବ, ତାହା କଦାପି ନୁହେଁ । ଅବଚେତନର ଗୋଟିଏ ଅଂଶ ସର୍ବଦା ଜାଗ୍ରତ୍ ଥାଏ ଏବଂ, ସେହି ଅଂଶଟି ଯେପରି ତୁମକୁ ଏକ ନିର୍ଦ୍ଦିଷ୍ଟ ସମୟରେ ଯାଇ ଉଠାଇ ଦେଇ ପାରିବ, ସେଥିଲାଗି ନିଜ ଭିତରେ ଆବଶ୍ୟକ ଇଚ୍ଛାଟି ରହିଥିଲେ ତାହାହିଁ ଯଥେଷ୍ଟ ହେବ ।

୩ ମାର୍ଚ୍ଚ ୧୯୬୩

❋

ଗତରାତି ମୋ'ର କାହିଁକି ଏପରି ବ୍ୟାଘାତପୂର୍ଣ୍ଣ ଭାବରେ କଟିଲା, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଶୋଇବାକୁ ଯିବା ପୂର୍ବରୁ ତୁମେ ନିଜର ଭାବନାଗୁଡ଼ିକୁ ଶାନ୍ତ କରି ଆଣି ନ ଥିଲ । ଶୋଇବା ଲାଗି ବିଛଣାକୁ ଯିବା ସମୟରେ ସର୍ବଦା ଆପଣାର ଭାବନାଗୁଡ଼ିକୁ ଶାନ୍ତ କରି ଆଣି ଶିଖିବାକୁ ହେବ ।

୨୮ ଜାନୁଆରୀ ୧୯୬୫

❋

ଦର୍ଶନର ପୂର୍ବ ରାତିରେ ମୁଁ ମୋଟେ ଶୋଇ ପାରେ ନାହିଁ । ଭାରସାମ୍ୟର ଅଭାବ ହେତୁ ଏପରି ହେଉଛି ବୋଲି ସମସ୍ତେ କହୁଛନ୍ତି । ମାତ୍ର ମୁଁ ଅନ୍ୟ ପକ୍ଷରେ

'oaob.nitrkl.ac.in' images reprocessed

> ଅନୁଭବ କରୁଛି ଯେ, ଆପଣଙ୍କର ଜାଗ୍ରତକାଳୀ ଉପସ୍ଥିତିଟି ସକାଶେ ତାହା ହେଉଛି । ମୁଁ ଆଦୌ କୌଣସି ବ୍ୟାଘାତ ଅନୁଭବ କରେ ନାହିଁ । ମୁଁ ଭାବୁଛି, ଯାହା ହେଉଛି ନିଶ୍ଚୟ ଠିକ୍ ହେଉଛି । ଏହା କ'ଣ ପ୍ରକୃତରେ ସତ ନୁହେଁ କି ?

ମଝିରେ ମଝିରେ, ତିନି ବା ଚାରି ମାସରେ ଥରେ ଅନିଦ୍ରା ହୋଇ ରାତି କଟିଗଲେ ତଦ୍ୱାରା ଖୁବ୍ ବେଶୀ ଅନିଷ୍ଟ ହୁଏ ନାହିଁ । ମାତ୍ର ଏହା ଅତ୍ୟାବଶ୍ୟକ ଯେ ତୁମେ ଅବଶିଷ୍ଟ ଦିନ ଗୁଡ଼ିକରେ ନିୟମରୂପେ ଶୋଇବାକୁ ସମର୍ଥ ହୁଅ ।

❋

ମୋ'ର ପରାମର୍ଶ ହେଉଛି ଯେ ତୁମେ ଭଲ ଭାବରେ ଶୁଅ ଓ ଯଥେଷ୍ଟ ବିଶ୍ରାମ ନିଅ । କାର୍ଯ୍ୟଟିକୁ ନିୟମିତ ଓ ସୁରୁଖୁରୁ ଭାବରେ କରିବା ଲାଗି ଏହା ଅପରିହାର୍ଯ୍ୟ ।

ତୁମ ସହିତ ମୋ'ର ଅନେକ ଆଶୀର୍ବାଦ ନିରନ୍ତର ରହିଛି ।

❋

ନିଦ୍ରାରୁ ଆବଶ୍ୟକ ବିଷୟଗୁଡ଼ିକୁ ଶିକ୍ଷା କରିବାକୁ ହେଲେ ଆମକୁ ନିଦ୍ରା ନାମକ ବିଦ୍ୟାଳୟ ମଧ୍ୟଦେଇ ଯିବାକୁ ହେବ, ଯେପରିକି ଅନ୍ତର୍ଗତ ସତ୍ତାଟି ଦୈହିକ ରୂପଟିରୁ ମୁକ୍ତ ରହି ପାରିବ, ସ୍ୱ-ଅଧିକାରରେ ସଚେତନ ରହିପାରିବ ଏବଂ ସ୍ୱୟଂ ନିଜ ଜୀବନର ପ୍ରଭୁ ହୋଇ ପାରିବ । ସତ୍ତା ମଧ୍ୟରେ ଏପରି ଗୋଟିଏ ଗୋଟିଏ ସମ୍ପୂର୍ଣ୍ଣ ଅଂଶ ରହିଛି, ଯାହା ଲାଗି କି ଆମର ବାହ୍ୟ ସତ୍ତା ଓ ଆମ ଶରୀରର ଅଗ୍ରାଧିକ ଏବଂ ଅର୍ଦ୍ଧ-ଚେତନାର ମଧ୍ୟ ଏକ ଆବଶ୍ୟକତା ରହିଛି, ଯେପରିକି ସେଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବରେ ଆପଣାର ଜୀବନ ବଞ୍ଚିବାକୁ ସମର୍ଥ ହୋଇ ପାରିବେ ।

ଏହା ହେଉଛି ଏକ ଅନ୍ୟ ବିଦ୍ୟାଳୟ ଓ ଏଥିରୁ ଏକ ଅନ୍ୟ ଫଳ ମିଳିଥାଏ ସତ, ମାତ୍ର ଏହାକୁ ତଥାପି ଏକ ବିଦ୍ୟାଳୟ ବୋଲି କୁହାଯିବ । ଯଦି ଜଣେ ବ୍ୟକ୍ତି ସମ୍ଭାବ୍ୟ ସର୍ବାଧିକ ଅଗ୍ରଗତି ଇଚ୍ଛା କରୁଥିବ, ତେବେ ଆପଣାର ଦିବାସମୟଟିକୁ କାମରେ ଲଗାଉଥିବା ପରି ଆପଣାର ରାତିଗୁଡ଼ିକୁ ମଧ୍ୟ କାମରେ

'oaob.nitrkl.ac.in' images reprocessed

ଲଗାଇ ଜାଣିବାକୁ ହେବ । ଅବଶ୍ୟ, ଏକଥା ସତ ଯେ, ଏହି କାର୍ଯ୍ୟଟିକୁ କିପରି କରିବାକୁ ହେବ, ଲୋକମାନେ ସାଧାରଣତଃ ସେକଥା ବିଷୟରେ କିଛି ଜାଣି ନ ଥାନ୍ତି । ସେମାନେ ଉଜାଗର ରହିବାକୁ ଚେଷ୍ଟା କରନ୍ତି ଏବଂ ଯଦ୍ଵାରା କେବଳ ଏକ ଶାରୀରିକ ତଥା ପ୍ରାଣିକ ଭାରସାମ୍ୟହୀନତାହିଁ ଭୋଗ କରିବାକୁ ହୋଇଥାଏ, ବେଳେବେଳେ ମାନସିକ ଭାରସାମ୍ୟହୀନତା ମଧ୍ୟ ଭୋଗିବାକୁ ହୁଏ ।

*

ଶରୀରର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରୁ ବିଚାର କରି ଦେଖିଲେ ନିଦ୍ରା ଅପରିହାର୍ଯ୍ୟ । ନିଜର ଅବଚେତନ ଉପରେ ଉତ୍ତରୋତ୍ତର ଭାବରେ ଅଧିକ ନିୟନ୍ତ୍ରଣ ଅର୍ଜନ କରିପାରିବା ଦ୍ୱାରା ଯାଇ ନିଦ୍ରା ଅଧିକରୁ ଅଧିକ ସଚେତନ ହୋଇ ପାରିବ ।

୨୫ ଜାନୁଆରୀ ୧୯୩୮

*

ମୁଁ ଅନୁଭୂତିରୁ ଜାଣିଛି ଯେ, ଖାଉଥିବା ଖାଦ୍ୟର ପରିମାଣ ହ୍ରାସ କରିଦେଲେ ନିଦ୍ରା ଯେ ସଚେତନ ହୋଇ ପାରିବ ତା' ନୁହେଁ; ତଦ୍ଵାରା ଶରୀର ଅସ୍ୱସ୍ତି ଅନୁଭବ କରିବ ସତ, ମାତ୍ର ତଦ୍ଵାରା ଚେତନାରେ କୌଣସି ପ୍ରକାରେ ବୃଦ୍ଧିସାଧନ ହେବ ନାହିଁ । ଉତ୍ତମ, ଗାଢ଼ ଏବଂ ସ୍ଥିରତାଯୁକ୍ତ ନିଦ୍ରାରେହିଁ ଆମେ ଆମ ଆତ୍ମସତ୍ତାର ଏକ ଗଭୀରତର ସ୍ତରର ସଂସ୍ପର୍ଶରେ ଆସି ପାରିବା ।

୪ ଅଗଷ୍ଟ ୧୯୩୭

*

ମୁଁ ଆଶା କରୁଛି ଯେ ତୁମେ ଅତିଶୀଘ୍ର ଆରୋଗ୍ୟ ଲାଭ କରିବ ଏବଂ ଆଉ କ୍ଲାନ୍ତି ଅନୁଭବ କରିବ ନାହିଁ । ମାତ୍ର, ତୁମେ ଯଥେଷ୍ଟ ପରିମାଣରେ ଆହାର ଗ୍ରହଣ କରୁଛ ତ ? ବେଳେବେଳେ କ୍ଷୁଧା ହେତୁହିଁ ନିଦ୍ରାହାନି ଘଟିଥାଏ ।

ମୋ'ର ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

*

'oaob.nitrkl.ac.in' images reprocessed

ସାଧନା ଲାଗି ଯଥାର୍ଥ ବିଶ୍ରାମ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କଥା ।

୨ ମାର୍ଚ୍ଚ ୧୯୫୨

*

ତୁମକୁ ବିଶ୍ରାମ ନେବାକୁହିଁ ପଡ଼ିବ । ମାତ୍ର ତାହା ଏକ ସକେନ୍ଦ୍ରିତ ଶକ୍ତିର ବିଶ୍ରାମ ହୋଇଥିବ,-କେବଳ ପ୍ରତିକୂଳ ଶକ୍ତିଗୁଡ଼ିକ ଲାଗି ଏକ ବହୁମିଶ୍ରିତ ଅପ୍ରତିରୋଧର ଅବସ୍ଥା ହୋଇ ଆଦୌ ରହିବ ନ ଥିବ । ଏପରି ଏକ ବିଶ୍ରାମ, ଯାହାକୁ କି ଏକ ଶକ୍ତି ବୋଲି କୁହାଯିବ,—ତାହା ଦୁର୍ବଳତା ଦ୍ୱାରା ଆଚ୍ଛନ୍ନ ହୋଇ ରହିଥିବା ବିଶ୍ରାମ ହୋଇ ନ ଥିବ ।

*

## ଶୋଇବାକୁ ଯିବା ପୂର୍ବରୁ ବିଶ୍ରାମ ନେବା

ଆପଣାର ସ୍ୱପ୍ନଗୁଡ଼ିକ ମଧ୍ୟରେ ପ୍ରବେଶ କରି ତୁମେ ଯେ କେତେ କ'ଣ ଆବିଷ୍କାର କରି ପାରିବ, ତାହାର ଆଦୌ କୌଣସି ସୀମା ନାହିଁ । ମାତ୍ର ଗୋଟିଏ କଥା ପ୍ରକୃତରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ : ତୁମେ ଯେତେବେଳେ ଭାରି କ୍ଳାନ୍ତ ହୋଇ ପଡ଼ିଥିବ, ସେତେବେଳେ କଦାପି ଶୋଇବାକୁ ଯିବ ନାହିଁ । କାରଣ, ଯଦି ସେତେବେଳେ ଶୋଇବାକୁ ଯିବ, ତେବେ ତୁମେ ଏକ ପ୍ରକାରର ଅଚେତନା ମଧ୍ୟରେ ଯାଇ ପତିତ ହୋଇ ରହିବ ଏବଂ ତୁମର ସ୍ୱପ୍ନଗୁଡ଼ିକ ତୁମକୁ ନେଇ ଯାହା ଇଚ୍ଛା କରିବେ, ସେତେବେଳେ ତାହା କରିବାକୁ ଆରମ୍ଭ କରିବେ; ତୁମେ ସେହି କ୍ଷେତ୍ରରେ ନିଜର ଏତେଟିକିଏ ନିୟନ୍ତ୍ରଣ ମଧ୍ୟ ସମ୍ଭବ କରି ପାରିବ ନାହିଁ । ଖାଇବାକୁ ଯିବା ପୂର୍ବରୁ ଯେମିତି ସର୍ବଦା ବିଶ୍ରାମ କରିବା ଉଚିତ, ଠିକ୍ ସେହିପରି ଶୋଇବାକୁ ଯିବା ପୂର୍ବରୁ ମଧ୍ୟ ମୁଁ ତୁମ ସମସ୍ତଙ୍କୁ ବିଶ୍ରାମ କରିବା ଲାଗି ପରାମର୍ଶ ଦେବି । ମାତ୍ର, ତେବେ, ବିଶ୍ରାମ କିପରି କରିବାକୁ ହୁଏ, ତୁମମାନଙ୍କର ସେକଥା ମଧ୍ୟ ଜାଣିରଖିବା ଉଚିତ ।

ବିଶ୍ରାମ ନେବାର ଅନେକ ପ୍ରଣାଳୀ ରହିଛି । ସେଥିରୁ ଗୋଟିଏ ହେଉଛି : ସର୍ବପ୍ରଥମେ ଶରୀରକୁ ଏକ ସହଜ ମୁଦ୍ରାକୁ ନେଇ ଆସିବ, କୌଣସି ବିଛଣା କିଂବା ଆରାମଚୌକି ଉପରେ ନିଜକୁ ଆଣି ସହଜ ଭାବରେ ଲମ୍ବାଇ ରଖିବ । ତା'ପରେ ନିଜର ସ୍ନାୟୁଗୁଡ଼ିକର ଶ୍ଳଥନ ଘଟାଇବାକୁ ଚେଷ୍ଟା କରିବ, — ଏକାବେଳେକେ ସବୁଯାକ ସ୍ନାୟୁରେ ଶ୍ଳଥନ ଘଟାଇ ଆଣିବ ଅଥବା ଗୋଟିକ ପରେ ଗୋଟିଏ କରି

'oaob.nitrkl.ac.in' images reprocessed

ତାହା କରିବ । ପୂର୍ଣ୍ଣ ଶ୍ଳଥନ ସମ୍ଭବ ହେବା ପର୍ଯ୍ୟନ୍ତ ତାହା କରିବ । ଏଇଟି ହୋଇଗଲା ପରେ, — ସେତେବେଳେ ତୁମର ଶରୀର ସତେଅବା ମେଞ୍ଚାଏ କନା ପରି ବିଛଣା ଉପରେ ପଡ଼ି ରହିଥିବ, — ତୁମେ ଆପଣାର ମସ୍ତିଷ୍କକୁ ନୀରବ ଏବଂ ନିଶ୍ଚଳ କରି ଆଣିବ — ତାହା ନିଜ ବିଷୟରେ ଆଉ କୌଣସି ଚେତନା ରଖି ନ ପାରିବା ପର୍ଯ୍ୟନ୍ତ ତୁମକୁ ତାହା କରିବାକୁ ହେବ । ତା'ପରେ, ଅତ୍ୟନ୍ତ ଧୀର ଭାବରେ ତୁମେ ଏହି ଅବସ୍ଥାରୁ ସମ୍ପୂର୍ଣ୍ଣ ଅଗୋଚର ହୋଇ କେତେବେଳେ ଯେ ନିଦ୍ରା ମଧ୍ୟକୁ ଚାଲିଯିବ, ତାହା ନିଜେ ମଧ୍ୟ ଜାଣି ପାରିବ ନାହିଁ । ଯେତେବେଳେ ତୁମେ ଆରଦିନ ସକାଳେ ନିଦରୁ ଉଠିବ, ସେତେବେଳେ ତୁମ ଭିତରେ ଶକ୍ତି ଭରି ରହିଥିବ । ମାତ୍ର ଅନ୍ୟପକ୍ଷରେ ଯଦି ତୁମେ ଗୋଟାପୁଞ୍ଜା କ୍ଳାନ୍ତ ଅବସ୍ଥାରେ ଆଦୌ କୌଣସି ଶ୍ଳଥନ ନ ଥାଇ ଶୋଇବାକୁ ଚାଲିଯିବ, ତେବେ ତୁମର ନିଦ୍ରା ଅତ୍ୟନ୍ତ ଭାରାକ୍ରାନ୍ତ, ସ୍ଫୂର୍ତ୍ତିହୀନ ଏବଂ ଅଚେତନ ହୋଇ ରହିବ, ଯାହା ଫଳରେ କି ତୁମର ପ୍ରାଣିକ ଆପଣାର ସମସ୍ତ ଶକ୍ତିକୁ ହରାଇ ବସିବ ।

ହୁଏତ ଏହା ଦ୍ୱାରା ତୁମକୁ ସଙ୍ଗେ ସଙ୍ଗେ କୌଣସି ଫଳ ମିଳିବ ନାହିଁ, ମାତ୍ର ତଥାପି ବାରବାର ଚେଷ୍ଟା କରିବାକୁ ହେବ ।

*

> ଭିତରେ ଏବଂ ବାହାରେ ବିକ୍ଷୋଭ ହେତୁ ମୁଁ ଗତ କେତେଦିନ ହେବ ନିଦ୍ରାରେ ବ୍ୟାଘାତର ସମ୍ମୁଖୀନ ହେଉଛି । ମୋ'ର ପ୍ରାର୍ଥନା, ଆପଣ ମୋତେ ସାହାଯ୍ୟ କରନ୍ତୁ ।

ଶୋଇବାକୁ ଚେଷ୍ଟା କରିବା ପୂର୍ବରୁ, ତୁମେ ଯେତେବେଳେ ଶୋଇବା ଲାଗି ବିଛଣାକୁ ଯାଉଛ, ସେତେବେଳେ ନିଜର ଶରୀରରେ ପ୍ରଥମେ ଏକ ଶ୍ଳଥନ ଘଟାଇବ (ଏହାକୁ ମୁଁ ବିଛଣା ଉପରେ ମେଞ୍ଚାଏ କନା ପରି ହୋଇ ପଡ଼ିରହିବା ବୋଲି କହୁଥାଏ ।)

ତା'ପରେ ନିଜ ଭିତରେ ରହିଥିବା ସକଳ ଆନ୍ତରିକତା ସହିତ, ଏକ ସମ୍ପୂର୍ଣ୍ଣ ଶ୍ଳଥନ ମଧ୍ୟରେ ନିଜକୁ ନେଇ ଦିବ୍ୟ ପରମସତ୍ତାଙ୍କ ଠାରେ ସମର୍ପିତ କରିଦେବ ଏବଂ, ... ହଁ, ତାହାହିଁ ଯଥେଷ୍ଟ ହେବ ।

'oaob.nitrkl.ac.in' images reprocessed

ଏଥିରେ ସଫଳତା ଲାଭ କରିବା ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଭାବରେ ଚେଷ୍ଟା କରୁଥାଅ, ତେବେ ତାହାର ଫଳ ଅବଶ୍ୟ ପ୍ରତ୍ୟକ୍ଷ କରିବ ।

ଅନେକ ଆଶୀର୍ବାଦ ।

ମାର୍ଚ୍ଚ ୧୯୬୧

❋

# ସ୍ୱପ୍ନ

ସାଧାରଣତଃ ମୁଁ ସ୍ୱପ୍ନଗୁଡ଼ିକର କୌଣସି "ଅର୍ଥ" ବାହାର କରେ ନାହିଁ । କାରଣ, ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱକୀୟ ପ୍ରତୀକଧାରା ରହିଛି ଏବଂ କେବଳ ସେହି ବ୍ୟକ୍ତି ସକାଶେହିଁ ତାହାର ଏକ ଅର୍ଥ ରହିଛି ।

❋

ଆରଥରକୁ ସାକ୍ଷାତ୍ ସମୟରେ ମୁଁ ଏବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ କେତେକ କଥା କହିବି । ସେପର୍ଯ୍ୟନ୍ତ କାଗଜଗୁଡ଼ିକ ମୋ'ପାଖରେ ରହିବ । (ତାହାକୁ କେବଳ ମୁଁ ଓ ଶ୍ରୀଅରବିନ୍ଦ ଦେଖିବୁ)

ପ୍ରଥମ ସ୍ୱପ୍ନଟିରେ ଥିଏଟର୍-ମଞ୍ଚକୁ ଆମେ ଏହି ପୃଥିବୀର ପ୍ରତୀକରୂପେ ଗ୍ରହଣ କରିବା । ଏହି ପୃଥିବୀରେ ସବୁକିଛି ତ ଏକ ନାଟକ — ଏଥିରେ କୌଣସି ଏକ ବସ୍ତୁର ପ୍ରତିଭାସ ଦେଖିବାକୁ ମିଳିଥାଏ, ଅସଲ ବସ୍ତୁଟି ଆଦୌ ଦୃଷ୍ଟିଲବ୍ଧ ହୁଏ ନାହିଁ । ଏହି ରଙ୍ଗମଞ୍ଚର ରାଜା ଏବଂ ରାଣୀମାନେ କୌଣସି ଏକ ଅନ୍ତର୍ଗତ ଓ ଦିବ୍ୟ ଅଧିକାର ରହିଥିବା ହେତୁ ଯେ ରାଜା ଓ ରାଣୀ ହୋଇ ବାହାରିଆନ୍ତି ତା' ନୁହେଁ, ସେମାନେ କେତେକ ପରିସ୍ଥିତି ଏବଂ ଜନ୍ମ ହେତୁ ଘଟିଥିବା ବିଭ୍ରାନ୍ତିବୁହିଁ ସେପରି ହୋଇଥାନ୍ତି ।

ମୁଁ ଭାବୁଛି ଯେ, ମୋ'ସହିତ ମିଳିତ ହେବାର କ୍ଷେତ୍ରରେ ଯେଉଁସବୁ ବାଧା ତୁମର ପଥ ଓଗାଳି ରଖୁଥିଲେ, ସେଗୁଡ଼ିକ କେତେକ ଅସୁବିଧା (ଉଭୟ ଅନ୍ତର୍ଗତ ଏବଂ ବାହ୍ୟ)ର ସୂଚନା ଦେଉଛନ୍ତି । ଯଥାର୍ଥ ଚେତନା ସହିତ ସମ୍ମିଳିତ ହେବାକୁ ହେଲେ ସେହି ଅସୁବିଧାଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

କେତେକ ସାମାଜିକ ପାରିପାର୍ଶ୍ୱିକତା ଏବଂ ସେଗୁଡ଼ିକ ବିଷୟରେ ତୁମର ପ୍ରତିକ୍ରିୟାଗୁଡ଼ିକ ଅବଚେତନାରେ ବହୁକାଳରୁ ଯେଉଁସବୁ ସଙ୍କେତକୁ ସାଇତି ରଖିଥିଲେ, ଦ୍ୱିତୀୟ ସ୍ୱପ୍ନଟିର ଗଠନ ସେଇଥିରୁ ହୋଇଛି ବୋଲି ମନେ ହେଉଛି ।

ତୃତୀୟ ସ୍ୱପ୍ନଟିରେ ରେଲଗାଡ଼ିକୁ, ପ୍ରତ୍ୟେକ କ୍ଷେତ୍ରରେ ଯେପରି ହୋଇଥାଏ, ଲକ୍ଷ୍ୟ ଉଦ୍ଦେଶ୍ୟରେ ପଡ଼ିଥିବା ରାସ୍ତା ଓ ସେହି ରାସ୍ତାରେ ଅଗ୍ରସର ହେଉଥିବାର ପ୍ରତିରୂପରୂପେ ଗ୍ରହଣ କରାଯିବ । ସେଥିରେ ବିଭିନ୍ନ ଲୋକଙ୍କର ଯେଉଁ ସମଷ୍ଟିମାନ ରହିଛି, ସେଗୁଡ଼ିକ ହେଉଛି ଏହି ଉଦ୍ଦେଶ୍ୟରେ ଗଠିତ ହୋଇଥିବା ବିଭିନ୍ନ ଗୋଷ୍ଠୀ (ଗୁପ୍ତ ସମିତି ପ୍ରଭୃତି) । ତୁମେ ଯେଉଁ ସମିତିଟି ସହିତ ଲିପ୍ତ ହୋଇ ପଡ଼ିଲ, ତୁମର ସେଇଟିରେହିଁ ଯୋଗ ଦେବା ଉଦ୍ଦିଷ୍ଟ ହୋଇ ରହିଥିଲା । — ସେଥିରେ ଯେଉଁ ବାଳକମାନେ ଥିଲେ, ସେମାନେ ତୁମେ ପଢ଼ିଥିବା ପ୍ରଥମ "ବିଦ୍ୟାଳୟ" ଟିରେ ତୁମ ସହିତ ରହିଥିଲେ । ପ୍ରତିରୂପଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ଯାଉଛି, ମାତ୍ର ଏହା ଏପରି ଏକ ସାହଚର୍ଯ୍ୟ, ଯାହାକୁ କି ତୁମେ ଆଦୌ ସ୍ଥାୟୀ ବୋଲି ଅନୁଭବ କରୁ ନ ଥିଲ ।

✽

ଏହି ଦୁଇଟିଯାକ ସ୍ୱପ୍ନ (ସେଗୁଡ଼ିକ କେବଳ ସ୍ୱପ୍ନ କି ? ) ଗୁଣାତ୍ମକ ଦୃଷ୍ଟିରୁ ପୂର୍ବର ସ୍ୱପ୍ନଗୁଡ଼ିକ ଅପେକ୍ଷା ଅଧିକ ଉଚ୍ଚ ସ୍ତରର ।

ପ୍ରଥମ ସ୍ୱପ୍ନଟି ଅନ୍ତର୍ଗତ ସ୍ମୃତି ଏବଂ କ୍ରିୟାର ସେହିସବୁ ପ୍ରତୀକାତ୍ମକ ପ୍ରତିଲିପି ଭିତରୁ ଗୋଟିଏ ବୋଲି ମନେ ହେଉଛି, ଯାହାକି ଅଧିକାଂଶ ସମୟରେ ଆମର ନିଦ୍ରା ସମୟରେ ଉପଲବ୍ଧ ହୋଇଥାଏ । ମୋତେ ଯାହା ସବୁଠାରୁ ଅଧିକ ସ୍ପଷ୍ଟ ବୋଲି ବୋଧ ହେଉଛି, ସେଇଟି ହେଉଛି ଯେ, ସନ୍ତରଣ କରୁଥିବା ସମୟରେ ତୁମେ ଯେଉଁ ଆଶଙ୍କାଟିକୁ ଅନୁଭବ କରୁଥିଲ (ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚି ପାରିବାର ଭୟ), ଏହି ସ୍ୱପ୍ନରେ ସେହି ଭୟଟିକୁ ସୂଚାଇ ଦେବାର କୌଣସି ଯଥାର୍ଥ କାରଣର ଅଭାବ ପୂର୍ଣ୍ଣ ମାତ୍ରାରେ ପରିଲକ୍ଷିତ ହେଉଛି । ତୁମକୁ ଯେଉଁ କୂଳରେ ଯାଇ ପହଞ୍ଚିବାକୁ ହେବ, ସେଠାରୁ ବର୍ଜିତ ହେଉଥିବା ସୁରକ୍ଷା, ଉପସ୍ଥିତ ଅବସ୍ଥା ଏବଂ ପରିସ୍ଥିତି ଦୃଷ୍ଟିରୁ ତୁମେ ସେହି କୂଳରୁ ଅଧିକରୁ ଅଧିକ ଦୂରକୁ ଚାଲି ଯାଉଥିବା ପରି ପ୍ରତୀତ ହେଉଥିଲେ ମଧ୍ୟ, ତୁମକୁ ପ୍ରକୃତରେ କୂଳରେ ନେଇ ପହଞ୍ଚାଇ ଦେଉଛି ।

'oaob.nitrkl.ac.in' images reprocessed

ମୋଟର୍ ଲଞ୍ଚ୍ ଗୁଡ଼ିକର ପ୍ରତୀକାତ୍ମକ ଅର୍ଥଟିକୁ ନିର୍ଭୁଲ ଭାବରେ କହିବା କଷ୍ଟକର ହେବ, କାରଣ ସେହି କ୍ଷେତ୍ରରେ ବିଶଦ ଭାବରେ କୌଣସି ତଥ୍ୟ ମହତ୍ତ୍ୱପୂର୍ଣ୍ଣ ନାହିଁ ।

ଦ୍ୱିତୀୟଟିକୁ ନିଃସନ୍ଦେହ ଭାବରେ ଗୋଟିଏ ସ୍ୱପ୍ନ ବୋଲି କୁହାଯିବ ନାହିଁ । ତାହା ହେଉଛି ଏକ ସତ୍ୟ; ଶ୍ରୀଅରବିନ୍ଦ ଯେ ଅନୁକ୍ଷଣ ଉପସ୍ଥିତ ରହିଛନ୍ତି ଏବଂ ଏକ ଅନ୍ତରଙ୍ଗ ପ୍ରକୃତ ସମ୍ବନ୍ଧର ମାଧ୍ୟମରେ ଯେ ତାଙ୍କର ସହାୟତା ସତତ ଉପଲବ୍ଧ ହେଉଛି, ତାହା ଅତ୍ୟନ୍ତ ଆକର୍ଷଣ ଭାବରେ ସେହି କଥାଟିକୁ ବ୍ୟକ୍ତ କରୁଛି । ଅବଶ୍ୟ ବାହ୍ୟ ଚେତନା ସକାଶେ ତାହା ଆବରଣଯୁକ୍ତ ହୋଇ ରହିଛି । ଏହା ଏକ ବହୁମୂଲ୍ୟବାନ୍ ଅଭିଜ୍ଞତା ଓ ତାହାକୁ ସ୍ମୃତିର ପବିତ୍ରତମ ଏକ ଭାଗରେ ନେଇ ସାଇତି ରଖିବାକୁ ପଡ଼ିବ ।

*

ଛଅଟିଯାକ ଶଯ୍ୟା : ସୃଷ୍ଟି-ସାମର୍ଥ୍ୟଗୁଡ଼ିକର ଆସନ, ଭୂମି (୭) । ଗୋଟିକୁ ପୈଶାଚିକ ଶକ୍ତିମାନେ ତଥାପି ଦଖଲ୍ କରି ରହିଛନ୍ତି (ଶେଷଟି, ଯେଉଁଟି ସବୁଠାରୁ ଅଧିକ ସ୍ଥୂଳ) ।

ଭୃତ୍ୟ : ମାର୍ଗଗୁଡ଼ିକର ଗହନ ମଧ୍ୟରୁ ଯିଏ ଆମକୁ ବାଟ ଦେଖାଇ ନେଉଥିଲା, ଆମକୁ କିଛି ଖାଦ୍ୟ ଆଣି ଦେଲା ଏବଂ ଅନ୍ଧାର ଭିତରେ, ନିମ୍ନତର ପ୍ରକୃତି ମଧ୍ୟରେ, ଆମ ବାଟଟିକୁ ପାଇବା ଲାଗି ଆମକୁ ଏକ କ୍ଷୀଣ ଆଲୋକ (ଅତି କ୍ଷୀଣ ହୋଇ ଜଳୁଥିବା ଗୋଟିଏ ଟର୍ଚ୍ଚ) ଆଣିଦେଲା । ଆପଣାର ସେବା ସକାଶେ ସେ ଆମଠାରୁ କିଛି ମଜୁରି ମାଗୁଥିଲା, "ବାହାରେ ଥିବା ଭଦ୍ରଲୋକ" ଜଣକ (ସେହି ପିଶାଚ) ସର୍ବଦା ତାକୁ ମଜୁରି ଦେଉଛନ୍ତି ବୋଲି କହିଲା ।

ସେହି ସ୍ଥାନଟି : ଭୌତିକ ଚେତନା ମଧ୍ୟରେ ରହିଥିବା କୌଣସି ପ୍ରାଣିକ ସ୍ତର ।

* ୨୦ ଫେବୃଆରୀ ୧୯୩୬

ସେଦିନ ଦର୍ଶନ ଦିବସ ଥିଲା । ଆପଣ ଶ୍ରୀଅରବିନ୍ଦଙ୍କ ସହିତ ଉପସ୍ଥିତ ଥିଲେ । ମୁଁ ଶ୍ରୀଅରବିନ୍ଦଙ୍କ ବାହୁବେଢ଼ ଭିତରକୁ ଧାଇଁଗଲି । ଅତ୍ୟନ୍ତ ଆନନ୍ଦର ସହିତ ସେ ମୋତେ ଆଲିଙ୍ଗନ କଲେ ଏବଂ କହିଲେ ଯେ ମୋତେ

'oaob.nitrkl.ac.in' images reprocessed

ଉପରକୁ ଉଠାଇ ନେଇଯିବା ସକାଶେହିଁ ସେ ଆସିଛନ୍ତି । ମୁଁ ତାଙ୍କର କୋଡ଼ରେ ବସିଥାଏ । ଆପଣ ମଧ୍ୟ ମୋତେ ଧୀର ଭାବରେ ଆଲିଙ୍ଗନ କଲେ, ମୁଁ ଆପଣଙ୍କୁ ପଠାଇଥିବା ଏକ ପ୍ରାର୍ଥନାକୁ ଆପଣ ସେତେବେଳେ ଉଚ୍ଚାରଣ କରୁଥାନ୍ତି ।

ନିଦ୍ରା ସମୟରେ ଉପରକୁ ଉତ୍ତୋଳିତ ହୋଇ ଆସିଥିବା ଏକ ଚୈତ୍ୟ ଫଳନର ପରିଣାମ ସ୍ୱରୂପ ତୁମେ ଏହି ସ୍ୱପ୍ନଟିକୁ ଦେଖିଲ ।

୧୯ ମାର୍ଚ୍ଚ ୧୯୩୭

*

ଶୋଇବାକୁ ଯାଉଥିବା ସମୟରେ ଆପଣଙ୍କୁ ମୁଁ ଅନ୍ତତଃ ଥରକ ପାଇଁ ସ୍ମରଣ କରିଥାଏ । ଶୋଇଥିବା ସମୟରେ ମୁଁ ଆପଣଙ୍କୁ ସିନା ସ୍ୱପ୍ନରେ ଦେଖନ୍ତି, ମାତ୍ର ସେତେବେଳେ ମୋତେ ଏପରି ଅଶୋଭନୀୟ ସ୍ୱପ୍ନସବୁ କାହିଁକି ଦୃଷ୍ଟି ହୁଅନ୍ତି କେଜାଣି ? ଯଦି ଆପଣ ମୋତେ କୃପାବଶ ହୋଇ ଯଥେଷ୍ଟ ଇଚ୍ଛାଶକ୍ତି ପ୍ରଦାନ କରିବେ ଏବଂ ଆପଣଙ୍କର ମାର୍ଗନିର୍ଦ୍ଦେଶ ଅନୁସାରେ ଯିବା ଲାଗି ବଳ ଦେବେ, ତେବେ ସେହି ମନ୍ଦଟାକୁ ନିରସ୍ତ କରି ରଖିପାରିବା ଲାଗି ଆପଣଙ୍କର ଯେକୌଣସି ମାର୍ଗଦର୍ଶନକୁ ମୁଁ ଅବଶ୍ୟ ସମ୍ପୂର୍ଣ୍ଣ ସ୍ୱାଗତ କରିବି ।

ତୁମ ଭିତରେ ଜୟଲାଭ କରିବାର ଇଚ୍ଛାକୁ ସତତ ଏବଂ ପୂର୍ଣ୍ଣ ଆନ୍ତରିକତା ସହିତ ଜାଗ୍ରତ କରି ରଖିଥାଅ ।

ଅନେକ ଆଶୀର୍ବାଦ ।

୨୦ ଜୁଲାଇ ୧୯୪୭

*

ନିଜ ସ୍ୱପ୍ନଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରି ଆମେ ବହୁତ କଥା ଶିକ୍ଷା କରିପାରିବା ।

'oaob.nitrkl.ac.in' images reprocessed

# ଅସୁସ୍ଥତା ଓ ସ୍ୱାସ୍ଥ୍ୟ

ତୁମର ଅସୁସ୍ଥତା ଯୋଗ ସକାଶେ ହେଲା କି ବୋଲି ତୁମେ ମୋତେ ପଚାରିଛ । ଯୋଗ ସକାଶେ କଦାପି ହୋଇ ନାହିଁ । ଯୋଗ କେବେହେଲେ ସ୍ୱାସ୍ଥ୍ୟର ଆଦୌ କୌଣସି ଅନିଷ୍ଟ ସାଧନ କରେ ନାହିଁ । ଓଲଟି ତାହା ଏକ ବଳିଷ୍ଠ ଏବଂ ଅକ୍ଷୟ ସ୍ୱାସ୍ଥ୍ୟର ଗଠନରେ ସହାୟତା କରିଥାଏ

୨୯ ଜୁନ୍ ୧୯୪୨

*

ତୁମେ କଦାପି ଭୁଲିଯିବ ନାହିଁ ଯେ, ଆମର ଏହି ଯୋଗରେ ସଫଳ ହେବା ସକାଶେ ଏକ ବଳିଷ୍ଠ ତଥା ସ୍ୱାସ୍ଥ୍ୟବାନ୍ ଶରୀରର ଏକାନ୍ତ ଆବଶ୍ୟକତା ରହିଛି ।

ସେଥିଲାଗି ଶରୀରକୁ ବ୍ୟାୟାମ କରିବାକୁ ପଡ଼ିବ, ତାହାକୁ ଏକ ସକ୍ରିୟ ଏବଂ ନିୟମିତ ଜୀବନ ଯାପନ କରିବାକୁ ହେବ, ଶରୀରଶ୍ରମ କରିବାକୁ ପଡ଼ିବ, ଭଲ ଖାଇବାକୁ ଓ ଭଲ ଶୋଇବାକୁ ପଡ଼ିବ ।

କେବଳ ଉତ୍ତମ ସ୍ୱାସ୍ଥ୍ୟର ସାହାଯ୍ୟରେହିଁ ଆମେ ରୂପାନ୍ତରର ମାର୍ଗଟିକୁ ଆବିଷ୍କାର କରି ପାରିବା ।

*

୧୮ ଏପ୍ରିଲ୍ ୧୯୭୧

ବ୍ୟାୟାମ କରିବା ଏବଂ ଏକ ସରଳ ଓ ସ୍ୱାସ୍ଥ୍ୟରକ୍ଷାସମ୍ମତ ଜୀବନ ଯାପନ କରିବା ଅବଶ୍ୟ ଭଲ; ମାତ୍ର ଶରୀରକୁ ଯଥାର୍ଥରେ ପରିପୂର୍ଣ୍ଣ କରି ଗଢ଼ିବାକୁ ହେଲେ, ତାହାକୁ ଦିବ୍ୟ ଶକ୍ତିଗୁଡ଼ିକ ଆଡ଼କୁ ବିମୁକ୍ତ ହୋଇ ରହିବାକୁ ପଡ଼ିବ, କେବଳ ସେହି ଦିବ୍ୟ ପ୍ରଭାବଟିରହିଁ ଅଧୀନ ହେବାକୁ ପଡ଼ିବ, ସେହି ଦିବ୍ୟ ପରମସତ୍ତାଙ୍କର ଉପଲବ୍ଧି ନିମନ୍ତେ ନିରନ୍ତର ଅଭୀପ୍ସା ରଖିବାକୁ ହେବ ।

*

'oaob.nitrkl.ac.in' images reprocessed

ଉତ୍ତମ ସ୍ୱାସ୍ଥ୍ୟ ହେଉଛୁ ଏକ ଅନ୍ତର୍ଗତ ସମଞ୍ଜସତାରହିଁ ବାହ୍ୟ ଅଭିବ୍ୟକ୍ତି । ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିପାରିଲେ ଆମକୁ ସେଥିଲାଗି ଗର୍ବ ଅନୁଭବ କରିବାକୁ ପଡ଼ିବ, —ତାହାକୁ ଘୃଣାର ସହିତ ଦେଖିବା ଆଦୌ ଉଚିତ ହେବ ନାହିଁ ।

❋

ସୁଖ ଏବଂ ସୁସ୍ୱାସ୍ଥ୍ୟ ଏବେ ମଧ୍ୟ ଏହି ପୃଥିବୀର ସ୍ୱାଭାବିକ ସ୍ଥିତିରେ ପରିଣତ ହୋଇ ପାରି ନାହିଁ ।

ଆମକୁ ସେଗୁଡ଼ିକୁ ସେଗୁଡ଼ିକର ବିପରୀତ ସ୍ଥିତିଗୁଡ଼ିକର କବଳରୁ ଅବଶ୍ୟ ସମ୍ପୂର୍ଣ୍ଣ ଯତ୍ନର ସହିତ ସୁରକ୍ଷିତ କରି ରଖିବାକୁ ପଡ଼ିବ ।

❋

## ଅସୁସ୍ଥତାର ଅନ୍ତର୍ଗତ କାରଣ

ମୁଁ କେତେଦିନ ହେଲା ନାନା ପ୍ରକାରର କ୍ଷୁଦ୍ର ଦୁର୍ଘଟନା ଏବଂ ଆଘାତର ସମ୍ମୁଖୀନ ହୋଇ ଆସୁଛି; ଏବଂ ଏସବୁରେ ମୋତେ ଖୁବ୍ ଚିନ୍ତିତ ହୋଇ ରହିଥିବା ପରି ଲାଗୁଛି, କାରଣ ସେଗୁଡ଼ିକୁ ଏଡ଼ାଇ ରଖିବା ନିମନ୍ତେ ମୋ'ର ଯାବତୀୟ ଚେଷ୍ଟା କେବଳ ବ୍ୟର୍ଥ ହୋଇ ଯାଉଥିବା ପରି ବୋଧ ହୋଇଛି । ତେବେ ମୁଁ କ'ଣ କରିବି ?

ଏସବୁ କ୍ଷୁଦ୍ର ବ୍ୟାପାର ନେଇ ନିଜକୁ ଉତ୍ପୀଡ଼ିତ କରି ରଖିବା ଆଦୌ ଉଚିତ ନୁହେଁ । — ସେଗୁଡ଼ିକର ନିଜର ଆଦୌ କୌଣସି ମହତ୍ତ୍ୱ ନାହିଁ ଏବଂ ଆମ ସ୍ୱଭାବ ମଧ୍ୟରେ ତଥାପି କେଉଁସବୁ ଜାଗାରେ ଅଚେତନା ଘର କରି ରହିଛନ୍ତି, ଯେପରି ଆମେ ସେହି ସ୍ଥାନଟିକୁ ଏକ ଆଲୋକ ଦ୍ୱାରା ଆଲୋକିତ କରି ପାରିବୁ, ଆମକୁ ତାହା ଦର୍ଶାଇଦେବା ନିମନ୍ତେହିଁ ସେଗୁଡ଼ିକର ପ୍ରୟୋଜନ ରହିଛି ।

୧୩ ଜୁଲାଇ ୧୯୩୭

❋

'oaob.nitrkl.ac.in' images reprocessed

ତୁମର ସକଳ ସଂପ୍ରତ୍ୟୟ ଓ ଏପରିକି ହୁଏତ ସକଳ ସଂକଳ୍ପ ସତ୍ତ୍ୱେ ତୁମକୁ ତଥାପି ସାଧନା କରିବାକୁ ହେବ, ନିଜର ବାହ୍ୟ କର୍ମୋତ୍ସର୍ଗ ସହିତ ଗଭୀର ଆତ୍ମବୋଧ ଏବଂ ମନୋଗତ ରୂପାନ୍ତର ରୂପକ ସେହି ଅନ୍ତର୍ଗତ ଉତ୍ସର୍ଗମୟତାକୁ ମଧ୍ୟ ଯୁକ୍ତ କରି ରଖିବାକୁ ହେବ ଏବଂ ତୁମର ଯାବତୀୟ ନିର୍ଜନ ବାସକୁ ସେହି ଉଦ୍ଦେଶ୍ୟର ସାଧନ ଲାଗିହିଁ କାର୍ଯ୍ୟରେ ଲଗାଇବାକୁ ପଡ଼ିବ,—ତୁମେ ତାହାର ଏକ ସଙ୍କେତ ରୂପେହିଁ ତୁମର ଏହି ଅସୁସ୍ଥତାକୁ ଗ୍ରହଣ କରିବ ।

ମୋର ଶ୍ରଦ୍ଧା ଓ ସହାୟତା ତୁମ ସହିତ ଅବଶ୍ୟ ରହିଛି ।

୭ ଏପ୍ରିଲ୍ ୧୯୫୭

✻

ଶାରୀରିକ ଯାବତୀୟ ଅସୁସ୍ଥତାମାନ ଶରୀର ସତ୍ତା ମଧ୍ୟରେ ରହିଥିବା କୌଣସି ନା କୌଣସି ପ୍ରତିରୋଧରହିଁ ସୂଚନା ଦେଇଥାନ୍ତି । ମାତ୍ର, ଦିବ୍ୟ ପରମସତ୍ତାଙ୍କ ଇଚ୍ଛା ପାଖରେ ନିଜକୁ ସମର୍ପିତ କରିଦେଇ ପାରିଲେ ଏବଂ ପରମ କରୁଣାର କାର୍ଯ୍ୟ ଉପରେ ପରିପୂର୍ଣ୍ଣ ଆସ୍ଥା ରଖିବାକୁ ସମର୍ଥ ହେଲେ, ସେମାନେ ନିଶ୍ଚୟ ଅଚିରେ ଅନ୍ତର୍ହିତ ହୋଇଯିବେ ।

✻ ୨୨ ମଇ ୧୯୫୭

ଶ୍ରୀଅରବିନ୍ଦ କହିଛନ୍ତି :

"ରୋଗ ଅନାବଶ୍ୟକ ଭାବରେ ଦୀର୍ଘତର ହୋଇଯାଏ ଏବଂ ଏପରି ହେବା ଅନିବାର୍ଯ୍ୟ ହୋଇ ନ ଥିଲେ ମଧ୍ୟ ତାହା ଆମକୁ ଅନେକ ସମୟରେ ମୃତ୍ୟୁ-ମୁଖରେ ନେଇ ପକାଇଦିଏ, କାରଣ ରୋଗୀର ମନ ଦେହର ସେହି ରୋଗଟିକୁ ସମର୍ଥନ କରୁଥାଏ ଏବଂ ତାହାକୁ ନେଇ ଚିନ୍ତା କରିବାରେ ଲାଗିଥାଏ ।" *

ଏବଂ ସେହି ଉକ୍ତିଟି ସହିତ ମୁଁ ଏତିକି ମିଶାଇ କହିବି,

"ଶରୀରର ଯେକୌଣସି ଅସୁସ୍ଥତା ସର୍ବଦା ଅନ୍ତର୍ଗତ ସତ୍ତ୍ୱରେ ରହିଥିବା କୌଣସି ଏକ ବିଶୃଙ୍ଖଳା ଓ ଅସମଞ୍ଜସତାର ବାହ୍ୟ ଅଭିବ୍ୟକ୍ତି ଏବଂ ଅନୁଲିଖନ ରୂପେ ବିଦ୍ୟମାନ ରହିଥାଏ; ଭିତରର ସେହି ବିଶୃଙ୍ଖଳାର ଆରୋଗ୍ୟ ନ ହୋଇ

* ବିଚାର ଓ ସୂକ୍ତମାଳା, ଇଂରେଜୀ ଶତବାର୍ଷିକୀ ସଂସ୍କରଣ, ୧୭ଶ ଖଣ୍ଡ, ପୃଷ୍ଠା-୧୨୭ ।



'oaob.nitrkl.ac.in' images reprocessed

ଥିବା ପର୍ଯ୍ୟନ୍ତ ବାହ୍ୟର ଆରୋଗ୍ୟ ମଧ୍ୟ କଦାପି ସମ୍ପୂର୍ଣ୍ଣ ଏବଂ ସ୍ଥାୟୀ ହୋଇ ପାରିବ ନାହିଁ ।”

✻ ୧ ଅକ୍ଟୋବର ୧୯୫୧

ଆମକୁ ସମଞ୍ଜସତାର ଶିକ୍ଷା ଦେବାକୁ ଏବଂ ଆମ ଭିତରେ କେଉଁ ଉପାଦାନଟି ଏପରି ଯଥେଷ୍ଟ ପରିମାଣରେ ଶୁଦ୍ଧ ଏବଂ ଉଜ୍ଜ୍ୱଳ ହୋଇ ରହିଛି ଯେ ତାହାକୁ କେନ୍ଦ୍ର ସଙ୍ଗଠିତ କରି ପକାଇ ପାରିବ ନାହିଁ, ଆମ ଲାଗି ସେହି ସତ୍ୟଟିର ଉଦ୍‌ଘାଟନ କରି ଦେବାକୁହିଁ ସର୍ବଦା ଶାରୀରିକ ସକଳ ଅସ୍ୱସ୍ତିର ଆଗମନ ଘଟିଥାଏ । ତେଣୁ, ସମଞ୍ଜସତାରେହିଁ ସେଗୁଡ଼ିକର ଆରୋଗ୍ୟ ନିହିତ ହୋଇ ରହିଥାଏ ।

ଏକ ଅତି ମହତ୍ତ୍ୱପୂର୍ଣ୍ଣ କଥା : ସମଞ୍ଜସତା କହିଲେ କଦାପି ଉଦାସୀନତାର ଏକ ଭାବକୁ ବୁଝାଇବ ନାହିଁ ।

୧୧ ଡିସେମ୍ବର ୧୯୬୫

✻

ରୋଗଟି ଏକ ପରୀକ୍ଷା ସ୍ୱରୂପ ଆସିଛି ଏବଂ ଏକ ଶୁଦ୍ଧୀକରଣର କାରଣ ହୋଇ ଚାଲିଯାଇଛି ; ଏକ ପରିପୂର୍ଣ୍ଣ ଊର୍ଦ୍ଧ୍ୱର ଆନନ୍ଦଲାଭ ପଥରେ ଯାହାକିଛି ବାଧା ହୋଇ ଛିଡ଼ା ହୋଇଥିଲା, ତାହା ସେହିସବୁ କିଛିକୁ ସାଙ୍ଗରେ ନେଇ ଚାଲିଯାଇଛି ।

✻ ୨ ଫେବୃଆରୀ ୧୯୬୭

ଏକ କଠୋର ପରୀକ୍ଷାରୂପେ ପ୍ରତିକୂଳ ଶକ୍ତିମାନେ ତୁମକୁ ଏହି ଅସୁସ୍ଥତାର ସମ୍ମୁଖୀନ କରାଇଛନ୍ତି ।

ତୁମେ ଏକ ଯଥାର୍ଥ ଦୃଷ୍ଟିକୋଣ ସହିତ ଏହାର ସମ୍ମୁଖୀନ ହୋଇ ପାରି ନାହଁ ।

ସେଇ କାରଣରୁହିଁ ତାହା ନ ଯାଇ ତଥାପି ରହିଛି ।

ତୁମେ ମାନ୍ଦ୍ରାଜ ଗଲେ ସେହି ଦୃଷ୍ଟିକୋଣରେ ଆଦୌ କୌଣସି ସୁଧାର ହେବ ନାହିଁ । ବରଂ ତାହାର ଓଲଟା ଫଳ ଫଳିବ ।

ଭୟ ଏବଂ ପରମ ଦିବ୍ୟ ସତ୍ତ୍ୱଙ୍କଠାରେ ଅବିଶ୍ୱାସ, — ତୁମେ ଏହିସବୁ ଗତିସ୍ପନ୍ଦନ ପାଖରେ ମୁଣ୍ଡ ନୁଆଁଇ ପକାଉଛ ।

'oaob.nitrkl.ac.in' images reprocessed

ଏହା ଦ୍ୱାରା ତୁମର କୌଣସି ଭଲ ହେବ ବୋଲି ମୁଁ ଆଦୌ ଦେଖି ପାରୁ ନାହିଁ ।

*

ତୁମର ଅସୁସ୍ଥତାକୁ ଆଦୌ ଏକ ଆକସ୍ମିକତା ବୋଲି ବୁଝାଯିବ ନାହିଁ । ତୁମେ ନିଜର ଅନ୍ତର୍ଗତ ପରିବର୍ତ୍ତନ ଉପରେ,—ତୁମର ଚେତନାରେ ଏକ ପ୍ରସାରଣ ଘଟାଇ ଯେଉଁ ମନୋଗତ ପରିବର୍ତ୍ତନଟି ହେବାକୁ ଯାଉଥିଲା, — ଆଦୌ ଯଥେଷ୍ଟ ଦୃଷ୍ଟି ଦେଲ ନାହିଁ । ତୁମେ ନିଜ ଉପରେ ବେଶ୍ ସନ୍ତୁଷ୍ଟ ହୋଇ ରହିଗଲ । ନିଜର ସାନ ଖୋପାଟି ଭିତରେ ଆପଣାକୁ ବନ୍ଦକରି ରଖିଲ ଏବଂ ଆଦୌ କୌଣସି ଅଗ୍ରଗତି କରିବା ଲାଗି ଚେଷ୍ଟା କଲ ନାହିଁ । ତୁମେ କହିଲ ଯେ ସାଧନାରେ ତୁମର ଆଦୌ କୌଣସି ଆଗ୍ରହ ନାହିଁ ଏବଂ ଭାବିଲ ଯେ, ତୁମେ ଯନ୍ତ୍ରକାଯ୍ୟତ୍ର କାର୍ଯ୍ୟ କରୁଛ, ତାହାହିଁ ତୁମ ଲାଗି ଅବଶ୍ୟ ଯଥେଷ୍ଟ ହେବ ଓ ତେଣୁ ଆଉ ଅଧିକ କିଛି କରିବାର କୌଣସି ଆବଶ୍ୟକତା ନାହିଁ । ତୁମର ସେହି ଦୃଷ୍ଟିକୋଣଟିହିଁ ତୁମକୁ ମୋର ସୁରକ୍ଷା ମଧ୍ୟରୁ ବାହାରକୁ ନେଇ ଯାଇଥିଲା । ମୁଁ ଥରେ ସାବଧାନ କରିଦେଲି, ମାତ୍ର ତୁମେ ପ୍ରକୃତିକୁ ଏକ ଆହ୍ୱାନ ଜଣାଇ କହିଲ ଯେ ତୁମକୁ ଆଦୌ କିଛିହେଲେ ସ୍ପର୍ଶ କରି ପାରିବ ନାହିଁ । ଏହି ସବୁଯାକ କଥା ଏକାଠି ମିଶି ତୁମର ମନ ଭିତରକୁ ଯାବତୀୟ ଅସୁବିଧା, ଦୁର୍ବଳତା ଏବଂ ଅସୁସ୍ଥତାକୁ ଡାକି ନେଇ ଆସିଲେ ।

ତୁମକୁ ବଦଳିବାକୁହିଁ ପଡ଼ିବ । ମହାସରସ୍ୱତୀଙ୍କର ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ପଡ଼ିବ, ନିଜର କାର୍ଯ୍ୟକୁ ଅଧିକରୁ ଅଧିକ ଦୋଷମୁକ୍ତ କରିବାକୁ ହେବ, ଅଗ୍ରଗତି କରିବାକୁ ହେବ ଓ ମନର ଭୂମିରେ ଏକ ରୂପାନ୍ତର-ବିଧାନ ଲାଗି ଚେଷ୍ଟା କରିବାକୁ ପଡ଼ିବ । ଏଥିରୁ କମ୍‌ରେ ତୁମର ଆଦୌ କୌଣସି ଉପକାର ହେବ ନାହିଁ । ଏହା ହେଉଛି ସର୍ବନିମ୍ନ ଆବଶ୍ୟକତା, ଏବଂ ଯଦି ତୁମେ ଆନ୍ତରିକତା ସହିତ ଉଦ୍ୟମ କରିବ, ତେବେ ମୋର ସହାୟତା ମଧ୍ୟ ସେହି କ୍ଷେତ୍ରରେ ସର୍ବଦା ବିଦ୍ୟମାନ ରହିଥିବ ।

ଏବେ ମୋର କାର୍ଯ୍ୟ ଏପରି କ୍ଷିପ୍ର ଗତିରେ ଚାଲିଛି ଯେ, ତୁମେ ନିଜେ ଗମ୍ଭୀର ଭାବରେ ଉଦ୍ୟମ ନ କରିବା ପର୍ଯ୍ୟନ୍ତ ତୁମେ ପ୍ରକୃତରେ ଅନେକ ପଛରେ ପଡ଼ି ରହିବ ଏବଂ ମୋ' ସହିତ ରହିବାକୁ ଆଉ ମୋଟେ ସମର୍ଥ ହେବ ନାହିଁ । ମାତ୍ର, ଯଦି ତୁମେ ମୋ' କହିବା ଅନୁସାରେ କାର୍ଯ୍ୟ କରିବ, ତେବେ ସବୁକଥା ଠିକ୍ ହୋଇଯିବ । ✲

*

ଏକ ଅନ୍ତର୍ଗତ ପରିବର୍ତ୍ତନ ଲାଗି ତୁମର ଆଖିକୁ ଖୋଲି ଦେବା ସକାଶେ ତୁମର ଅସୁସ୍ଥତା ତୁମକୁ ଗୋଟିଏ ସୁଯୋଗ ଆଣି ଦେଇଥିଲା । ତୁମକୁ ଏହାର ସୁଯୋଗ ଗ୍ରହଣ କରିବାକୁ ପଡ଼ିବ ଏବଂ ଅଗ୍ରଗତ କରିବାକୁ ହେବ । ମାଁ

✻

ତୁମର ସ୍ୱଭାବ ମଧ୍ୟରେ ଯାହାକିଛି ବଦଳିବାକୁ ଇଚ୍ଛା କରୁ ନାହାନ୍ତି, ସେମାନେ ସମସ୍ତେ ଏକଜୁଟ ହୋଇ ଯାଉଛନ୍ତି ଓ ଏକ ଅସୁସ୍ଥତା ରୂପେ ପ୍ରକାଶ ପାଉଛନ୍ତି । ବର୍ତ୍ତମାନ ଏକମାତ୍ର କର୍ତ୍ତବ୍ୟ ହେଉଛି ଯେ ତୁମର ଅଭୀପ୍ସା ବଳବାନ୍ ହେବ ଏବଂ ତୁମେ ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦିଗରେ ଅଗ୍ରସର ହେବ । ତେବେ ସବୁକିଛି ଠିକ୍ ହୋଇଯିବ । ମାଁ

✻

## ଭୟ ଏବଂ ଅସୁସ୍ଥତା

ଆପଣା ବିଷୟରେ ସତର୍କ ଦୃଷ୍ଟି ରଖ । 'କ'ଙ୍କ ଉପରେ ଏକ ଭୟ ଗୋଟି ବାନ୍ଧି ଆସିଥିଲା — ସର୍ଦ୍ଦିର ଭୟ, ଭଗ୍ନସ୍ୱାସ୍ଥ୍ୟର ଭୟ ଇତ୍ୟାଦି — ତୁମେ ସତର୍କ ରୁହ, ଯେପରି ସେହି ଅବସ୍ଥାଟି ଡେଇଁ କରି ତୁମ ଉପରକୁ ଚାଲି ନ ଆସେ । ତୁମକୁ ଦୃଢ଼ ସଙ୍କଳ୍ପର ସହିତ ତାହାର ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ ।

୧୯୩୭

✻

ତୁମେ ଆଦୌ ଭୟ କରିବ ନାହିଁ । ତୁମର ଅଧିକାଂଶ ସମସ୍ୟା ଭୟରୁ ଜାତ ହେଉଛି । ବସ୍ତୁତଃ ଶତକଡ଼ା ନବେ ଭାଗ ଅସୁସ୍ଥତା ଶରୀରର ଅବଚେତନ ଭୟ-ଭାବରୁହିଁ ଜାତ ହୋଇଥାଏ । ଶରୀରର ସାଧାରଣ ଚେତନା ମଧ୍ୟରେ ଏତେ ଟିକିଏ ଶାରୀରିକ ଅବ୍ୟବସ୍ଥାର ପରିଣାମ ବିଷୟରେ ଅଳ୍ପବହୁତ ପରିମାଣରେ ଏକ ପ୍ରଚ୍ଛନ୍ନ ଉଦ୍‌ବେଗଭାବ ରହିଥାଏ । "ତେବେ କ'ଣ ସବୁ ଘଟିବ ?"—ସେହି ଉଦ୍‌ବେଗଟି ଭବିଷ୍ୟତ୍ ସମ୍ବନ୍ଧରେ ଏହିପରି ଏକ ସଂଶୟବାଣୀ ରୂପେ ବ୍ୟକ୍ତ କରି ଆଣିପାରେ । ଏହି ଉଦ୍‌ବେଗଟିର ପଥରୋଧ କରିବାକୁ ପଡ଼ିବ । ବସ୍ତୁତଃ ସେହି ଉଦ୍‌ବେଗ

'oaob.nitrkl.ac.in' images reprocessed

ହେଉଛି ଦିବ୍ୟ ପରମକରୁଣା ଉପରେ ତୁମ ବିଶ୍ୱାସର ଏକ ଅଭାବରହିଁ ସୂଚକ; ତୁମର ଭିତର ଯେ ଆଦୌ ସମ୍ପୂର୍ଣ୍ଣ ଏବଂ ଦୋଷମୁକ୍ତ ହୋଇ ପାରି ନାହିଁ ତାହାର ଏକ ଭ୍ରମଶୂନ୍ୟ ସଙ୍କେତ ।

ପ୍ରତ୍ୟେକ ବାର ସେହି ଉଦ୍‌ବେଗର କଳୁଷିତ୍ ଅଂଶ ବାହାରେ ଆସି ପ୍ରକାଶ ପାଉଛି ବୋଲି ରହିଥିବା ଏହି ଅବଚେତନ ଭୟକୁ ଅତିକ୍ରମ କରିବାର ଏକ ବ୍ୟାବହାରିକ ଉପାୟ ହେଉଛି, ତୁମ ସତ୍ତାର ଅପେକ୍ଷାକୃତ ଅଧିକ ସନ୍ଦୀପିତ ଅଂଶଟି ଶରୀରକୁ ଦିବ୍ୟ ପରମକରୁଣା ଉପରେ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରି ରହିବାର ପ୍ରୟୋଜନ ବିଷୟରେ ଆବଶ୍ୟକ ପ୍ରତ୍ୟୟଟିକୁ ଆଣି ଦେବାରେ ଲାଗିଥିବ,—ଆମ ଭିତରେ ଏବଂ ଏହି ସବୁକିଛି ଭିତରେ ଯେ ସେହି କରୁଣା ଆମର ସର୍ବୋତ୍ତମ ଲାଗି ସତତ କାର୍ଯ୍ୟ କରିବାରେ ଲାଗିଛି, ତାହା ଶରୀରକୁ ସେହିପରି ଏକ ସୁନିଶ୍ଚିତ ବୋଧ ଆଣି ଦେଉଥିବ, ସେହି ଦିବ୍ୟ ପରମସତ୍ତାଙ୍କ ଇଚ୍ଛା ପାଖରେହିଁ ଆପଣାକୁ ସମ୍ପୂର୍ଣ୍ଣ ଓ ସଙ୍କୋଚହୀନ ଭାବରେ ସମର୍ପିତ କରି ରହିବାର ଏକ ଦୃଢ଼ ସଙ୍କଳ୍ପ ତା' ଭିତରେ ଆଣି ଦେଉଥିବ ।

ଶରୀରକୁ ଅବଶ୍ୟ ଜାଣି ରଖିବାକୁ ହେବ ଏବଂ ଏହି ବିଷୟରେ ତା'ର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହେବ ଯେ, ତାହାର ଅସଲ ଓ ପ୍ରକୃତ ଉପାଦାନ ହେଉଛି ଏକ ଦିବ୍ୟ ଉପାଦାନ ଏବଂ ଯଦି ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟ କରିବାର ମାର୍ଗରେ କୌଣସି ପ୍ରତିବନ୍ଧକ ଆଣି ରଖା ନ ଯାଏ, ତେବେ ଆମର କେହି କୌଣସି କ୍ଷତି ଘଟାଇ ପାରିବ ନାହିଁ । ଭୟର ଯାବତୀୟ ପୁନରାଗମନ ବନ୍ଦ ହୋଇ ପାରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟାଟିକୁ ଅବିଚ୍ଛିନ୍ନ ଭାବରେ ବାରବାର କାର୍ଯ୍ୟକାରୀ ରଖିବାକୁ ପଡ଼ିବ । ଏବଂ ତା'ପରେ, ଆପଣା ଲାଗି ଆବର୍ଭାବର ଏକ କ୍ଷେତ୍ର ପ୍ରସ୍ତୁତ କରିବାରେ ଅସୁସ୍ଥତା ତଥାପି କେବେ ସଫଳ ହେଲେ ମଧ୍ୟ ତାହାର ବଳ ଏବଂ ସ୍ଥାୟିତ୍ୱ ଅତୀବ ପରିମାଣରେ ଊଣା ହୋଇଯିବ ଏବଂ ଶେଷକୁ ତାହା ଉପରେ ନିଶ୍ଚିତ ଭାବରେ ବିଜୟ ହାସଲ କରାଯାଇ ପାରିବ ।

୧୪ ଅକ୍ଟୋବର ୧୯୪୫

*

ଯେତେବେଳେ ଶରୀରରେ କୌଣସି ଅସୁସ୍ଥତା ଉପସ୍ଥିତ ହେବ, ସେତେବେଳେ ତୁମେ କୌଣସି ଭୟ କରିବ ନାହିଁ; ତା' ପାଖରୁ ଦଉଡ଼ି ପଳାଇ ଯିବ ନାହିଁ, ସାହସ, ଶାନ୍ତତା ଏବଂ ବିଶ୍ୱାସର ସହିତ ତାହାର ସମ୍ମୁଖୀନ ହେବ । ଅସୁସ୍ଥତା ହେଉଛି ପ୍ରକୃତରେ ଏକ ମିଥ୍ୟା ଏବଂ ଯଦି ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ,

'oaob.nitrkl.ac.in' images reprocessed

ପୂର୍ଣ୍ଣ ବିଶ୍ୱାସର ସହିତ ଏବଂ ପରିପୂର୍ଣ୍ଣ ଭାବରେ ଶାନ୍ତ ରହି ନିଜକୁ ଦିବ୍ୟ କରୁଣା ଆଡ଼କୁ ଉନ୍ମୋଚିତ କରି ରଖିବ, ତେବେ ସେହି କରୁଣା ସତ୍ତ୍ୱର ଗଭୀରତମ ତଳଗୁଡ଼ିକରେ ନିଜକୁ ପ୍ରତିଷ୍ଠିତ କରି ରଖିଥିଲା ପରି ଏହି କୋଷଗୁଡ଼ିକରେ ମଧ୍ୟ ଆପଣାକୁ ଅବଶ୍ୟ ପ୍ରତିଷ୍ଠିତ କରି ରଖିବ ଏବଂ ତେବେ ସେହି କୋଷଗୁଡ଼ିକ ମଧ୍ୟ ଶାଶ୍ୱତ ପରମ ସତ୍ୟ ଏବଂ ପରମ ଆନନ୍ଦ ମଧ୍ୟରେ ନିଶ୍ଚୟ ଅଂଶଗ୍ରହଣ କରିବାକୁ ସମର୍ଥ ହେବେ, — ଏହିପରି ଏକ ସୁନିଶ୍ଚିତ ପ୍ରତ୍ୟୟପୂର୍ଣ୍ଣତା ସହିତ ଅସୁସ୍ଥତାର ସମ୍ମୁଖୀନ ହେବାକୁ ପଡ଼ିବ ।

*

> ମୋ' ଗୋଡ଼ରେ ଦେଖା ଦେଇଥିବା ଚର୍ମରୋଗକୁ ନେଇ ଗତ କେତେଦିନ ହେଲା ମୁଁ ପ୍ରକୃତରେ ଭାରି ଚିନ୍ତିତ ହୋଇ ପଡ଼ିଛି । ମାଆ, ଆପଣହିଁ ଅନୁଗ୍ରହ କରି ମୋ'ର ଶରୀର ଭିତରୁ ଏହି ରୋଗକୁ ବାହାର କରି ଫିଙ୍ଗି ଦିଅନ୍ତୁ ଏବଂ ମୋ' ମନ ଭିତରେ ଥିବା ଭୟକୁ ଦୂର କରି ଦିଅନ୍ତୁ ।

ଭୟ ହେଉଛି ଅସଲ ରୋଗ । ତୁମେ ଭୟକୁ ଦୂରକୁ ଫିଙ୍ଗିଦିଅ ଏବଂ ରୋଗ ମଧ୍ୟ ଦୂର ହୋଇଯିବ ।

ମୋ' ସହାୟତା ତୁମ ସହିତ ଅବଶ୍ୟ ରହିଛି ।

ଅନେକ ଆଶୀର୍ବାଦ ।

୧୯୬୫

*

କର୍କଟ ରୋଗ ବିଷୟରେ କହିବାକୁ ଗଲେ, ସର୍ବପ୍ରଥମ କଥା ହେଉଛି ଯେ, ତୁମେ ନିଜ ଭିତରୁ ସକଳ ଭୟକୁ ନିକାଲି ବାହାର କରିଦେବ ।

*

ଯଦି ତୁମେ ଆରୋଗ୍ୟ ଲାଭ କରିବାକୁ ଇଚ୍ଛା କରୁଥାଅ, ତେବେ ସେଥିପାଇଁ ଦୁଇଗୋଟି ସର୍ତ୍ତ ରହିଛି । ପ୍ରଥମ କଥା ହେଉଛି ତୁମେ ଭୟମୁକ୍ତ ହେବ, ସମ୍ପୂର୍ଣ୍ଣ

'oaob.nitrkl.ac.in' images reprocessed

ଭାବରେ ଉପଯୁକ୍ତ ହେବ; ଏବଂ ଦ୍ୱିତୀୟରେ, ଭଗବାନ୍ଙ୍କ ପରମସୁରକ୍ଷା ଉପରେ ଏକ ସମ୍ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରି ରହିବ । ଏହି ଦୁଇଟିଯାକ ଅତ୍ୟାବଶ୍ୟକ ।*

*

## ଅସୁସ୍ଥତା ବିଷୟରେ ଚିନ୍ତା ଓ ଉଦ୍‌ବେଗ

ଡାକ୍ତର ମୋ'ର ରକ୍ତ ପରୀକ୍ଷା କରି ଦେଖିଛନ୍ତି । ମୋ' ରକ୍ତ କେତେ ବଳହୀନ ହୋଇଗଲାଣି, ସେକଥା ଆପଣଙ୍କୁ ଦେଖାଇବାକୁ ସିଏ ଏହି ସାନ କାଗଜ ଖଣ୍ଡିକ ମୋତେ ଦେଇଛନ୍ତି । ଏଥିରୁ ଆପଣ ଅବସ୍ଥା ବିଷୟରେ ଅବଗତ ହୋଇ ପାରିବେ । ଏଣେ ମୋ'ର କ୍ଳାନ୍ତିଭାବଟି ଊଣା ହେବା ଅପେକ୍ଷା ବଢ଼ିବାରେ ଲାଗିଛି ।

ତୁମର ଆଦୌ ଏପରି ଚିନ୍ତିତ ହେବା ଉଚିତ ନୁହେଁ; ତୁମେ ପୁଣି ଅଚିରେ ନିଜ ଗୋଡ଼ରେ ସିଧା ହୋଇ ଠିଆ ହେବ, ତା'ର ଏକ ବିଶେଷ କାରଣ ହେଉଛି ଯେ, ତୁମର ଜୀବନୀଶକ୍ତି ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଛି । ଆଦୌ କୌଣସି ଭୟ କର ନାହିଁ ଏବଂ ଦିବ୍ୟ କରୁଣା ଉପରେ ପୂର୍ଣ୍ଣ ଆସ୍ଥା ରଖିଥାଅ ।

୧୮ ଫେବୃଆରୀ ୧୯୩୮

*

'କ' ମୋତେ କହିଲେ, "ତୁମ ନିଜ ଶରୀର ବିଷୟରେ ମାଆଙ୍କୁ ଜଣାଇ ତୁମେ ଭାରି ଭୁଲ କଲ । ତୁମ ଶରୀର ତ ଖୁବ୍ କୃଶ ଓ ଦୁର୍ବଳ ହୋଇ ପଡ଼ିଲାଣି ।" ଏହି ଅବସ୍ଥାର ଉନ୍ନତିବିଧାନ ନିମନ୍ତେ ମୁଁ କ'ଣ କରିବି ଆପଣ କୁହନ୍ତୁ ।

ତୁମେ ଏ ବିଷୟରେ ଆଦୌ କୌଣସି ପ୍ରକାରେ ଉଦ୍‌ବିଗ୍ନ ହେବ ନାହିଁ

'oaob.nitrkl.ac.in' images reprocessed

ଏବଂ ଦିବ୍ୟ ପରମସତ୍ତାଙ୍କର କରୁଣା ଉପରେ ନିଜର ଆସ୍ଥାକୁ ବୃଦ୍ଧି କରିବାରେ ଲାଗିଥିବ ।

ଅନେକ ଆଶୀର୍ବାଦ ।

❋ ୪ ଜୁଲାଇ ୧୯୩୯

ସମସ୍ତେ କହୁଛନ୍ତି ଯେ ଅତି କଠିନ ପରିଶ୍ରମ କଲେ ଏବଂ କାମ କଲାବେଳେ ଖରା ଓ ଥଣ୍ଡା ପବନକୁ ଉନ୍ମୁକ୍ତ ହୋଇ ରହିଲେ ଏହି ରୋଗର ଆକ୍ରମଣ ହୋଇଥାଏ । ଏସବୁ କଥା ଶୁଣି ମୁଁ ଘୋର ଉଦ୍‌ବିଗ୍ନ ହୋଇ ପଡ଼ୁଛି ।

ପରିଶ୍ରମ ଅଥବା ଖରା ବା ଥଣ୍ଡା ପବନ ବାଜିବାରୁ ଏହି ଅସୁସ୍ଥତା ହୋଇ ନାହିଁ; ତୁମ ଅବଚେତନା ମଧ୍ୟରୁ ଉତ୍‌ଥିତ ହୋଇ ଆସୁଥିବା ଏକ ପୁରାତନ ଅଭ୍ୟାସର ପରିବର୍ତ୍ତନା ଫଳରେ ତାହା ହୋଇଛି । ଲୋକେ କ'ଣ କହୁଛନ୍ତି, ତାହାକୁ ଆଦୌ କାନ ଦିଅ ନାହିଁ ଏବଂ ଦିବ୍ୟ ପରମସତ୍ତାଙ୍କର କରୁଣା ଉପରେ ତୁମର ବିଶ୍ୱାସକୁ ଅତୁଟ ରଖିଥାଅ । ସମୟ ଅନୁସାରେ ସବୁକିଛି ଠିକ୍ ହୋଇଯିବ ।

ମୋ'ର ଅନେକ ଆଶୀର୍ବାଦ ।

୮ ଜାନୁଆରି ୧୯୪୦

❋

ମୋଟେ ଉଦ୍‌ବିଗ୍ନ ହେବ ନାହିଁ ଓ ତୁମର ହାତକୁ ବିଶ୍ରାମ ଦେବ । ଶୀଘ୍ର ଆରୋଗ୍ୟ ଲାଭ କରିବା ପାଇଁ ତାହାହିଁ ସର୍ବୋତ୍ତମ ଉପାୟ ।

❋

ଆଦୌ କୌଣସି ପ୍ରକାରେ ଉଦ୍‌ବିଗ୍ନ ନ ହେବା ଲାଗି ମୁଁ ପରାମର୍ଶ ଦେବି । ଏହି ବିଷୟରେ ତୁମେ ଯେତେ ଅଧିକ ଭାବୁଥିବ, ତାହା ଉପରେ ସେତିକି ଅଧିକ ପରିମାଣରେ ଏକେନ୍ଦ୍ରିତ ହୋଇ ରହୁଥିବ; ଏବଂ ସର୍ବୋପରି, ତୁମର ଭୟ ଯେତିକି ବଢ଼ୁଥିବ, ଅସୁସ୍ଥତାଟିକୁ ବୃଦ୍ଧିଲାଭ କରିବା ଲାଗି ତୁମେ ସେତିକି ଅଧିକ ସୁଯୋଗ ଦେଉଥିବ ।

'oaob.nitrkl.ac.in' images reprocessed

ମାତ୍ର, ଯଦି ସେପରି ନ କରି ତୁମେ ନିଜର ଧ୍ୟାନ ଏବଂ ଆଗ୍ରହକୁ ଅନ୍ୟତ୍ର ଉଦ୍ଦିଷ୍ଟ କରି ରଖି ପାରିବ, ତେବେ ନିଜ ଆରୋଗ୍ୟଲାଭର ସମ୍ଭାବନାରେ ବୃଦ୍ଧି ସାଧନ କରି ପାରିବ ।

*

ଶରୀରର ଜଡ଼ଗତ କ୍ରିୟାକଳାପଗୁଡ଼ିକୁ ତୁମେ କାହିଁକି ଏତେବେଶୀ ମହତ୍ତ୍ୱ ଦେଉଛ ? ନିଜକୁ ସେଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ଅନୁଭବ କରିବା ଏବଂ ନିରୁଦ୍‌ବେଗ ଭାବରେ ସେଗୁଡ଼ିକୁ ନିଜବାଟରେ ଯିବାକୁ ଛାଡ଼ିଦେବାହିଁ ଅଧିକ ଭଲ ହେବ । ଏହିପରି ଭାବରେ କ୍ରମେ ସେଗୁଡ଼ିକର ତମସାଚ୍ଛନ୍ନତାର କ୍ଷେତ୍ରରେ ହସ୍ତକ୍ଷେପ କରି ପାରିବାକୁ ଏବଂ ସେଗୁଡ଼ିକୁ ପରିବର୍ତ୍ତିତ ହୋଇ ସେହି ସର୍ବୋଚ୍ଚ ଆଲୋକ ତଥା ଚେତନାର ଯଥାର୍ଥ ଅଭିବ୍ୟକ୍ତିରେ ପରିଣତ ହେବା ଲାଗି ବାଧ୍ୟ କରିବାକୁ ଆବଶ୍ୟକ ଶକ୍ତି ଏବଂ ଜ୍ଞାନ ନିଶ୍ଚୟ ଉପଲବ୍ଧ ହୋଇଯିବ ।

*

ସ୍ୱାସ୍ଥ୍ୟ : ଏହାକୁ ନେଇ ଅତିବେଶୀ ଚିନ୍ତିତ ହୋଇ ରହିବ ନାହିଁ, ମାତ୍ର ଦିବ୍ୟ ପରମସତ୍ତାଙ୍କ ଇଚ୍ଛା ଉପରେହିଁ ତାହାକୁ ଛାଡ଼ି ଦେଇଥିବ ।

*

ନିଜ ବିଷୟରେ ଏବଂ ନିଜର ସ୍ୱାସ୍ଥ୍ୟ ବିଷୟରେ କମ୍ ଚିନ୍ତା କର ।

ତେବେ ତୁମେ ନିଶ୍ଚିତ ଭାବରେ ଅଧିକ ସବଳ ହୋଇ ପାରିବ ।

ମାତ୍ର, ଯଦି ତୁମକୁ ଏକ ଅସୁସ୍ଥତା ଆସି ଗ୍ରାସ କରିଛି ବୋଲି ତୁମର ଦୃଢ଼ ବିଶ୍ୱାସ ହେଉଛି, ତେବେ ତୁମେ ଡାକ୍ତରଖାନାକୁ ଯିବ । ସେଠାରେ ସେମାନେ ସୁନିଶ୍ଚିତ ଭାବରେ ସେଥିରୁ ଗୋଟିଏ ଆବିଷ୍କାର କରିନେଇ ପାରିବେ ।

*

ଯଦି ପିତାମାତା ଆଦୌ କୌଣସି ହସ୍ତକ୍ଷେପ ନ କରି ପିଲାମାନଙ୍କୁ ସେମିତି ଛାଡ଼ି ଦିଅନ୍ତେ, ତେବେ ସେମାନେ ଏପରି ଅଧିକ ସମୟରେ ଆଦୌ ରୋଗରେ

'oaob.nitrkl.ac.in' images reprocessed

ପଡ଼ନ୍ତେ ନାହିଁ । ସମ୍ଭବତଃ, ଦଶ ଥରରେ ଗୋଟିଏ ଥର ମଧ୍ୟ ଅସୁସ୍ଥ ହୁଅନ୍ତେ ନାହିଁ । ହଁ, ଏକଥା ସତ ଯେ, ତୁମେ ତୁମ ପିଲାଟିକୁ ଆଦୌ କିଛି କହି ନାହଁ, ମାତ୍ର ତା'ର ସ୍ୱାସ୍ଥ୍ୟ ବିଷୟରେ ତୁମେ କେତେବେଶୀ ଚିନ୍ତିତ ହୋଇ ରହିଥିଲ କହିଲ ! ମନେ ହେଉଥିଲା ସତେ ଯେପରି ଏକ ଘୋର ବିପଦ ଆସି ପହଞ୍ଚିଛି ବା ପିଲାଟି ହଠାତ୍ କର୍କଟ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଛି । ତୁମର ଦୁଶ୍ଚିନ୍ତାହିଁ ସମସ୍ତ ପରିବେଶକୁ ନଷ୍ଟ କରି ଦେଉଛି ଏବଂ କଷ୍ଟଟିକୁ ଆହୁରି ବଢ଼ାଇ ଦେଉଛି ।

*

ଯଦି ତୁମେ ଅସୁସ୍ଥ ହେଉଛ, ତେବେ ଏତେ ଅଧିକ ଚିନ୍ତିତତା ଏବଂ ଭୟ ସହିତ ସମସ୍ତେ ତାହାକୁ ଦେଖିବାକୁ ଆରମ୍ଭ କରୁଛନ୍ତି ଏବଂ ତୁମର ଏତେବେଶୀ ଯତ୍ନ ନେଉଛନ୍ତି ଯେ, ଯିଏ ତୁମକୁ ପ୍ରକୃତରେ ସାହାଯ୍ୟ କରି ପାରିବେ, ତୁମେ ସେହି ପରମ ଅଦ୍ୱିତୀୟଙ୍କର ସାହାଯ୍ୟ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଉଛ । ଏହା ଫଳରେ ତୁମେ ଏକ ବିଷମ ଚକ୍ର ମଧ୍ୟରେ ଆସି ପଡ଼ିଯାଉଛ ଏବଂ ଅତ୍ୟନ୍ତ ବ୍ୟାଧିତ ଭାବରେ ନିଜ ଅସୁସ୍ଥତା ବିଷୟରେ ଆଗ୍ରହୀ ହେଉଛ ।

*

ମୋତେ କୋଡ଼ିଏ ବର୍ଷ ବୟସ ହୋଇଥିବା ସମୟରେ ମୋତେ ଜଣେ ଡାକ୍ତର କହିଥିଲେ ଯେ, ପେଟ କିଂବା ଅନ୍ତରେ କୌଣସି ବ୍ୟଥା ହେଲେ ସବୁଠାରୁ ଉତ୍ତମ କଥା ହେଉଛି ଯେ ତୁମେ ସାଧାରଣତଃ ଯେପରି ଖାଅ, ସେହିପରି ଖାଦ୍ୟ ଖାଇବ ଏବଂ ସେହି ବ୍ୟଥା ବିଷୟରେ ଆଦୌ ଉଦ୍‌ବେଗ ପ୍ରକାଶ କରିବ ନାହିଁ । ସେ କହିଥିଲେ, "ଯଦି ପେଟରେ ଅମ୍ଳ ହୋଇଥିବ, ତେବେ ତୁମେ ଗ୍ରହଣ କରୁଥିବା ଖାଦ୍ୟରୁହିଁ ତାହା ଉତ୍ପନ୍ନ ହେଉଥିବ ଏବଂ ତୁମେ ସେହି ବିଷୟରେ ଯେତିକି ଚିନ୍ତିତ ହେଉଥିବ, ତାହା ସେତିକି ବୃଦ୍ଧି ପାଇବାରେ ଲାଗିଥିବ । ଯଦି ତୁମେ ନିଜର ଖାଦ୍ୟରେ ପରିବର୍ତ୍ତନ କରିବାରେ ଲାଗିଯିବ, ତେବେ ଶେଷରେ ଏକଥା ଦେଖିବାକୁ ପାଇବ ଯେ, କ୍ରମେ ଟୋପାଏ ପାଣି ତୁମ ପେଟକୁ ଗଲାମାତ୍ରକେ ମଧ୍ୟ ତୁମକୁ କୌଣସି ନା କୌଣସି କଷ୍ଟ ଭୋଗିବାକୁ ପଡ଼ିବ । ମାତ୍ର ଯଦି ତୁମେ ସାଧାରଣ ସ୍ଥିତିରେ ରହିବ ଓ ଆଦୌ ଚିନ୍ତିତ ହୋଇ ପଡ଼ିବ ନାହିଁ, ତେବେ ତୁମେ ଅବଶ୍ୟ ଆରୋଗ୍ୟ ଲାଭ କରିବ ।"

'oaob.nitrkl.ac.in' images reprocessed

ଏବଂ ଏହି ପରାମର୍ଶ ଯେ ସମ୍ପୂର୍ଣ୍ଣ ସତ୍ୟ, ମୁଁ ସେକଥା ଅଭିଜ୍ଞତାରୁ ଜାଣିଛି । ଓଂ

*

## ଅନୁଚିତ ଭାବନା ଓ ଅସୁସ୍ଥତା

ବସ୍ତୁତଃ ମୁଁ ତୁମକୁ ସୁନିଶ୍ଚିତ ଭାବରେ କହିପାରିବି ଯେ, ପାକସ୍ଥଳୀରେ ଯେଉଁ ବ୍ୟଥା ହୁଏ ଓ ଅନ୍ୟାନ୍ୟ ଅନେକ ଅସ୍ୱସ୍ତି ଶତକଡ଼ା ନବେ ଭାଗ କ୍ଷେତ୍ରରେ ଅନୁଚିତଭାବନା ଏବଂ ଉଗ୍ର କଳ୍ପନାଗୁଡ଼ିକରୁ ଉତ୍ପନ୍ନ ହୋଇଥାଏ । ମୋ'ର କହିବାର ଅର୍ଥ ହେଉଛି ଯେ, ସେଗୁଡ଼ିକର ଶାରୀରିକ କାରଣଭୂମିକୁ ପ୍ରକୃତରେ ଅତ୍ୟନ୍ତ ନଗଣ୍ୟ ବୋଲି କୁହାଯିବ ।

ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ସହିତ ।

୧୯୪୩

*

ଆପଣାକୁ ଉତ୍ପୀଡ଼ିତ କରି ରଖ ନାହିଁ, ଆଦୌ କୌଣସି ପ୍ରକାରେ ଉଦ୍‌ବେଗ ପ୍ରକାଶ କର ନାହିଁ; ସର୍ବୋପରି ସକଳ ଭୟକୁ ବିତାଡ଼ିତ କରିଦେବା ନିମନ୍ତେ ଚେଷ୍ଟା କର । ଭୟ ହେଉଛି ଏକ ଅତି ବିପଜ୍ଜନକ ବସ୍ତୁ, ଯାହାକି, ଯେଉଁ କଥାର କୌଣସି ମହତ୍ତ୍ୱ ନ ଥିଲି, ତାହା ଉପରେ ମିଛରେ ଅନେକ ମହତ୍ତ୍ୱ ଆଣି ଲଦିଦେଇ ପାରେ । କେତୋଟି ଲକ୍ଷଣ ପୁଣିଥରେ ପ୍ରକାଶ ପାଇଲି, ଏଥିକି ଦେଖି ଭୟ କରିବା ମାତ୍ରକେହିଁ ତାହା ଅସୁସ୍ଥତାର ପୁନରାଗମନ ଲାଗି ଯଥେଷ୍ଟ ହୋଇଯାଏ ।

୨୪ ଜୁଲାଇ ୧୯୪୫

*

ମୋ'ର ଧାରଣା ହେଉଛି ଯେ, ଅଧିକ ପ୍ରୋଟିନ୍ ଏବଂ ଛେନାଜାତୀୟ ଖାଦ୍ୟ ଖାଇଲେ ବାଇଞ୍ଚ ବୃଦ୍ଧିପ୍ରାପ୍ତ ହୁଏ ।

ଶରୀର ଉପରେ ଖାଦ୍ୟର ଯେଉଁ ପ୍ରଭାବ ପଡ଼େ, ତାହାର ଶତକଡ଼ା ନବେ ଭାଗ କ୍ଷେତ୍ରରେ ଭାବନାର ପରିଣାମହିଁ ଏକ କାରଣ ହୋଇ ରହିଥାଏ । ଯଦି ତୁମେ

'oaob.nitrkl.ac.in' images reprocessed

ବିଶ୍ୱାସର ସହିତ ଡାକ୍ତର 'କ'ଙ୍କର ଚିକିତ୍ସାରେ ରହିବ, ତେବେ ତୁମେ ଆରୋଗ୍ୟ ଲାଭ କରି ପାରିବ ।

ଅନେକ ଆଶୀର୍ବାଦ ।

୭ ଅକ୍ଟୋବର ୧୯୬୨

✽

ତୁମକୁ କେହି ହୁଏତ କହିଥିବେ ଯେ, ଶରୀରର କେତୋଟି ବିଶିଷ୍ଟ ରୋଗରେ କଷ୍ଟ ଅତ୍ୟଧିକ ହୋଇଥାଏ । ସେପରି କଥାମାନ ଅଧିକାଂଶ ସମୟରେ କୁହା ଯାଇଥାଏ । ଏହାଦ୍ୱାରା ତୁମର ମନରେ ଭୟର ଏକ କଳ୍ପନା ଘର କରି ରହିଥାଏ ଏବଂ ତୁମେ ସେହିପରି କଷ୍ଟ ପାଇବ ବୋଲି ଆଗରୁ ପ୍ରତ୍ୟାଶା କରିଥାଅ । ଏବଂ ଫଳରେ, ଯେତେବେଳେ ପ୍ରକୃତରେ କଷ୍ଟ ନ ହେବାର କଥା, ସେତେବେଳେ ମଧ୍ୟ ତୁମେ କଷ୍ଟଭୋଗ କରିଥାଅ ।

ମାତ୍ର ଯଦି ସତକୁ ସତ କଷ୍ଟ ହେଉଛି, ତେବେ ମୁଁ ସେହି କ୍ଷେତ୍ରରେ ତୁମକୁ ଗୋଟିଏ କଥା କହିବି । ଯଦି ଚେତନାକୁ ଊର୍ଦ୍ଧ୍ୱମୁଖୀ କରି ରଖାଯାଇପାରେ ତେବେ ଯନ୍ତ୍ରଣା ଅବଶ୍ୟ ଅନ୍ତର୍ହିତ ହୋଇଯିବ । ଚେତନା ନିମ୍ନମୁଖୀ ହୋଇ ରହିଲେ ତୁମେ ଯନ୍ତ୍ରଣାକୁ ନିଶ୍ଚୟ ଅନୁଭବ କରିବ ଓ ତାହା ବୃଦ୍ଧି ମଧ୍ୟ ପାଇବ । ଏହିପରି ଭାବରେ ଚେତନାର ଊର୍ଦ୍ଧ୍ୱାୟନ ଏବଂ ନିମ୍ନାୟନ ବିଷୟରେ ପ୍ରୟୋଗ କଲେ ତୁମେ କ୍ରମେ ଦେଖିବାକୁ ପାଇବ ଯେ ଶରୀରର ବେରାମ ସହିତ ଯନ୍ତ୍ରଣା ପାଇବାର ଆଦୌ କୌଣସି ସମ୍ବନ୍ଧ ନାହିଁ । ଶରୀରର ଅବସ୍ଥା ହୁଏତ ଠିକ୍ ଏକାପରି ରହିଥିବ, ମାତ୍ର କ୍ଷେତ୍ରଭେଦରେ ଶରୀରକୁ ଅତ୍ୟଧିକ ଯନ୍ତ୍ରଣା ହେଉଥିବ, କିଂବା ଆଦୌ କୌଣସି ଯନ୍ତ୍ରଣା ହେଉ ନ ଥିବ । ଚେତନାକୁ ତୁମେ ଯେପରି ଭାବରେ ମୁହାଁଇ ରଖି ପାରିବ, ତାହାରି ଦ୍ୱାରାହିଁ ଏହି ପାର୍ଥକ୍ୟ ଘଟୁଥିବ ।

ମୁଁ "ଊର୍ଦ୍ଧ୍ୱମୁଖୀ କରିବା" ବୋଲି କହିଲି, କାରଣ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ରହିବା ହେଉଛି ସର୍ବୋତ୍ତମ ବିଧାନ; ମାତ୍ର ସାଧାରଣ ଭାବରେ ଏକଥା କୁହାଯାଇ ପାରିବ ଯେ, ଯଦି ତୁମେ ଚେତନାକୁ ଯନ୍ତ୍ରଣାଠାରୁ ବାହାର କରିନେଇ ନିଜର କାର୍ଯ୍ୟ କିଂବା ତୁମର ଆଗ୍ରହ ରହିଥିବା ଆଉ କୌଣସି ଆଡ଼କୁ ମୁହାଁଇ ରଖି ପାରିବ, ତେବେ ଯନ୍ତ୍ରଣା ଦୂର ହୋଇଯିବ ।

ଏବଂ, କେବଳ ଯନ୍ତ୍ରଣାର କ୍ଷେତ୍ରରେ ନୁହେଁ, ଶରୀରର କୌଣସି ଅଂଶ ଅଥବା ଅଙ୍ଗରେ ଯାହାକିଛି କ୍ଷତି ଘଟିଥାଉ ପଛକେ, ସେହି ବେରାମଟି ଭିତରୁ ଚେତନାକୁ ବାହାରକୁ ବାହାର କରିନେଲେ ଓ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଉନ୍ମୁକ୍ତ

'oaob.nitrkl.ac.in' images reprocessed

ହୋଇ ରହିପାରିଲେ, ଅନେକ ଅଧିକ ସହଜରେ ସେହିକ୍ଷତର ପୂରଣ ହୋଇଯାଇ ପାରିବ । ଏଠାରେ ମୁଁ ସତ୍‌ସ୍ୱରୂପ ପରମ ଦିବ୍ୟସତ୍ତାଙ୍କ ବିଷୟରେ କହୁଛି,— ଏହି ବିଶ୍ୱବ୍ରହ୍ମାଣ୍ଡର ଊର୍ଦ୍ଧ୍ୱରେ, ଏହାର ଅତୀତ ହୋଇ ଅଥବା ଏହାର ପଶ୍ଚାତରେ ଯେଉଁ ଶୁଦ୍ଧ ଓ ସର୍ବୋଚ୍ଚ ପରମସତ୍ ବିଦ୍ୟମାନ ରହିଛନ୍ତି, ଯଦି ତୁମେ ଏହା ସହିତ ଯୋଗସୂତ୍ର ସ୍ଥାପନ କରିପାରିବ, ତେବେ ଶରୀରଗତ ଯାବତୀୟ ବେରାମ ଅବଶ୍ୟ ଦୂର ହୋଇଯିବ । ✦

✤ ୧୫ ନଭେମ୍ବର ୧୯୬୨

ମାଆ,

ଡେଙ୍ଗୁ ଜ୍ୱର ହେତୁ ମୋ'ର ଆଣ୍ଠୁ ଦୁଇଟା ପୁଣି ଅତିରିକ୍ତ ମାତ୍ରାରେ ଫୁଲି ଯାଇଛି ଓ ସେଥିରୁ ମୁଁ ଅତ୍ୟଧିକ ଯନ୍ତ୍ରଣା ଭୋଗ କରୁଛି ।

ଡାକ୍ତର 'କ' ମୋ'ର ଚିକିତ୍ସା କରୁଛନ୍ତି, ମାତ୍ର ମୁଁ ଆପଣଙ୍କର ସେହି ଅମୋଘ ଆରୋଗ୍ୟକାରୀ ଶକ୍ତିକୁହିଁ ଆବାହନ କରୁଛି, ଏବଂ ଏହି ଘୋର କଠିନ ସମୟରେ ଆମର କାର୍ଯ୍ୟ ଯେପରି ଅଗ୍ରଗତି କରିପାରିବ, ସେଥିଲାଗି ଉନ୍ମୁକ୍ତ ହୋଇ ପାରିବାକୁ ମୁଁ ମୋ'ର ଯଥାସାଧ୍ୟ ପ୍ରୟାସ କରୁଛି ।

ତୁମେ ଅନୁଚିତ କଥାଗୁଡ଼ିକର ଆଦୌ କୌଣସି କଳ୍ପନା କରିବ ନାହିଁ । ତେବେ ତୁମର କଷ୍ଟଭୋଗ ମଧ୍ୟ ଯୁଗପତ୍ ଭାବରେ ବନ୍ଦ ହୋଇଯିବ ।

ଅନେକ ଆଶୀର୍ବାଦ ।

୧୦ ଡିସେମ୍ବର ୧୯୬୪

✤

ତାଙ୍କର ପ୍ରାଣ୍ଡେନ୍ଦ୍ରିୟର ଶକ୍ତି ଅତ୍ୟନ୍ତ ଦୁର୍ବଳ ଏବଂ ମାନସିକ ପ୍ରବର୍ତ୍ତନାଗୁଡ଼ିକ ଅତ୍ୟନ୍ତ ବଳବାନ୍ ।

ସିଏ ଯେପରି ଚାହୁଁଛନ୍ତି, ତୁମେ କିଛି ସମୟ ପାଇଁ ସେହିପରି କର । ଏସବୁ ଯେ ତାଙ୍କର କଳ୍ପନା ସକାଶେହିଁ ଘଟୁଛି, ସେକଥା ହୁଏତ ସେ କ୍ରମେ ଜାଣେ

'oaob.nitrkl.ac.in' images reprocessed

ଜାଣିପାରିବେ । କାରଣ, ତାଙ୍କର କଳ୍ପନାହିଁ ତାଙ୍କୁ ଅସୁସ୍ଥ କରି ରଖୁଛି ବା, ଅନୁଚିତ ହଭ୍ଧିଲ ଭାବରେ କହିଲେ, ସେ ଅସୁସ୍ଥ ହେଲେ ବୋଲି ତାଙ୍କୁ ଏକ ଧାରଣା ଆଣି ଦେଉଛି ।

❋

## ଅସୁସ୍ଥତାକୁ ଜୟ କରିବାର ଇଚ୍ଛା

ଆପଣା ଭିତରେ ବିଜୟ ଲାଭ କରିବାର ଇଚ୍ଛାକୁ ଜାଗ୍ରତ କର । କେବଳ ମନର କ୍ଷେତ୍ରରେ ଏକ ଇଚ୍ଛା ନୁହେଁ, ମାତ୍ର ତୁମ ଶରୀରର କୋଷଗୁଡ଼ିକ ମଧ୍ୟରେ ମଧ୍ୟ ଏକ ଇଚ୍ଛା ଶକ୍ତି । ତାହା ବ୍ୟତୀତ ତୁମେ ପ୍ରକୃତରେ କିଛି କରି ପାରିବ ନାହିଁ । ତୁମେ ହୁଏତ ଶହେ ପ୍ରକାରର ଔଷଧ ଖାଇପାର, ମାତ୍ର ଶାରୀରିକ ରୋଗଟିକୁ ଜୟ କରିବା ଲାଗି ତୁମ ଭିତରେ ଏକ ଇଚ୍ଛା ଉତ୍ପନ୍ନ ନ ହେବା ପର୍ଯ୍ୟନ୍ତ ତଦ୍ୱାରା ତୁମର କଦାପି ଆରୋଗ୍ୟଲାଭ ହେବ ନାହିଁ ।

ତୁମକୁ ଅଧିକାର କରି ରହିଥିବା ପ୍ରତିକୂଳ ଶକ୍ତିକୁ ମୁଁ ହୁଏତ ନଷ୍ଟ କରି ଦେଇପାରେ । ସେହି କାର୍ଯ୍ୟଟିକୁ ମୁଁ ହୁଏତ ଶହେଥର ସକାଶେ କରିପାରେ । ମାତ୍ର, ପ୍ରତ୍ୟେକ ଥର, ଏକଶୂନ୍ୟସ୍ଥାନ ସୃଷ୍ଟି ହେବା ମାତ୍ରକେହିଁ ଭିତରକୁ ଛୁଟି ଆସିବା ଲାଗି ଚେଷ୍ଟା କରୁଥିବା ବହୁ ଶକ୍ତି ମଧ୍ୟରୁ ଗୋଟିକ ଦ୍ୱାରା ତାହାର ପୁନର୍ବାର ପୂରଣ ହୋଇ ଯାଉଥିବ । ତେଣୁ, ମୁଁ କହୁଛି, ବିଜୟଲାଭ କରିବାର ଇଚ୍ଛାକୁ ଜାଗ୍ରତ କରିଆଣ ।

୨୦ ଅକ୍ଟୋବର ୧୯୫୬

❋

ତୁମ ଖରାପ ସ୍ୱାସ୍ଥ୍ୟ ପ୍ରତି ତୁମେ କୌଣସି ଶ୍ରଦ୍ଧା ଦେଖାଅ ନାହିଁ, ତେବେ ଖରାପ ସ୍ୱାସ୍ଥ୍ୟ ତୁମର କତି ଛାଡ଼ି ଚାଲିଯିବ ।

୨୮ ଅଗଷ୍ଟ ୧୯୬୬

❋

ତୁଇଟିଯାକ କଥା ଠିକ୍ । ନିଜର ଅସୁସ୍ଥତାରୁ ମୁକ୍ତ ହେବା ଲାଗି ତୁମକୁ ଏକ ଶକ୍ତିଶାଳୀ ଇଚ୍ଛାର ପ୍ରୟୋଗ କରିବାକୁ ହେବ, ଏବଂ ତୁମକୁ ସ୍ଥିର ହୋଇ ରହିବାକୁ

'oaob.nitrkl.ac.in' images reprocessed

ପଡ଼ିବ ଓ ପରିଣାମଗୁଡ଼ିକ ତୁମକୁ ଆଦୌ କୌଣସି ପ୍ରକାରେ ବିଚଳିତ କରୁ ନ ଥିବ । ଦୁଇଟିଯାକ କଥା ଆଦୌ ପରସ୍ପରବିରୋଧୀ ନୁହନ୍ତି । ଗୋଟିଏ ଅନ୍ୟଟିର ଅନୁଗାମୀ ହୋଇ ରହିପାରିବା ଉଚିତ । ଯେତେବେଳେ ତୁମେ ସମ୍ପୂର୍ଣ୍ଣ ଭାବରେ ରୋଗମୁକ୍ତ ହୋଇଯିବ, ସେତେବେଳେ ତାହା ନିଶ୍ଚୟ କିଛିଟା ପରିମାଣରେ ଅନ୍ତର୍ଗତ ଅଗ୍ରଗତି ସମ୍ଭବ ହୋଇଥିବାର ସୂଚନା ଦେବ ।

ତୁମକୁ ସାହାଯ୍ୟ କରିବା ପାଇଁ ଶ୍ରୀଅରବିନ୍ଦଙ୍କର ଅନୁକମ୍ପା ସର୍ବଦା ମହଜୁଦ ରହିଛି, ମାତ୍ର ତୁମ ପକ୍ଷରୁ ମଧ୍ୟ କିଛିଟା ପ୍ରୟାସ ହେବାର ପ୍ରୟୋଜନ ରହିଛି ।୍ଧ

❋

ଭଲ ହୋଇଯିବା ଲାଗି ତାଙ୍କୁ ଏକ ସଂକଳ୍ପ ଗ୍ରହଣ କରିବାକୁ ହେବ, ନ ହେଲେ ତାଙ୍କର ରୋଗ କଦାପି ଭଲ ହେବ ନାହିଁ ।୍ଧ

❋

ଆରୋଗ୍ୟ ଲାଭ କରିବା ଲାଗି ଏକ ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରାହିଁ ଶରୀର ଆରୋଗ୍ୟ ଲାଭ କରିପାରିବ ।

❋

ମନର ସ୍ତରରେ ଆମକୁ ଯେପରି ମିଥ୍ୟାକୁ ବର୍ଜନ କରିବାକୁ ପଡ଼ୁଛି, ଠିକ୍ ସେହିପରି ଶକ୍ତିଶାଳୀ ଭାବରେ ଶରୀରକୁ ମଧ୍ୟ ଅସୁସ୍ଥତାକୁ ବର୍ଜନ କରିବାକୁ ପଡ଼ିବ ।

❋

## ବାସନାଗୁଡ଼ିକର ନିୟନ୍ତ୍ରଣ

ରୋଗମୁକ୍ତ ହେବାକୁ ହେଲେ ଏହିସବୁ ଅନୁଚିତ ଅଭ୍ୟାସଗୁଡ଼ିକୁ ଯେ କେବଳ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରିବା ଆବଶ୍ୟକ ହେବ ତା' ନୁହେଁ, ମାତ୍ର

'oaob.nitrkl.ac.in' images reprocessed

ନିଜର ଭାବନା ଭିତରୁ ଓ ଅବବୋଧରୁ ଏହି ଯାବତୀୟ ଅସ୍ୱାସ୍ଥ୍ୟକର ବାସନାରୁ ମଧ୍ୟ ଆପଣାକୁ ନିବୃତ୍ତକରି ରଖିବା ଆବଶ୍ୟକ ହେବ । କାରଣ ଏହି ବାସନାମାନେହିଁ ଦେହର ବିଭିନ୍ନ ଅଙ୍ଗକୁ ଉତ୍ତେଜିତ କରନ୍ତି ଓ ସେଗୁଡ଼ିକୁ ଅସୁସ୍ଥ କରି ଦିଅନ୍ତି । ତୁମକୁ କଠୋର ଭାବରେ ସବୁକିଛିକୁ ପରିଷ୍କାର କରି ଦେବାକୁ ପଡ଼ିବ ଏବଂ ତାହା କରିବାକୁ ତୁମର ଇଚ୍ଛାଶକ୍ତି ମୋଟେ ଯଥେଷ୍ଟ ପରିମାଣରେ ବଳଶାଳୀ ହୋଇ ପାରି ନାହିଁ । ତେଣୁ ତୁମେ ମୋର ଇଚ୍ଛାକୁ ଆବାହନ କର, ଆନ୍ତରିକତା ସହିତ ତାହାର ଆବାହନ କର ଏବଂ ତାହା ତୁମର ସହାୟତା କରିବା ଲାଗି ଅବଶ୍ୟ ଉପସ୍ଥିତ ରହିବ । ଏକଥା କହି ତୁମେ ଅବଶ୍ୟ ଠିକ୍‌କଥା କହୁଛ ଯେ, ମୋର ସାହାଯ୍ୟ ଦ୍ୱାରା ତୁମେ ବିଜୟ ଲାଭ କରିବାକୁ ନିଶ୍ଚୟ ସମର୍ଥ ହେବ । ସେକଥା ନିଶ୍ଚୟ ସତ, ମାତ୍ର ତୁମକୁ ଆନ୍ତରିକତା ସହିତ ଏହି ସହାୟତା ଲାଗି ଇଚ୍ଛା କରିବାକୁ ହେବ ଏବଂ ଯାବତୀୟ ପରିସ୍ଥିତିରେ ତାହାକୁ ତୁମ ଭିତରେ କାର୍ଯ୍ୟ କରିବା ନିମନ୍ତେ ବାଟ ଛାଡ଼ି ଦେବାକୁ ପଡ଼ିବ ।

❋

(ଏକ ସାଂଘାତିକ ଅସୁସ୍ଥତାକୁ ଭଲ କରିବା ପାଇଁ ଜଣେ ସାଧକ ମାଆଙ୍କୁ ତାଙ୍କର ଆଧ୍ୟାତ୍ମିକ ଶକ୍ତିକୁ ବ୍ୟବହାର କରିବା ନିମନ୍ତେ ପ୍ରାର୍ଥନା କରିଥିଲେ ।)

ନିଜର ବାସନାଗୁଡ଼ିକ ଉପରେ ତୁମର ନିୟନ୍ତ୍ରଣ ନ ଆସିବା ପର୍ଯ୍ୟନ୍ତ ସେହି ଶକ୍ତି ଆଦୌ କାମ କରି ପାରିବ ନାହିଁ ।

୭ ସେପ୍ଟେମ୍ବର ୧୯୫୯

❋

ତୁମେ ଠିକ୍ ଅନୁମାନ କରିଛ ।

ମୋର ଗତ ଚିଠିରେ ମୁଁ ଖାଦ୍ୟସମ୍ବନ୍ଧୀୟ ବାସନାଗୁଡ଼ିକ ବିଷୟରେ କହିଥିଲି । ତୁମେ ଖାଉଥିବା ଖାଦ୍ୟ ଉପରେ ତୁମର ନିୟନ୍ତ୍ରଣ ସମ୍ଭବ ନ ହେଲା ପର୍ଯ୍ୟନ୍ତ ତୁମେ ନିଶ୍ଚୟ ସବୁବେଳେ ଅସୁସ୍ଥ ହୋଇ ପଡ଼ୁଥିବ ।

୧୪ ସେପ୍ଟେମ୍ବର ୧୯୫୯

❋

'oaob.nitrkl.ac.in' images reprocessed

ଆହାର ବିଷୟରେ ରହିଥିବା ଲୋଭ ଉପରେ ବିଜୟ : ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ।

*

## ଶାନ୍ତି ଓ ସ୍ଥିରତା, ବିଶ୍ୱାସ ଓ ସମର୍ପଣ

ତୁମେ ଶାନ୍ତ ରହିବ, ଅଭିନିବେଶିତ ହୋଇ ରହିବ, ଊର୍ଦ୍ଧ୍ୱସ୍ଥ ପରମଶକ୍ତିକୁ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ିଦେବ, — ଏହା ହେଉଛି ଯାବତୀୟ ଯାହାକିଛିରୁ ଆରୋଗ୍ୟ ଲାଭ କରିବାର ନିଶ୍ଚିତତମ ଉପାୟ । ଏହି କଥାଟିକୁ ଯଦି ଯଥାର୍ଥ ଭାବରେ କରାଯାଏ, ଯଦି ସମସ୍ୟୋଚିତ ଭାବରେ ଓ ଯଥେଷ୍ଟ ପରିମାଣରେ ଦୀର୍ଘ-କାଳ ପାଇଁ ଏକ ଦୃଢ଼ ବିଶ୍ୱାସ ଏବଂ ବଳବତୀ ଇଚ୍ଛା ସହିତ କରାଯାଏ, ତେବେ ଏପରି କୌଣସି ଅସୁସ୍ଥତା ନାହିଁ, ଯାହାକି ତାହାର ପ୍ରତିରୋଧ କରି ପାରିବ ।

୭ ଡିସେମ୍ବର ୧୯୩୪

*

ମୋତେ ଜ୍ୱର ହୋଇଛି । ଏଥିରୁ ଭଲ ହେବା ନିମନ୍ତେ ସବୁଠାରୁ ଭଲ ଉପାୟ କ'ଣ ?

ତୁମେ ଶାନ୍ତ ହୋଇ ରହିବ, ବିଶ୍ୱାସ ରଖିବ, — ତେବେ ତୁମର ଜ୍ୱର ଅଚିରେ ତୁମକୁ ଛାଡ଼ି ଚାଲିଯିବ ।

*

ମୋ'ର ତଣ୍ଟି, ବେକ ଓ ମୁଣ୍ଡର ପଛପଟେ ଦାରୁଣ ଯନ୍ତ୍ରଣା ହେଉଛି । ସେହି ଯନ୍ତ୍ରଣାକୁ ମୁଁ ଆଦୌ ସହ୍ୟ କରି ପାରୁ ନାହିଁ ଏବଂ ଏଣେ ମୋ'ର ଧୈର୍ଯ୍ୟ ମଧ୍ୟ ରହୁ ନାହିଁ ।

ତୁମକୁ ଧୈର୍ଯ୍ୟ ରଖିବାକୁହିଁ ପଡ଼ିବ, ଧୈର୍ଯ୍ୟ ହରାଇଲେ ରୋଗ କଦାପି ଚଞ୍ଚଳ ଭଲ ହେବ ନାହିଁ । ଅନ୍ୟପକ୍ଷରେ, ତୁମେ ଯେ ନିଶ୍ଚୟ ଭଲ ହୋଇଯିବ,

'oaob.nitrkl.ac.in' images reprocessed

ସେହି ବିଷୟରେ ତୁମକୁ ଅତ୍ୟନ୍ତ ଶାନ୍ତ ଭାବରେ ନିଜ ଭିତରେ ବିଶ୍ୱାସ ରଖିବାକୁ ହେବ ।

୫ ଅକ୍ଟୋବର ୧୯୩୫

❋

ନିଜର ଶରୀରରେ ତୁମେ ଏକ ବୃହତ୍ତର ଶାନ୍ତି ଓ ସ୍ଥିରବତାର ପ୍ରତିଷ୍ଠା କରି ରଖିବ; ରୋଗର ଆକ୍ରମଣକୁ ପ୍ରତିରୋଧ କରିବା ସକାଶେ ତାହାହିଁ ତୁମକୁ ଶକ୍ତି ଯୋଗାଇ ଦେବ ।

୨୨ ଅକ୍ଟୋବର ୧୯୩୫

❋

ମୋର ପ୍ରିୟ ସନ୍ତାନ, ବର୍ତ୍ତମାନ ସମୟ ଆସିଛି ଯେତେବେଳେ କି ବିଶ୍ୱାସକୁ ଯଥାର୍ଥ ଭାବରେ ସକ୍ରିୟ ହେବାକୁ ପଡ଼ିବ ଏବଂ ସକଳ ବିରୋଧର ସମ୍ମୁଖରେ ଅଟଳ ହୋଇ ଛିଡ଼ା ହେବାକୁ ପଡ଼ିବ । ସେହି ବିଶ୍ୱାସଟିକୁ ରଖିଥାଅ, ସେହି ଯଥାର୍ଥ ବିଶ୍ୱାସଟିକୁ ରଖ; — ତୁମେ ଅବଶ୍ୟ ଆରୋଗ୍ୟ ଲାଭ କରିବ ଓ ଆରୋଗ୍ୟ ଯେ ଅବଶ୍ୟ ହେବ, ତୁମେ ସେହି ବିଶ୍ୱାସଟିକୁ ରଖିଥାଅ ।

ମୋର ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ।

୨ ଫେବୃଆରି ୧୯୪୯

❋

ଏପରି ବିକଳ ହୋଇ ପଡ଼ିବା ଏବଂ ସଂଗ୍ରାମ କରିବା ପରିବର୍ତ୍ତେ, ସବୁଠାରୁ ଉତ୍ତମ କାର୍ଯ୍ୟ ହେଉଛି ଯେ, ତୁମେ ଆନ୍ତରିକତା ସହିତ ଏହି ପ୍ରାର୍ଥନାଟି କରି ଆପଣାର ଶରୀରକୁ ଦିବ୍ୟ ପରମସତ୍ତାଙ୍କ ପାଖରେ ନେଇ ସମର୍ପଣ କରିଦେବ, "ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣହେଉ ।" ଯଦି ଆରୋଗ୍ୟଲାଭର କୌଣସି ସମ୍ଭାବନା ରହିଥାଏ, ତେବେ କେବଳ ଏହାରି ଫଳରେହିଁ ସେଥିଲାଗି ଏକ ସର୍ବୋତ୍ତମ ସ୍ଥିତିର ପ୍ରତିଷ୍ଠା ହୋଇପାରିବ; ଏବଂ, ଯଦି ଆରୋଗ୍ୟର କୌଣସି ସମ୍ଭାବନା ନ ଥାଏ, ତେବେ ଶରୀର ତଥା ଜୀବନକୁ ତ୍ୟାଗକରି ବାହାରିଯିବା ପାଇଁ ଏହାକୁହିଁ ସର୍ବୋତ୍ତମ ପ୍ରସ୍ତୁତି ବୋଲି କୁହାଯାଇ ପାରିବ ।

ସେକଥା ଯାହା ହେଉ ପଛକେ, ସର୍ବପ୍ରଥମ ଅପରିହାର୍ଯ୍ୟ କଥା ହେଉଛି

'oaob.nitrkl.ac.in' images reprocessed

ଯେ, ତୁମେ ପୂର୍ଣ୍ଣ ଶାନ୍ତ ଭାବରେ ସେହି ଦ୍ରବ୍ୟ ପରମସତ୍ତାଙ୍କ ଇଚ୍ଛା ପାଖରେ ନିଜକୁ ସମର୍ପଣ କରିଦେବ ।

ଶ୍ରଦ୍ଧା ଓ ଅନେକ ଆଶୀର୍ବାଦ ସହିତ ।

❋

5-3-59

Turn your mind completely away from your difficulty, concentrate exclusively on the Light and the Force coming from above; let the Lord do for your body what He pleases. Hand over to Him totally the entire responsibility of your physical being.

<u>This is the cure</u>

With my blessings

'oaob.nitrkl.ac.in' images reprocessed

ନିଜର ଅସୁବିଧାଟିରୁ ନିଜର ମନକୁ ବାହାର କରି ସମ୍ପୂର୍ଣ୍ଣ ଭାବରେ ଦୂରକୁ ନେଇଯାଅ, ଊର୍ଦ୍ଧ୍ୱରୁ ଆସୁଥିବା ପରମ ଆଲୋକ ଏବଂ ଶକ୍ତି ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଅଭିନିବେଶିତ କରି ରଖ । ପରମପ୍ରଭୁ ତୁମର ଶରୀରକୁ ନେଇ ଯାହାକିଛି କରିବାକୁ ଇଚ୍ଛା କରୁଛନ୍ତି, ତାଙ୍କୁ ତାହା କରିବା ଲାଗି ବାଟ ଛାଡ଼ିଦିଅ । ତୁମ ଶରୀରସମ୍ବନ୍ଧର ସମ୍ପୂର୍ଣ୍ଣ ଦାୟିତ୍ୱକୁ ତୁମେ ତାଙ୍କର ହାତରେ ସମର୍ପଣ କରିଦିଅ ।

ଏହାହିଁ ଆରୋଗ୍ୟର ପନ୍ଥା ।

ମୋର ଅନେକ ଆଶୀର୍ବାଦ ସହିତ ।

୫ ମାର୍ଚ୍ଚ ୧୯୫୯

❊

ଯାବତୀୟ ରୋଗ ସମ୍ବନ୍ଧରେ ତୁମକୁ ମୁଁ ଏହି ଗୋଟିଏ କଥାର ପ୍ରସ୍ତାବ ଦେଇ ପାରିବି ଯେ, ତୁମକୁ ଏଥିଲାଗି ଶାନ୍ତିର ଆବାହନ କରି ଆଣିବାକୁ ପଡ଼ିବ । ଯେକୌଣସି ଉପାୟରେ ହେଉ ପଛକେ—ଶ୍ରୀଅରବିନ୍ଦଙ୍କର ପୁସ୍ତକଗୁଡ଼ିକୁ ଅଧ୍ୟୟନ କରି ହେଉ ଅଥବା ଧ୍ୟାନ ଦ୍ୱାରା ହେଉ, — ତୁମେ ମନକୁ ଶରୀରଠାରୁ ଦୂରବର୍ତ୍ତୀ କରି ରଖିଥିବ । ଠିକ୍ ଏହିପରି ଏକ ସ୍ଥିତିରେହିଁ ପରମକରୁଣା କାର୍ଯ୍ୟ କରି ପାରିବ । ଏବଂ, କେବଳ ସେହି ପରମକରୁଣାହିଁ ଯାବତୀୟ ଆରୋଗ୍ୟର ବିଧାନ କରେ । ଔଷଧମାନେ କେବଳ ଶରୀରକୁ ଏକ ବିଶ୍ୱାସ ଆଣି ଦେଇଥା'ନ୍ତି । ତା' ବ୍ୟତୀତ ଆଉ କିଛି କରନ୍ତି ନାହିଁ ।

❊

ଶାନ୍ତ ଏବଂ ସ୍ଥିର ହୋଇ ରହିବା ହେଉଛି ଆରୋଗ୍ୟଲାଭର ଅମୋଘ ସର୍ତ୍ତ । ଯେକୌଣସି ଉତ୍ତେଜନା, ଯେକୌଣସି ସଙ୍କୀର୍ଣ୍ଣତା ଫଳରେ ଅସୁସ୍ଥତା ଅଧିକ ସ୍ଥାୟୀ ହୋଇଥାଏ ।

୨୭ ନଭେମ୍ବର ୧୯୬୯

❊

(ପାକସ୍ଥଳୀ ଓ ଅନ୍ତ୍ରର କୌଣସି ଅସୁସ୍ଥତା ଭୋଗ କରୁଥିବା ଜଣେ ବ୍ୟକ୍ତିଙ୍କୁ)

'oaob.nitrkl.ac.in' images reprocessed

ଏହା ଅସ୍ଥିରତା ଏବଂ ଉତ୍ତେଜନାରୁ ହୋଇଛି । ତୁମର ପାକସ୍ଥଳୀକୁ ଶାନ୍ତ, ସେହି ଦିବ୍ୟପରମଶାନ୍ତିକୁ ଅବତରଣ କରାଇଆଣ ଏବଂ ତା'ହେଲେ ସବୁ ଭଲ ହୋଇଯିବ ।

*

ତୁମ ଭିତରେ ଅତ୍ୟନ୍ତ ଗଭୀରରେ ଅବସ୍ଥିତ ଏକ ଶାନ୍ତିକୁ ଉପଲବ୍ଧି କର ଏବଂ ତାହାକୁ ଶରୀରର କୋଷଗୁଡ଼ିକ ମଧ୍ୟକୁ ପ୍ରବିଷ୍ଟ କରାଅ । ସେହି ଶାନ୍ତି ସହିତ ସ୍ୱାସ୍ଥ୍ୟ ମଧ୍ୟ ଫେରି ଆସିବ ।

*

ଶାନ୍ତି ଏବଂ ନିଶ୍ଚଳତା — ତାହାହିଁ ରୋଗର ମହାନ୍ ଔଷଧ ।

ଯେତେବେଳେ ଆମେ କୋଷଗୁଡ଼ିକ ମଧ୍ୟରେ ସେହି ଶାନ୍ତିର ପ୍ରବେଶ ଘଟାଇ ପାରିବା, ସେତେବେଳେ ଯାଇ ଆରୋଗ୍ୟ ଲାଭ କରି ପାରିବା ।

*

ସ୍ନାୟୁଗୁଡ଼ିକରେ ଶାନ୍ତି : ଉତ୍ତମ ସ୍ୱାସ୍ଥ୍ୟ ଲାଗି ତାହା ଅପରିହାର୍ଯ୍ୟ ।

*

## ଦିବ୍ୟ ପରମକରୁଣା ଦ୍ୱାରା ଆରୋଗ୍ୟଲାଭ

(ଗଣ୍ଠିବାତ ରୋଗ ଥିବା ଜଣେ ବ୍ୟକ୍ତି ଲେଖିଥିଲେ :)

ମୋ' ଭାଗ୍ୟରେ କ'ଣ ଏହିପରି ଭାବରେ ଅଚଳ ହୋଇଯିବା ଲେଖା ହୋଇ ରହିଛି ? ମୁଁ ନିଜ ଜୀବନର ସର୍ବୋତ୍ତମ ଭାଗଟିକୁ ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ଦେଇଛି । ତେବେ ଏହାହିଁ କ'ଣ ମୋ'ର ଭାଗ୍ୟ ହୋଇ ରହିବ ? ଏଥିରୁ ନିଷ୍କୃତି ପାଇବାର କ'ଣ କୌଣସି ଉପାୟ ନାହିଁ ?

'oaob.nitrkl.ac.in' images reprocessed

ତୁମେ ବିଶ୍ୱାସ ରଖ । ଏପରି କୌଣସି ରୋଗ ନାହିଁ, ଯାହାକି ଦିବ୍ୟ ପରମକରୁଣା ଦ୍ୱାରା ଭଲ ହୋଇ ନ ପାରିବ ।

*

ତୁମେ ଚିରଦିନ ଲାଗି ଅଚଳ ହୋଇଗଲ ବୋଲି ଆଦୌ ଭାବ ନାହିଁ । କାରଣ ଦିବ୍ୟ ପରମସତ୍ତାଙ୍କ କରୁଣା ପ୍ରକୃତରେ ଅନନ୍ତ ।

୨୮ ଜାନୁଆରୀ ୧୯୩୨

*

## ଅସୁସ୍ଥତା ବିଷୟରେ କ'ଣ କରାଯିବ ?

ସମ୍ପୂର୍ଣ୍ଣ ଅଦ୍ବିଗ୍ନ ଭାବରେ ବିଶ୍ୱାସର ସହିତ ରହିଥାଅ । ମୋତେ ଏହି କାର୍ଯ୍ୟଟିକୁ କରିବାକୁ ଦିଅ । ତେବେ ଏହା ଅବଶ୍ୟ ସମ୍ପନ୍ନ ହେବ ।

*

ଯେତେବେଳେ କେହି କୌଣସି ଅସୁସ୍ଥତା ଭୋଗ କରୁଛି, ସେତେବେଳେ ସେ ମାଆଙ୍କୁ କିପରି ପ୍ରାର୍ଥନା କରିବ ?

ମାଆ, ମୋ'ର ଅସୁସ୍ଥତାକୁ ଦୂର କରିଦିଅ !

*

ତାଙ୍କର ମାନସିକ ବ୍ୟାଧିଟି ଜନ୍ମଗତ ଥିଲା, ଅର୍ଥାତ୍ ତାଙ୍କର ଶରୀରର ସ୍ୱଭାବଗତ ଗଠନ ହେତୁ ତାହା ହୋଇଥିଲା । ଏବଂ, ସିଏ ଯେଉଁଠି ହେଲେ ଯେପରି ଜୀବନ ଯାପନ କରିଥିଲେ ମଧ୍ୟ ତାହା ଅବଶ୍ୟ ଘଟିଥାନ୍ତା । ବସ୍ତୁତଃ ସିଏ ଅନ୍ୟ କୌଣସି ସ୍ଥାନରେ ଯେତିକି ଦିନ ବଞ୍ଚିଥାନ୍ତେ, ଏଠାରେ ମୁଁ ତାଙ୍କୁ ତା'ଠାରୁ ଦେଢ଼ବର୍ଷ ଅଧିକ ବଞ୍ଚାଇ ରଖିଲି ।

'oaob.nitrkl.ac.in' images reprocessed

ଶରୀରର ସ୍ତରରେ କେବଳ ଏକ ସମ୍ପୂର୍ଣ୍ଣ ରୂପାନ୍ତର ସମ୍ଭବ ହେଲେ ଯାଇ ଏହି ଜନ୍ମଗତ ରୋଗଗୁଡ଼ିକର ଆରୋଗ୍ୟ ସମ୍ଭବ ହୋଇ ପାରିବ । ଆମ ସାଧନାରେ ଆମେ ଏପର୍ଯ୍ୟନ୍ତ ସେଠାଏ ପହଞ୍ଚି ପାରି ନାହୁଁ । ତା' ନ ହେଲେ ଏହି କ୍ଷେତ୍ରରେ ବର୍ତ୍ତମାନ କେବଳ ଏକ ତଥାକଥିତ "ଅଲୌକିକ ଆରୋଗ୍ୟ ଲାଭ" ହିଁ ଏଠି ଘଟି ପାରିବ ଏବଂ, ଦିବ୍ୟ ପରମସତ୍ତାଙ୍କ ଠାରେ ଆପଣାକୁ ଉତ୍ସର୍ଗୀକୃତ କରିବାର କ୍ଷେତ୍ରରେ ଏକ ପୂର୍ଣ୍ଣ ଆନ୍ତରିକତା ରଖିବାର ଓ ଦିବ୍ୟ ପରମକରୁଣା ଉପରେ ଅବିଚଳ ବିଶ୍ୱାସ ସ୍ଥାପନ କରିବାର ପରିଣାମ ସ୍ୱରୂପହିଁ ସେହି ପ୍ରକାରର "ଅଲୌକିକ ଘଟନା" ସମ୍ଭବ ହୋଇ ପାରିବ । ତାଙ୍କ କ୍ଷେତ୍ରରେ ତାହା ସମ୍ଭବ ହେଲା ନାହିଁ; — ତାଙ୍କ ଭିତରେ ନାନାବିଧ ଭୟ, ବାସନା ଏବଂ ଦାବି ପୂର୍ଣ୍ଣ ହୋଇ ରହିଥିଲା ଓ ସେ ନିଜର ବାହ୍ୟ ସତ୍ତାଟିକୁ ନେଇ ନିଜକୁ ଭୟଙ୍କର ଭାବରେ ସଂକେନ୍ଦ୍ରିତ କରି ରଖିଥିଲେ, ସେହି ବାହ୍ୟ ସତ୍ତାର ସିଏ କହୁଥିବା ନାନା ଆବଶ୍ୟକତା ବିଷୟରେ ସେ ଅତିଶୟ ଭାବରେ ଉଦ୍‌ବିଗ୍ନ ରହୁଥିଲେ । ଏହାକୁ ଏକ ଆନ୍ତରିକତା ପୂର୍ଣ୍ଣ ଉତ୍ସର୍ଗୀକରଣର ଠିକ୍ ବିପରୀତ ବୋଲି କୁହାଯିବ ।

୨୫ ମାର୍ଚ୍ଚ ୧୯୩୫

*

ମୋ'ର ପ୍ରିୟ ସନ୍ତାନ,

ଏବର୍ଷ ତୁମର ଗ୍ରହଣଶୀଳତା ଏପରି ଭାବରେ ବୃଦ୍ଧିଲାଭ କରୁ, ଯେପରିକି, ତୁମ ଭିତରେ ଉତ୍ତମ ସ୍ୱାସ୍ଥ୍ୟର ପୁନଃପ୍ରତିଷ୍ଠା କରିବା ନିମନ୍ତେ କାର୍ଯ୍ୟକାରୀ ହୋଇ ରହିଥିବା ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ କାମରେ ଲଗାଇ ପାରିବା ସକାଶେ ତାହା ତୁମକୁ ଉପଯୁକ୍ତ ସାମର୍ଥ୍ୟ ପ୍ରଦାନ କରିବ ।

ମୋ'ର ଶ୍ରଦ୍ଧା ଏବଂ ଅନେକ ଆଶୀର୍ବାଦ ସହିତ ।

୨ ଫେବୃଆରି ୧୯୬୮

*

'କ' ପୁଣି ଚିଠି ଦେଇଛନ୍ତି । ତାଙ୍କର ବନ୍ଧୁ କୁମାରୀ 'ଖ' ଙ୍କର (କେତେ ମାସ ତଳେ ସେ ଏଠାକୁ ଆସିଥିବା ବେଳେ ଆପଣଙ୍କୁ ସାକ୍ଷାତ୍ କରିଥିଲେ) ଆପଣଙ୍କ ପାଖକୁ ଲିଖିତ ଦୁଇଟି ଚିଠି କାହାରି ଦୃଷ୍ଟିରେ ପଡ଼ି ନାହିଁ, ଅନ୍ତତଃ ବାହାରିକୁ ସେହିପରି ପ୍ରତୀତ ହେଉଛି । ନିଜର

'oaob.nitrkl.ac.in' images reprocessed

କେତେକ ଅସୁବିଧାକୁ ଅତିକ୍ରମ କରିବା ଲାଗି ସେ ଆପଣଙ୍କୁ ଏକ ଆଶୀର୍ବାଦ-ପ୍ୟାକେଟ୍ ମାଗିଛନ୍ତି । ତାଙ୍କୁ କୌଣସି ପ୍ୟାକେଟ୍ ମିଳି ନାହିଁ । ମାତ୍ର ତାଙ୍କର ଦ୍ୱିତୀୟ ଚିଠିରେ ସେ ଏକ ସୁସମ୍ବାଦ ଦେଇଛନ୍ତି ।

ତାହାର “ଦୃଷ୍ଟିରେ ପଡ଼ିଲା ନାହିଁ” କିପରି ? ସିଏ ତ ଆରୋଗ୍ୟ ଲାଭ କଲେ ! ତାଙ୍କ ଭିତରେ କେତେ କମ୍ ବିଶ୍ୱାସ ଥିଲା ?

୩୧ ମଇ ୧୯୬୭

✻

ଶେଇବା ଘ,ଟରୁ ମୁଁ ଆପଣଙ୍କୁ କହିଥିଲି, “ନାହିଁ, ଏକଥା ମୋଟେ ହେବ ନାହିଁ । ଯଦି ବଥଟି ଭଲ ନ ହୁଏ, ତେବେ ଦର୍ଶନ — ସପ୍ତାହଟିରେ ମୋତେ ଶଯ୍ୟାଶାୟୀ ହୋଇ ରହିବାକୁ ପଡ଼ିବ । ଏକଥା ସମ୍ଭବ ହୋଇ ପାରିବା ବିଷୟରେ ମୁଁ ନିଶ୍ଚିତ ହୋଇ ପାରୁ ନାହିଁ ।” ସକାଳେ ବଥଟି ପ୍ରାୟ ତିନିଇଞ୍ଚ ଅଧିକ ଜାଗାକୁ ଘୁଞ୍ଚିଗଲା, ତାହା ଫଳରେ ମୁଁ ଯିବା ଆସିବା କରି ପାରିଲି । ଏବଂ ଦିନେ ଦୁଇଦିନ ଭିତରେ ଫାଟି ବି ଗଲା ଏବଂ ବର୍ତ୍ତମାନ ପୂରାପୂରି ଶୁଖି ଗଲାଣି । ବଥଟି ପ୍ରକୃତରେ ଏହିପରି ପ୍ରକୃତରେ ଘୁଞ୍ଚି ପାରିଲା କି, ବର୍ତ୍ତମାନ ମୁଁ ସେହିକଥା ଭାବୁଛି ।

ଯେକୌଣସି ଘଟଣା ଘଟିବା ଅବଶ୍ୟ ସମ୍ଭବ । କେବଳ ଆମର ଏହି “ତର୍କ ପ୍ରିୟ” ମନଟା ନାନା ବାଡ଼ ଆଣି ବସାଇ ରଖିବାକୁ ଚେଷ୍ଟା କରୁଥାଏ । ତୁମର ଶରୀର ଯେ ଏପରି ଗ୍ରହଣଶୀଳ ହୋଇପାରିଲା, ତାକୁ ମୁଁ ସେଥିଲାଗି ଅଭିନନ୍ଦନ ଜଣାଉଛି ।

ଫେବୃଆରି ୧୯୭୦

✻

'oaob.nitrkl.ac.in' images reprocessed

ଆପଣଙ୍କର ଆଶୀର୍ବାଦରୁ ମୋ'ର ରୋଗ ଆଂଶିକ ଭାବରେ ଭଲ ହୋଇ ଯାଉଛି ସତ, ମାତ୍ର ସମ୍ପୂର୍ଣ୍ଣ ଭାବରେ ଯାଉ ନାହିଁ ।

ସେଥିରୁ ତୁମ ଶରୀରର ଗ୍ରହଣଶୀଳତାକୁ ଠିକ୍ ତଦନୁସାରେ କଳନା କରାଯାଇ ପାରୁଛି । ରୋଗଗ୍ରସ୍ତ ଅଂଶଗୁଡ଼ିକରେ ଶକ୍ତିକୁ ଅଭିନିବେଶିତ କରି ରଖ ଏବଂ ତେବେ ସେଗୁଡ଼ିକରେ ମଧ୍ୟ ଉନ୍ନତି ସମ୍ଭବ ହୋଇଯିବ ।

*

ଅନ୍ୟମାନଙ୍କ ସମ୍ବନ୍ଧରେ ମୁଁ ନୀରବରେ ଆପଣଙ୍କୁ ସମ୍ବାଦ ଦିଏ ଏବଂ ତାହାର ପ୍ରଭାବ ପଡ଼େ; ମାତ୍ର, ମୋ' ନିଜ ଅସୁସ୍ଥତା ସମ୍ବନ୍ଧରେ ମୋତେ ଆପଣଙ୍କ ପାଖକୁ ସ୍ୱୟଂ ଯାଇ କହିବାକୁ ପଡ଼େ । ଏହାର କାରଣ କ'ଣ ?

ଏକଥା ପ୍ରତ୍ୟେକ ବ୍ୟକ୍ତିର ଶରୀରସ୍ଥ ଗ୍ରହଣଶୀଳତା ଉପରେ ନିର୍ଭର କରେ ଏବଂ ସେହି ଗ୍ରହଣଶୀଳତା ମଧ୍ୟ ଅଳ୍ପବହୁତ ପରିମାଣରେ ଆପଣାର ପ୍ରଭାବ ବିସ୍ତାର କରି ରହିଥିବା ମନ ଉପରେ ନିର୍ଭର କରୁଥାଏ ।

*

ଏହା ହେଉଛି ଗ୍ରହଣଶୀଳତାର ଏକ ପ୍ରଶ୍ନ । ତାଙ୍କ ସକାଶେ ଯେତେଦୂର ଯାହା କରାଯାଇ ପାରିବ ମୁଁ ତାହା କରୁଛି, ମାତ୍ର ସିଏ ତ ତଥାପି ନିଜେ ଅସୁସ୍ଥ ହୋଇ ପଡ଼ିଛନ୍ତି ବୋଲି ଭାବିବାରେ ଲାଗିଛନ୍ତି । ସେ ଅହରହ ସେହି ଭାବନାଟିକୁ ନେଇ ବ୍ୟସ୍ତ ହୋଇ ରହିଛନ୍ତି ଏବଂ ଏହିପରି ଭାବରେ ନିଜ ଚାରିପାଖରେ ଅସୁସ୍ଥତାର ଗୋଟିଏ ଦୃଢ଼ ବେଷ୍ଟନୀ ତିଆରି କରି ରଖିଛନ୍ତି । ଏହି ବେଷ୍ଟନୀଟି ସକାଶେ ସେ ମୋ'ର ସାହାଯ୍ୟକୁ ଆଦୌ ଗ୍ରହଣ କରିପାରୁ ନାହାନ୍ତି । ତେଣୁ ସେ ଅସୁସ୍ଥତାର ସକଳ ଧାରଣାକୁ ତ୍ୟାଗ କରନ୍ତୁ ଏବଂ ତେବେ ତାଙ୍କର ଅଧାରୁ ଅଧିକ କଷ୍ଟ ଦୂର ହୋଇ ଯିବ ଏବଂ ତା'ପରେ ତାଙ୍କୁ ରୋଗମୁକ୍ତ କରାଇ ଆଣିବା ସହଜ ହୋଇ ପାରିବ । ◆

*

'oaob.nitrkl.ac.in' images reprocessed

# ଡାକ୍ତର ଏବଂ ଔଷଧ

## ଅସୁସ୍ଥତା

ସତ୍ୟର ଅର୍ଥ ହେଉଛି ସର୍ବୋଚ୍ଚ ସମଞ୍ଜସତା ଏବଂ ସର୍ବୋଚ୍ଚ ଆନନ୍ଦ ।

ଯାବତୀୟ ରୋଗ ଓ ରୋଗଭୋଗ, — ତାହା କେବଳ ମିଥ୍ୟା ।

ତେଣୁ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ସକଳ ଅସୁସ୍ଥତା ହେଉଛି ଶରୀରସ୍ତରର ଗୋଟିଏ ଗୋଟିଏ ମିଥ୍ୟା ଏବଂ, ତେଣୁ, ଡାକ୍ତରମାନଙ୍କୁ ଆମେ ସେହି ବରିଷ୍ଠ ଏବଂ ହିତକାରୀ ସୈନ୍ୟବାହିନୀର ଜଣେ ଜଣେ ସୈନ୍ୟରୂପେ କଳ୍ପନା କରିପାରିବା ଯେଉଁମାନେ କି ଏହି ପୃଥିବୀରେ ପରମସତ୍ୟର ବିଜୟ ଲାଗି ଯୁଦ୍ଧ କରୁଛନ୍ତି ।

❋

ଯଦି ଆମେ ମନୁଷ୍ୟର ଶରୀରକୁ ପରମ ପ୍ରଭୁଙ୍କର ଏକ ଆଳୟ ବୋଲି କଳ୍ପନା କରି ପାରିବା, ତେବେ ଆରୋଗ୍ୟ-ବିଜ୍ଞାନକୁ ସେହି ମନ୍ଦିରରେ କରି ଯାଉଥିବା ପୂଜାବିଧି ବୋଲି କୁହାଯିବ ଓ ଡାକ୍ତରମାନଙ୍କୁ ସେଠାରେ କାର୍ଯ୍ୟ-କରୁଥିବା ସେବକ ଓ ପୁରୋହିତ ବୋଲି କୁହାଯିବ ।

ଏହିପରି ଭାବରେ ବିଚାରକଲେ ଡାକ୍ତରୀ ଜୀବିକା ହେଉଛି ଜଣେ ପୂଜକର ଜୀବିକା ଏବଂ ତାହାକୁ ସେହିପରି ଭାବରେ ଗ୍ରହଣ କରିବାକୁ ପଡ଼ିବ ।

❋

ମନ ପ୍ରଶସ୍ତ ହୋଇଥିବ, ହୃଦୟ ଉଦାର ହୋଇଥିବ, ଇଚ୍ଛାଶକ୍ତି ଅବିଚଳିତ ଥିବ, ସାମର୍ଥ୍ୟଶକ୍ତି କଦାପି ଶ୍ରାନ୍ତ ହୋଇ ପଡ଼ୁ ନ ଥିବ ଏବଂ ଆପଣାର ଜୀବନବ୍ରତଟି ଉପରେ ପୂର୍ଣ୍ଣଆସ୍ଥା ରହିଥିବ — ଏହାରି ଦ୍ୱାରା ଜଣେ ଆଦର୍ଶ ଡାକ୍ତର ହୋଇ ପାରିବ ।

❋

ପ୍ରକୃତରେ ଦେଖିବାକୁ ଗଲେ, ଶରୀରର କୌଣସି ଅଂଶ ଗ୍ରହଣ କରୁଥିବା ଭୁଲ ଦୃଷ୍ଟିକୋଣଟିକୁହିଁ ରୋଗ ଓ ଅସୁସ୍ଥତା ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ଜଣେ ଡାକ୍ତରର ପ୍ରଧାନ ଭୂମିକା ହେଉଛି, ବିବିଧ ଉପାୟରେ ଶରୀରକୁ ଏପରି ଭାବରେ ପ୍ରବର୍ତ୍ତାଇ ପାରିବା, ଯେପରିକି ତାହା ସର୍ବୋଚ୍ଚ ପରମକରୁଣା ଉପରେ ଆପଣାର ବିଶ୍ୱାସକୁ ପୁନର୍ବାର ଫେରି ପାଇପାରିବ ।

*

ଚିକିତ୍ସା କ୍ଷେତ୍ରର ଜ୍ଞାନ ଏବଂ ଅନୁଭୂତି, ଏବଂ ତାହା ସହିତ ଦିବ୍ୟ ପରମକରୁଣା ଉପରେ ପରିପୂର୍ଣ୍ଣ ବିଶ୍ୱାସକୁ ଯଦି ମିଶାଇ ଦେଇ ପାରିବ, ତେବେ ତୁମର ଆରୋଗ୍ୟକାରୀ ସାମର୍ଥ୍ୟରେ ପ୍ରକୃତରେ କୌଣସି ସୀମା ହିଁ ରହିବ ନାହିଁ ।

*

ଆରୋଗ୍ୟବିଧାନର ଆଧ୍ୟାତ୍ମିକ ଶକ୍ତି : ଦିବ୍ୟପ୍ରଭାବ ଆଡ଼କୁ ଉନ୍ମୋଚିତ ଏବଂ ଗ୍ରହଣଶୀଳ ହୋଇ ରହିବା ।

*

ଆରୋଗ୍ୟବିଧାନ କରାଇବାର ପାର୍ଥିବ ଶକ୍ତିଟି ମଧ୍ୟରେ ଆପଣାର ସଦିଚ୍ଛାର କ୍ଷେତ୍ରରେ ଅଜସ୍ର ଆନ୍ତରିକତା ଓ ନିଷ୍ଠା ରହିଥିବା ଦରକାର ।

*

ହୃଦ୍‌ରୋଗର ଏହି ଦ୍ୱିତୀୟ ପର୍ଯ୍ୟାୟଟିକୁ ମୁଁ ଏପର୍ଯ୍ୟନ୍ତ ଅତିକ୍ରମ କରି ପାରି ନାହିଁ । ଏକ ଉତ୍ତେଜକ ଟନିକ୍‌ଚୂର୍ଣ୍ଣକୁ ମାତ୍ରାଧିକ ପରିମାଣରେ ସେବନ କରିଥିବାରୁ ୧୯୩୮ ମସିହା ଜୁନ୍ ମାସରେ ପ୍ରଥମ ଥର ଏହି ରୋଗର ଆକ୍ରମଣ ହୋଇ ଥିଲା । ଏଥର ମୁଁ ହୃଦ୍‌ଯନ୍ତ୍ରସ୍ଥ ମାଂସପେଶୀଗୁଡ଼ିକର କୌଣସି ବିକୃତି ହେତୁ ପୁନର୍ବାର ଅସୁସ୍ଥ ହେଲି । ଡାକ୍ତରମାନେ ମୋତେ ସର୍ବଦା ଚିତ୍ ହୋଇ ଶୋଇରହି ସମ୍ପୂର୍ଣ୍ଣ ବିଶ୍ରାମ ନେବାକୁ ପରାମର୍ଶ

'oaob.nitrkl.ac.in' images reprocessed

ଦେଇଛନ୍ତି । ଏପରିକି ମୁଣ୍ଡ ଉଠାଇବାକୁ ମଧ୍ୟ ନାହିଁ କରିଛନ୍ତି । ସେମାନେ ଏ ବିଷୟରେ ମଧ୍ୟ ସାବଧାନ କରି ଦେଇଛନ୍ତି ଯେ, ଯଦି ମୁଁ ଏଥି ବିଷୟରେ ସମ୍ପୂର୍ଣ୍ଣ ଯତ୍ନ ନ ନିଏ, ତେବେ ମୁଁ ହୁଏତ ଆହୁରି କୌଣସି ସାଂଘାତିକ ବେରାମରେ ଆକ୍ରାନ୍ତ ହୋଇ ପଡ଼ିବି । ମାତ୍ର ମୁଁ ମୋ' ଭିତରେ ଆପଣଙ୍କର ଉପସ୍ଥିତି ପୂର୍ଣ୍ଣ ହୋଇ ରହିଥିବା ପରି ଅନୁଭବ କରୁଛି ଏବଂ, ମୋ' ଭିତରୁ ହଠାତ୍ ଅତ୍ୟନ୍ତ ବିପୁଳ ଭାବରେ ଅଭିବ୍ୟକ୍ତ ହୋଇ ଆସୁଥିବା କବିତପ୍ରେରଣା ମୋତେ ଯାହା କରିବା ଲାଗି ପ୍ରେରିତ କରି ନେଉଛି, ମୁଁ ତାହାହିଁ କରୁଛି । ଅଧିକାଂଶ ସମୟରେ ଉଠିକରି ବସୁଛି ମୋ'ଭିତରୁ କବିତାର ସ୍ରୋତ ଉଚ୍ଛ୍ୱସିତ ହୋଇ ଉଠୁଥିବା ସମୟରେ ବେଶ୍ ଉତ୍ତେଜିତ ମଧ୍ୟ ହେଉଛି—ବିଶେଷତଃ, ଯେତେବେଳେ ଧାଡ଼ିଗୁଡ଼ିକ ଦୂରସ୍ଥ ସୁପରିବ୍ୟାପ୍ତ ପ୍ରସାରଗୁଡ଼ିକ ମଧ୍ୟରୁ ମୋ' ପାଖରେ ଆସି ପହଞ୍ଚୁଛନ୍ତି, ମୁଁ ସେତେବେଳେ ଅଧିକ ଉତ୍ତେଜିତ ହୋଇ ପଡ଼ୁଛି—; ଏବଂ ସେତେବେଳେ ମୋ'ର ହୃଦୟରେ ଘନଘନ ସ୍ପନ୍ଦନ ଆରମ୍ଭ ହୋଇ ଯାଉଛି ଏବଂ ଯଦି ଡାକ୍ତରମାନେ ଷ୍ଟେଥୋସ୍କୋପ୍ ଦେଇ ମୋ' ଗୁଡ଼ିକୁ ପରୀକ୍ଷା କରି ଦେଖନ୍ତେ, ତେବେ ମୋ'ର ଆଶୁ ଆରୋଗ୍ୟଲାଭ କରିବା ବିଷୟରେ ସେମାନେ ମୁଣ୍ଡ ହଲାଇବାକୁ ଆରମ୍ଭ କରିଦିଅନ୍ତେ । ମାତ୍ର ମୁଁ ସେଥି ବିଷୟରେ ଆଦୌ କୌଣସି ଚିନ୍ତା କରୁ ନାହିଁ । ମୁଁ ଅନ୍ତର୍ଗତ ଭାବରେ ଆପଣଙ୍କର ଶକ୍ତି ଉପରେ ଆସ୍ଥା ସ୍ଥାପନ କରିଛି ଏବଂ, ମୋ'ର ହୃଦ୍‌ଯନ୍ତ୍ର ସମ୍ବନ୍ଧରେ ମୁଁ ଏପରି ଯତ୍ନହୀନ ହେବାକୁ ଲାଗିଲେ ଯେଉଁ କାଳମାଗ୍ରସ୍ତ ଭବିଷ୍ୟତଟି ମୋ'ଲାଗି ଅପେକ୍ଷା କରି ରହିଛି ବୋଲି ସେମାନେ ମୋତେ ଭୟ ଦେଖାଉଛନ୍ତି,— ଅବଶ୍ୟ ସେମାନେ ଅତ୍ୟନ୍ତ ଭଲ ଅଭିପ୍ରାୟ ରଖି ମୋ' ନିଜର

'oaob.nitrkl.ac.in' images reprocessed

ଭଲ ପାଇଁ ଏପରି କରୁଛନ୍ତି, ତାହାକୁ ହସି ଉଡ଼ାଇ ଦେବା ସକାଶେ ମୋ'ର ଭାରି ଇଚ୍ଛା ହେଉଛି । ପ୍ରିୟତମା ଜନନୀ, ମୁଁ ଏକଥା ଅତ୍ୟନ୍ତ ନିଶ୍ଚିତ ବୋଲି ଅନୁଭବ କରୁଛି ଯେ, ଦିବ୍ୟ ପରମ ଶକ୍ତି ଅବଶ୍ୟ ମୋ'ର ସହାୟ ହେବେ, — ନୁହେଁ କି ?

ମୋର ପ୍ରିୟ ସନ୍ତାନ, ମୁଁ ତୁମ ସହିତ ସମ୍ପୂର୍ଣ୍ଣ ଏକମତ ଯେ, ଏପରି ଗୋଟିଏ ଭିନ୍ନ ଶକ୍ତି ରହିଛି, ଯାହାକି ଡାକ୍ତର ଏବଂ ସେମାନଙ୍କର ଔଷଧଠାରୁ ଅନେକ ଅଧିକ ପ୍ରଭାବଶାଳୀ । ତୁମେ ସେହି ଶକ୍ତି ଉପରେ ଆସ୍ଥା ସ୍ଥାପନ କରିଛ ବୋଲି ଜାଣି ମୁଁ ପ୍ରକୃତରେ ଭାରି ଖୁସି ହେଉଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତାହା ତୁମକୁ ଯାବତୀୟ କଷ୍ଟ ଓ ପ୍ରମାଦ ମଧ୍ୟଦେଇ ଅତିକ୍ରମ କରାଇ ନେଇଯିବ, ଦୁର୍ବିପାକସୂଚକ ଯାବତୀୟ ସତର୍କବାଣୀ ସତ୍ତ୍ୱେ ତାହା ତୁମକୁ ପାର କରାଇନେବ । ଆପଣାର ବିଶ୍ୱାସକୁ ଅତୁଟ ରଖିଥାଅ ଏବଂ ଶେଷକୁ ସବୁ ଠିକ୍ ହୋଇଯିବ ।

୨୮ ମଇ ୧୯୪୮

❋

## (ଔଷଧ ବିଷୟରେ)

ଏଗୁଡ଼ିକରେ ମୋ'ର କୌଣସି ବିଶେଷ ଆଗ୍ରହ ନ ଥାଏ । ଏସବୁ ବାହ୍ୟ ଚେତନାର କ୍ଷେତ୍ରରେ କେବଳ ବାହ୍ୟ ସହାୟତା ରୂପେ କାର୍ଯ୍ୟ କରିଥାନ୍ତି ଏବଂ ଯୋଗର ମାର୍ଗ ଲାଗି ଆଦୌ ଅତ୍ୟାବଶ୍ୟକ ନୁହନ୍ତି ।

❋

ଯେଉଁ ଔଷଧରେ ଯେତିକି ଯଥାର୍ଥ ଅନ୍ତର୍ଶକ୍ତି ରହିଥାଏ, ତାହାର କେବଳ ସେତିକି ମୂଲ୍ୟ ରହିଛି ।

୨୨ ଫେବ୍ରୁଆରୀ ୧୯୬୧

❋

'oaob.nitrkl.ac.in' images reprocessed

ଜଣେ ଗୁରୁଙ୍କ ପାଖରୁ ଆଉଜଣେ ଗୁରୁଙ୍କ ପାଖକୁ ଯିବାପରି ଜଣେ ଡାକ୍ତରଙ୍କୁ ଛାଡ଼ି, ଆଉଜଣେ ଡାକ୍ତରଙ୍କ ପାଖକୁ ଯିବା ମଧ୍ୟ ସେତିକି ଭୁଲ୍ କଥା । ଜଣେ ଆଧ୍ୟାତ୍ମିକ ଭୂମିରେ ଯେଉଁ କାର୍ଯ୍ୟ କରିଥାନ୍ତି, ଆଉଜଣେ ଭୌତିକ ଭୂମିରେ ଠିକ୍ ତାହାହିଁ କରନ୍ତି । ତେଣୁ ତୁମେ ନିଜେ ନିଜର ଡାକ୍ତରଙ୍କୁ ବାଛିବ ଏବଂ ତାଙ୍କୁ ଛାଡ଼ି ପୁଣି କଦାପି ଅନ୍ୟତ୍ର ଯିବ ନାହିଁ । ନ ହେଲେ ଶରୀରର କ୍ଷେତ୍ରରେ ତୁମେ ଅନେକ ବିଭ୍ରାନ୍ତିରେ ଯାଇ ପଡ଼ିଯିବ । କେବଳ ଡାକ୍ତର ନିଜେଆଉ କାହାର କିଂବା ଅନ୍ୟମାନଙ୍କର ପରାମର୍ଶ ଗ୍ରହଣ କରିବାକୁ ନିଷ୍ପତ୍ତି କଲେ ଯାଇ ଏକଥା ଆପଦଶୂନ୍ୟ ଭାବରେ କରାଯାଇ ପାରିବ ।

୧୪ ମାର୍ଚ୍ଚ ୧୯୬୧

❋

ମୁଁ ତୁମକୁ ଡାକ୍ତରଙ୍କ ପାଖକୁ ପଠାଇଥିଲି, ଏବଂ ମୁଁ ଆଶା କରୁଛି ଯେ, ସେ ତୁମକୁ ଯାହାକିଛି କରିବାକୁ କହିବେ, ତୁମେ ତାହା ଅବଶ୍ୟ କରିବ ।

୧ ଏପ୍ରିଲ୍ ୧୯୬୧

❋

ଡାକ୍ତର 'କ' ଙ୍କ ଦ୍ୱାରା ମୁଁ ଚିକିତ୍ସିତ ହୋଇପାରିବି ବୋଲି ଆପଣ ଭାବୁଛନ୍ତି କି ? ଅସଲ କଥା ହେଉଛି, କୌଣସି ନିର୍ଦ୍ଦିଷ୍ଟ ମାର୍ଗର ଚିକିତ୍ସା ନୁହେଁ, ମାତ୍ର ଆପଣଙ୍କର କରୁଣାହିଁ ଯାବତୀୟ ଆରୋଗ୍ୟବିଧାନର କାରଣ ହୋଇ ଥାଏ ।

ଏକଥା ସତ ଯେ ଚିକିତ୍ସା ଅପେକ୍ଷା ବିଶ୍ୱାସ ଦ୍ୱାରାହିଁ ଆରୋଗ୍ୟଲାଭର କ୍ଷେତ୍ରରେ ଅଧିକ ଫଳ ମିଳିଥାଏ । ତୁମେ ଇଚ୍ଛାକଲେ ଡାକ୍ତର 'କ' ଙ୍କ ଚିକିତ୍ସା ଗ୍ରହଣ କରି ପାରିବ ଏବଂ ଦିବ୍ୟ ପରମ ସହାୟତାର ଆବାହନ କରୁଥିବ ।

୫ ଅଗଷ୍ଟ ୧୯୬୨

❋

ମୋତେ ଜ୍ୱରର ଅଗ୍ନିରେ ଏକାବେଳକେ ଜାଳି ଦେବାକୁ ଆପଣ କାଳୀଙ୍କୁ ଆଦେଶ ଦେବେ କି ? ମୁଁ

'oaob.nitrkl.ac.in' images reprocessed

ପ୍ରାୟ ସମ୍ପୂର୍ଣ୍ଣ ନିରାଶ ହୋଇ ସାରିଲଣି । ମୁଁ କିଛି ସହଜ ଆୟୁର୍ବେଦୀ ଔଷଧ ବ୍ୟବହାର କରି ପାରିବି କି ?

ଏପରି ନିରାଶ ହୋଇ ପଡ଼ିବା ପୂର୍ବରୁ ତୁମେ କିଛି ଆୟୁର୍ବେଦୀୟ ଔଷଧ ବ୍ୟବହାର କରି ଏବଂ କାଳୀଙ୍କର ଶକ୍ତି ମଧ୍ୟରେ ଆପଣାକୁ ଅଭିନିବେଶିତ ରଖି ତାହାକୁ ବ୍ୟବହାର କର ।

ଅନେକ ଆଶୀର୍ବାଦ ।

୭ ମଇ ୧୯୬୫

❋

ପ୍ରତ୍ୟେକ କ୍ଷେତ୍ରରେ ସେହି ପରମଶକ୍ତି ଦ୍ୱାରାହିଁ ସକଳ ଆରୋଗ୍ୟବିଧାନ ସମ୍ଭବ ହୋଇଥାଏ ।

ଔଷଧରୁ ପ୍ରାୟ କୌଣସି ଫଳ ମିଳେ ନାହିଁ, ଔଷଧ ଉପରେ ରହିଥିବା ଆମର ବିଶ୍ୱାସହିଁ ଆମକୁ ଭଲ କରେ ।

ତୁମର ଯେଉଁ ଡାକ୍ତରଙ୍କ ଉପରେ ବିଶ୍ୱାସ ହେଉଛି, ତୁମେ ସେହି ଡାକ୍ତରଙ୍କର ଚିକିତ୍ସାରେ ରହି ଏବଂ, ଯେଉଁ ଔଷଧଗୁଡ଼ିକ ତୁମକୁ ବିଶ୍ୱାସର ପ୍ରେରଣା ଆଣି ଦେଉଛନ୍ତି, ତୁମେ କେବଳ ସେହିଗୁଡ଼ିକର ସେବନ କର ।

ଶରୀରର କେବଳ ସ୍ଥୂଳ ପଦ୍ଧତିଗୁଡ଼ିକ ଉପରେ ଆସ୍ଥା ରହିଛି ଏବଂ ସେହି କାରଣରୁହିଁ ତୁମକୁ ତା'ପାଇଁ କିଛି ଔଷଧ ଯୋଗାଇ ଦେବାକୁ ପଡ଼ିବ । ମାତ୍ର, କେବଳ ପରମାଶକ୍ତି ଔଷଧଗୁଡ଼ିକର ମଧ୍ୟରେ କାର୍ଯ୍ୟ କରୁଥିଲେ ଯାଇ ସେଗୁଡ଼ିକର ଯାହାକିଛି ପ୍ରଭାବ ଅନୁଭୂତ ହୋଇଥାଏ ।

ଡାକ୍ତରୀ ଚିକିତ୍ସା କେବଳ ଗୋଟିଏ ଜିନିଷକୁ ଭଲ କରିଦିଏ, — ମାତ୍ର ଆଉଗୋଟିଏ ଜିନିଷର କ୍ଷତି ଘଟାଇହିଁ ତାହା ସେକଥା କରିଥାଏ ।

ଆୟୁର୍ବେଦର ଚିକିତ୍ସକମାନଙ୍କର ସାଧାରଣତଃ ସେହି ଦୋଷଟି ନ ଥାଏ । ସେହି କାରଣରୁହିଁ ସେମାନଙ୍କ ପାଖକୁ ଯିବା ଲାଗି ପରାମର୍ଶ ଦେଇଥାଏ ।

୨୦ ଡିସେମ୍ବର ୧୯୬୫

❋

'oaob.nitrkl.ac.in' images reprocessed

> ଆପଣାର ପ୍ରକୃତିକୁ ଶୁଦ୍ଧ କରିବା ନିମନ୍ତେ ମୋତେ ଯେକୌଣସି ପରୀକ୍ଷାର ମଧ୍ୟଦେଇ ଯିବାକୁ ହେଉ ପଛକେ, ଚିକିତ୍ସାସମ୍ବନ୍ଧୀ ସହାୟତା ଗ୍ରହଣ କରି ଅଥବା ନ କରି ମୋତେ ତାହା ମଧ୍ୟଦେଇ ଯିବାକୁ ପଡ଼ିବ ।

ତୁମ କଥା ସମ୍ପୂର୍ଣ୍ଣଭାବରେ ଠିକ୍ । ନିଜର ବିଶ୍ୱାସରେ ଅଟଳ ଥାଅ ଏବଂ ତୁମେ ଅବଶ୍ୟ ଆରୋଗ୍ୟ ଲାଭ କରିବ ।

ଅନେକ ଆଶୀର୍ବାଦ ସହିତ । ୫ ଜୁଲାଇ ୧୯୬୬

❋

## ଆଶ୍ରମ-ସ୍ୱାସ୍ଥ୍ୟ-ସେବା ଲାଗି ବାର୍ତ୍ତା

(ଆୟୁର୍ବେଦ-ବିଭାଗର ଉଦ୍‌ଘାଟନ ପାଇଁ ବାର୍ତ୍ତା)

ଏହି ନୂତନ କାର୍ଯ୍ୟକ୍ରମଟିର ମାଧ୍ୟମରେ ଅତୀତର ଜ୍ଞାନକୁ ଆଜିର ଉଦ୍‌ଘାଟନଟି ଦ୍ୱାରା ପ୍ରକାଶିତ କରିଦେବାକୁ ପଡ଼ିବ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

୨୨ ଫେବୃଆରୀ ୧୯୫୭

❋

(ଶିଶୁ-ଚିକିତ୍ସାଳୟର ଉଦ୍‌ଘାଟନ ପାଇଁ ବାର୍ତ୍ତା)

ଶିଶୁ-ଚିକିତ୍ସାଳୟ<br>
ଯେତିକି ଚିକିତ୍ସା ପାଇଁ ଆସିବେ<br>
ସମସ୍ତେ ଆରୋଗ୍ୟଲାଭ କରିବେ ।

ଶରୀର ଯେପରି ଯଥାର୍ଥ ଭାବରେ ପ୍ରତିକ୍ରିୟା ବ୍ୟକ୍ତ କରି ଅସୁସ୍ଥତାକୁ ପ୍ରତ୍ୟାଖ୍ୟାନ କରି ପାରିବ, ତାହାକୁ ସେହି କଥାଟିକୁ ଶିଖାଇଦେବା ହେଉଛି ଚିକିତ୍ସାକ୍ଷେତ୍ରରେ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବିଷୟ ।

ଅନେକ ଆଶୀର୍ବାଦ ।

❋ ୨ ଜୁଲାଇ ୧୯୬୩

'oaob.nitrkl.ac.in' images reprocessed

('ପୂର୍ଣ୍ଣ ସୁସ୍ଥ ଦୃଷ୍ଟିଶକ୍ତି ଲାଭ କରିବାର ବିଦ୍ୟାଳୟ'ର ଉଦ୍‌ଘାଟନ -ଉତ୍ସବ ଲାଗି ବାର୍ତ୍ତା)

ମନ ଯେତିକି ଶାନ୍ତ ହେବ, ଦୃଷ୍ଟିଶକ୍ତି ମଧ୍ୟ ଯେତିକି ସୁସ୍ଥ ଓ ଉତ୍ତମ ହୋଇ ପାରିବ ।

୫ ମଇ ୧୯୬୮

*

(ପ୍ରାକୃତିକ-ଚିକିତ୍ସା-ଶିବିର ଲାଗି ବାର୍ତ୍ତା)

ପ୍ରକୃତି ହେଉଛି ସର୍ବତୋମୁଖୀ ଆରୋଗ୍ୟକାରୀ ।

୨ ଜୁଲାଇ ୧୯୬୮

*

(ପ୍ରଧାନ ଚିକିତ୍ସାଳୟ ପାଇଁ ବାର୍ତ୍ତା)

ଅଟଳ ବିଶ୍ୱାସହିଁ ଆରୋଗ୍ୟଲାଭର ଚୂଡ଼ାନ୍ତ କାରଣ ।

ଅନେକ ଆଶୀର୍ବାଦ ।

୯ ଅଗଷ୍ଟ ୧୯୬୯

*

(ପଣ୍ଡିଚେରୀ ନିକଟରେ ଥିବା ଜବାହାରଲାଲ ସ୍ନାତକୋତ୍ତର ଚିକିତ୍ସାବିଜ୍ଞାନ ଶିକ୍ଷାକେନ୍ଦ୍ର ଲାଗି ବାର୍ତ୍ତା ।)

ପରମସତ୍ୟହିଁ ଆରୋଗ୍ୟର ଅସଲ କାରଣ ।

୧୯୫୭

*

'oaob.nitrkl.ac.in' images reprocessed

## ସାଧାରଣ

ମାଆ, ବେଶ୍ କେତେଦିନ ହେଲା ମୁଁ ନିୟମିତ ଭାବରେ ସୂର୍ଯ୍ୟାଲୋକ-ସ୍ନାନ ଗ୍ରହଣ କରୁଛି । କଫ କ୍ରମଶଃ ଭଲ ହୋଇ ଯାଉଛି । ବର୍ତ୍ତମାନ ଟିକିଏ ଟିକିଏ ରହିଛି, ମାତ୍ର ତାହା ଆଉ ମୋତେ କୌଣସି ପ୍ରକାରେ ବ୍ୟସ୍ତ କରି ପକାଉ ନାହିଁ । ସୂର୍ଯ୍ୟାଲୋକ-ସ୍ନାନ ଚାଲୁ ରଖିବା ଦ୍ୱାରା ମୋ'ର ଉପକାର ହେବ କି ?

ହଁ, ତୁମେ ପ୍ରତ୍ୟହ ତାହା କରିବ । ଏହା ବଳ ଆଣିଦିଏ ଏବଂ ଶକ୍ତିକୁ ସୁରକ୍ଷିତ କରି ରଖେ ।

*

ତୁମକୁ ଯଥାସମ୍ଭବ କାଶକୁ ଏଡ଼ିକରି ରହିବାକୁ ପଡ଼ିବ । ଇଚ୍ଛାଶକ୍ତି ଦ୍ୱାରା କାଶକୁ ନିୟନ୍ତ୍ରଣ କରାଯାଇ ପାରିବ, ଏବଂ ତୁମକୁ ସର୍ବଦା ସେହି ନିୟନ୍ତ୍ରଣଟିକୁ ଅର୍ଜନ କରିବା ଲାଗି ଚେଷ୍ଟା କରିବାକୁ ହେବ; କାରଣ କାଶ ଦ୍ୱାରା ମଣିଷ ଅକାରଣରେ ଭାରି କ୍ଲାନ୍ତ ହୋଇପଡ଼େ ।

*

ମାଆ, ଏହି କାଶରୁ ମୁଁ ଭାରି କଷ୍ଟ ପାଉଛି । ଏହାକୁ ନିୟନ୍ତ୍ରଣ କରିବା ମଧ୍ୟ କଷ୍ଟକର ହେଲାଣି । ଆପଣଙ୍କ ପାଖକୁ ଲେଖିବା ସମୟରେ ତାହା କମ୍ ହୋଇ ଯାଉଛି, ମାତ୍ର କିଛିଦିନ ପରେ ପୁଣି ଆସି ଆକ୍ରମଣ କରୁଛି । ମାଆ, ଏପରି ହେବାର କାରଣ କ'ଣ ?

ସମ୍ଭବତଃ ଏହା ପଛରେ କୌଣସି ମନ୍ଦ ପ୍ରବର୍ତ୍ତନା ମାନ ରହିଛି । ସେହି ପ୍ରବର୍ତ୍ତନାକୁ ତୁମକୁ ନିକାଲି ଦେଇ ଶିଖିବାକୁ ହେବ ।

*

'oaob.nitrkl.ac.in' images reprocessed

(କଞ୍ଜିଭ୍ ଜ୍ୱର ଲେଗିବା ପରେ)

ମାଆ, ମୁଁ ଅନୁଭବ କରୁଛି ସତେଯେପରି ମୋ'ଦେହରେ ଥିବା ଉତ୍ତାପ ଶୁଦ୍ଧୀକରଣର ଅଗ୍ନିରୁ ଉତ୍ପନ୍ନ ହୋଇ ଆସୁଛି । ଏହା ସତ କି ?

ଶୁଦ୍ଧୀକରଣର ଅଗ୍ନି ଜ୍ୱର ନ ଘଟାଇହିଁ ଶୁଦ୍ଧ କରିପାରୁଥାନ୍ତା, ଏବଂ ଅସୁସ୍ଥ ନ ହୋଇ ଶୁଦ୍ଧ ହୋଇଯିବା ଅବଶ୍ୟ ସମ୍ଭବ ହୁଅନ୍ତା ।

୨୮ ମାର୍ଚ୍ଚ ୧୯୩୫

❋

ଜଣେ ବୃଦ୍ଧ ଏବଂ ଅତ୍ୟନ୍ତ ଦୁର୍ବଳ ବ୍ୟକ୍ତିଙ୍କର ପୁରଃସ୍ଥ ଗ୍ରନ୍ଥି ବୃଦ୍ଧି ପାଇଛି । ଡାକ୍ତରମାନେ ଅପରେଶନ୍ କରିବାକୁ କହୁଛନ୍ତି । ସିଏ ଆପଣଙ୍କର ପରାମର୍ଶ ଚାହୁଁଛନ୍ତି ।

ଖୁବ୍‌ସମ୍ଭବ ଜୀବନାବସାନ ନିକଟ ହୋଇ ଆସୁଛି । ତାଙ୍କର ପ୍ରକୃତି ଏବଂ ଇଚ୍ଛାଶକ୍ତି ଉପରେ ସବୁକିଛି ନିର୍ଭର କରୁଛି । ଯଦି ସେ କୌଣସି ସଂଘର୍ଷ ନ ଲଗାଇ ଶାନ୍ତ ଭାବରେ ଚାଲିଯିବାକୁ ଇଚ୍ଛା କରୁଥାନ୍ତି, ତେବେ ସିଏ ଶାନ୍ତ ହୋଇ ରହନ୍ତୁ ଏବଂ ଯେତେଦିନ ବଞ୍ଚି ପାରୁଛନ୍ତି ବଞ୍ଚନ୍ତୁ । ଯଦି ଯୁଦ୍ଧ କରିବାକୁ ଚାହୁଁଛନ୍ତି, ତେବେ ଅପରେଶନ୍ କରାନ୍ତୁ ଓ କ'ଣ ହେଉଛି ଦେଖନ୍ତୁ । ସେକଥା ଯାହା ହୋଇଥାଉ ପଛକେ, ତାଙ୍କ ଲାଗି ମୋର ଆଶୀର୍ବାଦ ଅବଶ୍ୟ ରହୁଛି ।

❋

ଅପରେଶନ୍ ପରେ 'କ' ଙ୍କର ମୃତ୍ୟୁ ଘଟିଲା ଶୁଣି ମୁଁ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ିଲି । ଆପଣଙ୍କର ଜଣେ କର୍ମୀ ହିସାବରେ ତାଙ୍କର ଅସାଧାରଣ ସାମର୍ଥ୍ୟ ରହିଥିଲା । ଏପରି କିପରି ହେଲା ଯେ, ଆପଣଙ୍କର

'oaob.nitrkl.ac.in' images reprocessed

ପ୍ରଭାବ ଏବଂ ମାର୍ଗଦର୍ଶନ ରହିଥିଲେ ମଧ୍ୟ ସିଏ ମୃତ୍ୟୁ-
ମୁଖରେ ପଡ଼ିଲେ ?

ଅପରେଶନ୍ ବେଶ୍ ସଫଳ ଭାବରେ ହୋଇଥିଲା, ଜଣେ ଅତ୍ୟନ୍ତ ଦକ୍ଷ ସର୍ଜନ୍ ସେହି ଅପରେଶନ୍ କରିଥିଲେ । ମାତ୍ର 'କ' ଙ୍କର ହୃଦ୍‌ଯନ୍ତ୍ର ଆଶାତୀତ ଭାବରେ ଦୁର୍ବଳ ଥିଲା ଏବଂ ତେଣୁ ଅପରେଶନ୍ ହେବାର ପାଞ୍ଚଦିନ ପରେ ହୃତ୍‌ପିଣ୍ଡ-କ୍ରିୟା ବନ୍ଦ ହୋଇ ତାଙ୍କର ମୃତ୍ୟୁ ଘଟିଲା । ଏହା ପ୍ରକୃତରେ ଏକ ଦୁଃଖଦ ଘଟଣା ଏବଂ ଆମର କାର୍ଯ୍ୟରେ ଏହାଦ୍ୱାରା ବହୁତ କ୍ଷତି ହେଲା । ମାତ୍ର ଗତ କେତେଦିନ ଧରି ସେ ଅତ୍ୟନ୍ତ କଷ୍ଟ ପାଉଥିଲେ ଏବଂ ରୋଗ ଭୋଗି ଭୋଗି ବିରକ୍ତ ହୋଇ ଯାଇ-ଥିଲେ । ଏହି ଶରୀର ପରିବର୍ତ୍ତେ ଏକ ଅଧିକ ଉପଯୁକ୍ତ ଶରୀରଲାଭ କରିବା ପାଇଁ ସେ ଏକାଧିକ ବାର ଇଚ୍ଛା ପ୍ରକାଶ କରିଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯାହା ଘଟିଲା, ସେହି ଇଚ୍ଛାକୁହିଁ ସେଥିପାଇଁ ଦାୟୀ କରାଯାଇ ପାରିବ ।

୨୨ ନଭେମ୍ବର ୧୯୪୫

*

ଦୁଇଟିଯାକ ସମ୍ଭାବନା ମଧ୍ୟରୁ କେଉଁଟି ତୁମର ସ୍ୱାସ୍ଥ୍ୟକୁ ପୁନର୍ବାର ଫେରି ପାଇବାରେ ଅଧିକ ସହାୟକ ହେବ, ସେକଥାଟିକୁ ନିର୍ଦ୍ଦିଷ୍ଟକରି କହିପାରିବା ପ୍ରକୃତରେ କଷ୍ଟକର । ମାତ୍ର, ସାଧାରଣ ଭାବରେ ବିଚାର କରି କହିଲେ, କୌଣସି ପରବର୍ତ୍ତୀ କାଳ ଅପେକ୍ଷା ଏହି ଆରମ୍ଭରେହିଁ ଏକ ପରିବର୍ତ୍ତନ ଦ୍ୱାରା ତୁମ ଶରୀରକୁ ଅଧିକ ସାହାଯ୍ୟ ମିଳିବ । କାରଣ, ଜୀବନ ପ୍ରତି ଏବଂ ପରିବେଷ୍ଟନୀଟି ପ୍ରତି ଯଥେଷ୍ଟ ଆଗ୍ରହ ରଖି ନ ପାରିବା ହେଉଛି ଶରୀରର ମଙ୍ଗଳ ଦୃଷ୍ଟିରୁ ସବୁଠାରୁ ବଡ଼ ଅନ୍ତରାୟ ରୂପେ କାର୍ଯ୍ୟ କରିଥାଏ । କୌଣସି ଏକ ନୂତନ କଥା ଘଟିଲେ ହୁଏତ ସାମୟିକ ଭାବରେ ସେହି ଆଗ୍ରହ ଜାଗ୍ରତ୍ ହୋଇ ଆସିପାରେ — ମାତ୍ର ତାହାର ଫଳ ଆଦୌ ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହେ ନାହିଁ ।

୨୮ ଫେବୃଆରୀ ୧୯୪୬

*

ଏହିସବୁ ପରସ୍ପର-ବିରୋଧୀ-ଧାରଣା ଉତ୍ପନ୍ନ ହେବା ଅତ୍ୟନ୍ତ ସ୍ୱାଭାବିକ ।

ଆମର ଭୌତିକ ଚେତନା ଯେଉଁଗୁଡ଼ିକୁ ନିଜର ଆବଶ୍ୟକତା ବୋଲି ବିଚାର କରୁଥାଏ, ତାହାର ତର୍ପଣ ଘଟାଇବା ଭଳି ପରିସ୍ଥିତିଗୁଡ଼ିକ ଏକଥ

'oaob.nitrkl.ac.in' images reprocessed

ହୋଇ ଆସିଲେ ତାହା ସ୍ୱଭାବତଃ ଉଲ୍ଲାସ ବ୍ୟକ୍ତ କରିଥାଏ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେଗୁଡ଼ିକ ତାହାର ଶରସାମ୍ୟକୁ ଫେରି ପାଇବାରେ ଏବଂ ଜୀବନ ବିଷୟରେ ଏକ ପ୍ରତ୍ୟୟ ସୃଷ୍ଟି କରିବାରେ ଅବଶ୍ୟ ସାହାଯ୍ୟ କରିବେ ।

ଆତ୍ମା ତଥାପି ଜଡ଼ ଉପରେ ଚିତ୍ତସତ୍ତାର ଆଉଏକ ବିଜୟକୁ ପ୍ରତ୍ୟକ୍ଷ କରି-ଥାଏ (କାରଣ, ଅନ୍ତର୍ଗତ ଆରୋଗ୍ୟଲାଭର ପ୍ରତିରୋଧ କରୁଥିବା ପ୍ରତ୍ୟେକ ଅସୁସ୍ଥତା ଚିତ୍ସତ୍ତା ଲାଗି ଏକ ପରାଜୟ ପରିହିଁ ହୋଇଥାଏ; ଏହି ପରାଜୟ ହୁଏତ କ୍ଷଣସ୍ଥାୟୀ ହୋଇପାରେ, ମାତ୍ର ତାହାକୁ ତଥାପି ପରାଜୟ ବୋଲି କହିବାକୁ ହେବ) । ଆତ୍ମା କଷ୍ଟ ପାଏ ନାହିଁ କିଂବା ଦୁଃଖୀ ମଧ୍ୟ ହୁଏ ନାହିଁ, କାରଣ ନିଜର ଚରିନ୍ତନତା ଉପରେ ଏହାର ଦୃଢ଼ବିଶ୍ୱାସ ରହିଥାଏ ଏବଂ ସେହି ବିଷୟରେ ସିଏ ସଜ୍ଞାନ ବି ଥାଏ । ମାତ୍ର, ତାହା ତଥାପି ସମସ୍ତ ସମୟରେ ହୁଏତ ଏକ ବିଷାଦଭାବ ଅନୁଭବ କରିଥାଏ ।

୧୯ ଜୁନ୍ ୧୯୬୦

❋

> ଆପଣ ଦୟାକରି ମାଆଙ୍କୁ କହିବେ ଯେ ମୁଁ ସବୁବେଳେ ଅନୁଭବ କରୁଛି, ସତେଯେପରି ଜୀବନ ଓ ଯାବତୀୟ ଶକ୍ତି ମୋ' ହାତଗୋଡ଼ ଭିତରୁ ବାହାରି ଆଉ କୁଆଡ଼େ ଚାଲି ଯାଉଛନ୍ତି ଏବଂ ମୁଁ ଏହି କଥାଟିକୁ ଆଦୌ ବନ୍ଦ କରି ପାରୁ ନାହିଁ ।

ସେ କାହିଁକି ଅଭିଯୋଗ କରୁଛନ୍ତି ? ପୁନର୍ବଳିତ ହେବାକୁ ହେଲେ ଯାବତୀୟ ଶକ୍ତିକୁ ଆଗ ବ୍ୟୟିତ ହେବାକୁହିଁ ପଡ଼ିବ । ମନୁଷ୍ୟର ଶରୀର ଏକ ମୁଦା ହୋଇ ରହିଥିବା ମାଠିଆ ହୋଇ ନାହିଁ ଯେ, ଶକ୍ତିର ବ୍ୟୟ ହେବା ଦ୍ୱାରା ତାହା କ୍ରମେ ଖାଲି ହୋଇ ଯାଉଥାଏ । ମନୁଷ୍ୟ-ଶରୀରକୁ ପ୍ରକୃତରେ ଏକ ଜଳମାର୍ଗ ବୋଲି ବୁଝାଯିବ, ଯାହାକି କେବଳ ବ୍ୟୟ କରିବା ଦ୍ୱାରାହିଁ ଅଧିକ ଗ୍ରହଣ କରିବାକୁ ସମର୍ଥ ହୁଏ ।

ତେଣୁ, ସେ ଭଲକରି ଖାଆନ୍ତୁ, ତାଙ୍କର ଭଲନିଦ୍ରା ହେଉ, ମନ୍ଦଭାବନାରୁ ମୁକ୍ତ ରହନ୍ତୁ ଏବଂ ସାଧାରଣ ଭାବରେ ଶକ୍ତିର ବିନିଯୋଗ କରନ୍ତୁ । ତେବେ ଅଚିରେ ସବୁ ଠିକ୍ ହୋଇଯିବ ।

୨୦ ଏପ୍ରିଲ ୧୯୮୦

❋

'oaob.nitrkl.ac.in' images reprocessed

ନିଜ ଜୀବନର ଧାରାରେ ସଂଶୋଧନ ସମ୍ଭବ କରାଇ ପାରିଲେ ଯାଇ ତୁମେ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିବାର ଆଶା କରି ପାରିବ ।

❋

ତୁମମାନଙ୍କର ଯାବତୀୟ କଳହ, ଚିତ୍କାର, ଅସ୍ଥିରତା, ସ୍ନାୟୁଗତ କାତରତା, ଉତ୍ତେଜନା, ନାନା ମନୋମାଳିନ୍ୟ ଏବଂ ବିବାଦ ନିମନ୍ତେହିଁ 'କ' ଙ୍କର ଦେହ ଖରାପ ହେଉଛି । ମୁଁ ତ ମୂଳରୁ କହିଥିଲି ଯେ ତାଙ୍କ ପାଇଁ ବିଶ୍ରାମ ଏବଂ ଶାନ୍ତ ବାତାବରଣ ଏକାନ୍ତ ଆବଶ୍ୟକ । ତାହା ବିଶେଷ ଭାବରେ ଅପରିହାର୍ଯ୍ୟ ଥିଲା, ମାତ୍ର ତାଙ୍କୁ ତାହାର ଠିକ୍ ବିପରୀତ ଏକ ବାୟୁମଣ୍ଡଳ ଭିତରେ ରହିବାକୁ ପଡ଼ିଲା । ତେଣୁ, ତାଙ୍କ ଦେହ ଖରାପ ହେଲା ବୋଲି ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ସିଏ କାନ୍ଦିବାରେ ଏବଂ ଥରିବାରେ ଲାଗିଛନ୍ତି, କାରଣ ତାଙ୍କର ସ୍ନାୟୁଗୁଡ଼ିକ ଉପରେ ସର୍ବଦା ଅତିରିକ୍ତ ଚାପ ପଡ଼ୁଛି ଏବଂ, ଏହି ଅତିରିକ୍ତ ଚାପ ପଡ଼ୁଛି, କାରଣ ତୁମମାନଙ୍କର ନିଜ ଉପରେ ଆଦୌ କୌଣସି ଅଖ୍ତିଆର ନାହିଁ ଏବଂ ନିଜର ପାଟିତୁଣ୍ଡ ଉପରେ କୌଣସି ନିୟନ୍ତ୍ରଣ ନାହିଁ ।

ତୁମେମାନେ ତାଙ୍କ ପାଇଁ ରାନ୍ଧି ଦେଉଛ, ତାହା ଅତ୍ୟନ୍ତ ଭଲ କଥା, — ମାତ୍ର ତାହା ଯଥେଷ୍ଟ ନୁହେଁ । ସିଏ ଯେପରି ନିଜର ଆହାର ଗ୍ରହଣ କରି ପାରିବେ, ସେଥିଲାଗି ତାଙ୍କୁ ଯଥେଷ୍ଟ ପରିମାଣରେ ଶାନ୍ତି ଏବଂ କୋଳାହଳଶୂନ୍ୟତା ପ୍ରଦାନ କରିବା ମଧ୍ୟ ତୁମ୍ଭମାନଙ୍କର କର୍ତ୍ତବ୍ୟ ।

❋

> ଯେତେବେଳେ ମୁଁ କୌଣସି ଅସୁସ୍ଥ ବ୍ୟକ୍ତି ବିଷୟରେ ସହାନୁଭୂତିପୂର୍ଣ୍ଣ ଭାବରେ ଭାବେ, ସେତେବେଳେ ମୋ'ର ଶରୀରରେ ତା' ରୋଗର ଲକ୍ଷଣଗୁଡ଼ିକୁ ଅନୁଭବ କରିବାକୁ ଆରମ୍ଭ କରେ ।

ଏହି କ୍ଷେତ୍ରରେ, ବିଶୃଙ୍ଖଳା ଓ ଅଶାନ୍ତତାର ଯାବତୀୟ ସ୍ପନ୍ଦନର ସ୍ଥାନାପନ୍ନ ଭାବରେ, ପରମ ସତ୍ୟର ଦିବ୍ୟ ଉପସ୍ଥିତିଟିର ଆବାହନ କରି ଆଣିବା ହେଉଛି ସର୍ବୋତ୍ତମ ଉପାୟ ।

❋

'oaob.nitrkl.ac.in' images reprocessed

ମୁଣ୍ଡବଥା ଓ ମୁଣ୍ଡବୁଲାରୁ ନିଷ୍କୃତି ପାଇବା ଆଦୌ ଖୁବ୍ ବେଶୀ କଷ୍ଟକର ନୁହେଁ । ତୁମର ଅବସ୍ଥା ଯେତେ ଅଧିକ ପରିମାଣରେ ସାଂଘାତିକ ହୋଇଥାଉ ପଛକେ, ତୁମେ ଊର୍ଦ୍ଧ୍ୱସ୍ଥ ଆଲୋକର ଆବାହନ କରି ଆଣିବ । ତୁମେ ଅନୁଭବ କରିବାକୁ ଚେଷ୍ଟା କରିବ, ଯେପରିକି ତୁମର ମସ୍ତକର ଶିଖର-ଦେଶରୁ ପ୍ରବାହିତ ହୋଇ ଆସୁଥିବା ଆଲୋକ ତୁମ ଭିତରେ ଆସି ପ୍ରବେଶ କରୁଛି । ଯଦି ତୁମେ ଗମ୍ଭୀର ଭାବରେ ଏହିଭଳି କରିପାରିବ, ତେବେ ତୁମର ମୁଣ୍ଡବ୍ୟଥା ଏବଂ ମୁଣ୍ଡବୁଲା ଅଚିରେ ଭଲ ହୋଇଯିବ ।

*

ଅର୍ବୁଦ ସର୍ବଦା ପ୍ରକୃତି ମଧ୍ୟରେ କୌଣସି ଅସୁବିଧା ଆସି ଉପସ୍ଥିତ ହୋଇଥିବାର ସୂଚନା ଦେଇଥାଏ । ଦେହର କେତେକ ନିର୍ଦ୍ଦିଷ୍ଟ କୋଷ ଦେହର ସମୁଦାୟ ଶୃଙ୍ଖଳାଟିରୁ ଅଲଗା ହୋଇଯାଇ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାକୁ ମନସ୍ଥ କରନ୍ତି । ଅନ୍ୟ ଭାଗଗୁଡ଼ିକ ସହିତ ସେମାନେ ଆଉ ସମଞ୍ଜସତା ରକ୍ଷା କରନ୍ତି ନାହିଁ ଏବଂ ଅନନୁପାତିକ ଭାବରେ ବଢ଼ିବାକୁ ଆରମ୍ଭ କରନ୍ତି । ପ୍ରକୃତିରେ ପ୍ରବଳ ଲୋଭସକ୍ତତା ଉପସ୍ଥିତ ହେଲେ ସାଧାରଣତଃ ତାହାର ଫଳସ୍ୱରୂପ ଏପରି ଘଟେ । ତାହା ଜଡ଼ ବସ୍ତୁଗୁଡ଼ିକ ପ୍ରତି ଲୋଭ ହୋଇପାରେ, କ୍ଷମତା କିଂବା ଆଉ କୌଣସି ସୂକ୍ଷ୍ମ ବିଷୟ ଲାଗି ମଧ୍ୟ ଲୋଭ ହୋଇପାରେ ।

ଅପରେଶନ୍ ଦ୍ୱାରା ତୁମେ ସେହି ଅର୍ବୁଦଟିକୁ ହୁଏତ କାଟି ବାହାର କରିଦେଇପାର; ମାତ୍ର ଯଦି ଭିତରେ ପ୍ରକୃତି ସେହିପରି ଅପରିବର୍ତ୍ତିତ ରହିଥାଏ, ତେବେ ତାହା ଆଉ କୌଣସି ଭାଗରେ ପୁନର୍ବାର ଦେଖାଦେବ ଏବଂ, ଅପରେଶନ ହେବାରୁ ରୋଗୀକୁ ଯେତେସବୁ କଷ୍ଟ ପାଇବାକୁ ହୋଇଥିଲା ଓ ତାହାର ପରେ ମଧ୍ୟ ସେ ଯାହାକିଛି ସହ୍ୟ କରିଥିଲା, ତାହା ବୃଥା ହୋଇଯିବ ।

*

କୌଣସି କାରଣ ନ ଥାଇ ମଧ୍ୟ ଶରୀରର କୋଷମାନେ ବୃଦ୍ଧି ପାଇବାର ଅଭ୍ୟାସରେ ପଡ଼ି ଯାଇଥାନ୍ତି । ଯଦି ତୁମେ କୋଷଗୁଡ଼ିକର କ୍ଷେତ୍ରରେ ଚେତନାରେ ପରିବର୍ତ୍ତନ ଘଟାଇ ପାରିବ ଓ ସେମାନଙ୍କର ସେହି ଅଭ୍ୟାସରୁ ମୁକ୍ତ ରହି ପାରିବ, ତେବେ କର୍କଟ ରୋଗର ଆରୋଗ୍ୟ ସମ୍ଭବ ହେବ ।

'oaob.nitrkl.ac.in' images reprocessed

# ସନ୍ଦେଶାବଳୀ

## ନବବର୍ଷର ସନ୍ଦେଶାବଳୀ

(ପ୍ରତ୍ୟେକ ନବବର୍ଷରେ ଅର୍ଥାତ୍ ଜାନୁଆରୀ ପହିଲାରେ ପ୍ରଦତ୍ତ ସନ୍ଦେଶମାନ)

୧୯୩୩

ଏହି ନବବର୍ଷର ଜନ୍ମ ଆମ ଚେତନାର ନବଜନ୍ମରେ ପରିଣତ ହେଉ ।

ଅତୀତକୁ ବହୁ ପଛରେ ପକାଇଦେଇ ଚାଲ ଆମେ ଏକ ଜ୍ୟୋତିର୍ମୟ ଭବିଷ୍ୟତ୍ ଆଡ଼କୁ ଧାଇଁଯିବା ।

❀

୧୯୩୪

ହେ ପ୍ରଭୁ, ବର୍ଷଟି ବିଦାୟ ନେଇ ଯାଉଛି ଏବଂ ଆମର କୃତଜ୍ଞତା ଆପଣଙ୍କୁ ପ୍ରଣାମ ଜଣାଉଛି ।

ହେ ପ୍ରଭୁ, ବର୍ଷଟି ପୁନର୍ବାର ଜନ୍ମଲାଭ କରୁଛି, ଆମର ପ୍ରାର୍ଥନା ଆପଣଙ୍କର ଉଦ୍ଦେଶ୍ୟରେ ଉତ୍ଥିତ ହୋଇ ଉଠୁଛି ।

ଏହା ଆମ ଲାଗି ମଧ୍ୟ ଏକ ନୂତନ ଜୀବନର ପ୍ରଭାତକ୍ଷଣ ରୂପେ ଅନୁଭୂତ ହେଉ ।

❀

୧୯୩୫

ଯାହାକିଛି କୃତ୍ରିମ ଓ ଯାହାକିଛି ମିଥ୍ୟାମୟ, ଆଜି ସନ୍ଧ୍ୟାରେ ଆମେ ସେଗୁଡ଼ିକୁ ଆପଣଙ୍କ ପାଖରେ ଆଣି ସମର୍ପଣ କରି ଦେଉଛୁ; ଯାହାକିଛି ଛଳନା କରୁଥାଏ ଓ ଯାହାକିଛି କେବଳ ଅନୁକରଣହିଁ କରେ, ସେହି ସବୁକିଛିକୁ ଆମେ

'oaob.nitrkl.ac.in' images reprocessed

ଆପଣଙ୍କର ପାଦତଳେ ଆଣି ଅର୍ପଣ କରି ଦେଉଛୁ । ଯେଉଁ ବର୍ଷଟି ଶେଷ ହେବାକୁ ଯାଉଛି, ଏହା ମଧ୍ୟ ସେଇଟି ସହିତ ଅନ୍ତର୍ହିତ ହୋଇଯାଉ । ଯାହା ସମ୍ପୂର୍ଣ୍ଣ ଭାବରେ ସତ୍ୟ, ଆନ୍ତରିକତା ଯୁକ୍ତ, ଅବକ୍ର ଏବଂ ବିଶୁଦ୍ଧ, କେବଳ ତାହାହିଁ ଆରମ୍ଭ ହେବାକୁ ଯାଉଥିବା ବର୍ଷଟିରେ ଆମ ଲାଗି ମହଜୁଦ ରହିଥାଉ ।

*

୧୯୩୬

ହେ ପରମ ପ୍ରଭୁ, ଏହି ବର୍ଷଟି ଆପଣଙ୍କର ବିଜୟର ବର୍ଷରେହିଁ ପରିଣତ ହେଉ । ଆମେ ଏକ ପରିପୂର୍ଣ୍ଣ ବିଶ୍ୱାସମୟ ଜୀବନ ଲାଗି ଅଭୀପ୍ସା ରଖିଛୁ, ଯାହାକି ଆମକୁ ସେହି ବିଜୟର ଯୋଗ୍ୟ କରି ପାରିବ ।

*

୧୯୩୭

ସକଳ ବିଘ୍ନ ଉପରେ ବିଜୟ ଲାଭ କରୁଥିବା ହେ ପରମ ପ୍ରଭୁ, ଆପଣଙ୍କର ଜୟ ହେଉ ।

ଆମ ଭିତରେ ଥିବା କୌଣସି କିଛି ଯେପରି ଆପଣଙ୍କର କାର୍ଯ୍ୟରେ ଏକ ଅନ୍ତରାୟ ହୋଇ ନ ରହେ, ଆପଣ ସେହିପରି କରନ୍ତୁ ।

*

୧୯୩୮

ହେ ପରମ ପ୍ରଭୁ, ଆମ ଭିତରେ ଯେପରି ପ୍ରତ୍ୟେକ ବସ୍ତୁ ଆପଣଙ୍କର ଉପଲବ୍ଧି ନିମନ୍ତେ ପ୍ରସ୍ତୁତ ହୋଇଆସୁ, ଆପଣ ସେହି କଥା କରନ୍ତୁ । ହେ ପ୍ରଭୁ, ହେ ସର୍ବୋଚ୍ଚ ପରମ ଉପଲବ୍ଧି କାରୀ, ନବବର୍ଷର ଏହି ଦ୍ୱାରଦେଶରେ ଆମ୍ଭେମାନେ ଆପଣଙ୍କୁ ନତମସ୍ତକ ହୋଇ ପ୍ରଣାମ କରୁଛୁ ।

*

'oaob.nitrkl.ac.in' images reprocessed

୧୯୩୯

ଏଇଟି ଶୁଦ୍ଧୀକରଣର ସବସ୍ତରରେ ପରିଣତ ହୋଇ ରହିବ ।

ହେ ପରମ ପ୍ରଭୁ, ଯେଉଁମାନେ ଆପଣଙ୍କର ଦିବ୍ୟ କର୍ମଟିରେ ଅଂଶଗ୍ରହଣ କରୁଛନ୍ତି, ଆପଣଙ୍କୁ ସେମାନେ ଆବାହନ କରୁଛନ୍ତି ଯେ, ଏକ ସର୍ବୋଚ୍ଚ ଶୁଦ୍ଧୀକରଣ ଦ୍ୱାରା ସେମାନେ ଅହଂର ଅଧିପତିତ୍ୱ ମଧ୍ୟରୁ ମୁକ୍ତ ହୋଇ ବାହାରି ଆସନ୍ତୁ ।

❋

୧୯୪୦

ନୀରବତା ତଥା ପ୍ରତ୍ୟାଶାର ଗୋଟିଏ ବର୍ଷ ।

ହେ ପ୍ରଭୁ, କେବଳ ଆପଣଙ୍କର ପରମ କରୁଣା ମଧ୍ୟରେହିଁ ଆମେ ଆମର ସକଳ ଅବଲମ୍ବନ ଲାଭ କରିବାର ଯୋଗ୍ୟ ହେଉ !

❋

୧୯୪୧

ପୃଥିବୀର ଆଧ୍ୟାତ୍ମିକ ଜୀବନ ପ୍ରତିକୂଳ ଏବଂ ଅଦିବ୍ୟ ନାନା ଶକ୍ତିର ପ୍ରବଳ ଧାବନ ହେତୁ ଧ୍ୱସ୍ତବିଧ୍ୱସ୍ତ ହୋଇ ପଡ଼ୁଛି ଏବଂ ପୃଥିବୀ ତାହାର ବିରୁଦ୍ଧରେ ଯୁଦ୍ଧ କରୁଛି ।

ହେ ପ୍ରଭୁ, ଆମେ ଆପଣଙ୍କର ସାହସୀ ଯୋଦ୍ଧାବାହିନୀ ହେବା ନିମନ୍ତେ ଅଭୀପ୍ସା ରଖିଛୁ, ଯେପରିକି ଆପଣଙ୍କର ଗୌରବହିଁ ଧରଣୀପୃଷ୍ଠରେ ପ୍ରକାଶିତ ହୋଇ ପାରିବ ।

❋

୧୯୪୨

ହେ ପ୍ରଭୁ, ହେ ପ୍ରତ୍ୟେକ ଶତ୍ରୁମାନଙ୍କ ଉପରେ ବିଜୟୀ, ଆପଣଙ୍କର ଜୟ ହେଉ ।

'oaob.nitrkl.ac.in' images reprocessed

ଆପଣଙ୍କର ପରମ ବିଜୟକୁ ସହ୍ୟ କରି ପାରିବା ପାଇଁ ଓ ସେଥିରେ ଅଂଶଗ୍ରହଣ କରିବା ପାଇଁ ଆମକୁ ବଳ ଦିଅନ୍ତୁ ।

*

୧୯୪୩

ବର୍ତ୍ତମାନ ସେହି ମୁହୂର୍ତ୍ତ ଆସି ପହଞ୍ଚିଛି, ଯେତେବେଳେ କି ଆମକୁ ମୌଳିକ ଏବଂ ନିର୍ଦ୍ଦିଷ୍ଟ ଭାବରେ ଏକ ପଥ ବାଛି ନେବାକୁ ହେବ ।

ହେ ପ୍ରଭୁ, ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଆମକୁ ଶକ୍ତି ଦିଅନ୍ତୁ, ଆପଣଙ୍କର ପରମ ସତ୍ୟ ମଧ୍ୟରେ ଆମେମାନେ ଶୁଦ୍ଧ ହୋଇ ଉତ୍ତୀର୍ଣ୍ଣ ହେଉ ଏବଂ ଆପଣଙ୍କ ପରମ ବିଜୟର ଉପଯୁକ୍ତ ହେଉ ।

*

୧୯୪୪

ହେ ପରମ ପ୍ରଭୁ, ପୃଥିବୀ ଯେପରି ଅନୁକ୍ଷଣ ବାରବାର ସେହି ପୁରାତନ ନିର୍ବୋଧତାଗୁଡ଼ିକ ମଧ୍ୟରେ ପ୍ରପତିତ ନ ହେଉ, ସେଥିଲାଗି ତାହା ଆପଣଙ୍କ ସହାୟତାକୁ ଆବାହନ କରୁଛି ।

ଆପଣ ବଳ ଦିଅନ୍ତୁ, ଯେପରିକି ପରିଚିତ ଭୁଲ୍‌ଗୁଡ଼ିକର ଆଦୌ କୌଣସି ପୁନରାବୃତ୍ତି ନ ହେଉ ।

ସର୍ବଶେଷରେ, ଆପଣ ଏହିପରି କରନ୍ତୁ ଯେ, ତାହାର ଯାବତୀୟ କାର୍ଯ୍ୟ ସିଏ ଘୋଷଣା କରିଥିବା ଆଦର୍ଶଗୁଡ଼ିକରହିଁ ନିର୍ଭୁଲ ତଥା ଆନ୍ତରିକତାପୂର୍ଣ୍ଣ ଅଭି-ବ୍ୟକ୍ତି ରୂପେହିଁ ପ୍ରକାଶ ପାଉ ।

*

୧୯୪୫

ଆପଣାର ଆନ୍ତର୍ଜାତୀୟ ସମ୍ପର୍କ ଓ ବ୍ୟବହାରରେ ଯେ ସତ୍ୟର ଆଚରଣ କରିବାକୁ ହେବ, ଲୋକେ ସେହି କଥା ବୁଝିଲେ ଯାଇ ପୃଥିବୀରେ ସ୍ଥାୟୀ ଏବଂ ଯଥାର୍ଥ ଶାନ୍ତି ପ୍ରତିଷ୍ଠିତ ହୋଇ ପାରିବ ।

'oaob.nitrkl.ac.in' images reprocessed

ହେ ପରମ ପ୍ରଭୁ, ଏହି ପରିପୂର୍ଣ୍ଣ ସତ୍ୟାଚରଣ ଲାଗି ହିଁ ଆମେ ଅଭୀପ୍ସା ରଖିଛୁ ।

❋

୧୯୪୭

ପ୍ରଭୁ, ଶାନ୍ତି ନାମରେ କୌଣସି ଏକ ବ୍ୟର୍ଥ ପ୍ରତାରଣା ନୁହେଁ, ଆମ୍ଭେମାନେ ଆପଣଙ୍କର ସେହି ପରମ ଶାନ୍ତି ଲାଭ କରିବାକୁହିଁ ଇଚ୍ଛା କରୁଛୁ । ମୁକ୍ତିର ଏକ ପ୍ରତାରଣା ମାତ୍ର ନୁହେଁ, ଆମେ ଆପଣଙ୍କର ସେହି ପରମ ମୁକ୍ତି ଇଚ୍ଛା କରୁଛୁ; ଏକତାର ପ୍ରତାରଣା ମାତ୍ର ନୁହେଁ, ଆମେ ଆପଣଙ୍କର ସେହି ପରମ ଏକତାର କାମନା ରଖିଛୁ । କାରଣ, କେବଳ ଆପଣଙ୍କର ଶାନ୍ତି, ଆପଣଙ୍କର ମୁକ୍ତି ଓ ଆପଣଙ୍କର ଏକତାହିଁ ପୃଥିବୀକୁ ଏବେ ମଧ୍ୟ ଶାସନ କରିବାରେ ଲାଗିଥିବା ଅନ୍ଧ ହିଂସା, କପଟତା ତଥା ମିଥ୍ୟା ଉପରେ ବିଜୟ ହାସଲ କରିପାରିବ ।

ଆପଣ ଏତକ କରନ୍ତୁ ଯେ, ଯେଉଁମାନେ ଆପଣଙ୍କର ବିଜୟ ନିମନ୍ତେ କେତେ ସାହସର ସହିତ ସଂଗ୍ରାମ କଲେ ଏବଂ ଦୁଃଖ ଭୋଗିଲେ, ଏହି ପୃଥିବୀରେ ଯେପରି ସେହି ବିଜୟର ଯଥାର୍ଥ ପରିଣାମଗୁଡ଼ିକର ଉପଲବ୍ଧି ହୋଇ ପାରିବ, ସେମାନେ ସେଇଥି ସକାଶେହିଁ କାର୍ଯ୍ୟ କରନ୍ତୁ ।

❋

1947

At the very moment when everything seems to go from bad to worse, it is then that we must make a supreme act of faith and know that the Grace will never fail us.

M.

୧୯୪୭

ସେହି କ୍ଷଣଟିରେ ସତେଅବା ସବୁକିଛି ଖରାପରୁ ଆହୁରି ଖରାପ ହେବାରେ ଲାଗିଥିଲା ପରି ପ୍ରତୀତ ହେଉଛି, ଠିକ୍ ସେହି କ୍ଷଣରେହିଁ ଆମେ ସର୍ବୋଚ୍ଚ ବିଶ୍ୱାସର ପରିଚୟ ଦେବା ଏବଂ, ପରମ କରୁଣା ଯେ ଆମକୁ କଦାପି ଛାଡ଼ି ଚାଲିଯିବ ନାହିଁ, ସେହିକଥାଟିକୁ ଜାଣି ରଖିବା ।

❊

୧୯୪୮

ଆଗକୁ, ସର୍ବଦା କେବଳ ଆଗକୁ !

ସୁଡ଼ଙ୍ଗର ଶେଷରେ ଆଲୋକ ଅବଶ୍ୟ ଅଛି···

ସଂଗ୍ରାମର ଶେଷରେ ଅବଶ୍ୟ ବିଜୟ ରହିଛି !

❊

୧୯୪୯

ହେ ପ୍ରଭୁ, ନବବର୍ଷର ପ୍ରାକ୍‌କାଳରେ ଏଥର ମୋତେ କ'ଣ କହିବାକୁ ହେବ, ମୁଁ ସେକଥା ଆପଣଙ୍କୁ ପଚାରିଥିଲି । ଆପଣ ମୋତେ ଦୁଇଟି ପରସ୍ପରର ବିରୋଧୀ ହୋଇ ରହିଥିବା ସମ୍ଭାବନାର ଦର୍ଶନ କରାଇଲେ ଏବଂ ନୀରବ ରହିବାକୁହିଁ ଆଦେଶ ଦେଲେ ।

❊

୧୯୫୦

କଥା କୁହ ନାହିଁ, କାର୍ଯ୍ୟ କର ।

କହି ବୁଲ ନାହିଁ, ଉପଲବ୍ଧି କର ।

❊

'oaob.nitrkl.ac.in' images reprocessed

1951

Lord, we are upon earth to accomplish Thy work of transformation. It is our sole will, our sole preoccupation. Grant that it may be also our sole occupation and that all our actions may help us towards this single goal.

୧୯୫୧

ପ୍ରଭୁ, ଆପଣଙ୍କର ରୂପାନ୍ତର-କାର୍ଯ୍ୟଟିକୁ ସମ୍ପନ୍ନ କରିବା ଲାଗିହିଁ ଆମେ ପୃଥିବୀରେ ଅଛୁ । ଏହାହିଁ ଆମର ଏକମାତ୍ର ଇଚ୍ଛା, ଆମର ଏକମାତ୍ର ଭାବନା । ଏହା ଯେପରି ଆମର ଏକମାତ୍ର କାର୍ଯ୍ୟରେ ମଧ୍ୟ ପରିଣତ ହୋଇପାରିବ, ଆମର ଯାବତୀୟ କର୍ମ ଯେପରି ସେହି ଗୋଟିଏ ଲକ୍ଷ୍ୟର ଅଭିମୁଖରେ ଗତି କରିବାର ସହାୟକ ହେବ, ଆପଣ ଆମ ଲାଗି ସେହି କରୁଣା କରନ୍ତୁ ।

❋

୧୯୫୨

ହେ ପରମ ପ୍ରଭୁ, ଆମ ବିଶ୍ୱାସର ଗୁଣାତ୍ମକତାକୁ ପରୀକ୍ଷା କରିବା ଲାଗି ଏବଂ ଆମର ଆନ୍ତରିକତାକୁ ଆପଣଙ୍କର କଷଟିପଥରରେ ପରଖିବା ଲାଗି ଆପଣ ନିଷ୍ପତ୍ତି କରିଛନ୍ତି । ସେହି ପରୀକ୍ଷାରୁ ଆମେ ଯେପରି ଅଧିକ ମହାନ୍ ଏବଂ ଅଧିକ ଶୁଦ୍ଧ ହୋଇ ବାହାରି ଆସିପାରୁ, ଆପଣ ଆମକୁ ସେହି ସାମର୍ଥ୍ୟ ଦିଅନ୍ତୁ ।

❋

'oaob.nitrkl.ac.in' images reprocessed

୧୯୫୩

ପ୍ରଭୁ, ଆପଣ ଆମକୁ କହୁଛନ୍ତି : ପରାଜୟ ସ୍ୱୀକାର କର ନାହିଁ, ଦୃଢ଼ ହୋଇ ରହିଥାଅ । ଯେତେବେଳେ ସବୁକିଛି ହଜି ଯାଉଥିବା ପରି ବୋଧହୁଏ, କେବଳ ସେତିକବେଳେହିଁ ସବୁକିଛିର ରକ୍ଷାହୁଏ ।

❋

୧୯୫୪

ହେ ମୋର ପ୍ରଭୁ, ଏବର୍ଷ ପାଇଁ ସମସ୍ତଙ୍କ ସକାଶେ ଆପଣ ଏହି ଉପଦେଶଟିକୁ ଦେଇଛନ୍ତି :

"ଆଦୌ କୌଣସି କଣ୍ଠସ୍ୱରେ ଗର୍ବ କର ନାହିଁ, ତୁମର କାର୍ଯ୍ୟାବଳୀହିଁ ତୁମ କଣ୍ଠସ୍ୱରେ ସବୁକିଛି କହିବାକୁ ସମର୍ଥ ହୁଅନ୍ତୁ ।"

❋

1955

No human will can finally prevail against the Divine's Will. Let us put ourselves deliberately and exclusively on the side of the Divine, and the Victory is ultimately certain

'oaob.nitrkl.ac.in' images reprocessed

୧୯୫୫

ମନୁଷ୍ୟର କୌଣସି ଇଚ୍ଛା ଦିବ୍ୟ ପରମସତ୍ତାଙ୍କର ଇଚ୍ଛା ସମ୍ମୁଖରେ କଦାପି ଦଣ୍ଡାୟମାନ ହୋଇ ପାରିବ ନାହିଁ । ଆମେ ସୁସଙ୍କଳ୍ପିତ ଏବଂ ସମ୍ପୂର୍ଣ୍ଣ ଭାବରେ ଚାଲ ନିଜକୁ ସେହି ଦିବ୍ୟ ପରମସତ୍ତାଙ୍କ ପକ୍ଷରେହିଁ ଅବସ୍ଥିତ କରାଇ ରଖିବା ; ଏବଂ ତା'ହେଲେ ପରିଶେଷରେ ଚରମ ବିଜୟ ଅବଶ୍ୟ ସୁନିଶ୍ଚିତ ହୋଇ ରହିବ ।

❋

୧୯୫୭

ବୃହତ୍ତମ ବିଜୟଗୁଡ଼ିକ ପାଇଁ ସବୁଠାରୁ କମ୍ କୋଳାହଳ କରିବାକୁ ହୋଇଥାଏ ।

ଢୋଲ୍ ପିଟି କଦାପି ଏକ ନୂତନ ଜଗତର ଅଭିବ୍ୟକ୍ତିକୁ ଘୋଷଣା କରି ଯାଏ ନାହିଁ ।

❋

1957

A Power greater than that of Evil can alone win the victory. It is not a crucified but a glorified body that will save the world

୧୯୫୭


ମନର କ୍ଷମତାଠାରୁ ଆତ୍ମାର ବୃହତ୍ତର ଏକ କ୍ଷମତା ହିଁ ଏହି ବିଜୟକୁ ହାସଲ କରି ପାରିବ ।

ଏକ ନୃଶଂସ ଶରୀର ନୁହେଁ, ଏକ ମହିମାମଣ୍ଡିତ ଶରୀର ହିଁ ଏହି ପୃଥିବୀକୁ ରକ୍ଷା କରି ପାରିବ ।

*

*1958*

*O Nature, Material Mother thou hast said that thou wilt collaborate and there is no limit to the splendour of this collaboration*



୧୯୫୮

ହେ ପ୍ରକୃତି, ସ୍ଥୂଳଭୂମିର ଜନନୀ, ଆପଣ କହିଛନ୍ତି ଯେ ଆପଣ ଅବଶ୍ୟ ସହଯୋଗ କରିବେ ଏବଂ ଏହି ସହଯୋଗର ମହିମାକ୍ଷେତ୍ରରେ ଆଦୌ କୌଣସି ସୀମା ହିଁ ରହିବ ନାହିଁ ।

*

'oaob.nitrkl.ac.in' images reprocessed

୧୯୫୯

ସବୁଠାରୁ ଅଧିକ କଠିନ, ଅନମନୀୟ, ସଙ୍କୀର୍ଣ୍ଣ ଏବଂ ଶ୍ୱାସରୋଧକାରୀ ହୋଇ ରହିଥିବା ଅଚେତନାର ତଳକୁ ଯାଇ ମୁଁ ଏକ ସର୍ବଶକ୍ତିଶାଳୀ ସ୍ପ୍ରିଙ୍ଗ୍ ପାଖରେ ଯାଇ ପହଞ୍ଚିଲି, ଯାହାକି ମୋତେ ସଙ୍ଗେ ସଙ୍ଗେ ଉପର ଆଡ଼କୁ ଏକ ଆକାରହୀନ ଓ ଅସୀମ ପରମବ୍ୟାପ୍ତି ମଧ୍ୟକୁ ନିକ୍ଷେପ କରିଦେଲା ଓ ସେହି ବ୍ୟାପ୍ତି ଏକ ନୂତନ ପୃଥିବୀର ବୀଜଗୁଡ଼ିକୁ ବହନ କରି ସ୍ପନ୍ଦିତ ହେବାରେ ଲାଗିଥିଲା ।

❋

୧୯୬୦

ଜାଣିବା ଭଲ
ବଞ୍ଚିବା ଆହୁରି ଭଲ
ହେବା,—ସବୁଠାରୁ ଭଲ ।

❋

୧୯୬୧

ଆନନ୍ଦ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏହି ଚମତ୍କାର ପୃଥିବୀଟି ଆମର ଦ୍ୱାରଦେଶରେ ଆମର ଆବାହନକୁ ଅପେକ୍ଷା କରି ଧରାପୃଷ୍ଠକୁ ଓହ୍ଲାଇ ଆସିବ ବୋଲି ଠିଆ ହୋଇ ରହିଛି ···

❋

୧୯୬୨

ଆମେ ପରିପୂର୍ଣ୍ଣତା ଲାଗି ପିପାସୀ ହୋଇ ରହିଛୁ । ତାହାକୁ ଏହି ମନୁଷ୍ୟ-ସ୍ୱଭାବ ପରିପୂର୍ଣ୍ଣତା ବୋଲି ଅଦୌ କୁହାଯିବ ନାହିଁ । ମାନବୀୟ ପରିପୂର୍ଣ୍ଣତା ହେଉଛି ଅହଂର ପରିପୂର୍ଣ୍ଣତା ଓ ତାହା ଦିବ୍ୟ-ପରିପୂର୍ଣ୍ଣତାର ପଥକୁ ଓଗାଳି କରି ରଖିଥାଏ ।

'oaob.nitrkl.ac.in' images reprocessed

ମାତ୍ର, ଆମେ ସେହି ପରିପୂର୍ଣ୍ଣତାର ପିପାସୀ, ଯାହା ମଧ୍ୟରେ କି ଏହି ପୃଥିବୀପୃଷ୍ଠରେ ଶାଶ୍ୱତ ପରମସତ୍ୟର ଅଭିବ୍ୟକ୍ତି ଘଟାଇବାର ଶକ୍ତି ନିହିତ ହୋଇ ରହିଛି ।

1962

We thirst for perfection.
Not this human perfection which is a perfection of the ego and bars the way to the Divine perfection.
But that one perfection which has the power to manifest upon earth the Eternal Truth

*

୧୯୬୩

ବନ୍ଧୁ! ଆମେ ପରମ ଦେବମୁହୂର୍ତ୍ତଟି ଲଗି ପ୍ରସ୍ତୁତ ହେବା ।

*

'oaob.nitrkl.ac.in' images reprocessed

୧୯୬୪

ତୁମେ ପ୍ରସ୍ତୁତ ?

*

୧୯୬୫

ପରମ-ସତ୍ୟର ଆଗମନ ଉଦ୍ଦେଶ୍ୟରେ ପ୍ରଣାମ ।

*

୧୯୬୬

ଚାଲ, ଆମେ ପରମସତ୍ୟର ସେବକ ହେବା ।

*

୧୯୬୭

ମନୁଷ୍ୟଗଣ, ଦେଶସକଳ, ମହାଦେଶଚୟ !
ନିର୍ବାଚନ ଅବଶ୍ୟମ୍ଭାବୀ :
ପରମସତ୍ୟ ଅଥବା ପରମଗର୍ତ୍ତ ।

*

୧୯୬୮

ତରୁଣ ହୋଇ ରହ, ପରିପୂର୍ଣ୍ଣତା ଲାଭ କରିବାର ପ୍ରୟାସରେ ଆଦୌ ଅଟକିଯାଅ ନାହିଁ ।

*

'oaob.nitrkl.ac.in' images reprocessed

୧୯୬୯

କଥା ନୁହେଁ — କେବଳ କାର୍ଯ୍ୟ ।

*

୧୯୭୦

ପୃଥିବୀ ଏକ ବିଶାଳ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?

*

୧୯୭୧

ଯେଉଁମାନେ ଅଭିପ୍ରେତ ଭବିଷ୍ୟତକୁ ଆଉଜି ଲମ୍ଫ ପ୍ରଦାନ କରୁଛନ୍ତି, ପ୍ରକୃତରେ ସେହିମାନେହିଁ ଧନ୍ୟ !

*

୧୯୭୨

ଚାଲ, ଆମେ ସମସ୍ତେ ଶ୍ରୀଅରବିନ୍ଦଙ୍କର ଜନ୍ମ-ଶତବାର୍ଷିକୀର ଉପଯୁକ୍ତ ହେବା ।

*

୧୯୭୩

ଯେତେବେଳେ ତୁମେ ଯୁଗପତ୍ ଭାବରେ ସମଗ୍ର ପୃଥିବୀ ବିଷୟରେ ସଚେତନ ହେବ, ସେତେବେଳେହିଁ ତୁମେ ଦିବ୍ୟ ପରମସତ୍ତାଙ୍କର ସଚେତନତା ଲାଭ କରିପାରିବ ।

***

'oaob.nitrkl.ac.in' images reprocessed

## ନୂତନ ବର୍ଷର ବାର୍ତ୍ତାଗୁଡ଼ିକ ବିଷୟରେ ମନ୍ତବ୍ୟ *

### ୧୯୪୩

ବର୍ତ୍ତମାନ ଏକ ମୁହୂର୍ତ୍ତ ଆସି ପହଞ୍ଚିଛି, ଯେତେବେଳେ କି ଏକ ପଥ ବାଛିନେବାକୁ ପଡ଼ିବ । ମୌଳିକ ଓ ସୁନିର୍ଦ୍ଦିଷ୍ଟ ଭାବରେ ଏକ ପଥ ବାଛିନେବାକୁ ପଡ଼ିବ ।

ହେ ପରମପ୍ରଭୁ, ମିଥ୍ୟାକୁ ବର୍ଜନ କରି ଶୁଦ୍ଧ ଓ ଆପଣଙ୍କ ପରମ ବିଜୟର ଯୋଗ୍ୟ ହୋଇ ଆପଣଙ୍କର ପରମସତ୍ୟ ମଧ୍ୟରେହିଁ ଜାଗ୍ରତ ହୋଇଉଠିବା ଲାଗି ଆପଣ ଆମ୍ଭମାନଙ୍କୁ ବଳ ଦିଅନ୍ତୁ ।

ଏଠାରେ କୌଣସି ସାଧାରଣ ତତ୍ତ୍ୱସିଦ୍ଧାନ୍ତର ପ୍ରଶ୍ନ ଉଠୁ ନାହିଁ; ଏଇଟି ହେଉଛି ଏକ ବାସ୍ତବ ସତ୍ୟର କଥା । ଅସୁର ହେଉଛି ମିଥ୍ୟାର ଶକ୍ତି, — ସେହି ଦିବ୍ୟତା-ବିରୋଧୀ ଶକ୍ତି ଯାହାକି ଏହି ଭୌତିକ ଜଗତରେ ଅଧିପତି ହୋଇ ରାଜତ୍ୱ କରିବାରେ ଲାଗିଛି । ସର୍ବତ୍ର ତାହାରି ପ୍ରାଦୁର୍ଭାବହିଁ ଅନୁଭୂତ ହେଉଛି, ଜଡ଼ର ସ୍ତରରେ ଏହା ପ୍ରତ୍ୟେକ ବସ୍ତୁରେ ବିଦ୍ୟମାନ ରହିଛି । ମାତ୍ର ବର୍ତ୍ତମାନ ବୁଦ୍ଧିକୁ ଅଲଗା କରିଦେବାର ଓ ଏକ ଶୁଦ୍ଧୀକରଣ ସମ୍ଭବ କରିବାର ସମୟ ଆସି ପହଞ୍ଚିଛି, ସେହି ମିଥ୍ୟା ବା ଆସୁରିକ ପ୍ରଭାବକୁ ପ୍ରତ୍ୟାଖ୍ୟାନ କରିବାର ବେଳ ଆସିଛି; ସମ୍ପୂର୍ଣ୍ଣ ଭାବରେ ଦିବ୍ୟ ପରମସତ୍ୟ ମଧ୍ୟରେ ଯେ ଏକ ଜୀବନ ବଞ୍ଚି ହେବ, ସେଇଥି ଲାଗି ଏକ ସମୟ ଉପସ୍ଥିତ ହୋଇଛି ।

୩ ଜାନୁଆରୀ ୧୯୪୩

*

### ୧୯୪୬

ଏଇଟି ଏକ ପ୍ରାର୍ଥନା ନୁହେଁ, ଏହା ଏକ ଉତ୍ସାହବାଣୀ ।

ସେହି ଉତ୍ସାହବାଣୀ ଓ ତା' ଉପରେ ଏକ ମନ୍ତବ୍ୟକୁ ମୁଁ ଏଠାରେ ଦେଉଛି :

* ନବବର୍ଷ-ବାର୍ତ୍ତାଗୁଡ଼ିକ ସମ୍ବନ୍ଧେ ଅଧିକ ମନ୍ତବ୍ୟ ପାଇଁ ଇଂରାଜୀ ରଚନାବଳୀ — ୧୬ଶ ଖଣ୍ଡ — ୩୦୧, ୩୧୬, ୩୧୮ ଓ ୩୧୬ ପୃଷ୍ଠାମାନ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

"ଏପରି ଏକମୁହୂର୍ତ୍ତିରେ, ଯେତେବେଳେ କି ସବୁକିଛୁ ଖରାପରୁ ଅଧିକ ଖରାପ ହୋଇ ଗ୍ଭଲିଛୁ, ଠିକ୍ ସେତିକବେଳେହିଁ ଆମେ ସର୍ବୋଚ୍ଚ ସହିସ୍ତ ବିଶ୍ବାସର ପରିଚୟ ଦେବା ଏବଂ ପରମକରୁଣା ଯେ ଆମକୁ କଦାପି ଛାଡ଼ି ଗ୍ଭଲି ଯିବ ନାହିଁ, ସେହି କଥାଟିକୁ ଜାଣି ରଖିବା ।"

ପ୍ରଭାତର ପୂର୍ବବର୍ତ୍ତୀ ସମୟଟି ସବୁଠାରୁ ଅଧିକ ଅନ୍ଧାର ହୋଇ ରହିଥାଏ । ମୁକ୍ତି ଆସି ପହଞ୍ଚିବାର ଅବ୍ୟବହିତ ପୂର୍ବ ମୁହୂର୍ତ୍ତିଟିରେ ବିଦ୍ୟମାନ ରହିଥିବା ଦାସତ୍ବ ସବୁଠାରୁ ଅଧିକ ଯନ୍ତ୍ରଣାପ୍ରଦ ହୋଇଥାଏ ।

ମାତ୍ର, ଏକ ବିଶ୍ବାସ—ପରିପୂର୍ଣ୍ଣ ହୃଦୟରେ ଆଶାର ସେହି ଚିରନ୍ତନ ଅଗ୍ନି ଜଳିବାରେ ଲଗିଥାଏ, ଯେଉଁଥିରେ କି ନିରାଶ ହେବାର ଆଦୌ କୌଣସି ଅବକାଶହିଁ ରହେ ନାହିଁ ।

*

୧୯୬୧

ଆନନ୍ଦମୟ ଏହି ଅଦ୍‌ଭୁତ ଜଗତଟି ପୃଥିବୀପୃଷ୍ଠକୁ ଅବତରଣ କରିବା ଲାଗି ଆମେ ତାହାକୁ ଆବାହନ କରି ଆଣିବା ବୋଲି ଆମର ଦ୍ୱାରଦେଶରେ ଅପେକ୍ଷା କରି ରହିଛୁ···

୧୯୫୬ ମସିହା ଫେବୃଆରି ୨୯ ତାରିଖରେ ଯେଉଁ ଅତି-ମାନସ ନୂତନ ଜଗତର ଜନ୍ମ ହୋଇଥିଲା, "ଆନନ୍ଦମୟ ଏହି ଅଦ୍‌ଭୁତ ଜଗତ"ଟି କ'ଣ ସେହି ଜଗତ୍ ନା ତାହା ଏକ ଭିନ୍ନ ଜଗତ୍ ? ଆପଣ ଏହାକୁ "ଆନନ୍ଦମୟ ଜଗତ୍" ବୋଲି କହିଛନ୍ତି, ତେଣୁ ତାହା କଦାପି ବର୍ତ୍ତମାନ ଜନ୍ମ-ଲାଭ କରିସାରିଥିବା କେବଳ ସେହି ଅତିମାନସ ଜଗତର ଆନନ୍ଦ ହୋଇ ପାରିବ ନାହିଁ । ଏହି କଥାଟିର କ'ଣ ଏପରି ଅର୍ଥ ହେବ ଯେ, ଅତିମାନସ-ଜଗତର ପ୍ରକାଶ ଘଟିବା ପରେ, ବର୍ତ୍ତମାନ ଆଉ ଗୋଟିଏ ନୂତନ ପୃଥିବୀ ଅଭିବ୍ୟକ୍ତି ଲାଗି, "ଆମର ଆବାହନ ଲାଗି ଆମର ଦ୍ୱାର-ଦେଶରେ ଅପେକ୍ଷା କରି ରହିଛୁ ?"

'oaob.nitrkl.ac.in' images reprocessed

ଏହା ସର୍ବଦା ଅପେକ୍ଷା କରି ରହିଛି, ସୃଷ୍ଟିର ଆରମ୍ଭରୁ ଅପେକ୍ଷା କରି ରହିଛି ।

ଏହି ଜଗତଟିକୁ କ'ଣ ଆନନ୍ଦର ସେହି ଜଗତ୍ ବୋଲି କୁହାଯିବ, ଯାହାକି, ସତ୍ତ୍ୱର ନାନାଭୂମିଗତ ସୋପାନକ୍ରମ ମଧ୍ୟରେ ଅତିମାନସ ଜଗତର ଉପରେ ଅବସ୍ଥିତ ରହିଛି ? ଯଦି ସେକଥା ହୋଇଥାଏ, ତେବେ ତାହାର କ'ଣ ଏହି ଅର୍ଥ ହେବ ଯେ, ଜନ୍ମଲାଭ କରିବାର ଛଅବର୍ଷ ପରେ ଅତିମାନସ ଜଗତ୍ ପୃଥିବୀପୃଷ୍ଠରେ ଯଥେଷ୍ଟ ପରିମାଣରେ ସୁପ୍ରତିଷ୍ଠିତ ହୋଇ ସାରିଲାଣି ଏବଂ ବର୍ତ୍ତମାନ ତଥାପି ଆହୁରି ଉଚ୍ଚ ଏକ ପୃଥିବୀର ଅଭିବ୍ୟକ୍ତିକୁ ସମ୍ଭବ କରାଇ ଆଣିବାକୁ ଯାଉଛି ?

ତାହା ଯେ ଅବଶ୍ୟ ସତ୍ୟ, ସେପରି ଭାବିବାର କୌଣସି କାରଣ ନାହିଁ ।

ଉପରଲିଖିତ ପ୍ରଶ୍ନଟି ପ୍ରକୃତରେ ଉଠୁଛି, କାରଣ, ଶ୍ରୀଅରବିନ୍ଦଙ୍କ ଅନୁସାରେ, ବିଶ୍ୱବିବର୍ତ୍ତନର ଏହି ଭୂମିରେ ଅତିମାନସ ସୁପ୍ରତିଷ୍ଠ ହୋଇ ନ ଥିବା ପର୍ଯ୍ୟନ୍ତ ଆନନ୍ଦର ଭୂମିଟିର ଅଭିବ୍ୟକ୍ତି ଘଟିପାରିବ ନାହିଁ ।

ତାହା ଅତ୍ୟନ୍ତ ସ୍ପଷ୍ଟ କଥା ।

"ଆମର ଦ୍ୱାରଦେଶରେ ଅପେକ୍ଷା କରି ରହିଛି" କଥାଟିର ଅର୍ଥ କ'ଣ ? ଏହାର କ'ଣ ଏପରି ଅର୍ଥ ହେବ ଯେ ଏହା ସୂକ୍ଷ୍ମଭୌତିକ ଭୂମିଯାଏ ଅବତରଣ କରି ଆସିଲାଣି ?

ସେହି ଦ୍ୱାରକୁ ମୁଁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଦ୍ୱାର ବୋଲି କହି ନ ଥିଲି ।

"ପୃଥିବୀପୃଷ୍ଠରେ ଅବତରଣ କରିବ ବୋଲି ଆମ ଦ୍ୱାର-ଦେଶରେ ଆବାହନ ଲାଗି ଅପେକ୍ଷା କରି ରହିଛି···"—

'oaob.nitrkl.ac.in' images reprocessed

ଏହାର କ'ଣ ଏହି ଅର୍ଥ ହେବ ଯେ ତାହାର ଆବାହନ କରା ନ ଯିବା ପର୍ଯ୍ୟନ୍ତ ତାହା ଆଦୌ ପୃଥିବୀକୁ ଅବ-ତରଣ କରିବ ନାହିଁ ?

କଦାପି କରିବ ନାହିଁ ।

ଏହି ଆନନ୍ଦମୟ ଜଗତକୁ ଆବାହନ କରି ଅବତରଣ କରିବାର ସର୍ବୋତ୍ତମ ଉପାୟ କ'ଣ ?

ବୃଦ୍ଧିବା ଏବଂ ନିଷ୍ଠାଯୁକ୍ତ ହୋଇ ରହିବା ।

୧୯୭୧ ଜାନୁଆରୀ ୨୧ ତାରିଖରେ ପ୍ରତ୍ୟେକଟିକୁ ଏକ ବିଶେଷ ତାତ୍ପର୍ଯ୍ୟ ରହିଥିବା ଆପଣଙ୍କର ଯେଉଁ ପାଞ୍ଚୋଟି ଫଟୋକୁ ଆପଣ ବିତରଣ କରାଇଥିଲେ, ଆନନ୍ଦର ଜଗତକୁ ଅବତରଣ କରାଇ ଆଣିବା ସହିତ ତାହାର କୌଣସି ସମ୍ବନ୍ଧ ଅଛି କି ? ଯଦି ଆବାହନରେ ସହାୟକ ହେବା ଲାଗି ସେଗୁଡ଼ିକୁ ଦିଆଯାଇଥାଏ, ତେବେ ସେହି ଉଦ୍ଦେଶ୍ୟରେ ସେଗୁଡ଼ିକୁ କିପରି ସର୍ବୋତ୍ତମ ଭାବରେ ବ୍ୟବହାର କରାଯାଇ ପାରିବ ?

ସେହି କଥାଟିକୁ ପ୍ରତ୍ୟେକ ବ୍ୟକ୍ତି ସ୍ୱୟଂ ଖୋଜି ବାହାର କରିବ ।

ଯଦି ଆପଣଙ୍କର ପ୍ରଦତ୍ତ ବାଣୀଟିକୁ ଏକ ଆବାହନ-ମନ୍ତ୍ରରେ ପରିଣତ କରିଦିଆଯାଏ ଏବଂ ନୀରବ ଅଭି-ନିବେଶ ମଧ୍ୟରେ ଯଦି "ଆମର ଆବାହନ ଲାଗି ଆମ ଦ୍ୱାରଦେଶରେ ଅପେକ୍ଷା କରିଥିବା ହେ ଆନନ୍ଦମୟ ଅଦ୍ଭୁତ ପୃଥିବୀ, ତୁମେ ପୃଥିବୀପୃଷ୍ଠରେ ଅବତରଣ କର" ରୂପରେ ତାହାର ଜପ କରାଯାଏ, ତେବେ ଏହି ଜଗତଟିର ଅବତରଣରେ ତାହା ସହାୟକ ହେବ କି ?

'oaob.nitrkl.ac.in' images reprocessed

ଯେଉଁମାନେ ସ୍ୱତଃସ୍ଫୂର୍ତ୍ତି ଭାବରେ ଏପରି କରିବା ଲାଗି ଅନୁଭବ କରିବେ, ସେମାନଙ୍କ କ୍ଷେତ୍ରରେ ଅବଶ୍ୟ ସହାୟକ ହେବ ।

ଏବର୍ଷ ଆପଣ ବାର୍ତ୍ତାଟିକୁ ଆଗ ଇଂରାଜୀରେ ଓ ତା'ପରେ ଫରାସୀ ଭାଷାରେ ପଢ଼ିଲେ । କେଉଁ ବର୍ଷ ସେପରି ହୋଇ ନାହିଁ । ଶ୍ରୀତରେ ଏପରି ପରିବର୍ତ୍ତନ ହେଲା କାହିଁକି ?

କାରଣ ବାଣୀଟି ପ୍ରଥମେ ଇଂରାଜୀ ଭାଷାରେହିଁ ମୋ ପାଖକୁ ଆସିଥିଲା ।

ବାର୍ତ୍ତାଟିର ଶେଷରେ ଯେଉଁ ବିନ୍ଦୁଗୁଡ଼ିକୁ ଚିହ୍ନିତ କରା-ଯାଇଛି, ସେଥିରୁ ମନେହେଉଛି ସତେ ଯେପରି କିଛି କଥା ତଥାପି କୁହାହୋଇ ନାହିଁ । ସେକଥା ସତ କି ?

ସର୍ବଦା—ସର୍ବଦାହିଁ କିଛି ଅକୁହା ରହି ଯାଇଥାଏ ।

୫ ମାର୍ଚ୍ଚ ୧୯୬୧

❋

୧୯୬୪

ତୁମେ ପ୍ରସ୍ତୁତ ?

ପ୍ରଶ୍ନଟିର ଅର୍ଥ ହେଉଛି, ପରମ ଦେବମୁହୂର୍ତ୍ତଟି ଲାଗି ତୁମେ ପ୍ରସ୍ତୁତ ହୋଇ ରହିଛ ?

❋

୧୯୬୭

ଚାଲ, ଆମେ ସେହି ପରମ ସତ୍ୟର ସେବକ ହେବା ।

ସେହି ପରମସତ୍ୟ କହିଲେ କ'ଣ ବୁଝାଇବ ?

'oaob.nitrkl.ac.in' images reprocessed

ଯିଏ ନିଷ୍କାର ସଦ୍ଧୃତ ପରମସତ୍ତ୍ୟର ସେବକ ହେବାକୁ ଇଚ୍ଛା କରୁଥିବ, ସିଏ ପରମସତ୍ୟଙ୍କୁ ଅବଶ୍ୟ ଜାଣିବ ।

❋

୧୯୬୭

ମନୁଷ୍ୟଗଣ, ଦେଶସକଳ, ମହାଦେଶନସ୍ଥ !

ନିର୍ବାଚନ ଅବଶ୍ୟମ୍ଭାବୀ :
ପରମସତ୍ୟ ଅଥବା ପରମଗର୍ତ୍ତ ।

୧୯୬୭ର ନବବର୍ଷର ବାଣୀରେ ଆପଣ କହିଛନ୍ତି ଯେ, ସତ୍ୟ ଏବଂ ଗର୍ତ୍ତ ମଧ୍ୟରୁ ଗୋଟିକୁ ବାଛିନେବାକୁ ପଡ଼ିବ । ସେହି ଗର୍ତ୍ତଟି ଠିକ୍ ସମ୍ମୁଖରେହିଁ ଆଁ କରି ଅନାଇଥିବା ପରି ମନେ ହେଉଛି । ତଥାପି ଏକ ବିଶ୍ୱାସ ରହିଛି ଯେ, ତାହାକୁ ପଥ ଉପରୁ ଅବଶ୍ୟ ଅପସାରିତ କରି ନିଆଯିବ ।

ସେହି ବିଶ୍ୱାସ ପ୍ରକୃତରେ ଏକ ଯଥାର୍ଥ ବିଶ୍ୱାସ ।

ଯେଉଁମାନେ ତଥାପି ଶୋଇ ରହିଛନ୍ତି ଏବଂ ଶୋଇ ରହିଛନ୍ତି ବୋଲି ବେଶ୍ ସନ୍ତୋଷ ଲାଭ କରୁଛନ୍ତି, ବାର୍ତ୍ତାଟି କେବଳ ସେହିମାନଙ୍କ ଉଦ୍ଦେଶ୍ୟରେ ଦିଆଯାଇଛି ।

❋

ଆପଣଙ୍କର ନବବର୍ଷ-ବାଣୀରେ ରହିଥିବା "ଗର୍ତ୍ତ" ଶବ୍ଦଟିର ଅର୍ଥ କ'ଣ ? ଅଥବା, ଅନ୍ୟପ୍ରକାରେ କହିଲେ, ଜଣେ ସାଧକ ପ୍ରକୃତରେ କାହାକୁ ଭୟ କରିବ ?

ଉପସ୍ଥିତ ବର୍ତ୍ତମାନ ସମଷ୍ଟିରେ ଏକ ବୃହତ୍ ଆଘାତ ଉପସ୍ଥିତ ହୋଇଛି । ସତେଅବା ଏକ ଯୁଦ୍ଧ ଆରମ୍ଭ କରିଦେବେ ବୋଲି ସେମାନେ ସମସ୍ତେ ନିଜ ନିଜ

'oaob.nitrkl.ac.in' images reprocessed

ଜାଗାରେ ଜଗି ରହିଛନ୍ତି । ଆପଣାର ଆନ୍ତର୍ଜାତିକ ସମ୍ବନ୍ଧଗୁଡ଼ିକର କ୍ଷେତ୍ରରେ ଲୋକମାନେ ଯେଉଁ ଅତି ପ୍ରବଳ ବାସନାକୁ ଆଣି ଭରି ଦେଉଛନ୍ତି, ତାହାହିଁ ଗର୍ତ୍ତ ।

ଏହି ସବୁକିଛିର ମୂଳରେ ଭୟ ରହିଛି, ଏକ ସାଧାରଣ ଅବିଶ୍ୱାସ ରହିଛି, ସେମାନେ ଯାହାକୁ ନିଜର ସ୍ୱାର୍ଥ ବୋଲି ବିଶ୍ୱାସ କରୁଛନ୍ତି (ଅର୍ଥ, ବେପାର-ବାଣିଜ୍ୟ), ଏହି କ୍ଷେତ୍ରରେ ତାହା ମଧ୍ୟ ରହିଛି । — ଏହି ଉନୋଟିଯାକ ଏକତ୍ର ମିଶିକରି ରହିଛନ୍ତି । ଯେତେବେଳେ ସବୁଠାରୁ ନିମ୍ନରେ ରହିଥିବା ମନୁଷ୍ୟଜାତିର ଏହି ତିନୋଟିଯାକ ଦୁର୍ଗ୍ରହକୁ ଏକାଠି ସକ୍ରିୟ ହେବାକୁ ଛାଡ଼ି ଦିଆଯାଉଛି, ସେହି ସ୍ଥିତିଟିକୁହିଁ ମୁଁ "ଗର୍ତ୍ତ" ବୋଲି କହୁଛି ।

ଯେତେବେଳେ ଦିବ୍ୟ ପରମସତ୍ତାଙ୍କର ଅନ୍ୱେଷଣ କରିବା ଲାଗି କୌଣସି ବ୍ୟକ୍ତି ଆପଣାର ଜୀବନୋତ୍ସର୍ଗ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛି, ଯଦି ସେ ନିଷ୍ଠାର ସହିତ ସେକଥା କରୁଛି, ଅର୍ଥାତ୍, ଯଦି ନିଷ୍ଠାର ସହିତ ସେହି ସଙ୍କଳ୍ପଟିକୁ କରିଛି ଏବଂ ନିଷ୍ଠାର ସହିତ ତାହାକୁ କାର୍ଯ୍ୟକାରୀ କରୁଛି, ତେବେ ତା'ଲାଗି ଆଦୌ କୌଣସି କଥାକୁ ଭୟ କରିବାକୁ କିଛି ନାହିଁ, କାରଣ, ତା' ଜୀବନରେ ଯାହାକିଛି ଘଟୁଛି ଅଥବା ଘଟିବ, ତାହା ନିଶ୍ଚୟ ସବୁଠାରୁ ଅଧିକ ଅଳ୍ପକାଳିକ ପଥରେ ତାକୁ ତା'ର ଏହି ଉପଲବ୍ଧି ମଧ୍ୟକୁ ପରିଚାଳିତ କରି ନେଇଯିବ ।

ତାହାକୁ ପରମ କରୁଣାରହିଁ ଅନୁଷ୍ଠାନ ବୋଲି କୁହାଯିବ । ଲୋକେ ବିଶ୍ୱାସ କରିଥାନ୍ତି ଯେ ପରମକରୁଣାର ଅର୍ଥ ହେଉଛି ଯେ ତାହା ତୁମ ଜୀବନ ଲାଗି ସବୁକିଛିକୁ ସହଜ ଓ ମସୃଣ କରି ଦେଇଯିବ । ମାତ୍ର ଏକଥା ପ୍ରକୃତରେ ସତ ନୁହେଁ ।

ତୁମ ଅଭୀପ୍‌ସାର ଉପଲବ୍ଧି ଲାଗିହିଁ ପରମକରୁଣା କାର୍ଯ୍ୟ କରୁଛି ଏବଂ ସବୁଠାରୁ ଅଧିକ ସତ୍ୱର ତଥା ଅବିଳମ୍ବିତ ଭାବରେ ସେହି ଉପଲବ୍ଧିକୁ ସମ୍ଭବ କରିବା ନିମନ୍ତେ ସବୁକିଛି ଆୟୋଜିତ ହୋଇ ରହିଛି । —ତେଣୁ ଭୟ କରିବାକୁ ଆଦୌ କିଛି ନାହିଁ ।

ଆନ୍ତରିକତାର ଅଭାବ ଘଟିଲେ ଯାଇ ଭୟର ଉଦୟ ହୋଇଥାଏ । ତୁମେ ଯଦି ଏକ ଆରାମଦାୟକ ଜୀବନ ଲୋଡ଼ୁଥାଅ, ଯଦି ଏକ ସୁଖଦ ପରିବେଶ ଏବଂ ସେହିପରି ଆଉ ସବୁକିଛି ଲୋଡ଼ୁଥାଅ, ତେବେ ତାହାର ଅର୍ଥ ହେଉଛି ଯେ, ତଦ୍ୱାରା ତୁମେ ଏହି କ୍ଷେତ୍ରରେ ନାନା ସନ୍ତୁଷ୍ଟିର ଅନ୍ୱେଷଣ କରୁଛ, ନାନା ପ୍ରତିବନ୍ଧ ଆଣି

'oaob.nitrkl.ac.in' images reprocessed

ଉପସ୍ଥାପିତ କରୁଛ, — ଏବଂ ତା'ପରେ ତୁମେ ନିଜ ଲାଗି ଉସ୍ତର ଏକ ଅବକାଶ ବେଶ୍ ସୃଷ୍ଟି କରି ନେଇ ପାରୁଛ ।

ମାତ୍ର ସାଧନା ମଧ୍ୟରେ ତାହାର କୌଣସି ସ୍ଥାନ ନାହିଁ ।

୨୭ ମଇ ୧୯୬୭

*

୧୯୭୦

ପୃଥିବୀ ଏକ ବିଶାଳ ପରିବର୍ତ୍ତନ ଲାଗି ପ୍ରସ୍ତୁତ ହେଉଛି ।

ତୁମେ ସାହାଯ୍ୟ କରିବ କି ?

ପୃଥିବୀର ଏହି ବିଶାଳ ପରିବର୍ତ୍ତନରେ ଆମେ କିପରି ସାହାଯ୍ୟ କରି ପାରିବା ? — ଆପଣଙ୍କର ନବବର୍ଷର ବାର୍ତ୍ତା ଯେଉଁ ପରିବର୍ତ୍ତନ କଥା କହୁଛି, ସେଇଥିରେ ।

ଯେଉଁ ପରମଚେତନା ପୃଥିବୀପୃଷ୍ଠରେ ଅବତରଣ କରିଛି, ତାହାକୁ ତୁମ ନିଜର ରୂପାନ୍ତର ଲାଗି ବାଟ ଛାଡ଼ିଦେବା ହେଉଛି ସାହାଯ୍ୟ କରିବାର ସର୍ବୋତ୍ତମ ଉପାୟ ।

୯ ଜାନୁଆରୀ ୧୯୭୦

*

"ଭବିଷ୍ୟତ୍ ଲାଗି କାର୍ଯ୍ୟ କରିବାର" ଅର୍ଥ କ'ଣ ?

ସର୍ବପ୍ରଥମ କଥାଟି ହେଉଛି, ବ୍ୟକ୍ତିଗତ ଅଥବା ଜାତୀୟ ସ୍ତରର କୌଣସି ପୁରାତନ ଅଭ୍ୟାସକୁ ଜାବୁଡ଼ି ଧରି ନ ରହିବା ।

*

'oaob.nitrkl.ac.in' images reprocessed

*Let the Dawn of the New Year be for us also the Dawn of a new and better life.*

ଏହି ନୂତନ ବର୍ଷର ପ୍ରଭାତ ଆମ ଲାଗି ମଧ୍ୟ ଏକ ନୂତନ ତଥା ଉନ୍ନତତର ଜୀବନର ପ୍ରଭାତ ହୋଇ ରହୁ ।

*

ଦିବ୍ୟ ପରମକରୁଣାର ମନୁଷ୍ୟଭୂମିସ୍ଥ ଶିଶୁ ସ୍ୱରୂପ ଯଥାର୍ଥ ସଦସ୍ୱହୃଦସ୍ୱତା ମଧ୍ୟରୁ ଯେଉଁ ଆନନ୍ଦ ଉତ୍ପନ୍ନ ହୋଇଥାଏ, ଏହି ବର୍ଷଟି ତୁମ ଲାଗି ସେହି ଆନନ୍ଦ-ଜନିତ ପ୍ରଭାସ୍ୱର ଶାନ୍ତିରହିଁ ଏକ ବର୍ଷ ହୋଇ ରହୁ ।

ଆମେ ଏକଥା ମଧ୍ୟ ଆଶା କରିବା ଯେ, ଆମକୁ ଆଉ ଥରେ ଏକଥା ନ କହାଇ ଏହି ବର୍ଷଟି କଦାପି ଅତିକ୍ରାନ୍ତ ହୋଇଯିବ ନାହିଁ ।

*

ମାଆ, ନବବର୍ଷର ପ୍ରଥମ ସୂର୍ଯ୍ୟାଲୋକ ଦ୍ୱାରା ଆପଣ ମୋ'ର ଯାବତୀୟ ଅଜ୍ଞାନ ଏବଂ ଅନ୍ଧକାରକୁ ଅପସାରିତ କରନ୍ତୁ ।

ଆପଣଙ୍କର ମହାନ୍ ଆଲୋକହିଁ ମୋ ଭିତରେ ସବୁକିଛିକୁ ଆଲୋକମୟ କରିଦେଉ ଏବଂ ଏହି ଆଲୋକ ଆପଣଙ୍କର

'oaob.nitrkl.ac.in' images reprocessed

ସଙ୍କୋଚ ଆନନ୍ଦ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଚେତନାକୁ ଜନ୍ମ ଦେଇପାରୁ ।

ହଁ, ନୂତନ ବର୍ଷଟି ଅବଶ୍ୟ ଅଜ୍ଞାନର ଧୂମପୁଞ୍ଜକୁ ଅପସାରିତ କରିଦେବ ପରମ-ଆଲୋକକୁ ପ୍ରତିଷ୍ଠିତ କରାଇ ଆଣିବ ।

ତୁମ ପାଇଁ ମୋର ଅନେକ ଆଶୀର୍ବାଦ ସର୍ବଦା ରହିଛି ।

❋

## ଦର୍ଶନ ଦିବସଗୁଡ଼ିକର ବାର୍ତ୍ତା *

୨୪ ଏପ୍ରିଲ ୧୯୬୦

ଭକ୍ତମାନେ ପ୍ରଭୁଙ୍କ ଅନୁସାରେ ରୂପଗୁଡ଼ିକର ବିଚାର କରନ୍ତି ।

ବାହାର ଲୋକେ ରୂପଗୁଡ଼ିକ ଦ୍ୱାରା ପ୍ରଭୁଙ୍କର ବିଚାର କରନ୍ତି ।

❋

**୧୫ ଅଗଷ୍ଟ, ୧୯୬୦**

ଆମର ସାଧନା ଏପରି ଏକ ଭୂମିରେ ଆସି ପହଞ୍ଚିଲାଣି, ଯେଉଁଠାରେ କି ଆମେ ପ୍ରଧାନତଃ ଅବଚେତନ ଓ ଏପରିକି ଅଚେତନକୁ ନେଇ କାର୍ଯ୍ୟ କରୁଛୁ ।

* ଚାରୋଟି ଦର୍ଶନ-ଦିବସ ହେଉଛି : ଫେବୃଆରି ୨୧, ମାଆଙ୍କ ଜନ୍ମଦିନ (୧୮୭୮); ଏପ୍ରିଲ୍ ୨୪; ମାଆ ଶେଷଥର ପାଇଁ ପଣ୍ଡିଚେରୀରେ ପହଞ୍ଚିଥିଲେ (୧୯୨୦); ଅଗଷ୍ଟ ୧୫, ଶ୍ରୀଅରବିନ୍ଦଙ୍କ ଜନ୍ମଦିନ (୧୮୭୨); ନଭେମ୍ବର ୨୪; ସିଦ୍ଧି-ଦିବସ, ଅଧିମାନସର ଅଧିଷ୍ଠାତା ଦେବତା କୃଷ୍ଣଙ୍କର ଭୌତିକ ଭୂମିକୁ ଅବତରଣ (୧୯୨୬)

ଏଠାରେ ତଥା ଏହାର ପରବର୍ତ୍ତୀ ଅଂଶଗୁଡ଼ିକରେ କେବଳ ମା'ଙ୍କ ଦ୍ୱାରା ଲିଖିତ ବାର୍ତ୍ତାଗୁଡ଼ିକୁ ଦିଆଯାଇଛି; ଶ୍ରୀଅରବିନ୍ଦଙ୍କ ଲିଖିତ ବାର୍ତ୍ତାଗୁଡ଼ିକୁ ଏଠାରେ ଦିଆ ଯାଇ ନାହିଁ ।

'oaob.nitrkl.ac.in' images reprocessed

ତାହାର ପରିଣାମ ସ୍ୱରୂପ, ଜଡ଼ସ୍ଥ ନିୟନ୍ତ୍ରଣବାଦଟି ଏହି କ୍ଷେତ୍ରରେ ସର୍ବପ୍ରଧାନ ଭୂମିକା ଗ୍ରହଣ କରିଛି ଏବଂ ସାଧନାର ପଥରେ ଅଧିକ ଅସୁବିଧାମାନ ଆଣି ପହଞ୍ଚାଇ ଦେଇଛି । ତାହା ଫଳରେ ସାହସ ଅଧିକ ହୋଇଛି, ସଙ୍କଳ୍ପ ମଧ୍ୟ ବୃଦ୍ଧି ପାଇଛି ।

ସେକଥା ଯାହା ହୋଇଥାଉ ପଛକେ, ଯାହାକିଛି ଘଟୁ ଅଥବା ତୁମେ ଯାହାକିଛି କର ପଛକେ, ତୁମେ ଭୟକୁ କଦାପି ନିଜକୁ ଆକ୍ରମଣ କରିବାକୁ ଦିଅ ନାହିଁ । ଭୟ ତୁମକୁ ଆସି ଏତେଟିକିଏ ସ୍ପର୍ଶ କରିବା ମାତ୍ରକେ ତୁମେ ତତ୍କ୍ଷଣାତ୍ ପ୍ରତିକ୍ରିୟା ବ୍ୟକ୍ତ କର ଏବଂ ସାହାଯ୍ୟ ଲାଗି ପ୍ରାର୍ଥନା କର ।

ନିଜର ଶରୀରକୁହିଁ ନିଜର ପରିଚୟ ବୋଲି ତୁମେ ଯେପରି ଆଦୌ କେବେହେଲେ ଭାବିବ ନାହିଁ, ତୁମକୁ ତାହା ଶିକ୍ଷା କରିବାକୁ ପଡ଼ିବ । ତୁମେ ଶରୀରକୁ ଏପରି ଏକ ଅଳ୍ପବୟସ୍କ ଶିଶୁପରିହିଁ ଦେଖିବ ଓ ତା' ସହିତ ସେହିପରି ବ୍ୟବହାର କରିବ, ଯାହାର କି, ସିଏ ଆଦୌ କେବେହେଲେ ଭୟ କରିବ ନାହିଁ ବୋଲି ଏକ ଦୃଢ଼ ପ୍ରତ୍ୟୟ ଲାଭ କରିବାର ପ୍ରୟୋଜନ ରହିଛି ।

ଭୟ ହେଉଛି ବୃହତ୍ତମ ଶତ୍ରୁ ଏବଂ ଆମକୁ ଏହିଠାରେହିଁ ଚିରକାଳ ସକାଶେ ତାହା ଉପରେ ବିଜୟଲାଭ କରିବାକୁ ପଡ଼ିବ ।

*

୨୧ ଫେବ୍ରୁଆରୀ, ୧୯୫୨

ଆମେ ବୀର ଯୋଦ୍ଧା ହେବାର ଅଭୀପ୍ସା ରଖିଛୁ, ଆପଣ ଆମକୁ ବୀର ଯୋଦ୍ଧା କରି ତିଆରି କରନ୍ତୁ । 'ଅତୀତ ଚିରସ୍ଥାୟୀ ହୋଇ ରହିବ ବୋଲି ଇଚ୍ଛା ଓ ଚେଷ୍ଟା କରିବାରେ ଲାଗିଥାଏ, ତାହା ବିରୁଦ୍ଧରେ ଆମେ ଯେପରି ଜୟୀ ହେବାକୁ ଅପେକ୍ଷା କରିଥିବା ଭବିଷ୍ୟତର ସେହି ମହାନ୍ ସମରରେ ସଫଳତାର ସହିତ ଯୁଦ୍ଧ କରିପାରୁ, ଆପଣ ଆମକୁ ସେହି ଶକ୍ତି ପ୍ରଦାନ କରନ୍ତୁ । ଯେପରିକି, ନୂତନ ବସ୍ତୁ-ଗୁଡ଼ିକର ପ୍ରକାଶ ଘଟିପାରିବ ଏବଂ ଆମ୍ଭେମାନେ ସେଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ମଧ୍ୟ ହୋଇ ପାରିବା ।

*

୨୪ ନଭେମ୍ବର, ୧୯୫୨

ଶ୍ରୀଅରବିନ୍ଦଙ୍କର ପ୍ରବର୍ତ୍ତିତ ଯୋଗର ସାହସୀ ପଥରେ ତାଙ୍କର ଅନୁଗମନ କରିବାକୁ ହେଲେ ଆମକୁ ସର୍ବଦା ଜଣେ ଯୋଦ୍ଧା ହୋଇ ରହିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

ବର୍ତ୍ତମାନ ଯେହେତୁ ସେ ଭୌତିକ ସ୍ତରରେ ଆମ ପାଖରୁ ଅନ୍ତର ହୋଇ ଯାଇଛନ୍ତି, ଆମର ସେଥିଲାଗି ଜଣେ ଜଣେ ବୀର ହେବାର ପ୍ରୟୋଜନ ରହିଛି ।

❊

୨୧ ଫେବୃଆରୀ, ୧୯୫୪

ତୁମେ ଯେ ମୃତ୍ୟୁକୁ ଭୟ କରୁଛ, ସେଥିରୁ ଜାଣିବାକୁ ହେବ ଯେ ମୃତ୍ୟୁ ତୁମକୁ ପ୍ରକୃତରେ ପରାସ୍ତ କରି ସାରିଲାଣି ।

❊

୨୪ ଏପ୍ରିଲ, ୧୯୫୬

ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି, – ଏହା ବର୍ତ୍ତମାନ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ, ମାତ୍ର ଏକ ଜୀବନ୍ତ ବାସ୍ତବଘଟନା ଓ ଏକ ସତ୍ୟରେ ପରିଣତ ହୋଇଛି ।

ତାହା ଏଠାରେ ସକ୍ରିୟ କାର୍ଯ୍ୟ କରୁଛି ଏବଂ, ଏପରି ଗୋଟିଏ ଦିନ ଅବଶ୍ୟ ଆସିବ, ଯେତେବେଳେ କି ନିପଟ ଅନ୍ଧମାନେ, ସଂପୂର୍ଣ୍ଣ ଭାବରେ ଅଚେତନ ହୋଇ ରହିଥିବା ବ୍ୟକ୍ତିମାନେ ଓ ଏପରିକି ସଂପୂର୍ଣ୍ଣ ଅନିଚ୍ଛୁକମାନେ ମଧ୍ୟ ତାହାକୁ ସ୍ୱୀକାର କରିନେବାକୁ ବାଧ୍ୟ ହେବେ ।

❊

୨୪ ନଭେମ୍ବର, ୧୯୫୬

କାଳର କୌଣସି ଅପେକ୍ଷା ନ କରି, ଦୂରତା ବିଷୟରେ ଆଦୌ କୌଣସି ଭୟ ନ ରଖି ଏବଂ ଉପସ୍ଥିତ ଅଗ୍ନିପରୀକ୍ଷାର ଶିଖା ମଧ୍ୟରୁ ଶୁଦ୍ଧ ହୋଇ ବାହାରି ଆମେ ଆମର ଲକ୍ଷ୍ୟ ହେଉ ଅତିମାନସ ବିଜୟର ଉପଲବ୍ଧି ଅଭିମୁଖରେ ଉଡ଼ି ଚାଲିଯିବୁ ଏବଂ ବାଟରେ ଆଦୌ କୌଣସିଠାରେ ମଧ୍ୟ ଅଟକି ରହିବୁ ନାହିଁ ।

❊

'oaob.nitrkl.ac.in' images reprocessed

୨୪ ଏପ୍ରିଲ୍, ୧୯୫୭

ସମ୍ଭୂତର ଶାଶ୍ୱତ କ୍ରମରେ ପ୍ରତ୍ୟେକ ଅବତାର କେବଳ ଏକ ଅଧିକ ପରିପୂର୍ଣ୍ଣ ଭବିଷ୍ୟତ୍ର ଉପଲବ୍ଧିର ଘୋଷଣାକାରୀ ତଥା ପୂର୍ବବର୍ତ୍ତୀ ଆବିର୍ଭାବରୂପେ ଜଗତକୁ ଆସିଥା'ନ୍ତି ।

❋

୨୧ ଫେବୃଆରି, ୧୯୫୮

ଏକ ପରିବର୍ତ୍ତନଶୀଳ କାୟିକଶରୀରର ଜନ୍ମଦିନକୁ ପାଳନ କରିବା କେତେକ ଅନୁରକ୍ତ ଅନୁଭବପ୍ରବଣତାକୁ ଅବଶ୍ୟ ସନ୍ତୋଷ ଦେଇ ପାରିବ ।

ଶାଶ୍ୱତ ପରମ ଚେତନାର ଅଭିବ୍ୟକ୍ତିର ଆବିର୍ଭାବକୁ ପାଳନ କରିବା,— ବିଶ୍ୱ-ଇତିହାସର ପ୍ରତ୍ୟେକ ମୂହୂର୍ତ୍ତିରେ ତାହା କଷ୍ଟସ୍ବ କରାଯାଇ ପାରିବ ।

ମାତ୍ର, ଏକ ନୂତନ ଜଗତର ଆବିର୍ଭାବ, ଅତିମାନସ ଜଗତର ଆବିର୍ଭାବକୁ ପାଳନ କରିବା,—ତାହାକୁ କେବଳ ଏକ ଅଦ୍ଭୁତ ଏବଂ ଅତୁଳନୀୟ ବିଶେଷ ଭାଗ୍ୟ ବୋଲି କୁହାଯାଇ ପାରିବ ।

❋

୨୪ ଏପ୍ରିଲ, ୧୯୫୮

ଏହି ପୃଥିବୀରେ ମନୁଷ୍ୟମାନଙ୍କର ଭୂମିରେ ଦିବ୍ୟ ପରମ କରୁଣାଙ୍କର ବିମୋଚନକାରୀ କ୍ରିୟାଶକ୍ତିର ଦୁଇଗୋଟି ପରସ୍ପର ଅନୁପୂରକ ଦିଗ ରହିଛି । ଏହି ଦୁଇଟିଯାକ ଦିଗ ସମାନ ଭାବରେ ଅପରିହାର୍ଯ୍ୟ, ମାତ୍ର ସେଗୁଡ଼ିକୁ ସମାନ ଗୁରୁତ୍ୱ ଦେଇ ସାଧାରଣତଃ ସ୍ୱୀକାର କରାଯାଇ ନ ଥାଏ ।

ଗୋଟିଏ ଦିଗ ହେଉଛି ଏକ ପରିବର୍ତ୍ତନରହିତ ପରମ ଶାନ୍ତି, ଯାହାକି ସକଳ ଉଦ୍‌ବେଗ, ଅନ୍ତର୍ଘାତ ଏବଂ କଷ୍ଟ-ଅନୁଭବରୁ ମୁକ୍ତ କରି ନେଇଯାଏ ।

ଅନ୍ୟ ଗୋଟିଏ ଦିଗ ହେଉଛି ସଦାଗତିଶୀଳ ସର୍ବଶକ୍ତିମାନ୍ ଅଗ୍ରଗତି, ଯାହାକି ସକଳ ବନ୍ଧନ, ଦାସତ୍ୱ ଏବଂ ଜଡ଼ତାରୁ ମୁକ୍ତ କରେ ।

'oaob.nitrkl.ac.in' images reprocessed

ଶାନ୍ତିର ଦିଗଟିକୁ ଜଗତଯାକ ସମସ୍ତେ ଉପଲବ୍ଧି କରନ୍ତି ଏବଂ ତାହାକୁ ଦିବ୍ୟ ବୋଲି ସ୍ୱୀକାର କରନ୍ତି; ମାତ୍ର, ଯେଉଁମାନଙ୍କଠାରେ ତୀବ୍ର ତଥା ସାହସଯୁକ୍ତ ଅଭୀପ୍ସା ରହିଥାଏ, କେବଳ ସେହିମାନେହିଁ ଅଗ୍ରଗତି ଦିଗଟିକୁ ସ୍ୱାଗତ କରନ୍ତି ।

*

୧୫ ଅଗଷ୍ଟ, ୧୯୬୧

ଅଚେତନାର ଅତଳ ଗହ୍ୱରରେ ଜ୍ୟୋତିର୍ମୟ ଏବଂ ଚିରନ୍ତନ ଦିବ୍ୟ ପରମଚେତନା ମଧ୍ୟ ଜ୍ୟୋତି ବିକିରଣ କରିବାରେ ଲାଗିଛି ।

*

୨୧ ଫେବୃଆରୀ, ୧୯୬୫

ତଥାକଥିତ ମନୁଷ୍ୟ-ବୁଦ୍ଧିମତ୍ତାର ଯାବତୀୟ ଜଟିଳତାର ଊର୍ଦ୍ଧ୍ୱରେ ଦିବ୍ୟ ପରମକରୁଣାର ପ୍ରଭାସ୍ୱର ସରଳତା ଦଣ୍ଡାୟମାନ ହୋଇ ରହିଛି ଏବଂ ଆମେ ତାହାକୁ କ୍ରିୟା କରିବା ନିମନ୍ତେ ବାଟ ଛାଡ଼ିଦେବା ମାତ୍ରକେହିଁ କାର୍ଯ୍ୟ କରିବ ବୋଲି ପ୍ରସ୍ତୁତ ହୋଇ ରହିଛି ।

*

୨୧ ଫେବୃଆରୀ, ୧୯୬୮

ଦିବ୍ୟ ପରମସତ୍ତାଙ୍କର ପ୍ରେମ ଯେପରି ସର୍ବାଧିକ ସତ୍ୱର ଭାବରେ ସଂଘଟିତ ହୋଇପାରିବ, ସେଥିପାଇଁ ଦିବ୍ୟ ପରମସତ୍ୟର ବିଜୟରେ ସହଯୋଗ କରିବା ହେଉଛି ସର୍ବୋତ୍ତମ ଉପାୟ ।

*

୨୧ ଫେବୃଆରୀ, ୧୯୬୯

କେବଳ ପରିବର୍ତ୍ତନରହିତ ଶାନ୍ତି ଦ୍ୱାରାହିଁ ଚିରନ୍ତନ ଜୀବନ ସମ୍ଭବ ହୋଇପାରିବ ।

*

'oaob.nitrkl.ac.in' images reprocessed

### ୨୧ ଫେବୃଆରୀ, ୧୯୭୦

ପରମସତ୍ୟ ଲାଗି ଏକ ଅତି କଷ୍ଟକର ଏବଂ ଶ୍ରମସାଧ୍ୟ ବିଜୟର ସୃଜନ ହେବାକୁ ପଡ଼ିବ । ଏହି ବିଜୟ ହାସଲ କରିବାକୁ ହେଲେ ପ୍ରକୃତରେ ଯୋଦ୍ଧା ହେବାକୁ ପଡ଼ିବ; — ଏପରି ଏକ ଯୋଦ୍ଧା, ଯିଏ କି କିଛି ଭୟ କରୁ ନ ଥିବ, ଶତ୍ରୁମାନଙ୍କୁ ଭୟ କରୁ ନ ଥିବ ବା ମୃତ୍ୟୁକୁ ମଧ୍ୟ ଭୟ କରୁ ନ ଥିବ । କାରଣ, ସମସ୍ତେ ନିଜପକ୍ଷରେ ରହନ୍ତୁ ଅଥବା ବିପକ୍ଷରେ ରହନ୍ତୁ, ଶରୀର ରହୁ ଅଥବା ନ ରହୁ, ଏହି ସଂଗ୍ରାମ ଅନବରତ ଲାଗି ରହିଥିବ ଏବଂ ବିଜୟ ଲାଭରେହିଁ ତାହାର ଶେଷ ହେବ ।

*

### ୨୧ ଫେବୃଆରୀ, ୧୯୭୧

ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବା ନିମନ୍ତେ ଉତ୍ସର୍ଗୀକୃତ ହୋଇଥିବା ଏକ ଜୀବନ — କେବଳ ତାହାକୁହିଁ ବଞ୍ଚିବାର ଉପଯୁକ୍ତ ଏକ ଜୀବନ ବୋଲି କୁହାଯିବ ।

*

### ୨୪ ଏପ୍ରିଲ, ୧୯୭୧

ଏକଥା କହିବାର କୌଣସି ପ୍ରୟୋଜନ ନାହିଁ ଯେ, ଯେଉଁମାନେ ପରମସତ୍ୟ ଲାଗି ଅଭୀପ୍ସା କରୁଛନ୍ତି, ସେମାନଙ୍କୁ ମିଥ୍ୟାବଚନରୁ ନିବୃତ୍ତ ହୋଇ ରହିବାକୁ ପଡ଼ିବ ।

*

### ୨୧ ଫେବୃଆରୀ, ୧୯୭୨

ଚୈତ୍ୟକେନ୍ଦ୍ରଟିର ଚାରିପାଖରେ ନିଜର ସମୁଦାୟ ସତ୍ତାଟିକୁ ସମାହିତ ଓ ଏକତ୍ର କରି ଆଣିବା, — ପରିପୂର୍ଣ୍ଣ ଆନ୍ତରିକତାର ଉପଲବ୍ଧି ନିମନ୍ତେ ଏହାହିଁ ଅସଲ ସର୍ତ୍ତ ।

*

'oaob.nitrkl.ac.in' images reprocessed

୧୫ ଅଗଷ୍ଟ, ୧୯୭୨

ଶ୍ରୀଅରବିନ୍ଦଙ୍କର ସନ୍ଦେଶ ହେଉଛି ଏକ ଅବିନାଶୀ ସୂର୍ଯ୍ୟାଲୋକ, ଯାହାକି ଭବିଷ୍ୟତ୍ ଉପରେ ବିକୀର୍ଣ୍ଣ ହୋଇ ରହୁଛି ।

*

୨୪ ନଭେମ୍ବର, ୧୯୭୨

ଯାବତୀୟ ରୁଚିଗତ ତାରତମ୍ୟ ଏବଂ ସୀମାନିର୍ଦ୍ଧାରଣର ସେପାଖରେ ପାରସ୍ପରିକ ବୋଧର ଏପରି ଗୋଟିଏ ଭୂମି ରହୁଛି, ଯେଉଁଠାରେ କି ସମସ୍ତେ ଆସି ଏକଜୁଟ ହୋଇ ପାରିବେ ଏବଂ ଆପଣାର ସମସ୍ତସତ୍ତାଟିକୁ ଖୋଜି ପାଇପାରିବେ । ସେହି ମିଳନସ୍ଥାନଟି ହେଉଛି ଏକ ଦିବ୍ୟଚେତନା ଲାଭ କରିବାର ଅଭୀପ୍ସା ।

*

୨୧ ଫେବୃଆରୀ, ୧୯୭୩

ଆପଣାର ମାର୍ଗରେ ଆମେ ଯେତେ ଆଗକୁ ଯାଉଥିବା, ଦିବ୍ୟ ପରମ-ଉପସ୍ଥିତିର ଆବଶ୍ୟକତା ଆମ ଲାଗି ସେତିକି ଅଧିକ ପରିମାଣରେ ଅବଶ୍ୟମ୍ଭାବୀ ଏବଂ ଅପରିହାର୍ଯ୍ୟ ହେବାରେ ଲାଗିଥିବ ।

*

୨୪ ଏପ୍ରିଲ୍, ୧୯୭୩

ମନୁଷ୍ୟଚେତନାର ଅତୀତ

ବାକ୍ୟର ଅତୀତ

ହେ ତୁମେ ସର୍ବୋଚ୍ଚ ପରମଚେତନା

ଅନନ୍ୟ ଏକକ ପରମ ଅବସ୍ଥିତି

ଦିବ୍ୟ ପରମ ସତ୍ୟ

*

'oaob.nitrkl.ac.in' images reprocessed

# ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତି ଲାଗି ପ୍ରଦତ୍ତ ବାର୍ତ୍ତା

## ୨୯ ଫେବୃଆରୀ, ୧୯୫୬

ସ୍ୱର୍ଣ୍ଣିମଦିବସ ଦିବସ

ଆଜିଠାରୁ ଫେବୃଆରୀ ୨୯ ପରମପ୍ରଭୁଙ୍କର ଦିବସ ହୋଇ ରହିବ ।

*

## ୧୯୬୦

## ୨୯ ଫେବୃଆରୀ, ୧୯୫୬

### ବୁଧବାର ଦିନ ହୋଇଥିବା ସମବେତ ଧ୍ୟାନ ସମୟରେ

ଦିବ୍ୟ ପରମ ଉପସ୍ଥିତି ଆଜି ସନ୍ଧ୍ୟାରେ ମୂର୍ତ୍ତି ଏବଂ ସ୍ଥୂଳରୂପ ଧାରଣ କରି ତୁମମାନଙ୍କ ଭିତରେ ଉପସ୍ଥିତ ରହିଥିଲା । ମୁଁ ଏହି ବିଶ୍ୱବ୍ରହ୍ମାଣ୍ଡଠାରୁ ଅଧିକ ବୃହତ୍ ଏକ ଜୀବନ୍ତ ସୁବର୍ଣ୍ଣର ରୂପ ଧାରଣ କରିଥିଲି ଏବଂ ମୋର ସମ୍ମୁଖରେ ଏକ ବୃହଦାକାର ମୋଟା କବାଟ ଛିଡ଼ାହୋଇ ରହିଥିଲା, ଯାହାକି ଏହି ପୃଥିବୀକୁ ଦିବ୍ୟ ପରମପ୍ରଭୁଙ୍କଠାରୁ ଅଲଗା କରି ରଖିଥିଲା ।

ସେହି କବାଟଟି ଆଡ଼କୁ ଅନାଇ ଦେଖୁଥିଲା ବେଳେ ସଚେତଥିବା ଚେତନାର କେବଳ ଗୋଟିଏମାତ୍ର ଗତିସ୍ପନ୍ଦନ ଦ୍ୱାରା ଫଳ୍ପ୍ରକଳିତ ହୋଇ ମୁଁ ଜାଣିଲି ଏବଂ ଇଚ୍ଛା କରିଥିଲି ଯେ "ଯଥାର୍ଥ ମୁହୂର୍ତ୍ତଟି ଆସି ଉପସ୍ଥିତ ହୋଇଛି" ଏବଂ ନିଜର ଦୁଇହାତରେ ଏକ ବିଶାଳ ସ୍ୱର୍ଣ୍ଣନିର୍ମିତ ହାତୁଡ଼ି ଉଠାଇ ମୁଁ ସେହି ଦ୍ୱାର ଉପରେ ଆଘାତ କରିଥିଲି । ସେହି ଗୋଟିଏ ଆଘାତରେହିଁ ତାହା ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଇଥିଲା ।

ତା'ପରେ ଅତିମାନସ ଆଲୋକ, ଶକ୍ତି ଏବଂ ଚେତନା ଅବାରିତ ଭାବରେ ପୃଥିବୀ ମଧ୍ୟକୁ ପ୍ରବାହିତ ହୋଇ ଆସିଥିଲା ।

୧୯୫୬ରେ ଲିଖିତ

*

'oaob.nitrkl.ac.in' images reprocessed

୧୯୭୮

କେବଳ ପରମସତ୍ୟହିଁ ପୃଥିବୀକୁ ଦିବ୍ୟ ପରମପ୍ରେମକୁ ଗ୍ରହଣ କରିବାର ଏବଂ ତାହାକୁ ବ୍ୟକ୍ତ କରି ପାରିବାର ଶକ୍ତି ପ୍ରଦାନ କରି ପାରିବ ।

*

୧୯୭୯

ଯେତେବେଳେ ଶରୀର-ମନର ଭୂମିରେ ଅତିମାନସର ପ୍ରକାଶ ଘଟିବ, କେବଳ ସେତିକବେଳେ ଯାଇ ଏହାର ଉପସ୍ଥିତି ପ୍ରକୃତରେ ସ୍ଥାୟୀ ହୋଇ-ପାରିବ ।

*

## ପଣ୍ଡିଚେରୀରେ ମାଆଙ୍କର ପ୍ରଥମ ଆଗମନ ଲାଗି ବାର୍ତ୍ତା*

### ୨୯ ମାର୍ଚ୍ଚ, ୧୯୧୪

୧୯୮୦

ଯଦି ମୋ'ଠାରେ ପୂର୍ଣ୍ଣ ଆନ୍ତରିକତା ରହିଥାଏ, ତେବେ ବାହାରକୁ ଭଲ ବୋଲି ଦେଖାଯିବା ଲାଗି ମୋର କୌଣସି ପ୍ରୟୋଜନ ନାହିଁ ।

*

୧୯୮୧

ତୁମେ ଯେ ଆଦୌ ଏକୁଟିଆ ନୁହଁ, ସେକଥା କଦାପି ଭୁଲି ଯିବ ନାହିଁ । ଦିବ୍ୟ ପରମସତ୍ତା ସତତ ତୁମ ସହିତ ରହିଛନ୍ତି, ତୁମକୁ ସାହାଯ୍ୟ କରୁଛନ୍ତି, ବାଟ-

* ପଣ୍ଡିଚେରୀକୁ ମାଆଙ୍କର ସର୍ବଶେଷ ଆଗମନ ଲାଗି ପ୍ରଦତ୍ତ ବାର୍ତ୍ତାଗୁଡ଼ିକ ଏହି ଖଣ୍ଡଟିରେ "ଦର୍ଶନଦିବସର ବାର୍ତ୍ତା" ଶୀର୍ଷକରେ ପ୍ରକାଶିତ ହୋଇଛି ।

'oaob.nitrkl.ac.in' images reprocessed

ଦେଖାଇ ନେଉଛନ୍ତି । ସିଏ ଏପରି ଜଣେ ସାଥୀ, ଯିଏକି କଦାପି ଧୋକା ଦିଅନ୍ତି ନାହିଁ; ସେଇ ଏକମାତ୍ର ସାଥୀ ଯାହାଙ୍କର ପ୍ରେମ ସାନ୍ତ୍ୱନା ଦିଏ, ବଳ ଦିଏ । ତୁମେ ବିଶ୍ୱାସ ରଖିଥାଅ ଏବଂ ସେ ତୁମ ଲାଗି ସବୁକିଛି କରିବେ ।

❋

୧୯୫୭

୨୯ ଫେବ୍ରୁଆରୀ—୨୯ ମାର୍ଚ୍ଚ

ହେ ପ୍ରଭୁ, ଆପଣ ଇଚ୍ଛା କରିଛନ୍ତି ଓ
ମୁଁ କାର୍ଯ୍ୟକାରୀ କରୁଛି :
ପୃଥିବୀ-ପୃଷ୍ଠରେ ଏକ ନୂତନ ଆଲୋକର ଆବିର୍ଭାବ ଘଟୁଛି ;
ଏକ ନୂତନ ଜଗତ୍ ଜନ୍ମଲାଭ କରୁଛି ।
ପ୍ରତିଶ୍ରୁତ ବସ୍ତୁଗୁଡ଼ିକ ଉପଲବ୍ଧ ହେବାରେ ଲାଗିଛନ୍ତି ।

❋

ଯଦି ତୁମେ ଏକ ବହିଃସ୍ତରସ୍ଥ ପରିବର୍ତ୍ତନ ଆବଶ୍ୟକ କରୁଥାଅ, ତେବେ ତାହାର ଅର୍ଥ ହେଉଛି ଯେ, ତୁମର ଅନ୍ତଃସ୍ତରରେ ଅଗ୍ରଗତି ହେଉ ନାହିଁ । କାରଣ, ଯିଏ ଅନ୍ତଃସ୍ତରରେ ଅଗ୍ରଗତି କରି ପାରୁଛି, ସିଏ ସର୍ବଦା ସେହି ସମାନ ବାହ୍ୟ ପରିସ୍ଥିତି ମଧ୍ୟରେ ଅବଶ୍ୟ ବାସ କରି ପାରିବ; ଏହି ପରିସ୍ଥିତିଗୁଡ଼ିକ ତା' ଲାଗି ସର୍ବଦା ନାନା ନୂତନ ସତ୍ୟର ଉଦ୍‌ଘାଟନ କରି ଦେଉଥିବେ ।

❋

୧୯୬୧

ଆମର ପଥ

ଏହି ପଥରେ ବାଟ ଚାଲିବାକୁ ହେଲେ ତୁମଠାରେ ଏକ ଅଦମ୍ୟ ସାହସ ଅବଶ୍ୟ ରହିଥିବ, ତୁମେ ଅବୌ କେବେହେଲେ ଭୟରୂପକ ଏହି ନୀଚ, କ୍ଷୁଦ୍ର,

'oaob.nitrkl.ac.in' images reprocessed

ଦୁର୍ବଳ ଏବଂ ଅଦୃଢ଼ର ପ୍ରବୃତ୍ତିଟି ଦ୍ୱାରା ପରାଭୂତ ହୋଇ ପଛଘୁଞ୍ଚା ଦେଇ ପଳାଇ ଆସୁ ନ ଥିବ ।

ଏକ ଅଦମ୍ୟ ସାହସ, ଏକ ପୂର୍ଣ୍ଣ ଆତ୍ମଶକ୍ତି, ଏପରି ଏକ ଆତ୍ମୋତ୍ସର୍ଗର ଭାବ ଯେ ତୁମେ ଆଦୌ କୌଣସି ଲାଭକ୍ଷତିର ହିସାବ କରୁ ନ ଥିବ କିଂବା ମୂଲ-ମୂଲି କରୁ ନ ଥିବ, ପ୍ରତିବଦଳରେ କିଛି ପାଇବାର ଭାବନା ରଖି ଆଦୌ କିଛି ଦେଉ ନ ଥିବ, ପ୍ରତିବଦଳରେ ତୁମେ ସୁରକ୍ଷିତ ହୋଇ ରହିବ ବୋଲି ଅଭିପ୍ରାୟ ରଖି ତୁମେ ନିଜକୁ କଦାପି ଦେଉ ନ ଥିବ, ତୁମର ବିଶ୍ୱାସ ଏପରି ହୋଇ ନ ଥିବ, ଯେଉଁଥି ପାଇଁ ନାନା ପ୍ରମାଣର ପ୍ରୟୋଜନ ରହିଥିବ — ଏହି ପଥରେ ଅଗ୍ରଗତି କରିବାକୁ ହେଲେ ଏହା ଅପରିହାର୍ଯ୍ୟ — ଏହାହିଁ ତୁମକୁ ଯାବତୀୟ ବିପଦରୁ ଆଶ୍ରୟ ଦେଇ ରଖିବା ଲାଗି ସମର୍ଥ ହେବ ।

*

## ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ-ଆଗମନ ଲାଗି ବାର୍ତ୍ତା

### ୪ ଏପ୍ରିଲ, ୧୯୧୦

୧୯୫୦

ତୁମେ ନିଷ୍ଠାପର ହେବ, ସତତ ନିଷ୍ଠାପର ରହିବ, ଅଧିକରୁ ଅଧିକ ନିଷ୍ଠାପର ହେବାରେ ଲାଗିଥିବ ।

ପ୍ରତ୍ୟେକ ବ୍ୟକ୍ତିଠାରୁ ନିଷ୍ଠାପରତା ଏହି ଦାବି କରିଥାଏ ଯେ, ତା'ର ଭାବନାରେ, ଅନୁଭବରେ, ଅବବୋଧ ତଥା କାର୍ଯ୍ୟଗୁଡ଼ିକରେ ସିଏ ନିଜ ସତ୍ତାର କେନ୍ଦ୍ରସ୍ଥ ସତ୍ୟଟି ବ୍ୟତୀତ ଆଉ ଅନ୍ୟକିଛି ଆଦୌ ବ୍ୟକ୍ତ କରୁ ନ ଥିବ ।

*


୧୯୫୧

ପୃଥିବୀ ଉପରେ ଏକ ନୂତନ ଆଲୋକ ଆବିର୍ଭୂତ ହେବ, ଏକ ନୂତନ ଜଗତ ଜନ୍ମଲାଭ କରିବ : ପ୍ରତିଶ୍ରୁତ ବସ୍ତୁଗୁଡ଼ିକ ଅବଶ୍ୟ ଉପଲବ୍ଧ ହେବେ ।

*

'oaob.nitrkl.ac.in' images reprocessed

୧୯୫୮



ତଳକୁ ଅବତରଣ କରି ରହିଥିବା ତ୍ରିଭୂଜଟି ସତ୍-ଚିତ୍-ଆନନ୍ଦର ପ୍ରତିନିଧିତ୍ୱ କରୁଛି ।

ଊର୍ଦ୍ଧ୍ୱମୁଖ ହୋଇ ରହିଥିବା ତ୍ରିଭୂଜଟି ପ୍ରାଣ, ଆଲୋକ ଏବଂ ପ୍ରେମ ରୂପେ ଜଡ଼ର ସ୍ତରରୁ ଅଭୀପ୍ସା ରୂପୀ ଉତ୍ତରଟିର ପ୍ରତିନିଧିତ୍ୱ କରୁଛି ।

ଦୁଇଟିଯାକର ମିଳନ ସ୍ଥଳ — ମଝିରେ ଥିବା ବର୍ଗକ୍ଷେତ୍ରଟି — ହେଉଛି ପରିପୂର୍ଣ୍ଣ ଅଭିବ୍ୟକ୍ତିର ସଙ୍କେତ, — ତାହାର କେନ୍ଦ୍ରରେ ସର୍ବୋଚ୍ଚ ପରମସତ୍ତାଙ୍କର ଅବତାର ପଦ୍ମଟି ଦ୍ୱାରା ସୂଚିତ ହୋଇଛି ।

ବର୍ଗକ୍ଷେତ୍ର ମଧ୍ୟରେ ରହିଥିବା ଜଳ ଅନେକତ୍ୱର-ସୃଜନର-ପ୍ରତିନିଧିତ୍ୱ କରୁଛି ।

✽

୧୯୭୨

ଭୌତିକ ଓ ସ୍ଥୂଳ ସ୍ତରରେ, ଏହି ପୃଥିବୀରେ, କୃତଜ୍ଞତା ପ୍ରକାଶ କରିବାର ମାଧ୍ୟମରେହିଁ ଆମେ ଶୁଦ୍ଧତମ ଆନନ୍ଦର ଉତ୍ସକୁ ସନ୍ଧାନ କରିପାରିବା ।

✽

## ପୂଜାର ବାର୍ତ୍ତାଚୟ

### ଲକ୍ଷ୍ମୀ-ପୂଜା, ୧୯୫୫

ଦିବ୍ୟ ଜନନୀ, ଆପଣ ଆମରି ସହିତହିଁ ରହିଛନ୍ତି, ଆପଣ ପ୍ରତ୍ୟେକ ଦିନହିଁ ଆମକୁ ଯଥାର୍ଥ ନିର୍ଭରଟିକୁ ଦେଇ ଯାଉଛନ୍ତି, ଏବଂ ଏକ ତଦାତ୍ମକତା ମଧ୍ୟରେ

'oaob.nitrkl.ac.in' images reprocessed

ଏଭଳି ଘନିଷ୍ଠ ଭାବରେ ସମ୍ମିଳିତ ହୋଇ ରହିଛନ୍ତି ଯାହାକି ଅଧିକରୁ ଅଧିକ ସମ୍ପୂର୍ଣ୍ଣ ଏବଂ ସଚେତ ହେବାରେ ଲାଗିଛି ; ସେହି ନୂତନ ଆଲୋକର ଲାଗି ଏକ ମହାନ୍ ଅଭୀପ୍ସା ସହିତ ଆମେ ବିଶ୍ୱର ଅଜ୍ଞାତ ହୋଇ ରହିଥିବା ସେହି ବିଶ୍ୱପ୍ରଭୁ ଏବଂ ସେହି ପରମ ତତ୍ତ୍ୱର ଅଭିମୁଖରେ ଅଗ୍ରସର ହେଉଛୁ ।

୩୧ ଅକ୍ଟୋବର ୧୯୫୫

❋

## କାଳୀ-ପୂଜା, ୧୯୫୫

### ଖାଲ୍‌ଦେଆର ଏକ ପୁରାତନ କିମ୍ବଦନ୍ତୀ

ଅତିପ୍ରାଚୀନ କାଳରେ, ଏବେ ଆରବ ବୋଲି କୁହାଯାଉଥିବା ସେହି ଶୁଷ୍କ ଭୂଖଣ୍ଡରେ ପୃଥିବୀ ମଧ୍ୟରେ ସର୍ବୋଚ୍ଚ ପ୍ରେମର ସଞ୍ଚରଣ ଘଟାଇବା ନିମନ୍ତେ ସେଠାରେ ଏକ ଦିବ୍ୟ ସତ୍ତାଙ୍କର ଆବିର୍ଭାବ ଘଟିଥିଲା । ଯାହା ପୂର୍ବରୁହିଁ ପ୍ରତ୍ୟାଶା କରାଯାଉଥିଲା, ମନୁଷ୍ୟମାନେ ତାଙ୍କୁ ଉତ୍ପୀଡ଼ିତ କଲେ, ଭୁଲ୍ ବୁଝିଲେ, ସନ୍ଦେହ କଲେ ଏବଂ ତାଙ୍କର ଅନୁଧାବନ କଲେ । ଆକ୍ରମଣକାରୀ ମାନଙ୍କ ଦ୍ୱାରା ପ୍ରାଣାନ୍ତକ ଭାବରେ ଆଘାତ ପାଇ ସିଏ ଆପଣାର କାର୍ଯ୍ୟଟିକୁ ସମ୍ପାଦନ କରିପାରିବେ ବୋଲି କୌଣସି ନିର୍ଜନ ସ୍ଥାନରେ କୋଳାହଳ ଶୂନ୍ୟ ଭାବରେ ନିଜର ମୃତ୍ୟୁ ବରଣ କରିବେ ବୋଲି ଇଚ୍ଛା କରୁଥିଲେ । ମାତ୍ର, ଲୋକମାନେ ତାଙ୍କର ଅନୁଧାବନ କରୁଥିବାରୁ ସେ ପଳାଇ ଯିବାରେ ଲାଗିଥିଲେ । ହଠାତ୍, ସେହି ବିସ୍ତୃତ ମରୁଖଣ୍ଡ ମଧ୍ୟରେ ଏକ କ୍ଷୁଦ୍ର ଡାଳିମ୍ବ ଗଛର ଆବିର୍ଭାବ ଘଟିଲା । ପରିତ୍ରାତା ଶାନ୍ତିରେ ଶରୀରତ୍ୟାଗ କରିବେ ବୋଲି ସେହି ଗଛର ତଳକୁ ଓହଳି ପଡ଼ିଥିବା ଡାଳଗୁଡ଼ିକ ମଧ୍ୟକୁ ପଶି ଯାଇଥିଲେ ଏବଂ ସତେଅବା ଏକ ଅଲୌକିକ ଘଟଣା ଘଟୁଥିବା ଭଳି ବୃକ୍ଷଟି ପ୍ରସାରିତ ହୋଇଯିବାକୁ ଲାଗିଲା । ତାହା ଅଧିକ ଉଚ୍ଚ ହୋଇଗଲା, ଗହଳ ଓ ଝଙ୍କାଳିଆ ହେବାକୁ ଲାଗିଲା ଏବଂ ତେଣୁ ଯେତେବେଳେ ଅନୁଧାବନକାରୀମାନେ ସେହି ବାଟ ଦେଇ ଚାଲିଗଲେ, ସେତେବେଳେ ସେମାନେ ସନ୍ଦେହ ବି କରିପାରିଲେ ନାହିଁ ଯେ ସେମାନେ ଖୋଜୁଥିବା ବ୍ୟକ୍ତିଜଣକ ସେହିଠାରେ ଲୁଚି ରହିଥିଲେ । ସେମାନେ ନିଜ ବାଟରେ ଚାଲିଗଲେ ।

ପବିତ୍ର ରକ୍ତ ବିନ୍ଦୁ ବିନ୍ଦୁ ହୋଇ ପତିତ ହେଲା ଏବଂ ସେଠାରେ ଥିବା ମୃତ୍ତିକାକୁ ଉର୍ବର କରିଦେଲା । ଗଛଟି ଚମତ୍କାର ପୁଷ୍ପରେ ପୂର୍ଣ୍ଣ ହୋଇ ଉଠିଲା —

'oaob.nitrkl.ac.in' images reprocessed

ବଡ଼ ବଡ଼ ଲୋହିତ ରଙ୍ଗର ଫୁଲ, ପାଖୁଡ଼ାରେ ଭର୍ତ୍ତି ହୋଇ ରହିଥାଏ । ଅଗଣିତ ରକ୍ତବିନ୍ଦୁ ପରି ପ୍ରତୀତ ହେଉଥାଏ ।

ଏହି ପାଖୁଡ଼ା ଗୁଡ଼ିକହିଁ ଆମ ଲାଗି ଦିବ୍ୟ ପରମସତ୍ତାଙ୍କର ପ୍ରେମକୁ ଧାରଣ କରିଛି ଏବଂ ତାହାକୁ ଅଭିବ୍ୟକ୍ତ କରି ଆଣୁଛି ।

୧୪ ନଭେମ୍ବର ୧୯୫୫

*

## ଦୁର୍ଗାପୂଜା ୧୯୫୭

## ମହାଷ୍ଟମୀ

ଶ୍ରୀଅରବିନ୍ଦଙ୍କ ପ୍ରତି ଆମର କୃତଜ୍ଞତା ପ୍ରକାଶ କରିବା ନିମନ୍ତେ ତାଙ୍କର ଶିକ୍ଷାବଳୀର ଜଣେ ଜଣେ ଜୀବନ୍ତ ଦୃଷ୍ଟାନ୍ତ ହେବା ଅପେକ୍ଷା ଆମେ ଅଧିକ ଉପଯୁକ୍ତ ଆଉ କ'ଣ କରି ପାରିବା ?

୩୦ ସେପ୍‌ଟେମ୍ବର ୧୯୫୭

*

## ଦୁର୍ଗାପୂଜା ୧୯୫୭

## ବିଜୟା ଦଶମୀ

ଯେଉଁ ବ୍ୟକ୍ତିମାନେ କେବଳ ନିଜର ଭୌତିକ ଚକ୍ଷୁ ସାହାଯ୍ୟରେ ଦେଖନ୍ତି, ସେମାନଙ୍କ ଲାଗି ବିଜୟ ସମ୍ପୂର୍ଣ୍ଣ ଏବଂ ମୂର୍ତ୍ତ ହେଲେ ଯାଇ ସେମାନେ ତାହାକୁ ଦେଖିବାକୁ ପାଇବେ ।

୨ ଅକ୍ଟୋବର ୧୯୫୭

***

## ପ୍ରଜାତନ୍ତ୍ରଗୁଡିକ ବିଷୟରେ ମନ୍ତବ୍ୟ

## (ଦୁର୍ଗାପୂଜା, ୧୯୬୩, ବିଜୟା ଦଶମୀ)

ଆଜି ଦିନଟି ଯଥାର୍ଥରେ ଏକ ବିଜୟର ଦିନ ହୋଇ ରହିଥିଲା,—

'oaob.nitrkl.ac.in' images reprocessed

ଯାହାକିଛୁ ଏପର୍ଯ୍ୟନ୍ତ ଜଡ଼ଚେତନା ମଧ୍ୟରେ ମନୁଷ୍ୟତ୍ୱଗ୍ରସ୍ତ ହୋଇ ରହିଥିଲା, ସେହିଗୁଡ଼ିକ ଉପରେ ବିଜୟ ହାସଲ କରିବାର ଗୋଟିଏ ଦିନ ।

ହେ ପରମା ପ୍ରକୃତି, ମୁଁ ଆପଣଙ୍କ ପାଖକୁ ଶକ୍ତି ଓ ଆଲୋକ, ସତ୍ୟ ଏବଂ ବଳ ବହନ କରି ଆଣିଛି । ଆପଣ ସେଗୁଡ଼ିକୁ ଗ୍ରହଣ କରିବେ, କାମରେ ଲଗାଇବେ । ମନୁଷ୍ୟରୂପୀ ଆପଣଙ୍କର ଏହି ସୃଜନଟି ମଧ୍ୟରେ ଆପଣହିଁ ଗ୍ରହଣଶୀଳ ହୋଇ ରହିବେ ଏବଂ ତା' ବୋଧର ଦ୍ୱାରଗୁଡ଼ିକୁ ଖୋଲିଦେବେ । ଆପଣହିଁ ତାକୁ ଅଗ୍ରଗତି ଲାଗି ଶକ୍ତି ଦେବେ, ରୂପାନ୍ତରିତ ହେବାର ଇଚ୍ଛା ଆଣିଦେବେ । ଏବଂ, ସର୍ବୋପରି, ଆପଣହିଁ ତାକୁ ସେହି ମହାନ୍ ଉପସ୍ଥିତିଟିକୁ ଗ୍ରହଣ କରିବା ଲାଗି ଏବଂ ପରମ ଉପଲବ୍ଧି ପାଇଁ ଅଭୀପ୍ସା ପୋଷଣ କରିବା ଲାଗି ପ୍ରେରିତ କରି ନେଇଯିବେ ।

୧୮ ଅକ୍ଟୋବର ୧୯୫୩

*

(ଦୁର୍ଗାପୂଜା, ୧୯୫୪, ବିଜୟା ଦଶମୀ)

ଆଜି ବିଜୟା ଦଶମୀ; ଏହା ଅଜ୍ଞାନ ଓ ମିଥ୍ୟା ଉପରେ ପରମ ଚିତ୍-ସତ୍ତାରହିଁ ଏକ ଯଥାର୍ଥ ବିଜୟ ହୋଇ ରହୁ ।

୭ ଅକ୍ଟୋବର ୧୯୫୪

*

(ଦୁର୍ଗାପୂଜା, ୧୯୫୫, ବିଜୟା ଦଶମୀ)

ଧ୍ୟାନ ସମୟରେ ମୁଁ ସଂଗୃହୀତ କରିଥିବା ଅନୁଭୂତିର ଶାବ୍ଦିକ ପ୍ରକାଶ ।

ଦୁର୍ଗାଙ୍କର ଏହି ବାର୍ଷିକ ସମର ଓ ବିଜୟ-ଦିନଟି ବିଶ୍ୱପ୍ରଗତି ନିମିତ୍ତ ପର୍ଯ୍ୟାୟ-ଅନୁକ୍ରମରେ ଏକ ନୂତନ ପ୍ରେରଣା ଯୋଗାଇ ଦେଇଯାଉଥିବା ସେହି ସର୍ବୋଚ୍ଚ ଦିବ୍ୟ ପରମଚେତନାଙ୍କର ଛନ୍ଦୋମୟ ହସ୍ତକ୍ଷେପର ପ୍ରତୀକ ହୋଇ ରହିଛି ।

୨୭ ଅକ୍ଟୋବର ୧୯୫୫

*

'oaob.nitrkl.ac.in' images reprocessed

(୧୯୫୭ ମସିହା ଦୁର୍ଗାପୂଜାର ବିଜୟା ଦଶମୀ ଲାଗି ପ୍ରଦତ୍ତ ବାର୍ତ୍ତାରେ କୁହା ଯାଇଥିବା "ବିଜୟ" ସମ୍ବନ୍ଧରେ)

ମାତ୍ର ତାହାର ଅର୍ଥ ନୁହେଁ ଯେ ତାହା ତତ୍ତ୍ୱତଃ ଏପର୍ଯ୍ୟନ୍ତ ଉପଲବ୍ଧ ହୋଇ ନାହିଁ ।

୨ ଅକ୍ଟୋବର ୧୯୫୭

✻

(କାଳୀପୂଜା, ୧୯୫୯)

ଆମର ଯେଉଁମାନଙ୍କର ଏକ ଉତ୍ତୋଳନକାରୀ ଆଦର୍ଶ ରହିଛି, ଆମେ ସମସ୍ତେ ଏକତାବଦ୍ଧ ହେବା ; ଏବଂ ସେହି ଏକତା ମଧ୍ୟରେ ଓ ଏକତା ସାହାଯ୍ୟରେ ଆମେ ଅନ୍ଧକାର ତଥା ବିନାଶର ଯାବତୀୟ ପ୍ରତିରୋଧକାରୀ ଶକ୍ତିର ଆକ୍ରମଣର ସମ୍ମୁଖୀନ ହେବା, ସେଗୁଡ଼ିକୁ ଅତିକ୍ରମ କରିଯିବା । ଏକତାରେହିଁ ବଳ ରହିଛି, ଏକତାରେହିଁ ଶକ୍ତି ରହିଛି, ଏକତା ମଧ୍ୟରେହିଁ ସୁନିଶ୍ଚିତ ବିଜୟ ନିହିତ ହୋଇ ରହିଛି ।

ଆଜି ମାଆ କାଳୀ ତୁମ ସହିତ ଉପସ୍ଥିତ ରହିଥିବେ ।

୩୧ ଅକ୍ଟୋବର ୧୯୫୯

✻

## ଖ୍ରୀଷ୍ଟପର୍ବର ବାର୍ତ୍ତାବଳୀ*

୧୯୫୯

ଖ୍ରୀଷ୍ଟୋତ୍ସବ
ଅନେକ ଆଶୀର୍ବାଦ

✻

* ମାଆ ଖ୍ରୀଷ୍ଟ ପର୍ବକୁ ପରମ ଆଲୋକର ପ୍ରତ୍ୟାବର୍ତ୍ତନ ଉଦ୍ଦେଶ୍ୟରେ ପାଳିତ ହେଉଥିବା ପର୍ବରୂପେ ନାମିତ କରିଥିଲେ ।

'oaob.nitrkl.ac.in' images reprocessed

୧୯୬୦

ଶୁଭ ଖ୍ରୀଷ୍ଟୋତ୍ସବ

ଅନେକ ଆଶୀର୍ବାଦ

*

୧୯୬୧

ସମସ୍ତଙ୍କୁ ଶୁଭ ଖ୍ରୀଷ୍ଟୋତ୍ସବ

ସମସ୍ତଙ୍କ ଲାଗି ପରମକରୁଣାର ଅନେକ ଆଶୀର୍ବାଦ ସହିତ ।

*

୧୯୬୨

ଏହି ନୂତନ ଆଲୋକ ତୁମର ଯାବତୀୟ ଭାବନା ତଥା ଜୀବନକୁ ସନ୍ଦୀପିତ କରୁ, ତୁମ ହୃଦୟର ଶାସନ କରୁ ଏବଂ କର୍ମକୁ ପରିଚାଳିତ କରୁ ।

ଅନେକ ଆଶୀର୍ବାଦ ।

*

୧୯୬୩

ଆନନ୍ଦମୟ ଖ୍ରୀଷ୍ଟୋତ୍ସବ

ସେହି ମହାନ୍ ଆଲୋକକୁ ନିଜ ଭିତରକୁ ପ୍ରବିଷ୍ଟ କରିବାକୁ ଦେଇ ଆମେ ତାହାର ଉତ୍ସବ ପାଳନ କରିବା ।

*

୧୯୬୪

ଯଦି ତୁମେ ପୃଥିବୀରେ ଶାନ୍ତିର ପ୍ରତିଷ୍ଠା ହେଉ ବୋଲି ଇଚ୍ଛା କରୁଛ, ତେବେ ପ୍ରଥମେ ନିଜ ଭିତରେ ଶାନ୍ତିର ପ୍ରତିଷ୍ଠା କର ।

'oaob.nitrkl.ac.in' images reprocessed

ଯଦି ପୃଥିବୀ ସହିତ ଏକତ୍ୱ ଇଚ୍ଛା କରୁଥାଅ, ତେବେ ପ୍ରଥମେ ନିଜ ସତ୍ତାର ବିଭିନ୍ନ ଭାଗଗୁଡ଼ିକୁ ଏକତ୍ର କରିଆଣ ।

ଅନେକ ଆଶୀର୍ବାଦ ।

*

୧୯୭୫

ସମସ୍ତଙ୍କ ପାଇଁ ଶୁଭ ଖ୍ରୀଷ୍ଟୋତ୍ସବ ।

*

୧୯୭୬

ପରମ ଶାନ୍ତି ଓ ପରମ ଆନନ୍ଦ ମଧ୍ୟରେ,

ସମସ୍ତଙ୍କ ଲାଗି ଶୁଭ ଖ୍ରୀଷ୍ଟୋତ୍ସବ ।

ଏହି ନୂତନ ଖ୍ରୀଷ୍ଟଜନ୍ମୋତ୍ସବ ତୁମ ଲାଗି ଏକ ଉଚ୍ଚତର ଓ ଶୁଦ୍ଧତର ନୂତନ ଆଲୋକର ଆଗମନରହିଁ ଅବସର ହୋଇ ରହୁ ।

*

୧୯୭୭

ପୃଥିବୀପୃଷ୍ଠରେ ଏକତା ଏବଂ ସଦ୍‌ଭାବନାର ପ୍ରତିଷ୍ଠା ହେଉ ।

ବାହ୍ୟ ଉତ୍ସବ ପାଳନର ରୁଢ଼ିବଦ୍ଧତା ପଛରେ ଏକ ଜୀବନ୍ତ ପ୍ରତୀକ ଅବସ୍ଥିତ ରହିଛି; ଆମେ ଏହି ପ୍ରତୀକଟିରହିଁ ସ୍ମରଣ କରିବା ।

ସମସ୍ତଙ୍କ ସକାଶେ ଶାନ୍ତି ଓ ସଦିଚ୍ଛା ।

ଅତୀତର ଯାବତୀୟ ଅଭ୍ୟାସ ଏବଂ ବିଶ୍ୱାସ କ୍ଷେତ୍ରରେ କେଉଁଠି ଏକ କ୍ରମଭଙ୍ଗ ଘଟାଇ ନ ପାରିଥିବା ପର୍ଯ୍ୟନ୍ତ ଭବିଷ୍ୟ ଆଡ଼କୁ ସତ୍ୱର ଭାବରେ ଅଗ୍ରଗତି କରିବାର ଆଶା ଅତ୍ୟନ୍ତ କ୍ଷୀଣ ହୋଇ ରହିଥିବ ।

*

'oaob.nitrkl.ac.in' images reprocessed

୧୯୬୮

ପରମ ସତ୍ୟଙ୍କୁହିଁ ଭଲ ପାଅ ।
ତୁମର ଚେତନା ମଧ୍ୟରେ ସେହି ଆଲୋକର ଉଦୟ ଘଟୁ ।
ସମସ୍ତଙ୍କ ପାଇଁ ଅନେକ ଆଶୀର୍ବାଦ ।

✻

୧୯୬୯

ଜନ୍ମ ଉ ନୂତନ ଆଲୋକ ।
ସକଳ ହୃଦୟରେ ତାହା ଅଭିବୃଦ୍ଧି ଲାଭକରୁ ।
ଅନେକ ଆଶୀର୍ବାଦ ।

✻

୧୯୭୦

ଶୁଭ ଖ୍ରୀଷ୍ଟୋତ୍ସବ

✻

୧୯୭୧

ମିଥ୍ୟାର ରାଜତ୍ୱର ଅବସାନ ଘଟିବାର ସମୟ ଆସି ପହଞ୍ଚିଲାଣି ।
କେବଳ ସେହି ପରମସତ୍ୟରେହିଁ ମୁକ୍ତି ନିହିତ ରହିଛି ।
ଆପଣାର ସକଳ ଆନ୍ତରିକତା ଦେଇ କିଏ ସହଯୋଗ କରିବ ?

⁂

'oaob.nitrkl.ac.in' images reprocessed

ପିତା ଖ୍ରୀଷ୍ଟମାସ୍,

ମୁଁ ଆଜି ତୁମର ଆବାହନ କରୁଛି !

ତୁମେ ଆମ ଆହ୍ୱାନର ଜବାବ ଦିଅ । ନିଜର ଯାବତୀୟ ଚମତ୍କାରିତାପୂର୍ଣ୍ଣ ଉପହାର ସହିତ ତୁମେ ଆମ ପାଖକୁ ଆସ । ତୁମେହିଁ ଯାବତୀୟ ପାର୍ଥିବ ସମ୍ପତ୍ତିର ମହାନ୍ ବିଧାତା । ତୁମେହିଁ ସେହି ବନ୍ଧୁ, ଯିଏ କି ସକଳ ଯାଚଣ୍ଡାକୁ ଶୁଣନ୍ତି ଓ ଉଦାର ଭାବରେ ଦାନ କରନ୍ତି, ମାତ୍ର କଦାପି ଶ୍ରାନ୍ତ ହୁଅନ୍ତି ନାହିଁ । ତୁମେ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଅଭିଳଷିତ ବସ୍ତୁ ଆଣିଦିଅ, ଏବଂ, ମୋ ନିଜ ବିଷୟରେ ମୁଁ ଏତିକି କହିବି ଯେ, ତୁମେ ମୋତେ ପର୍ଯ୍ୟାପ୍ତ ଭାବରେ ଦିଅ, ମୋତେ ଅଧିକ ପରିମାଣରେ ଦିଅ, ଯେପରି କି ମୁଁ ମଧ୍ୟ ମୁକ୍ତହସ୍ତ ହୋଇ ସମସ୍ତଙ୍କୁ ଦେଇପାରିବି ।

*

(ଯୀଶୁ ଜନ୍ମକାଳରେ ତିନି ଭବିଷ୍ୟବକ୍ତା ତାଙ୍କୁ ଆଣି ଦେଇଥିବା ଉପହାରଗୁଡ଼ିକର ତାତ୍ପର୍ଯ୍ୟ ସମ୍ବନ୍ଧରେ)

ସୁବର୍ଣ୍ଣ : ପାର୍ଥିବ ସମ୍ପତ୍ତି ଏବଂ ଅତିମାନସ ଜ୍ଞାନ ।

ଧୂପଚୂର୍ଣ୍ଣ : ପ୍ରାଣିକର ଶୁଦ୍ଧୀକରଣ ।

କସ୍ତୁରୀ : ଶରୀରର ଅବିନାଶୀକରଣ ।

*

## ଜନ୍ମ ଦିନର ବାର୍ତ୍ତାମାନ*

ମୋ'ର ପ୍ରିୟ ସନ୍ତାନ, ମୋ'ର ସ୍ନେହ ଏବଂ ଆଶୀର୍ବାଦ ଏହି ବର୍ଷସାରା ତୁମ ସହିତ ରହିବ । ଦିବ୍ୟ ଲକ୍ଷ୍ୟ ଅଭିମୁଖରେ ତୁମର ଯାତ୍ରା ପଥରେ ଗୋଟିଏ ଅଧିକ ପାଦ ଆଗକୁ ପକାଇବାରେ ସେଗୁଡ଼ିକ ତୁମକୁ ସାହାଯ୍ୟ କରନ୍ତୁ ।

*

* ମାଆ ସେବକମାନଙ୍କ ପାଖକୁ ସେମାନଙ୍କର ଜନ୍ମଦିନରେ ପଠାଉଥିବା ଅଗଣିତ ସଂକ୍ଷିପ୍ତ

'oaob.nitrkl.ac.in' images reprocessed

ଏହି ବର୍ଷଟି ଅଗ୍ରଗତି ଏବଂ ରୂପାନ୍ତରର ଗୋଟିଏ ବର୍ଷ ହୋଇ ରହୁ । ଦିବ୍ୟ ପରମ ଉପଲବ୍ଧି ଆଡ଼କୁ ଅଗ୍ରସର ହେବାର ମାର୍ଗରେ ଏହା ଆଉ ଗୋଟିଏ ଅଧିକ ସୋପାନ ହୋଇ ରହୁ ।

୨ ଫେବୃଆରୀ ୧୯୩୦

*

ଏହି ବର୍ଷଟି ତୁମ ପାଇଁ ପୂର୍ଣ୍ଣ ଉନ୍ମୋଚନ ଏବଂ ଯାବତୀୟ ସୀମାକୁ ଭାଙ୍ଗି ଦେବାର ଏକ ବର୍ଷ ହୋଇ ରହୁ ।

୨ ଫେବୃଆରୀ ୧୯୪୩

*

ଏହି ବର୍ଷଟି ତୁମ ଲାଗି ଯଥାର୍ଥ ବିଶ୍ୱାସକୁ ବହନ କରି ଆଣୁ—ଏପରି ଏକ ବିଶ୍ୱାସ, ଯାହାକୁ କି କୌଣସି ଅନ୍ଧକାର ମ୍ଳାନ କରିଦେଇ ପାରିବ ନାହିଁ ।

୨ ଫେବୃଆରୀ ୧୯୪୪

*

ତୁମର ଏହି ଜନ୍ମଦିନ ତୁମ ଲାଗି ସେହି ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଆପଣାକୁ କିଞ୍ଚିତ୍ ଅଧିକ ପରିମାଣରେ ଓ କିଞ୍ଚିତ୍ ଅଧିକ ଭଲ ଭାବରେ ଦେଇ ପାରିବାର ଏକ ଅବସର ହୋଇ ରହୁ । ତୁମର ଆତ୍ମୋତ୍ସର୍ଗ ଅଧିକ ସମ୍ପୂର୍ଣ୍ଣ ହେଉ, ତୁମର ଭକ୍ତି ଅଧିକ ଉଦ୍ଦୀପ୍ତ ହେଉ, ତୁମର ଅଭୀପ୍ସା ଅଧିକ ପ୍ରଗାଢ଼ ହେଉ ।

ତୁମେ ନୂତନ ଆଲୋକ ଲାଗି ଆପଣାକୁ ଉନ୍ମିଳିତ କରି ରଖ ଏବଂ ଆପଣାର ମାର୍ଗରେ ଏକ ଆନନ୍ଦମୟ ପାଦ ପକାଇ ଆଗକୁ ଚାଲ ।

ତୁମେ ଆଜି ଏକ ସଙ୍କଳ୍ପ ଗ୍ରହଣ କର, ଯେପରିକି ଆଜି ଦିନଟି ପ୍ରକୃତରେ ଠିକ୍ ଏହିପରି ହୋଇ ରହିବ ଏବଂ କଦାପି ବ୍ୟର୍ଥ ଭାବରେ ଅତିବାହିତ ହୋଇ ଯିବ ନାହିଁ ।

*

ବାର୍ତ୍ତା ମଧ୍ୟରୁ ଏଠାରେ କେତୋଟି ପ୍ରଦତ୍ତ ହୋଇଛି । ଏହି ଅବସରଟିକୁ ମାଆ "ବନ୍ ଫେତ୍" ବୋଲି କହୁଥିଲେ ।

'oaob.nitrkl.ac.in' images reprocessed

ଏକ କ୍ଷୁଦ୍ର ଦାନାପ୍ରମାଣ ଅଭ୍ୟାସ ନାନା ତତ୍ତ୍ୱର ଯେକୌଣସି ଅତ୍ୟୁଚ୍ଚ ପର୍ବତଠାରୁ ଅଧିକ ମୂଲ୍ୟବାନ୍ ।

“ହେ ପ୍ରଭୁ, ମୋ’ ଜନ୍ମର ଏହି ବାର୍ଷିକ ଅବସରଟିରେ ଆପଣ ଏଥିକି ବିଧାନ କରନ୍ତୁ, ଯେପରିକି ମୋ’ ଭିତରେ ଜାଣିବାର ଯାବତୀୟ ସାମର୍ଥ୍ୟ ମୋ’ ନିଜକୁ ସଂପୂର୍ଣ୍ଣ ଭାବରେ ରୂପାନ୍ତରିତ କରି ପାରିବାର ଏକ ଶକ୍ତିରେ ପରିଣତ ହୋଇ ଯାଉ ।”

*

ଏକ ବନ୍‌ଫେତ୍ !

ଏହାକୁ ଏକ ନୂତନ ଜନ୍ମ ବୋଲି ମଧ୍ୟ କୁହାଯାଇ ପାରିବ; ଏପରି ଏକ ନୂତନ ଚେତନା ମଧ୍ୟକୁ ନବଜନ୍ମ, ଯାହା ମଧ୍ୟରେ ଅବସ୍ଥିତ ରହି ତୁମେ ଯାବତୀୟ କ୍ଷୁଦ୍ର ବ୍ୟକ୍ତିଗତ ପ୍ରତିକ୍ରିୟାରୁ ଊର୍ଦ୍ଧ୍ୱରେ ରହି ପାରିବ, କାରଣ ତୁମେ ନିଜ ହୃଦୟ ଭିତରେ ଦିବ୍ୟ ପରମସତ୍ତାଙ୍କ ଉପସ୍ଥିତିକୁ ସତତ ଅନୁଭବ କରିବାକୁ ଆରମ୍ଭ କରିବ । ସକଳ ବାଧା, ସକଳ କ୍ଷୁଦ୍ରତା ଏବଂ ସକଳ ଅସୁବିଧାକୁ ଅତିକ୍ରମ କରି ଯିବା ପାଇଁ ଏହା ତୁମକୁ ଶକ୍ତି ଆଣି ଦେଉ ।

ମୋ’ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

୮ ଜାନୁଆରି ୧୯୭୩

*

ଆମେ ଏହି ଦିବସଟିରେ ସତ୍ୟର ବିଜୟ ଆଡ଼କୁ ଏକ ମୀମାଂସକ ପଦକ୍ଷେପ ଗ୍ରହଣ କରିବାଲାଗି ନିଷ୍ପତ୍ତି କରିଥାଉ ।

ଅତିକ୍ରାନ୍ତ ହୋଇ ଯାଉଥିବା ପ୍ରତ୍ୟେକ ବର୍ଷ ଏକ ନୂତନ ବିଜୟ ହୋଇ ପାରିବା ଉଚିତ । ତାହା ସର୍ବଥା ତାହାହିଁ ହୋଇ ରହିଥାଏ ।

ତାଙ୍କର ପରମ ବିଜୟ ଲାଗି ତୁମେ ଏହି ବର୍ଷ ଏକ ମୀମାଂସକ ପଦକ୍ଷେପ ଗ୍ରହଣ କର ।

୧୩ ଜାନୁଆରି ୧୯୭୩

*

'oaob.nitrkl.ac.in' images reprocessed

ତୁମ ଲାଗି ଆଜ ଯେଉଁ ନୂଆ ବର୍ଷଟି ଆରମ୍ଭ ହେଉଛି, ତୁମେ ସେଇଠି ଠାରୁ ଏକ ନୂତନ ଜୀବନ ଆରମ୍ଭ କରିବ ; ଯାହାକିଛି ବିକୃତ କରି ପକାଉଛି, କ୍ଷୁଦ୍ର କରି ରଖୁଛି, ଅନ୍ଧକାର ମଧ୍ୟରେ ଆଚ୍ଛନ୍ନ ରଖି ପରିଶେଷରେ ତୁମର ଅଗ୍ରଗତିକୁ ବନ୍ଦ କରି ଦେଉଛି ଏବଂ ତୁମର ସ୍ୱାସ୍ଥ୍ୟରେ ହାନି ଘଟାଉଛି, ତୁମର ଚେତନା ଏବଂ କାର୍ଯ୍ୟ ମଧ୍ୟରୁ ତାହାକୁ ତଡ଼ି, ବାହାର କରିଦେବା ଲାଗି ତୁମେ ନୂତନ କରି ସଙ୍କଳ୍ପ ଗ୍ରହଣ କର ।

ଅନ୍ତର୍ଗତ ଅଭିବୃଦ୍ଧି ଏବଂ ଶୁଦ୍ଧୀକରଣ ଲାଗି ତୁମର ଏହି ପ୍ରୟାସରେ ମୋ'ର ଶକ୍ତି ଓ ଆଶୀର୍ବାଦ ଯେ ତୁମକୁ ଅତୁଟ ରଖିଥିବ ଏବଂ ସାହାଯ୍ୟ କରୁଥିବ, ତୁମେ ସେହି ବିଷୟରେ ସୁନିଶ୍ଚିତ ରହି ପାରିବ ।

୨୭ ଜାନୁଆରୀ ୧୯୭୩

*

ବନ୍ ଫେତ୍ !

ଏହି ନୂତନ ବର୍ଷଟି ଆନ୍ତରିକତା, ଶକ୍ତି ଏବଂ ଶାନ୍ତିର ଏକ ପରିବେଶ ମଧ୍ୟରେ ତୁମର କର୍ମ ତଥା ଉତ୍ସର୍ଗକୁ ପରିପୂର୍ଣ୍ଣତା ଆଣି ଦେବାରେ ଅଗ୍ରଗତିରହିଁ ଏକ ବର୍ଷ ହୋଇ ରହିଥାଉ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

୧୭ ଜାନୁଆରୀ ୧୯୭୪

*

ବନ୍ ଫେତ୍ !

ପରିପୂର୍ଣ୍ଣ ଆତ୍ମୋତ୍ସର୍ଗ ଏବଂ ଶ୍ରଦ୍ଧା ଓ ଶାନ୍ତି ମଧ୍ୟରେ ସମ୍ପୂର୍ଣ୍ଣ ଅଗ୍ରଗତିର ଗୋଟିଏ ବର୍ଷ ଲାଗି ମୋ'ର ଅନେକ ଆଶୀର୍ବାଦ ସହିତ ।

୧୭ ଜାନୁଆରୀ ୧୯୭୫

*

ବନ୍ ଫେତ୍ !

ନୀରବ ସହନଶୀଳତା ମଧ୍ୟରେ ଓ ଶାଶ୍ୱତ ପ୍ରେମର ସହାୟତା ପ୍ରାପ୍ତ କରି ବିଜୟ ଅଭିମୁଖରେ ଆଗକୁ ଆଉ ଗୋଟିଏ ପାଦ ।

୧୩ ଜାନୁଆରୀ ୧୯୭୭

*

'oaob.nitrkl.ac.in' images reprocessed

ବନ୍ ଫେଟ୍ !

ପରମ ଶାନ୍ତି, ପ୍ରେମ ଓ ଆନନ୍ଦ ମଧ୍ୟରେ ସେହି ପରମ ଉପଲବ୍ଧି ଆଡ଼କୁ ପରଗ୍ଭଳିତ କରି ନେଉଥିବା ଆଲୋକିତ ପଥ ଉପରେ ଅଧିକ ଆଉ ଗୋଟିଏ ପାଦକୁ ଚିହ୍ନିତ କରି ରଖିବା ପାଇଁ ।

୧୩ ଜାନୁଆରୀ ୧୯୭୨

✻

ବନ୍ ଫେଟ୍ !

ସହଯୋଗମୟ ଏକ ଜୀବନ ଲାଗି ମୋ'ର ଅନେକ ସ୍ନେହ ଏବଂ ଶାନ୍ତି ତଥା ପ୍ରେମ ମଧ୍ୟରେ ଏହି ସୁଖମୟ ସହଯୋଗ ଯେପରି ଆହୁରି ଅଧିକ କାଳ ପର୍ଯ୍ୟନ୍ତ ଅବିଚ୍ଛିନ୍ନ ହୋଇ ରହିବ, ସେଥିଲାଗି ମୋ'ର ଅନେକ ଆଶୀର୍ବାଦ ।

୧୩ ଜାନୁଆରୀ ୧୯୭୧

✻

ବନ୍ ଫେଟ୍ !

ମୋ'ର ଅନେକ ସ୍ନେହ, ଅନେକ ବିଶ୍ୱାସ ଏବଂ ରୂପାନ୍ତର ଲାଗି ଅନେକ ଆଶୀର୍ବାଦ ସହିତ । ପରମ ଉପଲବ୍ଧି ଆଡ଼କୁ ସତତ ଅଗ୍ରସର ହୋଇ ଯାଉଥାଅ ।

୧୩ ଜାନୁଆରୀ ୧୯୭୩

✻

## କେନ୍ଦ୍ର ତଥା ସଂଗଠନଗୁଡ଼ିକ ଲାଗି ବାର୍ତ୍ତା

### (ଏକ ଅଧ୍ୟୟନ-ଗୋଷ୍ଠୀ ନିମନ୍ତେ ପ୍ରସ୍ତାବିତ କାର୍ଯ୍ୟକ୍ରମ)

୧. ପ୍ରାର୍ଥନା

(ଶ୍ରୀମା ଶ୍ରୀଅରବିନ୍ଦ, ମା'ଆ—ଆପଣମାନଙ୍କର ଶିକ୍ଷାକୁ ବୁଝିବା ଲାଗି ଆମର ପ୍ରୟାସରେ ଆପଣମାନେ ଆମକୁ ସାହାଯ୍ୟ କରନ୍ତୁ ।)

୨. ଶ୍ରୀଅରବିନ୍ଦଙ୍କ ଲିଖିତ ଗ୍ରନ୍ଥର ଅଧ୍ୟୟନ

୩. କେତେକ ମୁହୂର୍ତ୍ତ ଧ୍ୟାନ

'oaob.nitrkl.ac.in' images reprocessed

୪. ଯାହା ପଠିତ ହେଲା, ଯିଏ ଇଚ୍ଛା କରିବେ, ସେହି ବିଷୟରେ ପ୍ରଶ୍ନ କରି ପାରିବେ । ମାତ୍ର ସର୍ବମୋଟ୍ କେବଳ ଗୋଟିଏ ପ୍ରଶ୍ନ ପଚରାଯିବ ।

୫. ପ୍ରଶ୍ନଟିର ଉତ୍ତର

୬. କୌଣସି ସାଧାରଣ ଆଲୋଚନା କରାହେବ ନାହିଁ ।

ଏହାକୁ କୌଣସି ଏକ ଗୋଷ୍ଠୀର ବୈଠକ ବୋଲି ବୁଝାଯିବ ନାହିଁ । ଶ୍ରୀଅରବିନ୍ଦଙ୍କ ରଚନାଗୁଡ଼ିକୁ ପଢ଼ିବା ଲାଗି ଉଦ୍ଦିଷ୍ଟ କେବଳ ଏକ ଶ୍ରେଣୀ ବୋଲି ବୁଝାଯିବ ।

୩୧ ଅକ୍ଟୋବର ୧୯୪୨

*

ମୁଁ 'କ'ଙ୍କର ଚିଠିଗୁଡ଼ିକୁ ପାଠ କରିଛି ଏବଂ ତୁମେ ତାଙ୍କୁ ଏହିସବୁ କଥା ଯାଇ କହିବ ବୋଲି ଇଚ୍ଛା କରୁଛି ଯେ :

୧. ମୁଁ ଭାବୁଛି ଆରମ୍ଭରୁହିଁ ଅତ୍ୟଧିକ ଅର୍ଥ ବ୍ୟୟ ନ କରି ଏହି ଚକ୍ରଟିକୁ ଆରମ୍ଭ କରିବା ଅଧିକ ଭଲ ହେବ, ଯେପରି କି ଅର୍ଥର ସମସ୍ୟା ସବାଆଗରେ ଆସି ଅସୁବିଧା ସୃଷ୍ଟି କରିବ ନାହିଁ । ପରେ, ଯେତେବେଳେ ଚକ୍ରଟି ସଫଳ ଭାବରେ ଚାଲିଲା ବୋଲି ସ୍ପଷ୍ଟ ହୋଇଯିବ, ସେତେବେଳେ ଯାଇ ଅଧିକ ଖର୍ଚ୍ଚ କରି ତାହାକୁ ଗୋଟିଏ ଭଲ ଜାଗାକୁ ଉଠାଇ ନିଆଯାଇ ପାରିବ ।

୨. ସଭ୍ୟମାନଙ୍କ ପାଇଁ ଦଶଟଙ୍କା ବାର୍ଷିକ ଚାନ୍ଦା ରଖାଯାଇ ପାରିବ, ମାତ୍ର ମୋ'ର ପ୍ରସ୍ତାବ ହେଉଛି ଯେ, ଯିଏ କେହି ଅଧ୍ୟୟନ କରିବାକୁ ଆସିବାକୁ ଇଚ୍ଛା କରିବେ ଓ ଶ୍ରୀଅରବିନ୍ଦଙ୍କ ରଚନାବଳୀ ପାଠ କରିବାକୁ ଚାହିଁବେ, ସେମାନେ ଚକ୍ରର ସଭ୍ୟ ନ ହୋଇ ମଧ୍ୟ ସେକଥା କରିପାରିବେ । ସେମାନଙ୍କୁ, ଉଦାହରଣ ସ୍ୱରୂପ, ମୋଟେ ଦୁଇଟଙ୍କା ଦେବାକୁ ପଡ଼ୁଥିବ ।

୩. ବହିସବୁ ବାହାରକୁ ନିଆ ନ ଗଲେ ଓ ଚକ୍ରର ହତାଭିତରୁ ବାହାରକୁ ନ ଗଲେ ଅଧିକ ଭଲ ହେବ ।

୪. ମୁଁ ଇଚ୍ଛା କରୁଛି ଯେ, ଏହି ବାର୍ଷିକ ଚାନ୍ଦା ବ୍ୟତୀତ ଏଠାକୁ ନିୟମିତ ଭାବରେ ଟଙ୍କା ପଠାଉଥିବା ବ୍ୟକ୍ତିମାନଙ୍କଠାରୁ ଆଉ ଅଧିକ ପଇସା ମଗାଯିବ ନାହିଁ । କାରଣ, ସେପରି ହେଲେ ସେମାନଙ୍କଠାରୁ ଅତ୍ୟଧିକ ଆଦାୟ କରିବା ପରି ହେବ ।

'oaob.nitrkl.ac.in' images reprocessed

୫. ଯେଉଁମାନଙ୍କ ସହିତ ତାଙ୍କର ପୂର୍ଣ୍ଣ ସହମତ ଥିବ ଓ ଯେଉଁମାନଙ୍କୁ ଶ୍ରୀଅରବିନ୍ଦ ଓ ମୁଁ ଏଠାରେ ଗ୍ରହଣ କରିଛୁ, କେବଳ ସେହିମାନଙ୍କ ବ୍ୟତୀତ ଅନ୍ୟ-ମାନଙ୍କୁ ନେଇ ସେ କୌଣସି କମିଟି ଗଠନ କରିବେ ନାହିଁ ।

୬. ଆମର ଲିଖିତ ସମ୍ମତି ବ୍ୟତୀତ ସେ ଆଦୌ କିଛି କରିବେ ନାହିଁ ଏବଂ ସମୟ ନଷ୍ଟ ନ ହେବା ଦୃଷ୍ଟିରୁ, ସିଏ ଯଦି ମୋତେ ଇଂରାଜୀରେ ଚିଠି ଲେଖିବେ ଏବଂ, ସିଏ କ'ଣସବୁ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି, ତାହା ସଂକ୍ଷିପ୍ତ ଭାବରେ ଜଣାଇ ପାରିବେ, ତେବେ ସେକଥା ଅଧିକ ଭଲ ହେବ ।

ପରିଶେଷରେ, ତୁମେ ତାଙ୍କ ପାଖକୁ ମୋର ଅନେକ ଆଶୀର୍ବାଦ କହି ପଠାଇବ; ଯେପରି ସେଠାରେ କୌଣସି କଳହ ନ ହୁଏ, ମନ୍ଦ ଭାବନା ଏବଂ ଭୁଲ୍ ବୁଝାମଣା ସୃଷ୍ଟି ନ ହୁଏ, ତାହା ଚେଷ୍ଟା କରିବା ଲାଗି ମୋର ପରାମର୍ଶ ତାଙ୍କୁ ଜଣାଇ ଦେବ ।

ଶେଷ କରିବା ଆଗରୁ ପଦେ କଥା :

କେବଳ ଅହଂକାରତା ହିଁ ଅନ୍ୟମାନଙ୍କଠାରେ ଅହଂକାରତା ଦେଖିଲେ ଆଚମ୍ଭିତ ହୋଇଯାଇଥାଏ ।

୫ ଅକ୍ଟୋବର ୧୯୪୩

*

(ଶ୍ରୀଅରବିନ୍ଦ ଦାର୍ଶନିକ ଚକ୍ର, ହଙ୍ଗ୍‌କଙ୍ଗ୍, ଲାଗି ପ୍ରେରିତ ବାର୍ତ୍ତା)

ପୂର୍ବ ଆକାଶରେ ଶାଶ୍ୱତ ପରମ ଆଲୋକର ଉଦୟ ହେଉ ।

୨୬ ଜୁନ୍ ୧୯୫୪

*

(ଶ୍ରୀଅରବିନ୍ଦ ଆଶ୍ରମ, ଦିଲ୍ଲୀ ଶାଖାର ଉଦ୍‌ଘାଟନ ଉପଲକ୍ଷେ ବାର୍ତ୍ତା ।)

'oaob.nitrkl.ac.in' images reprocessed

ଏହି ସ୍ଥାନ ଆପଣା ନାମର ଯୋଗ୍ୟ ହେଉ ଏବଂ ଶ୍ରୀଅରବିନ୍ଦଙ୍କର ଶିକ୍ଷା ତଥା ସନ୍ଦେଶର ଯଥାର୍ଥ ତାତ୍ପର୍ଯ୍ୟକୁ ପୃଥିବୀରେ ପ୍ରକାଶିତ କରୁ ।

ମୋର ଅନେକ ଆଶୀର୍ବାଦ ସହିତ ।

୧୬ ଫେବୃଆରୀ ୧୯୫୬

✽

ଶ୍ରୀଅରବିନ୍ଦ ଆଶ୍ରମ ଶାଖା ଦିଲ୍ଲୀଠାରେ ସେମାନେ ଏପରି ଜଣେ ଯୋଗ୍ୟ-ବ୍ୟକ୍ତିଙ୍କର ଆବଶ୍ୟକତା ତୀବ୍ର ଭାବରେ ଅନୁଭବ କରୁଛନ୍ତି, ଯିଏ କି ଶ୍ରୀଅରବିନ୍ଦଙ୍କର ଶିକ୍ଷା ବିଷୟରେ ବକ୍ତୃତା ଦେଇପାରିବେ ଏବଂ ଆଶ୍ରମ ବିଦ୍ୟାଳୟରେ ଉଚ୍ଚତର ଶିକ୍ଷାକ୍ରମଗୁଡ଼ିକର ସଂଗଠନ କରିପାରିବେ ।

ମୋର ପୂର୍ଣ୍ଣ ବିଶ୍ୱାସ ଯେ, ସେହି କାର୍ଯ୍ୟଟିକୁ କରିବା ଲାଗି ଆପଣ ହେଉଛନ୍ତି ସର୍ବୋତ୍ତମ ବ୍ୟକ୍ତି । ଶ୍ରୀଅରବିନ୍ଦଙ୍କର ରଚନାବଳୀ ବିଷୟରେ ଆପଣଙ୍କର ଅତ୍ୟନ୍ତ ସ୍ପଷ୍ଟ ଓ ଗଭୀର ପ୍ରବେଶ ରହିଛି ଏବଂ ଯୁଗପତ୍ ଭାବରେ ଆପଣ ଅତ୍ୟନ୍ତ ଆକର୍ଷକ ଓ ସୁବୋଧ ଭାବରେ ସେଗୁଡ଼ିକର ବ୍ୟାଖ୍ୟା ମଧ୍ୟ କରିପାରନ୍ତି ।

ଆପଣ ଏହି ପ୍ରସ୍ତାବରେ ରାଜି ଅଛନ୍ତି କି ନାହିଁ, ମୋତେ ଦୟାକରି ସେ କଥା ଜଣାଇବେ, ଯେପରିକି ସେହି ଦିଗରେ ଆବଶ୍ୟକ ବ୍ୟବସ୍ଥାମାନ କରାଯାଇ ପାରିବ ।

ମୁଁ ସମ୍ପୂର୍ଣ୍ଣ ନିଶ୍ଚିତ ଭାବରେ ଅନୁଭବ କରୁଛି ଯେ, ନିଜ ପରିବାର ସହିତ ଏତକ ସମସ୍ତ ରହି ଓ ବିଶ୍ରାମ ନେଇ ଆପଣ ପୂର୍ଣ୍ଣ ଉପକୃତ ହୋଇ ପାରିଛନ୍ତି, ଏବଂ ବର୍ତ୍ତମାନ ସମ୍ପୂର୍ଣ୍ଣ ସମର୍ଥ ହୋଇ ପାରିଛନ୍ତି ।

ସମସ୍ତଙ୍କ ଲାଗି ଅନେକ ଆଶୀର୍ବାଦ ଏବଂ ଆପଣଙ୍କ ଲାଗି ମୋର ସ୍ନେହ ।

୧୩ ଜୁନ୍ ୧୯୫୮

✽

ଆଶ୍ରମର ଦିଲ୍ଲୀ ଶାଖାରେ ଯେଉଁମାନେ କାର୍ଯ୍ୟ କରୁଛନ୍ତି ଓ ଶିକ୍ଷାଲାଭ କରୁଛନ୍ତି, ସେମାନଙ୍କ ସମସ୍ତଙ୍କ ଲାଗି ମୁଁ ମୋର ଅନେକ ଆଶୀର୍ବାଦ ପ୍ରେରଣ କରୁଛି ।

'oaob.nitrkl.ac.in' images reprocessed

ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ନିଜର କାର୍ଯ୍ୟ କରନ୍ତୁ,—ଫଳଗୁଡ଼ିକ ବିଷୟରେ ସକଳ ଦାୟିତ୍ୱ ପରମ ସର୍ବୋଚ୍ଚ ସତ୍ତାଙ୍କ ଉପରେ ଛାଡ଼ି ଦିଆଯାଇ ପାରିବ ।

୨୧ ଅଗଷ୍ଟ ୧୯୭୦

✱

(ଶ୍ରୀଅରବିନ୍ଦ ନିଳୟ, ଶାନ୍ତିନିକେତନର ଉଦ୍‌ଘାଟନ ଲାଗି ପ୍ରେରିତ ବାର୍ତ୍ତା ।)

ଗୋଟିଏ କେନ୍ଦ୍ର ଆରମ୍ଭ କରିଦେଲେହିଁ କଦାପି ଯଥେଷ୍ଟ ହେବ ନାହିଁ । ବରଂ ପରମସତ୍ତାଙ୍କ ପାଇଁ ସମଗ୍ର ସମର୍ପଣ ଭାବ ସହିତ ତାହାକୁ ପୂର୍ଣ୍ଣ ଆନ୍ତରିକତାର ଏକ ଶୁଦ୍ଧ ସଦନ ହୋଇ ରହିବାକୁ ହେବ ।

ଏହି ଆନ୍ତରିକତାର ଶିଖା ପୃଥିବୀର ଯାବତୀୟ ମିଥ୍ୟା ଏବଂ ପ୍ରତାରଣାର ଆହୁରି ଊର୍ଦ୍ଧ୍ୱକୁ ପ୍ରଜ୍ୱଳିତ ହୋଇଉଠୁ ।

ଅନେକ ଆଶୀର୍ବାଦ ସହିତ ।

୨୧ ଡିସେମ୍ବର ୧୯୭୨

✱

ଶ୍ରୀଅରବିନ୍ଦ କର୍ମଧାରା
ଓ
ଶ୍ରୀଅରବିନ୍ଦ ସୋସାଇଟି

ସମାନ ଭାବରେହିଁ ଆସନ୍ନ ଭବିଷ୍ୟତରେ ସତ୍ୟର ଅଭିବ୍ୟକ୍ତି ନିମନ୍ତେ କାର୍ଯ୍ୟ କରୁଛନ୍ତି; ଏବଂ, ଦୁଇଟିଯାକ ସଂସ୍ଥାକୁ ସମାନ ଭାବରେ ସାହାଯ୍ୟ କରିବାର ଅର୍ଥ ହେଉଛି ସେହି ଉପଲବ୍ଧି ଲାଗି କାର୍ଯ୍ୟ କରିବା ।

ଏବଂ, ସକଳ ସାହାଯ୍ୟ ତଥା ସଦିଚ୍ଛା ସହିତ ମୋର ଅନେକ ଆଶୀର୍ବାଦ ଅବଶ୍ୟ ରହିଛି ।

୨ ମଇ ୧୯୭୧

✱

'oaob.nitrkl.ac.in' images reprocessed

# ନାନା ଶିଳ୍ପ ଏବଂ କାରବାର ଲାଗି ବାର୍ତ୍ତା

## (ଶ୍ରୀଅରବିନ୍ଦ ଆଶ୍ରମ ଓ୍ୱାର୍କ୍‌ଶପ୍ ପାଇଁ ବାର୍ତ୍ତା)

କର୍ତ୍ତବ୍ୟନିଷ୍ଠ, ଭ୍ରମଶୂନ୍ୟ, ହସ୍ମିତ
ଅନେକ ଆଶୀର୍ବାଦ ।

*

## (ହାରପାଗନ୍ ଓ୍ୱାର୍କ୍‌ଶପ୍ ପାଇଁ ବାର୍ତ୍ତା)

ଏଠାରେ ଶାନ୍ତି ଓ ସଦିଚ୍ଛା ସର୍ବଦା ବିଦ୍ୟମାନ ଥାଉ ।
ମୋର ଅନେକ ଆଶୀର୍ବାଦ ସହିତ ।

୧୭ ସେପ୍‌ଟେମ୍ବର ୧୯୫୬

*

## (ନଭ ହୋରାଇଜନ୍ ସୁଗାର୍‌ମିଲ୍ ପାଇଁ ବାର୍ତ୍ତା)

ଏକ ସୁଖମୟ ପ୍ରାରମ୍ଭ
ଏକ ଉତ୍ତମ କାର୍ଯ୍ୟଧାରା
ଏବଂ ଶେଷ ବୋଲି କିଛି ନାହିଁ—
ଏକ ଅନ୍ତହୀନ ଉତ୍ତରୋତ୍ତର ଅଗ୍ରଗତି ।

୧୪ ମଇ ୧୯୫୭

*

## (ନଭ ହୋରାଇଜନ୍ ସୁଗାର୍‌ମିଲ୍‌ର ଆଧାରଶିଳାରେ ଖୋଦିତ ବାର୍ତ୍ତା)

ବିଶ୍ୱସ୍ତତାହିଁ ସଫଳତାର ସୁନିଶ୍ଚିତ ଆଧାର ।

୧୬ ଏପ୍ରିଲ ୧୯୫୯

*

'oaob.nitrkl.ac.in' images reprocessed

# ପ୍ରକୀର୍ଣ୍ଣ ବାର୍ତ୍ତାବଳୀ

(୧୯୭୦ ମସିହା ଡିସେମ୍ବର ୮ ତାରିଖ ଦିନ ଓଡ଼ିଶାର ଜୟପୁର ଠାରେ ଶ୍ରୀଅରବିନ୍ଦ - ଦେହାବଶେଷ ସ୍ଥାପନ ଲାଗି ପ୍ରଦତ୍ତ ବାର୍ତ୍ତା।)

ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଉଚ୍ଚତମ ଚେତନାହିଁ ଜୀବନର ନିୟନ୍ତ୍ରଣକର୍ତ୍ତ୍ରୀ ହୋଇ ରହିବା ଉଚିତ ।

ଅନେକ ଆଶୀର୍ବାଦ ।

❋

(ଶ୍ରୀଅରବିନ୍ଦ କର୍ମଧାରା ଦ୍ୱାରା ଆୟୋଜିତ ଏକ ଯୁବ ଶିବିରର ଉଦ୍‌ଘାଟନ ଲାଗି ବାର୍ତ୍ତା।)

ଆମର ଜୀବନ ପରମ ସତ୍ୟ ଲାଗି ରହିଥିବା ଶ୍ରଦ୍ଧା ଏବଂ ପରମ ଆଲୋକର ପିପାସା ଦ୍ୱାରା ପରିଚାଳିତ ହେଉଥିବା ଉଚିତ ।

ଅନେକ ଆଶୀର୍ବାଦ ।

୨୭ ସେପ୍‌ଟେମ୍ବର ୧୯୭୧

❋

(ଏକ ଗୃହର ଉଦ୍‌ଘାଟନ ଲାଗି ବାର୍ତ୍ତା।)

ଏହି ଗୃହ ଦିବ୍ୟ ପରମ ଉପଲବ୍ଧି ନିମନ୍ତେ ଏକ ଉଦ୍ଦୀପ୍ତ ଅଭୀପ୍‌ସା ଦ୍ୱାରା ପୂର୍ଣ୍ଣ ହୋଇ ରହୁ ଏବଂ, ସେହି ଆବାହନର ଉତ୍ତର ସ୍ୱରୂପ, ଦିବ୍ୟ ପରମ ଉପସ୍ଥିତି ସେଠାରେ ଅବଶ୍ୟ ବିଦ୍ୟମାନ ରହିବ ।

୭ ଅକ୍ଟୋବର ୧୯୫୮

'oaob.nitrkl.ac.in' images reprocessed

# ପ୍ରାର୍ଥନାବଳୀ

## ପ୍ରାର୍ଥନା ଓ ଦିବ୍ୟ ପରମସତ୍ତାଙ୍କ ଆବାହନ

ଆମର ସମସ୍ତ ଜୀବନ ଦିବ୍ୟ ପରମସତ୍ତାଙ୍କ ଲାଗି ଅର୍ପିତ ଏକ ପ୍ରାର୍ଥନାରେ ପରିଣତ ହୋଇ ରହିବା ଉଚିତ ।

*

ସମ୍ପୂର୍ଣ୍ଣ ପ୍ରାର୍ଥନା : ଦିବ୍ୟ ପରମସତ୍ତାଙ୍କ ଲାଗି ଉଦ୍ଦିଷ୍ଟ ଗୋଟିଏ ପ୍ରାର୍ଥନାରେହିଁ ସମଗ୍ର ସତ୍ତା ଅଭିନିବେଶିତ ହୋଇ ରହିଥିବ ।

*

ନିଦ ଭାଙ୍ଗିବା ସମୟରେ ତୁମେ କିଛି କ୍ଷଣ ନୀରବ ରହିବ ଓ ଆରମ୍ଭ ହେଉଥିବା ଦିନଟିକୁ ଦିବ୍ୟ ପରମସତ୍ତାଙ୍କୁ ଅର୍ପଣ କରିବ ; ତାଙ୍କୁ ତୁମେ ଯେପରି ଅନୁକ୍ଷଣ ତଥା ସକଳ ପରିସ୍ଥିତିରେ ସ୍ମରଣ ରଖି ପାରିବ, ସେଥିଲାଗି ପ୍ରାର୍ଥନା କରିବ ।

ଶୋଇବାକୁ ଯିବା ପୂର୍ବରୁ ମଧ୍ୟ ତୁମେ କେତେକ୍ଷଣ ଆପଣାକୁ ସଂକେନ୍ଦ୍ରିତ କରି ରଖିବ, ଅତିବାହିତ ହୋଇଥିବା ଦିନଟି ମଧ୍ୟକୁ ଦୃଷ୍ଟିପାତ କରିବ, କେତେବେଳେ ଓ କେଉଁଠାରେ ତୁମେ ଦିବ୍ୟ ପରମସତ୍ତାଙ୍କୁ ଭୁଲି ଯାଇଥିଲ, ସେକଥା ସ୍ମରଣ କରିବ ଏବଂ ଏହିସବୁ ବିସ୍ମରଣର ଯେପରି ପୁନରାବୃତ୍ତି ନ ହେବ, ସେଥିଲାଗି ପ୍ରାର୍ଥନା କରିବ ।

୩୧ ଅଗଷ୍ଟ ୧୯୫୩

*

'oaob.nitrkl.ac.in' images reprocessed

ପ୍ରତ୍ୟେକ ଦିନ ସକାଳେ ଶଯ୍ୟାତ୍ୟାଗ କରିବା ସମୟରେ ଆମେ ଏକ ସମ୍ପୂର୍ଣ୍ଣ ସମର୍ପଣ ଲାଗି ପ୍ରାର୍ଥନା କରିବା ।

୧୯ ଜୁନ୍ ୧୯୫୪

❋

ଦିବ୍ୟ କର୍ମର ଯେପରି ପୂର୍ଣ୍ଣ ସମ୍ପାଦନ ହୋଇପାରେ, ଆମେ ସେଥିଲାଗି ସମସ୍ତ ହୃଦୟ ଦେଇ ପ୍ରାର୍ଥନା କରିବା ।

❋

ନିଷ୍ଠାର ସହିତ କରାଯାଉଥିବା ସକଳ ପ୍ରାର୍ଥନା ଅବଶ୍ୟ ଫଳପ୍ରାପ୍ତ ହୁଏ, ମାତ୍ର ତାହାକୁ ସ୍ଥୂଳ ଭାବରେ ଉପଲବ୍ଧି କରିବାକୁ ହୁଏତ କିଛି ସମୟ ଲାଗିପାରେ ।

୨୮ ଜୁନ୍ ୧୯୫୪

❋

ନିଷ୍ଠାଯୁକ୍ତ ସକଳ ପ୍ରାର୍ଥନା ଫଳବତୀ ହୁଏ, ପ୍ରତ୍ୟେକ ଆବାହନର ଉତ୍ତର ମିଳେ ।

୨୧ ଜୁଲାଇ ୧୯୫୪

❋

ନିଷ୍ଠାପର ଆବାହନଗୁଡ଼ିକ ନିଶ୍ଚିତ ଭାବରେ ଶୁଣାଯାଏ ଓ ତାହାର ଏକ ଜବାବ ମିଳେ ।

❋

ଆମର ସର୍ବଦା ଅଭୀପ୍ସାର ଏକ ସ୍ଥିତିରେହିଁ ରହିବା ଉଚିତ; ମାତ୍ର ଯେତେବେଳେ ଅଭୀପ୍ସା କରି ନ ପାରିବା, ସେତେବେଳେ ଜଣେ ଶିଶୁର ସରଳତା ସହିତ ପ୍ରାର୍ଥନା କରିବା ଉଚିତ ।

୨୫ ଜୁଲାଇ ୧୯୫୪

❋

'oaob.nitrkl.ac.in' images reprocessed

ଆମେ ପ୍ରାର୍ଥନା କରିବା ଯେ ଦିବ୍ୟ ପରମସତ୍ତା ଆମକୁ ଅଧିକରୁ ଅଧିକ ଶିକ୍ଷା ପ୍ରଦାନ କରୁଥିବ, ଅଧିକରୁ ଅଧିକ ପରିମାଣରେ ସନ୍ଦୀପିତ କରୁଥିବ, ଆମର ଅଜ୍ଞାନକୁ ଅପସାରିତ କରିବ ଏବଂ ଆମର ମନକୁ ଆଲୋକିତ କରି ରଖିବ ।

୨ ନଭେମ୍ବର ୧୯୫୪

*

ଦିବ୍ୟ ପରମ କରୁଣାର ଉଦ୍ଦେଶ୍ୟରେ ଉଚ୍ଚାରିତ କୌଣସି ଉଦ୍ଦୀପ୍ତ ଏବଂ ନିଷ୍ଠାଯୁକ୍ତ ପ୍ରାର୍ଥନା କଦାପି ବ୍ୟର୍ଥ ହୁଏ ନାହିଁ ।

୧୯ ଡିସେମ୍ବର ୧୯୫୪

*

ସର୍ବୋଚ୍ଚ ପରମସତ୍ତା ଅର୍ଥାତ୍ ଦିବ୍ୟ ଜ୍ଞାନ ଏବଂ ପରିପୂର୍ଣ୍ଣ ଏକତ୍ୱ ; ଦିବସର ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ତାଙ୍କୁ ପ୍ରାର୍ଥନା କରିବା ଓ ଡାକିବା, ଯେପରିକି ତାଙ୍କର ବ୍ୟତୀତ ଆମେ କହିଲେ ଆଉ କୌଣସି ଅନ୍ୟ କଥାକୁ କଦାପି ବୁଝାଇବ ନାହିଁ ।

୨୦ ଡିସେମ୍ବର ୧୯୫୪

*

ଘୋର ନିରାଶା ଭିତରେ ଯେତେବେଳେ ଆମେ ଦିବ୍ୟ ପରମସତ୍ତାଙ୍କୁ ଯାଇ ବ୍ୟାକୁଳ ହୋଇ ଡାକିବା, ସେତେବେଳେ ସେ ଆମ ଡାକର ଅବଶ୍ୟ ଉତ୍ତର ଦିଅନ୍ତି ।

୨୧ ଡିସେମ୍ବର ୧୯୫୪

*

ଦିବ୍ୟ ପରମସତ୍ତାଙ୍କ ପାଖରେ ଆମେ ଏହି ପ୍ରାର୍ଥନା କରୁଛୁ ଯେ ସିଏ ଆମ କୃତଜ୍ଞତାର ଉଦ୍ଦୀପ୍ତ ଶିଖାକୁ ସ୍ୱୀକାର କରିବେ, ଆମର ଆନନ୍ଦମୟ ଓ ପୂର୍ଣ୍ଣ ବିଶ୍ୱାସଯୁକ୍ତ ନିଷ୍ଠାକୁ ଗ୍ରହଣ କରିନେବେ ।

୨୭ ଡିସେମ୍ବର ୧୯୫୪

*

'oaob.nitrkl.ac.in' images reproccessed

ଗୋଟିଏ ଚିଠିରେ ଶ୍ରୀଅରବିନ୍ଦ କହୁଛନ୍ତି :

"ଯଥାର୍ଥ ଭାବରେ ନିବେଦିତ ଯାବତୀୟ ପ୍ରାର୍ଥନା ଆମକୁ ଦିବ୍ୟ ପରମସତ୍ତାଙ୍କର ଅଧିକ ନିକଟକୁ ନେଇ-ଆସେ ଏବଂ ତାଙ୍କ ସହିତ ଯଥାର୍ଥ ସମ୍ବନ୍ଧ ସ୍ଥାପନ କରେ।"

ଏହି ଚିଠିରେ ଥିବା "ଯଥାର୍ଥ ଭାବରେ ନିବେଦିତ"ର ଅର୍ଥ କ'ଣ ? ଆପଣ ପ୍ରାଞ୍ଜଳ ଭାବରେ ବୁଝାଇ ଦେବେ କି ?

ବିନମ୍ରତା ସହିତ ଓ ଆନ୍ତରିକତା ସହିତ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୂଲ୍ୟବୃଦ୍ଧି କରିବାର ସକଳ ଭାବନାରେ କୌଣସି ଆନ୍ତରିକତା ନ ଥାଏ ଓ ତାହା ପ୍ରାର୍ଥନା ମଧ୍ୟରୁ ଯାବତୀୟ ମୂଲ୍ୟକୁ ଅପହରଣ କରି ନେଇଥାଏ ।

୮ ମଇ ୧୯୬୮

❋

ଯେଉଁମାନେ ନିଷ୍ଠାର ସହିତ ଦିବ୍ୟ ପରମସତ୍ତାଙ୍କୁ ଡାକନ୍ତି, ସେମାନଙ୍କ ଲାଗି ଆଉ କିଛି କଷ୍ଟକର ହୁଏ ନାହିଁ ।

୨୮ ଜାନୁଆରୀ ୧୯୬୩

❋

## ପ୍ରାର୍ଥନାବଳୀ

ରାଧାଙ୍କର ନୃତ୍ୟ ବିଷୟରେ ମୁଁ କାଲି ତୁମକୁ ଯାହା କହିଥିଲି, ତାହାକୁ ସଂପୂର୍ଣ୍ଣ କରି କହିବା ଉଦ୍ଦେଶ୍ୟରେ ମୁଁ ଏତକ ଟିପିକରି ଆଣିଛି । ସର୍ବଶେଷରେ କୃଷ୍ଣଙ୍କର ସମ୍ମୁଖରେ ଯାଇ ଠିଆହେବା ସମୟରେ ରାଧାଙ୍କ ଭିତରେ ଯେଉଁ ଭାବନା ଏବଂ ଅନୁଭବ ଅବଶ୍ୟ ରହିବ, ଏଥିରୁ ତାହାର ସୂଚନା ମିଳିବ :

'oaob.nitrkl.ac.in' images reprocessed

"ମୋ ମନର ପ୍ରତ୍ୟେକ ଭାବନା, ମୋ ହୃଦୟର ପ୍ରତ୍ୟେକଟି ଭାବ, ମୋ ସତ୍ତାର ପ୍ରତ୍ୟେକ ଗତିଶୀଳତା, ପ୍ରତ୍ୟେକ ଅନୁଭୂତି ଏବଂ ପ୍ରତ୍ୟେକ ଅବବୋଧ, ମୋ ଶରୀରର ପ୍ରତ୍ୟେକ କୋଷ, ମୋ ରକ୍ତର ପ୍ରତ୍ୟେକ ବିନ୍ଦୁ, — ସବୁ, ସବୁ କେବଳ ତୁମର, ସମ୍ପୂର୍ଣ୍ଣ ଭାବରେ ତୁମର, ଆଦୌ କୌଣସି ପ୍ରକାରେ ବ୍ୟତିକ୍ରମ ନ ରଖି ସମ୍ପୂର୍ଣ୍ଣ ଭାବରେ ତୁମର । ତୁମେହିଁ ମୋ ଲାଗି ଜୀବନ ଅଥବା ମୃତ୍ୟୁର ନିଷ୍ପତ୍ତି କରିବ । ମୋ ଲାଗି ସୁଖ ଅଥବା ଦୁଃଖର ନିଷ୍ପତ୍ତି କରିବ, ମୋର ସୁଖଭୋଗ ଅଥବା କଷ୍ଟଲାଭର ନିଷ୍ପତ୍ତି କରିବ । ମୋତେ ନେଇ ତୁମେ ଯାହାକିଛି କରିବ, ତୁମଠାରୁ ମୋ ପାଖକୁ ଯାହାକିଛି ଆସିବ, ତାହା ମୋତେ କେବଳ ସେହି ପରମ ଦିବ୍ୟ ଉଲ୍ଲାସମୟତା ଆଡ଼କୁହିଁ ପରିଚାଳିତ କରି ନେଇଯିବ ।

(୨ ଜାନୁଆରୀ ୧୯୩୨)

*

## ରାଧାଙ୍କର ପ୍ରାର୍ଥନା

ପ୍ରଥମ ଦର୍ଶନରେହିଁ ମୁଁ ଯାହାଙ୍କୁ ମୋ ସତ୍ତାର ପରମପ୍ରଭୁ ଓ ଈଶ୍ୱର ବୋଲି ଜାଣିଲି, ଆପଣ ମୋର ନିବେଦନ ଗ୍ରହଣ କରନ୍ତୁ ।

ମୋର ସକଳ ଭାବନା, ସକଳ ଭାବ, ମୋ ହୃଦୟର ସକଳ ଅନୁଭୂତି, ମୋର ସକଳ ଅବବୋଧ ଓ ମୋ ଜୀବନର ସକଳ ଗତିଶୀଳତା, ମୋ ଶରୀରର ପ୍ରତ୍ୟେକ କୋଷ ଓ ମୋର ରକ୍ତର ପ୍ରତ୍ୟେକ ବିନ୍ଦୁ, — ଏହି ସବୁକିଛି କେବଳ ତୁମର । ମୁଁ ସମ୍ପୂର୍ଣ୍ଣ ଏବଂ ଏକକ ଭାବରେ ତୁମର, ଆଦୌ କୌଣସି ବ୍ୟତିକ୍ରମ ନ ରଖିହିଁ ତୁମର । ତୁମେ ମୁଁ ଯାହା ହୁଏ ବୋଲି ଇଚ୍ଛା କରିବ, ମୁଁ ତାହାହିଁ ହେବ । ତୁମେ ମୋ ପାଇଁ ଜୀବନ ବା ମୃତ୍ୟୁ, ସୁଖ ବା ଦୁଃଖ, ସୁଖଭୋଗ ବା ଦୁଃଖଭୋଗ ଯାହା ବାଛିଦେବ, ତୁମ ପାଖରୁ ମୋ ଲାଗି ଯାହାକିଛି ଅଭିପ୍ରେତ ହୋଇ ଆସିବ, ତାହାକୁହିଁ ମୁଁ ବରଣ କରିନେବି । ତୁମେ ମୋ ଲାଗି ଯାହାକିଛି ପ୍ରଦାନ କରିବ, ତାହା ମୋ ଲାଗି ସର୍ବଦା ଏକ ଦିବ୍ୟ ଦାନ ହୋଇ ରହିବ ଏବଂ ତାହା ସହିତ ସର୍ବୋଚ୍ଚ ପରମ ଆନନ୍ଦକୁହିଁ ବହନ କରି ଆଣିଥିବ ।

(୩ ଜାନୁଆରୀ ୧୯୩୨)

*

'oaob.nitrkl.ac.in' images reprocessed

ହେ ପରମପ୍ରଭୁ, ତୁମେ ମୋତେ ସମ୍ପୂର୍ଣ୍ଣ ଭାବରେ ତୁମରହିଁ କରିନିଅ ।

*

ହେ ପରମପ୍ରଭୁ, ମୁଁ ସମ୍ପୂର୍ଣ୍ଣ ଭାବରେ ଓ ପୂର୍ଣ୍ଣ ନିଷ୍ଠାର ସହିତ ତୁମରି ହୋଇଯାଏ ।

*

ହେ ପ୍ରଭୁ, ମୋତେ ଏକ ପରିପୂର୍ଣ୍ଣ ନିଷ୍ଠା ଦିଅ ।

ହେ ପ୍ରଭୁ, ମୁଁ ସବୁଦିନ ଲାଗି ସମ୍ପୂର୍ଣ୍ଣ ଭାବରେ ତୁମରହିଁ ହୋଇଯାଏ ।

*

ସର୍ବୋଚ୍ଚ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ନିବେଦିତ ଅଭୀପ୍ସା :

ମୋ ଭିତରେ ଥିବା ସବୁକିଛି ସର୍ବଦା ତୁମର ସେବା ଲାଗି ଅଭିପ୍ରେତ ହୋଇ ରହିଥାଉ ।

*

ହେ ପରମପ୍ରଭୁ, ତୁମକୁ ଜାଣିବା ସକାଶେ ତୁମେ ମୋ ଭିତରେ ଏକ ଉଦ୍ଦୀପ୍ତ ଅଭିଳାଷ ଜାଗ୍ରତ୍ କରିଆଣ ।

ମୁଁ ଅଭୀପ୍ସା କରୁଛି, ଯେପରି ମୋର ଜୀବନ ତୁମର କାର୍ଯ୍ୟ ଲାଗି ଉତ୍ସର୍ଗୀକୃତ ହୋଇ ରହିଥାଉ ।

*

ମୁଁ ଯେପରି ଅନୁକ୍ଷଣ ତୁମର ଦିବ୍ୟ ପରିଚାଳନା ଦ୍ୱାରାହିଁ ପରିଚାଳିତ ହୁଏ । ନିଜର ଯଥାର୍ଥ ନିଯ୍ୟତି ସମ୍ବନ୍ଧରେ ମୁଁ ଯେପରି ସଜ୍ଞାନ ହୋଇ ରହେ ।

୧ ଜାନୁଆରୀ ୧୯୩୪

*

'oaob.nitrkl.ac.in' images reprocessed

ହେ ପରମପ୍ରଭୁ, ତୁମର ମାଧୁର୍ଯ୍ୟ ମୋର ଆତ୍ମାରେ ଆସି ପ୍ରବେଶ କରିଛି ଏବଂ ତୁମେ ମୋର ସମଗ୍ର ସତ୍ତାକୁ ଆନନ୍ଦରେ ପୂର୍ଣ୍ଣ କରି ରଖିଛ ।

୧୪ ଏପ୍ରିଲ ୧୯୩୭

✻

ମୋର ହୃଦୟ ଶାନ୍ତ ହୋଇ ରହିଛି, ମୋର ମନ ସକଳ ଅଧୀରତାରୁ ମୁକ୍ତ ହୋଇ ରହିଛି; ଏବଂ ଯାବତୀୟ ବସ୍ତୁରେ ମୁଁ ଏକ ଶିଶୁର ସ୍ମିତହାସ୍ୟଯୁକ୍ତ ବିଶ୍ୱାସ ସହିତ ତୁମର ଇଚ୍ଛା ଉପରେହିଁ ନିର୍ଭର କରି ରହିଛି ।

✻

ହେ ମୋର ପରମପ୍ରଭୁ, ପ୍ରତ୍ୟହ, ସକଳ ପରିସ୍ଥିତିରେ ମୁଁ ଯେପରି ହୃଦୟର ପରିପୂର୍ଣ୍ଣ ଆନ୍ତରିକତା ସହିତ 'ଏହି କଥାଟିରହିଁ ପୁନରାବୃତ୍ତି କରୁଥାଏ, "ମୋର ଇଚ୍ଛା ନୁହେଁ, କେବଳ ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ ।"

୫ ନଭେମ୍ବର ୧୯୪୧

✻

ପ୍ରଭୁ, ତୁମେ ମୋତେ ଯାହା କରିବା ଲାଗି ନିର୍ଦ୍ଦେଶ ଦେବ, ମୁଁ ମୋର ସକଳ ହୃଦୟ ଲଗାଇ ତାହାକୁ ସମ୍ପାଦନ କରିବାକୁ ଇଚ୍ଛା କରୁଛି ।

୫ ନଭେମ୍ବର ୧୯୫୩

✻

ହେ ମୋର ପରମପ୍ରଭୁ, ମୋତେ ଯାବତୀୟ ବୃଥାଦମ୍ଭରୁ ମୁକ୍ତ କର; ମୋତେ ବିନମ୍ର କର, ନିଷ୍ଠାଯୁକ୍ତ କର ।

୫ ନଭେମ୍ବର ୧୯୪୪

✻

ହେ ପ୍ରଭୁ, ଅତ୍ୟନ୍ତ ବିନୟ ସହିତ ମୁଁ ଏତିକି ପ୍ରାର୍ଥନା କରୁଛି, ଯେପରି ମୁଁ ସର୍ବଦା ମୋର ସକଳ ପ୍ରାଣକୁ ଦେଇ ଉଦ୍ୟମ କରୁଥିବି, ଚେତନ ହେଉ,

'oaob.nitrkl.ac.in' images reprocessed

ଅଥବା ଅଚେତନ ହେବ, ଯେପରିକି ମୋ ଭିତରେ ରହିଥିବା କିଛି ହେଲେ ବି ତୁମର ପବିତ୍ର କର୍ମସରଣୀରେ ନିୟୋଜିତ ହୋଇ ରହିବାରେ ଅସମର୍ଥ ହୋଇ ତୁମକୁ ପ୍ରତାରିତ ନ କରେ !

*

## ଏକ ଦୈନନ୍ଦିନ ପ୍ରାର୍ଥନା

ହେ ପ୍ରଭୁ, ମୋତେ ତୁମେ ସକଳ ଭୟ ତଥା ଦୁଶ୍ଚିନ୍ତା ମଧ୍ୟରୁ ମୁକ୍ତ କର ଯେପରିକି ମୋର ସକଳ ସାମର୍ଥ୍ୟ ଦେଇ ମୁଁ ସର୍ବଦା ତୁମରିହିଁ ସେବା କରିପାରେ ।

ଡିସେମ୍ବର ୧୯୪୮

*

ହେ ପ୍ରଭୁ, ତୁମେ ମୋତେ ଏକ ସମଗ୍ର ତଥା ପରିପୂର୍ଣ୍ଣ ଆନ୍ତରିକତାର ଶକ୍ତି ଦିଅ, ଯେପରିକି ମୁଁ ତୁମ ଉପଲବ୍ଧି ନିମନ୍ତେ ଉପଯୁକ୍ତ ହୋଇ ପାରିବି ।

୧୫ ଅଗଷ୍ଟ ୧୯୫୦

*

ହେ ମୋ'ର ହୃଦୟ, ପରମ ବିଜୟ ନିମନ୍ତେ ତୋତେ ଉପଯୁକ୍ତ ପରିମାଣରେ ବିଶାଳ ହେବାକୁ ପଡ଼ିବ ।

*

ମୋ'ର ହୃଦୟ ତୁମର ପରମ ବିଜୟ ଲାଭ ନିମନ୍ତେ ଯଥେଷ୍ଟ ପରିମାଣରେ ବିସ୍ତାରଯୁକ୍ତ ହୋଇ ପାରିବାର ଅଭୀପ୍ସା ରଖିଛି ।

*

'oaob.nitrkl.ac.in' images reprocessed

ମୁଁ ଅହଂଗତ ସକଳ ଦୁର୍ବଳତା ଏବଂ ଅଚେତନ ସକଳ କଷ୍ଟାସ୍ପନତାରୁ ମୁକ୍ତ ହେବା ଲାଗି ଅଭୀପ୍‌ସା ରଖିଛୁ ।

୩୧ ଡିସେମ୍ବର ୧୯୫୦

*

ହେ ପ୍ରଭୁ, ଆପଣ କରନ୍ତୁ ଯେପରିକ ମୁଁ ସକଳ ବସ୍ତୁକୁ ଅପରୋକ୍ଷ ଓ ବସ୍ତୁନିଷ୍ଠ ଭାବରେ ଦର୍ଶନ କରିପାରିବ ଓ ମୋ'ର ସକଳ କାର୍ଯ୍ୟ ସେପରି ତାହାର ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ରୂପାନ୍ତରିତ ହୋଇଯାଇ ପାରିବ ।

*

ହେ ପ୍ରଭୁ, ଆପଣ କରନ୍ତୁ ଯେପରିକ କୌଣସି ନିର୍ବୋଧତାକୁ ମୁଁ ଥରେ ଆଚରଣ କରି ସାରିବା ପରେ ଓ ନିର୍ବୋଧତା ବୋଲି ଜାଣି ସାରିବା ପରେ କଦାପି ତାହାର ପୁନରାବୃତ୍ତି କରିବ ନାହିଁ ।

*

ହେ ମୋ'ର ପ୍ରଭୁ, ଆପଣ ମୋତେ ଏହି ଶାନ୍ତ ପରମ ଆସ୍ଥାର ଶକ୍ତି ଦିଅନ୍ତୁ, ଯାହାକି ସକଳ ବାଧା ଓ ଅସୁବିଧାକୁ ଅତିକ୍ରମ କରିଯାଇ ପାରିବ ।

*

ମୋତେ ଏକ ଶାନ୍ତ ଆସ୍ଥା ଦିଅନ୍ତୁ, ଶାନ୍ତିମୟ ଶକ୍ତି ଦିଅନ୍ତୁ, ଏକ ଉଦ୍ଦୀପ୍ତ ବିଶ୍ୱାସ ଏବଂ ଭକ୍ତି ଦିଅନ୍ତୁ ।

*

ହେ ପ୍ରଭୁ, ଆପଣ କରନ୍ତୁ ଯେପରିକ ମୁଁ ସମ୍ପୂର୍ଣ୍ଣ ଭାବରେ ଚିରକାଳ ଲାଗି ଆପଣଙ୍କଠାରେହିଁ ବିଶ୍ୱାସ ସ୍ଥାପନ କରିପାରେ ।

*

'oaob.nitrkl.ac.in' images reprocessed

ହେ ପ୍ରଭୁ, ଆପଣ ମୋତେ ଏହି ପରମ କରୁଣା ପ୍ରଦାନ କରନ୍ତୁ, ଯେପରିକି ମୁଁ କଦାପି ଆପଣଙ୍କୁ ପାସୋରି ନ ଯିବି ।

ଡିସେମ୍ବର ୧୯୬୫

*

ହେ ମୋ'ର ପ୍ରଭୁ, ଆପଣ ଏହି ଚେତନାକୁ ସ୍ୱଚ୍ଛ ଏବଂ ସୁନିର୍ଦ୍ଦିଷ୍ଟ କରନ୍ତୁ, ଏହି ବାକ୍‌ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ ସତ୍ୟମୟ କରନ୍ତୁ, ଏହି ସମର୍ପଣକୁ ସମ୍ପୂର୍ଣ୍ଣ କରନ୍ତୁ, ଏହି ଶାନ୍ତିକୁ ଅବିଚ୍ଛିନ୍ନ କରନ୍ତୁ; ମୋର ସମୁଦାୟ ସତ୍ତାକୁ ଆଲୋକ ଏବଂ ପ୍ରେମର ଏକ ମହାସାଗରରେ ରୂପାନ୍ତରିତ କରି ଦିଅନ୍ତୁ ।

*

ଆପଣ ମୋତେ ସମ୍ପୂର୍ଣ୍ଣ ଭାବରେ ସ୍ୱଚ୍ଛ କରିଦିଅନ୍ତୁ, ଯେପରିକି ମୋ'ର ଚେତନା ଆପଣଙ୍କ ସହିତ ସଂଯୁକ୍ତ ହୋଇ ରହିପାରିବ ।

ଆପଣଙ୍କର ଚରଣ ତଳେ ମୁଁ ଏହି ଜଗତର ସକଳ ସମ୍ପଦକୁ ନେଇ ନିବେଦନ କରିଦେବାର ଅଭୀପ୍ସା ରଖିଛି ।

*

ହେ ପରମ ପ୍ରଭୁ, ଆପଣଙ୍କ ପାଖରେ ମୋର ପ୍ରାର୍ଥନା, ଆପଣ ମୋର ପାଦଗୁଡ଼ିକୁ ପରିଚାଳିତ କରି ନିଅନ୍ତୁ, ମୋର ମାନସଭୂମିକୁ ସନ୍ଦୀପିତ କରନ୍ତୁ, ଯେପରିକି ପ୍ରତ୍ୟେକ ମୁହୂର୍ତ୍ତରେ ଏବଂ ଯାବତୀୟ ବସ୍ତୁରେ, ମୁଁ ଯାହା କରେ ବୋଲି ଆପଣ ଇଚ୍ଛା କରୁଛନ୍ତି, ମୁଁ କେବଳ ତାହାହିଁ କରିବାକୁ ସମର୍ଥ ହେବି ।

୧୭ ଜାନୁଆରୀ ୧୯୬୭

*

ହେ ପ୍ରଭୁ, ଆପଣ ମୋତେ ପୂର୍ଣ୍ଣ ଆନ୍ତରିକତା ଦିଅନ୍ତୁ,—ସେହି ଆନ୍ତରିକତା ଦିଅନ୍ତୁ, ଯାହା କି ମୋତେ ସିଧା ଆପଣଙ୍କ ପାଖକୁ ବାଟ ଦେଖାଇ ନେଇଯିବ ।

ଅଗଷ୍ଟ ୧୯୬୭

*

'oaob.nitrkl.ac.in' images reprocessed

ହେ ପ୍ରଭୁ, ଆପଣ ମୋତେ ଆଶୀର୍ବାଦ ଦିଅନ୍ତୁ, ଯେପରି କି ମୁଁ ଅଧିକରୁ ଅଧିକ ନିଷ୍ଠାଯୁକ୍ତ ହୋଇ ପାରିବି ।

୧୮ ଜୁଲାଇ ୧୯୬୭

*

ହେ ପ୍ରଭୁ, ଆପଣ ମୋତେ ପ୍ରକୃତ ସୁଖ ଦିଅନ୍ତୁ, ସେହି ସୁଖ ଦିଅନ୍ତୁ, ଯାହା କି କେବଳ ଆପଣଙ୍କ ଉପରେ ନିର୍ଭର କରି ପାରୁଥିବ ।

*

୧୯୭୧ ପାଇଁ ପ୍ରାର୍ଥନା

ହେ ପ୍ରଭୁ, ମୁଁ ଯାହା ହୁଏ ବୋଲି ଆପଣ ଇଚ୍ଛା କରୁଛନ୍ତି, ମୁଁ ଯେପରି କେବଳ ତାହାହିଁ ହୁଏ ।

୫ ମାର୍ଚ୍ଚ ୧୯୭୧

*

ମୁଁ କେବଳ ଆପଣଙ୍କର । ଏବଂ ମୁଁ ଆପଣଙ୍କର ପରିଚୟ ଲାଭ କରିବାକୁ ଇଚ୍ଛା କରୁଛି, ଯେପରି କି, ମୁଁ ଯାହାକିଛି କରିବି, ତାହା ଯେପରି, ମୁଁ ଯାହା କରେ ବୋଲି ଆପଣ ଇଚ୍ଛା କରୁଛନ୍ତି, କେବଳ ତାହାହିଁ ହୋଇଥିବ ।

୨୪ ଜୁନ୍ ୧୯୭୨

*

ହେ କରୁଣାମୟ ପ୍ରଭୁ, ଆପଣ ମୋତେ ଆପଣଙ୍କର ମହାନ୍ କରୁଣାର ଯୋଗ୍ୟ କରନ୍ତୁ ।

୨୭ ଅକ୍ଟୋବର ୧୯୭୨

*

ସକାଳ ଓ ସନ୍ଧ୍ୟାର ପ୍ରାର୍ଥନା

ହେ ପ୍ରଭୁ, ମୁଁ ଆପଣଙ୍କର ହୋଇ ରହିବାକୁ ଇଚ୍ଛା କରୁଛି, ଆପଣଙ୍କର

'oaob.nitrkl.ac.in' images reprocessed

ଯୋଗ୍ୟ ହୋଇ ରହିବାକୁ ଇଚ୍ଛା କରୁଛୁ । ମୋତେ ଆପଣ ଆପଣଙ୍କର ଆଦର୍ଶ ସନ୍ତାନ ରୂପେ ଗଢ଼ିନିଅନ୍ତୁ ।

✻

## ସକାଳ

ହେ ମୋ'ର ପ୍ରଭୁ, ମୋ'ର ସ୍ନେହମୟୀ ଜନନୀ,

ମୁଁ ଯେପରି ତୁମରି ହୋଇ ରହେ, ପରିପୂର୍ଣ୍ଣ ଭାବରେ ତୁମରି ହୋ'ଇ ରହେ, ସମ୍ପୂର୍ଣ୍ଣ ଭାବରେ ତୁମରି ହୋଇ ରହିଥାଏ ।

ତୁମର ଶକ୍ତି, ତୁମରି ଆଲୋକ ଏବଂ ତୁମରି ପ୍ରେମ ମୋତେ ଯାବତୀୟ ମନ୍ଦର ହାତରୁ ସୁରକ୍ଷିତ ରଖିଥିବ ।

## ମଧ୍ୟାହ୍ନ

ହେ ମୋ'ର ପ୍ରଭୁ, ହେ ସ୍ନେହମୟୀ ଜନନୀ,

ମୁଁ ହେଉଛୁ କେବଳ ତୁମରି ଏବଂ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବରେ ତୁମରି ହୋଇ ରହିବା ଲାଗି ପ୍ରାର୍ଥନା କରୁଛୁ ।

## ରାତ୍ରି

ହେ ମୋ'ର ପ୍ରଭୁ, ହେ ସ୍ନେହମୟୀ ଜନନୀ,

ମୋ ସହିତ ଆପଣଙ୍କର ଶକ୍ତି, ଆପଣଙ୍କର ଆଲୋକ ଓ ଆପଣଙ୍କର ପ୍ରେମ ବିଦ୍ୟମାନ ରହିଛି । ଆପଣ ମୋତେ ସକଳ ପ୍ରମାଦରୁ ଅବଶ୍ୟ ରକ୍ଷା କରିବେ ।

✻

ହେ ସ୍ନେହମୟ ପ୍ରଭୁ, ସ୍ନେହମୟୀ ଜନନୀ,

ତୁମେ ମୋତେ ପ୍ରକୃତ ପ୍ରେମ ଦିଅ, ଯେଉଁ ପ୍ରେମ କି ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଏ ।

✻

'oaob.nitrkl.ac.in' images reprocessed

ହେ ମୋ'ର ପ୍ରଭୁ, ମୋ'ର ଜନନୀ,

ଆପଣାର ଆଶୀର୍ବାଦ ଏବଂ କରୁଣା ସହିତ ଆପଣ ସତତ ମୋ ପାଖରେ ରହିଛନ୍ତି ।

ଆପଣଙ୍କର ପରମ ଉପସ୍ଥିତି, ତାହାହିଁ ସର୍ବୋଚ୍ଚ ସୁରକ୍ଷା ।

*

ମନେ ରଖିଥାଅ ଯେ ମାଆ ସର୍ବଦା ତୁମ ସହିତ ଅଛନ୍ତି ।

ତାଙ୍କୁ ତୁମେ ଏହିପରି ଭାବରେ ପ୍ରାର୍ଥନା କରିବ ଓ ସେ ତୁମକୁ ସକଳ ବାଧା ଓ ପ୍ରମାଦ ମଧ୍ୟରୁ ବାହାର କରି ନେଇଯିବେ :

"ମାଆ, ଆପଣହିଁ ମୋ ବୁଦ୍ଧିର ଆଲୋକ, ମୋ ଆତ୍ମାର ଶୁଦ୍ଧତା, ମୋ' ପ୍ରାଣିକ ସତ୍ତାର ଶାନ୍ତ ବଳଯୁକ୍ତତା, ମୋ ଶରୀରର ସହନଶୀଳତା । ମୁଁ କେବଳ ତୁମଠାରେ ଆସ୍ଥା ରଖିଛି ଏବଂ ସମ୍ପୂର୍ଣ୍ଣ ଭାବରେ କେବଳ ତୁମର ହୋଇ ରହିବାକୁ ଇଚ୍ଛା କରୁଛି । ମୁଁ ଯେପରି ମୋ' ବାଟରେ ସକଳ ବାଧାକୁ ଅତିକ୍ରମ କରି ଯାଇ ପାରିବ ।"

ମୋ'ର ଜଣେ ସ୍ନେହମୟୀ କୁନି ମାଆ ଅଛନ୍ତି ।
ସିଏ ମୋ'ର ହୃଦୟ ଭିତରେ ବାସ କରୁଛନ୍ତି;
ଆମେ ଦୁହେଁ ଏକାଠି କେଡ଼େ ଖୁସିରେ ଅଛୁ ।
ଆମେ କଦାପି ପରସ୍ପରଠାରୁ ଅଲଗା ହୋଇଯିବୁ ନାହିଁ ।

*

ହେ ମୋର ପରମପ୍ରଭୁ, ଆଜି ରାତିରେ ଆପଣ ମୋତେ ଏହି ସର୍ବୋଚ୍ଚ ଜ୍ଞାନ ପ୍ରଦାନ କରିଛନ୍ତି ।

କେବଳ ଆପଣ ତାହାହିଁ ଇଚ୍ଛା କରିଛନ୍ତି ବୋଲି ଆମେ ଜୀବନ ଧାରଣ କରି ରହିଛୁ ।

କେବଳ ଆପଣଙ୍କର ଇଚ୍ଛା ହେଲେହିଁ ଆମେ ମରଣର ସମ୍ମୁଖୀନ ହେବୁ ।

୨ ମାର୍ଚ୍ଚ ୧୯୩୪

*

'oaob.nitrkl.ac.in' images reprocessed

କେବଳ ଆପଣ ଯାହା ଇଚ୍ଛା କରନ୍ତି, ସତତ ତଥା ସକଳ ପରିସ୍ଥିତିରେ ତାହାହିଁ ଇଚ୍ଛା କରିବା, — ଏକ ଅବିଚଳିତ ଶାନ୍ତିମୟତା ଭୋଗ କରିବା ଲାଗି ତାହାହିଁ ଏକମାତ୍ର ପଥ ।

*

ହେ ପ୍ରଭୁ, ଆପଣ ଆମକୁ ପ୍ରକୃତ ସୁଖ ଦିଅନ୍ତୁ ; ସେହି ସୁଖ ଦିଅନ୍ତୁ, ଯାହାକି କେବଳ ଆପଣଙ୍କ ଉପରେ ନିର୍ଭର କରି ରହିଥାଏ ।

୧୯୪୦

*

ହେ ପ୍ରଭୁ, ଆପଣ ଆମକୁ ସେହି ଅଦମ୍ୟ ସାହସ ଦିଅନ୍ତୁ, ଯାହାକି ଆପଣଙ୍କଠାରେ ରହିଥିବା ଏକ ସମ୍ପୂର୍ଣ୍ଣ ବିଶ୍ୱାସରୁହିଁ ନିଷ୍ପନ୍ନ ହୋଇଥାଏ ।

୪ ଏପ୍ରିଲ୍ ୧୯୪୧

*

ହେ ପ୍ରଭୁ, ଆପଣ ଆମକୁ ବଳ ଦିଅନ୍ତୁ, ଯେପରିକି ଆମେ ଘୋଷଣା କରୁଥିବା ଆଦର୍ଶଟିକୁ ସମ୍ପୂର୍ଣ୍ଣଭାବରେ ବଞ୍ଚି ପାରିବୁ ।

*

ଆମକୁ ଏକ ମହିମାମୟ ଭବିଷ୍ୟତ୍ ଉପରେ ବିଶ୍ୱାସ ପ୍ରଦାନ କରନ୍ତୁ, ତାହାକୁ ଉପଲବ୍ଧି କରିବାର ସାମର୍ଥ୍ୟ ଦିଅନ୍ତୁ ।

*

ହେ ପ୍ରଭୁ, ଆମ ଭିତରେ ଚେତନା ଏବଂ ଶାନ୍ତି ବୃଦ୍ଧିପ୍ରାପ୍ତ ହେଉ, ଯେପରିକି ଆମେ ଅଧିକରୁ ଅଧିକ ପରିମାଣରେ ଆପଣଙ୍କର ସେହି ଅଦ୍ୱିତୀୟ ଦିବ୍ୟ ବିଧାନର ବିଶ୍ୱାସଯୁକ୍ତ ମାଧ୍ୟମରେ ପରିଣତ ହୋଇ ଯାଇପାରୁ ।

୩୧ ଡିସେମ୍ବର ୧୯୬୧

*

'oaob.nitrkl.ac.in' images reprocessed

ହେ ପ୍ରଭୁ, ଆମ ଭିତରେ ରହିଥିବା ଆଦୌ କିଛି ଯେପରି ଆପଣଙ୍କର କାର୍ଯ୍ୟରେ ବାଧା ସୃଷ୍ଟି ନ କରୁ ।

ଫେବୃଆରୀ ୧୯୫୨

*

ହେ ପ୍ରଭୁ, ଆପଣ ଆମକୁ ମିଥ୍ୟାରୁ ମୁକ୍ତ କରି ଦିଅନ୍ତୁ, ଆମେ ଯେପରି ଆପଣଙ୍କ ବିଜୟ ଲାଗି ଶୁଦ୍ଧ ଓ ଯୋଗ୍ୟ ହୋଇ ଆପଣଙ୍କ ସତ୍ୟ ମଧ୍ୟରେହିଁ ପ୍ରକାଶ-ଲାଭ କରିପାରୁ ।

*

ହେ ପରମ ଓ ଅଦ୍‌ଭୁତ କରୁଣା, ଆମର ଅଭୀପ୍‌ସା ଅନୁକ୍ଷଣ ଅଧିକ ପ୍ରଗାଢ଼ ହେବାରେ ଲାଗିଥାଉ, ଆମର ବିଶ୍ୱାସ ଅଧିକ ସ୍ପନ୍ଦନସମର୍ଥ ହେଉ, ଆମର ବିଶ୍ୱାସ ଅଧିକ ଅନପେକ୍ଷ ହେଉଥାଉ ।

ଆପଣହିଁ ପରମ ସର୍ବବିଜୟୀ !

୧୯୫୬

*

ହେ ପରମୋଚ୍ଚ ପ୍ରଭୁ, ଆପଣ ଆମକୁ ନୀରବ ହେବାକୁ ଶିକ୍ଷା ଦିଅନ୍ତୁ, ଯେପରିକି ସେହି ନୀରବତା ମଧ୍ୟରେହିଁ ଆମେ ଆପଣଙ୍କର ଶକ୍ତିକୁ ଗ୍ରହଣ କରି ପାରିବୁ ଏବଂ ଆପଣଙ୍କର ଇଚ୍ଛାକୁ ବୁଝି ପାରିବୁ ।

୧୧ ଫେବୃଆରୀ ୧୯୬୨

*

ପରମସତ୍ୟର ଉପଲବ୍ଧି ନିମନ୍ତେ ଆମର ପ୍ରୟାସରେ ଆମେ ଯେପରି ପ୍ରକୃତରେ ନିଷ୍ଠାର ସହିତ ଅବିଚଳ ରହିପାରୁ, ଆପଣ ଆମକୁ ସେହି ଶିକ୍ଷା ଦିଅନ୍ତୁ ।

*

ହେ ପ୍ରଭୁ, ହେ ସର୍ବୋଚ୍ଚ ସତ୍ୟ,

ଆମେ ଆପଣଙ୍କୁ ଜାଣିବୁ ବୋଲି ଓ ଆପଣଙ୍କର କାର୍ଯ୍ୟ କରିବୁ ବୋଲି ଅଭୀପ୍‌ସା ରଖିଛୁ ।

'oaob.nitrkl.ac.in' images reprocessed

ଆପଣ ଆମକୁ ଆପଣଙ୍କର ଯୋଗ୍ୟ ସନ୍ତାନ ହେବା ଲଗି ସାହାଯ୍ୟ କରନ୍ତୁ ।

ଏବଂ ସେଥିଲଗି, ଆପଣ ଆମକୁ ଆପଣଙ୍କର ସତତ ଦାନଗୁଡ଼ିକ ବିଷୟରେ ସଚେତନ କରି ରଖନ୍ତୁ, ଯେପରିକି ଆମର ହୃଦୟ ସର୍ବଦା କୃତଜ୍ଞତାରେ ପୂର୍ଣ୍ଣ ହୋଇ ରହିଥିବ ଏବଂ ଆମର ଜୀବନକୁ ପରିଚାଳିତ କରି ପାରୁଥିବ ।

*

ହେ ପ୍ରଭୁ, ଆପଣଙ୍କର ପ୍ରେମ ଏତେ ମହାନ୍, ଏତେ ଶୁଦ୍ଧ ଓ ଏତେ ଉଦାର ଯେ ତାହା ଆମ ବୋଧର ଅଗୋଚର ହୋଇ ରହିଛି । ଏହାର କୌଣସି ମାପ ନାହିଁ ବା ଅନ୍ତ ନାହିଁ । ଆମକୁ ନତଜାନୁ ହୋଇ ତାହା ଗ୍ରହଣ କରିବାକୁ ପଡ଼ିବ । ତଥାପି ଆପଣ ତାହାକୁ ଏପରି ମଧୁର କରି ରଖିଛନ୍ତି ଯେ ଆମ ଭିତରୁ ସବୁଠାରୁ ଅଧିକ ଦୁର୍ବଳ ବ୍ୟକ୍ତି, ଏପରିକି ଏକ ଶିଶୁ ମଧ୍ୟ ଆପଣଙ୍କ ଆଡ଼କୁ ଅଗ୍ରସର ହୋଇ ପାରୁଛି ।

*

ଏକ ସ୍ଥିର ଏବଂ ଶୁଦ୍ଧ ଭକ୍ତି ସହିତ ଆମେ ଆପଣଙ୍କୁ ପ୍ରଣାମ କରୁଛୁ ଏବଂ ଆପଣଙ୍କୁହିଁ ଆମ ସତ୍ତାର ଏକମାତ୍ର ସତ୍ତାରୂପେ ସ୍ୱୀକାର କରି ନେଉଛୁ ।

*

ହେ ପ୍ରଭୁ, ସୌନ୍ଦର୍ଯ୍ୟ ଏବଂ ସୌଷମ୍ୟର ପରମ ଈଶ୍ୱର,

ଆପଣ କରନ୍ତୁ, ଯେପରିକି ଆମେ ଏହି ପୃଥିବୀପୃଷ୍ଠରେ ଆପଣଙ୍କର ସର୍ବୋଚ୍ଚ ପରମସୌନ୍ଦର୍ଯ୍ୟକୁ ବ୍ୟକ୍ତ କରି ଆଣିବା ଲଗି ଯୋଗ୍ୟ ଯନ୍ତ୍ର ହୋଇ ଉଠିପାରୁ ।

ଏହାହିଁ ଆମର ପ୍ରାର୍ଥନା, ଆମର ଅଭୀପ୍ସା ।

*

'oaob.nitrkl.ac.in' images reprocessed

ହେ ସର୍ବୋଚ୍ଚ ପରମସତ୍ୟ, ଆମର ସମକ୍ଷରେ ବର୍ତ୍ତମାନ ଯେଉଁ ମହିମାମୟ ରହସ୍ୟ ଉଦ୍‌ଘାଟିତ ହୋଇ ରହିଛି, ଆମେ ଯେପରି ତାହାକୁହିଁ ଆପଣାର ଜୀବନରେ ବଞ୍ଚିପାରୁ ।

*

ସ୍ନେହମୟୀ ମାଆ, ଆପଣ କରନ୍ତୁ, ଯେପରିକି ଆମେ ବର୍ତ୍ତମାନ ତଥା ଚିରଦିନ ଲାଗି କେବଳ ଆପଣଙ୍କରହିଁ କ୍ଷୁଦ୍ର କ୍ଷୁଦ୍ର ସନ୍ତାନ ହୋଇ ରହିଥାଉ ।

*

ଏଠାରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ, ଗୋଟିଏ ଅସମ୍ଭବତାର ପ୍ରତିନିଧିତ୍ୱ କରୁଛନ୍ତି, ଯାହାର କି ସମାଧାନ ବାକି ରହିଛି । ମାତ୍ର, ହେ ପରମ ପ୍ରଭୁ, ଆପଣଙ୍କର ଦିବ୍ୟ ପରମ କରୁଣା ଲାଗି ସବୁକିଛି ସମ୍ଭବ ହୋଇଥିବାରୁ, ଏହିସବୁ ଅସମ୍ଭବତାକୁ ଦିବ୍ୟ ନାନା ଉପଲବ୍ଧିରେ ରୂପାନ୍ତର କରିଦେଇ ବିଶେଷ ତଥା ସମଗ୍ର ଭାବରେ ସେଗୁଡ଼ିକୁ ସମ୍ପାଦିତ କରିବାହିଁ ପ୍ରକୃତରେ ଆପଣଙ୍କର କାର୍ଯ୍ୟ ହୋଇ ରହିବ ନାହିଁ କି ?

*

ହେ ମୋର ସ୍ନେହମୟୀ ମାଆ, ଆପଣ ବିଜୟୀ, ଆପଣ ଜୟ; ଆପଣ ବିଜେତା, ଆପଣହିଁ ବିଜୟ !

୨୭ ନଭେମ୍ବର ୧୯୬୧

*

ଆପଣଙ୍କର ହୃଦୟହିଁ ସେହି ସର୍ବୋଚ୍ଚ ଆଶ୍ରୟ ସ୍ଥଳ, ଯେଉଁଠାରେ କି ଯାବତୀୟ ଉଦ୍‌ବିଗ୍ନତା ପ୍ରଶମିତ ହୋଇ ଯାଇଥାଏ ।

ତେଣୁ ସେହି ହୃଦୟ ପୂର୍ଣ୍ଣ ଭାବରେ ଉନ୍ମୁକ୍ତ ହୋଇ ରହିଥାଉ, ଯେପରିକି, ଯେଉଁମାନେ ଉତ୍ପୀଡ଼ନା ଭୋଗ କରୁଛନ୍ତି, ସେମାନେ ସେଠାରେ ସର୍ବୋତ୍ତମ ଆଶ୍ରୟ ଲାଭ କରି ପାରିବେ ।

୪ ଡିସେମ୍ବର ୧୯୬୧

*

'oaob.nitrkl.ac.in' images reprocessed

ସକଳ ଖିନ୍ନତା ଶାନ୍ତ ହୋଇଯାଉ, କେବଳ ଆପଣଙ୍କର ପ୍ରେମହିଁ ବିରାଜିତ ରହିଥାଉ ।

୧୩ ଏପ୍ରିଲ ୧୯୫୪

*

ହେ ପ୍ରଭୁ, ଆପଣଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ । ଆପଣହିଁ ସର୍ବୋଚ୍ଚ ତଥା ପରିପୂର୍ଣ୍ଣ ସୁରକ୍ଷା ।

*

ହେ ମୋର ପ୍ରଭୁ, ଆପଣଙ୍କର ସହାୟତା ଏବଂ କରୁଣା ରହିଥିବା ପର୍ଯ୍ୟନ୍ତ ଭୟ କରିବାକୁ ଆଉ କ'ଣ ଅଛି ? ଆପଣ ହେଉଛନ୍ତି ସର୍ବୋଚ୍ଚ ସୁରକ୍ଷା, ଏବଂ ତାହାହିଁ ସକଳ ଶତ୍ରୁଙ୍କୁ ପରାଭୂତ କରିଦେବ ।

*

ହେ ମୋର ପ୍ରଭୁ, ଆପଣଙ୍କର ସୁରକ୍ଷା ହେଉଛି ସର୍ବଶକ୍ତିଶାଳୀ । ଏହା ସବୁଯାକ ଶତ୍ରୁଙ୍କୁ ପରାସ୍ତ କରିଦେବ ।

*

ଯାବତୀୟ ପରିସ୍ଥିତିରେ କେବଳ ଆପଣଙ୍କର ବିଜୟକୁହିଁ ଦେଖି ପାରୁଥିବା, — ସୁନିଶ୍ଚିତ ଭାବରେ ତାହାହିଁ ସେହି ବିଜୟକୁ ଆସିବା ଲାଗି ସାହାଯ୍ୟ କରିବାର ସର୍ବୋତ୍ତମ ଉପାୟ ।

*

ଅଦ୍ୱିତୀୟ ପରମ ପ୍ରଭୁଙ୍କ ଉଦ୍ଦେଶ୍ୟରେ

ଆପଣଙ୍କଠାରୁ ଦୂରକୁ ଖସିଯିବା ବ୍ୟତୀତ ଆଉ ଅନ୍ୟ ପାପ ବା ଅପରାଧ ଆଦୌ କିଛୁ ନାହିଁ ।

*

'oaob.nitrkl.ac.in' images reprocessed

ହେ ପରମ ପ୍ରଭୁ, ଆପଣଙ୍କ ବ୍ୟକ୍ତିତ ଜୀବନ ଏକ ବିଭତ୍ସ ବିକୃତିରେ ପରିଣତ ହୋଇ ରହିଥାଏ । ଆପଙ୍କର ଆଲୋକ, ଚେତନା, ସୌନ୍ଦର୍ଯ୍ୟ ଏବଂ ଶକ୍ତି ବ୍ୟତୀତ, ସମଗ୍ର ଅସ୍ତିତ୍ୱ ଏକ ଅମଙ୍ଗଳପୂର୍ଣ୍ଣ ବିରୂପ ହାସ୍ୟାସ୍ପଦତାରେ ପରିଣତ ହୋଇ ରହିଥାଏ ।

✽

ହେ ପରମ ପ୍ରଭୁ, ଯାହାକିଛି ରହିଛି ଏବଂ ଯାହାକିଛି ହେବାକୁ ଯାଉଛି, ତାହାର ଗଭୀରଗୁଡ଼ିକର ମଧ୍ୟରେହିଁ ଆପଣଙ୍କର ଦିବ୍ୟ ସ୍ମିତହାସ୍ୟ ଅପରିବର୍ତ୍ତିତ ହୋଇ ରହିଛି ।

****

## ବୃଷ୍ଟି ଲାଗି ପ୍ରାର୍ଥନା

ବୃଷ୍ଟି, ବୃଷ୍ଟି, ବୃଷ୍ଟି, ଆମେ ବୃଷ୍ଟି ଲାଗି କାମନା କରୁଛୁ ।
ବୃଷ୍ଟି, ବୃଷ୍ଟି, ବୃଷ୍ଟି ଆମେ ବୃଷ୍ଟିର ଯାଚନା କରୁଛୁ ।
ବୃଷ୍ଟି, ବୃଷ୍ଟି, ବୃଷ୍ଟି, ଆମେ ବୃଷ୍ଟି ଆବଶ୍ୟକ କରୁଛୁ ।
ବୃଷ୍ଟି, ବୃଷ୍ଟି, ବୃଷ୍ଟି, ଆମେ ବୃଷ୍ଟି ଲାଗି ପ୍ରାର୍ଥନା କରୁଛୁ ।

✽

## ସୂର୍ଯ୍ୟଙ୍କୁ ପ୍ରାର୍ଥନା

ହେ ସୂର୍ଯ୍ୟ, ହେ ଆମର ମିତ୍ର,
ମେଘମାନଙ୍କୁ ଅପସାରିତ କର,
ବୃଷ୍ଟିକୁ ଶୋଷି ନିଅ ।
ଆମେ ତୁମର କିରଣ ଆବଶ୍ୟକ କରୁଛୁ,
ତୁମର ଆଲୋକ ଆବଶ୍ୟକ କରୁଛୁ,
ହେ ସୂର୍ଯ୍ୟ, ହେ ଆମର ମିତ୍ର ।

✽

'oaob.nitrkl.ac.in' images reprocessed

ମୋର ପରମ ପ୍ରଭୁଙ୍କ ନାମରେ,
ମୋର ପରମ ପ୍ରଭୁଙ୍କ ନିମନ୍ତେ,
ମୋର ପରମ ପ୍ରଭୁଙ୍କର ଇଚ୍ଛା ଅନୁସାରେ,
ମୋର ପରମ ପ୍ରଭୁଙ୍କର ଶକ୍ତି ଦ୍ୱାରା,
ତୁମେ ଆମକୁ ସଙ୍ଗେ ସଙ୍ଗେ
ଉଦ୍ଦୀପିତ କରିବାକୁ କ୍ଷାନ୍ତ ହୁଅ ।

*

(୧୯୧୪ ଏପ୍ରିଲ୍ ୮ ତାରିଖର ମାଆଙ୍କ ପ୍ରାର୍ଥନା ସମ୍ବନ୍ଧରେ)*

ଧ୍ୟାନାବସ୍ଥିତ—ଆପଣାକୁ ସକଳ ଆତ୍ମୁ ସଂଗୃହୀତ କରି ଆଣିବା ଏବଂ ଏକ ଧର୍ମୀୟ ପଦ୍ଧତରେ ସଂକେନ୍ଦ୍ରିତ କରି ରଖିବା । ଏହି ପ୍ରାର୍ଥନାଟିରେ, ଭାବନା ପ୍ରଥମେ ପୂର୍ଣ୍ଣ ଶାନ୍ତି ମଧ୍ୟରେ ଅବସ୍ଥିତ ହୋଇ ରହିଛୁ ଏବଂ ହୃଦୟ ଆରାଧନାର ଏକ ଅବସ୍ଥାରେ ସଂଗୃହୀତ ଓ ସଂକେନ୍ଦ୍ରିତ ହୋଇ ରହିଛୁ । ଏବଂ ତା'ପରେ, ମସ୍ତିଷ୍କ ଆରାଧନାରେ ପୂର୍ଣ୍ଣ ହୋଇ ଆସିଛୁ ଓ ହୃଦୟ ନୀରବ ହୋଇ ଯାଇଛୁ, ଶାନ୍ତିରେ ପୂର୍ଣ୍ଣ ହୋଇ ରହିଛୁ ।

*

(୧୯୧୯ ସେପ୍ଟେମ୍ବର ୩ ତାରିଖର ମାଆଙ୍କ ପ୍ରାର୍ଥନା ସମ୍ବନ୍ଧରେ)**

ଏହି ପ୍ରାର୍ଥନାରେ ବିଶ୍ୱଗତ ଜନନୀହିଁ ଭୌତିକ ଓ ପାର୍ଥିବ ପ୍ରକୃତିର ରୂପ ଧାରଣ କରି କହୁଛନ୍ତି । ସେଥିରେ ଭୋଜନ ଦ୍ରବ୍ୟକୁ ଆମେ ପୃଥିବୀ ବୋଲି ଜାଣିବା, ଯାହାକୁ କି ସେ ବିବର୍ତ୍ତନର ପ୍ରକ୍ରିୟା ଦ୍ୱାରା ପରମ ଅଚେତନା ମଧ୍ୟରୁ ପ୍ରସ୍ତୁତ କରି ଆଣିଛନ୍ତି । ମନୁଷ୍ୟକୁହିଁ ବିବର୍ତ୍ତନର ଉଚ୍ଚତମ ଶିଖର କରି ରଖିବାକୁ, ଏହି ଜଗତର

* ପ୍ରାର୍ଥନା ଓ ଧ୍ୟାନମାଳା, ଶତବାର୍ଷିକୀ ସଂସ୍କରଣ, ୧ମ ଖଣ୍ଡ; ପୃଷ୍ଠା-୧୨୧
** ତତ୍ରୈବ, ପୃଷ୍ଠା-୩୭୨

'oaob.nitrkl.ac.in' images reprocessed

ଶାସକ ରୂପେ ପ୍ରତିଷ୍ଠିତ କରି ରଖିବାକୁ ପ୍ରକୃତି ଇଚ୍ଛା କରିଥିଲେ । ମନୁଷ୍ୟ ତା'ର ଭୂମିକାଟିକୁ ପ୍ରକୃତରେ ପୂରଣ କରି ପାରିବ ଏବଂ ପୃଥିବୀରେ ଦିବ୍ୟ ଉପଲବ୍ଧିକୁ ସମ୍ଭବ କରିବ ବୋଲି ଆଶା କରି ସେହି ପ୍ରକୃତି ଯୁଗ ଯୁଗ ଧରି ଅପେକ୍ଷା କରି ଆସିଥିଲେ । ମାତ୍ର ମନୁଷ୍ୟ ସେଥିଲାଗି ଏପରି ଅନୁପଯୁକ୍ତ ହୋଇ ରହିଥିଲା ଯେ, ଉକ୍ତ କାର୍ଯ୍ୟଟି ସକାଶେ ନିଜକୁ ପ୍ରସ୍ତୁତ କରିବା ଲାଗି ଆବଶ୍ୟକ ସର୍ତ୍ତଗୁଡ଼ିକୁ ମଧ୍ୟ ପୂରଣ କରିବାକୁ ସେ ଆଦୌ ଇଚ୍ଛୁକ ନ ଥିଲା । ଏବଂ, ଜଡ଼ ପ୍ରକୃତି ଯେତେବେଳେ ଏହିପରି ଭାବରେ ଦୃଢ଼ କରି ଜାଣି ପାରିଲା ଯେ ସିଏ ପ୍ରକୃତରେ ଭୁଲ୍ ମାର୍ଗରେହିଁ ଯାଉଛି, ସେତେବେଳେ ସିଏ ସିଧା ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଦୃଷ୍ଟିନିବଦ୍ଧ ହୋଇ ରହିଲା ଏବଂ ସେଇ ଏ ପୃଥିବୀକୁ ନିଜ ଅଧିକାରକୁ ନିଅନ୍ତୁ ବୋଲି ତାଙ୍କୁ ଅନୁରୋଧ କଲା । ଦିବ୍ୟ ଉପଲବ୍ଧି ନିମନ୍ତେ ପ୍ରସ୍ତୁତ ହୋଇ ରହିଥିବା ଏହି ପୃଥିବୀକୁ ସେ ନିଜେ ହାତକୁ ନିଅନ୍ତୁ ବୋଲି ଅନୁରୋଧ ଜଣାଇଲା ।

ଏହି ମୂଳ କଥାଟିକୁ ଜାଣିଲେ ଅବଶିଷ୍ଟ ଅଂଶଟି ଆପେ ଆପେ ସ୍ପଷ୍ଟ ହୋଇ ଯିବ ।

*

(୧୯୩୭ ଅକ୍ଟୋବର ୬ ତାରିଖର ମାଆଙ୍କ ପ୍ରାର୍ଥନା ବିଷୟରେ)*

ସଂକ୍ଷେପରେ ମୁଁ ଏତିକି କହି ପାରିବି ଯେ, "ସର୍ବୋଚ୍ଚ ଉପଲବ୍ଧି" କହିଲେ ବ୍ୟକ୍ତି ଲାଗି ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମକ ହେବାକୁ ବୁଝାଇବ ଏବଂ ସମୂହ ଲାଗି ପୃଥିବୀପୃଷ୍ଠରେ ଅତିମାନସର ଆଗମନ ଅର୍ଥାତ୍ ନୂତନ ସୃଜନକୁ ବୁଝାଇବ ।

ତୁମେ ଏହାକୁ ଏକ ଧର୍ମ ସିଦ୍ଧାନ୍ତ ରୂପେ କଦାପି ଗ୍ରହଣ କରିବ ନାହିଁ, କେବଳ ଏକ ବ୍ୟାଖ୍ୟା ରୂପେ ଗ୍ରହଣ କରିବ । ଏବଂ ଏହି କ୍ଷେତ୍ରରେ "ଉପଲବ୍ଧିକାରୀ" ହେଉଛି ଉପଲବ୍ଧିର ସର୍ବୋଚ୍ଚ ଶକ୍ତି, ଉପଲବ୍ଧି କରୁଥିବା ବ୍ୟକ୍ତି ତଥା ଉପଲବ୍ଧିର କାର୍ଯ୍ୟ ।

* ପ୍ରାର୍ଥନା ଓ ଧ୍ୟାନମାଳା, ଶତବାର୍ଷିକୀ ସଂସ୍କରଣ (ଇଂରେଜୀ), ୧ମ ଖଣ୍ଡ, ପୃଷ୍ଠା-୩୭୬



'oaob.nitrkl.ac.in' images reprocessed

# ସାଧନା ଓ ଜୀବନ

## ତୁମ ଜୀବନ

ତୁମେ ଅଜ୍ଞାନକୁ ତ୍ୟାଗ କର, ଅଚେତନାକୁ ତ୍ୟାଗ କର ଏବଂ ତୁମ ଅହଂର ସୀମାଗୁଡ଼ିକୁ ତ୍ୟାଗ କର ;—ତୁମଠାରୁ ମୁଁ କେବଳ ଏତିକି ତ୍ୟାଗର ପ୍ରତ୍ୟାଶା କରୁଛି । ମାତ୍ର, କି ଅଦ୍‌ଭୁତ ଏବଂ ଅତୁଳନୀୟ ଲାଭ ସକାଶେ ତୁମେ ଏହି ତ୍ୟାଗ କରିବ କହିଲ !

୭ ମଇ ୧୯୩୭

*

ତୁମର ଜୀବନ ଏକ ଉପଯୋଗୀ ଜୀବନ ହୋଇ ରହୁ ।

*

ତୁମର ଜୀବନ ପରମ ସତ୍ୟ ଲାଗି ଏକ ଅନ୍ୱେଷଣରେ ପରିଣତ ହେଉ ; ତେବେ ତାହା ପ୍ରକୃତରେ ବଞ୍ଚିବାର ଯୋଗ୍ୟ ହୋଇ ପାରିବ ।

*

ତୁମର ଜୀବନ ଅନୁକ୍ଷଣ ସମ୍ପୂର୍ଣ୍ଣ ଭାବରେ ସେହି ସର୍ବୋଚ୍ଚ ପରମସତ୍ତାଙ୍କ ଦ୍ୱାରାହିଁ ପରିଚାଳିତ ହେଉଥାଉ ।

*

ତୁମର ସର୍ବୋଚ୍ଚ ଅଭୀପ୍‌ସାହିଁ ତୁମ ଜୀବନର ଗଠନ କରୁ ।

*

'oaob.nitrkl.ac.in' images reprocessed

ତୁମେ ନିଜର ଅଭୀପ୍ସାକୁ ଉଦ୍ଦୀପ୍ତ ଏବଂ ନିଷ୍ଠାଯୁକ୍ତ କରି ରଖିଥିବ ଏବଂ, ତୁମେ ଯେ ସେହି ଦିବ୍ୟ ପରମସତ୍ତାଙ୍କର ସନ୍ତାନ, ସେକଥା କଦାପି ଭୁଲି ଯିବ ନାହିଁ । ତାହା ତୁମକୁ ଦିବ୍ୟ ସନ୍ତାନଗଣଙ୍କର ଅଯୋଗ୍ୟ କୌଣସି କାର୍ଯ୍ୟ କରିବାରୁ ନିବୃତ୍ତ କରି ରଖିବ ।

*

ସବୁକିଛି ପ୍ରତ୍ୟେକ ବ୍ୟକ୍ତିର ଦୃଷ୍ଟିକୋଣ ଉପରେ ନିର୍ଭର କରୁଛି; ସିଏ କେତେ ନିଷ୍ଠାର ସହିତ ବାଟ ଚାଲୁଛି, ତାହାରି ଉପରେ ନିର୍ଭର କରୁଛି ।

*

ଅନ୍ତର୍ଗତ ଦୃଷ୍ଟିକୋଣ ଉପରେହିଁ ସବୁ ନିର୍ଭର କରୁଛି ।

୧୭ ଏପ୍ରିଲ୍ ୧୯୪୭

*

## ପରିବର୍ତ୍ତନ

ସଂଶୋଧନ କରିବା ଏବଂ ବିଲୁପ୍ତ କରିଦେବା : ଦୁଇଟିଯାକ ଅବଶ୍ୟ ସମ୍ଭବ, ମାତ୍ର ଦୁଇଟିଯାକ କ୍ଷେତ୍ରରେ,—ଅବଶ୍ୟ ଏଥିରେ ମାତ୍ରାର ଏକ ପାର୍ଥକ୍ୟ ରହିଛି —ପ୍ରକୃତିର, ଚରିତ୍ରର ଏକ ରୂପାନ୍ତର ଆବଶ୍ୟକ ହେବ । ଯାହାକୁ ଆମେ ଅନୁଚିତ ଭାବରେ କରୁଛୁ, ତାହାକୁ ଆମେ ସର୍ବପ୍ରଥମେ ନିଜ ଭିତରେ ବଦଳାଇବା ଏବଂ ତା'ପରେ ଯାଇ ନିଜ କାର୍ଯ୍ୟର ପରିଣାମଟିକୁ ବଦଳାଇବା ଲାଗି ଆଶା କରି ପାରିବା ।

୧୧ ଜାନୁଆରୀ ୧୯୫୧

*

ନିଜର ଚେତନାରେ ପରିବର୍ତ୍ତନ ହେଉ ବୋଲି ଯେତେବେଳେ ଲୋକ-ମାନେ ପ୍ରକୃତରେ ଇଚ୍ଛା କରିବେ, ସେତେବେଳେ ଯାଇ ସେମାନଙ୍କର କାର୍ଯ୍ୟଗୁଡ଼ିକ ମଧ୍ୟ ବଦଳିଯିବ ।

*

'oaob.nitrkl.ac.in' images reprocessed

ଆଉ ଚେତନାର ପରିବର୍ତ୍ତନ ହେବ ଏବଂ, ସେହି ପରିବର୍ତ୍ତନଟି ଯେ ପ୍ରକୃତରେ କ'ଣ, ଚେତନାର ପରିବର୍ତ୍ତନ ଘଟିସାରିଲେ ଯାଇ ଆମେ ସେକଥା ଜାଣି ପାରିବା ।

*

ପରିବର୍ତ୍ତନ ···

୧. ଘୃଣାକୁ ସମସ୍ତସ୍ୱତାରେ
୨. ଈର୍ଷାକୁ ଉଦାରତାରେ
୩. ଅଜ୍ଞାନକୁ ଜ୍ଞାନରେ
୪. ଅନ୍ଧକାରକୁ ଆଲୋକରେ
୫. ମିଥ୍ୟାକୁ ସତ୍ୟରେ
୬. ଦୁଷ୍ଟତାକୁ ଶିଷ୍ଟତାରେ
୭. ଯୁଦ୍ଧକୁ ଶାନ୍ତିରେ
୮. ଭୟକୁ ନିର୍ଭୀକତାରେ
୯. ଅନିଶ୍ଚିତତାକୁ ନିଶ୍ଚିତତାରେ
୧୦. ସନ୍ଦେହକୁ ବିଶ୍ୱାସରେ
୧୧. ବିଭ୍ରାନ୍ତିକୁ ବ୍ୟବସ୍ଥାରେ
୧୨. ପରାଜୟକୁ ବିଜୟରେ ।

୯ ଅକ୍ଟୋବର ୧୯୫୧

*

ସ୍ୱାଧୀନତା ଓ ଶୃଙ୍ଖଳା
ଭ୍ରାତୃତ୍ୱ ଓ ସ୍ୱତନ୍ତ୍ରତା
ସମାନତା ଓ ସୋପାନକ୍ରମ
ଏକତା ଓ ଅନେକତା
ପ୍ରାଚୁର୍ଯ୍ୟ ଓ ଅଭାବ

'oaob.nitrkl.ac.in' images reprocessed

ଉଦ୍ୟମ ଓ ବିଶ୍ରାମ

କ୍ଷମତା ଓ ଅନୁକମ୍ପା

ବିସ୍ତୃତ ବିବେକ ଓ ବୀତୈଷିତା

ମୁକ୍ତହସ୍ତତା ଓ ମିତବ୍ୟୟିତା

ଅପବ୍ୟୟ ଓ ଲୋଭ

*

ଦୀକ୍ଷିତ ହେବା : ଉପଲବ୍ଧିର ପ୍ରଥମ ପର୍ଯ୍ୟାୟ

*

ଦୀକ୍ଷିତ ହେବା : ସତ୍ତାର ସକଳ ଗତିସ୍ପନ୍ଦନକୁ ଦିବ୍ୟ ପରମସତ୍ତାଙ୍କର ଅଭିମୁଖୀ କରି ରଖିବା ।

*

ପୁନରୁତ୍ଥାନ : ପୁରାତନ ଚେତନାର ଆବରଣଟି ଖସି ପଡ଼ିବ ଏବଂ ତା'ପରେ ସେଥିରୁ ଯଥାର୍ଥ ସତ୍ତାର ଜାଗୃତି ଘଟିବ ।

*

ନୂତନ ଜନ୍ମ : ଯଥାର୍ଥ ଚେତନାର ଜନ୍ମଲାଭ,—ଆମ ଭିତରେ ରହିଥିବା ଦିବ୍ୟ ପରମ ଉପସ୍ଥିତି ବିଷୟରେ ସଚେତନତା ।

*

ଉପଲବ୍ଧି : ଆମର ସକଳ ଉଦ୍ୟମର ଲକ୍ଷ୍ୟ ।

*

'oaob.nitrkl.ac.in' images reprocessed

ଉପଲବ୍ଧି : ଆମେ ତାହାର ଅଭୀପ୍ସା ରଖିଛୁ ଏବଂ, ଯେତେ ଦୀର୍ଘ ସମୟ ଲାଗୁ ପଛକେ, ସେଥି ଲାଗି ଅବିଶ୍ରାନ୍ତ ଭାବରେ ଉଦ୍ୟମ କରିବା ।

✻

ଉପଲବ୍ଧିର ଶର୍ତ୍ତ : ଉପଲବ୍ଧି ହେବା ସଙ୍ଗେ ସଙ୍ଗେ ଯାବତୀୟ ବାଧାକୁ ଅତିକ୍ରମ କରିଯାଇ ହେବ ।

✻

## ଉଚିତ କାର୍ଯ୍ୟଟିକୁ କର

ସମ୍ମାନ ପାଇବାକୁ ଇଚ୍ଛା କରୁଥିଲେ ସମ୍ମାନର ଯୋଗ୍ୟ ହୁଅ ।

✻

ତୁମେ ଦୟା କାମନା କରୁଛ ? ତେବେ ନିଜେ ଦୟାଳୁ ହୁଅ ।

ପରମସତ୍ୟର କାମନା କରୁଛ ? ତେବେ ନିଜେ ସତ୍ୟଶୀଳ ହୁଅ ।

✻

ଯାହା ଭଲ, ତାହାହିଁ କରିବାକୁ ପ୍ରୟାସ କର ଏବଂ କଦାପି ଭୁଲିଯାଅ ନାହିଁ ଯେ ଈଶ୍ୱର ତୁମକୁ ସର୍ବଦାହିଁ ଦେଖିପାରୁଛନ୍ତି ।

✻

ପାଟିରେ ଥିବା ମିଠେଇଠାରୁ ଏକ ଭଲ କାମ ହୃଦୟକୁ ଅଧିକ ମିଠା ଲାଗେ ।

ଯେଉଁଦିନ ଆଦୌ କୌଣସି ଭଲ କାର୍ଯ୍ୟ କରିହୁଏ ନାହିଁ, ସେହିଦିନଟିର କୌଣସି ଆତ୍ମା ନ ଥାଏ ।

୧୬ ଅକ୍ଟୋବର ୧୯୫୧

✻

'oaob.nitrkl.ac.in' images reprocessed

ଭଲକୁ ଭଲପାଅ ବୋଲି ଭଲ କାର୍ଯ୍ୟ କର, ପୁରସ୍କାର ପାଇବାର ଆଶାରେ କଦାପି ତାହା କର ନାହିଁ । ଭଲ ହେବାର ଆନନ୍ଦ ଲାଗି ହିଁ ଭଲ ହୁଅ, ଭଲ ହେଲେ ଅନ୍ୟମାନେ ତୁମ ପ୍ରତି କୃତଜ୍ଞ ରହିବେ ବୋଲି ଭଲ ହୁଅ ନାହିଁ ।

୧୯୫୭

*

ଶାଳୀନ ହେବାରେ ସୁଖକରତା ଅବଶ୍ୟ ରହିଛି; ମାତ୍ର ଭଲକୁ କେବଳ ଭଲ ବୋଲି ହିଁ କରାଯିବ ଓ ତାହା ବେଳେ ବେଳେ ବେଶ୍ ଅସୁଖକର ମଧ୍ୟ ହୋଇପାରେ ।

* * *

ଉଚିତରେ ରହିବାର କେବଳ ଗୋଟିଏ ବାଟ ରହିଛି, ମାତ୍ର ଅନୁଚିତ ହେବାର କେତେ କେତେ ବାଟ ରହିଛି ।

*

ତୁମେ ନିଜେ ସମ୍ପୂର୍ଣ୍ଣ ଠିକ୍ ହେଲେ ସବୁକିଛି ସମ୍ପୂର୍ଣ୍ଣ ଭାବରେ ଠିକ୍ ହୋଇଯିବ ।

୧୭ ନଭେମ୍ବର, ୧୯୫୭

*

ସେହି ଚେତନା ହିଁ ତୁମ ଭିତରେ ଓ ତୁମ ମଧ୍ୟଦେଇ କ୍ରିୟାଶୀଳ ହେଉ, ତେବେ ସବୁକିଛି ଠିକ୍ ହୋଇ ଯିବ ।

୧୦ ଏପ୍ରିଲ ୧୯୫୪

*

ତୁମେ ଯେପରି ସର୍ବଦା ଉଚିତ କାର୍ଯ୍ୟଟିକୁ ଉଚିତ ମାର୍ଗରେ କରି ପାରିବ, ସେଥି ଲାଗି ଦିବ୍ୟ ପରମକରୁଣାଙ୍କ ନିକଟରେ ପ୍ରାର୍ଥନା କର ।

*

ତୁମେ ଯାହାକୁ ସର୍ବୋତ୍ତମ ବୋଲି ଜାଣିଛ, ତାହା ସବୁଠାରୁ ଅଧିକ କଷ୍ଟକର ହୋଇଥିଲେ ମଧ୍ୟ ସର୍ବଦା ସେହିଟିକୁହିଁ କରୁଥିବ ।

୨ ମଇ ୧୯୫୪

*

ନିଜକୁ ଭୁଲିବାର ସହଜତମ ଉପାୟଟି କ'ଣ ? ତେବେ ଉଚିତ କାର୍ଯ୍ୟଟିକୁ ଉଚିତ ମାର୍ଗରେ ଉଚିତ ମୁହୂର୍ତ୍ତଟିରେ କରିବାକୁ ହେବ ।

*

ପ୍ରତ୍ୟହ, ପ୍ରତ୍ୟେକ ମୁହୂର୍ତ୍ତରେ ଆମେ ସତତ ଉଚିତ କାର୍ଯ୍ୟଟିକୁ ଉଚିତ ମାର୍ଗରେ କରିବାର ଅଭୀପ୍ସା ରଖିବା ।

୨୨ ଜୁନ୍ ୧୯୫୪

*

ଆଦୌ କୌଣସି ପ୍ରକାରେ ବିଚଳିତ ନ ହେଉଥିବା ସମୟରେହିଁ ଆମେ ସର୍ବଦା ଉଚିତ କାର୍ଯ୍ୟଟିକୁ ଉଚିତ ମାର୍ଗରେ ଉଚିତ ମୁହୂର୍ତ୍ତରେ କରିପାରିବା ।

*

ଉଚିତ ଭାବନା ସହିତ କରାଯାଉଥିବା କାର୍ଯ୍ୟଟିକୁହିଁ ସର୍ବଦା ଉଚିତ କାର୍ଯ୍ୟ ବୋଲି ବୁଝାଯିବ ।

୨୪ ଅଗଷ୍ଟ ୧୯୫୭

*

ତୁମେ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହୁଅ ପଛକେ, ଯଦି ତୁମେ ତାହାକୁ ଉଚିତ ମନୋଦୃଷ୍ଟି ସହିତ ଗ୍ରହଣ କରିପାରିବ, ତେବେ ତାହା ତୁମ ଲାଗି ସର୍ବୋତ୍ତମ ଭାବରେ ଅବଶ୍ୟ କାର୍ଯ୍ୟ କରିବ ।

*

'oaob.nitrkl.ac.in' images reprocessed



ଶ୍ରୀମା (୧୯୬୯)

'oaob.nitrkl.ac.in' images reprocessed

ଯଥାର୍ଥ ଗତିଶୀଳତା : ଉଚ୍ଚତର ପ୍ରେରଣା ଦ୍ଵାରା ପ୍ରେରିତ ହେଉଥିବା ଯାବତୀୟ ଗତିଶୀଳତା ।

*

ଅନୁଚିତ କ୍ରିୟାଶୀଳତାଗୁଡ଼ିକୁ ଉଚିତରେ ପରିଣତ କରିବା : ରୂପାନ୍ତର ଲାଗି ପ୍ରସ୍ତୁତ ହୋଇ ରହିଥିବା ଏକ ପୂର୍ଣ୍ଣ ସଦିଚ୍ଛା ।

*

ଏପରି ଏକ ମୁହୂର୍ତ୍ତ ରହିଛି, ଯେତେବେଳେ କି ଉଚିତ ଦୃଷ୍ଟିକୋଣଟି ସ୍ଵତଃସ୍ଫୂର୍ତ୍ତ ଭାବରେ ଓ ସେଥି ଲାଗି ଆଦୌ କୌଣସି ଉଦ୍ୟମ ନ କରି ମଧ୍ୟ ଆସିଥାଏ ।

*

ଉଚିତ ଦୃଷ୍ଟିକୋଣ ଲାଗି ଅଭୀପ୍ସା : ଶକ୍ତିମନ୍ତ, ଇଚ୍ଛାଯୁକ୍ତ, ସଂକଳ୍ପବଦ୍ଧ ।

*

ଉଚିତ ଦୃଷ୍ଟିକୋଣ : ସରଳ ଏବଂ ଉନ୍ମୁକ୍ତ,—ସେଥିରେ ଆଦୌ କୌଣସି ଜଟିଳତା ନ ଥାଏ ।

*

## ଉଚ୍ଚକୁ ଉତ୍ତରଣ

ଆମର ଚେତନା ଏକ ଶିଶୁ ଚଢ଼େଇ ପରି, ତାକୁ ନିଜର ଡେଣାଗୁଡ଼ିକୁ ଅବଶ୍ୟ ବ୍ୟବହାର କରି ଶିଖିବାକୁ ହେବ ।

*

'oaob.nitrkl.ac.in' images reprocessed

ତୁମେ ସେହି ଊର୍ଦ୍ଧ୍ୱ ଦେଶଗୁଡ଼ିକ ଆଡ଼କୁ ଉଡ଼ିଗଲ ।

*

ତୁମେ ଅତ୍ୟନ୍ତ ଉଚ୍ଚକୁ ଉଡ଼ିଯାଅ, ତେବେ ମହାନ୍ ଗଭୀରତାଗୁଡ଼ିକୁ ଆବିଷ୍କାର କରି ପାରିବ ।

୫ ଜୁନ୍ ୧୯୫୪

*

ଏପରି ଗୋଟିଏ ଦିନ ଆସି ପହଞ୍ଚିଯାଏ, ଯେତେବେଳେ କି ଯାବତୀୟ ପ୍ରାଚୀର ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ, ଆମର ଭିତରେ ତଥା ବାହାରେ ଯାବତୀୟ ପ୍ରାଚୀର ଭାଙ୍ଗିଯାଏ, ଏବଂ ଆମେ ବିରୋଧହୀନ ଭାବରେ ଊର୍ଦ୍ଧ୍ୱକୁ ଉଡ଼ିଯିବା ଲାଗି ଆପଣାର ଡେଣାଗୁଡ଼ିକୁ ଖୋଲିଦେଉଥିବା ଚଢ଼େଇଟିଏ ପରି ଅନୁଭବ କରିବାରେ ଲାଗୁ ।

୬ ଡିସେମ୍ବର ୧୯୫୪

*

ଏକ ସତ୍ତା, ଯାହା କି ସକଳ ବନ୍ଧନରୁ ମୁକ୍ତ ଏବଂ ଯିଏ ଉଚ୍ଚତାରୁ ଆହୁରି ଅନେକ ଉଚ୍ଚତାକୁ ଦିବ୍ୟ ରୂପାନ୍ତର ଲାଗି ଏକ ସ୍ୱଳିତ ଅନ୍ୱେଷଣରେ ଉଡ଼ି ବୁଲିବାରେ ଲାଗିଛି ।

*

ଦିଗ୍‌ବଳୟ ଉପରେ ଏକ ପ୍ରଭାସ୍ୱର ସୂର୍ଯ୍ୟ ଉଦିତ ହୋଇ ଆସୁଛି । ତୁମର ପ୍ରଭୁହିଁ ତୁମ ନିକଟକୁ ଆସୁଛନ୍ତି ।

ସମସ୍ତ ଜଗତ୍ ନିଦ୍ରାରୁ ଉତ୍‌ଥିତ ହେଉଛି ଏବଂ ତାଙ୍କର ସେହି ଗୌରବୋଜ୍ଜ୍ୱଳତାର ସମ୍ପୂର୍ଣ୍ଣ ଲାଭ କରିବା ସକାଶେ ଆନନ୍ଦରେ ନିଜକୁ ପ୍ରସାରିତ କରି ଦେଉଛି ।

ଉତ୍‌କ୍ଷେପମାଣ ଓ ଉନ୍ମୁକ୍ତ ହୋଇ ଆସୁଥିବା ଏହି ପୃଥିବୀ ପରି, ବୃଦ୍ଧି ଲାଭ କରୁଥିବା ବୃକ୍ଷ ପରି, ଫୁଟି ଉଠିଥିବା ଫୁଲପରି, ଗୀତ ଗାଉଥିବା ପକ୍ଷୀପରି, ଭଲ

'oaob.nitrkl.ac.in' images reprocessed

ପାଉଥିବା ମନୁଷ୍ୟ ପରି ତାଙ୍କର ଆଲୋକ ତୁମର ଜୀବନକୁ ଭେଦ କରୁ ଏବଂ ଏକ ସଦାବୃଦ୍ଧିଶୀଳ ଏବଂ ବିସ୍ତାରଯୁକ୍ତ ପ୍ରଫୁଲ୍ଲତାରେ ବିକୀର୍ଣ୍ଣ ହୋଇଯାଉ,—ଏପରି ଏକ ପ୍ରଫୁଲ୍ଲତା ଯାହାକି ଅବିଚ୍ଛିନ୍ନ ଭାବରେ ଆକାଶମଣ୍ଡଳର ତାରାମାନଙ୍କ ପରି ଆଗକୁ ଓ ଆହୁରି ଆଗକୁ ଗତି କରିବାରେ ଲାଗିଛି ।

❋

ଆଧ୍ୟାତ୍ମିକ ବାତାବରଣ ; ସରଳ, ତରଳ, ସ୍ପଷ୍ଟ, ସ୍ୱଚ୍ଛ ଏବଂ କେତେ ପରିଚ୍ଛନ୍ନ !

❋

## ମନୁଷ୍ୟ ଲାଗି ଦିବ୍ୟ ପରମସତ୍ତାଙ୍କର ସାହାଯ୍ୟ

ଆମର ଭାବନାସବୁ ତଥାପି ଅଜ୍ଞାନଯୁକ୍ତ ହୋଇ ରହିଛନ୍ତି,
ସେଗୁଡ଼ିକୁ ଆଲୋକମୟ କରିବାକୁ ହେବ ।

ଆମର ଅଭୀପ୍ସା ତଥାପି ଅପୂର୍ଣ୍ଣ ରହିଛି,
ତାହାର ଶୁଦ୍ଧୀକରଣ କରିବାକୁ ହେବ ।

ଆମର କର୍ମ ତଥାପି ଶକ୍ତିହୀନ ହୋଇ ରହିଛି,
ତାହାକୁ ଫଳସମର୍ଥ କରିବାକୁ ପଡ଼ିବ ।

❋ ୨୫ ଅଗଷ୍ଟ ୧୯୫୪

ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆଦେଶକୁ ନୀରବ ହୋଇ ଶୁଣ, ଏବଂ ତା'ହେଲେ ତୁମେ ତାହାକୁ ପାଳନ କରିବା ଲାଗି ସମର୍ଥ ହୋଇପାରିବ ।

❋

ଦିବ୍ୟ ପରମସତ୍ତା କ'ଣ ଇଚ୍ଛା କରୁଛନ୍ତି, ତାହାକୁ ଜାଣ; ତେବେ ତୁମେ ଆପଣା ଉପରେ କର୍ତ୍ତୃତ୍ୱ ଲାଭ କରିବାକୁ ସମର୍ଥ ହେବ ।

❋

'oaob.nitrkl.ac.in' images reprocessed

ମାନସିକ ଯାବତୀୟ କଳ୍ପନା ଅପେକ୍ଷା ଅନ୍ତରରୁ ଆସୁଥିବା ଆଦେଶ ଅଧିକ ନିର୍ଭର ଯୋଗ୍ୟ ।

*

ଦିବ୍ୟ ପରମ ଇଚ୍ଛାକୁ ପ୍ରକାଶିତ କରୁଥିବା ଚୈତ୍ୟ ବିଧାନଟିର ଆଗମନ ନ ଘଟିବା ପର୍ଯ୍ୟନ୍ତ ବୁଦ୍ଧିର ଶୃଙ୍ଖଳକୁ କଦାପି ହଟାଇ ଦେବା ଉଚିତ ନୁହେଁ ।

*

ପ୍ରତ୍ୟକ୍ଷ ପ୍ରସ୍ତାବନାଗୁଡ଼ିକୁ ଏଡ଼ିବାର ଶକ୍ତି : ଦିବ୍ୟ ପରମସତ୍ତାଙ୍କ ସହିତ ସଚେତନ ଭାବରେ ସଂଯୁକ୍ତ ହୋଇ ରହିବାରୁ ଯେଉଁ ଶକ୍ତି ପ୍ରାପ୍ତ ହୋଇଥାଏ ।

*

ଦିବ୍ୟ ପରମସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ନ ପାରିଲେ ପ୍ରଜ୍ଞା ସମ୍ଭବ ହୁଏ ନାହିଁ ।

*

ପୂର୍ଣ୍ଣ ପ୍ରଜ୍ଞା : ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହେଲେ ଯାହା ସମ୍ଭବ ହୁଏ ।

*

ଏହି ସୃଷ୍ଟିର ଯାବତୀୟ ବସ୍ତୁ ପରି ପ୍ରଜ୍ଞା ମଧ୍ୟ ଏକ ସମବୃଦ୍ଧିଶୀଳ ବସ୍ତୁ ।

*

କଞ୍ଚିତ୍ ପ୍ରଜ୍ଞା ସର୍ବଥା ସ୍ୱାଗତ ଯୋଗ୍ୟ ।

* * *

'oaob.nitrkl.ac.in' images reprocessed

ଅଚେତନାର ଗଭୀର ମଧ୍ୟରେ ସ୍ୱତଃପ୍ରୋଜ୍ଜ୍ୱଳ ଏବଂ ଶାଶ୍ୱତ ଦିବ୍ୟ ପରମ ଚେତନା ମଧ୍ୟ ପ୍ରଚ୍ଛନ୍ନ ହୋଇ ରହିଥାଏ ।

*

ଅଚେତନାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦିବ୍ୟ ପରମ ଇଚ୍ଛା ଆମର ଅଜାଣତରେ ମଧ୍ୟ ସର୍ବଶକ୍ତିଶାଳୀ ହୋଇ ରହିଥାଏ ।

*

ବସ୍ତୁତଃ, ମୋ'ର ତିଳେ ମାତ୍ର ସନ୍ଦେହ ନାହିଁ ଯେ, ଯେତେବେଳେ ଅଚେତନା ଉପରେ ବିଜୟ ଲାଭ ସମ୍ଭବ ହୋଇଯିବ, ସେତେବେଳେ ଆଉ କୌଣସି ସନ୍ଧିର ପ୍ରୟୋଜନ ରହିବ ନାହିଁ । ସେତେବେଳେ ସବୁକିଛି ସେ ଦିବ୍ୟ କରୁଣାରହିଁ ଏକ ମୁକ୍ତ ନିଷ୍ପତ୍ତିରେ ପରିଣତ ହୋଇଯିବ ।

***

ଗ୍ରୀକ୍‌ମାନଙ୍କଠାରେ ସୌନ୍ଦର୍ଯ୍ୟର ଏକ ତୀକ୍ଷ୍ଣ ତଥା ଅସାଧାରଣ ବୋଧ ରହିଥିଲା, ରୂପ ଓ ବସ୍ତୁଗୁଡ଼ିକର କ୍ଷେତ୍ରରେ ସମାନୁପାତିକତା ଓ ସମଞ୍ଜସତାର ଏକ ଜାଗରୂକ ବୋଧ ରହିଥିଲା । ମାତ୍ର, ଯୁଗପତ୍ ଭାବରେ ସେମାନଙ୍କ ମଧ୍ୟରେ କଠୋର ଅଦୃଷ୍ଟର ସମ୍ମୁଖରେ ମନୁଷ୍ୟର ସମ୍ପୂର୍ଣ୍ଣ ଶକ୍ତିହୀନତା ବିଷୟରେ ସମାନ ଭାବରେ ତୀବ୍ର ଏକ ବୋଧ ରହିଥିଲା । ସେହି ଅଦୃଷ୍ଟକୁ କେହି ଏଡ଼ି ପାରିବ ନାହିଁ ବୋଲି ସେମାନେ ବିଶ୍ୱାସ କରୁଥିଲେ । ଏହି ଅଦୃଷ୍ଟର ଅନମନୀୟତା ସେମାନଙ୍କୁ ଉତ୍ପୀଡ଼ିତ କରି ରଖିଥିଲା ଏବଂ ସେମାନଙ୍କର ଦେବତାମାନେ ମଧ୍ୟ ତାହାର ଅଧୀନ ହୋଇ ରହିଥିଲେ । ସେମାନଙ୍କର ପୁରାଣ କାହାଣୀ ଓ କିମ୍ବଦନ୍ତୀ ମାନଙ୍କରେ ଦିବ୍ୟ ଅନୁକମ୍ପା ଏବଂ କରୁଣା ବିଷୟରେ ପ୍ରାୟ ଆଦୌ କୌଣସି ଉଲ୍ଲେଖ ଦେଖିବାକୁ ମିଳେ ନାହିଁ ।

ପରେ ଖ୍ରୀଷ୍ଟିଆନ୍ ଧର୍ମର ଆଗମନ ସହିତ ଇଉରୋପରେ ଅନୁକମ୍ପା ଏବଂ କରୁଣାର ବିସ୍ମୃତିର ଆବିର୍ଭାବ ଘଟିଥିଲା—ମାତ୍ର ଏସିଆ ମହାଦେଶରେ ଏବଂ ବିଶେଷତଃ ଭାରତବର୍ଷରେ ଏହା ଅନେକ ପୂର୍ବରୁ ବୁଦ୍ଧଦେବଙ୍କର ଶିକ୍ଷାର ମୂଳକଥା ରୂପେ ପ୍ରଚ୍ଛରିତ ହୋଇ ସାରିଥିଲା ।

'oaob.nitrkl.ac.in' images reprocessed

ତେଣୁ, ଗ୍ରୀକ୍ ଦେଶର ଯାବତୀୟ ଗଳ୍ପ, କମ୍ବଦନ୍ତୀ ଏବଂ ଶୋକାନ୍ତ ନାଟକରେ ଆମେ ଏକ ଅଦୃଷ୍ଟର ଏହି ଅତିକଠୋର ନିର୍ମମତାର ପରିଚୟ ପାଇଥାଉ; ସେହି ନିର୍ମମତାକୁ ଏଡେଇବା କେହି ଟଳାଇ ପାରିବ ନାହିଁ ବୋଲି ବୋଧ ହେଉଥାଏ ।

✻

ଯେଉଁ ବିଶ୍ୱାସ ବିଶ୍ୱଗତ ପରମ ଦିବ୍ୟ ସତ୍ତ୍ୱଙ୍କ ପାଖରେ ଯାଇ ପହଞ୍ଚେ, ତାହା ଆପଣାର କ୍ରିୟାଶକ୍ତିରେ ଲୀଳାର ପ୍ରୟୋଜନଗୁଡ଼ିକ ଦ୍ୱାରା ସୀମିତ ହୋଇ ରହିଥାଏ ।

ଏହିସବୁ ସୀମିତତାରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହେବାକୁ ହେଲେ ଆମକୁ ବିଶ୍ୱାତୀତ ପରମ ଦିବ୍ୟସତ୍ତ୍ୱଙ୍କ ପାଖରେ ଯାଇ ପହଞ୍ଚିବାକୁ ହେବ ।

✻

କେବଳ ସେହି ଅଦୃଶ୍ୟ ପରମଶକ୍ତିଙ୍କର ସାମର୍ଥ୍ୟ ଉପରେହିଁ ଆସ୍ଥା ସ୍ଥାପନ କରାଯାଇ ପାରିବ ।

✻

କେବଳ ପରମ ଚେତନାହିଁ ତୁମର କର୍ମ ଉପରେ କୌଣସି ପ୍ରଭାବ ପକାଇ ପାରିବ ଏବଂ ଏହି ଚେତନା ହେଉଛି ଏକ ସ୍ୱାଧୀନ ଚେତନା, ଏହା ଯାବତୀୟ ମନୁଷ୍ୟ ଚେତନା ଠାରୁ ଊର୍ଦ୍ଧ୍ୱ ହୋଇ ରହିଥାଏ ।

✻

ସର୍ବୋଚ୍ଚ ପରମଶକ୍ତିହିଁ ଯାବତୀୟ କ୍ରିୟାତ୍ମକତାକୁ ନିଜର ହାତକୁ ଗ୍ରହଣ କରି ନେଉଛନ୍ତି । ସିଏ ସେଗୁଡ଼ିକୁ ଯଥାର୍ଥ ସତ୍ୟରେ ପରିଣତ କରିଦେବେ । ଏଥି ଲାଗି ଅନ୍ୟ କୌଣସି ଉଦ୍ୟମର ପ୍ରୟୋଜନ ନାହିଁ, ମନର କ୍ଷେତ୍ରରୁ ଅଥବା ଅନ୍ୟ କୌଣସିଟି ଯନ୍ତ୍ରଠାରୁ କୌଣସି ସାହାଯ୍ୟ ଲୋଡ଼ା ନାହିଁ, ଏପରିକି ବ୍ୟକ୍ତି ସେଥି ଲାଗି ନିଜର ସମ୍ମତି ଜଣାଇବାର ମଧ୍ୟ ଆଉ କୌଣସି ଆବଶ୍ୟକତା ନାହିଁ ।

✻

'oaob.nitrkl.ac.in' images reprocessed

ଯେଉଁମାନେ ପୂର୍ବରୁ କିସ୍ଥିତ ନିର୍ଦ୍ଦିଷ୍ଟ ହୋଇ ରହିଛନ୍ତି, ସେମାନେ ଅନ୍ତରସ୍ଥ ଏକ ପରମ ମାର୍ଗ ଦର୍ଶକର ସାହାଯ୍ୟ ଲାଭ କରିଥାନ୍ତି ।

**

ଦିବ୍ୟ ବ୍ୟାକୁଳତା : ସର୍ବଦା ସକ୍ରିୟ,— ଏପରିକି, ଯେତେବେଳେ ଆମେ ଆଦୌ ସେବିଷୟରେ କିଛି ଅନୁଭବ କରି ପାରୁ ନାହିଁ, ସେତେବେଳେ ମଧ୍ୟ ।

*

ଅଧିକାଂଶ ସମୟରେ ବୁଝି ହେଉ ନ ଥିବା ଏହି ଦିବ୍ୟ ବ୍ୟାକୁଳତାକୁ ଆମେ ବୁଝିବା ଓ କୃତଜ୍ଞ ହୋଇ ତାହାକୁ ଗ୍ରହଣ କରିବା ।

*

ପୂର୍ଣ୍ଣ ସାନ୍ତ୍ୱନା : ଯାହାକୁ କେବଳ ଦିବ୍ୟ ପରମସତ୍ତାଙ୍କଠାରୁହିଁ ଲାଭ କରିଯାଇ ପାରେ ।

*

ସାନ୍ତ୍ୱନା : ଦିବ୍ୟ ପରମ ସତ୍ତା ଆମକୁ ଯେଉଁ ଆଶୀର୍ବାଦ ଦିଅନ୍ତି ।

*

## ସୌନ୍ଦର୍ଯ୍ୟ

କଳାତ୍ମକ ରୁଚି ସୁନ୍ଦର ବସ୍ତୁଗୁଡ଼ିକରେ ପ୍ରସନ୍ନତା ଲାଭ କରେ ଏବଂ ସ୍ୱୟଂ ସୁନ୍ଦର ହୋଇ ରହିଥାଏ ।

*

'oaob.nitrkl.ac.in' images reprocessed

କଳାତ୍ମକ ବୋଧ : କୁସ୍ତ୍ରିତତା ସହିତ ସଂଗ୍ରାମ କରିବା ନିମନ୍ତେ ଏକ ଶକ୍ତିଶାଳୀ ସହାୟକ ।

❋

କଳାତ୍ମକ କୃତି : ସୌନ୍ଦର୍ଯ୍ୟର ସେବାରେ କରିଯାଉଥିବା ଯାବତୀୟ କାର୍ଯ୍ୟ ।

❋

ମା ଆ,

କଳାତ୍ମକ ନ ହୋଇଥିବା ନାନା କାର୍ଯ୍ୟରେ କାର୍ଯ୍ୟ କରିବାକୁ ଆମେ 'କ' (ଜଣେ କଳାକାର)ଙ୍କୁ ଅନୁରୋଧ କରି ପାରିବୁ କି ?

କଳାତ୍ମକ ଭାବ ନେଇ କରିଗଲେ ଯାବତୀୟ ପ୍ରତ୍ୟେକ କାର୍ଯ୍ୟ କଳାତ୍ମକ ହୋଇଥାଏ ।

୨୭ ଏପ୍ରିଲ୍ ୧୯୭୨

❋

ସୌନ୍ଦର୍ଯ୍ୟ ଏକ ମହାନ୍ ଶକ୍ତି ।

❋

ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ମଧ୍ୟରେ ସଂଗମର ଏକ ଶକ୍ତି ନିହିତ ହୋଇ ରହିଛି ।

❋

ଦ୍ରବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେଇ ପାରିଲେହିଁ ସୌନ୍ଦର୍ଯ୍ୟ ନିଜର ସମ୍ପୂର୍ଣ୍ଣ ଶକ୍ତିକୁ ଲାଭ କରିଥାଏ ।

❋

'oaob.nitrkl.ac.in' images reprocessed

ଆଗାମୀ କାଳର ସୌନ୍ଦର୍ଯ୍ୟ : ଯେଉଁ ସୌନ୍ଦର୍ଯ୍ୟ ଦିବ୍ୟ ପରମ ଶକ୍ତିକୁ ପ୍ରକାଶ କରିଦେବ ।

✽

ଦିବ୍ୟ ପରମଶକ୍ତିକୁ ପ୍ରକାଶିତ କରୁଥିବା ଆଗାମୀ କାଳର ସୌନ୍ଦର୍ଯ୍ୟ : ଏପରି ଏକ ସୌନ୍ଦର୍ଯ୍ୟ, ଯାହାକି କେବଳ ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗିହିଁ ଅସ୍ତିତ୍ୱ ଧାରଣ କରି ରହିଥାଏ ।

✽

ସୌନ୍ଦର୍ଯ୍ୟ ଆପଣା ମଧ୍ୟରେହିଁ କଦାପି ଯଥେଷ୍ଟ ହୋଇ ରହିପାରେ ନାହିଁ, ତାହା ଦିବ୍ୟ ହେବା ଲାଗି ଇଚ୍ଛା କରୁଥାଏ ।

✽

ଏକ ମହାନ୍ ବିଶୁଦ୍ଧୀକରଣ ଦ୍ୱାରାହିଁ ଶୁଦ୍ଧ ସୌନ୍ଦର୍ଯ୍ୟ ବୋଧର ଅର୍ଜନ ସମ୍ଭବ ହୋଇପାରେ ।

✽

ସୌନ୍ଦର୍ଯ୍ୟର ଆଦର୍ଶ ଆପଣାର ଅନନ୍ତ ଲକ୍ଷ୍ୟର ଅଭିମୁଖରେ ଅଗ୍ରସର ହେବାରେ ଲାଗିଥାଏ ।

✽

ଜୀବନସ୍ଥ ସବୁଠାରୁ ଅଧିକ ମୂଲ୍ୟବାନ୍ ବସ୍ତୁଗୁଡ଼ିକ ମଧ୍ୟରେ ଏପରି କେତେକ ବସ୍ତୁ ରହିଛି, ଯାହାକୁ କି ତୁମେ ବାହ୍ୟ ଚକ୍ଷୁରେ ଆଦୌ ଦେଖିପାରି ନାହିଁ ।

୧୦ ନଭେମ୍ବର ୧୯୬୯

✽

'oaob.nitrkl.ac.in' images reprocessed

# ସାଧାରଣ

ଆଶାବାଦ : ଏହାର ବିପରୀତଟିର ତୁଳନାରେ ଅପେକ୍ଷାକୃତ ଅଧିକ ସାହାଯ୍ୟ କରେ ।

*

କୌତୂହଳ : ଆମେ ଯଦି ଅସାଧାରଣ ହେବାକୁ ଇଚ୍ଛା କରୁଥାଉ, ତେବେ ଆମକୁ ସେହିପରି କରି ପାରିବା ପର୍ଯ୍ୟନ୍ତ ଏହାହିଁ ଆମର ଗୁଣଗୁଡ଼ିକରେ ପରିଣତ ହୋଇ ରହୁ ।

*

ମାନସିକ କୌତୂହଳ ଯେପରି ବିପଜ୍ଜନକ ହୋଇ ନ ଉଠେ, ସେଥି ଲାଗି ତାହାକୁ ଗମ୍ଭୀର ଭାବରେ ନିୟନ୍ତ୍ରିତ କରି ରଖିବାକୁ ପଡ଼ିବ ।

*

ଭୌତିକ ସ୍ତରର କୌତୂହଳର ଆପଣାର ଲକ୍ଷ୍ୟ ଅନୁସାରେହିଁ ଯାହାକିଛି ମୂଲ୍ୟ ରହିଥାଏ ।

*

ଶୁଷ୍କତା : କିଛିମାତ୍ରା ପରିମାଣରେ କଠୋର ଓ ଗର୍ବଯୁକ୍ତ, ଏହା ଅତ୍ୟନ୍ତ ଅରକ୍ଷିତ ହୋଇ ରହିଥାଏ ।

*

ଏକ ଉଦ୍ୟମ ଗୋଟିଏ ଅତି ସାନ କଥା, ମାତ୍ର ତାହା ଭବିଷ୍ୟତ ଲାଗି ଏକ ପ୍ରତିଶ୍ରୁତିରେ ମଧ୍ୟ ପରିଣତ ହୋଇପାରେ ।

*

'oaob.nitrkl.ac.in' images reprocessed

ଦିବ୍ୟ ପରମସତ୍ତାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇ ପାରୁଥିବା ସମସ୍ତରେହିଁ ଯାବତୀୟ ଉଦ୍ଭାବନର କୌଣସି ଉପଯୋଗିତା ରହିଥାଏ ।

*

କେବଳ ଦିବ୍ୟ ପରମସତ୍ତାଙ୍କର ସେବାରେହିଁ ସୁବର୍ଣ୍ଣର ବ୍ୟବହାର କରାଯାଇ ପାରିବ ।

*

ଦାନଶୀଳତା : ସରଳ ଏବଂ ମିଷ୍ଟାଗ୍ରହୀ, ସମସ୍ତଙ୍କର ପ୍ରୟୋଜନ ବିଷୟରେ ମନୋଯୋଗୀ ।

*

ନିସ୍ୱାର୍ଥପରତା : ତାହା ଯେପରିକି ଆଦୌ କୌଣସି କ୍ଷେତ୍ରରେ ନାହିଁ କରି ପାରବ ନାହିଁ, ସେଥି ଲାଗି ଟଳୀର ଭାବରେ ଉନ୍ମୁକ୍ତ ହୋଇ ରହିଥାଏ ।

'oaob.nitrkl.ac.in' images reprocessed

# ବ୍ୟକ୍ତିଗତ ପରାମର୍ଶ

## ସଂକ୍ଷିପ୍ତ ଉତ୍ତରମାନ

ମୋର ମନ ଏପରି ସମ୍ପୂର୍ଣ୍ଣ ଭାବରେ ବହୁ ସଂଶୟ ଏବଂ ଅନ୍ୟ ନିମ୍ନତର ପ୍ରଭାବମାନଙ୍କ ଦ୍ୱାରା ଆଚ୍ଛନ୍ନ ହୋଇ ରହିଛି ଯେ, ମୁଁ ଅନୁଭବ କରୁଛି, ଯଦି ଠିକ୍ ଏହି ମୁହୂର୍ତ୍ତରେହିଁ ମୋ' ଶରୀରର ପ୍ରୟାଣ ଘଟନ୍ତା, ତେବେ ପ୍ରକୃତରେ ଖୁବ୍ ଭଲ ହୁଅନ୍ତା ! ତଥାପି, ଏସବୁ ସତ୍ତ୍ୱେ, ଏକ ପୁରୁଷସତ୍ତ୍ୱ ହିସାବରେ ମୁଁ ଏହିପରି ଯେକୌଣସି ନିରର୍ଥକ କ୍ରିୟାତ୍ମକତା ବିଷୟରେ ଅତ୍ୟନ୍ତ ନିର୍ଲିପ୍ତ ହୋଇ ରହିଛି ।

**ହଁ, ସେଗୁଡ଼ିକ ପ୍ରକୃତରେ ନିରର୍ଥକ — ସେଗୁଡ଼ିକୁ ପରିତ୍ୟାଗ କର । ମୋ'ର ଅନେକ ଆଶୀର୍ବାଦ ସହିତ ।**

୧୯୩୩

❋

ମୁଁ ଜାଣି ପାରୁ ନାହିଁ, କାହିଁକି କେତେ ଦିନ ଧରି ମୋତେ ମୋଟେ ଭଲ ଲାଗୁ ନାହିଁ । ମୁଣ୍ଡଟାକୁ କେତେ ଚିନ୍ତା ଆକ୍ରାନ୍ତ କରି ରହିଛନ୍ତି, ପ୍ରାଣିକ ଅତ୍ୟନ୍ତ ଅବସାଦ ଅନୁଭବ କରୁଛି ଏବଂ ଶରୀର ଅସୁସ୍ଥ ହୋଇ ପଡ଼ୁଛି ।

ସେସବୁ ବିଷୟରେ ଆଦୌ ଚିନ୍ତିତ ହୁଅ ନାହିଁ, ନୀରବ ରହ, ନିଜର ବିଶ୍ୱାସକୁ ଅତୁଟ ରଖିଥାଅ । ଏସବୁ କୁଆଡ଼େ ଦୂର ହୋଇଯିବ ।

୧ ଫେବୃଆରୀ ୧୯୩୩

❋

'oaob.nitrkl.ac.in' images reprocessed

ମୁଁ ଜାଣି ପାରୁ ନାହିଁ, ମୋର ଆତ୍ମୋତ୍ସର୍ଗ ଲାଗି ଅନୁଷ୍ଠାନ ନାନାଭାବନା କପରି ମୋ' ମନ ଭିତରେ ଆସି ପଶି ଯାଉଛନ୍ତି ଓ ମୋତେ ଏକାବେଳକେ ବିପର୍ଯ୍ୟସ୍ତ କରି ପକାଉଛନ୍ତି । ସେମାନଙ୍କୁ ନିକାଲି ବାହାର କରିଦେବାକୁ ମୁଁ ପ୍ରାଣପଣେ ଚେଷ୍ଟା କରୁଛି ଓ ଆପଣଙ୍କୁହିଁ ମନନ କରିବାରେ ନିମଗ୍ନ ହୋଇ ରହିବାକୁ ଉଦ୍ୟମ କରୁଛି । ମାତ୍ର ତଥାପି ସେମାନେ ଅନେକ ସମୟରେ ଆସି ପୁଣି ପହଞ୍ଚି ଯାଉଛନ୍ତି । ସେମାନେ ଏପରି ବାରମ୍ବାର ଆସୁଛନ୍ତି କାହିଁକି, ଏବଂ ସେମାନେ ପ୍ରକୃତରେ କେଉଁଠାରୁ ଆସୁଛନ୍ତି ? ସେମାନେ କ'ଣ ଏପର୍ଯ୍ୟନ୍ତ ବିଶୁଦ୍ଧୀକୃତ ହୋଇ ନ ଥିବା ବିଶ୍ୱପ୍ରକୃତି ମଧ୍ୟରେ ରହିଛନ୍ତି ଏବଂ, ମୋର ଏହି ସମ୍ପୂର୍ଣ୍ଣ ମନୁଷ୍ୟପ୍ରକୃତିରେ ଏକ ରୂପାନ୍ତର ନ ଘଟିବା ପର୍ଯ୍ୟନ୍ତ କ'ଣ ସେମାନେ ଏହିପରି ବାର ବାର ଆସୁଥିବେ ?

ହଁ, ସେମାନେ ସେହି ଅପୁନରୁଜ୍ଜୀବିତ ବିଶ୍ୱ-ପ୍ରକୃତି ମଧ୍ୟରେହିଁ ରହିଥାନ୍ତି । ମାତ୍ର, ଆମ ନିଜ ଭିତରେ ଯେତେ ପରିମାଣରେ ଏକ ରୂପାନ୍ତର ଘଟିଥାଏ, ଆମେ ସେହି ଅନୁସାରେ ସେଗୁଡ଼ିକୁ ଅବଶ୍ୟ ଦୂରରେ ରଖି ପାରିବା ଏବଂ ତା'ପରେ ସେମାନେ ଆମକୁ ଆଉ କୌଣସି କଷ୍ଟ ଦେଇ ପାରିବେ ନାହିଁ ।

*

ଅନ୍ୟମାନଙ୍କ ପାଖରେ ରହିଥିବା ବସ୍ତୁଗୁଡ଼ିକୁ ସବୁଆଗ ମନ କରିବା ହେଉଛି ଏକ ପ୍ରାଣିକ ସ୍ତରର ଅଭ୍ୟାସ । ସେଥିପ୍ରତି ତୁମେ ଆଦୌ କୌଣସି ଧ୍ୟାନ ଦିଅ ନାହିଁ ।

୨ ଜୁନ୍ ୧୯୩୪

*

ତୁମେ କ'ଣ ଭାବୁଛ କେବଳ ତୁମର ମନ ମୋ'ର କାର୍ଯ୍ୟ ଲାଗି ଉନ୍ମୁକ୍ତ ହୋଇ ରହୁଛି ? ସେକଥା ମୋଟେ ଠିକ୍ ନୁହେଁ, କାରଣ, ତୁମର ମନ ଅପେକ୍ଷା ତୁମର ହୃଦୟମଧ୍ୟଦେଇହିଁ ମୁଁ ତୁମ ଉପରେ ଅଧିକ କ୍ରିୟା କରୁଛି ।

୪ ଜୁନ୍ ୧୯୩୪

*

ଆମର ସାବଲୀଳ କ୍ରିୟା ଓ ଗତିସ୍ପନ୍ଦନର ଅନ୍ତର୍ଗତ କାରଣ ବିଷୟରେ ଆମେ ସର୍ବଦା ଅଚେତନ ହୋଇ ରହିଥାଉ ।

ହଁ, ସତ୍ତାର ଗତିସ୍ପନ୍ଦନଗୁଡ଼ିକ ସର୍ବଦା ଅତ୍ୟନ୍ତ ଜଟିଳ ହୋଇ ରହିଥାନ୍ତି ।

୫ ଜୁନ୍ ୧୯୩୪

*

ମୋର ଭୌତିକ ସତ୍ତା ଆପଣଙ୍କର ପ୍ରେମ ଲାଗି ପିପାସିତ ହୋଇ ରହିଛି । ମା'ଆ, ଆପଣ ଆଉ ବିଳମ୍ବ କରନ୍ତୁ ନାହିଁ । ଏହି ସନ୍ତାନଟି ଯେ ବିବେକ ଦ୍ୱାରା ଆଦୌ ପରିଚାଳିତ ହେବ ନାହିଁ, ସେକଥା ଆପଣ ଜାଣିଛନ୍ତି । ସିଏ କେବଳ ତା'ର ମା'ଙ୍କ ବକ୍ଷକୁ ଜାବୁଡ଼ି ଧରି ରହିବାକୁ ଇଚ୍ଛା କରୁଛି ।

ତୁମେ ଭଲକରି ଜାଣିଛ ଯେ ମୁଁ ସର୍ବଦା ତୁମ ପାଖରେ ରହୁଛି, ତୁମ ଭିତରେ ରହୁଛି, ଅନ୍ୟ ଚେତନାଗୁଡ଼ିକ ପରି ଭୌତିକ ଚେତନା ମଧ୍ୟରେ ବି ରହୁଛି ।

୧୦ ଜୁଲାଇ ୧୯୩୪

*

'oaob.nitrkl.ac.in' images reprocessed

ହଁ, ବାହ୍ୟ ପ୍ରକୃତିକୁ ଶାନ୍ତ ଓ ସ୍ଥିର ହୋଇଯିବାକୁ ପଡ଼ିବ ଏବଂ ଚୈତ୍ୟ ପରମସତ୍ତ୍ୱଙ୍କ ଆଡ଼କୁ ଉନ୍ମୁଖ ହେବାକୁ ପଡ଼ିବ ।

୨୧ ଡିସେମ୍ବର ୧୯୩୬

*

ଆମର ଭୁଲ୍ ବୁଝିବା ଏବଂ ଭୁଲ୍ କରିବା ବିଷୟରେ ଅନ୍ତତଃ ମାନସିକ ସ୍ତରରେ ଆମର ଏକ ସଂପ୍ରତ୍ୟୟ ହୋଇଯାଇଥାଏ ଏବଂ ସେଗୁଡ଼ିକର ସଂଶୋଧନ ନିମନ୍ତେ ଏକ ପ୍ରାଣସ୍ତରୀୟ ଆଘାତ ଦେଇ ସେଗୁଡ଼ିକୁ ବାହାର କରିଦେବାକୁ ଆମେ ସଂକଳ୍ପବଦ୍ଧ ମଧ୍ୟ ହୋଇଥାଉ । ଆମେ ବିଶ୍ୱାସ ରଖିଥାଉ ଯେ ଆପଣଙ୍କ କରୁଣାମୟ ଶକ୍ତି ଦ୍ୱାରା ଏହା ଖୁବ୍ ଶୀଘ୍ର ସମ୍ଭବ ହୋଇଯିବ । ଅବଶ୍ୟ ହୁଏତ ମାତ୍ର କେତୋଟା ଦିନ ଭିତରେ ହୋଇଯିବ ନାହିଁ, ମାତ୍ର ତଥାପି ସୁନିଶ୍ଚିତ ଭାବରେ ଦିନେ ନା ଦିନେ ଘଟିବ ।

ସଙ୍ଗେ ସଙ୍ଗେ କାହିଁକି ନ ହୋଇ ପାରିବ ? ସଦିଚ୍ଛା ଏବଂ ବିଶ୍ୱାସ ରହିଥିଲେ ଆଦୌ କିଛି ହେଲେ ଅସମ୍ଭବ ହେବ ନାହିଁ ।

୭ ଜୁଲାଇ ୧୯୩୯

*

ମାଆ, ଏଠାରେ ଆସି ଋତିବାର ଏହି ବର୍ଷଗୁଡ଼ିକ ଭିତରେ ମୁଁ କ'ଣ କରିଛି ବୋଲି ଯେତେବେଳେ ମୋତେ କେହି ପଚାରେ, ସେତେବେଳେ ମୁଁ ଉତ୍ତର ଦେଇ କହେ ଯେ ମୁଁ ନିଷ୍ଠାର ସହିତ ସେବା କରିଛି ଏବଂ ତାହାହିଁ ହେଉଛି ମୋର ସାଧନା । ଏହା ବ୍ୟତୀତ ମୁଁ ଆଉକିଛି ବୁଝେ ନାହିଁ । ଏକଥା ସତ ଯେ, ଏହି କଥାଟିକୁ ବୁଝିବା ସକାଶେ ମୋତେ ଅନେକ ଦିନ ଲାଗିଛି, ଏବଂ ବେଳେ ବେଳେ ମୁଁ ଭାରି ବ୍ୟସ୍ତ ବି ହୋଇପଡ଼ିଛି । ମାଆଙ୍କର ପରମ କରୁଣାରୁ ମୁଁ ତାଙ୍କର ସେବା

'oaob.nitrkl.ac.in' images reprocessed

ବିଷୟରେ ଅବଶ୍ୟ କିଛିଟା ବୁଝିପାରୁଛି ଏବଂ ସେହି ସେବାରେହିଁ ମୁଁ ତାଙ୍କର ଶକ୍ତି ଓ ତାଙ୍କର ପ୍ରେମକୁ ଅନୁଭବ କରିପାରୁଛି । ଏହାହିଁ ମୋ ଲାଗି ବେଶ୍ ଯଥେଷ୍ଟ ବୋଲି ମୁଁ ଜାଣୁଛି । ମାଆ ଏକଥା ସତ ନୁହେଁ କି ?

ତୁମେ ଅବଶ୍ୟ ଯଥାର୍ଥଭାବରେ ବୁଝିଛ ଏବଂ ଅଧିକରୁ ଅଧିକ ଭଲ ଭାବରେ ନିଜର କାର୍ଯ୍ୟ କରୁଛ,—ଏପରି ଏକ ଚେତନାର ସହିତ କାର୍ଯ୍ୟ କରୁଛ, ଯାହାକି ଏକ ସମଗ୍ର ଆଲୋକ ଅଡ଼କୁ ଅଗ୍ରଗତି କରିବାରେ ଲାଗିଛି ।

*

ଯେତେବେଳେ ମୋତେ କେହି କୌଣସି କଥା ମାଗନ୍ତି, ସେତେବେଳେ ତାଙ୍କୁ ମନା କରିବା ମୋ'ଲାଗି ପ୍ରକୃତରେ କଷ୍ଟକର ହୋଇଥାଏ । ମୁଁ ଭାବୁଛି ଏହା ମୋ ସ୍ୱଭାବର ଏକ ଦୁର୍ବଳତା । ମାଆ ଏକଥା ଠିକ୍ ନୁହେଁ କି ?

କଥାଟିକୁ ତୁମେ କିପରି ଦୃଷ୍ଟିରେ ଦେଖୁଛ ଏବଂ କେଉଁ ଭାବନା ସହିତ କରୁଛ, ସବୁ ତାହାରି ଉପରେ ନିର୍ଭର କରେ ।

*

ମାଆ, କାଠର ଏହିସବୁ କଟା ଅଂଶରୁ ମୁଁ ଆଜି ଗୋଟିଏ ପଙ୍ଖା ତିଆରି କରିଥିଲି । ଏଇଟିକୁ ମୁଁ ଆପଣଙ୍କର ପାଦତଳେ ନେଇ ଅର୍ପଣ କରୁଛି, ମାତ୍ର ଏଥିରେ ଥିବା କଳାତ୍ମକ ଗୁଣ ଦୃଷ୍ଟିରୁ ଆପଣ ଏହାକୁ ଗ୍ରହଣ କରିବେ କି ନାହିଁ କେଜାଣି ? କାରଣ ଏଥିରେ ଯେ ସେଭଳି କୌଣସି ଗୁଣ ନାହିଁ, ତାହା ମୁଁ ସ୍ପଷ୍ଟ ଭାବରେ ସ୍ୱୀକାର କରୁଛି । ମାଆ, ମୋର ବିଶ୍ୱାସ ଯେ ଆପଣ ଏହାକୁ ମୋର ଭୌତିକ ସମର୍ପଣର ଏକ ପ୍ରତୀକ ହିସାବରେ

'oaob.nitrkl.ac.in' images reprocessed

ଗ୍ରହଣ କରିବେ । ମୋ ତରଫରୁ କହିବାକୁ ଗଲେ, ଆମେ କରୁଥିବା ଯେକୌଣସି କାର୍ଯ୍ୟର ଅନ୍ୟାନ୍ୟ ଗୁଣ ଅପେକ୍ଷା ମୁଁ ତାହାକୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରୁଛି । ଅବଶ୍ୟ ତା'ବୋଲି କଳାତ୍ମକ ସୌନ୍ଦର୍ଯ୍ୟ ଉପରେ ଦିଆଯିବ ନାହିଁ ବୋଲି ମୁଁ ଆଦୌ ଭାବୁ ନାହିଁ । ମାଆ, ମୋ' କଥା ପ୍ରକୃତରେ ଠିକ୍ କି ?

ହଁ ତୁମ କଥା ଠିକ୍ । ଏବଂ ତୁମର ପଙ୍କ୍ତି ମଧ୍ୟ ଆଦୌ ଅସୁନ୍ଦର ହୋଇ ନାହିଁ । ଏହାର ଏକ ସ୍ୱକୀୟ ଆକର୍ଷକତା ଅବଶ୍ୟ ରହିଛି ।

*

ମୁଁ ଟଙ୍କାପଇସା ନେଇଯାଉଛି ଓ ତାହା ଯାହାଙ୍କ ପାଖକୁ —ମାଆଙ୍କ ପାଖକୁ ଯିବା ଉଚିତ, ସେଠାକୁ ନ ନେଇ ତାହାକୁ ଅନ୍ୟଆଡ଼େ ଖର୍ଚ୍ଚ କରିଦେଉଛି ବୋଲି ଏକ ଧାରଣା ସୃଷ୍ଟି କରିଥିବାରୁ ମୁଁ ଅତ୍ୟନ୍ତ ଦୁଃଖ ଅନୁଭବ କରୁଛି । ମୁଁ ଏତିକି ଚେଷ୍ଟା କରୁଛି ଯେ, ଏଠାରେ ଯାବତୀୟ ସମ୍ପଦ ମାଆଙ୍କ ସମ୍ପଦ ଏବଂ ତେଣୁ ତାଙ୍କର ନିର୍ଦ୍ଦେଶ ଅନୁସାରେ ଆମକୁ ତାହା ବ୍ୟବହାର କରିବାକୁ ପଡ଼ିବ । ଯେଉଁଠି ମୋର କହିବା ଲାଗି ଅଧିକାର ଥାଏ, ମୁଁ ସେଠାରେ ତାହାହିଁ କହିଛି । ମାତ୍ର ତଥାପି ଏକ ବିପରୀତ ଧାରଣାର ସୃଷ୍ଟି ହୋଇଛି ବୋଲି ମୁଁ ପ୍ରକୃତରେ ଦୁଃଖ ଅନୁଭବ କରୁଛି । ମୋ' ମୁଣ୍ଡ ଉପରେ ଥିବା ଏକ ନିର୍ଦ୍ଦିଷ୍ଟ ବୋଝରୁ ମୁକ୍ତହେବା ଲାଗି ମୁଁ ଏକଥା ଲେଖୁଛି ।

ଏପରି ଗୋଟିଏ ଜନରବ କିଏ ପ୍ରଚାର କଲେ ମୋତେ ସେକଥା ଜଣା ନାହିଁ, ମାତ୍ର ମୁଁ ନିର୍ଭରର ସହିତ କହୁଛି ଯେ, ତାହା ସତ ନୁହେଁ ବୋଲି ମୋତେ

'oaob.nitrkl.ac.in' images reprocessed

କଣାଅଛୁ । ତେଣୁ ତୁମେ ଆଦୌ କୌଣସି ଚିନ୍ତା କର ନାହିଁ ଏବଂ ତୁମର ହୃଦୟରେ ଶାନ୍ତି ଉପଭୋଗ କର । ମୋ'ର ଅନେକ ଆଶୀର୍ବାଦ ସହିତ ।

❋

ଯାହା ତୁମେ ଖୋଜୁଛ, ତାହା ସର୍ବଦା ତୁମ ଲାଗି ପ୍ରସ୍ତୁତ ହୋଇ ରହିଛି । ଚୈତ୍ୟ ପ୍ରବର୍ତ୍ତନଟି ସଂପୂର୍ଣ୍ଣ ହୋଇଯାଉ, ଏବଂ ତେବେ ତୁମେ ଯେଉଁଥି ସକାଶେ ଅଭୀପ୍ସା ରଖିଛ, ଏହା ତୁମକୁ ସ୍ୱୟଂ ତାହାର ପାଖକୁ ପରିଚାଳିତ କରି ନେଇ ଆସିବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

୧୫ ଫେବୃଆରି ୧୯୩୯

❋

ମୋ'ର ସତ୍ତା ପ୍ରକୃତରେ କ'ଣ ଇଚ୍ଛା କରୁଛି, ମୁଁ ସେହି ବିଷୟରେ ବେଳେ ବେଳେ ଗମ୍ଭୀର ଭାବରେ ଚିନ୍ତା କରୁଛି, ମାତ୍ର ଆଦୌ କିଛି ବୁଝିପାରୁ ନାହିଁ । ଏକଥା କପରି ହେଉଛି ଯେ, ଯାହା ପ୍ରକୃତରେ ଅଛି ଓ ସେହି ରହିବାରୁ ତଥା ସଂଭୂତ ହେବାରୁ ଆନନ୍ଦ ଲାଭ କରୁଛି, ସେହି ପ୍ରକୃତ ସତ୍ତାର ବୋଧକୁ ମୁଁ ଅନୁଭବ କରିପାରୁ ନାହିଁ ? ମୁଁ କାହିଁକି କୌଣସି ସୃଜନାତ୍ମକ କାର୍ଯ୍ୟରେ କୌଣସି ଯଥାର୍ଥ ଆଗ୍ରହ ଅନୁଭବ କରୁ ନାହିଁ ? ମୋ'ର ମନ ବେଶ୍ ସକ୍ରିୟ ରହିଛି, ତାହା ବୁଝିବାକୁ ଇଚ୍ଛା କରୁଛି, ଆଲୋକଯୁକ୍ତ ହେବାକୁ ଇଚ୍ଛା କରୁଛି, ଏବଂ ବସ୍ତୁଗୁଡ଼ିକର ସତ୍ୟକୁ ଦେଖିବାକୁ ଏବଂ ଜାଣିବାକୁ ମଧ୍ୟ ଇଚ୍ଛା କରୁଛି । ଏବଂ ମୋ'ର ମନ କ୍ରମଶଃ ସେହି ଦିଗରେ ଅଭିବୃଦ୍ଧି ଲାଭ କରୁଛି ବୋଲି ମୁଁ ଅନୁଭବ ମଧ୍ୟ କରି-ପାରୁଛି । ମୋ'ର ଆତ୍ମସତ୍ତାକୁ ପ୍ରକୃତରେ ସନ୍ତୋଷ ପ୍ରଦାନ କରିପାରିବା ଭଳି କୌଣସି ବସ୍ତୁକୁ ହାତମୁଠାରେ ପାଇବାକୁ ମୁଁ ଅନେକ ସମୟରେ ହୃଦୟ ମଧ୍ୟରେ ଏକ

'oaob.nitrkl.ac.in' images reprocessed

ତୀବ୍ର ବ୍ୟାକୁଳତା ଅନୁଭବ କରୁଛି, ମାତ୍ର ସେହି ବ୍ୟାକୁଳତା ଆଦୌ ଖୁବ୍ ବେଶୀ ସମୟ ସ୍ଥାୟୀ ହୋଇ ରହୁ ନାହିଁ । ତାହା ଅସ୍ଥିରର କୌଣସି ଏକ ବୈଚିତ୍ର୍ୟହୀନ ସ୍ଥିତିମଧ୍ୟକୁ ଅନ୍ତର୍ହିତ ହୋଇ ଯାଉଛି । ମୋ'ର ଯଥାର୍ଥ ସତ୍ତା ପ୍ରକୃତରେ କ'ଣ ଇଚ୍ଛା କରୁଛି, ଆପଣ ସେବିଷୟରେ କ'ଣ ଭାବୁଛନ୍ତି ?

ସେହି ଦିବ୍ୟ ପରମସତ୍ତାଙ୍କୁ ।

ମୁଁ ଏକଥା ମଧ୍ୟ ଅନୁଭବ କରୁଥିଲି ଯେ, ଆପଣ ମୋ' ଉପରେ ଖୁବ୍ ବେଶୀ ସନ୍ତୁଷ୍ଟ ନାହାନ୍ତି ।

ସେକଥା ଆଦୌ ଠିକ୍ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ତା'ର ନିଜ ଅସୁବିଧାମାନ ରହିଛି ଏବଂ ତାକୁ ସେଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇ ଯିବା ସକାଶେ ସାହାଯ୍ୟ କରିବାକୁ ମୁଁ ରହିଛି ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ।

୨୫ ଫେବୃଆରି ୧୯୪୨

*

ମୋ' ଭିତରକୁ ଏପରି ଏକ ଭାବନା ଆସିଲା ଯେ, ଆପଣଙ୍କ ଠାରୁ ପ୍ରତ୍ୟକ୍ଷ ଭାବରେ କୌଣସି ପ୍ରସ୍ତାବ କିଂବା ନିର୍ଦ୍ଦେଶନା ନ ପାଉଥିବା ସମୟରେ ମଧ୍ୟ, ଆପଣଙ୍କର କାର୍ଯ୍ୟ ସମ୍ପନ୍ନ ହେବା ଦୃଷ୍ଟିରୁ, **ମୋ ନିଜ ମାର୍ଗରେ*** ଆପଣଙ୍କର ସେବା କରି ପାରିବାକୁ ମୁଁ ନିଜେ ଯାହା ପାରିବି, ତାହା କରିବା ମୋ'ଲାଗି ଅବଶ୍ୟ ଉଚିତ ହେବ । ଏବଂ ମୋ'ର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେହିଁ

*ମା ଏହି ଶବ୍ଦଗୁଡ଼ିକ ତଳେ ଗାର ଟାଣି ଦେଇଥିଲେ ।

'oaob.nitrkl.ac.in' images reprocessed

ମୁଁ ତାହା କରିବି । ଆପଣ ଦୟା କରି ଏହି ବିଷୟରେ ଆଲୋକପାତ କରିବେ ଓ ମୁଁ ଭୁଲ୍ କହୁଥିଲେ ମୋତେ ସଂଶୋଧନ କରିଦେବେ ।

ଏହା ସର୍ବଦା ଅତ୍ୟନ୍ତ ବିପଜ୍ଜନକ । ବ୍ୟକ୍ତି ତା'ର ନିଜ ବାଟରେ ନୁହେଁ, ବରଂ ପରମପ୍ରଭୁଙ୍କର ବାଟରେହିଁ ପରମପ୍ରଭୁଙ୍କର ସେବା କରିବ ।

ଅନେକ ଆଶୀର୍ବାଦ ।

* ୧୦ ଏପ୍ରିଲ୍ ୧୯୪୭

ନିଷ୍ପତ୍ତି ଗ୍ରହଣ କରି ପାରିବା ନିମନ୍ତେ ମୁଁ ଗୋଟିଏ କୌଶଳ ବାହାର କରିଛି । ମୁଁ କଥାଟିକୁ ସଙ୍ଗେ ସଙ୍ଗେ ନ କରି ଗଡ଼ାଇ ଦିଏ ଏବଂ ଅନ୍ତର୍ଗତ ଭାବରେ ତାହାକୁ ଆପଣଙ୍କର ସମ୍ମୁଖରେ ନେଇ ଉପସ୍ଥାପିତ କରେ । ଏକ ସମାଧାନ ଆପଣାଛୁଏଁ ଆସିଯାଏ ।

ଏହା ପ୍ରକୃତରେ ଯଥାର୍ଥ ମାର୍ଗ ଏବଂ ଯାବତୀୟ କ୍ଷେତ୍ରରେ ଠିକ୍ ଏହିପରି କରାଯିବା ଉଚିତ ।

*

ଜାଣିକରି ହେଉ ଅଥବା ନ ଜାଣି ହେଉ ପଛକେ, ମୁଁ ଯାହା କରେ ବୋଲି ଆପଣ ଇଚ୍ଛା କରୁଛନ୍ତି, ମୁଁ ଯେପରି ତାହାହିଁ କରିବା ଲାଗି ସମର୍ଥ ହୁଏ !

ଏହାହିଁ ଯଥାର୍ଥ କଥା, ଏହା ସର୍ବୋତ୍ତମ କଥା ।

*

'oaob.nitrkl.ac.in' images reprocessed

ମୋ'ର ପ୍ରିୟ ସନ୍ତାନ, ତୁମେ ପ୍ରକୃତରେ ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଅତିକ୍ରମ କରି ଆସିଛ । ମାତ୍ର ତୁମର ଶରୀରରେହିଁ ଏହି ନୂତନ ଜନ୍ମ ସଂଘଟିତ ହୋଇଛି ଏବଂ ଏକ ନୂତନ ଅଗ୍ରଗତି ନିମନ୍ତେ ବର୍ତ୍ତମାନ ତୁମ ସମ୍ମୁଖରେ ମାର୍ଗ ଉନ୍ମୁକ୍ତ ହୋଇ ରହିଛି ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

୧୯ ଏପ୍ରିଲ୍ ୧୯୬୦

*

"ମୋତେ ମାର୍ଗ ଜଣାଅଛି । ମାତ୍ର ବାଟ ଚାଲୁ ଚାଲୁ ଯଦି ମୋତେ ତସ୍କରମାନେ ଲୁଟିନେଲେ, ତେବେ ମୁଁ ଆଉ କ'ଣ କରି ପାରିବ ?" — ମୌଲାନା ଆଜାଦ୍

ତସ୍କରମାନଙ୍କୁ ଧରିବା ପାଇଁ ପ୍ରଭୁଙ୍କୁ ଡାକିବ ।

୨୭ ଅକ୍ଟୋବର ୧୯୬୩

*

ନିମ୍ନଲିଖିତ ପ୍ରଶ୍ନଟି ବିଷୟରେ ମାଆ ଆଲୋକପାତ କରିବେ ବୋଲି ମୁଁ ଇଚ୍ଛା କରୁଛି । ବର୍ତ୍ତମାନ ପୃଥିବୀ ଯେପରି ଅବସ୍ଥାରେ ରହିଛି, ଆମକୁ ସେହି ଅବସ୍ଥା ମଧ୍ୟରେହିଁ କାର୍ଯ୍ୟ କରିବାକୁ ହେବ । ତେବେ ଆମେ ଉପଲବ୍ଧ ପରିବେଶଗୁଡ଼ିକୁ କାମରେ ଲଗାଇ, ବଳ ସଂଗ୍ରହ କରି ଦିବ୍ୟ ପରମଇଚ୍ଛାକୁ ତାଙ୍କର ସେହି ଶୁଦ୍ଧ ରୂପରେ ପ୍ରକାଶିତ କରିବା ଲାଗି ଚେଷ୍ଟା ନ କରିବା କାହିଁକି ?

ମାତ୍ର, ଆମେ ଯେ ଏହି ପୃଥିବୀରେ ବାସ କରୁଛୁ, ତାହାର ଅର୍ଥ ହେଉଛି ଯେ ଆମେ "ଉପଲବ୍ଧ ପରିବେଶଗୁଡ଼ିକୁ କାମରେ ଲଗାଉଛୁ" । ତା' ନ ହେଲେ ତ ଜୀବନ ଧାରଣ କରିବା ମଧ୍ୟ ଅସମ୍ଭବ ହୋଇ ପଡ଼ନ୍ତା ।

ଅନେକ ଆଶୀର୍ବାଦ ।

୧୮ ମାର୍ଚ୍ଚ ୧୯୬୫

*

'oaob.nitrkl.ac.in' images reprocessed

ଦିବ୍ୟ ଜନନୀ,

ଯଦି ଭବିଷ୍ୟତରେ ମୁଁ ଏହିପରି କୌଣସି ରୋଗରେ ଆକ୍ରାନ୍ତ ହୁଏ, ତେବେ ଲୋକମାନେ ମୋତେ ବୋହିକରି ଡାକ୍ତରଖାନାକୁ ନେବା ଅପେକ୍ଷା ମୁଁ ଆପଣଙ୍କ ପାଖକୁ ସଙ୍ଗେ ସଙ୍ଗେ ଏକ ଚିଠା କାଗଜ ଲେଖି ପଠାଇଦେଇ ପାରିବି କି ?

ଅବଶ୍ୟ ପଠାଇବ । ମୁଁ ସଙ୍ଗେସଙ୍ଗେ ଜାଣିବି, ଯେପରିକି ସାହାଯ୍ୟ କରି ପାରିବି ।

ସସ୍ନେହ ।

୩୦ ସେପ୍ଟେମ୍ବର ୧୯୬୬

❋

ଦିବ୍ୟ ଜନନୀ,

ମୋର ପ୍ରାଣିକ ସ୍ତରରେ ମୁଁ କେତେକ ଅସୁବିଧାର ସମ୍ମୁଖୀନ ହେଉଛି । ଆପଣ ମୋତେ ଦୟା କରି ସାହାଯ୍ୟ କରିବେ କି ?

ଯଦି ତୁମକୁ କିଛି କାର୍ଯ୍ୟ କରିବାକୁ ହୁଅନ୍ତା ! ...

ଅନେକ ଆଶୀର୍ବାଦ ।

୨୫ ମଇ ୧୯୬୭

❋

ଦିବ୍ୟ ଜନନୀ,

ମୁଁ ମୋ' ସତ୍ତାର **ସବୁଟିକୁ** ଭବିଷ୍ୟତ୍ ମଧ୍ୟକୁ ଗତିଶୀଳ କରାଇ ନେବାକୁ ଇଚ୍ଛା କରୁଛି । ଯେଉଁସବୁ ଭାଗକୁ ପଛରୁ ଠେଲି ଦେବା ଦରକାର ହେଉଛି, ଆପଣ ସେଗୁଡ଼ିକର କ୍ଷେତ୍ରରେ ମୋତେ ସାହାଯ୍ୟ କରିବେ କି ?

'oaob.nitrkl.ac.in' images reprocessed

ଏହା ପ୍ରକୃତରେ ଗୋଟିଏ ଉତ୍ତମ ସଙ୍କଳ୍ପ । ସେହି ଠେଲା ଦେବାଟି ଅବଶ୍ୟ ଦିଆଯାଉଛି ଓ ଦିଆଯିବ ।

ଏବଂ, ତୁମେ ଆଦୌ କୌଣସି ପ୍ରତିରୋଧ କର ନାହିଁ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

୨୦ ମଇ ୧୯୬୮

*

ଦିବ୍ୟ ଜନନୀ,

ମୁଁ ପ୍ରସ୍ତୁତ ।

ଆରମ୍ଭ କରିଦିଅ ।

ଅନେକ ଆଶୀର୍ବାଦ ।

୧ ଜୁଲାଇ ୧୯୬୯

*

ଗତ କାଲିର ଦର୍ଶନବେଳ ଠାରୁ ମୁଁ ମୋ' ଭିତରେ ଏକ ଆଧ୍ୟାତ୍ମିକ ଜୀବନ ବିରୁଦ୍ଧରେ ସଚେତନ କୌଣସି ଏକ ଉପାଦାନ ବିଦ୍ରୋହ କରୁଥିବା ପରି ଅନୁଭବ କରୁଛି । ଏହି ବିଦ୍ରୋହ ଦେଖି ମୋତେ ଭାରି ଭୟ ଲାଗୁଛି । ମୁଁ କ'ଣ କରିବି କହିଲେ ?

ମୋ'ର ସମ୍ମୁଖରେ ଉପସ୍ଥିତ ଥିବାବେଳେ ଯାହା ତୁମ ଭିତରେ ବିଦ୍ରୋହ କରିଥିଲା, ତାହାହିଁ ତୁମକୁ ଏକ ଆଧ୍ୟାତ୍ମିକ ଜୀବନ ଯାପନ କରିବାରୁ ନିବୃତ୍ତ କରି ରଖିଛି । ବର୍ତ୍ତମାନ ତୁମେ ଯେତେବେଳେ ଶକ୍ତି ବିଷୟରେ ସଚେତନ ହେଲଣି, ସେତେବେଳେ, ଯଦି ପ୍ରକୃତରେ ସେହିପରି ନିଷ୍ପତ୍ତି କରୁଥାଅ, ତେବେ ତାହାକୁ ନିଜ ଭିତରୁ ବାହାରକୁ ବାହାର କରି ଫିଙ୍ଗି ମଧ୍ୟ ଦେଇ ପାରିବ ।

୨୧ ନଭେମ୍ବର ୧୯୬୯

*

'oaob.nitrkl.ac.in' images reprocessed

କିଛି ବସ୍ତ୍ର କିଣିବା ସକାଶେ ମୁଁ କିଛିର ଅର୍ଥ ସଂଗ୍ରହ କରିଥିଲି । ଧନେ ସେହି ଅର୍ଥକୁ ମୁଁ ଆପଣଙ୍କ ହାତରେ ଅର୍ପଣ କରିଦେଲି । ତା'ର ଅବ୍ୟବହିତ ପରେ ଜଣେ ବ୍ୟକ୍ତି ମୋତେ ମୁଁ ଆବଶ୍ୟକ କରୁଥିବା ବସ୍ତ୍ରଗୁଡ଼ିକ ଆଣି ଦେଇଥିଲେ,— କେତେକ ଅଧିକା ବସ୍ତ୍ର ମଧ୍ୟ ଦେଇ ଥିଲେ ।

ଏଭଳି ଘଟନା ହୁଏତ କେତେ ଶହ ଥର ଘଟିଥିବ, ତାହା ଏବେ ମଧ୍ୟ ଅଧିକରୁ ଅଧିକ ସଂଖ୍ୟାରେ ଘଟୁଛି । — ମାତ୍ର ମୋ'ଲାଗି ଏହା ଅତ୍ୟନ୍ତ "ସ୍ୱାଭାବିକ" ମନେ ହେଉଛି । ଅବଶ୍ୟ ଏକଥା ସତ ଯେ, ଏହାର ଅନ୍ତର୍ନିହିତ ସତ୍ୟଟିକୁ ଖୋଲି କରି ବୁଝାଇ ଦେବାକୁ ମୁଁ ଆଦୌ ଇଚ୍ଛୁକ ନୁହେଁ ।

*

'କ' ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ଫଟୋଗୁଡ଼ିକୁ ପାଇ ଭାରି ଖୁସି ହୋଇଛନ୍ତି । ସିଏ ମୋତେ କହୁଥିଲେ ଯେ, ଫଟୋଗୁଡ଼ିକୁ ଖୋଲିବା ପରେ ସେ ତାଙ୍କ ପ୍ରକୋଷ୍ଠର ବାତାବରଣରେ ଏକ ପରିବର୍ତ୍ତନକୁ ସ୍ପଷ୍ଟ ଭାବରେ ଅନୁଭବ କରିଥିଲେ । ମାଆ, ମୁଁ ଆପଣଙ୍କ ହାତରୁ ଶ୍ରୀଅରବିନ୍ଦଙ୍କର ଯେଉଁ ଫଟୋ ପାଇଥିଲି, ସେଇଟିକୁ ନିଜ କୋଠରିରେ ଆଣି ରଖିବା ସମୟରେ ମଧ୍ୟ ମୁଁ କୋଠରିଟି ଜୀବନରେ ସ୍ପନ୍ଦିତ ହୋଇ ଉଠୁଥିବା ପରି ଅନୁଭବ କରିଥିଲି । ଆପଣଙ୍କର ହାତ ବାଜିଥିଲା ବୋଲି ସେପରି ହେଲା ନାହିଁ କି ?

ଆମେ ଦସ୍ତଖତ କରୁଥିବା ଫଟୋଗୁଡ଼ିକରେ ଶ୍ରୀଅରବିନ୍ଦ ଓ ମୁଁ ଏକ ଶକ୍ତିର ସଂଚରଣ କରାଇଥାଉ । ଏହି ଫଟୋଟିର କ୍ଷେତ୍ରରେ ଶ୍ରୀଅରବିନ୍ଦ ମଧ୍ୟ ଫ୍ରେମଟିକୁ ଦେଖିଥିଲେ ଓ ତାହାର ପ୍ରଶଂସା କରିଥିଲେ ।

*

'oaob.nitrkl.ac.in' images reprocessed

(ଲେଖିବାର ଅସୁବିଧା ସମ୍ବନ୍ଧରେ)

ତୁମେ ଗ୍ରହଣଶୀଳ ହେଲେ ଏହା ଠିକ୍ ହୋଇଯିବ ।

*

ଲେଖା ବନ୍ଦ କର ନାହିଁ । ପ୍ରେରଣା ପ୍ରସ୍ତୁତ ହୋଇ ତୁମ ପାଖକୁ ଆସିବ ବୋଲି ଅପେକ୍ଷା କର ନାହିଁ ବୋଲି ତୁମେ କପରି ଜାଣିଲ ?

*

ଯିଏ ପ୍ରେରଣାକୁ ଗ୍ରହଣ କରି ଜାଣିଛି, ପ୍ରେରଣା ତା' ପାଇଁ ଆପଣାର ବହୁବିଧ ଦାନକୁ ବହନ କରି ଆଣିଥାଏ ।

*

ମା'ଆ,

ଉଚ୍ଚତର ପାଠ୍ୟକ୍ରମ ସମାପ୍ତ କରିଥିବା ଜଣେ ଯୁବକ କେତେଦିନ ତଳେ ମୋତେ ଦେଖା କରିବାକୁ ଆସିଥିଲେ ଏବଂ ସେ ମୋ' ସହିତ "ଦିବ୍ୟ ଜୀବନ" ଗ୍ରନ୍ଥ ଏକତ୍ର ଅଧ୍ୟୟନ କରିବେ ବୋଲି ପ୍ରସ୍ତାବ ଦେଇଥିଲେ । ମୁଁ ତ ସେହି ଗ୍ରନ୍ଥର କେବଳ ଏଠୁ ଟିକିଏ ଓ ସେଠୁ ଟିକିଏ କରି ପାଠ କରିଛି । ତେଣୁ ମୁଁ ତାଙ୍କୁ ସାହାଯ୍ୟ କରି ପାରିବି ନାହିଁ ବୋଲି ଉତ୍ତର ଦେଲି । ମାତ୍ର ସେ ତଥାପି ଜିଦ୍ କଲେ ଓ ମୋତେ ଶେଷକୁ ତାଙ୍କର ଅନୁରୋଧଟିକୁ ରକ୍ଷା କରିବାକୁ ପଡ଼ିଥିଲା ।

ଯିଏ ମୋତେ ପ୍ରଶ୍ନମାନ ପଚାରୁଛନ୍ତି, ସେଥିରୁ କେତେକ ପ୍ରଶ୍ନ ଭାରି ଜଟିଳ । ଏବଂ, ମୁଁ ସେଗୁଡ଼ିକର ଉତ୍ତର ଜାଣି ନ ଥିଲେ ମଧ୍ୟ, ମୋତେ ଯେପରି ଆସୁଛି, ମୁଁ ସେଭଳି

'oaob.nitrkl.ac.in' images reprocessed

ଉତ୍ତରମାନ ଦେଇ ଦେଉଛି । ଆମେ ଦୁହେଁ ଅନୁସନ୍ଧାନ କରି ଦେଖିଛୁ ଯେ ଏହି ଉତ୍ତରଗୁଡ଼ିକ ପ୍ରକୃତରେ ଠିକ୍ ଉତ୍ତର, ଏବଂ ଅନେକ ସମୟରେ ମୁଁ ଦେଉଥିବା ଉତ୍ତରଗୁଡ଼ିକର ଭାଷା ବହିରେ ଥିବା ଶ୍ରୀଅରବିନ୍ଦଙ୍କର ଭାଷାର ପ୍ରାୟ ସମାନ ବୋଲି ଜଣା ପଡ଼ୁଛି ।

ମୁଁ ଜାଣିବାକୁ ଚାହୁଁଛି : (୧) ଏହାକୁ କ'ଣ ଅନ୍ତର୍ବୋଧ ବୋଲି କୁହାଯିବ ? (୨) ଏପରି ଗୋଟିଏ ଭୂମି ରହିଛି କି, ଯେଉଁଠାରେ କି ଯାବତୀୟ ଜ୍ଞାନ ଅବସ୍ଥିତ ରହିଛି ଏବଂ, ଯଦି ଜଣେ ବ୍ୟକ୍ତି ସେହି ଭୂମି ଆଡ଼କୁ ଉନ୍ମୋଚିତ ହୋଇ ରହି ପାରିବ, ତେବେ ସିଏ ଯେଉଁ ଜ୍ଞାନ ଲାଭ କରିବାକୁ ଇଚ୍ଛା କରୁଥିବ, ତାହାକୁ ଅବଶ୍ୟ ଲାଭ କରିବ ? (୩) ଯଦି ଶିକ୍ଷାଦାନ ମୋ'ର ବୃତ୍ତି ହୋଇଥାଏ ତେବେ ନିଜର ଗ୍ରହଣଶୀଳତାକୁ ବଢ଼ାଇବା ଲାଗି ମୋ'ର କ'ଣସବୁ କରିବା ଉଚିତ ?

ଶ୍ରୀଅରବିନ୍ଦଙ୍କର ବାଣୀ ହେଉଛି ବିଶ୍ୱଜାଗତିକ ଓ ଅମର । ଉଚ୍ଚତର ମନର ଜଗତରେ ତାହା ସହିତ ତୁମର ସଚେତନ ସମ୍ପର୍କ ଘଟିଛି ।

ତୁମେ ଯେତିକି ଅଧିକ ପରିମାଣରେ ନୀରବ ଓ ସହିଷ୍ଣୁ ହୋଇ ପାରିବ, ତୁମେ ସେତିକି ଅଧିକ ସ୍ପଷ୍ଟ ଭାବରେ ଏହାକୁ ଗ୍ରହଣ କରି ପାରିବ ।

ଅନେକ ଆଶୀର୍ବାଦ ।

୧୩ ଜୁନ୍ ୧୯୬୮

*

(ଏକ ଉଚ୍ଚତର ସ୍ତରରେ ଶ୍ରୀଅରବିନ୍ଦ ଓ ମାଆଙ୍କର ରଚନାବଳୀ ଅଧ୍ୟୟନ କରିବା ପାଇଁ ଇଚ୍ଛା କରୁଥିବା ଗବେଷକମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନା ପ୍ରଦାନ କରିବା ଉଦ୍ଦେଶ୍ୟରେ ୧୯୭୦ ଏପ୍ରିଲ ୨୪ ତାରିଖରେ ଶ୍ରୀଅରବିନ୍ଦ ଗବେଷଣା ସଂସ୍ଥାନର ପ୍ରତିଷ୍ଠା କରା ଯାଇଥିଲା । ସଂସ୍ଥାନଟି ବିଷୟରେ

'oaob.nitrkl.ac.in' images reprocessed

ପ୍ରଥମ ପ୍ରସ୍ତାବନା ହେବା ସମୟରେ ମାଆ ତାହାର ପ୍ରତିଷ୍ଠାତାଙ୍କ ପାଖକୁ ଲେଖିଥିଲେ :)

କରାଯାଉଥିବା ଯାବତୀୟ କାର୍ଯ୍ୟର ମନୁଷ୍ୟ ସମାଜର ଅଗ୍ରଗତି ଲାଗି ଅବଶ୍ୟ ଏକ ଅବଦାନ ରହିଛି, ମାତ୍ର ସବୁକିଛି ସେହି କାର୍ଯ୍ୟଟିକୁ କରିବାର ପ୍ରଣାଳୀ ଉପରେ ନିର୍ଭର କରୁଛି ।

ଆପଣଙ୍କ ଲାଗି ତଥା ଆପଣଙ୍କର ପରିକଳ୍ପନାଟି ଲାଗି ମୋର ଅନେକ ଆଶୀର୍ବାଦ ରହିଛି ।

ମାର୍ଚ୍ଚ ୧୯୭୦

❋

## ଦୀର୍ଘତର ପତ୍ରଗୁଡ଼ିକ

ତୁମର ପତ୍ରଟିକୁ ମୋ ପାଖକୁ ପଠାଇ ଦିଆଯାଇଛି । ଏବଂ, ତୁମେ ପଚାରିଥିବା ପ୍ରଶ୍ନଗୁଡ଼ିକ ମୋ ବିକାଶକ୍ରମର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟରେ ମୋ ଲାଗି ଏତେ ଗମ୍ଭୀର ଭାବରେ ଆଗ୍ରହୋଦ୍ଦୀପକ ହୋଇ ରହିଥିଲେ ଯେ, ଅତ୍ୟନ୍ତ ଆନନ୍ଦର ସହିତ ମୁଁ ସେଗୁଡ଼ିକର ଉତ୍ତର ଦେବି । ତଥାପି, ମନର ବିଧାନ ଭିତରେ ରହି ପ୍ରସ୍ତୁତ କରାଯାଇଥିବା ଏକ ଉତ୍ତର ହୁଏତ ଯେତେ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ କଦାପି ଏକ ଯଥାର୍ଥ ଉତ୍ତର ହୋଇ ପାରିବ ନାହିଁ, ଯାହାକି ପ୍ରତ୍ୟେକ ସଂଶୟର ସମାଧାନ କରିଦେବ ଏବଂ ମନରେ ଶାନ୍ତି ଆଣିଦେବ । କେବଳ ଆଧ୍ୟାତ୍ମିକ ଅନୁଭୂତି ଦ୍ୱାରାହିଁ ସୁନିଶ୍ଚିତତା ସମ୍ଭବ ହେବ ଏବଂ, ମାତ୍ର ଅଳ୍ପ କେତୋଟି ମିନିଟ୍ ସକାଶେ ପ୍ରତ୍ୟକ୍ଷ ଭାବରେ ଅନୁଭୂତ ହୋଇଥିବା ଯଥାର୍ଥ ଜ୍ଞାନ ସହିତ ଅଧିକରୁ ଅଧିକ ଚମତ୍କାର ଦାର୍ଶନିକ ପ୍ରବନ୍ଧମାନ କଦାପି ସମକକ୍ଷ ହୋଇ ପାରିବ ନାହିଁ କିଂବା ତାହାର ସ୍ଥାନାପନ୍ନ ରୂପେ କାର୍ଯ୍ୟ କରି ପାରିବ ନାହିଁ ।

ତୁମେ କହୁଛ : "ଜଣେ ସାଧାରଣ ବିକାଶ ଲାଭ କରିଥିବା ବ୍ୟକ୍ତି, ଯାହାକୁ ଜଗତର ବାସନାଗୁଡ଼ିକ ଆଉ କୌଣସି ପ୍ରକାରେ ଉତ୍ପୀଡ଼ନ ଦେଉ ନାହାନ୍ତି ଏବଂ ଯିଏକି କେବଳ ନିଜର ଭାବଗୁଡ଼ିକର ଭୂମିରେହିଁ ଜଗତ୍ ସହିତ ଯୋଡ଼ି ହୋଇ ରହିଛି, ତାହାକୁ କ'ଣ ପୁନର୍ଜନ୍ମ ଲାଭ କରିବାର ଆଶାକୁ ବର୍ଜନ କରିବାକୁ ହେବ ? ଏହି ମନୁଷ୍ୟସ୍ଥିତିର ସେପାଖକୁ କ'ଣ ଅପେକ୍ଷାକୃତ କମ୍ ଜଡ଼ଗ୍ରସ୍ତ ଆଉ ଏକ ସ୍ଥିତି ନାହିଁ, ବାସନାଗୁଡ଼ିକ ଦ୍ୱାରା ଆକର୍ଷିତ ହୋଇ ଆଉ ପୁନର୍ବାର ଏହି ମନୁଷ୍ୟ-

'oaob.nitrkl.ac.in' images reprocessed

ସ୍ଥିତିକୁ ବାହୁଡ଼ି ନ ଆସି ମନୁଷ୍ୟ ଯେଉଁଠାକୁ ଯାଇଥାଏ ? ଏହା ମୋତେ ଅତ୍ୟନ୍ତ ନ୍ୟାୟସଙ୍ଗତ ବୋଲି ମନେ ହେଉଛି । ମନୁଷ୍ୟ କଦାପି ଏହି ସୋପାନଧାରଣୀର ଶିଖରଦେଶରେ ରହି ପାରିବ ନାହିଁ । ପଶୁମାନଙ୍କର ସୋପାନଟି ମନୁଷ୍ୟର ଅନେକ ନିକଟବର୍ତ୍ତୀ ହୋଇ ରହିଛି ; ମନୁଷ୍ୟ ବି କ'ଣ ପରବର୍ତ୍ତୀ ସୋପାନର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ନାହିଁ ?"

ପ୍ରଥମ କଥା ହେଉଛି, କେବଳ ପ୍ରାଣିକ ବାସନା ଯେ ଏହି ଜଗତ୍ ସହିତ ସମ୍ବନ୍ଧ ସ୍ଥାପନ କରାଇ ରଖିଛି ସେକଥା ଆଦୌ ନୁହେଁ, ମାତ୍ର ବିଶେଷ ଭାବରେ ମାନବଧର୍ମୀ ହୋଇ ରହିଥିବା ଯେକୌଣସି ଗତିସ୍ପନ୍ଦନ ଏବଂ ଭାବଗୁଡ଼ିକ ମଧ୍ୟ ସୁନିଶ୍ଚିତ ଭାବରେ ଏହାର ଅଂଶ ହୋଇ ରହିଛନ୍ତି । ନିଜର ବାସନାଗୁଡ଼ିକ ପରି ନିଜର ଭାବ ଏବଂ ଅନୁଭୂତିଗୁଡ଼ିକ ଦ୍ୱାରା ମଧ୍ୟ ଜଣେ ବ୍ୟକ୍ତି ପୁନର୍ଜନ୍ମ ଲାଭ କରିବାର ଅବଶ୍ୟମ୍ଭାବିତା ସହିତ ବନ୍ଧା ହୋଇ ରହିଛି । ତଥାପି, ଯାବତୀୟ ବିଷୟର କ୍ଷେତ୍ର ପରି ପୁନର୍ଜନ୍ମ ଲାଭ କରିବାର ଏହି କ୍ଷେତ୍ରରେ ମଧ୍ୟ, ପ୍ରତ୍ୟେକ ବ୍ୟକ୍ତିର ଭୂମିରେ ତା'ର ଏକ ସ୍ୱକୀୟ ସମାଧାନ ରହିଛି ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ପୁନର୍ଜନ୍ମରୁ ମୁକ୍ତି ପାଇବା ନିମନ୍ତେ ଏକ ସତତ ଅଭୀପ୍ସା ତଥା ଚେତନାରେ ଏକ ଉତ୍ତୋଳନ ଓ ଉଦାତ୍ତୀକରଣ ଘଟାଇବା ଉପରେ ଏକ ଅବିଚଳ ପ୍ରଚେଷ୍ଟା ଅବଶ୍ୟ ପରିଣାମତଃ ପାର୍ଥିବ ଜନ୍ମଧାରଣର କଡ଼ିଟିକୁ ଛିନ୍ନ କରି ଦେଉଥିବ । ଅବଶ୍ୟ ତଦ୍ଦ୍ୱାରା ଯେ ବ୍ୟକ୍ତିଗତ ଅସ୍ତିତ୍ୱର ମଧ୍ୟ ଅବସାନ ଘଟିବ, ସେକଥା ଆଦୌ ନୁହେଁ । ତୁଏତ ଆଉ ଗୋଟିଏ ଜଗତରେ ବ୍ୟକ୍ତିଗତ ଅସ୍ତିତ୍ୱର ଅବସ୍ଥାନ ଲାଗି ରହିବ । ମାତ୍ର ତୁମେ କାହିଁକି ଭାବୁଛ ଯେ, ଏକ ଅନ୍ୟ ଓ ଅପେକ୍ଷାକୃତ ଅଧିକ ପାରଲୌକିକ ଜଗତରେ ତାହାର ଅସ୍ତିତ୍ୱ ତାହାର "ପରବର୍ତ୍ତୀ ଅବସ୍ଥା" ରୂପେ ପ୍ରକଟ ହେବ ଯାହାକି, ଇତର ପ୍ରାଣୀର ତୁଳନାରେ ମନୁଷ୍ୟ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛି, ଏକ ଆପେକ୍ଷିକ ଭୂମିରେ ମନୁଷ୍ୟ ତୁଳନାରେ ସେହିପରି ହୋଇଥିବ ? ବରଂ ଏପରି ଭାବିବାକୁ ମୋତେ ଅଧିକ ନ୍ୟାୟସଙ୍ଗତ ଲାଗୁଛି (ଏବଂ ଏକ ଗଭୀରତର ଜ୍ଞାନ ସେହି ନିଶ୍ଚୟତାକୁ ପୁଷ୍ଟ ମଧ୍ୟ କରି ଦେଉଛି) ଯେ, ପରବର୍ତ୍ତୀ ସୋପାନଟି ମଧ୍ୟ ଏକ ଜଡ଼ତତ୍ତ୍ୱୀୟ ସୋପାନ ହୋଇ ରହିବ । ଅବଶ୍ୟ ଆମେ କଳ୍ପନା କରି ପାରିବା ଯେ, ସେହି ଭୌତିକ ସ୍ଥିତି ପରମ ଆଲୋକ ତଥା ସତ୍ୟର ଅବତରଣ ଫଳରେ ଏକ ଆବର୍ତ୍ତିତ ଏବଂ ରୂପାନ୍ତରିତ ସୋପାନ ରୂପେ ପ୍ରକଟିତ ହୋଇ ପାରିବ । ଏପର୍ଯ୍ୟନ୍ତ ବିଗତ ହୋଇ ଯାଇଥିବା ମନୁଷ୍ୟ-ଜୀବନର ଯାବତୀୟ ଯୁଗ ଏବଂ ସହସ୍ରାବ୍ଦୀ ଏହି ନୂତନ ପର୍ଯ୍ୟାୟଟିକୁ ପ୍ରସ୍ତୁତ କରି ଆସିଛନ୍ତି ଏବଂ ବର୍ତ୍ତମାନ ତାହାର ମୂର୍ତ୍ତି ଏବଂ ସାକାର ଉପଲବ୍ଧିର ସମୟ ଆସି ଉପଗତ

'oaob.nitrkl.ac.in' images reprocessed

ହୋଇଛନ୍ତି । ଶ୍ରୀଅରବିନ୍ଦଙ୍କର ପ୍ରଦର୍ଶିତ ମାର୍ଗର ଏହାହିଁ ହେଲା ମୂଳକଥା, ସିଏ ତାଙ୍କର ଚତୁଷ୍ପାର୍ଶ୍ୱରେ ଗଠନ କରିଆସିଥିବା ଗୋଷ୍ଠୀଟିର ଲକ୍ଷ୍ୟ, ତାଙ୍କ ଆଶ୍ରମର ଉଦ୍ଦେଶ୍ୟ ।

ତୁମର ଦ୍ୱିତୀୟ ପ୍ରଶ୍ନଟି* ବିଷୟରେ କହିଲେ, ମୁଁ ତୁମ ପାଖକୁ ଶ୍ରୀଅରବିନ୍ଦଙ୍କର ରଚନାରୁ କେତେକ ଉଦ୍ଧୃତିର ଅନୁବାଦ କରି ପଠାଇ ଦେବାକୁ ଇଚ୍ଛା କରୁଥିଲି । ମାତ୍ର, ତୁମ ପାଖକୁ ପଠାଇବା ସକାଶେ ମୁଁ "ଦିବ୍ୟ ଜୀବନ"ର କେତେକ ପାଠ ଅନୁବାଦ କରିବାକୁ ଚାହୁଁଛି ବୋଲି ତାଙ୍କୁ ଯେତେବେଳେ କହିଲି, ସେତେବେଳେ ସେ ମୋତେ କହିଲେ ଯେ, ଯଦି ମୁଁ ତୁମ ପାଖକୁ ପ୍ରକୃତରେ ସମ୍ପୂର୍ଣ୍ଣ ବୋଲି କୁହାଯାଇ ପାରୁଥିବା ଉତ୍ତରଟିଏ ପଠାଇବାକୁ ଇଚ୍ଛା କରୁଥାଏ, ତେବେ ମୋତେ ଅନ୍ତତଃ ଦୁଇଟି ଅଧ୍ୟାୟର ଅନୁବାଦ କରିବାକୁ ପଡ଼ିବ । ମୋ'ର ସମସ୍ୟାଟିକୁ ହୃଦୟଙ୍ଗମ କରି ସେ ଏହି ବିଷୟରେ ନୂଆ କରି କେତେ ପୃଷ୍ଠାର ଲେଖାଟିଏ ଲେଖିବାକୁ ସ୍ୱୟଂ ନିଷ୍ପତ୍ତି କଲେ ("ଏହି ପୃଥିବୀର ପ୍ରହେଳିକା" ଶୀର୍ଷକରେ ଶତବାର୍ଷିକୀ ସଂସ୍କରଣ, ୨୨ଶ ଖଣ୍ଡ, ପୃଷ୍ଠା ୨୪-୩୨ରେ ପ୍ରକାଶିତ); ସେ ଏବେ ସେଗୁଡ଼ିକୁ ଆଣି ମୋତେ ଦେଲେ ଓ ମୁଁ ସଙ୍ଗେ ସଙ୍ଗେ ଅନୁବାଦ କରିବା ଆରମ୍ଭ କରିଦେଲି ।

ମୋତେ ଯେଉଁ ସୁନ୍ଦର ପୃଷ୍ଠାଗୁଡ଼ିକର ଅନୁବାଦ କରିବାର ଅପୂର୍ବ ସୁଯୋଗ ମିଳିବ, ତାହାର ସତେଜତା ନଷ୍ଟ କରିଦେବା ଲାଗି ମୋ'ର ଆଦୌ କୌଣସି ଅଭିପ୍ରାୟ ନାହିଁ । ତଥାପି, ସେଗୁଡ଼ିକୁ ତୁମ ପାଖକୁ ପଠାଇ ପାରିବା ପୂର୍ବରୁ ମୁଁ

* "ଦିବ୍ୟ ଚତ୍‌ସତ୍ତା ଅପଣାକୁ ମୂର୍ତ୍ତ ଓ ସଦେହ କରିବା ଦ୍ୱାରା ଏହି ସବୁକଥାକୁ ପୂର୍ବରୁହିଁ ପ୍ରତ୍ୟକ୍ଷ କରିଛନ୍ତି ଏବଂ ଏଗୁଡ଼ିକ ଲାଗି ଇଚ୍ଛା କରିଛନ୍ତି । ମାତ୍ର, ସେ ତେବେ ଏକ ଉଦ୍ଦେଶ୍ୟ ଓ ଚେତନାର ଅନୁଧାବନ କରୁଛନ୍ତି କାହିଁକି,—କାରଣ ଇଚ୍ଛା କରିଥିଲେ ତ ସେ ମୂଳରୁହିଁ ତାହାର ଉପଲବ୍ଧି କରି ପାରିଥାନ୍ତେ ! ଏକ ମୌଳିକ ଅସ୍ପୃଷ୍ଟ ଧାରଣ କରି ରହିଥିବା ଦୁଃଖ ଓ ମନ୍ଦର ବି ସେ କାହିଁକି ଇଚ୍ଛା କରନ୍ତି ? ଯଦି ମନୁଷ୍ୟ ଦ୍ୱାରା ଆଚରିତ ମନ୍ଦ ପାଇଁ ହୁଏତ ମନୁଷ୍ୟମାନଙ୍କୁ ଦାୟୀ କରାଯାଇ ପାରିବ, ତେବେ ଇତର-ପ୍ରାଣୀ ଏବଂ ଉଦ୍ଭିଦମାନଙ୍କ ଉପରେ ପ୍ରହାର କରୁଥିବା ଅନ୍ୟାୟ ପାଇଁ ତ ଅବଶ୍ୟ ଦିବ୍ୟ ବ୍ୟବସ୍ଥାକୁହିଁ ଦାୟୀ କରାଯିବ । ଦିବ୍ୟ ବ୍ୟବସ୍ଥା କାହିଁକି କେବଳ ଆନନ୍ଦ ମଧ୍ୟରେହିଁ ଯାବତୀୟ ବସ୍ତୁର ସଂସ୍ଥାନ କରି ପାରିଲା ନାହିଁ ? ଦୁଃଖ ଯେ ଆମକୁ ସର୍ବଦା ପରିପୂର୍ଣ୍ଣତା ଆଡ଼କୁ ନେଇଯାଏ, ସେକଥା ଆଦୌ ଠିକ୍ ନୁହେଁ ; ହୁଏତ ଅଧିକତର କ୍ଷେତ୍ରରେ ତାହା ଆମକୁ ଅସାଧ ନୈରାଶ୍ୟ ଭିତରେ ନେଇ ପକାଇ ଦେଇଥାଏ ।"

'oaob.nitrkl.ac.in' images reprocessed

ଯଥାସମ୍ଭବ ସେହି ସମସ୍ୟାଟି ବିଷୟରେ ମୋ'ର ଅତି ସରଳ ଓ ସଂକ୍ଷିପ୍ତ ମନ୍ତବ୍ୟ ଦେବାକୁ ପ୍ରୟାସ କରିବି ।

ମୋ ମତରେ ଏହି କ୍ଷେତ୍ରରେ କୌଣସି ପ୍ରଶ୍ନ କରିବାର ଆଦୌ ଅବକାଶ ରହିବ ନାହିଁ ଯେ ଆମେ ଯେଉଁ ବିଶ୍ୱରେ ଜୀବନ ଧାରଣ କରି ରହିଛୁ, ତାହା ଆଦୌ ଏକ ସଫଳତମ ସୃଜନ ନୁହେଁ,—ଅନ୍ତତଃ ତାହାର ବାହ୍ୟତମ ରୂପାୟନରେ ତାହାକୁ ଆଦୌ ସେଭଳି କୁହାଯାଇ ପାରିବ ନାହିଁ । ମାତ୍ର ଏହି ଅନ୍ୟ କଥାଟିରେ ମଧ୍ୟ ପ୍ରଶ୍ନର ଆଦୌ କୌଣସି ଅବକାଶ ନାହିଁ ଯେ, ଆମେ ସେହି ବିଶ୍ୱରହିଁ ଅଂଶ-ରୂପେ ଜୀବନ ଧାରଣ କରି ରହିଛୁ ଏବଂ ତାହାର ଫଳରେ, ଏହାକୁ ଆହୁରି ପରିପୂର୍ଣ୍ଣ କରି ଗଢ଼ିବା ଲାଗି କାର୍ଯ୍ୟ କରିବା, ସବୁଠାରୁ ଖରାପ ଭିତରୁ ସମ୍ଭାବ୍ୟ ସର୍ବୋତ୍ତମକୁ ସମ୍ଭବ କରିବା ଏବଂ ଏହାକୁ ଯଥା ସମ୍ଭବ ସବୁଠାରୁ ଅଧିକ ସର୍ବସୁନ୍ଦର ଓ ଅଦ୍ଭୁତ ବିଶ୍ୱରେ ପରିଣତ କରିବାହିଁ ଆମ ଲାଗି ଏକମାତ୍ର ନ୍ୟାୟସଙ୍ଗତ ତଥା ପ୍ରଜ୍ଞାପୂର୍ଣ୍ଣ କର୍ତ୍ତବ୍ୟ ହୋଇ ରହିବା ଉଚିତ । କାରଣ, ମୁଁ ପୁନର୍ବାର ଏତିକି କହିବି, ଏହି ରୂପାନ୍ତରୀକରଣ ଯେ ପ୍ରକୃତରେ ସମ୍ଭବ କେବଳ ତା' ନୁହେଁ, ମାତ୍ର ଏହା ସୁନିଶ୍ଚିତ । ତୁମେ ଯଥାର୍ଥ ଜ୍ଞାନର ଶାନ୍ତି ତଥା ଆନନ୍ଦ ଲାଭ କର, ମୁଁ ଏତିକି କାମନା କରୁଛି ।

୧୪ ଜୁନ୍ ୧୯୭୩

*

ବନ୍ଧୁ, ଅତୀତ ଦିନଗୁଡ଼ିକର ତଥା ସର୍ବକାଳର ଭଉଣୀ,

ଜୁନ୍ ୯ ତାରିଖରେ ଲିଖିତ ତୁମର ପତ୍ର ବର୍ତ୍ତମାନ ପହଞ୍ଚିଲା । ସେଥିରେ ତୁମେ ଲେଖିଛ ଯେ, ବୁଦ୍ଧ "ମଧୁର ବ୍ୟଙ୍ଗ ସହିତ ଦରହାସ୍ୟ କରୁଛନ୍ତି ।" ମାତ୍ର ବୁଦ୍ଧଙ୍କର ଦରହାସ୍ୟକୁ ଏକ ଜ୍ୟୋତିର୍ଦୀପ୍ତ କର୍ମସାଧନ ପୂର୍ବରୁ ବ୍ୟକ୍ତ ହୋଇ ଆସୁଥିବା ପରିପୂର୍ଣ୍ଣ ବୋଧର ଦରହାସ୍ୟ ବୋଲି କୁହାଯାଇ ପାରିବ ।

ଏବଂ, ତୁମେ ହିମାଳୟର ଅଥବା 'ନ'ଙ୍କ ପାଖକୁ ଯାଇଥିବା ଗୋଟିଏ ଗସ୍ତର ନୀରବତା ମଧ୍ୟରେ ରହିଆସ ପଛକେ, ଭୌତିକ ଜୀବନ ତୁମ ଲାଗି ଏତେ ଅଧିକ ପରିମାଣରେ ଆପଣାର ମୂର୍ତ୍ତ ବାସ୍ତବତା ହରାଇ ବସିଥିବାର ଏହି ସ୍ଥିତିରେ ବୌଦ୍ଧମାର୍ଗର ସେହି ବିପୁଳ କରୁଣାମୟତାର ଗଭୀର ଶାନ୍ତି ମଧ୍ୟରେ ବାସ କରିବା ନିଶ୍ଚୟ ସମାନ ଭାବରେ ଅବଶ୍ୟ ସହଜ ହୋଇଯିବ ।

*

'oaob.nitrkl.ac.in' images reprocessed

ହଁ, ମୁଁ ଭାବୁଛି ମୁଁ ହିଁ ହେଉଛି ତୁମକୁ ଏକଥା କହିବାର ପ୍ରଥମ ବ୍ୟକ୍ତି ଯେ, ମୁଁ ତୁମକୁ ଅନ୍ୟମାନଙ୍କ ଠାରୁ ଆଦୌ ଏତେବେଶୀ ଅନ୍ୟଭଳି ବୋଲି ଆଦୌ ଦେଖି ନାହିଁ । ଅବଶ୍ୟ ଏକ ବିଶେଷ ଦୃଷ୍ଟିରୁ ବିଚାର କରି ମୁଁ ଏକଥା କହୁଛି — କାରଣ, ଗୋଟିଏ ଭାବରେ ଦେଖିଲେ ପ୍ରତ୍ୟେକ ବ୍ୟକ୍ତି ଅନ୍ୟ ସକଳ ବ୍ୟକ୍ତିଙ୍କ ଠାରୁ ନିଶ୍ଚୟ ଭିନ୍ନ ପ୍ରକାରର । ମାତ୍ର ତୁମେ ନିଶ୍ଚୟ ଏଠାରେ ସେହି ଭିନ୍ନତାର ଆଦୌ ଆଲୋଚନା କରୁ ନାହଁ ।

ମୋ'ର ଅନୁମାନ, ନିଜର ଲୋକ ତଥା ତୁମେ ଯେଉଁମାନଙ୍କ ସହିତ ବାସ କରୁଛ, ସାଧାରଣତଃ ସେମାନଙ୍କ ଲାଗି ତୁମେ "ଏକ ଭିନ୍ନ ପ୍ରକାରର" ହୋଇ-ଥିବାର ଯେଉଁ ଧାରଣା ଜନ୍ମାଇଛ, ତାହାର ମୂଳ କାରଣଟି ହେଉଛି ଯେ ତୁମେ ନିଜକୁ ପରମ୍ପରା ମଧ୍ୟରେ ବାନ୍ଧି କରି ରଖି ନାହଁ । ଏହାକୁହିଁ ସ୍ୱଭାବ ଏବଂ ମିଜାଜର କ୍ଷେତ୍ରରେ ଏକ ବୃହତ୍ତ୍ "ପାର୍ଥକ୍ୟ"ର ସଙ୍କେତ ରୂପେ ବିଚାର କରାଯାଇଥାଏ । ଏଥିରୁ କେବଳ ଏତିକି ସଙ୍କେତ ମିଳେ ଯେ, ଜଣେ ବ୍ୟକ୍ତି ହୁଏତ କୌଣସି ଏକ ବିମୋଚନକାରୀ ଅନ୍ତର୍ଗତ ମୁକ୍ତସ୍ଥିତିର ସ୍ତରରେ ଯାଇ ପହଞ୍ଚି ପାରିଛି,—ଅନ୍ତତଃ ସେ ଆଂଶିକ ଭାବରେ ତାହା କରିପାରିଛି । ତଦ୍ୱାରା ସେ ସାମୂହିକ ନାନା ପ୍ରବର୍ତ୍ତନା ଏବଂ ସାମାଜିକ ବିଧାନରୁ ମୁକ୍ତ ହୋଇ ରୁହେ,—ଏବଂ, ସେହି ଅନ୍ତର୍ଗତ ମୁକ୍ତସ୍ଥିତ ଏକ ପରିପକ୍ୱ ଚୈତ୍ୟ ସତ୍ତାର ସୂଚନା ମଧ ଦେଉଥାଏ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ଏକ ପରିପକ୍ୱ ଚୈତ୍ୟସତ୍ତାର ଅଧିକାରୀ ହେବାକୁ ବର୍ତ୍ତମାନ ପୃଥିବୀ ପୃଷ୍ଠରେ ବାସ କରୁଥିବା ଲୋକମାନଙ୍କ ଭିତରେ କଦାପି ଖୁବ୍ ବେଶୀ ଗୋଟିଏ ଅସାଧାରଣ ବ୍ୟାପାର ବୋଲି କୁହାଯିବ ନାହିଁ ।

ମୁଁ ଅନୁମାନ କରୁଛି, ତୁମେ ଅନ୍ୟମାନଙ୍କ ପରି ଆମଠାରୁ ତୁମର ପ୍ରାପ୍ୟ ଉତ୍ସାହନା ଗୁଡ଼ିକୁ ଅବଶ୍ୟ ପାଇଥିଲ; ମାତ୍ର ସମ୍ଭବତଃ ତାହା ତୁମର ଦୃଷ୍ଟିକୁ ଏଡ଼ାଇଗଲା । କାରଣ, ତୁମେ ଯାହା ଆଶା କରୁଥିଲ କିଂବା ଇଚ୍ଛା କରୁଥିଲ, ସମ୍ଭବତଃ ଏହା ଠିକ୍ ସେହିଭଳି ବୋଲି ତୁମର ମନେ ହେଲା ନାହିଁ ।

କୌଣସି ଉତ୍ତମ ଆଧ୍ୟାତ୍ମିକ ଅଗ୍ରଗତି ସମ୍ଭବ ହେବା ପୂର୍ବରୁ ହୁଏତ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଏକ ଅହଂପ୍ରଣୋଦିତ ଗର୍ବଭାବକୁ ଭାଙ୍ଗି ଦେଇ ପାରିବାର ଆବଶ୍ୟକତା ରହିଥିଲା । ମାତ୍ର ବର୍ତ୍ତମାନ କାର୍ଯ୍ୟଟି ପ୍ରାୟ ସମ୍ପୂର୍ଣ୍ଣ ଭାବରେ ସମ୍ପନ୍ନ ହୋଇ ଯାଇଥିବାରୁ ଭବିଷ୍ୟତ୍ ଲାଗି ଉଦ୍‌ବେଗ ପ୍ରକାଶ କରିବାର ଆଉ କୌଣସି କାରଣ ନାହିଁ ।

'oaob.nitrkl.ac.in' images reprocessed

ବର୍ତ୍ତମାନ ମୁଁ କେବଳ ଏତିକି କହି ପାରିବି ।

ମୋ'ର ସହାୟତା, ସ୍ନେହ ଓ ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ସହଜାତ ରହିଛି ।

୨୩ ଅକ୍ଟୋବର ୧୯୩୯

✻

ପ୍ରିୟ ମହୋଦୟା,

ଆପଣଙ୍କର ପତ୍ର ମୁଁ ଏହି ଏବେ ପାଇଲି ଏବଂ ସଙ୍ଗେ ସଙ୍ଗେ ତାହାର ଉତ୍ତର ଦେଉଛି । ଆପଣଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର କ୍ରମରେ ଦେଉଛି ।

ଆପଣଙ୍କ ଭଉଣୀଙ୍କର ଅସୁସ୍ଥତା ଖୁବ୍ ଅଳ୍ପ ସମୟ ପାଇଁ ଅତ୍ୟନ୍ତ ଉତ୍କଟ ହୋଇ ପଡ଼ିଥିଲା ଓ ତାଙ୍କୁ ମୋଟେ ଖୁବ୍‌ବେଶୀ କଷ୍ଟ ଭୋଗିବାକୁ ହେଲା ନାହିଁ । ଶେଷ କେତୋଟି ଦିନ ସିଏ କହୁଥିଲେ ଯେ, ସିଏ ଅନୁକ୍ଷଣ ଏକ ବୃହତ୍ତ ଆଲୋକ ତଥା ଶକ୍ତି ତାଙ୍କ ଉପରକୁ ସଞ୍ଚାରିତ ହୋଇ ଆସୁଥିବା ପରି ଅନୁଭବ କରୁଥିଲେ ଏବଂ ଅତ୍ୟନ୍ତ ଶାନ୍ତ ବାତାବରଣ ମଧ୍ୟରେ ତାଙ୍କ ଜୀବନର ଅବସାନ ଘଟିଲା । ସିଏ ମରିବାକୁ ଯାଉଛନ୍ତି ବୋଲି ପ୍ରକୃତରେ ଆଦୌ ଜାଣି ନ ଥିଲେ, ଆମେମାନେହିଁ ତାଙ୍କୁ ବଞ୍ଚାଇ ରଖିବାକୁ ଶେଷ ଯାଏ ଚେଷ୍ଟା କରୁଥିଲୁ ଏବଂ, ସିଏ ଯେ କେତେ ବଡ଼ ବିପଦର ସମ୍ମୁଖୀନ ହୋଇଛନ୍ତି, ତାଙ୍କୁ ସେହି ବିଷୟରେ ଆଦୌ କିଛି କୁହାଯାଇ ନ ଥିଲା । ତାଙ୍କ ଜୀବନର ଅବସାନ ଘଟିବାକୁ ଯାଉଛି ବୋଲି କେବଳ ଥରେ ମାତ୍ର ତାଙ୍କର ଧାରଣା ହୋଇଥିଲା ଏବଂ ସେତିକିବେଳେ ସେ ତୁମ ପାଖକୁ ଚିଠି ଲେଖି ତାଙ୍କର ଯାବତୀୟ ସାଂସାରିକ ବ୍ୟାପାର, ଟଙ୍କା ପଇସା ଓ ସମ୍ପତ୍ତି ପ୍ରଭୃତି ବିଷୟରେ ନିଜର ଇଚ୍ଛାକୁ ଜଣାଇ ଦେବାକୁ ଚାହୁଁଥିଲେ । ସିଏ କ'ଣ ଲେଖିବାକୁ ଇଚ୍ଛା କରୁଥିଲେ, ମୋତେ ସେବିଷୟରେ ସବୁ କହି ଦେଇଥିଲେ, ମାତ୍ର ଯେତେବେଳେ ପ୍ରକୃତରେ ତାହାକୁ ଲେଖିବା ବେଳ ଆସି ପହଞ୍ଚିଲା, ସେତେବେଳେ ତାଙ୍କୁ ଅତିଶୟ ଦୁର୍ବଳ ଲାଗିଲା ଓ ସେ ଆଉ କିଛି ଲେଖିଲେ ନାହିଁ । ସେହି ସମୟରେ ସିଏ ତୁମ ବିଷୟରେ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଲେ ଏବଂ ସିଏ ଚାଲିଗଲେ ତୁମେ କିପରି କ'ଣ କରିବ, ସେହି ବିଷୟରେ ସଂଶୟ ପ୍ରକାଶ କରୁଥିଲେ । ତୁମେ ଏଠାକୁ ଆସି ତାଙ୍କ ପାଖରେ ରହିବ ବୋଲି ଇଚ୍ଛା ପ୍ରକାଶ କରିବା ପୂର୍ବରୁ ଏକାଧିକ ବାର ସେ ମୋ'ର ସୁରକ୍ଷା ଏବଂ ଶକ୍ତି ତୁମ ସହିତ ଯେପରି ନିରନ୍ତର ରହିଥିବ ବୋଲି ମୋତେ ଅନୁରୋଧ କରି କହିଥିଲେ । ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ, ତୁମେ ଆବଶ୍ୟକ କରିବା ମାତ୍ରକେ ତାହା ଅବଶ୍ୟ ତୁମକୁ ପ୍ରାପ୍ତ ହେବ ।

'oaob.nitrkl.ac.in' images reprocessed

ଆମେ ଅତ୍ୟନ୍ତ ଆନନ୍ଦର ସହିତ ଆମ ନିଜ ଖର୍ଚ୍ଚରେହିଁ ତାଙ୍କ ସମାଧିଶିଳାର ପ୍ରତିଷ୍ଠା କରିଥା'ନ୍ତୁ, ମାତ୍ର ମୁଁ ଏବିଷୟରେ ତୁମର ମନୋଭାବକୁ ବେଶ୍ ବୁଝି ପାରୁଛି ଏବଂ ସେକଥା ତୁମ ଇଚ୍ଛା ଅନୁସାରେହିଁ ହେବ। ତାହାର ଯୋଜନା ବିଷୟରେ ମୁଁ ଆମ ବାସ୍ତୁକାରଙ୍କ ଉପରେହିଁ ନିର୍ଭର କରିଆସିଛି; ସିଏ ଏବଂ ତୁମ ଭଉଣୀ ପରସ୍ପର ଅତ୍ୟନ୍ତ ଘନିଷ୍ଠ ଥିଲେ ଏବଂ ତୁମ ଭଉଣୀଙ୍କୁ ତାଙ୍କର କାମ ଖୁବ୍ ଭଲ ଲାଗୁଥିଲା। ମାତ୍ର ତାଙ୍କୁ ଏବେ ଭାରତୀୟ ସେନାବାହିନୀଠାରୁ ଏକ କାର୍ଯ୍ୟର ବରାଦ ମିଳିଛି ଓ ସେ ବର୍ତ୍ତମାନ ଏଠାରୁ ବହୁଦୂରରେ ଯାଇ ଅଛନ୍ତି, ସେଠାରେ ଖୁବ୍ କାର୍ଯ୍ୟବ୍ୟସ୍ତ ଥିବାରୁ ଏହି ଯୋଜନାଟି ତିଆରି କରିବା ଲାଗି ତାଙ୍କର ସମୟ ନାହିଁ। ଆଉ ବିଳମ୍ବ ନ କରିବାର ଅଭିପ୍ରାୟରେ ମୁଁ ଭାବୁଥିଲି ଯେ, ତୁମେ ନିଜେ ଡିଜାଇନ୍‌ଟି ବିଷୟରେ କୌଣସି ବ୍ୟବସ୍ଥା କରିବ ଏବଂ ତାହାକୁ କାର୍ଯ୍ୟକାରୀ କରିବା ଲାଗି ମୋ'ପାଖକୁ ପଠାଇ ଦେବ। କେବଳ ଏତିକି କଥା ଦେଖିବ ଯେ, ତାହା ଖୁବ୍ ସରଳ ହୋଇଥିବ, ତା'ନ ହେଲେ ଏଠାରେ ତାହାକୁ ତିଆରି କରାଇବା ପ୍ରକୃତରେ କଷ୍ଟକର ହେବ। ଏଠାରେ ମୋ'ର ହିଁ ଏତ କହି ରଖିବା ଉଚିତ ଯେ ନିଜର ସମାଧି ଶିଳା ଉପରେ ଗୋଟିଏ କ୍ରସ୍ ରହୁ, ବୋଲି ସିଏ କଦାପି ପସନ୍ଦ କରି ନ ଥାନ୍ତେ। ସମାଧିଶିଳାରେ ଏହି ଲେଖାଟି ରହୁ ବୋଲି ମୁଁ ପ୍ରସ୍ତାବ କରୁଛି (ତାହା ଫରାସୀ ଭାଷାରେ ହେବ, କାରଣ ଏକ ଫରାସୀ ସମାଧିସ୍ଥାନରେ ତାଙ୍କୁ ସମାଧି ଦିଆଯିବ) :

(ଏଠାରେ 'କ' ଙ୍କର ମର ଶରୀର ବିଶ୍ରାମ ଗ୍ରହଣ କରୁଛି)

(ଜନ୍ମତାରିଖ — ମୃତ୍ୟୁତାରିଖ)

ତାଙ୍କ ମୃତ୍ୟୁ-ତିଥିର ଯଥାସମ୍ଭବ ଅଧିକ ନିକଟବର୍ତ୍ତୀ ଗୋଟିଏ ତାରିଖରେ ଆମେ ସମାଧିଶିଳାଟିର ସ୍ଥାପନା କରିବାକୁ ଇଚ୍ଛା କରିଛୁ। ତେଣୁ ଡିଜାଇନ୍‌ଟି ମୋ'ର ଅତିଶୀଘ୍ର ଦରକାର। ଚିଠି ଭିତରେ ମୁଁ ଭୂମିର ମାପ ଦେଇ ପଠାଉଛି — ସ୍ମାରକଟି ଭୂମି ତୁଳନାରେ ଅବଶ୍ୟ ସାନ ହେବ।

ତୁମର ବିଶ୍ୱସ୍ତ,

୧୯୪୪

*

(ଦୁଇ ଜଣ ଉଚ୍ଚ ପଦସ୍ଥ ସରକାରୀ ଅଫିସରଙ୍କ ପାଖକୁ ଲେଖା ହୋଇଥିବା ଚିଠି ବିଷୟରେ)

ତୁମେ 'କ'ଙ୍କ ପାଖକୁ ଲେଖିଥିବା ଚିଠିଟିକୁ ମୁଁ ପଢ଼ିଛି ଓ ଦୁଃଖର ସହିତ କହୁଛି ଯେ ତୁମେ 'କ'ଙ୍କ ପାଖକୁ ଲେଖିଥିବା ଚିଠିକୁ ପଢ଼ିବା ଲାଗି ଆଉ ସୁଯୋଗ ପାଇ ନାହିଁ ।

ଚିଠି ଦୁଇଟିକୁ ମୋତେ ନ ଦେଖାଇ ତୁମେ ସେଗୁଡ଼ିକୁ ଯେ ପଠାଇ ଦେବାକୁ ମନ କରିଥିଲ, ଏହି କଥାଟିହିଁ ତୁମେ ଯେଉଁ ଆବେଗଟିର ଆଦେଶ ମାନି ତାହା କରୁଥିଲ, ତାହାର ଉତ୍ସ ବିଷୟରେ ତୁମକୁ ସାବଧାନ କରାଇଦେବା ଉଚିତ ଥିଲା । ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ ସେହି ଆଦେଶ ଦିବ୍ୟ ଉତ୍ସରୁ ଆସି ନ ଥିଲା ।

ଅଧିକନ୍ତୁ, ମୋତେ ଏକଥା ମଧ୍ୟ କହିବାକୁ ହେବ ଯେ, ଚିଠିଟିରେ ମୂଳତଃ ଆଦୌ କୌଣସି ଭୁଲ୍ ନାହିଁ । ତୁମେ ଠିକ୍ କଥାହିଁ କହିଛ, ମାତ୍ର ତୁମେ ଯାହାଙ୍କ ପାଖକୁ ଏସବୁ ଲେଖି ପଠାଇବ ବୋଲି ଇଚ୍ଛା କରିଥିଲ, ଏହି ପତ୍ର ସ୍ପଷ୍ଟ ତାଙ୍କ ଲାଗି ଅଥବା ତାଙ୍କ ଭଳି ଆଉ କୌଣସି ବ୍ୟକ୍ତିଙ୍କ ଲାଗି ଆଦୌ ଉଦ୍ଦିଷ୍ଟ ନୁହେଁ । ଅର୍ଥାତ୍, ଏକ ବିଶିଷ୍ଟ ରାଜନୈତିକ ପଦରେ ରହିଥିବା କୌଣସି ବ୍ୟକ୍ତିଙ୍କ ଲାଗି ଉଦ୍ଦିଷ୍ଟ ନୁହେଁ । ରାଷ୍ଟ୍ରନେତାମାନେ କେବଳ ସେମାନଙ୍କର ନିଜ ଜ୍ଞାନ ଓ କ୍ଷମତା ଉପରେ ଆସ୍ଥା ରଖିଥାନ୍ତି ଏବଂ ପୁନଶ୍ଚ, ପୃଥିବୀ ପରିସ୍ଥିତିର ସମାଧାନ ଲାଗି ସେମାନେ ଏକ ସୂତ୍ର ଆବିଷ୍କାର କରିଛନ୍ତି ବୋଲି ଭାବୁଥିବା ଲୋକମାନଙ୍କଠାରୁ ସେମାନେ ଶହ ଶହ ଚିଠି ପାଇଥାନ୍ତି । ଏବଂ ସାଧାରଣତଃ, ଏହି ରାଜନୈତିକ ନେତାମାନଙ୍କର ଆଦୌ କୌଣସି ବିବେଚନା ଶକ୍ତି ନ ଥାଏ, ସେମାନେ ସତ କ'ଣ ମିଛ କ'ଣ ସେବିଷୟରେ କିଛି ବାଛି ପାରନ୍ତି ନାହିଁ । ଏବଂ ସେମାନେ ବିଶ୍ୱାସ କରୁଥାନ୍ତି ଯେ, ଏସବୁ ପତ୍ର ଧର୍ମକ୍ଷେତ୍ରୀୟ ମତାନ୍ଧ ବ୍ୟକ୍ତିମାନଙ୍କର ଉତ୍ତେଜିତ ମସ୍ତିଷ୍କ ଭିତରୁହିଁ ନିଷ୍ପନ୍ନ ହୋଇ ଆସିଥାଏ । ଆମେ ନିଜକୁ ସେମାନଙ୍କ ସହିତ ଗୋଳଆମିଶା ହୋଇ ଯିବାକୁ କଦାପି ବାଟ ଛାଡ଼ି ଦେବା ନାହିଁ ଏବଂ ତେଣୁ, ଏକ ସମ୍ମାନସମ୍ପନ୍ନ ନୀରବତା ଅବଲମ୍ବନ କରିବାହିଁ ଏହି କ୍ଷେତ୍ରରେ ଅଧିକ ଭଲ ହେବ ।

ମାତ୍ର ସେକଥା ଯାହା ହୋଇଥାଉ ପଛକେ, ତୁମର ପତ୍ର ଯେ ତାହାର ଗନ୍ତବ୍ୟ ସ୍ଥାନରେ ଯାଇ ପହଞ୍ଚି ପାରିବ ନାହିଁ ଏବଂ ହୁଏତ ନାନା ଅବାଞ୍ଛିତ ବ୍ୟକ୍ତିମାନଙ୍କର ହାତରେ ଯାଇ ପଡ଼ିବ, ଏହିପରି ଘଟିବାର ଶତକଡ଼ା ଅନେଶ୍ୱତର ଅଧିକ ଭାଗ ଆଶଙ୍କା ରହିଛି ।

୧୧ ଜୁନ୍ ୧୯୫୪

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯାହା ଠିକ୍, ତାହାହିଁ କରିବା ଆଦୌ ନିର୍ମମ ନୁହେଁ, ସ୍ୱାର୍ଥପର ମଧ୍ୟ ନୁହେଁ । ମାତ୍ର, ଅନ୍ଧ ଭାବରେ ନିଜ ଦୁର୍ବଳତାର ବୋଲ ମାନିବା ଏବଂ ଆପଣା ସହିତ ଅନ୍ୟଲୋକଙ୍କୁ ମଧ୍ୟ ଗାତ ଭିତରେ ନେଇ ପକାଇଦେବା—ଏଇଟିକୁ ପ୍ରକୃତରେ ଏକ ନିର୍ମମ ଏବଂ ସ୍ୱାର୍ଥପର କଥା ବୋଲି କୁହାଯିବ । ସେହି ଗାତରୁ ଉଦ୍ଧାର ପାଇବା ସର୍ବଦା ଅତ୍ୟନ୍ତ କଷ୍ଟକର ହୁଏ ଏବଂ ସେଥି ଲାଗି ଅନ୍ତତଃ ଗୁଡ଼ାଏ ସମୟ ତଥା ଶକ୍ତି ମଧ୍ୟ ନଷ୍ଟ ହୋଇଥାଏ । ତେଣୁ ତୁମେ ଆଦୌ ଚିନ୍ତିତ ହୁଅ ନାହିଁ; ନିଜ ଜୀବନର ଅର୍ଥ ଏବଂ ଉଦ୍ଦେଶ୍ୟକୁ ଜାଣିବା ଲାଗି ଗମ୍ଭୀର ଭାବରେ ଚେଷ୍ଟାକର ଏବଂ ନିର୍ମଳଭାବରେ ପୂର୍ଣ୍ଣ ଆନ୍ତରିକତା ସହିତ ତାହାକୁ କାର୍ଯ୍ୟକାରୀ କରିବା ଲାଗି ନିଜକୁ ପ୍ରସ୍ତୁତ କର ।

*

ଆଦୌ ଚିନ୍ତା କର ନାହିଁ । ଏହା ଅବଶ୍ୟ ଅତିକ୍ରାନ୍ତ ହୋଇଯିବ ।

ପ୍ରାଣିକର ଦମ୍ଭର ମୁହଁ ଉପରେହିଁ ଭଲ୍ଲୁକର ମୁଣ୍ଡଟିଏ ବସିଛି । ତେଣୁ ବିରକ୍ତ ହୋଇ ତାହା ଧର୍ମଘଟ ଆରମ୍ଭ କରି ଦେଇଛି । ଯେତେବେଳେ ସିଏ ଏହାକୁ ଏକ ନିର୍ବୋଧତା ବୋଲି ବୁଝିବ ଏବଂ ଏଥିରେ କିଛି ଫଳ ହେବ ନାହିଁ ବୋଲି ଜାଣିବ, ସେତେବେଳେ ତାହା ପୁଣି ନିଜର ବିବେକକୁ ଫେରି ପାଇବ ଏବଂ ପୁଣି ଥରେ ଚୈତ୍ୟର ବିବେକୀ ବଚନକୁ ଶୁଣିବା ଲାଗି ସମର୍ଥ ହେବ । ଚୈତ୍ୟ ତାକୁ ନୀରବ ହୋଇ ନିଜର କାର୍ଯ୍ୟଟିକୁ ଭଲ ଭାବରେ କରିବାର ଉପଦେଶ ଦେବ; ଯଥାର୍ଥ ମୂଲ୍ୟ ରହିଥିବା କୌଣସି କଥା କେବେ ନଷ୍ଟ ହୋଇଯାଏ ନାହିଁ, ଯଥାର୍ଥ ପ୍ରେମ ସର୍ବଦାହିଁ ଅତୁଟ ହୋଇ ରହିଥାଏ ଏବଂ, ଯେଉଁ ନିସ୍ୱାର୍ଥକତାଗୁଡ଼ିକ ଦିବ୍ୟ ପରମ କାର୍ଯ୍ୟଟି ସହିତ ସଙ୍ଗତି ରକ୍ଷା କରି ପାରୁ ନ ଥିଲେ, କେବଳ ସେହିଗୁଡ଼ିକୁହିଁ ନଷ୍ଟ କରି ଦିଆଯାଇଛି ବୋଲି ଚୈତ୍ୟ ତାହାକୁ ପରାମର୍ଶ ଦେବ ।

କାରଣ, ଆମେ ସମ୍ପୂର୍ଣ୍ଣ ଭାବରେ କେବଳ ଦିବ୍ୟ ପରମ କର୍ମଟିରହିଁ ଅଧୀନ ହୋଇ ରହିବା, କାରଣ, କେବଳ ତାହାହିଁ ଆମ ଜୀବନରେ ଆମକୁ ଯଥାର୍ଥ ସୁଖ ଆଣି ଦେଇ ପାରିବ ।

*

ଯାହା ଘଟିଗଲା, ତାହାହିଁ ଘଟିବ ବୋଲି ଅଳ୍ପବହୁତ ପ୍ରତ୍ୟାଶା କରି ଯାଉଥିଲି । ପ୍ରତ୍ୟେକ ବ୍ୟକ୍ତି ଜୀବନରେ ତା'ର ନିଜ ସ୍ୱଭାବ ଅନୁସାରେ କାର୍ଯ୍ୟ

'oaob.nitrkl.ac.in' images reprocessed

କରୁଥାଏ ଏବଂ, ଯେଉଁମାନଙ୍କର ବିଶ୍ୱାସ ସ୍ଥିର ହୋଇ ନ ଥାଏ, ସେମାନେ ନିଜର ପ୍ରେମରେ ମଧ୍ୟ କଦାପି ସ୍ଥିର ହୋଇ ପାରିବେ ନାହିଁ ।

ମୁଁ ତୁମ ଉପରେ ଆଦୌ ରାଗି ନାହିଁ ଏବଂ, ତୁମେ ଯେତେବେଳେ ଇଚ୍ଛା କରିବ, ସେତେବେଳେ ମଧ୍ୟ ମୋ'ର ସହାୟତା ତୁମ ଲାଗି ମହଜୁଦ ରହିଛି । କୌଣସି ଭୁଲ୍ କାର୍ଯ୍ୟ କରିବା ବିଷୟରେ କହିବାକୁ ଗଲେ, ଅଜ୍ଞାନର ଏହି ପୃଥିବୀ ମଧ୍ୟରେ ବାସ କରୁଥିବା ପର୍ଯ୍ୟନ୍ତ ସବୁ ମନୁଷ୍ୟ ଭୁଲ୍ କରୁଥାନ୍ତି; କାରଣ ଠିକ୍ କାର୍ଯ୍ୟଟିକୁ କରିବେ ବୋ'ଲି ଇଚ୍ଛା କରୁଥିଲେ ମଧ୍ୟ, ସେମାନଙ୍କର ଚେତନାରେ ପରିବର୍ତ୍ତନ ନ ଘଟିଥିବା ପର୍ଯ୍ୟନ୍ତ ସେମାନେ କେଉଁଟି କରିବା ଯେ ଠିକ୍, ସେକଥା ମୋଟେ ଜାଣି ନ ଥାନ୍ତି । ସେହି ପରିବର୍ତ୍ତନକୁ ସମ୍ଭବ କରିବାକୁ ହେଲେ ସର୍ବପ୍ରଥମେ ପରିପୂର୍ଣ୍ଣତା ଆନ୍ତରିକତା ଆବଶ୍ୟକ ହୁଏ; କେବଳ ସତ କହିବା ବିଷୟରେ ଆନ୍ତରିକତା ନୁହେଁ, (ଏହା କହିବା ବାହୁଲ୍ୟ ମାତ୍ର ଯେ ଏଇଟି ହେଉଛି ଏକ ଅପରିହାର୍ଯ୍ୟ ପ୍ରାଥମିକ ସର୍ତ୍ତ) ମାତ୍ର, ସର୍ବଦା ନିଜ ପ୍ରତି ସଚ୍ଚୋଟ ରହିବା ଏବଂ ଦିବ୍ୟ ପରମ ସତ୍ତାଙ୍କ ପାଖରେ ସଚ୍ଚୋଟ ରହିବା ଆବଶ୍ୟକ ହୋଇଥାଏ ।

*

ଏକ ଦମ୍ଭଯୁକ୍ତ ଓ ଅଜ୍ଞାନ ମନ କେବଳ ନିଜର ଶକ୍ତି ଉପରେହିଁ ବିଶ୍ୱାସ ରଖିଥାଏ ଓ ଦିବ୍ୟ ପରମ କରୁଣାର ସହାୟତା ଗ୍ରହଣ କରିବାକୁ ମନା କରିବାରେ ଲାଗିଥାଏ; ସେହିଭଳି ଏକ ମନ ଦ୍ୱାରା ପରିଚାଳିତ ହେବା ଯେ କେତେ ବିପଜ୍ଜନକ କଥା, ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ପ୍ରତିକାର୍ଯ୍ୟକ ହୋଇ ରହିଥିବା ସମସ୍ତ ବିଷୟଟି ସ୍ପଷ୍ଟ ଭାବରେ ତାହାକୁହିଁ ବ୍ୟକ୍ତ କରୁଛି ।

ମୁଁ ବର୍ତ୍ତମାନ ଏ ବିଷୟରେ କୌଣସି ବିଶଦ ବ୍ୟାଖ୍ୟା କରିବାକୁ ଇଚ୍ଛା କରୁ ନାହିଁ; କା'ରଣ ଏହି ଗୋଟିଏ ସୂଚନା ସାହାଯ୍ୟରେହିଁ ତୁମେ ସମସ୍ତ ବିଷୟଟିକୁ ବୁଝିବା ଲାଗି ନିଶ୍ଚୟ ସମର୍ଥ ହେବ । ତୁମର ମନେ ଅଛି, ମୁଁ କିଞ୍ଚିତ୍ ବିଶେଷ ଜୋର ଦେଇ କଏ ଗାଡ଼ି ଚଳାଉଥିଲେ ବୋଲି ତୁମକୁ ପଚାରୁଥିଲି ଏବଂ ତୁମ ନିଜ ଡ୍ରାଇଭର ଗାଡ଼ି ଚଳାଉଥିଲା ବୋଲି ତୁମେ କହିବା ପରେ, ପ୍ରକୃତରେ ଭାରି ଆଶ୍ୱସ୍ତ ଅନୁଭବ କଲି ? ମାତ୍ର ତୁମର ଡ୍ରାଇଭର ପ୍ରକୃତରେ ଗାଡ଼ିର ଷ୍ଟିଅରିଙ୍ଗ୍ ଧରି ନ ଥିଲା ଏବଂ ସେହି ବ୍ୟତିକ୍ରମ ସକାଶେ ବିଚରାକୁ କଷ୍ଟ ଭୋଗିବାକୁ ପଡ଼ିଲା ।

'କ'ଙ୍କ ସହିତ ମୋର ଯେଉଁ କଥାବାର୍ତ୍ତା ହେଲା, ତାହାହିଁ ସମୁଦାୟ ବିଷୟଟିକୁ ଆହୁରି ଅଧିକ ପରିମାଣରେ ଅସାଧାରଣ କରି ଦେଉଛି । ଯୋଗରେ

'oaob.nitrkl.ac.in' images reprocessed

ତାଙ୍କର କୌଣସି ଆଗ୍ରହ ଅଛି କି ନାହିଁ ବୋଲି ମୁଁ ତାଙ୍କୁ ପଚାରିଥିଲି । ସିଏ ଉତ୍ତର ଦେଲେ ଯେ ଏକ ଦାର୍ଶନିକ ବିଚାର ହିସାବରେ ତାଙ୍କର ତାହା ଲାଗି ଆଗ୍ରହ ରହିଛି ସତ, ମାତ୍ର ଜୀବନରେ ବଞ୍ଚିବାର ଏକ ବିଷୟ ରୂପେ ଆଦୌ କୌଣସି ଆଗ୍ରହ ନାହିଁ । ହୁଏତ ପରେ ତାଙ୍କର ସେଇଟି ବିଷୟରେ ମଧ୍ୟ ଆଗ୍ରହ ଜନ୍ମିବ ବୋଲି ମୁଁ ମନ୍ତବ୍ୟ କରିବା'ରୁ ସେ କହିଥିଲେ, "ନାଇଁ ନାଇଁ, ମୋଟେ ନୁହେଁ । ଆପଣ ଜାଣନ୍ତି, ମୁଁ ଈଶ୍ୱର ଫିଶ୍ୱରରେ ବିଶ୍ୱାସ କରେ ନାହିଁ, ମୁଁ ଜଣେ ନିରୀଶ୍ୱର ବାଦୀ" । ଈଷତ୍ ହସି ମୁଁ ପଚାରିଥିଲି, "ତେବେ ନିଜ ବିଶ୍ୱଟିକୁ ତୁମେ କେଉଁ ବ୍ୟବସ୍ଥା ଅନୁସାରେ ସଜାଡ଼ି ରଖିଛ ?" ସିଏ ବ୍ୟଙ୍ଗଟିକୁ ବୁଝି ପାରିଲେ ଓ ଉତ୍ତର ଦେଲେ, "ମୁଁ ଏକ ବୈଜ୍ଞାନିକ ଦୃଷ୍ଟିକୋଣ ଗ୍ରହଣ କରିଛି : ମୁଁ କିଛି ଅସ୍ୱୀକାର କରେ ନାହିଁ, ମାତ୍ର କିଛି ବିଶ୍ୱାସ ମଧ୍ୟ କରେ ନାହିଁ ।" ମୁଁ ଏଥିରୁ 'କ'ଙ୍କ ଉପରେ ରହିଥିବା ବିପଦଟିକୁ ବୁଝି ପାରିଲି ଏବଂ କିଞ୍ଚିତ୍ ଦୃଢ଼ ଭାବରେ କହିଲି : "ମାଭ, ମୁଁ ବିଶ୍ୱାସ କରୁଛି ଯେ ତୁମେ ଅନ୍ୟମାନଙ୍କର ବିଶ୍ୱାସରେ ଆଦୌ କୌଣସି ହସ୍ତକ୍ଷେପ କରିବ ନାହିଁ ଏବଂ 'କ' ନିଜେ ଯେପରି ଭାବରେ ଭାବିବେ ଅଥବା ଅନୁଭବ କରିବେ, ତୁମେ ତାଙ୍କୁ ସେହିପରି ଭାବିବାକୁ ଓ ଅନୁଭବ କରିବାକୁ ଅବଶ୍ୟ ଛାଡ଼ିଦେବ ।" "ଅବଶ୍ୟ" ବୋଲି ସେ ଉତ୍ତର ଦେଲେ ସତ, ମାତ୍ର ମୁଁ ତାଙ୍କ କଥାରେ ବିଶ୍ୱାସ କଲି ନାହିଁ ।

'କ' ଙ୍କୁ କହିବ, ସେ ନିଜର ବିଶ୍ୱାସକୁ ଅତୁଟ ରଖିଥିବେ, ତାଙ୍କର ମନ ଏବଂ ଦୃଷ୍ଟିକୋଣକୁ ବଦଳାଇ ଦେବା ପାଇଁ ତାଙ୍କ ଉପରେ ଯେତେ ଚାପ ପଡ଼ିଲେ ମଧ୍ୟ ତଥାପି ନିଜ ବିଶ୍ୱାସରେ ଅତୁଟ ରହିବେ । ଏଥିରେ ହୁଏତ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ, ମାତ୍ର ତଥାପି ଯଥେଷ୍ଟ ପ୍ରତ୍ୟୟ ସହିତ ଦିବ୍ୟ ପରମସତ୍ତାଙ୍କର କରୁଣାକୁ ଆବାହନ କରିବା ଲାଗି ସେ ଯେପରି କଦାପି ଭୁଲି ଯିବେ ନାହିଁ । ତେବେ ତାଙ୍କ ଲାଗି ସୁରକ୍ଷା ଏବଂ ସହାୟତା ସୁନିଶ୍ଚିତ ହୋଇ ରହିଥିବ ।

❋

ତୁମେ ମାଆଙ୍କୁ କହିବ ଯେ ସେ ନିଜ ହୃଦୟ ଭିତରେ ଅନେକ ଗଭୀରକୁ ଚାଲିଯିବେ ଏବଂ ତେବେ ସେ ଅନୁଭବ କରିପାରିବେ ଯେ ଦିବ୍ୟ ପରମ କରୁଣା ଅବଶ୍ୟ ତାଙ୍କ ପାଖରେ ରହିଛି । ନିଜର ଆଶୀର୍ବାଦ ସହିତ ମୁଁ ତାଙ୍କ ପାଖକୁ ଏକ କାର୍ଡ୍ ପଠାଇବି । ତାହା ଉପରେ ଯାହା ଲେଖା ହୋଇଥିବ, ତୁମେ ତାହାକୁ ତାଙ୍କ ପାଇଁ ଅନୁବାଦ କରିଦେଇ ପାରିବ । ତାଙ୍କୁ ଏକଥା ମଧ୍ୟ କହି ପାରିବ ଯେ,

'oaob.nitrkl.ac.in' images reprocessed

ଦୁର୍ଘଟଣାଟି ଘଟିବା ସମୟରେ ତୁମ ବାପାଙ୍କର ଚେତନା ତାଙ୍କ ଶରୀରକୁ ତ୍ୟାଗ କରି ଚାଲିଯାଇଥିଲା । ସେହି କାରଣରୁହିଁ ସିଏ ଆଉ ହଲଚଲ ହେଲେ ନାହିଁ, କଥା ମଧ୍ୟ କହିଲେ ନାହିଁ । ସେଥିରେ ଆଶ୍ଚର୍ଯ୍ୟ ହେବାର ଆଦୌ କିଛି ନାହିଁ ଏବଂ ବିଶେଷ ଭାବରେ ଦୁଃଖାଭିଭୂତ ହୋଇପଡ଼ିବାର ମଧ୍ୟ କୌଣସି କାରଣ ନାହିଁ ।

*

ତାଙ୍କର ବାସନାଗୁଡ଼ିକ ହେତୁ ତାଙ୍କର ମନ ଏପରି ବିଭ୍ରାନ୍ତ ଅବସ୍ଥାରେ ରହିଥିଲା ଯେ, ମୁଁ ସେହି କାରଣରୁ କୌଣସି ଉତ୍ତର ଦେଲି ନାହିଁ । କାରଣ, ମୁଁ ଯାହା ଲେଖିଥାନ୍ତି, ସେହି ଅବସ୍ଥାରେ ସିଏ ତାହା ଆଦୌ ବୁଝିପାରି ନ ଥାନ୍ତେ । ତା'ପରେ, ତାଙ୍କ ମନ ଓ ପ୍ରାଣକୁ କିଛିଟା ଅଧିକ ପରିମାଣରେ ଉନ୍ମୋଚିତ ଓ ଗ୍ରହଣଶୀଳ କରିବା ଉଦ୍ଦେଶ୍ୟରେ ମୁଁ ସେଗୁଡ଼ିକ ଉପରେ କାର୍ଯ୍ୟ କରିବାକୁ ଚେଷ୍ଟା କରିଛି, ଯେପରିକି ସେ ବୁଝିବାକୁ ସମର୍ଥ ହେବେ ଯେ, ପିଲାଙ୍କ ପ୍ରତି ସ୍ନେହଭାବ ରଖିବା ଏବଂ ସେମାନଙ୍କୁ ସେମାନେ ପ୍ରତିନିଧିତ୍ୱ କରୁଥିବା ଭବିଷ୍ୟତର କ୍ରମବର୍ଦ୍ଧମାନ ଆଶା ବୋଲି ଅନୁଭବ କରିବାର ଆଦୌ ଏହି ଅର୍ଥ ହେବ ନାହିଁ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ପିଲା ଅବଶ୍ୟ ରହିବେ । ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ତଥା ଆଧ୍ୟାତ୍ମିକ ଆବଶ୍ୟକତା ଅନୁସାରେ ସେମାନଙ୍କ ନିକଟେ ଯାହା ପ୍ରକୃତରେ ସର୍ବୋତ୍ତମ, ପ୍ରତ୍ୟେକ ବ୍ୟକ୍ତି ପାଖରେ ମୁଁ ତାହାହିଁ ପ୍ରକାଶ କରିଥାଏ । ମାତ୍ର, ଏକଥା ନିଶ୍ଚିତ ଭାବରେ ସତ୍ୟ ଯେ ତାହା ସର୍ବଦା ସେହି ବ୍ୟକ୍ତିର ବାସନାଗୁଡ଼ିକର ମୁତାବକ ମୋଟେ ହୋଇ ନ ଥାଏ ।

ଅକ୍ଟୋବର, ୧୯୬୦

*

'ଖ' ଜଣେ ଅତ୍ୟନ୍ତ ମାର୍ଜିତ ସ୍ୱଭାବର ବାଳିକା; ସିଏ ଅତ୍ୟନ୍ତ ପରିମାଣରେ ସ୍ପର୍ଶଗ୍ରାହୀ, ଏବଂ ତେଣୁ ଖୁବ୍ ସହଜରେ ନିଜକୁ ଆହତ ଅନୁଭବ କରନ୍ତି । ତେଣୁ ତୁମେ ତାଙ୍କୁ କଦାପି ଗାଳି ଦେବ ନାହିଁ, କଟୁ କଥା କହିବ ନାହିଁ କିଂବା କୌଣସି କଥା କହିବା ଲାଗି ବାଧ୍ୟ କରିବ ନାହିଁ । ମୋତେ ସିଏ ଖୁବ୍ ସୁନ୍ଦର ମଣିଷଟିଏ ପରି ଲାଗୁଛନ୍ତି । ମାତ୍ର ସିଏ ଏବେ ଭୟତ୍ରସ୍ତ ହୋଇଥିବା ପରି ଦେଖାଯାଉଥିଲେ— ମୋ' ବିଷୟରେ ତାଙ୍କୁ କିଏ ଯାଇ କ'ଣ କହିଲେ ଯେ ସେ ଏପରି ଅନୁଭବ କଲେ, ମୁଁ ସେକଥା କହିପାରିବି ନାହିଁ । ମୋତେ ତାଙ୍କୁ ଖୁବ୍ ଭଲ ଲାଗିଲା ବୋଲି

'oaob.nitrkl.ac.in' images reprocessed

ତୁମେ ତାଙ୍କୁ କହିଦେବ । ତାଙ୍କର ସ୍ୱଭାବ ଅତ୍ୟନ୍ତ ମାର୍ଜିତ, ମାନ୍ଦ, କୌଣସି କାରଣରୁ ସେ ନିଜକୁ କପିକରି ବାନ୍ଧି ରଖିଛନ୍ତି ଓ ନିଜର ଜୀବନ ବଞ୍ଚିଆସୁଛନ୍ତି । ସେ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ ଅନୁଭବ କରନ୍ତୁ, ତାଙ୍କ ଚତୁର୍ଦ୍ଦିଗରେ ତୁମେ କୌଣସି ବସ୍ତୁ ନେଇ ଥୋଇଦେବାକୁ ଆଦୌ ଚେଷ୍ଟା କରିବ ନାହିଁ । ଏଠାରେ ସେ ନିଜକୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ଏବଂ ନିରୁଦ୍‌ବିଗ୍ନ ଅନୁଭବ କରନ୍ତୁ, ଏବଂ ତାଙ୍କୁ ତୁମେ କହିଦେବ ଯେ ସେ ଏଠାରେ ସତେଯେପରି ସର୍ବଦା ସ୍ୱର୍ଗୀୟାଲୋକ ମଧ୍ୟରେ ରହିଥିବା ପରି ଅନୁଭବ କରିବେ ଓ ଆଦୌ ଚିନ୍ତାଗ୍ରସ୍ତ ହେବେ ନାହିଁ ।

୧୭ ସେପ୍ଟେମ୍ବର, ୧୯୬୮

ଓଡିଶା

# ସତର୍କ ବାଣୀ

ଏହା ହେଉଛି "ଭୌତିକ ସୁଖଲାଭ ପାଇଁ ଜନ୍ମଗତ ଅଧିକାରକୁ ବଜାୟ କରିବାର" ସର୍ବଦା ସେହି ପୁରାତନ କାହାଣୀ (ଜନ୍ମଗତ ଅଧିକାର କହିଲେ ମୁଁ ଦିବ୍ୟ ପରମ ଉପଲବ୍ଧିର ସୋପାନରେ ସର୍ବପ୍ରଥମେ ଯାଇ ପହଞ୍ଚିବାର ସମ୍ଭାବନା ବା ସାମର୍ଥ୍ୟକୁହିଁ ବୁଝୁଛି) ।

୪ ମଇ ୧୯୩୨

*

ଯେଉଁ ମନୁଷ୍ୟକୁ ଦିବ୍ୟ ପରମ ସତ୍ତା ପାସୋର ଦେଇଛନ୍ତି, ତାହାକୁ ପ୍ରତ୍ୟେକ ବ୍ୟକ୍ତିର ମଧ୍ୟ ପାସୋର ଦେବା ଉଚିତ ।

୧୮ ଡିସେମ୍ବର ୧୯୩୩

*

କେଉଁ ଅଧିକାରରେ ତୁମେ ନିଜର ଇଚ୍ଛା ଅନ୍ୟମାନଙ୍କ ପ୍ରଭାବିତ କରୁ ବୋଲି ଇଚ୍ଛା କରୁଛ ? ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ହୋଇ ରହିବା ଉଚିତ । କେବଳ ଗୁରୁଙ୍କରହିଁ ନିଜ ଇଚ୍ଛାକୁ ତାଙ୍କୁ ଗୁରୁ ବୋଲି ବାଛିଥିବା ଶିଷ୍ୟର ଇଚ୍ଛା ଉପରେ ଲଦିଦେବାର ଅଧିକାର ରହିଛି ।

୨୧ ମାର୍ଚ୍ଚ, ୧୯୩୪

*.

ବାସ୍ତବ ଆବଶ୍ୟକତା ରହିଥିଲେ ଯାଇ ଯଥାର୍ଥ ସମାଧାନ ସମ୍ଭବ ହୋଇଥାଏ ।

୨ ଜୁଲାଇ, ୧୯୩୬

*

ଆପଣାକୁ ପ୍ରଦର୍ଶିତ କରିବାର ମନୋଭାବକୁ ଉତ୍ସାହିତ କଲାଭଳି ଯାବତୀୟ ବସ୍ତୁକୁ ଏଡ଼ି ରହିବା ସକାଶେ ଆମକୁ ସର୍ବଦା ସାବଧାନ ରହିବାକୁ ହେବ ।

*

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତିମାନଙ୍କର ମହତ୍ତ୍ୱ ଯେତିକି କମ୍, ସେମାନେ ନିଜକୁ ସେତିକି ଅଧିକ ଗମ୍ଭୀର ଭାବରେ ଗ୍ରହଣ କରିଥାନ୍ତି ।

୧୫ ଡିସେମ୍ବର ୧୯୪୪

*

ଦବ୍ୟ ପରମପିତାଙ୍କର ସେବା କରୁ କରୁ ଯଦି କୌଣସି ପଦବୀ ମିଳିଥାଏ, ତେବେ ତାହା ଅନ୍ୟ କଥା; ନଚେତ୍ ପଦବୀଗୁଡ଼ିକ ଜଣେ ବ୍ୟକ୍ତିର ଆଦୌ କୌଣସି ମୂଲ୍ୟ ବୃଦ୍ଧି କରନ୍ତି ନାହିଁ ।

*

କାହାର ସ୍ୱାକ୍ଷରରେ ଗୋଟିଏ କଥା କୁହାଗଲା, ସେହି ଅନୁସାରେ କଥାର ବିଚାର ହେବା ଉଚିତ ନୁହେଁ ; କଥାଟିରେ ପ୍ରକୃତରେ ଯେତିକି ମୂଲ୍ୟ ରହିଛି, ସେହି ଅନୁସାରେହିଁ ତାହାର ବିଚାର ହେବା ଉଚିତ ।

*

କୌଣସି ଦସ୍ତଖତ ନ ଥାଇ ମଧ୍ୟ ଯଦି କୌଣସି କଥା ଉତ୍ତମ ହୋଇଥାଏ, ତେବେ ତାହା ପ୍ରକୃତରେ ଉତ୍ତମ କଥା ।

*

ଗୁଡ଼ାଏ କଥା କହିଲେ କେହି ପ୍ରଜ୍ଞାଶୀଳ ହୁଏ ନାହିଁ । ଯଦି ବ୍ୟକ୍ତି ସହନ ସମର୍ଥ ହୋଇଥାଏ, ଯଦି ତ' ଭିତରେ ଭୟ ନ ଥାଏ ଓ ତା'ର ଶତ୍ରୁ କେହି ନ ଥାନ୍ତି, ତେବେ ଯାଇ ତାକୁ ପ୍ରଜ୍ଞାଶୀଳ ବୋଲି କୁହାଯିବ ।

*

ଯେଉଁମାନେ ତୁମ ମୁହଁରୁ ପବିତ୍ର ଶବ୍ଦମାନ ଶୁଣିବାକୁ ଆଶା ରଖିଛନ୍ତି, ସେମାନଙ୍କ ଆଗରେ ପବିତ୍ର ଶବ୍ଦୋଦ୍‌ଗାର କରିବାଠାରୁ ବଳି ଅଧିକ ସହଜ ଆଉ



'oaob.nitrkl.ac.in' images reprocessed

କିଛି ନାହିଁ । ମାତ୍ର, ପ୍ରକୃତରେ ପବିତ୍ର ଶବ୍ଦ ଶୁଣିବାକୁ ଇଚ୍ଛା କରୁଥିବା ଲୋକ ମିଳିବା ଅପେକ୍ଷାକୃତ ଅଧିକ କଷ୍ଟକର ।

❋

ଏପ୍ରିଲ ପହିଲା ଦିନ ଲୋକମାନଙ୍କୁ ବୋକାବନାଇବାର ସେହି ମୂର୍ଖତାପୂର୍ଣ୍ଣ ଅଭ୍ୟାସର ଆଚରଣ କରିବା ଲାଗି ଆଶ୍ରମ ଆଦୌ ଏକ ସ୍ଥାନ ନୁହେଁ ବୋଲି ଶ୍ରୀଅରବିନ୍ଦଙ୍କର ଶିଷ୍ୟମାନଙ୍କୁ ଆଗରୁ କହିବାର କୌଣସି ଆବଶ୍ୟକତା ମୁଁ ଅନୁଭବ କରି ନ ଥିଲି ।

ମାତ୍ର, ବର୍ତ୍ତମାନ ଦେଖୁଛି ଯେ ଏହିସବୁ ମୂର୍ଖତାର ଆଚରଣ କରିବା ସକାଶେ କେତେକ ଆଶ୍ରମବାସୀ ମୋ ନାମରକତାର ଏକ ସୁଯୋଗ ଗ୍ରହଣ କରିଛନ୍ତି । ମୁଁ ଏଥି ଲାଗି ପ୍ରକୃତରେ ଦୁଃଖିତ ।

୧ ଏପ୍ରିଲ୍ ୧୯୪୬

❋

କୌଣସି କଥା ଲୁଚାଇବାକୁ ଆଦୌ ଚେଷ୍ଟା କର ନାହିଁ । ତୁମେ ଯାହା-କିଛି ଲୁଚାଇ ରଖିବାକୁ ଇଚ୍ଛା କରୁଥିବ, ତାହା ସର୍ବଦା ପ୍ରକୃତରେ ଅଧିକ ସ୍ପଷ୍ଟ ଭାବରେହିଁ ପଦାରେ ପଡ଼ି ଯାଉଥିବ ।

୧୯ ଏପ୍ରିଲ୍ ୧୯୬୨

❋

ଯେଉଁ ବ୍ୟକ୍ତିମାନେ ଏକ ଲିଖିତ ଶବ୍ଦ ସହିତ ଦିବ୍ୟ ଶକ୍ତି ଓ ଚେତନାର ଏକ ସଞ୍ଚାରଣ ଘଟାଇ ପାରିବାର ସାମର୍ଥ୍ୟ ରଖିଆନ୍ତି, କେବଳ ସେହିମାନେହିଁ ଆପଣାର ଦସ୍ତଖତ ପ୍ରଦାନ କରି ପାରିବେ ।

୧୦ ଏପ୍ରିଲ୍ ୧୯୬୪

❋

ଆମେ ଆଶା ରଖିବା ଯେ ଅନ୍ତର୍ଗତ ଉପଲବ୍ଧି ବାହ୍ୟ ଉପଲବ୍ଧି ସହିତ ସମାନ ବୋଲି ପ୍ରମାଣ କରି ଦେଖାଇ ଦେଇ ପାରିବ ।

୨୬ ଏପ୍ରିଲ୍ ୧୯୬୪

❋

'oaob.nitrkl.ac.in' images reprocessed

ମଣିଷଠାରୁ ଆଶା ନ ରଖିବାହିଁ ଅଧିକ ଭଲ ।

ଜୁଲାଇ ୧୯୫୯

*

ବିଶ୍ୱସ୍ତ ହେବା ଆଦୌ ମନୁଷ୍ୟ ପାଇଁ ସ୍ୱାଭାବିକ ନୁହେଁ ।

*

ମାଆ, ଈଶ୍ୱର କାହିଁକି ଏତେ ଅଧିକ ସଂଖ୍ୟକ ମନୁଷ୍ୟ ସୃଷ୍ଟି କରିଛନ୍ତି ?

ସେମାନଙ୍କ ଭିତରୁ ଜଣେ ଉତ୍ତମ ମଣିଷ ହେବେ ବୋଲି ଆଶା ରଖି ।

*

ଏବଂ ତଥାପି ଦିବ୍ୟ ପରମସତ୍ତା ସର୍ବତ୍ର ରହିଛନ୍ତି,— ଅଜ୍ଞାନ ମଣିଷ ଭିତରେ ଯେପରି ରହିଛନ୍ତି, ଜଣେ ମୁନି ଭିତରେ ମଧ୍ୟ ସେହିପରି ଅଛନ୍ତି ।

*

ପୃଥିବୀପୃଷ୍ଠରେ ମନୁଷ୍ୟର ଆବିର୍ଭାବ ଘଟିବା ସଙ୍ଗେ ସଙ୍ଗେ ସର୍ବପ୍ରଥମେ ଅଗ୍ନି ଉପରେ ନିୟନ୍ତ୍ରଣର ଶକ୍ତି ସମ୍ଭବ ହୋଇଥିଲା । ପୃଥିବୀରେ ବାସ କରୁଥିବା ପ୍ରାଣୀମାନଙ୍କ ମଧ୍ୟରୁ ମନୁଷ୍ୟହିଁ ପ୍ରଥମେ ନିଜ ଗୁହାରେ ଉଷ୍ଣତା-ପ୍ରଦାନକାରୀ ଏକ ଅଗ୍ନିଶିଖା ପ୍ରଜ୍ୱଳିତ କରିବାକୁ ସମର୍ଥ ହୋଇଥିଲା, ଅନ୍ଧକାର ମଧ୍ୟରେ ଆଲୋକ ପ୍ରଦାନ କରୁଥିବା ଏକ ଉଜ୍ଜ୍ୱଳକାରୀ ଆଲୋକକୁ ସମ୍ଭବ କରିଥିଲା । ଅଗ୍ନି ଉପରେ ପ୍ରଭୁତ୍ୱ ଅର୍ଜନକୁ ଇତରପ୍ରାଣୀ ତୁଳନାରେ ମନୁଷ୍ୟର ସାମର୍ଥ୍ୟାଧିକ୍ୟର ଏକ ନିଦର୍ଶନ ବୋଲି ଗ୍ରହଣ କରାଯାଇ ପାରିବ ।

*

'oaob.nitrkl.ac.in' images reprocessed

ମନୁଷ୍ୟ ଯଦି ପ୍ରକୃତରେ ମନୁଷ୍ୟ ହୋଇଥାଏ, ତେବେ ତାହାର କେବଳ ମାତ୍ର ଗୋଟିଏ ବିଶେଷ ଗୁଣ : ମାନସିକ ତଥା ଭୌତିକ ପରିଚ୍ଛନ୍ନତା ।

*

ଭିତରେ ଏପରି ଏକ ମୂଲ୍ୟାଙ୍କନ କରିବାର ଏବଂ ଲାଭ କ୍ଷତି ହିସାବ କରି ଦେଖିବାର ଭାବନା ଭିତରେ କାମହୋଇ ରହିଥିବା ପର୍ଯ୍ୟନ୍ତ ତୁମେ କୌଣସି ଆଧ୍ୟାତ୍ମିକ ପ୍ରଗତି କରିବ ବୋଲି ଆଶା କିପରି କରିପାରିବ ?

୧୭ ଡିସେମ୍ବର ୧୯୫୧

*

ମୁଁ କେବଳ ଗୋଟିଏ କ୍ଷମାଭିକ୍ଷାକୁ ଗ୍ରହଣ କରି ପାରିବି; ସେଇଟି ହେଉଛି : "ମୁଁ ଏହି କାର୍ଯ୍ୟଟିକୁ ପୁନର୍ବାର କଦାପି କରିବି ନାହିଁ ।" —ତୁମେ ଏହିପରି କହିବ ଓ ଆପଣାର କଥାଟିକୁ ରକ୍ଷା କରିବ । ଏହା ବ୍ୟତୀତ ଆଉ ସବୁକିଛୁକୁ ଛଳନା ବୋଲି କୁହାଯିବ ।

୭ ଏପ୍ରିଲ୍ ୧୯୬୩

*

କୌଣସି ଏକ କାର୍ଯ୍ୟକୁ ନ କରିବା ଖୁବ୍‌ସହଜ । ତୁମେ ଆଉ କେବେହେଲେ ସହରକୁ ସିନେମା ଦେଖି ଯିବ ନାହିଁ, କେବେହେଲେ ଯିବ ନାହିଁ । ତେବେ ଦୋଷଟି ମାର୍ଜିତ ହୋଇଯିବ ।

ହୃଦୟ ହେଉଛି ଏହି ପୃଥିବୀସ୍ଥ ମନୁଷ୍ୟଜଗତର ଗୋଟିଏ ବସ୍ତୁ; ଆତ୍ମା ହେଉଛି ବିଶ୍ୱମୟ ଆଧ୍ୟାତ୍ମିକ ଜଗତର ।

ଅନେକ ଆଶୀର୍ବାଦ ।

୭ ମାର୍ଚ୍ଚ ୧୯୬୫

*

କୌଣସି ଝିଅକୁ ଭଲ ଲାଗୁଛି ବୋଲି ତାକୁ ଚୁମ୍ବନ ଦେବା ଏକ ରୁଚିହୀନ ଓ ଅଶୋଭନୀୟ କାର୍ଯ୍ୟ । ମାତ୍ର, ଝିଅଟି ଯେତେବେଳେ ନିଜେ ଇଚ୍ଛା କରୁ ନାହିଁ,

'oaob.nitrkl.ac.in' images reprocessed

ସେତେବେଳେ ତାହାକୁ ଚୁମ୍ବନ ଦେବାକୁ କେବଳ ଏକ ଅଶ୍ଳୀଳ ଏବଂ ମୂଢ଼ କାର୍ଯ୍ୟ ବୋଲି କୁହାଯିବ ।

*

> ଅନ୍ତତଃ ଲକ୍ଷେ ଆମେରିକାବାସୀଙ୍କର ଏଲ୍. ଏସ୍. ଡି. ଓ ମେସ୍କାଲିନ୍ ସେବନର ଅଭିଜ୍ଞତା ରହିଛି — ଏହି ଅଭିଜ୍ଞତାଗୁଡ଼ିକୁ "ସାଇକେଡ଼େଲିକ୍" ଅର୍ଥାତ୍ "ଚେତନା-ପ୍ରସାରକ" ଅଭିଜ୍ଞତା ବୋଲି କୁହାଯାଏ । ଏହି ଔଷଧ-ଗୁଡ଼ିକୁ ଆମେରିକାରେ ବୈଧ ବୋଲି ଘୋଷଣା କରିବାର ସମ୍ଭାବନା ମଧ୍ୟ ରହିଛି ଏବଂ ସେଥି ଲାଗି ଦେଶସାରା ଏକ ଅଭିଯାନ ଆରମ୍ଭ ହେଲାଣି । ଏହା ସହିତ ମୁଁ 'ସାଇ-କେଡ଼େଲିକ୍ ରିଭିଉ' ପତ୍ରିକାର ଗୋଟିଏ ସଂଖ୍ୟା (୧୯୬୭, ୭ମ ସଂଖ୍ୟା) ପଠାଇ ଦେଉଛି । ମେସ୍କାଲିନ୍ ସେବନ କରିବା ଦ୍ୱାରା ଏକ ଉଚ୍ଚସ୍ତରର ଯୋଗାବସ୍ଥା ସମ୍ଭବ ହେବ ବୋଲି ସେଥିରେ ଗୋଟିଏ ଲେଖାରେ ଦାବି କରାଯାଇଛି ।

ପତ୍ରିକାରେ ସୂଚିତ କରି ଦିଆଯାଇଥିବା ଅଂଶଟିକୁ ମୁଁ ପଢ଼ିଲି । ଗୋଟିଏ କଥା ଅତ୍ୟନ୍ତ ନିଶ୍ଚିତ — ଏହି ଅଭିଜ୍ଞତାସବୁ ଆଦୌ ଆଧ୍ୟାତ୍ମିକ ଅଭିଜ୍ଞତା ନୁହେଁ ଏବଂ ସେଗୁଡ଼ିକୁ ସେହି ନାମରେ ଅଭିହିତ କରିବା ଦ୍ୱାରା, ଯାହାକୁ ପ୍ରକୃତରେ ଆଧ୍ୟାତ୍ମିକ ଅଭିଜ୍ଞତା ବୋଲି କୁହାଯା'ନ୍ତା, ସେହି ବିଷୟରେ କେବଳ ପୂର୍ଣ୍ଣ ଅଜ୍ଞତାର ପରିଚୟ ମିଳିଯାଉଛି ।

ଏହି ଔଷଧର ସେବନ ଦ୍ୱାରା ଯାହା ଘଟୁଛି, ତାହା ହୁଏତ ଅତ୍ୟନ୍ତ ଭ୍ରମଗ୍ରସ୍ତ ଭାବରେ ପ୍ରାଣିକ କ୍ଷେତ୍ରରେ ଏଣେତେଣେ ବୁଲିବାକୁ ବୁଝାଇପାରେ ଅଥବା ସତ୍ତ୍ୱାର ଅବଚେତନ ଅଂଶରେ ସୁପ୍ତ ହୋଇ ପଡ଼ି ରହିଥିବା କେତେକ ଅବଚେତନ ସଙ୍କେତନ ପୁନର୍ବାର ଜାଗ୍ରତ ହୋଇ ଉଠିବାକୁ ମଧ୍ୟ ବୁଝାଇପାରେ ।

ଏପରି ଗୋଟିଏ ନିରର୍ଥକ ବିଷୟ ସମ୍ବନ୍ଧରେ ଅଧିକ କିଛି କହିବାକୁ ସମୟ ନାହିଁ ।

୧୯୬୮

*

'oaob.nitrkl.ac.in' images reprocessed

ସୁଖର ଅନ୍ୱେଷଣ କରିବାର ଅର୍ଥ ହେଉଛି ଦୁଃଖକୁ ମନ କରିବା, କାରଣ ସୁଖ ଓ ଦୁଃଖ ହେଉଛନ୍ତି ସେହି ଗୋଟିଏ ଜିନିଷର ଏପାଖ ଏବଂ ସେପାଖ ।

*

ସତ୍ତାର ସବୁଠାରୁ ଅଧିକ ସ୍ଥୂଳ ଓ ଜଡ଼ଗତ ହୋଇ ରହିଥିବା ଭୂମିଗୁଡ଼ିକରେ ନିଜର ଚେତନାକୁ ଆବଦ୍ଧ କରି ରଖିବାରେ ଯାହାକିଛି ଅନୁକୂଳ ହୋଇଥାଏ, ତାହା ପ୍ରକୃତିରେ ଦଣ୍ଡନୀୟ ହେବ ।

*

ଯାବତୀୟ ପୁରସ୍କାର ଅଧିକତର ଭାବରେ ଜୀବନର ଏକ ନିମ୍ନମାନକୁ ସଗୃଭ ଦେଇଥାନ୍ତି । ମାତ୍ର, ଯଦି ଆମେ ତଥାପି ସେହିଠାରେହିଁ ରହିଥାଉ···

*

(ଗୋଟିଏ ମୋଟର ଗାଡ଼ି ବାଛିବା ବିଷୟରେ)

ତୁମେ କ୍ଳାନ୍ତ ନ ହୋଇ ଓ ବାଟରେ ଅନେକଗୁଡ଼ାଏ ସମୟ ନ ଦେଇ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ଇଚ୍ଛା କରୁଛ ନା ବେଶ୍ ମୂର୍ତ୍ତିମାନ୍ ହେବକୁ ଏବଂ ଜଣେ କେଉଁ ବଡ଼ ବ୍ୟକ୍ତି ପରି ଦେଖାଯିବାକୁ ଇଚ୍ଛା କରୁଛ ?

*

ସଙ୍କୋଚ ଠକ୍ ବାସନା ପରି ଅନିଷ୍ଟକାରୀ—ତେଣୁ ପଙ୍ଗାଟି ତୁମ ପାଖରେ ରହୁ ଏବଂ ଦିବ୍ୟ ପରମସତ୍ତାଙ୍କର ଇଚ୍ଛାହିଁ ପୂର୍ଣ୍ଣ ହେଉ । କାରଣ,—ଅସଲ କଥା ହେଉଛି, ସର୍ବଦା କେବଳ ତାଙ୍କରି ଇଚ୍ଛାହିଁ କାର୍ଯ୍ୟକାରୀ ହୋଇଥାଏ !

*

'oaob.nitrkl.ac.in' images reprocessed

ଦଦ୍ୟ ପରମସତ୍ତାଙ୍କର ଇଚ୍ଛାକୁ ଜାଣିବାକୁ ହେଲେ ଆମ ଭିତରେ ଆଦୌ କୌଣସି ଅସ୍ୱରୂଚ ରହିବ ନାହିଁ, କୌଣସି ବାସନା ବ ରହିବ ନାହିଁ ।

*

କେବଳ ଉପର ସ୍ତରର ପ୍ରତିକ୍ରିୟାଗୁଡ଼ିକ ଆଦୌ ବାଞ୍ଛନୀୟ ନୁହେଁ ।

*

ଯେଉଁ ବ୍ୟବସାୟ ସଂସ୍ଥାର କୌଣସି ନାମ ନାହିଁ, କୌଣସି ବ୍ୟବସାୟ ନାହିଁ କିଂବା ଅର୍ଥ ନାହିଁ, ତାହାକୁ କଦାପି ବ୍ୟବସାୟ-ସଂସ୍ଥା ବୋଲି କୁହାଯିବ ନାହିଁ ଏକ ପ୍ରତାରଣା ବୋଲହିଁ କୁହାଯିବ ।

*

ଅଧିକରୁ ଅଧିକ ବିପଦର ଆଶଙ୍କାକୁ ବରଣ କରିବା,—ତାହାହିଁ ସାଧୁ ବ୍ୟବସାୟ ।

*

କେବଳ ନ ଠକିବାର ଇଚ୍ଛା ନୁହେଁ, ଠକି ନ ହେବାର ଇଚ୍ଛା ମଧ୍ୟ ରହିଥିବା ଆବଶ୍ୟକ ।

*

(ନିଜକୁ ଶ୍ରୀଅରବିନ୍ଦଙ୍କର ଉତ୍ତରାଧିକାରିଣୀ ବୋଲି ଦାବି କରୁଥିବା ଜଣେ ମହିଳାଙ୍କ ସମ୍ବନ୍ଧରେ)

ଏସବୁ କଥା ସଙ୍ଗେ ସଙ୍ଗେ ଏବଂ ସବୁଦିନ ସକାଶେ ବନ୍ଦ ହେବା ଉଚିତ । ଏହା ହେଉଛି ଲୁଚ୍ଛା ଠକାମି ଏବଂ ଯେଉଁ ଲୋକମାନେ ଠକାମି କରନ୍ତି,

'oaob.nitrkl.ac.in' images reprocessed

ସେମାନଙ୍କର ଜେଲ୍‌କୁ ଯିବା ଉଚିତ' ଅଥବା, ଅନ୍ତତଃ ନିଜର ମିଥ୍ୟାପ୍ରଚାର ଦ୍ୱାରା ସରଳ ଓ ବିଶ୍ୱାସ ପ୍ରବଣ ଲୋକଙ୍କୁ ପ୍ରତାରିତ କରି ଚାଲିବା ଲାଗି ସେମାନଙ୍କୁ ଆଦୌ ଛାଡିଦେବା ଉଚିତ ନୁହେଁ । ସେହି ମହିଳାଙ୍କର ପ୍ରଥମ ଭବିଷ୍ୟବାଣୀଗୁଡିକ ସବୁ ବିଫଳ ହୋଇଛି । ଏଗୁଡିକ ମଧ୍ୟ ଠିକ୍ ସେହିପରି ବିଫଳ ବୋଲି ପ୍ରମାଣିତ ହେବ ଏବଂ ଯେଉଁମାନେ ସେଗୁଡିକୁ ବିଶ୍ୱାସ କରୁଛନ୍ତି, ସେମାନେ କେବଳ ବୋକାହିଁ ବନିବେ ।

*

(ଆଶ୍ରମରେ ଆସି ଯୋଗ ଦେବା ପୂର୍ବରୁ ସନ୍ନ୍ୟାସୀର ଜୀବନ ଯାପନ କରିଥିବା ଜଣେ ସାଧକଙ୍କ ବିଷୟରେ । ସେହି ସାଧକ ଧ୍ୟାନ ସମୟରେ ନିଜ ଗୃହ ପାଖରେ ସାପ ଦେଖିବାକୁ ପାଇଥିଲେ ।)

ସନ୍ନ୍ୟାସୀର ପରିଚ୍ଛଦ ତ୍ୟାଗ କରିଥିବାର ପରବର୍ତ୍ତୀ ପରିଣାମମାନ ନ ହୁଏତ କ'ଣ ହେବ, ସେହି ବିଷୟରେ ତାଙ୍କର ନିଶ୍ଚୟ ଏକ ଭୟ (ସମ୍ଭବତଃ ଅବଚେତନ ସ୍ତରରେ) ରହିଥିବ । ଏବଂ ସେହି ଭୟହିଁ ସର୍ପାଦି ଜନ୍ତୁମାନଙ୍କର ଆକ୍ରମଣରୂପେ ପ୍ରତିଫଳିତ ହେଉଛି । ତୁମେ ତାଙ୍କୁ ଭୟ ନ କରିବା ଲାଗି କହିବ; କହିବ ଯେ ମୁଁ ସେହି ସମ୍ବାଦ ପାଇସାରିଛି ଏବଂ ତାଙ୍କୁ ଆଉ କେହି ଆଘାତ କରିବେ ନାହିଁ ।

ସିଏ ଯେ ସୁରକ୍ଷିତ ହୋଇ ରହିଛନ୍ତି, ଏହି ବିଶ୍ୱାସର ସହିତ ସିଏ ପୁଣି ଧ୍ୟାନ କରିବାକୁ ଚେଷ୍ଟା କରନ୍ତୁ—ମାତ୍ର ସର୍ବପ୍ରଥମେ ସମସ୍ତଙ୍କ ଆଗରେ ଚେଷ୍ଟା କରିବା ଆଦୌ ଉଚିତ ହେବ ନାହିଁ । ତାଙ୍କର ଧ୍ୟାନ ସ୍ଥିର ହୋଇପାରିଲେ ସେ ପୁନର୍ବାର ଅନ୍ୟମାନଙ୍କ ସହିତ ଏକାଠି ଧ୍ୟାନ କରିପାରିବେ ।

*

* ମାଅ ମାର୍ଜିନ୍‌ରେ "ପରିହାସ ବୋଲି ଲେଖିଥିଲେ; ଆଶ୍ରମ ଏଥି ଲାଗି ନ୍ୟାୟାଳୟର ଆଶ୍ରୟ ନେଉ ବୋଲି ସିଏ ଯେ ଇଚ୍ଛା କରୁ ନାହାଁନ୍ତି, ତଦ୍ୱାରା ସେହି କଥା ସୂଚାଇ ଦେଇଥିଲେ ।

'oaob.nitrkl.ac.in' images reprocessed

ସିଏ ଟେବୁଲ୍ ଉପରେ ମୋ'ଆଡ଼କୁ କାଗଜ ଖଣ୍ଡେ ବଢ଼ାଇଦେଲେ; ସେଇଟି କୌଣସି ଖାତାରୁ ଚିରାହୋଇ ଆସିଥିବା ପରି ମନେହେଉଥିଲା। ସେଥିରେ କୌଣସି ନାମ ମୁଦ୍ରିତ ହୋଇ ନ ଥିଲା କିଂବା ଔପଚାରିକ କୌଣସି କଥାର ସୂଚନା ନ ଥିଲା। ସେହି କାଗଜ ଉପରେ ସିଏ ଆବୁରୁ ଜାବୁରୁ ଅକ୍ଷରରେ ଲେଖିଥିଲେ ଯେ, ଦରକାର ହେଲେ ଅଧିକ ଟିକଟ ଲାଗି ପଇସା ଦେବାକୁ ମୁଁ ନିଶ୍ଚୟ ସମ୍ମତି ଦେବି।

ମୁଁ ଅନୁଭବ କଲି ସତେ ଯେପରି କୌଣସି ଜଙ୍ଗଲ ଭିତରେ ଦଲେ ଡକାଏତଙ୍କର କବଳରେ ଯାଇ ପଡ଼ିଛି; ସେମାନଙ୍କ ହାତରେ ପିସ୍ତଲ୍ ଅଛି ଓ ସେମାନେ ତୁମକୁ ପୁଣି ଗୁଳିକରିଦେବା ପୂର୍ବରୁ ତୁମ ପକେଟରେ ଯାହା ଅଛି, ସବୁ ବାହାର କରି ସେମାନଙ୍କୁ ଦେଇଦେବା ପାଇଁ ତୁମକୁ କହୁଛନ୍ତି। ମୁଁ କିଛିକ୍ଷଣ ଲାଗି ବେଶ୍ କୁଣ୍ଠା ପ୍ରକାଶ କରିଥିଲି; ମାତ୍ର ତା'ପରେ ଜଣେ ଭଲ ମଣିଷ ପରି ସେଥିରେ ଦସ୍ତଖତ କରିଦେଲି। ସେତେବେଳେ ଭାବୁଥିଲି, "ସେମାନେ କେତେ ଦୂର ଯିବା ଲାଗି ସାହସ କରୁଛନ୍ତି ଦେଖାଯାଉ।"

ଏହି ଜଗତରେ ନିଃସ୍ୱାର୍ଥପର ହେବାକୁ ଇଚ୍ଛା କରି ସେଥି ପାଇଁ ପ୍ରକୃତରେ ବହୁତ ମୂଲ ଦେବାକୁ ହୋଇଥାଏ !

❋

(ଜଣେ ପ୍ରବଳ ଧନାଢ଼୍ୟ ବ୍ୟକ୍ତି ଆଶ୍ରମ ଆସିଥିଲେ। ଯିବା ସମୟରେ ସିଏ କେବଳ ଏକ ନିଦର୍ଶନାତ୍ମକ ଅର୍ଥଦାନ କଲେ, କ୍ଷମାଭିକ୍ଷା କରି କହିଥିଲେ ଯେ ତାଙ୍କ ପାଖରେ ସେଠାରେ ଆଦୌ ଯଥେଷ୍ଟ ପଇସା ନ ଥିଲା। ଘରକୁ ଯିବା ବାଟରେ ସିଏ ଗୁଣ୍ଡାମାନଙ୍କ ହାବୁଡ଼ରେ ପଡ଼ିଥିଲେ ଏବଂ ତାଙ୍କୁ ପ୍ରାଣରୁ ମାରିଦେବାକୁ ଭୟ ଦେଖାଇଲେ। ସେମାନଙ୍କ ହାତରୁ ମୁକ୍ତିଲଭିବା ପାଇଁ ସିଏ ତତ୍କ୍ଷଣାତ୍ ୫୦୦୦ ଟଙ୍କା ପାଖରୁ କାଢ଼ି ଦେଇଦେଲେ ସେହି ଘଟଣାଟି ବିଷୟରେ ମାଆଙ୍କୁ କୁହାହେବାରୁ ମାଆ ଲେଖିଥିଲେ :

ବର୍ଣ୍ଣନାରେ କିଞ୍ଚିତ୍ ପାର୍ଥକ୍ୟ ରଖି ସେହି ଗୋଟିଏ କାହାଣୀକୁ ଅନେକ, ଅନେକ ଥର ପାଇଁ କୁହାଯାଇ ପାରିବ !

ଏବଂ, ଦିବ୍ୟ ପରମକରୁଣାର ଫଳପ୍ରଦତା ବିଷୟରେ ଯେଉଁସବୁ କାହାଣୀ ରହିଛି, ସେସବୁ ପୁଣି କି ଦଶା ଭୋଗ କରିବେ ?

ସେମାନଙ୍କର ସଂଖ୍ୟା ହୁଏତ କମ୍ ହେବ, ମାତ୍ର ସେଥିରୁ ଅନେକ ଅଧିକ ପରିମାଣରେ ସାନ୍ତ୍ୱନା ଉପଲବ୍ଧ ହୋଇପାରିବ !

*

ଦିବ୍ୟ ପରମସତ୍ତାଙ୍କ ସକାଶେ ଯାବତୀୟ ବସ୍ତୁ ତ୍ୟାଗକରି ଦେବ ବୋଲି ତୁମେ ଯେତେବେଳେ କହୁଛ, ତାହାର ଅର୍ଥ ହେଉଛି ଯେ, ତୁମେ ସେହିସବୁ ବସ୍ତୁ ପ୍ରତି ଅତିରିକ୍ତ ପରିମାଣରେ ଆସକ୍ତ ହୋଇ ରହିଛ, ସେଗୁଡ଼ିକୁ ତୁମେ ବହୁତ ମୂଲ୍ୟ ଦେଉଛ ଏବଂ ତଥାପି ଦିବ୍ୟ ପରମସତ୍ତାଙ୍କ ସକାଶେ ସେଗୁଡ଼ିକୁ ଛାଡ଼ିଦେବାକୁ ମଧ୍ୟ ପ୍ରସ୍ତୁତ ଅଛ ।

ବସ୍ତୁତଃ, କେବଳ ସେହି ଦିବ୍ୟ ପରମସତ୍ତାଙ୍କୁ ଛାଡ଼ିଦେଲେ ତୁମର ଆଉ କୌଣସି ବସ୍ତୁ ଓ କୌଣସି ବ୍ୟକ୍ତି ଲାଗି ଆସକ୍ତ ହୋଇ ରହିବା ଆଦୌ ଉଚିତ ନୁହେଁ ଏବଂ, କେବଳ ତାଙ୍କର ବ୍ୟତୀତ ଆଉ କୌଣସି ବସ୍ତୁର ତୁମ ଲାଗି ଆଦୌ କୌଣସି ମୂଲ୍ୟ ରହିବା ଉଚିତ ନୁହେଁ । ଏବଂ, ତାହା ସମ୍ଭବ ହୋଇ ପାରିଲେ ତୁମେ ଆଉ ଦିବ୍ୟ ପରମସତ୍ତାଙ୍କ ସକାଶେ କିଛି ତ୍ୟାଗ କରୁଛ ବୋଲି କଦାପି କହି ପାରିବ ନାହିଁ ।

*

ପ୍ରତ୍ୟେକ ବସ୍ତୁର ସଂକ୍ରାମିତ କରି ପକାଇବାର ସାମର୍ଥ୍ୟ ରହିଛି । ପ୍ରତ୍ୟେକ ଉତ୍ତମ ବସ୍ତୁ ତଥା ମନ୍ଦ ବସ୍ତୁର ସ୍ୱକୀୟ ସ୍ପନ୍ଦନମାନ ରହିଛି । ଯଦି ତୁମେ ସେହି ସ୍ପନ୍ଦନଗୁଡ଼ିକୁ ଗ୍ରହଣ କରିବ, ତେବେ ସେହି ବସ୍ତୁଟି ତୁମ ପାଖରେ ମଧ୍ୟ ଆସି ପହଞ୍ଚିଯିବ । ପ୍ରକୃତ ଯୋଗୀ ଏହିସବୁ ସ୍ପନ୍ଦନକୁ ଚିହ୍ନିଥାଏ ଏବଂ ତେଣୁ ସେ ସେଗୁଡ଼ିକର ସମ୍ମୁଖୀନ ହୋଇପାରେ । ସେହିପରି ଭାବରେ ସେ ତୁମ ଲାଗି ଶାନ୍ତିର ବିଧାନ କରିପାରେ । ଏପରିକି, ତଥାକଥିତ ଆକସ୍ମିକ ଦୁର୍ଘଟନାଗୁଡ଼ିକର ମଧ୍ୟ

'oaob.nitrkl.ac.in' images reprocessed

ଜନ୍ମମରଣର ସାମର୍ଥ୍ୟ ରହିଛି । ଅନ୍ୟମାନଙ୍କର ଦୁଃଖକୁ ତୁମେ ଗ୍ରହଣ କର ଏବଂ ଠିକ୍ ସେହିପରି ଭାବରେ ଦୁଃଖୀ ବୋଲି ଅନୁଭବ କରିବାକୁ ଆରମ୍ଭ କର ।୍‌

*

ସୌନ୍ଦର୍ଯ୍ୟବୋଧର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ମୁଁ ଏକଥା କହିପାରିବି ଯେ, ଶ୍ୟାମଳ ରଙ୍ଗ ଗୋରା ରଙ୍ଗଠାରୁ ଅଧିକ ଭଲ; ମାତ୍ର ଏପରି ଚିନ୍ତା କରିବା ମଧ୍ୟ ସମ୍ପୂର୍ଣ୍ଣ ନିର୍ବୋଧ ଏବଂ ନିରର୍ଥକ ଯେ, ଜଣେ ବ୍ୟକ୍ତିର ଦେହର ରଙ୍ଗ ହେତୁହିଁ ସିଏ ଅଧିକ ଭଲ କିଂବା ଅଧିକ ଖରାପ ନିଶ୍ଚୟ ହୋଇଥିବ । ଆଫ୍ରିକାର ଜଣେ ନିଗ୍ରୋ ତା' ଦେହର ରଙ୍ଗକୁ ସବୁଠାରୁ ଅଧିକ ସୁନ୍ଦର ବୋଲି ବିଚାର କରିଥାଏ । ଜାପାନର ଜଣେ ଲୋକ ମଧ୍ୟ ତା' ଦେହର ରଙ୍ଗକୁ ଅନ୍ୟ ଯେକୌଣସି ରଙ୍ଗଠାରୁ ଅଧିକ କମନୀୟ ବୋଲି ଭାବେ । ଦେହର ରଙ୍ଗ ସକାଶେ ମନୁଷ୍ୟକୁ ବଡ଼ ବା ଶ୍ରେଷ୍ଠ ବୋଲି ମନେ କରିବା, — ଏହା ଏକ ଅତ୍ୟନ୍ତ ନିକୃଷ୍ଟ ଭାବନା । ଏହା ଏକ ଅତ୍ୟନ୍ତ ନିମ୍ନସ୍ତରର ଚେତନାର ସୂଚନା ଦେଇଥାଏ । ସେହି ଚେତନା ଅଚେତନା ମଧ୍ୟରୁ ବାହାରି ହୁଏତ ଗୋଟିଏ ଗାର ବି ଆଗକୁ ଯାଇ ନ ଥାଏ । ଆମେ ଏହାକୁ ଏକ ଧାରଣା କିଂବା ଅନୁଭବ ବୋଲି କହି ପାରିବା ନାହିଁ; ଏହା ତାହାଠାରୁ ଆହୁରି ଅଧିକ ନିମ୍ନରେ ରହିଥିବା ଏକ ବସ୍ତୁ । ତୁମେ ଯେତେବେଳେ ବର୍ଣ୍ଣଗତ ଜାତିଗତଭେଦ ବିଷୟରେ ଚିନ୍ତା କର, ସେତେବେଳେ ତୁମର ନିର୍ବୋଧତା ଦେଖି ତୁମ ନିଜର ଚୈତ୍ୟସତ୍ତା ହସିବାରେ ଲାଗିଥାଏ । ସିଏ ଜାଣିଥାଏ ଯେ ସିଏ ଗୌର, ଶ୍ୟାମଳ, ପୀତ, ଲୋହିତ ଓ ଆହୁରି ଅନ୍ୟ ଯାବତୀୟ ବର୍ଣ୍ଣର ଶରୀରରେ ଯାଇ ବାସ କରିଛି । ଯେତେବେଳେ ତୁମ ଭିତରକୁ ଏହି ପ୍ରକାରର ଏକ ଭେଦ-ଧାରଣା ଆସୁଛି, ସେତେବେଳେ ତୁମେ ତାହାକୁ ନିଜ ଚେତନାର ସମ୍ମୁଖରେ ଆଣି ରଖିଦେବ ଏବଂ ତେବେ ତାହା ନିଶ୍ଚୟ ଅନ୍ତର୍ହିତ ହୋଇଯିବ ।୍‌

*

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ କି ନିଜ ଗୋଡ଼ରେ ଅବଶ୍ୟ ଛିଡ଼ା ହୋଇ ପାରିବେ । କୌଣସି କାର୍ଯ୍ୟକୁ କରିବା ଭଲ ବୋଲି ବିଚାର କରୁଥାନ୍ତି ବୋଲି ସେମାନେ ସେହି କାର୍ଯ୍ୟଟିକୁ କରନ୍ତି । ସେମାନେ ମୁକ୍ତ ଭାବରେ ନିଜକୁ ଗୁରୁଙ୍କ ପାଖରେ ନେଇ ସମର୍ପଣ କରିଦିଅନ୍ତି ଏବଂ ତାଙ୍କର ମାର୍ଗ-ଦର୍ଶନକୁ ଗ୍ରହଣ କରନ୍ତି । ମାତ୍ର ତାହା ନିରନ୍ତର ଏକ ମୁକ୍ତ କ୍ରିୟାଶୀଳତା ହୋଇ

'oaob.nitrkl.ac.in' images reprocessed

ରହିଥାଏ । ଅନ୍ୟ ଅନେକ ଅଛନ୍ତି, ଯେଉଁମାନେ ସ୍ୱଭାବତଃ ଦାସ ହୋଇ ରହିଥାନ୍ତି । ସେମାନେ ଯାହାକିଛି କରନ୍ତି, ସେଥି ପାଇଁ ସର୍ବଦା ଏକ ସାମାଜିକ ଅଥବା ଔପଗୃହିକ ସ୍ୱୀକୃତି ମିଳୁ ବୋଲି ଇଚ୍ଛା କରୁଥାନ୍ତି । କୌଣସି କର୍ତ୍ତାସ୍ଥାନରୁ ସ୍ୱୀକୃତି ମିଳିଲେ ଯାଇ ସେମାନଙ୍କର ନିଜ ଉପରେ ବିଶ୍ୱାସ ଜନ୍ମେ । ଏହା ହେଉଛି ଦାସତ୍ୱର ମନୋଭାବ ।

'oaob.nitrkl.ac.in' images reprocessed

# ବ୍ୟାବହାରିକ ବ୍ୟାପାର

## ସାଧାରଣ

ତଥାକଥିତ କୌଣସି କାରଣର ବାହାନାରେ ମଧ୍ୟ ସାଇକେଲଗୁଡ଼ିକୁ ବାହାରେ ରଖାଯିବ ନାହିଁ ।

୨୭ ଫେବୃଆରୀ ୧୯୩୩

*

ତୁମ ଫରାସୀ ଭାଷା ଶିଖିବା ବିଷୟରେ ବ୍ୟସ୍ତ ହୁଅ ନାହିଁ, ତାହାକୁ ତୁମେ ଅଳ୍ପ ଅଳ୍ପ କରି ଅବଶ୍ୟ ଶିଖିଯିବ ।

*

ହାଇଡ୍ରୋଜେନ୍ ପେରୋକ୍ସାଇଡ୍‌ର ଦାମ ଖୁବ୍ ବେଶୀ । ତାହାକୁ ବ୍ୟବହାର କରିବା ଲାଗି ମୁଁ ପରାମର୍ଶ ଦେବି କି ନାହିଁ ଆପଣ ମୋତେ କହିବେ ।

ବର୍ତ୍ତମାନ ପାଇଁ ହୁଏତ ଦେଇ ପାରିବ, ମାତ୍ର ଯେତେବେଳେ 'କ'ଙ୍କର ଦେହ ଟିକିଏ ଭଲ ହୋଇ ଆସିବ, ସେତେବେଳେ ପେରୋକ୍ସାଇଡ୍ ବଦଳରେ ପୋଟାସିଅମ୍ କ୍ଲୋରେଟ୍ ବ୍ୟବହାର କରିବାକୁ କହିବ ।

୩୧ ମାର୍ଚ୍ଚ ୧୯୩୪

*

ଶୁବ୍ରୁ ଗୃହରେ ଲଗା ହୋଇଥିବା ଗଛଗୁଡ଼ିକ ଆମର ନୁହେଁ, ସେଗୁଡ଼ିକ ହେଉଛି ଘରର ମାଲିକଙ୍କର । ତେଣୁ ସେହି ମାଲିକଙ୍କର ଅନୁମତି ବିନା ସେଗୁଡ଼ିକୁ କଟାଯାଇ ପାରିବ ନାହିଁ ।

'oaob.nitrkl.ac.in' images reprocessed

ତାହା ନ କରି ଅନ୍ୟ କିଛି କଲେ ଆମେ ହୁଏତ ବଡ଼ ଅସୁବିଧା ଅବସ୍ଥାରେ ପଡ଼ିବା ।

୧୯୩୭

✻

ତୁମେ ଯେତେବେଳେ ଚମ୍ପୁଟା କିଣିବାକୁ ଅର୍ଡ଼ର ଦେଉଛ, ସେତେବେଳେ ତୁମେ ଆବଶ୍ୟକ କରୁଥିବା ଆଉ କେତୋଟି ଦ୍ରବ୍ୟ ଲାଗି ଏକାବେଳେକେ ଅର୍ଡ଼ର ଦେଲେ ମଧ୍ୟ ଅଧିକ ଭଲ ହେବ । ହୁଏତ କୌଣସି ଦିନ ତୁମେ ହଠାତ୍ ସେଗୁଡ଼ିକୁ ଦରକାର କରିବ ଏବଂ ସେତେବେଳେ ସେସବୁ ମଗାଇବାକୁ କୌଣସି ସମୟ ନ ଥିବ । ସେହିପରି ଅଳ୍ପ ଅଳ୍ପ କରି ଜିନିଷଗୁଡ଼ିକୁ କିଣି ନେଉଥିଲେ ଦିନେ ଆମ ପାଖରେ ସବୁ ଆବଶ୍ୟକ ସାଜ ସରଞ୍ଜାମ ହୋଇ ରହିପାରିବ ।

ଅନେକ ଆଶୀର୍ବାଦ ।

୭ ଜୁଲାଇ ୧୯୩୮

✻

ତୁମର ସିତାର ଶିଖିବା ସକାଶେ ଖୁବ୍ ବେଶୀ ଆବଶ୍ୟକତା ଅଛି ବୋଲି ମୁଁ ଆଦୌ ଦେଖି ପାରୁ ନାହିଁ । ମାତ୍ର ତୁମକୁ ଯଦି ଶିଖିବାକୁ ମଜ୍ଜା ଲାଗୁଛି, ତେବେ ଶିଖିବା ବନ୍ଦ କରିବ ନାହିଁ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

୨୮ ମାର୍ଚ୍ଚ ୧୯୪୦

✻

ମାଆ,

ମୋ' ଆତ୍ମୀୟମାନଙ୍କ ପାଇଁ ମୁଁ ଯେଉଁ ଘରଟି ନେଇଛି, ତାହା ଜଣେ ଯକ୍ଷ୍ମାରୋଗୀଙ୍କର ଥିଲା । ଘର ବାବଦରେ ଟଙ୍କା ଦେଇ ସାରିବା ପରେ ଯାଇ ମୁଁ ଏକଥା ଜାଣିବାକୁ ପାଇଲି । ମାତ୍ର, ତା'ପରେ ଆମେ ସମୁଦାୟ ଘରଟିକୁ ଧୋଇ ଦେଇଥିଲୁ ଓ କେତେକ କୋଠରିରେ ଗନ୍ଧକ ଜଳାଇଥିଲୁ । ଏହି ଘରେ ଆଗରୁ ଜଣେ ଯକ୍ଷ୍ମାରୋଗୀ ଯେ ବାସ କରୁଥିଲେ, ଏପରି କୌଣସି ଭାବନା ମୋତେ

'oaob.nitrkl.ac.in' images reprocessed

> ଆଦୌ ବିଚଳିତ କରୁ ନ ଥିଲା, କାରଣ ସିଏ ଛଅମାସ ତଳେ ଏହି ଘରକୁ ଛାଡ଼ି ଚାଲି ଯାଇଥିଲେ ।
>
> ତଥାପି, ସଂକ୍ରମଣର ବିପଦ ରହିପାରେ ବୋଲି ଏକ ଧାରଣା ବାତାବରଣ ଭିତରକୁ ଆଣି ପୂରାଇ ଦିଆ ଯାଇଛି । ତେଣୁ, ଏଠାରେ ଯେଉଁମାନେ ରହିବେ, ସେମାନଙ୍କ ସୁରକ୍ଷା ନିମନ୍ତେ ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ।

ଘରଟିକୁ ସମ୍ପୂର୍ଣ୍ଣ ଭାବରେ ପରିଷ୍କାର ଓ ବିଶୋଧିତ କରିଦିଆ ଯାଇଛି, ତେଣୁ ଆଉ ଆଦୌ କୌଣସି ଭୟ ନାହିଁ । ଲୋକମାନଙ୍କ ମନରେ କୌଣସି ଭୟ ରହିବା ଉଚିତ ନୁହେଁ ।

ମୋ'ର ଅନେକ ଆଶୀର୍ବାଦ ।

୧୯ ଫେବୃଆରି ୧୯୪୦

❋

ଯଦି ଆଜି ରାତିରେ ଯନ୍ତ୍ରଣା ଚାଲି ନ ଯାଏ, ତେବେ କାଲିକି ବିଶ୍ରାମ ଗ୍ରହଣ କରିବା ବରଂ ଭଲ ହେବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

୨୭ ଜୁଲାଇ ୧୯୩୯

❋

> ଦେବଦୂତ କହିଲେ କେଉଁମାନଙ୍କୁ ବୁଝାଏ ? ବିଶ୍ୱ-ବ୍ୟବସ୍ଥା ମଧ୍ୟରେ ସେମାନଙ୍କର କାର୍ଯ୍ୟ କ'ଣ ? ସେମାନଙ୍କ ସହିତ କିପରି ସମ୍ପର୍କ ସ୍ଥାପନ କରାଯାଇ ପାରିବ ? ଏଥି ପାଇଁ ପ୍ରଥମେ ପଢ଼ିବାଭଳି କୌଣସି ବହି ଅଛି କି ? ଆପଣ ଦୟାକରି ମୋତେ ଏହିସବୁ ବିଷୟରେ କିଛି କହିବେ ?

ସଂକ୍ଷେପରେ ତୁମ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସମ୍ଭବ ହେବ ନାହିଁ ।

'oaob.nitrkl.ac.in' images reprocessed

ସେବିଷୟରେ କୌଣସି ମୂଲ୍ୟବାନ୍ ବିଷୟ କହିଥିବା କୌଣସି ବାର୍ତ୍ତା ମୋତେ ଜଣା ନାହିଁ ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ।

୨ ଜୁନ୍ ୧୯୪୦

*

(ଦାଲାଇ ଲାମାଙ୍କର ପୁନର୍ଜନ୍ମ ଗ୍ରହଣ ଏବଂ ଆବିଷ୍କାର ସମ୍ବନ୍ଧରେ)

ଏକଦା ସେମାନଙ୍କ ବିଷୟରେ ରହିଥିବା କିମ୍ବଦନ୍ତୀକୁ ମୁଁ ଜାଣିଥିଲି, ମାତ୍ର ବର୍ତ୍ତମାନ ଆଉ ସେସବୁ ମନେ ନାହିଁ । ତେଣୁ ମୁଁ ସେ ବିଷୟରେ ଆଦୌ କିଛି କହିପାରିବି ନାହିଁ, କେବଳ ସାଧାରଣ ଭାବରେ ଏତିକି କହିବି— ଅନ୍ତତଃ ଥରେ ହେଲେ ଘଟି ନାହିଁ, ମନୁଷ୍ୟ ସେପରି କୌଣସି କଥାର କଳ୍ପନା କରିପାରିବ ନାହିଁ । ତେଣୁ କାହାଣିର ପଶ୍ଚାତରେ ସର୍ବଦା ଏକ ସତ୍ୟ ଅବଶ୍ୟ ରହିଛି । ମାତ୍ର, ତାହାକୁ ଏକ ସାଧାରଣ ସତ୍ୟରେ ପରିଣତ କରି ଏକ ସୂତ୍ର ରୂପେ ଉପସ୍ଥାପିତ କରିବାକୁ ଯାଇ ଆମେ ଅବଶ୍ୟ ଭୁଲ୍ କରିବା ।

*

ମାଆ,

ପକେଟ ଖର୍ଚ୍ଚ ସକାଶେ ପାଖରେ କିଛି ପଇସା ରଖିବାକୁ ମୋ'ର ପିତାମାତା ମୋତେ ଅନେକ ସମୟରେ ପରାମର୍ଶ ଦିଅନ୍ତି । ମାତ୍ର ମୁଁ ସେଥିରେ ରାଜି ହୋଇ ନାହିଁ, କାରଣ, ମୁଁ ଏଠାରେ କୌଣସି ବସ୍ତୁର ଅଭାବ ହେତୁ କଷ୍ଟ ପାଉଛି, ସେମାନେ ଏକଥା ଅନୁଭବ କରନ୍ତୁ ବୋଲି ମୁଁ ଆଦୌ ଇଚ୍ଛା କରେ ନାହିଁ । ସାନ ଖର୍ଚ୍ଚଗୁଡ଼ିକୁ ତୁଲାଇବା ପାଇଁ ମୋ' ପାଖରେ ଅଳ୍ପ କେତେ ଟଙ୍କା ରଖିବା ଉଚିତ ହେବ ବୋଲି ଆପଣ ବିଚାରୁଛନ୍ତି କି ?

'oaob.nitrkl.ac.in' images reprocessed

ତୁମେ ପକେଟ ଖର୍ଚ୍ଚ ହିସାବରେ ଅଳ୍ପ କେତେଟଙ୍କା ରଖିପାରିବ ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ।

୨୫ ସେପ୍ଟେମ୍ବର

❋

ଯେତେବେଳେ ତୁମେ କାହାକୁ "ସୁପ୍ରଭାତ" ବୋଲି କହୁଛ, ସେତେ-ବେଳେ ତୁମେ ତାଙ୍କ ଲାଗି ଏକ ଶୁଭଦିନର କାମନା କରୁଛ । ଯଦି ତୁମେ ସଚେତନ ଭାବରେ ତାହା କରୁଥିବ, ଯାହା କହୁଛ ତାହାର ବିଷୟରେ ଭାବୁଥିବ, ତେବେ "ସୁପ୍ରଭାତ" କଥାଟି ପ୍ରଭୂତ ଶକ୍ତିଯୁକ୍ତ ହୋଇପାରିବ ଏବଂ ଦିନଟିକୁ ଏକ ଶୁଭଦିନରେ ପରିଣତ କରିବାକୁ ସାହାଯ୍ୟ କରିବ ।

୭ ଅକ୍ଟୋବର ୧୯୫୧

❋

(ଜଣେ ପରିଚିତ ବ୍ୟକ୍ତିଙ୍କ ବିଷୟରେ କେହି ମାଆଙ୍କ ପାଖକୁ ଲେଖିଥିଲେ । ତାଙ୍କ ଚିଠିର ଶେଷରେ ଲେଖାଥିଲା :)

୧୯୫୭ ମସିହାରେ ଭାରତବର୍ଷରେ ଥିବାବେଳେ ମୁଁ ସ୍ୱପ୍ନ ଦେଖିଲି ଯେ—ଗୃହଟିର ମୂଲ୍ୟ ହିସାବରେ ଏହି ବ୍ୟକ୍ତି ମୋତେ ୫୦,୦୦୦ ଡଲାର ଦେବେ । (ବର୍ତ୍ତମାନ ମୁଁ ଯାହା ଜାଣୁଛି) ଏହି ସ୍ୱପ୍ନରେ କିଛି ଆଗ୍ରହୋଦ୍ଦୀପକ ବିଷୟ ଅଛି ବୋଲି ଆପଣଙ୍କୁ ଜଣା ପଡ଼ୁଛି କି ? ଆପଣ କିଛି ଯୋଗସୂତ୍ର ପାଇବେ ବୋଲି ମୁଁ ଆପଣଙ୍କୁ ତାହାର ଏକ ସ୍ପଷ୍ଟ ମାନସିକ ଚିତ୍ର ଦେବାକୁ ଚେଷ୍ଟା କରୁଛି ।

ତୁମେ ତାଙ୍କ ପାଖକୁ ଏହି ବିଷୟରେ ସର୍ବଦା ଲେଖିପାରିବ ଏବଂ ସ୍ଥିର ବିଶ୍ୱାସର ସହିତ ଫଳ ଲାଗି ଅପେକ୍ଷା କରି ରହିବ । ଫଳ ବସ୍ତୁତଃ ସେହି ପରମ-ପ୍ରଭୁଙ୍କ ହାତରେ ରହିଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

୧୪ ଏପ୍ରିଲ ୧୯୬୩

❋

'oaob.nitrkl.ac.in' images reprocessed

ମାଆ, ମୁଁ ଖବର ପାଇଛି ଯେ, ଷ୍ଟୁଡିଓର ଉତ୍ତର ଏବଂ ଦକ୍ଷିଣପଟ ଝାନ୍ଥରଗୁଡ଼ିକରେ କେବଳ କାଚ ବ୍ୟବହାର କରାଯିବ । ଏପରି ହେଲେ ପ୍ରକୃତରେ ଏକ ଦୁର୍ଭାଗ୍ୟର କଥା ହେବ । ଏହି ଦୁଇଟିଯାକ ପାଖ ଯଦି ସମ୍ପୂର୍ଣ୍ଣ ଭାବରେ କାଚ ଦ୍ୱାରା ଆବୃତ ହୋଇ ରହିବ, ତେବେ ସୂର୍ଯ୍ୟଙ୍କର ଉତ୍ତରାୟଣ ସମୟରେ ଉତ୍ତର-ପୂର୍ବ ପଟରୁ ଖରାଟାଣ ସୂର୍ଯ୍ୟାଲୋକ ଆସି ପଡ଼ିବ । ସୂର୍ଯ୍ୟଙ୍କର ଦକ୍ଷିଣାୟନ ହେଲାବେଳେ ମଧ୍ୟ ସେହିକଥା ହେବ । କାଚସବୁ ଏତେ ଉଚ୍ଚ ହୋଇ ରହିଥିବ ଯେ ଏତେ ଉଚ୍ଚରେ ପର୍ଦ୍ଦା ମଧ୍ୟ ବ୍ୟବହାର କରାଯାଇ ପାରିବ ନାହିଁ ।

ଏହି ଖାଲି କାଚକୁ ଧୂସର କାଚରେ ବଦଳାଇ ଦେବାକୁ ଆଦୌ କୌଣସି ବୃହତ୍ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । କେବଳ ମାସେ କିଂବା ଦୁଇ-ମାସ ଅଧିକ ସମୟ ଲାଗିବ । କାଚ ମଗାଇବାରେ ତ ଅଠରମାସ ଲାଗିଲା, ତେଣୁ ଆଉ ଦୁଇମାସ ଲାଗିଲେ ତଦ୍ୱାରା ବେଶୀ କିଛି ପାର୍ଥକ୍ୟ ହେବ ନାହିଁ ।

ମାତ୍ର, ତୁମେ ଯଦି ସବୁଆଡ଼େ ଧୂସର କାଚ ଲଗାଇବ, ତେବେ ସୁନିଶ୍ଚିତ ଭାବରେ ଘରଭିତରଟି ଏପରି ଅନ୍ଧାରିଆ ହୋଇ ରହିବ ଯେ, ତା'ଭିତରେ ବସି କାର୍ଯ୍ୟ କରିବା ଅସମ୍ଭବ ହୋଇପଡ଼ିବ ।

ସେହି କାରଣରୁହିଁ ମୁଁ ଏହି ବିଷୟରେ 'କ'ଙ୍କୁ କୌଣସି ଉତ୍ତର ଦେଇ ନ ଥିଲି ।

ମାତ୍ର ମୁଁ ସେହି ବିଷୟରେ ଯାହା ଭାବୁଛି, ବର୍ତ୍ତମାନ ତୁମକୁ ଖୋଲିକରି କହିବି । ପରିସ୍ଥିତି ଯାହା ହେଉ ପଛକେ, କାଚଗୁଡ଼ିକ ଉପରେ ପତଳା ଭାବରେ 'ସ୍ପ୍ରେ' କରିଦେଲେ ତାହା ଅଧିକ ବୁଦ୍ଧିମତ୍ତାର କଥା ହେବ । ଯେପରି କି, ଯଦି ତଦ୍ୱାରା ଘର ଭିତରେ ଅତ୍ୟଧିକ ଅନ୍ଧାର ହୋଇଯିବ, ତେବେ 'ସ୍ପ୍ରେ'କୁ ସଫା କରି ବାହାର କରି ଦିଆଯାଇ ପାରିବ ।

ଅନେକ ଆଶୀର୍ବାଦ । ୭ ଅଗଷ୍ଟ ୧୯୬୩

'oaob.nitrkl.ac.in' images reprocessed

ପରମପ୍ରିୟ୍ ଜନନୀ,

'କ'ଙ୍କ ଘରେ ଭଡ଼ାରେ ରହୁଥିବା ଲୋକମାନେ ତଳ ମହଲର ସବୁଯାକ କବାଟ ବନ୍ଦ କରି ରଖିଥିବାରୁ ମୁଁ ଆଉ ଶୌଚାଳୟଟିକୁ ବ୍ୟବହାର କରି ପାରୁ ନାହିଁ । ମୋ' କୋଠରିରେ ତ ଅଲଗା ଶୌଚାଳୟ ନାହିଁ, ତେଣୁ ମୁଁ କ'ଣ କରିବି ?

ତୁମର ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ତୁମର ଦ୍ୱିତୀୟ କୋଠରିରେ ଗୋଟିଏ କମୋଡ୍ ଓ ଗୋଟିଏ ତମ୍ବା ଟବ୍ ରଖିବା ଲାଗି ମୂଳରୁ କହିଥିଲି, ତୁମେ ଯେପରିକି ଅନ୍ୟମାନଙ୍କ ଉପରେ ଆଦୌ ନିର୍ଭର ନ କରି ଚଳପ୍ରଚଳ ହୋଇପାରିବ । ପାଣିର ବ୍ୟବସ୍ଥା କରାଯାଇଛି ବୋଲି ମୁଁ ଜାଣିଛି । କମୋଡ୍ ଓ ଟବ୍ ପୁଣି ରଖା-ଯାଇ ନାହିଁ କିପରି ?

ତଳମହଲର ଲୋକଙ୍କ ପାଇଁ ତଳମହଲରେ ବ୍ୟବସ୍ଥା ହୋଇଛି, ଏବଂ ଏହାକୁ ବନ୍ଦକରି ରଖିବା ପାଇଁ ସେଠାରେ ବାସକରୁଥିବା ବ୍ୟକ୍ତିମାନଙ୍କର ପୂର୍ଣ୍ଣ ଅଧିକାର ରହିଛି ।

ଅନେକ ଆଶୀର୍ବାଦ ।

୨୩ ଅଗଷ୍ଟ ୧୯୬୩

*

ତୁମକୁ ମୁଁ ସଙ୍ଗେ ସଙ୍ଗେ ଘରଟି ଛାଡ଼ିଦେବାକୁ କହୁଛି; ମାତ୍ର କେବଳ ଅଳ୍ପ ସମୟ ନିମନ୍ତେ । ତୁମ ମାର୍ଫତରେ ଯେଉଁସବୁ ସ୍ଥାନ ରହିଛି, ତୁମେ ସେଥିରୁ କୌଣସି ଗୋଟିଏ ସ୍ଥାନକୁ ଚାଲିଯାଇ ପାରିବ ।

ତୁମେ ନାହିଁକଲେ ମୁଁ ଭାରି ଅଡୁଆ ଅବସ୍ଥାରେ ପଡ଼ିବି, କାରଣ ମୁଁ ଜବାବ ଦେଇସାରିଛି ।

ଅନେକ ଆଶୀର୍ବାଦ ।

*

କଲିକତାରୁ ଆସିଥିବା କେତେକ ଗ୍ରୁପାପ୍ରୁଫ୍ ଏଥି ସହିତ ପଠାଇଲି । ସେଗୁଡ଼ିକ ମୋତେ ଖୁବ୍ବେଶୀ ଭଲ ହୋଇ

'oaob.nitrkl.ac.in' images reprocessed

ନାହିଁ । ଆପଣଙ୍କୁ ସେଥିରେ କିଛି ସଂଶୋଧନ କରିଦେବା ଲାଗି ଅନୁରୋଧ କରୁଛି ।

ପ୍ରୁଫ୍‌ଗୁଡ଼ିକ ପ୍ରକୃତରେ ଭଲ ନୁହେଁ । ତେବେ ସେମାନଙ୍କୁ ତୁମେ କାହିଁକି ଆଉ ଅଧିକ ଛାପିବା ଲାଗି କହୁଛ ? ସେମାନେ କାମଟିକୁ କେବଳ ନଷ୍ଟହିଁ କରିଦେଉଛନ୍ତି ଏବଂ ଏହା ଦ୍ୱାରା ଅନେକ ସମୟ ଓ ଅର୍ଥର ଅପଚୟ ହେଉଛି । ଏହି ଛବିଗୁଡ଼ିକୁ ଆଦୌ ସେହିପରି ଭାବରେ କାମରେ ଲଗାଇ ହେବ ନାହିଁ ଓ ସେଗୁଡ଼ିକୁ ପୁନର୍ବାର ତିଆରି କରିବାକୁ ପଡ଼ିବ ।

ତୁମର ସେମାନଙ୍କୁ ଆଉ ଅଧିକ କାମ ଦେବାରେ ମୁଁ ଆଦୌ ରାଜି ହୋଇ ପାରୁ ନାହିଁ ।

ଅନେକ ଆଶୀର୍ବାଦ ।

୧୨ ଜାନୁଆରୀ ୧୯୬୭

*

ମାଆ,

ଆମେ ସରସେନ୍ଦ୍ରନ୍ ଉଦ୍ୟାନରେ ଆମର କୃଷି-ପ୍ରକଳ୍ପଟିକୁ ପୂର୍ଣ୍ଣଭାବରେ ତିଆରି କରିବା ନା ଏଡ୍‌ଜନ ହାଉସ୍‌କୁ ପ୍ରକଳ୍ପଟିକୁ ଉଠାଇନେବା ? କିଂବା, ବୃଷ୍ଟାସ୍ତୁତଃ, ଦୁଇଟିଯାକ କରିବା ପାଇଁ ଚେଷ୍ଟା କରିବା ?

ଯଦି ଦୁଇଟିଯାକ ଭଲ କରି କରିବା ଲାଗି ସାମର୍ଥ୍ୟ ଥାଏ, ତେବେ ଦୁଇଟି-ଯାକ କର । ଯଦି କେବଳ ଗୋଟିକ ଲାଗି ତୁମର ଶକ୍ତି ରହିଛି, ତେବେ ଏଡ୍‌ଜନ ହାଉସ୍‌ରେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଲଗାଅ ।

ଅନେକ ଆଶୀର୍ବାଦ ।

୪ ମଇ ୧୯୬୭

*

ମାଆ,

ସଂସ୍କୃତର ପୁନରୁଜ୍ଜୀବନ ନିମନ୍ତେ ଆପଣଙ୍କଠାରୁ ଆମେ ଏକ ବାର୍ତ୍ତା ପାଇବାକୁ ଅନୁରୋଧ କରୁଛୁ—ଆପଣ

'oaob.nitrkl.ac.in' images reprocessed

ଯାହା ଗୂଢ଼ାନ୍ତ, ତାହାର ଅଭିବ୍ୟକ୍ତି ରୂପେ—; ୧୯୬୭ ମସିହା ନଭେମ୍ବର ୧୧ ତାରିଖ ଦିନ ପ୍ରଦତ୍ତ ଆପଣଙ୍କର ଘୋଷଣରେ ଆପଣ ଆମକୁ ତାହାର ଏକ ସଙ୍କେତ ଦେଇଛନ୍ତି । ଆମେ ଏହି ବାର୍ତ୍ତାଟିକୁ ଅନୁବାଦ କରି ଆଶ୍ରମର ପତ୍ରିକାମାନଙ୍କରେ ବାହାର କରିବାକୁ ଇଚ୍ଛା କରୁଛୁ । କାରଣ, ଏହି ବିଷୟରେ ଆପଣ କ'ଣ କହିଛନ୍ତି, କେତେକ ଶିଷ୍ୟ ତାହା ଜାଣିବାକୁ ଅବଶ୍ୟ ଇଚ୍ଛା କରିବେ ।

ମୁଁ କୌଣସି ବାର୍ତ୍ତାର ଆବଶ୍ୟକତା ରହିଛି ବୋଲି ଆଦୌ ଅନୁଭବ କରୁ ନାହିଁ । ଯେଉଁମାନଙ୍କର ପୂର୍ବରୁ ହିଁ ପ୍ରତ୍ୟୟ ହୋଇ ସାରିଛି, ବାର୍ତ୍ତାମାନ କେବଳ ସେହିମାନଙ୍କୁହିଁ ହିଁ ପ୍ରତ୍ୟୟ ଆଣି ଦେଇଥାଏ ।

ତା'ଠାରୁ ଅଧିକ ଭଲ କଥା ହେବ, ଯଦି ଆମେ ହିଁ ସ୍ୱଚ୍ଛ ଶିଖିବା ଓ ତାହାକୁ ଯଥାର୍ଥ ଭାବରେ ଏକ ଜୀବନ୍ତ ଭାଷାରେ ପରିଣତ କରିବାକୁ ଚେଷ୍ଟା କରିବା ।

ଅନେକ ଆଶୀର୍ବାଦ ।

୧୭ ଅଗଷ୍ଟ ୧୯୬୯

*

ମାଆ, ମୁଁ ଗନ୍‌ପାଉଡର୍ ରକେଟ୍ ସାହାଯ୍ୟରେ କିଛି ପ୍ରୟୋଗ କରିବାକୁ ଇଚ୍ଛା କରୁଛି । ମାତ୍ର, ଏହିପରି ବିସ୍ଫୋରକ ଏବଂ ବିପଜ୍ଜନକ ଦ୍ରବ୍ୟଗୁଡ଼ିକୁ ନେଇ କିଛି କରିବା ପୂର୍ବରୁ ଆପଣଙ୍କୁ ପଚାରିବା ନିମନ୍ତେ 'କ' ମୋତେ କହିଲେ । ଆପଣ ଏଥି ଲାଗି ଅନୁମତି ଦେବେ କି ?

ଅତି ଆଦିମ ଓ ଅବିକଶିତ ସ୍ୱଭାବର ବ୍ୟକ୍ତିମାନେହିଁ କୋଳାହଳକୁ ଭଲ ପାଆନ୍ତି । ବିସ୍ଫୋରକ ଦ୍ରବ୍ୟଗୁଡ଼ିକ ସର୍ବଦା ବିପଜ୍ଜନକ ହୋଇ ରହି ଥାଆନ୍ତି । ଏଗୁଡ଼ିକୁ ଆମ ଉତ୍ସୁକତାର ସାମଗ୍ରୀ ରୂପେ ଗ୍ରହଣ କରିବା ଉଚିତ ହେବ ନାହିଁ ।

୭ ସେପ୍ଟେମ୍ବର ୧୯୬୯

*

'oaob.nitrkl.ac.in' images reprocessed

ମୋ' ପାଖକୁ ପତ୍ର ଲେଖିବାକୁ ତୁମର ନାମାଦ୍ଧ ମୁଦ୍ରିତ ହୋଇଥିବା କାଗଜ ଓ ଲଫାପା ବ୍ୟବହାର କରିବା ଆଦୌ ଉଚିତ ନୁହେଁ । ଏହା ଦ୍ୱାରା ଅର୍ଥର ଅପବ୍ୟୟ ହେଉଛି ।

ତୁମେ ସ୍କୁଲକୁ ଗଲେ ଖବର ଦେଇଦେବ ।

❋

> ତୁଟିଶାଳର କାନ୍ଥଯାକ ଭରି ପିମ୍ପୁଡ଼ି ହୋଇଛନ୍ତି, ସେମାନେ ଟେବୁଲ୍ ଉପରକୁ ଆସୁଛନ୍ତି, ତୁଟି ତିଆରି ହେଉଥିବା ଟିଣମାନଙ୍କରେ ପଶି ଯାଉଛନ୍ତି ।

ସେମାନେ କେଉଁଠାରୁ ଆସୁଛନ୍ତି, କେଉଁଗାତ ଭିତରୁ ବାହାରି ପଡ଼ାକୁ ଆସୁଛନ୍ତି, ତୁମକୁ ତାହା ଖୋଜି ବାହାର କରିବାକୁ ପଡ଼ିବ । ତୁମେ ଗାତ ପାଖରେ ଅଳ୍ପ କିଛି ଚିନି ଗଦେଇ ରଖିଦେବ । ତେବେ ସେମାନେ ସେହି ଚିନିକୁ ବୋହି-ବାରେ ବ୍ୟସ୍ତ ରହିବେ ଏବଂ ତୁମକୁ ଆଉ ହଇରାଣରେ ପକାଇବେ ନାହିଁ ।

❋

> ମାଆ, ଆଜି ବଉଳ (ପେପେନେସ୍) ଗଛରେ ମୁଁ ମହୁ-ଫେଣାଟିଏ ଦେଖିଲି । ଆମେ ସେହି ଗଛତଳେ ବସି କାମ କରୁଛୁ । ମହୁଫେଣାଟିତ ଆହୁରି ବଡ଼ ହେବ । ଏହି ଗଛଟି ମଧ୍ୟ ସେତେବେଶୀ ଉଚ୍ଚ ନୁହେଁ । ଏହି କ୍ଷେତ୍ରରେ କ'ଣ କରାଯାଇ ପାରିବ ?

ତୁମେ ମହୁମାଛି ମାନଙ୍କୁ ବିଚଳିତ ନ କଲେ ସେମାନେ ତୁମମାନଙ୍କୁ ଆସି କାମୁଡ଼ିବେ ବୋଲି ମୁଁ ମୋଟେ ଭାବୁ ନାହିଁ । ମା'ତ, ଯଦି ତୁମେ ଭୟ କରୁଥିବ···

❋

'oaob.nitrkl.ac.in' images reprocessed

# ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଇବା

ତୁମେ ଯେତେବେଳେ ପରିବା ସହିତ ଅଟା ମିଶାଇବାକୁ ଇଚ୍ଛା କରିବ, ସେତେବେଳେ ପ୍ରଥମେ ଆଉ ଗୋଟିଏ ପାତ୍ରରେ ଅଟାକୁ ଅଳ୍ପ ପାଣିରେ ଗୋଳି ପାରିଲେ ଅଧିକ ଭଲ ହେବ । ବା, ପରିବାରୁ ବାହାରି ଥିବା ପାଣିରେ ମିଶାଇ ଗୋଳିଲେ ଆହୁରି ଅଧିକ ଭଲ ହେବ । ତାହାକୁ ପ୍ରଥମେ ସସ୍‌ପ୍ୟାନରେ ଭରି ନିଆଁ ଉପରେ ବସାଇବ ଓ ସର୍ବଦା ଘାଣ୍ଟୁଥିବ, ଖୁବ୍ ଯତ୍ନର ସହିତ ଘାଣ୍ଟୁଥିବ । ତାହା ଫୁଟିବାକୁ ଆରମ୍ଭ କଲେ ତା'ପରେ ତୁମେ ତାହାକୁ ନେଇ ପରିବା ସହିତ ମିଶାଇ ଦେବ । ତେବେ ତାହା ଆଉ ପାତ୍ରର ତଳେ ଅଠା ପରି ଲାଗିଯିବାର କୌଣସି ଆଶଙ୍କା ନ ଥିବ ।

୮ ଫେବୃଆରି ୧୯୩୭

✻

ଜାଳ ଅତିବେଶୀ ହେଲେ ରନ୍ଧା ହେଉଥିବା ଦ୍ରବ୍ୟ ପୋଡ଼ିଯିବ, ରନ୍ଧା ବାସନକୁ ନଷ୍ଟ କରିଦେବ ଓ ଜାଳେଣି ଖର୍ଚ୍ଚ ମଧ୍ୟ ବଢ଼ିବ । ଜାଳ ଅଳପ ଦେଲେ ଟିକିଏ ଅଧିକ ସମୟ ଲାଗିବ ସତ, ମାତ୍ର ରାନ୍ଧିବାରେ ଅଧିକ ଉପକାର ମିଳିବ ।

ତରତର ହୋଇ କାମ କରିବା ଦ୍ୱାରା କାର୍ଯ୍ୟଟି ସବୁବେଳେ ଅସଣ୍ଠା ହୋଇଯାଏ । ଭଲ ଫଳ ଆଶା କରୁଥିଲେ ସେଥି ଲାଗି ଆବଶ୍ୟକ ସମୟ ମଧ୍ୟ ଦେବାକୁ ପଡ଼ିବ ।

✻

ତୁମର ରାନ୍ଧଣାକୁ ଖରାପ ବୋଲି କହିବା ଆଦୌ ଉଚିତ ହେବ ନାହିଁ । ଖୁବ୍ ବେଶୀରେ ମୁଁ ଏତିକି କହି ପାରିବି ଯେ, ଏହା ସବୁ ବେଳେ ଆଦୌ ସମାନ ଭାବରେ ଭଲ ହୋଇ ପାରେ ନାହିଁ । ମାତ୍ର ତା'ବୋଲି ରାନ୍ଧଣା ଯେ ଖରାପ ହୁଏ, ସେକଥା ଆଦୌ ନୁହେଁ । ଏବଂ କେତୋଟି ରନ୍ଧା ବେଶ୍ ସଫଳତାର ସହିତ ହୋଇଥାଏ । ଏକଥା ହୁଏତ ହୋଇପାରେ ଯେ ତୁମକୁ ଅନ୍ତର୍ଗତ ଅସୁବିଧାର ଏକ ପର୍ଯ୍ୟାୟ ମଧ୍ୟ ଦେଇ ଗତିକରିବାକୁ ହୋଇଛି, ମାତ୍ର ତୁମେ ତା' ଭିତରୁ ନିଶ୍ଚୟ ଅଧିକ ବଳବାନ୍ ହୋଇ ବାହାରି ଆସି ପାରିବ । ଭିତରର ସେହି ଅସୁବିଧାଟି କଟି ଯିବାପରେ ତୁମର ରାନ୍ଧିବା ମଧ୍ୟ ଠିକ୍ ଆଗପରି ନିୟମିତ ଭାବରେ ଭଲ ହୋଇପାରିବ ।

✻

'oaob.nitrkl.ac.in' images reprocessed

ଖାଦ୍ୟ ଓ ମସଲା ଆଦିର ପ୍ରଭାବ ସମ୍ବନ୍ଧରେ ମୁଁ ଏତେ ବେଶୀ ପରସ୍ପର ବିରୋଧୀ କଥାମାନ ଶୁଣିବାକୁ ପାଇଛି ଓ ସେଥିରୁ ମୁଁ ନ୍ୟାୟତଃ ଏହିପରି ଗୋଟିଏ ସିଦ୍ଧାନ୍ତରେ ଆସି ପହଞ୍ଚିଛି ଯେ, ଯାବତୀୟ ଅନ୍ୟାନ୍ୟ ବ୍ୟାପାର ପରି ଏଇଟି ମଧ୍ୟ ଏକ ବ୍ୟକ୍ତିଗତ ସମସ୍ୟା ଏବଂ ତେଣୁ ଏହି କ୍ଷେତ୍ରରେ ଆଦୌ କୌଣସି ସାଧାରଣ ନିୟମ ତିଆରି କରାଯାଇ ପାରିବ ନାହିଁ; ତାହାକୁ ଜୋର କରି ଲାଗୁ କରାଇବାର ପକ୍ଷରେ ତ ଆହୁରି କମ୍ ଯୁକ୍ତି ରହିବ। ସେହି କାରଣରୁହିଁ ବିଷୟଟିକୁ ଏତେ କୋହଳ କରି ବିଚାର କରିଥାଏ।

*

ଆଲୁମିନିୟମ ପାତ୍ରଗୁଡ଼ିକ ବିଷୟରେ ମୋତେ କିଛି କୁହା ହୋଇ ନ ଥିଲା। ମୁଁ ଆଦୌ ଏହାର ପକ୍ଷରେ ନୁହେଁ, କାରଣ ରାନ୍ଧିବା ପାଇଁ ଆଲୁମିନିୟମ୍ ଆଦୌ ଭଲ ନୁହେଁ। ମୁଁ ନିଜର ଅଭିଜ୍ଞତାରୁ ଏକଥା କହୁଛି।

*

ଚାକରମାନେ ଖାଇବାର ଦାୟିତ୍ୱରେ ରହନ୍ତୁ, ଏ ବିଷୟରେ ମୁଁ ମୋଟେ ଉତ୍ସାହୀ ନୁହେଁ ବୋଲି ତୁମେ ଭଲ କରି ଜାଣିଛ। ମାତ୍ର, ଅନେକ ବ୍ୟକ୍ତି ତାହାକୁ ଭଲ ପାଉଥିବା ପରି ମନେ ହେଉଛି। ମୁଁ ଭାବୁଛି, ସେମାନେ ଆଳସ୍ୟ ହେତୁ ସେପରି କରୁଛନ୍ତି !

*

ପାକଶାଳାରେ ପରିଷ୍କାର-ପରିଚ୍ଛନ୍ନତାହିଁ ସବୁଠାରୁ ଅଧିକ ଅପରିହାର୍ଯ୍ୟ।

ରାନ୍ଧିବା ସମୟରେ ଯେପରି ଖାଦ୍ୟ ପଦାର୍ଥରେ ବାଳ ନ ପଡ଼ିବ, ସେଥି ଲାଗି ମୁଣ୍ଡକୁ ଆଚ୍ଛାଦିତ କରି ରଖିବା ଅଧିକ ଭଲ ହେବ।

ପାତ୍ର ଭିତରେ ଯେପରି କୌଣସି ପୋକ ଉଡ଼ି ଆସି ନ ପଡ଼ନ୍ତି, ସେଥି ଲାଗି ବିଶେଷ ଯତ୍ନ ନେବାକୁ ହେବ।

*

'oaob.nitrkl.ac.in' images reprocessed

ଅନ୍ୟମାନଙ୍କ ସହିତ ଏକତ୍ର ଭୋଜନ କରିବାର ବାତାବରଣଟି ଯଦି ତୁମକୁ ଭଲ ନ ଲାଗୁଛି, ତେବେ ତୁମେ ତଥାପି କାହିଁକି ସେପରି କରିବ, ମୁଁ ସେକଥା ମୋଟେ ବୁଝିପାରୁ ନାହିଁ ।

୧୩ ସେପ୍‌ଟେମ୍ବର ୧୯୪୦

*

ଶାରୀରିକ ଦୃଷ୍ଟିରୁ ବିଚାର କରି ଦେଖିଲେ, ତରତର ହୋଇ ବା କୌଣସି ପାଟିତୁଣ୍ଡ ନ କରି ଖାଇବାହିଁ ସ୍ପଷ୍ଟତଃ ଅଧିକ ଭଲ । ଏବଂ, ମୁଁ ଏ ବିଷୟରେ ମଧ୍ୟ ବେଶ୍ ନିଶ୍ଚିତ ଯେ, ଅଧିକାଂଶ ସମୟରେ ଆମକୁ ଏଥି ଲାଗି ଆବଶ୍ୟକ ସମୟଟି ମଧ୍ୟ ମିଳିଯାଇ ପାରିବ । ଏହା ସମ୍ପୂର୍ଣ୍ଣ ଭାବରେ ସଙ୍ଗଠନ କ୍ଷେତ୍ରର ଏକ ପ୍ରଶ୍ନ ।

୨୭ ସେପ୍‌ଟେମ୍ବର ୧୯୪୩

*

ଭୋଜନ ପ୍ରସ୍ତୁତ ହେଉଥିବା ସ୍ଥାନରେ କରାଯାଉଥିବା ସକଳ କଳହ ଭୋଜନକୁ ଦୁଷ୍ପାଚ୍ୟ କରିଦିଏ । ନୀରବତା ଏବଂ ସମସ୍ତସତା ମଧ୍ୟରେହିଁ ଭୋଜନ ପ୍ରସ୍ତୁତ ହେବା ଉଚିତ ।

ମାର୍ଚ୍ଚ ୧୯୭୧

*

ଗୋଟିଏ ପିଲାଳିଆ ପ୍ରଶ୍ନ : ଆମ ପରି ପଶୁ ଓ ପକ୍ଷୀମାନେ ମଧ୍ୟ ଖାଦ୍ୟର ସ୍ୱାଦକୁ ଜାଣନ୍ତି କି ?

ହଁ, ମାତ୍ର ସେମାନେ ଆମ ପରି ସେ ବିଷୟରେ କିଛି ଭାବନ୍ତି ନାହିଁ ।

*

## ଆଶ୍ରମ ଗ୍ରନ୍ଥାଗାରରୁ ବହିନେବା

ମାଆ,

ଏସବୁ କଥା ଲାଗି ଆପଣଙ୍କଠୁ ଅନୁମତି ନେବାକୁ ହେବ ବୋଲି ମୋତେ କୁହାଯାଇଛି : (୧) ଗ୍ରନ୍ଥାଗାରରୁ

'oaob.nitrkl.ac.in' images reprocessed

ବହି ନେବା, (୨) ଛୁଟି-ବିଭାଗରୁ ଛୁଟି କିଣିବା ।
ମୁଁ ଆପଣଙ୍କର ଅନୁମୋଦନ ଲାଭ କରି ପାରିବି କି ?

ଯଦି ତୁମେ ଅସାଧାରଣ ଭାବରେ ଅଧିକ ପରିମାଣର ଛୁଟି ଆବଶ୍ୟକ କରୁ ନ ଥିବ, ତେବେ ତୁମେ ବିନା ବାଧାରେ ଛୁଟି ପାଇପାରିବ ।

ବହି ନେବା ବିଷୟରେ କହିବାକୁ ଗଲେ, ଆମେ ଏବେ ସେଗୁଡ଼ିକୁ ବାହାରକୁ ନ ଦେବା ଲାଗି ବାଧ୍ୟ ହୋଇଛୁ, କାରଣ ବହୁ ସଂଖ୍ୟକ ବହି ସେଠାରୁ ଅନ୍ତର୍ହିତ ହୋଇ ଯାଇଛନ୍ତି — ମାତ୍ର, ଯଦି ତୁମେ କେବଳ ଅଳ୍ପ ସମୟ ଲାଗି ସେଗୁଡ଼ିକୁ ରଖିବ ଓ ଅଧିକ ସାବଧାନ ହେବାକୁ ପ୍ରତିଶ୍ରୁତି ଦେବ, ତେବେ ମୁଁ ଅନୁମତି ଦେଇ ପାରିବି ।

ଅନେକ ଆଶୀର୍ବାଦ

୧୧ ଜାନୁଆରୀ ୧୯୬୩

*

ସ୍ନେହମୟୀ ମାଆ,

ମୋ' ନିଜ ଅଧ୍ୟୟନ ନିମନ୍ତେ ମୁଁ ମଝିରେ ମଝିରେ ଗ୍ରନ୍ଥାଗାରରୁ ବହିସବୁ ନେଇ ପାରିବି କି ? ଆପଣ ଆଗରୁ ମଧ୍ୟ କେତେବର୍ଷ ତଳେ ମୋତେ ଅନୁମତି ଦେଇ ଥିଲେ ।

ଯଦି ବହିଗୁଡ଼ିକର ସମଧିକ ଯତ୍ନ ନେବ ଏବଂ ଗ୍ରନ୍ଥାଗାରର ନିୟମଗୁଡ଼ିକୁ ମାନିବ, ତେବେ ବହି ନେଇ ପାରିବ ।

ଅନେକ ଆଶୀର୍ବାଦ ।

୧୨ ମାର୍ଚ୍ଚ ୧୯୬୪

*

ସ୍ନେହମୟୀ ମାଆ,

ଯ୍ୟାନ୍ ବ୍ରୁସେଲ୍‌ଙ୍କର 'The Puppet Theatre' ବହିଟି ନେବା ଲାଗି ମୁଁ ଆପଣଙ୍କର ଅନୁମତି ପାଇବି

'oaob.nitrkl.ac.in' images reprocessed

କି ? ବଡ଼ ଦିନରେ ପିଲାମାନଙ୍କୁ ଉପହାର ଦେବା ପାଇଁ ହାତରେ କଣ୍ଢେଇମାନ ତିଆରି କରିବା ସକାଶେ ମୁଁ 'କ'ଙ୍କୁ ସେହି ବହିଟିକୁ ଦେଖାଇବାକୁ ଇଚ୍ଛା କରୁଛି ।

ହଁ, ଅଳ୍ପଦିନ ପାଇଁ ନେବ ଏବଂ ଅତ୍ୟନ୍ତ ଯତ୍ନରେ ରଖିବ ।

୨୭ ନଭେମ୍ବର ୧୯୬୪

*

ସ୍ନେହମୟୀ ମାଆ,

ଘରେ ପଢ଼ିବା ସକାଶେ ମୁଁ ଗ୍ରନ୍ଥାଗାରରୁ ବହି ନେଇ ପାରିବି କି ? ମୋ'ର ଇଂରାଜୀ ଏବଂ ଅନ୍ୟ ଅଧ୍ୟୟନ ପାଇଁ ମୁଁ ସେଗୁଡ଼ିକୁ ଦରକାର କରୁଛି ।

ଯଦି 'ଖ' (ମୁଖ୍ୟ ଗ୍ରନ୍ଥାଗାରୀ) ରାଜି ହୁଅନ୍ତି ଏବଂ ଯଦି ତୁମେ ସେଗୁଡ଼ିକୁ ଅତ୍ୟନ୍ତ ଯତ୍ନର ସହିତ ରଖିବାକୁ ରାଜି ହୁଅ, ତେବେ ନେଇପାରିବ ।

୨୩ ଡିସେମ୍ବର ୧୯୬୪

*

ମାଆ,

୧୯୬୫ ମସିହାର ଛୁଟି ଏବଂ ୧୯୬୬ ମସିହାର ସ୍କୁଲ୍-ବର୍ଷ ନିମନ୍ତେ ମୋ' ଛାତ୍ରମାନଙ୍କୁ ଆପଣ ଗ୍ରନ୍ଥାଗାରରୁ ବହି ନେବା ଲାଗି ଅନୁମତି ଦେବେ କି ? ଏହି ବହିଗୁଡ଼ିକ (ତାଲିକା ଦିଆହୋଇଛି) ପିଲାମାନଙ୍କର ଫରାସୀ କ୍ଲାସ୍ ପାଇଁ ଦରକାର ହେବ ।

ହଁ, ଭଲ କଥା ।

ପୁନଶ୍ଚ : ସେମାନଙ୍କୁ ବହିଗୁଡ଼ିକର ଉତ୍ତମ ଯତ୍ନ ନେବାକୁ ପଡ଼ିବ ଓ

'oaob.nitrkl.ac.in' images reprocessed

ନୂତନ ବର୍ଷଟି ଆରମ୍ଭ ହେବା ପୂର୍ବରୁ ଆଦୌ ମଇଳା ନ କରି ଭଲ ଅବସ୍ଥାରେ ସେଗୁଡ଼ିକୁ ଫେରାଇ ଦେବାକୁ ପଡ଼ିବ ।

୧୧ ଅକ୍ଟୋବର ୧୯୬୫

❋

(ମୁଖ୍ୟ ଗ୍ରନ୍ଥାଗାରୀଙ୍କ ଲାଗି)

'କ' ଗ୍ରନ୍ଥାଗାରର କେତେକ ବହି ନେବାକୁ ଇଚ୍ଛା କରୁଛନ୍ତି । ବହିଗୁଡ଼ିକର ଉତ୍ତମ ଯତ୍ନ ନେବେ ବୋଲି ସେ କହୁଛନ୍ତି । ତୁମେ ତାଙ୍କୁ ବହିଗୁଡ଼ିକୁ ଦେବା ଲାଗି ସମ୍ମତ ଅଛ କି ?

୧୩ ଫେବୃଆରି ୧୯୬୬

❋

## ଚନ୍ଦ୍ରକଳା

ମୁଁ ଭାବୁଛି ଯେ, ପ୍ରକୃତିର କେତେକ ସ୍କେଚ୍ କଲେ ତାହା ବେଶ୍ ଉପଯୋଗୀ ହେବ; ବିଶେଷତଃ, ପାଦ ଓ ବାହୁଗୁଡ଼ିକର ଅନୁପାତର ଦୃଷ୍ଟିକୋଣରୁ ଓ ଆକାରର ସମଞ୍ଜସତା ଦୃଷ୍ଟିରୁ ତାହା ବେଶ୍ ଉପଯୋଗୀ ହେବ ।

୨୫ ଜାନୁଆରି ୧୯୫୪

❋

(ମାଆଙ୍କ ମୁକୁଟ ପାଇଁ ଏକ ଡିଜାଇନ୍ ସମ୍ବନ୍ଧରେ)

ଡିଜାଇନ୍‌ଟି ପ୍ରକୃତରେ ଖୁବ୍ ସୁନ୍ଦର ହୋଇଛି ଏବଂ ସେଥିରୁ ସୁନିଶ୍ଚିତ ଭାବରେ ଏକ ନିଖୁଣ ମୁକୁଟ ତିଆରି ହୋଇ ପାରିବ ।

୭ ସେପ୍ଟେମ୍ବର ୧୯୩୪

❋

ଉଦ୍ଭିଦର ଧାରଣାଟି ମୋତେ ଖୁବ ଭଲ ବୋଲି ଲାଗୁଛି ଏବଂ 'ଖ'ଙ୍କର ଛାତ ଉପରେ ଥିବା 'ଖ'ଙ୍କ କୋଠରିର କାନ୍ଥ ସେଥି ଲାଗି ପ୍ରକୃତରେ ଏକ ଉପଯୁକ୍ତ

'oaob.nitrkl.ac.in' images reprocessed

ସ୍ଥାନ ହେବ । କେବଳ ଗୋଟିଏ କଥା ଠିକ୍ କରିବାକୁ ବାକି ରହିଛି ; ରଙ୍ଗ କରା ହୋଇଥିବା ସେହି କାନ୍ଥରେ ଦିଆ ଯାଇଥିବା ଚୂନ ସ୍ଥାୟୀ ହୋଇ ରହିପାରିବ ତ ? ଏହି କଥାଟିକୁ 'ଗ'ଙ୍କୁ ପଚାରିବାକୁ ପଡ଼ିବ ।

ସେଠାରୁ ସମୁଦ୍ରର ଦୃଶ୍ୟ ପ୍ରକୃତରେ ଅତ୍ୟନ୍ତ ଚିତ୍ତାକର୍ଷକ ହେବ ।

୭ ସେପ୍ଟେମ୍ବର ୧୯୩୪

*

(କାର୍ଯ୍ୟରତ କଳାକାର ସହିତ ସମ୍ବନ୍ଧିତ ଲୋକମାନଙ୍କ ପାଇଁ ପ୍ରସ୍ତୁତ କେତେକ କାର୍ଡ଼୍ ବିଷୟରେ — ସେମାନଙ୍କର ନାମଗୁଡ଼ିକ ମଧ୍ୟ କାର୍ଡ଼୍ ସହିତ ପଠା-ଯାଇଥିଲା)

କାର୍ଡ଼୍ଗୁଡ଼ିକ ଭାରି ସୁନ୍ଦର ହୋଇଛି, କେତେକ ଅତ୍ୟନ୍ତ ସୁନ୍ଦର ଦେଖା-ଯାଉଛି । ମୁଁ ସେଗୁଡ଼ିକୁ ବିତରଣ ନିମନ୍ତେ ପଠାଇ ଦେଉଛି । କେବଳ ଗୋଟିଏ କାର୍ଡ଼୍ ପାଖରେ ରଖିବି, 'ଈ' ସେଇଟିକୁ ବାଛିଛନ୍ତି ଓ ଭାରି ଖୁସିରେ ରଖିଛନ୍ତି ।

ନାଆଁଗୁଡ଼ିକ ଠିକ୍ ଭାବରେ ଲେଖାଯାଇଛି ।

୨୭ ଅକ୍ଟୋବର ୧୯୩୫

*

(ଟାଉନ୍‌ହଲ୍‌ର କାନ୍ଥମାନଙ୍କରେ ଲଗା ହେବାକୁ ରହିଥିବା ଆଜ୍‌ବେଷ୍ଟସ୍ ବୋର୍ଡଗୁଡ଼ିକ ଉପରେ ଅଙ୍କା ହେବାକୁ ଯାଉଥିବା ଛବିଗୁଡ଼ିକର ସ୍କେଚ୍ ବିଷୟରେ)

ହଁ, ଏହା ବେଶ୍ ହୋଇଛି । ସ୍କେଚ୍‌ଗୁଡ଼ିକ ପ୍ରସ୍ତୁତ ହୋଇଗଲେ ସେଗୁଡ଼ିକୁ ନେଇ ମେୟର୍ ଓ ରାଜ୍ୟପାଳଙ୍କୁ ଦେଖାଇବାକୁ ହେବ; ଏଥି ପାଇଁ ନିଶ୍ଚୟ କିଛି ସମୟ ଲାଗିବ । ଅର୍ଥାତ୍, ସ୍କେଚ୍ ତିଆରି କରିବା ଏବଂ ପ୍ରକୃତରେ ଛବିଗୁଡ଼ିକୁ ପ୍ରସ୍ତୁତ କରିବାକୁ ଆରମ୍ଭ କରିବା ମଧ୍ୟରେ ପ୍ରଦର୍ଶନୀ ଏବଂ ଦର୍ଶନ ନିମନ୍ତେ ଯଥେଷ୍ଟ ସମୟ ରହିବ ।

*

'oaob.nitrkl.ac.in' images reprocessed

ମୁଁ ତୁମକୁ ଯେପରି କହିଲି, ଏମାସର ୧୦ ତାରିଖ ଦିନ ବା ପ୍ରାୟ ସେହି ସମୟକୁ ଗଭର୍ଣ୍ଣରଙ୍କୁ ସେହି ସ୍କେଚ୍‌ଗୁଡ଼ିକୁ ନେଇ ଦେଖାଇବା ବେଶ୍ ଭଲ ହେବ । କାରଣ ଠିକ୍ ବର୍ତ୍ତମାନ "ଜେନେରାଲ୍ କାଉନ୍‌ସିଲ୍"ର ବୈଠକ ବସିଛି ଓ ସେହି "କାଉନ୍‌ସିଲ୍"କୁହିଁ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ । ଗୁରେଟି ସ୍କେଚ୍ ଏବଂ କୋଠରିଟିର ଛକଟା ଯଥେଷ୍ଟ ହେବ ।

୧ ନଭେମ୍ବର ୧୯୬୫

❋

(ଟାଉନ୍‌ହଲ୍ ଛବି ପାଇଁ ପ୍ରସ୍ତୁତ ସ୍କେଚ୍‌ଗୁଡ଼ିକ ବିଷୟରେ)

ସେଗୁଡ଼ିକ ପ୍ରକୃତରେ ବଡ଼ ସୁନ୍ଦର ହୋଇଛି । ସେଥିରେ ମୁଁ କୌଣସି ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଦେଖୁନାହିଁ ।

୩ ନଭେମ୍ବର ୧୯୬୫

❋

(୧୯୬୫ ଡିସେମ୍ବର ଶେଷ ଆଡ଼କୁ ଆଶ୍ରମର କଳାକାରମାନଙ୍କ ଦ୍ୱାରା ଅଙ୍କିତ ଛବିଗୁଡ଼ିକର ପ୍ରଦର୍ଶନୀ ବିଷୟରେ । ସେଥିରୁ କେତେକ ଛବି ଫରାସୀ ଗଭର୍ଣ୍ଣରଙ୍କୁ ପ୍ରଦାନ କରାଯାଇଥିଲା ।)

ତୁମକୁ ମୁଁ କହିବାକୁ ଭୁଲିଗଲି ଯେ, ଗଭର୍ଣ୍ଣରଙ୍କ ଲାଗି ରହିଥିବା ଛବିଦୁଇଟିରେ ଫ୍ରେମ୍ ଲାଗିବା ପୂର୍ବରୁ ଦସ୍ତଖତ କରିବାକୁ ପଡ଼ିବ । ତୁମେ 'ହି'ଙ୍କୁ ଏହି କଥାଟି କହିଦେବ କି ?

ପ୍ରଦର୍ଶନୀଟି ଚମତ୍କାର ସଫଳତା ଲାଭ କରିଥିବା ପରି ମନେ ହେଉଛି ।

ଆମର ଅନେକ ଆଶୀର୍ବାଦ ସହିତ ।

୬ ଜାନୁଆରୀ ୧୯୬୬

⁂

'oaob.nitrkl.ac.in' images reprocessed

ଆପଣଙ୍କର ମତାମତ ଜାଣିବା ପାଇଁ ମୁଁ ଆପଣଙ୍କ ପାଖକୁ କେତେକ କଳା ପୁସ୍ତକ ପଠାଉଛି । ସେଜାନ୍ ଓ ଭାନ୍ ଗଗ୍‌ଙ୍କ ସମ୍ବନ୍ଧରେ ମୁଁ ତୁମର ମତ ଜାଣିବାକୁ ଇଚ୍ଛା କରୁଛି, କାରଣ ଆଧୁନିକ କଳାସମୀକ୍ଷକମାନେ ଏବେ ସେମାନଙ୍କର କେତେ ପ୍ରଶଂସା କରୁଛନ୍ତି ।

ତୁମେ ପଠାଇଥିବା ବହିରେ ସେଜାନ୍ ଓ ଭାନ୍ ଗଗ୍‌ଙ୍କର ଯେଉଁସବୁ ଛବି ରହିଛି, ସେଗୁଡ଼ିକ ଖୁବ୍ ସୁନ୍ଦର ହୋଇଛି (ବିଶେଷତଃ ସେଜାନ୍‌ଙ୍କର ଛବିଗୁଡ଼ିକ) । ମୁଁ ଦିନେ ଦୁଇଦିନ ମଧ୍ୟରେ ବହିଗୁଡ଼ିକୁ ଫେରାଇ ଦେବି—ମୁଁ ଯତ୍ନର ସହିତ ସେଗୁଡ଼ିକୁ ଦେଖିବାକୁ ଇଚ୍ଛା କରୁଛି ।

୮ ମାର୍ଚ୍ଚ, ୧୯୩୬

*

ଯଦି ଛବି କରିବା ଲାଗି ତୁମେ ଯଥାର୍ଥରେ କୌଣସି ଉତ୍ସାହ ଅନୁଭବ ନ କରୁଛ, ତେବେ ତୁମର ଛବି କରିବା ଲାଗି କୌଣସି ଆବଶ୍ୟକତା ଅଛି ବୋଲି ମୁଁ ଦେଖୁ ନାହିଁ ।

ଅନେକ ଆଶୀର୍ବାଦ ।

* ଏପ୍ରିଲ୍ ୧୯୩୯

ତୁମେ ଉଚିତ ଦୃଷ୍ଟିକୋଣ ନେଇ କଳାର ଚର୍ଚ୍ଚା କରୁଛ, ଓ ଯଦି ଏହିପରି ଭାବରେ ନିଜର ଦୃଷ୍ଟିକୋଣ ତଥା ନିଜର ଉଦ୍ୟମରେ ଏକ ପୂର୍ଣ୍ଣ ଆନ୍ତରିକତା ଅବ୍ୟାହତ ରଖିପାରିବ, ତେବେ ତୁମେ ନିଶ୍ଚୟ ସଫଳତା ଲାଭ କରିବ ।

ପ୍ରାଚ୍ୟ କଳାର ତୁମେ ଯେପରି ଭାବରେ ମୂଲ୍ୟାଙ୍କନ କରୁଛ, ସେଥିରେ କେତେକ ଠିକ୍ କଥା ରହିଛି ସତ, ମାତ୍ର ତଥାପି ତାହାକୁ ଅସମ୍ପୂର୍ଣ୍ଣ ବୋଲି କୁହାଯିବ । ତଥାପି, ଆମେ ବର୍ତ୍ତମାନ ସେହି ବିଷୟରେ କିଛି ଆଲୋଚନା କରିବା ନାହିଁ, କାରଣ ବର୍ତ୍ତମାନ ସେହି କଥାଗୁଡ଼ିକୁ ବୁଝାଇ କହିବା ପାଇଁ ମୋ ପାଖରେ କୌଣସି ସମୟ ନାହିଁ । ଲେଓନାର୍ଦ ଦ ଭିଞ୍ଚି, ମିସେଲ୍ ଆଞ୍ଜ୍* ଓ ରାଫାଏଲ୍‌ଙ୍କ

* ମା ଏହି ଦୁଇଟି ନାମକୁ ଫରାସୀ ଢଙ୍ଗରେ ବନାନ୍ କରୁଥିଲେ ।

'oaob.nitrkl.ac.in' images reprocessed

ବିଷୟରେ କହିବାକୁ ଗଲେ, ମୁଁ ସେମାନଙ୍କୁ ଗୋଟିଏ ସ୍ତରରେ ରଖି ଆଦୌ ବିଚାର କରି ପାରିବି ନାହିଁ । ପ୍ରଥମ ଦୁଇଜଣ ଶେଷ ଜଣଙ୍କଠାରୁ ଅନେକ ଅଧିକ ଉଚ୍ଚସ୍ତରର । ସେମାନେ ସୃଜନୀ ଶକ୍ତିର ଜଗତରେ ଦୁହେଁ ଯାକ ଗୋଟିଏ ଗୋଟିଏ ସମ୍ପଦ । ଲେଓନାର୍ଦ୍ଦଙ୍କର ଅପେକ୍ଷାକୃତ ଅଧିକ ସୂକ୍ଷ୍ମତା, ସ୍ଥିର ତଥା ଗଭୀର ଦୃଷ୍ଟି ଏବଂ ଶୁଦ୍ଧତା ରହିଛି; ମିସେଲ୍ ଆଞ୍ଜେଲୋଙ୍କର ଅଧିକ ଶକ୍ତି ଏବଂ ଦକ୍ଷତା ରହିଛି । ବିଶେଷ କରି ତାଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତିଗୁଡ଼ିକରେ ସେହି ଦକ୍ଷତା ପ୍ରକାଶିତ ହୋଇଛି ସେଗୁଡ଼ିକର ମହାନତା ଓ ଐଶ୍ୱର୍ଯ୍ୟକୁ ତୁଳନା କରାଯାଇ ପାରିବ ନାହିଁ । ରାଫାଏଲ ଅପେକ୍ଷାକୃତ ଅଧିକ ପରିମାଣରେ ମାନସିକ ସ୍ତରର ଏବଂ ତେଣୁ ଉପରିଭାଗୀୟ ।

୩୦ ଜୁନ୍ ୧୯୩୯

*

'କ' ମୋତେ କହୁଥିଲେ ଯେ, ଆପଣ ଧ୍ୟାନ କକ୍ଷକୁ ସଜ୍ଜିତ କରିବା ସକାଶେ ଅନୁମତି ପ୍ରଦାନ କରିଛନ୍ତି । ଆପଣ ପ୍ରଣାମ ଲାଗି ଯେଉଁ ଘରେ ବସନ୍ତି, ମୁଁ କେବଳ ସେହି ଘରଟିକୁ ସଜାଇବି ବୋଲି ଇଚ୍ଛା କରିଥିଲି । ମୁଁ ଶୁଣିଲି ଯେ ଆପଣ ସମସ୍ତ କକ୍ଷଟିକୁ ତଥା ଶିଡ଼ି ପର୍ଯ୍ୟନ୍ତ ରହି-ଥିବା ସମସ୍ତ ସ୍ଥାନକୁ ସଜ୍ଜିତ କଲେ ଭଲ ହେବ ବୋଲି ମନେ କରୁଛନ୍ତି । ଏହାତ ଏକ ଅତ୍ୟନ୍ତ ବୃହତ୍ ଯୋଜନା । ମାତ୍ର 'ଖ' ମଧ୍ୟ ଏହି କାର୍ଯ୍ୟଟିକୁ କରିବାକୁ ଇଚ୍ଛା କରୁଛନ୍ତି ଓ କହିଲେ, 'କ' ମଧ୍ୟ ଯୋଗ ଦେଇ ପାରନ୍ତି ।

ମୁଁ ଆପଣଙ୍କୁ ଏହି କଥାଟିକୁ କହିବାକୁ ଚାହୁଁଥିଲି ଯେ, କାର୍ଯ୍ୟଟିକୁ ସମଞ୍ଜସତା ସହିତ ଏବଂ ସ୍ଥିର ଭାବରେ କରିବାକୁ ହେଲେ, କେବଳ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ବିଷୟଟିର ଡିଜାଇନ୍ କରିବ ଏବଂ ସମସ୍ତେ ଠିକ୍ ସେହି ଅନୁସାରେ କାର୍ଯ୍ୟ କରିବେ । ଆପଣଙ୍କ ପାଖରେ କିଛି ବିଷୟବସ୍ତୁ ରହିଥିଲେ ଆପଣ ମୋତେ ଅନୁଗ୍ରହ କରି କହନ୍ତୁ । କାର୍ଯ୍ୟଟି କିପରି କରିବାକୁ ହେବ, ମୁଁ ସେକଥା ମଧ୍ୟ ଆପଣଙ୍କ ଠାରୁ ଜାଣିବାକୁ ଇଚ୍ଛା କରୁଛି । ଅନୁଗ୍ରହ କରି ମୋତେ ଆପଣଙ୍କର ଧାରଣାଟିକୁ ଜଣାଇବେ ।

'oaob.nitrkl.ac.in' images reprocessed

ମୁଁ ମଧ୍ୟ ଏକମତ ଯେ ଜଣେ ବ୍ୟକ୍ତିହିଁ ସମଗ୍ର ବିଷୟଟିର ଡିଜାଇନ୍ ତିଆରି କରିବେ; ତାହାଙ୍କୁ କାର୍ଯ୍ୟକାରୀ କରିବା ସମୟରେ ଅନ୍ୟମାନେ ଆସି ଯୋଗଦେଇ ପାରିବେ ।

ମୋର କୌଣସି ବିଷୟ ବା ଯୋଜନା ନାହିଁ । ମୁଁ କେବଳ ଏତିକ ଇଚ୍ଛା କରୁଛି ଯେ, ରଙ୍ଗ ଓ ସଂଯୋଜନା ଦୃଷ୍ଟିରୁ ସଙ୍କୀଟିକୁ ଜାଡ଼ମ୍ବର କରି ତିଆରି କରିବା ଉଚିତ ।

କେତୋଟି ସ୍କେଚ୍ ଓ ପରିକଳ୍ପନା ତିଆରି କରି ମୋ' ପାଖକୁ ପଠାଇବ ।

ଅନେକ ଆଶୀର୍ବାଦ ।

୩୧ ଜୁଲାଇ ୧୯୩୯

ଶ୍ରୀ
ଗ୍ରା -
ଜି -
, ଓଡ଼ିଶା
ରେଜି ନଂ :

'oaob.nitrkl.ac.in' images reprocessed

# ମାଆଙ୍କର କେତେକ ଅନୁଭୂତି

## ଅନୁଭୂତିଗୁଡ଼ିକର ପ୍ରତିଲିପି

ଅନୁକମ୍ପା ଓ କୃତଜ୍ଞତା,— ଏଗୁଡ଼ିକ ମୂଳତଃ ଚୈତ୍ୟଭୂମିର ଗୁଣ । ଚୈତ୍ୟ ସତ୍ତା ନିସ୍ୱାତ୍ମକ ଜୀବନରେ ଅଂଶଗ୍ରହଣ କଲେ ଯାଇ ସେଗୁଡ଼ିକ ଆମ ଚେତନାର କ୍ଷେତ୍ରରେ ଆବିର୍ଭୂତ ହୁଅନ୍ତି ।

ପ୍ରାଣିକ ଏବଂ ଭୌତିକ ସେହି ଗୁଣଗୁଡ଼ିକୁ ଗୋଟିଏ ଗୋଟିଏ ଦୁର୍ବଳତା ବୋଲି ଅନୁଭବ କରନ୍ତି, କାରଣ ଏଗୁଡ଼ିକ ସେମାନଙ୍କର ଆବେଗଗୁଡ଼ିକର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତିକୁ ନିୟନ୍ତ୍ରିତ କରି ରଖନ୍ତି,— ସେହି ଆବେଗସବୁ ବଳସମ୍ପନ୍ନତାର ଶକ୍ତି ଉପରେ ଆଧାରିତ ହୋଇ ରହିଥା'ନ୍ତି ।

ସର୍ବଦା ଯେପରି ହୁଏ, ମନ ଯଥାର୍ଥ ଭାବରେ ପ୍ରଶିକ୍ଷିତ ହୋଇ ନ ଥିଲେ ପ୍ରାଣିକ ସତ୍ତାର ଅନୁଷଙ୍ଗୀ ହୋଇ ଓ ଭୌତିକ ପ୍ରକୃତିର ଦାସ ହୋଇ କାର୍ଯ୍ୟ କରୁଥାଏ । ସେମାନଙ୍କର ବିଧାନଗୁଡ଼ିକ ଆପଣାର ଅର୍ଦ୍ଧଚେତନ ପ୍ରତିସ୍ଥିତିରେ ଏତେ ଦୂର ଅଧିକ ଶକ୍ତିଶାଳୀ ହୋଇ ରହିଥା'ନ୍ତି ଯେ, ମନ ସେମାନଙ୍କୁ ମୋଟେ ସମ୍ପୂର୍ଣ୍ଣ ଭାବରେ ବୁଝିପାରେ ନାହିଁ । ଯେତେବେଳେ ମନ ପ୍ରଥମେ ଚୈତ୍ୟ ଗତିସ୍ପନ୍ଦନଗୁଡ଼ିକ ବିଷୟରେ ସଜ୍ଞାନ ହେବାକୁ ଆରମ୍ଭ କରେ, ସେତେବେଳେ ତାହା ନିଜର ଅଜ୍ଞାନ ହେତୁ ସେଗୁଡ଼ିକୁ ବିକୃତ କରିପକାଏ ଏବଂ ଅନୁକମ୍ପାକୁ ଦୟାରେ ପରିଣତ କରିଦିଏ କିଂବା ଖୁବ୍ ବେଶୀ ହେଲେ ତାହାକୁ ଦାନଶୀଳତାରେ ପର୍ଯ୍ୟବସିତ କରି ରଖେ; କୃତଜ୍ଞତାକୁ ଋଣ-ପରିଶୋଧରେ ଆଣି ପର୍ଯ୍ୟବସିତ କରେ । ଅବଶ୍ୟ ତା'ପରେ ସିଏ ଅଳ୍ପ ଅଳ୍ପ କରି ଯଥାର୍ଥ ଭାବରେ ପରିଚିତ ହେବାର ଓ ଗୁଣ ବୁଝିବାର ସାମର୍ଥ୍ୟ ଅର୍ଜନ ମଧ୍ୟ କରିଥାଏ ।

ସତ୍ତା ଭିତରେ ଚୈତ୍ୟ-ଚେତନା ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ରହିବାକୁ ଆରମ୍ଭ କଲେ ଯାଇ ସାହାଯ୍ୟ ଆବଶ୍ୟକ କରୁଥିବା ସବୁକିଛି ନିମନ୍ତେ— ତାହା ଯେକୌଣସି କ୍ଷେତ୍ରରେ ହୋଇଥାଉ ପଛକେ — ଅନୁକମ୍ପା ଜନ୍ମଲାଭ କରେ । ଏବଂ, ଯାହାକିଛି ଦିବ୍ୟ ଉପସ୍ଥିତି ତଥା କରୁଣାକୁ ପ୍ରକାଶିତ କରୁଥାଏ, — ତାହା ଯେକୌଣସି ଆକାରରେ ହୋଇଥାଉ ପଛକେ ସେହି ସବୁକିଛି ପ୍ରତି କୃତଜ୍ଞତାର

'oaob.nitrkl.ac.in' images reprocessed

ସ୍ଵଭବଟି ବ୍ୟକ୍ତ ହେବାକୁ ଆରମ୍ଭ କରେ । ଏହି ଦୁଇଟି ଗୁଣ ସେତେବେଳେ ଆପଣାର ମୂଳଭୂତ ଓ ଆଲୋକମୟ ଶୁଦ୍ଧତାରେ ପ୍ରକାଶିତ ହୁଅନ୍ତି,— ସେତେବେଳେ ଅନୁକମ୍ପା ସହିତ କୃପାଳୁତାର ଏବଂ କୃତଜ୍ଞତା ସହିତ ନ୍ୟୂନତାବୋଧର ଆଦୌ ଏତେ ଟିକିଏ ମଧ୍ୟ ସମ୍ମିଶ୍ରିତ ହୋଇ ରହି ନ ଥାଏ ।

୧୫ ଜୁନ୍ ୧୯୫୬

✻

ଭଗବାନ୍ ପରମସତ୍ତ୍ଵ ସର୍ବତ୍ର ଅଛନ୍ତି, ସବୁଟି ମଧ୍ୟରେ ଅଛନ୍ତି, ସିଏ ସବୁକିଛି ହୋଇ ରହିଛନ୍ତି । ତାଙ୍କର ମୂଳଭୂତ ତଥା ସର୍ବୋଚ୍ଚ ସତ୍ୟରେ ସିଏ ବିରାଜିତ ରହିଛନ୍ତି । ମାତ୍ର ଭୌତିକ ଜଗତର ଏହି ସମୋଭିଉ ରୂପାୟନ-ଭୂମିରେ, ଭଗବାନ୍ ପରମ ସତ୍ତ୍ଵ ଯେଉଁ ରୂପରେ ଅଛନ୍ତି, ତାହା ସହିତ ନୁହେଁ, କିନ୍ତୁ ସିଏ ଯାହା ହେବେ, ତାହାର ସହିତହିଁ ଏକାତ୍ମକତା ଅର୍ଜନ କରିବାକୁ ପଡ଼ିବ ।

୩୦ ଜୁନ୍ ୧୯୫୬

✻

## ଶରୀର ଚେତନାର କେତେକ ଅନୁଭୂତି

ଏକ ସମାନ ସୁନିର୍ଦ୍ଦିଷ୍ଟତା ସହିତ ଏକଥା କୁହାଯାଇ ପାରିବ ଯେ, ଏଠାରେ ଯାହାକିଛି ରହିଛି, ତାହା ଭଗବାନ୍ ତଥା ଯାହାକିଛି ରହିଛି, ତାହା ଆଦୌ ଭଗବାନ୍ ନୁହେଁ । ଆମେ ସମସ୍ୟାଟି ଉପରେ କିପରି ଭାବରେ ଦୃଷ୍ଟିପାତ କରିବା, ସବୁ ତାହାରି ଉପରେ ନିର୍ଭର କରେ ।

ଠିକ୍ ସେହିପରି ଭାବରେ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ଭଗବାନ୍ ପରମ ସତ୍ତ୍ଵ ଚିରନ୍ତନ ଭାବରେ ନୂତନ ରୂପେ ପ୍ରମୂର୍ତ୍ତ ହେବାରେ ଲାଗିଛନ୍ତି ଏବଂ ସେ ଚିରନ୍ତନ ଆବହମାନ କାଳ ଲାଗି ଅପରିବର୍ତ୍ତନୀୟ ହୋଇ ରହିଛନ୍ତି ।

ଈଶ୍ଵରଙ୍କର ଅସ୍ତିତ୍ଵକୁ ଅସ୍ଵୀକାର କରିବା ଅଥବା ସ୍ଵୀକାର କରିବା,—ଏହି ଦୁଇଟିଯାକ ସମାନ ଭାବରେ ସତ୍ୟ; ମାତ୍ର ପ୍ରତ୍ୟେକଟି କେବଳ ଆଂଶିକ ଭାବରେ ସତ୍ୟ । ଏହି ସ୍ଵୀକୃତି ତଥା ଅସ୍ଵୀକୃତି ଦୁଇଟିଯାକର ଊର୍ଦ୍ଧ୍ଵକୁ ଉଠିପାରିଲେ ଯାଇ ଆମେ ସତ୍ୟର ନିକଟବର୍ତ୍ତୀ ହୋଇପାରିବା ।

ଅଧିକନ୍ତୁ, ଆମେ ଏକଥା ମଧ୍ୟ କହିପାରିବା ଯେ, ଏହି ପୃଥିବୀରେ ଯାହା-କିଛି ଘଟଣା ଘଟୁଛି, ତାହା କେବଳ ସେହି ଭଗବାନ୍ ଇଚ୍ଛା ଫଳରେ ଘଟୁଛି ଏବଂ,

'oaob.nitrkl.ac.in' images reprocessed

ଏହି ଇଚ୍ଛାକୁ ଏପରି ଏକ ଜଗତରେ ଅଭିବ୍ୟକ୍ତ ଅର୍ଥାତ୍ ପ୍ରକାଶିତ କରିବାକୁ ପଡ଼ୁଛି, ଯାହାକି ତାହାକୁ ବିରୋଧଯୁକ୍ତ ଓ ବିକୃତ ମଧ୍ୟ କରିପକାଉଛି । ବ୍ୟାବହାରିକ କ୍ଷେତ୍ରରେ ଏହି ଦୁଇଟିଯାକ ଦୃଷ୍ଟିକୋଣ ପ୍ରଥମ କ୍ଷେତ୍ରରେ ଯାହାକିଛି ଘଟୁଛି, ତାହାକୁ ଶାନ୍ତ ଭାବରେ ସ୍ୱୀକାର କରି ନେବାର ଏକ ମନୋବୃତ୍ତି ଆଡ଼କୁ ପ୍ରେରିତ କରି ନେଉଛି ଏବଂ ଅନ୍ୟ ପକ୍ଷରେ, ଆମକୁ ବିପରୀତ ଆଡ଼କୁ ପ୍ରେରିତ କରି, ଯାହା ଯଥାର୍ଥରେ ହେବା ଉଚିତ, ତାହାର ବିଜୟକୁ ସମ୍ଭବ କରିବା ଲାଗି ଆମକୁ ଏକ ଅବିଶ୍ରାନ୍ତ ସଂଘର୍ଷ ଲାଗି ଉଦ୍ୟତ କରୁଛି । ସତ୍ୟକୁ ବୁଝିବାକୁ ହେଲେ ଆମକୁ ଏହି ଦୁଇଟିଯାକ ଦୃଷ୍ଟିକୋଣରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବାକୁ ହେବ ଓ ଦୁଇଟିଯାକକୁ ଏକାଠି ସଂଯୁକ୍ତ କରିପାରିବାକୁ ହେବ ।

ଏପ୍ରିଲ୍ ୧୯୫୪

✻

ତୁମର ସଂପ୍ରତ୍ୟୟ ଯଦି ତୁମର ଜୀବନ ଗଠନରେ ସହାୟତା କରୁଛି, ତେବେ ତୁମେ ତାହାକୁ ଅବଶ୍ୟ ଅବଲମ୍ବନ କରି ରହିବ; କିନ୍ତୁ ଏକଥା ମଧ୍ୟ ଜାଣି ରଖିଥିବ ଯେ, ଏହା କେବଳ ଗୋଟିଏ ସଂପ୍ରତ୍ୟୟ ଏବଂ ଅନ୍ୟଗୁଡ଼ିକ ମଧ୍ୟ ତୁମଟି ତୁଳନାରେ ସମାନ ଭାବରେ ଉତ୍ତମ ଓ ସମାନ ଭାବରେ ସତ୍ୟ ।

ଏପ୍ରିଲ୍ ୧୯୫୪

✻

ଉଦାରତା ନିଜକୁ ଉଚ୍ଚତର ବୋଲି ମନେ କରିବାର ଏକ ଭାବରେ ପୂର୍ଣ୍ଣ ହୋଇ ରହିଥାଏ । ତାହାର ବିକଳ୍ପ ରୂପେ ଏକ ପୂର୍ଣ୍ଣ ବୋଧର ସ୍ଥିତିକୁ ଗ୍ରହଣ କରିବାକୁ ପଡ଼ିବ ।

ଏପ୍ରିଲ୍ ୧୯୫୪

✻

ଯଥାର୍ଥ ସତ୍ୟ ରେଖାଧର୍ମୀ ନୁହେଁ, ଏହା ବିଶ୍ୱଧର୍ମୀ । ଏହା ଆଦୌ ଆନୁକ୍ରମିକ ନୁହେଁ, ମାତ୍ର ଯୁଗପତ୍ । ତେଣୁ ତୁମେ ତାହାକୁ ଶବ୍ଦ ଦ୍ୱାରା ବ୍ୟକ୍ତ କରି ପାରିବ ନାହିଁ; ତାହାକୁ ବୁଝିବାକୁହିଁ ପଡ଼ିବ ।

ଏପ୍ରିଲ୍ ୧୯୫୪

✻

'oaob.nitrkl.ac.in' images reprocessed

ଏହି ଜଗତରୁ ତାହାର ଚିରନ୍ତନ ଯାବତୀୟ ସ୍ତରରେ ଯେପରି ହୋଇ ରହିଛି, ତାହା ବିଷୟରେ ଏକ ସମ୍ପୂର୍ଣ୍ଣ ଓ ସମଗ୍ର ଚେତନା ଅର୍ଜନ କରିବାକୁ ହେଲେ, ସର୍ବପ୍ରଥମେ ଏହି ଯାବତୀୟ ଚିରନ୍ତନ ବିଷୟରେ ସକଳ ପ୍ରକାରର ବ୍ୟକ୍ତିଗତ ପ୍ରତିକ୍ରିୟାକୁ ବର୍ଜନ କରିବାକୁ ହେବ; ଏପରିକି, ସେସବୁ କିଭଳି ହେବା ଉଚିତ, ସେହି ବିଷୟରେ ମଧ୍ୟ କୌଣସି ଆଧ୍ୟାତ୍ମିକ ଅଗ୍ରରୁଚି ମଧ୍ୟ ରଖିବା ଉଚିତ ହେବ ନାହିଁ । ଅନ୍ୟ ଶବ୍ଦ ଦେଇ କହିଲେ, ଏକ ପରିପୂର୍ଣ୍ଣ ନିର୍ଲିପ୍ତତା ତଥା ନିଷ୍ପକ୍ଷତା ସହିତ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ସ୍ୱୀକାର କରିନେବାକୁ ପଡ଼ିବ; ସମ୍ପୂର୍ଣ୍ଣ ଏକାତ୍ମକତା ଦ୍ୱାରା ଏକ ଜ୍ଞାନର ଅଧିକାରୀ ହେବାକୁ ହେଲେ ତାହାହିଁ ହେଉଛି ଅପରିହାର୍ଯ୍ୟ ସର୍ତ୍ତ । ଯଦି ଚିରନ୍ତନ ଭିତରୁ କୌଣସି ଗୋଟିଏ କଥା ବି ଏପରି ରହିଥାଏ ଯାହାକି ତୁମର ନିଷ୍ପକ୍ଷତାକୁ ଏଡ଼ିଦେଇ ଚାଲି ଯାଉଥାଏ, ତେବେ, ତାହା ଯେତେ ସାନ ବା ନଗଣ୍ୟ ହୋଇଥାଉ ପଛକେ, ତାହା ତୁମର ଏକାତ୍ମକତାକୁ ମଧ୍ୟ ଏଡ଼ିଦେଇ ଚାଲିଯାଉଥିବ । ତେଣୁ, ଯେକୌଣସି ଅଭିପ୍ରାୟରେ ହୋଇଥାଉ ପଛକେ, ଯାବତୀୟ ବ୍ୟକ୍ତିଗତ ପ୍ରତିକ୍ରିୟାକୁ, ଏପରିକି ସର୍ବାଧିକ ଭାବେ ଉଚ୍ଚ ହୋଇ ରହିଥିବା କୌଣସି ପ୍ରତିକ୍ରିୟାକୁ ମଧ୍ୟ ତୁମେ କଦାପି ଆସି ଉପସ୍ଥିତ ହେବା ଲାଗି ଦେବ ନାହିଁ । ଯାବତୀୟ ସମଗ୍ର ଜ୍ଞାନୋପଲବ୍ଧି ପାଇଁ ତାହାହିଁ ସର୍ବପ୍ରଥମ ଆବଶ୍ୟକତା ।

ଏହିପରି ଭାବରେ ଏକ ବିରୋଧାଭାସ ରଖି ହୁଏତ ଏକଥା ମଧ୍ୟ କୁହାଯାଇ ପାରିବ ଯେ, ଯେତେବେଳେ ଆମେ କୌଣସି ବସ୍ତୁ ବିଷୟରେ ନିର୍ଲିପ୍ତ ରହିପାରିବା, ବା, ଆହୁରି ଯଥାର୍ଥ ଭାବରେ କହିବାକୁ ଗଲେ, ଆମେ ଯେତେବେଳେ ସେଇଟି ସହିତ ଆଦୌ ବ୍ୟକ୍ତିଗତ ଭାବରେ ଲିପ୍ତ ଓ ସମ୍ପୃକ୍ତ ହୋଇ ରହି ନ ଥିବା, କେବଳ ସେତିକବେଳେ ଯାଇ ଆମେ ତାହାକୁ ଜାଣିପାରିବା ।

ଏପ୍ରିଲ୍ ୧୯୫୪

*

କୌଣସି ଦେବତା ଯେତେ ଥର ଏକ ଶରୀର ଗ୍ରହଣ କରିଛନ୍ତି, ସେତେବେଳେ ସେ ଏହି ଜଗତକୁ ରୂପାନ୍ତରିତ କରି ଏକ ନୂତନ ପୃଥିବୀର ସୃଷ୍ଟି କରିବାର ଅଭିପ୍ରାୟରେ ହିଁ ସର୍ବଦା ତାହା କରିଛନ୍ତି । ମାତ୍ର, ବର୍ତ୍ତମାନ ପର୍ଯ୍ୟନ୍ତ, ଆପଣାର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପୂର୍ବରୁହିଁ ତାଙ୍କୁ ସର୍ବଦା ନିଜର ଶରୀରକୁ ତ୍ୟାଗ କରିବାକୁ ପଡ଼ିଛି । ଏବଂ, ସର୍ବଦା ଏହି କଥାଟି ମଧ୍ୟ କୁହାହୋଇ ଆସିଛି ଯେ, ପୃଥିବୀ ପ୍ରକୃତରେ ଅନୁରୂପ ଭାବରେ ପ୍ରସ୍ତୁତ ହୋଇ ନ ଥିଲା ଏବଂ, ସେହି କାର୍ଯ୍ୟଟିର

'oaob.nitrkl.ac.in' images reprocessed

ସମ୍ପାଦନ ନିମନ୍ତେ ଯେଉଁସବୁ ସର୍ତ୍ତର ପୂରଣ କରିବା ଆବଶ୍ୟକ ହେଉଥିଲା, ପୃଥିବୀର ମନୁଷ୍ୟମାନେ ସେଗୁଡ଼ିକୁ ପୂରଣ କରି ପାରି ନ ଥିଲେ ।

ମାତ୍ର ଅବତାର ଗ୍ରହଣ କରିଥିବା ଦେବତାଙ୍କର ଅପୂର୍ଣ୍ଣତାହିଁ ତାଙ୍କର ଚତୁର୍ଦ୍ଦିଗରେ ରହିଥିବା ଅନ୍ୟମାନଙ୍କର ପରିପୂର୍ଣ୍ଣତା-ଲାଭକୁ ପ୍ରକୃତରେ ଅପରିହାର୍ଯ୍ୟ କରି ରଖିଥାଏ । ଯଦି ଅବତୀର୍ଣ୍ଣ ହୋଇଥିବା ଦେବତା ଆବଶ୍ୟକ ଅଗ୍ରଗତି ଲାଗି ଲୋଡ଼ା ହେଉଥିବା ପୂର୍ଣ୍ଣତାକୁ ଧାରଣ କରିଥାନ୍ତେ, ତେବେ ତାଙ୍କ ଚତୁର୍ଦ୍ଦିଗରେ ଥିବା ସ୍ଥୂଳ ପୃଥିବୀର ସ୍ଥିତି ଅଭିପ୍ରେତ ଅଗ୍ରଗତିକୁ ଆଦୌ ପ୍ରସୀମିତ କରି ରଖି ପାରୁ ନ ଥାନ୍ତା । ମାତ୍ର, ତଥାପି ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଆତ୍ୟନ୍ତିକ ଭାବରେ ବିଷୟୀଭୂତ ହୋଇ ରହିଥିବା ଏହି ପୃଥିବୀରେ ପରସ୍ପର-ନିର୍ଭରଶୀଳତାକୁ ପ୍ରକୃତରେ ଅନିବାର୍ଯ୍ୟ ହୋଇ ରହିବାକୁ ପଡ଼ିବ । ତେଣୁ, ଅବତୀର୍ଣ୍ଣ ହୋଇଥିବା ଦିବ୍ୟ ସତ୍ତାଙ୍କ ମଧ୍ୟରେ ଏକ ଉଚ୍ଚତର ମାତ୍ରାର ପରିପୂର୍ଣ୍ଣତା ସମ୍ଭବ କରିବାକୁ ହେଲେ ସମଗ୍ରତଃ ଏହି ପୃଥ୍ୱୀ-ରୂପାୟନର କ୍ଷେତ୍ରରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ମାତ୍ରାର ପରିପୂର୍ଣ୍ଣତା ସମ୍ଭବ ହେବା ଅବଶ୍ୟ ଅପରିହାର୍ଯ୍ୟ ହୋଇ ପଡ଼ିବ । ତେଣୁ, ପରିବେଶରେ ଏକ ନିର୍ଦ୍ଦିଷ୍ଟ ପରିମାଣର ପରିପୂର୍ଣ୍ଣତା ସମ୍ଭବ କରିବାର ଆବଶ୍ୟକତାହିଁ ମନୁଷ୍ୟମାନଙ୍କୁ ଅଗ୍ରଗତି କରିବା ନିମନ୍ତେ ବାଧ୍ୟ କରେ । ସେହି ଅଗ୍ରଗତି ଯଥେଷ୍ଟ ପରିମାଣରେ ହୋଇ ନ ପାରିଲେ, ତାହା ଯେଉଁ ପ୍ରକାରର ହୋଇଥାଉ ପଛକେ, ଦିବ୍ୟସତ୍ତା ସ୍ୱତଃସ୍ଫୂର୍ତ୍ତ ଭାବରେ କ୍ଷେତ୍ରରେ ଅଗ୍ରଗତି ଘଟାଇବାର ଆପଣାର ପ୍ରଯ୍ୟାସଟିକୁ ଅଧିକ ତୀବ୍ର ଓ ପ୍ରଗାଢ଼ କରିବା ଲାଗି ପ୍ରବୃତ୍ତ ହୋଇଥାନ୍ତି । ତେଣୁ ଅଗ୍ରଗତିର ଏହି ଦୁଇଟି ଯାକ କ୍ରିୟାଧାରା ଯୁଗପତ୍ ଭାବରେ ପରସ୍ପରର ପରିପୂରକ ଭାବରେ ଲାଗି ରହିଥାଏ ।

ଏପ୍ରିଲ୍ ୧୯୫୪

*

## ଶରୀର-ଚେତନାର ନାନା ନୂତନ ଅନୁଭୂତି

ପଛକୁ ଅନାଇ ନିଜର ଜୀବନ ଉପରେ ଦୃଷ୍ଟିପାତ କଲେ ପ୍ରାୟ ସର୍ବଦା ଏହିପରି ଏକ ଅନୁଭୂତି ହୋଇଥାଏ ଯେ, ପରିସ୍ଥିତି ଅମୁକ ବା ଅମୁକ ଭଳି ହୋଇଥିଲେ ଆମେ ହୁଏତ ଆହୁରି ଅଧିକ ଫଳ ହାସଲ କରି ପାରିଥାନ୍ତୁ । ଅବଶ୍ୟ ଏକଥା ସତ୍ୟ ଯେ, ଅନ୍ତର୍ଗତ ସତ୍ୟଟିର ନିର୍ଦ୍ଦେଶନା ଦ୍ୱାରା ପରିଚାଳିତ ହୋଇହିଁ ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ନିଜର ସକଳ କାର୍ଯ୍ୟ କରି ଆସୁଥିଲୁ । ଏପରି ହୁଏ, କାରଣ ଏହି ବିଶ୍ୱ ନିରନ୍ତର ଭାବରେ ଗତିଶୀଳ ହୋଇ ରହିଥାଏ ଏବଂ, ଯାହା

'oaob.nitrkl.ac.in' images reprocessed

ଆଗରୁ ସମ୍ପୂର୍ଣ୍ଣ ମାତ୍ରାରେ ସତ୍ୟ ହୋଇ ରହିଥିଲା, ଆଜି ତାହା କେବଳ ଆଂଶିକ ଭାବରେ ସତ୍ୟ ବୋଲି ପ୍ରତୀତ ହେବାକୁ ଆରମ୍ଭ କଲା । ଅଥବା, ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, କାର୍ଯ୍ୟଟି ସମ୍ପନ୍ନ ହେଉଥିବା ସମୟରେ ଯେଉଁକି କାର୍ଯ୍ୟ ଆବଶ୍ୟକ ଥିଲା, ତାହା ବର୍ତ୍ତମାନ ଆଉ ଆବଶ୍ୟକହିଁ ହେଲା ନାହିଁ । ତାହା ପରିବର୍ତ୍ତେ ଆଉ ଏକ ଅନ୍ୟ କ୍ରିୟା ଅଧିକ ଉପଯୋଗୀ ବୋଲି ଅନୁଭୂତ ହେଲା ।

ଅଗଷ୍ଟ ୧୯୫୪

*

ରୂପାନ୍ତର ବିଷୟରେ କହୁଥିବା ସମୟରେ ଏହି ପୃଥିବୀ ବିଷୟରେ ଆମର ତଥାପି ଏକ ଅସ୍ପଷ୍ଟ ଅର୍ଥପ୍ରତୀତି ରହିଥାଏ । ତାହା ଆମକୁ ଏପରି ଏକ ଧାରଣା ଆଣି ଦେଉଥାଏ ଯେ, କିଛି ନା କିଛି ଅବଶ୍ୟ ଘଟିବାକୁ ଯାଉଛି ଏବଂ ପରିଣାମ ସ୍ୱରୂପ ସବୁକିଛି କେବଳ ଭଲହିଁ ହେବ । ଧାରଣାଟି ପରିଶେଷରେ ଏହିପରି ହେବାକୁ ଆରମ୍ଭ କରେ : ଯଦି ଆମର ଅସୁବିଧାମାନ ରହିଥାଏ, ତେବେ ସେଗୁଡ଼ିକ ଅନ୍ତର୍ହିତ ହୋଇଯିବ; ଯେଉଁମାନେ ଅସୁସ୍ଥତା ଭୋଗ କରୁଛନ୍ତି, ସେମାନେ ଆରୋଗ୍ୟ ଲାଭ କରିବେ; ଯଦି ଶରୀର ଅଦୃଢ଼ ଏବଂ ଅସମର୍ଥ ରହିଛି, ତେବେ ସେହି ଅଦୃଢ଼ତା ଏବଂ ଅସମର୍ଥତାଗୁଡ଼ିକ ଦୂରୀଭୂତ ହୋଇଯିବ, — ଏହିପରି କେତେକ'ଣ ଧାରଣା ହୋଇଥାଏ । ମାତ୍ର, ମୁଁ ଯେପରି କହିଛି, ଏସବୁ ଭାରି ଅସ୍ପଷ୍ଟ ହୋଇ ରହିଥାଏ, କେବଳ ଏକ ଧାରଣାରୂପେହିଁ ରହିଥାଏ । ପୁନଶ୍ଚ, ଶରୀର ଚେତନା ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି ଯେ, ଏହା ସୁନିର୍ଦ୍ଦିଷ୍ଟ ଭାବରେ ଆଦୌ କିଛି ଜାଣିବାକୁ ସମର୍ଥ ହୁଏ ନାହିଁ, — କୌଣସି କାର୍ଯ୍ୟକୁ ପ୍ରକୃତରେ ପୂର୍ଣ୍ଣ ସମ୍ପାଦିତ କରିବାକୁ ନ ଯାଉଥିବା ପର୍ଯ୍ୟନ୍ତ ତାହା ତା'ର ଠିକଣାଖି ବିଷୟରେ ମୋଟେ କିଛି ଜାଣି ନ ଥାଏ । ତେଣୁ, ଯେତେବେଳେ ରୂପାନ୍ତରର ପ୍ରକ୍ରିୟାଟି ସ୍ପଷ୍ଟ ହୋଇଯାଏ, ସମଗ୍ର ରୂପାନ୍ତରଟି କେଉଁସବୁ କ୍ରିୟା ତଥା ପରିବର୍ତ୍ତନର ଅନୁକ୍ରମରେ ସଂଘଟିତ ହେବାକୁ ଯାଉଛି ବୋଲି ଯେତେବେଳେ ଆମେ ଜାଣିବାକୁ ସମର୍ଥ ହେଉ, — ଅର୍ଥାତ୍, କେଉଁଟି ପ୍ରଥମେ ଘଟିବ, ତା'ପରେ କ'ଣ ଘଟିବ, ସେହି ସମ୍ପୂର୍ଣ୍ଣ ଅନୁକ୍ରମଟି ଯେତେବେଳେ ପୂର୍ଣ୍ଣ ବିଶଦ ଭାବରେ ଗୋଚର ହୋଇଯିବ, ତାହାହିଁ ଆଣି ନିଶ୍ଚିତ ସଙ୍କେତ ଦେବ ଯେ, ଉପଲବ୍ଧିର ବେଳାଟି ନିକଟବର୍ତ୍ତୀ ହୋଇ ଆସିଲାଣି । କାରଣ, ଯେତେବେଳେ ପ୍ରତ୍ୟେକଥର ତୁମେ ଘଟୁଥିବା ଏକ ଠିକଣାଖି ଘଟଣାକୁ ସୁନିର୍ଦ୍ଦିଷ୍ଟ ଭାବରେ ପ୍ରତ୍ୟକ୍ଷ କରିପାରିବ, ସେତେବେଳେ ତାହାର ଅର୍ଥ ହେବ ଯେ ତାହାକୁ ଉପଲବ୍ଧି କରିବା ଲାଗି ତୁମେ ପ୍ରକୃତରେ ପ୍ରସ୍ତୁତ ହୋଇ ଗଲଣି ।

'oaob.nitrkl.ac.in' images reprocessed

ବର୍ତ୍ତମାନ ପାଇଁ କେବଳ ସମଗ୍ରର ଏକ ଦୃଷ୍ଟିହିଁ ଉପଲବ୍ଧ ହୋଇ ପାରିବ । ଉଦାହରଣ ସ୍ୱରୂପ, ଏକଥା ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ ଯେ, ଅତିମାନସ ଆଲୋକ ଦ୍ୱାରା ପ୍ରଭାବିତ ହୋଇ ଶରୀରଚେତନାର ରୂପାନ୍ତର ସର୍ବପ୍ରଥମେହିଁ ଘଟିବ; ତା'ପରେ, ଶରୀରର ପ୍ରତ୍ୟେକ ଅଙ୍ଗ ଓ ଭାଗର ଗତିଶୀଳତା ଏବଂ କ୍ରିୟାରେ ଏକ ପ୍ରଭୁତ୍ୱ ତଥା ନିୟନ୍ତ୍ରଣ ଅର୍ଜନ କରିବାରେ ଅଗ୍ରଗତି ଘଟିବ । ତା'ପରେ ସେହି ପ୍ରଭୁତ୍ୱ ଅଳ୍ପ ଅଳ୍ପ କରି ପରିବର୍ତ୍ତିତ ହେବ ଓ ପ୍ରଥମେ ଅଙ୍ଗ ଓ ଭାଗଗୁଡ଼ିକର କ୍ରିୟାଶୀଳତା ଓ ତା'ପରେ ସେଗୁଡ଼ିକର ଗଠନ କ୍ଷେତ୍ରରେ ମଧ୍ୟ ଏକ ଅନ୍ୟଧର୍ମିତା ଆଣିଦେବ । ଏସବୁ ସୁନିଶ୍ଚିତ ଭାବରେ ହେବ, ମାତ୍ର ସେଗୁଡ଼ିକ ଯଥେଷ୍ଟ ପରିମାଣରେ ସୁନିର୍ଦ୍ଦିଷ୍ଟ ଭାବରେ ଗୋଚର ହୋଇ ନ ଥିବ । ମାତ୍ର, ସର୍ବଶେଷରେ ଯାହା ଘଟିବ,—ଯେତେବେଳେ ବିଭିନ୍ନ ଦେହାଙ୍ଗର ବିକଳ୍ପ ରୂପେ ବିଭିନ୍ନ ଶକ୍ତି, ଗୁଣ ତଥା ପ୍ରକୃତିର ଅଭିନିବେଶ-କେନ୍ଦ୍ରଗୁଡ଼ିକର ପ୍ରତିଷ୍ଠା ହୋଇଯିବ,—ସେଗୁଡ଼ିକ ପ୍ରତ୍ୟେକେ ନିଜର ସ୍ୱତନ୍ତ୍ର ଧାରା ଅନୁସାରେ କାର୍ଯ୍ୟ କରୁଥିବେ,—ଏହି ସବୁକିଛି ତଥାପି କେବଳ ଏକ କଳ୍ପନାନୁମାନ ରୂପେହିଁ ରହିଛି ଓ ଶରୀର ତାହାକୁ ଖୁବ୍ ଭଲ ଭାବରେ ଆଦୌ ବୁଝି ପାରୁ ନାହିଁ; କାରଣ, ତାହା ଏବେ ମଧ୍ୟ ସେହି ଉପଲବ୍ଧି ଠାରୁ ବହୁ ଦୂରରେ ରହିଛି । ଏବଂ, ଶରୀର ଯାହାକୁ ବୁଝି ପାରିବାର ଦ୍ୱାରଦେଶରେ ଆସି ଉପସ୍ଥିତ ହେବ; କେବଳ ତାହାକୁହିଁ ତାହା ଯଥାର୍ଥ ଭାବରେ ବୁଝି ପାରିବ ।

ଅଗଷ୍ଟ ୧୯୫୪

✻

ଅତିମାନସ ଶରୀରର କୌଣସି ନିର୍ଦ୍ଦିଷ୍ଟ ଲିଙ୍ଗ ରହିବ ନାହିଁ, କାରଣ ସେତେବେଳେ ପ୍ରାଣିଗତ ବଂଶୋତ୍ପାଦନର ଆଉ କୌଣସି ଆବଶ୍ୟକତା ନ ଥିବ ।

ମନୁଷ୍ୟର ଦେହ କେବଳ ଆପଣାର ପ୍ରତୀକାତ୍ମକ ସୌନ୍ଦର୍ଯ୍ୟଟିକୁ ବଜାୟ ରଖିଥିବ ଏବଂ, ସେତେବେଳେ ଏହାର କେତେକ ସ୍ଥୂଳ ବହିର୍ନିବେଶିତ ଭାଗ ଯେ ଅନ୍ତର୍ହିତ ହୋଇଯିବ, ସେକଥା ବର୍ତ୍ତମାନ ମଧ୍ୟ ଅନୁମାନ କରି କୁହାଯାଇ ପାରିବ । ଉଦାହରଣ ସ୍ୱରୂପ, ପୁରୁଷର ଜନନେନ୍ଦ୍ରିୟ ଓ ନାରୀର ସ୍ତନଗ୍ରନ୍ଥିମାନ ଅନ୍ତର୍ହିତ ହୋଇଯିବ ।

ଅଗଷ୍ଟ ୧୯୫୪

✻

କେବଳ ଆପଣାରି ବାହ୍ୟ ଓ ସ୍ଥୂଳ ରୂପରେ, ତାହାର ସର୍ବାଧିକ ପରିମାଣରେ ଉପରିଭାଗସ୍ଥ ହୋଇ ରହିଥିବା ପ୍ରକଟନ କ୍ଷେତ୍ରରେହିଁ—ବିଜ୍ଞାନର

'oaob.nitrkl.ac.in' images reprocessed

ଆଧୁନିକତମ ଆବିଷ୍କାରଗୁଡ଼ିକ ଲାଗି ତଥା ଅନ୍ତରତର ଆଧ୍ୟାତ୍ମିକତା-କ୍ଷେତ୍ରର ଅନୁଭବଗୁଡ଼ିକ ଲାଗି ଯାହା ଅତ୍ୟନ୍ତ ଅବାସ୍ତବିକ ହୋଇ ରହିଛି—ସେହି ସ୍ଥୂଳ ଅନ୍ତବାହ୍ୟ ସ୍ତରରେହିଁ ଶରୀର ଦ୍ରବ୍ୟ ନୁହେଁ ବୋଲି ବୁଝାଯାଇ ପାରିବ ।

ଅଗଷ୍ଟ ୧୯୫୪

*

ହେ ଅତିମାନସ ପରମଭୂମି ଓ ପରମସତ୍ୟ, ଏକ ପ୍ରଗାଢ଼ କୃତଜ୍ଞତାରେ ଏହି ଶରୀର ସମ୍ପୂର୍ଣ୍ଣ ଭାବରେ ସ୍ପନ୍ଦନମୟ ହୋଇ ରହିଛି । ସିଏ ଯେପରି ସୁନିଶ୍ଚିତତମ ଭାବରେ ଆପଣଙ୍କ ଆଡ଼କୁହିଁ ପରିଚାଳିତ ହୋଇ ଯାଇପାରିବ, ସେଥି ଲାଗି ଆପଣ ତାହାକୁ ଗୋଟି ଗୋଟି କରି ସକଳ ଅନୁଭୂତି ପ୍ରଦାନ କରିଛନ୍ତି । ବର୍ତ୍ତମାନ ତାହା ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚିଛି, ଯେଉଁଠାରେ କି ଆପଣଙ୍କ ସହିତ ଏକାତ୍ମକତା ଲାଭ କରିବା ଯେ ତାହାର କେବଳ ଏକମାତ୍ର କାମ୍ୟବସ୍ତୁ ତା'ନୁହେଁ, ମାତ୍ର ତାହାହିଁ ଏକମାତ୍ର ସାମ୍ଭାବ୍ୟ ତଥା ସ୍ୱାଭାବିକ ବସ୍ତୁ ।

ଦୁଇ ବିପରୀତ ପ୍ରାନ୍ତରେ ଅବସ୍ଥିତ ଏହି ଅନୁଭୂତିଗୁଡ଼ିକୁ ମୁଁ କିପରି ବର୍ଣ୍ଣନା କରି କହିପାରିବି ? ଗୋଟିଏ ପାଖରେ ଥାଇ ହୁଏତ କହିବି :

"ହେ ପ୍ରଭୁ, ଆପଣଙ୍କର ଯଥାର୍ଥ ନିକଟବର୍ତ୍ତୀ ହୋଇ ରହିପାରିବା ଲାଗି, ଆପଣଙ୍କର ଯଥାର୍ଥରେ ଯୋଗ୍ୟ ହେବା ଲାଗି, ଜଣେ ବ୍ୟକ୍ତିକୁ ଉପହସିତ ହେବାର ପାତ୍ରଟିକୁ ନିଃଶେଷିତ କରି ପାନ କରିବାକୁ ପଡ଼ିବ ମାତ୍ର ତଥାପି ସିଏ କୌଣସି ପ୍ରକାରେ ଉପହସିତ ହେଉଥିବା ପରି ଅନୁଭବ କରିବ ନାହିଁ । ମନୁଷ୍ୟ ଠାରୁ ପ୍ରାପ୍ତ ହେଉଥିବା ଅପମାନ ଓ ତିରସ୍କାର ଆମକୁ ଯଥାର୍ଥରେ ମୁକ୍ତ କରିଆଣେ ଏବଂ କେବଳ ଆପଣଙ୍କର ହୋଇ ରହିବା ଲାଗି ପ୍ରସ୍ତୁତ କରିଦିଏ ।"

ଏବଂ, ଅନ୍ୟ ପ୍ରାନ୍ତଟିରୁ ମୁଁ କହିବି :

"ହେ ପ୍ରଭୁ, ଯଥାର୍ଥରେ ଆପଣଙ୍କର ନିକଟବର୍ତ୍ତୀ ଓ ଆପଣଙ୍କର ଯୋଗ୍ୟ ହୋଇ ରହିବା ଲାଗି ଜଣେ ବ୍ୟକ୍ତିକୁ ମନୁଷ୍ୟମାନଙ୍କ ଠାରୁ ପ୍ରାପ୍ତ ସମ୍ମାନ ଓ ଆଦରର ଶିଖରଦେଶକୁ ଉତ୍ତୋଳିତ ହୋଇଯିବାକୁ ପଡ଼ିବ ମାତ୍ର ତଥାପି ସିଏ ତଦ୍ୱାରା ଗୌରବାନ୍ୱିତ ହୋଇ ଯାଉଥିବା ପରି ଆଦୌ ଅନୁଭବ କରିବ ନାହିଁ । ମନୀଷୀମାନେ ଜଣକୁ ଦିବ୍ୟ ବୋଲି କହିଲେ ଯାଇ ସିଏ ଆପଣାର ଅଯଥେଷ୍ଟତାକୁ ଅନୁଭବ କରିଥାଏ ଏବଂ ଯଥାର୍ଥ ତଥା ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ସହିତ ଏକାତ୍ମକ ହୋଇ ରହିବାର ଆବଶ୍ୟକତାକୁ ହୃଦୟଙ୍ଗମ ମଧ୍ୟ କରିଥାଏ ।"

'oaob.nitrkl.ac.in' images reprocessed

ଏହି ଦୁଇଟିଯାକ ଅନୁଭୂତ ପରସ୍ପରର ଯୁଗପତ୍ ଭାବରେ ରହିଥାନ୍ତି : ଗୋଟିଏ ଅନ୍ୟଟିକୁ କଦାପି ମ୍ଳାନ କରି ପକାଏ ନାହିଁ । ବରଂ ଦୁହେଁ ଦୁହିଁଙ୍କୁ ପରିପୂର୍ଣ୍ଣତା ଆଣି ଦିଅନ୍ତି ଏବଂ ତଦ୍ଦ୍ୱାରା ଅଧିକ ପ୍ରଗାଢ଼ତା ଲାଭ କରନ୍ତି । ସେହି ପ୍ରଗାଢ଼ତା ମଧ୍ୟରେ ଅଭୀପ୍ସା ଦୁର୍ଜେୟ ହୋଇ ବିକଶିତ ହୋଇ ଆସେ ଏବଂ ତାହାର ପ୍ରତିସ୍ପନ୍ଦନ ସ୍ୱରୂପ କୋଷଗୁଡ଼ିକରେ ମଧ୍ୟ ଆପଣଙ୍କର ପରମ ଉପସ୍ଥିତି ପ୍ରତ୍ୟକ୍ଷ ହେବାକୁ ଆରମ୍ଭ କରେ ଏବଂ, ତାହା ଶରୀରକୁ ଏପରି ଏକ ବହୁବର୍ଣ୍ଣୀ ବହୁମୂର୍ତ୍ତି ପ୍ରଦର୍ଶକ ଯନ୍ତ୍ରର ରୂପଟିକୁ ଆଣି ପ୍ରଦାନ କରେ, ଯେଉଁଥିରେ କି ଏକ ଅଦୃଶ୍ୟ ଏବଂ ସର୍ବଶକ୍ତିଶାଳୀ ହସ୍ତ ଦ୍ୱାରା ସତତ ଗତିଶୀଳ ଅଗଣିତ ଜ୍ୟୋତିର୍ମୟ କଣା ନିରଙ୍କୁଶ ଶକ୍ତି ସହିତ ପୁନର୍ସଂଗଠିତ ହେବାରେ ଲାଗିଥାନ୍ତି ।

ଅଗଷ୍ଟ ୧୯୫୪

'oaob.nitrkl.ac.in' images reprocessed

## ଦ୍ୱିତୀୟ ଭାଗ

# କଥୋପକଥନ

'oaob.nitrkl.ac.in' images reprocessed

# ୩୦ ଡିସେମ୍ବର ୧୯୫୦

"ଦୂରଦୃଷ୍ଟି" ଶୀର୍ଷକରେ ଲିଖିତ ମା'ଙ୍କର ପ୍ରବନ୍ଧଟି
(ଶତବାର୍ଷିକୀ ସଂସ୍କରଣ, ୧୨ଶ ଖଣ୍ଡ, ପୃଷ୍ଠା ୬୬-୬୯)
ଉପରେ ଏହି ପ୍ରବଚନଟି ଆଧାରିତ ।

"ନିୟତି ବିଷୟରେ ପୂର୍ବଜ୍ଞାନ ଲାଭ କରିବା ! ଏଥି ଲାଗି କେତେ ମନୁଷ୍ୟ ପ୍ରୟାସ କରିଛନ୍ତି, କେତେକେତେ ସିଦ୍ଧାନ୍ତମତର ବ୍ୟାଖ୍ୟା କରାଯାଇଛି, ତତ୍ତ୍ୱାନୁମାନର କେତେ କେତେ ବିଜ୍ଞାନର ସୃଜନ ଏବଂ ବିକାଶ ହୋଇଛି, ମାତ୍ର ସେଗୁଡ଼ିକ ସବୁଯାକ ଧୂର୍ତ୍ତତା ଅଥବା ଅନ୍ଧବିଶ୍ୱାସର ଅପବାଦ ନେଇ କେବଳ ନଷ୍ଟଭ୍ରଷ୍ଟ ହୋଇ ନ ଯାଇଛନ୍ତି! ଏବଂ ନିୟତି ସର୍ବଦା ସକଳ ପୂର୍ବାନୁମାନ ଲାଗି ଏପରି ଅସାଧ୍ୟ ହୋଇ ରହିଛି କାହିଁକି ? ଯାବତୀୟ ବସ୍ତୁ ଅବଶ୍ୟମ୍ଭାବୀ ଭାବରେ ପୂର୍ବନିରୂପିତ ହୋଇ ରହିଛି ବୋଲି ପ୍ରତିପାଦିତ ହୋଇ ସାରିଥିବା ସତ୍ତ୍ୱେ ଏପରି କିପରି ହେଉଛି ଯେ ଏହି ପୂର୍ବ ନିର୍ଦ୍ଦେଶବାଦକୁ ସେପରି ସୁନିଶ୍ଚିତ ଭାବରେ ଜାଣିବାରେ କେହି ସଫଳତା ଲାଭ କରି ପାରୁ ନାହାନ୍ତି ?"

ଦୂରଦୃଷ୍ଟି ଲାଭ କରିବାର ଅର୍ଥ ହେଉଛି ପୂର୍ବରୁହିଁ ଦେଖିବା ଲାଗି ସମର୍ଥ ହେବା; ମାତ୍ର, ଆସନ୍ତାକାଲି କ'ଣ ଘଟିବାକୁ ଯାଉଛି, ତୁମେ ମୋତେ ସେକଥା ଆଜି କହି ପାରିବ କି ? ତୁମେ ତାହା ପାରିବ ବୋଲି ମୁଁ ଆଦୌ ଭାବୁ ନାହିଁ । ଅବଶ୍ୟ ତୁମେ କହିପାରିବ ଯେ ଆମେ କାଲି ଶୋଇବା, ଖାଇବା, ଇତ୍ୟାଦି ଇତ୍ୟାଦି—ଏହିପରି କେତୋଟି ସାଧାରଣ କଥା କହିପାରିବ । ମାତ୍ର, ଅପ୍ରତ୍ୟାଶିତ ଭାବରେ କିଛି ଘଟିବ କି ନାହିଁ, ତୁମେ ସେକଥା କହି ପାରିବ ନାହିଁ । କାହିଁକି କହିଲ ? କେହି ଜଣେ ବ୍ୟକ୍ତି କହିଛନ୍ତି, "ଏଥି ଲାଗି ଏକ ବିଶେଷ ଚକ୍ଷୁର

'oaob.nitrkl.ac.in' images reprocessed

ପ୍ରୟୋଜନ ରହୁଛି ।" ଆଦୌ କୌଣସି ପ୍ରତିରୂପ ଗ୍ରହଣ ନ କରି ମଧ୍ୟ ପୂର୍ବଦୃଷ୍ଟି ସମ୍ଭବ ହୋଇ ପାରିବ । ମାନସିକ ଜ୍ଞାନଲାଭ ହେବ, ମାତ୍ର ପ୍ରତିରୂପ ନ ଥିବ । ସାଧାରଣତଃ ଅନାଗତ ଦ୍ରଷ୍ଟାମାନେ ସେଥି ଲାଗି ସମର୍ଥ ହୋଇଥାନ୍ତି—ସବୁବେଳେ ନୁହେଁ, ମାତ୍ର ଅନେକ ସମୟରେ ସମର୍ଥ ହୋଇଥାନ୍ତି । ମୁଁ ଖାଲି ନାହିଁ ଯେ ଏକଥା କହିଲାବେଳେ ତୁମେ ଗ୍ରୀକ୍ ପୁରାଣକଥାର ସେହି ଏକ ଆଖିଆ ଦୈତ୍ୟ-ମାନଙ୍କ ପରି କପୋଳ ମଝିରେ ଆଉଗୋଟିଏ ଅଧିକ ଆଖିଥିବାର କଳ୍ପନା କରୁଛ । ନାହିଁ—ତୁମେମାନେ ନିଶ୍ଚୟ ଏକ ଅନ୍ତର୍ଚକ୍ଷୁର କଳ୍ପନା କରୁଛ, ଯାହା ହେଉଛି ଏକ ଅନ୍ୟ ଜଗତର ସମ୍ପଦ । ଏହି ଚକ୍ଷୁ ଦ୍ୱାରା ସାଧାରଣତଃ ଜଡ଼ବସ୍ତୁଗୁଡ଼ିକ ଦୃଷ୍ଟିଗୋଚର ହୁଏ ନାହିଁ; ବା, ଦେଖି ହେଲେ ମଧ୍ୟ ଏକ ଅତ୍ୟନ୍ତ ବିଶେଷ ପ୍ରକାରରେ ଦେଖି ହୁଏ । ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ କି ଦୂରରେ ଥାଇ ମଧ୍ୟ ଆଉ ଗୋଟିଏ ଦେଶରେ କିଂବା ଦୂରସ୍ଥ ଆଉ ଗୋଟିଏ ସ୍ଥାନରେ କ'ଣ ଘଟୁଛି, ତାହାକୁ ଦେଖି ପାରନ୍ତି ।

ଏହିସବୁ ବସ୍ତୁ କ'ଣ ଚୈତ୍ୟ-ଚକ୍ଷୁ ଦ୍ୱାରା ଦୃଷ୍ଟିଗୋଚର ହୋଇଥାନ୍ତି ?

ନା — ଚୈତ୍ୟଚକ୍ଷୁ ସାଧାରଣତଃ ଜଡ଼ବସ୍ତୁଗୁଡ଼ିକ ସହିତ ନିଜକୁ ସଂପୃକ୍ତ କରି ରଖି ନ ଥାଏ ।

ତେବେ ଏହାକୁ ମନୋମୟ ଭୂମିର ଦେଖିବା ବୋଲି କୁହାଯିବ ନାହିଁ କି ?

ହଁ, ସେପରି କୁହାଯାଇ ପାରେ, ମାତ୍ର ସେହି କ୍ଷେତ୍ରରେ ତୁମେ ଦେଖୁଥିବା ସ୍ଥାନରେ ବାସ କରୁଥିବା ବ୍ୟକ୍ତିମାନଙ୍କର ଭାବନାଗୁଡ଼ିକୁହିଁ ଗ୍ରହଣ କରିଥାଅ; କାରଣ, ସେହି ସ୍ଥାନରେ ଯାହାସବୁ ଘଟୁଥାଏ, ଏହି ବ୍ୟକ୍ତିମାନେ ସେସବୁ ବିଷୟରେ ନିଜର ଭାବନାଗୁଡ଼ିକୁହିଁ ପ୍ରତିଫଳିତ କରାଇ ଦେଉଥାନ୍ତି ।

ସାଧାରଣତଃ, "ପୂର୍ବନିର୍ଦ୍ଦେଶ ବାଦ" କହିଲେ କାରଣ ଏବଂ କାର୍ଯ୍ୟର ଏକ ତର୍କସିଦ୍ଧ ଅବିଚ୍ଛିନ୍ନତାକୁହିଁ ବୁଝାଇଥାଏ; ଯଦି ତୁମେ କୌଣସି କାର୍ଯ୍ୟକୁ କରିବାକୁ ଯାଅ, ତେବେ ସେଥିରୁ ଏକ ନିର୍ଦ୍ଦିଷ୍ଟ ପରିଣାମ ନିଷ୍ପନ୍ନ ହୋଇ ଆସିଥାଏ । ଉଦା-ହରଣସ୍ୱରୂପ, ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଖାଦ୍ୟ ଗ୍ରହଣ କରୁଥାଅ, ତେବେ

'oaob.nitrkl.ac.in' images reprocessed

ତାହାର ଫଳସ୍ୱରୂପ ତୁମେ ଅସୁସ୍ଥତା ଭୋଗ କର । କୌଣସି ବିଷକୁ ଖାଇଲେ ତୁମର ମୃତ୍ୟୁ ଘଟେ, ଇତ୍ୟାଦି, ଇତ୍ୟାଦି । କିନ୍ତୁ, ଅନେକ ସମୟରେ ଏପରି ଘଟିଥାଏ ଯେ କେତେକ ପୂର୍ବନିର୍ଦ୍ଦେଶର ପରିଣାମ ଆଉକେତେକ ଅନେକ ପୂର୍ବ-ନିର୍ଦ୍ଦେଶର ପରିଣାମକୁ ଖଣ୍ଡନ କରିଦେଇଥାଏ ।

> "ଏଠାରେ ମଧ୍ୟ ଯଥାର୍ଥ ସମାଧାନଟି ଯୋଗରେହିଁ ପ୍ରାପ୍ତ ହୋଇଥାଏ । ଏବଂ, ଯୋଗସାଧନା ଦ୍ୱାରା ଆମେ ଯେ ନିୟତିକୁ ଆଗରୁ ଦେଖି ପାରିବା ତା'ନୁହେଁ, ଆମେ ସେଥିରେ ଗତି ପରିବର୍ତ୍ତନ ମଧ୍ୟ କରାଇ ପାରିବା, ଏପରି କି ତାହାକୁ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେଇ ପାରିବା । ସର୍ବପ୍ରଥମ କଥା ହେଉଛି, ଯୋଗ ଆମକୁ ଏହି ଶିକ୍ଷା ଦେଇଥାଏ ଯେ, ଆମେ କେହି ବିଚ୍ଛିନ୍ନ ଭାବରେ ଏକ ଏକକ ସତ୍ତା ନୋହୁଁ,—ଏପରି ଏକ ସରଳ ସତ୍ତା ନୋହୁଁ, ଯାହାରିକି ଅବିସମ୍ବାଦିତ ଭାବରେ ସରଳ ଏବଂ ତର୍କସିଦ୍ଧ କେବଳ ଗୋଟିଏ ନିୟତିହିଁ ରହିଛି । ବରଂ ଆମକୁ ସ୍ୱୀକାର କରିବାକୁ ହେବ ଯେ, ଅଧିକାଂଶ ମନୁଷ୍ୟଙ୍କର ନିୟତି ହେଉଛି ଏକ ଜଟିଳ ବହୁଗ୍ରନ୍ଥିଯୁକ୍ତ ନିୟତି,—ଏତେ ଜଟିଳ ଯେ ସେଥିରେ ଅନେକ ଅସଙ୍ଗତି ମଧ୍ୟ ନିହିତ ହୋଇ ରହିଥାଏ । ଏହି ବହୁଗ୍ରନ୍ଥିଯୁକ୍ତତାହିଁ କ'ଣ ପ୍ରକୃତରେ ଆମକୁ ଏହି କ୍ଷେତ୍ରରେ ଅପ୍ରତ୍ୟାଶିତତା, ଅନିର୍ଦ୍ଦେଶ୍ୟତା ଏବଂ ଫଳରେ ଅନନୁମେୟତାର ଧାରଣା ଆଣି ଦେଇ ନ ଥାଏ କି ?"

ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ନିୟତି ଅତ୍ୟନ୍ତ ଜଟିଳ; ସେଥିସକାଶେ ଏପରି ଧାରଣା ହୋଇଥାଏ ଯେ, ସେମାନଙ୍କର ଜୀବନରେ ଯାହାସବୁ ଘଟେ, ତାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଏବଂ ଆକସ୍ମିକ ଭାବରେ ଘଟିଥାଏ । ଅବଶ୍ୟ ଏକଥା ସତ ଯେ ସାଧାରଣ ବୋଧଗମ୍ୟତାର ଅତିରିକ୍ତ ଅନ୍ୟକୌଣସି ଉପାୟ ଦ୍ୱାରା ଜଣେ ଯଦି ତାହାକୁ "ଦେଖି" ପାରୁଥାଏ. ତେବେ ତାହା ଅନ୍ୟପ୍ରକାର କଥା ହୋଇଥାଏ ।

'oaob.nitrkl.ac.in' images reprocessed

"ଏହି ସମସ୍ୟାଟିର ସମାଧାନ କରିବାକୁ ହେଲେ ଆମକୁ ଜାଣିବାକୁ ହେବ ଯେ, ପ୍ରଥମତଃ, ଜୀବନଧାରୀ ସକଳ ପ୍ରାଣୀ, ଅପେକ୍ଷାକୃତ ଅଧିକ ବିଶେଷ ଭାବରେ ମନୁଷ୍ୟ-ମାନେ ଏପରି ଏକାଧିକ ସତ୍ତାବସ୍ତୁ ଗୁଡ଼ିକର ଏକତ୍ରୀକରଣ ଦ୍ୱାରା ତିଆରି ହୋଇଛନ୍ତି, ଯେଉଁଗୁଡ଼ିକ କି ପରସ୍ପର ସହିତ ଆସି ଏକଜ ହେଉଛନ୍ତି, ପରସ୍ପର ଭିତରକୁ ପ୍ରବେଶ କରୁଛନ୍ତି, ବେଳେ ବେଳେ ଆପଣାକୁ ସଙ୍ଗଠିତ କରି ନେଉଛନ୍ତି ଓ ପରସ୍ପରର ପରିପୂରକ ହୋଇ ରହିଛନ୍ତି । ଆଉ ବେଳେ ବେଳେ ସେମାନେ ପରସ୍ପରର ବିରୋଧ କରୁଛନ୍ତି, ପରସ୍ପରର ବିପରୀତ ହୋଇ କ୍ରିୟା କରୁଛନ୍ତି ।"

ଏକ "ସତ୍ତାବସ୍ତୁ"କୁ ଏକ ବ୍ୟକ୍ତିତ୍ୱ ବା ଏକ ବ୍ୟକ୍ତିସତ୍ତା ବୋଲି ବୁଝାଯିବ । ଆମ ପ୍ରତ୍ୟେକଙ୍କ ମଧ୍ୟରେ ଏପରି ଅନେକ "ବ୍ୟକ୍ତିସତ୍ତା" ରହିଛନ୍ତି । ଏହି ବ୍ୟକ୍ତିସତ୍ତା-ମାନେ ପରସ୍ପର ସହିତ ସହମତ ଓ ଅନୁପୂରକ ହୋଇ ରହିପାରିଲେ ସେଇଥିରୁହିଁ ଏକ ମନୁଷ୍ୟସତ୍ତା ସମ୍ଭବ ହୁଅନ୍ତା, ଏକ ସମୃଦ୍ଧ ଏବଂ ବହୁପ୍ରସ୍ଥଯୁକ୍ତ "ବ୍ୟକ୍ତି" ସମ୍ଭବ ହୁଅନ୍ତା । ମାତ୍ର ସାଧାରଣତଃ ସେପରି ଆଦୌ ଘଟି ନ ଥାଏ । ଏହିସବୁ ବ୍ୟକ୍ତିଭାବ ପରସ୍ପର ସହିତ ଆଦୌ ସହମତ ହୋଇ ପାରନ୍ତି ନାହିଁ । ଉଦାହରଣ ସ୍ୱରୂପ, ସେଥି ମଧ୍ୟରୁ ଗୋଟିଏ ହୁଏତ କିଛି ଅଗ୍ରଗତି କରିବ ବୋଲି ଇଚ୍ଛା କରୁଥାଏ, ତାହା ଅଧିକରୁ ଅଧିକ ପୂର୍ଣ୍ଣତା ଲାଭ କରିବ ବୋଲି ଇଚ୍ଛା କରୁଥାଏ, ବସ୍ତୁଗୁଡ଼ିକ ସମ୍ବନ୍ଧରେ ଏକ ଗଭୀରତର ଜ୍ଞାନ ଲାଭ କରିବାକୁ, ଅଧିକରୁ ଅଧିକ ଉପଲବ୍ଧି କରିବାକୁ ଏବଂ ସତ୍ତାର ପରିପୂର୍ଣ୍ଣତା ଆଡ଼କୁ ଅଗ୍ରସର ହେବାକୁ ଇଚ୍ଛା କରୁଥାଏ । ଏବଂ, ଅପର ପକ୍ଷରେ, ଆଉ ଗୋଟିଏ ହୁଏତ କେବଳ ମଜାରେ ରହିବ ବୋଲି ଓ ଜୀବନକୁ ଅଧିକରୁ ଅଧିକ ପରିମାଣରେ ଉପଭୋଗ କରିବ ବୋଲି ହୁଏତ ଇଚ୍ଛା କରୁଥାଏ । ତେଣୁ ବ୍ୟକ୍ତି ହୁଏତ ଆଜି ଏଇଟିକୁ କରେ ତ କାଲି ସେଇଟିକୁ କରେ । ଯଦି ବ୍ୟକ୍ତିଭାବଗୁଡ଼ିକ ପରସ୍ପର ସହିତ ସଂଗତି ନ ରଖନ୍ତି, ତେବେ ବ୍ୟକ୍ତିର ଜୀବନ ଅତ୍ୟନ୍ତ ଅସଙ୍ଗତିପୂର୍ଣ୍ଣ ହୋଇପଡ଼େ, — ଏବଂ ଏପରି ଘଟିବା ଆଦୌ ଅସ୍ୱାଭାବିକ ନୁହେଁ । ବସ୍ତୁତଃ, ଏହା ଅତ୍ୟନ୍ତ ସାଧାରଣ ଭାବରେ ଦୃଷ୍ଟିଗୋଚର ହୋଇଥାଏ ।

"ଏହି ସକଳ ସତ୍ତା ବା ସତ୍ତାସ୍ଥିତି ଆପଣା ଆପଣାର ଏକ

'oaob.nitrkl.ac.in' images reprocessed

> ସ୍ୱକୀୟ ଜଗତରେ ବାସ କରୁଥାନ୍ତି ଏବଂ ନିଜ ଭିତରେ ନିଜର ନିଯୁକ୍ତିଟିକୁ ମଧ୍ୟ ବହନ କରୁଥାନ୍ତି, ନିଜର ପୂର୍ବନିର୍ଦ୍ଦେଶିତକୁ ବହନ କରିଥାନ୍ତି । ଏବଂ, ଏହି ସବୁଯାକ ପୂର୍ବନିର୍ଦ୍ଦେଶିତ ଏକାଠି ହୋଇ ଏକ ବହୁମିଶ୍ରିତ ସମଷ୍ଟିକୁ ତିଆରି କରିଥାନ୍ତି, ଯାହାକି ପରିଣାମତଃ ଜଣେ ବ୍ୟକ୍ତିର ନିଯୁକ୍ତିରୂପେ ପ୍ରକଟିତ ହେବାରେ ଲାଗିଥାଏ ।"

ଜଣେ ବ୍ୟକ୍ତି ମଧ୍ୟରେ ଏକାଧିକ ବହୁସଂଖ୍ୟକ ବ୍ୟକ୍ତିତ୍ୱ ଥାଇପାରେ, — ଉଦାହରଣ ସ୍ୱରୂପ ସେହିପରି ଦଶଟି ବା କୋଡ଼ିଏଟି ବ୍ୟକ୍ତିତ୍ୱ ଥାଇପାରେ — ଏବଂ ପ୍ରତ୍ୟେକଟିର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ନିଯୁକ୍ତି ମଧ୍ୟ ରହିଥାଏ । ଜଡ଼ସ୍ଥୂଳ ଜଗତରେ ବ୍ୟକ୍ତି ସତ୍ତା କହିଲେ ଏକ ଶରୀରକୁ ବୁଝାଏ ; ତେଣୁ, ଏକ ମନୁଷ୍ୟ ଶରୀରରେ ମଧ୍ୟ ଅନେକ ବ୍ୟକ୍ତିସତ୍ତା ବାସ କରୁଥା'ନ୍ତି ଏବଂ ପ୍ରତ୍ୟେକଟିର ସ୍ୱତନ୍ତ୍ର ନିଯୁକ୍ତିମାନ ରହିଥାଏ । ଏପରି କ୍ଷେତ୍ରରେ ପ୍ରକୃତରେ କ'ଣ ଘଟେ ? ଏହିସବୁ ବ୍ୟକ୍ତିସତ୍ତା ପରସ୍ପର ସହିତ ଅନୁକୂଳିତ ହୋଇ ମୋଟେ ଚଳି ପାରନ୍ତି ନାହିଁ ଏବଂ ତେଣୁ କେତେକେତେ ଦ୍ୱନ୍ଦ୍ୱ, ବିବାଦ ଓ ଅନ୍ତର୍ଗତ ବିଶୃଙ୍ଖଳା ଲାଗି ରହିଥାଏ । ସେମାନଙ୍କ ମଧ୍ୟରୁ ଯେଉଁଟି ସବୁଠାରୁ ଅଧିକ ବଳବାନ୍, ସେଇଟି ଅନ୍ୟମାନଙ୍କ ଉପରେ ପ୍ରତିପତ୍ତି ଜାରି କରି ରହିଥାଏ ; ତାହା ଅନ୍ୟମାନଙ୍କ ଉପରେ କେବଳ ଯେ ପ୍ରଭାବ ଜାରି କରି ରହିଥାଏ ତା' ନୁହେଁ, ମାତ୍ର, ସେମାନେ ଯେପରି ପ୍ରତିବାଦ ବା ବିଦ୍ରୋହ କରି ନ ପାରିବେ, ସେଥି ଲାଗି ସେମାନଙ୍କୁ ଦବାଇ ଦେଇ ରଖିଥାଏ । ତେଣୁ, ପରିଶେଷରେ, ସେହି ଦୁର୍ଭାଗ୍ୟ ଏକକଗୁଡ଼ିକ, ସେହି ଅବଦମିତ ବ୍ୟକ୍ତିଭାବଗୁଡ଼ିକ ଶୋଇବାକୁ ଚାଲିଯାଆନ୍ତି । ସେମାନେ ନିଜର ସମୟ ଆସିବା ଯାଏ ଅପେକ୍ଷା କରନ୍ତି ଏବଂ, ସେହି ସମୟଟି ଆସି ପହଞ୍ଚିଲେ, ସେମାନେ ହଠାତ୍ ଉଠି ଠିଆ ହୋଇ ଯାଆନ୍ତି ଏବଂ ବାହାରି ଆସନ୍ତି ଓ ସବୁକିଛିକୁ ଓଲଟାଇ ଦିଅନ୍ତି । ଯଦି ଏହିପରି ଅନେକ ସମୟରେ ଘଟେ, ତେବେ ସମ୍ପୃକ୍ତ ବ୍ୟକ୍ତିର ଜୀବନ ଘୋର ବିଶୃଙ୍ଖଳା ପୂର୍ଣ୍ଣ ହୋଇଯାଏ । ସିଏ ହୁଏତ ଆଜି ଗୋଟିଏ କଥା କରେ ତ କାଲି ଆଉ ଗୋଟିଏ କଥା କରୁଥାଏ । ଏହିପରି ଲାଗି ରହିଥାଏ ।

ଏପରି କହିବାକୁ ମୁଁ ଆଦୌ ଠିକ୍ ବୋଲି ମନେ କରୁ ନାହିଁ ଯେ, ଯଦି କୌଣସି ବ୍ୟକ୍ତି ମଧ୍ୟରେ କିଛି ଜଟିଳତା ନ ଥାଏ, ତେବେ ଆମେ ତାହାକୁ "ସମଞ୍ଜସତାଯୁକ୍ତ" ବୋଲି କହିପାରିବା । ଯେଉଁ ବ୍ୟକ୍ତିମାନଙ୍କ ମଧ୍ୟରେ ଏପରି ଭ୍ରମାତ୍ମକ ସମଞ୍ଜସତା ରହିଥାଏ, ସେମାନେ ସାଧାରଣତଃ ଜଡ଼ଗତ ଜୀବନ ମଧ୍ୟରେ

26

'oaob.nitrkl.ac.in' images reprocessed

ଭାର ଗଭୀର ଭାବରେ ବୁଡ଼ି କରି ରହିଥା'ନ୍ତି ; ଫଳରେ ଏତେ ଟିକିଏ ଅପ୍ରୀତିକରତା ଘଟିବା ମାତ୍ରକେ ସେମାନେ ସଂପୂର୍ଣ୍ଣ ଭାବରେ ବ୍ୟସ୍ତ ଓ ବିକଳ ହୋଇ ପଡ଼ନ୍ତି, କାରଣ ସେମାନଙ୍କ ପାଖରେ ଆଉ ଅଧିକ କିଛି ହେଲେ ନ ଥାଏ । ନାହିଁ,— ଜଣେ ଯଥାର୍ଥରେ ସମନ୍ୱୟସତ୍ତାଯୁକ୍ତ ବ୍ୟକ୍ତି କହିଲେ ଅନ୍ତର୍ଗତ ବ୍ୟକ୍ତି ବିଭାଗଗୁଡ଼ିକର ଏକ ସଚେତନ ସୁବିନ୍ୟାସକୁହିଁ ବୁଝାଇଥାଏ । ଏହି ସୁବିନ୍ୟାସ ଜନ୍ମ ପୂର୍ବରୁ ହୁଏତ ସ୍ୱତଃସ୍ଫୂର୍ତ୍ତି ଭାବରେ ସଂଘଟିତ ହୋଇ ସାରିଥାଏ । ମାତ୍ର ସେକଥା ଅତ୍ୟନ୍ତ ବିରଳ କ୍ଷେତ୍ରରେ ଦୃଷ୍ଟ ହୁଏ । ସେହି ସୁବିନ୍ୟାସ ପରେ ମଧ୍ୟ ସମ୍ଭବ ହୁଏ, ଏକ ଶୃଙ୍ଖଳା ଓ ସମୁଚିତ ଶିକ୍ଷା ଦ୍ୱାରା ସମ୍ଭବ ହୁଏ । ମାତ୍ର, ଏହି ଉଦ୍ୟମରେ ସଫଳତା ଲାଭ କରିବାକୁ ହେଲେ ଆମକୁ ସଚେତନ ଭାବରେ ଚୈତ୍ୟସତ୍ତାକୁହିଁ କେନ୍ଦ୍ର ରୂପେ ସ୍ୱୀକାର କରିନେବାକୁ ହୋଇଥାଏ ଏବଂ ତାହାରି ଚାରି ପାଖରେ ବିଭିନ୍ନ ବ୍ୟକ୍ତି-ବିଭାବଗୁଡ଼ିକୁ ସଂଗଠିତ ଏବଂ ସମନ୍ୱିତ କରି ଆଣିବାକୁ ହୁଏ । ଏହିପରି ଏକ ଅବିରତ ଚେଷ୍ଟା ଦ୍ୱାରାହିଁ ଯଥାର୍ଥ ସମନ୍ୱୟସତ୍ତା ଓ ଅନ୍ତର୍ଗତ ସଂଗଠନ ସମ୍ଭବ ହୋଇଥାଏ ।

> "ମାତ୍ର, ବ୍ୟକ୍ତିଗତ ଶୃଙ୍ଖଳା ତଥା ଇଚ୍ଛାଶକ୍ତିର ଉଦ୍ୟମ ଦ୍ୱାରା ଏହି ଯାବତୀୟ ବସ୍ତୁସତ୍ତାର ସଂଗଠନ ଏବଂ ସମ୍ବନ୍ଧରେ ପରିବର୍ତ୍ତନ ଘଟାଇବା ସମ୍ଭବ ହେଉ ଥିବାରୁ ଏବଂ ଏହି ବିଭିନ୍ନ ପୂର୍ବନିର୍ଦ୍ଧାରିତଗୁଡ଼ିକ ଚେତନାଗତ ସଂକେନ୍ଦ୍ରଣ ଅନୁସାରେ ପରସ୍ପର ଉପରେ ଭିନ୍ନଭିନ୍ନ ପ୍ରକାରେ କ୍ରିୟା କରୁଥିବାରୁ, ସେଗୁଡ଼ିକର ସମ୍ମିଳନ ନିରନ୍ତର ବଦଳି ଯିବାରେ ଲାଗିଥାଏ ଓ ତେଣୁ ଅନନୁମେୟ ହୋଇ ରହିଥାଏ ।"

ଗଣିତଶାସ୍ତ୍ରରେ ବେଳେବେଳେ ବହୁ ସଂଖ୍ୟକ ସଂଖ୍ୟାକୁ ନେଇ ସେଗୁଡ଼ିକ ଦ୍ୱାରା ସମ୍ଭବ ହୋଇ ପାରୁଥିବା ଯାବତୀୟ ସମୁଚ୍ଚୟକୁ ବାହାର କରିବା ଲାଗି ଉଦ୍ୟମ କରିବାକୁ ହୋଇଥାଏ । ହଠାତ୍ ସେଗୁଡ଼ିକୁ ଦେଖିବା ମାତ୍ରକେ ସେପରି କରିବା ଅସମ୍ଭବ ବୋଲି ମନେହୁଏ; କାରଣ ସଂଖ୍ୟାଗୁଡ଼ିକ ଏତେ ଅଧିକ ସଂଖ୍ୟାରେ ରହିଥା'ନ୍ତି ଯେ ସେଗୁଡ଼ିକୁ ପ୍ରକାଶ କରି ହେଉ ନ ଥାଏ । ସେହିପରି ଭାବରେ, ଯଦି ଏହିପରି ବହୁ ସଂଖ୍ୟକ ନିୟତି ରହିଥା'ନ୍ତି, ଯେଉଁଗୁଡ଼ିକ କ୍ରମ ଭିତରେ ଆସି ଏକତ୍ର ହୋଇ ଥାଆନ୍ତି ଏବଂ, କୌଣସି ସମୟରେ ସତ୍ତାର କେଉଁ ଅଂଶଟି ପ୍ରାଧାନ୍ୟ ବିସ୍ତାର କରିପାରୁଛି, ତାହାରି ଅନୁସାରେ ଭିନ୍ନଭିନ୍ନ ସମୁଚ୍ଚୟ ରୂପେ ଆବିର୍ଭାବ

'oaob.nitrkl.ac.in' images reprocessed

ହେଉଥା'ନ୍ତି, ଯଦି ସେତେବେଳେ ତୁମେ କ'ଣ ଘଟିବାକୁ ଯାଉଛି, ତାହାର ଏକ ପୂର୍ବାନୁମାନ କରିବାର ପ୍ରୟାସ କର, ତେବେ ତାହା ପ୍ରକୃତରେ ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ଚେତନାଗତ ନାନା ସ୍ଥିତିର କ୍ଷେତ୍ରରେ ମଧ୍ୟ ଠିକ୍ ସେଇକଥା ଘଟେ । ଗୋଟିଏ ନିଷ୍ପତ୍ତି ଜଣେ ବ୍ୟକ୍ତିର ପ୍ରତିନିଧିତ୍ୱ କରୁଥାଏ ; ସେଗୁଡ଼ିକ ସମସ୍ତେ ପରସ୍ପର ଉପରେ ପ୍ରତିକ୍ରିୟା ପକାଉଥାନ୍ତି ଏବଂ ସେଥିରୁ ପରିଣାମତଃ ଯେଉଁଗୋଟି ଘଟନା ଘଟିବାର ସମ୍ଭାବନା ରହିଥାଏ, ତାହାର ସଂଖ୍ୟା ପ୍ରକୃତରେ ଭୟପ୍ରଦ ହୋଇ ରହିଥାଏ । ତେବେ ତୁମେ ପୂର୍ବରୁ ଏଗୁଡ଼ିକୁ ଜାଣିପାରିବ କିପରି ? ବିଶ୍ୱର "ବିଧାନ"ଗୁଡ଼ିକ ସର୍ବଦା ସ୍ୱାଧୀନ ଭାବରେ କ୍ରିୟା କରୁଥା'ନ୍ତି ଏବଂ ବିଶ୍ୱର ରଚନାରେ ତାହାକୁହିଁ ପ୍ରକୃତ "ରହସ୍ୟ" ବୋଲି କୁହାଯିବ ।

"ଜୀବନ ବଞ୍ଚିବାର କଳା କହିଲେ ତେଣୁ ଆପଣାକୁ ନିଜ ଚେତନାର ସର୍ବୋଚ୍ଚ ସ୍ଥିତିରେ ନେଇ ସ୍ଥାପିତ କରି ରଖିବାକୁ ଏବଂ ଜୀବନ ତଥା କର୍ମରେ ନିଜର ସର୍ବୋଚ୍ଚ ନିଯୁକ୍ତିକୁହିଁ ଅନ୍ୟମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରି ରହିବା ଲାଗି ବାଟ ଛାଡ଼ିଦେବାକୁହିଁ ବୁଝାଇବ । ତେଣୁ, ଭୁଲ୍ କରିବାର କୌଣସି ଅବକାଶ ନ ରଖି ଆମେ ଏପରି କହି ପାରିବା : ତୁମେ ନିଜ ଚେତନାର ସର୍ବୋଚ୍ଚ ଶିଖରରେ ଯାଇ ରହିଥିବ ଏବଂ ତେବେ ତୁମର ଜୀବନରେ ସର୍ବଦା ସର୍ବୋତ୍ତମହିଁ ଘଟିବ । ମାତ୍ର ତାହା ହେଉଛି ଏକ ଅଧିକତମ ଉପଲବ୍ଧିର ଅବସ୍ଥା ଏବଂ ତାହାକୁ ଆଦୌ ସହଜରେ ସମ୍ଭବ କରି ହେବ ନାହିଁ । ଯଦି ସେହି ଆଦର୍ଶ ଅବସ୍ଥାଟିକୁ କେବେହେଲେ ଉପଲବ୍ଧି କରି ହେବ ନାହିଁ ବୋଲି ସାବ୍ୟସ୍ତ ହୋଇଯାଏ, ତେବେ ଜଣେ ବ୍ୟକ୍ତି ଅନ୍ତତଃ, ଯେତେବେଳେ ସେ କୌଣସି ବିପଦ ଅଥବା ସଂକଟମୟ ଅବସ୍ଥାର ସମ୍ମୁଖୀନ ହେଉଛି, ଆପଣାର ଅଭୀପ୍ସା, ପ୍ରାର୍ଥନା ଏବଂ ଦିବ୍ୟ ଇଚ୍ଛା ପାଖରେ ପୂର୍ଣ୍ଣ ବିଶ୍ୱାସର ସହିତ ସମର୍ପଣ ଦ୍ୱାରା ନିଜର ସର୍ବୋଚ୍ଚ ନିଯୁକ୍ତିକୁ ଆବାହନ କରି ଆଣିପାରିବ । ତେବେ, ତା' ଆବାହନର ଆନ୍ତରିକତାର ଅନୁପାତରେ

ଏହି ଉଚ୍ଚତର ନିୟତି ସମସ୍ତ ସାଧାରଣ ନିୟତିଟିର କ୍ଷେତ୍ରକୁ ଆସି ଅନୁକୂଳ ଭାବରେ ହସ୍ତକ୍ଷେପ କରିପାରିବ ଏବଂ ଘଟଣାଗୁଡ଼ିକ ତାକୁ ବ୍ୟକ୍ତିଗତ ଭାବରେ ଯେପରି ପ୍ରଭାବିତ କରୁଥିବେ, ସେହି କ୍ଷେତ୍ରରେ ସେଗୁଡ଼ିକର ଗତିପଥକୁ ବଦଳାଇ ଦେଇ ପାରିବ । ଏହି ପ୍ରକାରର ଘଟଣାଚକ୍ର ପାଇଁ ବାହ୍ୟ ଚେତନା ଲାଗି ଅଲୌକିକ ଘଟଣା ପରି, ଓ ଦିବ୍ୟ ହସ୍ତକ୍ଷେପ ପରି ପ୍ରତୀତ ହୋଇ-ଥାଆନ୍ତି ।”

ଏକ ଚେତନା, ଉଚ୍ଚତର ଚେତନା କିପରି ଆସି ହସ୍ତକ୍ଷେପ କରେ, ମୁଁ ତୁମମାନଙ୍କୁ ତାହାର ଏକ ଦୃଷ୍ଟାନ୍ତ ଦେବି ।

ଜଣେ ବ୍ୟକ୍ତି ଅଫିସ୍‌କୁ ଯିବେ ବୋଲି ଘରୁ ବାହାରକୁ ବାହାରିଲେ । ଘରୁ ବାହାରି କିଛି ଦୂର ଗଲେ । ହଠାତ୍ ତାଙ୍କର ମନେ ପଡ଼ିଗଲା ଯେ ସିଏ କୌଣସି ଜିନିଷ ଘରେ ଛାଡ଼ିଦେଇ ଆସିଛନ୍ତି । ଘରକୁ ଯାଇ ଜିନିଷଟିକୁ ଆଣିବେ ବୋଲି ସେ ପଛକୁ ପାଦ ପକାଇଲେ; ଏବଂ ଠିକ୍ ସେହି ସମୟରେ ଆଗକୁ ପାଦ ପକାଇ-ଥିଲେ ସେ ଯେଉଁଠି ଯାଇ ହୋଇଥାଆନ୍ତେ, ସେହି ସ୍ଥାନରେ ଗୋଟିଏ ସୀସାର ପାଇପ୍ ଉପରୁ ତଳକୁ ଆସି ପଡ଼ିଲା । ସେହି ବ୍ୟକ୍ତିଙ୍କ ଚେତନା ମଧ୍ୟରେ କୌଣସି ବସ୍ତୁ ତାଙ୍କୁ ପଛକୁ ଫେରିବାକୁ ନିର୍ଦ୍ଦେଶ ଦେଲା ଓ ତାହାଫଳରେ ତାଙ୍କର ଜୀବନ-ରକ୍ଷା ହେଲା । ଚେତନାର ହସ୍ତକ୍ଷେପ ଦ୍ୱାରା ନିୟତି ବଦଳିଯାଏ ବୋଲି କହିବା ସମୟରେ ଆମେ ତାହାକୁ ସେହି ଅର୍ଥରେହିଁ ବୁଝିଥାଉ । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ଦୁଇଟି ନିୟତି ରହିଥିଲା— ଅନ୍ୟମାନଙ୍କ ଭିତରେ ମଧ୍ୟ ଏହିପରି ଦୁଇଟି ନିୟତି ରହିଥାଏ— ଗୋଟିଏ ନିୟତି ତାଙ୍କର ମୃତ୍ୟୁ ଇଚ୍ଛା କରୁଥିଲା ଓ ଆଉଟି ସିଏ ବଞ୍ଚି-ରହନ୍ତୁ ବୋଲି ଇଚ୍ଛା କରୁଥିଲା ।

ଏହାକୁ "ଦୈବାତ୍ ଘଟିଲା" ବୋଲି କୁହାଯାଇ ପାରିବ ନାହିଁ କି ?

ନାହିଁ, କାରଣ ଦୈବାତ୍ ଘଟୁଥିବା ଘଟଣା ଭିତରେ କୌଣସି ସଙ୍ଗତି ନ ଥାଏ, କେବଳ କୌଣସି ଘଟଣା ଘଟେ ଯାହାର କି କୌଣସି କାରଣ ନ ଥାଏ ।

'oaob.nitrkl.ac.in' images reprocessed

ଏବଂ, ଯଦି ତୁମେ ଏହି ଜୀବନ ଏକ ଅସଂଗତିମୟ ବ୍ୟାପାର ବୋଲି ବିଶ୍ୱାସ କରୁଥାଅ, ତେବେ ତୁମକୁ ଆହୁରି ଅନେକ କିଛି ଶିକ୍ଷା କରିବାକୁ ପଡ଼ିବ । ବରଂ, ଓଲଟା କଥାଟିହିଁ ବୁଝାଯିବ ଯେ, ଜୀବନରେ ସର୍ବଦା ଏକ ପୂର୍ଣ୍ଣ ସଂଗତି ରହିଛି । ଏଥିରେ ପ୍ରତ୍ୟେକ ସାନ ବ୍ୟାପାର ମଧ୍ୟ ସୁନିର୍ଦ୍ଦିଷ୍ଟ ଭାବରେ ନିର୍ଦ୍ଦେଶିତ ହୋଇ ରହିଛି ଏବଂ ଯଦି ତୁମେ କୌଣସି କାରଣରୁ ତାହାକୁ ଏକ "ଦୈବାତ୍ ବ୍ୟାପାର" ବୋଲି ଅନୁଭବ କରୁଥାଅ, ତାହାର କାରଣ ହେଉଛି ଯେ ତୁମେ ସେହି ନିର୍ଦ୍ଦେଶନାଗୁଡ଼ିକ ବିଷୟରେ ଆଦୌ କିଛି ଜାଣି ନାହିଁ । ସେଗୁଡ଼ିକ ସଂପୂର୍ଣ୍ଣ ଭାବରେ ତୁମ ବୋଧର ଅଗୋଚର ହୋଇ ରହିଛି, କାରଣ ସେହି କ୍ଷେତ୍ରରେ ଅଗଣିତ କେତେ କେତେ ବିଧାନ ପରସ୍ପର ସହିତ ଛନ୍ଦା ହୋଇ ରହିଛି । ଏବଂ, ସେଗୁଡ଼ିକ ବିଷୟରେ ତୁମେ ଆଦୌ କିଛି ଜାଣି ନାହିଁ । ତେଣୁ ଏହି ସବୁ ବିଧାନ ଅନୁସାରେ ଯେତେବେଳେ କିଛି ଘଟୁଛି, ସେତେବେଳେ ତୁମେ ତାହାକୁ ଏକ "ଅଲୌକିକ ଘଟଣା" ବୋଲି କହୁଛ, "ଦୈବାତ୍ ଘଟୁଥିବା" ଏକ ଘଟଣା ବୋଲି କହୁଛ ।

ସତ୍‌ପ୍ରେମ କହିଛନ୍ତି, "ଏକଥା ଗଣିତଶାସ୍ତ୍ରରେ ଦର୍ଶାଇ ଦିଆଯାଇ ସାରିଛି ଯେ, ଯଦି ହସ୍ତକ୍ଷେପ କରୁଥିବା ଉପାଦାନଗୁଡ଼ିକ ବହୁସଂଖ୍ୟକ ହୋଇଥାନ୍ତି, ଏବଂ ଯଦି ସେଗୁଡ଼ିକ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥାନ୍ତି, ତେବେ ତା'ର ଫଳ "ଦୈବାତ୍ ଘଟିଥିବା" କୌଣସି ଘଟଣା ପରି ପ୍ରତୀତ ହେଉଥାଏ ।

ଏହା ଯେ କେବଳ ଉପରକୁହିଁ ସେହିପରି "ମନେହୁଏ", ବର୍ତ୍ତମାନ ମୁଁ ସେକଥା ବୁଝାଇ କରି କହୁଛି ।

ଯେଉଁ ବ୍ୟକ୍ତିମାନେ ଅଗ୍ରଗତି ନିମନ୍ତେ ପ୍ରୟାସ କରୁଥାନ୍ତି ଓ ଚେତନାର କ୍ଷେତ୍ରରେ ଅଭିବୃଦ୍ଧି ଲାଭ କରୁଥାନ୍ତି, ସେମାନେ କ୍ରମେ ହୃଦୟଙ୍ଗମ କରନ୍ତି ଯେ, ଏକଦା ସେମାନେ ନିଜ ଜୀବନରେ ଯେଉଁ ଘଟଣାକୁ ଏକ ବିପର୍ଯ୍ୟୟ ଅଥବା ଏକ ଘୋର ସଂକଟ ବୋଲି ଅନୁଭବ କରୁଥିଲେ, ପନ୍ଦର ବର୍ଷ ପରେ ତାହା ସେମାନଙ୍କୁ ହୁଏତ ଏକ ଆଶୀର୍ବାଦ, ପରମକୃପାର ଏକ ପରିଣାମ ଓ କୌଣସି ଉଚ୍ଚତମ ମଙ୍ଗଳ ବୋଲି ପ୍ରତୀତ ହେବ । ଏକ ଉଚ୍ଚତର ଦୃଷ୍ଟିକୋଣରୁ ବିଚାର କଲେ ଏକଥା ଅତ୍ୟନ୍ତ ସ୍ପଷ୍ଟ ହୋଇଯିବ ଯେ, ଯଦି ତୁମେ ନିଜର ସର୍ବୋଚ୍ଚ ଚେତନାକୁ ନିଜର ସାଧାରଣ ଜୀବନ କ୍ଷେତ୍ରକୁ ଅବତୀର୍ଣ୍ଣ କରାଇ ଆଣିବ, ତେବେ ତାହା ତୁମ ଜୀବନରେ ବୃହତ୍ତମ ମଙ୍ଗଳର ମଧ୍ୟ କାରଣ ହୋଇ ପାରିବ ।

ନିଜ ଜୀବନରେ କିଞ୍ଚିତ୍ ଅଗ୍ରଗତି ସମ୍ଭବ କରିଥିବା ବ୍ୟକ୍ତିମାନଙ୍କର ସର୍ବଦା ଏହିପରି ଅନୁଭୂତି ରହିଥାଏ । ସେମାନେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଦେଖି ପାରନ୍ତି

'oaob.nitrkl.ac.in' images reprocessed

ଯେ, ତଥାକଥିତ"ବିପର୍ଯ୍ୟୟ"ଟି ବସ୍ତୁତଃ ସେମାନଙ୍କର ଆରୋହଣ-କ୍ରମରେ ପ୍ରଥମ ସୋପାନ ହୋଇ ରହିଥିଲା ଏବଂ ସେଇଟି ବ୍ୟତୀତ ଆରୋହଣଟି ମଧ୍ୟ ଆଦୌ ସମ୍ଭବ ହୋଇ ନ ଥାନ୍ତା । ଯଦି କୌଣସି ବ୍ୟକ୍ତିଙ୍କର ଅନ୍ତର୍ଦୃଷ୍ଟି ରହିଥାଏ ଏବଂ ସିଏ ଇଚ୍ଛା କରିବା ମାତ୍ରକେ ନିଜର ଉଚ୍ଚତର ଚେତନା ମଧ୍ୟରେ ପ୍ରବେଶ କରି ପାରୁଥାନ୍ତି, ତେବେ ସିଏ ଏକଥା ମଧ୍ୟ ଅବଶ୍ୟ ଦେଖିବେ ଯେ, ଆପଣାର ସର୍ବୋଚ୍ଚ ଚେତନାର ସମ୍ପର୍କରେ ରହିଥିବା ସମୟରେ ତାଙ୍କର ଜୀବନରେ କେବଳ ବୃହତ୍ତମ ମଙ୍ଗଳହିଁ ସଂଘଟିତ ହୋଇଥାଏ ।

ମାତ୍ର, ଏହି କଥାଟିକୁ ବୁଝିପାରିବାକୁ ହେଲେ, ଆମକୁ ଦୁଇଟି ସର୍ତ୍ତର ପୂରଣ କରିବାକୁ ପଡ଼ିବ । ଆମକୁ ଅଗ୍ରଗତି ନିମନ୍ତେ ପ୍ରୟାସ କରିବାକୁ ହେବ ଓ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହୋଇ ରହିବାକୁ ପଡ଼ିବ । କାରଣ, ଯଦି ଆମଠାରେ ସେହି ନିଷ୍ଠା ନ ଥାଏ, ତେବେ ନିଜ ଜୀବନ ଭିତରକୁ ଭେଦି ଦେଖିପାରିବା ଲାଗି ମଧ୍ୟ ଆମେ ଅଦୌ କୌଣସି ଅନ୍ତର୍ଦୃଷ୍ଟି ଲାଭ କରିପାରିବା ନାହିଁ । ତୁମକୁ ନିଜ ଆଡ଼କୁ ଦୃଷ୍ଟିପାତ କରି ପାରିବାକୁ ହେବ ଓ "ମୁଁ ପ୍ରକୃତରେ କେତେ ଅଳପ" ବୋଲି କହି ପାରିବାକୁ ହେବ ।

> ଯଦି କୌଣସି କଥା ଘଟିବ ବୋଲି ଅବଶ୍ୟମ୍ଭାବୀ ଭାବରେ ନିରୂପିତ ହୋଇ ରହିଛି, ତେବେ ତାହାକୁ ଆଉ ବଦଳାଇ ହେବ କିପରି ?

ତୁମକୁ ମୁଁ ଏକ ସରଳ ଉଦାହରଣ ଦେବି — ମାତ୍ର ଚେତନାର ଯେକୌଣସି ସ୍ତରରେ ମଧ୍ୟ ତାହା ସମ୍ଭବ ହୋଇପାରେ ।

ଉପରୁ ଖଣ୍ଡେ ପଥର ତଳକୁ ପଡ଼ିଲା । ତାହା ନିଜର ନିୟତିଟିର ସମ୍ପାଦନ କଲା । ତାହା ନିମ୍ନ ଆଡ଼କୁହିଁ ପଡ଼ିବ, ନୁହେଁ କି ? ମାତ୍ର, ତୁମେ ମଧ୍ୟ ସେଠାରେ ମହଜୁଦ ରହିଥିବ ଓ ତୁମର ମଧ୍ୟ ଏକ ପ୍ରାଣିକ ବା ଏକ ମାନସିକ ଇଚ୍ଛା ରହିଥିବ — ଏଇଟି ଥିବ କିଂବା ସେଇଟି ଥିବ — ଏବଂ ତୁମେ ନିଜ ହାତରେ ସେହି ପଥରଟିକୁ ଧରିନେବ । ଏହା ଦ୍ୱାରା ତୁମେ ପଥରର ନିୟତିଟିକୁ ବଦଳାଇ ଦେଲ । ଗୋଟିଏ ପତ୍ର ତଳକୁ ପଡ଼ିଲା — ଆପଣାର ସାଧାରଣ ନିୟତିକୁ ଅନୁସରଣ କଲେ ତାହା ନିଶ୍ଚୟ ଭୂଇଁରେ ଆସି ପଡ଼ିବ । ମାତ୍ର ତୁମ ଭିତରେ ଏକ ପ୍ରାଣିକ ଇଚ୍ଛା ରହିଛି, ତୁମେ ନିଜ ହାତରେ ସେହି ପତ୍ରଟିକୁ ଧରି ନେଉଛ । ତଦ୍ୱାରା ତୁମେ ପତ୍ରର ନିୟତିକୁ ବଦଳାଇ ଦେଉଛ । ବିଶ୍ୱରେ ଲକ୍ଷ ଲକ୍ଷ ଥର ଏହି ଘଟଣା

'oaob.nitrkl.ac.in' images reprocessed

ଘଟୁଛି ମାତ୍ର ତାହାକୁ କେହି ଲକ୍ଷ୍ୟ କରୁ ନାହାନ୍ତି; କାରଣ ଏହା ହେଉଛି ଏକ ଅତ୍ୟନ୍ତ ସାଧାରଣ ଘଟନା ।

ମାତ୍ର ତୁମେ କଳ୍ପନା କର ଯେ ତୁମର ଏକ ଅତ୍ୟନ୍ତ ଉଚ୍ଚପଣସ୍ତର ଚେତନାକ୍ଷେତ୍ର ରହିଛି । ଯଦି ତୁମେ ଅଭୀପ୍ସା, ଏକ ପ୍ରବଳ ଇଚ୍ଛା କିଂବା ପ୍ରାର୍ଥନା ଦ୍ୱାରା ଏହି ନିମ୍ନସ୍ତରରେ କାର୍ଯ୍ୟ କରୁଥିବା ପୂର୍ବ ନିର୍ଦ୍ଦେଶିତବାଦ ମଧ୍ୟକୁ ଏକ ଉଚ୍ଚତର ଚେତନାକୁ ନେଇଆସି ପାରିବ, ଅର୍ଥାତ୍, ଯଦି ତୁମେ ନିଜ ଉଚ୍ଚତର ଚେତନାର ଅଧିକାରୀ ହୋଇପାରିବ ଓ ତାହାକୁ ଏହି ଜଡ଼ସ୍ଥ ନିୟତି ମଧ୍ୟକୁ ନେଇଆସି ପାରିବ, ତେବେ ସଙ୍ଗେ ସଙ୍ଗେ ସବୁକିଛି ବଦଳିଯିବ । ମାତ୍ର, ଯାହା ଘଟୁଛି, ତାହାକୁ ତୁମେ ଦେଖି ଅଥବା ବୁଝି ପାରୁ ନ ଥିବାରୁ, ତୁମେ ତାହାକୁ ଦୈବାତ୍ ଘଟିଥିବା ଏକ ଘଟନା ଅଥବା ଏକ ଅଲୌକିକ ଘଟନା ବୋଲି କହୁଥିବ ।

ଏକ ଜଡ଼ସ୍ଥ ନିୟତି ମଧ୍ୟରେ ପ୍ରତ୍ୟେକ ନିୟତି ଯେ କାର୍ଯ୍ୟକାରୀ ହୋଇ ରହିଥାଏ ସେକଥା ଆଦୌ ନୁହେଁ ଏବଂ, ଯଦି ତୁମେ ଏହି ଜଡ଼ସ୍ଥ ନିୟତି ମଧ୍ୟରେ ଏକ ପରିବର୍ତ୍ତନ ଘଟାଇବାକୁ ଇଚ୍ଛା କରୁଥିବ, ତେବେ ତୁମକୁ ଊର୍ଦ୍ଧ୍ୱରୁ ଆଉ ଏକ ନିୟତିକୁ ବହନ କରି ଆଣିବାକୁହିଁ ପଡ଼ିବ । ଏହିପରି ଭାବରେ ଏହା ମଧ୍ୟରେ କିଛି ନୂତନ ଉପାଦାନ ଆସି ପ୍ରବେଶ କରିବ—ଉଚ୍ଚତର ଚେତନାର ଏହି "ଅବତରଣ" ମାନ ନିରନ୍ତର ଘଟିବାରେ ଲାଗିଥାଏ, ମାତ୍ର ଆମେ ସେଗୁଡ଼ିକୁ ବୁଝି ପାରୁ ନ ଥିବାରୁ, ଏଠାକୁ ଆସୁଥିବା ଏହି "ନୂତନ ଉପାଦାନଟି" ସାଧାରଣ ମନୁଷ୍ୟମାନଙ୍କ ଦ୍ୱାରା ଏକ ଅଲୌକିକ ଘଟନାରେ ପରିଣତ ହୋଇ ଯାଇଥାଏ ।

ଭୌତିକ ଏବଂ ସ୍ଥୂଳ ଜଗତ ମଧ୍ୟକୁ ଅତିମାନସ ଶକ୍ତି ଓ ଚେତନାକୁ ଅବତୀର୍ଣ୍ଣ କରାଇ ଆଣିବା ଦ୍ୱାରା ଆମେ ଠିକ୍ ତାହାହିଁ କରିବାକୁ ଇଚ୍ଛା କରୁଛୁ । ପ୍ରଥମ ଅବସ୍ଥାରେ ଏହା ପ୍ରତ୍ୟକ୍ଷ ଭାବରେ ନୁହେଁ, ମାତ୍ର ବିକୀର୍ଣ୍ଣ ଭାବରେ କାର୍ଯ୍ୟ କରେ । ତାହାର କ୍ରିୟାଶୀଳତା ଅଳ୍ପବହୁତ ପରିମାଣରେ ଆବରଣଯୁକ୍ତ ହୋଇ ରହିଥାଏ, ଜଡ଼ ପୃଥିବୀକୁ ଅବତରଣ କରିବା ସମୟରେ ଅଧିକତର ପରିମାଣରେ ଆବରଣସ୍ଥ ଏବଂ ବିକାରଗ୍ରସ୍ତ ହୋଇ ରହିଥାଏ ଏବଂ ପରିଶେଷରେ ତାହା ପ୍ରାୟ ଅଗୋଚର ହୋଇ ରହିଯାଏ । ଯଦି ଏହା ଏଠାରେ ସିଧା କାର୍ଯ୍ୟ କରିପାରନ୍ତା, ଯଦି ଏପରି ବିକୃତି କିଂବା ଆବୃତି ଘଟନ୍ତା ନାହିଁ, ତେବେ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭାବରେ ଏହା ସବୁକିଛିକୁ ବଦଳାଇ ଦେଇ ପାରନ୍ତା ।

ମୋର ଆଶା ଯେ ତୁମକୁ ମଧ୍ୟ ଏହି ମୂର୍ତ୍ତି ଦୃଷ୍ଟାନ୍ତଟି ଦିନେ ନା ଦିନେ ପ୍ରାପ୍ତ ହୋଇଯିବ !

'oaob.nitrkl.ac.in' images reprocessed

# ୭ ଜାନୁଆରୀ ୧୯୬୧

ମାଆଙ୍କ ଲିଖିତ ଦୁଇଟି ପ୍ରବନ୍ଧ, "ରୂପାନ୍ତର" ଏବଂ "ଜଣେ ଯିଏ ସର୍ବଦା କ'ଣ ମନେ ରଖିବା ଉଚିତ" ଶତବାର୍ଷିକୀ ସଂସ୍କରଣ (ଇଂରାଜୀ), ୧୨ଶ ଖଣ୍ଡ, ପୃଷ୍ଠା ୮୦-୮୧, ୧୬୦) ଉପରେ ଏହି ପ୍ରବନ୍ଧଟି ଆଧାରିତ।

"ଆମେ ଏକ ସମ୍ପୂର୍ଣ୍ଣ ରୂପାନ୍ତର ଚାହୁଁଛୁ, ଶରୀର ଏବଂ ତା'ର ଯାବତୀୟ କାର୍ଯ୍ୟ ଭୂମିରେ ଏକ ପରିବର୍ତ୍ତନ ଚାହୁଁଛୁ। ମାତ୍ର, ଆଉ ଅନ୍ୟକିଛି କରିବା ପୂର୍ବରୁ ଏକ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ପ୍ରଥମ ସୋପାନରୂପେ ଗୋଟିଏ କଥା ଅବଶ୍ୟ ସମ୍ପାଦିତ କରିବାକୁ ପଡ଼ିବ : ଚେତନାର କ୍ଷେତ୍ରରେ ରୂପାନ୍ତର ଘଟାଇବାକୁ ହେବ··· ଅବଶ୍ୟ, ଏହା କେବଳ ଏକ ଆରମ୍ଭ ମାତ୍ର; ବାହ୍ୟ ଚେତନା ନିମନ୍ତେ ବାହ୍ୟ କର୍ମଶୀଳ ସତ୍ତାର ବିଭିନ୍ନ ଭୂମି ଓ ଭାଗଗୁଡ଼ିକର ରୂପାନ୍ତର କେବଳ ମନ୍ଥର ଓ ଧୀର ଭାବରେ ହୋଇଥାଏ—ଅନ୍ତର୍ଗତ ରୂପାନ୍ତରର ଫଳରୂପେ ତାହା ସଂଘଟିତ ହୁଏ।"

ସମ୍ପୂର୍ଣ୍ଣ ରୂପାନ୍ତର ଏବଂ ମୁଁ ପୂର୍ବରୁ ଉଲ୍ଲେଖ କରିଥିବା ଚେତନାର ରୂପାନ୍ତର ମଧ୍ୟରେ ମୁଁ ଏକ ତାରତମ୍ୟ କାହିଁକି ରଖୁଛୁ? ଚେତନା ଓ ସତ୍ତାର ଅନ୍ୟ ଭାଗଗୁଡ଼ିକ ମଧ୍ୟରେ ପ୍ରକୃତରେ କି ସମ୍ବନ୍ଧ ରହିଛି? ଏହି ଅନ୍ୟ ଭାଗଗୁଡ଼ିକ କହିଲେ କାହାକୁ ବୁଝାଇବ?

ଯେଉଁମାନେ ଯୋଗସାଧନା କରିଛନ୍ତି ଓ ଦିବ୍ୟ ପରମ ଉପସ୍ଥିତି ଅର୍ଥାତ୍ ନିଜ ସତ୍ତାର ପରମସତ୍ୟ ବିଷୟରେ ସଜ୍ଞାନତା ଲାଭ କରିଛନ୍ତି, ଚେତନା-ରୂପାନ୍ତର ସେହିମାନଙ୍କର ଜୀବନରେ ସମ୍ଭବ ହୋଇଥାଏ। "ବହୁସଂଖ୍ୟକ" ବ୍ୟକ୍ତି ଏହି ଉପଲବ୍ଧିର ଅଧିକାରୀ ହୋଇଛନ୍ତି ବୋଲି ମୁଁ ଆଦୌ କହୁ ନାହିଁ। ମାତ୍ର ଅନ୍ତତଃ

'oaob.nitrkl.ac.in' images reprocessed

ବେଶ୍ କେତେଜଣ ତାହା ହୋଇ ପାରିଛନ୍ତି । ଏହି ଅନୁଭୂତି ଏବଂ ସମ୍ପୂର୍ଣ୍ଣ ରୂପାନ୍ତର ମଧ୍ୟରେ କି ପ୍ରଭେଦ ରହିଛି ?

> ସମ୍ପୂର୍ଣ୍ଣ ରୂପାନ୍ତରରେ ବାହ୍ୟ ପ୍ରକୃତି ତଥା ଅନ୍ତର୍ଗତ ଚେତନା ଉଭୟେ ରୂପାନ୍ତରିତ ହୁଅନ୍ତି । ଚରିତ୍ର ଓ ଅଭ୍ୟାସ ପ୍ରଭୃତି ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ, ଭାବନା ଏବଂ ବସ୍ତୁଗୁଡ଼ିକ ସମ୍ବନ୍ଧରେ ରହିଥିବା ମାନସିକ ଦୃଷ୍ଟି-କୋଣ ମଧ୍ୟ ବଦଳି ଯାଇଥାଏ ।

ହଁ ମାତ୍ର ତୁମେ ସମୂର ସହିତ ନିଜର ଉଦ୍ୟମରେ ଅବିରତ ଲାଗି ନ ରହିଲେ ଗୋଟିଏ କଥା ତଥାପି ବଦଳି ପାରୁ ନ ଥାଏ । ସେହି କଥାଟି କ'ଣ କହିଲି ? ସେଇଟି ହେଉଛି ଶରୀର-ଚେତନା । ଏହି ଶରୀର-ଚେତନାର ଅର୍ଥ କ'ଣ ? ତାହା ଅବଶ୍ୟ ପ୍ରାଣମୟ ଚେତନାକୁ ବୁଝାଇବ—ଏକ ସମଗ୍ର ବସ୍ତୁରୂପେ ତାହାକୁ ଭୌତିକ ଚେତନା ବୋଲି କୁହାଯିବ । ମାତ୍ର ତଥାପି, ଭୌତିକ ଚେତନାର ଏହି ସମ୍ପୂର୍ଣ୍ଣ ଆସ୍ତରଣଟି ମଧ୍ୟରେ ଏକ ଭୌତିକ ମନ ରହିଛି—ଯେଉଁ ମନ କି ଯାବତୀୟ ସାଧାରଣ ବସ୍ତୁଗୁଡ଼ିକୁ ନେଇ ବ୍ୟସ୍ତ ରହିଛି ଏବଂ ତୁମର ଚତୁ-ର୍ଦ୍ଦିଗରେ ରହିଥିବା ପ୍ରତ୍ୟେକ ବସ୍ତୁକୁ ଅନୁସନ୍ଧାନ କରୁଅଛି । ହଁ, ପ୍ରାଣିକ ଚେତନାଟି ମଧ୍ୟ ରହିଛି, ଯାହା ସକଳ ଅବବୋଧ, ଆବେଗ, ଉତ୍ସୁକତା ତଥା ବାସନା ସମ୍ବନ୍ଧରେ ସଞ୍ଚାଳନ ହୋଇ ମାରୁଛି । ସର୍ବଶେଷରେ, ସେଠାରେ ସ୍ୱୟଂ ଭୌତିକ ଚେତନାଟି ମଧ୍ୟ ଅବସ୍ଥିତ ରହିଛି, — ତାହାକୁ ଜଡ଼ସ୍ଥ ଚେତନା ଓ ଶରୀର-ଚେତନା ବୋଲି ମଧ୍ୟ କୁହାଯିବ ଏବଂ ଏପର୍ଯ୍ୟନ୍ତ ମଧ୍ୟ ତାହାର ସମ୍ପୂର୍ଣ୍ଣ ରୂପାନ୍ତର ସମ୍ଭବ ହୋଇ ନାହିଁ । ଶରୀରର ସାର୍ବଜନିକ ଓ ସମଗ୍ର ଚେତନାର ରୂପାନ୍ତର ଘଟିଛି ଅର୍ଥାତ୍, ଯେଉଁସବୁ ଭାବନା ଓ ଅଭ୍ୟାସକୁ ଆମେ ଆଉ ଅବଶ୍ୟମ୍ଭାବୀ ବୋଲି ମନେ ନ କରିବା, ତାହାର ବନ୍ଧନକୁ ଆମେ ଅବଶ୍ୟ କାଟି ଫିଙ୍ଗିଦେଇ ପାରିବା । ତାହା ଅବଶ୍ୟ ବଦଳି ପାରିବ, ତାହା ବଦଳି ବି ଯାଇଛି । ମାତ୍ର କୋଷଗୁଡ଼ିକର ଚେତନା କ୍ଷେତ୍ରରେ ପରିବର୍ତ୍ତନ ଘଟିବା ତଥାପି ବାକି ରହିଛି ।

କୋଷଗୁଡ଼ିକର କ୍ଷେତ୍ରରେ ଏକ ଚେତନା ବିଦ୍ୟମାନ ରହିଛି; ଆମେ ଏହାକୁ "ଶରୀର-ଚେତନା" ବୋଲି କହିଥାଉ ଏବଂ ଏହା ସମ୍ପୂର୍ଣ୍ଣ ଭାବରେ ଏହି ଶରୀର ସହିତ ବାନ୍ଧି ହୋଇ ରହିଛି । ଏହି ଚେତନାକୁ ବଦଳି ପାରିବା ଲାଗି

'oaob.nitrkl.ac.in' images reprocessed

ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି, କାରଣ ତାହା ଏପରି ଗୋଟିଏ ସାମୂହିକ ପ୍ରବର୍ତ୍ତିନାର ପ୍ରଭାବମଣ୍ଡଳ ଭିତରେ ଯାଇ ପଡ଼ିଯାଇଛି, ଯାହାକୁ ରୂପାନ୍ତରର ସମ୍ପୂର୍ଣ୍ଣ ବିରୋଧ କରିବାରେ ଲାଗିଛି । ତେଣୁ, ଆମକୁ ସେହି ସାମୂହିକ ପ୍ରବୃତ୍ତିନା ସହିତ ସଂଗ୍ରାମ କରିବାକୁ ହେଉଛି ; କେବଳ ବର୍ତ୍ତମାନ ଭିତରେ ରହି-ଥିବା ସାମୂହିକ ପ୍ରବର୍ତ୍ତିନା ସହିତ ନୁହେଁ, ମାତ୍ର ସମଗ୍ରତଃ ପୃଥ୍ୱୀଚେତନା ମଧ୍ୟରେ, ମନୁଷ୍ୟର ଆଦିମତମ ଗଠନକାଳ ସହିତ ସଂଯୁକ୍ତ ହୋଇ ରହିଥିବା ଏହି ପୃଥିବୀସ୍ଥ ମନୁଷ୍ୟଚେତନା ମଧ୍ୟରେ ରହିଥିବା ସାମୂହିକ ପ୍ରବର୍ତ୍ତିନା ସହିତ ମଧ୍ୟ ସଂଘର୍ଷ କରିବାକୁ ପଡ଼ୁଛି । କୋଷଗୁଡ଼ିକ ପରମସତ୍ୟ ବିଷୟରେ, ଜଡ଼ର ପରମ ଚରନ୍ତନତା ସମ୍ବନ୍ଧରେ ସଜ୍ଞାନ ହୋଇ ପାରିବା ଲାଗି ତାହାକୁ ଅବଶ୍ୟ ଅତିକ୍ରମ କରିବାକୁ ପଡ଼ିବ ।

ଅବଶ୍ୟ ଏକଥା ସତ ଯେ, ଯେଉଁମାନେ ଏପର୍ଯ୍ୟନ୍ତ ଏହି ସଚେତନ ରୂପାନ୍ତରକୁ ଉପଲବ୍ଧି କରିଛନ୍ତି, ଯେଉଁମାନେ ନିଜ ଭିତରେ ନିଜ ସତ୍ତାର ଗଭୀର ପ୍ରଦେଶରେ ରହିଥିବା ଶାଶ୍ୱତ ତଥା ଅନନ୍ତ ଜୀବନ ବିଷୟରେ ସଜ୍ଞାନତା ଲାଭ କରିଛନ୍ତି, ଏହି ଚେତନାଟିକୁ ସୁରକ୍ଷିତ କରି ରଖିବାକୁ ହେଲେ ସେମାନଙ୍କୁ ସତତ ନିଜର ଅନ୍ତର୍ଗତ ଅନୁଭବଟି ସହିତ ସମ୍ପର୍କ ଯୋଡ଼ି ରହିବାକୁ ପଡ଼ିବ, ଆପଣାର ଅନ୍ତର୍ଗତ ମନନର କ୍ଷେତ୍ରକୁ ଫେରିଯିବାକୁ ପଡ଼ିବ ଏବଂ ଅଲ୍ପବହୁତ ଭାବରେ ସତତ ଧ୍ୟାନମଗ୍ନତାର ଏକ ଅବସ୍ଥାରେ ବାସ କରିବାକୁ ପଡ଼ିବ । ମାତ୍ର, ସେମାନେ ଯେତେବେଳେ ଧ୍ୟାନ ଭିତରୁ ବାହାରକୁ ଆସିବେ, ସେତେବେଳେ ସେମାନଙ୍କର ବାହ୍ୟ ପ୍ରକୃତି ଆଗରୁ ଯେପରି ଥିଲା, ଅଧିକତର ପରିମାଣରେ ପ୍ରାୟ ଠିକ୍ ସେହିପରି ହୋଇ ରହିବ ଏବଂ ସେମାନଙ୍କର ଚିନ୍ତା କରିବା ଓ ପ୍ରତିକ୍ରିୟା ବ୍ୟକ୍ତ କରିବାର ରୀତିରେ ଖୁବ୍‌ବେଶୀ ପାର୍ଥକ୍ୟ ଘଟିବ ନାହିଁ;—ସେମାନେ ନିଜର କର୍ମକୁ ସମ୍ପୂର୍ଣ୍ଣ ଭାବରେ ପରିହାର କଲେ ଅବଶ୍ୟ ଘଟନା ଅନ୍ୟ ପ୍ରକାରର ହେବ । ମାତ୍ର ସେହି କ୍ଷେତ୍ରରେ ଅନ୍ତରସ୍ଥ ଉପଲବ୍ଧି, ଚେତନାର ଉପଲବ୍ଧି କେବଳ ତାହାକୁ ହାସଲ କରିଥିବା ବ୍ୟକ୍ତିକୁହିଁ ସାହାଯ୍ୟ କରିବ ସତ, କିନ୍ତୁ ତାହା ଜଡ଼ର ସ୍ଥିତି କିଂବା ପୃଥିବୀସ୍ଥ ଜୀବନରେ ଆଦୌ କୌଣସି ପରିବର୍ତ୍ତନ ସମ୍ଭବ କରିବ ନାହିଁ ।

ଏହି ରୂପାନ୍ତରଟିକୁ ସଫଳ ହେବାକୁ ହେଲେ, ସବୁ ମନୁଷ୍ୟଙ୍କୁ—ଏପରିକି ସମସ୍ତ ଜୀବନଧାରୀ ସତ୍ତା ଏବଂ ସେମାନଙ୍କର ଭୌତିକ ପରିବେଶକୁ—ରୂପାନ୍ତରିତ ହେବାକୁ ପଡ଼ିବ । ତା' ନ ହେଲେ ବସ୍ତୁଗୁଡ଼ିକ ଯେଉଁପରି ଅଛି, ସବଦା ଠିକ୍ ସେହିପରି ରହିଥିବ । କୌଣସି ବ୍ୟକ୍ତିଗତ ଅନୁଭୂତି ପୃଥ୍ୱୀସ୍ଥ ଜୀବନକୁ ବଦଳାଇ ପାରିବ ନାହିଁ । ରୂପାନ୍ତରର ସେହି ପୁରାତନ ଧାରଣା ଅର୍ଥାତ୍ ନିଜର ଚୈତ୍ୟସତ୍ତା

'oaob.nitrkl.ac.in' images reprocessed

ବିଷୟରେ ସଚେତନ ହେବା ଏବଂ ଅନ୍ତର୍ଗତ ଜୀବନକୁ ବଞ୍ଚିବା ଏବଂ ଆମେ ଯେଉଁ ରୂପାନ୍ତରର କଳ୍ପନା କରୁଛୁ ଓ ଯାହା ବିଷୟରେ କହୁଛୁ—ଦୁଇଟି ମଧ୍ୟରେ ଏହାହିଁ ହେଉଛି ଏକ ମୌଳିକ ପାର୍ଥକ୍ୟ। କେବଳ ଜଣେ ବ୍ୟକ୍ତି ନୁହେଁ, ବ୍ୟକ୍ତି-ମାନଙ୍କର କୌଣସି ଗୋଟିଏ ଗୋଷ୍ଠୀ ନୁହେଁ ବା ଏପରିକି ସବୁ ବ୍ୟକ୍ତି ନୁହନ୍ତି, ମାତ୍ର ଜୀବନ ଅର୍ଥାତ୍ ଅଲ୍ପବହୁତ ପରିମାଣରେ ବିକାଶଲାଭ କରିଥିବା ଏହି ଭୌତିକ ଜୀବନର ସମଗ୍ର ଚେତନାରେହିଁ ରୂପାନ୍ତର ଘଟାଇବାକୁ ପଡ଼ିବ। ଏପରି ଏକ ରୂପାନ୍ତରର ସମ୍ଭବ ନ ହେଲେ ଆମର ଏହି ପୃଥିବୀରେ ସେହି ପୁରାତନ ଦୁଃଖ, ପୁରାତନ ଯାବତୀୟ ଦୁର୍ବିପାକ ଏବଂ ସେହି ପୁରାତନ ନୃଶଂସତାମାନ ଲାଗି ରହିଥିବ। ଆପଣାର ଚୈତ୍ୟ ବିକାଶ ଦ୍ୱାରା ଅଳ୍ପ କେତେକ ବ୍ୟକ୍ତି ଏଥିରୁ ଆପଣାକୁ ମୁକ୍ତ ରଖି ପାରିବେ ସିନା, ମାତ୍ର ସାଧାରଣ ମନୁଷ୍ୟବର୍ଗ ସେହି ଜଞ୍ଜାଳଭୋଗର ସ୍ଥିତି ମଧ୍ୟରେ ପଡ଼ି ରହିଥିବେ।

କେବଳ ଅନ୍ତର୍ଗତ ଚେତନାଟିର ପରିବର୍ତ୍ତନ ଘଟିଥିଲେ ବାହ୍ୟ ସତ୍ତାରେ ତଥାପି କେତେକ ଅଶୁଦ୍ଧତା ବିଦ୍ୟମାନ ନ ଥିବ କି ?

ହଁ, ଅବଶ୍ୟ ଥିବ। ତାହାହିଁ ଆମ ଯୋଗ ଓ ପୁରାତନ ଯୋଗ ମାର୍ଗଗୁଡ଼ିକ ମଧ୍ୟରେ ରହିଥିବା ଅସଲ ପାର୍ଥକ୍ୟ। ପୁରାତନ ମାର୍ଗଗୁଡ଼ିକ କେବଳ ଅନ୍ତର୍ଗତ ଚେତନାଟି ବିଷୟରେ ଯାହାକିଛି କରୁଥିଲେ। ପୁରାତନ ବିଶ୍ୱାସଗୁଡ଼ିକ ଏହିପରି କହୁଥିଲେ ଯେ — ଏବଂ ଅନେକ ବ୍ୟକ୍ତି ଗୀତାର ମଧ୍ୟ ଏହିଭଳି ଏକ ବ୍ୟାଖ୍ୟା କରନ୍ତି — ଧୂଆଁ ନ ଥିଲେ ନିଆଁ କଦାପି ସମ୍ଭବ ହେବ ନାହିଁ, ଜୀବନରେ ଅଜ୍ଞାନ ନ ରହିଲେ ଜୀବନ ସମ୍ଭବ ହେବ ନାହିଁ। ସାଧାରଣ ଭାବରେ ସମସ୍ତେ ସେହିପରି ଅନୁଭବ କରନ୍ତି, ମାତ୍ର ଆମ ବିଚାର ତାହା ନୁହେଁ,—ଆମେ ମଧ୍ୟ ତାହାହିଁ ବିଚାର କରୁଛୁ କି ?

ଆମେ ଅନୁଭବରୁ ଏକଥା ଜାଣିଛୁ ଯେ, ଯଦି ଆମେ ଭୌତିକ ଚେତନାର ଆହୁରି ତଳକୁ ଅବଚେତନରେ ଯାଇ ପହଞ୍ଚିବା, ଅବଚେତନରୁ ଆହୁରି ତଳକୁ ଯଦି ଅଚେତନ ମଧ୍ୟରେ ଯାଇ ପ୍ରବିଷ୍ଟ ହେବା, ତେବେ ଆମେ ଆମ ଭିତରେ ରହିଥିବା କୁଳାନୁଗତ ସ୍ୱଭାବଗୁଡ଼ିକରେ ଉତ୍ସମୂଳରେ ଯାଇ ପହଞ୍ଚି ପାରିବା ; ପିଲାଦିନେ ଆମକୁ ଯେଉଁ ଶିକ୍ଷା ଦିଆ ଯାଇଥିଲା ଏବଂ ଆମେ ଯେଉଁ ପରିବେଶ ମଧ୍ୟରେ ବାସ କରୁଥିଲୁ, ସେଥିରୁ ଆସୁଥିବା ଆମ ଜୀବନର ଉପାଦାନଗୁଡ଼ିକ ପାଖରେ ଯାଇ

'oaob.nitrkl.ac.in' images reprocessed

ଥିବ୍ୟକ୍ତିବା । ଏବଂ ତାହାହିଁ ବ୍ୟକ୍ତିକୁ ତା'ର ବାହ୍ୟ ସ୍ୱଭାବକୁ ଗୋଟିଏ ପ୍ରକାରର ବିଶେଷ ସ୍ୱଭାବଗତ ଲକ୍ଷଣ ଆଣି ଦେଇଥାଏ ଏବଂ ସାଧାରଣତଃ ଏହିପରି ବିଶ୍ୱାସ କରି ଯାଇଥାଏ ଯେ, ଆମେ ସେହିପରି ଭାବରେହିଁ ଜନ୍ମ ହୋଇଛୁ ଓ ସବୁ କାଳକୁ ସେହିପରି ହୋଇ ରହିବୁ । ମାତ୍ର, ଅବଚେତନ ତଥା ଅଚେତନ ମଧ୍ୟରେ ପ୍ରବେଶ କରି ଆମେ ଏହି ସ୍ୱଭାବଗତ ଗଠନଟିର ମୂଳଟିକୁ ଖୋଜି ବାହାର କରି ପାରିବା ଏବଂ ଯେପରି ଏପର୍ଯ୍ୟନ୍ତ ହୋଇ ଆସିଛୁ, ତାହାକୁ ବିଲୁପ୍ତ କରିଦେଇ ପାରିବା ଏକ ସଚେତନ ଏବଂ ଇଚ୍ଛାକୃତ କାର୍ଯ୍ୟ ଦ୍ୱାରା ଏହି ନିତ୍ୟନୈମିତ୍ତିକ ପ୍ରକୃତିର କ୍ରିୟା ଏବଂ ପ୍ରତିକ୍ରିୟାଗୁଡ଼ିକୁ ବଦଳାଇ ଦେଇ ପାରିବା ଓ ଏହିପରି ଭାବରେ ଆମ ଚରିତ୍ରକୁ ଯଥାର୍ଥ ଭାବରେ ବଦଳାଇ ଦେଇ ପାରିବା । ଏହାକୁ ଜଣେ ସାଧାରଣ ଲୋକ ସାଧ୍ୟ କରି ପାରିବ ନାହିଁ, ମାତ୍ର ତଥାପି ଏହା ଅବଶ୍ୟ ସମ୍ଭବ ହୋଇଛି । ତେଣୁ, ଏକଥା ହୋଇ ପାରିବ, କେବଳ ଯେ ଏତିକି ଦାବି କରିଯାଇ ପାରିବ ତା' ନୁହେଁ, ମାତ୍ର ଏହା ପ୍ରକୃତରେ ସମ୍ଭବ ହୋଇଛି ବୋଲି ମଧ୍ୟ କୁହାଯାଇ ପାରିବ । ସମ୍ପୂର୍ଣ୍ଣ ରୂପାନ୍ତର ବାଟରେ ଏହା ହେଉଛି ପ୍ରଥମ ପଦକ୍ଷେପ ; ମାତ୍ର ତା'ପରେ କୋଷଗୁଡ଼ିକର କ୍ଷେତ୍ରରେ ମଧ୍ୟ ରୂପାନ୍ତର ସାଧନ କରିବାକୁ ହେବ । ମୁଁ ଆଗରୁ ସେକଥା କହିଛି ।

ବୁଲେଟିନ୍‌ର କୌଣସି ସଂଖ୍ୟାରେ ଶ୍ରୀଅରବିନ୍ଦଙ୍କର ଲେଖାଟିଏ ରହିଛି, ଯେଉଁଥିରେ କି ସିଏ ପରିବର୍ତ୍ତନର କ୍ରମରେ ସମସ୍ତ ଭୌତିକ ସତ୍ତାକୁ ଯେଉଁସବୁ ଭିନ୍ନ ଭିନ୍ନ ସୋପାନମଧ୍ୟଦେଇ ଯିବାକୁ ପଡ଼ିବ, ସେହି କଥା ବର୍ଣ୍ଣନା କରିଛନ୍ତି । ସେହି କଥାଟିହିଁ ଏପର୍ଯ୍ୟନ୍ତ ଏବଂ ସାଧ୍ୟ ହୋଇପାରି ନାହିଁ ।

### ନିଜ ଭିତରେ ରହିଥିବା ଅଚେତନ ବ୍ୟକ୍ତିଜୀବନର ଏକ ଅଂଶ ନା ଏହି ପୃଥିବୀର ?

ଅଚେତନ ଆଦୌ ବ୍ୟକ୍ତିଭାବ ଗ୍ରହଣ କରି ନାହିଁ, ଏବଂ, ତୁମେ ଯେତେବେଳେ ନିଜ ଭିତରେ ତଳକୁ ତଳକୁ ଯାଇ ଅଚେତନ ଭୂଇଁରେ ଯାଇ ଉପନୀତ ହେବ, ସେତେବେଳେ ତାହାକୁ ଜଡ଼ର ଅଚେତନର ବୋଲି ଆବିଷ୍କାର କରିବ । ପ୍ରତ୍ୟେକ ବ୍ୟକ୍ତିର ଏକ ବ୍ୟକ୍ତିଗତ ଅଚେତନ ରହିଛି ବୋଲି ଆମେ ଆଦୌ କହି ପାରିବା ନାହିଁ, କାରଣ ସେତିକି କହିଲେ ମଧ୍ୟ ତାହା ବ୍ୟକ୍ତିଭାବାପନ୍ନତାର ଏକ ଆରମ୍ଭକୁ ବୁଝାଇବ । ଏବଂ, ଯେତେବେଳେ ତୁମେ ତଳକୁ ତଳକୁ ଯାଇ ଅଚେତନ ମଧ୍ୟରେ ପ୍ରବିଷ୍ଟ ହେବ, ସେତେବେଳେ ତାହାକୁ ସମ୍ଭବତଃ ବିଶ୍ୱଗତ ବୋଲି ନ କହି ଅନ୍ତତଃ ପୃଥିବୀସ୍ଥ ଅଚେତନ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ଏହି ଅଚେତନକୁ ରୂପାନ୍ତରିତ କରିଦେବା ନିମନ୍ତେ ଯେଉଁ ଆଲୋକ, ଅର୍ଥାତ୍ ଯେଉଁ ଚେତନା ଓହ୍ଲାଇ ଆସି ତାହା ମଧ୍ୟରେ ପ୍ରବେଶ କରେ, ତାହାକୁ ଏପରି ଏକ ଚେତନା ହୋଇ ରହିବାକୁ ପଡ଼ିବ, ଯାହା କି ତାକୁ ସ୍ପର୍ଶ କରିପାରିବା ଭଳି ତାହାର ଯଥେଷ୍ଟ ନିକଟବର୍ତ୍ତୀ ହୋଇ ରହିଥିବ । ଏପରି ଏକ ଆଲୋକର— ଉଦାହରଣ ସ୍ୱରୂପ ଅଧିମାନସ ଆଲୋକର—କଳ୍ପନା କରାଯାଇ ପାରିବ ନାହିଁ, ଯାହା କି ଅଚେତନାକୁ ଏକ ବ୍ୟକ୍ତିଭାବାପନ୍ନତା ଆଣି ଦେବାକୁ ପ୍ରକୃତରେ ସମର୍ଥ ହେଉଥିବ । ମାତ୍ର, ଏକ ସଚେତନ ଓ ବ୍ୟକ୍ତିଭାବାପନ୍ନ ସତ୍ତାର ମାଧ୍ୟମରେ ଏହି ଆଲୋକକୁ ଅବଶ୍ୟ ଅଚେତନ ମଧ୍ୟକୁ ଅବତୀର୍ଣ୍ଣ କରି ଅଣାଯାଇ ପାରିବ ଏବଂ ତଦ୍ୱାରା ତାହାକୁ କ୍ରମଶଃ ସଚେତନ କରାଯାଇ ପାରିବ ।

ସର୍ବପ୍ରଥମେ ଅବଚେତନକୁ ସଚେତନ ହେବାକୁ ପଡ଼ିବ; ଏବଂ, ସମ୍ପୂର୍ଣ୍ଣ ରୂପାନ୍ତରର ପଥରେ ବସ୍ତୁତଃ ଏହି ଅସୁବିଧାଟି ରହିଛି ଯେ, ଏହି ଅବଚେତନାରୁହିଁ ବସ୍ତୁଗୁଡ଼ିକ ସତତ ଉପରକୁ ଉଠିଆସିବାରେ ଲାଗିଛନ୍ତି । ତୁମେ ନିଜର କୌଣସି କ୍ରିୟା ଉପରେ, ଉଦାହରଣସ୍ୱରୂପ ତୁମର ରାଗ ଉପରେ, ନିୟନ୍ତ୍ରଣ ଅର୍ଜନ କରିପାରିଛ ବୋଲି ମନେ କରୁଛ, ନିଜ ରାଗକୁ ନିୟନ୍ତ୍ରଣରେ ରଖିବାକୁ ତୁମେ ଅତ୍ୟନ୍ତ କଠୋର ଭାବରେ ଚେଷ୍ଟା କରୁଛ ଏବଂ ସେଥିରେ କେତେ ପରିମାଣରେ ସଫଳ ମଧ୍ୟ ହେଉଛ । ତା'ପରେ ତାହା ହଠାତ୍ ପୁନର୍ବାର ତୁମ ଲାଗି ଅଜ୍ଞାତ ହୋଇ ରହିଥିବା କୌଣସି କାରଣରୁ ବାହାରକୁ ବାହାରି ଆସୁଛି; ସତେ ଅବା ତୁମେ ଆଦୌ କିଛି କରି ନାହଁ ଓ ତାହା ତଥାପି ବାହାରକୁ ବାହାରି ଆସୁଛି ଏବଂ ତୁମକୁ ପୁଣି ଏକାବେଳକେ ମୂଳରୁହିଁ ଆରମ୍ଭ କରିବାକୁ ପଡ଼ୁଛି । ଯଦି ସେହି କ୍ଷେତ୍ରରେ ସତ୍ତାର ରୂପାନ୍ତରିତ ଅଂଶଟି ପଛକୁ ଏହିପରି ଭାବରେ ସେହି ପୁରାତନ ଧନଗୁଡ଼ିକ ମଧ୍ୟକୁ ଫେରିଯାଉଥାନ୍ତା, ତେବେ ତାହା ପ୍ରକୃତରେ ସବୁଠାରୁ ଅଧିକ ନୈରାଶ୍ୟଜନକ ହେଉଥାନ୍ତା । ମାତ୍ର ପ୍ରକୃତରେ ସେପରି ହେଉ ନାହିଁ । ସତ୍ତାର ଭୌତିକ ଅଂଶଟି, ଜଡ଼ଗତ ଜୀବନଟିହିଁ ଅବଚେତନ ଜୀବନଟି ଦ୍ୱାରା ପୃଷ୍ଟ ଏବଂ ସମର୍ଥିତ ହେବାରେ ଲାଗିଛି । ଏବଂ, କେତେକ ବ୍ୟକ୍ତିଙ୍କୁ କେନ୍ଦ୍ର କରି ଏହି ଅବଚେତନ ବ୍ୟକ୍ତିଭାବାପନ୍ନ ହେବାକୁ ଆରମ୍ଭ କରୁଛି । ଜାତ୍ୟଂଶରେ ଆମ ନିଜ ଅବଚେତନ ପରି ଗୋଟିଏ ପ୍ରକାରର ଅବଚେତନ ସହିତ ଏହାର କେତେକ ସାଦୃଶ୍ୟ ରହିଛି ଏବଂ ତୁମେ ଦାବି ଦେଇଥିବା ବା ନିଜ ସ୍ୱଭାବମଧ୍ୟରୁ କାଢ଼ି ଫିଙ୍ଗି ଦେଇଥିବା ବସ୍ତୁଗୁଡ଼ିକ ପ୍ରକୃତରେ ସେହିଠାରେ ଯାଇ ଠୁଳ ହେଉଛନ୍ତି,—ଏବଂ କୌଣସି ଏକ ଅନୁକୂଳ ଦିବସରେ ପୁନର୍ବାର ଉପରକୁ ଉଠିଆସୁଛନ୍ତି । ମାତ୍ର, ଯଦି ତୁମେ ଆଲୋକଟିକୁ ସେହି ଅବଚେତନ ମଧ୍ୟକୁ ଆଣି ତାହାକୁ ସଚେତନ କରିଦେଇ ପାରିବ, ତେବେ ଏକଥା ଆଉଥରେ ଆଦୌ ଘଟିବ ନାହିଁ ।

'oaob.nitrkl.ac.in' images reprocessed

କୌଣସି ଅଭ୍ୟାସ ଅଥବା ଭୂଲ୍ କ୍ରିୟାତ୍ମକତା ସହିତ ବେଳେବେଳେ ସଫଳତାର ସହିତ ସଂଗ୍ରାମ କରୁଥିବା ପରି ଅନୁଭବ ହୋଇଥାଏ; ମାତ୍ର, ସମ୍ପୂର୍ଣ୍ଣ ବିଜୟ ହୋଇଯିବ ବୋଲି ଆଶା କରି ଯେତେବେଳେ ସଂଗ୍ରାମଟିକୁ ବର୍ଜନ କରାଯାଏ, ଠିକ୍ ସେତିକିବେଳେ ସତେଅବା ବାହାରୁ କୌଣସି ସ୍ଥାନରୁ ସେଇଟିକୁ ଦୂରୀଭୂତ କରି ନିଆଯାଏ। ସେପରି କାହିଁକି ହୁଏ ?

ଏହାର ଦୁଇଗୋଟି କାରଣ ରହିଛି। ଏହିଭଳି ଏକ କ୍ଷେତ୍ରରେ ତୁମେ ହୁଏତ ହଠାତ୍ ଅତ୍ୟନ୍ତ ଗ୍ରହଣଶୀଳ ହୋଇଯାଅ ଏବଂ ଗ୍ରହଣଶୀଳ ହେବାର ସେହି ଅବସ୍ଥାରେ ଅଭ୍ୟାସଟିକୁ ଦୂର କରି ନେବା ଲାଗି ଆବଶ୍ୟକ ହେଉଥିବା ସାହାଯ୍ୟଟିକୁ ତୁମେ ଗ୍ରହଣ କରିପାର ଓ ସେହି ସାହାଯ୍ୟ ଫଳପ୍ରଦ ମଧ୍ୟ ହୋଇଥାଏ। ଅନ୍ୟ କାରଣଟି ହେଉଛି ଯେ, ଧୈର୍ଯ୍ୟ ଓ ଅଧ୍ୟବସାୟ ସହିତ ଉଦ୍ୟମ କରୁକରୁ ହୁଏତ ଅତ୍ୟନ୍ତ ଅଜାଣତ ଭାବରେ ତୁମେ ଅବଚେତନ ମଧ୍ୟରେ ରହିଥିବା ତୁମର ଅସୁବିଧାଟିର ମୂଳ ଉତ୍ପତ୍ତିରେ ଆଘାତ କରିବା ଲାଗି ସମର୍ଥ ହୋଇଥାଅ। ଏବଂ ଥରେ ସେହି କଥାଟି ଘଟି ପାରିଲେ , ତୁମେ ନିଜ ଭିତରେ ଯାହାକିଛିର ରୂପାନ୍ତର ଘଟାଇବାକୁ ଇଚ୍ଛା କରୁଥିଲ, ସେଗୁଡ଼ିକର ରୂପାନ୍ତର ଘଟାଇବା ଅନେକ ସହଜ ହୋଇଯାଏ। ମାତ୍ର, ସେହି ରୂପାନ୍ତର ତୁମକୁ "ବାହାରୁ" କେଉଁଠାରୁ ଆସୁଛି ବୋଲି ପ୍ରତୀତ ହୋଇପାରେ; କ'ଣସବୁ ଘଟୁଥିଲା, ତୁମେ ସେବିଷୟରେ ସଜ୍ଞାନ ରହି ନ ଥିବାରୁ ତାହା ହୁଏ। ଏହା ପ୍ରକୃତରେ ବାହାରୁ ଆସେ ନାହିଁ, ତାହା ତୁମର କ୍ରିୟାଶୀଳ ଚେତନାର ବାହାରେ ରହିଥାଏ ଏବଂ ତୁମେ ତୁମ କ୍ରିୟାର କେବଳ "ପରିଣାମଟି" ବିଷୟରେ ସଜ୍ଞାନ ହେବାକୁହିଁ ସମର୍ଥ ହୁଅ। ଏହି ଦୁଇଟି ମଧ୍ୟରୁ ଗୋଟିଏ କାରଣରୁ ଏହା ଘଟିପାରେ କିଂବା ଏକାଠି ଦୁଇଟିଯାକ କାରଣରୁ ମଧ୍ୟ ଘଟିପାରେ।

***

"ଜଣେ ପିଲାର ଯାହା ସର୍ବଦା ମନେ ରଖିବା ଉଚିତ

"ପୂର୍ଣ୍ଣ ଆନ୍ତରିକତାର ଆବଶ୍ୟକତା।

'oaob.nitrkl.ac.in' images reprocessed

"ପରମସତ୍ୟରହିଁ ସର୍ବଶେଷରେ ବିଜୟ ହେବ ବୋଲି ସୁନିଶ୍ଚିତତା ।

"ଅଧିକରୁ ଅଧିକ ସମ୍ଭବ କରିବାର ଇଚ୍ଛାଶକ୍ତି ସହିତ ସତତ ଅଗ୍ରଗତି କରିବାର ସମ୍ଭାବନା ।"

ପୂର୍ଣ୍ଣ ଆନ୍ତରିକତା ଉପରେ ମୁଁ ଏତେ ଗୁରୁତ୍ୱ କାହିଁକି ଦେଉଛି ? ଆନ୍ତରିକତା କହିଲେ ଯେ କ'ଣ ବୁଝାଏ, ଅଧିକ ସାନ ପିଲାମାନେ ହୁଏତ ସେକଥା ବୁଝି ନାହାନ୍ତି; ମାତ୍ର ବଡ଼ ପିଲାମାନଙ୍କର ତ ତାହାର ଅର୍ଥକୁ ନିଶ୍ଚୟ ବୁଝିଥିବା ଉଚିତ । ତୁମେମାନେ ସମସ୍ତେ ନିଜର ବାଲ୍ୟକାଳ ଦେଇ ଅତିକ୍ରମ କରି ଆସିଛ ଏବଂ ପିଲା ଥିଲାବେଳେ ତୁମମାନଙ୍କୁ କ'ଣସବୁ ଶିକ୍ଷା ଦିଆ ଯାଇଥିଲା ଓ କ'ଣସବୁ କୁହାଯାଇଥିଲା, ତୁମେମାନେ ସମ୍ଭବତଃ ସେସବୁ କଥା ମନେ ରଖିଥିବ । ବାପା-ମାଆମାନେ ପ୍ରାୟ ସର୍ବଦା ସେମାନଙ୍କର ପିଲାମାନଙ୍କୁ କହନ୍ତି, "ତୁ ମିଛ କହିବୁ ନାହିଁ, ମିଛ କହିବା ଭାରି ଖରାପ ।" ମାତ୍ର, ଦୁର୍ଭାଗ୍ୟର କଥା ହେଉଛି ଯେ, ସେମାନେ ତୁମମାନଙ୍କର ଉପସ୍ଥିତିରେ ମଧ୍ୟ ମିଛକଥା କହନ୍ତି ଏବଂ, ସେମାନେ ନିଜେ ଯାହା କରୁ ନାହାନ୍ତି, ସେପରି କଥାଟିଏ ତୁମମାନଙ୍କୁ କରିବା ଲାଗି କାହିଁକି କହୁଛନ୍ତି, ତା'ପରେ ତୁମେମାନେ ସେହି ବିଷୟ ନେଇ ଆଶ୍ଚର୍ଯ୍ୟ ହେବାରେ ଲାଗିଥାଅ ।

ମାତ୍ର, ସେକଥାଟିକୁ ଛାଡ଼ିଦେଲେ ମଧ୍ୟ, ଆନ୍ତରିକତା ରଖିବା ଯେ ଏକାନ୍ତ ଆବଶ୍ୟକ, ପିଲାମାନଙ୍କୁ ସେମାନଙ୍କର ଅତି ଅଳ୍ପ ବୟସରୁ ସେକଥା କହିବା ଉଚିତ ବୋଲି ମୁଁ କାହିଁକି ଗୁରୁତ୍ୱ ଦେଇ କହୁଛି ? ଯେଉଁମାନଙ୍କର ପିଲାଦିନ ଏଠାରେ କଟିଛି, ମୁଁ ସେମାନଙ୍କ କଥା କହୁ ନାହିଁ; ମାତ୍ର ଯେଉଁମାନେ ସାଧାରଣ ପରିବାରମାନଙ୍କରେ ବଢ଼ିଛନ୍ତି ଓ ଯେଉଁମାନଙ୍କୁ ସାଧାରଣ ଧାରଣାମାନ ଆଣି ଦିଆ ଯାଇଛି, ମୁଁ ସେହିମାନଙ୍କର କଥା କହୁଛି । କିପରି ଅନ୍ୟମାନଙ୍କଠାରୁ ଅଧିକ ଚାଲାଖ ହୋଇ ପାରିବ, କିପରି ସବୁକଥା ଲୁଚାଇ ରଖି ପାରୁଥିବ, ଯେପରିକି ଅନ୍ୟମାନଙ୍କ ଆଖିରେ ଭଲ ବୋଲି ଦେଖାଯିବ, ଅଧିକାଂଶ ସମୟରେ ପିଲାମାନଙ୍କୁ ସେହି ଶିକ୍ଷା ଦିଆ ଯାଇଥାଏ । କେତେ ପିତାମାତା ପିଲାମାନଙ୍କୁ ଭୟ ଦେଖାଇ ନିୟନ୍ତ୍ରଣରେ ରଖିବାକୁ ଇଚ୍ଛା କରନ୍ତି ଏବଂ ତାହାକୁ ଶିକ୍ଷା ଦେବାର ସବୁଠାରୁ ଖରାପ ପ୍ରଣାଳୀ ବୋଲିହିଁ କହିବାକୁ ହେବ; କାରଣ, ଏହାର ଦ୍ୱାରାହିଁ ମିଛ କହିବାର, ଠକିବାର ଏବଂ କପଟୀ ହେବାର ଓ ସେହିପରି ଆଉ ସବୁକିଛିର ପ୍ରେରଣା ମିଳିଥାଏ । ମାତ୍ର ଯଦି ତୁମେ ପିଲାମାନଙ୍କୁ ବାରମ୍ବାର ଏହିପରି ଭାବରେ କଥାଟିକୁ ବୁଝାଇ କହି

'oaob.nitrkl.ac.in' images reprocessed

ପାରୁଥିବ : ଯଦି ତୁ ସଂପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ନ ହେବୁ, କେବଳ ଅନ୍ୟମାନଙ୍କ ପାଖରେ ନୁହେଁ ନିଜ ପାଖରେ ମଧ୍ୟ ଯଦି ନିଷ୍ଠାଯୁକ୍ତ ନ ହେବୁ, ଯଦି ତୁ କେତେ-ବେଳେ ନିଜର ଅପୂର୍ଣ୍ଣତା ଓ ଅସମର୍ଥତାଗୁଡ଼ିକୁ ଘୋଡ଼ାଇ ପକାଇବାକୁ ଚେଷ୍ଟା କରୁଥିବୁ, ତେବେ ତୁ ଆଦୌ କୌଣସି ଅଗ୍ରଗତି କରି ପାରିବୁ ନାହିଁ, ଜୀବନସାରା ବର୍ତ୍ତମାନ ଯେପରି ଅଛୁ ସେହିପରି ରହିଥିବୁ, କେବେହେଲେ କୌଣସି ଅଗ୍ରଗତି କରି ପାରିବୁ ନାହିଁ । ତେଣୁ, ଯଦି ତୁ ତଥାପି ଏହି ଆଦିମ ଅଚେତନ ଅବସ୍ଥାକୁ ଅତିକ୍ରମ କରି ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱର ଭୂମି ପାଉଥିବା ଏକ ଚେତନା ମଧ୍ୟକୁ ବିକଶିତ ହୋଇ ପାରିବା ଲାଗି ଇଚ୍ଛା କରୁଥିବୁ, ତେବେ ସେଥି ଲାଗି କେବଳ ଗୋଟିଏମାତ୍ର ସଂପୂର୍ଣ୍ଣ ରୂପେ ମହତ୍ତ୍ୱପୂର୍ଣ୍ଣ ସାଧନ ରହିଛି; ସେଇଟି ହେଉଛି ଆନ୍ତରିକତା । ଯଦି ତୁ ଏପରି କିଛି କରି ପକାଇଛୁ ଯାହାକି ତୋ'ର କରିବା ଉଚିତ ନ ଥିଲା, ତେବେ ତୁ ତାହାକୁ ନିଜ ପାଖରେ ସ୍ୱୀକାର କରିନେବୁ । ଯଦି ତୋ' ଭିତରେ ପ୍ରଶଂସାଯୋଗ୍ୟ ବୋଲି କୁହା ହୋଇ ପାରୁ ନ ଥିବା କୌଣସି କଥାଟିଏ ଜନ୍ମଲାଭ କରିଛି, ତେବେ ତାକୁ ତୁ ସିଧା ଅନାଇ ପାରିବାକୁ ସମର୍ଥ ହେବୁ ଓ ତାକୁ କହିବୁ, "ନାଇଁ, ଏହା ଆଦୌ ଭଲ ହେଲା ନାହିଁ", କିଂବା "ଏଇଟା ଭାରି ବିରକ୍ତିକର ହେଲା" ଅଥବା ଏପରିକି, "ଏହା ଏକ ଦୁଷ୍ଟ ଆଚରଣ ହୋଇଗଲା ।"

ଏବଂ, ଏପରି ଆଦୌ ଭାବିବା ଉଚିତ ନୁହେଁ ଯେ, ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନଙ୍କ ପ୍ରତି କି ଏହି ନିୟମଟି ପ୍ରଯୁଜ୍ୟ ହୋଇ ପାରିବ ନାହିଁ; କାରଣ, ଜଡ଼ ପ୍ରକୃତି ମଧ୍ୟରେ ଆଦୌ କୌଣସି ଅଂଶ ଗ୍ରହଣ ନ କରି ତୁମେ କଦାପି ଏହି ଜଡ଼ ପୃଥିବୀରେ ବାସ କରି ପାରିବ ନାହିଁ । ଏବଂ, ଜଡ଼ ପ୍ରକୃତି ସର୍ବଦା ମୂଳତଃ ଏକ ବିମିଶ୍ରିତ ଅବସ୍ଥାରେ ରହିଥାଏ । ସଂପୂର୍ଣ୍ଣ ଆନ୍ତରିକତା ଅର୍ଜନ କରି ପାରିଲେ ତୁମେ ଅବଶ୍ୟ ଦେଖିବାକୁ ପାଇବ ଯେ, ତୁମ ଭିତରେ ଏପରି ଆଦୌ କୌଣସି ବସ୍ତୁ ନାହିଁ ଯାହାକି ଏକାବେଳେକେ ଅବିମିଶ୍ରିତ ଭାବରେ ରହିଛି । ମାତ୍ର, ଯେତେବେଳେ ତୁମେ ନିଜ ଆଡ଼କୁ ସିଧା ଅନାଇ ପାରିବ, ଆପଣାର ଉଚ୍ଚତମ ଚେତନାର ଆଲୋକରେ ନିଜ ଆଡ଼କୁ ଦୃଷ୍ଟିପାତ କରି ପାରିବ, ତେବେ, ତୁମେ ନିଜର ସ୍ୱଭାବ ମଧ୍ୟରୁ ଯାହାକିଛି ବାହାର ବିଲୁପ୍ତ କରିଦେବାକୁ ଇଚ୍ଛା କରୁଥିବ, ତାହା ନିଶ୍ଚୟ ଅନ୍ତର୍ହିତ ହୋଇଯିବ । ସଂପୂର୍ଣ୍ଣ ଆନ୍ତରିକତା ଅର୍ଜନ କରିବା ଲାଗି ଏହିପରି ଉଦ୍ୟମ ନ କଲେ ସେହି ଦୋଷଟି, ସାନ ଗ୍ରୁଇଟି ଭିତରେ କୌଣସି ଏକ କଣରେ ଯାଇ ଲୁଚି ରହିଥିବ ଓ ବାହାରକୁ ଆସିବା ସକାଶେ ସୁଯୋଗର ଅପେକ୍ଷା କରିଥିବ ।

ଏଠାରେ ମୁଁ ପ୍ରାଣିକର କଥା କହୁ ନାହିଁ; ପ୍ରାଣିକ ତ କପଟପୂର୍ଣ୍ଣ ହୋଇ ରହିଥାଏ । ମୁଁ କେବଳ ମନ ବିଷୟରେହିଁ ଏସବୁ କଥା କହୁଛି । ଯଦି ତୁମ

'oaob.nitrkl.ac.in' images reprocessed

ଭିତରେ କୌଣସି ଏକ ସ୍ଥାନ ଓ ଅରୁଚିକର ଅବବୋଧଟିଏ ରହିଥାଏ, ଏକ କଷ୍ଟର ଅସ୍ୱସ୍ତିକର କିଛି ରହିଥାଏ, ତେବେ ତୁମର ମନ ତାହାର ସପକ୍ଷରେ କେଡ଼େ ଶୀଘ୍ର ଏକ ଅନୁକୂଳ କୈଫିୟତ୍ ଦେବା ଲାଗି ବାହାରି ଆସିବ, ତୁମେ କେବଳ ସେହିକଥା ଲକ୍ଷ୍ୟ କରୁଥିବ । ସିଏ ହୁଏତ ଆଉ କାହା ଉପରେ ବା ପରିସ୍ଥିତି ଉପରେ ସବୁ ଦୋଷ ନେଇ ଲଦି ଦେଉଥିବ । ତୁମକୁ କହୁଥିବ ଯେ, ତୁମେ ଯାହା କରିଛ ଠିକ୍ କରିଛ ଏବଂ ତୁମେ ଏଥି ଲାଗି ଆଦୌ ଦାୟୀ ହୋଇ ପାରିବ ନାହିଁ; ଏହିପରି କେତେ କ'ଣ କହୁଥିବ । ଯଦି ତୁମେ ସେତେବେଳେ ଭଲ କରି ଆପଣା ଆଡ଼କୁ ଅନାଇବ, ତେବେ ନିଜକୁ ଠିକ୍ ସେହି ଅବସ୍ଥାରେ ଦେଖିବାକୁ ପାଇବ ଓ ତାହା ତୁମକୁ ଭାରି କୌତୁକପୂର୍ଣ୍ଣ ମଧ୍ୟ ଲାଗିବ! ଯଦି ଗୋଟିଏ ପିଲା ଏକାବେଳେକେ ଅଳ୍ପ ବୟସରୁ ନିଜକୁ ଯଥାର୍ଥ ସହିତ ପରୀକ୍ଷା କରି ଦେଖିବାକୁ ଆରମ୍ଭ କରିଦିଏ, ନିଜକୁ କିଂବା ଅନ୍ୟମାନଙ୍କୁ କୌଣସି ପ୍ରକାରେ ପ୍ରତାରିତ ନ କରିବା ଭଳି ଯଦି ସେ ସାଧୁତାର ସହିତ ଆପଣା ଉପରେ ଦୃଷ୍ଟିପାତ କରିପାରେ, ତେବେ ଏହା ତା'ର ଏକ ଅଭ୍ୟାସରେ ପରିଣତ ହୋଇଯିବ ଏବଂ ତାକୁ ପରବର୍ତ୍ତୀ କାଳରେ ଅନେକ ସଂଘର୍ଷରୁ ବଞ୍ଚାଇ ରଖିପାରିବ ।

ବର୍ତ୍ତମାନ ମୁଁ ପିତାମାତା ଏବଂ ଶିକ୍ଷକମାନଙ୍କୁ ଉଦ୍ଦେଶ୍ୟ କରି କିଛି କହିବି; କାରଣ, ସେତେଯେପରି ସେମାନେ ଖୁବ୍ ଭଲ, ସେହିପରି "ଦେଖାଯିବାକୁ" ଏବଂ ସେତେଯେପରି ଖୁବ୍ ବାଧ୍ୟ ଓ ଖୁବ୍ ଭଲ ଭାବରେ ନିଜର ପଢ଼ାପଢ଼ି କରୁଛନ୍ତି, ସେହିପରି "ଦେଖାଯିବାକୁ" ଚେଷ୍ଟା କରିବା ଯେ କେଡ଼େ ନିରର୍ଥକ, ପିଲାମାନଙ୍କୁ ସେହି କଥାଟିକୁ ଶିଖାଇବା ପ୍ରକୃତରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଅନେକ ସମୟରେ ନିଜର ପିଲାମାନଙ୍କ ବିଷୟରେ ବାପମାଆ ଓ ଶିକ୍ଷକମାନେ ଏପରି ଏକ ମାର୍ଗ ଗ୍ରହଣ କରନ୍ତି ଯାହା ଦ୍ୱାରା କି ସେମାନେ "ଅମୁକ ପରି ଦେଖାଯିବାକୁ"ହିଁ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୁଅନ୍ତି । ଅନେକ ସମୟରେ ଏପରି ଘଟେ ଯେ, ଯଦି ଗୋଟିଏ ପିଲା ସ୍ୱତଃପ୍ରେରିତ ହୋଇ ନିଜର ଦୋଷକୁ ସ୍ୱୀକାର କରେ, ତେବେ ତାକୁ ଗାଳି ଦିଆଯାଏ । ଏହା ଦ୍ୱାରା ପିତାମାତାମାନେ ଏକ ଅତି ସାଂଘାତିକ ଭୁଲ କରିଥାନ୍ତି । ତୁମର ନିଜ ଉପରେ ଯଥେଷ୍ଟ ନିୟନ୍ତ୍ରଣ-ଶକ୍ତି ରହିଥିବା ଦରକାର, ଯେପରିକି ତୁମେ କୌଣସି ପିଲାକୁ କେବେହେଲେ ଗାଳି ଦେବ ନାହିଁ, ସିଏ କୌଣସି ଏକ ଅତି ଦାମିକା ଏବଂ ଅତି ପ୍ରିୟ ବସ୍ତୁଟିଏ ଭାଙ୍ଗି ଦେଇଥିଲେ ମଧ୍ୟ ତୁମେ ତାକୁ ଗାଳି ଦେବ ନାହିଁ । ତୁମେ ତାକୁ କେବଳ ଏତିକି ପଚାରିବ, "ତୁ କିପରି ଏପରି କଲୁ?" "ପ୍ରକୃତରେ କ'ଣ ଘଟିଲା?" କାରଣ, ଘଟଣାଟି କାହିଁକି ଘଟିଲା, ପିଲାଟିର ମଧ୍ୟ ତାହା ଯଥାର୍ଥ ଭାବରେ ବୁଝିବା ଉଚିତ, ଯେପରିକି ସିଏ ପରେ ସେହି ବିଷୟରେ ଅଧିକ ସାବଧାନ ହୋଇପାରିବ । ବାସ୍, ତୁମେ କେବଳ ଏତିକି

'oaob.nitrkl.ac.in' images reprocessed

କରିବ । ଏହିପରି ଭାବରେ ତୁମର ପିଲା ତୁମ ପାଖରେ ସାଧୁ ହୋଇ ଶିଖିବ ଓ ତୁମକୁ ଠକିବା ଲାଗି ମୋଟେ ଚେଷ୍ଟା କରିବ ନାହିଁ ।

କପଟାଚରଣ ହେଉଛି ନିଜର ଚରିତ୍ରରେ ଏକ ଯଥାର୍ଥ ପରିବର୍ତ୍ତନ ଘଟାଇବା ବାଟରେ ସବୁଠାରୁ ବଡ଼ ପ୍ରତିବନ୍ଧକ । କୌଣସି ପିଲା ସହିତ ଆପଣାର ଯାବତୀୟ ସମ୍ପର୍କରେ ଯଦି ତୁମେ ଏହି କଥାଟିକୁ ମନେ ରଖିଥିବ, ତେବେ ତୁମେ ତା'ର ଅନେକ ଉପକାର କରିବ । ଅବଶ୍ୟ ଏକଥା ସତ ଯେ, ତୁମେ ତା' ଆଗରେ ଉପଦେଶ ପ୍ରଚାର କରିବ ନାହିଁ କିଂବା କୌଣସି ବକ୍ତୃତା ଦେବ ନାହିଁ । ତୁମେ କେବଳ ଏତିକି ବିଷୟରେ ତା'ଙ୍କ ହୃଦ୍‌ବୋଧ କରାଇବ ଯେ, ସତ୍ତା ଭିତରେ ଏକ ମହାନତା ରହିଛି, ଏପରି ଏକ ବୃହତ୍ତ୍ୱ ଶୁଦ୍ଧତା ଓ ସୌନ୍ଦର୍ଯ୍ୟ ଲାଗି ଶ୍ରଦ୍ଧା ରହିଛି, ଯାହାର ପ୍ରକୃତରେ ଏତେ ଅଧିକ ଶକ୍ତି ଯେ, ସବୁଠାରୁ ଅଧିକ ଦୁଷ୍ଟ ଏବଂ ଅପରାଧ ସ୍ୱଭାବ ବ୍ୟକ୍ତିମାନେ ମଧ୍ୟ ଯଥାର୍ଥରେ ଏକ ସୁନ୍ଦର, ସାହସିକ ବା ନିଃସ୍ୱାର୍ଥପର କାର୍ଯ୍ୟଟିକୁ ତାହାର ପ୍ରକୃତ ମୂଲ୍ୟ ଦେଇ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି ।

କାରଣ, ମନୁଷ୍ୟମାନଙ୍କ ଭିତରେ ଏକ ଉପସ୍ଥିତି ଅବଶ୍ୟ ରହିଛି, ଏହି ପୃଥିବୀର ସବୁଠାରୁ ଅଧିକ ମହିମମୟ ସେହି ପରମ ଉପସ୍ଥିତି ରହିଛି, ଏବଂ ଅତ୍ୟନ୍ତ ବିରଳ ମାତ୍ର ଅଳ୍ପ ସଂଖ୍ୟକ କ୍ଷେତ୍ରକୁ ଛାଡ଼ିଦେଲେ,—ଏଠାରେ ସେଗୁଡ଼ିକର ଉଲ୍ଲେଖ କରିବା ଦରକାର ନାହିଁ,—ସମସ୍ତଙ୍କ ଭିତରେ ସେହି ଉପସ୍ଥିତି ହୃଦୟ ମଧ୍ୟରେ ସୁପ୍ତ ହୋଇ ରହିଛି । ଏଠାରେ ମୁଁ ଦେହ ଭିତରେ ଥିବା ହୃଦ୍‌ଯନ୍ତ୍ରର କଥା କହୁ ନାହିଁ, ମାତ୍ର ଚୈତ୍ୟ କେନ୍ଦ୍ରଟିର କଥା କହୁଛି । ଏବଂ, ଯେତେବେଳେ ସେହି ଅନନ୍ୟ ମହିମା ଯଥେଷ୍ଟ ଶୁଦ୍ଧତା ସହିତ ପ୍ରକଟ ହୋଇ ବାହାରି ଆସି ପାରିବ, ସେତେବେଳେ ତାହା ଏହି ପରମ ଉପସ୍ଥିତିର ପ୍ରତିଧ୍ୱନିକୁ ପ୍ରତ୍ୟେକ ସତ୍ତା ମଧ୍ୟରେ ଜାଗ୍ରତ କରିଦେବ ।

ସମାଜ ଅସାଧୁତାକୁ ଏତେବେଶୀ ପ୍ରଶ୍ରୟ କାହିଁକି ଦିଏ ?

କାରଣ ସମାଜକୁ ସଫଳତାର ଭୂତ 'କାବୁ' କରି ରଖିଛି ।

ଆନ୍ତରିକତା ଓ ଆନୁଗତ୍ୟ ମଧ୍ୟରେ କୌଣସି ତଫାତ୍ ରହିଛି କି ?

ଦୁଇଟି ଭିନ୍ନ ଭିନ୍ନ ଜିନିଷ ଭିତରେ ସବୁବେଳେ ତଫାତ୍ ରହିବ । ଅବଶ୍ୟ ଏକଥା ସତ ଯେ, ଆନ୍ତରିକତା ନ ଥାଇ ଆନୁଗତ୍ୟ ରହିବା ପ୍ରକୃତରେ ଖାଲି

'oaob.nitrkl.ac.in' images reprocessed

କଷ୍ଟକର । ଏବଂ, ଆନୁଗତ୍ୟ ନ ଥାଇ ଆନ୍ତରିକତା ରହିବା ମଧ୍ୟ ସମାନ ଭାବରେ କଷ୍ଟକର । ମାତ୍ର, ମୁଁ ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନେ ଅନୁଗତ ଥିଲେ ସତ, ମାତ୍ର ସେମାନଙ୍କ ଭିତରେ ଏକ ନିର୍ଦ୍ଦିଷ୍ଟ ପ୍ରକାରର ଆନ୍ତରିକତାର ଅଭାବ ରହିଥିଲା । ଏହାର ବିପରୀତ କଥାଟି ମଧ୍ୟ ଆଦୌ ବିରଳ ନୁହେଁ । ଗୋଟିଏ ହେଲେ ଯେ ଅନ୍ୟଟି ଆପଣା ଛାଏଁ ହୋଇଯାଏ, ସେକଥା ମୋଟେ ନୁହେଁ ; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସାଧୁତା, ସ୍ପଷ୍ଟବାଦିତା, ଆନୁଗତ୍ୟ ଓ ଆନ୍ତରିକତା,—ଏଗୁଡ଼ିକର ପରସ୍ପର ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିଛି । ମୁଁ ଭାବୁଛି ଯେ, ଜଣେ ବ୍ୟକ୍ତି ପକ୍ଷରେ ଆନୁଗତ୍ୟ ଏବଂ ସାଧୁତା ନ ଥାଇ ପରିପୂର୍ଣ୍ଣ ଭାବରେ ନିଷ୍ଠାପର ହେବା ପ୍ରକୃତରେ ଅତ୍ୟନ୍ତ କଷ୍ଟସାଧ୍ୟ ହେବ ; ମାତ୍ର ଏହା ଅବଶ୍ୟ ସତ ଯେ, ଏଥିରେ ଜଣେ ବ୍ୟକ୍ତି ଠାରୁ ପ୍ରକୃତରେ ତା'ର ଚରମ ସାମର୍ଥ୍ୟର ଦାବି କରି ଯାଇଥାଏ ।

ଆନୁଗତ୍ୟ କୌଣସି ବସ୍ତୁ ଅଥବା କୌଣସି ବ୍ୟକ୍ତି ପ୍ରତି ରହିଥିବା ଏକ ଭାବନା ଦ୍ୱାରା ସୀମାବଦ୍ଧ ରହିଯାଏ ନାହିଁ କି ? ଆନ୍ତରିକତା କହିଲେ ତାହାଠାରୁ ଅଧିକ ପ୍ରଶସ୍ତ ଏକ ମନୋଦୃଷ୍ଟିକୁ ବୁଝାଏ ନାହିଁ କି ?

ହଁ, ବୁଝାଏ । ଆନୁଗତ୍ୟରେ କୌଣସି ବ୍ୟକ୍ତି କିମ୍ବା କୌଣସି ବସ୍ତୁ ସହିତ ରହିଥିବା ସୋପାନ କ୍ରମଗତଃ ଏକ ସମ୍ବନ୍ଧ ଅବଶ୍ୟ ରହିଥାଏ । ସେହି କ୍ଷେତ୍ରରେ ଏକ ପରସ୍ପର-ନିର୍ଭରଶୀଳତା ଥାଏ । ସାଧାରଣ ଧାରଣା ଅନୁସାରେ ଆନୁଗତ୍ୟ କହିଲେ ନିଜର କଥା ଅନୁସାରେ କାର୍ଯ୍ୟ କରିବାକୁ ବୁଝାଏ, ବିବେକର ସହିତ ନିଜର କାର୍ଯ୍ୟ କରିବା ଇତ୍ୟାଦିକୁ ବୁଝାଏ ।

ଏକାକୀ ହୋଇ ଏକ ଅରଣ୍ୟରେ ବାସ କରୁଥିବା ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଆନ୍ତରିକତାର ଅଭ୍ୟାସ କରିବାକୁ ବେଶ୍ ସମର୍ଥ ହେବ, ମାତ୍ର କେବଳ ସାମାଜିକ ଜୀବନରେ ଓ ଅନ୍ୟ ବ୍ୟକ୍ତିମାନଙ୍କ ସହିତ ରହିଥିବା ସମ୍ବନ୍ଧର କ୍ଷେତ୍ରରେହିଁ ଆନୁଗତ୍ୟର ଆଚରଣ ସମ୍ଭବ ହୋଇ ପାରିବ । ଯେଉଁ ବ୍ୟକ୍ତି ଏକ ଅନ୍ତର୍ଗତ ଶ୍ରଦ୍ଧାର ପ୍ରକ୍ରିୟା ମଧ୍ୟରେ ଦିବ୍ୟ ପରମ ଉପସ୍ଥିତିଙ୍କ ଲାଗି ପରିପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ ହୋଇ ରହିଥିବ, ସିଏ ସେହି ଉପସ୍ଥିତି ପାଖରେ ନିଶ୍ଚୟ ଅନୁଗତ ରହିପାରିବ । ଏହା ତୁମର ସମ୍ମୁଖରେ ରହିଥିବା କୌଣସି ବସ୍ତୁ ସହିତ ପ୍ରତିଷ୍ଠିତ ଏକ ସମ୍ବନ୍ଧକୁ ଅର୍ଥାତ୍ ବିଶ୍ୱମୟ ଅସ୍ତିତ୍ୱ ସହିତ ସ୍ଥାପିତ ଏକ ସମ୍ବନ୍ଧକୁ ବୁଝାଇବ ।

'oaob.nitrkl.ac.in' images reprocessed

ଜର୍ମାନ୍ ସାମରିକ ସେନାପତିମାନେ ହିଟ୍‌ଲର୍‌ଙ୍କ ପ୍ରତି ଅନୁଗତ ହୋଇ ରହିଥିଲେ, ମାତ୍ର ସେମାନେ ନିଜପ୍ରତି ଆଦୌ ନିଷ୍ଠାଯୁକ୍ତ ନ ଥିଲେ ।

ଏହା ଗୋଟିଏ ଅତ୍ୟନ୍ତ ଜଟିଳ ପ୍ରଶ୍ନ । ସେମାନେ ହୁଏତ ନିଜର ଆଦର୍ଶର କ୍ଷେତ୍ରରେ ନିଷ୍ଠାପର ରହିଥିଲେ । ସେକଥା କେହି ଠିକ୍ କରି ଜାଣିଛି ବୋଲି କହି ପାରିବ ନାହିଁ ।

ମୁଁ ଏପରି ଅନେକ ସତ୍ତ୍ୱଙ୍କୁ ଜାଣିଛି ଯେଉଁମାନେ କି ଦିବ୍ୟ ଜୀବନର ବିରୁଦ୍ଧରେ, ଦିବ୍ୟ ଉପଲବ୍ଧିର ବିରୁଦ୍ଧରେ ସନ୍ନିଯୁକ୍ତମ ନିମିତ୍ତ ରୂପେ କାର୍ଯ୍ୟ କରୁଥିଲେ । ତଥାପି କେତେ ପରିମାଣରେ କୁହାଯାଇ ପାରିବ ଯେ ନିଜର ଆଦର୍ଶ ପ୍ରତି ଆନୁଗତ୍ୟ ରଖିଥିଲେ ଏବଂ ଅତ୍ୟନ୍ତ ନିଷ୍ଠାପର...* । ଏହି ସତ୍ତ୍ୱମାନଙ୍କୁ ଅସୁର ବୋଲି କୁହାଯାଏ ; ମାତ୍ର, ଯେପରି ମୁଁ ବର୍ତ୍ତମାନ କହୁଥିଲି, ସେମାନଙ୍କର ନିଜ ଆଦର୍ଶ ପ୍ରତି ସେମାନେ ଅବଶ୍ୟ ନିଷ୍ଠାପର ଥିଲେ ।

ତେଣୁ ନିଷ୍ଠାପର ହେବା ମୋଟେ ଯଥେଷ୍ଟ ନୁହେଁ ?

ସେମାନଙ୍କର ପରିପୂର୍ଣ୍ଣ ନିଷ୍ଠା ରହିଥିଲା ବୋଲି ମୁଁ ତ କହିଲି ନାହିଁ । ମୁଁ କେବଳ ଏତିକି କହିଲି ଯେ ସେମାନେ ଖୁବ୍ ନିଷ୍ଠାପର ଥିଲେ । ସମ୍ଭବତଃ, ସେମାନଙ୍କ ସତ୍ତ୍ୱର କୌଣସି ଅଂଶରେ ଏପରି ଏକ ଉପାଦାନ ରହିଥିଲା ଯାହାକି, ଯେତିକି ଜାଣିଥିଲା, ତା'ଠାରୁ ଅଧିକ ଜାଣିବା ଲାଗି ଆଦୌ ଇଚ୍ଛା କରୁ ନ ଥିଲା । ଏହା ବେଶ୍ ସମ୍ଭବ ।

ଅନେକ ବ୍ୟକ୍ତି ପରିପୂର୍ଣ୍ଣ ନିଷ୍ଠା ହାସଲ କରି ସାରିଛନ୍ତି ବୋଲି ଭାବନ୍ତି ।

ପରିପୂର୍ଣ୍ଣ ନିଷ୍ଠା ହାସଲ କରିପାରିଛ ବୋଲି ତୁମେ ଯଦି ନିଶ୍ଚିତ ହୋଇ ରହିଥିବ, ତେବେ ଏକଥା ମଧ୍ୟ ନିଶ୍ଚିତ ଭାବରେ ଜାଣିବ ଯେ ତୁମେ କେବଳ ମିଥ୍ୟାରେହିଁ ନିମଗ୍ନ ହୋଇ ରହିଛ !

* ପ୍ରତିଲିପିରେ ଶବ୍ଦଗୁଡ଼ିକ ଉହ୍ୟ ରହି ଯାଇଛି ।

'oaob.nitrkl.ac.in' images reprocessed

# ୨୮ ଜାନୁଆରୀ ୧୯୫୨

"ଜୀବନ ବଞ୍ଚିବାର ବିଜ୍ଞାନ" ଶୀର୍ଷକରେ (ଶତବାର୍ଷିକୀ (ଇଂରେଜୀ) ସଂସ୍କରଣ, ୧୬ଶ ଖଣ୍ଡ, ପୃଷ୍ଠା ୩-୮) ଲିଖିତ ମାଆଙ୍କ ପ୍ରବନ୍ଧ ଉପରେ ଏହି ପ୍ରବଚନଟି ଆଧାରିତ ।

ଅନ୍ତର୍ଗତ ପରମସତ୍ୟ ଦ୍ୱାରାହିଁ ଚୈତ୍ୟସତ୍ତାର ଗଠନ ହୁଏ, ଏବଂ ତାହାରି ଚାରିପାଖରେ ଏହାର ସଂଗଠନ ହୋଇଥାଏ ।

*

ପ୍ରାଣିକ ହେଉଛି ବିସ୍ତାର ଗତ୍ୟାତ୍ମକତା । ଏହା ଇଚ୍ଛାଶକ୍ତିର ଆସ୍ଥାନ,— ଯାବତୀୟ ଆବେଗ, ବାସନା ଏବଂ ବିଦ୍ରୋହ ପ୍ରଭୃତିର ଆସ୍ଥାନ ।

*

ଭୌତିକ କହିଲେ ଆମେ ସେହି ସାକାର ରଜ୍ୟକୁ ବୁଝିବା, ଯାହାକି ଯାବତୀୟ ଭାବନା ତଥା ପ୍ରାଣିକର ଗତିସ୍ପନ୍ଦନ ପ୍ରଭୃତିକୁ ଆକୃତି ପ୍ରଦାନ କରିଥାଏ, ଏକ ସଂଜ୍ଞା ମଧ୍ୟ ଦେଇଥାଏ । ବିସ୍ତା ନିମନ୍ତେ ଏହା ହେଉଛି ଏକ ଘନୀଭୂତ ଆଧାର ।

*

ଆପଣାର ଚୈତ୍ୟ ସତ୍ତାକୁ ଆବିଷ୍କାର କରିବା କହିଲେ ଏହି ଚୈତ୍ୟସତ୍ତା ପ୍ରକୃତରେ ରହିଛି ବୋଲି ଏକପ୍ରକାର ଦୃଢ଼ ସଂପ୍ରତ୍ୟୟ ଏବଂ ବିଶ୍ୱାସକୁ ବୁଝାଏ । ଆମକୁ ତାହା ବିଷୟରେ ସଜ୍ଞାନ ହେବାକୁ ପଡ଼ିବ, ତା'ପରେ ଜୀବନ ଓ କର୍ମଗତ ସକଳ ନିର୍ଦ୍ଦେଶନାକୁ ତାହାରି ହାତରେ ଛାଡ଼ିଦେବାକୁ ପଡ଼ିବ । ସର୍ବଦା ତାହାର ପରାମର୍ଶ ଗ୍ରହଣ କରି ତାକୁ ଆମର ମାର୍ଗନିର୍ଦ୍ଦେଶକ ରୂପେ ଗ୍ରହଣ କରିବାକୁ ହେବ ।

'oaob.nitrkl.ac.in' images reprocessed

ସେହି ଚୈତ୍ୟ ସତ୍ତାର ଅଧିକରୁ ଅଧିକ ନିର୍ଦ୍ଦେଶନା ଲୋଡ଼ିବା ସଙ୍ଗେ ସଙ୍ଗେହିଁ ଆମେ ଆମ ସତ୍ତାର ଯାବତୀୟ ଗତିସ୍ପନ୍ଦନ ବିଷୟରେ ସଜ୍ଞାନତା ଲାଭ କରିଥାଉ ।

*

କେବଳ ଗୋଟିଏ ଲକ୍ଷ୍ୟ ରହିଥିବା ଆଦୌ ଯଥେଷ୍ଟ ନୁହେଁ । ଆମର ଯାବତୀୟ ଗତିସ୍ପନ୍ଦନକୁ ସେଗୁଡ଼ିକର ଉତ୍ସମୂଳ ସହିତ ସଂଯୁକ୍ତ କରି ରଖିବା ଲାଗି ସତତ ପ୍ରୟାସ କରି ସେହି ଲକ୍ଷ୍ୟଟିକୁ ହାସଲ କରିବା ନିମନ୍ତେ ଆମ ଭିତରେ ଆବଶ୍ୟକ ଇଚ୍ଛାଶକ୍ତି ମଧ୍ୟ ରହିଥିବା ଉଚିତ ।

*

ଆତ୍ମକର୍ତ୍ତୃତ୍ୱ ଅର୍ଜନ କରିବାର ଅର୍ଥ ହେଉଛି, ଆମେ ନିଜ ବିଷୟରେ ଓ ନିଜର ଗତିସ୍ପନ୍ଦନଗୁଡ଼ିକ ବିଷୟରେ ସଚେତନ ହେବା; ତାହାର ଅର୍ଥ ହେଉଛି ଯେ, ଆମେ ନିଜେ ଯାହା କରିବା ବୋଲି ନିଷ୍ପତ୍ତି କରିଛୁ, ତାହାହିଁ କରିବା ଏବଂ, ଅନ୍ୟମାନେ ଆମେ ଯାହାକରୁ ବୋଲି ଇଚ୍ଛା କରୁଛନ୍ତି, ତାହା ନ କରିବା ।

*
* *

"ଏହି ଅବବୋଧଟିକୁ (ଆମ ଭିତରେ ଚୈତ୍ୟ ଅବସ୍ଥିତିର ଅବବୋଧ) ଲାଭ କରିବା ପାଇଁ ଏବଂ ଶେଷରେ ଏହି ଏକାତ୍ମକତା (ଏହା ସହିତ) ଅର୍ଜନ କରିବା ପାଇଁ ବିଭିନ୍ନ ସମୟରେ ଓ ବିଭିନ୍ନ ସ୍ଥାନରେ ନାନାବିଧ ମାର୍ଗର ପରାମର୍ଶ ଦିଆଯାଇଛି । ସେଥି ମଧ୍ୟରୁ କେତେକ ମାର୍ଗ ମନୋବୈଜ୍ଞାନିକ, କେତେକ ଧର୍ମୀୟ, ଏପରିକି କେତେକ କେବଳ କେତୋଟି ଯାନ୍ତ୍ରିକ ପଦ୍ଧତିରହିଁ ପରାମର୍ଶ ଦେଇଛନ୍ତି । ପ୍ରକୃତ କ୍ଷେତ୍ରରେ, ନିଜ ପାଇଁ କେଉଁଟି ସବୁଠାରୁ ଅଧିକ ଉତ୍ତମ, ପ୍ରତ୍ୟେକ ବ୍ୟକ୍ତିକୁ ତାହା ବାଛି ନେବାକୁ ହୁଏ ଏବଂ, ଯଦି ଆମ ଭିତରେ ଏକ ଉଦ୍ଦୀପ୍ତ ତଥା ଅବିଚଳ ଅଭୀପ୍ସା ରହିଥାଏ, ଏକ ସତତ-

'oaob.nitrkl.ac.in' images reprocessed

ଉଦ୍ୟମଶୀଳ ଓ ଗତିଶୀଳ ଇଚ୍ଛାଶକ୍ତି ରହିଥାଏ, ତେବେ, ଯେକୌଣସି ପ୍ରକାରେ ହେଉ ପଛକେ, ବାହ୍ୟତଃ ପଠନ ଓ ଅଧ୍ୟୟନ ଦ୍ୱାରା କିମ୍ବା ଅନ୍ତର୍ଗତ ଭାବରେ ଅଭିନିବେଶ, ଧ୍ୟାନ, ସତ୍ୟୋଦ୍‌ଘାଟନ ଏବଂ ଅନୁଭବ ଦ୍ୱାରା—ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିବା ନିମନ୍ତେ ଆମର ଯେଉଁ ସାହାଯ୍ୟ ଦରକାର, ସେହି ସାହାଯ୍ୟ ଆମକୁ ଅବଶ୍ୟ ମିଳିବ ।"

ଏହି ଯାନ୍ତ୍ରିକ, ଧର୍ମୀୟ ଏବଂ ମନୋବୈଜ୍ଞାନିକ ମାର୍ଗଗୁଡ଼ିକ ଭିତରେ କି ପାର୍ଥକ୍ୟ ରହିଛି ? ଭିନ୍ନ ଭିନ୍ନ ଧର୍ମ ଧର୍ମୀୟ ପ୍ରଣାଳୀଗୁଡ଼ିକୁ ଗ୍ରହଣ କରିଛନ୍ତି । ଅଧିକ ସଂଖ୍ୟକ ଧର୍ମ ଯେ ଅନ୍ତର୍ଗତ ପରମସତ୍ୟ ବିଷୟରେ କିଛି କହିଛନ୍ତି, ସେକଥା ଆଦୌ ନୁହେଁ । ସେମାନେ ସେମାନଙ୍କର କଳ୍ପିତ ଈଶ୍ୱରଙ୍କର ସାନ୍ନିଧ୍ୟକୁ ଆସିବା ଉପରେହିଁ ଅଧିକତର ମହତ୍ତ୍ୱ ଦେଇଛନ୍ତି । ସ୍ୱର୍ଗ ଏବଂ ନର୍କ : ଘୂରି ବୁଲାଇ ବୁଲାଇ ଏହି କଥା କୁହାଯାଇଛି ଯେ......*

ମନୋବୈଜ୍ଞାନିକ ପ୍ରଣାଳୀଗୁଡ଼ିକରେ ଚେତନାର ସ୍ଥିତିଗୁଡ଼ିକ ବିଷୟରେ କୁହାଯାଇଛି, ସେହି ପ୍ରଣାଳୀମାନେ ଯାବତୀୟ କ୍ରିୟାଶୀଳତାରୁ ନିଜକୁ ପ୍ରତ୍ୟାହୃତ କରି ନେଇ ଏବଂ ଅନାସକ୍ତି, ଆତ୍ମ-ଅମୂର୍ତ୍ତୀକରଣ, ସଂକେନ୍ଦ୍ରଣ, ଉଚ୍ଚତର ସତ୍ୟ ଏବଂ ଯାବତୀୟ ବାହ୍ୟ ଗତିସ୍ପନ୍ଦନର ପରିତ୍ୟାଗ ପ୍ରଭୃତିର ସଚେତନ ଅନ୍ତର୍ଗତ ଅବସ୍ଥାଗୁଡ଼ିକୁ ସୃଷ୍ଟି କରିବାକୁ ଉଦ୍ୟମ କରି ଅନ୍ତରସ୍ଥ ଆତ୍ମସତ୍ତାର ଉପଲବ୍ଧି କରିବା ଲାଗି ଚେଷ୍ଟା କରିଥାନ୍ତି । ମନୋବୈଜ୍ଞାନିକ ପ୍ରଣାଳୀ ଭାବନା ଉପରେ କାର୍ଯ୍ୟ କରୁଥାଏ । ଆମର ଯାବତୀୟ ସଂବେଗ ଏବଂ କର୍ମର କ୍ଷେତ୍ରରେ କାର୍ଯ୍ୟ କରୁଥାଏ ।

ଯାନ୍ତ୍ରିକ ପ୍ରଣାଳୀଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ନାନା ଯାନ୍ତ୍ରିକ ସାଧନ ଉପରେ ଆଧାରିତ ହୋଇ ରହିଥାନ୍ତି । ଏକ ନିର୍ଦ୍ଦିଷ୍ଟ ମାର୍ଗରେ ସେଗୁଡ଼ିକୁ କାମରେ ଲଗାଇଲେ ସେଗୁଡ଼ିକରୁ ଅବଶ୍ୟ ଉପକାର ମିଳିପାରିବ । ଉଦାହରଣ ସ୍ୱରୂପ ପ୍ରାଣାୟାମର କଥା ବିଚାର କରାଯାଉ : ତାହା ଅଳ୍ପବହୁତ ପରିମାଣରେ ଯନ୍ତ୍ରବତ୍ କାର୍ଯ୍ୟ କରିଥାଏ ; ମାତ୍ର ବେଳେବେଳେ ତାହା ସହିତ ନିଜର ଭାବନାକୁ ଅଭିନିବେଶିତ କରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଥାଏ, କୌଣସି ଏକ ଶବ୍ଦର

*ପ୍ରତିଳିପିରେ ଶବ୍ଦଗୁଡ଼ିକ ନାହିଁ ।

'oaob.nitrkl.ac.in' images reprocessed

ପୁନରାବୃତ୍ତି କରିବାକୁ ବୁଝାଯାଇଥାଏ । ବିବେକାନନ୍ଦଙ୍କର ପରାମର୍ଶରେ ସେହିପରି ଦେଖିବାକୁ ମିଳିଥାଏ । ତାହା ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ କାର୍ଯ୍ୟକରେ, ମାତ୍ର ତା'ପରେ ତାହାର ଆଉ କୌଣସି ସାମର୍ଥ୍ୟ ରହେ ନାହିଁ । ବିଭିନ୍ନ କାଳ ଏବଂ ବିଭିନ୍ନ ସ୍ଥାନରେ ଏହି ମନୁଷ୍ୟତ୍ୱଗତ ପ୍ରୟାସଗୁଡ଼ିକ ବ୍ୟକ୍ତିଗତ ଭୂମିରେ ଅଳ୍ପବହୁତ ସଫଳତା ଲାଭ କରିଛନ୍ତି ସତ, ମାତ୍ର ସେଥିରୁ କେବେହେଲେ ଏକ ସାମୂହିକ ଫଳଦାୟକତା ସମ୍ଭବ ହୋଇ ନାହିଁ ।

ମନୋବୈଜ୍ଞାନିକ ପ୍ରଣାଳୀଟି ଅପେକ୍ଷାକୃତ ଅନେକ ଅଧିକ କଷ୍ଟସାଧ୍ୟ, ମାତ୍ର ତାହା ଅନେକ ଅଧିକ ଫଳଦାୟକ : ଆପଣାର କର୍ମ ଦ୍ୱାରା, ଅନ୍ତର୍ଗତ ଇଚ୍ଛା ଶକ୍ତିର ଏପରି ଏକ ସ୍ଥିତିରେ ଯାଇ ଉପନୀତ ହେବା, ଯେତେବେଳେ କି ତାହା ତୁମ ସତ୍ତାର ପରମସତ୍ୟଟି ବ୍ୟତୀତ ତୁମ ଭିତରେ ରହିଥିବା ଆଉ ଅନ୍ୟ କିଛିକୁହିଁ ବ୍ୟକ୍ତ କରିବ ନାହିଁ ଏବଂ ସେହି ପରମସତ୍ୟ ଉପରେହିଁ ସବୁକିଛିକୁ ଅବଲମ୍ବିତ କରି ରଖିଥିବ । ଅବଶ୍ୟ ଏକଥା ସତ ଯେ, ଯଦି ତୁମେ କିଛି ନ କରିବ, ତାହା ନିଶ୍ଚୟ ଅଧିକ ସହଜ ହେବ; ମାତ୍ର ନିଜକୁ ପ୍ରତାରିତ କରିବା ମଧ୍ୟ ଠିକ୍ ସେହିପରି ଅଧିକ ସହଜ ହେବ । ତୁମେ ଯେତେବେଳେ ଏକାକୀ ବସିଥିବ, ସମ୍ପୂର୍ଣ୍ଣ ନୀରବ ହୋଇ ରହିଥିବ ଓ ପାଖରେ ଆଉ କେହିହେଲେ ନ ଥିବେ, ଯଦି ଅଳ୍ପ ବହୁତ ଚିନ୍ତା ଭାବରେ ତୁମେ ସେତେବେଳେ ନିଜକୁ ପରୀକ୍ଷା କରି ଦେଖିବ, ତେବେ ତୁମେ ହୁଏତ ଏପରି କଳ୍ପନା କରିବାକୁ ଆରମ୍ଭ କରିବ ଯେ, ତୁମେ ନିଶ୍ଚୟ କୌଣସି ଏକ ଚମତ୍କାର ବସ୍ତୁର ଉପଲବ୍ଧି କରିବାରେ ଲାଗିଛ । ମାତ୍ର, ଯେତେବେଳେ ତୁମେ ନିଜ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପରୀକ୍ଷାର ସମ୍ମୁଖୀନ ହେଉଥିବ, ଯେତେବେଳେ ନିଜ ଅପୂର୍ଣ୍ଣତା, ଅଦୃଢ଼ତା ଏବଂ ଦିନକୁ ହୁଏତ ଶହେ-ଥର ଘଟୁଥିବା ମନ୍ଦଇଚ୍ଛାଗତ ଯାବତୀୟ ଗତିସ୍ପନ୍ଦନ ବିଷୟରେ ସଜ୍ଞାନ ହେବା ଲାଗି ତୁମର ଅବସର ଥିବ, ସେତେବେଳେ ତୁମର ସବୁ ମୋହ ଭାଙ୍ଗିଯିବ···(ପ୍ରତିଲିପିରେ ଶବ୍ଦଗୁଡ଼ିକ ନାହିଁ) ଏବଂ, ତା'ପରେ ତୁମର ସକଳ ପ୍ରୟାସ ଅଧିକ ନିଷ୍ଠାଯୁକ୍ତ ହେବ ।

ସେହି କାରଣରୁହିଁ, ଏକ ନିକାଞ୍ଚନ ଅରଣ୍ୟ ଭିତରେ, ଯେଉଁଠାରେ ସବୁ ଅତ୍ୟନ୍ତ ସୁନ୍ଦର ଓ ଶାନ୍ତିମୟ ହୋଇ ରହିଥିବ, ସେଠାରେ ଗୋଟିଏ ଆଶ୍ରମ ତିଆରି କରି ରହିବା ଲାଗି ନିଷ୍ପତ୍ତି ନ କରି, ପୃଥିବୀଠାରୁ ଅଲଗା ଓ ଦୂରବର୍ତ୍ତୀ ହୋଇ ରହି କେବଳ ନିଜ କ୍ଷୁଦ୍ର ଅହଂସତ୍ତାଗୁଡ଼ିକର ଶୁଶ୍ରୂଷା କରିବା ପରିବର୍ତ୍ତେ ଆମେ ଜୀବନର ସକଳ କାର୍ଯ୍ୟକ୍ରମକୁ ତପସ୍ୟାରୂପେ ଗ୍ରହଣ କରି ସେଗୁଡ଼ିକୁ ଯଥାସମ୍ଭବ ଅଧିକ ଚେତନାଯୁକ୍ତ କରି ରଖିବାକୁ ଚେଷ୍ଟା କରୁଛୁ ଏବଂ ଅନ୍ୟ ବ୍ୟକ୍ତିମାନଙ୍କ ସହିତ

'oaob.nitrkl.ac.in' images reprocessed

ରହିଥିବା ଆମର ସମ୍ପର୍କରେ ଅନ୍ତର୍ଗତ ଯାବତୀୟ ଗତିସ୍ପନ୍ଦନଗୁଡ଼ିକ ବିଷୟରେ ଅଧିକ ସ୍ପଷ୍ଟ ଭାବରେ ସଜ୍ଞାନ ହୋଇ ରହିବାର ପ୍ରୟାସ କରୁଛୁ ।

ଅସୁବିଧାଗୁଡ଼ିକ ପାଖରୁ ପଳାଇଯିବାକୁ କଦାପି ସେଗୁଡ଼ିକୁ ଜୟ କରିବାର କିଂବା ଅତିକ୍ରମ କରିବାର ମାର୍ଗ ବୋଲି କୁହାଯିବ ନାହିଁ । ଯଦି ଶତ୍ରୁ ପାଖରୁ ପଳାଇଯିବ, ତେବେ ତୁମେ ତାକୁ କଦାପି ପରାଜିତ କରିପାରିବ ନାହିଁ ଏବଂ ସିଏ ତୁମକୁ ପରାଜିତ କରିଦେବାର ସକଳ ସମ୍ଭାବନା ମଧ୍ୟ ରହିଥିବ । ଆମେସବୁ ସେହି କାରଣରୁହିଁ ଏଠାରେ ପଣ୍ଡିଚେରୀରେ ରହିଛୁ ଏବଂ କୌଣସି ହିମାଳୟକୁ ପଳାଇ ଯାଇ ନାହୁଁ । ଅବଶ୍ୟ ମୁଁ ସର୍ବଦା ସ୍ୱୀକାର କରିବି ଯେ, ହିମାଳୟର କୌଣସି ଶିଖରଦେଶ ଖୁବ୍ ଆନନ୍ଦଦାୟକ ହେବ — ମାତ୍ର ସମ୍ଭବତଃ ଆଦୌ ସେପରି ଫଳପ୍ରଦାୟକ ହୋଇ ପାରିବ ନାହିଁ ।

ମୁଁ ଆଉଥରେ ମାନସିକ ଶୃଙ୍ଖଳା ବିଷୟରେ କହିବି, କାରଣ ଏହି ବିଷୟରେ ମୋର ଅନେକ କଥା କହିବାକୁ ଅଛି । ଏହା ପ୍ରକୃତରେ ଏକ ଭୟଙ୍କର ପ୍ରତିବନ୍ଧକ ପରି କାର୍ଯ୍ୟ କରେ : ଲୋକମାନେ ସେମାନଙ୍କ ପାଖରେ ଅନ୍ୟମାନଙ୍କ-ଠାରୁ ଏକ ଉଚ୍ଚତର ସ୍ତରର ବୁଦ୍ଧିଶକ୍ତି ରହିଛି ବୋଲି ଭାବନ୍ତି ଏବଂ ସେହି ଆଧାରଟି ଉପରେହିଁ, ଯେଉଁସବୁ ବିଷୟରେ ସେମାନେ ଆଦୌ କିଛି ହେଲେ ଜାଣନ୍ତି ନାହିଁ, ସେହିସବୁ ବିଷୟର ବିଚାର କରିବାକୁ ଆରମ୍ଭ କରିଦିଅନ୍ତି । ଏହାହିଁ ମନୁଷ୍ୟଜାତି ଲାଗି, ବୃହତ୍ତମ ନ ହେଲେ ମଧ୍ୟ ଏକ ବୃହତ୍ତମ ପ୍ରତିବନ୍ଧକ ହୋଇ ରହିଆସିଛି । କାରଣ, ପ୍ରକୃତରେ ଏହିପରି ଘଟିଥାଏ ଯେ, ସକଳ ପ୍ରାଣୀଙ୍କ ମଧ୍ୟରେ—ମୋତେ ସମସ୍ତେ କ୍ଷମା କରିବେ, ମାତ୍ର ଆମେ ତ ତଥାପି ସେହି ସ୍ତରରେ ରହିଛୁ—ମନୁଷ୍ୟ-ମାନେ ହେଉଛନ୍ତି ଏକମାତ୍ର ପ୍ରାଣୀ ଯିଏ କି ଉଚ୍ଚାରଣସମର୍ଥ ଭାଷାର ବ୍ୟବହାର କରିପାରିବ ଏବଂ ପୃଷ୍ଠା ପୃଷ୍ଠା ଲେଖି···ସିଏ ଏହିପରି ଲେଖିପାରୁଛି ଏବଂ ସିଏ ଯାହା ଭାବୁଛି ବା ଅନୁଭବ କରିପାରୁଛି, ତାହାକୁ ସମସ୍ତେ ପାଠ କରିପାରୁଛନ୍ତି ବୋଲି ସିଏ ନିଜକୁ କେତେ ନା କେତେ ଉଚ୍ଚତର ସ୍ତରର ବୋଲି ଭାବନେଉଛି । ଏବଂ ମାନସିକ ବସ୍ତୁସାମର୍ଥ୍ୟର ଏହି ଶ୍ରେଷ୍ଠତା ହେତୁ, ଏହି ମନଃସ୍ତରୀୟ ପ୍ରଶସ୍ତତାର କାରଣରୁ, ଯାହାସବୁ ତା'ଠାରୁ ଅନନ୍ତ ଅନେକ ଗୁଣରେ ଆହୁରି ଉଚ୍ଚ ହୋଇ ରହିଛି, ସେଗୁଡ଼ିକ ସେ ପିଲାଳିଆ କଥା ବୋଲି କହି ବର୍ଜନ କରି ରଖିଛି ।

### ଚୈତ୍ୟ ସତ୍ତା ଅନ୍ତର୍ଗତ ପରମ ସତ୍ୟ ସହିତ ନିଜକୁ ଏକାତ୍ମକ କରି ରଖେ କି ?

ଚୈତ୍ୟସତ୍ତା ତାହାକୁ କେନ୍ଦ୍ର କରି ନିଜକୁ ସଂଗଠିତ କରେ ଏବଂ ତା'ସହିତ ସଂସ୍ପର୍ଶ ସ୍ଥାପନ କରେ । ପରମସତ୍ୟ ଶାଶ୍ୱତ ଭାବରେ ସ୍ୱୟଂଭୂ ହୋଇ ରହିଥାଏ

'oaob.nitrkl.ac.in' images reprocessed

ଏବଂ ଦେଶ ଅଥବା କାଳର କ୍ଷେତ୍ରରେ ତାହାର ଉପରେ ନିର୍ଭରଶୀଳ ହୋଇ ରହି ନ ଥାଏ । ମାତ୍ର, ଚୈତ୍ୟସତ୍ତା ହେଉଛି ଏପରି ଗୋଟିଏ ସତ୍ତା, ଯାହାକି ବୃଦ୍ଧିପ୍ରାପ୍ତ ହେଉଥାଏ, ଆକାର ଗ୍ରହଣ କରୁଥାଏ, ଅଗ୍ରଗତି କରେ ଏବଂ ଅଧିକରୁ ଅଧିକ ପରିମାଣରେ ବ୍ୟକ୍ତିଭାବାପନ୍ନ ହେବାରେ ଲାଗିଥାଏ । ଏହିପରି ଭାବରେ ତାହା ଏହି ପରମସତ୍ୟକୁ ବ୍ୟକ୍ତ କରିବା ଲାଗି ଅଧିକରୁ ଅଧିକ ସମର୍ଥ ହେଉଥାଏ, ସେହି ଅଦ୍ୱିତୀୟ ଓ ଶାଶ୍ୱତ ପରମସତ୍ୟକୁ ବ୍ୟକ୍ତ କରିବା ଲାଗି ସମର୍ଥ ହେଉଥାଏ । ଚୈତ୍ୟ ସତ୍ତା ହେଉଛି କ୍ରମବର୍ଦ୍ଧନର ବିକାଶ ଲାଭ କରୁଥିବା ଏକ ସତ୍ତା; ତାହାର ଅର୍ଥ ହେଉଛି ଯେ, ଚୈତ୍ୟସତ୍ତା ଓ ପରମସତ୍ୟ ମଧ୍ୟରେ ପ୍ରତିଷ୍ଠିତ ହେବାରେ ଲାଗିଥିବା ସମ୍ବନ୍ଧ ମଧ୍ୟ କ୍ରମବର୍ଦ୍ଧନର ଭାବରେ ବିକାଶ ଲାଭ କରୁଥିବା ଏକ ସମ୍ବନ୍ଧ । ଅନ୍ତର୍ଗତ ପରମସତ୍ୟ ସମ୍ବନ୍ଧରେ ସଜ୍ଞାନ ହୋଇ ନ ପାରିଲେ ନିଜର ଚୈତ୍ୟସତ୍ତା ସମ୍ବନ୍ଧରେ ମଧ୍ୟ ସଜ୍ଞାନ ହେବା ସମ୍ଭବ ହୁଏ ନାହିଁ । ଯେଉଁ ବ୍ୟକ୍ତିମାନଙ୍କର ଏହି ଅନୁଭବ ରହିଛି,—କେବଳ ଏକ ମନସ୍ତାତ୍ତ୍ୱିକ ଅନୁଭବ ନୁହେଁ, ମାତ୍ର ଚୈତ୍ୟସତ୍ତା ସହିତ ସଂସ୍ପର୍ଶ ଘଟିଥିବାର ଏକ ସମଗ୍ର ଅନୁଭବ, ଏବିଷୟରେ ସେମାନେ ରଚନା କରିଥିବା ଏକ ଧାରଣାର ସଂସ୍ପର୍ଶ ନୁହେଁ, ମାତ୍ର ପ୍ରକୃତରେ ଏକ ମୂର୍ତ୍ତ ସଂସ୍ପର୍ଶ,—ସେମାନେ ସମସ୍ତେ ସେହି ଗୋଟିଏ କଥାହିଁ କହିଥାନ୍ତି : ଏହି ସଂସ୍ପର୍ଶ ଘଟିବାର ମୁହୂର୍ତ୍ତରୁହିଁ ବ୍ୟକ୍ତି ନିଜ-ଭିତରେ ରହିଥିବା ଚିରନ୍ତନ ପରମସତ୍ୟ ସମ୍ବନ୍ଧରେ ସଂପୂର୍ଣ୍ଣ ଭାବରେ ସଚେତନ ହୁଏ, ତାହାକୁହିଁ ଜୀବନର ଉଦ୍ଦେଶ୍ୟ ରୂପେ ଏବଂ ଜଗତର ମାର୍ଗଦର୍ଶକ ରୂପେ ପ୍ରତ୍ୟକ୍ଷ କରେ । ଗୋଟିକ ବ୍ୟତୀତ ଆରଟିକୁ କଦାପି ଲାଭ କରିଯାଇ ପାରିବ ନାହିଁ; ବସ୍ତୁତଃ, ଏହାହିଁ ତୁମଭିତରେ ଏହି ଉପଲବ୍ଧି ଆଣି ଦେଇଥାଏ ଯେ, ତୁମେ ତୁମ ଚୈତ୍ୟସତ୍ତା ସହିତ ସମ୍ପର୍କ ସ୍ଥାପନ କରି ପାରିଛ । ଏହା ହୁଏତ ଏକ ସଚେତନ ସମ୍ପର୍କ ନ ହୋଇପାରେ, ମାତ୍ର, ତାହା ତୁମର ଜୀବନକୁ ଶାସନ କରିବାର ଏକ ବସ୍ତୁ ହୋଇ ରହିଥାଏ ।

କେତେ ଲୋକ କହିଥାନ୍ତି ଯେ, ସେମାନଙ୍କର ନିଜ ଇଚ୍ଛାର ବାହାରେ ଏପରି କୌଣସି ବସ୍ତୁ ରହିଛି, ଯାହାକି ସେମାନଙ୍କର ସମଗ୍ର ଇଚ୍ଛାଟିକୁ ସଂଗଠିତ କରୁଛି, ସେମାନଙ୍କୁ ଉଚିତ ସ୍ଥିତିରେ ଉପସ୍ଥାପିତ କରି ରଖୁଛି, ଅନୁକୂଳ ପରିସ୍ଥିତି ଅଥବା ବ୍ୟକ୍ତିମାନଙ୍କୁ ଆକର୍ଷିତ କରି ଆଣୁଛି, ଅର୍ଥାତ୍, ସେମାନଙ୍କ ବାହାରେ ତାହା ସବୁକିଛିର ବ୍ୟବସ୍ଥା କରି ରଖୁଛି । ସେମାନଙ୍କର ବହିର୍ଚେତନାରେ ସେମାନେ ସମ୍ଭବତଃ କିଛି ଇଚ୍ଛା କରିଥିଲେ ଓ ତାହାର ପାଇଁ କାର୍ଯ୍ୟ କରିଥିଲେ, ମାତ୍ର ଫଳାଫଳ ବେଳକୁ ଆଉକିଛୁ ଆସି ଫଳିଲା । ଏବଂ, କେତେକ ବର୍ଷ ଅତିବାହିତ ହେବା ପରେ ସେମାନେ ଉପଲବ୍ଧି କଲେ ଯେ ପ୍ରକୃତରେ ଏହାହିଁ ଘଟିବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିଲା । ଏପରି ଅବଶ୍ୟ ହୋଇପାରେ ଯେ, ତୁମ ଭିତରେ ଥିବା

'oaob.nitrkl.ac.in' images reprocessed

ଚୈତ୍ୟ ସତ୍ତା ବିଷୟରେ ତୁମେ ଆଦୌ କିଛି ଜାଣି ନ ଥାଅ ଏବଂ ତଥାପି ତାହାର ଦ୍ୱାରା ପରିଚାଳିତ ହେଉଥାଅ। କାରଣ, କୌଣସି ବସ୍ତୁ ସମ୍ବନ୍ଧରେ ସଜ୍ଞାନ ହେବାକୁ ହେଲେ, ତୁମକୁ ସର୍ବପ୍ରଥମେ ସେହି ବସ୍ତୁଟି ପ୍ରକୃତରେ ରହିଛି ବୋଲି ସ୍ୱୀକାର କରିବାକୁ ହେବ। କେତେ ଲୋକ ସେହିବିଷୟରେ ସଜ୍ଞାନ ହୋଇରହି ନ ଥାନ୍ତି। ମୁଁ ଏପରି ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର କି ନିଜ ଚୈତ୍ୟସତ୍ତା ସହିତ ପ୍ରକୃତରେ ସମ୍ପର୍କ ରହିଥିଲା ମାତ୍ର ସେମାନେ ତାହା ପ୍ରକୃତରେ କିପରି ବସ୍ତୁ ବୋଲି ଆଦୌ ଜାଣି ନ ଥିଲେ। କାରଣ, ସେହି ସମ୍ପର୍କ ବିଷୟରେ ଏକ ଜ୍ଞାନ ବୋଲି କହି ପାରିବା ଭଳି ସେମାନଙ୍କ ଭିତରେ ଆଦୌ କିଛି ନ ଥିଲା।

ନିଜର ଚୈତ୍ୟସତ୍ତା ସହିତ ଆଦୌ କୌଣସି ସମ୍ପର୍କ ନ ଥାଇ ଚିରନ୍ତନ ପରମସତ୍ୟ ସହିତ ସମ୍ପର୍କ ଲାଭ କରିବା ସମ୍ଭବ କି ?

ଚୈତ୍ୟସତ୍ତା ସହିତ କୌଣସି ସମ୍ପର୍କ ନ ଥାଇ ବିଶ୍ୱର କେତେକ ସତ୍ତାଙ୍କର ହିଁ ଏକ ଚିରନ୍ତନ ପରମସତ୍ୟ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରହି ଥାଇପାରେ। ମାତ୍ର ମନୁଷ୍ୟର କ୍ଷେତ୍ରରେ ଏକ ଚୈତ୍ୟସତ୍ତା ସର୍ବଦା ରହିଥାଏ ଏବଂ ସର୍ବଦା ଏହାରି ମାଧ୍ୟମରେହିଁ ମନୁଷ୍ୟ ଚିରନ୍ତନ ପରମସତ୍ୟର ସମ୍ପର୍କରେ ଆସିଥାଏ। ଏବଂ, ଠିକ୍ ଏହିପରି ଭାବରେହିଁ ତା' ଜୀବନରେ ଚୈତ୍ୟସତ୍ତା ସହିତ ସ୍ଥାପିତ ହେଉଥିବା ସେହି ସମ୍ପର୍କଟି ମଧ୍ୟ ଜ୍ଞାତ ହୋଇଥାଏ, କାରଣ ଆପଣାର ସୌନ୍ଦର୍ଯ୍ୟ, ମହିମା ତଥା ଆନନ୍ଦକୁ ତାହା ନିଜ ସହିତହିଁ ବହନ କରୁଥାଏ। ଚୈତ୍ୟସତ୍ତା ମନୁଷ୍ୟର ଏକ ଲକ୍ଷଣଗତ ସମ୍ପଦ, ଏବଂ ଏହି କଥାଟିର ଗଭୀର ମଧ୍ୟରେ ପ୍ରବେଶ କରି ପାରିଲେ, ସମ୍ଭବତଃ ଏହାହିଁ ମନୁଷ୍ୟକୁ ଅନ୍ୟମାନଙ୍କ ତୁଳନାରେ ଏକ ଉଚ୍ଚତର ସ୍ତର ଓ ସ୍ଥିତି ମଧ୍ୟ ପ୍ରଦାନ କରିଥାଏ।

ଅଧିକାଂଶ ପୁରାତନ ଦର୍ଶନ ସତ୍ତାର ଭୂମି ବିଭାଜନ ବିଷୟରେ କୌଣସି ସମ୍ୟକ୍ ଜ୍ଞାନ ଲାଭ କରି ନ ଥିଲେ—ଚୈତ୍ୟସତ୍ତା, ଅନ୍ତର୍ଗତ ପରମସତ୍ୟ,—ଏସବୁ ସେମାନଙ୍କୁ ବିଦିତ ନ ଥିଲା। ଏହିସବୁ ଦର୍ଶନମାର୍ଗର ଅତ୍ୟନ୍ତ ଏକପକ୍ଷୀୟ ଧାରଣାମାନ ରହିଥିଲା,—ସେମାନେ, ଉଦାହରଣ ସ୍ୱରୂପ, ବହିର୍ଚେତନା ଓ ଅନ୍ତର୍ଚେତନାର କଥା କହୁଥିଲେ, ଜାଗ୍ରତ ଅବସ୍ଥା ଓ ନିଦ୍ରା ଅବସ୍ଥାର ଚେତନା କଥା କହୁଥିଲେ। ମନୁଷ୍ୟର ମନୋବୈଜ୍ଞାନିକ ଭୂମିଟି ବିଷୟରେ ସେମାନଙ୍କର କୌଣସି ବିଶଦ ଜ୍ଞାନ ନ ଥିଲା; ଅଥବା, ଯଦି ସେପରି ଏକ ଜ୍ଞାନ ରହିଥିଲା, ତେବେ ସେମାନେ ସେହି ଜ୍ଞାନକୁ ପ୍ରତ୍ୟେକ ବ୍ୟକ୍ତିକୁ ପ୍ରଦାନ କରିବାକୁ ଆଦୌ

'oaob.nitrkl.ac.in' images reprocessed

ଉଚିତ ବୋଲି ମନେ କରୁ ନ ଥିଲେ । ପୂର୍ବ କାଳରେ ଯେକୌଣସି ବ୍ୟକ୍ତିକୁ ଜ୍ଞାନ ବିତରଣ କରାଯାଉ ନ ଥିଲା । ସେଥି ଲାଗି ଜଣେ ବ୍ୟକ୍ତିକୁ ପ୍ରଥମେ ସ୍ପଷ୍ଟ ଭାବରେ ନିଜର ସଦିଚ୍ଛା ପ୍ରଦର୍ଶନ କରିବାକୁ ହେଉଥିଲା; ଯଥେଷ୍ଟ ସାମର୍ଥ୍ୟର ପ୍ରମାଣ ଦେବାକୁ ପଡ଼ୁଥିଲା,—ତା'ର ଯେ ଏକ ଯଥେଷ୍ଟ ମାତ୍ରାରେ ବିକାଶ ହୋଇ ସାରିଛି, ସେକଥା ଆଗ ପ୍ରମାଣ କରି ପାରିଲେ ଯାଇ ତାକୁ କେତେକ ନିର୍ଦ୍ଦିଷ୍ଟ ଜ୍ଞାନର ଶିକ୍ଷା ଦିଆ ଯାଉଥିଲା । ମାତ୍ର, ଆଧୁନିକ କାଳର ଜୀବନରେ ଏହି ଜ୍ଞାନ ବହିରେ ଛପା ହୋଇ ବାହାରିଲାଣି ଏବଂ ଯେକୌଣସି ବ୍ୟକ୍ତି ଇଚ୍ଛା କଲେ ତାକୁ କିଣି ପାରୁଛି ଓ ପାଠ କରି ପାରୁଛି । ଏବଂ, ସ୍ୱଭାବତଃ, ତୁମକୁ ଏପରି ଅନେକ ଲୋକ ମିଳିବେ, ଯେଉଁମାନେ କି କେତେ ନା କେତେ ଶବ୍ଦକୁ ପାରାୟଣ କରିଛନ୍ତି ସତ, ମାତ୍ର ସେଗୁଡ଼ିକର ପ୍ରକୃତ ଅର୍ଥ ବିଷୟରେ ମୋଟେ କିଛି ଜାଣି ନାହାନ୍ତି । ଏକଦା ଆମର ଏଠାରେ କେତେକ ବ୍ୟକ୍ତି ରହିଥିଲେ ଯେଉଁମାନେ କି ଅତିମାନସର ଉପଲବ୍ଧି କରିଥିଲେ ବୋଲି ଦାବି କରୁଥିଲେ, ମାତ୍ର ତାହାର ସ୍ୱରୂପ ସମ୍ବନ୍ଧରେ ସେମାନେ ମୋଟେ କିଛି ଜାଣି ନ ଥିଲେ ।

ବସ୍ତୁଗୁଡ଼ିକର ଗଣତାନ୍ତ୍ରିକ ସଙ୍ଗଠନ ହୋଇଯିବା ପରେ ଜ୍ଞାନର ଏହି ସର୍ବଜନୀକରଣ ଅବଶ୍ୟମ୍ଭାବୀ ହୋଇଗଲା । ହୁଏତ ନିର୍ବାଚନର ଅନ୍ୟ ପଦ୍ଧତିମାନ ରହିଛି,—ଅଧିକ ପ୍ରଚ୍ଛନ୍ନ, ଅପେକ୍ଷାକୃତ କମ୍ ପ୍ରତ୍ୟକ୍ଷ ମାତ୍ର ଅଧିକ ଫଳପ୍ରଦ ପଦ୍ଧତିମାନ ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

# ୨୨ ଜାନୁଆରୀ ୧୯୫୧

"ଜୀବନ ବଞ୍ଚିବାର ବିଜ୍ଞାନ" ଶୀର୍ଷକରେ (ଶତବାର୍ଷିକୀ ସଂସ୍କରଣ, ୧୨ଶ ଖଣ୍ଡ, ପୃଷ୍ଠା ୭-୮) ମାଆ ଲେଖିଥିବା ପ୍ରବନ୍ଧ ଉପରେ ଏହି ପ୍ରବନ୍ଧଟି ଆଧାରିତ ।

> "ମନକୁ ଜ୍ଞାନ ଲାଭର ଏକ ଯନ୍ତ୍ର ବୋଲି କୁହା ଯିବ ନାହିଁ । ଏହା ଜ୍ଞାନକୁ ଠାବ କରିବାକୁ ଏକାବେଳେକେ ଅସମର୍ଥ, ମାତ୍ର ଜ୍ଞାନ ଏହାକୁ ଅବଶ୍ୟ ଗତିଶୀଳ ଓ ପରିଚାଳିତ କରୁଥିବ । ମନୁଷ୍ୟର ମନ ତୁଳନାରେ ଜ୍ଞାନ ହେଉଛି ଏକ ଆହୁରି ଅଧିକ ଉଚ୍ଚ ସ୍ତରର ସମ୍ପଦ, ଏହାର ରାଜ୍ୟ ହେଉଛି ବିଶୁଦ୍ଧ ଧାରଣାଗୁଡ଼ିକର ଅନେକ ଊର୍ଦ୍ଧ୍ୱରେ ରହିଥିବା ଏକ ରାଜ୍ୟରେ । ସେହି ଊର୍ଦ୍ଧ୍ୱରୁ ଜ୍ଞାନକୁ ଗ୍ରହଣ କରି ତାହାକୁ ପ୍ରକାଶିତ କରିବାକୁ ହେଲେ ମନକୁ ନୀରବ ଏବଂ ଅଭିନିବେଶିତ ହୋଇ ରହିବାକୁ ପଡ଼ିବ । କାରଣ, ମନ ହେଉଛି ବିରଚନାର, ସଙ୍ଗଠନର ଏବଂ କ୍ରିୟାଶୀଳତାର ଗୋଟିଏ ଯନ୍ତ୍ର । ଏବଂ, ଏହି କାର୍ଯ୍ୟଗୁଡ଼ିକର ସମ୍ପାଦନ କରିବା ଦ୍ୱାରାହିଁ ମନ ଆପଣାର ପରିପୂର୍ଣ୍ଣ ମୂଲ୍ୟ ଏବଂ ଯଥାର୍ଥ ଉପଯୋଗିତାକୁ ପ୍ରାପ୍ତ ହୋଇଥାଏ ।"

ମନ ହେଉଛି "ବିରଚନାର, ସଂଗଠନର ଏବଂ କ୍ରିୟାଶୀଳତା"ର ଗୋଟିଏ ଯନ୍ତ୍ର । କାହିଁକି ? ମନ ଭାବନାଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ରୂପ ପ୍ରଦାନ କରିଥାଏ । ସେହି ରୂପାୟନର ଶକ୍ତିରୁ ଏଭଳି ନାନା ମାନସିକ ବସ୍ତୁ ଜନ୍ମଲାଭ କରନ୍ତି, ଯେଉଁମାନଙ୍କର ଜୀବନ ସେଗୁଡ଼ିକୁ ରୂପାୟିତ କରିଥିବା ମନର ନିୟନ୍ତ୍ରଣ ମଧ୍ୟରୁ ମୁକ୍ତ ହୋଇ ରହିଥାଏ । ସେଗୁଡ଼ିକ ଅନ୍ତତଃ ଅର୍ଦ୍ଧ ସ୍ୱାଧୀନ ଗୋଟିଏ ଗୋଟିଏ ସତ୍ତା ପରି କାର୍ଯ୍ୟ କରିଥାନ୍ତି । ଆମେ ଗୋଟିଏ ଭାବନାକୁ ରୂପ ଦେଉ, ତା'ପରେ ତାହା ଗତିଶୀଳ ହେବାକୁ ଆରମ୍ଭ କରେ, ବାହାରି ଯାଇ ଆଉ ଜଣକ ପାଖରେ ପହଞ୍ଚେ ଏବଂ

'oaob.nitrkl.ac.in' images reprocessed

ଏହିପରି ଭାବରେ ସେଥିରେ ରହିଥିବା ଧାରଣାଟି ପ୍ରସାରିତ ହୋଇଯାଏ । ଠିକ୍ ଭୌତିକ ଉପାଦାନ ପରି ଏକ ମାନସିକ ଉପାଦାନ ମଧ୍ୟ ରହିଛି, ଏବଂ ଏହି ଭୂମିରେ ମନର ଅଗଣିତ ରୂପର ପ୍ରସର୍ଜନ କରିବାର ସାମର୍ଥ୍ୟ ରହିଛି । ସେହି ରୂପଗୁଡ଼ିକୁ କ୍ଷଷ୍ଟୀଭୂତ କରି ଦେଖି ହେବ ଏବଂ ସାଧାରଣତଃ ଅଧିକତମ କ୍ଷେତ୍ରରେ ତାହାରି ଦ୍ୱାରାହିଁ ସ୍ୱପ୍ନଗୁଡ଼ିକର ବ୍ୟାଖ୍ୟା କରାଯାଇଥାଏ । କାରଣ, ତୁମେ ଯେତେବେଳେ ସକ୍ରିୟ ରହୁଛ ଓ ତୁମର ସ୍ଥୂଳ ଚକ୍ଷୁଗୁଡ଼ିକ ଯେପରି ସ୍ଥୂଳ ଭାବରେ ଦେଖି ପାରୁଛନ୍ତି, ସେହିପରି ଭାବରେ ଅନେକ ବ୍ୟକ୍ତି ଯୁଗପତ୍ ଭାବରେ ମାନସିକ ଭୂମିରେ ମଧ୍ୟ ଦେଖିବାକୁ ସମର୍ଥ ହୁଅନ୍ତି । ମାତ୍ର ତୁମେ ଯେତେବେଳେ ନିଦ୍ରାମଗ୍ନ ହୋଇ ରହିଥାଅ, ତୁମର ଆଖି ବନ୍ଦ ରହିଥାଏ, ଭୌତିକ ସୁପ୍ତ ହୋଇ ରହିଥାଏ ଓ ମନ ଏବଂ ପ୍ରାଣିକ ସକ୍ରିୟ ହେବାକୁ ଆରମ୍ଭ କରନ୍ତି ।

ମାନସିକ ଭୂମିରେ ମନ ଦ୍ୱାରା ତିଆରି ହେଉଥିବା ଯାବତୀୟ ରୂପାୟନ— ମନ ଭାବନାଗୁଡ଼ିକୁ ଯେଉଁ ମୂର୍ତ୍ତି "ରୂପ" ପ୍ରଦାନ କରେ — ସେଗୁଡ଼ିକ ପୁଣି ଫେରି ଆସନ୍ତି ଏବଂ ତୁମକୁ ସତେ ଅବା ବାହାରୁ ଆସୁଥିବା ପରି ମନେ ହୁଅନ୍ତି । ତୁମେ ସେଇଥିରୁ ସ୍ୱପ୍ନଗୁଡ଼ିକୁ ଦେଖ । ଅଧିକାଂଶ ସ୍ୱପ୍ନ ସେହିପରି ହୋଇ ରହିଥାନ୍ତି । ଅନେକ ବ୍ୟକ୍ତିଙ୍କର ମନୋଗତ ଜୀବନଟି ଅତ୍ୟନ୍ତ ସଚେତନ ହୋଇ ରହିଥାଏ ଏବଂ ସେମାନେ ମନର ଭୂମିରେ ପ୍ରବେଶ କରିବାକୁ ସମର୍ଥ ହୁଅନ୍ତି ଓ ସତେଅବା ସ୍ଥୂଳ ଜୀବନର ଭୂମିରେ ବିଚରଣ କରୁଥିବା ପରି ସମାନ ମୁକ୍ତ ଭାବରେ ସେଥିରେ ବିଚରଣ କରୁଥାନ୍ତି । ଏହି ବ୍ୟକ୍ତିମାନଙ୍କର ଗତିବିଧିଗୁଡ଼ିକ ମାନସିକ କ୍ଷେତ୍ରରେ ଅତ୍ୟନ୍ତ ମୂର୍ତ୍ତ ହୋଇ ରହିଥାଏ । ମାତ୍ର ଅଧିକାଂଶ ଲୋକ ସେପରି କରି ପାରନ୍ତି ନାହିଁ । ନିଦ୍ରାବସ୍ଥାରେ ରହିଥାଏ, ସେମାନଙ୍କର ମନ ଭୂମିଗତ କ୍ରିୟାତ୍ମକତା ଅବିଚ୍ଛିନ୍ନ ହୋଇ ନାନା ରୂପ ଧାରଣ କରୁଥାଏ ଏବଂ ସେହି ରୂପଗୁଡ଼ିକହିଁ ସେମାନଙ୍କର ସ୍ୱପ୍ନକୁ ସମ୍ଭବ କରାଏ ।

ଏହାର ଏକ ଅତି ସାଧାରଣ ଦୃଷ୍ଟାନ୍ତ ରହିଛି — ଏହା ପ୍ରକୃତରେ ବେଶ୍ କୌତୁକପ୍ରଦ, କାରଣ ତାହା ବଡ଼ ସ୍ପଷ୍ଟ ଭାବରେ ପରିଦୃଷ୍ଟ ହୋଇଥାଏ ବୋଲି କୁହାଯାଇ ପାରିବ । ଯଦି ଦିନ ବେଳେ ତୁମେ କାହା ସହିତ କଳହ କରିଥାଅ, ତେବେ ତାହାକୁ ଆଘାତ କରିବାକୁ ବା ଅତି ଅପ୍ରୀତିକର କଥା କହି ତାକୁ ଗାଳି ଦେବାକୁ ହୁଏତ ତୁମର ଖୁବ୍ ଇଚ୍ଛା ହୋଇପାରେ । ତୁମେ ନିଜକୁ ଆୟତ୍ତରେ ରଖିଛଅ, ପ୍ରକୃତରେ ସେପରି କର ନାହିଁ, ମାତ୍ର ତୁମର ଭାବନା ଓ ମନ ତଥାପି ସକ୍ରିୟ ହୋଇ ରହିଥାନ୍ତି ଏବଂ ଫଳରେ ଶୋଇଥିବା ସମୟରେ ତୁମକୁ ହଠାତ୍ ଏକ ଭୟଙ୍କର ସ୍ୱପ୍ନ ଦେଖିବାକୁ ପଡ଼େ । ସ୍ୱପ୍ନରେ କେହି ଜଣେ ବ୍ୟକ୍ତି ହାତରେ

'oaob.nitrkl.ac.in' images reprocessed

ବାଡ଼ି ଧରି ତୁମ ଆଡ଼କୁ ଅଗ୍ରସର ହୋଇଆସେ, ତୁମେ ଦୁହେଁ ପରସ୍ପରକୁ ଆଘାତ କର ଏବଂ ପ୍ରକୃତରେ ଏକ ଯୁଦ୍ଧ ଆରମ୍ଭ ହୋଇଯାଏ । ଏବଂ, ତୁମର ନିଦ ଯେତେବେଳେ ଭାଙ୍ଗେ, ଯଦି ଯାହା ଘଟିଥାଏ, ତୁମେ ତାହା ବିଷୟରେ କିଛି ଜାଣି ନ ଥାଅ ଅଥବା କିଛି ବୁଝି ପାରୁ ନ ଥାଅ, ତେବେ ମନେମନେ ନୂଏତ ଏହିପରି ଭାବିବାକୁ ଆରମ୍ଭ କର, "ମୁଁ ପ୍ରକୃତରେ କେଡ଼େ ଖରାପ ସ୍ୱପ୍ନଟିଏ ଦେଖିଲି ମାତ୍ର, ପ୍ରକୃତ କଥା ହେଉଛି ଯେ, ତୁମର ନିଜ ଭାବନାହିଁ ସେହିପରି ଭାବରେ ତୁମ ପାଖକୁ ପୁଣି ଆସିଲା । ତେଣୁ କେହି ତୁମ ପ୍ରତି ସଦୟ ହେଲେ ନାହିଁ ବୋଲି ତୁମେ ଯେତେବେଳେ ସ୍ୱପ୍ନ ଦେଖିବ, ସେତେବେଳେ ତୁମେ ସାବଧାନ ରହିବ । ତୁମେ ପ୍ରଥମେ ନିଜକୁ ପଚାରିବ, "ମାତ୍ର ମୁଁ ନିଜେ ସେହି ବ୍ୟକ୍ତି ବିରୁଦ୍ଧରେ କୌଣସି ମନ୍ଦ ଭାବନାକୁ ମନରେ ସ୍ଥାନ ଦେଲି କି ?"

ଭାବନାକୁ ଗୋଟିଏ ଗୋଟିଏ ଅସ୍ତିତ୍ୱଧାରୀ ବସ୍ତୁ ବୋଲି କୁହାଯିବ, ଏବଂ ଉପଲବ୍ଧ ନ ହେବା ଯାଏ ସେମାନେ ପ୍ରକୃତରେ ତିଷ୍ଠି ରହିଥାନ୍ତି । ଅନେକ ବ୍ୟକ୍ତି ସେମାନଙ୍କର ନିଜ ଭାବନାଗୁଡ଼ିକ ଦ୍ୱାରା ଭାରି ଉତ୍ପୀଡ଼ିତ ହୋଇଥାନ୍ତି । ସେମାନେ କୌଣସି ଗୋଟିଏ ବିଷୟରେ ଭାବନ୍ତି, ଏବଂ ତା'ପରେ ସେହି ଭାବନାଟି ଫେରିଆସେ ଓ ସତେଅବା ବାହାରୁ ଭିତରେ ଆସି ପ୍ରବେଶ କରିଥିବା କୌଣସି ବସ୍ତୁପରି ତାହା ସେମାନଙ୍କର ମୁଣ୍ଡ ଭିତରେ ଚକ୍କର ଦେବାରେ ଲାଗିଥାଏ । ମାତ୍ର ପ୍ରକୃତ କ୍ଷେତ୍ରରେ ସେମାନଙ୍କର ନିଜ ବିରଚନାଗୁଡ଼ିକହିଁ ବାରବାର ସେମାନଙ୍କ ପାଖକୁ ଫେରି ଆସୁଥାଏ ଏବଂ, ସେଗୁଡ଼ିକ ଯେଉଁ ମନ ଦ୍ୱାରା ତିଆରି ହୋଇଥିଲା, ତାହାକୁ ଆଘାତ କରିବାରେ ଲାଗିଥାଏ । ଏଇଟି ହେଉଛି ବ୍ୟାପାରଟିର ଗୋଟିଏ ଦିଗ ।

କୌଣସି ଭାବନା ତୁମର ମନ ଭିତରେ ନାନା ଶବ୍ଦ ଅଥବା ଗୋଟିଏ ବାକ୍ୟର ରୂପ ଧାରଣ କରି ବାରବାର ତୁମ ପାଖକୁ ଫେରି ଆସୁଥିବ, ତୁମମାନଙ୍କର କେବେ ଏପରି ଅନୁଭୂତି ହୋଇଛି କି ? ମାତ୍ର, ଯଦି ତୁମେ ବୁଦ୍ଧିକରି କାଗଜ ପେନ୍‌ସିଲ୍ ନେଇ ତାହାକୁ ଲିପିବଦ୍ଧ କରି ରଖିବ,—ତେବେ ସେହିଠାରେହିଁ ତାହାର ଶେଷ ହୋଇଯିବ, ତାହା ଆଉ ମୋଟେ ଫେରି ଆସିବ ନାହିଁ, ତୁମେ ତାହାକୁ ପ୍ରକୃତରେ ନିଜ ଭିତରୁ ବାହାରକୁ କାଢ଼ି ଫିଙ୍ଗି ଦେଇଥିବ । ତାହାର କ୍ଷୁଦ୍ର ସନ୍ତୋଷଟିକୁ ତାହା ଲାଭ କରି ସାରିଥିବ, ଅର୍ଥାତ୍ ନିଜକୁ ଯଥେଷ୍ଟ ପରିମାଣରେ ବ୍ୟକ୍ତ କରି ସାରିଥିବ ଓ ତେଣୁ ଆଉ କଦାପି ଫେରି ଆସିବ ନାହିଁ ।

ଏବଂ ଏହାଠାରୁ ବି ଅଧିକ ଆଗ୍ରହୋଦ୍ଦୀପକ ଗୋଟିଏ କଥା ମଧ୍ୟ ରହିଛି : ଯଦି ତୁମ ଭିତରେ ଏକ ମନ୍ଦ ଭାବନା ରହିଥାଏ ଓ ଯଦି ତାହା ତୁମକୁ

'oaob.nitrkl.ac.in' images reprocessed

ବିରକ୍ତ କରିବାରେ ଲାଗିଥାଏ ଓ ତୁମ ଲାଗି ବାଧା ସୃଷ୍ଟି କରୁଥାଏ, ତେବେ ଗମ୍ଭୀର ମନୋଯୋଗ ଓ ଯତ୍ନର ସହିତ ତୁମେ ତାହାକୁ ଲେଖି ପକାଇବ, ଯଥାସମ୍ଭବ ଅଧିକ ସଚେତନତା ଓ ଇଚ୍ଛାଶକ୍ତିର ପ୍ରୟୋଗ କରି ତୁମେ ତାହାକୁ ଲେଖି ପକାଇବ । ଏବଂ ତା'ପରେ, ଯଥେଷ୍ଟ ଅଭିନିବେଶ ସହିତ ସେହି କାଗଜଟିକୁ ନେବ ଏବଂ, କାଗଜଟିକୁ ଚିରିବା ସହିତ ତୁମର ଭାବନାଟି ମଧ୍ୟ ଠିକ୍ ସେହିପରି ଚିରି ହୋଇଯିବ, ଏହିପରି ଏକ ଇଚ୍ଛାଶକ୍ତି ପ୍ରୟୋଗ କରି ତୁମେ ସେଇଟିକୁ ଚିରି ପକାଇବ । ତୁମେ ଏହିପରି ଭାବରେହିଁ ତାହାର କବଳରୁ ମୁକ୍ତ ହେବ ।

ମନ ହେଉଛି ସଂଗଠନର ଏକ ଯନ୍ତ୍ର । ବହିସ୍ଥ ଭୂମିରେ କେତେକ ଲୋକଙ୍କର ମନ ବେଶ୍ ସଂଗଠିତ ହୋଇ ରହିଥାଏ । ସେମାନେ ନିଜର ବିଚାର-ଗୁଡ଼ିକୁ ସଂଗଠିତ କରି ରଖିଥାନ୍ତି—ସ୍ମରଣ ରଖିଥିବା ଉଚିତ ଯେ ଏକଥା ସଚରାଚର ଆଦୌ ଘଟେ ନାହିଁ,—ନିଜର ଭାବନାଗୁଡ଼ିକୁ ମଧ୍ୟ ସୁସଂଗଠିତ କରି ରଖିଥାନ୍ତି । ମାତ୍ର, ଯଦି ତୁମେ ନିଜ ଭିତରକୁ କେବେ ଅନାଇ ଦେଖିବ, ତେବେ ଦେଖିବାକୁ ପାଇବ ଯେ, ତୁମ ଭିତରେ ଏକାନ୍ତ ଭାବରେ ପରସ୍ପରବିରୋଧୀ ଅନେକ ଭାବନା ରହିଛି ଏବଂ, ଯଦି ତୁମେ ସେଗୁଡ଼ିକୁ ସଂଗଠିତ କରି ରଖିବା ପାଇଁ କୌଣସି ଯତ୍ନ ନେଇ ନ ଥିବ, ତେବେ ସେଗୁଡ଼ିକ ତୁମର ମୁଣ୍ଡ ଭିତରେ ପ୍ରାୟ ପାଖ ପାଖ ହୋଇ ଅବସ୍ଥାନ କରୁଥିବେ ଏବଂ ଚରମ ବିଶୃଙ୍ଖଳାର ସୃଷ୍ଟି କରୁଥିବେ ।

ଉଦାହରଣ ସ୍ୱରୂପ, ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ତାଙ୍କର ମନଭିତରେ ନାନା ଅତ୍ୟନ୍ତ ରହସ୍ୟବାଦୀ ବିଚାର ଓ ଆଉ କେତେକ ଅତ୍ୟନ୍ତ ପ୍ରତ୍ୟକ୍ଷବାଦୀ ବିଚାରକୁ ପରସ୍ପରର ପାର୍ଶ୍ୱବର୍ତ୍ତୀ ଭାବରେ ଧାରଣା କରି ରଖି ପାରୁଥିଲେ । ପ୍ରତ୍ୟକ୍ଷବାଦୀ ବିଚାର, ଅର୍ଥାତ୍ ଏକାନ୍ତ ଭାବରେ ଜଡ଼ବାଦୀ ନାନା ବିଚାର,—ଯାହାକି ବିଶ୍ୱର ଜଡ଼ ବ୍ୟତୀତ ଆଉ ଯାବତୀୟ ସବୁକିଛିକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିଦିଏ । ଏସବୁ ତାଙ୍କ ଭିତରେ ଭାରି ଅସଂଗଠିତ ଭାବରେ ରହିଥିଲା ଏବଂ ତାହା ଫଳରେ ସେହି ବ୍ୟକ୍ତିଙ୍କୁ ଅବିରତ ଅତ୍ୟନ୍ତ ବିଭ୍ରାନ୍ତ ଭାବରେ କେତେବେଳେ ଏପାଖକୁ ଓ ଆଉ କେତେବେଳେ ସେପାଖକୁ ସତତ ଆନ୍ଦୋଳିତ ହେବାକୁ ପଡ଼ୁଥିଲା । ତୁମେ ଅବଶ୍ୟ ଜାଣିଥାଅ ଯେ, ତୁମ ଭିତରେ ଏସବୁ ବିଚାର ରହିବା ବିଷୟରେ ମୋ'ର କୌଣସି ଆପତ୍ତି ନାହିଁ । ଏକାଧାରରେ ବସ୍ତୁଗୁଡ଼ିକ ଉପରେ ସକଳ ଦିଗରୁ ଦୃଷ୍ଟିପାତ କରିପାରିବା ନିଶ୍ଚୟ ଏକ ଭଲ କଥା ଏବଂ, ଆମେ ସେଦିନ ଯେପରି କଥା ହେଉଥିଲେ, ଏକାନ୍ତ ଭାବରେ ପରସ୍ପରର ବିରୋଧୀ ହୋଇ ରହିଥିବା ବିଚାରଗୁଡ଼ିକ ମଧ୍ୟରେ ଏକ ସଙ୍ଗତି

'oaob.nitrkl.ac.in' images reprocessed

ସ୍ଥାପନ କରି ରଖିବାର ମଧ୍ୟ ଗୋଟିଏ ମାର୍ଗ ରହିଛି । ମାତ୍ର ତୁମକୁ ସେକଥା ପ୍ରକୃତରେ କରି ପାରିବାକୁ ହେବ, ନିଜର ମନ ଭିତରେ ସେଗୁଡ଼ିକର ସଙ୍ଗଠନ ସମ୍ଭବ କରିବାକୁ ପଡ଼ିବ, ନଚେତ୍ ଏକ ଅରାଜକତା ମଧ୍ୟରେହିଁ ଜୀବନ ବଞ୍ଚିବାକୁ ହେବ । ମୁଁ ଆଉ ଗୋଟିଏ କଥା ମଧ୍ୟ ଲକ୍ଷ୍ୟ କରି ଦେଖିଛି : ଯେଉଁମାନଙ୍କର ମନ ବିଶୃଙ୍ଖଳ ହୋଇ ରହିଥାଏ, ସେମାନେ ନିଜର ଘରକୁ ଓ ନିଜର ଜିନିଷପତ୍ରକୁ ମଧ୍ୟ ଠିକ୍ ସେହିପରି ବିଶୃଙ୍ଖଳ କରି ରଖିଥାନ୍ତି । ମୁଁ ଏପରି ଲୋକଙ୍କୁ ଦେଖିଛି, ଯେଉଁମାନଙ୍କର ମନରେ କି ଆଦୌ କୌଣସି ଶୃଙ୍ଖଳା ନ ଥିଲା ଏବଂ ଯଦି ତୁମେ ସେମାନଙ୍କର ଟେବୁଲ ଡ୍ରୟର୍ ବା ଆଲମାରୀକୁ ଖୋଲି ଦେଖିବ, ତେବେ ସବୁକିଛି ବଡ଼ ବିଶୃଙ୍ଖଳ ଭାବରେ ଘଷାଘଷି ହୋଇ ରହିଥିବାର ଦେଖିବାକୁ ପାଇବ । ସେମାନଙ୍କର ସବୁକିଛି ଏକ ଅବ୍ୟବସ୍ଥାରେ ପରିଣତ ହୋଇ ରହିଥିବ । ଆହୁରି ଅନେକ ବୁଦ୍ଧିମାନ୍ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଖଣ୍ଡେ ଖଣ୍ଡେ କାଗଜ ଉପରେ ସବୁକଥା ଟିପିକରି ରଖନ୍ତି—ଉଦାହରଣ ସ୍ୱରୂପ ଲେଖକମାନଙ୍କର ନାମ ଟିପି ରଖିଥାନ୍ତି,—ମାତ୍ର ଯଦି ଦୈବାତ୍ ଏହି ଟିପା କାଗଜଗୁଡ଼ିକ ମଧ୍ୟରୁ ଗୋଟିଏ ଦରକାର ହୁଏ, ତେବେ ତାହାକୁ ଖୋଜ ବାହାର କରିବାକୁ ସେମାନଙ୍କୁ ଘଣ୍ଟାଏ ସମୟ ଲାଗିଯାଏ ଏବଂ ସେଥି ଲାଗି ଯାବତୀୟ ଜିନିଷକୁ ଓଲଟାଇ ଘାଣ୍ଟି ଦେଖିବାକୁ ପଡ଼େ । ତା'ପରେ ସେମାନେ ହୁଏତ ଟିପାକାଗଜଟିକୁ ରଦ୍ଦିକାଗଜ ଫୋପଡ଼ା ହେଉଥିବା ଝୁଡ଼ିଟି ଭିତରେ ପାଆନ୍ତି ବା ସେଇଟି ଯାଇ ସେମାନେ ରୁମାଲ୍ ରଖୁଥିବା ଡ୍ରୟର୍ ଭିତରେ ଯାଇ ରହିଥାଏ । ହଁ, ଏହିପରି ଘଟନାସବୁ ଘଟେ, ନୁହେଁ କି ?

ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କୁ କି ଖୁବ୍ ବୁଦ୍ଧିଆ ବୋଲି ବୁଝାଯିବ ନାହିଁ । ମାତ୍ର, ସେମାନଙ୍କ ପାଖରେ ରହିଥିବା ଅଳ୍ପ କେତୋଟି ବସ୍ତୁକୁ ସେମାନେ ନିଜର ଚେଷ୍ଟା ଦ୍ୱାରା କେତେକ ପରିମାଣରେ ଶୃଙ୍ଖଳିତ କରି ରଖିଥାନ୍ତି । ଯଦି ତୁମେ ସେମାନଙ୍କର ଆଲମାରୀ ଖୋଲି ଦେଖିବ, ତେବେ ଦେଖିବାକୁ ପାଇବ ଯେ, ସେମାନଙ୍କ ପାଖରେ ଖୁବ୍ କମ୍ ଜିନିଷ ରହିଛି, ମାତ୍ର ସେଗୁଡ଼ିକୁ ନିପୁଣ ଓ ପରିଚ୍ଛନ୍ନ ଭାବରେ ସଜାଇକରି ରଖା ଯାଇଛି; କାରଣ ନିଜର ଭାବନାଗୁଡ଼ିକ ସୁସଜ୍ଜିତ କରି ରଖିଥିବା ପରି ସେମାନେ ନିଜର ଭୌତିକ ବସ୍ତୁଗୁଡ଼ିକୁ ମଧ୍ୟ ସୁସଜ୍ଜିତ କରି ରଖିଥାନ୍ତି । ତେଣୁ, ମନକୁ ସଙ୍ଗଠନ କରୁଥିବାର ଏକ ଯତ୍ନ ବୋଲିହିଁ ବୁଝାଯିବ ।

ଯେଉଁ ବ୍ୟକ୍ତିମାନଙ୍କ ପାଖରେ କେତେକ ପରିମାଣରେ ସଙ୍ଗଠିତ କରି ରଖିବାର ଶକ୍ତି ରହିଥାଏ, ସେମାନେ ହୁଏତ ନିଜର କ୍ଷୁଦ୍ର ବ୍ୟକ୍ତିଗତ ବସ୍ତୁଗୁଡ଼ିକୁ

'oaob.nitrkl.ac.in' images reprocessed

ସଜାଇ ରଖିବାରୁହିଁ ତାହାର ପ୍ରଥମ ପରିଚୟ ଦେଇଥାନ୍ତି, ଏବଂ ତା'ପରେ ନିଜର ଜୀବନକୁ ଓ ଏପରିକି ଜୀବନର ଘଟଣାଗୁଡ଼ିକୁ ମଧ୍ୟ ଶୃଙ୍ଖଳିତ କରିବାରେ ପ୍ରୟାସୀ ହୁଅନ୍ତି । ସେମାନଙ୍କ ଉପରେ ହୁଏତ କେତେକ ଅନ୍ୟ ଲୋକଙ୍କର ଦାୟିତ୍ୱ ନ୍ୟସ୍ତ ହୋଇ ରହିଥାଏ,—ସେମାନେ କୌଣସି ଏକ ବ୍ୟବସାୟର ଯାବତୀୟ କଥା ବୁଝନ୍ତି, କୌଣସି ବିଦ୍ୟାଳୟର ଦାୟିତ୍ୱ ବା ସେହିପରି ଆଉ କିଛି ଦାୟିତ୍ୱ ନେଇଥାନ୍ତି । ବା, ତା' ନ ହେଲେ, ଯଦି ସେମାନଙ୍କଠାରେ ଶାସନ କରିବାର ସାମର୍ଥ୍ୟ ରହିଥାଏ, ତେବେ ସେମାନେ ଗୋଟାଏ ଦେଶର ମଧ୍ୟ ସଂଗଠନ-ଦାୟିତ୍ୱ ଗ୍ରହଣ କରନ୍ତି । କେତେକ ଲୋକଙ୍କର ସେହି ସାମର୍ଥ୍ୟ, ଆଉ କେତେଜଣଙ୍କର ତାହା ନ ଥାଏ ।

ଏହି ସଂଗଠନ-ଶକ୍ତି ରହିଥିବା ଜଣେ ବ୍ୟକ୍ତିଙ୍କର ମୁଁ ଏଠାରେ ଏକ ଉଦାହରଣ ଦେବି । ଏହା ଏକ ପୁରୁଣା କଥା, ମାତ୍ର ଏକ ପୁରୁଣା କଥାକୁ ମଧ୍ୟ ବାରବାର କୁହାଯାଇ ପାରିବ ! ମୁଁ ସାର୍ ଆକ୍‌ବର୍ ହାଇଦରିଙ୍କୁ ଜାଣିଥିଲି, ସେ ପ୍ରଥମେ ହାଇଦ୍ରାବାଦରେ ଅର୍ଥମନ୍ତ୍ରୀ ଥିଲେ, ତା'ପରେ ପ୍ରଧାନମନ୍ତ୍ରୀ ହେଲେ । ତାଙ୍କ ପୂର୍ବରୁ ହାଇଦ୍ରାବାଦର ଆର୍ଥିକ ସ୍ଥିତି ଆଗରୁ ମୁଁ ଉଲ୍ଲେଖ କରିଥିବା ଅରାଜକତାର ଅବସ୍ଥାରେ ରହିଥିଲା । ସରକାରଙ୍କର ସବୁବେଳେ ଟଙ୍କା ନିଅଣ୍ଟ ପଡ଼ୁଥିଲା । ସେହି ରାଜ୍ୟଟି ଏକ ବିଭବପୂର୍ଣ୍ଣ ଅଞ୍ଚଳ ଥିଲା, ତେଣୁ ସେଠାରେ ସେଭଳି ଏକ ସ୍ଥିତି ରହିବା ଆଦୌ ଅନିବାର୍ଯ୍ୟ ନ ଥିଲା । ସେତିକିବେଳେ ସାର ଆକ୍‌ବର ଆସି ପହଞ୍ଚିଲେ । ସେ ଅର୍ଥମନ୍ତ୍ରୀ ହେଲେ ଏବଂ ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ବର୍ଷଠୁହିଁ, ରାଜ୍ୟରେ କେତେ ଲକ୍ଷଟଙ୍କାର ଖଜଣା ଆୟସ୍ୱରୂପ ମିଳିଥିଲା ଏବଂ ସବୁକିଛି ଏତେ ଚମତ୍କାର ଭାବରେ ସଂଗଠିତ ହୋଇ ଆସିଲା ଯେ, ହାଇଦ୍ରାବାଦ ପୃଥିବୀଯାକରେ ସମ୍ଭବତଃ ଏକମାତ୍ର ସ୍ଥାନ ହୋଇ ରହିଲା, ଯେଉଁଠାରେ କି ଲୋକମାନଙ୍କୁ ଆଉ କୌଣସି ଖଜଣା ଦେବାକୁ ପଡ଼ିଲା ନାହିଁ । ସେମାନଙ୍କୁ କୌଣସି ଟିକସ ବା ଶୁଳ୍କ ଦେବାକୁ ପଡ଼ିଲା ନାହିଁ, ରାଜ୍ୟର ଅର୍ଥାଭାବ ମଧ୍ୟ ରହିଲା ନାହିଁ ଏବଂ ସିଏ ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ସେହି ସ୍ଥିତି ରହିଥିଲା । ମାତ୍ର ସେ ଅସୁସ୍ଥ ହେଲେ ଏବଂ ତାଙ୍କୁ ଯିବାକୁ ପଡ଼ିଲା । ଏବଂ ଶେଷରେ ତାଙ୍କର ମୃତ୍ୟୁ ଘଟିଲା । ତାଙ୍କ ସ୍ଥାନରେ ଆଉଜଣେ ଯିଏ ଆସିଲେ, ତାଙ୍କର କୌଣସି ସଂଗଠନକାରୀ ପ୍ରତିଭା ନ ଥିଲା ଏବଂ ତେଣୁ, ପ୍ରଥମ ବର୍ଷଠୁହିଁ ରାଜ୍ୟ ଲାଗି ୧୭୦ କୋଟି ଟଙ୍କାର ନିଅଣ୍ଟ ପଡ଼ିଲା । ସେହି ଏକରାଜ୍ୟ, ଏକା ଅଧିବାସୀ ଓ ଏକା ଖଜଣା,—ମାତ୍ର ସଂଗଠନ ବିଷୟରେ ସାର ଆକ୍‌ବରଙ୍କର ରହିଥିବା ଅଦ୍ଭୁତ ପ୍ରତିଭା ଆଉ ପ୍ରାପ୍ତ ହୋଇ ନ ପାରିବାରୁ ସେଭଳି ଘଟିଲା । ତାହା ଏକ ପ୍ରକୃତରେ ଘଟିଥିବା ଘଟଣା । ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତିଙ୍କର ସେହି ପ୍ରତିଭା ଥାଏ ।

'oaob.nitrkl.ac.in' images reprocessed

ଏପରି ହୁଏତ କୁହାଯାଇ ପାରିବ ଯେ, ତୁମ ସମ୍ମୁଖରେ ବହୁସଂଖ୍ୟକ ନାନାବିଧ ଦ୍ରବ୍ୟ ଥୁଆ ହୋଇ ରହିଛି,—ସେଗୁଡ଼ିକୁ ଏକାଠି ଯୋଡ଼ି ସମ୍ଭାବ୍ୟ ସମଷ୍ଟିଗୁଡ଼ିକୁ ସମ୍ଭବ କରିବା ଲାଗି ହୁଏତ ଗୋଟାଏ ଶତାବ୍ଦୀ ସମୟ ଲାଗିଯିବ । କେତେକ ଲୋକଙ୍କର ତାହା କରିବା ଲାଗି କୌଣସି ଆବଶ୍ୟକତା ନ ଥାଏ— ସେମାନଙ୍କ ପାଖରେ ଏକ ପ୍ରକାରର ଦୃଷ୍ଟି ରହିଥାଏ; କେଉଁଠି କ'ଣ ରଖିବାକୁ ହେବ, ସେମାନେ ସେକଥା ତତ୍‌କ୍ଷଣାତ୍ ଜାଣିପାରନ୍ତି ଏବଂ ତେଣୁ ସେଗୁଡ଼ିକ ମଧ୍ୟରେ ଏକ ସଙ୍ଗଠିତ ସମ୍ବନ୍ଧର ପ୍ରତିଷ୍ଠା କରିଦେଇ ପାରନ୍ତି । ତାହାର ଫଳରେ ଶୃଙ୍ଖଳାଯୁକ୍ତ ଏବଂ ସୁସଙ୍ଗଠିତ ଏକ ଗଠନ ସମ୍ଭବ ହୋଇଥାଏ । ସଙ୍ଗଠିତ କରି ରଖିବାର ଏହି ସାମର୍ଥ୍ୟ ହେଉଛି ଜୀବନରେ ଅତ୍ୟନ୍ତ ଅପରିହାର୍ଯ୍ୟ ଏବଂ, ଯଦି ତୁମେ ସଙ୍ଗଠନର ସେହି କଳାଟିକୁ ଶିଖିବା ଲାଗି ଇଚ୍ଛା କରୁଛ, ତେବେ ନିଜ ଡ୍ରୟରକୁ ସଜାଇ ରଖିବାରୁହିଁ ସେହି କାର୍ଯ୍ୟଟିକୁ ଆରମ୍ଭ କର ଏବଂ ତେବେ ପରିଶେଷରେ ତୁମେ ନିଜର ମସ୍ତିଷ୍କଟିକୁ ମଧ୍ୟ ସଙ୍ଗଠିତ କରି ରଖି ଶିଖିବ ! କେତେକ ଲୋକଙ୍କୁ ଏହି ଦୁଇଟିଯାକ କାର୍ଯ୍ୟ କରିବାକୁ ହେବ । ବସ୍ତୁଗୁଡ଼ିକୁ ସଙ୍ଗଠିତ କରି ରଖିବା ପୂର୍ବରୁ ତୁମକୁ ଆଗ ସେଗୁଡ଼ିକୁ ନିଜ ମନ ଭିତରେ ଦେଖି ପାରିବାକୁ ହେବ—ଅନ୍ତତଃ ନିଜର ରୁମାଲଗୁଡ଼ିକୁ ଓ ଲୁଗାପଟାଗୁଡ଼ିକୁ ଦେଖିପାରିବାକୁ ପଡ଼ିବ ! ମାତ୍ର, ତୁମେ ଏକଥା ମଧ୍ୟ ଆବିଷ୍କାର କରିପାରିବ ଯେ, ଏକ ବୁଦ୍ଧିସମ୍ପନ୍ନ ସଙ୍ଗଠନର ସାମର୍ଥ୍ୟ ଅର୍ଜନ କରିବା ଲାଗି ଏକ ନିର୍ଦ୍ଦିଷ୍ଟ ଯତ୍ନଶୀଳତା ମଧ୍ୟ ରହିଥିବା ଆବଶ୍ୟକ । — ଯେଉଁସବୁ ବସ୍ତୁକୁ ତୁମେ ପ୍ରତିଦିନ ବ୍ୟବହାର କରୁଛ, ସେଗୁଡ଼ିକ ନେଇ କଦାପି ତୁମେ ମାସରେ ଗୋଟିଏ ଥର ବ୍ୟବହାର କରୁଥିବା ବସ୍ତୁଗୁଡ଼ିକର ତଳେ ରଖିବ ନାହିଁ ।

ଆମର ମନ କର୍ମର ଏକ ଯନ୍ତ୍ର ରୂପେ ମଧ୍ୟ କାର୍ଯ୍ୟ କରିଥାଏ । ଭାବନା-ଗୁଡ଼ିକ ଯୋଜନାମାନଙ୍କୁ ଧାରଣ କରନ୍ତି । ମନ ଏକ କର୍ମଯୋଜନା ଧାରଣ କରେ ଏବଂ, ମୁଁ ପୂର୍ବରୁ ଉଲ୍ଲେଖ କରିଥିବା ସେହି ସ୍ୱତନ୍ତ୍ର ଏବଂ ସନ୍ନିହିତ ଅସ୍ତିତ୍ୱଗୁଡ଼ିକର ରଚନା ଦ୍ୱାରା ତାହା ସତ୍ତାର ଅନ୍ୟ ଅଙ୍ଗଗୁଡ଼ିକୁ—ତାହାର ପ୍ରାଣିକ ଏବଂ ଭୌତିକ ଅଙ୍ଗଗୁଡ଼ିକୁ ଆନ୍ଦୋଳିତ କରାଇଦିଏ ଏବଂ ସେମାନଙ୍କୁ କ୍ରିୟାଶୀଳ ହେବା ଲାଗି ବାଧ୍ୟ କରେ । ଏପରି ଅନେକ ସମୟରେ ଘଟେ ଯେ, ତୁମେ କୌଣସି ନା କୌଣସି କ୍ରିୟାକୁ କରିବା ବିଷୟରେ ଚିନ୍ତା କରିଥାଅ, — ସେହି କ୍ରିୟାଟିକୁ ତୁମେ ସଙ୍ଗେ ସଙ୍ଗେ ଆଦୌ କର ନାହିଁ, ମାତ୍ର, ଏହି କାର୍ଯ୍ୟଟି ମାଧ୍ୟମରେ ନିଜକୁ ବ୍ୟକ୍ତ କରିବା ଲାଗି ଇଚ୍ଛା କରୁଥିବା ଭାବନା ତୁମ ପାଖକୁ ବାରବାର ଫେରି ଆସିବାରେ ଲାଗି-ଥାଏ । ତୁମେ ସମ୍ଭବତଃ ନିଜର ମନ ଭିତରେ ଏହି ଶବ୍ଦଗୁଡ଼ିକୁ ଶୁଣି ପାରୁଥାଅ, "ସେହି କାର୍ଯ୍ୟଟିକୁ ମୋତେ ଅବଶ୍ୟ କରିବାକୁ ହେବ, ଅବଶ୍ୟ କରିବାକୁ ହେବ ।"

'oaob.nitrkl.ac.in' images reprocessed

— ଏହିପରି ଭାବରେ ତୁମେ ଶେଷରେ ଆଜି ସବୁକିଛି ଗୁଡ଼ି ନେଇ "ଚିନ୍ତା କରିଥିବା" କାର୍ଯ୍ୟଟିକୁହିଁ କରିବାକୁ ଆରମ୍ଭ କରିଦିଅ । ହଁ, ଏହା ହେଉଛି ଆମ ମନର ନିଜସ୍ୱ ସାମର୍ଥ୍ୟ । ସେହି ସାମର୍ଥ୍ୟଟିକୁ ହାସଲ କରିବା ପୂର୍ବରୁ ତୁମକୁ ନିଜର ମନକୁ ସଂଗଠିତ କରି, ସେଥିରେ ଏକ ସମଷ୍ଟିସତ୍ତା ସମ୍ଭବ କରି ଓ ତା' ଉପରେ ଏକ ନିୟନ୍ତ୍ରଣ ହାସଲ କରି ମଧ୍ୟ ଶିଖିବାକୁ ପଡ଼ିବ । ମାତ୍ର, ସେହି ସାମର୍ଥ୍ୟକୁ ଅର୍ଜନ କରି ପାରିବା ପରେ, ତୁମେ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସହିତ କାର୍ଯ୍ୟ କରିବାକୁ ଅବଶ୍ୟ ଆରମ୍ଭ କରି ପାରିବ; ମାତ୍ର, ଅଧିକାଂଶ ମନୁଷ୍ୟ ଏପରି ନାନା ଭାବନାଗୁଡ଼ିକ ମଧ୍ୟରେ ଆନ୍ଦୋଳିତ ହେବାରେ ଲାଗିଥାନ୍ତି, ଯେଉଁଗୁଡ଼ିକର ରଚନା ସମ୍ବନ୍ଧରେ ମଧ୍ୟ ସେମାନଙ୍କର ଆଦୌ କୌଣସି ସଜ୍ଞାନତା ରହି ନ ଥାଏ ।

ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କର ଯାବତୀୟ ଭାବନା ବାହାରୁହିଁ ଆସେ, ଯେଉଁମାନେ ନିଜର ମନ ଭିତରେ ଏକ ସଂଗଠନ ସମ୍ଭବ କରିବାକୁ କୌଣସି ଯତ୍ନ କରି ନ ଥାନ୍ତି, — ସେମାନଙ୍କର ମନ ଏକ ପ୍ରକାରର ସାଧାରଣ ଗମନାଗମନର ସ୍ଥାନ ହୋଇ ରହିଥାଏ । ତେଣୁ, ବାହାରୁ ଆସୁଥିବା ଯାବତୀୟ ଭାବନାର ପରସ୍ପର ସହିତ ସେଇଠି ଭେଟ ହୁଏ; ବେଳେବେଳେ ସେମାନଙ୍କ ଭିତରେ ନାନା ସଂଘାତ ମଧ୍ୟ ଘଟେ : କ'ଣ ପ୍ରକୃତରେ କରିବାକୁ ହେବ, ତୁମେ ତାହା ଜାଣି ପାରୁ ନ ଥାଅ, ଆଦୌ କିଛିହେଲେ ସ୍ପଷ୍ଟ ଭାବରେ ଦେଖି ପାରୁ ନ ଥାଅ, ଇତ୍ୟାଦି, ଇତ୍ୟାଦି । ଏପରି ଅନେକ ଲୋକ ମଧ୍ୟ ଅଛନ୍ତି, ଯେଉଁମାନେକ ଅଳ୍ପବହୁତ ପରିମାଣରେ ଏକ କ୍ଳୀବ ମାନସିକ ଅବସ୍ଥାରେ ବାସ କରୁଥାନ୍ତି । ସେମାନଙ୍କର ହଠାତ୍ ହୁଏତ ଏପରି ଜଣେ ବ୍ୟକ୍ତି ସହିତ ଭେଟ ହୁଏ, ଯାହାର ମନ ସୁସଂଗଠିତ ହୋଇ ରହିଥାଏ ଏବଂ ତା'ପରେ ସେମାନେ ସ୍ପଷ୍ଟ ଭାବରେ ଭାବି ପାରିବାକୁ ଆରମ୍ଭ କରନ୍ତି—ଗୋଟିଏ ମିନିଟ୍ ଆଗରୁ ମଧ୍ୟ ସେମାନେ ଯେଉଁସବୁ ବିଷୟରେ ଆଦୌ କିଛିହେଲେ ଜାଣି ନ ଥିଲେ, ସେହିସବୁ ବିଷୟରେ ଭାବିବାକୁ ଆରମ୍ଭ କରନ୍ତି । ଅପର ପକ୍ଷରେ, ଆହୁରି ଅନ୍ୟମାନେ ବି ରହିଥାନ୍ତି, ଯେଉଁମାନେ କି ଅତ୍ୟନ୍ତ ପରିଷ୍କାର ଭାବରେ ସବୁ ଭାବି ପାରନ୍ତି ଏବଂ, ସେମାନଙ୍କର ମନ ଭିତରେ ଯାହାସବୁ ଘଟୁଥାଏ, ତାହାକୁ ନିର୍ଭୁଲ ଭାବରେ ଜାଣିଥାନ୍ତି । ମାତ୍ର ସେମାନେ ଆଉ କେତେକ ଏକ ନିର୍ଦ୍ଦିଷ୍ଟ କିସମର ଲୋକଙ୍କ ସମ୍ପର୍କରେ ଆସନ୍ତି, ଏବଂ ତା'ପରେ ସେମାନଙ୍କର ସବୁକିଛି ଗୋଳମାଳ ହୋଇଯାଏ, ସବୁକିଛି ଅସ୍ପଷ୍ଟ ଓ ଅବ୍ୟବସ୍ଥିତ ହୋଇଯାଏ । ସେମାନେ ତା'ପରେ ନିଜ ଭାବନାର ସୂତ୍ରଟିକୁ ହରାଇ ବସନ୍ତି ଏବଂ ସେମାନେ ଯାହା କହିବାକୁ ଇଚ୍ଛା କରିଥିଲେ, ସେଇଟିକୁ ପାଶୋରି ଦିଅନ୍ତି । ଏକ ସଂକ୍ରାମଣ ଫଳରେ ଏପରି ଘଟିଥାଏ ଏବଂ ମନଃସ୍ତରରେ ସେହି ସଂକ୍ରାମଣ ସତତ ଘଟିବାରେ ଲାଗିଥାଏ । ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ

'oaob.nitrkl.ac.in' images reprocessed

ନ ବାହାରୁ ଭାବନାଗୁଡ଼ିକୁ ଗ୍ରହଣ କରନ୍ତି ନାହିଁ । ମୁଁ ଏପରି ଲୋକଙ୍କୁ ଜାଣିଛି,— ଏପରି ଅନେକ ଲୋକଙ୍କୁ ଜାଣିଛି, ଯେଉଁମାନଙ୍କର କି, ଉଦାହରଣ ସ୍ୱରୂପ, ଏକ ଅତ୍ୟନ୍ତ ଦୃଢ଼ ବିଶ୍ୱାସ ରହିଥିଲା, ଯେଉଁମାନେ କି ନିଜ ଭିତରକୁ ଚାହିଁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସବୁକିଛି ଦେଖି ପାରୁଥିଲେ, ସେମାନେ କ'ଣ କରିବାକୁ ଚାହାନ୍ତି, ଯେଉଁମାନେ କି ଅତ୍ୟନ୍ତ ଉତ୍ତମରୂପେ ସେକଥା ଜାଣିଥିଲେ । ମାତ୍ର, ସେମାନେ ଯେତେବେଳେ ଅନ୍ୟ ବ୍ୟକ୍ତିମାନଙ୍କର ପାଖକୁ ଆସିଲେ ଏବଂ ସେହି ସବୁକିଛିକୁ ବୁଝିବାକୁ ଏବଂ ବ୍ୟକ୍ତ କରିବାକୁ ଚେଷ୍ଟା କଲେ, ସେତେବେଳେ ସେମାନେ ସେକଥା ମୋଟେ କରି ପାରିଲେ ନାହିଁ । ତତ୍ପରିବର୍ତ୍ତେ ସେହି କ୍ଷେତ୍ରରେ ଏପରି ଅନ୍ୟ ଏକ ବ୍ୟାପାର ଆସି ଉପସ୍ଥିତ ହୋଇ ଯାଇଥିଲା, ଯାହାକି ଏକ ପ୍ରକାରର ଅର୍ଦ୍ଧ-ଅସ୍ପଷ୍ଟ ବିଭ୍ରାନ୍ତି ମଧ୍ୟରେ ଆବର୍ତ୍ତିତ ହେବାରେ ଲାଗିଥିଲା ଏବଂ, ଆଗରୁ ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିବା ନିଜର ଭାବନାକୁ ସୁନିବଦ୍ଧ କରି ଆଣିବାକୁ ସେମାନଙ୍କର ଆଉ କୌଣସି ସାମର୍ଥ୍ୟ ନ ଥିଲା ପରି ସେମାନେ ଅନୁଭବ କରୁଥିଲେ ।

ଆଉ ଏକ ବ୍ୟାପାର ରହିଛି ଯାହାକୁ କି ଆଧ୍ୟାତ୍ମିକ ବୋଲି ବିଚାର କରି ଯାଇଥାଏ ସତ, ମାତ୍ର ଯାହାକୁ କେବଳ ପରୋକ୍ଷ ଭାବରେହିଁ ଆଧ୍ୟାତ୍ମିକ ବୋଲି କୁହାଯିବ : ଏପରି ହୁଏ, ଯେତେବେଳେ ତୁମେ ଏପରି ଜଣେ ବ୍ୟକ୍ତିର ନିକଟରେ ଯାଇ ରହିଥାଅ, ଯିଏକି ନିଜର ଭାବନାକୁ ନିୟନ୍ତ୍ରଣରେ ଆଣି ପାରିଛନ୍ତି ଏବଂ ମାନସିକ ନୀରବତା ହାସଲ କରି ପାରିଛନ୍ତି । ସେହି ନୀରବତା ତୁମ ଭିତରକୁ ମଧ୍ୟ ପ୍ରବାହିତ ହୋଇ ଆସୁଥିବା ପରି ତୁମେ ଅନୁଭବ କର ଏବଂ, ମାତ୍ର ଅଧଘଣ୍ଟାକ ପୂର୍ବରୁ ତୁମ ଲାଗି ଯାହା ଅସମ୍ଭବ ହୋଇ ରହିଥିଲା, ତାହା ସଙ୍ଗେ ସଙ୍ଗେ ଏକ ବାସ୍ତବତାରେ ପରିଣତ ହୋଇଯାଏ । ଏହାକୁ ପ୍ରକୃତରେ ଏକ ଅସାଧାରଣ ଘଟନା ବୋଲି କୁହାଯାଇ ପାରିବ ।

> "ଆଉ ଏକ ଅଭ୍ୟାସ ରହିଛି, ଯାହାକି ଚେତନାର ଅଗ୍ରଗତି ନିମନ୍ତେ ଅତ୍ୟନ୍ତ ସହାୟକ ହୋଇ ପାରିବ । ଯେତେବେଳେ କୌଣସି ଏକ ବିଷୟରେ ଦ୍ୱିମତ ହେଉଥିବ,—ଅର୍ଥାତ୍ କୌଣସି ନିଷ୍ପତ୍ତି ଗ୍ରହଣ କରିବା ଅଥବା କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବା ବିଷୟରେ ଦ୍ୱିମତ ଉପସ୍ଥିତ ହେଉଥିବ, ସେତେବେଳେ ତୁମେ ନିଜକୁ କଦାପି କେବଳ ନିଜର ଧାରଣା କିମ୍ବା ନିଜର ଦୃଷ୍ଟି-କୋଣଟି ମଧ୍ୟରେ ବନ୍ଦୀ ରଖିବ ନାହିଁ । ତତ୍ପରିବର୍ତ୍ତେ,

'oaob.nitrkl.ac.in' images reprocessed

> ତୁମେ ସେତେବେଳେ ଅନ୍ୟ ବ୍ୟକ୍ତିଟିର ଦୃଷ୍ଟିକୋଣକୁ ବୁଝିବା ଲାଗି ପ୍ରୟାସ କରିବ, — ନିଜକୁ ନେଇ ତା' ସ୍ଥାନରେ ରଖିବ ଏବଂ କୌଣସି କଳହ ବା ଏପରିକି ଆଦୌ କୌଣସି ଯୁଦ୍ଧ ନ କରି, ଏପରି ଏକ ସମାଧାନ ବାହାର କରିବ, ଯାହାକି ଯୁକ୍ତିଯୁକ୍ତ ଭାବରେ ଉଭୟ ପକ୍ଷର ସନ୍ତୋଷ ବିଧାନ କରିପାରିବ; ସଦିଚ୍ଛା ସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ ଏପରି ଏକ ସମାଧାନ ଅବଶ୍ୟ ସବୁବେଳେ ମିଳିଯାଇ ପାରିବ ।"

ମୁଁ ପ୍ରଧାନତଃ କ୍ରିୟାପ୍ରଧାନ ମନୁଷ୍ୟମାନଙ୍କ ଉଦ୍ଦେଶ୍ୟରେ ଏହି କଥାଟିକୁ କହୁଥିଲି,—ଯେଉଁମାନେ ସବୁକଥାର ପ୍ରତ୍ୟକ୍ଷ ଚିନ୍ତା କରିଥାନ୍ତି, ଯେଉଁମାନଙ୍କର ଚିନ୍ତାର ପଦ୍ଧତି ନିର୍ମାଣାତ୍ମକ ହୋଇ ରହିଥାଏ, ଅତ୍ୟନ୍ତ କ୍ରିୟାଶୀଳ ଓ ଅତ୍ୟନ୍ତ ଗଠନମୂଳ ହୋଇ ରହିଥାଏ । ସେମାନେ ଏକ ରୈଖିକ ପ୍ରଣାଳୀରେ ବସ୍ତୁଗୁଡ଼ିକୁ ଦେଖିଥାନ୍ତି ଏବଂ କାର୍ଯ୍ୟର ସମ୍ପାଦନ ନିମନ୍ତେ ସେହି ପ୍ରଣାଳୀର ପ୍ରୟୋଜନ ରହିଥାଏ । କୌଣସି କାର୍ଯ୍ୟକୁ ଏପରି ବା ଏପରି ଭାବରେ କରିବାକୁ ହେବ ବୋଲି ସେମାନେ ସ୍ପଷ୍ଟ ଦେଖି ପାରୁଥାନ୍ତି । ଆଉ ଜଣେ କୌଣସି ବ୍ୟକ୍ତିର ହୁଏତ ସମାନ ଭାବରେ ଏକ ଗଠନସାମର୍ଥ୍ୟ ଭାବନା ରହିଥାଏ ଏବଂ ସିଏ ହୁଏତ କହୁଥାଏ, "ନାହିଁ, ଏଇଟିକୁ ଏହିପରି ଭାବରେହିଁ କରିବାକୁ ହେବ ।" ତେଣୁ ଦୁହେଁ କଳହ କରିବାକୁ ଆରମ୍ଭ କରନ୍ତି ଏବଂ ଆଦୌ ଏକ ମୀମାଂସାରେ ପହଞ୍ଚି ପାରନ୍ତି ନାହିଁ । ମାତ୍ର, ସେହି ସ୍ଥିତିରେ ଆମେ କ୍ଷଣକ ଲାଗି ଚୁପ୍ ରହି ଯାଇ ପାରିବା ଏବଂ ସ୍ଥିର ହୋଇ ବ୍ୟାପାରଟି ଉପରେ ଦୃଷ୍ଟିପାତ କରି ପାରିବା । ସେହି ଅନ୍ୟ ବ୍ୟକ୍ତି ଜଣକ ଯେ କୌଣସି ଅସତ୍ ଇଚ୍ଛାର ପ୍ରଦର୍ଶନ କରୁଥାଏ, ସେକଥା ମୋଟେ ନୁହେଁ; ତା'ର ଦୃଷ୍ଟିକୋଣଟି ମଧ୍ୟ ସତ୍ୟ କିଂବା ଆଂଶିକ ଭାବରେ ସତ୍ୟ ହୋଇପାରେ । ସିଏ କାହିଁକି ସେପରି ଭାବରେ ଚିନ୍ତା କରୁଛି, ତାହାର କାରଣ ଖୋଜି ବାହାର କରିବା ଆବଶ୍ୟକ ହୁଏ । ତେଣୁ, ତୁମେ ଦଣ୍ଡେ ଅଟକି ଯାଅ, ସେହି ବିଷୟରେ ପୁନର୍ବାର ଚିନ୍ତାକର ଏବଂ ନିଜକୁ ସେହି ଅନ୍ୟ ବ୍ୟକ୍ତି ଜଣଙ୍କର ଦୃଷ୍ଟିକୋଣଟି ସହିତ ଏକାତ୍ମକ କରି ଆଣିବାକୁ ଚେଷ୍ଟା କର; ଆପଣାକୁ ତା' ସ୍ଥାନରେ ଉପସ୍ଥାପିତ କରି ରଖି ମନେମନେ କହିବାକୁ ଆରମ୍ଭ କର, "ସିଏ ଯେ ଏପରି ଭାବରେ ଚିନ୍ତା କରୁଛି, ତା' ପଛରେ ଏକ କାରଣ ହୁଏତ ନିଶ୍ଚୟ ଅଛି ଏବଂ, ସେହି କାରଣଟି ମୋ' କାରଣ ଅପେକ୍ଷା ହୁଏତ ଅଧିକ ଭଲ ମଧ୍ୟ ହୋଇପାରେ ।" ଏବଂ ଏହିପରି ଭାବରେ

'oaob.nitrkl.ac.in' images reprocessed

ତୁମେ ଯଥାର୍ଥ ସମାଧାନଟିକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବ, ଯାହାକି ଯୁକ୍ତିଯୁକ୍ତ ଭାବରେ ଉଭୟ ପକ୍ଷର ସନ୍ତୋଷବିଧାନ କରି ପାରୁଥିବ । ଭୌତିକ ବସ୍ତୁତତ୍ତ୍ୱ ସହିତ କାରବାର କରୁଥିବାର କ୍ଷେତ୍ରରେ ଏପରି କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ପ୍ରତ୍ୟେକ ବ୍ୟକ୍ତି କେବଳ ତା' ନିଜର ଦୃଷ୍ଟିକୋଣଟିକୁହିଁ ଦେଖି ପାରୁଥାଏ ଏବଂ ତା'ର ସେହି ନିଜ ଦୃଷ୍ଟିକୋଣ ସର୍ବଦା ସ୍ୱାର୍ଥ ଦ୍ୱାରା ପ୍ରେରିତ ହୋଇ ରହିଥାଏ । ଆଉ ଗୋଟିଏ ଅନ୍ୟ ଦୃଷ୍ଟିକୋଣକୁ ଗ୍ରହଣ କରିବା ପ୍ରକୃତରେ ଏକ ଅତ୍ୟନ୍ତ କଠିନ ବ୍ୟାପାର, କାରଣ ସେହି ଦୃଷ୍ଟିକୋଣଟି ତୁମ ଲାଗି "ହାନିକର" ହେବାର ହୁଏତ ଏକ ଆଶଙ୍କା ମଧ୍ୟ ରହିଥାଏ । ଜାତିତତ୍ତ୍ୱ ସଂପୃକ୍ତ ରହିଥିବା କ୍ଷେତ୍ରରେ ଏହାକୁ ଏକ ଅମୋଘ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଯଦି ବିଭିନ୍ନ ଜାତି ଅତ୍ୟନ୍ତ ସିଧା କଥାଗୁଡ଼ିକୁ ନେଇ ସର୍ବଦା ପରସ୍ପର ସହିତ କେବଳ ଯୁଦ୍ଧରେ ଲିପ୍ତ ହୋଇ ନରହି ଓ କେବଳ ନିଜର ସ୍ୱାର୍ଥକୁହିଁ ନଦେଖି ଏବଂ କେବଳ ନିଜର ବ୍ୟକ୍ତିଗତ ଦୃଷ୍ଟିକୋଣଟିକୁ, ଅର୍ଥାତ୍ ସେମାନଙ୍କର ଜାତୀୟ ବ୍ୟକ୍ତିତ୍ୱଟିର ଦୃଷ୍ଟିକୋଣକୁ ନଦେଖି ଏସବୁ ନକରି ଯଦି ସେମାନେ ପ୍ରତ୍ୟେକ ଜାତିର ପୃଥିବୀ ପୃଷ୍ଠରେ ବଞ୍ଚି ରହିବା ଲାଗି ଅବଶ୍ୟ ଅଧିକାର ରହିଛି ଓ ତେଣୁ ସେମାନଙ୍କୁ ସେମାନଙ୍କର ଏହି ଅଧିକାରରୁ ବଞ୍ଚିତ ନକରି ବରଂ ସମସ୍ତଙ୍କର ସନ୍ତୋଷ ବିଧାନ କରିବା ଭଳି ଏକ ସାଲିସ୍ ଖୋଜି ବାହାର କରିପାରିବାହିଁ ପ୍ରକୃତରେ ଅଧିକ ଉଚିତ ବୋଲି ବୁଝିବାକୁ ଚେଷ୍ଟା କରନ୍ତେ, ତେବେ ତାହା ଅନେକ ଅଧିକ ଭଲ ହୁଅନ୍ତା । ଏକ ସମାଧାନ ସର୍ବଦା ସମ୍ଭବ; ମାତ୍ର ଏଥିଲାଗି କେବଳ ଗୋଟିଏ ସର୍ତ୍ତ ରହିଛି;—କେବଳ ଗୋଟାଏ ସମାଧାନ ଖୋଜି ବାହାର କରିବା ନୁହେଁ, ମାତ୍ର ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ହେଲେ ଗୋଟିଏ ସର୍ତ୍ତ ରହିଛି : ସେହି ସର୍ତ୍ତଟି ହେଉଛି ଯେ, ବ୍ୟକ୍ତିମାନଙ୍କର ତଥା ଜାତିଗୁଡ଼ିକର ଅବଶ୍ୟ ସଦିଚ୍ଛା ରହିଥିବା ଉଚିତ ।

ଯଦି ସେମାନଙ୍କର କୌଣସି ସଦିଚ୍ଛା ନଥାଏ, ସେହିମାନେହିଁ ଠିକ୍ ପକ୍ଷରେ ରହିଛନ୍ତି ଏବଂ ତଥାପି ସେଥିଲାଗି ସେମାନଙ୍କର କୌଣସି ଖାତିରି ନାହିଁ ବୋଲି ଯଦି ସେମାନେ ସଂପୂର୍ଣ୍ଣ ଭାବରେ ଜାଣିଥାନ୍ତି,— ନିଜେ ଗୋଟାସୁଦ୍ଧା ଭୁଲ ପଥରେ ରହିଥିବା ସମୟରେ ମଧ୍ୟ ଯଦି ସେମାନେ କେବଳ ନିଜ ସ୍ୱାର୍ଥର ରକ୍ଷା ନିମନ୍ତେହିଁ ଜିଦ୍ ଧରି ବସନ୍ତି,—ତେବେ ପ୍ରକୃତରେ ଆଦୌ କିଛି ହେଲେ କରାଯାଇ ପାରିବ ନାହିଁ । ଲୋକମାନଙ୍କୁ ଆପଣା ଭିତରେ ଯୁଦ୍ଧ କରି ପରସ୍ପରକୁ ନଷ୍ଟ କରିବା ଲାଗି ଛାଡ଼ି ଦେବା ବ୍ୟତୀତ ସେତେବେଳେ ଆଉ କିଛି କରିବାକୁ ନଥିବ । ମାତ୍ର ଯଦି, ଅନ୍ୟ ପକ୍ଷରେ, ପରସ୍ପର ମଧ୍ୟରେ ସଦିଚ୍ଛା ରହିଥାଏ, ତେବେ ଏକ ଉତ୍ତମ ସମାଧାନ ଅବଶ୍ୟ ସମ୍ଭବ ହେବ ।

'oaob.nitrkl.ac.in' images reprocessed

ଆପଣ "ସାଲଶ୍" ଶବ୍ଦଟିର ସଂଜ୍ଞା ନିରୂପଣ କରି ଦେବେ କି ?

ସାଲ୍ଶ୍ ଅର୍ଥାତ୍ ଏକ ମଧ୍ୟବର୍ତ୍ତୀ ସମାଧାନ । ତାହାକୁ ଯେ ସର୍ବଦା ସର୍ବୋତ୍ତମ ମଧ୍ୟମମାର୍ଗ ବୋଲି କୁହାଯିବ, ସେକଥା ଆଦୌ ନୁହେଁ । ତଥାପି, ଗୋଟାଏ ପ୍ରକାରର ସମନ୍ୱୟୀକରଣ ଖୋଜି ବାହାର କରିବାକୁ ହେବ ।

ତୁମମାନଙ୍କୁ ମୁଁ ଆଜି ଗୋଟିଏ କାହାଣୀ କହିବି,—ଜଣେ ବଣିକର କାହାଣୀ ଯିଏକି-ଥରେ ବିଦେଶ ଯାତ୍ରା କଲା ସମୟରେ ନିଜର ପ୍ରତିବେଶୀକୁ ଯାଇ କହିଲା, "ମୁଁ ବିଦେଶ ଯାଉଛି, ପୁନର୍ବାର କେବେ ଫେରିବି ସେକଥା ଜଣା ନାହିଁ ; ତୁମେ ଏହି ମାଠିଆଟିକୁ ମୋ'ପାଖରୁ ନିଅ, ମୁଁ ଫେରିବା ପରେ ଏଇଟିକୁ ତୁମ ପାଖରୁ ନେବି ।" ଏହାର କିଛି କାଳ ପରେ ମାଠିଆଟିକୁ ଖୋଲି ଦେଖିବା ଲାଗି ପ୍ରତିବେଶୀର ଖୁବ୍ ଇଚ୍ଛା ହେଲା । ସିଏ ଖୋଲିକରି ଦେଖିଲା,—ପ୍ରଥମେ ବହଳ ହୋଇ ପରସ୍ତେ ଧୂଳି ରହିଛି ଓ ତା'ତଳକୁ କେତେକ ସୁନା ମୋହର ଅଛି । ସିଏ ସେକଥା ଦେଖି ଭାରି ଲୋଭରେ ପଡ଼ିଗଲା ଓ ଭାବିବାକୁ ଲାଗିଲା, ମୋର ବନ୍ଧୁ ସମ୍ଭବତଃ ଆଉ ଜୀବନରେ ନାହାନ୍ତି, ସମ୍ଭବତଃ ସେ ଆଉ କେବେହେଲେ ଫେରି ଆସିବେ ନାହିଁ । ତେବେ ଏହି ଅର୍ଥ ସମ୍ପତ୍ତିକୁ ଆଉ ଏହା ଭିତରେ ସାଇତି ରଖିବାର ଆଉ କି ପ୍ରୟୋଜନ ଅଛି ? ଏବଂ, ମୋର ବି ତ ଅର୍ଥର ଏତେ ଅଭାବ ରହିଛି !" ଏହିପରି ଭାବି ସିଏ ସେଥିରୁ କେତୋଟି ମୋହର ଉଠାଇ ଧରିଲା, ତା'ପରେ ଆଉ କେତୋଟି ନେଲା, ପୁଣି ବହୁତ ଗୁଡ଼ାଏ ନେଲା ଏବଂ ଏହିପରି ଭାବରେ ମାଠିଆ ଭିତରେ ରହିଥିବା ସୁନାତକ ସବୁ ଶେଷ ହୋଇଗଲା । ସୁନାକୁ ଘୋଡ଼ାଇ ରଖିଥିବା ଜଳପାଇଗୁଡ଼ିକ ମଧ୍ୟ ନଷ୍ଟ ହୋଇ ଯାଇଥିଲା ଏବଂ ସେ ସେଗୁଡ଼ିକୁ ବି କାଢ଼ି ବାହାରକୁ ଫିଙ୍ଗି ଦେଲା ।

ତା'ପରେ ଦିନେ ବଣିକ ଫେରି ଆସିଲା ଏବଂ ପ୍ରତିବେଶୀକୁ ଯାଇ କହିଲା, "ମୋ' ମାଠିଆଟି ମୋତେ ଫେରାଇଦିଅ ।" ଅଳ୍ପକେତେ ଦିନ ପରେ ପ୍ରତିବେଶୀ ମାଠିଆକୁ ପୁରା ଧୂଳିରେ ଭର୍ତ୍ତିକରି ଆଗରୁ ଯେମିତିଥିଲା, ଠିକ୍ ସେମିତି ନେଇ ଫେରାଇଦେଇ ଆସିଲା । ବଣିକ ମାଠିଆ ଖୋଲି ତା'ଭିତରେ କେତେକ ତଟକା ଜଳପାଇ ଭର୍ତ୍ତି ହୋଇ ରହିଥିବାର ଦେଖିଲା । ସୁନାର ନାମଗନ୍ଧ ନ ଥିଲା । ସିଏ କାଜିଙ୍କ ପାଖକୁ ଯାଇ ସମସ୍ତ ଘଟଣା ଜଣାଇଲା । ମାତ୍ର କାଜି ଉତ୍ତର ଦେଇ କହିଲେ, "କିନ୍ତୁ, ତୁମେ ପ୍ରକୃତରେ ସତକଥା କହୁଛ ବୋଲି ମୁଁ କିପରି ନିଶ୍ଚିତ ଭାବରେ ଜାଣିବି ? ହୋଇପାରେ, ତୁମର ପ୍ରତିବେଶୀ ଯାହା କହୁଛି, ତାହାହିଁ ସତ

'oaob.nitrkl.ac.in' images reprocessed

କଥା । ସେମାନେ ଏହିପରି ଯୁକ୍ତିତର୍କ କଲେ, ମାତ୍ର କୌଣସି ସମାଧାନରେ ପହଞ୍ଚି ପାରିଲେ ନାହିଁ । ବଣିକର ମୁଣ୍ଡବଥା ଆରମ୍ଭ ହେବାରୁ ସେ ମନେ ମନେ ଭାବିଲା, "ଆଜି ରାତିରେ ଯାଉଛି ସହରଆଡ଼େ ଟିକିଏ ବୁଲି ଆସିବି ।" ଏହିପରି ଭାବି ସହରଆଡ଼େ ବୁଲିଗଲା ଓ ଦୈବାତ୍ ବାଟରେ କେତେକ ପିଲାଙ୍କୁ ଖେଳୁଥିବାର ଦେଖିଲା । ସେମାନଙ୍କ ପାଖରେ ଗୋଟିଏ ମାଠିଆ ଥିଲା, ଜଣେ ବଣିକ ହୋଇଥିଲା, ଆଉଜଣେ ପ୍ରତିବେଶୀ ଓ ଆଉଜଣେ କାଜି ବି ହୋଇଥିଲା । କାଜି ପ୍ରତିବେଶୀକୁ କହୁଥିଲେ, "ତୁମେ ମାଠିଆଟିକୁ ଖୋଲ । କିନ୍ତୁ ଏଇଟି ଭିତରେ କ'ଣ ତଟକା ଜଳପାଇ ଅଛି ! ବଣିକ ବିଦେଶ ଯିବା ପରେ ଏହି ମାଠିଆ ତୁମ ପାଖରେ କେତେଦିନ ହେଲା ରହିଲାଣି ? "ଆଜ୍ଞା, ଅଢ଼େଇବର୍ଷ ହେଲା ।" "ଆଚ୍ଛା ? ତେବେ ତୁମେ ଏତେଦିନ ଯାଏ କୋଳିଗୁଡ଼ିକୁ ତାଜା ରଖିପାରିଲ ? ତୁମେ ପ୍ରକୃତରେ ମାଠିଆରେ ରହିଥିବା ପଦାର୍ଥକୁ ବାହାର କରି ତା'ଭିତରେ ତାଜା କୋଳିଗୁଡ଼ିକୁ ପୂରାଇ ନାହଁ କି ?" "ସେକଥା ଶୁଣି ପ୍ରତିବେଶୀ ସେଠାରୁ ପଳାଇ ଗଲା । ବଣିକ ଭାବିଲା, "ଏହି ପିଲାମାନେ ମୋ' ଅପେକ୍ଷା ଅନେକ ଅଧିକ ବୁଦ୍ଧିମାନ । ସେମାନେ ତ ସଙ୍ଗେ ସଙ୍ଗେ ସମାଧାନ ବାହାର କରିପାରିଲେ !" ତା'ପରେ ସେ ପୁଣି ପ୍ରତିବେଶୀ ପାଖକୁ ଯାଇ ତାକୁ ଠିକ୍ ସେହି ପ୍ରଶ୍ନସବୁ ପଚାରିଲା । ଏବଂ ଅତ୍ୟନ୍ତ ସ୍ପଷ୍ଟ କଥା ଯେ ପ୍ରତିବେଶୀର ଆଉ ଅଧିକ କିଛି କହିବାର ନ ଥିଲା । ସିଏ ସତ୍ୟ ଘଟଣାଟିକୁ ସ୍ୱୀକାର କରିବାକୁ ବାଧ୍ୟ ହେଲା ।

'oaob.nitrkl.ac.in' images reprocessed

# ୩୦ ଜାନୁଆରୀ ୧୯୫୧

ଶ୍ରୀଅରବିନ୍ଦଙ୍କର ଲିଖିତ "ମାଆ" ଗ୍ରନ୍ଥର ତୃତୀୟ ଅଧ୍ୟାୟ ଉପରେ ଏହି ପ୍ରବଚନଟି ଆଧାରିତ ।

"ତୁମର ବିଶ୍ୱାସ, ଆନ୍ତରିକତା ଓ ସମର୍ପଣ ଯେତିକି ଅଧିକ ସଂପୂର୍ଣ୍ଣ ହେବ, କରୁଣା ଏବଂ ସୁରକ୍ଷା ସେତିକି ଅଧିକ ପରିମାଣରେ ତୁମ ସହିତ ଆସି ରହିଥିବେ । ଏବଂ, ଯେତେବେଳେ ଦିବ୍ୟଜନନୀଙ୍କର କରୁଣା ଓ ସୁରକ୍ଷା ତୁମ ସହିତ ରହିଥିବ, ତେବେ ତୁମକୁ ଆଉ କିଏ ଆସି ସ୍ପର୍ଶ କରି ପାରିବ ଓ ତୁମେ ଆଉ କାହାକୁ ଭୟ କରିବାର କି ପ୍ରୟୋଜନ ମଧ୍ୟ ରହିବ ? ଏହାର କିଞ୍ଚିତ୍ ପରିମାଣ ମଧ୍ୟ ତୁମକୁ ତୁମର ସକଳ ଅସୁବିଧା ମଧ୍ୟ ଦେଇ ପାର କରାଇ ନେଇ ଯିବ, ସକଳ ବାଧା ଓ ବିପଦରୁ ଅତିକ୍ରମ କରାଇ ନେବ ; ତାହାର ପୂର୍ଣ୍ଣ ଉପସ୍ଥିତି ଦ୍ୱାରା ବେଷ୍ଟିତ ହୋଇ ତୁମେ ନିର୍ବିଘ୍ନ ଭାବରେ ନିଜର ମାର୍ଗରେ ଅଗ୍ରସର ହୋଇ ପାରିବ, କାରଣ ଏହି ସୁରକ୍ଷା ହେଉଛି ସେହି ଜନନୀଙ୍କରହିଁ ସୁରକ୍ଷା, ଯାବତୀୟ ସଂକଟକୁ ତାହାର କୌଣସି ଖାତିର ନ ଥାଏ, ଯେକୌଣସି ଶତ୍ରୁତା ଯେତେ ଶକ୍ତିଶାଳୀ ହୋଇଥାଉ ପଛକେ, ତାହା ଏହି ଜଗତରୁ ଅଥବା ଅଦୃଶ୍ୟ ଅନ୍ୟ ଜଗତଗୁଡ଼ିକରୁ ସଂଘଟିତ ହେଉ-ଥାଉ ପଛକେ, ସେଗୁଡ଼ିକ ଦ୍ୱାରା ତାହା କୌଣସି ପ୍ରକାରେ ବିଚଳିତ ହୁଏ ନାହିଁ । ଏହାର ହାତବାଜିଲେ ବାଧାମାନ ସୁଯୋଗରେ ପରିଣତ ହୋଇଯିବ, ବିଫଳତା ସଫଳତାକୁ ରୂପାନ୍ତରିତ ହୋଇଯାଇ ପାରିବ ଏବଂ ଦୁର୍ବଳତା ଅବ୍ୟର୍ଥ ବଳରେ ପରିଣତ ହୋଇଯିବ । କାରଣ, ଦିବ୍ୟ

'oaob.nitrkl.ac.in' images reprocessed

> ଜନମାଙ୍କର କରୁଣା କେବଳ ସେହି ସର୍ବୋଚ୍ଚ ପରମ-
> କର୍ତ୍ତାଙ୍କଠାରୁହିଁ ଆଦିଷ୍ଟ ହୋଇ ଆସିଥାଏ ଏବଂ, ବର୍ତ୍ତମାନ
> ହେଉ ଅଥବା ଆଗାମୀ କାଲ ହେଉ, ଏହାର ଫଳ
> ଅବଶ୍ୟ ଫଳିବ; ତାହା ପ୍ରକୃତରେ ଆଦିଷ୍ଟ ହୋଇ
> ରହିଛି, ଅନିବାର୍ଯ୍ୟ ଏବଂ ଅପ୍ରତିରୋଧ୍ୟ ହୋଇ ରହିଛି ।"

"ଆଦିଷ୍ଟ ହୋଇ ରହିଛି"ର ଅର୍ଥ କ'ଣ ?

ଆଦିଷ୍ଟ 'ଆଦେଶ' ଶବ୍ଦରୁ ନିଷ୍ପନ୍ନ ହୋଇଛି । ଏହା ହେଉଛି ଏକ ବିଧାନ, ଏହା ଏପରି ଗୋଟିଏ କଥା ଯାହାକି ···ଉଦାହରଣ ସ୍ୱରୂପ, ଏହା ଆଦିଷ୍ଟ ହୋଇ ରହିଛି ଯେ ଏପରି ଗୋଟିଏ କଥା ଏପରି ବା ଏପରି ପ୍ରକାରେ ସମ୍ପାଦିତ ହେବ । କ'ଣ କରିବା ଉଚିତ ବା କ'ଣ କରିବା ଉଚିତ ନୁହେଁ, ବିଭିନ୍ନ ଦେଶର ସରକାର ସେହି ବିଷୟରେ ଆଦେଶମାନ ପ୍ରଦାନ କରିଥାନ୍ତି । ସେଗୁଡ଼ିକ ହେଉଛି ସରକାରୀ ଆଦେଶ । ତେଣୁ, ଏହି କ୍ଷେତ୍ରରେ ଏହା ହେଉଛି ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆସିଥିବା ଏକ ଆଦେଶ, ଏକ ଅନିବାର୍ଯ୍ୟ ଆଦେଶ ।

> "ତାହାର ପୂର୍ଣ୍ଣ ଉପସ୍ଥିତି ଦ୍ୱାରା ବେଷ୍ଟିତ ହୋଇ ତୁମେ
> ନିର୍ବିଘ୍ନ ଭାବରେ ନିଜର ମାର୍ଗରେ ଅଗ୍ରସର ହୋଇ
> ପାରିବ, କାରଣ ଏହି ସୁରକ୍ଷା ହେଉଛି ସେହି
> ଜନମାଙ୍କରହିଁ ସୁରକ୍ଷା ।"

ହଁ, ଏହା ଠିକ ସେହିପରି କଥା । ଯେଉଁ ମୁହୂର୍ତ୍ତରୁ ତୁମେ ଦିବ୍ୟକରୁଣା ଦ୍ୱାରା ପରିବେଷ୍ଟିତ ହୋଇ ରହିବ ଏବଂ ଦିବ୍ୟ କରୁଣାକୁ ଗ୍ରହଣ କରିବା ପାଇଁ ଏକ ଉପଯୁକ୍ତ ସ୍ଥିତିରେ ରହିଥିବ, ସେହି ମୁହୂର୍ତ୍ତରୁହିଁ ତୁମର ପଥ ଓ ସେହି ଜନମାଙ୍କର ପଥ ଅଭିନ୍ନ ଭାବରେ ଗୋଟିଏ ପଥରେହିଁ ପରିଣତ ହୋଇ ରହିଥିବ ।

"ଅଦୃଶ୍ୟ ଅନ୍ୟ ଜଗତଗୁଡ଼ିକ" କହିଲେ କ'ଣ ବୁଝାଇବ ?

ତାହା ପ୍ରକୃତରେ ଗୋଟିଏ କଠିନ ପ୍ରଶ୍ନ !

ତୁମେ ଏକଥା ଶୁଣିଛ ଏବଂ ପଢ଼ିଛ ଯେ, ସତ୍ତାର ନାନା ସ୍ଥିତି ଦ୍ୱାରା ଆମେ ଗଠିତ ହୋଇଛୁ : ଏହି ସ୍ଥିତିଗୁଡ଼ିକ ହେଉଛି, ଭୌତିକ, ପ୍ରାଣିକ, ମାନସିକ,

'oaob.nitrkl.ac.in' images reprocessed

ଚୈତ୍ୟ, ଆଧ୍ୟାତ୍ମିକ, ଇତ୍ୟାଦି ଇତ୍ୟାଦି । ଏବଂ, ସତ୍ତାର ଏହିସବୁ ଅନ୍ତର୍ଗତ ସ୍ଥିତି ଗୋଟିଏ ଗୋଟିଏ ଅଦୃଶ୍ୟ ଜଗତକୁହିଁ ସୂଚାଇଥାଏ । ଅର୍ଥାତ୍, ଏକ ଭୌତିକ ଜଗତ ରହିଛି, ଏକ ପ୍ରାଣିକ ଜଗତ ରହିଛି, ଏକ ମନୋମୟ ଜଗତ ଅଛି, ଏକ ଚୈତ୍ୟ ଜଗତ ଅଛି ଏବଂ ତଦୁପରାନ୍ତ ଆଧ୍ୟାତ୍ମିକ ଜଗତ ରହିଛନ୍ତି । —ସର୍ବୋଚ୍ଚ ପରମସତ୍ତାଙ୍କର ଅଧିକରୁ ଅଧିକ ନିକଟବର୍ତ୍ତୀ ହୋଇ ଅଧିକରୁ ଅଧିକ ସୂକ୍ଷ୍ମ ନାନା ଜଗତର ଏକ ସମଗ୍ର ବିସ୍ତୃତି ରହିଛି । ଏବଂ, ତୁମେ ନିଜ ଭିତରେ ମଧ୍ୟ ତଦନୁରୂପ ଏକ ବିସ୍ତୃତିକୁ ବହନକରି ରହିଥିବାରୁ, ଆପଣାର ସେହି ଅନ୍ତର୍ଗତ ସତ୍ତାକୁ ଅଧ୍ୟୟନ କରି ଓ ସେଇଟି ବିଷୟରେ ସଜ୍ଞାନ ହୋଇ ତୁମେ କ୍ରମଶଃ ଏହି ଅଦୃଶ୍ୟ ଜଗତଗୁଡ଼ିକ ବିଷୟରେ ମଧ୍ୟ ସଜ୍ଞାନ ହେବା ଲାଗି ସମର୍ଥ ହୋଇଥାଅ । ଉଦାହରଣ ସ୍ୱରୂପ, ତୁମ ମନର ଭୂମିରେ : ଯଦି ତୁମର ମନ ସଚେତନ, ସୁସମ୍ଭୃତ ଏବଂ ସୁନିୟନ୍ତ୍ରିତ ହୋଇ ରହିଥାଏ, ତେବେ ତୁମର ଶରୀର ଏହି ଭୌତିକ ଜଗତରେ ଭ୍ରମଣ କରି ପାରୁଥିବା ପରି ସେଇଟି ମଧ୍ୟ ମନୋମୟ ଜଗତରେ ଭ୍ରମଣ କରି ପାରୁଥିବ ; ଏହି ମନୋମୟ ଜଗତର ସ୍ୱରୂପଟି କିପରି, ସେହି ଜଗତରେ କ'ଣସବୁ ଘଟଣା ଘଟୁଥାଏ, ଏହାର କ'ଣସବୁ ବିଶେଷ ଲକ୍ଷଣ ରହିଛି, ଇତ୍ୟାଦି ଯାବତୀୟ ବିଷୟକୁ ତାହା ଦେଖି ପାରୁଥିବ । ଏହି ବସ୍ତୁଗୁଡ଼ିକ ସ୍ୱଭାବତଃ ଆଦୌ ଅଦୃଶ୍ୟ ନୁହନ୍ତି—କେବଳ ଭୌତିକ ଚେତନା ଏବଂ ଭୌତିକ ଇନ୍ଦ୍ରିୟଗୁଡ଼ିକ ଲାଗି ସେସବୁ ଅଦୃଶ୍ୟ ହୋଇ ରହିଥାନ୍ତି, ମାତ୍ର ସେଗୁଡ଼ିକର ଅନୁରୂପ ବିଭିନ୍ନ ସ୍ଥିତିର ଅନ୍ତର୍ଗତ ଚେତନା ଅଥବା ଅନୁରୂପ ଅନ୍ତରେନ୍ଦ୍ରିୟଗୁଡ଼ିକ ଲାଗି ଆଦୌ ଅଦୃଶ୍ୟ ହୋଇ ରହି ନ ଥାନ୍ତି । କାରଣ, ଏକ ବିଧିବଦ୍ଧ ବିକାଶସାଧନ ଦ୍ୱାରା ଏହିସବୁ ଜଗତ୍ ଲାଗି ମଧ୍ୟ ଅନୁରୂପ ଇନ୍ଦ୍ରିୟଶକ୍ତି ଅର୍ଜନ କରିପାରିବା ଅବଶ୍ୟ ସମ୍ଭବ ହୁଏ ଏବଂ ସେହି କ୍ଷେତ୍ରରେ ଭିନ୍ନ ଧର୍ମର ନାନା ଲକ୍ଷଣ ରହିଥିବା ତଦନୁରୂପ ଏକ ଜୀବନ ବଞ୍ଚିବା ମଧ୍ୟ ବେଶ୍ ସମ୍ଭବ ହୋଇଥାଏ । ମୋ'ର କହିବାର ଅର୍ଥ ହେଉଛି, ଯଦି ଆମେ ନିଜକୁ ଯଥେଷ୍ଟ ପରିମାଣରେ ବିକଶିତ କରାଇ ପାରିବା, ତେବେ ଏହିସବୁ ଜଗତରେ ଅବଶ୍ୟ ଏକ ବାସ୍ତବ ଜୀବନ ବଞ୍ଚିବାକୁ ସମର୍ଥ ହୋଇ ପାରିବା । ତା' ନ ହେଲେ ଆମ ଲାଗି ସେଗୁଡ଼ିକର ଆଦୌ କୌଣସି ଅସ୍ତିତ୍ୱ ନ ଥିବ । ସେହି ଜଗତରେ ଅବସ୍ଥିତ ଯାବତୀୟ ବସ୍ତୁର ଅନୁରୂପ ଭାବରେ ଯଦି ଆମେ ନିଜ ଭିତରେ କୌଣସି ବସ୍ତୁକୁ ବହନ କରୁ ନ ଥିବା, ତେବେ ଆମ ଲାଗି ସେହି ଜଗତର ଆଦୌ କୌଣସି ଅସ୍ତିତ୍ୱ ରହିବ ନାହିଁ । ଏବଂ, ଏହା ହେଉଛି କେବଳ ଏକ ବିଧିବଦ୍ଧ ତଥା ଧାରାବାହିକ ବିକାଶସାଧନର ବିଷୟ । ନାନା କାରଣରୁ କେତେକ ବ୍ୟକ୍ତି ତାହାକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ହାସଲ କରିଥାନ୍ତି; ସେମାନଙ୍କର ପୂର୍ବତନ ଜନ୍ମଗୁଡ଼ିକରେ ହୋଇଥିବା ଦୀର୍ଘ ପ୍ରସ୍ତୁତି ଫଳରେ

'oaob.nitrkl.ac.in' images reprocessed

ସାଧାରଣତଃ ତାହା ସମ୍ଭବ ହୋଇଥାଏ; ବେଳେବେଳେ ବିଶେଷ ଭାବରେ ଅନୁକୂଳ ହୋଇ ରହିଥିବା ନାନା ପରିସ୍ଥିତି ଲାଗି ମଧ୍ୟ ତାହା ଘଟିଥାଏ—ସେମାନେ ଏକ ନିର୍ଦ୍ଦିଷ୍ଟ ପରିବେଶରେ ଜନ୍ମଗ୍ରହଣ କରିଥାନ୍ତି,—ଏପରି ପିତାମାତାଙ୍କଠାରୁ ଜନ୍ମ ହୋଇଥାନ୍ତି, ଯେଉଁମାନଙ୍କ ମଧ୍ୟରେ କି ଏହିସବୁ ସାମର୍ଥ୍ୟର ବିକାଶ ହୋଇଥାଏ ଏବଂ ତେଣୁ ସେଗୁଡ଼ିକୁ ବାଲ୍ୟକାଳରୁହିଁ ବିକଶିତ କରି ଆଣିବା ଲାଗି ସେମାନଙ୍କୁ ସାହାଯ୍ୟ ଦିଆ ଯାଇଥାଏ । ଅନ୍ୟ ବ୍ୟକ୍ତିମାନଙ୍କୁ ଅନ୍ତର୍ଗତ ଶୃଙ୍ଖଳା ଦ୍ୱାରା ବିଧିବଦ୍ଧ ଭାବରେ ସେଗୁଡ଼ିକୁ ଅର୍ଜନ କରିବାକୁ ହୋଇଥାଏ । ଏଥିପାଇଁ ସମୟ ଲାଗେ, ଦୀର୍ଘ ସମୟ ଲାଗେ, ମାତ୍ର ତଥାପି, ଗୋଟିଏ ଶିଶୁର ମସ୍ତିଷ୍କକୁ କାଲ୍କୁଲସ ଗଣିତଶାସ୍ତ୍ରକୁ ବୁଝିବାଲାଗି ଯେତିକି ସମୟ ଲାଗେ, ଏଥିପାଇଁ ତା'ଠାରୁ ଆଦୌ ଖୁବ୍‌ବେଶୀ ଅଧିକ ସମୟ ଲାଗେ ନାହିଁ । ତାହାକୁ ବୁଝିବାପାଇଁ ତ ବର୍ଷ ବର୍ଷ ସମୟ ଲାଗିଯାଏ ।

> ଏହିସବୁ ଅଦୃଶ୍ୟ ଜଗତ ବିଶ୍ୱବ୍ରହ୍ମାଣ୍ଡର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥାନ୍ତି କି ?

ସେଗୁଡ଼ିକ ଅବଶ୍ୟ ବିଶ୍ୱବ୍ରହ୍ମାଣ୍ଡର ଅଂଶ ହୋଇ ରହିଥାନ୍ତି । ହଁ, ଏପରି ମଧ୍ୟ କୁହାଯାଇ ପାରିବ ଯେ, ସେଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅବସ୍ଥିତ ଥାଆନ୍ତି । ମାତ୍ର, ସେକଥା ବୁଝିବାକୁ ହେଲେ, ଏହିସବୁ ବସ୍ତୁକୁ ବୁଝିବାକୁ ହେଲେ, ଆମର ମନକୁ ଏକଥା ମଧ୍ୟ ବୁଝିବା ଲାଗି ସାମର୍ଥ୍ୟ ଅର୍ଜନ କରିବାକୁ ହବ ଯେ, କେବଳ ସମ୍ପୂର୍ଣ୍ଣ ଭାବରେ ଭୌତିକ ହୋଇ ରହିଥିବା ଆୟାମ ଓ ପ୍ରସ୍ଥଗୁଡ଼ିକ ବ୍ୟତୀତ ଅନ୍ୟ ନାନା ଆୟାମ ଓ ପ୍ରସ୍ଥ ଅବଶ୍ୟ ରହିଛି । କାରଣ, ତୁମର ଚୈତ୍ୟସତ୍ତା ତୁମ ଶରୀର ଭିତରେ ରହିଛି ବୋଲି ଯେତେବେଳେ ତୁମକୁ କୁହାଯାଇଥାଏ, ସେତେବେଳେ ସେକଥାକୁ ଏପରି ଅର୍ଥରେ ଆଦୌ କୁହାଯାଏ ନାହିଁ ଯେ, ନିଜର ଶରୀରକୁ ଚିରିଦେଲେ ତୁମେ ତା' ଭିତରେ ନିଜର ଚୈତ୍ୟସତ୍ତାକୁ ମଧ୍ୟ ଦେଖିବାକୁ ପାଇବ । ତୁମେ ତା'ଭିତରେ ନିଜର ହୃଦ୍‌ଯନ୍ତ୍ରକୁ ଦେଖିବ, ପାକସ୍ଥଳୀକୁ ଦେଖିବ ଓ ଆଉ ଯାବତୀୟ ସବୁକିଛିକୁ ଦେଖିବ, ମାତ୍ର ନିଜ ଚୈତ୍ୟ ସତ୍ତାକୁ କଦାପି ଦେଖିବ ନାହିଁ । ତଥାପି, ତୁମ ହୃଦୟ ତୁମ ଭିତରେ ରହିଛି ବୋଲି କହିଲେ ଆଦୌ କୌଣସି ଭୁଲ୍ ହେବ ନାହିଁ । ମାତ୍ର, ତାହା ତୁମ ସୀମାର ବାହାରକୁ ମଧ୍ୟ ପ୍ରସାରିତ ହୋଇ ରହିଛି, ମାତ୍ର ଏକ ଅନ୍ୟ ପ୍ରସ୍ଥରେ ଅବସ୍ଥିତ ରହିଛି । ଏବଂ ଆମେ ଏପରି ମଧ୍ୟ କହିପାରିବା ଯେ, ଏହିପରି ଭାବରେ ଭିନ୍ନ ଭିନ୍ନ ଯେତେ ଜଗତ୍ ରହିଛି ସେହି ଅନୁସାରେ ସେତିକିଟି ପ୍ରସ୍ଥ ମଧ୍ୟ ରହିଛି । ଏକଥାରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଏହିସବୁ ଅଦୃଶ୍ୟ ଜଗତ୍ —

'oaob.nitrkl.ac.in' images reprocessed

ତଥାକଥିତ ଅଦୃଶ୍ୟ ଜଗତମାନ — ଏହି ଭୌତିକ ବିଶ୍ୱବ୍ରହ୍ମାଣ୍ଡ ଭିତରେହିଁ ରହିଛି ବୋଲି କୁହାଯାଇ ପାରିବ । ମାତ୍ର, ସେଗୁଡ଼ିକ ଅନ୍ୟବସ୍ତୁଗୁଡ଼ିକର ସ୍ଥାନକୁ ଅଧିକାର କରି ଆଦୌ ରହି ନାହାନ୍ତି । ଏକ ଅପୂର୍ଣ୍ଣତା ଯୁକ୍ତ ତୁଳନା ଦେଇ କହିବାକୁ ଗଲେ,—କେବଳ ଏକ ତୁଳନା ରୂପେହିଁ ଏହାର ଯୌକ୍ତିକତା ରହିଛି, —ନିଜର ମସ୍ତିଷ୍କ ମଧ୍ୟରେ ତୁମେ ଅଗଣିତ କେତେ କେତେ ବସ୍ତୁକୁ ଧରି ରଖିଥାଅ, ମାତ୍ର ତା'ବୋଲି ତୁମେ କେବେହେଲେ ଆଦୌ ଏପରି ଅନୁଭବ କରିବ ନାହିଁ ଯେ, ଆଉ ଗୋଟିଏ ଆସି ରହିବ ବୋଲି ତୁମକୁ ଗୋଟିକୁ ତା'ଭିତରୁ କାଢ଼ି ବାହାର କରିଦେବାକୁ ପଡ଼ୁଥାଏ । ତୁମେ ସେପରି ଅନୁଭବ କର କି ? ସେହି ଅର୍ଥରେ ସେମାନେ ଆଦୌ କୌଣସି ସ୍ଥାନ ଅଧିକାର କରି ରହି ନ ଥାନ୍ତି ।

> "ଏବଂ, ଏହାର ସୃଜନ ଲାଗି ଯେଉଁସବୁ ସର୍ତ୍ତ ଆବଶ୍ୟକ ହୁଏ ।"*

ଏହିପରି ଅଗଣିତ ସର୍ତ୍ତ ରହିଛି ଏବଂ ବ୍ୟକ୍ତି ତଥା ପରିବେଶଗୁଡ଼ିକ ଅନୁସାରେ ତାହା ଭିନ୍ନ ଭିନ୍ନ ପ୍ରକାରର ହୋଇ ରହିଥାଏ । ମାତ୍ର ତଥାପି ପରିଶେଷରେ ସେଗୁଡ଼ିକୁ ସିଏ ମୂଳରେ ଯାହା କହିଥିଲେ କିଂବା ତା'ର ଅଳ୍ପ ପରେ ଯାହା କହିଥିଲେ, ସେତିକ ମଧ୍ୟକୁ ନିର୍ଯ୍ୟାସିତ କରି ଅଣାଯାଇ ପାରିବ । ମୁଁ ଠିକ୍ ଜାଗାଟିକୁ ଭୁଲିଯାଉଛି । ··· ନାହିଁ, ପାଇଲି ! "ବିଶ୍ୱାସ, ଆନ୍ତରିକତା ଓ ସମର୍ପଣ ।" ଏହିଗୁଡ଼ିକ ଆବଶ୍ୟକ ସର୍ତ୍ତ । ଏବଂ, ଏହି ବିଶ୍ୱାସ କିପରି ହେବା ଉଚିତ, ଆନ୍ତରିକତା କିପରି ହେବା ଉଚିତ ଓ ସମର୍ପଣ କିପରି ହେବା ଉଚିତ, ସେ ସେହି କଥାଗୁଡ଼ିକୁ ପରେ ବର୍ଣ୍ଣନା କରିଛନ୍ତି । ପ୍ରତିକୂଳ ଶକ୍ତିଗୁଡ଼ିକ ଉପରେ ଯେପରି ଜନନୀଙ୍କର ଜୟଲାଭ ସମ୍ଭବ କରିପାରିବ, ସେଥିଲାଗି ଏଗୁଡ଼ିକ ହେଉଛି ଆବଶ୍ୟକ ସର୍ତ୍ତ—ଏଗୁଡ଼ିକ ତୁମପକ୍ଷରୁ ପୂରଣ ହେବାକୁ ପ୍ରତ୍ୟାଶା କରାଯାଉଥିବା ସର୍ତ୍ତ । ଏବଂ, ତାଙ୍କର ସର୍ତ୍ତଗୁଡ଼ିକ ହେଉଛି,—ମୁଁ ଭାବୁଛି ଯେ

*"ସେହି ଦିବ୍ୟ, ଅଧ୍ୟାତ୍ମିକ ଓ ଅତିମାନସ ପରମସତ୍ୟ ବ୍ୟତୀତ ତୁମେ ଆଉ କିଛିହେଲେ ମାଗିବ ନାହିଁ; ପୃଥିବୀରେ, ତୁମ ଭିତରେ ଏବଂ ଯେଉଁମାନେ ଏଥିଲାଗି ଆହୂତ ତଥା ନିର୍ବାଚିତ ହୋଇ ରହିଛନ୍ତି, ସେମାନଙ୍କ ଭିତରେ ସେହି ସତ୍ୟର ଉପଲବ୍ଧି ଲାଗି ପ୍ରାର୍ଥନା କରିବ; ତାହାର ସୃଜନ ଲାଗି ଯେଉଁସବୁ ସର୍ତ୍ତ ଅବଶ୍ୟକ, ସେହିଗୁଡ଼ିକ ଲାଗି ପ୍ରାର୍ଥନା କରିବ, ସକଳ ବିରୋଧକାରୀ ଶକ୍ତି ଉପରେ ତାହାର ବିଜୟ ଲାଗି ପ୍ରାର୍ଥନା କରିବ ।"

'oaob.nitrkl.ac.in' images reprocessed

ସିଏ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ସେଗୁଡ଼ିକର ପୂରଣ କରିଥାନ୍ତି—ଯେ. ସିଏ ଅଭୀପ୍‌ସାଟି ପ୍ରତି ଅନୁମୋଦନ ଜଣାଇବେ, ଶକ୍ତି ଦେବେ, ସ୍ୱଚ୍ଛଦୃଷ୍ଟି ଦେବେ, ଜ୍ଞାନ ଓ ଇଚ୍ଛାଶକ୍ତି ପ୍ରଦାନ କରିବେ। ତାହା ଅତ୍ୟନ୍ତ ସ୍ପଷ୍ଟ କଥା। ତେଣୁ ତାଙ୍କର କାର୍ଯ୍ୟ କରିବା ପାଇଁ ଆମକୁ ତାଙ୍କୁ ଏକ କ୍ଷେତ୍ର ଯୋଗାଇ ଦେବାକୁ ପଡ଼ିବ; ଯେଉଁ ପରି-ବେଶରେ ସିଏ ଆପଣାର କାର୍ଯ୍ୟଟିକୁ କରିପାରିବେ, ସେହି ପରିବେଶ ଯୋଗାଇ ଦେବାକୁ ପଡ଼ିବ। ଏବଂ, ଏହି ସର୍ତ୍ତଗୁଡ଼ିକ ହେଉଛି : ବିଶ୍ୱାସ, ଆନ୍ତରିକତା ଓ ସମର୍ପଣ—ଏକ ବିଶୁଦ୍ଧ ଓ ଅବିମିଶ୍ରିତ ବିଶ୍ୱାସ, ଏକ ସମ୍ପୂର୍ଣ୍ଣ ଓ ସମଗ୍ର ଆନ୍ତରିକତା ଏବଂ ଏକ ସର୍ତ୍ତହୀନ ସମର୍ପଣ। ସିଏ ତୁମମାନଙ୍କ ଲାଗି ଏହିକଥାଟିକୁ ବର୍ଣ୍ଣନା କରି କହିଛନ୍ତି।

## ପ୍ରଶ୍ନଗୁଡ଼ିକର ସଂଖ୍ୟାର ଏକ ସୀମା ଅଛି କି ?

ସଂଖ୍ୟାର ସୀମା ଅଛି ? ନା ତାହାର କୌଣସି ସୀମା ନାହିଁ ? ତୁମେ ପ୍ରକୃତରେ କ'ଣ ପଚାରୁଛ ? ଏହାର ଉତ୍ତର ଆମେ ଗଣିତଜ୍ଞମାନଙ୍କୁ ପଚାରିବା ନା ଗୂଢ଼ବିଦ୍ୟାର ଅଧିକାରୀମାନଙ୍କୁ ପଚାରିବା ? ହୁଏତ ଗୂଢ଼ବିଦ୍ୟାର ଅଧିକାରୀଙ୍କୁ !

ହଁ, ଗୋଟିଏ ନିର୍ଦ୍ଦିଷ୍ଟ ଦୃଷ୍ଟିରୁ ବିଚାରକରି କହିଲେ, ଏହି ସଂଖ୍ୟାର ସୀମା ଅବଶ୍ୟ ରହିଛି। ମାତ୍ର, ପ୍ରତ୍ୟେକ ପ୍ରଶ୍ନରେ ଆଉଗୋଟିଏ ସୀମିତ ସଂଖ୍ୟାର ଉପ-ବିଭାଗମାନ ରହିଥିବାରୁ ଏବଂ ଏହି ଉପବିଭାଗଗୁଡ଼ିକରେ ମଧ୍ୟ ପୁନର୍ବାର ପ୍ରଭୂତ ସଂଖ୍ୟାର ଉପବିଭାଗମାନ ରହିଥିବାରୁ ଆମେ ଏହାକୁ ଅସଂଖ୍ୟ ବୋଲି କହିବା ତଥାପି ତାହାର ସୀମା ରହିଛି। ଏଥିରୁ ଯଦି ତୁମେ କିଛି ବୁଝିଥାଅ, ତେବେ ତୁମକୁ ଭାଗ୍ୟବାନ୍ ବୋଲି କୁହାଯିବ।

### ସେହି ସଂଖ୍ୟା ଯଦି ସୀମିତ ହୋଇଥାଏ, ତେବେ ମୋଟ କେତୋଟି ପ୍ରଶ୍ନ ରହିଛି ?

ବାରଗୋଟି।

### "ମନୋମୟ ସତ୍ତା ଉପରେ ଏକ ଅହଂପ୍ରେରିତ ବିଶ୍ୱାସ"* କିପରି ସମ୍ଭବ ହୋଇ ପାରିବ ?

*"ମନୋମୟ ଏବଂ ପ୍ରାଣିକ ସତ୍ତାରେ ଏକ ଅହଂପ୍ରେରିତ ବିଶ୍ୱାସ ମହତ୍ତ୍ୱାକାଂକ୍ଷା, ଗର୍ବ,

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦ ଏହାକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି : "ମହତ୍ତ୍ୱ-ଲାଳସା ଦ୍ୱାରା ଦୂଷିତ", ଇତ୍ୟାଦି ଇତ୍ୟାଦି । ମୁଁ ଭାବୁଛି, ତୁମେ ତାକୁ ଅନ୍ୟଏକ ଭାଷାରେ କହିଲେ ତାହା ଅପେକ୍ଷାକୃତ ଅଧିକ ସତ୍ୟ ହୋଇଯିବ । ଏପରି କୌଣସି ବିଶ୍ୱାସ ରହିଛି, ଯେଉଁଥିରେ କି କଣିକା ମାତ୍ରାରେ ବା ଗୋଟାଏସୁଦ୍ଧା ଯେସବୁ ନାହିଁ । କାରଣ, ଏକଥା କୁହା ଯାଇଥାଏ, ଏକଥା ବାର ବାର କୁହା ଯାଇଛି ଯେ, ଯଦି ବିଶ୍ୱାସ ଶୁଦ୍ଧ ହୋଇଥାଏ, ତେବେ ତାହା ସାମର୍ଥ୍ୟରେ··· ଆଉ କିଛି ହେଲେ ତାହାର ପ୍ରତିରୋଧ କରିପାରିବ ନାହିଁ । ଅର୍ଥାତ୍, ଯଦି ଆମକୁ ଏପରି ଏକ ପୂର୍ଣ୍ଣଶୁଦ୍ଧ ବିଶ୍ୱାସର ଅଧିକାରୀ ହେବାକୁ ଥାଏ, ଯାହାକି ଏହି ଯାବତୀୟ ବସ୍ତୁଗୁଡ଼ିକ ଦ୍ୱାରା ଆଦୌ ଦୂଷିତ ହୋଇ ନଥିବ, ତାହା ଏକ ଯଥାର୍ଥ ବିଶ୍ୱାସ ହୋଇଥିବ,— କୁହାଯାଉ ଯେ ତାହା ପ୍ରକୃତରେହିଁ ଯଥାର୍ଥ ବିଶ୍ୱାସ ହୋଇଥିବ, ତେବେ ତା' ଆଗରେ ଆଉ କିଛିହେଲେ ଅସମ୍ଭବ ହୋଇ ରହିବ ନାହିଁ । ତେବେ ଆମର ଜୀବନରେ ରୂପାନ୍ତର ସମ୍ଭବ ହେବ, ଆମେ ଗୋଟିଏ ମୁହୂର୍ତ୍ତିରେହିଁ ଅତିମାନସକୁ ଅବତୀର୍ଣ୍ଣ କରାଇ ଆଣି ପାରିବା···ଆମେ ଯେତେବେଳେ ସବୁକିଛି ସମ୍ଭବ କରି ପାରିବା,— ବିଶ୍ୱାସ ଥିଲେ ସବୁକିଛି ଅବଶ୍ୟ କରିପାରିବା । ମାତ୍ର, ଏହା ଶୁଦ୍ଧ ବିଶ୍ୱାସ ହୋଇଥିବା ଆବଶ୍ୟକ, ଯେଉଁଥିରେ ଆଦୌ କୌଣସି ବ୍ୟକ୍ତିପ୍ରସୂତ ପ୍ରତିକ୍ରିୟା କିଂବା କୌଣସି ବ୍ୟକ୍ତିଗତ ଇଚ୍ଛା ମିଶ୍ରିତ ହୋଇ ରହି ନ ଥିବ ।

ଶୁଦ୍ଧ ବିଶ୍ୱାସ ହେଉଛି ଏକ ସର୍ବଶକ୍ତିଶାଳୀ ଓ ଅପ୍ରତିରୋଧ୍ୟ ବସ୍ତୁ । ଏପରି ଏକ ସର୍ବଶକ୍ତିଶାଳୀ ତଥା ଅପ୍ରତିରୋଧ୍ୟ ବିଶ୍ୱାସ ଅନେକତଃ ଦୃଷ୍ଟିଗୋଚର ହୋଇ ନ ଥାଏ ଏବଂ ଏହାହିଁ ପ୍ରତିପାଦିତ କରିଦେଉଛି ଯେ, ତାହା ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ରହି ନ ଥାଏ । ପ୍ରଶ୍ନଟିକୁ ଏହିପରି ଭାବରେ ପଚରାଯାଇ ପାରିବ : ଆମ ପ୍ରତ୍ୟେକଙ୍କର କୌଣସି ନା କୌଣସି ବିଶ୍ୱାସ ଅଛି; ଉଦାହରଣସ୍ୱରୂପ, କୌଣସି ନା କୌଣସି ବସ୍ତୁ ଉପରେ ବିଶ୍ୱାସ ରହିଛି; ଉଦାହରଣସ୍ୱରୂପ, ଆମ ଭିତରେ ଦିବ୍ୟ ପରମସତ୍ତା ବିଦ୍ୟମାନ ରହିଛନ୍ତି ବୋଲି ବିଶ୍ୱାସ ରହିଛି । ଯଦି ଆମର ବିଶ୍ୱାସ ସମ୍ପୂର୍ଣ୍ଣ ଶୁଦ୍ଧ ହୋଇଥାନ୍ତା, ତେବେ ଆମେ ସଙ୍ଗେ ସଙ୍ଗେ ଆମ ଭିତରେ ରହିଥିବା ସେହି ଦିବ୍ୟ ଉପସ୍ଥିତି ବିଷୟରେ ସଜ୍ଞାନ ହୋଇପାରୁଥାନ୍ତେ । ଏହି

ଦାମ୍ଭିକତା, ମାନସିକ ଉଦ୍ଧତ୍ୟ, ପ୍ରାଣମୟ ସ୍ୱାର୍ଥ-ଇଚ୍ଛା, ବ୍ୟକ୍ତିଗତ ଦାବି ଏବଂ ନିମ୍ନତର ପ୍ରକୃତିର ନାନା କ୍ଷୁଦ୍ର ତୃପ୍ତିବିଧାନର ବାସନା ଦ୍ୱାରା ଦୂଷିତ ହୋଇ ରହିଥିବ । ସେହି ବିଶ୍ୱାସକୁ ଏକ ନିମ୍ନପ୍ରସୂତ ଓ ଧୂମାଚ୍ଛନ୍ନ ବହ୍ନିଶିଖା ବୋଲି କୁହାଯିବ, ଯାହାକି ସ୍ୱର୍ଗାଭିମୁଖ ହୋଇ ଊର୍ଦ୍ଧ୍ୱ ଦିଗରେ ଆଦୌ ପ୍ରଜ୍ୱଳିତ ହୋଇ ପାରିବ ନାହିଁ ।"

'oaob.nitrkl.ac.in' images reprocessed

ଉଦାହରଣଟିକୁ ବୁଝିପାରିବା ଅତ୍ୟନ୍ତ, ଅତ୍ୟନ୍ତ ସହଜ ହେବ । ତୁମର ବିଶ୍ୱାସ ଅଛି, ବିଶ୍ୱାସଟି ତୁମର ଭିତରେ ପହଞ୍ଚିଛି, ମାତ୍ର ତୁମର ସେହି ଅନୁଭୂତିଟି ହୋଇ ନାହିଁ ? କାହିଁକି ହୋଇ ନାହିଁ । କାରଣ, ବିଶ୍ୱାସଟି ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇ ପାରି ନାହିଁ । ଯଦି ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ହୋଇଥାନ୍ତା, ତେବେ ସଙ୍ଗେ ସଙ୍ଗେ ଅନୁଭୂତିଟି ମଧ୍ୟ ମିଳି ଯାଇଥାନ୍ତା । ଏହି କଥାଟି ଅତ୍ୟନ୍ତ ସତ କଥା । ତେଣୁ, ବସ୍ତୁଟି ସଙ୍ଗେ ସଙ୍ଗେ ଉପଲବ୍ଧ ହୋଇ ପାରୁ ନାହିଁ ବୋଲି ତୁମେ ଯେତେବେଳେ ସଜ୍ଞାନ ହେଉଛ, ସେତେବେଳେ ତୁମେ ଦୃଷ୍ଟିପାତ କରିବାକୁ ଆରମ୍ଭ କରିବ : "ମାତ୍ର ଏଇଟି ଉପଲବ୍ଧ ହୋଇ ପାରୁ ନାହିଁ କାହିଁକି ? ମୋ ବିଶ୍ୱାସରେ ତେବେ କେଉଁଠି କି ଅଭାବ ରହିଛି ?" ଏବଂ, ଯଦି ତୁମେ ଠିକ୍ ସେହି ନିଷ୍ଠାଟି ସହିତ ଏହିଭଳି ଦୃଷ୍ଟିପାତ କରି ଚାଲିପାରିବ, ତେବେ ଅବଶ୍ୟ ଏକଥା ଆବିଷ୍କାର କରିପାରିବ ଯେ, ଏଥିରେ ବହୁ କ୍ଷୁଦ୍ର କ୍ଷୁଦ୍ର ବସ୍ତୁ ମିଶିକରି ରହିଛି — ଅନେକ କ୍ଷୁଦ୍ର କ୍ଷୁଦ୍ର ବସ୍ତୁ ଏଥି ଭିତରେ ରହିଛି — ଆମେ ବଡ଼ ବଡ଼ ନୁହେଁ, ଏତେ ବଡ଼ ଆଦୌ ନୁହେଁ —ଯେଉଁଗୁଡ଼ିକ କି ପ୍ରତିକର୍ଷକ ଭାବରେ କାର୍ଯ୍ୟ କରୁଛି । ହଁ, କ୍ଷୁଦ୍ର କ୍ଷୁଦ୍ର ଅନେକ ବସ୍ତୁ । ଏମିତି କେତେ କେତେ ଥର ଏକ କ୍ଷୁଦ୍ର ଗର୍ବ ଆସି ପ୍ରବେଶ କରୁଛି, ଏବଂ ତା'ପରେ ବାସନାଟିଏ ଆସୁଛି,—ଏକ ଅତ୍ୟନ୍ତ ତୀବ୍ର ବାସନା ଆଦୌ ନୁହେଁ, —ଏହା ଆପଣାକୁ ଆଦୌ ଖୁବ୍ ବେଶୀ ପ୍ରଦର୍ଶିତ ବି କରୁ ନାହିଁ । ତାହା ତୁମକୁ ଯେଉଁ ମହତ୍ତ୍ୱ ଆଣି ଦେଉଛି, ତୁମକୁ ତାହା ଯେଉଁ ଶକ୍ତି ଆଣିଦେବ ଓ ଯେଉଁ ସନ୍ତୋଷ ଆଣି ପ୍ରଦାନ କରିବ ......

ଅଦୃଶ୍ୟ ଜଗତମାନଙ୍କରେ ବସ୍ତୁଗୁଡ଼ିକ ଠିକ୍ ଜଡ଼ଜଗତର ବସ୍ତୁପରି ଦେଖାଯାଏ ନା ସ୍ୱପ୍ନସ୍ଥ ପଦାର୍ଥଗୁଡ଼ିକ ପରି ?

ତେବେ, ସ୍ୱପ୍ନ କହିଲେ ପ୍ରକୃତରେ କ'ଣ ବୁଝାଏ, ଆଗ ସେହି ବିଷୟରେ ଏକମତ ହେବାକୁ ପଡ଼ିବ । ଏପରି ସ୍ୱପ୍ନମାନ ଅଛି, ଯେଉଁଥିରେ ତୁମେ ବସ୍ତୁଗୁଡ଼ିକୁ ଏପରି ନିର୍ଭ୍ରମ ଓ ଏପରି ମୂର୍ତ୍ତ ଭାବରେ ଦେଖିଥାଅ ଯେ, ତାହାର ତୁଳନାରେ ଜଡ଼ଜଗତ ସତେଅବା ଅବାସ୍ତବ ପରି ବୋଧ ହେଉଥାଏ । ସେଭଳି ସ୍ୱପ୍ନସବୁ ଥାଆନ୍ତି, ଯେଉଁଥିରେ କି ବସ୍ତୁଗୁଡ଼ିକ ଅତ୍ୟନ୍ତ ପ୍ରଗାଢ଼, ନିର୍ଭ୍ରମ, ମୂର୍ତ୍ତ ଏବଂ ବାସ୍ତବ ହୋଇ ରହିଥାନ୍ତି ; ସେଗୁଡ଼ିକୁ ଦେଖିଲେ ତୁମର ମନ ଭିତରେ ଏପରି ଅତି ସ୍ପଷ୍ଟ ଧାରଣାମାନ ହୋଇଥାଏ ଯେ ତା' ତୁଳନାରେ ଭୌତିକ ଜଗତ୍ ବରଂ ଅସ୍ପଷ୍ଟ, କୁହେଳି ଦ୍ୱାରା ଆଚ୍ଛନ୍ନ ଓ ଆଦୌ ପରିଷ୍କାର ହୋଇ ନ ଦିଶୁଥିବା ପରି ବୋଧ ହୋଇଥାଏ । ତେଣୁ, ଯଦି ଏହା ସେହିଭଳି ଏକ ସ୍ୱପ୍ନ ହୋଇଥାଏ,

'oaob.nitrkl.ac.in' images reprocessed

ତେବେ ମୁଁ ଉତ୍ତରରେ ହଁ ବୋଲି କହିବି । ମାତ୍ର, ଯଦି ତାହା ଏଭଳି ଏକ ସ୍ୱପ୍ନ ହୋଇଥାଏ, ଯେଉଁଥିରେ କି ବସ୍ତୁଗୁଡ଼ିକ ଅତ୍ୟନ୍ତ ଅସଂଗତିପୂର୍ଣ୍ଣ ଭାବରେ ପରସ୍ପର ସହିତ ଆସି ଧକ୍କା ଖାଇବାରେ ଲାଗିଥା'ନ୍ତି, କାହାର ସହିତ କେହି ମୋଟେ ଖାପ ଖାଉ ନ ଥାନ୍ତି, ତେବେ ମୁଁ ନାହିଁ ବୋଲି ଉତ୍ତର ଦେବି ।

ପ୍ରଥମ ସୋପାନଟି ହେଉଛି : ତୁମେ ତୁମ ସତ୍ତାର ବିଭିନ୍ନ ଅନ୍ତର୍ଗତ ସ୍ଥିତିକୁ ଅଲଗା କରି ଚିହ୍ନିବାକୁ ସମର୍ଥ ହେଉଥିବ ଓ ସୁନିଶ୍ଚିତ ଭାବରେ ଏକଥା ଜାଣୁଥିବ : ଏଇଟି ପ୍ରାଣିକ ସ୍ତରର, ଏଇଟି ମନୋମୟ ସ୍ତରର, ଏହା ଚୈତ୍ୟ ସ୍ତରର ଓ ଏଇଟି ଜଡ଼ସ୍ତରର । ଏବଂ, ମୁଁ ଆଗରୁ ଯେପରି କହୁଥିଲି, ଏହି ସବୁଗୁଡ଼ିକ ସ୍ତରରେ ନାନା ଉପବିଭାଗ ମଧ୍ୟ ରହିଛି । ଏକ ଜଡ଼ଗତ ପ୍ରାଣିକ ସ୍ତର ରହିଛି, ପ୍ରାଣମୟ ପ୍ରାଣିକ ରହିଛି, ଏକ ମନୋମୟ ପ୍ରାଣିକ ଓ ଚୈତ୍ୟ ଦ୍ୱାରା ପ୍ରଭାବିତ ପ୍ରାଣିକ ସ୍ତର ମଧ୍ୟ ରହିଛି । ତୁମେ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଏହି କ୍ଷେତ୍ରରେ ଏକ ଶ୍ରେଣୀ ବିଭାଜନ କରି ପାରୁଥିବ ଏବଂ ନିଜ ଭିତରେ ଆଦୌ କୌଣସି ମିଶ୍ରଣ ହେବାକୁ ଦେବ ନାହିଁ, କୌଣସି ଅସ୍ପଷ୍ଟ ବିଭ୍ରାନ୍ତିର ସୃଷ୍ଟି ହେବାକୁ ଦେବ ନାହିଁ : "ଆଚ୍ଛା, ଏ ଗତିସ୍ପନ୍ଦନଟି ପୁଣି କେଉଁଠାରୁ ଆସିଲା ? ଏଇଟି ପ୍ରକୃତରେ କେଉଁ ବସ୍ତୁ ?"—ଏପରି କୌଣସି ଅସ୍ପଷ୍ଟ ଧାରଣାମାନ ହେବାକୁ ଦେବ ନାହିଁ । ଏଇଟି ପ୍ରଥମ ସୋପାନ ।

ଦ୍ୱିତୀୟ ସୋପାନ : ତୁମେ ଏହି ଅନ୍ତର୍ଗତ ସ୍ଥିତିଗୁଡ଼ିକ ମଧ୍ୟରୁ କୌଣସି ଗୋଟିକରେ ନିଜକୁ ସକେନ୍ଦ୍ରିତ କରି ରଖିବାକୁ ଶିକ୍ଷା କରିବ । ନିଜ ଭିତରେ ତୁମକୁ ଯେଉଁଟି ସବୁଠାରୁ ଅଧିକ ଜୀବନ୍ତ ଓ ସବୁଠାରୁ ଅଧିକ ବିକଶିତ ବୋଲି ମନେହେବ, ତୁମେ ସେଇଟିକୁ ବାଛିବ ଏବଂ ସେହିଠାରେ ଅଭିନିବେଶିତ ରହିବାକୁ ଶିକ୍ଷା କରିବ । ଏବଂ ତା'ପରେ ତୁମେ ସେଇଟିକୁ ଅଭ୍ୟାସ କରି ବାର ବାର କରିବ···ଚାଲିବା, ପିଇବା, କଥା କହିବା, ଶୁଣିବା ଏବଂ ଅନୁଭବ କରିବା ପ୍ରଭୃତି ଶିକ୍ଷା କରିବା ନିମନ୍ତେ ଅତି ଶିଶୁ ଥିବା ସମୟରେ ତୁମେ ଯେଉଁସବୁ ଅଭ୍ୟାସ କରିଥିବ, ସେଗୁଡ଼ିକ ତୁମର ପ୍ରକୃତରେ ମନେ ଅଛି କି ନାହିଁ କେଜାଣି ? ସେତେବେଳେ ତୁମେ ଅଭ୍ୟାସରେ ଲଗାଇ ବହୁତ କଥା କରୁଥିଲ । ସବୁ ପିଲା ଏକାନ୍ତ ଅଜାଣତରେ ଏହିସବୁ ଅଭ୍ୟାସ କରନ୍ତି, ମାତ୍ର କିଛି ନ ଜାଣିଥିଲେ ମଧ୍ୟ କରନ୍ତି । ତେଣୁ ତୁମକୁ ମଧ୍ୟ ଠିକ୍ ସେହିପରି ଧାରାରେ କିଛି କରିବାକୁ ପଡ଼ିବ । ତୁମକୁ ଇନ୍ଦ୍ରିୟଗୁଡ଼ିକୁ ଗଠିତ କରି ଆଣିବାକୁ ପଡ଼ିବ, ସେଗୁଡ଼ିକର ବିକାଶସାଧନ କରିବାକୁ ହେବ । ସେଗୁଡ଼ିକୁ ସଚେତନ କରାଇ ଆଣିବାକୁ ପଡ଼ିବ, ସେଗୁଡ଼ିକର ବୋଧଶକ୍ତିରେ ସ୍ୱଚ୍ଛତା ଏବଂ ନିର୍ଦ୍ଦେଶତା ଆଣିବାକୁ ପଡ଼ିବ । ସେଇଟି ଦ୍ୱିତୀୟ ସୋପାନ । ଏଥି ପାଇଁ ସମୟ ଲାଗିପାରେ, କିମ୍ବା ତାହା ଶୀଘ୍ର ବି ସମ୍ଭବ ହୋଇ

'oaob.nitrkl.ac.in' images reprocessed

ଯାଇପାରେ, ତାହା ତୁମ ଅନ୍ତର୍ଗତ ସତ୍ତା କେତେ ମାତ୍ରାରେ ବିକଶିତ ହୋଇଛି, ତାହାରି ଉପରେ ନିର୍ଭର କରିବ ।

ତା'ପରେ,—ଏହା ତ କେବଳ ଆରମ୍ଭ ମାତ୍ର—ତା'ପରେ ତୁମେ ସତ୍ତାର ଅନ୍ୟ ସକଳ ଅଂଶ ଠାରୁ ଆପଣାକୁ ଅସଂଲଗ୍ନ କରି ନେବାକୁ ଶିକ୍ଷା କରିବ, ଯେପରିକି, ଯେଉଁ ଭାଗଟିରେ ତୁମେ ଅନୁଭୂତିଟିକୁ ଲାଭ କରିବାକୁ ଇଚ୍ଛା କରୁଛ, କେବଳ ତାହାରି ଉପରେ ସଂକେନ୍ଦ୍ରିତ ହୋଇ ରହି ପାରିବ; ଆପଣାକୁ ଏପରି ଭାବରେ ସଂକେନ୍ଦ୍ରିତ କରି ରଖିବ ଯେ, ତୁମେ ତଦନୁରୂପ ହୋଇ ରହିଥିବା ବାହ୍ୟ ପୃଥିବୀଟି ସହିତ ମଧ୍ୟ ସଂସ୍ପର୍ଶରେ ଆସି ପାରିବ । ଏଠାରେ ମୁଁ ଆଦୌ ଏପରି କହୁ ନାହିଁ ଯେ ତୁମେ ଏହା ଦ୍ୱାରା ଆପଣାକୁ ଏପରି ଭାବରେ ବାହାରକୁ କାଢ଼ି ନେଇଯିବ, ଯାହା ଦ୍ୱାରା କି ତୁମ ଶରୀର ସଚେତ ଅବା ଏକ ମୂର୍ଚ୍ଛିତ ଅବସ୍ଥାରେ ପଡ଼ି ରହିଥିବ । ନାହିଁ,—ଏକ ଅତ୍ୟନ୍ତ ପ୍ରଗାଢ଼ ହୋଇ ରହିଥିବା ଅଭିନିବେଶହିଁ ଏହି କ୍ଷେତ୍ରରେ ଯଥେଷ୍ଟ ହେବ,—ତୁମେ କେବଳ ଏତିକି ଶକ୍ତି ହାସଲ କରିବ, ଯାହା ଦ୍ୱାରା କି ତୁମେ ଯେଉଁ ସ୍ଥାନରେ ନିଜକୁ ସଂକେନ୍ଦ୍ରିତ କରି ରଖିଛ, କେବଳ ସେଇଟିକୁ ଛାଡ଼ିଦେଲେ ଆଉ ସବୁକିଛିରୁ ନିଜକୁ ଅସଂଲଗ୍ନ କରି ରଖି ପାରୁଥିବ । ଏବଂ ତା'ପରେ ତୁମେ ତାହାରି ଅନୁରୂପ ଜଗତଟି ସହିତ ମଧ୍ୟ ସଂସ୍ପର୍ଶ ସ୍ଥାପନ କରିବ । ତୁମକୁ ତାହା ହାସଲ କରିବା ଲାଗି ଇଚ୍ଛା କରିବାକୁ ପଡ଼ିବ ଏବଂ ତୁମେ ଧୀରେ ଧୀରେ ତାହା କରି ଶିଖିଯିବ । ଏବଂ, ଯେଉଁ ଇନ୍ଦ୍ରିୟଗୁଡ଼ିକୁ ତୁମେ କ୍ରମଶଃ ବିକଶିତ କରି ଆଣିଛ, ସେଗୁଡ଼ିକରେ ଅଧିକ ଉନ୍ନତି ବିଧାନ କରିବା ପାଇଁ ଏବଂ ସେଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ର ପ୍ରଦାନ କରିବା ପାଇଁ ତୁମକୁ ଆବଶ୍ୟକ ଅଭ୍ୟାସଟିକୁ କରିବାକୁ ପଡ଼ିବ । ପ୍ରଥମେ ତୁମେ ହୁଏତ ଏହି ବାହ୍ୟ ପୃଥିବୀ ମଧ୍ୟରେ କୁଆଡ଼େ ହଜିଯିବା ପରି ହେବ, ତୁମେ ଆଦୌ ସଂପୂର୍ଣ୍ଣ ଭାବରେ ସ୍ୱସ୍ତି ବୋଧ କରୁ ନ ଥିବ । ମାତ୍ର ତାହା କ୍ରମଶଃ ତୁମର ଅଭ୍ୟାସରେ ପଡ଼ିଯିବ ଏବଂ ଏହିସବୁ ଜଗତରେ ଯଥୋପଯୁକ୍ତ ଭାବରେ ତୁମେ ବିଚରଣ କରିବାକୁ ଆରମ୍ଭ କରିଦେବ ।

ମାତ୍ର, ସେମାନେ ପ୍ରକୃତରେ କେଉଁ ପ୍ରକାରର, ଯଦି ତୁମେ ଆଗରୁହିଁ ସେକଥା ଜାଣିଥାଅ,—ନାନା ଗଠନକୁ ସମ୍ଭବ କରିବାରେ ମନ ଏପରି ଏକ ସୁଦକ୍ଷ ଯନ୍ତ୍ର ହୋଇ ରହିଥାଏ ଯେ, ତାହା ତୁମ ଲାଗି ଏକ ସମଗ୍ର ଅନୁଭୂତିକୁ ମଧ୍ୟ ଗଢ଼ିକରି ଥୋଇ ଦେଇପାରେ; ଅବଶ୍ୟ ଦୁର୍ଭାଗ୍ୟର ବିଷୟ ଯେ, ତାହା କଦାପି ଏକ ଯଥାର୍ଥ ଅନୁଭୂତିକୁ ସମ୍ଭବ କରି ପାରିବ ନାହିଁ,—ତାହା କେବଳ ଏକ ମାନସିକ ରଚନା ହୋଇ ରହିଥିବ । ତେଣୁ, ସାଧାରଣତଃ, ତୁମେ ଯେତେବେଳେ କାହାକୁ ଏହିସବୁ ଗୂଢ଼ ବିଦ୍ୟାଗତ ବ୍ୟାପାରକୁ ଶିଖାଇ ଦେବାକୁ ଇଚ୍ଛା କରୁଥାଅ

'oaob.nitrkl.ac.in' images reprocessed

ସେତେବେଳେ, ପ୍ରଥମ ଅବସ୍ଥାରେ, ଯାହା କିଛି ଘଟିବାକୁ ଯାଉଛି, ତାକୁ ତୁମେ ସେ ବିଷୟରେ ଆଦୌ କିଛି କହ ନାହିଁ । ଏହି କ୍ଷେତ୍ରରେ କେବଳ ଏହିପରି ହୋଇଥାଏ ଯେ, ଯଦି ସେହି ବ୍ୟକ୍ତିର ଜୀବନରେ କୌଣସି ଘଟଣା ଘଟେ ଓ ଯଦି ସିଏ ତୁମକୁ "ମୋ ଜୀବନରେ ଏହି ଘଟନାଟି ଘଟିଲି" ବୋଲି କହେ, ତେବେ ତୁମେ ତାକୁ "ହଁ, ଏହା ଠିକ୍ କଥା" କିଂବା "ନାଁ, ତାହା ଠିକ୍ କଥା ନୁହେଁ" ବୋଲି କହି ଉତ୍ତର ଦେଇଥାଅ । ତୁମେ ତାକୁ ଅବଶ୍ୟ ସାହାଯ୍ୟ କରିପାର । ମାତ୍ର ତୁମେ ତାକୁ କଦାପି ଆଗରୁ "ତୁମେ ଅମୁକ ଜାଗାକୁ ଯିବ । ସେହି ଜାଗାଟି ଏହିପରି ହୋଇଥିବ । ସେଠାରେ ତୁମର ଅମୁକ ଅନୁଭୂତିଟି ହେବ" ବୋଲି କହିବ ନାହିଁ । କାରଣ, ସେପରି କ୍ଷେତ୍ରରେ ତୁମେ ଏତେ ସହଜ ଭାବରେ ଯେଉଁ ସୁଗଠିତ ମାନସିକ ଗଠନଟି ମଧ୍ୟରେ ବିଚରଣ କରିବାରେ ଲାଗିଥିଲ, ତାହାରି ହେତୁହିଁ ହୁଏତ ଏହି ସବୁକିଛି ଘଟନା ଘଟିପାରେ । ସେହି କ୍ଷେତ୍ରରେ ଏହା କେବଳ ଏକ ସ୍ୱପ୍ନ ହୋଇ ରହିଯାଏ ।

**ଦ୍ରବ୍ୟ ଉପସ୍ଥିତି ସମ୍ବନ୍ଧରେ ସଜ୍ଞାନ ହୋଇ ପାରିଲେ ଦ୍ରବ୍ୟ ସୁରକ୍ଷାର ସୌଭାଗ୍ୟଟିକୁ ଲାଭ କରାଯାଇ ପାରିବ କି ?**

ସେହି କ୍ଷେତ୍ରରେ ମଧ୍ୟ ତାହା ସଂପୃକ୍ତ ବ୍ୟାପାରଟି ଉପରେ ନିର୍ଭର କରିବ । ହୁଏତ ଏହା ଘଟିପାରେ ; ସବୁବେଳେ ଆଦୌ ସେପରି ହୁଏ ନାହିଁ, ମାତ୍ର ତଥାପି ଏହା ଘଟିପାରେ । ଏପରି ହୁଏତ ଘଟିପାରେ ଯେ ଜଣେ ବ୍ୟକ୍ତି ଲାଗି ଦ୍ରବ୍ୟ କରୁଣା ଉପଲବ୍ଧ ହୁଏ, ଅଥଚ ସେହି ବିଷୟରେ ଆଦୌ କିଛି ଜାଣି ନ ଥାଏ । ଆମେ ଯେତିକ ଭାବିଥାଉ, ତା'ଠାରୁ ଅଧିକତର ସମୟରେ ମଧ୍ୟ ଏହା ଘଟିଥାଏ ।

**ଏକ ସଂବେଗକୁ କ'ଣ ସର୍ବଦା ଏକ ପ୍ରାଣିକ ଗତିସ୍ପନ୍ଦନ ବୋଲି କୁହାଯିବ ?**

ତାହା ସେହି ସଂବେଗଟି ଉପରେହିଁ ନିର୍ଭର କରିବ ଏବଂ, ଏକ ସଂବେଗ କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଁଛ ତାହା ଉପରେ ମଧ୍ୟ ନିର୍ଭର କରିବ । ଉଦାହରଣ ସ୍ୱରୂପ, ଏପରି ଏକ ଅବସ୍ଥା ରହିଛି, ଯେତେବେଳେ କି, ଯଦି ତୁମେ ଆପଣାକୁ ଏକ ଅତ୍ୟନ୍ତ ସ୍ପଷ୍ଟ ଓ ନିର୍ଭ୍ରମ ଭାବରେ, ସଂପୂର୍ଣ୍ଣ ନିର୍ଭ୍ରମ ଭାବରେ ବାଣ

ହୋଇ ପଡ଼ିଥିବା ଏକ ଚୈତ୍ୟ ଗତିସ୍ପନ୍ଦନର ସମ୍ମୁଖୀନ ହୁଅ—ଏକଥାଟି ମଧ୍ୟ ବେଶ୍ ଅନେକ ସମୟରେ ଘଟିଥାଏ,—ସଂବେଗଟି ଏତେ ଶକ୍ତିଶାଳୀ ହୋଇ ରହିଥାଏ ଯେ ସେତେବେଳେ ତୁମର ଆଖିକୁ ଲୁହ ମଧ୍ୟ ଆସିଯାଏ । ତୁମେ ଦୁଃଖୀ ହୋଇ ନ ଥାଅ, ସୁଖୀ ମଧ୍ୟ ନ ଥାଅ,—ଏଇଟି ନ ଥାଅ କିଂବା ସେଇଟି ମଧ୍ୟ ନ ଥାଅ,—ସେତେବେଳେ ତାହା କୌଣସି ବିଶେଷ ଅନୁଭୂତିର ଅନୁରୂପ ହୋଇ ଘଟୁ ନ ଥାଏ; ମାତ୍ର ଅତ୍ୟନ୍ତ ସ୍ପଷ୍ଟ ଓ ନିର୍ଭୁଲ ଭାବରେ ଏକ ଚୈତ୍ୟ ବ୍ୟାପାରରୁହିଁ ସେହି ସଂବେଗଟି ଅତ୍ୟନ୍ତ ପ୍ରଗାଢ଼ ଭାବରେ ଆସୁଥାଏ । ଏହା ତୁମ ଭିତରେ ଘଟିବାରେ, ମାତ୍ର ଅଧିକତର ସମୟରେ ଆଉ ଜଣେ ବ୍ୟକ୍ତି ମଧ୍ୟରେ ବି ଘଟୁ ଥାଇପାରେ । ତୁମେ ଯେତେବେଳେ କୌଣସି ଚୈତ୍ୟସ୍ତରୀୟ କ୍ରିୟା, ଗତିସ୍ପନ୍ଦନ ଅଥବା ଅଭିବ୍ୟକ୍ତିର ସଂସ୍ପର୍ଶରେ ଆସ, ସେତେବେଳେ ତୁମର ଆଖି ହଠାତ୍ ଅଶ୍ରୁପୂର୍ଣ୍ଣ ହୋଇଆସେ । ଯଦି ତୁମେ ତାହାକୁ ଏକ ସଂବେଗ ବୋଲି କହିବ··· ଏହା ନିଃସନ୍ଦେହ ଭାବରେ ଅବଶ୍ୟ ସଂବେଗ । ମାତ୍ର ସାଧାରଣତଃ, ଏହା ଗୋଟିଏ କଥାରୁ ସମ୍ଭବ ହୋଇଥାଏ : ଭୌତିକ ସତ୍ତାର ଚୈତ୍ୟ ଜୀବନ ସହିତ ସଂସ୍ପର୍ଶ ଲାଭ କରିବା ଲାଗି ଏକ ଆକାଂକ୍ଷା ରହିଥାଏ,—ସେହି ଆକାଂକ୍ଷା ଖୁବ୍ ବେଶୀ ସଚେତନ ନ ହେଲେ ମଧ୍ୟ ଅତ୍ୟନ୍ତ ପ୍ରଗାଢ଼ ହୋଇ ରହିଥାଏ । ଚୈତ୍ୟସତ୍ତା ସହିତ ସଂସ୍ପର୍ଶରେ ରହି ନ ଥିବା ସମୟରେ ଏହା ନିଜକୁ ଦରିଦ୍ର, ନିଃସମ୍ବଳ, ବିଚ୍ଛିନ୍ନ ଏବଂ ପରିତ୍ୟକ୍ତ ହୋଇଥିବା ପରି ଅନୁଭବ କରୁଥାଏ । ଲକ୍ଷକ ଭିତରେ ଗୋଟିଏ ଭୌତିକ ସତ୍ତା ମଧ୍ୟ ଏବିଷୟରେ ସଜ୍ଞାନ ନ ଥାଏ । ମାତ୍ର, ସତେଅବା ହଜି ଯାଇଥିବାର, ଆଦୌ କୌଣସି ସୁରକ୍ଷା ବା ସମର୍ଥନ ନ ଥାଇ ସତେଅବା ପରିତ୍ୟକ୍ତ ଭାବରେ କେଉଁଠି ଲଟକି ରହିଥିବାର, କ'ଣ ଏକ ଅଭାବ ଅବଶ୍ୟ ରହିଛି ବୋଲି ଅନୁଭବ କରୁଥିଲେ ମଧ୍ୟ ତଥାପି ସେଇଟି ପ୍ରକୃତରେ କ'ଣ, ସେକଥା ଜାଣି ନ ପାରୁଥିବାର ଏହି ପ୍ରକାରର ଏକ ବୋଧ, ଏପରି ଏକ ବୋଧ, ଯାହାକୁ କି ତୁମେ ବୁଝି ପାରୁ ନ ଥାଅ, ମାତ୍ର ତଥାପି କେଉଁଠି ଏକ ଅଭାବ ରହିଛି, କେଉଁଠି ଏକ ଶୂନ୍ୟସ୍ଥାନ ରହିଯାଇଛି ବୋଲି ଅନୁଭବ କରୁଥାଅ,—ହଁ, ଆମେ ଯେତିକି ଭାବିଥାଉ, ତା'ଠାରୁ ଅଧିକତର ସମୟରେ ଏହିପରି ଗୋଟିଏ ଅନୁଭୂତି ଆସିଥାଏ,—ଏହାର ଯଥାର୍ଥ ରୂପଟି ବିଷୟରେ ଲୋକମାନଙ୍କର ଆଦୌ କୌଣସି ଧାରଣା ନ ଥାଏ । ମାତ୍ର ତା'ପରେ, ଯେତେବେଳେ କୌଣସି ନା କୌଣସି କାରଣରୁ ଏହି ଚେତନା ହଠାତ୍ ଏକ ସ୍ପଷ୍ଟ ଭାବରେ ଚୈତ୍ୟ ହୋଇ ରହିଥିବା ସଂଘଟନର, ଚୈତ୍ୟ ଶକ୍ତିସମୂହ, ଚୈତ୍ୟ ସ୍ପନ୍ଦନଗୁଡ଼ିକ ସଂପର୍କରେ ଆସିଥାଏ, ସେତେବେଳେ ଅନୁଭବଟି ଏତେ ଶକ୍ତିଶାଳୀ, ଏତେ ଶକ୍ତିଶାଳୀ ହୋଇଯାଏ ଯେ ଅଧିକାଂଶ ସମୟରେ ଶରୀର ତାହାକୁ ସୁନିଶ୍ଚିତ ଭାବରେ କ୍ୱଚିତ୍ ଧାରଣ କରି ପାରେ । ଏହା ଏକ ଆନନ୍ଦ ପରି ଅନୁଭୂତ ହୁଏ, ଯାହାର ବୃହତ୍ତ୍ୱକୁ କଳନା କରି

'oaob.nitrkl.ac.in' images reprocessed

ହୁଏ ନାହିଁ, ଯାହା ସକଳ ଜଗତକୁ ଉଚ୍ଛୁଳି ବହିଯିବାରେ ଲାଗିଥାଏ ଏବଂ କେବଳ ତୁମର ଭିତରେ ଆଦୌ ବଧିତ ହୋଇ ରହି ପାରେ ନାହିଁ । ହଁ, ଏହା ଠିକ୍ ସେହିପରି ହୁଏ । ହଠାତ୍ ଏକ ସତ୍ୟୋଦ୍‌ଘାଟନ ହୋଇଯିବା ପରି ମନେହୁଏ, ତାହା ଖୁବ୍ ବେଶୀ ସଚେତନ ନ ଥାଏ, ତାହା ମୋଟେ ସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇ ପାରୁ ନ ଥାଏ,—ଏପରି ଏକ ସତ୍ୟର ଉଦ୍‌ଘାଟନ, ଯାହାକୁ କି ମୁଁ ଅପେକ୍ଷା କରି ରହିଥିଲି ଓ ଯାହା ମୋ' ଜୀବନରେ ଅବଶ୍ୟ ଘଟିବ । ଏବଂ ତାହା ଏପରି ଅଧିକ ପରିମାଣରେ ଶକ୍ତିଶାଳୀ ଏଭଳି ଶକ୍ତିଶାଳୀ ହୋଇ ରହିଥାଏ ଯେ, ତାହା ତୁମ ଭିତରେ ଏକ ଭାବସଂବେଗର ସୃଷ୍ଟି କରେ ; ତାହା ଏତେ ଅଧିକ ସଂଖ୍ୟାର ନାନା ବସ୍ତୁ ଦ୍ୱାରା ଗଠିତ ହୋଇଥାଏ ଯେ, ତାହା ଯେ ପ୍ରକୃତରେ କ'ଣ, ତାହା କହିବା ଲାଗି ତୁମେ କ୍ୱଚିତ୍ ସମର୍ଥ ହୁଅ । ଏହି ସଂବେଗଗୁଡ଼ିକ ଆଦୌ ପ୍ରାଣ ସ୍ତରର ନୁହନ୍ତି ।

ପ୍ରାଣିକ ସଂବେଗଗୁଡ଼ିକର ପ୍ରକୃତି ସମ୍ପୂର୍ଣ୍ଣ ଭିନ୍ନ—ସେଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ, ଅତ୍ୟନ୍ତ ନିର୍ଭ୍ରମ ହୋଇ ରହିଥା'ନ୍ତି, ତୁମେ ସେଗୁଡ଼ିକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ବ୍ୟକ୍ତ କରିବାକୁ ମଧ୍ୟ ସମର୍ଥ ହୋଇଥାଅ; ସେଗୁଡ଼ିକ ତୀବ୍ର ହୋଇ ରହିଥାନ୍ତି, ସାଧାରଣତଃ ତୁମକୁ ଏକ ତୀବ୍ରତା, ଅସ୍ଥିରତା ଏବଂ ବେଳେବେଳେ ଏକ ବୃହତ୍ ଅସନ୍ତୋଷ ଦ୍ୱାରା ପୂର୍ଣ୍ଣ କରି ରଖିଥାନ୍ତି । ଏବଂ, ବିପରୀତ ଅନ୍ୟଟି ମଧ୍ୟ ଠିକ୍ ସେହିପରି ଶକ୍ତିମତ୍ତା ସହିତ ଆସିଥାଏ । ଏବଂ ତେଣୁ ଲୋକମାନେ, ବହୁ ଲୋକ ଭାବନ୍ତି ଯେ, — ଏକଥା ଆମେ ଆଗରୁ ଏକାଧିକ ବାର ଉଲ୍ଲେଖ କରିଛୁ — କେତେକ ବ୍ୟକ୍ତି କଳ୍ପନା କରିଥାନ୍ତି ଯେ, କେବଳ ସେହିପରି ଭାବରେ ଆସୁଥିଲେହିଁ ସେମାନେ ପ୍ରେମର ଅନୁଭୂତି ଲାଭ କରନ୍ତି । ଯେତେବେଳେ ପ୍ରେମ ପ୍ରାଣସ୍ତରର ହୋଇ ରହିଥାଏ, ଯେତେବେଳେ ଯାବତୀୟ ପ୍ରାଣିକ ଶିହରଣକୁ ସାଙ୍ଗରେ ଧରି ତାହା ଆବିର୍ଭୂତ ହୋଇଥାଏ, ଯେତେବେଳେ ସେଥିରେ ଏହି ତୀବ୍ରତା, ଏହି ସୁସ୍ପଷ୍ଟତା, ଏହି ମୁଗ୍ଧକାରିତା ଓ ଏହି କାନ୍ତି ରହିଥା'ଏ, ସେତେବେଳେ ସେମାନେ ତାହାକୁ ପ୍ରେମ ବୋଲି ଅନୁଭବ କରନ୍ତି । ଏବଂ ସେଇଟି ନ ଥିଲେ ସେମାନେ "ନାଇଁ, ଏହା ଆଦୌ ପ୍ରେମ ନୁହେଁ" ବୋଲି କହନ୍ତି ।

ଏବଂ ତଥାପି, ଠିକ୍ ଏହିପରି ଭାବରେହିଁ ପ୍ରେମ ବିକାରମିଶ୍ରିତ ହୋଇଯାଏ । ତାହା ଆଉ ପ୍ରେମ ହୋଇ ରହେ ନାହିଁ, ତାହା ଏକ ଆତୁରତାରେ ପରିଣତ ହୋଇଯିବାକୁ ଆରମ୍ଭ କରୁଥାଏ । ଏବଂ, ପ୍ରାୟ ପୃଥିବୀଯାକ ମନୁଷ୍ୟମାନେ ଠିକ୍ ଏହି ଭୁଲ୍‌ଟିକୁ କରିଥାନ୍ତି ।

କେତେକ ବ୍ୟକ୍ତି ଏକ ଅତ୍ୟନ୍ତ ଶୁଦ୍ଧ, ଅତ୍ୟନ୍ତ ଉଚ୍ଚ, ଅତ୍ୟନ୍ତ ସ୍ୱାର୍ଥମୁକ୍ତ ଚୈତ୍ୟ ପ୍ରେମରେ ପୂର୍ଣ୍ଣ ହୋଇ ରହିଥାନ୍ତି ଓ ତଥାପି ସେହି ବିଷୟରେ ଆଦୌ

'oaob.nitrkl.ac.in' images reprocessed

କୌଣସି ପ୍ରକାରେ ଅବଗତ ନ ଥାନ୍ତି ଏବଂ ଭାବୁଥାନ୍ତି ଯେ ସେମାନେ ପ୍ରକୃତରେ ଭାରି ଶୀତଳ, ଭାରି ଶୁଷ୍କ ଓ ସେମାନଙ୍କ ଭିତରେ ଆଦୌ କୌଣସି ପ୍ରେମ ନାହିଁ, କାରଣ ସେମାନଙ୍କ ଭିତରେ ପ୍ରାଣିକ ସ୍ପନ୍ଦନର ଏହି ମିଶ୍ରଣଟି ଦୃଷ୍ଟିଗୋଚର ହୁଏ ନାହିଁ। ସେମାନଙ୍କ ଲାଗି ଏହି ସ୍ପନ୍ଦନଟିରେହିଁ ପ୍ରେମର ଆରମ୍ଭ ହୁଏ ଓ ସେଇଥିରେ ତା'ର ଶେଷ ମଧ୍ୟ ହୋଇଯାଏ।

ଏବଂ ଏହା ଅତ୍ୟନ୍ତ ପରିମାଣରେ ଏକ ଅସ୍ଥିର ସ୍ୱଭାବ ହୋଇଥିବାରୁ ଏବଂ, ନୈରାଶ୍ୟ ତଥା ପଶ୍ଚାତ୍ପଦ ଉଭୟ ଅବସ୍ଥାରେହିଁ ସେଥିରେ ସକଳ ପ୍ରକାରର ଗତିସ୍ପନ୍ଦନ, ପ୍ରତିକ୍ରିୟା ଓ ତୀବ୍ରତାମାନ ଭର୍ତ୍ତି ହୋଇ ରହିଥିବାରୁ ଏହି ଲୋକମାନଙ୍କ ସକାଶେ ପ୍ରେମ ଅତ୍ୟନ୍ତ କ୍ଷଣିକ ହୋଇ ରହିଥାଏ : ସେମାନଙ୍କର ଜୀବନରେ ପ୍ରେମ କେବଳ କେତୋଟି ମୁହୂର୍ତ୍ତହିଁ ହୋଇ ରହୁଥାଏ। ତାହା ହୁଏତ ଅଳ୍ପ କେତେ ଘଣ୍ଟା ପାଇଁ ଉପସ୍ଥିତ ଥାଏ ଏବଂ ତା'ପରେ ପୁଣି ସବୁ ରସହୀନ ହୋଇ ଯାଏ ଓ ଫିକା ପଡ଼ିଯାଏ ଏବଂ ପ୍ରେମ ସେମାନଙ୍କୁ ଛାଡ଼ି ଚାଲିଗଲା ବୋଲି ସେମାନେ କଳ୍ପନା କରନ୍ତି।

ମୁଁ ଯେପରି କହୁଥିଲି, କେତେକ ବ୍ୟକ୍ତି ତାହାର ସମ୍ପୂର୍ଣ୍ଣ ଭାବରେ ସେପାଖରେ ଯାଇ ରହୁଥାନ୍ତି, ସେମାନେ ଏହାକୁ ଏପରି ଭାବରେ ନିୟନ୍ତ୍ରଣରେ ରଖି ପାରିଥାନ୍ତି ଯେ, ତାହା ଆଉ ଅନ୍ୟ କିଛି ସହିତ ଆଦୌ ମିଶ୍ରିତ ହୋଇ ପଡ଼େ ନାହିଁ। ସେମାନଙ୍କ ଭିତରେ ଏହି ଚୈତ୍ୟପୁରୁଷ ପ୍ରେମ ଅବସ୍ଥାନ କରିଥାଏ — ସେହି ପ୍ରେମ ଆତ୍ମବିସ୍ମରଣ, ଆତ୍ମଦାନ, ଅନୁକମ୍ପା, ଉଦାରତା ଓ ଜୀବନ ବଞ୍ଚିବାର ଭଦ୍ରତା ଦ୍ୱାରା ପୂର୍ଣ୍ଣ ହୋଇ ରହୁଥାଏ.—ତାହା ଏକାତ୍ମକତାର ଏକ ବୃହତ୍ତ୍ୱ ସାମର୍ଥ୍ୟରୂପେ ଅବସ୍ଥାନ କରୁଥାଏ। ତେଣୁ ଏହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ନିଜକୁ ଶୀତଳ ବା ଉଦାସୀନ ବୋଲି ଅନୁଭବ କରୁଥାନ୍ତି—ସେମାନେ ବେଶ୍ ଭଲ ମଣିଷ ସତ, ମାତ୍ର ସେମାନେ ଭଲ ପାଉ ନ ଥାନ୍ତି—ଏବଂ ବେଳେବେଳେ ସେମାନେ ନିଜେ ସେକଥା ଜାଣି ନ ଥାନ୍ତି। ମୁଁ ଏପରି ଲୋକଙ୍କୁ ଜାଣିଛି, ସେମାନଙ୍କ ଭିତରେ ଏହି ପ୍ରାଣପୁରୁଷ ସ୍ପନ୍ଦନଟି ନ ଥିବାରୁହିଁ ଯେଉଁମାନେ ସେମାନଙ୍କ ଭିତରେ କୌଣସି ପ୍ରେମ ନାହିଁ ବୋଲି ଚିନ୍ତା କରୁଥିଲେ। ସାଧାରଣତଃ ଯେତେବେଳେ ଲୋକେ ସଂବେଗ ବିଷୟରେ କହନ୍ତି, ସେତେବେଳେ ସେମାନେ ପ୍ରାଣପୁରୁଷ ସଂବେଗର କଥାହିଁ କହୁଥାନ୍ତି। ମାତ୍ର, ଏହାଠାରୁ ଭିନ୍ନ ଆଉ ଏକ ପ୍ରକାରର ସଂବେଗ ମଧ୍ୟ ରହିଛି, ଯାହାକୁକି ଏକ ଅନନ୍ତ ଗୁଣରେ ଅଧିକ ଉଚ୍ଚ ସ୍ତରର ବୋଲି କୁହାଯିବ ଏବଂ ଯାହାକି ଅନ୍ୟଟି ପରି ଆପଣାକୁ ଆଦୌ ବ୍ୟକ୍ତ କରେ ନାହିଁ। ମାତ୍ର ସେଥିରେ ମଧ୍ୟ ଠିକ୍ ସେତିକି ତୀବ୍ରତା ରହିଥାଏ,—ମାତ୍ର

'oaob.nitrkl.ac.in' images reprocessed

ସେହି ତୀବ୍ରତା ନିୟନ୍ତ୍ରଣରେ ଥାଏ, ଆବୃତ୍ତ ଓ ଘନୀଭୂତ ହୋଇ ରହିଥାଏ, ସଂକେନ୍ଦ୍ରିତ ଥାଏ ଏବଂ ଏକ ଅସାଧାରଣ ଗତିଶୀଳ ଶକ୍ତିରୂପେ ଅବସ୍ଥାନ କରୁଥାଏ ।

ଯଥାର୍ଥ ପ୍ରେମ ଅନେକ ଅସାଧ୍ୟ ବସ୍ତୁକୁ ସାଧ୍ୟ କରି ଆଣିପାରେ, ମାତ୍ର ତାହା ଅତ୍ୟନ୍ତ ବିରଳ ହୋଇ ରହିଥାଏ । ଜଣେ ଯାହାକୁ ଭଲ ପାଉଛି, ତାହାର ପ୍ରତି ରହିଥିବା ପ୍ରେମ ଦ୍ୱାରା ସେ ତା'ପାଇଁ ଯାବତୀୟ ପ୍ରକାରର ଅଲୌକିକ କଥାକୁ ମଧ୍ୟ ସମ୍ଭବ କରିପାରେ । ସମସ୍ତଙ୍କ ପାଇଁ ନୁହେଁ, ମାତ୍ର ଯିଏ ଭଲ ପାଉଥିବା ବ୍ୟକ୍ତି ଏବଂ ବ୍ୟକ୍ତିମାନଙ୍କ ପାଇଁ ତାହା ଅବଶ୍ୟ କରିପାରେ । ମାତ୍ର ସେହି ପ୍ରେମ ସକଳ ପ୍ରାଣସ୍ତରୀୟ ମିଶ୍ରଣରୁ ମୁକ୍ତ ହୋଇଥିବା ଉଚିତ, ଏପରି ଏକ ସମ୍ପୂର୍ଣ୍ଣ ବିଶୁଦ୍ଧ ଓ ସ୍ୱାର୍ଥମୁକ୍ତ ପ୍ରେମ ହୋଇଥିବା ଉଚିତ ଯାହାକି ପ୍ରତିଦାନରେ ଆଦୌ କିଛିହେଲେ ଦାବି କରିବ ନାହିଁ, ପ୍ରତିବଦଳରେ ଆଦୌ କୌଣସି ଦ୍ରବ୍ୟର ପ୍ରତ୍ୟାଶା ରଖି ନ ଥିବ ।

'oaob.nitrkl.ac.in' images reprocessed

# ୧ ଫେବୃଆରୀ ୧୯୫୧

ମାଆଙ୍କ ଦ୍ୱାରା ଲିଖିତ "ସ୍ୱପ୍ନ" ବିଷୟରେ ପ୍ରବନ୍ଧଟି (ଶତବାର୍ଷିକୀ (ଇଂରେଜୀ) ସଂସ୍କରଣ; ୨ୟ ଖଣ୍ଡ, ପୃଷ୍ଠା ୩୦-୩୬) ଉପରେ ଏହି ପ୍ରବଚନଟି ଆଧାରିତ ।

କୌଣସି କଥା ମନେ ରଖିବାକୁ ହେଲେ ତୁମକୁ ଆଗ ସେ ବିଷୟରେ ସଚେତନ ହେବାକୁ ପଡ଼ିବ ।

> ମୁଁ ଏକ ପ୍ରବାହଯୁକ୍ତ ସମୁଦ୍ରର ସ୍ୱପ୍ନ ଦେଖିଲି । ତାହା ମୋରିବରେ ପ୍ରବାହିତ ହେବାରେ ଲାଗିଥିଲା । ତାହା ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଗଲି । ଏହାକୁ ମୁଁ ଏକ ସାକାର ବସ୍ତୁ ପରି ଅନୁଭବ କରୁଥିଲି ।

ଏହାକୁ ପ୍ରାୟ ଏକ ଅନୁଭୂତି ବୋଲି କୁହାଯିବ — ଏକ ସ୍ୱପ୍ନଠାରୁ ଅଧିକ ବୋଲି କୁହାଯିବ ।

ଏପରି ଅନେକ ସ୍ଥାନ ରହିଛି, ଯେଉଁଠାକୁ କି ମଝିରେ ମଝିରେ ସ୍ୱପ୍ନରେ ଯାତ୍ରା କରିବା ସମ୍ଭବ ହୋଇଥାଏ । ଜଣେ ବ୍ୟକ୍ତି ଠିକ୍ ସ୍ୱପ୍ନକୁ ହୁଏତ ସବୁଦିନେ ବି ଦେଖିପାରେ, ବେଳେବେଳେ ଏକାଧିକ କେତେ ମାସ ପରେ ହୁଏତ ପୁନର୍ବାର ବି ଦେଖେ । ଅନେକ ସମୟରେ ସ୍ୱପ୍ନମାନେ ସତର୍କବାଣୀରୂପେ ମଧ୍ୟ କାର୍ଯ୍ୟ କରିଥାନ୍ତି, — ସେଗୁଡ଼ିକ ସେହି ଗୋଟିଏ କଥାକୁ ବାରଂବାର ପ୍ରକଟ କରୁଥାନ୍ତି ଯେପରିକି ତୁମେ ତାହାରି ଉପରେ ନିଜର ଧ୍ୟାନକୁ ସକେନ୍ଦ୍ରିତ କରିବା ଲାଗି ପ୍ରକୃତରେ ବାଧ୍ୟ ହେବ ।

> ମୁଁ ଏବେ 'କ'ଙ୍କୁ ସ୍ୱପ୍ନରେ ଦେଖିଲି । ମୁଁ କ'ଣ ପ୍ରକୃତ ବ୍ୟକ୍ତିଟିକୁ ଦେଖିଥିଲି ?

ଜଣେ ବ୍ୟକ୍ତି କହିଲେ ପ୍ରକୃତରେ କ'ଣ ବୁଝାଇବ ? ନିଜ ଶରୀର ମଧ୍ୟରେ ଅବସ୍ଥାନ କରୁଥିବା ସମୟରେ ତୁମେ ସର୍ବଦା ଶରୀରକୁହିଁ ଦେଖୁଥାଅ ଓ ତାହାକୁ

'oaob.nitrkl.ac.in' images reprocessed

ବ୍ୟକ୍ତି ବୋଲି କଳ୍ପନା କର । ମାତ୍ର ଏହି ଶରୀର ଭିତରେ ବର୍ତ୍ତମାନ ହୁଏତ ସମଗ୍ର ସତ୍ତାଟି ରହିଥାଏ, ପୁଣି କେତେବେଳେ ସତ୍ତାର କେବଳ ଗୋଟିଏ ଅଂଶ ମଧ୍ୟ ଅବସ୍ଥିତ ଥାଏ ଓ ଅବଶିଷ୍ଟ ଭାଗଟି ଆଉ କେଉଁଠି ଯାଇ ରହିଥାଏ । ବେଳେ-ବେଳେ ସତ୍ତାର କେବଳ ଗୋଟିଏ କ୍ରିୟାତ୍ମକତାହିଁ ପୃଷ୍ଠଭାଗରେ ପ୍ରକାଶିତ ହୁଏ, ଆଉ ବେଳେବେଳେ ଆଉ କୌଣସି କ୍ରିୟାତ୍ମକତା ପ୍ରକାଶିତ ହେଉଥାଏ । ତୁମେ ଗୋଟିଏ ଶରୀରକୁ ବାରବାର ଦେଖୁଥିବାରୁହିଁ ତୁମେ ଭାବ ଯେ ତୁମେ ଦେଖୁଥିବା ସତ୍ତାଟି ଅପରିବର୍ତ୍ତିନୀୟ ଭାବରେ ସେହି ଗୋଟିଏ ହୋଇ ରହିଛି । ମାତ୍ର ସେକଥା ଆଦୌ ସତ ନୁହେଁ । ସତ୍ତାର ଅସଲ କେନ୍ଦ୍ର, ବା ଚୈତ୍ୟ ସତ୍ତା ଖୁବ୍ କ୍ୱଚିତ୍ ବ୍ୟକ୍ତି ସତ୍ତାର ପ୍ରତିଷ୍ଠାପଟିକୁ ଚାଳନା କରିଥାଏ । ଚୈତ୍ୟ ସତ୍ତା ଅଗଣିତ ଶରୀରର ମଧ୍ୟଦେଇ ଆସିଥାଏ ଏବଂ ଯଦି ତାହା ସେହିସବୁ ଶରୀରର ଏକ ସ୍ମୃତିକୁ ବହନ କରୁ ନ ଥାନ୍ତା, ତେବେ ପରିଣାମତଃ ତାହାକୁ ଆଉ ଆଦୌ ଚହ୍ନି ହୁଅନ୍ତା ନାହିଁ, ନୁହେଁ କି ? ଅଧିକତମ ସମୟରେ ବିଗତ ବ୍ୟକ୍ତିଟିର କୌଣସି ଏକ ଭାବନାହିଁ ଏକ ଆକାର ଧାରଣ କରେ, — ହୁଏତ ତୁମର ପରିବେଶରେ ଅଥବା ତୁମର ନିଜ ଭାବନା ମଧ୍ୟରେ ଆକାର ଧାରଣ କରେ । ତେଣୁ, ଏକ ପ୍ରକାରର ପ୍ରତିସର୍ଜନା ଉଦ୍‌ଭୂତ ହୋଇଆସେ । ଏଇଟି ସେଠାରେ ଅବସ୍ଥିତ ରହିଥାଏ ଏବଂ, ତୁମ ନିଜ ଅବସ୍ଥାଟି ଅନୁସାରେ ତୁମେ ତାହାକୁ ଅଳ୍ପ ଅଥବା ବହୁତ ସ୍ପଷ୍ଟ ଭାବରେ ଦେଖିବାକୁ ସମର୍ଥ ହୁଅ । ମାତ୍ର, ତୁମେ ତାହାକୁ ଯେଉଁ ଆକାରଟି ପ୍ରଦାନ କର, ତାହା ହେଉଛି ତୁମ ନିଜର ରଚନା ; ବ୍ୟକ୍ତିଟିକୁ ତୁମେ ଯେପରି ଭାବରେ ଜାଣିଛ, ଏହା ତାହାଙ୍କ ସ୍ଥୂଳ ଆକାରଟିରହିଁ ଅନୁରୂପ ହୋଇ ରହିଥାଏ । ମୁଁ ଏହାକୁ ଏକ ଅମୋଘ ବିଧାନ ବୋଲି ଆଦୌ କହୁ ନାହିଁ, ମାତ୍ର ଦଶରୁ ନଅଥର ଠିକ୍ ସେହିପରି ହୋଇଥାଏ ।

ଏବଂ, ମୁଁ ତୁମମାନଙ୍କୁ ଏହାର ଏକ ଅତ୍ୟନ୍ତ ସ୍ପଷ୍ଟ ଉଦାହରଣ ଦେଇ-ପାରିବି । ମନେକର ତୁମେ ସ୍ୱପ୍ନରେ ଏପରି ଜଣେ ବ୍ୟକ୍ତିକୁ ଦେଖିଲ, ଯାହାକୁ କି ତୁମେ ତାହାର ମୃତ୍ୟୁ ସମୟରେ ଦେଖି ନ ଥିଲ, ତେବେ ତୁମେ ତାହାର ସେହି ସମୟର ରୂପଟିକୁ ଆଦୌ ଦେଖିବ ନାହିଁ ; ମାତ୍ର, ତୁମେ ସର୍ବଶେଷ ଥର ତାହାକୁ ଦେଖିଥିବା ସମୟରେ ତାହାର ଯେଉଁ ରୂପ ଥିଲା, ତୁମେ ସେହି ରୂପଟିକୁହିଁ ଦେଖିବ । ଅର୍ଥାତ୍, ତୁମେହିଁ ତାକୁ ତୁମେ ଦେଇଥିବା ରୂପଟିକୁ ପ୍ରଦାନ କରିଛ । ଏହା ଏକ ଅକାଟ୍ୟ ବିଧାନ ବୋଲି ମୁଁ ଆଦୌ କହୁ ନାହିଁ । ଏହି ଘଟନାଟି ଭିନ୍ନ ଭାବରେ ମଧ୍ୟ ଘଟିପାରେ । ମାତ୍ର ତାହା ଏପରି ବିରଳ ଭାବରେ ଘଟେ ଯେ, ସେଇଟି ବିଷୟରେ ଆଦୌ କିଛି ନ କହିବାହିଁ ଅଧିକ ଭଲ ହେବ । ଦଶଲକ୍ଷ ମନୁଷ୍ୟଙ୍କ ଭିତରେ ହୁଏତ ଜଣେ ଏପରି ଥିବ, ଯିଏ କି ନିଜର ଦୃଷ୍ଟିଭୂମିଟି

'oaob.nitrkl.ac.in' images reprocessed

ସହିତ ଆଦୌ କିଛିହେଲେ ଅଧିକ ଆଣି ଯୋଡ଼ି ନ ଦେବା ଭଳି ଯଥେଷ୍ଟ ପରିମାଣରେ ବିଷୟନିଷ୍ଠ ହୋଇଥିବ । ତେଣୁ, ଏଇଟି ବିଷୟରେ ଆଦୌ କିଛି ନ କହିବାହିଁ ଅଧିକ ଭଲ ହେବ, — ହୁଏତ ଆମେ ଆକାଙ୍‌କ୍ଷା କରୁଥିବା ଏକ ଆଦର୍ଶ ସ୍ଥିତିରୂପେ ତାହାର ଉଲ୍ଲେଖ କରା ଯାଇପାରେ ।

ତେଣୁ, ପ୍ରତ୍ୟେକ ବିଷୟରେ, ନିଦ୍ରାବସ୍ଥାରେ ଅଥବା ଜାଗ୍ରତ୍ ଅବସ୍ଥାରେ ଦୃଶ୍ୟ ପଦାର୍ଥଗୁଡ଼ିକ ମଧ୍ୟରେ ସର୍ବଦା ଅଗଣିତ ସଂଖ୍ୟାର ବ୍ୟକ୍ତିପ୍ରସୂତ ଟିକିନିଖିମାନ ଭର୍ତ୍ତି ହୋଇ ରହିଥାଏ । ଜଣେ ବ୍ୟକ୍ତିକୁ ତୁମେ ସର୍ବଶେଷ ଥର ଦେଖିଥିବା ସମୟରେ ଯେପରି ଦେଖିଥିଲ, ଯଦି ବର୍ତ୍ତମାନ ତାକୁ ଠିକ୍ ସେହିପରି ଭାବରେ ଦେଖୁ ନ ଥାଅ, ତେବେ କହିବାକୁ ହେବ ଯେ ପାର୍ଥକ୍ୟଟି ସର୍ବଦା ତୁମର ନିଜ ଭାବନାରୁହିଁ ପ୍ରସୂତ ହୋଇ ଆସିଥାଏ । ଲୋକଟି ପୂର୍ବାପେକ୍ଷା ବଡ଼ ହୋଇ ଯାଇଥିବ ବୋଲି ଯଦି ତୁମେ ଭାବୁଥିବ, ତେବେ ତାହାକୁ ବଡ଼ ହୋଇ ଯାଇଥିବା ପରିହିଁ ଦେଖିବ ; ଯଦି ସିଏ ରୋଗିଣା ଦେଖାଯିବ ବୋଲି ଭାବିଥିବ, ତେବେ ସିଏ ଅବଶ୍ୟ ରୋଗିଣା ଦେଖାଯିବ । ଏହିପରି ଭାବରେ ସବୁକଥା ଘଟିବ । ସମ୍ପୂର୍ଣ୍ଣ ଭାବରେ ବିଷୟନିଷ୍ଠ ହୋଇ ଦେଖିବା, ଯାହାକି ବାସ୍ତବତା ସହିତ ପୂର୍ଣ୍ଣ ଭାବରେ ମିଳି ଯାଉଥିବ, — ତାହା ଅତ୍ୟନ୍ତ ବିରଳ । ତୁମେ ଉଲ୍ଲେଖ କରିଥିବା ସ୍ୱପ୍ନଟିର ଏହି ଅର୍ଥ ହେବ ଯେ, ତୁମର ତାଙ୍କ ସହିତ ଏକ କୋମଳ ଓ ସ୍ନେହପୂର୍ଣ୍ଣ ସମ୍ବନ୍ଧ ରହିଥିଲା ଏବଂ ତେଣୁ ତାଙ୍କ ସତ୍ତାର ଗୋଟିଏ ଅଂଶ ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିଲା ଏବଂ କୌଣସି କାରଣରୁ ତୁମେ ତୁମ ସ୍ୱପ୍ନରେ ସେଇଟି ବିଷୟରେ ସଜ୍ଞାନ ହେଲ ।

> ପରିବାର ଛାଡ଼ିବା ଦିନଠାରୁ ମୁଁ ସପ୍ତାହରେ ଅନ୍ତତଃ ଥରେ ନିୟମିତ ଭାବରେ ସେମାନଙ୍କୁ ସ୍ୱପ୍ନରେ ଦେଖୁଛି ।

ଏହା ଅବଚେତନାରୁ ଆସୁଛି ।

ମୁଁ ତୁମକୁ ଯେପରି କହୁଥିଲି, ଏହି ସ୍ୱପ୍ନ ବିଷୟଟିକୁ ମୁଁ ଅତ୍ୟନ୍ତ ବିସ୍ତୃତ ଭାବରେ ଅଧ୍ୟୟନ କରିଛି । ଯଦି ତୁମେ ଏକ ଅତ୍ୟନ୍ତ ବିଶେଷ ଭାବରେ ନିଜକୁ ସଂକେନ୍ଦ୍ରିତ କରି ରଖି ପାରୁଥିବ, ତେବେ ତାହା ଭିନ୍ନ କଥା; ତେବେ ତୁମେ ସର୍ବଦା ସେହିସବୁ ବସ୍ତୁକୁ ସ୍ୱପ୍ନରେ ଦେଖିବ, ଯେଉଁଗୁଡ଼ିକ କିଛିକାଳ ପୂର୍ବରୁ ତୁମର ଅନୁଭବକୁ ଆସିଥିବ, ଯାହାକୁ ତୁମେ ଅନୁଭବ କରିଥିବ ଅଥବା ଯାହା ବିଷୟରେ ସଜ୍ଞାନତା ଲାଭ କରିଥିବ । ମାତ୍ର, ତୁମର ବର୍ତ୍ତମାନ ଜୀବନର ଅନ୍ତର୍ଗତ

'oaob.nitrkl.ac.in' images reprocessed

ହୋଇ ରହିଥିବା ବସ୍ତୁଗୁଡ଼ିକୁ ତୁମେ ପ୍ରକୃତରେ ସ୍ୱପ୍ନରେ ଦେଖ ନାହିଁ । ସେଗୁଡ଼ିକ ବିଷୟରେ ତୁମେ ହୁଏତ ଚିନ୍ତା କରିପାର, ସେଗୁଡ଼ିକୁ ମନେ ରଖିପାର, ମାତ୍ର ସେଗୁଡ଼ିକୁ କଦାପି ସ୍ୱପ୍ନରେ ଦେଖିବ ନାହିଁ । କେବଳ କେତେକ ଅତି କ୍ୱଚିତ୍ ଘଟୁଥିବା ଅଳ୍ପସଂଖ୍ୟକ ଦୃଷ୍ଟାନ୍ତକୁ ଛାଡ଼ିଦେଲେ, ସ୍ୱପ୍ନ ଏପରି କେତେକ ବସ୍ତୁର ଜାଗ୍ରତ ହୋଇ ଆସିବାକୁ ବୁଝାଇବ, ଯାହାକି ଅବଚେତନ ମଧ୍ୟରେ ଲିପିବଦ୍ଧ ହୋଇ ରହିଥିଲା । ଲିପିବଦ୍ଧ କରି ରଖିବାର ଏହି କାର୍ଯ୍ୟଟି ଅତ୍ୟନ୍ତ ଧୀରେ ଧୀରେ ହୋଇଥାଏ; ବସ୍ତୁଟି ଆପେ ବ୍ୟକ୍ତ ହୋଇ ଆସିପାରିବା ପୂର୍ବରୁ ଏକ ପ୍ରକାରର ପରିପାଚନ ଆବଶ୍ୟକ ହୁଏ ଏବଂ ସେହି ପରିପାଚନ ପାଇଁ ସମୟ ଲାଗିପାରେ । ତୁମେ ଏପରି ନାନା ବସ୍ତୁର—ଏବଂ ନାନା ଲୋକଙ୍କର—ସ୍ୱପ୍ନ ଦେଖ, ଯାହା ବିଷୟରେ କି ତୁମେ ବହୁପୂର୍ବରୁ କିଛି ଜାଣିଥିଲ; ଯେତେବେଳେ ମଝିରେ ଏକ ଅତ୍ୟନ୍ତ ଦୀର୍ଘ କାଳ ବ୍ୟତୀତ ହୋଇ ଯାଇଥାଏ, ତେବେ ସାଧାରଣତଃ କୌଣସି ଏକ ବିଶେଷ କାରଣ ହେତୁ ତୁମେ ତାହାକୁ ସ୍ୱପ୍ନରେ ଦେଖ । କେତେକ ବସ୍ତୁ ନିୟମିତ ବ୍ୟବଧାନରେ ଆସି ଆବିର୍ଭୂତ ହୋଇଥାନ୍ତି, ଏବଂ ତୁମର ସ୍ୱପ୍ନ ମଧ୍ୟରେ ଏହିପରି ଭାବରେ ଘଟଣାଗୁଡ଼ିକର ଏକ ପ୍ରକାରର ଚକ୍ର ସଙ୍ଘଟିତ ହେବାରେ ଲାଗିଥାଏ । ଯଦି ଏପରି ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ କି ତୁମେ ନିଜ ଜୀବନରେ ପୂର୍ବରୁ ଆଉଥରେ ତୁମର ଅନୁଭୂତ ବସ୍ତୁଗୁଡ଼ିକ ମଧ୍ୟ ବର୍ତ୍ତମାନ ତୁମର ସ୍ୱପ୍ନରେ ଆସି ଉପସ୍ଥିତ ହୋଇଥାନ୍ତି, ତେବେ ତୁମେ ଯୁଗପତ୍ ଭାବରେ ଦୁଇଟିଯାକକୁ ଦେଖିବାକୁ ମଧ୍ୟ ସମର୍ଥ ହୁଅ ।

ଖୁବ୍ କମ୍ ସ୍ୱପ୍ନର କୌଣସି ମୂଲ୍ୟ ରହିଥାଏ, ଏକ ଶିକ୍ଷାତ୍ମକ ମୂଲ୍ୟ ରହିଥାଏ; ମାତ୍ର, ତୁମର ଚେତନା ବର୍ତ୍ତମାନ କେଉଁ ସ୍ଥିତିରେ ରହିଛି, ତୁମର ଅବଚେତନ ମଧ୍ୟରେ ବସ୍ତୁଗୁଡ଼ିକ କିପରି ପରସ୍ପରଯୁକ୍ତ ହୋଇ ରହିଛନ୍ତି, ପାର୍ଥିବ କେଉଁ ପ୍ରଭାବଗୁଡ଼ିକ ତୁମ ଉପରେ ପଡ଼ୁଛି ଏବଂ ସେଗୁଡ଼ିକ ତୁମ ଉପରେ କେଉଁସବୁ ଚିହ୍ନ ରଖି ଯାଉଛନ୍ତି ଓ ଏଗୁଡ଼ିକ କିପରି ପରସ୍ପର ସହିତ ଯୁକ୍ତ ହୋଇ ରହିଛନ୍ତି, ସକଳ ସ୍ୱପ୍ନ ତୁମକୁ ସେହି ବିଷୟରେ ନାନା ଇଙ୍ଗିତ ଆଣି ଦେଇଥାନ୍ତି । ଅଧ୍ୟୟନ ସକାଶେ ଏହା ପ୍ରକୃତରେ ଏକ ଆଗ୍ରହୋଦ୍ଦୀପକ ବିଷୟ ।

ସ୍ୱପ୍ନ ଦେଖୁଥିବା ବେଳେ ଆମେ ସାଧାରଣତଃ ଅକ୍ରିୟ ଅବସ୍ଥାରେ ଥାଉ ଏବଂ ସାଧାରଣ ଜୀବନ ପରି ସେତେବେଳେ ଆଦୌ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରୁ ନାହିଁ । ଏପରି କାହିଁକି ହୁଏ ?

'oaob.nitrkl.ac.in' images reprocessed

ସବୁବେଳେ ସେପରି ହୁଏ ନାହିଁ । ମୁଁ ଅନେକ ବ୍ୟକ୍ତିଙ୍କୁ ଜାଣିଛି ଯେଉଁମାନେ କି ସେମାନଙ୍କର ଜାଗ୍ରତ ଅବସ୍ଥା ଅପେକ୍ଷା ସ୍ୱପ୍ନାବସ୍ଥାରେହିଁ ଅନେକ ଅଧିକ ପରିମାଣରେ ସକ୍ରିୟ ହୋଇ ରହୁଥିଲେ; ଜାଗ୍ରତ ଅବସ୍ଥାରେ ଯେଉଁସବୁ କଥା କରିବାଲାଗି ସେମାନଙ୍କର ଆଦୌ କୌଣସି ସାମର୍ଥ୍ୟ ନ ଥିଲା, ସେଗୁଡ଼ିକୁ ସେମାନେ ସ୍ୱପ୍ନାବସ୍ଥାରେ କରି ପାରୁଥିଲେ । ଉଦାହରଣସ୍ୱରୂପ, ମୁଁ ଏପରି ଲୋକମାନଙ୍କୁ ଜାଣିଛି, ଯେଉଁମାନେ କି ଜାଗ୍ରତ ଅବସ୍ଥାରେ ଭୟରେ ଭୀତ ହୋଇ ପଥର ପାଲଟି ଯାଉଥିଲେ ମାତ୍ର ସ୍ୱପ୍ନ ସମୟରେ ଅଦମ୍ୟ ସାହସର ପ୍ରଦର୍ଶନ କରୁଥିଲେ ଓ ପ୍ରକୃତରେ ବୀରୋଚିତ ନାନା କାର୍ଯ୍ୟ ସମ୍ପନ୍ନ କରି ପାରୁଥିଲେ । ବେଳେ ବେଳେ ଏପରି ମଧ୍ୟ ହୁଏ ଯେ, ଯଦି ତୁମେ କୌଣସି ଅପ୍ରୀତିକର ସ୍ୱପ୍ନ ଦେଖିଥିବ, ତେବେ ଆଦୌ କୌଣସି ପ୍ରତିକ୍ରିୟା ବ୍ୟକ୍ତ କରିବା ପରିବର୍ତ୍ତେ ତୁମେ "ଏସବୁ କେବଳ ଏକ ସ୍ୱପ୍ନ ମାତ୍ର, ଏହା ଆଦୌ ସତ ନୁହେଁ, ଆଦୌ ସମ୍ଭବ ନୁହେଁ" ବୋଲି କହିବ ଏବଂ ଏହିପରି ଭାବରେ ଦେଖିଥିବା ସ୍ୱପ୍ନଟି ଆଉ ଗୋଟିଏ ଆକାର ଧାରଣ କରିନେବ । ଅବଶ୍ୟ ଏକଥା ସତ ଯେ, ଏହିପରି ଘଟୁ ବୋଲି ତୁମେ ଯେ ସ୍ୱପ୍ନ ଦେଖୁଛ, ତୁମେ ସେହି ବିଷୟରେ ସଜ୍ଞାନ ହୋଇ ନିଶ୍ଚୟ ରହିଥିବ । ଏହି କ୍ଷେତ୍ରଟି ପ୍ରକୃତରେ ଅବଲୋକନର ଏକ ଅଦ୍ଭୁତ ଓ ବିରାଟ କ୍ଷେତ୍ର — ନିଜର ସ୍ୱପ୍ନ ବିଚରଣଗୁଡ଼ିକ ମଧ୍ୟରେ ତୁମେ ଯେ କେତେ କ'ଣ ଆବିଷ୍କାର କରି ପାରିବ, ତାହାର ପ୍ରକୃତରେ କୌଣସି ସୀମା ନାହିଁ । ମାତ୍ର ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ଅବଶ୍ୟ ରହିଛି : ଖୁବ୍ କ୍ଳାନ୍ତ ହୋଇ ପଡ଼ିଥିବା ସମୟରେ ତୁମେ କଦାପି ଶୋଇବାକୁ ଯିବ ନାହିଁ । କାରଣ, ସେପରି କଲେ, ତୁମେ ଏପରି ଏକ ଅଚେତନା ଭିତରକୁ ଯାଇ ପତିତ ହେବ, ଯେଉଁଥିରେ କି ସ୍ୱପ୍ନମାନେ ତୁମକୁ ନେଇ ଯାହା ଇଚ୍ଛା ତାହା କରିପାରିବେ ଏବଂ ତୁମର ସେଗୁଡ଼ିକ ପ୍ରତି କୌଣସି ପ୍ରତିକ୍ରିୟା ହେଉ ନ ଥିବ । ବିଶ୍ରାମ ନ ନେଇ ତୁମେ ଆଦୌ ଖାଇବାକୁ ଯିବ ନାହିଁ ବୋଲି ମୁଁ ଯେପରି କହୁଛି ଠିକ୍ ସେହିପରି ଶୋଇବା ପୂର୍ବରୁ ବିଶ୍ରାମ କରିବା ଲାଗି ମଧ୍ୟ ମୁଁ ପରାମର୍ଶ ଦେଉ । ଏବଂ, ସେଥି ଲାଗି, କିପରି ବିଶ୍ରାମ କରିବାକୁ ହୁଏ, ତୁମର ଅବଶ୍ୟ ସେକଥା ଜାଣିବା ଉଚିତ ।

ବର୍ତ୍ତମାନ ମୁଁ ତୁମମାନଙ୍କୁ ମୁଁ ଏବେ ଦେଖିଥିବା ଗୋଟିଏ ସ୍ୱପ୍ନର କଥା କହିବି । ଖୁବ୍ ଅଳ୍ପଦିନ ତଳେ ମୁଁ ସେହି ସ୍ୱପ୍ନଟିକୁ ଦେଖିଥିଲି । ତାହାକୁ ସମ୍ପୂର୍ଣ୍ଣ ଭାବରେ ଠିକ୍ ଏକ ସ୍ୱପ୍ନ ବୋଲି କୁହାଯାଇ ପାରିବ ନାହିଁ, କାରଣ ମୁଁ ତାକୁ ଅତ୍ୟନ୍ତ ସଚେତନ ଭାବରେ ଦେଖୁଥିଲି । (କେତେକ ଲୋକ ଯେପରି ବହୁତ ଦିନ ପୂର୍ବରୁ ସେମାନଙ୍କ ଜୀବନରେ ଘଟିଥିବା ବିଷୟଗୁଡ଼ିକର ସ୍ୱପ୍ନ ଦେଖନ୍ତି, ମୁଁ ଆଦୌ ସେପରି ଦେଖେ ନାହିଁ । ସେହିସବୁ ସ୍ୱପ୍ନକୁ ଏଡ଼ିପାରିବା ଲାଗି ଯାହା କରିବା ଦରକାର, ମୁଁ

'oaob.nitrkl.ac.in' images reprocessed

ତାହା ଜାଣିଛୁ ।) ସେହି ସ୍ୱପ୍ନରେ ମୁଁ ପ୍ରାଣିକ ଜଗତର ଏପରି ଏକ ସ୍ଥାନରେ ଯାଇ ପହଞ୍ଚିଲି, ଯେଉଁଠାରେ କି ଆମର ଅନେକ ବାଳକ ବିଶ୍ରାମ କରିବାକୁ ଯାଆନ୍ତି ବୋଲି ମୁଁ ଜାଣିଥିଲି ।—ଅନ୍ତତଃ ସେମାନଙ୍କ ଭୌତିକ ନିଦ୍ରାର ଅବସ୍ଥାରେ ସେମାନେ ସତେଅବା ବିଶ୍ରାମ ନେଉଛନ୍ତି ବୋଲି ଦେଖାଯାଆନ୍ତି । ମାତ୍ର ସେମାନେ କିପରି ଯଥାର୍ଥ ଭାବରେ ବିଶ୍ରାମ ନେବାକୁ ହୁଏ ସେକଥା ଜାଣି ନ ଥିବାରୁ, ଶକ୍ତିକୁ ସଂଗ୍ରହ କରିବା ପରିବର୍ତ୍ତେ ସେମାନେ ତାହାକୁ ପ୍ରକୃତରେ ହରାଇ ବସନ୍ତି । ସେମାନଙ୍କ ଭିତରୁ କେତେକ ଅଧିମାତ୍ରାରେ ଶକ୍ତି ହରାଇ ବସନ୍ତି : ଶକ୍ତିକୁ ଫେରି ପାଇବା ପରିବର୍ତ୍ତେ ସେମାନେ ତାହାକୁ ବୃଥା ଖରଚ କରିଦିଅନ୍ତି । ତେଣୁ ମୁଁ ସେଠାକୁ ଗଲି ଏବଂ ସେଠାରେ ଏହିପରି ଅନେକ ଧାଡ଼ି ଦେଖିଲି, ଯେଉଁଠାରେ କି କେତେଗୁଡ଼ିଏ ଏପରି ବସ୍ତୁ ଥିଲା, ଯାହା କି ବିଛଣା ପରି ଦିଶୁଥିଲା ମାତ୍ର ପ୍ରକୃତରେ ବିଛଣା ନ ଥିଲା । ମୁଁ କୋଠରିଟି ଭିତରେ ବୁଲିକରି ଦେଖିଲି,—ଦେଖିଲି, ସେମାନେ ବିଶ୍ରାମ ଗ୍ରହଣ କରୁଛନ୍ତି, ବିଶ୍ରାମ ନେବା ପାଇଁ ଚେଷ୍ଟା କରୁଛନ୍ତି : ମାତ୍ର, କିପରି ବିଶ୍ରାମ ନେବାକୁ ହୁଏ, ସେକଥା ଜାଣି ନ ଥିବାରୁ, ସେମାନେ ଆଦୌ ବିଶ୍ରାମ ନେଇପାରୁ ନ ଥିଲେ । କେବଳ ଅଳ୍ପବହୁତ ପରିମାଣରେ ଦେହଟାକୁ ପ୍ରସାରିଦେଇ କେବଳ ପଡ଼ି ରହିଥିଲେ,—ଆଖିମାନ ଖୋଲା ରହିଥିଲା—ସେମାନେ ଶୋଇ ନ ଥିଲେ,—ତାହାକୁ ମୋଟେ ଶୋଇବା ବୋଲି କୁହାଯିବ ନାହିଁ,—କେବଳ ବିଶ୍ରାମର ଏକ ସ୍ଥିତି ବୋଲି କୁହାଯାଇ ପାରିବ । ସେମାନଙ୍କର ପ୍ରାଣିକ ସଚେତନତା ନ ଥିଲା, ମାତ୍ର ଅର୍ଦ୍ଧସଜ୍ଞାନତାର ଏକ ଅବସ୍ଥାରେ ରହିଥିଲା । ନିଦ୍ରା ଦ୍ୱାରା ଶକ୍ତିକୁ କ୍ଷୟ କରିବା ପରିବର୍ତ୍ତେ କିପରି ଶକ୍ତିକୁ ଫେରି ପାଇବାକୁ ହୁଏ, ମୁଁ ସେକଥା ଦେଖାଇ ଦେଇ ପାରିବି ବୋଲି ସେମାନଙ୍କୁ ବୁଝାଇ ଦେଇ ପାରିଥିଲି । ଏବଂ, ତୁମେମାନେ ବିଶ୍ୱାସ କରି ପାରିବ ଯେ, କେବଳ ସେମାନଙ୍କମଧ୍ୟରୁ ଜଣେମାତ୍ର ସେକଥା ଶିଖିବା ଲାଗି ଇଚ୍ଛା କରୁଥିଲା ? ଅନ୍ୟମାନେ କହିଲେ : "ନାଇଁ ଆମେ ଯେପରି ଅଛୁ ବେଶ୍ ଭଲ ଅଛୁ, ଆମେ ଆଉ ଅଧିକ କିଛୁ ମୋଟେ ଶିଖିବାକୁ ଇଚ୍ଛା କରୁ ନାହୁଁ ।"

ଆପଣଙ୍କୁ ସ୍ୱପ୍ନରେ ଦେଖୁଥିବା ସମୟରେ ଆମେ କେଉଁ ଭୂମିରେ ଆପଣଙ୍କୁ ଦେଖୁ ? କ'ଣ ସର୍ବଦା ସେହି ଗୋଟିଏ ସ୍ଥାନରେହିଁ ଦେଖୁ ?

ନାଇଁ—ତାହାର ବିଭିନ୍ନ ଅନେକ, ଅନେକ ସ୍ଥାନ ରହିଛି । ତାହା ସୂକ୍ଷ୍ମ-ଭୌତିକରେ ହୋଇପାରେ, କାରଣ ତୁମେମାନେ ସମସ୍ତେ ମୋ'ର ଜଡ଼ ପରି-

'oaob.nitrkl.ac.in' images reprocessed

କେଉଁଟି ମଧ୍ୟରେ ବାସ କରୁଛ ଏବଂ ତେଣୁ ଏହି ସୂକ୍ଷ୍ମଭୌତିକରେହିଁ ତୁମେମାନେ ମୋତେ ଅଧିକାଂଶ ସମୟରେ ଦେଖିଥାଅ । ଏବଂ ସେଠାରେ ତୁମେମାନେ ଏହିପରି ଅନୁଭବ କରୁଥାଅ ଯେ, ତୁମେମାନେ ଯାହା ଦେଖୁଛ, ତାହା ହେଉଛି ପ୍ରାୟ ଏକ ଭୌତିକ ସ୍ତରର ,—ମାତ୍ର ସେଥିରେ ହୁଏତ କିଞ୍ଚିତ୍ ପରିମାଣରେ ଏକ ବିକୃତି ରହିଯାଇଛି । ଏହା ସୂକ୍ଷ୍ମଭୌତିକ ହୋଇଥିବାରୁ ତୁମେ ଖୁବ୍ ସହଜରେ ଦେଖିଥିବା କଥାଗୁଡ଼ିକୁ ମନେ ରଖିପାର । ଅଧିକାଂଶ ସମୟରେ ଏପରି ହୁଏ ଯେ, ରାତି ଅଧରେ ମୁଁ ତୁମମାନଙ୍କର ସକଳ ଯତ୍ନ ନେଇଥାଏ (ଏବିଷୟରେ ମୁଁ କୌଣସି ଗର୍ବ କରିବାକୁ ଆଦୌ ଇଚ୍ଛା କରୁ ନାହିଁ) ଏବଂ ମୁଁ ଏପରି ନାନା କଥା ମନେ ରଖିଥାଏ, ଯାହାର ଅବଶ୍ୟ କିଛି ମହତ୍ତ୍ୱ ରହିଛି । ସବୁକଥା ମୁଁ ଆଦୌ ମନେ ରଖି ପାରେ ନାହିଁ, କାରଣ ଗୁଡ଼ାଏ ନିରର୍ଥକ କଥା ନେଇ ସ୍ମୃତିର ଭୂମିକୁ ବୋଝଗ୍ରସ୍ତ କରି ରଖିବାରେ ଆଦୌ କୌଣସି ଫଳ ହୁଏ ନାହିଁ । ଏବଂ ମୁଁ ଦେଖିଛି ଯେ, ତୁମମାନଙ୍କ ଭିତରୁ ଏକାଧିକ ମନେ ମଧ୍ୟ ରଖି ପାରନ୍ତି । ମାତ୍ର ସେହି କଥାଟି ତୁମମାନଙ୍କର ଚେତନାରେ କିଞ୍ଚିତ୍ ବିକୃତି ସହିତହିଁ ଘଟିଥାଏ—ଆଦୌ ଅବିକଳ ସେହିପରି ଭାବରେ ଘଟେ ନାହିଁ ।

କେତେକ ବ୍ୟକ୍ତି ମୋତେ ପ୍ରାଣିକ ଭୂମିରେ ଦେଖିପାରନ୍ତି, କେତେ ଚୈତ୍ୟ ଭୂମିରେ ମଧ୍ୟ ଦେଖନ୍ତି (ଏହା ଅତ୍ୟନ୍ତ ବିରଳ ଭାବରେ ଘଟେ), କେତେକ ମନର ଭୂମିରେ ଓ ଆଉ କେତେ ଅବଚେତନ ଭୂମିରେ ଦେଖନ୍ତି । ଏବଂ, କେତେକ ସ୍ଥଳରେ ଅଚେତନ ମଧ୍ୟରେ ବି ଦେଖିଥାନ୍ତି ମାତ୍ର ତାହା ମଧ୍ୟ ଅତ୍ୟନ୍ତ ବିରଳ ।

ଆଉ ଅନ୍ୟମାନେ ଅଛନ୍ତି, ଯେଉଁମାନେ କି ମୁଁ ସେମାନଙ୍କ ସମ୍ମୁଖରେ ଉଦ୍‌ଘାଟିତ ହେଉଥିବା ପରି ପ୍ରତ୍ୟକ୍ଷ କରିଥାନ୍ତି; ସେମାନେ ମୁଁ ଯେପରି ଠିକ୍ ସେହିପରି ଦେଖନ୍ତି । ମାତ୍ର ଏପରି ପାରୁଥିବା ଲୋକ ମୋଟେ ଅଧିକ ନୁହନ୍ତି ।

### ଶୋଇବାକୁ ଯିବା ପୂର୍ବରୁ ବିଶ୍ରାମ ନେବାର ଉପାୟ କ'ଣ ?

ଉପାୟ ଅନେକ ରହିଛି, ମାତ୍ର ତୁମକୁ ମୁଁ ଗୋଟିଏ ଉପାୟ କହିଦେବି । ପ୍ରଥମତଃ, ତୁମର ଶରୀର ବିଛଣା ଉପରେ ବା ଏକ ଆରାମଚେଆର୍ ଉପରେ ଆରାମଦାୟକ ଭାବରେ ଅବସ୍ଥିତ ରହିବ, ଯାହା ଉପରେ ହେଉ ପଛକେ ଆରାମଦାୟକ ଅବଶ୍ୟ ହୋଇଥିବ । ତା'ପରେ ତୁମେ ନିଜର ସ୍ନାୟୁଗୁଡ଼ିକର ଗୋଟି

'oaob.nitrkl.ac.in' images reprocessed

ଗୋଟି କରି ଶ୍ଳଥନ କରି ଆଣିବାକୁ ଶିକ୍ଷା କରିବ — ସମ୍ପୂର୍ଣ୍ଣ ଶ୍ଳଥନ ସମ୍ଭବ ହେବାଯାଏ ତାହା କରିବାକୁ ହେବ । ତୁମେ ସବୁଯାକ ସ୍ନାୟୁରେ ଶ୍ଳଥନ ଘଟାଇ ପାରିଥିବ — ତୁମେ ସେଗୁଡ଼ିକରେ ନିଶ୍ଚୟ ଶ୍ଳଥନ ଘଟାଇବାକୁ ସମର୍ଥ ହେବ — ମାତ୍ର, ସେଗୁଡ଼ିକରେ ଗୋଟିଏ ପରେ ଗୋଟିଏ କ୍ରମରେ ଶ୍ଳଥନ ଘଟାଇବା ସମ୍ଭବତଃ ଅପେକ୍ଷାକୃତ ଅଧିକ ସହଜ ହେବ ଏବଂ ତାହା ପ୍ରକୃତରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ବୋଧ ହେବ । ସେଇଟି ହାସଲ ହୋଇଗଲେ, ତୁମେ ନିଜର ମସ୍ତିଷ୍କକୁ ସ୍ଥିର କରି ଆଣିବ, ନୀରବ କରି ଆଣିବ ଏବଂ ତାହା ସହିତ ନିଜର ଶରୀରକୁ ବିଛଣା ଉପରେ ସତେଅବା ପୁଳାଏ ଛିଣ୍ଡା କନ୍ଥା ପଡ଼ିଥିବା ପରି ପକାଇ ରଖିବ । ନିଜର ମସ୍ତିଷ୍କକୁ ଏପରି ସ୍ଥିର ଓ ଏପରି ନୀରବ କରି ଦେଇଥିବ ଯେ ତାହାର ନିଜ ସମ୍ବନ୍ଧରେ କୌଣସି ସଜ୍ଞାନତାହିଁ ନ ଥିବ । ଏବଂ ତା'ପରେ, ତୁମେ ଶୋଇବାକୁ ମୋଟେ କୌଣସି ଚେଷ୍ଟା କରିବ ନାହିଁ । ମାତ୍ର, ଏହି ଅବସ୍ଥାଟିରୁ ଏପରି ଅତ୍ୟନ୍ତ ଧୀର ଭାବରେ ନିଦ୍ରା ମଧ୍ୟରେ ପ୍ରବେଶ କରିବ ଯେ ତୁମେ ସେବିଷୟରେ ଆଦୌ କିଛୁ ହେଲେ ଜାଣି ପାରିବ ନାହିଁ । ତେବେ, ତହିଁ ଆରଦିନ ସକାଳେ ନିଦରୁ ଉଠିବା ସମୟରେ ତୁମେ ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ । ମାତ୍ର, ଯଦି ଅତ୍ୟନ୍ତ କ୍ଳାନ୍ତ ଅବସ୍ଥାରେ ଓ ଏପରିକି ଶ୍ଳଥନ ଲାଗି ଆଦୌ କୌଣସି ଚେଷ୍ଟା ନ କରି ମଧ୍ୟ, ସ୍ଥିର ନ ହୋଇ ଯଦି ଶୋଇବାକୁ ଯିବ, ତେବେ ତୁମେ ଏକ ଅତ୍ୟନ୍ତ ଭାରାକ୍ରାନ୍ତ ନିର୍ଜୀବ ଓ ଅଚେତନ ନିଦ୍ରା ମଧ୍ୟରେ ଯାଇ ପତିତ ହେବ ଏବଂ ତାହା ଫଳରେ ତୁମର ପ୍ରାଣିକ ତାହାର ସମସ୍ତ ଶକ୍ତି ହରାଇ ବସିବ । ହୁଏତ ତାହାର ସଙ୍ଗେ ସଙ୍ଗେ କୌଣସି ପରିଣାମ ଘଟିବ ନାହିଁ, ମାତ୍ର, ଅତ୍ୟନ୍ତ କ୍ଳାନ୍ତ ଅବସ୍ଥାରେ ନିଦ୍ରା ଭିତରକୁ ପ୍ରବେଶ କରିବା ଅପେକ୍ଷା ଏହି ଉପାୟଟିକୁ ଚେଷ୍ଟା କରି ଦେଖିବା ନିଶ୍ଚୟ ଅଧିକ ଭଲ ହେବ ।

ଯଦି ଶୋଇବାକୁ ଯିବା ପୂର୍ବରୁ ତୁମେ ଧୀରେ ଧୀରେ ଆପଣାର ଶ୍ଳଥନ କରି ଆଣିବ, ତେବେ ଶୋଇବାକୁ ଯିବାରେ ତୁମେ ଅତ୍ୟନ୍ତ ଆନନ୍ଦ ଅନୁଭବ କରିବ । ଯଦି ତୁମେ ସ୍ନାୟୁଗୁଡ଼ିକର ଶ୍ଳଥନ କରି ଆଣି ପାରିବ, — ହୁଏତ ଯଦି କେବଳ ଗୋଟିଏ ବାହୁ କିଂବା ଗୋଟିଏ ଗୋଡ଼ର ମଧ୍ୟ ଶ୍ଳଥନ କରି ପାରିବ, ତେବେ ଯେ ତାହା କେଡ଼େ ଆନନ୍ଦଦାୟକ, ତାହା ତୁମେ ନିଜେ ଉପଲବ୍ଧି କରି-ପାରିବ । ମାତ୍ର, ଯଦି ଉତ୍ତେଜିତ ସ୍ନାୟୁଗୁଡ଼ିକ ସହିତ ଶୋଇବାକୁ ଯାଇଥିବ, ତେବେ ତୁମକୁ ଏକ ଅଶାନ୍ତ ନିଦ୍ରାର ଦୁଃଖ ଭୋଗ କରିବାକୁ ପଡ଼ିବ ଏବଂ ରାତିରେ ତୁମକୁ ବାରବାର କଡ଼ ଲେଉଟାଇବାକୁ ପଡ଼ୁଥିବ । ସେଭଳି ବିଶ୍ରାମକୁ ଆଦୌ ଉତ୍ତମ ବିଶ୍ରାମ ବୋଲି କୁହାଯିବ ନାହିଁ ।

'oaob.nitrkl.ac.in' images reprocessed

ମୁଁ ଏପରି ଦେଖିଛି ଯେ, ଗୋଟିଏ କଡ଼ମାଡ଼ି ଶୋଇବାକୁ ଯାଇଥିଲେ ମୁଁ ଉଠିଲା ବେଳକୁ ଆଉ କଡ଼ମାଡ଼ି ଉଠୁଛି । ଏପରି କ'ଣ ସବୁବେଳେ ହୁଏ ?

ନାହିଁ, — ତାହା ଯେ ସେଭଳି ହେବାକୁ ବାଧ୍ୟ, ସେକଥା ଆଦୌ ନୁହେଁ । ସେପରି ଆଦୌ କୌଣସି ନିୟମ ନାହିଁ । ତାହା ପ୍ରକୃତରେ ସେହିପରି ବୋଲି ଯଦି ତୁମେ ଭାବୁଥିବ, ତେବେ ତାହା ସେହିପରି ହେବ ।

ମୁଁ ଦେଖିଛି ଯେ, ଯଦି ଏକ ଆଗ୍ରହୋଦ୍ଦୀପକ ସ୍ୱପ୍ନ ଦେଖି ମୋର ନିଦ ଭାଙ୍ଗିଗଲା, ତେବେ ମୁଁ ତା'ପରେ ପୁନର୍ବାର ଶୋଇପାରୁଛି ଓ ଠିକ୍ ସେହି ସ୍ୱପ୍ନଟିକୁ ଦେଖିପାରୁଛି ।

ହଁ, ସେକଥା କରାଯାଇ ପାରିବ ଏବଂ ତାହାର ଏହି ଅର୍ଥ ହେବ ଯେ, ତୁମେ ନିଜର ନିଦ୍ରାକାଳୀନ କ୍ରିୟାଗୁଡ଼ିକ ବିଷୟରେ ଆଂଶିକ ଭାବରେ ଅବଶ୍ୟ ସଚେତନ ହୋଇ ରହିଛ ।

ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଜାଣିଥିଲି, ଯିଏକି ସର୍ବଦା ସେହି ଗୋଟିଏ ସ୍ୱପ୍ନହିଁ ଦେଖୁଥିଲେ,—ସ୍ୱପ୍ନ ଏବଂ ବାସ୍ତବ ମଧ୍ୟରେ ଆଉ କୌଣସି ପାର୍ଥକ୍ୟ ରହିଛି ବୋଲି ବୁଝି ନ ପାରିବା ପର୍ଯ୍ୟନ୍ତ ସିଏ ଏକା ସ୍ୱପ୍ନଟିକୁ ଦେଖୁଥିଲେ ।

ଏପରି ବେଳେବେଳେ ଘଟିଥାଏ ଯେ, ତୁମେ ଯେତେବେଳେ ନିଜ ଶରୀରଟିରୁ ବାହାରକୁ ଚାଲିଯାଅ, ଯେତେବେଳେ ନିଦ୍ରାବସ୍ଥାରେ ତୁମେ ନିଜକୁ ବାହାରକୁ ନେଇଆସ ଏବଂ ପ୍ରାଣିକ ଜଗତରେ ସଚେତନ ହୋଇ ରହିଥାଅ, ସେତେବେଳେ ତୁମେ ହୁଏତ ଏପରି ଏକ ପ୍ରାଣିକ ଜୀବନ ମଧ୍ୟ ବଞ୍ଚି ପାରିବ, ଯାହାକି ଅବିକଳ ଏହି ଭୌତିକ ଜୀବନ ପରି ସଚେତନ ହୋଇ ରହିଥାଏ । ମୁଁ ଏପରି ବ୍ୟକ୍ତିମାନଙ୍କୁ ଜାଣିଛି, — ନିଜ ଶରୀର ଭିତରୁ ବାହାରକୁ ବାହାରି ଯିବାର ସାମର୍ଥ୍ୟ ଆଦୌ ଅନେକ ଲୋକଙ୍କର ନ ଥାଏ — ମାତ୍ର ମୁଁ ଏପରି ବ୍ୟକ୍ତିଙ୍କୁ ଜାଣିଛି, ଯେଉଁମାନଙ୍କର କି ପ୍ରାଣିକ ଜଗତରେ ସେମାନେ ଲାଭ କରୁଥିବା ଅନୁଭୂତିଗୁଡ଼ିକ ବିଷୟରେ ଏପରି ଭାବରେ ଏକ ଶକ୍ତିଶାଳୀ ଆଗ୍ରହ ରହିଥିଲା ଯେ,



'oaob.nitrkl.ac.in' images reprocessed

ଶେଷରେ ସେମାନେ ଶରୀର ଭିତରକୁ ପୁନର୍ବାର ଫେରି ଆସିବାକୁ ଆଦୌ ସମ୍ମତ ହେଉ ନ ଥିଲେ, ସେମାନେ ପ୍ରାୟ ଅନିର୍ଦ୍ଦିଷ୍ଟ କାଳ ଯାଏ ଶୋଇହିଁ ରହୁଥିଲେ ।

ଯଦି ତୁମେ ପ୍ରାଣିକ ଜଗତରେ ସଚେତନ ଏବଂ ଆତ୍ମନିୟନ୍ତ୍ରିତ ହୋଇ ରହି ପାରୁଥିବ ଓ ଯଦି ସେଠାରେ ତୁମର ଏକ ନିର୍ଦ୍ଦିଷ୍ଟ ଶକ୍ତି ରହିଥିବ, ତେବେ ସେଠାରେ ଘଟୁଥିବା ଘଟଣାଗୁଡ଼ିକ ମଧ୍ୟ ପ୍ରକୃତରେ ଅତ୍ୟନ୍ତ ଚମତ୍କାର ହୋଇ ରହିପାରିବ,—ଭୌତିକ ଜଗତରେ ଘଟୁଥିବା ଘଟଣା ଅପେକ୍ଷା ଅନନ୍ତ ଗୁଣରେ ଅଧିକ ବୈଚିତ୍ର୍ୟମୟ ଏବଂ ଭବ୍ୟ ହୋଇ ରହିଥିବ । ଏକଥା ପ୍ରକୃତରେ ସତ ଯେ, ପ୍ରାଣିକ ଜଗତର କେତୋଟି ଅଞ୍ଚଳ ଭାରି ଚମତ୍କାର ହୋଇ ରହିଥାଏ ।

ଏସବୁ ଘଟଣା କିପରି ଘଟେ, ମୁଁ ବର୍ତ୍ତମାନ ତୁମମାନଙ୍କୁ ସେହି କଥା କହିବି । ଯେତେବେଳେ ତୁମେ ଅତ୍ୟନ୍ତ କ୍ଳାନ୍ତ ହୋଇ ପଡ଼ିଥାଅ ଏବଂ ବିଶ୍ରାମ ଆବଶ୍ୟକ କରୁଥାଅ, ଏବଂ ଯଦି ତୁମେ ନିଜକୁ ନିଜ ଭିତରୁ ବାହାର କରିନେବାର କୌଶଳଟିକୁ ମଧ୍ୟ ଜାଣିଥାଅ, ଯଦି ତୁମେ ନିଜର ଶରୀର ଭିତରୁ ବାହାରକୁ ବାହାରି ଯାଇ ସଚେତନ ଭାବରେ ପ୍ରାଣିକ ଜଗତରେ ପ୍ରବିଷ୍ଟ ହୁଅ, ତେବେ ତୁମେ ସେଠାରେ ଏପରି ଅଞ୍ଚଳମାନ ରହିଥିବାର ଦେଖିବାକୁ ପାଇବ, ଯେଉଁଗୁଡ଼ିକ କି ଏକ ଚମତ୍କାର ଅକ୍ଷତ ଅରଣ୍ୟ ପରି ଦୃଷ୍ଟିଗୋଚର ହେଉଥିବ; ସେଠାରେ ଏକ ସମୃଦ୍ଧିମନ୍ତ ଓ ପୁଷ୍ପମାଯୁକ୍ତ ବନସ୍ପତିର ଐଶ୍ୱର୍ଯ୍ୟ ତଥା କେତେ କେତେ ସୁନ୍ଦର ଓ ସ୍ୱଚ୍ଛ ହ୍ରଦର ଶୋଭା ବିଦ୍ୟମାନ ରହିଥିବ । ଏବଂ ସମସ୍ତ ପରିବେଶଟି ଉଦ୍ଭିଦରାଜିର ଜୀବନ୍ତ ପ୍ରାଣମୟତାରେ ପରିପୂର୍ଣ୍ଣ ଥିବ,—ହରିତ ରଙ୍ଗର ଯାବତୀୟ ଛାୟା ଓ ଆଲୋକ ଜଳ ଉପରେ ପ୍ରତିଫଳିତ ହେବାରେ ଲାଗିଥିବ ।··· ଏବଂ ସେଠାରେ ତୁମେ ଜୀବନ, ସୌନ୍ଦର୍ଯ୍ୟ ତଥା ଐଶ୍ୱର୍ଯ୍ୟର ଏତେବେଶୀ ପ୍ରାଚୁର୍ଯ୍ୟ ଅନୁଭବ କରୁଥିବ ଯେ, ନିଦରୁ ଉଠିବା ବେଳକୁ ନିଜକୁ ଅତ୍ୟନ୍ତ ଶକ୍ତିପୂର୍ଣ୍ଣ ହୋଇ ରହିଥିବାର ଅନୁଭବ କରିବ । ଏବଂ, ଏହି ଯାବତୀୟ ଘଟଣା ଅତ୍ୟନ୍ତ ବାସ୍ତବ ରୂପେହିଁ ଘଟୁଥିବ ! ମୁଁ ଲୋକମାନଙ୍କୁ ସେହି ସ୍ଥାନକୁ ସାଙ୍ଗରେ ନେଇଯାଇ ପାରିଛି,— ସେଠାରେ କ'ଣ ସବୁ କିପରି ଦେଖିବାକୁ ମିଳିବ, ଆଗରୁ ସେମାନଙ୍କୁ ସେବିଷୟରେ କିଛି କହି ନାହିଁ; ଏବଂ, ମୁଁ ନିଜେ ଯେପରି କରିପାରୁଛି, ସେମାନେ ମଧ୍ୟ ସେହି ସ୍ଥାନଟିକୁ ଠିକ୍ ସେହିପରି ଭାବରେ ବର୍ଣ୍ଣନା କରିବାକୁ ମଧ୍ୟ ସମର୍ଥ ହୋଇଛନ୍ତି; ସେମାନଙ୍କର ମଧ୍ୟ ସେହି ଅନୁରୂପ ଅନୁଭୂତିଟି ହୋଇଛି । ଶୋଇବାକୁ ଯିବା ପୂର୍ବରୁ ସେମାନେ ଅତ୍ୟନ୍ତ କ୍ଳାନ୍ତ ଅବସ୍ଥାରେ ଥିଲେ, ମାତ୍ର ଉଠିବା ବେଳକୁ ଏକ ସମ୍ପୂର୍ଣ୍ଣ ପ୍ରାଚୁର୍ଯ୍ୟର ଅନୁଭୂତିରେ ପରିପୂର୍ଣ୍ଣ ହୋଇ ରହିଥିଲେ—ଶକ୍ତି ଏବଂ ସାମର୍ଥ୍ୟରେ ପୂର୍ଣ୍ଣ ହୋଇ ରହିଥିଲେ । ସେଠାରେ ସେମାନେ ମାତ୍ର ଅଳ୍ପ କେତୋଟି ମୁହୂର୍ତ୍ତହିଁ ଅତିବାହିତ କରିଥିଲେ ।

'oaob.nitrkl.ac.in' images reprocessed

ଏହିଭଳି ରାଜ୍ୟମାନ ପ୍ରକୃତରେ ରହିଛି—ଖୁବ୍ ଅଧିକ ସଂଖ୍ୟାରେ ନାହିଁ ସତ, ମାତ୍ର ତଥାପି ଅଛି । ଅନ୍ୟ ପକ୍ଷରେ, ସେହି ପ୍ରାଣିକ ଜଗତରେ ଅନେକ ଅପ୍ରୀତିକର ସ୍ଥାନ ମଧ୍ୟ ରହିଛି, ଏବଂ ସେଠାକୁ ଆଦୌ ନ ଯିବାହିଁ ପ୍ରକୃତରେ ଅଧିକ ଭଲ । ଏପରି ଲୋକମାନେ ଅଛନ୍ତି, ଯେଉଁମାନେ କି ନିଜର ଶରୀର ବିଷୟରେ ଏତେ ଅଧିକ ପରିମାଣରେ ଆସକ୍ତ ଓ ଆକୃଷ୍ଟ ହୋଇ ରହିଥାନ୍ତି ଯେ ସେମାନେ ତାହାକୁ ଛାଡ଼ି, ଆଉ କୁଆଡ଼େ ଯିବାକୁହିଁ ଇଚ୍ଛା କରନ୍ତି ନାହିଁ, ସେମାନଙ୍କୁ ବାଦ୍ ଦେଲେ, ଅନ୍ୟ ଯେଉଁମାନେ ଶରୀର ଭିତରୁ ବାହାରକୁ ବାହାରି ଯିବାର ଉପାୟଟିକୁ ସହଜରେ ଶିକ୍ଷା କରି ପାରିବେ, ସେମାନଙ୍କୁ ଅତ୍ୟନ୍ତ ସାବଧାନତା ସହିତ ତାହା କରିବାକୁ ହେବ । ମୁଁ ଅଧିକ ଲୋକଙ୍କୁ ସେହି କଥାଟିକୁ ଆଦୌ ଶିଖାଇ ପାରି ନାହିଁ । କାରଣ, ତଦ୍ଦ୍ୱାରା ନିଜକୁ ଗୋଟାସୁଦ୍ଧା ମୁକୁଳା କରି ଦେବାକୁ ପଡ଼େ, ବେଳେବେଳେ ଆଦୌ କୌଣସି ସୁରକ୍ଷା ନ ଥାଇ ମଧ୍ୟ ମୁକୁଳା କରିଦେବାକୁ ପଡ଼େ । ଯେତେବେଳେ ସେମାନେ ଏକାଏକା ତାହା କରନ୍ତି ଓ ମୁଁ ସେଠାରେ ଉପସ୍ଥିତ ନ ଥାଏ, — ସେତିକବେଳେ ଏପରି ଘଟିଥାଏ ଏବଂ ସେମାନେ ତାହା ଦ୍ୱାରା ସେମାନଙ୍କ ଲାଗି ହୁଏତ ଅତୀବ ଅନିଷ୍ଟ କାରକ ନାନା ଅନୁଭୂତିର ସମ୍ମୁଖୀନ ହୁଅନ୍ତି ।

ପ୍ରାଣିକ ଜଗତ ହେଉଛି ନାନା ଅନିଶ୍ଚିତତାରେ ପରିପୂର୍ଣ୍ଣ ହୋଇ ରହିଥିବା ଗୋଟିଏ ଜଗତ । ଉଦାହରଣ ସ୍ୱରୂପ, ଯଦି ତୁମେ ପ୍ରାଣିକ ଜଗତରେ ପେନ୍ଥାଏ ଅଙ୍ଗୁର ଖାଇଥିବ, ତେବେ ତିନିଓଲି ପର୍ଯ୍ୟନ୍ତ ମଧ୍ୟ ତୁମକୁ ଆଉ ମୋଟେ ଭୋକ କରିବ ନାହିଁ । ସଂପୂର୍ଣ୍ଣ ଭାବରେ ପରିପୁଷ୍ଟ ହୋଇ ରହିଥିବା ପରି ଲାଗୁଥିବ । ମାତ୍ର, ସେଠାରେ ତୁମେ ହୁଏତ ଏପରି ନାନା ବସ୍ତୁକୁ ଭେଟିବ ଓ ନାନା ସ୍ଥାନରେ ଯାଇ ପ୍ରବେଶ କରିବ, ଯାହାକି ମୁହୂର୍ତ୍ତିକ ମଧ୍ୟରେ ତୁମର ସମସ୍ତ ଶକ୍ତିକୁ ଅପହରଣ କରି ନେଇଯିବ ଏବଂ ବେଳେବେଳେ ତୁମକୁ ଏପରି ଭାବରେ ଅସୁସ୍ଥ କରିଦେବ ବା ପରବର୍ତ୍ତୀ ପରିଣାମଗୁଡ଼ିକୁ ଭୋଗ କରିବା ଲାଗି ବାଧ୍ୟ କରିବ, ଯାହାକି ପ୍ରାଣିକ ଜଗତର ଅନ୍ତର୍ଗତ ହୋଇ ରହିଥିବ ।

ମୁଁ ଏପରି ଜଣେ ମହିଳାଙ୍କୁ ଜାଣିଥିଲି, ଯିଏକି ଗୂଢ଼ବିଦ୍ୟାର ଦୃଷ୍ଟିକୋଣରୁ ଅତ୍ୟନ୍ତ ସଂପୂର୍ଣ୍ଣ ଭାବରେ ଜଣେ ଚମତ୍କାର ବ୍ୟକ୍ତି ଥିଲେ । ନିଜ ବିଷୟରେ, ନିଜ ସତ୍ତାର ସମସ୍ତ ଅଞ୍ଚଳଗୁଡ଼ିକ ବିଷୟରେ ସେ ସଂପୂର୍ଣ୍ଣ ସଚେତନ ଥିଲେ । ଗୋଟିଏ ଅଞ୍ଚଳରୁ ଆଉଗୋଟିଏ ଅଞ୍ଚଳକୁ ଯାତ୍ରା କରି ପାରୁଥିଲେ—ସଂକ୍ଷେପରେ କହିଲେ ପ୍ରକୃତରେ ଜଣେ ଚମତ୍କାର ବ୍ୟକ୍ତି ଥିଲେ । ପ୍ରାଣିକ ଜଗତରେ ସେ ଏକ ଆକସ୍ମିକ ଦୁର୍ଘଟନାର ସମ୍ମୁଖୀନ ହୋଇଥିଲେ । ଆପଣାର ଅତ୍ୟନ୍ତ ପ୍ରିୟ ଜଣେ ବ୍ୟକ୍ତିଙ୍କୁ

'oaob.nitrkl.ac.in' images reprocessed

ରକ୍ଷା କରିବା ନିମନ୍ତେ ସେ ପ୍ରାଣିକ ଜଗତରେ କେତୋଟି ସତ୍ତା ସହିତ ଯୁଦ୍ଧ କରୁଥିଲେ ଏବଂ ସେତେବେଳେ ତାଙ୍କ ଆଖିରେ ଏକ ମାଡ଼ ଆସି ବସିଥିଲା । ଏବଂ, ମୋ' ସହିତ ଭେଟ ହେଲାବେଳେ ସିଏ ଗୋଟିଏ ଆଖି ହରାଇ ସାରିଥିଲେ । ଅନେକ ବ୍ୟକ୍ତି ଏହିପରି ପ୍ରାଣିକ ଜଗତରେ ନାନା ଦୁର୍ଘଟନାର ସମ୍ମୁଖୀନ ହୋଇଥାନ୍ତି ଏବଂ, ନିଦରୁ ଉଠିବା ପରେ ଅନେକ ଘଣ୍ଟା ପର୍ଯ୍ୟନ୍ତ ସେହିସବୁ ଦୁର୍ଘଟନାର ଅବଶେଷକୁ ବହନ କରୁଥାନ୍ତି । ତେଣୁ, ତୁମେ ଯେକୌଣସି ଲୋକକୁ କଦାପି "ନିଜ ଶରୀରରୁ ବାହାରକୁ ଯାଇ ପାରିବାର କୌଶଳଟିକୁ ଶିକ୍ଷା କର" ବୋଲି କହି ପାରିବ ନାହିଁ । କାରଣ, ତୁମେ ସମ୍ପୂର୍ଣ୍ଣ ନିରାପଦ ଭାବରେ ସେହି କଥାଟିକୁ କରିପାରିବା ପୂର୍ବରୁ ତୁମକୁ ଏକାଧିକ ଆବଶ୍ୟକତାକୁ ଅବଶ୍ୟ ପୂରଣ କରିବାକୁ ପଡ଼ିବ । ଯଦି ମିଥ୍ୟା ଏବଂ ହିଂସକତାର ଶକ୍ତିଗୁଡ଼ିକ ସହିତ ତୁମର ଆଦୌ କୌଣସି ସମ୍ବନ୍ଧ ରହିଥାଏ, ତେବେ ନିଜର ସ୍ଥୂଳ ଶରୀରଟି ମଧ୍ୟରେ ଅବସ୍ଥାନ କରିବାହିଁ ଅଧିକ ଭଲ ହେବ ।

'oaob.nitrkl.ac.in' images reprocessed

## ୧୨ ନଭେମ୍ବର ୧୯୫୨

### ଆମ୍ଭର ସୋପାନଚୟ

ମନୁଷ୍ୟବ୍ୟକ୍ତି ହେଉଛି ଏକ ଅତି ଜଟିଳ ସତ୍ତା; ସିଏ ଅଗଣିତ ନାନା ଉପାଦାନ ଦ୍ୱାରା ଗଠିତ ହୋଇଛି; ପ୍ରତ୍ୟେକଟି ଉପାଦାନ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବସ୍ତୁ ହୋଇ ଅବସ୍ଥାନ କରୁଛି, ସେଗୁଡ଼ିକର ପ୍ରାୟ ଗୋଟିଏ ଗୋଟିଏ ବ୍ୟକ୍ତିତ୍ୱ ମଧ୍ୟ ରହିଛି । କେବଳ ସେତିକି ନୁହେଁ, ପରସ୍ପରର ଏକାନ୍ତ ବିରୋଧୀ ହୋଇ ରହିଥିବା ଉପାଦାନଗୁଡ଼ିକ ମଧ୍ୟ ସେଠାରେ ବିଦ୍ୟମାନ ରହିଛନ୍ତି । ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଗୁଣ ଅଥବା ସାମର୍ଥ୍ୟ ରହିଛି, ତେବେ, ସତେଅବା ତାହାକୁ ଗୋଟା-ସୁଦ୍ଧା ଖଣ୍ଡନ କରିଦେଉଥିବା ତା'ର ଏକାନ୍ତ ବିପରୀତ ଉପାଦାନଟି ମଧ୍ୟ ସେଇଠି ତାହା ସହିତ ଅତ୍ୟନ୍ତ ସଂଲଗ୍ନ ଭାବରେ ଅବସ୍ଥାନ କରୁଛି । ମୁଁ ହୁଏତ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିଛି, ଯିଏକି ଅତ୍ୟନ୍ତ ସାହସୀ, ନିର୍ଭୟ, ଅତ୍ୟନ୍ତ ବୀର, କୌଣସି ବିପଦରୁ କଦାପି ହଟି ଯାଉ ନାହାନ୍ତି, ଅବିଚଳିତ ଭାବରେ ଭୟଙ୍କରତମ ସଙ୍କଟର ମଧ୍ୟ ସମ୍ମୁଖୀନ ହୋଇ ପାରୁଛନ୍ତି, — ପ୍ରକୃତରେ ସାହସୀମାନଙ୍କ ଭିତରେ ସବୁଠାରୁ ଅଧିକ ସାହସୀ ହୋଇ ରହିଛନ୍ତି; ମାତ୍ର ମୁଁ ତଥାପି ଦେଖିବାକୁ ପାଉଛି ଯେ ସେହି ବ୍ୟକ୍ତି କୌଣସି ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିର ସମ୍ମୁଖୀନ ହେବା ମାତ୍ରକେ ଚରମ ଭୟରେ କାବୁଲ୍ ହୋଇ ଯାଉଛନ୍ତି, ଭୀରୁଙ୍କ ଭିତରେ ସର୍ବାଧିକ ଭୀରୁଙ୍କ ପରି ଆଚରଣ କରୁଛନ୍ତି । ମୁଁ ଏପରି ଜଣେ ଅତ୍ୟନ୍ତ ଉଦାର ଓ ବଦାନ୍ୟ ବ୍ୟକ୍ତିଙ୍କୁ ଦେଖିଛି, ଯିଏକି ମୁକ୍ତ ହସ୍ତରେ କେତେ କ'ଣ ଦାନ କରୁଛନ୍ତି, କୌଣସି ଖର୍ଚ୍ଚ ଅଥବା କୌଣସି ତ୍ୟାଗର ହିସାବ ରଖୁ ନାହାନ୍ତି, — କୌଣସି ପ୍ରକାରର ଚିନ୍ତା ରଖୁ ନାହାନ୍ତି ବା କାର୍ପଣ୍ୟ କରୁ ନାହାନ୍ତି । ଠିକ୍ ସେହି ବ୍ୟକ୍ତିଙ୍କୁ କେତେକ ଅନ୍ୟ କ୍ଷେତ୍ରରେ ମୁଁ ଚରମ କୃପଣତା ଆଚରଣ କରୁଥିବାର ମଧ୍ୟ ଦେଖିଛି । ପୁନଶ୍ଚ, ହୁଏତ ଜଣେ ଅତ୍ୟନ୍ତ ବୁଦ୍ଧିମାନ୍ ବ୍ୟକ୍ତିଙ୍କୁ ଦେଖିଛି, — ତାଙ୍କର ମନ କେଡ଼େ ପରିଷ୍କାର ରହିଛି, ତାଙ୍କର କେତେ ସ୍ପଷ୍ଟତା ଏବଂ ବୋଧଶକ୍ତି ରହିଛି, ସେ ଯେ-କୌଣସି ବିଷୟର ନ୍ୟାୟଯୁକ୍ତ ତଥା ନିହିତାର୍ଥଗୁଡ଼ିକୁ ବୁଝି ପାରୁଛନ୍ତି; ମାତ୍ର ତଥାପି ସିଏ ହୁଏତ ଏପରି ଏକ ଚରମ ନିର୍ବୋଧତାର ପରିଚୟ ଦେଇଛନ୍ତି, ଯାହାକି କୌଣସି ଶିକ୍ଷା ଅଥବା ବୁଦ୍ଧି ନ ଥିବା ଜଣେ ସାଧାରଣ ବ୍ୟକ୍ତିର କ୍ଷେତ୍ରରେ ମଧ୍ୟ

'oaob.nitrkl.ac.in' images reprocessed

ଦେଖିବାକୁ ମିଳିବ ନାହିଁ । ଏଗୁଡ଼ିକ ଆଦୌ ସୈଦ୍ଧାନ୍ତିକ ଉଦାହରଣ ନୁହେଁ, ମୁଁ ପ୍ରକୃତରେ ବାସ୍ତବ ଜୀବନରେ ଏହିଭଳି ଲୋକମାନଙ୍କର ପରିଚୟରେ ଆସିଛି ।

କେବଳ ଏକ ଅନୁପ୍ରସ୍ଥ ଭୂମିରେ ଯେ ଏହି ଜଟିଳତା ଦେଖିବାକୁ ମିଳେ ତା' ନୁହେଁ, ଲମ୍ବିରତାର ଭୂମିରେ ମଧ୍ୟ ଦେଖିବାକୁ ମିଳିଥାଏ । ମନୁଷ୍ୟ କେବେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ମାତ୍ର ଭୂମିରେ ବାସ କରୁ ନ ଥାଏ, ମାତ୍ର ଏକା-ବେଳେକେ ଅନେକ ଭୂମିରେ ବାସ କରେ । ମନୁଷ୍ୟର ଚେତନା କ୍ଷେତ୍ରରେ ଏକ ସୋପାନକ୍ରମ ରହିଥାଏ; ସେହି କ୍ରମରେ ସିଏ ଯେତିକି ଉପରକୁ ଉଠି ଯାଇପାରେ, ସିଏ ସେତିକି ଅଧିକ ସଂଖ୍ୟାର ଉପାଦାନ ବା ବ୍ୟକ୍ତିତ୍ୱର ଅଧିକାରୀ ହୋଇ ରହିଥାଏ । ଜଣେ ବ୍ୟକ୍ତି ଅଧିକାଂଶତଃ ବା ପ୍ରଧାନତଃ ଭୌତିକ, ପ୍ରାଣିକ କିଂବା ମାନସିକ ଭୂମିରେ ବାସ କରୁଛି, ବା ଏହି ଭୂମିଗୁଡ଼ିକର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଭାଗରେ ବାସ କରୁଛି କିଂବା ସେଗୁଡ଼ିକ ଉପରେ ସେଗୁଡ଼ିକର ଅତୀତ ହୋଇ ରହିଥିବା ଭୂମିଗୁଡ଼ିକରେ ବାସ କରୁଛି, ସେହି ଅନୁସାରେ ତା' ବ୍ୟକ୍ତିତ୍ୱର ସଂଗଠନ ଅର୍ଥାତ୍ ମନୋଭୌତିକ ଗଠନରୂପଟିରେ ମଧ୍ୟ ନାନା ପାର୍ଥକ୍ୟ ଅବଶ୍ୟ ଦୃଷ୍ଟି-ଗୋଚର ହେଉଥିବ । ସିଏ ଯେତେ ଉଚ୍ଚତର ରହିଥିବ, ତା'ର ବ୍ୟକ୍ତିତ୍ୱ ସେତେ ଅଧିକ ଐଶ୍ୱର୍ଯ୍ୟଶାଳୀ ମଧ୍ୟ ହେବ; କାରଣ ତାହା କେବଳ ଆପଣାର ସାଧାରଣ ନିତ୍ୟନୈମିତ୍ତିକ ଭୂମିଟିରେ ନୁହେଁ, ମାତ୍ର ତାହାର ନିମ୍ନରେ ଥିବା ଓ ସିଏ ଅତିକ୍ରମ କରି ଆସିଥିବା ଭୂମିଗୁଡ଼ିକରେ ମଧ୍ୟ ବାସ କରୁଥିବ । କେତେକ ଗୂଢ଼ବିଦ୍ୟାବାଦୀଙ୍କ ମତରେ, ଜଣେ ପୂର୍ଣ୍ଣାଙ୍ଗ ଅର୍ଥାତ୍ ସମ୍ପୂର୍ଣ୍ଣ-ମନୁଷ୍ୟଠାରେ ତିନିଶହ ପଞ୍ଚଷଠି ବ୍ୟକ୍ତିତ୍ୱ ରହିଥାଏ; ବସ୍ତୁତଃ ଏହାର ସଂଖ୍ୟା ଆହୁରି ଅନେକ ଅଧିକ ମଧ୍ୟ ହୋଇପାରେ । ମନୁଷ୍ୟମାନ ମଧ୍ୟରେ ତିନୋଟି, ତେତିଶଟି, ତେତିଶ ଶତ ବା ତେତିଶ ସହସ୍ର ଦେବତା ବାସ କରିଛନ୍ତି ବୋଲି ବେଦରେ ଉକ୍ତ ହୋଇଛି, — ଏଥିରେ ସନ୍ଦେହ ନାହିଁ ଯେ, ସବଂମୂଳରେ ରହିଥିବା ତିନୋଟି ସ୍ଥିତି ଶରୀର, ପ୍ରାଣ ତଥା ମନର ତ୍ରୟୀ ସ୍ଥିତି ଅଥବା ଜଗତକୁ ସୂଚିତ କରି ଦେଉଛନ୍ତି ।

ମନୁଷ୍ୟ ଭିତରେ ଅବସ୍ଥିତ ରହିଥିବା ଏହି ଆତ୍ମ-ବିରୋଧ ତଥା ଏହି ବିଭାଜନର ଅର୍ଥ କ'ଣ ? ସେହି କଥାଟିକୁ ବୁଝିବାକୁ ହେଲେ ଆମକୁ ଏକଥା ମଧ୍ୟ ଜାଣିବାକୁ ଏବଂ ସ୍ମରଣ ରଖିବାକୁ ପଡ଼ିବ ଯେ, ପ୍ରତ୍ୟେକ ବ୍ୟକ୍ତି ଏପରି ଏକ ନିର୍ଦ୍ଦିଷ୍ଟ ଗୁଣ, ବା ସାମର୍ଥ୍ୟ ଅଥବା କୃତିର ପ୍ରତିନିଧିତ୍ୱ କରୁଥାଏ, ଯାହାକୁକି ତାକୁ ଏକ ମୂର୍ତ୍ତି-ରୂପ ଦେବାକୁ ପଡ଼ିବ । ଏହି କାର୍ଯ୍ୟଟି ସର୍ବୋତ୍ତମ ଭାବରେ କିପରି ସମ୍ପନ୍ନ ହୋଇ ପାରିବ ? ସେହି ଉପାୟଟି କ'ଣ ଯାହା ଦ୍ୱାରା କି ଜଣେ ବ୍ୟକ୍ତି ଗୋଟିଏ ଗୁଣକୁ ଏହାର ସର୍ବୋତ୍ତମ, ଉଚ୍ଚତମ ଓ ଶୁଦ୍ଧତମ ସମ୍ଭାବନା ସହିତ ହାସଲ କରି

'oaob.nitrkl.ac.in' images reprocessed

ପାରିବ ? ଏହାର ବିପରୀତ କରି ଆଉଗୋଟିଏ ଗୁଣକୁ ଅବସ୍ଥାପିତ କରି ରଖି ପାରିଲେ ଯାଇ ତାହା ସମ୍ଭବ ହେବ । ସେହିପରି ଭାବରେହିଁ ଏକ ଶକ୍ତି ବୃଦ୍ଧିଲାଭ କରିଥାଏ ଓ ଅଧିକ ବଳଯୁକ୍ତ ହୋଇଥାଏ । ଯାହାକିଛି ଦୁର୍ବଳ କରି ଦେଉଥାଏ ଓ ବିରୋଧ ସୃଷ୍ଟି କରୁଥାଏ, ତାହାରି ବିରୁଦ୍ଧରେ ଯୁଦ୍ଧ କରି ଓ ତାହା ଉପରେ ବିଜୟ ହାସଲ କରି ତାହା ସମ୍ଭବ ହୁଏ । କୌଣସି ଏକ ନିର୍ଦ୍ଦିଷ୍ଟ ଗୁଣର ପରି-ପ୍ରେକ୍ଷୀରେ ଯେଉଁସବୁ ଅଭାବ ଉପସ୍ଥିତ ରହିଥାନ୍ତି, ସେହିଗୁଡ଼ିକହିଁ, ତୁମେ କେଉଁଠାରେ ସଂଶୋଧନ ଘଟାଇବ ଏବଂ ସେହି ଗୁଣଟିକୁ ସମୁନ୍ନତ କରିବ, ତାହାକୁ ସମ୍ପୂର୍ଣ୍ଣ ଭାବରେ ପୂର୍ଣ୍ଣାଙ୍ଗ କରିବାକୁ ହେଲେ ତାହାର କିଭଳି ଭାବରେ ଉନ୍ନତି ବିଧାନ କରିବାକୁ ପଡ଼ିବ, ତୁମକୁ ତାହା ଦର୍ଶାଇ ଦେଇଥାନ୍ତି । ଏକ ହାତୁଡ଼ି ଦ୍ୱାରାହିଁ ଦୁର୍ବଳ ଏବଂ ନରମ ଲୁହାକୁ ପିଟି ଶକ୍ତ କରିନେବାକୁ ହୁଏ । ପ୍ରଥମ ଅବସ୍ଥାରେ ଏହି ବିସମ୍ବାଦଟି କାମରେ ଲାଗେ ଏବଂ ତାହାକୁ ଏକ ଉଚ୍ଚତର ସମତାବସ୍ଥା ଲାଗି ବିନିଯୋଗ କରିବାକୁ ହୋଇଥାଏ । ଏହାହିଁ ହେଉଛି ମନୁଷ୍ୟ ମଧ୍ୟରେ ରହିଥିବା ଆତ୍ମ-ଦ୍ୱନ୍ଦ୍ୱର ରହସ୍ୟ । ଯାହା ପ୍ରକୃତରେ ତୁମର ସବୁଠାରୁ ଅଧିକ ମୂଲ୍ୟବାନ୍ ସମ୍ପତ୍ତି ହେବାକୁ ଯାଉଛି, ସେହି ଉପାଦାନଟିହିଁ ତୁମ ଭିତରେ ସବୁଠାରୁ ଅଧିକ ଦୁର୍ବଳତାର ବସ୍ତୁ ହୋଇ ରହିଥାଏ ।

ତେଣୁ ଏହିପରି ଭାବରେ ପ୍ରତ୍ୟେକ ବ୍ୟକ୍ତିର ଏକ ଉଦ୍ଦେଶ୍ୟ ସାଧନ କରିବାକୁ ରହିଛି, ଜଗତରେ ଏକ ଭୂମିକା ଗ୍ରହଣ କରିବାକୁ ରହିଛି; ବିଶ୍ୱନିୟନ୍ତାର ଯୋଜନାରେ ତାକୁ ସେହି ଅଂଶଟିକୁ ଶିକ୍ଷା କରିବାକୁ ଓ ଗ୍ରହଣ କରିବାକୁ ଦିଆ ଯାଇଛି । ସେହି ଭାଗଟିକୁ ଏକା ସେଇ କାର୍ଯ୍ୟରେ ପରିଣତ କରିପାରିବ, ଅନ୍ୟ କେହି ପାରିବେ ନାହିଁ । ଜୀବନର ଅନୁଭବଗୁଡ଼ିକର ମଧ୍ୟଦେଇ ତାକୁ ସେଇଟିକୁ ଶିକ୍ଷା ଓ ଅର୍ଜନ କରିବାକୁ ପଡ଼ିବ; ଅର୍ଥାତ୍, କେବଳ ଏହି ଗୋଟିଏ ଜୀବନରେ ନୁହେଁ, ଜୀବନ ପରେ ଜୀବନ ମଧ୍ୟଦେଇ କରିବାକୁ ପଡ଼ିବ । ବସ୍ତୁତଃ, ଜଣେ ବ୍ୟକ୍ତିକୁ ନାନା ଜୀବନର ଯେଉଁ ଅନୁକ୍ରମଟି ମଧ୍ୟଦେଇ ଯିବାକୁ ହୋଇଥାଏ, ଅର୍ଥାତ୍, ନାନା ଅନୁଭୂତି ଅର୍ଜନ କରି ସେଇଟି ମଧ୍ୟରୁ ସୂତ୍ରଟିକୁ ସଂଗ୍ରହ କରିବାକୁ ପଡ଼ିଥାଏ—ଗୁଣତନ୍ତ୍ରର, ଯୋଗ୍ୟତାତନ୍ତ୍ରର, ବଳ ଏବଂ ସାମର୍ଥ୍ୟତନ୍ତ୍ରର ସୂତ୍ରଟିକୁ ହାସଲ କରି ନିଜ ଲାଗି ସେଉଁ ଜୀବନଶୈଳୀଟିକୁ ବୟନ କରି ଆଣିବାକୁ ପଡ଼ିଥାଏ, ଏଥିରୁ ଆମେ ସେହି କଥାଟିର ତାତ୍ପର୍ଯ୍ୟଟିକୁ ଲାଭ କରି ପାରିବା । ଏବଂ, ବିବର୍ତ୍ତନଶୀଳ ଜଣେ ବ୍ୟକ୍ତିର ଅନ୍ତରତମ ସତ୍ତା, ତାହାର ଯଥାର୍ଥ ବ୍ୟକ୍ତିତ୍ୱ ଓ କେନ୍ଦ୍ରସ୍ଥ ଚେତନା ହେଉଛି ତା'ର ଚୈତ୍ୟସତ୍ତା । ଏହି ସତ୍ତା ସତେଯେପରି ଏକ ଅତ୍ୟନ୍ତ କ୍ଷୁଦ୍ର ଆଲୋକସ୍ଫୁଲିଙ୍ଗ ପରି ସାଧାରଣ ମନୁଷ୍ୟମାନଙ୍କ ଭିତରେ ସେମାନଙ୍କର ଜୀବନାନୁଭବଗୁଡ଼ିକର ବହୁ ପଶ୍ଚାତରେ ଯାଇ ପଡ଼ି ରହିଥାଏ ।

'oaob.nitrkl.ac.in' images reprocessed

ଅଭିବୃଦ୍ଧି ଲାଭ କରିଥିବା ଆତ୍ମାଗୁଡ଼ିକ ମଧ୍ୟରେ ଏହି ଚୈତ୍ୟ ଚେତନାର ଏକ ବୃଦ୍ଧିପ୍ରାପ୍ତ ଆଲୋକ ରହିଥାଏ—ତାହା ଆପଣାର ପ୍ରଗାଢ଼ତାରେ, ବିସ୍ତାରରେ ତଥା ଐଶ୍ୱର୍ଯ୍ୟରେ ବୃଦ୍ଧି ଲାଭ କରିଥାଏ । ଏହିପରି ଭାବରେ ପ୍ରାଚୀନ ଆତ୍ମାମାନେ ଥାଆନ୍ତି, ଅର୍ବାଚୀନମାନେ ମଧ୍ୟ ଥାଆନ୍ତି । ପ୍ରାଚୀନ ଏବଂ ପ୍ରବୀଣମାନେ ଏକ ସମ୍ପୂର୍ଣ୍ଣ ପରିପୂର୍ଣ୍ଣତାରେ ଯାଇ ପହଞ୍ଚି ଯାଇଥାନ୍ତି ବା ପହଞ୍ଚିବାକୁ ଯାଇଥାନ୍ତି । ସେମାନେ ଅଗଣିତ ବହୁ ଜୀବନର ଏକ ଦୀର୍ଘ ଇତିହାସକୁ ପାର ହୋଇ ଯାଇଥାନ୍ତି ଏବଂ ଏକ ଜଟିଳତମ ଅଥଚ ପୂର୍ଣ୍ଣାଙ୍ଗତମ ବ୍ୟକ୍ତିତ୍ୱକୁ ବିକଶିତ କରାଇଆଣି ପାରିଥାନ୍ତି । ନୂତନ ଆତ୍ମାଗୁଡ଼ିକ ଏକ କେବଳ ଜଡ଼ପ୍ରାଣିକ ଅସ୍ତିତ୍ୱର ବାଡ଼ ଭିତରୁ ସଦ୍ୟ ବାହାରି ଆସିଥାନ୍ତି କିଂବା ବାହାରି ଆସିବାକୁ ଯାଉଥାନ୍ତି । ସେମାନେ ସବୁଠାରୁ ସରଳ ଜୀବରୂପମାନଙ୍କ ପରି ହୋଇ ରହିଥାନ୍ତି, ପ୍ରଧାନତଃ ଦେହଗତ ଜୀବନ ସହିତ ସମ୍ବନ୍ଧିତ ହୋଇ ରହିଥିବା ଅପେକ୍ଷାକୃତ ଅଳ୍ପସଂଖ୍ୟକ ଅବୟବମାନଙ୍କ ଦ୍ୱାରା ନିର୍ମିତ ହୋଇଥାନ୍ତି; ମନୋଗତ ପ୍ରବୃତ୍ତିର କେବଳ କିଛିଟା ଆରମ୍ଭମାତ୍ର ସମ୍ଭବ ହୋଇ-ଥାଏ । ଅବଶ୍ୟ ଆତ୍ମାହିଁ ଅନୁଭୂତିଗୁଡ଼ିକୁ ଲାଭ କରିବା ସଙ୍ଗେ ସଙ୍ଗେ ଅଭିବୃଦ୍ଧି ମଧ୍ୟ ଲାଭ କରୁଥାଏ ଏବଂ ସେହି ଆତ୍ମାହିଁ ବ୍ୟକ୍ତିତ୍ୱର ନିର୍ମାଣ କରେ ଓ ତାହାକୁ ବିଭବଯୁକ୍ତ କରେ । ବାହ୍ୟ ଜୀବନର ଯାହାକିଛି ଅଂଶ, ମନ, ପ୍ରାଣ ବା ଦେହସ୍ଥ ଯାହାକିଛି ଉପା-ଦାନ ଚୈତ୍ୟ ଚେତନାର ସମ୍ପର୍କ ଲାଭ କରିବାରେ ସଫଳ ହୁଏ,—ଅର୍ଥାତ୍ ତା'ର ପ୍ରଭାବ ଦ୍ୱାରା ପ୍ରଭାବିତ ହେବାକୁ ସମର୍ଥ ହୁଏ,—ତାହା ଗୃହୀତ ହୋଇ ସେହିଠାରେ ଯାଇ ସଞ୍ଚିତ ହୋଇ ରହିବାରେ ଲାଗିଥାଏ । ଏହା ଚୈତ୍ୟସତ୍ତା ମଧ୍ୟରେ ତାହାର ଜୀବନ୍ତ ସ୍ମୃତି ତଥା ସ୍ଥାୟୀ ଅର୍ଜନରୂପେ ସଞ୍ଚିତ ହୋଇ ରହିଥାଏ । ଏହିଭଳି ଉପାଦାନଗୁଡ଼ିକହିଁ ଆଧାରଟିକୁ ତିଆରି କରନ୍ତି,— ସେହି ମୂଳଦୁଆଟିର ନିର୍ମାଣ କରନ୍ତି, ଯାହା ଉପରେ କି ପୂର୍ଣ୍ଣାଙ୍ଗ ତଥା ପ୍ରକୃତ ବ୍ୟକ୍ତିତ୍ୱର ଗଠନଟି ନିର୍ମିତ ହୋଇଥାଏ ।

ତେଣୁ, ସର୍ବପ୍ରଥମ କାର୍ଯ୍ୟଟି ହେଉଛି ଯେ, ତୁମେ ପ୍ରକୃତରେ କେଉଁ ବସ୍ତୁଟିର ଉପଲବ୍ଧି ଲାଗି ଅଭିପ୍ରେତ ହୋଇ ରହିଛ, ତୁମକୁ କେଉଁ ଭୂମିକାଟିକୁ ଗ୍ରହଣ କରିବାକୁ ହେବ, କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟଟିର ମାର୍ଗରେ ଯାତ୍ରା କରିବାକୁ ହେବ ତଥା କେଉଁ ସାମର୍ଥ୍ୟ ଅଥବା ଗୁଣର ଅଭିବ୍ୟକ୍ତି ଘଟାଇବାକୁ ପଡ଼ିବ, ତୁମକୁ ତାହା ଖୋଜି ବାହାର କରିବାକୁ ହେବ । ତୁମେ ସେଇଟିକୁ ଆବିଷ୍କାର କରିବ; ଏବଂ, ଯେଉଁ ବସ୍ତୁ ଅଥବା ବସ୍ତୁଗୁଡ଼ିକ ବିରୋଧ ପ୍ରଦର୍ଶନ କରୁଛନ୍ତି ଓ ଏହାକୁ ପ୍ରସ୍ଫୁଟିତ ହେବା ଲାଗି ବା ପୂର୍ଣ୍ଣ ଅଭିବ୍ୟକ୍ତି ଲାଭ କରିବା ଲାଗି ବାଟ ଛାଡ଼ି ଦେଉ ନାହାନ୍ତି, ତୁମେ ସେଗୁଡ଼ିକୁ ମଧ୍ୟ ଆବିଷ୍କାର କରିବ । ଅନ୍ୟ ଭାଷାରେ କହିଲେ, ତୁମେ ନିଜକୁ ଅବଶ୍ୟ ଜାଣିବ, ନିଜର ଆତ୍ମା ବା ଚୈତ୍ୟ ସତ୍ତାକୁ ତୁମେ ଅବଶ୍ୟ ଚିହ୍ନିବ ।

'oaob.nitrkl.ac.in' images reprocessed

ସେଥି ଲାଗି ତୁମକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ଏବଂ ନିଷ୍ପକ୍ଷ ହୋଇ ରହିବାକୁ ହେବ । ସତେଅବା ଏକ ତୃତୀୟ ବ୍ୟକ୍ତିକୁ ଅବଲୋକନ କରି ସମୀକ୍ଷା କରୁଥିବା ପରି ଆପଣାକୁ ଅବଲୋକନ କରିବାକୁ ହେବ । ଏହାହିଁ ତୁମ ଜୀବନର ଉଦ୍ଦେଶ୍ୟ, ଏହାହିଁ ତୁମର ନିର୍ଦ୍ଦିଷ୍ଟ ସାମର୍ଥ୍ୟ, ତୁମେ ଏଇଟିକୁ କରିବ ଅଥବା ସେଇଟିକୁ କରିବ, — ଏହିଥିରେହିଁ ତୁମର ପ୍ରତିଭା ବା ଯୋଗ୍ୟତା ନିହିତ ହୋଇ ରହିଛି, ଏଭଳି କୌଣସି ନିର୍ଦ୍ଦିଷ୍ଟ ଧାରଣା ନେଇ ତୁମେ କଦାପି କାର୍ଯ୍ୟ ଆରମ୍ଭ କରିବ ନାହିଁ । ତାହା ତୁମକୁ ତୁମର ଯଥାର୍ଥ ପଥରୁ ବିଚ୍ୟୁତ କରି ନେଇଯିବ । ତୁମର ବାହ୍ୟ ସତ୍ତାକୁ ଭଲ ପାଇବା ବା ଭଲ ନ ପାଇବା ତୁମର ମାନସିକ, ପ୍ରାଣିକ ଅଥବା ଭୌତିକ କୌଣସି ଅଭିରୁଚି, ଆଦୌ ତୁମ ଅଭିବୃଦ୍ଧିର ଯଥାର୍ଥ ଧାରାଟିକୁ ନିଷ୍ପତ୍ତି କରେ ନାହିଁ । କିଂବା, ଏହାର ବିରୁଦ୍ଧ ଦୃଷ୍ଟିକୋଣଟିକୁ ଗ୍ରହଣ କରି ତୁମେ "ଏହି କ୍ଷେତ୍ରରେ ମୁଁ ଆଦୌ କୌଣସି କାମର ନୁହେଁ, ସେଇଟି ଲାଗି ମଧ୍ୟ ମୋର ଆଦୌ କୌଣସି ଯୋଗ୍ୟତା ନାହିଁ; ଏହା ଆଦୌ ମୋର କାର୍ଯ୍ୟ ନୁହେଁ" ବୋଲି ମଧ୍ୟ କଦାପି କହିବ ନାହିଁ । ବୃଥା ଦମ୍ଭ ତଥା ଉଦ୍ଧତତା ନୁହେଁ, କୌଣସି ଆତ୍ମ-ଅବଜ୍ଞା କିଂବା ମିଛ ବିନୟ ମଧ୍ୟ ନୁହେଁ, — ଏସବୁ ତୁମକୁ ଆଦୌ କୌଣସି ପ୍ରକାରେ ପ୍ରେରିତ କରୁ ନ ଥିବ । ମୁଁ ଯେପରି କହିଲି, ତୁମକୁ ସମ୍ପୂର୍ଣ୍ଣ ଭାବରେ ନିଷ୍ପକ୍ଷ ଏବଂ ଅଜଡ଼ିତ ହୋଇ ରହିବାକୁ ପଡ଼ିବ । ତୁମେ ଏପରି ଏକ ଦର୍ପଣ ପରି ହେବ, ଯାହାକି କେବଳ ସତ୍ୟର ପ୍ରତିଫଳନ କରାଏ ଓ ଆଦୌ କୌଣସି ଫଇସଲା ପ୍ରଦାନ କରେ ନାହିଁ ।

ଯଦି ତୁମେ ଏହିପରି ଏକ ଦୃଷ୍ଟିକୋଣ ବଜାୟ ରଖି ପାରିବ, ଯଦି ଏହିପରି ଏକ ସ୍ଥିତିରେ ଅବସ୍ଥିତ ରହି ନିଜର ସତ୍ତା ଉପରେ ସ୍ଥିର ବିଶ୍ୱାସ ରଖି ପାରିବ ଓ ତୁମ ଲାଗି ହୁଏତ ଯାହା ଉଦ୍‌ଘାଟିତ ହେବା ଲାଗି ରହିଛି, ତୁମେ ତାହାର ଲାଗି ଅପେକ୍ଷା କରି ପାରିବ, ତେବେ ତୁମ ଜୀବନରେ ଏହିପରି କିଛି ଘଟିବ : ସତେ ଯେପରି ତୁମେ ଏକ ଅନ୍ଧକାର ମସୃ କୋଳାହଳଶୂନ୍ୟ ଅରଣ୍ୟ ଭିତରେ ଯାଇ ପ୍ରବେଶ କରିଛ, — ନିଜର ସମ୍ମୁଖରେ କେବଳ ଏକ ଜଳର ସମତଳ ଦେଖିବାକୁ ପାଉଛ — ସେଇଟି ମଧ୍ୟ ଅନ୍ଧାର ଭିତରେ ରହିଛି, ସ୍ଥିର ହୋଇ ରହିଛି, କ୍ୱଚିତ୍ ଦୃଶ୍ୟମାନ୍ ହେଉଛି—ଏକ ମ୍ଳାନ ଜଳାଶୟଟିଏ ସେହି ଅସ୍ପଷ୍ଟତା ମଧ୍ୟରେ ମୂର୍ତ୍ତି ରୂପ ଧାରଣ କରିଛି; ଏବଂ ତା'ପରେ, ଅତ୍ୟନ୍ତ ଧୀରଭାବରେ, ତା' ଉପରେ ଚନ୍ଦ୍ର-କିରଣର ଗୋଟିଏ ରେଖା ନିକ୍ଷେପିତ ହୋଇ ଆସୁଛି ଏବଂ ସେହି ଶୀତଳ ଓ କ୍ଷୀଣ ଆଲୋକ ମଧ୍ୟରେ ଥିରି ତରଳ ଜଳସମତଳଟି ଦୃଷ୍ଟିଗୋଚର ହୋଇଯାଉଛି । ପ୍ରଥମ ସ୍ପର୍ଶରେ ତୁମର ସତ୍ତାଗତ ଗୁପ୍ତ ସତ୍ୟ ଏହିପରି ଭାବରେହିଁ ତୁମର ସମ୍ମୁଖରେ ଆବିର୍ଭୂତ ହେବ ଓ ଆପଣାକୁ ପ୍ରକଟ କରିବ ; ତୁମେ ତାହାର ଉପରେହିଁ ତୁମ

'oaob.nitrkl.ac.in' images reprocessed

ସତ୍ତ୍ୱର ଯଥାର୍ଥ ଗୁଣଗୁଡ଼ିକ, ତୁମ ଦିବ୍ୟ ବ୍ୟକ୍ତିତ୍ୱଟିର ଲକ୍ଷଣଗୁଡ଼ିକ କ୍ରମଶଃ ପ୍ରତିଫଳିତ ହୋଇ ଆସୁଥିବାର ପ୍ରତ୍ୟକ୍ଷ କରିପାରିବ; ତୁମେ ପ୍ରକୃତରେ ଯାହା ଓ ଯାହା ହେବା ସକାଶେ ଅଭିପ୍ରେତ ହୋଇ ରହିଛ, ତାହାକୁ ପ୍ରତ୍ୟକ୍ଷ କରି ପାରିବ ।

ଯେଉଁ ବ୍ୟକ୍ତି ଏହିପରି ଭାବରେ ଆପଣାକୁ ଜାଣିଛି ଓ ନିଜ ଭିତରର ସକଳ ବିରୋଧ ଉପରେ ବିଜୟ ହାସଲ କରି ଆପଣାର ଅଧିକାରୀ ହୋଇ ପାରିଛି, ସେହି ଘଟନାଟି ଦ୍ୱାରାହିଁ ସିଏ ଆପଣାକୁ ତଥା ଆପଣାର ବିଜୟଟିକୁ ପ୍ରସାରିତ କରିଦେଇଛି, ଅନ୍ୟମାନଙ୍କ ଲାଗି ଠିକ୍ ସେହି ବିଜୟକୁ କିଂବା ଏକ ତୁଲ୍ୟ ବିଜୟକୁ ସମ୍ଭବ କରିବା ନିମନ୍ତେ ଅଧିକତର ସହଜ କରି ପାରିଛି । ଆମେ ଏହିମାନଙ୍କୁହିଁ ଆପଣା ଭିତରେ ଏକ ବିଜୟମଣ୍ଡିତ ଅଭିଯାନକୁ ସମ୍ଭବ କରି ଅନ୍ୟମାନଙ୍କୁ ମଧ୍ୟ ସେମାନଙ୍କର ବିଜୟ ଅଭିମୁଖରେ ଅଗ୍ରସର ହେବା ଲାଗି ସାହାଯ୍ୟ କରିଥିବା ପୁରୋଧା ଅଥବା ବିଶିଷ୍ଟ ବର୍ଗ ବୋଲି କହିପାରିବା ।

'oaob.nitrkl.ac.in' images reprocessed

# ୫ ଫେବୃଆରୀ ୧୯୫୭

## କଷ୍ଟକୁ ଜୟ କରିହେବ କିପରି ?

ଏହି ସମସ୍ୟାଟି ଆଦୌ ଏଭଳି ଏକ ସରଳ ସମସ୍ୟା ନୁହେଁ । ଦୁଃଖଭୋଗ କରିବାର ଅସୁମାରି କାରଣ ରହିଛି ଏବଂ ଗୁଣାତ୍ମକ କ୍ଷେତ୍ରରେ ଦୁଃଖ ଓ ଦୁଃଖ ମଧ୍ୟରେ ଅନେକ ଫରକ ମଧ୍ୟ ରହିଛି । ଅବଶ୍ୟ ଏକଥା ଠିକ୍ ଯେ, ଦୁଃଖଭୋଗ ସର୍ବଦା ସେହି ଗୋଟିଏ ମୂଳ କାରଣରୁହିଁ ନିଷ୍ପନ୍ନ ହୋଇଥାଏ ଏବଂ କୌଣସି ଏକ ଅଦିବ୍ୟ ଇଚ୍ଛା ଦ୍ୱାରା ପ୍ରସୂତ ଉତ୍ସୃଷ୍ଟ କ୍ରିୟାରୁ ତାହାର ଉଦ୍‌ଗମ ହୋଇଥାଏ । ଏହି କଥାଟିକୁ ଆଉଟିକିଏ ସହଜ କରି ବୁଝାଇବାକୁ ଚେଷ୍ଟା କଲେ, ଦୁଃଖଭୋଗକୁ ଆମେ ଦୁଇଟି ସଫା ଅଲଗା ଅଲଗା ଶ୍ରେଣୀରେ ବିଭକ୍ତ କରି ପାରିବା ; ଅବଶ୍ୟ ଏକଥା ମଧ୍ୟ ସତ ଯେ ବ୍ୟାବହାରିକ କ୍ଷେତ୍ରରେ ସେହି ଦୁଇଟିଯାକ ଅଧିକାଂଶ ସମୟରେ ପରସ୍ପର ସହିତ ଏକାଠି ମିଶିକରି ରହିଥାନ୍ତି ।

ପ୍ରଥମ ପ୍ରକାରଟି ହେଉଛି ସମ୍ପୂର୍ଣ୍ଣ ଭାବରେ ଅହଂ ଭାବନାପ୍ରସୂତ ଏବଂ ତାହା ଏହିପରି ଏକ ଅନୁଭବରୁ ଆସିଥାଏ ଯେ ଆମର ଅଧିକାରର ଉଲ୍ଲଙ୍ଘନ କରାଯାଇଛି ଅଥବା ଆମର ଆବଶ୍ୟକତାଗୁଡ଼ିକରୁ ଆମକୁ ବଞ୍ଚିତ କରାଯାଇଛି, ଆମର ଅବମାନନା କରାଯାଇଛି, ଆମକୁ ଲୁଟି ନିଆଯାଇଛି, ପ୍ରତାରଣା କରାଯାଇଛି, ଆଘାତ କରା-ଯାଇଛି, ଇତ୍ୟାଦି, ଇତ୍ୟାଦି । ଦୁଃଖ ଭୋଗର ଏହି ସମସ୍ତ କାରଣଟି ସ୍ପଷ୍ଟତଃ ଏକ ପ୍ରତିକୂଳ କ୍ରିୟାରୁ ଉତ୍ପନ୍ନ ହୋଇ ଆସିଥାଏ ଏବଂ ଏହା ଯେ ଆମ ଚେତନାର କ୍ଷେତ୍ରରେ ଶତ୍ରୁର ପ୍ରଭାବ ଲାଗି କେବଳ ଆମ ଦ୍ୱାରକୁ ଉନ୍ମୋଚିତ କରିଦେଇ ଯାଏ ସେତିକି ନୁହେଁ, ମାତ୍ର ସେହି ପ୍ରତିକୂଳ ଶକ୍ତିର ହାତରେ ଏହି ପୃଥିବୀର କ୍ରିୟା କରିବା ସକାଶେ ଗୋଟିଏ ଅତ୍ୟନ୍ତ ଶକ୍ତିଶାଳୀ ସାଧନ ମଧ୍ୟ ଯୋଗାଇ ଦେଇଯାଏ । ଯଦି ତାହା ସହିତ ତାହାର ସ୍ୱାଭାବିକ ତଥା ସ୍ୱତଃପ୍ରେରିତ ପରିଣାମଟିକୁ ଯୋଡ଼ି ଦିଆଯାଏ, ତେବେ ସେହି ଅସ୍ତ୍ରଟି ପ୍ରକୃତରେ ଅନ୍ୟ ସକଳ ଅସ୍ତ୍ରଠାରୁ ଅଧିକ ଶକ୍ତିଶାଳୀ ଅସ୍ତ୍ରରେ ପରିଣତ ହୁଏ : ବଳବାନ୍ ମଧ୍ୟରେ ତାହା ଘୃଣା ଏବଂ ପ୍ରତିଶୋଧ-ଇଚ୍ଛାର ଉଦ୍ରେକ କରେ ତଥା ଦୁର୍ବଳତା ଭିତରେ ଏକ ମୃତ୍ୟୁ ବାସନାର ପ୍ରରୋଚନା ଆଣି ଦେଇଥାଏ ।

କଷ୍ଟଭୋଗର ଅନ୍ୟ ପ୍ରକାରଟି, ଶତ୍ରୁ ଦ୍ୱାରା ସୃଷ୍ଟ ବିଚ୍ଛେଦଜନିତ ଦୁଃଖ

'oaob.nitrkl.ac.in' images reprocessed

ତାହାର ମୂଳ କାରଣ ହୋଇ ରହିଥାଏ, — ଏହାର ପ୍ରକୃତ ପୂର୍ବଟିର ସମ୍ପୂର୍ଣ୍ଣ ବିପରୀତ । ଦିବ୍ୟ ଅନୁକମ୍ପାରୁ ଏହି ଦୁଃଖ ଉନ୍ମେଷ ଲାଭ କରିଥାଏ ;—ଏହାକୁ ପ୍ରୀତିଜନିତ ଏକ ଦୁଃଖ ବୋଲି କୁହାଯିବ, ଯାହାକି ପୃଥିବୀର ଦୁଃଖ ଓ ଦୈନ୍ୟ ନିମନ୍ତେ—ତାହାର ଉତ୍ସ, କାରଣ ଅଥବା ପରିଣାମ ଯାହା ହୋଇଥାଉ ପଛକେ,—ଅନୁକମ୍ପା ଅନୁଭବ କରିଥାଏ । ମାତ୍ର, ଏହି କଷ୍ଟଭୋଗ,—ଏହାର ସ୍ୱଭାବଟି ବିଶୁଦ୍ଧ ଭାବରେ ଚୈତ୍ୟ ପ୍ରକୃତିର ହୋଇ ରହିଥାଏ, — ଏଥିରେ କୌଣସି ଅହଂଭାବନା ନ ଥାଏ, କୌଣସି ଆତ୍ମ-ଖେଦ ନ ଥାଏ,—ତାହା ଶାନ୍ତି, ବଳ ଏବଂ କ୍ରିୟା-ଶକ୍ତିରେ ପୂର୍ଣ୍ଣ ହୋଇ ରହିଥାଏ ; ଏକ ଭବିଷ୍ୟ ବିଶ୍ୱାସ ଏବଂ ବିଜୟ ଲାଭ କରିବାର ଇଚ୍ଛାରେ ଭରି ରହିଥାଏ । ତାହା ଉପରୁ ଥାଇ ଦୟା କରେ ନାହିଁ, ମାତ୍ର ସାନ୍ତ୍ୱନା ଦିଏ ; ଅନ୍ୟମାନଙ୍କ ଭିତରେ ଥିବା ଅଜ୍ଞାନପ୍ରେରିତ କ୍ରିୟାଟି ସହିତ ତାହା ଆପଣାକୁ କୌଣସି ପ୍ରକାରେ ଏକାତ୍ମକ କରି ପକାଏ ନାହିଁ, ମାତ୍ର ତାହାର ଆରୋଗ୍ୟବିଧାନ କରେ ଏବଂ ତାହା ମଧ୍ୟରେ ଏକ ଆଲୋକନ ଘଟାଇଥାଏ ।

ଏହି କଥାଟି ଅତ୍ୟନ୍ତ ସ୍ପଷ୍ଟ ଯେ, ଏହାର ଶୁଦ୍ଧ ଅନ୍ତଃସାରର କ୍ଷେତ୍ରରେ, ଯାହା ସମ୍ପୂର୍ଣ୍ଣ ଭାବରେ ଦିବ୍ୟ କେବଳ ତାହାହିଁ ସେହି ଦୁଃଖକୁ ଅନୁଭବ କରିପାରିବ ; ମାତ୍ର ଆଂଶିକ ଭାବରେ, ବେଳେବେଳେ, ଅହଂକାମନାର ମେଘ-ପଟଳ ପଛରେ ରହିଥିବା ବିଦ୍ୟୁତ୍ ଝଲକ ସଦୃଶ ତାହା ଏକ ପ୍ରଶସ୍ତ ଏବଂ ଉଦାର ହୃଦୟ ରହିଥିବା ସମସ୍ତଙ୍କଠାରେ ମଧ୍ୟ ଆବିର୍ଭୂତ ହୋଇଥାଏ । ଅବଶ୍ୟ ଏକଥା ସତ ଯେ, ଅଧିକାଂଶ ସମୟରେ, ବ୍ୟକ୍ତି କ୍ଷେତ୍ରର ଚେତନା ମଧ୍ୟରେ ଏହା ସକଳ ନିରାଶା ଏବଂ ଦୁର୍ବଳତାର କାରଣ ହୋଇ ରହିଥିବା ସେହି ନିମ୍ନସ୍ତରୀୟ ତଥା କ୍ଷୁଦ୍ର ଆତ୍ମ-ଖେଦ ସହିତ ମିଶ୍ରିତ ହୋଇ ରହିଥାଏ । ତଥାପି, ଆମେ ଯେତେ-ବେଳେ ଯଥେଷ୍ଟ ପରିମାଣରେ ସତର୍କ ରହିଥିବାରୁ ସେହି ମିଶ୍ରଣଟିକୁ ସ୍ୱୀକାର କରିବାକୁ ମନା କରିଦେଉ ବା ଅନ୍ତତଃ ତାହାକୁ ତାହାର ସର୍ବନିମ୍ନ ମାତ୍ରାକୁ ହ୍ରାସ କରିଆଣୁ, ସେତେବେଳେ ଆମେ ତତ୍‌କ୍ଷଣାତ୍ ଏହି କଥାଟିକୁ ଉପଲବ୍ଧି କରିପାରୁ ଯେ ଦିବ୍ୟ ଅନୁକମ୍ପାର ଏହି ବୋଧଟି ଏକ ଉଦାତ୍ତ ଏବଂ ଶାଶ୍ୱତ ଆନନ୍ଦ ଉପରେହିଁ ଆଧାରିତ ହୋଇ ରହିଛି ଏବଂ କେବଳ ସେହି ଆନନ୍ଦରହିଁ ଏହି ପୃଥିବୀକୁ ତାହାର ଅଜ୍ଞାନ ତଥା ଦୈନ୍ୟ ଭିତରୁ ମୁକ୍ତ କରି ଆଣିବାର ବଳ ଓ ଶକ୍ତି ରହିଛି ।

ଶତ୍ରୁର ସମ୍ପୂର୍ଣ୍ଣ ଅନ୍ତର୍ଦ୍ଧାନ ହୋଇ ପାରିଲେ ଓ ତାହାର କ୍ରିୟାଜନିତ ଯାବତୀୟ ପରିଣାମର ଅବସାନ ହୋଇଗଲେହିଁ ବିଶ୍ୱବ୍ରହ୍ମାଣ୍ଡରୁ ଏହି ଦୁଃଖ ମଧ୍ୟ ଅନ୍ତର୍ହିତ ହୋଇଯାଇ ପାରିବ ।

'oaob.nitrkl.ac.in' images reprocessed

# ୧୯୫୮ (୧)

## ଅତୀତ ଜୀବନଗୁଡ଼ିକର ସ୍ମୃତି

ଯଦି କଥାଗୁଡ଼ିକୁ ଯଥାର୍ଥ ଭାବରେ କହିବାକୁ ହୁଏ, ତେବେ ଆମକୁ ସବୁକଥା କହିବାକୁ ପଡ଼ିବ, ସମ୍ପୂର୍ଣ୍ଣ ଠିକଣଠି ସହିତ କହିବାକୁ ହେବ । କାରଣ, ଗତ ଅଶୀବର୍ଷ ଭିତରେ ମୋ'ର ହୋଇଥିବା ଅଗଣିତ ଅନୁଭୂତିଗୁଡ଼ିକ ମଧ୍ୟରୁ ବହୁସଂଖ୍ୟକ ଅନୁଭୂତି ଏପରି ଏକ ବିଚିତ୍ର ପ୍ରକାରର ହୋଇ ରହିଥିଲେ ଓ ବାହାକୁ ଏତେ ପରସ୍ପର-ବିରୋଧୀ ବୋଲି ମନେ ହେଉଥିଲେ ଯେ ସେଗୁଡ଼ିକ ଉପରେ ଦୃଷ୍ଟିପାତ କରି ହୁଏତ ବୁଝାଯାଇ ପାରିବ : ଯେଉଁ କଥା ଯାହା ହୋଇଥାଉ ପଛକେ, ପ୍ରକୃତରେ ସବୁକଥା ଅବଶ୍ୟ ସମ୍ଭବ । ତେଣୁ, ସବୁଟିକୁ ଏକଙ୍ଗ ଗଅଁଠାଇ ରଖିଥିବା ସୂତ୍ରଟିର କୌଣସି ଉପସ୍ଥାପନା ନ କରି ମୋର ବିଗତ ଜୀବନଗୁଡ଼ିକ ବିଷୟରେ ଯଦି ମୁଁ ତୁମମାନଙ୍କୁ କୌଣସି କଥା କହିବି, ତେବେ ତାହା ପ୍ରକୃତରେ ଏକ ମତାନ୍ଧତା ଆଡ଼କୁ ଦ୍ୱାରଟିକୁ ଖୋଲି ଦେବା ପରିହିଁ ହେବ । ତେବେ ତୁମେମାନେ ଦିନେ କହିବ, "ମାଆ ଏକଥା କହୁଛନ୍ତି, ମାଆ ସେକଥା କହୁଛନ୍ତି ।" ଏବଂ ହାୟ, ମତାନ୍ଧତାର ପ୍ରତିଷ୍ଠା କରୁଥିବା ସୂତ୍ରଗୁଡ଼ିକ ସେହିପରି ଭାବରେହିଁ ତିଆରି ହୋଇଥାଏ ।

ଏହି ଅନୁଭୂତି ଯେପରି ବହୁସଂଖ୍ୟକ ହୋଇ ରହିଛି ଏବଂ ମୁଁ କଥା କହି ଏବଂ ଲେଖା ଲେଖି ମୋ'ର ଜୀବନକୁ କଟାଇ ଦେବାର ଯେପରି ପ୍ରକୃତରେ କୌଣସି ସମ୍ଭାବନା ନାହିଁ, ସେହି ଦୃଷ୍ଟିରୁ ତୁମେମାନେ ସବୁକଥା ଅବଶ୍ୟ ସମ୍ଭବ ବୋଲି ନିଜକୁ କହୁଥିବ ଏବଂ ତଥାପି ମତାନ୍ଧତାରୁ ଦୂରରେ ରହିଥିବ । ଅବଶ୍ୟ ମୁଁ କେବଳ କେତୋଟି ସାଧାରଣ କଥାକୁ ସୂଚିତ କରିଦେଇ ପାରିବି ।

କେବଳ ଆପଣାର ଦିବ୍ୟ ଉତ୍ସସ୍ଥାନଟି ସହିତ ସଚେତନ ଭାବରେ ଏକାତ୍ମକ ହୋଇ ରହିଥିବା ସମୟରେହିଁ ଆମେ ପ୍ରକୃତରେ ଆମ ଅତୀତ ଜୀବନର ସ୍ମୃତିଗୁଡ଼ିକୁ ବର୍ଣ୍ଣନା କରି କହିପାରିବା । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଦିବ୍ୟ ପରମ ଚିନ୍ମୟତା ଏକ କ୍ରମୋତ୍ତର ଆରୋହୀ ପଦ୍ଧତିରେ ଆପଣାକୁ ନାନା ରୂପରେ ଅଭିବ୍ୟକ୍ତ କରୁଛନ୍ତି ଓ ସେହି ରୂପଗୁଡ଼ିକରେ ଅବସ୍ଥାନ କରୁଛନ୍ତି । ଯେତେବେଳେ ଆମେ ଏହି

'oaob.nitrkl.ac.in' images reprocessed

ଅଭିବ୍ୟକ୍ତିର ଶିଖରଦେଶରେ ଯାଇ ଉପନୀତ ହୋଇ ପାରିବା, ସେତେବେଳେ ଆମେ ଏପରି ଏକ ଦୃଷ୍ଟିର ଅଧିକାରୀ ହେବା, ଯାହା ଦ୍ୱାରା କି ଆମେ ଅତିକ୍ରମ କରି ଆସିଥିବା ନିମ୍ନସ୍ଥ ସମସ୍ତ ପଥଟିର ସନ୍ଦର୍ଶନ କରିପାରିବା ଓ ସେତେବେଳେ ଆମେ ସେଗୁଡ଼ିକୁ ସ୍ମରଣ ମଧ୍ୟ କରି ପାରିବା ।

ମାତ୍ର ଏହି ସ୍ମୃତିକୁ ଆଦୌ ଏକ ମାନସିକ ସ୍ତରର ସ୍ମୃତି ବୋଲି ବୁଝାଯିବ ନାହିଁ । ଯେଉଁମାନେ ମଧ୍ୟ ଯୁଗର ଏପରି ଜନୈକ ସାମନ୍ତ ହୋଇ ରହିଥିଲେ ବା ଅମୁକ ସ୍ଥାନରେ ଓ ଅମୁକ ସମୟରେ ଏହି ବ୍ୟକ୍ତି ହୋଇ ବାସ କରୁଥିଲେ ବୋଲି ଦାବି କରନ୍ତି, ସେମାନେ ପ୍ରକୃତରେ କଳ୍ପନା ଭିତରେ ରହିଥାନ୍ତି ଓ ଏହିପରି ଭାବରେ କେବଳ ଆପଣା ମନୋଗତ କଳ୍ପନାର ଶିକାର ହୋଇ ଯାଆନ୍ତି । ବସ୍ତୁତଃ, ଅତୀତର ଜୀବନଗୁଡ଼ିକରୁ ଯାହାସବୁ ଅବଶେଷ ରୂପେ ରହିଥାଏ, ସେଗୁଡ଼ିକୁ ଆଦୌ ଏପରି ଗୋଟିଏ ଗୋଟିଏ ସୌନ୍ଦର୍ଯ୍ୟମୟ ଚିତ୍ର ନୁହନ୍ତି, ଯେଉଁଥିରେ କି ତୁମେ କୌଣସି ଦୁର୍ଗରେ ବାସ କରୁଥିବା ଜଣେ ସାମନ୍ତ ପରି ଅଥବା କୌଣସି ସୈନ୍ୟ-ବାହିନୀର ସର୍ବାବନ୍ତ ନେତୃତ୍ୱ ସ୍ଥାନରେ ରହିଥିବା ଜଣେ ବିଜୟପ୍ରାପ୍ତ ସେନାପତି ପରି ଦୃଷ୍ଟିଗୋଚର ହେଉଥାଅ—ଏହାକୁ କେବଳ ଏକ ରୋମାଣ୍ଟିକ୍ ଭାବପ୍ରବଣତା ବୋଲି ବୁଝାଯିବ । ଏହିସବୁ କ୍ଷେତ୍ରରେ କେବଳ ସେହିସବୁ ମୁହୂର୍ତ୍ତର ସ୍ମୃତି ଅବଶେଷ ରହିଯାଇଥାଏ, ଯେତେବେଳେ କି ତୁମର ଚୈତ୍ୟସତ୍ତା ତୁମର ସତ୍ତାଗତ ଗଭୀରତା ମଧ୍ୟରୁ ବାହାରି ତୁମ ଆଗରେ ନିଜକୁ ପ୍ରକଟ କରି ଦେଇଥିଲା ; ଅର୍ଥାତ୍, ସେହି ମୁହୂର୍ତ୍ତଗୁଡ଼ିକର ସ୍ମୃତି ଅବଶେଷ ରହିଥାଏ ଯେତେବେଳେ କି ତୁମେ ସମ୍ପୂର୍ଣ୍ଣ ଭାବରେ ସଚେତନ ହୋଇ ରହିଥିଲ । ବିବର୍ତ୍ତନର ଧାରାରେ ଚେତନାର ସେହି ଅଭିବୃଦ୍ଧିହିଁ କ୍ରମୋନ୍ନତ ଭାବରେ କାର୍ଯ୍ୟାନ୍ୱିତ ହୋଇଥାଏ, ଏବଂ ଅତୀତ ଜୀବନଗୁଡ଼ିକର ସ୍ମୃତି ସାଧାରଣତଃ ବିବର୍ତ୍ତନର ନିର୍ଣ୍ଣାୟକ ମୁହୂର୍ତ୍ତଗୁଡ଼ିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଥାଏ; ସେହି ନିର୍ଣ୍ଣାୟକ ମୋଡ଼ଗୁଡ଼ିକରେହିଁ ସୀମାବଦ୍ଧ ହୋଇ ରହିଥାଏ, ଯେଉଁଗୁଡ଼ିକ କି ତୁମର ଚେତନାର ଅଗ୍ରଗତିକୁ ଚିହ୍ନିତ କରି ରଖିଛନ୍ତି ।

ଯେଉଁ ସମୟରେ ତୁମେ ନିଜ ଜୀବନର ଏହିଭଳି ମୁହୂର୍ତ୍ତଗୁଡ଼ିକୁ ବଞ୍ଚିଥାଅ, ସେତେବେଳେ ତୁମେ ଏହିସବୁ କଥା ସ୍ମରଣ କରିବା ଲାଗି ଆଦୌ ଦୃଷ୍ଟି ଦିଅ ନାହିଁ ଯେ ତୁମେ ଅମୁକ ବ୍ୟକ୍ତି ବା ଶ୍ରୀଯୁକ୍ତ ଅମୁକ ହୋଇ ରହିଥିଲ, ଅମୁକ ସ୍ଥାନରେ ବା ଅମୁକ ସମୟରେ ବାସ କରୁଥିଲ । ଏହି କ୍ଷେତ୍ରରେ ତୁମ ସାମାଜିକ ଜୀବନ ଓ ତନ୍ନିରୂପିତ ସ୍ଥାନ ବିଷୟରେ ଆଦୌ କୌଣସି ଅବଶେଷ ରହେ ନାହିଁ । ଓଲଟି ତୁମେ ଏହି ଯାବତୀୟ କ୍ଷୁଦ୍ର ଓ ବାହ୍ୟ ଘଟନା ବିଷୟରେ ସକଳ ଚେତନାକୁ ହରାଇ ଦିଅ, ଏହିସବୁ ଉପାଙ୍ଗ ଏବଂ ବିନାଶଶୀଳ ବସ୍ତୁଗୁଡ଼ିକ

'oaob.nitrkl.ac.in' images reprocessed

ବିଷୟରେ ତୁମର ଆଦୌ କୌଣସି ଚେତନା ରହେ ନାହିଁ, ଯେପରିକି ତୁମେ ସମଗ୍ର ଭାବରେ ଆତ୍ମାର ସେହି ଉଦ୍‌ଘାଟନ ଅଥବା ଦିବ୍ୟ ସଂସ୍ପର୍ଶର ସେହି ପ୍ରଦୀପ୍ତତା ମଧ୍ୟରେ ଅବସ୍ଥାନ କର୍‌ପାରିବ । ଯେତେବେଳେ ତୁମେ ଅତୀତ ଜୀବନର ଏହିସବୁ ମୁହୂର୍ତ୍ତକୁ ସ୍ମରଣ କର, ସେତେବେଳେ ସେହି ସ୍ମୃତି ଏଭଳି ପ୍ରଗାଢ଼ ହୋଇ ରହିଥାଏ ଯେ, ଏହା ତଥାପି ତୁମର ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହିଥିବା ପରି ବୋଧହୁଏ, ତଥାପି ଜୀବନ୍ତ ପରି ମନେହୁଏ, ଏପରି କି ଆମ ବର୍ତ୍ତମାନ ଜୀବନର ନିତ୍ୟନୈମିତ୍ତିକ ଅଧିକାଂଶ ସ୍ମୃତିର ତୁଳନାରେ ଅପେକ୍ଷାକୃତ ଅଧିକ ଜୀବନ୍ତ ପରି ପ୍ରତୀତ ହୋଇଥାଏ । ବେଳେ ବେଳେ, ସ୍ୱପ୍ନାବସ୍ଥାରେ, ଯେତେବେଳେ ତୁମେ ଚେତନାର କେତେକ ନିର୍ଦ୍ଦିଷ୍ଟ ଭୂମିର ସଂସ୍ପର୍ଶରେ ଆସୁଥାଅ, ସେତିକବେଳେ ତୁମର ହୁଏତ ଏହିପରି ପ୍ରଗାଢ଼ ସ୍ମରଣମାନ ସମ୍ଭବ ହୋଇପାରେ, ଏହିପରି ସ୍ପନ୍ଦନମୟ ନାନା ବର୍ଣ୍ଣର ସ୍ମରଣ ହୋଇପାରେ, ଅର୍ଥାତ୍, ଏହି ସ୍ଥୂଳଜଗତର ବର୍ଣ୍ଣ ଓ ବସ୍ତୁଗୁଡ଼ିକ ଅପେକ୍ଷା ଅଧିକ ପ୍ରଗାଢ଼ ହୋଇ ପ୍ରକଟ ହୋଇପାରେ । କାରଣ, ଏହି ମୁହୂର୍ତ୍ତଗୁଡ଼ିକ ହେଉଛି ଯଥାର୍ଥ ଚେତନାର ମୁହୂର୍ତ୍ତ ଏବଂ ସେତେବେଳେ ଯାବତୀୟ ବସ୍ତୁ ଏକ ଅସାଧାରଣ ଉଜ୍ଜ୍ୱଳତା ଗ୍ରହଣ କରେ, ସବୁକିଛି ସ୍ପନ୍ଦିତ ହେବାରେ ଲାଗିଥାଏ, ସକଳ ବସ୍ତୁ ଏପରି ଏକ ଗୁଣସମ୍ପଦ ଦ୍ୱାରା ଅନୁପ୍ରାଣିତ ହୋଇ ରହିଥାଏ, ଯାହା କି ସାଧାରଣ ଆଖିରେ ଆଦୌ ଧରାପଡ଼େ ନାହିଁ ।

ଆତ୍ମା ସହିତ ସଂସ୍ପର୍ଶରେ ଆସିବାର ଏହି ମୁହୂର୍ତ୍ତଗୁଡ଼ିକୁ ଆମେ ଏପରି ଗୋଟିଏ ଗୋଟିଏ ମୁହୂର୍ତ୍ତ ବୋଲି ଜାଣିବା, ଯେଉଁଗୁଡ଼ିକ କି ଅନେକ ସମୟରେ ଆମ ଜୀବନର ଏକ ନିର୍ଣ୍ଣାୟକ ମୋଡ଼ ରୂପେ, ଏକ ଅଗ୍ରଗାମୀ ପଦକ୍ଷେପ ରୂପେ ଓ ଚେତନାର କ୍ଷେତ୍ରରେ ଏକ ଅଗ୍ରଗତି ରୂପେ ସଂଘଟିତ ହୋଇଥାଏ ଏବଂ ତାହା ଅଧିକତର କ୍ଷେତ୍ରରେ ଏକ ସଙ୍କଟର ସମକାଳୀନ ହୋଇ ଘଟିଥାଏ, ଏପରି ଏକ ଅତ୍ୟନ୍ତ ସଘନ ମୁହୂର୍ତ୍ତରୂପେ ଆସି ପହଞ୍ଚେ, ଯେତେବେଳେ କି ଆମର ସମଗ୍ର-ସତ୍ତାରେହିଁ ଏକ ଆହ୍ୱାନ ଅନୁଭୂତ ହେଉଥାଏ । ତାହା ଏପରି ଏକ ଶକ୍ତିଶାଳୀ ଆହ୍ୱାନ ରୂପେ ଅନୁଭୂତ ହୁଏ ଯେ, ତାହାଫଳରେ ଅନ୍ତର୍ଗତ ଚେତନା ତାକୁ ଢାଙ୍କିକରି ରଖିଥିବା ଚେତନାର ପରସ୍ତଗୁଡ଼ିକୁ ଭେଦ କରି ବାହାରି ଆସେ ଏବଂ ପୂର୍ଣ୍ଣୋଜ୍ଜ୍ୱଳ ହୋଇ ଉପରିଭାଗରେ ଆସି ପ୍ରକଟିତ ହୋଇଯାଏ । ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଥିବା ସମୟରେ ସତ୍ତାର ସେହି ଆହ୍ୱାନ ହୁଏତ ଏକ ଦିବ୍ୟ ପ୍ରସର୍ଜନକୁ ମଧ୍ୟ ଅବତୀର୍ଣ୍ଣ କରାଇ ଆଣିପାରେ, ଏକ ଦିବ୍ୟ ବ୍ୟକ୍ତିମୟତା ବା ଦିବ୍ୟ ବିଭାବର ଅବତରଣ ଘଟାଇ ପାରେ ଯାହାକି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ତୁମର ବ୍ୟକ୍ତିସତ୍ତା ସହିତ ଆସି ସଂଯୁକ୍ତ ହୁଏ, ଯାହା ଦ୍ୱାରା କି ସିଏ ଏକ ଦକ୍ଷ କାର୍ଯ୍ୟର ସମ୍ପାଦନ କରିପାରେ, ଏକ ସଂଗ୍ରାମରେ ଜୟଲାଭ କରିପାରେ ଅଥବା କୌଣସି ଏକ ବସ୍ତୁର

'oaob.nitrkl.ac.in' images reprocessed

ଅଭିବ୍ୟକ୍ତ ଘଟାଇପାରେ । କାର୍ଯ୍ୟଟି ସମ୍ପନ୍ନ ହୋଇସାରିବା ପରେ ପ୍ରସର୍ଜନଟି ଆପଣାକୁ ଅନେକ ସମୟରେ ପ୍ରତ୍ୟାହାର କରି ନେଇଯାଏ । ତା'ପରେ ସେତେବେଳେ ସତ୍ୟୋଦ୍‌ଘାଟନ ଅଥବା ପ୍ରେରଣାର ସେହି ମୁହୂର୍ତ୍ତଗୁଡ଼ିକୁ ବେଷ୍ଟନ କରି ରହିଥିବା ପରିବେଶଟିର ସ୍ମୃତି ଅବଶେଷ ରହିଯାଏ; ସେହି ଦୃଶ୍ୟଟି ପୁନର୍ବାର ଦୃଷ୍ଟିଗୋଚର ହୁଏ, ପରିହିତ ବସ୍ତ୍ରର ରଙ୍ଗଟି ପୁଣି ଦିଶି ଦିଶି ଯାଉଥାଏ; ନିଜ ଚମର ରଙ୍ଗ ଓ ସେହି ସମୟରେ ଚତୁର୍ଦ୍ଦିଗରେ ଅବସ୍ଥିତ ବସ୍ତୁଗୁଡ଼ିକ ମଧ୍ୟ ଆଉଥରେ ଦୃଶ୍ୟମାନ ହୋଇଆସେ । ସେହିସବୁ ଦୃଶ୍ୟ ଏକ ଅସାଧାରଣ ସଘନତା ସହିତ ସ୍ଥାୟୀ ଭାବରେ ଲାଖି ରହିଯାଏ । କାରଣ ଆମ ସାଧାରଣ ଜୀବନର ବସ୍ତୁଗୁଡ଼ିକ ସେତେବେଳେ ଆପଣାର ଯଥାର୍ଥ ସଘନତା ଏବଂ ଯଥାର୍ଥ ବର୍ଣ୍ଣରେହିଁ ଆପଣାକୁ ପ୍ରକଟିତ କରିଦେଇଥିଲେ । ତୁମ ଭିତରେ ଯେଉଁ ଚେତନା ଆପଣାକୁ ପ୍ରକଟ କରାଇ ଆଣିଥାଏ, ତାହା ଯୁଗପତ୍ ଭାବରେ ବସ୍ତୁଗୁଡ଼ିକ ମଧ୍ୟରେ ରହିଥିବା ଚେତନାକୁ ମଧ୍ୟ ପ୍ରକଟିତ କରାଇ ଦିଏ । ବେଳେ ବେଳେ, ଏହି ଛିଟିକଛାଟି ଘଟନା-ଗୁଡ଼ିକର ସହାୟତାରେ, ତୁମେ ଯେଉଁ ଯୁଗରେ ବାସ କରିଥିଲ ଓ ଯେଉଁ କାର୍ଯ୍ୟଟିକୁ କରିଥିଲ, ତୁମେ ହୁଏତ ତାହାକୁ ପୁନର୍ବାର ଉଚିତ କରି ଆଣିପାର; ତୁମେ ଯେଉଁ ଦେଶରେ ଥିଲ, ସେହି ଦେଶଟିକୁ ଠାବ ମଧ୍ୟ କରିପାର । ମାତ୍ର, ଏକ ରୋମାଣ୍ଟିକ୍ ଭାବପ୍ରବଣତାର ଆଶ୍ରୟ ନେବା ଏବଂ କଳ୍ପନାଟାକୁହିଁ ସତ୍ୟ ବୋଲି ଭ୍ରମ କରିବା ପ୍ରକୃତରେ ଅନେକ ସହଜ ହୋଇ ରହିଥାଏ ।

ତଥାପି, ତୁମେ ଏପରି କଦାପି ବିଶ୍ୱାସ କରିବ ନାହିଁ ଯେ, ଅତୀତ ଜୀବନ-ଗୁଡ଼ିକର ଯାବତୀୟ ସ୍ମୃତି ପ୍ରକୃତରେ କୌଣସି ବୃହତ୍ ସଙ୍କଟକ୍ଷଣ, ମହତ୍ତ୍ୱପୂର୍ଣ୍ଣ ବ୍ରତଗ୍ରହଣ ଅଥବା ସତ୍ୟୋଦ୍‌ଘାଟନର ମୁହୂର୍ତ୍ତରୂପେ କାର୍ଯ୍ୟ କରେ ନାହିଁ । ବେଳେ ବେଳେ ସେଗୁଡ଼ିକ ଅତ୍ୟନ୍ତ ସରଳ ଏବଂ ସ୍ୱଚ୍ଛ ଗୋଟିଏ ଗୋଟିଏ ମୁହୂର୍ତ୍ତ ହୋଇ ରହିଥାନ୍ତି, ଯେତେବେଳେ କି ସତ୍ତାର ଏକ ସମଗ୍ର ଏବଂ ପରିପୂର୍ଣ୍ଣ ସୌଷମ୍ୟାବସ୍ଥା ମଧ୍ୟ ସଂଘଟିତ ହୋଇଥାଏ । ଏବଂ ସେହି ସମୟରେ ଏକ ଅତ୍ୟନ୍ତ ତାତ୍ପର୍ଯ୍ୟହୀନ ବାହ୍ୟ ପରିସ୍ଥିତି ମଧ୍ୟ ବିଦ୍ୟମାନ ଥାଇପାରେ ।

ସେହି ସମୟରେ ତୁମର ତାତ୍କାଳିକ ପରିବେଷ୍ଟନୀଟି ମଧ୍ୟରେ ଯେଉଁ ବସ୍ତୁମାନେ ଉପସ୍ଥିତ ଥାଆନ୍ତି, ତୁମ ଚୈତ୍ୟ ସତ୍ତା ସହିତ ସମ୍ପର୍କ ଲାଭ କରିବାର ସେହି ଯେଉଁ ମୁହୂର୍ତ୍ତଟି ରହିଥାଏ, ତାହାକୁ ଛାଡ଼ିଦେଲେ ଆଉ ଅନ୍ୟ କିଛିହେଲେ ଅବଶେଷ ରହେ ନାହିଁ । ସେହି ଭାଗ୍ୟବନ୍ତ କ୍ଷଣଟି ଅତିକ୍ରାନ୍ତ ହୋଇଗଲେ, ଚୈତ୍ୟ ସତ୍ତା ଏକ ଅନ୍ତର୍ଗତ ନିଦ୍ରାବସ୍ଥା ମଧ୍ୟକୁ ନିମଗ୍ନ ହୋଇ ଚାଲିଯାଏ ଏବଂ ସମୁଦାୟ ବହିଃସ୍ଥ ଜୀବନଟି ଏପରି ଏକ ଧୂସର ବୈଚିତ୍ର୍ୟହୀନତା ମଧ୍ୟରେ

'oaob.nitrkl.ac.in' images reprocessed

ମିଳାଇଯାଏ, ଯାହାର କି ଆଦୌ କୌଣସି ଚିହ୍ନ ଅବଶେଷ ରହେ ନାହିଁ । ପୁନଶ୍ଚ, ବର୍ତ୍ତମାନ ତୁମେ ବାସ କରୁଥିବା ଜୀବନଟିର ଧାରାରେ ଯାହାସବୁ ଘଟିଥାଏ, ଏଇଟିକୁ ପ୍ରାୟ ସେହିପରି ଏକ ଘଟନା ବୋଲି ମଧ୍ୟ କୁହାଯିବ : ସେହି ବିଶେଷ ବ୍ୟତିକ୍ରମସଦୃଶ କେତୋଟି ମୁହୂର୍ତ୍ତକୁ ଛାଡ଼ିଦେଲେ, ଯେତେବେଳେ କି ତୁମେ ନିଜ ସତ୍ତାର — ମନୋଗତ, ପ୍ରାଣିକ ଅଥବା ଏପରିକି ଭୌତିକ ସତ୍ତାର — ଶିଖର ଦେଶରେ ଯାଇ ରହିଥାଅ, ତୁମ ଜୀବନର ଅବଶିଷ୍ଟ ସମୁଦାୟ ଭାଗଟି ଏପରି ଗୋଟିଏ ପ୍ରକାରର ଉଦାସୀନ ରଙ୍ଗ ଭିତରକୁ ମିଳେଇ ଯାଇଥିବା ପରି ପ୍ରତୀତ ହୋଇଥାଏ, ଯାହା ଭିତରେ କି ଆଦୌ କୌଣସି ବୃହତ୍ ଆଗ୍ରହ ନ ଥାଏ,— ତୁମେ ଅନ୍ୟ ଏକ ସ୍ଥାନରେ ନ ରହି ତୁମେ ଏହିପରି ଏକ ସ୍ଥାନରେ ଯେ ରହିଥିଲ, ତୁମେ ଏକାର୍ଯ୍ୟଟିକୁ କରିଥିଲ ଅଥବା ସେହି ଅନ୍ୟ କାର୍ଯ୍ୟଟିକୁ କରିଥିଲ, ସେତେ-ବେଳେ ତାହାର ଆଦୌ କୌଣସି ମହତ୍ତ୍ୱ ନ ଥାଏ । ନିଜ ଜୀବନର ପଛରେ ଛାଡ଼ି ଆସିଥିବା କୋଡ଼ିଏ ବା ତିରିଶି ବର୍ଷର ଅବଧି ଉପରେ ଦୃଷ୍ଟିପାତ କରି ସତେ ଅବା ତାହା ମଧ୍ୟରେ ରହିଥିବା ସାରଟିକୁ ସଂଗ୍ରହ କରିବ ବୋଲି ଯଦି ତୁମେ ଏକା ବେଳେକେ ତାହାକୁ ସମ୍ପୂର୍ଣ୍ଣ ଭାବରେ ଅବଲୋକନ କରିବାକୁ ମନ କରିବ, ତେବେ ତୁମେ ତା' ଭିତରେ ଅତ୍ୟନ୍ତ ସ୍ୱତଃପ୍ରେରିତ ଭାବରେ ହୁଏତ କେବଳ ଦୁଇ ବା ତିନିଗୋଟି ଛବି ଉତ୍ତୋଳିତ ହୋଇ ଆସୁଥିବାର ଦେଖି ପାରିବ, ଯେଉଁଗୁଡ଼ିକ କି ତୁମ ଜୀବନର ପ୍ରକୃତ କେତୋଟି ମୁହୂର୍ତ୍ତ ହୋଇ ରହିଥିଲେ, — ବାକୀ ସବୁକିଛୁ କୁଆଡ଼େ ଲୁକ୍କାୟିତ ହୋଇ ରହିଥିବ । ଏକ ପ୍ରକାରର ସ୍ୱତଃସ୍ଫୂର୍ତ୍ତ ନିର୍ବାଚନ ତୁମର ଚେତନା ମଧ୍ୟରେ କାର୍ଯ୍ୟ କରିବାକୁ ଆରମ୍ଭ କଲେ ତୁମ ଜୀବନର ଏକ ବୃହତ୍ ଅଂଶ ଅବଶ୍ୟ ବିଲୁପ୍ତ ହୋଇ ରହିଯିବ । ତୁମର ଅତୀତ ଜୀବନଗୁଡ଼ିକର କ୍ଷେତ୍ରରେ ଯେ ପ୍ରକୃତରେ କ'ଣ ଘଟେ, ତୁମକୁ ଏଥିରୁ ନିଶ୍ଚୟ କିଛିଟା ଧାରଣା ମିଳିଯିବ । ତୁମେ ବାଛି ବାଛି କେବଳ ଅଳ୍ପ କେତୋଟି ବିଶେଷ ମୁହୂର୍ତ୍ତକୁ ମନେ କରିପାରିବ ଓ ଆଉ ଏକ ବିପୁଳ କ୍ଷେତ୍ର ବିଲୁପ୍ତ ହୋଇ ରହିଥିବ ।

ଏକଥା ଏକାନ୍ତ ସତ୍ୟ ଯେ ସର୍ବ ପ୍ରଥମ ଜୀବନଗୁଡ଼ିକ ଅତ୍ୟନ୍ତ ପରିମାଣରେ ଅଳ୍ପବିକଶିତ ହୋଇ ରହିଥିଲେ । ସେଥିରୁ ଖୁବ୍ ଅଳ୍ପ ସଂଖ୍ୟକ ବସ୍ତୁ ସ୍ଥାୟୀ ହୋଇ ରହି ପାରିଲେ, ପରସ୍ପରଠାରୁ ଦୀର୍ଘ ଅନ୍ତର ରଖି ଅଳ୍ପ କେତୋଟି ବିକ୍ଷିପ୍ତ ସ୍ମୃତି ହିଁ ଅବଶେଷ ରହିଲେ । ମାତ୍ର, ଚେତନାର କ୍ଷେତ୍ରରେ ତୁମେ ଯେତେ ଅଧିକ ଅଗ୍ରଗତି କରିପାରିବ, ତୁମର ଚୈତ୍ୟସତ୍ତା ସଚେତନ ଭାବରେ ତୁମର ବାହ୍ୟ କାର୍ଯ୍ୟକ୍ଷେତ୍ରଟି ସହିତ ମଧ୍ୟ ସଂଯୁକ୍ତ ହୋଇ ରହି ପାରିବ; ସ୍ମୃତିଗୁଡ଼ିକର ସଂଖ୍ୟା ମଧ୍ୟ ଅଧିକ ହେଉଥିବ ଓ ସେଗୁଡ଼ିକରେ ଅପେକ୍ଷାକୃତ ଅଧିକ ସଂଗତି ଏବଂ ନିର୍ଦ୍ଦିଷ୍ଟତା ମଧ୍ୟ ଆସୁଥିବ । ମାତ୍ର ତଥାପି, ଏହି କ୍ଷେତ୍ରରେ ମଧ୍ୟ, ଯେଉଁ ସ୍ମୃତି ଅବଶେଷ



'oaob.nitrkl.ac.in' images reprocessed

ରହିଯାଏ, ତାହା ହେଉଛି ଆତ୍ମା ସହିତ ସମ୍ପର୍କ ଘଟିଥିବାରହିଁ ଏକ ସ୍ମୃତି ଏବଂ ବେଳେବେଳେ, ବୈଚିତ୍ର୍ୟ ସଂତ୍ୟାଦ୍‌ଘାଟନଟି ସହିତ ଯେଉଁସବୁ ବସ୍ତୁ ସମ୍ବନ୍ଧିତ ହୋଇ ରହିଥିଲେ, ସେହିଗୁଡ଼ିକର ସ୍ମୃତି । ସମାଜରେ ତୁମର କଉଳ ସ୍ଥାନ ଥିଲା ବା ତୁମର ଚତୁର୍ଦ୍ଦିଗରେ ଯେଉଁସବୁ ଦୃଶ୍ୟ ଘନଘନ ପରିବର୍ତ୍ତିତ ହୋଇ ଯାଉଛି, ସେଗୁଡ଼ିକରୁ ଆଦୌ କିଛି ମନେ ରହିବ ନାହିଁ । ଏବଂ, ଗତ ଜନ୍ମରେ ପଶୁର ଜୀବନ ଧାରଣ-କରିଥିବାର ତଥାକଥିତ ସ୍ମୃତିଗୁଡ଼ିକ କାହିଁକି କେବଳ ଅଳୀକ କଳ୍ପନାଗୁଡ଼ିକ ଦ୍ୱାରା ଆବୃତ ହୋଇ ରହିଥାଏ, ତୁମକୁ ଏଥିରୁ ତାହାର ଏକ ବ୍ୟାଖ୍ୟା ମିଳିଯାଇ ପାରିବ । ସେମାନଙ୍କ ଭିତରେ ଥିବା ଦିବ୍ୟ ସ୍ଫୁଲିଙ୍ଗଟି ଏତେ ତଳେ ଏପରି ଗଭୀର ଭିତରେ ଯାଇ ପୋତି ହୋଇ ରହିଛି ଯେ, ତାହା ଆଉ ସଚେତନ ଭାବରେ ଉପରିଭାଗକୁ ଆଦୌ ଆସି ପାରୁ ନାହିଁ ଏବଂ ବହିଃସ୍ଥ ଜୀବନ ସହିତ ଆପଣାକୁ ଆଦୌ ସମ୍ବନ୍ଧିତ କରି ପାରୁ ନାହିଁ । ତେଣୁ ଆମକୁ ସଂପୂର୍ଣ୍ଣ ଭାବରେ ସଚେତନ ହେବାକୁ ପଡ଼ିବ, ଆପଣା ସତ୍ତାର ସକଳ ଭାଗରେ ସଚେତନ ହେବାକୁ ପଡ଼ିବ, ନିଜର ଦିବ୍ୟ ଉପସ୍ଥିତି ସହିତ ସଂପୂର୍ଣ୍ଣ ଭାବରେ ଏକତ୍ରବଦ୍ଧ ହୋଇ ରହିବାକୁ ପଡ଼ିବ; ତେବେଯାଇ ନିଜର ଅତୀତ ଜୀବନଗୁଡ଼ିକର କଥା ସ୍ମରଣ କରିବା ସମ୍ଭବ ହେଉଛି ବୋଲି ଯଥାର୍ଥ ଭାବରେ କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

୧୯୪୮ (୨)

## ଅନ୍ତର୍ଗତ ଉପଲବ୍ଧି,—ତାହାହିଁ ବାହ୍ୟ ଉପଲବ୍ଧି ପାଇଁ ଚାବି

ମୋ’ପାଖରେ ରହିଥିବା ବ୍ୟକ୍ତିମାନଙ୍କୁ ଯେତେବେଳେ ପ୍ରତିକୂଳ ଶକ୍ତିମାନେ ଆକ୍ରମଣ କରିବାକୁ ଇଚ୍ଛା କରୁଥାନ୍ତି ଏବଂ ଯେତେବେଳେ ସେମାନେ ସେହି ବ୍ୟକ୍ତିମାନଙ୍କୁ ମୁକ୍ତଭାବରେ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟର ପରିପନ୍ଥୀରେ ପରିଣତ କରିବାରେ ସଫଳ ହୋଇ ପାରନ୍ତି ନାହିଁ ବା ବ୍ୟକ୍ତିଗତ ଭାବରେ ମୋ’ ବିରୁଦ୍ଧରେ ମଧ୍ୟ ମତାଇଦେଇ ପାରନ୍ତି ନାହିଁ, ସେତେବେଳେ ସେମାନେ ପ୍ରାୟ ଏକାଭଳି ତାହାର ପରବର୍ତ୍ତୀ ପଦକ୍ଷେପଟିକୁ ଗ୍ରହଣ କରିଥାନ୍ତି ଏବଂ ସେହି ଗୋଟିଏ ଯୁକ୍ତିକୁହିଁ ଆଣି ବାଢ଼ିଥାନ୍ତି : ସେମାନେ କହନ୍ତି, “ତୁମର ଯେତେ ଇଚ୍ଛା ସେତେ ପରିମାଣରେ ତୁମେ ଯାବତୀୟ ଅନ୍ତର୍ଗତ ଉପଲବ୍ଧିକୁ, ଏହି ଆଶ୍ରମର ଚାରିକାନ୍ଥ ଭିତରେ ସମ୍ଭବ ହେଉଥିବା ସବୁଠାରୁ ଚମତ୍କାର ଯାବତୀୟ ଅନୁଭୂତିକୁ ହାସଲ କରୁଥାଅ ପଛକେ, ମାତ୍ର ବାହ୍ୟ ଭୂମିରେ ତୁମମାନଙ୍କର ଜୀବନ କେବଳ ନଷ୍ଟ ଓ ବରବାଦ ହୋଇ ଯାଉଛି। ତୁମମାନଙ୍କର ଅନ୍ତର୍ଗତ ଅନୁଭବ ଏବଂ ପୃଥିବୀ ମଞ୍ଚରେ ତୁମମାନଙ୍କର ମୂର୍ତ୍ତ ଉପଲବ୍ଧି ମଧ୍ୟରେ ଏପରି ଏକ ଗର୍ତ୍ତ ବା ବ୍ୟବଧାନ ରହିଛି, ଯାହାକୁ କି ତୁମେମାନେ କେବେହେଲେ ପୂର୍ଣ୍ଣ କରି ପାରିବ ନାହିଁ।”

ପ୍ରତିକୂଳ ଶକ୍ତିମାନେ ଏହାକୁ ସେମାନଙ୍କର ଏକ ନମ୍ବର ଯୁକ୍ତିରୂପେ ବ୍ୟବହାର କରିଥାନ୍ତି। ଲକ୍ଷ ଲକ୍ଷ ବର୍ଷ ହେଲା ମୁଁ ସେହି କଥାଟିର ପୁନରାବୃତ୍ତି କରାଯାଉଥିବାର ଶୁଣି ଆସୁଛି ଏବଂ ଯେତେଥର ଶୁଣିଛି, ସେତେଥର ତାହାର ମୁଖାକୁ ଖୋଲି ବାହାର କରି ଦେଇଛି। ଏହା ଏକ ମିଥ୍ୟା,—ଏହାହିଁ ଏକମାତ୍ର ମିଥ୍ୟା। ଯାହାକିଛି ପୃଥିବୀ ଏବଂ ପରମ ଚିତ୍‌ସତ୍ତା ମଧ୍ୟରେ ଏକ ବିଚ୍ଛେଦର ପ୍ରତିଷ୍ଠା କରିବା ଲାଗି କୌଣସି ପ୍ରବୃତ୍ତିର ପ୍ରଦର୍ଶନ କରିଥାଏ, ତାହା ପ୍ରତିକୂଳ ଶକ୍ତିମାନଙ୍କ ଲାଗି ଅତ୍ୟନ୍ତ ସହାୟକ ହୁଏ ; ଅନ୍ତର୍ଗତ ଅନୁଭୂତିକୁ ଯାହାକିଛି ପୃଥିବୀରେ ଦିବ୍ୟ ଉପଲବ୍ଧିଠାରୁ ଅଲଗା କରି ରଖିବାକୁ ଉଦ୍ୟମ କରେ, ତାହା ସେହି ପ୍ରତିକୂଳ ଶକ୍ତିମାନଙ୍କୁହିଁ ଭଲ ସୁହାଏ। ମାତ୍ର ଅସଲ ସତ୍ୟଟି ଠିକ୍ ଏହାର ବିପରୀତ ;

'oaob.nitrkl.ac.in' images reprocessed

ଅନ୍ତରସ୍ଥ ଉପଲବ୍ଧି ହିଁ ବାହ୍ୟ ଉପଲବ୍ଧି ଲାଗି ଗୃହ ପରି କାର୍ଯ୍ୟ କରିଥାଏ । ଯେତେବେଳ ପର୍ଯ୍ୟନ୍ତ ତୁମେ ନିଜ ସତ୍ତାର ସତ୍ୟଟି ଉପରେ ଅଧିକାରତ୍ୱ ଅର୍ଜନ କରି ନ ପାରିଛ, ସେତେବେଳଯାଏ ତୁମେ କିପରି ସେହି ଯଥାର୍ଥ ବସ୍ତୁଟିକୁ ଜାଣି ମଧ୍ୟ ପାରିବ, ଯାହାକୁ କି ତୁମକୁ ଏହି ପୃଥିବୀପୃଷ୍ଠରେ ଉପଲବ୍ଧି କରିବାକୁ ହେବ ?

'oaob.nitrkl.ac.in' images reprocessed

## ୩୦ ମଇ ୧୯୫୮

### ଅଦ୍ୱବ୍ୟ

ମୁଁ ଗୋଟିଏ କଥା ଲକ୍ଷ୍ୟ କରି ଦେଖିଛି ଯେ, ଶହେରୁ ଅନେଶତ କ୍ଷେତ୍ରରେ ଲୋକମାନେ ଏହାକୁ (ପ୍ରତିକୂଳ ଶକ୍ତିମାନଙ୍କର ଆକ୍ରମଣକୁ) ନିଜ ସକାଶେ ଏକ ସହଜ କୈଫିୟତ୍ ରୂପେ ବ୍ୟବହାର କରିଥାନ୍ତି । ମୁଁ ଏକଥା ମଧ୍ୟ ଦେଖିଛି ଯେ, ଯେଉଁମାନେ ମୋ' ପାଖକୁ "ପ୍ରତିକୂଳ ଶକ୍ତିମାନେ ମୋତେ ଅତ୍ୟନ୍ତ ତୀବ୍ର ଭାବରେ ଆକ୍ରମଣ କରୁଛନ୍ତି" ବୋଲି ଲେଖନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଏହାକୁ ଏକ କୈଫିୟତ୍ ରୂପେ ଆଣି ବାଢ଼ି ଦେଇଥାନ୍ତି । ତାହାର କାରଣ ହେଉଛି ଯେ, ସେମାନଙ୍କର ସ୍ୱଭାବ ମଧ୍ୟରେ ଏପରି ଅନେକ ବସ୍ତୁ ରହିଥାଏ, ଯାହାକି ଆଦୌ ଆପଣାର ସମର୍ପଣ ଇଚ୍ଛା କରୁ ନ ଥାଏ; ତେଣୁ ସେମାନେ ସକଳ ଅପବାଦକୁ ନେଇ ପ୍ରତିକୂଳ ଶକ୍ତିମାନଙ୍କର ମୁଣ୍ଡରେ ଢାଳି ଦେଇଥାନ୍ତି ।

ପ୍ରକୃତ କଥା ହେଉଛି, ମୁଁ ଅଧିକରୁ ଅଧିକ ପରିମାଣରେ ଏପରି ଗୋଟିଏ ବସ୍ତୁ ଆଡ଼କୁ ଅଗ୍ରସର ହେଉଛି, ଯେଉଁଠାରେ କି ପ୍ରତିକୂଳ ଶକ୍ତିମାନଙ୍କର ଭୂମିକା କେବଳ ଜଣେ ପରୀକ୍ଷକର ଭୂମିକାରେହିଁ ପର୍ଯ୍ୟବସିତ ହୋଇ ରହିବ । ଅର୍ଥାତ୍, ସେମାନେ କେବଳ ତୁମକୁ ଆଧ୍ୟାତ୍ମିକ ଅନୁଧାବନ ଏବଂ ଅନ୍ୱେଷଣର ଆନ୍ତରିକତାକୁ ପରୀକ୍ଷା କରିବା ସକାଶେହିଁ ରହିଥିବେ । ଏହି ବସ୍ତୁଗୁଡ଼ିକର ନିମ୍ନାର ଭୂମିରେ ଏବଂ କାର୍ଯ୍ୟଟି ସକାଶେ ଅବଶ୍ୟ ଏକ ସତ୍ୟ ରହିଛି—ଏବଂ, ଏହାକୁ ଏକ ବୃହତ୍ ସତ୍ୟ ବୋଲି ମଧ୍ୟ କୁହାଯିବ,—ମାତ୍ର, ଯେତେବେଳେ ତୁମେ ଏକ ନିର୍ଦ୍ଦିଷ୍ଟ ଆସ୍ଥୂତନକୁ ଝପି ଯେତେବେଳେ ଆହୁରି ସେପାଖକୁ ଚାଲିଯାଇ ପାରିବ, ସେତେବେଳେ ସେସବୁ ମଧ୍ୟ ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚିବ, ଯେଉଁଠାରେ କି ତାହାକୁ ଆଉ ଏପରି ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ ମୋଟେ ବାରି ହେବ ନାହିଁ । ଗୂଢ଼ବିଦ୍ୟାର ଜଗତରେ, ଅଥବା, ଯେତେବେଳେ ତୁମେ ଗୂଢ଼ବିଦ୍ୟାର ଦୃଷ୍ଟିରୁ ଜଗତ ଆଡ଼କୁ ଅନାଇ ଦେଖିବ, ସେତେବେଳେ ଏହି ପ୍ରତିକୂଳ ଶକ୍ତିମାନେ ଅତ୍ୟନ୍ତ ବାସ୍ତବ ହୋଇ ରହିଥିବାର ଦୃଷ୍ଟିଗୋଚର ହେବେ, ସେମାନଙ୍କର କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ବାସ୍ତବ ହୋଇ ରହିଥିବ, ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତି ହୋଇ ରହିଥିବ ଏବଂ ଦିବ୍ୟ ଉପଲବ୍ଧି ପ୍ରତି ସେମାନଙ୍କର ମନୋବୃତ୍ତି ମଧ୍ୟ ସୁନିଶ୍ଚିତ ଭାବରେ ପ୍ରତିକୂଳ

'oaob.nitrkl.ac.in' images reprocessed

ହୋଇ ରହିଥିବ । ମାତ୍ର ତୁମେ ଯେମିତ ଏହି ଆସ୍ତୃତନଟିକୁ ପାର ହୋଇ ଆହୁରି ସେପାଖକୁ ଚାଲିଯିବ ଏବଂ ସେହି ଆଧ୍ୟାତ୍ମିକ ଜଗତରେ ଯାଇ ପ୍ରବେଶ କରିବ ଯେଉଁଠାରେ କି କେବଳ ପରମ ଦିବ୍ୟସତ୍ତାଙ୍କ ବ୍ୟତୀତ ଆଉ କେଉଁଠି ହେଲେ କିଛି ନ ଥିବ,—ସେଠାରେ ସେହି ପରମ ଦିବ୍ୟସତ୍ତାହିଁ ସବୁକିଛି ହୋଇ ରହିଥିବେ ଏବଂ ଅଦିବ୍ୟ ବୋଲି ଆଦୌ କିଛି ନ ଥିବ,—ସେତେବେଳେ ଏହି "ପ୍ରତିକୂଳ ଶକ୍ତି-ମାନେ" ମଧ୍ୟ ସମଗ୍ର ଲୀଳାଟି ମଧ୍ୟରେ ଏକ ଅଂଶରୂପେ ଆବିର୍ଭୂତ ହେବେ ଏବଂ ତା'ପରେ ସେମାନଙ୍କୁ ଆଉ ପ୍ରତିକୂଳ ଶକ୍ତି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ସେଠାରେ ସେମାନେ କେବଳ ଏକ ଭୂମିକା ଗ୍ରହଣ କରିଥିବେ; ଆହୁରି ଅଧିକ ନିର୍ଦ୍ଦିଷ୍ଟ ଭାବରେ କହିଲେ, ଦିବ୍ୟ ପରମସତ୍ତାହିଁ ଆପଣାର ଲୀଳା ମଧ୍ୟରେ ସ୍ୱୟଂ ସେହି ଭୂମିକାଟିକୁ ଗ୍ରହଣ କରିଥିବେ ।

'ଯୋଗ-ସମନ୍ୱୟ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ଯେଉଁ ଦ୍ୱିବିଧତାଗୁଡ଼ିକର କଥା କହିଛନ୍ତି, ଏଇଟି ମଧ୍ୟ ତାହାରି ଗୋଟିଏ ଅଂଶ; ଏହି ଦ୍ୱିବିଧତାଗୁଡ଼ିକୁ ପୁନର୍ବାର ଆପଣା ମଧ୍ୟକୁ ଆକର୍ଷିତ କରି ନିଆଯାଏ । ନିର୍ଦ୍ଦିଷ୍ଟ କରି ସେ ଏଇଟି ବିଷୟରେ ମଧ୍ୟ କହିଛନ୍ତି କି ନାହିଁ, — କହିଛନ୍ତି ବୋଲି ମୋର ମନେ ହେଉ ନାହିଁ, — ସେ କଥା ମୁଁ ଜାଣେ ନାହିଁ । ମାତ୍ର ତଦ୍ୱାରା ଆଦୌ କୌଣସି ଫରକ ହୋଇଯିବ ନାହିଁ । ଏହା ହେଉଛି କେବଳ ଅବଲୋକନର ଏକ ପ୍ରଣାଳୀ । ସିଏ ବ୍ୟକ୍ତିଗତ-ନୈର୍ବ୍ୟକ୍ତିକ, ଈଶ୍ୱର-ଶକ୍ତି ଓ ପୁରୁଷ-ପ୍ରକୃତି ପ୍ରଭୃତି ଦ୍ୱିବିଧତାର କଥା କହିଛନ୍ତି । ଏଗୁଡ଼ିକ ବ୍ୟତୀତ ଅଉ ଗୋଟିଏ ମଧ୍ୟ ରହିଛି : ତାହା ହେଉଛି, ଦିବ୍ୟ ଓ ଅଦିବ୍ୟ ।

'oaob.nitrkl.ac.in' images reprocessed

## ୧୯ ଜୁଲାଇ ୧୯୫୮

# ଫଳଟିକୁ ଆହାର କରିବା

ଫଳଟି ଆଗ ଗଛରେ ପାଚିବ; ଯେତେବେଳେ ତା'ଉପରେ ସୂର୍ଯ୍ୟର କିରଣ ପଡ଼ିଥିବ, ସେତେବେଳେ ତାକୁ ଗଛରୁ ତୋଳି ଆଣିବାକୁ ହେବ । ଠିକ୍ ସୂର୍ଯ୍ୟକିରଣ ଯେତେବେଳେ ତା'ଉପରେ ପଡ଼ିଥିବ, ତୁମେ ସେତେବେଳେ ଆସିବ, ତାହାକୁ ତୋଳିବ ଏବଂ ପାଟିରେ କାମୁଡ଼ି ଖାଇବ । ତେବେ ତାହା ଠିକ୍ ଏକ ସ୍ୱର୍ଗର ଫଳ ପରି ସ୍ୱାଦପୂର୍ଣ୍ଣ ବୋଧହେବ ।

ଏପରି ଫଳ ଦୁଇଟି ରହିଛି : ଗୋଟିଏ ହେଉଛି ପିଚ୍, ଓ ଆଉଗୋଟିଏ ହେଉଛି ଗ୍ରୀନ୍‌ଗେଜ୍ କୋଳି । ଦୁଇଟିଯାକର କ୍ଷେତ୍ରରେ ସେଇ ଗୋଟିଏ କଥା : ସେଗୁଡ଼ିକ ଉଷ୍ମ ଥିବାବେଳେ ତୁମେ ସେଗୁଡ଼ିକୁ ଗଛରୁ ତୋଳିବ, କାମୁଡ଼ି କରି ଖାଇବ ଓ ତୁମେ ସ୍ୱର୍ଗର ସ୍ୱାଦୁ ଲାଭକରି ପାରିବ ।

ପ୍ରତ୍ୟେକ ଫଳକୁ ଏକ ବିଶେଷ ଢଙ୍ଗରେ ଖାଇବାକୁ ହୁଏ ।

ମୂଳତଃ, ଆମେ ଏହାକୁ ଭୂପୃଷ୍ଠର ସ୍ୱର୍ଗ ରାଜ୍ୟ ଏବଂ ଜ୍ଞାନ-ବୃକ୍ଷର ପ୍ରତୀକ ବୋଲି ଜାଣିବା । ଜ୍ଞାନର ଫଳ ଆହାର କରିବା ଦ୍ୱାରା ତୁମର ଆଉ ସ୍ୱତଃସ୍ଫୂର୍ତ୍ତି ଭାବରେ ଯଥେଚ୍ଛା-ଗମନର କୌଣସି ସ୍ୱାଧୀନତା ରହେ ନାହିଁ ଏବଂ ତା'ପରେ ତୁମେ ସବୁକିଛିକୁ ଏକ ମୂର୍ତ୍ତିରୂପ ପ୍ରଦାନ କର, ଶିକ୍ଷା କରିବାକୁ ଓ ଆଲୋଚନା କରିବାକୁ ଆରମ୍ଭ କର । ଏହିପରି ଭାବରେ, ସେମାନେ ଫଳଟିକୁ ଖାଆନ୍ତି ଏବଂ ପାପରେ ପୂର୍ଣ୍ଣ ହୁଅନ୍ତି ।

ମୁଁ କହୁଛି ଯେ ପ୍ରତ୍ୟେକ ଫଳକୁ ତାହାର ନିଜ ଢଙ୍ଗରେହିଁ ଖାଇବା ଉଚିତ । ଆପଣାର ନିଜ ସ୍ୱଭାବ ଓ ନିଜ ସତ୍ୟଟି ଅନୁସାରେ ଜୀବନ ବଞ୍ଚିଥିବା କୌଣସି ସତ୍ତାର ବସ୍ତୁଗୁଡ଼ିକୁ ବ୍ୟବହାର କରିବାର ରୀତିଟିକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ଆବିଷ୍କାର କରିପାରିବା ଉଚିତ । ଯେତେବେଳେ ତୁମେ ଆପଣା ସତ୍ତାର ସତ୍ୟଟି ଅନୁସାରେ ନିଜର ଜୀବନଟିକୁ ବଞ୍ଚୁଛ, ସେତେବେଳେ ତୁମର ଆଉ କୌଣସି କଥା ଶିକ୍ଷା କରିବାକୁ ନାହିଁ, ତୁମେ ସବୁକିଛିକୁ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ କରିପାରୁଛ, ତୁମ ଅନ୍ତର୍ଗତ ବିଧାନଟି ଅନୁସାରେ ସବୁକିଛି କରୁଛ ।

'oaob.nitrkl.ac.in' images reprocessed

ଯେତେବେଳେ ତୁମେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏବଂ ନିଷ୍ଠାର ସହିତ ନିଜର ସ୍ୱଭାବଟିକୁହିଁ ଅନୁସରଣ କରୁଛ, ସେତେବେଳେ ତୁମେ ଦିବ୍ୟ ହୋଇ ରହିଛ । ଯେଉଁ ମୁହୂର୍ତ୍ତରେ ଚିନ୍ତା କରିବାକୁ ଆରମ୍ଭ କରୁଛ, ନିଜକୁ କିଛି କରିବାକୁ ଯାଉଥିବାର ଅବଲୋକନ କରି ପାରୁଛ ଓ ଆଲୋଚନା କରିବାରେ ଲାଗି ଯାଉଛ, ସେତେବେଳେ ପାପରେ ପୂର୍ଣ୍ଣ ହୋଇ ଯାଉଛ ।

ମନୁଷ୍ୟର ମନସ୍ତତ୍ତ୍ୱୀୟ ଚେତନାହିଁ ସମୁଦାୟ ପ୍ରକୃତିକୁ ପାପସମ୍ବନ୍ଧୀ ଏକ ବୋଧ ଦ୍ୱାରା ପୂର୍ଣ୍ଣ କରି ରଖିଛି, ସିଏ ଘଟାଉଥିବା ଯାବତୀୟ ଦୁଃଖ ଓ ଦୈନ୍ୟ ଦ୍ୱାରା ପୂର୍ଣ୍ଣ କରି ରଖିଛି । ଆମ ପରି ଇତର ପ୍ରାଣୀମାନେ ଆଦୌ ଦୁଃଖୀ ହୋଇ ପାରନ୍ତି ନାହିଁ, ସେମାନେ ଆଦୌ କୌଣସି ଦୁଃଖ ଅନୁଭବ କରନ୍ତି ନାହିଁ । କେବଳ, ଶ୍ରୀଅରବିନ୍ଦ ଯେପରି କହିଛନ୍ତି, ମନୁଷ୍ୟର ସଂସର୍ଗକୁ ଆସି ବିଗିଡ଼ି ଯାଇଥିବା ଇତର ପ୍ରାଣୀମାନେହିଁ ଦୁଃଖ ଅନୁଭବ କରନ୍ତି । ବିଗିଡ଼ି ଯାଇଥିବା ଏହି ପ୍ରାଣୀ-ମାନେ ମନୁଷ୍ୟ ସହିତ ବାସ କରୁଥାନ୍ତି । କୁକୁରମାନଙ୍କର ପାପବୋଧ ଓ ଅପରାଧ-ବୋଧ ରହିଥାଏ । କାରଣ, ମନୁଷ୍ୟ ପରି ହେବା ଲାଗିହିଁ ସେମାନଙ୍କର ସମସ୍ତ ଅଭୀପ୍ସା ଉଦ୍ଦିଷ୍ଟ ହୋଇ ରହିଥାଏ । ମନୁଷ୍ୟ ସେମାନଙ୍କ ଲାଗି ଦେବତା ରହିଥାଏ । ସେଇଥିରୁ କପଟକାରିତା ଜନ୍ମଲାଭ କରେ, ମିଥ୍ୟା ଜନ୍ମଲାଭ କରେ । କୁକୁରମାନେ ପ୍ରକୃତରେ ମିଛ କହନ୍ତି । ମନୁଷ୍ୟମାନେ ସେମାନଙ୍କର ମିଛ କହିବାର ପ୍ରଶଂସା କରନ୍ତି । "କୁକୁରମାନେ କେଡ଼େ ବୁଦ୍ଧିମାନ୍"—ବୋଲି ସେମାନେ ଖୁବ୍ ତାରିଫ୍ କରି କହିଥାନ୍ତି ।

ସେମାନେ ଆପଣାର ଦିବ୍ୟତାକୁ ହରାଇ ବସିଥାନ୍ତି ।

ଆଧ୍ୟାତ୍ମିକ ବିବର୍ତ୍ତନର ଆରୋହୀ କୁଣ୍ଡଳୀଟି ମଧ୍ୟରେ ମନୁଷ୍ୟପ୍ରାଣୀ ପ୍ରକୃତରେ ଏପରି ଗୋଟିଏ ବିନ୍ଦୁରେ ଆସି ଦଣ୍ଡାୟମାନ ହୋଇଛି, ଯାହାକୁ କି କଦାପି ସୁନ୍ଦର ବୋଲି କୁହାଯିବ ନାହିଁ ।

> ମାତ୍ର, ସେହି କୁଣ୍ଡଳୀ ମଧ୍ୟରେ ଗୋଟିଏ କୁକୁରକୁ ଗୋଟିଏ ବାଘଠାରୁ ପ୍ରକୃତରେ ଅଧିକ ସଚେତନ, ଅଧିକ ବିକଶିତ ଏବଂ ଅଧିକ ଉଚ୍ଚ ବୋଲି କୁହାଯିବ ନାହିଁ କି ?

ଏଠାରେ ସଚେତନ ହେବା ବିଷୟରେ କୌଣସି ଆଲୋଚନା ହେଉ ନାହିଁ । ବିବର୍ତ୍ତନର ସିଡ଼ିରେ ମନୁଷ୍ୟ ବାଘଠାରୁ ଅଧିକ ଉଚ୍ଚରେ ରହିଛି,— ସେଥିରେ ଲେଶମାତ୍ର ସନ୍ଦେହ ନାହିଁ । ମାତ୍ର ବାଘକୁ ମନୁଷ୍ୟଠାରୁ ଅଧିକ ଦିବ୍ୟ

'oaob.nitrkl.ac.in' images reprocessed

ବୋଲି ବୁଝାଯିବ । ତୁମେ କଥାଗୁଡ଼ିକୁ ଏକାଠି ମିଶାଇ ଗୋଳମାଳ କରିଦିଅ ନାହିଁ, ଦୁଇଟିଯାକ ବସ୍ତୁ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ଦେଖ, ଦିବ୍ୟ ପରମସତ୍ତା ସବୁଠାରେ, ସକଳ ବସ୍ତୁରେ ରହିଛନ୍ତି । ତୁମେ ସେହି କଥାଟିକୁ କଦାପି ଭୁଲିଯିବ ନାହିଁ, ଗୋଟିଏ ମୁହୂର୍ତ୍ତ ସକାଶେ ମଧ୍ୟ ଭୁଲିବ ନାହିଁ । ସିଏ ସବୁଠାରେ ଅଛନ୍ତି, ସକଳ ବସ୍ତୁରେ ଅଛନ୍ତି; ଏବଂ ଅଚେତନ ମାତ୍ର ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ତେଣୁ ନିଷ୍ଠାଯୁକ୍ତ ଭାବରେ । ଯାହାକିଛି ମନୋଗତ ଅଭିବ୍ୟକ୍ତିର ନିମ୍ନରେ ରହିଛି, ତାହା ଅବିମିଶ୍ରିତ ଭାବରେ, ଦିବ୍ୟ ହୋଇ ରହିଛି; ଅର୍ଥାତ୍, ସ୍ୱତଃସ୍ଫୂର୍ତ୍ତ ଓ ସ୍ୱସ୍ୱଭାବ ପ୍ରେରିତ ଭାବରେ ତାହା ଦିବ୍ୟ ହୋଇ ରହିଛି । ମନୁଷ୍ୟ ତା'ର ମନ ଦ୍ୱାରା ପ୍ରେରିତ ହୋଇହିଁ ଏହି କ୍ଷେତ୍ରରେ ଅପରାଧର ଧାରଣାଟିକୁ ଆଣି ପ୍ରବିଷ୍ଟ କରାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମନୁଷ୍ୟ ଅନ୍ୟମାନଙ୍କଠାରୁ ଅଧିକ ସଚେତନ । ଏଥିରେ ବିବାଦର ଆଦୌ କୌଣସି ଅବକାଶ ନାହିଁ, ତାହା ଅତ୍ୟନ୍ତ ଭଲ ଭାବରେ ବୁଝି ହେଉଛି, କାରଣ ଆମେ ଯେଉଁ ବସ୍ତୁକୁ ଚେତନା ବୋଲି କହୁଛୁ ('ଆମେ' ଯାହାକୁ କହୁଛୁ, ଅର୍ଥାତ୍ ମନୁଷ୍ୟ ଯାହାକୁ ଚେତନା ବୋଲି କହୁଛି), ତାହା ହେଉଛି ମୂର୍ତ୍ତ ରୂପ ଦେବାର ଶକ୍ତି, ବସ୍ତୁଗୁଡ଼ିକୁ ମନୋମୟ ରୂପ ଦେବାର ଶକ୍ତି । ଏହା ଆଦୌ ଅସଲ ଚେତନା ନୁହେଁ, ମାତ୍ର ମନୁଷ୍ୟମାନେ ଏହାକୁ ଚେତନା ବୋଲି କହନ୍ତି । ତେଣୁ, ଏହି ମାନୁଷୀ ଅର୍ଥରେ ମନୁଷ୍ୟ ଇତର ପ୍ରାଣୀଙ୍କଠାରୁ ଅଧିକ ସଚେତନ ବୋଲି ସମସ୍ତେ ବୁଝିଥାନ୍ତି । ମାତ୍ର ମନୁଷ୍ୟ ସହିତ ପାପ ବି ଆସେ, ବିକୃତିର ଆବିର୍ଭାବ ହୁଏ; ଏବଂ, ଆମେ ଯାହାକୁ "ଚେତନାଯୁକ୍ତ" ସ୍ଥିତି ବୋଲି କହୁଛୁ, ସେଇଟିର ବାହାରେ ସେଗୁଡ଼ିକର କୌଣସି ଅସ୍ତିତ୍ୱ ନ ଥାଏ । ମାତ୍ର ଅସଲ ଚେତନାଯୁକ୍ତ କହିଲେ ଆଦୌ ସେକଥା ବୁଝାଏ ନାହିଁ; ଏହି ଚେତନା କେବଳ ବସ୍ତୁଗୁଡ଼ିକୁ ମନୋମୟ ରୂପଦେବାର ଏକ ପ୍ରକ୍ରିୟାକୁ ବୁଝାଏ, କେବଳ ମୂର୍ତ୍ତୀକରଣର ସାମର୍ଥ୍ୟକୁହିଁ ବୁଝାଏ ।

ଏଇଟି ହେଉଛି ଏକ ଆରୋହଣ ଧର୍ମୀ ବକ୍ର, ମାତ୍ର ସେହି ବକ୍ର ଦିବ୍ୟ ପରମସତ୍ତାଙ୍କଠାରୁ କ୍ରମଶଃ ଅଧିକ ଦୂରବର୍ତ୍ତୀ ହୋଇ ଚାଲିଯାଇଛି । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏକ ଆହୁରି ଉଚ୍ଚ ଦିବ୍ୟ ପରମ ସତ୍ତାଙ୍କର ପୁନଃ-ପରିଚୟ ଲାଭ କରିବାକୁ ହେଲେ ଆମକୁ ଆହୁରି ଅଧିକ ଉଚ୍ଚକୁ ଉଠିଯାଇ ପାରିବାକୁ ହେବ । କାରଣ ଏହି ପରମ ଦିବ୍ୟସତ୍ତା ହେଉଛନ୍ତି ଏକ ସଚେତନ ଦିବ୍ୟସତ୍ତା; ମାତ୍ର ଅନ୍ୟଗୁଡ଼ିକ ଦିବ୍ୟ ହେଲେ ମଧ୍ୟ ଆଦୌ ସଚେତନ ନୁହନ୍ତି, ସେମାନେ ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱତଃପ୍ରବୃତ୍ତ ଭାବରେ ଆଦୌ ସଚେତନ ନୁହନ୍ତି । ଏବଂ, ଭଲ ତଥା ମନ୍ଦ ବିଷୟରେ ଆମର ଯେଉଁ ସମ୍ପ୍ରଦାୟ ନୈତିକ ଧାରଣାଟି ରହିଛି, ଆମେ

'oaob.nitrkl.ac.in' images reprocessed

ନିଜର ବିକୃତିଗ୍ରସ୍ତ ଏବଂ ବିରୂପିତ ଚେତନା ଦ୍ୱାରାହିଁ ତାହାକୁ ଏହି ସୃଷ୍ଟି ଉପରେ ନିକ୍ଷିପ୍ତ କରି ରଖିଛୁ । ଆମେ ସ୍ୱୟଂ ସେଗୁଡ଼ିକର ଉଦ୍‌ଭାବନ କରିଛୁ ।

ଇତର ପ୍ରାଣୀ—ସ୍ୱସ୍ଥ ଶୁଦ୍ଧତା ଏବଂ ଦେବତାମାନଙ୍କର ସେହି ଦିବ୍ୟ ଶୁଦ୍ଧତା, —ଆମେ ମନୁଷ୍ୟମାନେହିଁ ଦୁଇଟିର ମଧ୍ୟବର୍ତ୍ତୀ ସ୍ତରରେ ରହି ସବୁକିଛିକୁ ବିକୃତ କରି ଦେଇଛୁ ।

'oaob.nitrkl.ac.in' images reprocessed

୨୨ ଜୁଲାଇ ୧୯୫୪

# ଶକ୍ତିର ଅପଚୟ ଘଟାଅ ନାହିଁ

ମନୁଷ୍ୟମାନେ ଶକ୍ତିର ସଂରକ୍ଷଣ କରି ଜାଣନ୍ତି ନାହିଁ । ଯେତେବେଳେ କୌଣସି ଘଟଣା ଘଟେ,—ଏକ ଦୁର୍ଘଟଣା ଅଥବା ଅସୁସ୍ଥତା ଘଟେ, ସେତେବେଳେ ସେମାନେ ସାହାଯ୍ୟ ଭିକ୍ଷା କରନ୍ତି ଓ ତା'ପରେ ପ୍ରାପ୍ୟ ଦୁଇଗୁଣ ବା ତିନିଗୁଣ ଶକ୍ତିର ପ୍ରୟୋଗ କରାଯାଇଥାଏ । ସେମାନେ ଆପଣାକୁ ଅତ୍ୟନ୍ତ ଗ୍ରହଣଶୀଳ ବୋଲି ମନେ କରନ୍ତି ଓ ଏହାକୁ ଗ୍ରହଣ କରନ୍ତି । ଏହି ଶକ୍ତି ଦୁଇଟି କାରଣ ସକାଶେ ପ୍ରଦାନ କରାଯାଏ : ଦୁର୍ଘଟଣା ବା ଅସୁସ୍ଥତା ହେତୁ ଯେଉଁ ବିଶୃଙ୍ଖଳାଟି ଘଟିଛି, ତାହାର ପ୍ରତିପୂର୍ତ୍ତି କରିବା ଏବଂ, ରୂପାନ୍ତରଣର ଏକ ଶକ୍ତିର ମଧ୍ୟ ପ୍ରଦାନ କରିବା, ଯେପରିକି, ଅସୁସ୍ଥତା ବା ଦୁର୍ଘଟଣା ନିମନ୍ତେ ଯାହା ପ୍ରକୃତ କାରଣରୂପେ କାର୍ଯ୍ୟ କରିଥିଲା, ତାହାର ସଂଶୋଧନ ତଥା ପରିବର୍ତ୍ତନ କରାଇବା ।

ମାତ୍ର ପ୍ରଦତ୍ତ ଶକ୍ତିଟିକୁ ସେହିପରି ଭାବରେ ବ୍ୟବହାର କରିବା ପରିବର୍ତ୍ତେ ସେମାନେ ସଙ୍ଗେ ସଙ୍ଗେ ତାହାକୁ ବାହାରକୁ ଫିଙ୍ଗି ଦେଇଥାନ୍ତି । ସେମାନେ ଏଣେ-ତେଣେ ଯିବାକୁ ଆରମ୍ଭ କରି ଦିଅନ୍ତି, ସକ୍ରିୟ ହେବାକୁ ଆରମ୍ଭ କରନ୍ତି, କାମ କରିବା ଆରମ୍ଭ କରିଦିଅନ୍ତି, କଥା କହିବା ଆରମ୍ଭ କରିଦିଅନ୍ତି ଏବଂ ··· ସେମାନେ ନିଜକୁ ଶକ୍ତିରେ ପୂର୍ଣ୍ଣ ହୋଇ ରହିଥିବାର ଅନୁଭବ କରନ୍ତି ଏବଂ ସବୁକିଛିକୁ ବାହାରକୁ ଫିଙ୍ଗିଦିଅନ୍ତି ! ଆଦୌ କିଛି ହେଲେ ରଖିପାରନ୍ତି ନାହିଁ । ଏବଂ ତା'ପରେ, ଅତ୍ୟନ୍ତ ସ୍ୱାଭାବିକ ଭାବରେ, ସେହିଭଳି ଭାବରେ ଅପଚୟ ଘଟାଇବା ଲାଗି ସେହି ଶକ୍ତି ଆଦୌ ଅଭିପ୍ରେତ ହୋଇ ନ ଥିବାରୁ, ମାତ୍ର କେବଳ ଏକ ଅନ୍ତର୍ଗତ ବିନିଯୋଗ ଲାଗି ଉଦ୍ଦିଷ୍ଟ ଥିବାରୁ, ସେମାନେ ଏକାବେଳେକେ କ୍ଳାନ୍ତ ହୋଇ ପଡ଼ନ୍ତି । ଏବଂ ଏକଥା ସବୁ କ୍ଷେତ୍ରରେ ଘଟିଥାଏ । ସେମାନେ କିଛି ଜାଣି ନ ଥାନ୍ତି,—କିପରି ଭିତରକୁ ଯିବାକୁ ହୁଏ ଓ ଶକ୍ତିର ବ୍ୟବହାର କରିବାକୁ ହୁଏ, ସେହି ବିଷୟରେ ସେମାନେ ଆଦୌ କିଛି ଜାଣି ନ ଥାନ୍ତି;—ଏଠାରେ ସେହି ଶକ୍ତିକୁ ସଞ୍ଚି ରଖିବାର ଆଦୌ କୌଣସି ପ୍ରଶ୍ନ ଉଠୁ ନାହିଁ, କାରଣ ତାହାକୁ ସଞ୍ଚୟ କରି ଅର୍ଥାତ୍ ଅବ୍ୟବହୃତ ଭାବରେ ଆଦୌ ରଖି ହେବ ନାହିଁ — ଶରୀରର ଯେଉଁ କ୍ଷତି ଘଟିଛି, ତାହାର ପୂରଣ ଘଟାଇ ଆହୁରି ଭିତରକୁ ଯିବା ଏବଂ ଦୁର୍ଘଟଣା ଅଥବା ରୋଗଟିର କାରଣ

'oaob.nitrkl.ac.in' images reprocessed

ଆବିଷ୍କାର କରିବା ଓ ସେହିଠାରେ ସେହି ଶକ୍ତିକୁ ଏକ ଅଗ୍ନିପ୍ରସାରେ ପରିବର୍ତ୍ତିତ କରିବା, ଏକ ଅନ୍ତର୍ଗତ ରୂପାନ୍ତରଣରେ ପରିଣତ କରିବା, ସେମାନେ ସେହି ବିଷୟରେ କିଛି ଜାଣି ନ ଥାନ୍ତି । ତେଣୁ, ଏକଥା ନ କରି ଲୋକମାନେ ସଙ୍ଗେ ସଙ୍ଗେ ବକବକ ହେବା ଆରମ୍ଭ କରିଦିଅନ୍ତି, ଏଣେତେଣେ ବୁଲିବାକୁ, କାମ କରିବାକୁ,—ଏଇଟା କରିବାକୁ ବା ସେଇଟା କରିବାକୁ ଆରମ୍ଭ କରି ଦେଇଥାନ୍ତି !

ବସ୍ତୁତଃ, ମନୁଷ୍ୟମାନଙ୍କ ମଧ୍ୟରୁ ଏକ ଅତି ବୃହତ୍ ଅଂଶ ଅନୁଭବ କରିଥାନ୍ତି ଯେ, କେବଳ ଶକ୍ତିର ଅପଚୟ କରୁଥିବା ସମୟରେହିଁ ସେମାନେ ପ୍ରକୃତରେ ନିଜର ଜୀବନକୁ ବଞ୍ଚୁଛନ୍ତି ବୋଲି କୁହାଯାଇ ପାରିବ; ତା' ନ ହେଲେ ଜୀବନ ବଞ୍ଚୁଥିବା ପରି ଆଦୌ ଦେଖା ଯିବ ନାହିଁ ।

ଶକ୍ତିର ଅପଚୟ ନ ଘଟାଇବାର ଅର୍ଥ ହେଉଛି,—ଯେଉଁ ଉଦ୍ଦେଶ୍ୟରେ ତାହାକୁ ପ୍ରଦାନ କରାଯାଇଥିଲା, ତାହାକୁ ସେହି ଉଦ୍ଦେଶ୍ୟରେହିଁ ବ୍ୟବହାର କରିବା । ଯଦି ଏକ ରୂପାନ୍ତର ଘଟାଇବା ନିମନ୍ତେ, ସତ୍ତାର ଉଦାତ୍ତୀକରଣ ନିମନ୍ତେ ତାହାକୁ ପ୍ରଦାନ କରାଯାଇଛି, ତେବେ ତାହାକୁ ସେହି ଉଦ୍ଦେଶ୍ୟରେହିଁ ବ୍ୟବହାର କରିବାକୁ ପଡ଼ିବ । ଶରୀର ଭିତରେ କୌଣସି କାରଣରୁ ବିଘଟିତ ହୋଇ ଯାଇଥିବା କୌଣସି ଅଂଗ ବା କ୍ରିୟାକୁ ପୁନର୍ବାର ସଂଗଠିତ କରାଇ ଆଣିବା ଲାଗି ଯଦି ଶକ୍ତିଟିକୁ ପ୍ରଦାନ କରାଯାଇଛି, ତେବେ ତାହାକୁ ଠିକ୍ ସେଇଥି ପାଇଁହିଁ ବ୍ୟବହାର କରିବାକୁ ପଡ଼ିବ ।

ସ୍ୱଭାବତଃ, ଯଦି କାହା ଉପରେ ଏକ ବିଶେଷ କାର୍ଯ୍ୟ ନ୍ୟସ୍ତ କରାଯାଇଛି ଓ ସେହି କାର୍ଯ୍ୟଟିକୁ ସମ୍ପାଦନ କରିବା ଲାଗି ତାକୁ ଆବଶ୍ୟକ ଶକ୍ତିଟିକୁ ପ୍ରଦାନ କରାଯାଇଛି, ତେବେ ତାହା ବେଶ୍ ଭଲ କଥା; ତେବେ ତାହାକୁ ଠିକ୍ ସେହି ଉଦ୍ଦେଶ୍ୟରେ ବ୍ୟବହାର କରାଯିବ,—କାରଣ ତାହାକୁ ସେହି ସକାଶେହିଁ ପ୍ରଦାନ କରାଯାଇଥିଲା ।

ଜଣେ ବ୍ୟକ୍ତି ନିଜକୁ ଶକ୍ତିସମ୍ପନ୍ନ ବୋଲି ଅନୁଭବ କରିବା ସଙ୍ଗେ ସଙ୍ଗେ ସେ କୌଣସି ନା କୌଣସି କାମ କରିବାକୁ ଦଉଡ଼ି ଯାଉଛି । ଅଥବା, କୌଣସି ଯଥାର୍ଥରେ ଉପଯୋଗୀ କାର୍ଯ୍ୟ କରିବା ବିଷୟରେ ଯେଉଁମାନଙ୍କର ଧାରଣା ନାହିଁ, ସେମାନେ ଗପ କରିବାରେ ଲାଗି ଯାଉଛନ୍ତି । ଆହୁରି ଅଧିକ ମନ୍ଦ କଥା ହେଉଛି ଯେ, ଯେଉଁମାନଙ୍କର ଆପଣା ଉପରେ କୌଣସି ନିୟନ୍ତ୍ରଣ ନାହିଁ, ସେମାନେ ଅସହିଷ୍ଣୁ ହୋଇ ପଡ଼ୁଛନ୍ତି ଏବଂ ଝଗଡ଼ା କରିବାକୁ ଆରମ୍ଭ କରି ଦେଉଛନ୍ତି ! ଯଦି କେହି ସେମାନଙ୍କର ଇଚ୍ଛାର ବିରୋଧ କରୁଛି, ତେବେ ସେମାନେ ଆପଣାକୁ ଅତ୍ୟନ୍ତ ଶକ୍ତିପୂର୍ଣ୍ଣ ବୋଲି ବ୍ୟବହାର କରୁଛନ୍ତି ଏବଂ ତାହାକୁ ଏକ ପବିତ୍ର କୋପ ରୂପେ ଗ୍ରହଣ କରି ନେଉଛନ୍ତି !

'oaob.nitrkl.ac.in' images reprocessed

## (ଜୁଲାଇ ୨) ୧୯୫୮

> କାହିଁକି ଓ କେଉଁସବୁ ପ୍ରଣାଳୀ ଅବଲମ୍ବନ କରି ମନୋଗତ ବିରଚନା ଏକ ଅନୁଭୂତିର ଅପଚୟ ଚେତନା ଉପରେ କାର୍ଯ୍ୟ କରିବା ଲାଗି ତାହାର ଯେଉଁ ଶକ୍ତି ରହିଥାଏ, ତାହାର ବୃହତ୍ତର ଅଂଶଟିକୁ ନଷ୍ଟ କରିଦେବାର କାରଣ ହୋଇଥାଏ ?

ଉଦାହରଣ ସ୍ୱରୂପ, ଯଦି ତୁମେ ଏକ ଅନୁଚିତ ଗତିସ୍ପନ୍ଦନରୁ ନିଷ୍କୃତି ଲାଭ କରିବାକୁ ଇଚ୍ଛା କରୁଛ ଏବଂ, ଏକ କରୁଣାର ପରିଣାମ ରୂପେ, ସେହି ଉଦ୍ଦେଶ୍ୟରେ ଯଦି ଶକ୍ତିର ପ୍ରେରଣ କରାଯାଉଛି, ତେବେ ଏହି ଶକ୍ତି ଚେତନା ଉପରେ କାର୍ଯ୍ୟ କରିବାକୁ ଆରମ୍ଭ କରି ଦେଉଛି । ସେତେବେଳେ, ଯଦି ତୁମେ ସେହି ଶକ୍ତିକୁ ନିଜ ଆଡ଼କୁ ଆକର୍ଷିତ କରି ଆଣିବ, ଅର୍ଥାତ୍, ଯଦି ତାହାକୁ ନିଜର ଏକ ବିରଚନା ମଧ୍ୟରେ ଆଣି ପକାଇବା ଲାଗି ଆକର୍ଷିତ କରି ଆଣିବ, ତେବେ ତୁମେ ନିଃସନ୍ଦେହ ଭାବରେ ତାହାକୁ କେନ୍ଦ୍ରଚ୍ୟୁତ କରି ପକାଇବ, ତାହାକୁ ଛିନ୍ନଭିନ୍ନ କରିଦେବ ଓ ତାହାର ଅପଚୟ ଘଟାଇବ ।

ମାତ୍ର କେବଳ ଏତିକି ଯେ ହେବ, ତାହା ଆଦୌ ନୁହେଁ : ଅନ୍ୟ ଜଣେ ବ୍ୟକ୍ତି ସହିତ କଥା କହିବାର ଅତି ସରଳ କାର୍ଯ୍ୟଟି ଫଳରେ ମଧ୍ୟ ତୁମେ ଅତ୍ୟନ୍ତ ସ୍ୱତଃସିଦ୍ଧ ଭାବରେ ତା'ଠାରୁ ନିର୍ଗତ ହୋଇ ଆସୁଥିବା ସକଳ ପ୍ରଭାବ ଲାଗି ନିଜକୁ ଉନ୍ମୋଚିତ କରିଦେବ; ଏକ ପାରସ୍ପରିକ ଆଦାନପ୍ରଦାନ ସର୍ବଦା ହିଁ ଘଟିବ । ଏହିପରି ଭାବରେ, ସେହି ଅନ୍ୟ ବ୍ୟକ୍ତିର କୌତୂହଳ, ତା'ର ଯାବତୀୟ ଅସ୍ପଷ୍ଟତା, ତା'ର ଶୁଭେଚ୍ଛା ଓ ବେଳେବେଳେ ତା'ର ଅଶୁଭ ଇଚ୍ଛା ମଧ୍ୟ ବାଟ ଓଗାଳି ଛିଡ଼ା ହେବ, ଅସଲ କାର୍ଯ୍ୟକାରିତାରେ ଏକ ପରିବର୍ତ୍ତନ ଘଟାଇବ, ତାହାକୁ ବିକୃତ କରିଦେବ ।

ଅନ୍ୟ ପକ୍ଷରେ, ଯଦି ତୁମେ ନିଜ ଗୁରୁଙ୍କ ପାଖରେ ନିଜର କୌଣସି ଅନୁଭୂତିକୁ ଯାଇ କହିବାକୁ ଇଚ୍ଛା କରୁଥିବ ଏବଂ ଯଦି ସେ ତୁମ କଥାକୁ ଶୁଣିବା ଲାଗି ସମ୍ମତ ହେବେ, ତେବେ ତାହାର ଅର୍ଥ ହେବ ଯେ, ସେ ଶକ୍ତିଟିର କ୍ରିୟାଶୀଳତା

'oaob.nitrkl.ac.in' images reprocessed

ସହିତ ତାଙ୍କର ଶକ୍ତି, ତାଙ୍କର ଜ୍ଞାନ ଏବଂ ତାଙ୍କର ଅନୁଭୂତିକୁ ମଧ୍ୟ ଆଣି ମିଶାଇ ଦେବାକୁ ଇଚ୍ଛା କରୁଛନ୍ତି ଏବଂ ଏହା ଦ୍ୱାରା ସେ ତୁମକୁ ଯଥାର୍ଥ ଫଳଟିକୁ ସମ୍ଭବ କରିବାରେ ସାହାଯ୍ୟ ମଧ୍ୟ କରିବେ ।

ମାତ, ସେହି ବିରଚନା ଦ୍ୱାରା ଘଟିଥିବା କ୍ଷତି ତଥାପି ରହି ନ ଥାଏ କି ?

ହଁ, ଥାଏ; ମାତ୍ର ଗୁରୁ ତାହାର ପରିପୂର୍ତ୍ତି କରି ଦିଅନ୍ତି ।

'oaob.nitrkl.ac.in' images reprocessed

## (ଜୁଲାଇ ?) ୧୯୫୮

# ସୌନ୍ଦର୍ଯ୍ୟବୋଧ

ଏହି ଯୋଗର ସାଧନା କରିବାକୁ ହେଲେ ଆମ ପାଖରେ ଅନ୍ତତଃ କିଞ୍ଚିତ୍ ପରିମାଣରେ ସୌନ୍ଦର୍ଯ୍ୟ ବୋଧ ରହିବା ଆବଶ୍ୟକ । ଯଦି ତାହା ନ ରହିବ, ତେବେ ଆମକୁ ଏହି ଭୌତିକ ଜଗତର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବସ୍ତୁବରୁ ବଞ୍ଚିତ ହୋଇ ରହିବାକୁ ପଡ଼ିବ ।

ଏହି ସୌନ୍ଦର୍ଯ୍ୟ, ଆତ୍ମାନ୍ତରର ଏହି ପ୍ରତିଷ୍ଠା, — ଏହି ବସ୍ତୁଟି ସମ୍ବନ୍ଧରେ ମୁଁ ଖୁବ୍ ସଚେତନ ହୋଇ ରହିଥାଏ । ଏହି ବସ୍ତୁଟି ମୋତେ ଗଭୀରଭାବେ ସଚଳ କରାଏ ଏବଂ ମୋ ଭିତରେ ସର୍ବଦା ଏକ ବୃହତ୍ ସମ୍ମାନର ଉଦ୍ରେକ କରିଆଣେ ।

ହଁ, ଆତ୍ମାନ୍ତରର ଏହି ସୌନ୍ଦର୍ଯ୍ୟ, — ଯାହାକି ମୁଖମଣ୍ଡଳ ଉପରେ ଦୃଶ୍ୟମାନ୍ ଭାବରେ ପ୍ରସ୍ଫୁଟିତ ହୋଇ ଉଠିଥାଏ, — ଏହି ପ୍ରକାରର ଏକ ସମ୍ମାନ-ବୋଧ ଏବଂ ସମଗ୍ର ଉପଲବ୍ଧିର ଏହି ସୌଷମ୍ୟ । ଯେତେବେଳେ ଆତ୍ମା ଭୌତିକ ଭୂମିରେ ଦୃଶ୍ୟମାନ୍ ହେବାକୁ ଆରମ୍ଭ କରେ, ସେତେବେଳେ ସେଇଥିରେହିଁ ଏହି ସମ୍ମାନ ନିଷ୍ପନ୍ନ ହୋଇଆସେ, ଏହି ସୌନ୍ଦର୍ଯ୍ୟ ଓ ଏହି ମହନୀୟତା ଉଦ୍‌ଗତ ହେବାକୁ ଲାଗେ, —ଏହି ମହନୀୟତା, ଯାହାକି ଆପଣାକୁ ସେହି ପରମ ବେଦୀରେ ପରିଣତ କରି ରଖିବାରୁ ନିଷ୍ପନ୍ନ ହୋଇଥାଏ । ଏବଂ ତା'ପରେ, ଯେଉଁ ବସ୍ତୁଗୁଡ଼ିକର ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସୌନ୍ଦର୍ଯ୍ୟ ନ ଥାଏ, ସେଗୁଡ଼ିକ ମଧ୍ୟ ଏକ ଶାଶ୍ୱତ ସୌନ୍ଦର୍ଯ୍ୟର ସେହି ଏକମାତ୍ର ଶାଶ୍ୱତ ସୌନ୍ଦର୍ଯ୍ୟର ବ୍ୟଞ୍ଜନାରେ ସଜଳ ହୋଇ ଉଠନ୍ତି ।

ଏହିପରି ଭାବରେ ମୁଁ ଏପରି ଅନେକ ମୁଖମଣ୍ଡଳ ଦେଖିବାକୁ ପାଇଛି, ଯାହାକି ପଲକ ମାତ୍ରକେ ଏପାଖ ଗାରରୁ ଏକାବେଳେକେ ସେପାଖ ଗାରକୁ ଅତିକ୍ରମ କରିଯିବାକୁ ସମର୍ଥ ହୋଇପାରନ୍ତି । ହୁଏତ ଜଣେ ବ୍ୟକ୍ତିଙ୍କ ପାଖରେ ଏହି ପ୍ରକାରର ସୌନ୍ଦର୍ଯ୍ୟ ଓ ଏହି ପ୍ରକାରର ସୁଷମା ରହିଥାଏ, ତାଙ୍କର ଶରୀର ମଧ୍ୟରେ ଦିବ୍ୟ ମହିମାବୋଧର ଏହି ଅନୁଭବଟି ରହିଥାଏ; ଏବଂ, ହଠାତ୍ ଏକ ପ୍ରତିବନ୍ଧକ, ଏକ ଅସୁବିଧା ଓ ସତେଯେପରି ଏକ ଅପରାଧ କରିଥିବାର ଏକ ବୋଧ, ଅସମ୍ମାନର ଏକ ବୋଧ ଆସି ଉପସ୍ଥିତ ହୁଏ — ଏବଂ ତା'ପରେ ଚେହେରାରେ ମଧ୍ୟ ହଠାତ୍

'oaob.nitrkl.ac.in' images reprocessed

ଏକ ବିକୃତି ଆସି ଉପସ୍ଥିତ ହୁଏ, ରୂପଗଠନରେ ଘଟେଥିବା ଏକ ଅପଘଟନ ଦୃଷ୍ଟିଗୋଚର ହୁଏ ! ମାତ୍ର, ତଥାପି ତାହା ସେହି ଏକା ମୁହଁ ହୋଇ ରହିଥାଏ । ଘଟେଯେପରି ଏକ ବିଜୁଳି-ଝଲକ ପରି ଏସବୁ ଘଟେ ଏବଂ ବଡ଼ ଭୟଙ୍କର ମନେ ହୁଏ । ସେହି କଷ୍ଟକର ସନ୍ତାପ ଓ ସ୍ଖଳନ ମଧ୍ୟରେ ରହିଥିବାର ଏକ ବୀଭତ୍ସତା, — ଧର୍ମମାନଙ୍କରେ ତାହାକୁହିଁ "ପାପର ସନ୍ତାପ" ବୋଲି ଅନୁବାଦ କରାଯାଇଛି — ତାହାର ଫଳରେ ପ୍ରକୃତରେ ଏକ ମୁଖମଣ୍ଡଳର ଅଧିକାଂଶ ହେବାକୁ ପଡ଼ିଥାଏ ! ଏପରିକି ପ୍ରକୃତରେ ସୁନ୍ଦର ହୋଇ ରହିଥିବା ରୂପ ଓ ଗଠନ ବିରୂପ ଏବଂ ଭୟଙ୍କର ହୋଇଯାଏ ! ମାତ୍ର ତାହା ସେହି ଏକା ରୂପ, ଏକା ବ୍ୟକ୍ତିର ରୂପ ହୋଇ ରହିଥାଏ ।

ଏସବୁ ଦେଖିବା ପରେ, ପାପର ବୋଧ ଯେ ପ୍ରକୃତରେ କେତେ ଭୟଙ୍କର, ମୁଁ ସେକଥା ଦେଖି ପାରିଥିଲି ;—ତାହା ଯେ କପରି ଗୋଟାସୁଦ୍ଧା ମିଥ୍ୟାଜଗତରହିଁ ଏକ ଅଂଶ ହୋଇ ରହିଥାଏ, ସେକଥା ଦେଖିବାକୁ ପାଇଲି ।

[illegible]
ଗ୍ରା - [illegible]
ଭା - [illegible]
, ଓଡ଼ିଶା
ରେଜି ନଂ -

'oaob.nitrkl.ac.in' images reprocessed

# ୧୦ ଅକ୍ଟୋବର ୧୯୫୮

## ଜଡ଼ ମଧ୍ୟରେ ସର୍ବୋଚ୍ଚ ପରମସତ୍ତାଙ୍କର ଉପାସନା

ଧର୍ମୀୟ ଏବଂ ବିଶେଷତଃ ଗୁହ୍ୟବିଦ୍ୟା-କ୍ଷେତ୍ରର ଯାବତୀୟ ଦୀକ୍ଷାଗ୍ରହଣରେ, ବିଭିନ୍ନ ଉତ୍ସବ-ଉପଚାରର ବିଧିଗୁଡ଼ିକୁ ବିସ୍ତାରିତ ଭାବରେ ବତାଇ ଦିଆଯାଇଥାଏ; ଉଚ୍ଚାରିତ ପ୍ରତ୍ୟେକ ଶବ୍ଦ ଏବଂ ଅଭିବ୍ୟକ୍ତ ପ୍ରତ୍ୟେକ ଇଙ୍ଗିତର ଏକ ନିଜସ୍ୱ ତାତ୍ପର୍ଯ୍ୟ ରହିଥାଏ ଏବଂ, ବିଧାନଗୁଡ଼ିକୁ ମାନିବାରେ ଏତେଟିକିଏ ମଧ୍ୟ ବିଚ୍ୟୁତି ବା ଭୁଲ୍ ଘଟିଲେ ତାହାର ପରିଣାମମାନ ହୁଏତ ଅତ୍ୟନ୍ତ ଭୟାବହ ମଧ୍ୟ ହୋଇପାରେ । ଭୌତିକ ଜୀବନର କ୍ଷେତ୍ରରେ ମଧ୍ୟ ଠିକ୍ ତାହାହିଁ ହୁଏ ଏବଂ, ଯଦି ଜୀବନଯାପନର ଯଥାର୍ଥ ପ୍ରଣାଳୀ ମଧ୍ୟକୁ ଆମର ଦୀକ୍ଷାଗ୍ରହଣ ହୋଇପାରୁ ଥାଆନ୍ତା, ତେବେ ଆମେ ଏହି ଭୌତିକ ଅସ୍ତିତ୍ୱରେ ଏକ ରୂପାନ୍ତର ସମ୍ଭବ କରିବାରେ ମଧ୍ୟ ସମର୍ଥ ହୋଇ ପାରୁଥାନ୍ତେ ।

ଏହି ଶରୀରକୁ ଯଦି ପରମ ପ୍ରଭୁଙ୍କର ମନ୍ଦିର ବୋଲି ଗ୍ରହଣ କରାଯାଏ, ତେବେ, ଏକ ଉଦାହରଣ ଦେଇ କହିଲେ, ଚିକିତ୍ସା-ବିଜ୍ଞାନ ମଧ୍ୟ ସେହି ମନ୍ଦିରର ସେବା ଲାଗି ଦୀକ୍ଷାଗ୍ରହଣ ଲାଗି ଅଭିପ୍ରେତ ଏକ ଉପଚାରରେ ପରିଣତ ହୋଇଯିବ ଏବଂ ଯାବତୀୟ ଶ୍ରେଣୀର ଡାକ୍ତରମାନେ ମଧ୍ୟ ସେହି ଉପାସନାର ଭିନ୍ନଭିନ୍ନ ଅନୁଷ୍ଠାନରେ ପୁରୋହିତର କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ପରି ଗଣା ହେବେ । ତେଣୁ, ଚିକିତ୍ସାକୁ ପ୍ରକୃତରେ ଏକ ପୌରୋହିତ୍ୟ ବୋଲି କୁହାଯାଇ ପାରିବ ଓ ତାହାକୁ ସେହିପରି ଏକ ମର୍ଯ୍ୟାଦାହିଁ ଦିଆଯିବା ଉଚିତ ।

ଶାରୀରିକ ଅନୁଶୀଳନର କ୍ଷେତ୍ରରେ ତଥା ଶରୀର ତଥା ତାହାର କ୍ରିୟାକୁ ନେଇ କାରବାର କରୁଥିବା ସକଳ କ୍ଷେତ୍ରରେ ମଧ୍ୟ ଠିକ୍ ସେହିକଥା କୁହାଯାଇ ପାରିବ । ଏବଂ, ଯଦି ଏହି ଭୌତିକ ବିଶ୍ୱକୁ ସର୍ବୋଚ୍ଚ ପରମସତ୍ତାଙ୍କର ବାହ୍ୟ ଆଚ୍ଛାଦନ ତଥା ଅଭିବ୍ୟକ୍ତି ବୋଲି ଗ୍ରହଣ କରାଯାଏ, ତେବେ ସାଧାରଣ ଭାବରେ ଯାବତୀୟ ଭୌତିକ ବିଜ୍ଞାନକୁ ମଧ୍ୟ କେବଳ ଉପାସନାର ନାନାଭଳି ବିଧି ବୋଲି କୁହାଯାଇ ପାରିବ ।

ଏହିପରି ଭାବରେ ଆମେ ବାରବାର ସେହି ଗୋଟିଏ କଥା ପାଖକୁ ଫେରି ଆସୁଥିବା : ସମ୍ପୂର୍ଣ୍ଣ ଆନ୍ତରିକତା ତଥା ସମ୍ପୂର୍ଣ୍ଣ ସାଧୁତା ଲାଗି ପ୍ରକୃତରେ ଏକାନ୍ତ



'oaob.nitrkl.ac.in' images reprocessed

ଆବଶ୍ୟକତା ରହିଛି ଏବଂ, ଆମେ ଯେଉଁସବୁ କାର୍ଯ୍ୟ କରୁଛୁ, ସେଗୁଡ଼ିକ ବିଷୟରେ ଏକ ମହିମାବୋଧର ମଧ୍ୟ ଆବଶ୍ୟକତା ରହିଛି ଯେପରିକି, ଗୋଟିଏ କାର୍ଯ୍ୟକୁ ଯେପରି ଭାବରେ କରିବା ଉଚିତ, ଆମେ ତାହାକୁ ସେହିପରି ଭାବରେ କରି ପାରୁଥିବା ।

ଜୀବନରୂପୀ ଉତ୍ସବର ଅନୁଷ୍ଠାନଗୁଡ଼ିକ ବିଷୟରେ, ଭୌତିକ ଜୀବନରେ ସର୍ବୋଚ୍ଚ ପରମପ୍ରଭୁଙ୍କର ଉପାସନା କରିବା ବିଷୟରେ ଯଦି ଆମେ ଯଥାର୍ଥ, ବିସ୍ତୃତ ଓ ସମ୍ପୂର୍ଣ୍ଣ ଭାବରେ ଯାବତୀୟ ସବୁକଥାକୁ ଜାଣି ପାରନ୍ତେ, ତେବେ ତାହା ପ୍ରକୃତରେ ଏକ ଅଦ୍‌ଭୁତ କଥା ହୁଅନ୍ତା ;—ଆମେ ଏହି ସବୁକଥା ଜାଣି ପାରନ୍ତେ ଏବଂ ଆଉ କୌଣସି ଭୁଲ୍ କରନ୍ତେ ନାହିଁ—ଆଉ କେବେହେଲେ କୌଣସି ଭୁଲ୍ କରନ୍ତେ ନାହିଁ । ଏକ ପ୍ରକୃତ ଦୀକ୍ଷାଗ୍ରହଣର ସମ୍ପୂର୍ଣ୍ଣତା ସହିତ ଆମେ ସେହି ଉତ୍ସବଟିକୁ ସମ୍ପନ୍ନ କରି ପାରନ୍ତେ ।

'oaob.nitrkl.ac.in' images reprocessed

କପି ନଂ -

# ୪ ନଭେମ୍ବର ୧୯୫୮

ପୁରାଣରେ ବର୍ଣ୍ଣିତ ଦେବତାମାନଙ୍କର, ଗ୍ରୀକ୍ ଦେବତାମାନଙ୍କର ଏବଂ ପ୍ରାଚୀନ ମିଶରୀୟ ଉପାଖ୍ୟାନଗୁଡ଼ିକରେ ବର୍ଣ୍ଣିତ ଦେବତାମାନଙ୍କର ବାସ୍ତବରେ କୌଣସି ଅସ୍ତିତ୍ୱ ଅଛି କି ?

ପୁରାଣର ଦେବତା ଏବଂ ଗ୍ରୀକ୍ ଏବଂ ମିଶରୀୟ ପୁରାଣୋପାଖ୍ୟାନର ଦେବତାମାନଙ୍କ ଭିତରେ ଯାବତୀୟ ପ୍ରକାରର ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୋଇଥାଏ । ଅଧୁନା କମନ୍ତେ ତାହା ଅବଶ୍ୟ ଏକ ଆଗ୍ରହୋଦ୍ଦୀପକ ବିଷୟ ହୋଇ ପାରିବ । ଆଧୁନିକ ପାଶ୍ଚାତ୍ୟ ଜଗତ ପାଇଁ — ସେମାନେ ଯେପରି କହନ୍ତି, ଏହି ଗ୍ରୀକ୍ ଦେବତା ଏବଂ ଅନ୍ୟ ଅଣଖ୍ରୀଷ୍ଟିଆନ୍ ଦେବତାମାନେ,—ଏହି ସକଳ ଦେବତା କେବଳ ମନୁଷ୍ୟର କଳ୍ପନାରୁହିଁ ଉତ୍ପନ୍ନ ହୋଇଛନ୍ତି ଏବଂ ବିଶ୍ୱବ୍ରହ୍ମାଣ୍ଡରେ ସେମାନଙ୍କର ବାସ୍ତବ ସ୍ୱତନ୍ତ୍ରରୂପ ବୋଲି ଆଦୌ କିଛି ନାହିଁ । ମାତ୍ର ତାହାକୁ ଏକ ଘୋର ଭ୍ରମ ବୋଲି କୁହାଯିବ ।

ବିଶ୍ୱମୟ ଜୀବନର ରଚନାଟିକୁ, ଏପରିକି ଏହି ପୃଥିବୀସ୍ଥ ଜୀବନର ରଚନାତନ୍ତ୍ରଟିକୁ ବୁଝି ପାରିବାକୁ ହେଲେ ଆମକୁ ବସ୍ତୁତଃ ଏକଥାଟିକୁ ମଧ୍ୟ ଅବଶ୍ୟ ଜାଣିବାକୁ ପଡ଼ିବ ଯେ, ଏମାନେ ସମସ୍ତେ ହେଉଛନ୍ତି ଗୋଟିଏ ଗୋଟିଏ ବାସ୍ତବ ଏବଂ ଜୀବନ୍ତ ସତ୍ତା, — ସେମାନଙ୍କର ପ୍ରତ୍ୟେକଙ୍କର ଗୋଟିଏ ଗୋଟିଏ ନିଜସ୍ୱ ଭୂମି ରହିଛି ଏବଂ ଏକ ସ୍ୱତନ୍ତ୍ର ବସ୍ତୁସତ୍ୟ ମଧ୍ୟ ରହିଛି । ମନୁଷ୍ୟମାନେ ନ ଥିଲେ ମଧ୍ୟ ସେମାନେ ଅବଶ୍ୟ ରହିଥାନ୍ତେ । ମନୁଷ୍ୟମାନେ ଅସ୍ତିତ୍ୱ ଧାରଣ କରିବା ପୂର୍ବରୁ ଏମାନଙ୍କ ମଧ୍ୟରୁ ଅଧିକାଂଶ ଦେବତା ଅସ୍ତିତ୍ୱ ଧାରଣ କରି ସାରିଥିଲେ ।

ଏକ ଅତୀବ ପ୍ରାଚୀନ ପରମ୍ପରାରେ—ସମ୍ଭବତଃ ଖାଲ୍‌ଦେଆ ଏବଂ ବୈଦିକ ପରମ୍ପରାର ଆହୁରି ପୂର୍ବରୁ—ଏହି ଦୁଇଟିଯାକ ହେଉଛନ୍ତି ତାହାର ଦୁଇ ଶାଖା,— ସୃଜନର ଇତିହାସକୁ ଆଦୌ କୌଣସି ଦର୍ଶନତତ୍ତ୍ୱଗତ କିଂବା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖି କରାଯାଇ ନାହିଁ, ତାହାକୁ ଏକ ବିଷୟନିଷ୍ଠ ଦୃଷ୍ଟିରୁ କୁହାଯାଇଛି ଏବଂ ସେହି ଇତିହାସକୁ ଆମର ଐତିହାସିକ ଯୁଗଗୁଡ଼ିକ ପରି ସମାନ ଭାବରେ ବାସ୍ତବ ବୋଲି ଅବଶ୍ୟ କୁହାଯିବ । ଅବଶ୍ୟ ଏକଥା ସତ ଯେ, କେବଳ ଏହି

'oaob.nitrkl.ac.in' images reprocessed

ଗୋଟିଏ ଦୃଷ୍ଟିକୋଣରୁହିଁ କଦାପି ଏହି ବିଷୟଟି ଉପରେ ଦୃଷ୍ଟିପାତ କରାଯାଇ ପାରିବ ନାହିଁ, ମାତ୍ର ଯେକୌଣସି ଅନ୍ୟ ଦୃଷ୍ଟିକୋଣ ପରି ଏଇଟିକୁ ମଧ୍ୟ ସମାନ ଭାବରେ ନ୍ୟାୟସଙ୍ଗତ ବୋଲି ଅବଶ୍ୟ କୁହାଯିବ । ଏବଂ, ଯେକୌଣସି ସ୍ଥିତିରେ ହେଉ ପଛକେ, ତାହା ସେହି ଦିବ୍ୟ ସତ୍ତାଗୁଡ଼ିକର ମୂର୍ତ୍ତ ଅସ୍ତିତ୍ୱକୁ ଅବଶ୍ୟ ସ୍ୱୀକାର କରିବ ।

ଏହିସବୁ ସତ୍ତା ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର କ୍ରମୋଚ୍ଚର ସୃଜନଧାରାଟିର ଅନ୍ତର୍ଗତ ଏବଂ ସେହିମାନେହିଁ ସବୁଠାରୁ ଅଧିକ ଅମୂର୍ତ୍ତ ବା ସୂକ୍ଷ୍ମ ସ୍ତରରୁ ଆରମ୍ଭ କରି ସବୁଠାରୁ ଅଧିକ ଜଡ଼ଗତ ହୋଇ ରହିଥିବା କ୍ଷେତ୍ରଗୁଡ଼ିକ ପର୍ଯ୍ୟନ୍ତ ଏହି ସମଗ୍ର ସୃଜନ ଓ ରଚନାରେ ଅଧିଷ୍ଠାତା ରୂପେ ପ୍ରତିଷ୍ଠିତ ରହି ଆସିଛନ୍ତି; ଏହାକୁ ଦିବ୍ୟ ପରମ ଚିନ୍ମୟତାର ଏକ ଅବତରଣ ବୋଲିହିଁ କୁହାଯିବ । ଏବଂ ସେମାନେ ଏକ କ୍ରମୋଚ୍ଚର ଧାରାରେ ଅବତରଣ କରିଥିଲେ, ଅଧିକରୁ ଅଧିକ ପରିମାଣରେ ମୂର୍ତ୍ତ ହୋଇ ରହିଥିବା, — ଆମେ ଏହାକୁ ଅଧିକରୁ ଅଧିକ ପରିମାଣରେ ଘନୀଭୂତ ହୋଇ ରହିଥିବା ବୋଲି କହି ପାରିବା ନାହିଁ, କାରଣ ଏହା ପ୍ରକୃତରେ ଘନୀଭୂତ ନ ଥାଏ; ଏହାକୁ ଆମେ ଜଡ଼ଗତ ବୋଲି ମଧ୍ୟ କହି ପାରିବା ନାହିଁ, କାରଣ ଆମେ ଜଡ଼କୁ ଯେପରି ଜାଣୁ, ତାହା ସେପରି ଭାବରେ ସେହିସବୁ ଭୂମିରେ ଆଦୌ ନ ଥାଏ,— ବସ୍ତୁରୂପ ମାଧ୍ୟମରେ ଅବତରଣ କରିଥିଲେ ।

ବିଭିନ୍ନ ପରମ୍ପରା ଏବଂ ଗୂଢ଼ବିଦ୍ୟାଗତ ସମ୍ପ୍ରଦାୟଗୁଡ଼ିକ ଅନୁସାରେ, ବାସ୍ତବତାର ଏହି ଯାବତୀୟ କ୍ଷେତ୍ର ଓ ଯାବତୀୟ ଭୂମିର ଭିନ୍ନ ଭିନ୍ନ ନାମ ରହିଛି; ଏକ ଭିନ୍ନ ପ୍ରଣାଳୀରେ ସେଗୁଡ଼ିକର ଶ୍ରେଣୀବିଭାଗ କରାଯାଇଛି, ମାତ୍ର ତଥାପି ସେଗୁଡ଼ିକ ମଧ୍ୟରେ ମୂଳତଃ ଏକ ସାମଞ୍ଜସ୍ୟ ରହିଛି । ଏବଂ, ଯଦି ତୁମେ ପଛକୁ ଫେରି ସେହି ପରମ୍ପରାଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂର ପର୍ଯ୍ୟନ୍ତ ଯାଇ ପାରିବ, ତେବେ ଦେଖିବାକୁ ପାଇବ ଯେ, ଦେଶ ଓ ଭାଷା ଅନୁସାରେ କେବଳ ଶବ୍ଦଗୁଡ଼ିକରେହିଁ ଯାହାକିଛି ପରିବର୍ତ୍ତନ ହୋଇଛି । ଏପରିକି, ବର୍ତ୍ତମାନ ମଧ୍ୟ, ପାଶ୍ଚାତ୍ୟ ଗୂଢ଼ବିଦ୍ୟା-ବିତ୍ ଏବଂ ପ୍ରାଚ୍ୟ ଗୂଢ଼ବିଦ୍ୟାବିତ୍‌ଙ୍କ ମଧ୍ୟରେ ଅନେକ ପରିମାଣରେ ନାନା ସାମଞ୍ଜସ୍ୟ ରହିଛି । ଯେଉଁ ବ୍ୟକ୍ତିମାନେ ଏହି ଅଦୃଶ୍ୟ ଜଗତଗୁଡ଼ିକର ଆବିଷ୍କାର କ୍ରମରେ ଯାତ୍ରାରେ ବାହାରି ଯାଆନ୍ତି ଏବଂ ସେଠାରେ ଯାହାସବୁ ଦେଖିଲେ, ଫେରିଆସି ତାହାର ଏକ ବିବରଣ ପ୍ରଦାନ କରନ୍ତି, ସେମାନଙ୍କର ବର୍ଣ୍ଣନାରେ ଅନେକ ସାମଞ୍ଜସ୍ୟ ରହିଥାଏ;—ସେମାନେ ଏଠାରୁ ହୋଇଥାନ୍ତୁ ବା ସେଠାରୁ ହୋଇଥାନ୍ତୁ, ତଦ୍ଦ୍ୱାରା କୌଣସି ଫରକ ହୁଏ ନାହିଁ । ସେମାନେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତୁ, ମାତ୍ର ସେମାନଙ୍କର ଅନୁଭୂତି ମଧ୍ୟରେ ବହୁତ ସାମଞ୍ଜସ୍ୟ ରହିଥାଏ ଏବଂ,

'oaob.nitrkl.ac.in' images reprocessed

ଶକ୍ତିଗୁଡ଼ିକୁ ସେମାନେ ଯେପରି କାମରେ ଲଗାନ୍ତି, ସେଇଟି ମଧ୍ୟ ଭିନ୍ନ ଭିନ୍ନ ସମାନ ହୋଇ ରହିଥାଏ ।

ଗୂଢ଼ ଜଗତଗୁଡ଼ିକ ସମ୍ବନ୍ଧରେ ଏହି ଜ୍ଞାନ ନାନା ସୂକ୍ଷ୍ମ ଶରୀର ଓ ତଦନୁରୂପ ନାନା ସୂକ୍ଷ୍ମ ଜଗତର ଅସ୍ତିତ୍ୱ ଉପରେ ଆଧାରିତ ହୋଇ ରହିଥାଏ । ମନୋବୈଜ୍ଞାନିକ ପଦ୍ଧତିରେ ଏହାକୁ "ଚେତନାର ନାନା ସ୍ଥିତି" ବୋଲି କୁହାଯାଇ ପାରିବ; ମାତ୍ର ଚେତନାର ଏହି ସ୍ଥିତିଗୁଡ଼ିକର ଅନୁରୂପ ହୋଇ ଜଗତମାନ ମଧ୍ୟ ରହିଥାଏ । ତେଣୁ, ଗୂଢ଼ବିଦ୍ୟାର ପଦ୍ଧତିଟି ସତ୍ତ୍ୱଗତ ଏହି ବିଭିନ୍ନ ଅନ୍ତର୍ଗତ ସ୍ଥିତି ବା ସୂକ୍ଷ୍ମ ଶରୀରଗୁଡ଼ିକ ସମ୍ବନ୍ଧରେ ଏକ ସଜ୍ଞାନତା ଲାଭ କରିବାକୁହିଁ ବୁଝାଇଥାଏ ଏବଂ, ଯେପରିକି ଗୋଟି ଗୋଟି କରି ସେହି ଜଗତଗୁଡ଼ିକ ମଧ୍ୟରେ ପ୍ରବେଶ କରି ପୁନର୍ବାର ସେଗୁଡ଼ିକ ମଧ୍ୟରୁ ବାହାରି ଆସି ପାରିବାକୁ ସମର୍ଥ ହେବା ଲାଗି ଯଥେଷ୍ଟ ପରିମାଣରେ ସେଗୁଡ଼ିକ ଉପରେ ନିୟନ୍ତ୍ରଣ ଅର୍ଜନ କରିବାକୁ ମଧ୍ୟ ବୁଝାଇଥାଏ । ବସ୍ତୁତଃ ଏହି କ୍ଷେତ୍ରରେ ସୂକ୍ଷ୍ମତାଗୁଡ଼ିକର ଏକ ସମଗ୍ର ସୋପାନ ଶ୍ରେଣୀ ରହିଛି ଏବଂ, ତୁମେ ପ୍ରକୃତରେ କେଉଁ ଦଗରେ ଗତି କରୁଛ, ସେହି ଅନୁସାରେହିଁ ସେହି ସୂକ୍ଷ୍ମତାଗୁଡ଼ିକ ବୃଦ୍ଧି ପାଇବାରେ ଅଥବା ହ୍ରାସ ହେବାରେ ଲାଗିଥାଏ । ଏକ ଅପେକ୍ଷାକୃତ ଅଧିକ ଘନୀଭୂତ ଶରୀର ମଧ୍ୟରୁ ଏକ ଅଧିକ ସୂକ୍ଷ୍ମ ଶରୀର ମଧ୍ୟରେ ପ୍ରବେଶ କରିବାକୁ ଗୂଢ଼ବିଦ୍ୟାର ପ୍ରଣାଳୀ ବୋଲି କୁହାଯାଏ ଏବଂ ଏହିପରି ଭାବରେ ସୂକ୍ଷ୍ମରୁ ଆହୁରି ସୂକ୍ଷ୍ମ ଜଗତରେ ପ୍ରବେଶ କରିବାର କ୍ରମରେ ଚୂଡ଼ାନ୍ତ ଭାବରେ ଲୋକୋତ୍ତର ହୋଇ ରହିଥିବା ରାଜ୍ୟଗୁଡ଼ିକରେ ମଧ୍ୟ ପ୍ରବେଶ କରାଯାଏ । ଆପଣାର ଏକ କ୍ରମ ବହିର୍ବେଶନର ପ୍ରକ୍ରିୟାରେ ତୁମେ ଅଧିକରୁ ଅଧିକ ସୂକ୍ଷ୍ମ ହୋଇ ରହିଥିବା ଶରୀର ଅଥବା ଜଗତଗୁଡ଼ିକ ମଧ୍ୟରେ ପ୍ରବେଶ କରିଥାଅ । ଘଟଣାଗୁଡ଼ିକ ପ୍ରାୟ ଏହିପରି ଘଟିଥାଏ, ଯେତେବେଳେ ତୁମେ ପ୍ରତ୍ୟେକବାର ପ୍ରକୃତରେ ଏକ ଅନ୍ୟ ଆୟାମ ଭିତରେ ଯାଇ ପ୍ରବେଶ କରୁଛ । ପଦାର୍ଥ ବିଜ୍ଞାନୀମାନେ ଯାହାକୁ ଚତୁର୍ଥ ଆୟାମ ବା ଚତୁର୍ଥ ଭୂମି ବୋଲି କହୁଛନ୍ତି, ତାହାକୁ କେବଳ ଗୂଢ଼ ବିଦ୍ୟାର ଏକ ବିଜ୍ଞାନ-ଅନୁମୋଦିତ ପ୍ରତିଲିପି ବୋଲିହିଁ କୁହାଯିବ । ଆଉ ଗୋଟିଏ ପ୍ରତିରୂପ ଦେଇ କହିଲେ, ଆମେ ଏପରି ମଧ୍ୟ କହିପାରିବା ଯେ, ଜଡ଼ ଶରୀରଟି ଠିକ୍ କେନ୍ଦ୍ରସ୍ଥ ହୋଇ ରହିଛି—ଏଇଟି ସବୁଠାରୁ ଅଧିକ ପରିମାଣରେ ଜଡ଼ଧର୍ମୀ ହୋଇ ରହିଛି, ସବୁଠାରୁ ଅଧିକ ଘନୀଭୂତ ଏବଂ କ୍ଷୁଦ୍ର ହୋଇ ରହିଛି,— ଏବଂ, ଅନ୍ତର୍ଗତ ଶରୀରଗୁଡ଼ିକ—ସେଗୁଡ଼ିକ ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ହୋଇ ରହିଛନ୍ତି,—ଅଧିକରୁ ଅଧିକ ପରିମାଣରେ କେନ୍ଦ୍ରସ୍ଥ ସେହି ଜଡ଼ ଶରୀରଟି ଉପରକୁ ପରିବ୍ୟାପ୍ତ ହୋଇ ଆସୁଛନ୍ତି । ସେଗୁଡ଼ିକ ଏହାକୁ ଅତିକ୍ରମ କରି ପ୍ରବାହିତ ହୋଇ ଯାଉଥା'ନ୍ତି, ଆପଣାକୁ ଅଧିକରୁ ଅଧିକ ପରିମାଣରେ ପ୍ରସାରିତ କରି ଦେଉଥା'ନ୍ତି ;—

'oaob.nitrkl.ac.in' images reprocessed

ସତେଯେପରି କୌଣସି ଛିଦ୍ରଯୁକ୍ତ ପାତ୍ରରୁ ଜଳ ବାଷ୍ପରେ ପରିଣତ ହେବାରେ ଲାଗିଥାଏ ଏବଂ ଚତୁର୍ଦ୍ଦିଗରେ ଏକ ପ୍ରକାର ବାଷ୍ପର ରଚନା କରି ଦେଉଥାଏ । ଏବଂ, ସେହି ସୂକ୍ଷ୍ମତା ଯେତିକି ଅଧିକ ପରିମାଣରେ ହୋଇ ରହିଥାଏ, ସେହି ପ୍ରସାରଣଟି ବିଶ୍ୱବ୍ରହ୍ମାଣ୍ଡର ପ୍ରସାରଟି ସହିତ ଆପଣାକୁ ନେଇ ମିଶାଇ ଦେବା ଲାଗି ଅଧିକରୁ ଅଧିକ ଏକ ପ୍ରବୃତ୍ତି ମଧ୍ୟ ଦେଖାଉଥାଏ । ଏହିପରି ଭାବରେ ଆପଣାକୁ ବିଶ୍ୱମୟ କରିବାରେହିଁ ସେହି ପ୍ରକ୍ରିୟା ଆପଣାର ସର୍ବୋଚ୍ଚଚୂଡ଼ାକୁ ଯାଇ ସ୍ପର୍ଶ କରେ । ଏବଂ ଏହି ସବୁକିଛି ସମ୍ପୂର୍ଣ୍ଣ ଭାବରେ ଏକ ମୂର୍ତ୍ତି ପ୍ରକ୍ରିୟାର ରୂପରେହିଁ ଘଟିଥାଏ ଯାହାଦ୍ୱାରାକି ଅଦୃଶ୍ୟ ଜଗତଗୁଡ଼ିକର ଏକ ସାକାର ଅନୁଭୂତି ପ୍ରାପ୍ତ ହୁଏ ଏବଂ ଏପରିକି ତାହା ଜଣେ ବ୍ୟକ୍ତିକୁ ଏହିସବୁ ଜଗତରେ ସକ୍ରିୟ ହେବା ଲାଗି ମଧ୍ୟ ସମର୍ଥ କରିଥାଏ ।

ପାଶ୍ଚାତ୍ୟ ଜଗତରେ ପ୍ରକୃତରେ ଅତ୍ୟନ୍ତ ଅଳ୍ପସଂଖ୍ୟକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ଜାଣିଛନ୍ତି ଯେ, ଏହି ଦେବତାମାନେ କେବଳ କଳ୍ପନାପ୍ରସୂତ କିଂବା ଅବାସ୍ତବିକ ନୁହନ୍ତି,—ସେମାନେ ଅଳ୍ପବହୁତ ପରିମାଣରେ ଅତ୍ୟନ୍ତ ଉଚ୍ଛୃଙ୍ଖଳ ଭାବରେ କରାଯାଉଥିବା କଳ୍ପନାରୁ ନିଷ୍ପନ୍ନ ହୋଇ ନାହାନ୍ତି—ମାତ୍ର ସେମାନଙ୍କର ଆନୁସଙ୍ଗିକ ହୋଇ ଏକ ବିଶ୍ୱ-ସତ୍ୟ ମଧ୍ୟ ରହିଛି ।

ଏବଂ, ଏହିସବୁ ରାଜ୍ୟ ଓ ଆୟତନ ଏପରି ବହୁସତ୍ତାରେ ପୂର୍ଣ୍ଣ ହୋଇ ରହିଛନ୍ତି, ଯେଉଁମାନଙ୍କର କି ଅସ୍ତିତ୍ୱ ଅଛି,—ପ୍ରତ୍ୟେକ ସତ୍ତାର ତା'ର ନିଜ ରାଜ୍ୟଟି ମଧ୍ୟରେ ଏକ ଅସ୍ତିତ୍ୱ ରହିଛି ଏବଂ, ଯଦି ତୁମେ ଏଗୁଡ଼ିକ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ଭୂମିରେ ଜାଗ୍ରତ ଏବଂ ସଚେତନ ହୋଇ ରହିପାରିବ,—ଉଦାହରଣସ୍ୱରୂପ ଯଦି ଆପଣାର ସ୍ଥୂଳ ଶରୀର ମଧ୍ୟରୁ ବାହାରି ଯାଇ ତୁମେ କୌଣସି ଉଚ୍ଚତର ଭୂମିରେ ଜାଗ୍ରତ ହୋଇପାରିବ, ତେବେ, ଏହି ସ୍ଥୂଳଜଗତର ବସ୍ତୁ ଓ ବ୍ୟକ୍ତିମାନଙ୍କ ସହିତ ତୁମର ଯେଉଁ ସମ୍ବନ୍ଧ ରହିଥିଲା, ସେହି ଅନ୍ୟଭୂମିରେ ରହିଥିବା ବସ୍ତୁ ଓ ବ୍ୟକ୍ତିମାନଙ୍କ ସହିତ ମଧ୍ୟ ତୁମର ସେହି ସମ୍ବନ୍ଧ ସ୍ଥାପିତ ହୋଇପାରିବ । ଅର୍ଥାତ୍, ସେହି କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ବାସ୍ତବ ସମ୍ବନ୍ଧ ଅବଶ୍ୟ ସ୍ଥାପିତ ହୋଇ ରହିଛି, ଯାହାର କି ଏହିସବୁ ବସ୍ତୁଗୁଡ଼ିକ ବିଷୟରେ ତୁମର ହୁଏତ ରହିଥିବା ଧାରଣାଟି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ଏହି ଭୌତିକ ଅର୍ଥାତ୍ ଜଡ଼ଗତ ଜଗତର ଯେତିକି ଅଧିକ ନିକଟବର୍ତ୍ତୀ ହୋଇ ଆସୁଥିବ, ଦୁଇଟି ମଧ୍ୟରେ ସାମଞ୍ଜସ୍ୟଗୁଡ଼ିକ ମଧ୍ୟ ସେତିକି ଅଧିକ ହେବାରେ ଲାଗିଥିବ ଏବଂ ଏହିପରି ଭାବରେ ଏପରି ଏକ ଅବସର ମଧ୍ୟ ଆସି ପହଞ୍ଚିବ, ଯେତେବେଳେ କି ଗୋଟିଏ ରାଜ୍ୟ ଅନ୍ୟଟି ଉପରେ ଏକ ପ୍ରତ୍ୟକ୍ଷ କ୍ରିୟା କରିବାକୁ ଆରମ୍ଭ

'oaob.nitrkl.ac.in' images reprocessed

କରିବ। ମାତ୍ର ସେକଥା ଯାହା ହୋଇଥା'ନ୍ତୁ ପଛକେ, ଶ୍ରୀଅରବିନ୍ଦଙ୍କର ବର୍ଣ୍ଣିତ ଅଧି-ମାନସ ଜଗତଗୁଡ଼ିକରେ ତୁମେ ଏପରି ଏକ ମୂର୍ତ୍ତି ବାସ୍ତବତାର ସମ୍ମୁଖୀନ ହୋଇ ପାରିବ, ଯାହାକି ତୁମର ବ୍ୟକ୍ତିଗତ ଅନୁଭବଠାରୁ ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ହୋଇ ରହିଥିବ। ତୁମେ ସେଠାକୁ ଫେରିଯାଇ ପୂର୍ବରୁ ଦେଖିଥିବା ବସ୍ତୁଗୁଡ଼ିକୁ ସେଠାରେ ପୁନର୍ବାର ବି ଦେଖିବାକୁ ପାଇବ—ତୁମର ଅନୁପସ୍ଥିତି ସମୟରେ ସେଠାରେ ଘଟିଥିବା ପାର୍ଥକ୍ୟଗୁଡ଼ିକ ଅବଶ୍ୟ ବିଦ୍ୟମାନ ରହିଥିବ। ଏବଂ, ସାକାର ସତ୍ତାମାନଙ୍କ ସହିତ ତୁମର ଯେପରି ନାନା ସମ୍ବନ୍ଧ ରହିଛି, ସେଠାରେ ଥିବା ସତ୍ତାମାନଙ୍କ ସହିତ ମଧ୍ୟ ତୁମର ଠିକ୍ ସେହିଭଳି ସମ୍ବନ୍ଧ ସ୍ଥାପିତ ହୋଇ ପାରିବ,—ଏହି କ୍ଷେତ୍ରରେ କେବଳ ଏତିକି ଫରକ ରହିବ ଯେ, ଏହି ସମ୍ବନ୍ଧଟି ଅଧିକ ସ୍ଥିତିସ୍ଥାପକ, ନମନୀୟ ଏବଂ ଅପରିବର୍ତ୍ତନ ହୋଇ ରହିଥିବ। ଉଦାହରଣ ସ୍ୱରୂପ, ତୁମେ ଯେଉଁଭଳି ଏକ ଅନ୍ତର୍ଗତ ସ୍ଥିତିରେ ରହିଥିବ, ତୁମେ ସେହି ଅନୁସାରେ ବାହ୍ୟ ବା ଦୃଶ୍ୟ ରୂପଟିକୁ ମଧ୍ୟ ବଦଳାଇ ଦେଇ ପାରୁଥିବ। ମାତ୍ର, ତୁମେ ହୁଏତ କୌଣସି ଜଣେ ବ୍ୟକ୍ତିଙ୍କୁ ଭେଟିବା ଲାଗି ସମୟ ଓ ସ୍ଥାନ ଠିକ୍ କରିପାରିବ, ଏବଂ ନିର୍ଦ୍ଧାରିତ ସ୍ଥାନଟିରେ ଯାଇ ପହଞ୍ଚିଲେ ଠିକ୍ ସେହି ସତ୍ତାଟିକୁ ଅବଶ୍ୟ ଯାଇ ଭେଟି ପାରିବ; ଅବଶ୍ୟ ଏକଥା ସତ ଯେ, ତୁମର ଅନୁପସ୍ଥିତି କାଳରେ ଘଟିଥିବା କେତେକ ଫରକ ମଧ୍ୟ ତୁମର ଦୃଷ୍ଟିଗୋଚର ହେବ। ଏହା ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତ ହୋଇ ଘଟୁଥିବ, ତାହାର ପରିଣାମଗୁଡ଼ିକ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତ ହୋଇ ରହିଥିବ।

ଏହିସବୁ ବସ୍ତୁକୁ ବୁଝି ପାରିବାକୁ ହେଲେ ଅନ୍ତତଃ କିଞ୍ଚିତ୍ ପରିମାଣରେ ଏହି ଅନୁଭୂତିଟି ମଧ୍ୟ ରହିଥିବା ଆବଶ୍ୟକ। ତା' ନ ହେଲେ, ଏଇଟି ଅଧିକତର ଭାବରେ ମନୁଷ୍ୟର କଳ୍ପନାପ୍ରସୂତ ଅଥବା ମନୋମୟ ଭୂମିରେ ରଚିତ ବୋଲି ଯେଉଁମାନେ ଦୃଢ଼ ଭାବରେ ବିଶ୍ୱାସ କରୁଆନ୍ତି, ଯେଉଁମାନେ ବିଶ୍ୱାସ କରନ୍ତି ଯେ ମନୀଷିମାନେ ସେମାନଙ୍କ ବିଷୟରେ ସେହିପରି ଭାବରେ ଚିନ୍ତା କରିଛନ୍ତି ବୋଲି ଏହି ଦେବତାମାନଙ୍କର ଏଭଳି ବା ସେଭଳି ଏକ ରୂପ ରହିଛି, ଏବଂ, ମନୁଷ୍ୟମାନେ ଅବିକଳ ସେହିପରି ହୋଇଛନ୍ତି ବୋଲି ସେମାନଙ୍କ ଠାରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଅପୂର୍ଣ୍ଣତା କିଂବା ନିର୍ଦ୍ଦିଷ୍ଟ ଗୁଣମାନ ରହିଛି—ଏହି ସେଉଁସବୁ ବ୍ୟକ୍ତି ମନୁଷ୍ୟର କଳ୍ପନା ଅନୁସାରେହିଁ ପରମେଶ୍ୱରଙ୍କର ନିର୍ମାଣ ହୋଇଛି ଏବଂ କେବଳ ମନୁଷ୍ୟର ଭାବନା ଭିତରେହିଁ ତାଙ୍କର ଯାହାକିଛି ଅସ୍ତିତ୍ୱ ରହିଛି ବୋଲି କହନ୍ତି, ସେମାନେ ଏହାକୁ କଦାପି ବୁଝିବେ ନାହିଁ; ଏସବୁ କଥା ସେମାନଙ୍କୁ ଏକାନ୍ତ ହାସ୍ୟକର ବୋଲି ଲାଗିବ, ଗୋଟାସୁଦ୍ଧା ପାଗଳାମି ବୋଲି ମନେହେବ। ମାତ୍ର, ସେହି ବସ୍ତୁ ଯେ ପ୍ରକୃତରେ କିପରି ଅତ୍ୟନ୍ତ ସାକାର ହୋଇ ରହିଥାଏ, ତାହା ଜାଣିବାକୁ

'oaob.nitrkl.ac.in' images reprocessed

ହେଲେ, ଆମର ସେହି ବସ୍ତୁଟିର କ୍ଷେତ୍ରରେ କିଛିକ୍ଷଣ ବିଚରଣ କରିଥିବା ଆବଶ୍ୟକ, ସେହି ବସ୍ତୁଟିକୁ କିଛିକ୍ଷଣ ପରିମାଣରେ ସ୍ପର୍ଶ କରିଥିବା ମଧ୍ୟ ଆବଶ୍ୟକ ।

ଏହା ଅତ୍ୟନ୍ତ ସ୍ୱାଭାବିକ କଥା ଯେ, ଯଦି ପିଲାମାନଙ୍କୁ ବିଗାଡ଼ି ଦିଆଯାଇ ନ ଥାଏ, ତେବେ ସେମାନେ ଏହିସବୁ ବିଷୟରେ ବହୁତ କିଛି ଜାଣିବାକୁ ସମର୍ଥ ହୁଅନ୍ତି । ଏପରି ଅନେକ ପିଲା ଅଛନ୍ତି, ଯେଉଁମାନେ କି ପ୍ରତ୍ୟେକଦିନ ରାତିରେ ସେହି ଗୋଟିଏ ସ୍ଥାନକୁ ଫେରି ଯାଆନ୍ତି ଏବଂ ସେଠାରେ ଆଗରୁ ଯାହାସବୁ ଅନୁଭବ କରିଥାନ୍ତି, ପୁନର୍ବାର ଠିକ୍ ତାହାହିଁ ଅନୁଭବ କରିପାରନ୍ତି । ଯଦି ବୟସ ଅନୁସାରେ ଏହିସବୁ ସାମର୍ଥ୍ୟକୁ ନଷ୍ଟ କରି ଦିଆଯାଇ ନ ଥାଏ, ତେବେ ତୁମେ ସେଗୁଡ଼ିକୁ ଅବଶ୍ୟ ସ୍ଥାୟୀ ଭାବରେ ନିଜ ପାଖରେ ରଖିପାରିବ । ଏକଦା, ମୁଁ ଯେତେବେଳେ ସ୍ୱପ୍ନଗୁଡ଼ିକରେ ବିଶେଷ ଭାବରେ ଉତ୍ସୁକତା ରଖିଥିଲି, ମୁଁ ସେତେବେଳେ ଯେଉଁଠାରେ ଆରମ୍ଭ କରିଥିଲି, ଠିକ୍ ସେହି ସ୍ଥାନକୁ ଫେରିଯାଇ ପାରୁଥିଲି ଓ କୌଣସି କାର୍ଯ୍ୟ ଆରମ୍ଭ କରି ପାରୁଥିଲି । ଉଦାହରଣ ସ୍ୱରୂପ, କୌଣସି ବିଷୟର ତତ୍ତ୍ୱାବଧାନ କରି ପାରୁଥିଲି, କୌଣସି ବସ୍ତୁକୁ ସଜାଡ଼ି ଦେଇ ପାରୁଥିଲି, — ସଂଗଠିତ କରିଦେବା ବା ଆବିଷ୍କାର କରିବାର କେତେ କାର୍ଯ୍ୟ କରି ପାରୁଥିଲି, କୌଣସି ବସ୍ତୁକୁ ଖୋଜି ବାହାର ମଧ୍ୟ କରି ପାରୁଥିଲି । ଠିକ୍ ଏହି ଜୀବନ କ୍ଷେତ୍ରରେ ଯେପରି ହେଉଛି, ସେଠାରେ ମଧ୍ୟ ତୁମେ ଯାଇ ଯାଇ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଯାଇ ପହଞ୍ଚିବ, ତା'ପରେ ସେଠାରେ ଟିକିଏ ବିଶ୍ରାମ ନେବ, ତା' ପରେ ପୁଣି ଫେରି ଆସିବ ଓ ପୁନର୍ବାର କାର୍ଯ୍ୟଟିକୁ ଆରମ୍ଭ କରିପାରିବ; — ଠିକ୍ ଯେଉଁ ସ୍ଥାନରେ କାର୍ଯ୍ୟଟିକୁ ଛାଡ଼ି ଯାଇଥିଲି, ଠିକ୍ ସେହିଠାରେ କାର୍ଯ୍ୟ କରିବାକୁ ଆରମ୍ଭ କରିବ ଏବଂ କାର୍ଯ୍ୟଟି କରିବାରେ ଲାଗିଯାଇ ପାରିବ । ଏବଂ, ଏକଥା ମଧ୍ୟ ଦେଖିବାକୁ ପାଇବ ଯେ, ଏପରି ଅନେକ ବସ୍ତୁ ରହିଛି ଯାହାକି ତୁମଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ରହିଛି, ଅର୍ଥାତ୍, ସେହି କ୍ଷେତ୍ରରେ ଏଭଳି ନାନା ପରିବର୍ତ୍ତନ ଘଟୁଛି, ଯାହାକି ତୁମେ ଆଦୌ କରୁ ନାହିଁ, — ତୁମର ଅନୁପସ୍ଥିତିରେ ଅତ୍ୟନ୍ତ ସ୍ୱତଃସକ୍ରିୟ ଭାବରେ ସେହି ପରିବର୍ତ୍ତନମାନ ସଂଘଟିତ ହୋଇଛି ।

ମାତ୍ର ସେଥି ଲାଗି ତୁମ ନିଜକୁ ସେହି ଅନୁଭୂତିଗୁଡ଼ିକୁ ବଞ୍ଚିବାକୁ ପଡ଼ିବ, ନିଜକୁ ସେଗୁଡ଼ିକୁ ପ୍ରତ୍ୟକ୍ଷ କରିବାକୁ ପଡ଼ିବ,— ତୁମେ ସେଗୁଡ଼ିକୁ ଯଥେଷ୍ଟ ନିଷ୍ଠା ଏବଂ ସ୍ୱତଃସ୍ଫୂର୍ତ୍ତିତା ସହିତ ବଞ୍ଚିବ ଯେପରିକି ସେଗୁଡ଼ିକ ଯାବତୀୟ ମନୋଗତ ବିରଚନାର କବଳରୁ ମୁକ୍ତ ହୋଇ ରହିଥିବେ । କାରଣ, ତୁମେ ତାହାର ବିପରୀତ କଥାଟିକୁ ମଧ୍ୟ ବେଶ୍ କରିପାରିବ, ଏବଂ, ଘଟଣାଗୁଡ଼ିକ ଉପରେ ମାନସିକ ବିରଚନାର ଯେଉଁ କାର୍ଯ୍ୟଟି ହେବାରେ ଲାଗିଛି, ତାହାର ଅଧ୍ୟୟନକୁ କେବଳ

'oaob.nitrkl.ac.in' images reprocessed

ଆତୁର ଗମ୍ଭୀର କରିଦେଇ ପାରିବ । ଏଇଟି ମଧ୍ୟ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, ମାତ୍ର ଏହା ପ୍ରକୃତରେ ଏକ ଅନ୍ୟ ରାଜ୍ୟର କଥା । ୪ର୍ଥ ସେହି ଅଧ୍ୟୟନ ତୁମକୁ ଅତ୍ୟନ୍ତ ସତର୍କ ଓ ସାବଧାନ କରିଦେଇଥାଏ, କାରଣ, ତୁମେ ନିଜକୁ କେତେ ପରିମାଣରେ ଭ୍ରମରେ ପକାଇ ପାରୁଛ, ଏଥିରେ ତୁମେ ସେହି ବିଷୟରେହିଁ ସଜ୍ଞାନତା ଲାଭ କରି ଥାଅ । ତେଣୁ ତୁମକୁ ଦୁଇଟିଯାକର ଅଧ୍ୟୟନ କରିବାକୁ ପଡ଼ିବ—ସ୍ୱପ୍ନ ଏବଂ ଗୂଢ଼-ବିଦ୍ୟାର ଜଗତ ମଧ୍ୟରେ ଅବସ୍ଥିତ ସତ୍ୟ,—ଉଭୟର ଅଧ୍ୟୟନ କରିବାକୁ ପଡ଼ିବ; ତେବେଯାଇ ଦୁଇଟି ମଧ୍ୟରେ ରହିଥିବା ମୂଳ ପ୍ରଭେଦଟିକୁ ଦେଖିପାରିବ । ଗୋଟିଏ ଆମ ଉପରେ ନିର୍ଭର କରି ରହିଥାଏ ଓ ଆଉଗୋଟିଏ ଆପଣାଛାଏଁ ରହିଥାଏ; ସେଇଟି ବିଷୟରେ ଆମର ଯେଉଁ ଭାବନା ରହିଛି, ତାହାଠାରୁ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ହୋଇ ସେଇଟି ଅବସ୍ଥାନ କରୁଥାଏ ।

ସେହି ରାଜ୍ୟରେ ଯାଇ କାର୍ଯ୍ୟ କଲେ ତୁମେ ବସ୍ତୁତଃ ଏହି କଥାଟିକୁ ଉପ-ଲବ୍ଧି କରିଥାଅ ଯେ, ଯେତେବେଳେ ଆମେ କୌଣସି ଏକ ବସ୍ତୁର ଅଧ୍ୟୟନ କରିଥାଉ ଏବଂ ସେହି ଅଧ୍ୟୟନରୁ ମନୋଗତ ଭାବରେ କିଛି ଶିକ୍ଷା ମଧ୍ୟ କରିଥାଉ, ସେତେବେଳେ ଅସଲ ଅନୁଭୂତିଟିକୁ ତାହା ଏକ ବିଶେଷ ରଙ୍ଗ ଆଣି ଦେଇଯାଏ; ହୁଏତ ଅନୁଭୂତିଟି ସମ୍ପୂର୍ଣ୍ଣ ଭାବରେ ନିଷ୍ଠାଲବ୍ଧ ଏବଂ ସ୍ୱତଃସ୍ଫୂର୍ତ୍ତ ହୋଇଥାଇ ପାରେ, ମାତ୍ର, ସେହି ବସ୍ତୁଟିକୁ ଆମେ ଜାଣିଲୁ ଓ ତାହାର ଅଧ୍ୟୟନ କଲୁ, କେବଳ ସେଇଟିରୁହିଁ ସେଥିରେ ଏକ ବିଶେଷ ଗୁଣ ଆସି ମିଶ୍ରିତ ହୋଇଯାଏ । ଅନ୍ୟପକ୍ଷରେ ଯଦି ତୁମେ ପ୍ରଶ୍ନଟି ବିଷୟରେ ଆଦୌ କିଛି ଶିକ୍ଷା କରି ନ ଥାନ୍ତ, ଯଦି ଆଦୌ କିଛିହେଲେ ଜାଣି ନ ଥାନ୍ତ, ତେବେ ଅନୁଭୂତିଟି ଲାଭକଲାବେଳେ ପ୍ରତିଲିପିଟି ସମ୍ପୂର୍ଣ୍ଣ ଭାବରେ ସ୍ୱତଃସ୍ଫୂର୍ତ୍ତ ଏବଂ ନିଷ୍ଠାଯୁକ୍ତ ହୋଇପାରନ୍ତା; ତାହା ଅଳ୍ପବହୁତ ପରିମାଣରେ ଯଥେଷ୍ଟ ଓ ସମୁଚିତ ହୋଇପାରୁଥାନ୍ତା, ମାତ୍ର ତାହା ପୂର୍ବରୁ କରାଯାଇ ଥିବା କୌଣସି ମନୋଗତ ବିରଚନାର ଏକ ପରିଣାମ ହେବାକୁ ବାଧ୍ୟ ହେଉ ନ ଥାନ୍ତା ।

ଏକଥାଟି ଏକାନ୍ତ ସତ୍ୟ ଯେ ଏହି ଗୂଢ଼ବିଦ୍ୟାଗତ ଜ୍ଞାନ ଅଥବା ଏହି ଅନୁଭୂତି ଏହି ପୃଥିବୀରେ ଆଦୌ ଖୁବ୍ ଅଧିକ ସମୟରେ ଘଟେ ନାହିଁ; କାରଣ ଯେଉଁ ବ୍ୟକ୍ତିମାନେ ନିଜର ଅନ୍ତର୍ଗତ ଜୀବନକୁ ଯଥେଷ୍ଟ ପରିମାଣରେ ବିକଶିତ କରାଇ ନ ଥାନ୍ତି, ସେମାନଙ୍କ ଭିତରେ ଅତ୍ୟନ୍ତ ସୁନିଶ୍ଚିତ ଭାବରେ ଅନେକ ଖାଲି ଜାଗା ରହିଯାଇଥାଏ—ସେମାନଙ୍କର ବାହ୍ୟ ଚେତନା ଏବଂ ଅନ୍ତରତମ ଚେତନା ମଧ୍ୟରେ ଦୂରତାମାନ ରହିଥାଏ । ସତ୍ତାର ବିଭିନ୍ନ ସ୍ଥିତି ମଧ୍ୟରେ ସେମାନଙ୍କର କୌଣସି ଯୋଗସୂତ୍ର ନ ଥାଏ ଏବଂ ସେହି ସ୍ଥିତିଗୁଡ଼ିକୁ ମଧ୍ୟ ଗଠିତ କରି ଆଣିବା

'oaob.nitrkl.ac.in' images reprocessed

ବାକି ରହିଥାଏ । ତେଣୁ, ଲୋକେ ଯେତେବେଳେ ସେଠାରେ ପ୍ରଥମଥର ପାଇଁ ଯାଇ ପ୍ରବେଶ କରନ୍ତି, ସେତେବେଳେ ସେମାନେ ଭାରି ଶୂନ୍ୟଆ ହୋଇପଡ଼ନ୍ତି; ସେମାନଙ୍କର ଏପରି ଏକ ଧାରଣା ହୋଇଥାଏ ଯେ, ସେମାନେ ସତେଅବା ଏକ ରାତ୍ରିର ଗର୍ଭରେ, ଏକ ଭୟାନକ ଶୂନ୍ୟର ତଥା ଏକ ଅ-ସତ୍ତାର ଗର୍ଭରେ ଆସି ପତିତ ହୋଇ ଯାଇଛନ୍ତି ।

ମୋର ଜଣେ ଡେନିଶ୍ ବନ୍ଧୁ ଥିଲେ, — ଜଣେ ଚିତ୍ରକର — ସିଏ ଠିକ୍ ସେହିଭଳି ଥିଲେ । ଶରୀରରୁ ବାହାରି କପରି ବାହାରକୁ ଯିବାକୁ ହୁଏ, ମୁଁ ତାଙ୍କୁ ସେହିକଥା ଶିଖାଇଦିଏ ବୋଲି ସେ ଇଚ୍ଛା ପ୍ରକାଶ କରିଥିଲେ । ସେ ରାତିରେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ସ୍ୱପ୍ନମାନ ଦେଖୁଥିଲେ ଏବଂ ଭାବୁଥିଲେ ଯେ, ସଚେତନ ଭାବରେ ମଧ୍ୟ ସେହିସବୁ ସ୍ଥାନକୁ ଯାଇପାରିଲେ ନିଶ୍ଚୟ ତାହା ଅଧିକ ସାର୍ଥକତାର ବିଷୟ ହେବ । ତେଣୁ ମୁଁ ତାଙ୍କୁ "ବାହାରକୁ ଯିବା" ଶିଖାଇଦେଲି — ମାତ୍ର, ପ୍ରକୃତରେ ତାହା ଏକ ଭୟଙ୍କର ବ୍ୟାପାରରେହିଁ ପରିଣତ ହେଲା ! ସିଏ ସ୍ୱପ୍ନ ଦେଖୁଥିବା ସମୟରେ ତାଙ୍କ ମନରେ ଗୋଟିଏ ଭାଗ ତଥାପି ସଚେତନ ଓ ସକ୍ରିୟ ହୋଇ ରହୁଥିଲା, ଏବଂ ଏହି ସକ୍ରିୟ ଭାଗ ତଥା ଏହି ବାହ୍ୟ ସତ୍ତାଟି ମଧ୍ୟରେ ଗୋଟିଏ ପ୍ରକାରର ଯୋଗସୂତ୍ର ମଧ୍ୟ ଉପସ୍ଥିତ ରହୁଥିଲା । ସେତେବେଳେ ସିଏ ନିଜର ସ୍ୱପ୍ନଗୁଡ଼ିକରୁ କେତୋଟିର ସ୍ମରଣ କରୁଥିଲେ, ମାତ୍ର ତାହା ସର୍ବଦା ଏକ ଆଂଶିକ ବ୍ୟାପାର ହୋଇ ରହି ଯାଉଥିଲା । ଏବଂ, ନିଜ ଶରୀର ଭିତରୁ ବାହାରି ବାହାରକୁ ଯିବାର ଅର୍ଥ ହେଉଛି ଧୀରେ ଧୀରେ ସତ୍ତାଗତ ସକଳ ସ୍ଥିତିର ମଧ୍ୟ-ଦେଇ ଯାତ୍ରା କରିବା, — ଏହି କାର୍ଯ୍ୟଟିକୁ ବିଧିବଦ୍ଧ ଭାବରେ କରିବାକୁ ହେଲେ ଆମକୁ ଠିକ୍ ସେହିଭଳିହିଁ କରିବାକୁ ପଡ଼ିବ । ଏବଂ, ସୂକ୍ଷ୍ମ ଭୌତିକର ଭୂମିଟିରେହିଁ ଆମର ସ୍ୱତନ୍ତ୍ର ବ୍ୟକ୍ତିସତ୍ତାଟି ବିଦାୟନେଇ ଚାଲି ଯାଇଥାଏ, ଏବଂ ଆମେ ଆହୁରି ଆଗକୁ ଯାଇପାରିଲେ, ସେହି ସତ୍ତାର ଆଦୌ କିଛିହେଲେ ଅବଶେଷ ନ ଥାଏ; କାରଣ ସେହି କ୍ଷେତ୍ରରେ କିଛିହେଲେ ରୂପଗ୍ରହଣ କରୁ ନ ଥାଏ କିଂବା ବ୍ୟକ୍ତିଭାବାପନ୍ନ ବି ହେଉ ନ ଥାଏ ।

ଏହିପରି ଭାବରେ, ଯେତେବେଳେ ଲୋକମାନଙ୍କୁ ଧ୍ୟାନସ୍ଥ ହେବାକୁ ବା ନିଜର ଭିତରକୁ ଚାଲିଯିବାକୁ କୁହାଯାଏ, ସେତେବେଳେ ସେମାନେ ଅତିଶୟ ଯନ୍ତ୍ରଣାର ସମ୍ମୁଖୀନ ହୁଅନ୍ତି । ଏପରି ହେବା ମଧ୍ୟ ଅତ୍ୟନ୍ତ ସ୍ୱାଭାବିକ ! ସେମାନଙ୍କ ଭିତରେ ଏହି ଧାରଣା ରହିଥାଏ ଯେ, ସେମାନେ ସତେଯେପରି କ୍ରମଶଃ ଅନ୍ତର୍ହିତ ହୋଇ ଯାଉଛନ୍ତି । ଏହି ଧାରଣା ପଛରେ ଯୁକ୍ତି ମଧ୍ୟ ରହିଥାଏ : କାରଣ, ସେହି କ୍ଷେତ୍ରରେ ଆଦୌ କିଛିହେଲେ ନ ଥାଏ, କୌଣସି ଚେତନା ମଧ୍ୟ ନ ଥାଏ ।

'oaob.nitrkl.ac.in' images reprocessed

ଆମକୁ ଅତ୍ୟନ୍ତ ସ୍ୱାଭାବିକ ଏବଂ ସୁନିଶ୍ଚିତ ବୋଲି ପ୍ରତୀତ ହେଉଥିବା ଏହିସବୁ ବସ୍ତୁ,—ଆଦୌ କିଛି ଜ୍ଞାନ ନ ଥିବା ବ୍ୟକ୍ତିମାନଙ୍କ ଲାଗି ଏସବୁ ତୁଚ୍ଛା ଓ ଉଡ଼ା କଳ୍ପନାମାତ୍ର ହୋଇ ରହିଥାଏ । ଉଦାହରଣ ସ୍ୱରୂପ, ଯଦି ତୁମେ ଏହିସବୁ ଅନୁଭୂତିକୁ ବା ଜ୍ଞାନକୁ ପାଶ୍ଚାତ୍ୟ ଜଗତରେ ନେଇ ପ୍ରେରଣ କରିବାକୁ ଚାହାଁବ, ତେବେ,—ଅବଶ୍ୟ ତୁମେ ବାରଂବାର ସେଠାରେ ଥିବା ଗୂଢ଼ବିଦ୍ୟାବିତ୍‌ମାନଙ୍କର ଗୋଷ୍ଠୀକୁ ଯାଇ ସେଗୁଡ଼ିକର ଉପସ୍ଥାପନା କରୁଥିଲେ ତାହା ଅନ୍ୟ କଥା ହେବ, ତା' ନ ହେଲେ ସେମାନେ ଏଡ଼େ ଏଡ଼େ ଆଖିରେ ତୁମ ଆଡ଼କୁ ଅନାଇବାକୁ ଆରମ୍ଭ କରିବେ । ଏବଂ, ଯେତେବେଳେ ତୁମେ ସେମାନଙ୍କ ପାଖରୁ ଚାଲିଆସିବ, ସେତେବେଳେ ସେମାନେ ସଙ୍ଗେ ସଙ୍ଗେ "ଏହି ଲୋକଗୁଡ଼ାକ ବଡ଼ି ପାଗଳ" ବୋଲି କହିବାକୁ ଆରମ୍ଭ କରିବେ ।

ବର୍ତ୍ତମାନ ଆମେ ଦେବତାମାନଙ୍କ ପାଖକୁ ଫେରି ଆସିବା ଓ ବିଷୟଟିର ଏକ ଉପସଂହାର କରିବା । ଏ କଥାଟି ଅବଶ୍ୟ କହି ରଖିବାକୁ ହେବ ଯେ, ଯେଉଁ ସତ୍ତାମାନଙ୍କର ଆଦୌ କେବେହେଲେ ଏକ ପାର୍ଥିବ ଅସ୍ତିତ୍ୱ ନ ଥିଲା, — ଦେବତା ବା ଗନ୍ଧର୍ବମାନେ, ସେହି ଅଦୃଶ୍ୟ ସତ୍ତା ତଥା ଶକ୍ତିମାନେ — ଦିବ୍ୟ ପରମସତ୍ତା ମନୁଷ୍ୟମାନଙ୍କ ମଧ୍ୟରେ ଯାହା ପ୍ରଦାନ କରି ରଖିଛନ୍ତି, ସେମାନଙ୍କ ଭିତରେ ସେସବୁ ମୋଟେ କିଛି ନାହିଁ । ସେଇଟି ହେଉଛି ଚୈତ୍ୟସତ୍ତା । ଏବଂ, ଏହି ଚୈତ୍ୟସତ୍ତାହିଁ ମନୁଷ୍ୟକୁ ଯଥାର୍ଥ ପ୍ରେମ, ଉଦାରତା, କରୁଣା, ଏକ ଗଭୀର ଦୟାଳୁତାର ଭାବ ପ୍ରଦାନ କରି ରଖିଛି, — ଏବଂ, ଏହିଗୁଡ଼ିକହିଁ ମନୁଷ୍ୟର ଯାବତୀୟ ବାହ୍ୟ ଅଭାବର ଏକ କ୍ଷତିପୂରଣ ସମ୍ଭବ କରି ପାରୁଛି ।

ଦେବତାମାନଙ୍କ ଭିତରେ ଦୋଷ ବୋଲି ଆଦୌ କିଛି ନାହିଁ, କାରଣ ସେମାନେ ଆପଣାର ସ୍ୱଭାବଟି ଅନୁସାରେ ଜୀବନଟିକୁ ବଞ୍ଚୁଛନ୍ତି, ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଏବଂ ଅପ୍ରତିବନ୍ଧ ଭାବରେ ଜୀବନ ବଞ୍ଚୁଛନ୍ତି । ଜଣେ ଜଣେ ଦେବତା ହିସାବରେ, ତାହାହିଁ ସେମାନଙ୍କର ସତ୍ତାଗତ ରୀତି ହୋଇ ରହିଛି । ମାତ୍ର, ଯଦି ତୁମେ ଏକ ଉଚ୍ଚତର ଦୃଷ୍ଟିକୋଣରୁ ବିଷୟଟିର ବିଚାର କରିବ, ଏକ ସମଗ୍ର ଦୃଷ୍ଟିର ଭୂମି ଉପରେ ବିଚାର କରିବ, ତେବେ ଏକଥା ଅବଶ୍ୟ ଦେଖିବାକୁ ପାଇବ ଯେ, ସେମାନଙ୍କ ମଧ୍ୟରେ କେତେକ ନିର୍ଦ୍ଦିଷ୍ଟ ଗୁଣର ଅଭାବ ରହିଛି । ଏହି ଗୁଣଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ମନୁଷ୍ୟରହିଁ ଗୁଣ । ଆପଣାର ପ୍ରେମ ତଥା ଆତ୍ମଦାନର ସାମର୍ଥ୍ୟ ଦ୍ୱାରା ମନୁଷ୍ୟ ଦେବତାମାନଙ୍କ ପରି ସେତିକି କ୍ଷମତା, ଏପରିକି ତା' ଠାରୁ ଆହୁରି ଅଧିକ କ୍ଷମତା ମଧ୍ୟ ହାସଲ କରି ପାରିବ । ଅହଂକାରରୁ ମୁକ୍ତ ହେଲେ ସିଏ ତାହା ଅବଶ୍ୟ ହାସଲ କରି ପାରିବ । ନିଜର ଅହଂବାସନାଟିକୁ ଅତିକ୍ରମ କରିଯାଇ ପାରିଲେ ତାହା କରି ପାରିବ ।

'oaob.nitrkl.ac.in' images reprocessed

ଆବଶ୍ୟକ ସନ୍ତ୍ରିଟିକୁ ପୂରଣ କରିପାରିଲେ ମନୁଷ୍ୟ ଦେବତାମାନଙ୍କ ତୁଳନାରେ ସର୍ବୋଚ୍ଚ ପରମସତ୍ତ୍ୱଙ୍କର ଅପେକ୍ଷାକୃତ ଅଧିକ ନିକଟବର୍ତ୍ତୀ ହୋଇ ରହି ପାରିବ । ସିଏ ତାଙ୍କର ଅଧିକ ନିକଟବର୍ତ୍ତୀ ହୋଇ ପାରିବ । ଆପଣାଗ୍ରେ କଦାପି ତାହା ହୋଇ ଯିବ ନାହିଁ; ମାତ୍ର ତାହା ହୋଇ ପାରିବା ସକାଶେ ତା' ଭିତରେ ଯଥାର୍ଥ ଶକ୍ତି ଅବଶ୍ୟ ରହିଛି, ସେହି ଶକ୍ତି ଅନ୍ତର୍ନିହିତ ହୋଇ ରହିଛି ।

ଯଦି ମନୁଷ୍ୟର ଏହି ପ୍ରେମଶକ୍ତି ଆଦୌ କୌଣସି ପ୍ରକାରେ ବିମିଶ୍ରିତ ନ ହୋଇ ପ୍ରକୃତରେ ବ୍ୟକ୍ତ ହୋଇ ପାରନ୍ତା, ତେବେ ତାହାହିଁ ଯଥାର୍ଥରେ ସର୍ବଶକ୍ତିଶାଳୀ ହୁଅନ୍ତା । ଦୁର୍ଭାଗ୍ୟର କଥା ଯେ, ମନୁଷ୍ୟର ପ୍ରେମ ଭିତରେ ପ୍ରେମାସ୍ପଦ ପ୍ରତି ଯେତିକି ପ୍ରେମଭାବ ରହିଛି, ତା' ନିଜପ୍ରତି ମଧ୍ୟ ତାହା ଠିକ୍ ସେତିକି ପରିମାଣରେ ରହିଛି । ଆପଣାକୁ ଗୋଟାସୁଦ୍ଧା ଭୁଲିଯିବା,—ଏହି ପ୍ରେମ ଦ୍ୱାରା ତାହା ମୋଟେ ସମ୍ଭବ ହୋଇ ପାରୁ ନାହିଁ ।

'oaob.nitrkl.ac.in' images reprocessed

# ୮ ନଭେମ୍ବର ୧୯୫୮

## ୫ ନଭେମ୍ବର ୧୯୫୮ର ଅନୁଭୂତି

### ୧୯୫୯ ପାଇଁ ନବବର୍ଷ-ବାର୍ତ୍ତା

ଅତ୍ୟନ୍ତ କଠିନ ଓ ଅନମନୀୟ ଓ ସଙ୍କୀର୍ଣ୍ଣ ଏବଂ ଗଣ୍ଡିରୋଧ-କାରୀ ଅଚେତନାର ଏକାବେଳକେ ତଳକୁ ଯାଇ ମୁଁ ଏପରି ଏକ ଶକ୍ତିଶାଳୀ ସ୍ପ୍ରିଙ୍ଗ୍‌କୁ ସ୍ପର୍ଶ କଲି, ଯାହାକି ମୋତେ ତତ୍‌କ୍ଷଣାତ୍ ଏକ ଆକାରଶୂନ୍ୟ ଓ ସୀମାହୀନ ବୃହତ୍ ବିପୁଳତା ମଧ୍ୟରେ ଆଣି ନିକ୍ଷେପ କରିଦେଲା । ସେହି ବିପୁଳତା ଏକ ନୂତନ ପୃଥିବୀକୁ ଜନ୍ମ ଦେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ବୀଜଗୁଡ଼ିକ ଦ୍ୱାରା ସ୍ପନ୍ଦିତ ହେବାରେ ଲାଗିଥିଲା ।

ଏହି ବାଣୀଟିର ଏହିପରି ଏକ ମୂଳ ରହିଛି :

କାଲି ସନ୍ଧ୍ୟାରେ କ୍ଲାସ୍ ନେଉଥିବା ବେଳେ (ମାଆଙ୍କର ସାପ୍ତାହିକ "ବୁଧବାର କ୍ଲାସ୍", ଯାହାକି ସେ ଆଶ୍ରମ ପ୍ଲେଗ୍ରାଉଣ୍ଡ୍‌ରେ ନେଉଥିଲେ), ମୁଁ ଦେଖିବାକୁ ପାଇଥିଲି ଯେ, ଆମେ ପାଠକରୁଥିବା ଗ୍ରନ୍ଥାଂଶଟି ବିଷୟରେ ନିଜର ପ୍ରଶ୍ନଗୁଡ଼ିକୁ ପ୍ରସ୍ତୁତ କରିବା ଲାଗି ସମ୍ପୂର୍ଣ୍ଣ ସପ୍ତାହଟିଏ ପାଇଥିଲେ ମଧ୍ୟ, ପିଲାମାନେ ଗୋଟିଏ ବି ପ୍ରଶ୍ନ ତିଆରି କରି ଆଣି ନ ଥିଲେ । ଏହା ପ୍ରକୃତରେ ଏକ କେଡ଼େ-ବଡ଼ ଓ ଭୟଙ୍କର ଜଡ଼ତା ! ଏହା ଆଗ୍ରହର ଏକ ସମ୍ପୂର୍ଣ୍ଣ ଅଭାବରହିଁ ପରିଚୟ ଦେଉଛି ! ମୋ'ର ପାଠାଂଶଟିକୁ ପାଠ କରି ସାରିବା ପରେ ମୁଁ ମନେ ମନେ ଭାବୁଥିଲି, "ମାତ୍ର ଏହିସବୁ ମସ୍ତିଷ୍କ ଭିତରେ କ'ଣ ରହିଛି, ଯାହାକି, କେବଳ ନିଜ ନିଜର କ୍ଷୁଦ୍ର ବ୍ୟାପାରଗୁଡ଼ିକ ବ୍ୟତୀତ ଆଉ କୌଣସିଥିରେ ବି ଆଗ୍ରହ ପ୍ରକାଶ କରିବାକୁ ରାଜି ହେଉ ନାହିଁ ? ପ୍ରକୃତରେ ତାହା ଭିତରେ, ଏହିସବୁ ଗଠନର ପଶ୍ଚାତରେ କ'ଣସବୁ ଘଟଣା ଘଟୁଛି ?

'oaob.nitrkl.ac.in' images reprocessed

ତା'ପରେ, ଧ୍ୟାନ ସମୟରେ ମୁଁ ମୋ ଚାରିପାଖରେ ବସିଥିବା ଲୋକମାନଙ୍କର ମାନସିକ ବାୟୁମଣ୍ଡଳଟିର ଗଭୀରକୁ ଯିବାକୁ ଆରମ୍ଭ କଲି, ସେହି ଗଭୀର ଭିତରେ ସେହି କ୍ଷୁଦ୍ର ଆଲୋକଟିକୁ, ଅନୁସ୍ପନ୍ଦନ ଜଣାଇ ପାରୁଥିବା ସେହି ଅସଲ ବସ୍ତୁଟିକୁ ଆବିଷ୍କାର କରିବା ଲାଗି ମୁଁ ସେହିପରି ଭାବରେ ଭିତରକୁ ଗଲି । ଏବଂ, ସତେଯେପରି କୌଣସି ଏକ ଗର୍ତ୍ତ ଭିତରେ ପଶୁଥିବା ପରି, ମୋତେ ଏକାବେଳେକେ ପ୍ରକୃତରେ ତଳ ପର୍ଯ୍ୟନ୍ତ ଟାଣିନେଇ ଚାଲିଗଲା ।

ସେହି ଗର୍ତ୍ତ ଭିତରେ ମୁଁ ଯାହା ଦେଖିଲି, ତାହାକୁ ଏବେ ମଧ୍ୟ ଦେଖି ପାରୁଛି । ମୁଁ ତଳକୁ ଯାଇ ସତେଯେପରି ଦୁଇ ପାହାଡ଼ ମଧ୍ୟରେ ଅବସ୍ଥିତ ଗୋଟିଏ ଫାଟ ଭିତରେ ଯାଇ ପହଞ୍ଚିଲି । ପର୍ବତ ଦୁଇଟି ଅସିତାଶ୍ମଠାରୁ ଆହୁରି ଅଧିକ କଠିନ କୌଣସି ଏକ ବସ୍ତୁରେ ତିଆରି ହୋଇଥିଲେ, ଏକାଧାରରେ କୃଷ୍ଣବର୍ଣ୍ଣ ଏବଂ ଧାତବ ହୋଇ ରହିଥିଲେ; ସେଗୁଡ଼ିକର ଦାଢ଼ ଏପରି ଅଧିକ ତୀଖ ହୋଇ ରହିଥିଲା ଯେ, ତଦ୍ୱାରା ଏପରି ମନେ ହେଉଥିଲା, ଯଦି ତୁମେ ସେଗୁଡ଼ିକ ଉପରେ ହାତ ମାରିବାକୁ ମନ କରିବ, ତେବେ ତୁମ ହାତରୁ ତତ୍କ୍ଷଣାତ୍ ଚମଡ଼ା ଉତୁରି ଯିବ । ସେହି ଗର୍ତ୍ତରେ ଆଦୌ କୌଣସି ତଳ ବା କୌଣସି ଶେଷ ନ ଥିବା ପରି ମନେ ହେଉଥିଲା ଏବଂ ତାହା କାହାଳୀ ପରି କ୍ରମେ ଅଧିକରୁ ଅଧିକ ଅଣଓସାରିଆ ହୋଇ ତଳକୁ ଚାଲିଯାଇଥିଲା । ଶେଷକୁ ଏତେ ଅଣଓସାରିଆ ହୋଇଯାଇଥିଲା ଯେ, ତା' ଭିତରେ ଚେତନା ଲାଗି ମଧ୍ୟ ଗଳିକରି ଯାଇପାରିବା ଲାଗି ଯଥେଷ୍ଟ ସ୍ଥାନ ନ ଥିଲା । ସେହି କୃଷ୍ଣଗର୍ତ୍ତର ସବା ତଳଟା ଆଦୌ ଦୃଶ୍ୟ ହେଉ ନ ଥିଲା ଏବଂ ତାହା ତଳକୁ ଓ ଆହୁରି ତଳକୁ କେତେ ନା କେତେ ତଳକୁ ଚାଲି ଯାଇ ଥିଲା । ତା' ଭିତରେ କୌଣସି ବାୟୁ ନ ଥିଲା ବା କୌଣସି ଆଲୋକ ନ ଥିଲା; ଆଲୋକର କେବଳ ଏକ ଆଭାସଟି ରହିଥିଲା — ପର୍ବତଗୁଡ଼ିକର ଶୃଙ୍ଗରେ ତାହା ଏକ ପ୍ରତିଫଳନ ପରି ହୋଇ ରହିଥିଲା । ସେହି ଆଭାସଟି ସୁଦୂର କେଉଁ ଦୂରତାଠାରୁ ଆସୁଥିବା ପରି ମନେ ହେଉଥିଲା; ହୁଏତ ଏପରି ଏକ ସ୍ଥାନରୁ ଆସୁଥିଲା, ଯାହାକୁ ସ୍ୱର୍ଗରାଜ୍ୟ ବୋଲି କୁହାଯାଇ ପାରିବ, ମାତ୍ର ତାହା କୌଣସି ଅଦୃଶ୍ୟ ଦୂରସ୍ଥାନରୁ ଏଠାକୁ ଆସୁଥିଲା । ସେହି ଫାଟ ଭିତରେ ଖସି ଖସି ମୁଁ ତଳକୁ ଗଲି । ଦାଢ଼ଗୁଡ଼ିକ ମୋର ଦୃଷ୍ଟିଗୋଚର ହୋଇ ଯାଉଥାଏ, ସେହି, କୃଷ୍ଣବର୍ଣ୍ଣ ପ୍ରସ୍ତରଗୁଡ଼ିକୁ ସତେଅବା କେହି କଇଞ୍ଚିରେ କାଟି ଦାଢ଼ିଆ କରି ରଖିଥିବା ପରି ମନେ ହେଉଥାଏ । ତାହା ସଦ୍ୟକର୍ତ୍ତିତ ପରି ଚକ୍‌ଚକ୍ ଦେଖାଯାଉଥାଏ— ଧାରଗୁଡ଼ିକ ଏତେ ତୀକ୍ଷ୍ଣ ହୋଇ ରହିଥାଏ ଯେ ଅବିକଳ ଛୁରୀ ପରି ଦିଶୁଥାଏ । ଏଠାରେ ଗୋଟାଏ, ସେଠାରେ ଗୋଟିଏ ଓ ସେଠାରେ ଆଉ ଗୋଟିଏ, — ଏହିପରି ଭାବରେ ସେଗୁଡ଼ିକ ଅବସ୍ଥିତ ହୋଇ ରହିଥାଏ—ଚାରିପାଖରେ ସର୍ବତ୍ର

'oaob.nitrkl.ac.in' images reprocessed

ଅବସ୍ଥିତ ରହିଥାଏ । ଏବଂ ମୁଁ ଟାଣି ହୋଇ ଗଲପରି ତଳକୁ ତଳକୁ ଚାଲି ଯାଉଥାଏ —କେବଳ ତଳକୁହିଁ ଯିବାରେ ଲାଗିଥାଏ, ଶେଷ ବୋଲି କେଉଁଠି କିଛି ନ ଥାଏ । ତଳକୁ ଯାଉଥିବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକ ଅସହ୍ୟ ଏବଂ ଶ୍ୱାସରୋଧକାରୀ ମନେ ହେଉଥାଏ, ନିଃଶ୍ୱାସ ବନ୍ଦ ହୋଇ ଆସୁଥିବା ପରି ମନେ ହେଉଥାଏ ।

ବାହ୍ୟ ଭାବରେ ଶରୀର ମଧ୍ୟ ଅନୁସରଣ କରି ଆଗକୁ ଚାଲିଥାଏ, ଅନୁଭୂତିଟିରେ ଅଂଶଗ୍ରହଣ କରିବାରେ ଲାଗିଥାଏ । ଯେଉଁ ହାତଟି ଚଉକିର ବାଡ଼ ଉପରେ ରହିଥିଲା, ସେଇଟି ତଳକୁ ଖସିପଡ଼ିଲା, ତା'ପରେ ଆର ହାତଟି ମଧ୍ୟ ସେହିପରି ଖସିପଡ଼ିଲା, ତା'ପରେ ଏକ ଅପ୍ରତିରୋଧ ଗତିସ୍ପନ୍ଦନରେ ମୁଣ୍ଡଟି ମଧ୍ୟ ତଳକୁ ବଙ୍କା ହୋଇଗଲା । ତା'ପରେ ମୁଁ ନିଜକୁ କହିଲି, "ମାତ୍ର ଏହାକୁ ବନ୍ଦ ହେବାକୁହିଁ ପଡ଼ିବ; କାରଣ, ଯଦି ଏହା ଏହିପରି ଭାବରେ ଚାଲେ, ତେବେ ମୋର ମୁଣ୍ଡ ଯାଇ ଏକାବେଳକେ ଭୂଇଁକୁ ମଧ୍ୟ ଲାଗିଯିବ ।" (ସେତେବେଳେ ଚେତନା ଅନ୍ୟତ୍ର ରହିଥିଲା, ମାତ୍ର ମୁଁ ବାହାରୁ ଥାଇ ମୋ'ର ଶରୀର ଉପରେ ଦୃଷ୍ଟିପାତ କରୁଥିଲି ।) ଏବଂ ନିଜକୁ ପଚାରୁଥିଲି, "ମାତ୍ର, ଏହି ଗର୍ତ୍ତର ସବା ତଳେ ପ୍ରକୃତରେ କ'ଣ ରହିଛି ?"

ଏହି ପ୍ରଶ୍ନଟିକୁ ତିଆରି କରି ସାରିବାର ଅବ୍ୟବହିତ ପରେହିଁ ମୋର ମନେହେଲା, ସତେ ଯେପରି ମୁଁ ସେଠାରେ ଥିବା ଗୋଟିଏ ସ୍ପ୍ରିଙ୍ଗ୍‌କୁ ଯାଇ ସ୍ପର୍ଶ କଲି । ସେହି ସ୍ପ୍ରିଙ୍ଗ୍‌ଟି ଗର୍ତ୍ତଟିର ସବା ତଳେ ଯାଇ ରହିଥିଲା, ସେଇଟି ଉପରେ ଆଗରୁ ମୋର ଆଖି ପଡ଼ି ନ ଥିଲା । ତାହା ପ୍ରଭୂତ ଶକ୍ତିରେ ସଙ୍ଗେ ସଙ୍ଗେ କାର୍ଯ୍ୟ କଲା ଏବଂ ଗୋଟାଏ ଆଘାତରେ ମୋତେ ସିଧା ଉପର ଅଡ଼କୁ ଆଣି ବାୟୁ ମଧ୍ୟକୁ ନିକ୍ଷିପ୍ତ କଲା । ଫାଟଟି ମଧ୍ୟରୁ ମୁଁ ଏକ ସୀମାହୀନ, ବିସ୍ତୃତ ବିପୁଳତା ମଧ୍ୟକୁ ନିକ୍ଷିପ୍ତ ହୋଇ ଆସିଲି, ଯାହାକି ମୋତେ ଅନନ୍ତଗୁଣରେ ଅତ୍ୟନ୍ତ ଆରାମଦାୟକ ବୋଧ ହେଲା;— ତାହାକୁ ଠିକ୍ ଉଷ୍ମ ବୋଲି କୁହାଯିବ ନାହିଁ; ମାତ୍ର ତାହା ପ୍ରକୃତରେ ଏକ ଅନ୍ତର୍ଗତ ଉଷ୍ମତାର ଆରାମଦାୟକ ବୋଧ ଆଣି ଦେଇ ଯାଉଥିଲା । ଯଥେଷ୍ଟ ପରିମାଣରେ କଷ୍ଟଦାୟକ ହୋଇ ରହିଥିବା ଏହି ଅବରୋହଣ ପରେ, ଏହା ପ୍ରକୃତରେ ଏକ ଅତ୍ୟନ୍ତ ଆରାମଦାୟକ ଘଟନା ପରି ମନେ ହେଲା,— ଏକ ସର୍ବୋଚ୍ଚ ପରିମାଣର ସ୍ୱସ୍ତି ବୋଧ ଆଣି ଦେଇଥିଲା । ଏବଂ, ମୋର ଶରୀର ମଧ୍ୟ ତତ୍‌କ୍ଷଣାତ୍ ଏହି ଗତିସ୍ପନ୍ଦନର ଅନୁସରଣ କଲା, ମୁଣ୍ଡ ତତ୍‌କ୍ଷଣାତ୍ ପୁନର୍ବାର ସିଧା ହୋଇଗଲା । ଏବଂ, ଆଦୌ କୌଣସି ପ୍ରକାରର ମୂର୍ତ୍ତୀକରଣ ନ କରି ମୁଁ ଏହି ଘଟନାଗୁଡ଼ିକୁ ଅନୁଭବ କରୁଥିଲି; ତାହା ଯେ ପ୍ରକୃତରେ କ'ଣ ହୋଇଥିବ, ମୁଁ

'oaob.nitrkl.ac.in' images reprocessed

ତାହାର ଆଦୌ କୌଣସି ହିସାବ ରଖି ନ ଥିଲି । ମୁଁ କେବଳ ତାହାକୁ ଅଙ୍ଗେ ନିଉଥିଲି, ବାସ୍ ସେତିକି । ଅନୁଭୂତିଟି ସମ୍ପୂର୍ଣ୍ଣ ସ୍ୱତଃସ୍ଫୂର୍ତ୍ତ ଭାବରେ ଘଟିଥିଲା ।

ତାହା ଅତ୍ୟନ୍ତ ଶକ୍ତିଶାଳୀ ଥିଲା, ଅନନ୍ତ ଭାବରେ ପୂର୍ଣ୍ଣ ହୋଇ ରହିଥିଲା । ତାହାର କୌଣସି ଆକାର ନ ଥିଲା, କୌଣସି ସୀମା ନ ଥିଲା—ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ଏଇଟି ସହିତ ଏକାତ୍ମକ ହୋଇ ରହିଥିଲି ଏବଂ ସେଥି ଲାଗି ଜାଣି ପାରୁଥିଲି ଯେ, ଏହାର ଆଦୌ କୌଣସି ଆକାର ନ ଥିଲା କିଂବା ସୀମା ମଧ୍ୟ ନ ଥିଲା । ଏହା ସତେଯେପରି,—ମୁଁ "ସତେଯେପରି" ବୋଲି କହିଲି, କାରଣ ତାହା ଦୃଶ୍ୟ ହେଉ ନ ଥିଲା—ଏହି ବିପୁଳ ବସ୍ତୁଟି ସତେଯେପରି ଅଗଣିତ ଅଦୃଶ୍ୟ ବିନ୍ଦୁ ଦ୍ୱାରା ଗଠିତ ହୋଇ ରହିଥିଲା,—ସେହି ବିନ୍ଦୁଗୁଡ଼ିକ ଶୂନ୍ୟମଣ୍ଡଳରେ ଆଦୌ କୌଣସି ସ୍ଥାନ ଅଧିକାର କରି ନ ଥିଲେ (କାରଣ, ସେହି କ୍ଷେତ୍ରରେ ଶୂନ୍ୟମଣ୍ଡଳ ବୋଲି କିଛି ନ ଥିଲା), ସେହି ବିନ୍ଦୁଗୁଡ଼ିକ ଗମ୍ଭୀର, ଉଷ୍ଣ ସୁବର୍ଣ୍ଣ କଣିକା ପରି ଦେଖା ଯାଉଥିଲେ ; ମାତ୍ର ଏହା କେବଳ ଏକ ପ୍ରତୀତି ଓ ଏକ ପ୍ରତିରୂପି ହୋଇ ରହିଥିଲା । ମାତ୍ର ସେହି ସବୁକିଛି ସମ୍ପୂର୍ଣ୍ଣ ଭାବରେ ଜୀବନ୍ତ ମଧ୍ୟ ହୋଇ ରହିଥିଲା, ଅନନ୍ତ ବୋଲି ବୋଧ ହେଉଥିବା ଏକ ଶକ୍ତି ଦ୍ୱାରା ଜୀବନ୍ତ ହୋଇ ରହିଥିଲା । ମାତ୍ର ତଥାପି ନିଶ୍ଚଳ ହୋଇ ରହିଥିଲା, ତାହା ମଧ୍ୟରେ ଏପରି ଏକ ପରିପୂର୍ଣ୍ଣ ନିଶ୍ଚଳତା ରହିଥିଲା ଯେ ତାହା ଶାଶ୍ୱତତାର ଏକ ବୋଧ ଆଣି ଦେଇ ଯାଉଥିଲା—ମାତ୍ର ତାହା ମଧ୍ୟରେ ଗତି ତଥା ଜୀବନର ଏକ ଅବିଶ୍ୱସନୀୟ ଅନ୍ତର୍ଗତ ସଘନତା ଭରି ରହିଥିଲା—ହଁ, ସେହି ସଘନତା ଏକ ଅନ୍ତର୍ଗତ ସଘନତା ଥିଲା, ତାହା ଆତ୍ମସମାହିତ ହୋଇ ରହିଥିଲା । ଏବଂ ନିଶ୍ଚଳ ହୋଇ ରହିଥିଲା,—ଯଦି ସେତେବେଳେ ବାହ୍ୟ ଜଗତ ବୋଲି କିଛି ଥିଲା ବୋଲି କୁହାଯାଏ, ତେବେ ତାହା ସେହି ବାହ୍ୟ ଜଗତର ପରିପ୍ରେକ୍ଷୀରେ ନିଶ୍ଚଳ ହୋଇ ରହିଥିଲା । ଏବଂ, ତାହା ମଧ୍ୟରେ ଏକ ସୀମାହୀନ ଜୀବନ ସମାହିତ ହୋଇ ରହିଥିଲା—କେବଳ ଏକ ପ୍ରତିରୂପ ରୂପେହିଁ ତାହାକୁ ଅନନ୍ତ ବୋଲି କୁହାଯାଇ ପାରିବ—ଏବଂ ସେଠାରେ ଏକ ସଘନତା ବିରାଜିତ କରୁଥିଲା,—ଏକ ବଳ, ଏକ ଶକ୍ତିମତ୍ତା, ଏକ ଶାନ୍ତି, ଶାଶ୍ୱତତାର ସେହି ଶାନ୍ତି, ଏକ ନୀରବତା, ଏକ ସ୍ଥୈର୍ଯ୍ୟ ତଥା ସବୁକିଛି ଲାଗି ସମର୍ଥ ଏକ ଶକ୍ତି ଅବସ୍ଥିତ ରହିଥିଲା ।

ଏବଂ ମୁଁ ତାହାକୁ ଭାବନାରେ ଭାବି ନ ଥିଲି, ତାହାର କୌଣସି ମୂର୍ତ୍ତୀକରଣ କରି ନ ଥିଲି, ତାହାକୁ ଅତ୍ୟନ୍ତ ନିରୁଦ୍‌ବେଗ ଏବଂ ସ୍ୱସ୍ତିକର ଭାବରେ ଅନୁଭବହିଁ କରୁଥିଲି । ତାହା ଅନେକ ସମୟ ପର୍ଯ୍ୟନ୍ତ ସ୍ଥାୟୀ ହୋଇ ରହିଥିଲା—ଧ୍ୟାନର ଅବଶିଷ୍ଟ ସମୟ ଲାଗି ସେହିପରି ହୋଇ ରହିଥିଲା ।

'oaob.nitrkl.ac.in' images reprocessed

ସତେ ଯେପରି ସକଳ ସମ୍ଭାବନାର ଐଶ୍ୱର୍ଯ୍ୟ ତାହାରି ଭିତରେହିଁ ରହିଥିଲା । ଏବଂ, ତାହାର କୌଣସି ନିର୍ଦ୍ଦିଷ୍ଟ ଆକାର ନ ଥିଲେ ମଧ୍ୟ ଆକାର ଗ୍ରହଣ କରିବା ଲାଗି ସେହି ସବୁକିଛିର ଅବଶ୍ୟ ସାମର୍ଥ୍ୟ ରହିଥିଲା ।

କ୍ଷଣକ ପରେ ମୁଁ ଆପଣାକୁ ପଚାରିଲି, "ଏଇଟି ପ୍ରକୃତରେ କ'ଣ, ଏହାକୁ ମୁଁ କାହାର ଅନୁରୂପ ବୋଲି ଗ୍ରହଣ କରିବି ?" ଅତ୍ୟନ୍ତ ସ୍ୱାଭାବିକ ଯେ ପରେ ମୁଁ ସେହି ପ୍ରଶ୍ନଟିର ଉତ୍ତର ପାଇଲି ଏବଂ ଶେଷରେ ଆଜି ସକାଳେ ମୁଁ ନିଜକୁ କହିଲି "ହଁ, ଆଗାମୀ ବର୍ଷଟି ଲାଗି ମୋ'ର ବାର୍ତ୍ତାଟିକୁ ମୋତେ ଦେବା ଲାଗି ଏସବୁ ଘଟିଲା ।" ତା'ପରେ ମୁଁ ତାହାର ଏକ ପ୍ରତିଲିପି ତିଆରି କଲି—ଅତ୍ୟନ୍ତ ସ୍ୱାଭାବିକ କଥା ଯେ ତୁମେ ତାହାକୁ ବର୍ଣ୍ଣନା କରି କହି ପାରିବ ନାହିଁ, ତାହା ପ୍ରକୃତରେ ବର୍ଣ୍ଣନାତୀତ । ଏହି ବ୍ୟାପାରଟି ଏକ ମନସ୍ତାତ୍ତ୍ୱିକ ବ୍ୟାପାର ହୋଇ ରହିଥିଲା ଏବଂ ସେହି ଆକାରଗୁଡ଼ିକ ଦ୍ୱାରା ନିଜକୁ କେବଳ ସେହି ମନସ୍ତାତ୍ତ୍ୱିକ ସ୍ଥିତିଟିକୁ ବର୍ଣ୍ଣନା କରିଦେଇ ପାରିବାହିଁ ସମ୍ଭବ ହେଉଥିଲା । ଏବଂ, ମୁଁ ଏହାହିଁ ଲିପିବଦ୍ଧ କରି ରଖିଲି, ଅବଶ୍ୟ ଏକ ମନୋଗତ ପଦ୍ଧତିରେ ତାହା କରିପାରିଲି । ମୁଁ ଆଦୌ କିଛି ବର୍ଣ୍ଣନା କରି ନାହିଁ, କେବଳ ଏକ ବାସ୍ତବ ଘଟନାର ଉଲ୍ଲେଖ କରି ରଖିଛି :

> "ଅତ୍ୟନ୍ତ କଠିନ ଓ ଅନମନୀୟ ଓ ସଙ୍କୀର୍ଣ୍ଣ ଏବଂ ଗତିରୋଧକାରୀ ଅଚେତନାର ଏକାଠବେଳେକେ ତଳକୁ ଯାଇ ମୁଁ ଏପରି ଏକ ଶକ୍ତିଶାଳୀ ସ୍ପ୍ରିଙ୍ଗ୍‌କୁ ସ୍ପର୍ଶ କଲି, ଯାହାକି ମୋତେ ତତ୍‌କ୍ଷଣାତ୍ ଏକ ଆକାରଶୂନ୍ୟ ଓ ସୀମାହୀନ ବୃହତ୍ ବିପୁଳତା ମଧ୍ୟରେ ଆଣି ନିକ୍ଷେପ କରି ଦେଇଗଲା । ସେହି ବିପୁଳତା ଏକ ନୂତନ ପୃଥିବୀକୁ ଜନ୍ମ ଦେବା ଲାଗି ଉଦ୍ଦିଷ୍ଟ ହୋଇ ରହିଥିବା ବୀଜଗୁଡ଼ିକ ଦ୍ୱାରା ସ୍ପନ୍ଦିତ ହେବାରେ ଲାଗିଥିଲା ।"

ଅଚେତନା ସାଧାରଣତଃ କୌଣସି ଏକ ଅନିର୍ଦ୍ଦିଷ୍ଟ, ଜୀବନହୀନ, ଆକାର-ଶୂନ୍ୟ, ନିରପେକ୍ଷ ଏବଂ ଧୂସର ଉପାଦାନର ଧାରଣା ଆଣି ଦେଇଥାଏ । ମୁଁ ଆଗରୁ ଯେତେବେଳେ ଅଚେତନାର ଅଞ୍ଚଳଗୁଡ଼ିକରେ ପ୍ରବେଶ କରୁଥିଲି, ସେତେବେଳେ ମୁଁ ସର୍ବପ୍ରଥମେ ସେହି ବସ୍ତୁଟିକୁହିଁ ଭେଟୁଥିଲି । ମାତ୍ର କାଲି ମୋର ଯେଉଁ ଅନୁଭୂତିଟି ହେଲା, ସେଥିରେ ମୁଁ ଅଚେତନାକୁ ଏକ କଠିନ, ଅନମନୀୟ ଓ ସଘନ



'oaob.nitrkl.ac.in' images reprocessed

ପଦାର୍ଥ ରୂପେ ଭେଟିଲି; ସତେ ଯେପରି ଏକ ପ୍ରତିରୋଧ ନିମନ୍ତେ ତାହା ଜମାଟ ବାନ୍ଧି ଘନ ହୋଇ ରହିଥିଲା, ଏଇଟି ହେଉଛି ଏକ ମନଃସ୍ତରୀୟ ଅଚେତନା; ଏହା ଉପରେ ଆଦୌ କୌଣସି ଉଦ୍ୟମର କୌଣସି ପ୍ରଭାବ ପଡ଼େ ନାହିଁ, ଆଦୌ କିଛି ହେଲେ ଏହାକୁ ଭେଦ କରିପାରେ ନାହିଁ। ଏବଂ ଏକ ଶୁଦ୍ଧ ଜଡ଼ସ୍ତରୀୟ ଅଚେତନାଠାରୁ ଏହି ଅଚେତନା ଆହୁରି ଅଧିକ ମନ୍ଦ। ତେଣୁ ଏହାକୁ ସେହି ମୂଳ ଅଚେତନା ବୋଲି କୁହାଯିବ ନାହିଁ, ହୁଏତ ମନସ୍ତରରୁ ଉଦ୍ଭୂତ ଆସିଥିବା ଅଚେତନା ବୋଲି କୁହାଯାଇ ପାରିବ। ଏହି ଯାବତୀୟ ଅନମନୀୟତା, କଠିନତା, ଅପ୍ରଶସ୍ତତା, ଦୃଢ଼ତା ଏବଂ ବିରୋଧ,—ଏସବୁ ସୃଷ୍ଟିରେ ରହିଥିବା ଏକ ମନୋଗତ ଉପସ୍ଥିତିରୁହିଁ ଉଦ୍ଭୂତ ହୋଇ ଆସିଥାଏ। ମନହିଁ ଏହାକୁ ଅଚେତନା ମଧ୍ୟରେ ଆଣି ପ୍ରବିଷ୍ଟ କରାଇଛି। ଯେତେବେଳେ ମନର ଅଭିବ୍ୟକ୍ତ ହୋଇ ନ ଥିଲା, ଅଚେତନା ସେତେବେଳେ ଆଦୌ ସେପରି ସ୍ଥିତିରେ ନ ଥିଲା। ସେତେବେଳେ ତାହା ଆକାରହୀନ ଥିଲା, ଏବଂ ତେଣୁ ତା' ମଧ୍ୟରେ ଆକାରହୀନ ବସ୍ତୁଗୁଡ଼ିକର ନମନୀୟତା ମଧ୍ୟ ରହିଥିଲା। ମନର ସ୍ତରରୁ ଆସି ସେହି ନମନୀୟତା ଅନ୍ତର୍ହିତ ହୋଇ ଯାଇଛି।

ଅଚେତନାରେ ମନ ଯେଉଁ କାର୍ଯ୍ୟ କରୁଥାଏ, ତାହାରି ଏକ ଅତ୍ୟନ୍ତ ଅଭିବ୍ୟକ୍ତିପୂର୍ଣ୍ଣ ପ୍ରତିରୂପହିଁ ସର୍ବପ୍ରଥମେ ଅନୁଭୂତ ହୋଇଥିଲା। ଏହା ଅଚେତନାକୁ ଏକ ଆକ୍ରମଣାତ୍ମକତା ପ୍ରଦାନ କରିଥିଲା—ଆଗରୁ ତାହା ମୋଟେ ସେପରି ନ ଥିଲା —ହଁ, ଆକ୍ରମଣାତ୍ମକ ହେଲା, ପ୍ରତିରୋଧ କରି ଶିଖିଲା, ଅନମନୀୟ ହୋଇଗଲା। ମୁଁ ପ୍ରଥମରେ ଠିକ୍ ତାହାହିଁ ଅନୁଭବ କରିଥିଲି। ବସ୍ତୁତଃ ମୁଁ ଲୋକମାନଙ୍କର ସେହି ମନୋଗତ ଅଚେତନା ମଧ୍ୟକୁ ଅନାଇ ଦେଖିବାକୁ ଚେଷ୍ଟା କରୁଥିଲି; ଏବଂ, ଏହି ମନୋଗତ ଅଚେତନା ବଦଳିବା ଲାଗି ମନା କରିବାରେହିଁ ଲାଗିଥାଏ। ମାତ୍ର ଅନ୍ୟଟି ଆଦୌ ତାହା କରେ ନାହିଁ। ଶୁଦ୍ଧ ଜଡ଼ସ୍ଥ ଅଚେତନାର ଅସ୍ତିତ୍ୱ ଧାରଣ କରିବାର କୌଣସି ମାର୍ଗ ନ ଥାଏ, ତେଣୁ ତାହାର କୌଣସି ଅସ୍ତିତ୍ୱ ନ ଥାଏ ତାହା ଆଦୌ କୌଣସି ପ୍ରକାରେ ସଂଗଠିତ ହୋଇ ନ ଥାଏ। ମାତ୍ର ଅପର ପକ୍ଷରେ ଏଇଟି ହେଉଛି ଏକ ସଂଗଠିତ ଅଚେତନା, ଏକ ମନୋଗତ ପ୍ରଭାବର ଆରମ୍ଭ ଦ୍ୱାରା ଏହା ସଂଗଠିତ ହୋଇ ରହିଥାଏ—ଏବଂ ଏହାକୁ ଶହେ ଗୁଣ ଅଧିକ ମନ୍ଦ ବୋଲିହିଁ କୁହାଯିବ! ଏବେ ତାହା ପୂର୍ବ ଅପେକ୍ଷା ଆହୁରି ଅଧିକ ବୃହତ୍ ଏକ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇ ରହିଛି। ପୂର୍ବେ ଏହାର ପ୍ରତିରୋଧ କରିବା ନିମନ୍ତେ ମଧ୍ୟ କୌଣସି ଶକ୍ତି ନ ଥିଲା, ତାହାର ଆଦୌ କୌଣସି ସାମର୍ଥ୍ୟ ନ ଥିଲା; ତାହା କେବଳ ଶୁଦ୍ଧ ଭାବରେ ଅଚେତନ ହୋଇ ରହିଥିଲା। ଏବଂ ଏହା ବର୍ତ୍ତମାନ

'oaob.nitrkl.ac.in' images reprocessed

ସକଳ ପରିବର୍ତ୍ତନ ଲାଗି ମନା କରିବାରେ ଲାଗିଥିବା ଏକ ସଂଗଠିତ ହୋଇ ରହିଥିବା ଅଚେତନାରେ ପରିଣତ ହୋଇଛି ! ତେଣୁ "ମୁଁ ଅତ୍ୟନ୍ତ କଠିନ, ଅନମନୀୟ ଏବଂ ଅପ୍ରଶସ୍ତ ବୋଲି" ଲେଖିଛି । ଏହା ଦ୍ୱାରା ଏପରି ଗୋଟିଏ ବସ୍ତୁର ଧାରଣା କରାଯାଇଛି, ଯାହା କି ତୁମକୁ ଚାପ ଦେବାରେ ଲାଗିଛି, ଚାପି ରଖୁଛି— "ଅତ୍ୟନ୍ତ ଅଶ୍ୱାସରୋଧୀ କରିଦେଉଛି ।"

ତା'ପରେ ମୁଁ ଲେଖିଛି,"ମୁଁ ଯାଇ ଗୋଟିଏ ଅତି ଶକ୍ତିଶାଳୀ ସ୍ପ୍ରିଙ୍ଗ୍ ଦେହରେ ବାଜିଲି ।" ଏହି କଥାଟିର ଯଥାର୍ଥ ତାତ୍ପର୍ଯ୍ୟ ହେଉଛି : ସେହି ଅଚେତନାର ଗଭୀରତମ ଗଭୀର ଦେଶରେ ଏକ ଶକ୍ତିଶାଳୀ ସ୍ପ୍ରିଙ୍ଗ୍ ରହିଛି ଯାହାକି ଆମକୁ ସର୍ବୋଚ୍ଚ ପରମସତ୍ତାଙ୍କର ସ୍ପର୍ଶଲାଭ କରିବା ଲାଗି ସମର୍ଥ କରିଥାଏ । କାରଣ, ଅଚେତନାର ଠିକ୍ ତଳଦେଶରେ ଯାଇ ସର୍ବୋଚ୍ଚ ପରମସତ୍ତା ଅବସ୍ଥିତ ରହିଛନ୍ତି । ସେହି ସର୍ବୋଚ୍ଚ ପରମସତ୍ତାହିଁ ଆମକୁ ସର୍ବୋଚ୍ଚ ପରମସତ୍ତାଙ୍କୁ ସ୍ପର୍ଶ କରିବା ଲାଗି ସମର୍ଥ କରାନ୍ତି । ଏଇଟି ହେଉଛି ସେଇ "ଅତି ଶକ୍ତିଶାଳୀ ସ୍ପ୍ରିଙ୍ଗ୍" ।

ଉଚ୍ଚତମ ଉଚ୍ଚତାଟି ଯେ ଗଭୀରତମ ଗଭୀରତାକୁ ସ୍ପର୍ଶ କରି ରହିଛି, ସର୍ବଦା ସେହି ଗୋଟିଏ କଥାର ଧାରଣାହିଁ ଦିଆଯାଇଥାଏ । ଏହି ବିଶ୍ୱବ୍ରହ୍ମାଣ୍ଡ ହେଉଛି ଏକ ବୃତ୍ତ ପରି; ଏପରି ଏକ ସର୍ପ ଦ୍ୱାରା ତାହାକୁ ସୂଚିତ କରାଯାଇଛି, ଯାହାର ଲାଞ୍ଜ ଯାଇ ତା'ର ପାଟିଭିତରେ ପଶିଛି । ତାହାର ଅର୍ଥ ହେଉଛି ଯେ ସର୍ବୋଚ୍ଚ ଉଚ୍ଚତାଟି ପ୍ରକୃତରେ ସବୁଠାରୁ ଅଧିକ ପରିମାଣରେ ଜଡ଼ସ୍ଥ ହୋଇ ରହିଥିବା ଜଡ଼କୁ ସ୍ପର୍ଶ କରି ରହିଛି ଓ ଦୁହିଁଙ୍କ ମଧ୍ୟରେ ଆଉ ମଧ୍ୟବର୍ତ୍ତୀ କୌଣସି ବସ୍ତୁ ରହି ନାହିଁ । ମୁଁ ଅନେକ ଥର ଏହି କଥାଟିକୁ କହିଛି, ମାତ୍ର ଏଠାରେ ମୁଁ ପ୍ରକୃତରେ ଲାଭ କରିଥିବା ତାହାର ଏକ ଅନୁଭୂତିରହିଁ ବର୍ଣ୍ଣନା କରିଛି ।

ସର୍ବଶେଷରେ ମୁଁ କହିଥିଲି, "ଏକ ନୂତନ ପୃଥିବୀର ବୀଜଗୁଡ଼ିକୁ ବହନ କରି ସ୍ପନ୍ଦିତ ହେଉଥିବା ଏକ ଆକାରହୀନ ଓ ସୀମାହୀନ ବିପୁଳତା" । ଏଥିରେ ଆଦମ ସୃଷ୍ଟିପ୍ରକ୍ରିୟାର କଥାକୁ ଆଦୌ ସୂଚିତ କରାଯାଇ ନାହିଁ, ମାତ୍ର ଅତିମାନସ ସୃଷ୍ଟିରହିଁ ସୂଚନା ଦିଆଯାଇଛି । ତେଣୁ, ଏହି ଅନୁଭୂତିଟି ଏହି ସବୁକିଛିର ମୂଳସ୍ୱରୂପ ହୋଇ ରହିଥିବା ସେହି ଉତ୍ସ ସ୍ଥାନକୁ ପୁନର୍ବାର ଫେରିଯିବା ବିଷୟରେ ଆଦୌ କୌଣସି ସୂଚନା ଦେଉ ନାହିଁ । ମୋ'ର ସମ୍ପୂର୍ଣ୍ଣ ଭାବରେ ଏହିଭଳି ଏକ ଧାରଣା ହୋଇ-ଥିଲା ଯେ, ମୁଁ ସେତେବେଳେ ଅତିମାନସ ସୃଜନର ଉତ୍ପତ୍ତି ମଧ୍ୟକୁ ପ୍ରକ୍ଷେପିତ ହେବାରେ ଲାଗିଥିଲି । ଏହାକୁ ଆମେ ସର୍ବୋଚ୍ଚ ପରମସତ୍ତାଙ୍କର ସେହିପରି ଗୋଟିଏ ଉପାଦାନ ବୋଲି ଜାଣିବା, ଯାହାକି ଏକ ଅତିମାନସ ସୃଷ୍ଟି ସ୍ୱରୂପଶେହିଁ ପ୍ରକୃତରେ ଏକ ମୂର୍ତ୍ତ ଅସ୍ତିତ୍ୱ ଧାରଣ କରି ରହିଛି ।

'oaob.nitrkl.ac.in' images reprocessed

ସେହି କ୍ଷେତ୍ରରେ ବସ୍ତୁତଃ ସାମର୍ଥ୍ୟ, ଉଷ୍ମତା ଏବଂ ସୁବର୍ଣ୍ଣରହିଁ ଏହି ସମ୍ପୂର୍ଣ୍ଣ ଧାରଣାଟି ରହିଥିଲା । ତାହା ଆଦୌ ତରଳ ଅବସ୍ଥାରେ ନ ଥିଲା, ମାତ୍ର ଏକ ଚୂର୍ଣ୍ଣ-ଆକାରର କୁହେଳିକା ପରି ହୋଇ ରହିଥିଲା । ଏବଂ, ଏଗୁଡ଼ିକ ମଧ୍ୟରୁ ପ୍ରତ୍ୟେକଟି ବସ୍ତୁ (ଏଗୁଡ଼ିକୁ କେତେଗୁଡ଼ିଏ କଣିକା, କେତେକ ଅଂଶ ବା ଖଣ୍ଡ ଓ ଏପରିକି କେତେକ ବିନ୍ଦୁ ବୋଲି ଆଦୌ କୁହାଯିବ ନାହିଁ,—ଅବଶ୍ୟ ବିନ୍ଦୁକୁ ଏକ ଗାଣିତିକ ଅର୍ଥରେ ଗ୍ରହଣ କଲେ ତାହା ଅନ୍ୟକଥା ହେବ—ଗଣିତରେ ଗୋଟିଏ ବିନ୍ଦୁ ଆଦୌ କୌଣସି ସ୍ଥାନ ଅଧିକାର କରି ରହି ନ ଥାଏ) ପ୍ରକୃତରେ ଜୀବନ୍ତ ସୁବର୍ଣ୍ଣ ପରି ହୋଇ ରହିଥିଲା, ଉଷ୍ମ ସୁବର୍ଣ୍ଣର ଚୂର୍ଣ୍ଣୀଭୂତ କୁହେଳିକା ପରି ହୋଇ ରହିଥିଲା—ତାହାକୁ ଉଜ୍ଜ୍ୱଳ ବୋଲି କୁହାଯିବ ନାହିଁ କିଂବା ଅନ୍ଧକାରଚ୍ଛନ୍ନ ବୋଲି ମଧ୍ୟ କହିହେବ ନାହିଁ; ତାହାକୁ ଆମେ ଆଲୋକ ବୋଲି ବି କହିବା ନାହିଁ : ଅଗଣିତ ସୁବର୍ଣ୍ଣବିନ୍ଦୁର ଏକ ସମଷ୍ଟି, କେବଳ ତାହାରି ବ୍ୟତୀତ ଆଉ କିଛି ନୁହେଁ । ହୁଏତ ଏପରି କୁହାଯାଇ ପାରିବ ଯେ, ସେହି ବିନ୍ଦୁଗୁଡ଼ିକ ଆସି ମୋର ଆଖିକୁ ସ୍ପର୍ଶ କଲେ, ମୋ'ର ମୁଖକୁ ସ୍ପର୍ଶ କଲେ···ଏବଂ ଏକ ଅତୁଳ ଶକ୍ତି ସହିତ ସ୍ପର୍ଶ କଲେ ! ସେତିକିବେଳେ, ଯୁଗପତ୍ ଭାବରେ, ମୁଁ ଏକ ବିପୁଳତାର ଅନୁଭବ କରୁଥିଲି, ଏକ ଅତୀବ ଶକ୍ତିଶାଳୀ ଶାନ୍ତିର ଅନୁଭୂତି ଲାଭ କରୁଥିଲି—ତାହା ପ୍ରକୃତରେ ଐଶ୍ୱର୍ଯ୍ୟମୟ ଥିଲା, ପରିପୂର୍ଣ୍ଣ ହୋଇ ରହିଥିଲା । ଏହା ସର୍ବୋଚ୍ଚ ମାନର ଏକ ଗତିସଚଳତା ହୋଇ ରହିଥିଲା,—କଳ୍ପନା କରିହେଉଥିବା ଯାବତୀୟ ସବୁକିଛି ଅପେକ୍ଷା ତାହା ଅନନ୍ତ ଗୁଣରେ ଅଧିକ ବେଗଯୁକ୍ତହୋଇ ରହିଥିଲା । ଏବଂ ଯୁଗପତ୍ ଭାବରେ ତାହା ପରିପୂର୍ଣ୍ଣ ଶାନ୍ତି, ପରିପୂର୍ଣ୍ଣ ନିଶ୍ଚଳତା ରୂପେ ମଧ୍ୟ ଅବସ୍ଥାନ କରୁଥିଲା ।

ଏବଂ, ଯାହାକିଛି ଘଟୁଛି, ଯାହା ଅବଶ୍ୟ ଘଟିବ ଏବଂ ପ୍ରତ୍ୟେକ ବ୍ୟକ୍ତି ଲାଗି ପ୍ରକୃତରେ ଘଟିବ : ତୁମେ ନିମେଷ ମାତ୍ରକେ ହିଁ ସତେଅବା ଏକ ତୀର ପରି ସେହି ବିପୁଳତା ମଧ୍ୟକୁ ଛୁଟିଯାଇ ପାରିବ, — ସେହି ଅତି ଶକ୍ତିଶାଳୀ ସ୍ଥିରତା ତାହାର ଏକ ପରିପୂର୍ଣ୍ଣ ପ୍ରତିରୂପ ହୋଇ ରହିଥିଲା ।

ବର୍ତ୍ତମାନ ମୁଁ ଯେଉଁ ଅନୁଭୂତିଟିର ବର୍ଣ୍ଣନା କଲି, ତାହା ପଛକୁ ମୋ'ର ଆଉଗୋଟିଏ ଅନୁଭୂତି ମଧ୍ୟ ହୋଇଥିଲା ଏବଂ ସେହି ସମୟରେ ସେଇଟିକୁ ମଧ୍ୟ ଉଲ୍ଲେଖ କରି ରଖାଯାଇଥିଲା ।*

* ୧୫ ନଭେମ୍ବର, ୧୯୫୮ର ପରବର୍ତ୍ତୀ ପ୍ରବଚନ ଦ୍ରଷ୍ଟବ୍ୟ ।

'oaob.nitrkl.ac.in' images reprocessed

୨୪ ନଭେମ୍ବର ୧୯୫୮

## ୧୩ ନଭେମ୍ବର ୧୯୫୮ର ଅନୁଭୂତି

ପ୍ରକୃତ କଥା କହିବାକୁ ଗଲେ, ସର୍ବକାଳ ଲାଗି ନିମ୍ନରେ ଥିବା ମଣ୍ଡଳଟିକୁ ଛାଡ଼ି ତୁମେ ପରମ ଆଲୋକ ମଧ୍ୟକୁ ପ୍ରବେଶ ନ କରିଥିବା ପର୍ଯ୍ୟନ୍ତ ପ୍ରତିକୂଳ ଶକ୍ତିମାନଙ୍କ କବଳରୁ ତୁମେ କଦାପି ମୁକ୍ତି ଲାଭ କରିପାର ନାହିଁ । ଏବଂ, ସେଠାରେ ଉପନୀତ ହୋଇ "ପ୍ରତିକୂଳ ଶକ୍ତି"—ଏହି କଥାଟିର ବି ତାତ୍ପର୍ଯ୍ୟ ଲୁପ୍ତ ହୋଇଯାଇଥାଏ । ତୁମକୁ ଅଗ୍ରଗତି ନିମନ୍ତେ ବାଧ କରିବାକୁ ସେହି କ୍ଷେତ୍ରରେ କେବଳ ଅଗ୍ରଗତିର ଶକ୍ତିମାନେହିଁ ଅବସ୍ଥିତ ରହିଥା'ନ୍ତି । ମାତ୍ର ବସ୍ତୁଗୁଡ଼ିକୁ ସେହିଭଳି ଭାବରେ ଦେଖିପାରିବା ଲାଗି ତୁମକୁ ନିମ୍ନତର ମଣ୍ଡଳଟି ଭିତରୁ ବାହାରି ଆସିବାକୁହିଁ ପଡ଼ିଥାଏ । କାରଣ, ସେହି ନିମ୍ନଦେଶରେ ଦିବ୍ୟ ଯୋଜନାଟିର ବିରୋଧ କରିବାରେ ସେହି ଶକ୍ତିଗୁଡ଼ିକ ଅତ୍ୟନ୍ତ ବାସ୍ତବ ଓ ସକ୍ରିୟ ହୋଇ ରହିଥା'ନ୍ତି ।

ପ୍ରାଚୀନ ପରମ୍ପରାମାନଙ୍କରେ ଏପରି କଥିତ ହୋଇଥିଲା ଯେ, ନିଜର ଶରୀରରୁ ବାହାରି ନ ଯାଇ ଏବଂ ସର୍ବୋଚ୍ଚ ଊର୍ଦ୍ଧ୍ୱମୂଳକୁ ବାହୁଡ଼ି ନ ଆସି କେହି କଦାପି କୋଡ଼ିଏ ଦିନରୁ ଅଧିକ କାଳ ସେହି ଉଚ୍ଚତର ସ୍ଥିତିରେ ଅବସ୍ଥିତ ରହିପାରିବ ନାହିଁ । ମାତ୍ର ଏବେ ଆଉ ସେକଥାକୁ ସତ୍ୟ ବୋଲି କୁହାଯିବ ନାହିଁ ।

ସକଳ ଆକ୍ରମଣର ଅତୀତ ହୋଇ ରହିଥିବା ପୂର୍ଣ୍ଣ ସମଞ୍ଜସତାର ଠିକ୍ ଏହି ସ୍ଥିତିଟି ଅତିମାନସ ଉପଲବ୍ଧି ପରେ ଅବଶ୍ୟ ସମ୍ଭବ ହୋଇପାରିବ । ଯେଉଁମାନେ ଅତିମାନସ ରୂପାନ୍ତର ଲାଗି ଅଭିପ୍ରେତ ହୋଇ ରହିଛନ୍ତି, ସେହି ସମସ୍ତଙ୍କ ନିମନ୍ତେ ଏହି ସ୍ଥିତିଟିର ଉପଲବ୍ଧି ହୋଇ ପାରିବ । ପ୍ରତିକୂଳ ଶକ୍ତିମାନେ ଖୁବ ଭଲ ଭାବରେ ଏହି କଥାଟିକୁ ଜାଣିଛନ୍ତି ଯେ, ସେହି ଅତିମାନସ ପୃଥିବୀରେ ସେହି ଶକ୍ତିଗୁଡ଼ିକ ବଳେ ବଳେ ଅନ୍ତର୍ହିତ ହୋଇଯିବେ : ସେମାନଙ୍କର ଆଉ କୌଣସି ଆବଶ୍ୟକତା ରହିବ ନାହିଁ, ଆଦୌ କୌଣସି ପ୍ରତିକାର ବିଧାନ ନ କରି ମଧ୍ୟ ସେମାନେ ବିଲୁପ୍ତ ହୋଇଯିବେ, କେବଳ ଅତିମାନସ ଶକ୍ତିର ଉପସ୍ଥିତି ହେତୁହିଁ ସେମାନେ ବିଲୁପ୍ତ ହୋଇଯିବେ । ସେହି କାରଣରୁହିଁ ସେମାନେ ବର୍ତ୍ତମାନ କ୍ରୋଧରେ ମତ୍ତ ହୋଇ ଧାଇଁଛନ୍ତି, ସବୁକିଛି ସବୁକିଛିକୁ ବ୍ୟର୍ଥ କରିଦେବାକୁ ଇଚ୍ଛା କରୁଛନ୍ତି ।

'oaob.nitrkl.ac.in' images reprocessed

ମାତ୍ର ଦୁଇ ପୃଥିବୀ ମଧ୍ୟରେ ରହିଥିବା ସେତୁଟି ତଥାପି ନିର୍ମିତ ହୋଇ ପାରି ନାହିଁ — ବର୍ତ୍ତମାନ ତାହା ନିର୍ମିତ ହେଉଥିବାର ଅବସ୍ଥାରେ ରହିଛି । ତୃତୀୟ ଫେବୃଆରୀରେ ଉପଲବ୍ଧ ହୋଇଥିବା ଅନୁଭୂତିର* ତାତ୍ପର୍ଯ୍ୟ ତାହାହିଁ ଥିଲା; ଅର୍ଥାତ୍, ଏହି ଦୁଇ ପୃଥିବୀ ମଧ୍ୟରେ ଏକ ସେତୁର ପ୍ରତିଷ୍ଠା କରିବା ଲାଗି ସେଥିରେ ସୂଚିତ ହୋଇ ରହିଥିଲା । କାରଣ, ସେହି ଦୁଇଟି ପୃଥିବୀ ବସ୍ତୁତଃ—ଗୋଟିଏ ଉପରେ ମୋଟେ ଆଉଟି ରହି ନାହିଁ : ଗୋଟିକ ମଧ୍ୟରେହିଁ ଆଉଟି ରହିଛି,— ସେମାନେ ଦୁଇ ବିଭିନ୍ନ ପ୍ରସ୍ଥରେ ଅବସ୍ଥିତ ରହିଛନ୍ତି — ମାତ୍ର ଦୁଇଟି ମଧ୍ୟରେ କୌଣସି ଯୋଗସୂତ୍ର ସ୍ଥାପିତ ହୋଇ ନାହିଁ । ପରସ୍ପର ସହିତ ସଂଯୁକ୍ତ ହୋଇ ରହିବା ପରିବର୍ତ୍ତେ ସେମାନଙ୍କ ମଧ୍ୟରୁ ଗୋଟିଏ ଆଉଗୋଟିକୁ ଆଚ୍ଛାଦିତ କରି ରଖିଛି । ଫେବୃଆରୀ ତିନି ତାରିଖରେ ହୋଇଥିବା ଅନୁଭୂତି ମଧ୍ୟରେ ମୁଁ ଏଠାରେ ଓ ଅନ୍ୟ ସ୍ଥାନମାନଙ୍କରେ ବାସକରୁଥିବା ଏପରି କେତେକ ବ୍ୟକ୍ତିଙ୍କୁ ଦେଖିଥିଲି, ଯେଉଁମାନେ କି ନିଜ ସତ୍ତାର ଗୋଟିଏ ଅଂଶରେ ସେହି ଅତିମାନସ ପୃଥିବୀର ହୋଇ ରହିଛନ୍ତି । ମାତ୍ର, ଦୁଇଟି ମଝିରେ କୌଣସି ସଂଯୋଗ ନାହିଁ, କୌଣସି ମିଳନସ୍ଥାନ ନାହିଁ । ବିଶ୍ୱଜଗତର ଇତିହାସରେ ବର୍ତ୍ତମାନହିଁ ସେହି ମୁହୂର୍ତ୍ତଟି ଆସି ପହଞ୍ଚିଛି, ଯେତେବେଳେକି ସେହି ସେତୁଟିକୁ ଅବଶ୍ୟ ପ୍ରତିଷ୍ଠିତ କରିବାକୁ ପଡ଼ିବ ।

ନଭେମ୍ବର ୫ ତାରିଖର ଅନୁଭବକୁ ଦୁଇ ପୃଥିବୀ ମଧ୍ୟରେ ସେହି ସେତୁଟିକୁ ନିର୍ମାଣ କରିବାର କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ବୋଲି କୁହାଯିବ । ସେହି ଅନୁଭବ ମଧ୍ୟରେ ମୁଁ ପ୍ରକୃତରେ ଅତିମାନସ ସୃଜନର ଏକାବେଳେକେ ଉତ୍ସ-ମୂଳକୁହିଁ ପ୍ରକ୍ଷେପିତ ହୋଇ ରହିଥିଲି । ସେହିସବୁ ଉଷ୍ମ ସୁବର୍ଣ୍ଣ, ସେହି ଜୀବନ୍ତ ଅଦ୍‌ଭୁତ ଶକ୍ତିମତ୍ତା, ସେହି ସାର୍ବଭୌମ ଶାନ୍ତି ! ମୁଁ ଆଉଥରେ ଦେଖିବାକୁ ପାଇଲି ଯେ, ଏହି ଅତିମାନସ ଜଗତରେ ଯେଉଁ ମୂଲ୍ୟଗୁଡ଼ିକ ଅନୁସାରେ ସବୁକିଛିର ମୀମାଂସା ହେଉଥାଏ, ସେଗୁଡ଼ିକର ଆମର ଏଠାରେ ଚଳୁଥିବା ମୂଲ୍ୟଗୁଡ଼ିକ ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ; ଏପରିକି, ଏଠାରେ ରହିଥିବା ବିଜ୍ଞତମ ବ୍ୟକ୍ତି-ମାନଙ୍କର ମୂଲ୍ୟଗୁଡ଼ିକ, ଏପରିକି, ସତତ ଦିବ୍ୟ ପରମ ଉପସ୍ଥିତି ମଧ୍ୟରେ ଜୀବନ ବ୍ୟତୀତ କରୁଥିବା ସମୟରେ ମଧ୍ୟ ଯେଉଁ ମୂଲ୍ୟଗୁଡ଼ିକୁ ଆମେ ସବୁଠାରୁ ଅଧିକ ଦିବ୍ୟ ବୋଲି ବିଚାର କରୁ, ସେଗୁଡ଼ିକ ସହିତ ତାହାର ଆଦୌ କୌଣସି ସମ୍ବନ୍ଧ ନାହିଁ । ତାହା ଏହାଠାରୁ ସମ୍ପୂର୍ଣ୍ଣ ଭାବରେ ଭିନ୍ନ ।

* ମାଆ ୧୯୫୮ ମସିହା ଫେବୃଆରୀ ୧୯ ତାରିଖରେ ତାଙ୍କର ପ୍ରଦତ୍ତ ପ୍ରବଚନରେ ଏହି ଅନୁଭୂତି ବିଷୟରେ ମନ୍ତବ୍ୟ ଦେଇଥିଲେ (ପ୍ରଶ୍ନ ଓ ଉତ୍ତର, ୧୯୫୭–୫୮, ଶତବାର୍ଷିକୀ ଇଂରାଜୀ ସଂସ୍କରଣ, ୯ମ ଖଣ୍ଡ, ପୃଷ୍ଠା : ୨୭୧–୨୮୩) ।

'oaob.nitrkl.ac.in' images reprocessed

କେବଳ ପରମ ପ୍ରଭୁଙ୍କର ଉପାସନା କରୁଥିବା ସମୟରେ ଅଥବା ତାଙ୍କଠାରେ ସମର୍ପିତ ହୋଇ ରହିଥିବା ସମୟରେ ନୁହେଁ, ମାତ୍ର ଆମର ଏକାତ୍ମକ ହୋଇ ରହିଥିବା ସ୍ଥିତିରେ ମଧ୍ୟ, ଆମେ ଏ ପାଖରେ ରହିଛୁ ଏବଂ ନିମ୍ନସ୍ଥ ଏହି ମଣ୍ଡଳଟିରେ ଅଗ୍ରଗତି କରିବାରେ ଲାଗିଛୁ ଅଥବା ଆମେ ଅପର ପାଖଟିକୁ ଅତିକ୍ରମ କରିଯାଇଛୁ ଏବଂ ସେହି ଅନ୍ୟ ଜଗତଟି ମଧ୍ୟରେ ପ୍ରବିଷ୍ଟ ହୋଇସାରିଛୁ ଅର୍ଥାତ୍ ସେହି ଅନ୍ୟ ଉଚ୍ଚତର ମଣ୍ଡଳଟି ମଧ୍ୟକୁ ଚାଲିଯାଇ ପାରିଛୁ, ଆମ ଏକାତ୍ମକତାର ଗୁଣାତ୍ମକ ମାନଟି ତାହାର ଉପରେ ନିର୍ଭର କରିଥାଏ, ଏବଂ ଭିନ୍ନ ଭିନ୍ନ ହୋଇଥାଏ ।

ସେହି ମୁହୂର୍ତ୍ତିଟିରେ ସର୍ବୋଚ୍ଚ ପରମସତ୍ତା ସହିତ ମୋର ଯେଉଁ ସମ୍ବନ୍ଧ ରହିଥିଲା, ତାହାର ଗୁଣାତ୍ମକ ମାନ ଅଥବା ପ୍ରକାରଟି ଆମର ଏଠାରେ ଥିବା ସମ୍ବନ୍ଧଟି ଅପେକ୍ଷା ସମ୍ପୂର୍ଣ୍ଣ ଭାବରେ ଭିନ୍ନ ଏବଂ ଏପରିକି, ସେଠାରେ ଏକାତ୍ମକତାର ମଧ୍ୟ ଏକ ଭିନ୍ନ ଗୁଣାତ୍ମକମାନ ରହିଥିଲା । ନିମ୍ନତର କ୍ରିୟାଶୀଳତାଗୁଡ଼ିକ ବିଷୟରେ କହିବାକୁ ଗଲେ, ସେଗୁଡ଼ିକ ଯେ ପ୍ରକୃତରେ ଭିନ୍ନ, ସେକଥା ଭଲ କରି ବୁଝି ହେଉଥିଲା; ମାତ୍ର ସେତେବେଳେ ଆମେ ଏଠାରେ ଉପଲବ୍ଧ ହେଉଥିବା ଅନୁଭୂତିର ସର୍ବୋଚ୍ଚ ଶିଖରରେ ଯାଇ ରହିଥିଲୁ, ଏପରି ଏକ ଏକାତ୍ମକତାରେ ଅବସ୍ଥିତ ଥିଲୁ, ଯାହା ଦ୍ୱାରା କି ସେହି ସର୍ବୋଚ୍ଚ ପରମସତ୍ତାହିଁ ସବୁକିଛିର ପରିଚାଳନା କରନ୍ତି ଓ ଜୀବନଟିକୁ ବଞ୍ଚୁଥାନ୍ତି । ହଁ, ଆମେ ଯେତେବେଳେ ଏହି ନିମ୍ନତର ମଣ୍ଡଳରେ ରହିଥାଉ ଓ ପୁନର୍ବାର ଆମେ ଯେତେବେଳେ ଅତିମାନସ ଜୀବନ ମଧ୍ୟରେ ରହିଥାଉ, — ଏହି ଦୁଇ ଅବସ୍ଥାରେ ସିଏ ଭିନ୍ନ ଭିନ୍ନ ଭାବରେ ଶାସନ କରନ୍ତି ଓ ଭିନ୍ନ ଭିନ୍ନ ଭାବରେ ଜୀବନ ବଞ୍ଚନ୍ତି । ଏବଂ ସେଦିନ ସେହି କ୍ଷଣଟିରେ (ନଭେମ୍ବର ୧୧ ତାରିଖର ଅନୁଭୂତିରେ) ଏହାହିଁ ମୋର ଅନୁଭୂତିକୁ ସଘନତା ପ୍ରଦାନ କରିଥିଲା ଯେ, ମୁଁ ଅସ୍ପଷ୍ଟ ଭାବରେ ହେଲେ ମଧ୍ୟ ଯୁଗପତ୍ ଭାବରେ ଚେତନାର ସେହି ଦୁଇଟିଯାକ ସ୍ଥିତିକୁ ପ୍ରତ୍ୟକ୍ଷ କରି ପାରିଥିଲି । ସେତେବେଳେ ଏଭଳି ଘଟିଲା, ସତେଯେପରି ସ୍ୱୟଂ ସର୍ବୋଚ୍ଚ ପରମସତ୍ତା ହେଉଛନ୍ତି ଅତ୍ୟନ୍ତ ଭିନ୍ନ; ଅର୍ଥାତ୍, ତାଙ୍କ ବିଷୟରେ ଆମର ଯେଉଁ ଅନୁଭବ ରହିଛି, ତାହା ପ୍ରକୃତରେ ଭିନ୍ନ । ଏବଂ ତଥାପି, ଦୁଇଟିଯାକ କ୍ଷେତ୍ରରେ ସର୍ବୋଚ୍ଚ ପରମସତ୍ତାଙ୍କ ସହିତ ଏକ ସମ୍ପୂର୍ଣ୍ଣ ବଳବତ୍ତର ରହିଥିଲା । ସମ୍ଭବତଃ, ଆମେ ତାଙ୍କୁ ଯେପରି ଭାବରେ ଦେଖୁ ଏବଂ ଯେଉଁପ୍ରକାରେ ତାଙ୍କର ଏକ ପ୍ରତିଲିପି ଗଠନ କରୁ, ହୁଏତ ତାହାରି ମଧ୍ୟରେହିଁ ଏକ ପାର୍ଥକ୍ୟ ରହିଛି । ମାତ୍ର ଅନୁଭବଟିର ଗୁଣାତ୍ମକ ମାନକୁ ମଧ୍ୟ ଅବଶ୍ୟ ଭିନ୍ନ ବୋଲି କୁହାଯିବ ।

'oaob.nitrkl.ac.in' images reprocessed

ସେହି ଅନ୍ୟ ମଣ୍ଡଳଟିରେ ଏପରି ଏକ ସଘନତା ତଥା ବିପୁଳତା ରହିଛି, ଯାହାକି ଏଠାରେ ଅବସ୍ଥିତ ଥିବା କ୍ଷମତାଠାରୁ ଏକ ଭିନ୍ନ ଶକ୍ତି ଦ୍ୱାରା ଆପଣାକୁ ବ୍ୟକ୍ତ କରିପାରୁଛି । ଏହି କଥାଟିକୁ ମୁଁ କିପରି ବୁଝାଇ ଦେଇ ପାରିବି ? ତାହା ଆଦୌ ସମ୍ଭବ ନୁହେଁ । ମନେ ହେଉଛି ସତେଯେପରି ଚେତନାର ଗୁଣାତ୍ମକତାଟିହିଁ ବଦଳି ଯାଉଛି । ଏଠାରେ ଆମେ ଯେଉଁ ଶିଖରଟି ପର୍ଯ୍ୟନ୍ତ ଉଠି କରି ଯାଇ ପାରିବୁ, ଏଇଟି ତା'ଠାରୁ ଆଉଟିକିଏ ଅଧିକ ଉଚ୍ଚ ହୋଇ ରହିଥିବା ଆଦୌ କୌଣସି ବସ୍ତୁ ନୁହେଁ । ତାହା ଏହାଠାରୁ ଅଧିକ ଗୋଟିଏ ପଦକ୍ଷେପ ମଧ୍ୟ ନୁହେଁ; ଏପାଖରୁ ଦେଖିଲେତ ଆମେ ସବା ଶେଷରେ, ଶିଖର ଦେଶରେ ଯାଇ ଅବସ୍ଥିତ ରହିଛୁ । ଏହିକ୍ଷେତ୍ରରେ ଗୁଣାତ୍ମକତାଟିହିଁ ଭିନ୍ନ,—ଗୁଣାତ୍ମକତାଟି ଏହିପରି ଭାବରେ ଭିନ୍ନ ଯେ, ଏହି କ୍ଷେତ୍ରରେ ଏକ ବିପୁଳତା ରହିଛି, ଐଶ୍ୱର୍ଯ୍ୟ ରହିଛି, ଏକ ଶକ୍ତିମତ୍ତା ରହିଛି । ନିଜ ଖାତିରେ ଆମେ ଏହାର ଏକ ପ୍ରତିଲିପି ବାହାର କରିଛୁ; ମାତ୍ର ତଥାପି ସେଥିରେ ଆହୁରି କିଛି ରହିଛି, ଯାହାକୁ କି ଆମେ ଆଦୌ ଧରିପାରି ନାହୁଁ । ଏହାକୁ ଯଥାର୍ଥରେ ଚେତନାର ଏକ ନୂତନ ଉତ୍କ୍ରମଣ ବୋଲିହିଁ କୁହାଯିବ ।

ଆମେ ଯେତେବେଳେ ଆଧ୍ୟାତ୍ମିକ ଜୀବନକୁ ବଞ୍ଚିବାକୁ ଆରମ୍ଭ କରୁ, ସେତେବେଳେ ଆମ ଜୀବନରେ ଚେତନାର ଏକ ଉତ୍କ୍ରମଣହିଁ ଘଟିଥାଏ; ଆମେ ଆଧ୍ୟାତ୍ମିକ ଜୀବନରେ ପ୍ରବେଶ କଲୁ ବୋଲି ସେଇଥିରୁହିଁ ପ୍ରମାଣ ମିଳିଥାଏ । ତା'ପରେ ଚେତନାର କ୍ଷେତ୍ରରେ ଆଉ ଗୋଟିଏ ଉତ୍କ୍ରମଣ ସଂଘଟିତ ହୋଇଥାଏ ଏବଂ ସେତେବେଳେ ଆମେ ଅତିମାନସ ଜଗତ ମଧ୍ୟରେ ଯାଇ ପ୍ରବେଶ କରିଥାଉ ।

ପୁନଶ୍ଚ, ଆମ ଲାଗି ପ୍ରତ୍ୟେକ ଥର ଏକ ନୂତନ ପୃଥିବୀ ଉନ୍ମୋଚିତ ହୋଇଯାଉଥିବାର ପର୍ଯ୍ୟାୟରେ ସମ୍ଭବତଃ ଏହିଭଳି ଏକ ଉତ୍କ୍ରମଣ ପୁନର୍ବାର ଘଟିବାରେ ଲାଗିଥିବ । ଏହିପରି ଭାବରେ ଆମର ଏହି ଆଧ୍ୟାତ୍ମିକ ଜୀବନ ମଧ୍ୟ—ସାଧାରଣ ଜୀବନଟି ତୁଳନାରେ ତାହାକୁ କେଡ଼େବଡ଼ ଏକ ସମଗ୍ର ଉତ୍କ୍ରମଣ ବୋଲି କୁହାଯିବ — ସେଇଟି ମଧ୍ୟ ଅତିମାନସ ଚେତନା ଓ ଅତିମାନସ ଉପଲବ୍ଧିର ପରିପ୍ରେକ୍ଷୀରେ ଏପରି ସମଗ୍ର ଭାବରେ ଏକ ଭିନ୍ନ ବସ୍ତୁ ବୋଲି ଦେଖାଯିବ ଯେ, ଦୁଇଟିଯାକର ମୂଲ୍ୟଗୁଡ଼ିକ ପରସ୍ପରର ପ୍ରାୟ ବିପରୀତ ହୋଇ ରହିଥିବେ ।

କଥାଟିକୁ ଆମେ ଏପରି ଭାବରେ କହିପାରିବା (ମାତ୍ର ଏହି ପ୍ରକାରଟି ମଧ୍ୟ ଅତ୍ୟନ୍ତ ଅପରିଶୁଦ୍ଧ,—ଖଣ୍ଡିତଠାରୁ ଆହୁରି ଅଧିକ, ବିକୃତ) : ସତେଯେପରି ଆମର ସମଗ୍ର ଆଧ୍ୟାତ୍ମିକ ଜୀବନ ରୌପ୍ୟରେ ନିର୍ମିତ ହୋଇଥିବା ବେଳେ ଅତିମାନସ ପ୍ରକୃତରେ ସୁବର୍ଣ୍ଣ ଦ୍ୱାରା ନିର୍ମିତ ହୋଇଛି; ସତେଯେପରି ଏହି ନିମ୍ନତର ମଣ୍ଡଳଟିରେ ଆଧ୍ୟାତ୍ମିକ ଜୀବନ ଏକ ରୌପ୍ୟମୟ ସ୍ପନ୍ଦନହିଁ ହୋଇ ରହିଛି — ତାହା ଏକା-

'oaob.nitrkl.ac.in' images reprocessed

ବେଳେବେଳେ ଆଦୌ ପ୍ରଜ୍ଜ୍ୱଳିତ ନୁହେଁ, ମାତ୍ର ତାହା କେବଳ ଏକ ଆଲୋକ ହୋଇ ରହିଛି, ସେହି ଆଲୋକ ଶିଖର ପର୍ଯ୍ୟନ୍ତ ପ୍ରପତିତ ହୋଇ ରହିଛି,—ଏହା ଏକ ସମ୍ପୂର୍ଣ୍ଣ ଭାବରେ ବିଶୁଦ୍ଧ ଆଲୋକ, ବିଶୁଦ୍ଧ ଏବଂ ପ୍ରଗାଢ଼; ମାତ୍ର, ଜୀବନର ସେହି ଅନ୍ୟ ମଣ୍ଡଳଟିରେ, ଅର୍ଥାତ୍ ଅତିମାନସ ଜୀବନର କ୍ଷେତ୍ରରେ ଏପରି ଏକ ଐଶ୍ୱର୍ଯ୍ୟ ଏବଂ ଶକ୍ତିମତ୍ତା ବିଦ୍ୟମାନ ରହିଛି, ଯାହା ଦ୍ୱାରାହିଁ ଯାବତୀୟ ପାର୍ଥକ୍ୟ ସମ୍ଭବ ହେଉଛି । ଆମ ଚୈତ୍ୟସତ୍ତା ଏବଂ ଆମର ବର୍ତ୍ତମାନ ଚେତନାର ଏହି ସମୁଦାୟ ଆଧ୍ୟାତ୍ମିକ ଜୀବନଟି, ଯାହା ଆମ ସାଧାରଣ ଚେତନାକୁ କେଡ଼େ ଉଚ୍ଚ, କେଡ଼େ ପରିପୂର୍ଣ୍ଣ, ଅଦ୍ଭୁତ ଏବଂ ଉଜ୍ଜ୍ୱଳ ବୋଲି ବୋଧ ହେଉଛି,—ହଁ, ଏହି ସବୁକିଛି ମଧ୍ୟ ସେହି ଅନ୍ୟ ପୃଥିବୀଟିର ତୁଳନାରେ ପ୍ରକୃତରେ ଦରିଦ୍ର ବୋଲିହିଁ ପ୍ରତୀତ ହେବ ।

କଥାଟିକୁ ଆମେ ଏପରି ଭାବରେ ମଧ୍ୟ ବ୍ୟାଖ୍ୟା କରି କହିପାରିବା : ଏହାକୁ ଆମେ କ୍ରମାନ୍ୱୟରେ ଏକାଧିକ ଉତ୍କ୍ରମଣ ବୋଲି ବୁଝିବା, ଯାହା କି ସୋପାନ ସୋପାନ କରି ସୃଜନର ଏକ ସତତ ନୂତନ ଐଶ୍ୱର୍ଯ୍ୟକୁ ବହନ କରି ଆଣିଥିବ, ଯେପରିକି, ତାହାର ପୂର୍ବବର୍ତ୍ତୀ ହୋଇ ଯାହାକିଛି ଥିଲା, ଏଇଟିର ତୁଳନାରେ ତାହା ପ୍ରକୃତରେ ଦରିଦ୍ର ବୋଲି ବୋଧ ହେବ । ଆମ ସାଧାରଣ ଜୀବନର ତୁଳନାରେ ଯାହା ଆମକୁ ଏକ ସର୍ବୋଚ୍ଚସ୍ଥାନୀୟ ଐଶ୍ୱର୍ଯ୍ୟ ବୋଲି ମନେ ହେଉଛି, ତାହା ଚେତନାର ଏହି ନୂତନ ଉତ୍କ୍ରମଣର ତୁଳନାରେ ଏକ ଦାରିଦ୍ର୍ୟ ସଦୃଶ ଲାଗିବ । ମୁଁ ସେହି ଅନୁଭୂତିଟିକୁ ଲାଭ କରିଥିଲି ।

ଯେପରିକି ମୁଁ ତୁମମାନଙ୍କୁ ତୁମମାନଙ୍କର ଅସୁବିଧାଗୁଡ଼ିକ ମଧ୍ୟରୁ ସମ୍ପୂର୍ଣ୍ଣ ଓ ଯଥାର୍ଥ ଭାବରେ ବାହାରକୁ ନେଇଆସି ପାରିବି, ସେଥିଲାଗି କ'ଣସବୁ ଅଭାବ ରହିଛି ବୋଲି ବୁଝିବା ଲାଗି କାଲି ରାତିରେ ମୁଁ ଯେତେବେଳେ ଚେଷ୍ଟା କରୁଥିଲି, ସେତେବେଳେ ସେହି ଚେଷ୍ଟା, ମୁଁ ଆଉଥରେ ସେହି ମହାନ୍ ସାମର୍ଥ୍ୟ, ରୂପାନ୍ତରର ସାମର୍ଥ୍ୟ, ଉପଲବ୍ଧିର ଯଥାର୍ଥ ସାମର୍ଥ୍ୟ ଅର୍ଥାତ୍ ସେହି ଅତିମାନସର ଶକ୍ତି ବିଷୟରେ ତୁମମାନଙ୍କୁ ଯାହା କହିଥିଲି, ମୋତେ ତାହାର ସ୍ମରଣ କରାଇ ଦେଲା । ତୁମେମାନେ ଥରେ ସେହି କ୍ଷେତ୍ରରେ ପ୍ରବେଶ କଲେ, ସେହି ସ୍ଥିତି ମଧ୍ୟକୁ ଉଠିଯାଇ ପାରିଲେ ଏକଥା ଅବଶ୍ୟ ପ୍ରତ୍ୟକ୍ଷ କରିପାରିବ ଯେ, ଆମେ ଏଠାରେ ବର୍ତ୍ତମାନ ଯେଉଁ ସ୍ଥିତିରେ ରହିଛୁ, ତାହାର ତୁଳନାରେ ତାହାକୁ ପ୍ରକୃତରେ ପରମ ସର୍ବଶକ୍ତି ବୋଲି କୁହାଯାଇ ପାରିବ । ତେଣୁ ମୁଁ ପୁନର୍ବାର ଦୁଇଟିଯାକ ସ୍ଥିତିକୁ ଯୁଗପତ୍ ଭାବରେ ଦେଖି ପାରିଥିଲି ।

ମାତ୍ର ଯେପର୍ଯ୍ୟନ୍ତ ସେହି ଉପଲବ୍ଧି ବାସ୍ତବତଃ ସମ୍ଭବ ନ ହୋଇଛି, ତାହା ସେପର୍ଯ୍ୟନ୍ତ ତଥାପି ଏକ କ୍ରମୋଚ୍ଚ ଅଗ୍ରଗତିର ପ୍ରକ୍ରିୟା—ଏକ କ୍ରମୋ-

'oaob.nitrkl.ac.in' images reprocessed

ଉରତା, ଏକ ନମ-ଆରୋହଣ ହୋଇ ରହିଥିବ : ତୁମେ ଅଧିକରୁ ଅଧିକ ହାସଲ କରୁଥିବ, ଅଧିକରୁ ଅଧିକ ଭୂମିର ଅଧିକାରୀ ହେଉଥିବ, ଉପରକୁ ଉପରକୁ ଆରୋହଣ କରିଯାଉଥିବ; ସେହି ନୂତନ ଉତ୍ତରଣଟି ସମ୍ପନ୍ନ ନ ହୋଇଥିବା ପର୍ଯ୍ୟନ୍ତ, ସତେ ଯେପରି ସବୁକିଛୁକୁ ବାର ବାର ସମ୍ପନ୍ନ କରିବାର ପ୍ରୟୋଜନ ରହିଛି ବୋଲି ବୋଧ ହେଉଥିବ । ଏଠାର ଅନୁଭବଟିର ସେଠାରେ ପୁନରାବୃତ୍ତି ହେଉଥିବ, ନିମ୍ନତର ଭୂମିର ଘଟଣାଟି ସେଠାରେ ପୁନର୍ବାର ଘଟୁଥିବ ।

ଏବଂ ପ୍ରତ୍ୟେକ ଥର ତୁମର ଏପରି ଏକ ଧାରଣା ହେଉଥିବ ଯେ, ତୁମେ ଯେପରି ଏପର୍ଯ୍ୟନ୍ତ କେବଳ ବସ୍ତୁଗୁଡ଼ିକର ଉପରିଭାଗରେହିଁ ନିଜର ଜୀବନକୁ ବଞ୍ଚି ଆସିଛ । ଏହି ଧାରଣାଟିର ବାରଂବାର ପୁନରାବୃତ୍ତି ହେଉଥିବ । ପ୍ରତ୍ୟେକ ନୂତନ ବିଜୟର କ୍ଷଣରେ ତୁମର ଏହିପରି ଅନୁଭବ ହେଉଥିବ : "ଏପର୍ଯ୍ୟନ୍ତ ମୁଁ କେବଳ ଉପରିଭାଗରେହିଁ ଜୀବନ ବଞ୍ଚିଆସୁଥିଲି -- ହଁ, ବସ୍ତୁଗୁଡ଼ିକର କେବଳ ଉପରିଭାଗରେ — ଉପଲବ୍ଧିର, ସମର୍ପଣର ଓ ସାମର୍ଥ୍ୟର କେବଳ ଉପରି ଭାଗରେହିଁ ଜୀବନ ବଞ୍ଚୁଥିଲି—କେବଳ ବସ୍ତୁଗୁଡ଼ିକର ଉପରିଭାଗରେ ରହିଥିଲି, ଅନୁଭୂତିର କେବଳ ଉପରିଭାଗରେହିଁ ବିଚରଣ କରୁଥିଲି ।" ଏହି ଉପରିଭାଗର ପଶ୍ଚାତରେ ଏକ ଗଭୀରତା ରହିଛି ଏବଂ, କେବଳ ସେହି ଗଭୀରତା ମଧ୍ୟକୁ ପ୍ରବେଶ କରିପାରିଲେ ଯାଇ ତୁମେ ଯଥାର୍ଥ ବସ୍ତୁଟିକୁ ସ୍ପର୍ଶ କରିପାରିବ । ଏବଂ ପ୍ରତ୍ୟେକ ଥର ତୁମର ସେହି ଗୋଟିଏ ଅନୁଭବହିଁ ହେଉଥିବ : ଯାହା ଆଗରୁ ଏକ ଗଭୀରତା ବୋଲି ମନେ ହେଉଥିଲା, ତାହା ଏକ ଉପରିଭାଗ ପରି ମନେହେବ, — ଏକ ଉପରିଭାଗ କହିଲେ ସାଧାରଣତଃ ଯାହା ବୁଝାଏ,—ଏକ ଅତ୍ୟନ୍ତ ଅସ୍ପଷ୍ଟ ବସ୍ତୁ, ବରଂ କୃତ୍ରିମ, ଏକ କୃତ୍ରିମ ପ୍ରତିଲିପି ମାତ୍ର, ଏପରି ଏକ ବସ୍ତୁ ଯାହାକି ତୁମକୁ ଏହି ଧାରଣାଟି ଦେଇଯାଉଥିବ ଯେ ଏହାକୁ ଯଥାର୍ଥ ଜୀବନ ବଞ୍ଚିବା ବୋଲି କୁହାଯିବ ନାହିଁ : ଏହା ହେଉଛି ଏକ ନକଲ, ଏକ ଅନୁକରଣ – ଏକ ପ୍ରତିରୂପ, ପ୍ରତିବିମ୍ବ, ମୋଟେ ଅସଲ ବସ୍ତୁଟି ନୁହେଁ ବୋଲି ମନେହେବ । ତା'ପରେ ତୁମେ ଆଉଗୋଟିଏ ଅଞ୍ଚଳକୁ ଅତିକ୍ରମ କରିଯିବ ଏବଂ ତୁମର ଏପରି ଧାରଣା ହେବାକୁ ଲାଗିବ ଯେ ତୁମେ ପ୍ରକୃତ ମୂଳ ବସ୍ତୁଟିକୁ ଆବିଷ୍କାର କରି ପାରିଛ ଏବଂ ସେହି ଅସଲ ଶକ୍ତିମତ୍ତା ଏବଂ ବସ୍ତୁଗୁଡ଼ିକର ଅସଲ ସତ୍ୟକୁ ଆବିଷ୍କାର କରିଛ; ଏବଂ ତା'ପରେ, ଏହି ବସ୍ତୁଟି, ଏହି ସାମର୍ଥ୍ୟ ଏବଂ ଏହି ସତ୍ୟ—ଏମାନେ ନୂତନ ଉପଲବ୍ଧିଟିର ତୁଳନାରେ ପୁନର୍ବାର କେବଳ ଏକ ପ୍ରତୀତି, ଏକ ଅନୁକରଣ ଓ ଏକ ପ୍ରତିଲିପି ସଦୃଶ ବୋଧ ହେବାକୁ ଲାଗିବେ ।

ଏବଂ ତା'ପୂର୍ବରୁ ଆମକୁ ବସ୍ତୁତଃ ସ୍ୱୀକାର କରିବାକୁ ହେବ ଯେ, ଆମ ହାତକୁ ଏପର୍ଯ୍ୟନ୍ତ ଅସଲ ଚାବିକାଠିଟି ପ୍ରକୃତରେ ଆସି ନାହିଁ । ଏହା ପ୍ରକୃତରେ

'oaob.nitrkl.ac.in' images reprocessed

ଆମ ହାତରେ ନାହିଁ । ଅଥବା, ବରଂ ଏପରି କୁହାଯିବ ଯେ, ତାହା କେଉଁଠାରେ ଅଛି, ଆମେ ସେକଥାକୁ ସମ୍ପୂର୍ଣ୍ଣ ଭଲ ଭାବେ ଜାଣିନୁ । ଏବଂ ଏହି କ୍ଷେତ୍ରରେ ଆମର କେବଳ ଗୋଟିଏ କଥା କହିବାର ଅଛି । ଶ୍ରୀଅରବିନ୍ଦ ଯେଉଁ ପୂର୍ଣ୍ଣ ସମର୍ପଣର କଥା କହିଛନ୍ତି, ଯାହା ଘଟୁ ପଛକେ, ଏପରିକି ଆମେ ନିକୃଷ୍ଟ ରାତି ମଧ୍ୟରେ ରହିଥାଉଁ ପଛକେ, ଦିବ୍ୟ ପରମଇଚ୍ଛାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେବା, —କେବଳ ସେହି କଥାଟି କରିବାକୁ ରହିଛି ।

ରାତି ଅଛି, ପୁଣି ସୂର୍ଯ୍ୟ ମଧ୍ୟ ରହିଛି, ରାତି ଏବଂ ସୂର୍ଯ୍ୟ, ତା'ପରେ ପୁଣି ରାତି, ବହୁ ସଂଖ୍ୟକ ରାତି; ମାତ୍ର ତଥାପି ଆମକୁ ଏହି ସମର୍ପଣେଚ୍ଛାଟିକୁ ଜାବୁଡ଼ି ଧରି ରଖିବାକୁ ପଡ଼ିବ; ଝଡ଼ ସମୟରେ ଯେପରି କୌଣସି ବସ୍ତୁକୁ ଜାବୁଡ଼ି ଧରିବାକୁ ହୁଏ, ଠିକ୍ ସେହିପରି ଏବଂ ଚିରକାଳ ଲାଗି ପରମ ସୂର୍ଯ୍ୟଙ୍କର ଆଗମନ ଘଟିବା ପର୍ଯ୍ୟନ୍ତ, ସେହି ସମଗ୍ର ବିଜୟ ସମ୍ଭବ ହେବା ପର୍ଯ୍ୟନ୍ତ ଆମର ସବୁକିଛିକୁ କେବଳ ସେହି ସର୍ବୋଚ୍ଚ ପରମପ୍ରଭୁଙ୍କ ହାତରେହିଁ ସମର୍ପିଦେଇ ପାରିବାକୁ ପଡ଼ିବ ।

'oaob.nitrkl.ac.in' images reprocessed

# ୨୨ ନଭେମ୍ବର ୧୯୫୮

## କର୍ମ

ଆମର ଜୀବନ ଉପରେ ସତେଅବା ଏତେବଡ଼ ପଥର ପରି ଲଦା ହୋଇ ରହିଥିବା ଯେଉଁ ପ୍ରକାରର ଏକ ନିୟତିବାଦକୁ ଆମେ ବେଳେ ବେଳେ ଅନୁଭବ କରିଥାଉ, — ଭାରତବର୍ଷରେ ତାହାକୁ କର୍ମ ବୋଲି କୁହାଯାଏ—ତାହା ହେଉଛି ପୂର୍ବ ଜନ୍ମଗୁଡ଼ିକର ପରିଣାମ । ଏହା ଏପରି ଏକ ସଞ୍ଚୟ, ଯାହାକୁ ଭୋଗ କରି ନିଃଶେଷିତ କରିଦେବାକୁ ହୋଇଥାଏ, ତାହା ଆମର ଚେତନା ଉପରେ ପଥର ପରି ଲଦାହୋଇ ରହିଥାଏ ।

ଘଟଣାଗୁଡ଼ିକ ଏହିପରି ଭାବରେ ଘଟିଥାଏ : ଚୈତ୍ୟ ସତ୍ତା ଗୋଟିଏ ଜୀବନରୁ ଆଉ ଗୋଟିଏ ଜୀବନକୁ ଅତିକ୍ରମ କରିଯାଏ, ପୃଥିବୀରେ ଗ୍ରହଣ କରି ଯାଉଥିବା ପ୍ରତ୍ୟେକ ଜନ୍ମ ଏକ ଅଧିକ ଅନ୍ତର୍ଗତି ବା ଅଧିକ ଅଭିବୃଦ୍ଧି ନିମନ୍ତେ ଅବସର ବା ସାଧନରୂପେ କାର୍ଯ୍ୟ କରିଥାଏ । ମାତ୍ର, ଏପରି ମଧ୍ୟ ଘଟିପାରେ ଯେ, ଏକ ନିର୍ଦ୍ଦିଷ୍ଟ ଅନୁଭୂତି ମଧ୍ୟଦେଇ ଯିବା ଲାଗି, କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟର ଶିକ୍ଷା କରିବା ଲାଗି କିଂବା କୌଣସି ନିର୍ଦ୍ଦିଷ୍ଟ ଅଭିଜ୍ଞତାର ମାଧ୍ୟମରେ କୌଣସି ଏକ ନିର୍ଦ୍ଦିଷ୍ଟ ସାମର୍ଥ୍ୟର ବିକାଶ ଘଟାଇବା ପାଇଁ ଅଭିପ୍ରାୟ ରଖି ଚୈତ୍ୟସତ୍ତା ଏକ ଜନ୍ମକୁ ଗ୍ରହଣ କରିପାରେ । ସେତେବେଳେ, ସେହି ଜୀବନଟି ମଧ୍ୟରେ, ଯେଉଁ ଜୀବନଟିରେ ସେହି ଅଭିଜ୍ଞତାଟିକୁ ଅଙ୍ଗେ ନିଭାଇବାକୁ ହେବ, କୌଣସି ନା କୌଣସି କାରଣରୁ —ଏହି କ୍ଷେତ୍ରରେ ଏକାଧିକ କାରଣ ମଧ୍ୟ ଆଇପାରେ—ଆତ୍ମା ଯେଉଁ ଆଧାରଟିରେ ଆସି ପ୍ରବେଶ କରିବା କଥା, ଠିକ୍ ସେହି ସ୍ଥାନରେ ଆସି ପ୍ରବେଶ କରିପାରେ ନାହିଁ । ହୁଏତ କୌଣସି ପ୍ରକାରର ଏକ ସ୍ଥାନଚ୍ୟୁତି ଘଟିପାରେ, ହୁଏତ ସିଏ କେତେକ ବିପରୀତ ପରିବେଶ ମଧ୍ୟରେ ଆସି ପଡ଼ି ଯାଇପାରେ— ଏହା ପ୍ରକୃତରେ ଘଟିପାରେ — ଏବଂ ସେହି କ୍ଷେତ୍ରରେ ସେହି ଜନ୍ମଗ୍ରହଣ ସମ୍ପୂର୍ଣ୍ଣ ଭାବରେ ବ୍ୟର୍ଥ ହୋଇଯାଏ ଏବଂ ଆଉ ଏକ ଅଧିକ ଭଲ ଅବସର ଲାଗି ଅପେକ୍ଷା କରିବା ନିମନ୍ତେ ଆତ୍ମା ତାହାକୁ ଛାଡ଼ି ବାହାରିଯାଏ । ମାତ୍ର, ଅନ୍ୟ କେତେକ କ୍ଷେତ୍ରରେ, ଆତ୍ମା ଜନ୍ମଗ୍ରହଣ କରିବା ପରେ ଯାହା କରିବା ଲାଗି ଇଚ୍ଛା କରୁଥାଏ, ତାହା କରି ପାରିବା

'oaob.nitrkl.ac.in' images reprocessed

ସମ୍ଭବ ହୋଇ ଦେଖେ ନାହିଁ ଏବଂ ତେଣୁ, କେତେକ ଅନୁଚିତ ପରିସ୍ଥିତି ମଧ୍ୟକୁ ଟାଣି ହୋଇଯିବା ବ୍ୟତୀତ ତାହାର ପ୍ରକୃତିରେ ଆଉ କୌଣସି ଗ୍ରାସ ନ ଥାଏ— କେବଳ ବାହ୍ୟ ବସ୍ତୁଗତ ଦୃଷ୍ଟିରୁ ଯେ ଅନୁଚିତ ତା' ନୁହେଁ, ଆପଣାର ଅଭିବୃଦ୍ଧି ଲାଗି ମଧ୍ୟ ସେହି ପରିସ୍ଥିତି ଅନୁଚିତ ଓ ଅନୁପଯୁକ୍ତ ରହିଥାଏ । ତାହା ଫଳରେ ଅନୁଭୂତିଟିକୁ ପୁନର୍ବାର ଲାଭ କରିବା ଆବଶ୍ୟକ ହୋଇଥାଏ,—ଅନେକ ସମୟରେ ଅପେକ୍ଷାକୃତ ଅନେକ ଅଧିକ ପ୍ରତିକୂଳ ଅବସ୍ଥା ମଧ୍ୟରେ ତାହାକୁ ଲାଭ କରିବାକୁ ପଡ଼ିଥାଏ ।

ଏବଂ ଯଦି, — ଏହି କ୍ଷେତ୍ରରେ ଯେକୌଣସି ଘଟଣା ଘଟିପାରେ— ଯଦି ସେହି ଦ୍ୱିତୀୟ ଉଦ୍ୟମଟି ମଧ୍ୟ ସଫଳ ନ ହୁଏ, ଚୈତ୍ୟ ସତ୍ତା ଯାହା କରିବ ବୋଲି ଇଚ୍ଛା କରୁଥାଏ, ଯଦି ପୁନର୍ବାର ଉପସ୍ଥିତ ଅବସ୍ଥାଗୁଡ଼ିକର କାରଣରୁ ତାହା ଆଦୌ ସମ୍ଭବ ହୋଇପାରେ ନାହିଁ, ଉଦାହରଣ ସ୍ୱରୂପ, ଯଦି, ସିଏ ଯେଉଁ ଶରୀର ମଧ୍ୟରେ ଜନ୍ମଗ୍ରହଣ କରିଥାଏ, ଯଦି ତାହାର ଯଥେଷ୍ଟ ଇଚ୍ଛାଶକ୍ତି ନ ଥାଏ, ଭାବନାର କ୍ଷେତ୍ରରେ କୌଣସି ବିକୃତି ରହିଥାଏ କିଂବା ଅହଙ୍କାର ଅତ୍ୟନ୍ତ କଠିନ ଓ ଅନମନୀୟ ହୋଇ ରହିଥାଏ ଏବଂ ଉଦ୍ୟମଟି ପରିଶେଷରେ ଆତ୍ମହତ୍ୟାରେହିଁ ସମାପ୍ତ ହୁଏ, ତେବେ ତାହାର ପରିଣାମ ପ୍ରକୃତିରେ ଭୟଙ୍କର ହୋଇଥାଏ । ମୁଁ ଅନେକ ଥର ଏହି କଥାଟିକୁ ଦେଖିଛି; ଏଥିରୁ ଏକ ଭୟାନକ କର୍ମର ସୃଷ୍ଟି ହୁଏ, ଯାହା କି ବହୁ ଜୀବନ ଧରି ଆପଣାର ପୁନରାବୃତ୍ତି ଘଟାଇ ପାରେ;—ଆତ୍ମା ପ୍ରକୃତରେ ବିଜୟ ଲାଭକରି ଯାହା କରିବ ବୋଲି ଇଚ୍ଛା କରୁଥିଲା, ତାହା କରିବା ଲାଗି ସମର୍ଥ ନ ହେବା ପର୍ଯ୍ୟନ୍ତ ସେହି ପୁନରାବୃତ୍ତି ଲାଗି ରହିଥାଏ । ଏବଂ ପ୍ରତ୍ୟେକ ଥର ଅବସ୍ଥା ଅଧିକରୁ ଅଧିକ ଆୟାସକର ହେବାରେ ଲାଗିଥାଏ, ପ୍ରତ୍ୟେକ ଥର ପ୍ରଭୂତ ଭାବରେ ଏକ ବୃହତ୍ତର ଉଦ୍ୟମର ପ୍ରୟୋଜନ ହୋଇଥାଏ । ବେଳେ ବେଳେ ଏପରି କୁହାଯାଇଛି ଯେ, ସେହି କ୍ଷେତ୍ରରେ ତାହା ମଧ୍ୟରୁ ବାହାରକୁ ବାହାରି ଆସିବା ମଧ୍ୟ ସମ୍ଭବ ହୋଇପାରେ ନାହିଁ । ବସ୍ତୁତଃ, ଅତୀତ-ଜନ୍ମଗୁଡ଼ିକର ଅବଚେତନ ସ୍ମୃତି ଅସୁବିଧାଟିକୁ ଏଡ଼ିଦେବା ଲାଗି ଏକ ପ୍ରକାରର ଅପ୍ରତିରୋଧ୍ୟ ବାସନାର ସୃଷ୍ଟି କରିଥାଏ ଏବଂ ଫଳରେ ବ୍ୟକ୍ତି ପୁନର୍ବାର ସେହି ପୂର୍ବ ନିର୍ବୋଧତାଟିକୁ ବା ଏପରିକି ତା'ଠାରୁ ଆହୁରି ବୃହତ୍ତର କୌଣସି ନିର୍ବୋଧତାକୁ ଆରମ୍ଭ କରିଦିଏ ଏବଂ ପରିଣାମରେ, ଆଗରୁ କେଡ଼େବଡ଼ ହୋଇ ରହିଥିବା ପ୍ରତିକୂଳତା ସହିତ ଆହୁରି ଗୋଟିଏ ପ୍ରତି-କୂଳତା ଆସି ଯୁକ୍ତ ହୋଇଯାଏ । ପୁନଶ୍ଚ, ଏପରି ମୁହୂର୍ତ୍ତମାନ ମଧ୍ୟ ଆସି ପହଞ୍ଚେ —ମୁହୂର୍ତ୍ତମାନ କିଂବା ଅବସ୍ଥାମାନ—ଯେତେବେଳେ ସାହାଯ୍ୟ କରିବାକୁ ଆଦୌ କେହି ନ ଆନ୍ତି, ତୁମକୁ ବତାଇଦେବା ଲାଗି କିଂବା ବାଟ ଦେଖାଇବା ଲାଗି ମଧ୍ୟ

'oaob.nitrkl.ac.in' images reprocessed

କେହି ନ ଥାନ୍ତି । ତୁମେ ଏକାବେଳେକେ ଏକୁଟିଆ ହୋଇ ରହିଥାଅ, କାହାକୁ ଯେ ଆଶ୍ରୟ କରି ରହିପାରିବ, ସେକଥା ମଧ୍ୟ ଜଣା ନ ଥାଏ । ସେତେବେଳେ ଅବସ୍ଥା ଅତ୍ୟନ୍ତ ଭୟଙ୍କର ହୋଇଯାଏ, ପରିସ୍ଥିତି ପ୍ରକୃତରେ ଅତ୍ୟନ୍ତ ମନ୍ଦ ହୋଇପଡ଼େ ।

ମାତ୍ର, ଯଦି ଆତ୍ମା କେବଳ ଅରକ ପାଇଁ ମଧ୍ୟ ଏକ ନିବେଦନ ଜଣାଇଥାଏ, ଯଦି ଅରକ ପାଇଁ ପରମ କରୁଣା ସହିତ ସମ୍ପର୍କ ସ୍ଥାପନ କରି ପାରିଥାଏ, ତେବେ ତାହାର ପରବର୍ତ୍ତୀ ଜନ୍ମରେ ବ୍ୟକ୍ତି ସୁନିଶ୍ଚିତ ଭାବରେ ଏପରି ଏକ ପରିବେଷ୍ଟନୀ ମଧ୍ୟରେ ଯାଇ ପହଞ୍ଚିଯାଏ ଯେଉଁଠାରେକି ସବୁକିଛିକୁ ସତେଅବା ଗୋଟିଏ ଆଘାତରେ ଅପସାରିତ କରିନେଇ ଯାଇହୁଏ । ସେହି କ୍ଷଣଟିରେ ତୁମ ପାଖରେ ଅନେକ ସାହସ ରହିଥିବା ଆବଶ୍ୟକ ହୁଏ, ସହିବାର ଏକ ସାମର୍ଥ୍ୟ ରହିଥିବା ଆବଶ୍ୟକ ହୋଇଥାଏ । ଅବଶ୍ୟ ବେଳେବେଳେ ଏହି କ୍ଷେତ୍ରରେ ଯଥାର୍ଥ ପ୍ରେମ ରହିଥିଲେହିଁ ତାହା ଯଥେଷ୍ଟ ହୁଏ । ଏବଂ, ଯଦି ବିଶ୍ୱାସ ରହିଥାଏ, — ମାତ୍ର ଅଳ୍ପ, କିଞ୍ଚିତ୍ ପରିମାଣରେ ବିଶ୍ୱାସ ରହିଥିଲେ ତାହାହିଁ ଯଥେଷ୍ଟ, — ତେବେ ସବୁକିଛି ଦୂରୀଭୂତ ହୋଇଯାଏ । ମାତ୍ର ଅଧିକାଂଶ କ୍ଷେତ୍ରରେ ଏକ ଉପେକ୍ଷାମୟ ବୃହତ୍ ସାହସର ପ୍ରୟୋଜନ ରହିଥାଏ, ସହ୍ୟ କରିବାର ଏବଂ ଆଦୌ ପରାଜୟକୁ ସ୍ୱୀକାର କରି ନ ନେବାର ଏକ ସାମର୍ଥ୍ୟ ଆବଶ୍ୟକ ହୁଏ ; ବିଶେଷ କରି ପୂର୍ବେ ଏକଦା ଆତ୍ମହତ୍ୟାର ଆଶ୍ରୟ ନେଇଥିବା ଏକ କ୍ଷେତ୍ରରେ ଆଉଥରେ ସେହି ନିର୍ବୋଧତାକୁ ପ୍ରଶ୍ରୟ ଦେବା ପାଇଁ ଯାବତୀୟ ପ୍ରଲୋଭନକୁ ଏଡ଼ି ପାରିବାର ଏକ ପ୍ରତିରୋଧ ଶକ୍ତି ଦରକାର ହୁଏ — କାରଣ ତା'ଦ୍ୱାରା ଏକ ଭୟାନକ ପରିଣତିର ସୃଷ୍ଟି ହୋଇଥାଏ । ପୁନଶ୍ଚ, ଅସୁବିଧାଟିକୁ ସିଧା ମୁହାଁମୁହିଁ ହୋଇ ନ ଅନାଇ ପାରିବାର ଏକ ଅଭ୍ୟାସ ମଧ୍ୟ ରହିଥାଏ ଏବଂ ସେଥିଲାଗି ତାହା ପଳାୟନରେ ଆପଣାକୁ ରୂପାୟିତ କରି ଦେଉଥାଏ । ଯେତେବେଳେ ଅସୁବିଧା ଆସିବ, ସେତେବେଳେ ତୁମେ ପଳାଇବ, ସଙ୍ଗେ ସଙ୍ଗେ ପଳାଇବ,— ସେହି ଅସୁବିଧାଟିକୁ ହଜମ ନ କରି, ଦୃଢ଼ ଭାବରେ ଆପଣାକୁ ଧରି ନ ରଖି, ଅର୍ଥାତ୍ ନିଜ ଭିତରେ କୌଣସି ପ୍ରକାରେ ବିଚଳିତ ନ ହୋଇ, ଆଦୌ ପରାଜୟ ସ୍ୱୀକାର ନ କରି, ଏବଂ ସର୍ବୋପରି, ନିଜ ଭିତରେ "ଆଉ ମୁଁ ଏହାକୁ ସହ୍ୟ କରି ପାରିବି ନାହିଁ" ବୋଲି ଅନୁଭବ କରୁଥିବା ସମୟରେ ତଥାପି ପରାଜୟ ସ୍ୱୀକାର ନ କରି — ପଳାଇବାର ପ୍ରବୃତ୍ତିହିଁ ତୁମକୁ ଗ୍ରାସ କରି ପକାଏ । ନାହିଁ—ତୁମେ ନିଜର ମସ୍ତିଷ୍କକୁ ଯଥାସମ୍ଭବ ଅଧିକ ସ୍ଥିର କରି ରଖିଥିବ, — କଦାପି ସେହି ଗତିସ୍ପନ୍ଦନଟିର ବୋଲ ମାନିବ ନାହିଁ, ସେହି ସ୍ପନ୍ଦନଟି ଅନୁସାରେ କଦାପି କାର୍ଯ୍ୟ କରିବ ନାହିଁ ।

'oaob.nitrkl.ac.in' images reprocessed

ହଁ, ତାହାହିଁ ଆବଶ୍ୟକ, କେବଳ ତାହାହିଁ ଆବଶ୍ୟକ । ପରମ କରୁଣା ଉପରେ ବିଶ୍ୱାସ, ପରମ କରୁଣାକୁ ପ୍ରତ୍ୟକ୍ଷ କରିବାର ଶକ୍ତି, ଅଥବା, ତା' ନ ହେଲେ ତାହାକୁ ଆହ୍ୱାନ କରିବାର ତୀବ୍ର ବ୍ୟାକୁଳତା — କିଂବା — ଆହୁରି ଭଲ କଥା ହେଉଛି, ସେହି ଅନୁସନ୍ଧାନ,— ଗଣ୍ଠିଟିକୁ ଖୋଲିଦେବାର, କାଟିଦେବାର ଅନୁସନ୍ଧାନ, ପରମ କରୁଣାର ଏହି ଅଦ୍ଭୁତ ପ୍ରେମ ଉଦ୍ଦେଶ୍ୟରେ ତୁମର ଅନୁସନ୍ଧାନ ।

ମାତ୍ର, ଭିତରେ ଏକ ବଳବତୀ ଇଚ୍ଛା ନ ଥିଲେ, ଏବଂ ସର୍ବୋପରି, ସର୍ବୋପରି ଆପଣାର ପୁଞ୍ଜୀଭୂତ ଶକ୍ତି ବଳରେ ଯାବତୀୟ ଜନ୍ମର ଅବଧିରେ ବିନାଶକାରୀ ହୋଇ ରହି ଆସିଥିବା ସେହି ପ୍ରଲୋଭନର ପ୍ରତିରୋଧ କରିବାର ସାମର୍ଥ୍ୟ ନ ଥିଲେ ଏହା ପ୍ରକୃତରେ କଷ୍ଟକର ହେବ । ପ୍ରତ୍ୟେକ ପରାଜୟ ତାହାକୁ ନୂତନ ଶକ୍ତି ଯୋଗାଇ ଦେଉଥିବ । ମାତ୍ର ଏକ କ୍ଷୁଦ୍ର ବିଜୟ ହାସଲ କରି ତୁମେ ତାହାର ବିନାଶ କରି ପାରିବ ।

ଯେତେବେଳେ ତୁମ ଭିତରେ ବଳ ନ ଆସେ, ସାହସ ନ ଆସେ, ଅଦମ୍ୟ ହୋଇ ଆଦୌ କିଛି ନ ଆସେ, ସେତେବେଳେ ପରିଣାମ ସବୁଠାରୁ ଅଧିକ ଭୟଙ୍କର ହୋଇଯାଏ । ଲୋକେ କେତେ କେତେ ଥର ମୋ ପାଖକୁ ଆସି "ମୁଁ ମରି ଯିବାକୁ ଇଚ୍ଛା କରୁଛି, ମୁଁ ଏଠାରୁ ପଳାଇ ଯିବାକୁ ଚାହୁଁଛି, ମୁଁ ମରିଯିବାକୁ ଇଚ୍ଛା କରୁଛି" ବୋଲି ନ କହିଛନ୍ତି ! ମୁଁ ସେମାନଙ୍କୁ ଉତ୍ତର ଦେଇଥାଏ : "ହେଉ, ତେବେ ତୁମେ ନିଜକୁହିଁ ସଂହାର କର । ତୁମର ଅହଂ ଏହିପରି ଜୀଇକରି ରହିଥାଉ ବୋଲି କେହି ତୁମକୁ କେବେ କହି ନାହିଁ । ତୁମେ ଯେତେବେଳେ ମରିବାକୁ ଚାହୁଁଛ, ତେବେ ନିଜେ ଏହି କାର୍ଯ୍ୟଟିକୁ କର । ସାହସୀ ହୁଅ, ନିଜର ଅହଂକୁ ସଂହାର କରି ପାରିବା ଲାଗି ସେହି ଯଥାର୍ଥ ସାହସଟିକୁ ଅବଲମ୍ବନ କର ।"

ମାତ୍ର, ଏହା ଏକ କର୍ମର ବିଷୟ ହୋଇଥିବାରୁ, ତୁମ ନିଜକୁ କିଛି ଅବଶ୍ୟ କରିବାକୁ ହେବ । ଅହଂହିଁ କର୍ମର ରଚନା କରିଥାଏ ; ତେଣୁ ଏହି ଅହଂକୁହିଁ କିଛି ନା କିଛି କରିବାକୁ ହେବ, — ସବୁକିଛି ତା' ଲାଗି କରିଦିଆ ଯାଉଥିବ, ଏହା ମୋଟେ ସମ୍ଭବ ନୁହେଁ । ଅସଲ ସତ୍ୟ କଥାଟି ହେଉଛି : କର୍ମ ହେଉଛି ଅହଂ ଦ୍ୱାରା କୃତ କର୍ମଗୁଡ଼ିକର ପରିଣାମ ଏବଂ ତେଣୁ, କେବଳ କର୍ମ ସିଂହାସନ ଗୁଡ଼ି, ଓହ୍ଲାଇ ଗଲେ ଯାଇ କର୍ମର ବିନାଶ ହେବ । ତୁମେ ଅହଂକୁ ଏହି କାର୍ଯ୍ୟରେ ଅବଶ୍ୟ ସାହାଯ୍ୟ କରି ପାରିବ, ତା'ର ସହାୟତା କରି ପାରିବ, ତାକୁ ଶକ୍ତି ଦେଇ ପାରିବ ଓ ସାହସ ଆଣି ଦେଇ ପାରିବ । ମାତ୍ର ଅହଂ ମଧ୍ୟ ସେଗୁଡ଼ିକୁ ବ୍ୟବହାର କରିବା ଲାଗି ଅବଶ୍ୟ ପ୍ରସ୍ତୁତ ରହିଥିବା ଆବଶ୍ୟକ ।

'oaob.nitrkl.ac.in' images reprocessed

ଆମେ ଯଥାର୍ଥରେ ଯାହା ଏବଂ ବର୍ତ୍ତମାନ ଆମେ ଯେଉଁ ସ୍ଥିତରେ ଅଛୁ, ଦୁଇଟି ମଧ୍ୟରେ ଏପରି ଏକ ବ୍ୟବଧାନ ରହିଛି ଯେ, ବେଳେବେଳେ ସେହି କଥାରେ ତୁମର ମୁଣ୍ଡ ବୁଲାଇବାକୁ ଆରମ୍ଭ କରିଥାଏ । ତୁମେ ସେହି ମୁଣ୍ଡ ବୁଲାଇବା ପାଖରେ ମଧ୍ୟ କଦାପି ପରାଜୟ ସ୍ୱୀକାର କରିବ ନାହିଁ । ତୁମେ ଆଦୌ ବ୍ୟସ୍ତ ହୋଇ ଏଣେତେଣେ ଦଉଡ଼ିବ ନାହିଁ । ସେହି ବିପତ୍ତିଟି ପାର ହୋଇ ଚାଲିଯିବା ପର୍ଯ୍ୟନ୍ତ ପଥର ପରି ସ୍ଥିର ଓ ଅଟଳ ରହିଥିବ ।

ସାଧାରଣତଃ, ଯେତେବେଳେ ପରମକରୁଣା ଦ୍ୱାରା କୌଣସି କର୍ମ ବିଦୂରିତ ତଥା ପରିପାଚିତ ହେବାର ବେଳ ଆସି ପହଞ୍ଚେ, ସେତେବେଳେ ସେହି କର୍ମର କାରଣ ରୂପେ କାର୍ଯ୍ୟ କରୁଥିବା ଯଥାର୍ଥ ତଥ୍ୟଗୁଡ଼ିକର ପ୍ରକୃତରୂପ ଜ୍ଞାନ ବା ଅନୁଭବଟି ମଧ୍ୟ ଆସି ଆବିର୍ଭୂତ ହୋଇଥାଏ । ଏବଂ, ତେଣୁ, ତୁମେ ସେହି ମୁହୂର୍ତ୍ତରେ ପରିଷ୍କରଣର ପ୍ରକ୍ରିୟାଟିକୁ ମଧ୍ୟ ଆରମ୍ଭ କରିଦେଇ ପାରିବ ।

ମାତ୍ର, ସବୁଠାରୁ ଅଧିକ ଯନ୍ତ୍ରଣାଦାୟକ ମୁହୂର୍ତ୍ତଟିରେ, ଯେତେବେଳେ ପ୍ରରୋଚନାଗୁଡ଼ିକ ସାଙ୍ଘାତିକ ଭାବରେ ବଳଶାଳୀ ହୋଇ ରହିଥିବେ, ସେତେ-ବେଳେ ତୁମକୁ ଆଘାତଟିକୁ ସହିବାକୁହିଁ ପଡ଼ିବ । ତା ନ ହେଲେ ତୁମକୁ ସର୍ବଦା ପୁନର୍ବାର ମୂଳରୁହିଁ ଆରମ୍ଭ କରିବାକୁ ପଡ଼ିବ, ସବୁବେଳେ ପୁଣି ସେହି ମୂଳରୁ ଆରମ୍ଭ କରିବାକୁ ପଡ଼ୁଥିବ ।

ତାପରେ ଏକ ମୁହୂର୍ତ୍ତ ଆସି ଅବଶ୍ୟ ପହଞ୍ଚିବ, ଯେତେବେଳେ କାର୍ଯ୍ୟଟିକୁ କରିବାକୁହିଁ ପଡ଼ିବ, ଯେତେବେଳେ ତୁମକୁ ବିମୋଚନକାରୀ ସେହି ଅନ୍ତର୍ଗତ ଯଥାର୍ଥ ପ୍ରୟାସଟିକୁ କରିବାକୁ ପଡ଼ିବ । ପ୍ରକୃତ କଥା କହିବାକୁ ଗଲେ, ଏହି ଉପସ୍ଥିତ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ ଏପରି ଏକ ସୁଯୋଗ ବିଦ୍ୟମାନ ରହିଛି, ଯାହାକି ପ୍ରକୃତରେ ହଜାର ହଜାର ବର୍ଷ ପରେ ଆସିଛି, — ବର୍ତ୍ତମାନ ଆବଶ୍ୟକ ଶକ୍ତିଟି ସହିତ ଏକ ସଚେତନ ସହାୟତା ଆସି ପହଞ୍ଚିଛି । ଏକଦା ବିଶ୍ୱାସ କରା ଯାଉଥିଲା ଯେ, କର୍ମର ପରିଣାମକୁ ଖଣ୍ଡନ କରି ଦେବାଭଳି ସାମର୍ଥ୍ୟ ଆଦୌ କାହାରି ନାହିଁ ଏବଂ କେବଳ କ୍ରମାନୁସାରେ କେତେକ ବିଶୋଧନକାରୀ ପ୍ରାୟଶ୍ଚିତ୍ତ କାର୍ଯ୍ୟ କରି ତାହାକୁ ନିଃଶେଷିତ କରିଦେଇ ପାରିଲେ ଯାଇ ସେହି କର୍ମର ପରିଣାମଗୁଡ଼ିକୁ ବଦଳାଇ ପାରିବା ସମ୍ଭବ ହେବ, ତାହା ନିଃଶେଷିତ ଏବଂ ବିଲୁପ୍ତ ହୋଇପାରିବ । ମାତ୍ର, ଅତିମାନସ ଶକ୍ତିର ସାହାଯ୍ୟରେ, ବିମୋଚନ-ପ୍ରକ୍ରିୟାର ସକଳ ସୋପାନ ମଧ୍ୟଦେଇ ଯିବାର ଆବଶ୍ୟକତା ନ ପଡ଼ି ମଧ୍ୟ ଏହି କଥାଟି ସମ୍ଭବ ହୋଇପାରିବ ।

'oaob.nitrkl.ac.in' images reprocessed

# ଜାନୁଆରୀ ୧୯୭୦

ମୁଁ ପଢ଼ିଛି ଯେ, କେତେକ ସନ୍ଥ ଦେହରକ୍ଷା କରିସାରିବା ପରେ ସେମାନଙ୍କ ଶରୀର ମଧ୍ୟ ଅନ୍ତର୍ହିତ ହୋଇଯାଇଥାଏ ଏବଂ ହୁଏତ ଫୁଲରେ ପରିଣତ ହୋଇଯାଇଛି ଅଥବା ଶୂନ୍ୟକୁ ମିଳାଇଯାଇଛି । ଏପରି ଏକ ଘଟନା ପ୍ରକୃତରେ ଘଟିପାରେ କି ?

ସବୁକିଛି ସମ୍ଭବ ହୋଇପାରେ, ହୁଏତ ଏପରି ଘଟିଥାଇ ପାରେ, ମାତ୍ର ସେଭଳି ଘଟିଥିଲା ବୋଲି ମୁଁ ବିଶ୍ୱାସ କରୁ ନାହିଁ । ବହିରେ ଯାହା ଲେଖା ହୋଇଛି, ଆମେ ସବୁକ୍ଷେତ୍ରରେ ସେଗୁଡ଼ିକୁ କଦାପି ବିଶ୍ୱାସ କରିପାରିବା ନାହିଁ । ଏବଂ, ଏପରି ଏକ ଘଟନା ଓ ସନ୍ଥ ହେବା ମଧ୍ୟରେ ଏଭଳି ଏକ ସମ୍ବନ୍ଧ ରହିବା ଯେ ଅବଶ୍ୟମ୍ଭାବୀ, ସେକଥା ମଧ୍ୟ ନୁହେଁ । କେତେକ ମିଡ଼ିଅମ୍‌ଙ୍କର,—ସେମାନଙ୍କୁ ସେହିନାମରେ ଅଭିହିତ କରାଯାଇଛି—ଏକ ଅଲୌକିକ ସାମର୍ଥ୍ୟ ରହିଥାଏ । ସେମାନଙ୍କୁ ଗୋଟିଏ ଚଉକିରେ ବସାଇ ଦିଆଯାଏ, ଚଉକି ସହିତ ବାନ୍ଧିଦିଆଯାଏ, ଲୋକମାନେ ସେମାନଙ୍କୁ ଜଗି ରହିଥାନ୍ତି ଏବଂ ପ୍ରକୋଷ୍ଠଟିକୁ ବାହାରୁ ନିବୁଜ ଭାବରେ ତାଲା ପକାଇ ଦିଆଯାଏ । ତା'ପରେ ପ୍ରକୋଷ୍ଠ ମଧ୍ୟରେ ଅନ୍ଧକାରର ସୃଷ୍ଟି କରାଯାଏ । କେତେ ସମୟ ପରେ—ତାହା ଦୀର୍ଘ ହେବ ବା ଦୀର୍ଘ ନ ହେବ, ସେକଥା ମିଡ଼ିଅମ୍‌ର ସାମର୍ଥ୍ୟ ଉପରେ ନିର୍ଭର କରେ,—ଦେଖାଯାଏ ଯେ ଗଣ୍ଠି-ଗୁଡ଼ିକ ପ୍ରକୃତରେ ଖୋଲିଯାଇଛି, ଚଉକି ଉପରେ କେହି ନାହାନ୍ତି : ତା'ଉପରେ ବସିଥିବା ବ୍ୟକ୍ତି ଅନ୍ତର୍ହିତ ହୋଇଯାଇଛନ୍ତି । ତା'ପରେ ଦେଖାଯାଏ ଯେ ପାର୍ଶ୍ୱ-ବର୍ତ୍ତୀ ପ୍ରକୋଷ୍ଠଟିରେ ସେହି ବ୍ୟକ୍ତି ଏକ ଗଭୀର ଭାବାବେଶ ମଧ୍ୟରେ ନିମଗ୍ନ ହୋଇ ପଡ଼ିରହିଛନ୍ତି । ମିଡିଅମ୍ ସେହି ତାଲା ପଡ଼ିଥିବା କବାଟ ଓ ମୋଟା କାନ୍ଥଦେଇ ବାହାରକୁ ଚାଲିଯାଇଛନ୍ତି । ଜଡ଼-ଉପାଦାନର ଏକ ବିକେନ୍ଦ୍ରୀକରଣ ଓ ସଂକେନ୍ଦ୍ରୀକରଣର ସାମର୍ଥ୍ୟ ବଳରେ ସେପରି ଘଟିଥାଏ ।

ବଡ଼ ବୈଜ୍ଞାନିକ ନିୟନ୍ତ୍ରଣ ମଧ୍ୟରେ ବି ଏହିପରି ଘଟଣାମାନ ଘଟିଛି । ତେଣୁ, କେତେକ ବିରଳ କ୍ଷେତ୍ରରେ ସେହି ଘଟଣାସବୁ ପ୍ରକୃତରେ ଘଟିଛି । ମାତ୍ର



'oaob.nitrkl.ac.in' images reprocessed

ସେଗୁଡ଼ିକ ମଧ୍ୟରେ ପବିତ୍ରତାର କୌଣସି ନିଦର୍ଶନ ନାହିଁ । ସେଗୁଡ଼ିକ ବିଷୟରେ ଆଧ୍ୟାତ୍ମିକ ବୋଲି ଆଦୌ କିଛି ନାହିଁ । କେବଳ ପ୍ରାଣିକ ସତ୍ତାର ଏକ ସାମର୍ଥ୍ୟହିଁ ଏହି କ୍ଷେତ୍ରରେ ଯାବତୀୟ କାର୍ଯ୍ୟ କରୁଛି । ଏବଂ, ମିଡ଼ିଅମ୍‌ମାନେ ମଧ୍ୟ ଅଧିକାଂଶ ସମୟରେ ଅତ୍ୟନ୍ତ ନିମ୍ନସ୍ତରୀୟ ଚରିତ୍ରସମ୍ପନ୍ନ ବ୍ୟକ୍ତି ହୋଇଥା'ନ୍ତି, ସେମାନଙ୍କ ମଧ୍ୟରେ ସନ୍ଥଜନୋଚିତ ଆଦୌ କୌଣସି ଲକ୍ଷଣ ନ ଥାଏ ।

ମାତ୍ର, ଭ୍ରମ କଥାଟିକୁ ଆମେ ପୁନର୍ବାର ଫେରି ଆସିବା । ବିଖ୍ୟାତ ଏବଂ ପବିତ୍ର ବ୍ୟକ୍ତିମାନଙ୍କ ବିଷୟରେ ଯାବତୀୟ ପ୍ରକାରର କାହାଣୀମାନ ଗଢ଼ା ହୋଇଯାଏ ! ଶ୍ରୀଅରବିନ୍ଦ ଦେହତ୍ୟାଗ କରିବା ପୂର୍ବରୁ ମଧ୍ୟ ଏପରି ଏକ କାହାଣୀ ପ୍ରଚରିତ ହୋଇଯାଇଥିଲା ଯେ, ସେ ତାଙ୍କ ଘରର ଛାତ ମଧ୍ୟଦେଇ ବାହାରକୁ ଯିବା ଆସିବା କରୁଥିଲେ—ହଁ, ସଶରୀରେ ତାହା କରିପାରୁଥିଲେ—ଏବଂ କେତେ ପ୍ରକାରର କେତେ କେତେ ସ୍ଥାନରେ ଯାଇ ବିଚରଣ କରୁଥିଲେ । ଗୋଟିଏ ବହିରେ ମଧ୍ୟ ସେକଥା ଲେଖାଯାଇଛି । ଶ୍ରୀଅରବିନ୍ଦ ସ୍ୱୟଂ ମୋତେ ଏକଥା କହିଥିଲେ ।

> କେତେକ ବହିରେ ଅଛି ଯେ ମୀରାବାଈ ଶରୀର ସହିତ କୃଷ୍ଣପ୍ରତିମା ଭିତରେ ଲୀନ ହୋଇ ଯାଇଥିଲେ ଓ ତା' ପରେ ଆଉ ବାହାରକୁ ଆସି ନ ଥିଲେ ।

ଅନ୍ୟ ବହିସବୁ ଅନ୍ୟ କାହାଣୀଗୁଡ଼ିକୁ ବି କହି ନାହାନ୍ତି କି ?

> ଏକଥା ମଧ୍ୟ କୁହାଯାଇଛି ଯେ, ଆପଣ ଲେଖିଲାବେଳେ ହାତରେ କୌଣସି କଲମ ଧରନ୍ତି ନାହିଁ । କଲମ ଆପଣଙ୍କ ପାଇଁ ମନକୁ ସବୁ ଲେଖି ଦେଉଥାଏ ।

ଦେଖିଲ ତ ?

'oaob.nitrkl.ac.in' images reprocessed

# ଅପ୍ରକାଶିତ :
## ୧୯୭୦ ଫେବୃଆରୀ ପୂର୍ବରୁ

### ଯଥାର୍ଥ ବିବେକବୁଦ୍ଧି

ଯେଉଁ ବ୍ୟକ୍ତିମାନେ ଯଥାର୍ଥ ମାର୍ଗର ଅନୁସରଣ କରିବାକୁ ଇଚ୍ଛା କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେମାନେ ଅସତ୍-ଇଚ୍ଛାର ଯାବତୀୟ ଶକ୍ତିର ଆଘାତ ଲାଗି ଉନ୍ମୁକ୍ତ ହୋଇ ରହିବେ; ଅସତ୍-ଇଚ୍ଛାର ଶକ୍ତିମାନେ କେବଳ ଯେ ଯଥାର୍ଥରେ କିଛି ବୁଝି ପାରନ୍ତି ନାହିଁ ତା' ନୁହେଁ, ମାତ୍ର, ସେମାନେ ଯାହାସବୁ ବୁଝି ପାରନ୍ତି ନାହିଁ, ତାହାକୁ ଘୃଣା ମଧ୍ୟ କରନ୍ତି ।

ଲୋକମାନେ ତୁମ ବିଷୟରେ ଅତ୍ୟନ୍ତ ଘୃଣାବ୍ୟଞ୍ଜକ ଭାବରେ ଯେଉଁସବୁ ନିର୍ବୋଧ କଥାମାନ କହୁଥିବେ, ଯଦି ତୁମେ ସେସବୁ ଦ୍ୱାରା ବିଚଳିତ, ବିରକ୍ତ ଓ ଏପରିକି ନିରୁତ୍ସାହିତ ହୋଇ ପଡ଼ୁଥିବ, ତେବେ ତୁମେ ଆଉ ଆପଣା ମାର୍ଗରେ ଖୁବ୍‌ବେଶୀ ଅଗ୍ରଗତି କରି ପାରିବ ନାହିଁ । ତୁମର ଭାଗ୍ୟ ଖରାପ ଥିବାରୁ ଅଥବା ତୁମର ଭାଗ୍ୟରେ କୌଣସି ସୁଖ ଲେଖା ହୋଇ ନ ଥିବାରୁ ଯେ ତୁମକୁ ଏସବୁ ଶୁଣିବାକୁ ପଡ଼ୁଛି ସେକଥା ଆଦୌ ନୁହେଁ; ପ୍ରକୃତରେ ଏହାର କାରଣ ଠିକ୍ ଓଲଟା, — କାରଣ ହେଉଛି ଯେ ଦିବ୍ୟ ପରମଚେତନା ଓ ପରମକରୁଣା ତୁମର ସଂକଳ୍ପକୁ ଗମ୍ଭୀରତା ସହିତ ଗ୍ରହଣ କରୁଛନ୍ତି ଏବଂ, ତୁମର ସଂକଳ୍ପ ପଛରେ ପ୍ରକୃତରେ ନିଷ୍ଠା ରହିଛି କି ନାହିଁ ଏବଂ ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାଭଳି ତୁମର ଯଥେଷ୍ଟ ବଳ ରହିଛି କି ନାହିଁ, ତାହା ଦେଖିବାକୁ ପରିସ୍ଥିତିଗୁଡ଼ିକୁ ତୁମର ପଥରେ କଷଟିପଥର ରୂପେ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ି ଦେଉଛନ୍ତି ।

ତେଣୁ, ଯଦି କେହି ତୁମକୁ ଉପହାସ କରୁଛି, ବା ଅସଦସ୍ଥ ଭାବରେ ତୁମକୁ କିଛି କହୁଛି, ସେହି କ୍ଷେତ୍ରରେ ନିଜର ସର୍ବପ୍ରଥମ କର୍ତ୍ତବ୍ୟ ରୂପେ ତୁମେ ନିଜ ଭିତରକୁ ନିରୀକ୍ଷଣ କରି ଦେଖିବ ଏବଂ, ତୁମ ଭିତରେ ରହିଥିବା କେଉଁ ଦୁର୍ବଳତା ବା ଅପୂର୍ଣ୍ଣତା ସକାଶେ ଏହିପରି ଗୋଟିଏ ଘଟିଲା, ସେହି କଥାଟିର ଅନୁସନ୍ଧାନ କରିବ । ଏସବୁ କ୍ଷେତ୍ରରେ ତୁମେ ମୋଟେ ନିରାଶ ହେବ ନାହିଁ, କ୍ରୁଦ୍ଧ ହେବ ନାହିଁ କିଂବା ଦୁଃଖିତ ହୋଇ ପଡ଼ିବ ନାହିଁ; କାରଣ ତୁମେ ଯାହାକୁ ନିଜର ଯଥାର୍ଥ ମୂଲ୍ୟ ବୋଲି ଭାବୁଛ, ଲୋକମାନେ ସେଥିଲାଗି ତୁମକୁ ମୂଲ୍ୟ ଦିଅନ୍ତି ନାହିଁ; ତୁମେ ବରଂ

'oaob.nitrkl.ac.in' images reprocessed

ଓଲଟା କଥାଟିହିଁ କରିବ, ଦିବ୍ୟ ପରମକରୁଣା ଯେ ଆବଶ୍ୟକ ସଂଶୋଧନ କରି ପାରିବା ଲାଗି ତୁମକୁ ତୁମର ଦୁର୍ବଳତା, ଅପୂର୍ଣ୍ଣତା ବା ବିରୂପତାଟିକୁ ଦେଖାଇ ଦେଲେ, ସେଥିଲାଗି ତାଙ୍କୁ ଧନ୍ୟବାଦ ଦେବ ।

ତେଣୁ, ଆଦୌ ଅସୁଖି ହୋଇ ନ ପଡ଼ି, ତୁମେ ସଂପୂର୍ଣ୍ଣ ଭାବରେ ସନ୍ତୋଷ ଅନୁଭବ କରି ପାରିବ ଏବଂ, ଆଉଜଣେ ବ୍ୟକ୍ତି ତୁମର ଯେଉଁ କ୍ଷତି କରିବା ଲାଗି ଇଚ୍ଛା କରିଥିଲେ, ତୁମେ ତାହାର ସୁଯୋଗଟିକୁ, ସେହି ବୃହତ୍ ସୁଯୋଗଟିକୁ ଗ୍ରହଣ କରିବ ।

ପୁନଶ୍ଚ, ଯଦି ତୁମେ ପ୍ରକୃତରେ ମାର୍ଗଟିରେ ଯାତ୍ରା କରିବାକୁ ଇଚ୍ଛା କରୁ-ଅଛ ଏବଂ ଯୋଗସାଧନା କରିବାକୁ ଚାହୁଁଅଛ, ତେବେ ଲୋକମାନେ ତୁମକୁ ପ୍ରଶଂସା ଅଥବା ସମ୍ମାନ କରିବେ ବୋଲି ତୁମେ କଦାପି ତାହା କରିବ ନାହିଁ । ଏହି ଚାରଣା ତଥା ସାଧନା ତୁମ ସତ୍ତାର ଏକ ଅନିବାର୍ଯ୍ୟ ଆବଶ୍ୟକତା ଏବଂ ତୁମେ କେବଳ ତାହାର ଦ୍ୱାରାହିଁ ସୁଖି ହୋଇପାରିବ ବୋଲି ତୁମେ ତାହାକୁ କରିବ । ଲୋକମାନେ ତୁମକୁ ପ୍ରଶଂସା କରୁଛନ୍ତି ବା ନ କରୁଛନ୍ତି, ଏହି କ୍ଷେତ୍ରରେ ତାହାର ଆଦୌ କୌଣସି ମହତ୍ତ୍ୱ ନ ଥାଏ । ବରଂ ତୁମେ ପୂର୍ବରୁହିଁ ନିଜ ପାଖରେ ଏହି କଥାଟିକୁ କହି ରଖିଥିବ ଯେ, ତୁମେ ସାଧାରଣ ମନୁଷ୍ୟଠାରୁ ଯେତିକି ଦୂରବର୍ତ୍ତୀ ହୋଇ ରହିବ ଓ ଜଣେ ସାଧାରଣ ପ୍ରାଣୀର ଜୀବନଯାତ୍ରାଠାରୁ ଯେତିକି ଅନ୍ୟ ପ୍ରକାରର ହୋଇ ରହିବ, ସେମାନଙ୍କଠାରୁ ତୁମକୁ ସେତିକି କମ୍ ପ୍ରଶଂସାହିଁ ମିଳିବ । ଏପରି ହେବାରେ ଆଦୌ କୌଣସି ସଂଶୟ ନାହିଁ, କାରଣ ସେମାନେ ମୋଟେ ବୁଝି ପାରୁ ନ ଥିବେ । ଏବଂ ମୁଁ ପୁନର୍ବାର କହୁଛି ଯେ ଏହାର ଆଦୌ କୌଣସି ମହତ୍ତ୍ୱ ନାହିଁ ।

ତୁମେ ମାର୍ଗଟିରେ ଚାଲିଛ, କାରଣ ଏହା ବ୍ୟତୀତ ତୁମେ ଆଉ କିଛିହେଲେ କରି ପାରିବ ନାହିଁ, ଏହାହିଁ ଯଥାର୍ଥ ନିଷ୍ଠା । ତୁମେ ନିଜକୁ ଦିବ୍ୟ ଜୀବନ ଲାଗି ଉତ୍ସର୍ଗ କରି ଦେଇଛ, କାରଣ ଏହା ବ୍ୟତୀତ ତୁମେ ଆଉ କିଛିହେଲେ କରି ପାରି ନ ଥାନ୍ତ; ତୁମେ ନିଜର ସତ୍ତାରେ ଏକ ରୂପାନ୍ତର ସମ୍ଭବ କରିବା ଲାଗି ପ୍ରୟାସ କରୁଛ ଏବଂ ପରମ ଆଲୋକ ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯିବା ଲାଗି ଚେଷ୍ଟା କରୁଛ, କାରଣ ଏହା ବ୍ୟତୀତ ତୁମେ ଆଉ କିଛିହେଲେ କରି ପାରି ନ ଥାନ୍ତ, କାରଣ ଠିକ୍ ଏହି କାରଣ ସକାଶେହିଁ ତୁମେ ନିଜର ଜୀବନ ବଞ୍ଚୁଛ, — ଏହାକୁ ଯଥାର୍ଥ ନିଷ୍ଠା ବୋଲି କୁହାଯିବ ।

ଯେତେବେଳେ ସବୁ ସେହିପରି ଘଟିବ, ସେତେବେଳେ ତୁମେ ସୁନିଶ୍ଚିତ ହୋଇ ପାରିବ ଯେ ତୁମେ ଯଥାର୍ଥ ମାର୍ଗରେହିଁ ରହିଛ ।

'oaob.nitrkl.ac.in' images reprocessed

ଗ୍ରା - [illegible]
ଘ୍ରା - [illegible]

# ୪ ଜୁନ୍ ୧୯୭୦

ବହି ୧

**ସକାଳେ ଉଠିବା ବେଳକୁ କ୍ଳାନ୍ତ ଲାଗେ କାହିଁକି ଏବଂ ଆହୁରି ଉତ୍ତମ ନିଦ୍ରା ଲାଗି କ'ଣ କରିବାକୁ ହେବ ?**

ଯଦି ସକାଳେ ଉଠିବା ସମୟରେ ତୁମକୁ କ୍ଳାନ୍ତ ଲାଗୁଛି, ତେବେ ତମଃ ହେଉଛି ତାହାର କାରଣ,—ଏହା ପଛରେ ଆଉ ଅନ୍ୟ କୌଣସି କାରଣ ନାହିଁ,—ତୁମ ଭିତରେ ତାମସିକତାର ଏକ ଭୟାନକ ପିଣ୍ଡ ବିଦ୍ୟମାନ ରହିଛି । ଶରୀର ଯୋଗ କରିବାକୁ ଆରମ୍ଭ କଲାବେଳେ ମୁଁ ନିଜେ ମଧ୍ୟ ତାହାକୁ ରହିଥିବାର ଦେଖିବାକୁ ପାଇଥିଲି । ଶରୀରର ରୂପାନ୍ତର ନ ଘଟିଥିବା ପର୍ଯ୍ୟନ୍ତ ଏହା ଅନିବାର୍ଯ୍ୟ ହୋଇ ରହିଥିବ ।

ତୁମକୁ ଚିତ୍ ହୋଇ ଶୋଇବାକୁ ହେବ, ତା'ପରେ ସକଳ ମାଂସପେଶୀର ଶ୍ଳଥନ କରି ଆଣିବ—ଏହି କଥାଟିକୁ ଖୁବ୍ ସହଜରେ ଶିକ୍ଷା କରିହେବ—ମୁଁ ଯେପରି କହୁଥାଏ, ତୁମେ ବିଛଣା ଉପରେ ମେଞ୍ଚାଏ କନ୍ଥା ଓ କନା ପଡିଥିଲା ପରି ପଡ଼ିରହିବ । କିଛିହେଲେ ଅବଶେଷ ରହିବ ନାହିଁ । ଏବଂ, ନିଜ ମନର କ୍ଷେତ୍ରରେ ମଧ୍ୟ ଯଦି ତୁମେ ଏକଥାଟିକୁ କରିପାରିବ, ତେବେ, ଶୋଇବାକୁ ଯିବାର ସମୟ ଅପେକ୍ଷା ବିଛଣାରୁ ଉଠିବା ସମୟରେ ତୁମକୁ ଅଧିକ କ୍ଳାନ୍ତ କରି ପକାଉଥିବା ସେହି ଯାବତୀୟ ନିର୍ବୋଧ ସ୍ୱପ୍ନଗୁଡ଼ିକରୁ ମଧ୍ୟ ନିଷ୍କୃତି ଲାଭ କରି ପାରିବ । ମସ୍ତିଷ୍କର କୋଷସ୍ଥ କ୍ରିୟାଗୁଡ଼ିକ ଅବିଚ୍ଛିନ୍ନ ଭାବରେ ଚାଲିଥାଏ ଓ ତାହା ଉପରେ ଆଉ କୌଣସି ନିୟନ୍ତ୍ରଣ ନ ଥାଏ ଏବଂ ତାହାହିଁ ଆମକୁ ଭାରି କ୍ଳାନ୍ତ କରି ପକାଏ । ତେଣୁ, ଏକ ସମଗ୍ର ଶ୍ଳଥନ, ଏକ ପ୍ରକାରର ପରିପୂର୍ଣ୍ଣ ସ୍ଥିରାବସ୍ଥା,—ଆଦୌ କୌଣସି ଉତ୍ତେଜନା ବା ଉଦ୍‌ବେଗ ନ ଥିବ,—ଏବଂ ସେତେବେଳେ ସବୁକିଛି ସ୍ଥଗିତ ହୋଇ ଯାଇଥିବ । ମାତ୍ର ଏହାକୁ କେବଳ ଆରମ୍ଭ ବୋଲିହିଁ କୁହାଯିବ ।

ତା'ପରେ, ତୁମେ ଯଥାସମ୍ଭବ ଅଧିକ ସମଗ୍ର ଭାବରେ ଆପଣାକୁ ଦେଇଦେବ ; ତାଳୁରୁ ତଳିପା ପର୍ଯ୍ୟନ୍ତ, ବାହାରରୁ ଭିତର ପର୍ଯ୍ୟନ୍ତ ସବୁକିଛି ଉତ୍ସର୍ଗ କରିଦେବ । ଏବଂ, ତା'ପରେ ଅହଂଗତ ଯାବତୀୟ ପ୍ରତିରୋଧର ଏକ ଉନ୍ମୀଳନ ଘଟାଇବାକୁ ହେବ, ଏଇଟି ମଧ୍ୟ ଯଥାସମ୍ଭବ ଅଧିକ ସମଗ୍ର ହେବ । ତା'ପରେ

'oaob.nitrkl.ac.in' images reprocessed

ତୁମେ ନିଜର ମନ୍ତ୍ରଟିକୁ ଉଚ୍ଚାରଣ କରିବ — ଯଦି ନିଜର ଗୋଟିଏ ମନ୍ତ୍ର ଥାଏ, ତେବେ ତାହାକୁହିଁ ଉଚ୍ଚାରଣ କରିବ,– ଅଥବା, ଯେକୌଣସି ଶବ୍ଦର ତୁମ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ରହିଥିବ, ଯାହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତି ଭାବରେ ତୁମର ହୃଦୟ ଭିତରୁ ବାହାରି ଆସୁଥିବ — ଠିକ୍ ଏକ ପ୍ରାର୍ଥନା ପରି ଯାହାକି ତୁମ ଆତ୍ମାର ସମସ୍ତ ସଙ୍ଗଠନଟିକୁ ବ୍ୟକ୍ତ କରି ଆଣୁଥିବ, — ତୁମେ ତାହାରି ଉଚ୍ଚାରଣ କରିବ । ସେଇଟିକୁ ବେଶ୍ କେତେଥର ନିମନ୍ତେ ବାରବାର ଉଚ୍ଚାରଣ କରିବା ପରେ, ଯଦି ତୁମର ସେପରି ଅଭ୍ୟାସ ରହିଥିବ, ତେବେ ତୁମେ ଏକ ଭାବାବେଶ ମଧ୍ୟରେ ଯାଇ ପ୍ରବିଷ୍ଟ ହୋଇଯିବ । ଏବଂ, ସେହି ଭାବାବେଶ ମଧ୍ୟରୁହିଁ ନିଦ୍ରାରେ ଯାଇ ପ୍ରବେଶ କରିବ । ମାତ୍ର, ଯେତେବେଳେ ତୁମେ ଏହି ନିଦ୍ରାରୁ ବାହାରିକୁ ବାହାରି ଆସିବ, ସେତେବେଳେ ତୁମେ ସବୁକିଛି ସ୍ମରଣ କରି ପାରିବ । ଅର୍ଥାତ୍, ତୁମର ନିଦ୍ରା ତୁମ ଭାବାବେଶର ଏକ ଅବିଚ୍ଛିନ୍ନ ପରବର୍ତ୍ତୀ ଅବସ୍ଥା ରୂପେ କାର୍ଯ୍ୟ କରିଥିବ ।

ସେହି ଭାବାବେଶର ଫଳଟିକୁ ଶରୀର ଗ୍ରହଣ କରିବା ପାଇଁ ଯେପରି ସମର୍ଥ ହେବ, ଯେପରି କି ସେହି ଫଳ ସମ୍ୟକ୍ ଗୃହୀତ ହୋଇ ପାରିବ ଏବଂ ଜୈବବିଷ-ଗୁଡ଼ିକୁ ନିଷ୍କାସିତ କରିବାର ଆପଣାର ନିତ୍ୟନୈମିତ୍ତିକ ରାତ୍ରିକାଳୀନ କୃତ୍ୟଟିକୁ ଶରୀର ଯେପରିକି ସମର୍ଥ ହେବ, ମୂଳତଃ ତାହାହିଁ ହେଉଛି ନିଦ୍ରାର ସମୁଦାୟ ଉଦ୍ଦେଶ୍ୟ । ଏବଂ, ତୁମେ ଯେତେବେଳେ ନିଦରୁ ଉଠିବ, ସେତେବେଳେ ତୁମ ଭିତରେ ନିଦ୍ରାଜନିତ ଭାରାକ୍ରାନ୍ତତାର କୌଣସି ଅବଶେଷହିଁ ନ ଥିବ । ଏବଂ ଭାବାବେଶର ପ୍ରଭାବଟି ଅତୁଟ ହୋଇ ରହିଥିବ ।

ଏପରିକି, ଯେଉଁମାନେ କେବେହେଲେ ଭାବାବେଶରେ ପ୍ରବିଷ୍ଟ ହୋଇ ନାହାନ୍ତି, ସେମାନଙ୍କ ସକାଶେ ମଧ୍ୟ ଶୋଇବାକୁ ଯିବା ପୂର୍ବରୁ ଗୋଟିଏ ମନ୍ତ୍ର, ଶବ୍ଦ ଅଥବା ପ୍ରାର୍ଥନାକୁ ବାରବାର ଉଚ୍ଚାରଣ କରିବା ଦ୍ୱାରା ଭାରି ଭଲ ହେବ । ମାତ୍ର ସେହି ଶବ୍ଦଗୁଡ଼ିକ ମଧ୍ୟରେ ଅବଶ୍ୟ ଜୀବନ ରହିଥିବ; ଏଠାରେ ମୁଁ କୌଣସି ବୁଦ୍ଧିଗତ ତାତ୍ପର୍ଯ୍ୟର କଥା ଭାବୁ ନାହିଁ, ସେସବୁ ପ୍ରକାରର ଆଦୌ କୌଣସି କଥା ଭାବୁ ନାହିଁ, ମୁଁ ଏକ ସ୍ପନ୍ଦନ ଜାତ କରାଇବା ଅର୍ଥରେ ସେକଥା କହୁଛି । ଏବଂ, ଶରୀର ଉପରେ ପ୍ରକୃତରେ ତାହାର ଅସାଧାରଣ ପ୍ରଭାବ ମଧ୍ୟ ପଡ଼ିବ । ଶରୀର ମଧ୍ୟ ସ୍ପନ୍ଦିତ ହେବାରେ ଲାଗିବ, ସ୍ପନ୍ଦିତହିଁ ହେବାରେ ଲାଗିଥିବ······ଏବଂ, ସତେଯେପରି ତୁମେ ଶୋଇବାକୁ ଯିବା ଲାଗି ଇଚ୍ଛା କରୁଥିବା ପରି ତୁମେ ନିଜକୁ ମୁକ୍ତ କରି ଛାଡ଼ି-ଦେବ । ଶରୀର ସ୍ପନ୍ଦିତ ହେବାରେ ଲାଗିଥିବ, ଅଧିକରୁ ଅଧିକ ସ୍ପନ୍ଦିତ ହେଉଥିବ ଏବଂ ତୁମେ ବାହାରି ଚାଲିଯିବ । ତାହାହିଁ ତାମସିକତାର ଆରୋଗ୍ୟବିଧାନ କରିବ ।

'oaob.nitrkl.ac.in' images reprocessed

ତାମସିକତାରୁହିଁ ଖରାପ ନିଦ୍ରା ହୋଇଥାଏ । ଖରାପ ନିଦ୍ରା ଦୁଇଟି ପ୍ରକାରର ଅଛି : ଗୋଟିଏ ପ୍ରକାରର ନିଦ୍ରା, ଯାହା ତୁମକୁ ଖାଲି ଖାଲି କରିଦିଏ, ନୀରସ କରିପକାଏ; ପୂର୍ବ ଦିନଟିରେ ତୁମେ କରିଥିବା ସକଳ ପ୍ରୟାସକୁ ତୁମେ ଯେପରି ହରାଇ ପକାଇଛ, ଠିକ୍ ସେହିପରି ହୁଏ । ଦ୍ୱିତୀୟ କିସମର ନିଦ୍ରା ତୁମକୁ କ୍ଳାନ୍ତ କରିଦିଏ, ସତେଯେପରି କେବଳ କେଉଁଠି ଲଢ଼ାଇ କରିହିଁ ତୁମର ସମସ୍ତ ସମୟ ବ୍ୟୟିତ ହୋଇଛି ! ମୁଁ ଏକଥା ମଧ୍ୟ ଦେଖିଛି ଯେ, ଯଦି ତୁମେ ନିଜର ନିଦ୍ରାକୁ କେତୋଟି ଖଣ୍ଡରେ ବିଭକ୍ତ କରିଦିଅ (ଜଣେ ଅବଶ୍ୟ ଏହି ଅଭ୍ୟାସଟିକୁ ସମ୍ଭବ କରିପାରିବ), ତେବେ ତୁମର ରାତିଗୁଡ଼ିକ ଅଧିକ ଭଲଭାବରେ କଟିପାରିବ । ଅର୍ଥାତ୍, ନିର୍ଦ୍ଦିଷ୍ଟ ମଧ୍ୟାନ୍ତର ମାନଙ୍କରେ ତୁମେ ନିଜର ସାଧାରଣ ଚେତନା ଓ ସାଧାରଣ ଆତ୍ମସ୍ଥିତି ପାଖକୁ ମଧ୍ୟ ଫେରିଆସି ପାରୁଥିବ — ଚେତନାର ଆହ୍ୱାନ ପାଖକୁ ଫେରିଆସି ପାରୁଥିବ । ମାତ୍ର, ସେଥିଲାଗି ତୁମେ ଗୋଟିଏ ଆଲାର୍ମ୍-ଘଣ୍ଟା ବ୍ୟବହାର କରିବାକୁ କଦାପି ମନ କରିବ ନାହିଁ । ଯେତେବେଳେ ତୁମେ ଭାବାବେଶ ମଧ୍ୟରେ ରହିଥାଅ, ସେତେବେଳେ ବାଧାପ୍ରାପ୍ତ ହୋଇ ସେଥିରୁ ବିଚ୍ୟୁତ ହୋଇ ପଡ଼ିବା ଦ୍ୱାରା ଆଦୌ ଭଲ ଫଳ ହେବ ନାହିଁ ।

ଶୋଇବାକୁ ଯିବା ସମୟରେ ତୁମେ ନିଜକୁ ଏପରି ଏକ ତାଲିମ ଦେଇ ପାରିବ : କହିବ, "ମୁଁ ଠିକ୍ ଘଣ୍ଟାକ ପରେ ଉଠିବି" (ପିଲା ଥିଲାବେଳେ ତୁମେ ତାହା କେତେ ଭଲଭାବରେ କରିପାର) । ନିଦ୍ରାର ପ୍ରଥମ ପର୍ଯ୍ୟାୟଟି ଲାଗି ତୁମେ ଅନ୍ତତଃ ତିନିଘଣ୍ଟା ସମୟ ରଖିବ : ଶେଷ ପର୍ଯ୍ୟାୟଟି ଲାଗି ଗୋଟିଏ ଘଣ୍ଟା ଯଥେଷ୍ଟ ହେବ । ମାତ୍ର ପ୍ରଥମ ପର୍ଯ୍ୟାୟଟି ଅବଶ୍ୟ ଅନ୍ତତଃ ତିନିଘଣ୍ଟା ହୋଇଥିବ । ତୁମେ ମୋଟରେ ସାତଘଣ୍ଟା ବିଛଣାରେ ରହିବ; ଛଅଘଣ୍ଟାରେ ତୁମେ ରାତିଗୁଡ଼ିକୁ ଉପଯୋଗୀ କରିବା ନିମନ୍ତେ ଆଦୌ ଖୁବ୍ ବେଶୀ କରିପାରିବାର ସମୟ ପାଇବ ନାହିଁ (ନିଃସନ୍ଦେହ ଭାବରେ ମୁଁ ସାଧନାର ଦୃଷ୍ଟିରୁହିଁ ଏହା କହୁଛି) ।

ରାତିଗୁଡ଼ିକୁ ପ୍ରକୃତରେ ଉପଯୋଗୀ କରିପାରିବା, ତାହା ଏକ ଅତ୍ୟନ୍ତ ଚମତ୍କାର କଥା । ଏଥିରୁ ଏକାବେଳେକେ ଦୁଇଟି ଫଳ ମିଳିବ : ଏକ ନାସ୍ତ୍ୟର୍ଥକ ଫଳ,—ଏହା ତୁମକୁ ପଛଆଡ଼କୁ ଯାଇ ପତିତ ହେବାରୁ ଅର୍ଥାତ୍, ଯାହାକିଛି ଲାଭ କରିଛ, ତାହାକୁ ହରାଇ ବସିବାରୁ ରକ୍ଷାକରି ପାରିବ । ସେହି ହରାଇ ବସିବା ବଡ଼ ଯନ୍ତ୍ରଣାଦାୟକ । ତା'ପରେ ଏକ ଅସ୍ତ୍ୟର୍ଥକ ଫଳ ମଧ୍ୟ ମିଳିବ, ତୁମେ କିଛି ଅଗ୍ରଗତି କରିବ, ତୁମ ଅଗ୍ରଗତିକୁ ଅବ୍ୟାହତ ରଖିପାରିବ । ଏହିପରି ଭାବରେ ତୁମେ ନିଜର ରାତିଟିକୁ କାମରେ ଲଗାଇ ପାରିବ ଏବଂ ତେଣୁ ଆଉ କ୍ଳାନ୍ତିର କୌଣସି ଅବକାଶହିଁ ନ ଥିବ ।

'oaob.nitrkl.ac.in' images reprocessed

ତୁମକୁ ଦୁଇଟି କଥାକୁ ବାହାର କରିଦେବାକୁ ପଡ଼ିବ : ତୁମେ ଯେପରି ଅଚେତନାର ଜଡ଼ତା ମଧ୍ୟରେ ଯାଇ ପତିତ ନ ହୁଅ,—ଅବଚେତନ ତଥା ଅଚେତନର ଯାବତୀୟ ବସ୍ତୁ ଯେପରି ମସ୍ତକ ଉତ୍ତୋଳନ କରି ନ ଆସନ୍ତି, ତୁମକୁ ଆକ୍ରମଣ ନ କରନ୍ତି ଏବଂ ତୁମ ଭିତରକୁ ପ୍ରବେଶ କରି ନ ଆସନ୍ତି । ଦ୍ୱିତୀୟତଃ, ଏକ ପ୍ରାଣିକ ଏବଂ ମନୋଗତ ଅତିସକ୍ରିୟତାକୁ ମଧ୍ୟ ବିଲୁପ୍ତ କରି ରଖିବ, ଯେଉଁ ସମୟରେ କି ତୁମେ ଯୁଦ୍ଧ କରିବାରେହିଁ ତୁମର ସମୟକୁ ବିତାଉଥିବ,—ପ୍ରକୃତରେ ଭୟଙ୍କର ଯୁଦ୍ଧସବୁ ଲଢ଼ିବାରେ ଲାଗିଥିବ । ଲୋକମାନେ ଅତ୍ୟନ୍ତ କ୍ଷତବିକ୍ଷତ ହୋଇ ସେଠାରୁ ବାହାରକୁ ଆସନ୍ତି, ସତେଯେପରି ସେମାନଙ୍କ ଦେହରେ କେତେ କ'ଣ ମାଡ଼ ଆସି ବାଜିଛି । ଏବଂ ଏହା ଆଦୌ "ସତେ ଯେପରି" ନୁହେଁ, ସେମାନେ ପ୍ରକୃତରେ ସେଗୁଡ଼ିକୁ ଖାଇଛନ୍ତି । ଏବଂ, ଏହି କ୍ଷେତ୍ରରେ ଏହାକୁ ଏଡ଼ିବାର କେବଳ ଗୋଟିଏ ଉପାୟ ମୋତେ ଦେଖାଯାଉଛି : ନିଦ୍ରାର ସ୍ୱଭାବକୁ ବଦଳାଇ ଦେଇପାରିଲେ ଯାଇ ତାହା ସମ୍ଭବ ହେବ ।

'oaob.nitrkl.ac.in' images reprocessed

# ୨୮ ଜୁଲାଇ ୧୯୭୦

ସ୍ପଷ୍ଟତଃ, ଏହିସବୁ ପୁରାତନ ପ୍ରବଚନରେ ଗୋଟିଏ ଗୋଟିଏ ତାରିଖ ଦିଆଯାଇଛି, ମାତ୍ର ସେହି ତାରିଖଗୁଡ଼ିକ ପ୍ରତି କାହାରି କୌଣସି ଧ୍ୟାନ ନ ଥାଏ । ବର୍ତ୍ତମାନର ବିଷୟଗୁଡ଼ିକ ତ ସମ୍ପୂର୍ଣ୍ଣ ଭାବରେ ଏକ ଭିନ୍ନ ଭୂମିରେ କୁହାହେଉଛି, ତେଣୁ ସେହି ପୁରୁଣାଗୁଡ଼ିକୁ ବର୍ତ୍ତମାନଟି ସହିତ କପର ଗୋଳଆମିଶା କରିଦେଇ ହେବ ?

ଏପରି ଏକ ଅନୁଭୂତି ରହିଛି, ଯେଉଁଥିରେ କି ତୁମେ ଗୋଟାସୁଦ୍ଧା କାଳର ବାହାରେ ଯାଇ ରହିଥାଅ, ଅର୍ଥାତ୍, ତାହାର ସମ୍ମୁଖରେ, ପଶ୍ଚାତରେ, ଊର୍ଦ୍ଧ୍ବରେ ବା ନିମ୍ନରେ ରହିଥାଅ,—ତାହା ଆଦୌ ଏକ ମହତ୍ତ୍ୱପୂର୍ଣ୍ଣ କଥା ନୁହେଁ । ଏହି ଏକାତ୍ମକତାର କ୍ଷେତ୍ରରେ, ଏକାତ୍ମକତାର ଏହି ମୁହୂର୍ତ୍ତଟିରେ ଆଉ କୌଣସି ଅତୀତ ନ ଥାଏ, ବର୍ତ୍ତମାନ ନ ଥାଏ ଓ ଭବିଷ୍ୟତ ମଧ୍ୟ ନ ଥାଏ, ଏବଂ, ପ୍ରକୃତ କଥା କହିବାକୁ ଗଲେ, ଏଇଟି ହେଉଛି ଜାଣିବାର ଏକମାତ୍ର ମାର୍ଗ ।

ଅନୁଭୂତିଗୁଡ଼ିକର ବିକାଶ ଘଟୁଥିବା ସଙ୍ଗେସଙ୍ଗେ, ଏହିସବୁ ପୁରାତନ ପ୍ରବଚନ ମୋତେ ଏପରି ଜଣେ ବ୍ୟକ୍ତିର ଧାରଣା ଦେଇ ଯାଉଥାନ୍ତି ଯିଏକି କୌଣସି ଗୋଟିଏ ବଗିଚାର ଚାରିପାଖରେ ବୁଲି ବୁଲି ତା'ଭିତରେ କ'ଣ ସବୁ ରହିଛି, ତାହାରି ବିଷୟରେ କହିବାରେ ଲାଗିଛନ୍ତି । ମାତ୍ର, ତା'ପରେ ଏଭଳି ଗୋଟିଏ ସମୟ ଆସି ପହଞ୍ଚେ, ଯେତେବେଳେ କି ତୁମେ ବଗିଚାର ଭିତରକୁହିଁ ପ୍ରବେଶ କର ଏବଂ ସେତେବେଳେ, ବଗିଚା ଭିତରେ ଯାହାସବୁ ଥାଏ, ତାହା ବିଷୟ ନିଶ୍ଚୟ ଅଧିକ ଭଲ ଭାବରେ ଜାଣିପାର । ଏବଂ, ମୁଁ ବର୍ତ୍ତମାନ ପ୍ରବେଶ କରିବାକୁ ଆରମ୍ଭ କରୁଛି । ହଁ, ଆରମ୍ଭ କରୁଛି ।

'oaob.nitrkl.ac.in' images reprocessed

# ୨୮ ଜୁଲାଇ ୧୯୫୮*

ଏହି ପ୍ରବଚନର ଆରମ୍ଭରେ ଥିବା ପ୍ରଶ୍ନଟି ଶ୍ରୀଅରବିନ୍ଦଙ୍କର ନିମ୍ନଲିଖିତ ସୂତ୍ର ଉପରେ ଆଧାରିତ : "ପାପ କ'ଣ ? ତାହା ହେଉଛି, ଯାହା ଏକଦା ତାହାର ଉଚିତ ସ୍ଥାନରେ ରହିଥିଲା, ମାତ୍ର ତାହା ସେଠାରେ ତଥାପି ରହିଥିବାରୁ ଆଉ ସେହି ସ୍ଥାନ ଲାଗି ଆଦୌ ଉଚିତ ବୋଲି ଲାଗୁ ନାହିଁ । ଏତଦ୍ ବ୍ୟତୀତ ପାପାତ୍ମକତା ବୋଲି ଆଉ ଆଦୌ କିଛି ନାହିଁ ।"

ଅତିମାନସ ପରମଶକ୍ତି ସର୍ବପ୍ରଥମେ କେଉଁ ବସ୍ତୁଗୁଡ଼ିକୁ ନିକାଲି ବାହାର କରିବାକୁ ଇଚ୍ଛା କରୁଛି, ଅଥବା ନିକାଲି ଦେବାକୁ ଚେଷ୍ଟା କରୁଛି, ଯେପରିକି ପ୍ରତ୍ୟେକ ବସ୍ତୁ ଆପଣାର ଉଚିତ ସ୍ଥାନରେ ଆସି ରହି ପାରିବ,— ବ୍ୟକ୍ତିଗତ ତଥା ବିଶ୍ୱଗତ ଉଭୟ କ୍ଷେତ୍ରରେ ତାହା ସମ୍ଭବ ହୋଇ ପାରିବ ?

ନିକାଲି ଦେବ ? ମାତ୍ର ତାହା ପ୍ରକୃତରେ ଆଦୌ କିଛି "ନିକାଲି" ଦେବ କି ? ଯଦି ଆମେ ଶ୍ରୀଅରବିନ୍ଦଙ୍କର ବିଚାରକୁ ଗ୍ରହଣ କରୁଥିବା, ତେବେ କହିବା ଯେ, ଏହା ପ୍ରତ୍ୟେକ ବସ୍ତୁକୁ ତା'ର ଉଚିତ ସ୍ଥାନରେ ନେଇ ରଖିଦେବ । ବାସ୍ ସେତିକି କହିବା ।

ଗୋଟିଏ କଥାର ଅବଶ୍ୟ ଅବସାନ ହେବ, ଯାବତୀୟ ବିକୃତିର ଅବସାନ ଘଟିବ । ଅର୍ଥାତ୍ ସତ୍ୟକୁ ଢାଙ୍କି ରଖିଥିବା ମିଥ୍ୟାବରଣଟିର ଅବସାନ ଘଟିବ । କାରଣ, ବର୍ତ୍ତମାନ ଏଠାରେ ଆମେ ଯାହା କିଛି ଦେଖୁଛୁ, ସେଥିଲାଗି ସେହି ବିକୃତିହିଁ ଦାୟୀ । ଏଇଟିର ଅପସାରଣ ହୋଇଗଲେ, ବସ୍ତୁଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ

* ଏହି ପ୍ରଶ୍ନଟି ଏବଂ ଏହି ପ୍ରବଚନର ପ୍ରଥମ ଭାଗ ପାଇଁ "ବିଚାର ଓ ସୂତ୍ରମାଳା" (ଶତବାର୍ଷିକୀ ଇଂରାଜୀ ସଂସ୍କରଣ, ୧୦ମ ଖଣ୍ଡ, ପୃଷ୍ଠା—୧୦୮) ରେ ପ୍ରକାଶିତ ହୋଇଛି ।

'oaob.nitrkl.ac.in' images reprocessed

ଭିନ୍ନ ପ୍ରକାରର ହୋଇଯିବ, ସମ୍ପୂର୍ଣ୍ଣ ଭାବରେ ଭିନ୍ନ ପ୍ରକାରର ହେବ । ଏହି ଚେତନାରୁ ବାହାରକୁ ବାହାରି ଆସିଲେ ବସ୍ତୁଗୁଡ଼ିକୁ ଆମେ ଯେପରି ହୋଇଯିବା ପରି ଅନୁଭବ କରୁଛୁ, ସେତେବେଳେ ସେଗୁଡ଼ିକ ସେହିପରି ହୋଇଯିବ । ଯେତେବେଳେ ଜଣେ ବ୍ୟକ୍ତି ଏହି ଚେତନା ଭିତରୁ ବାହାରି ଆସି ପରମ ସତ୍ୟ-ଚେତନା ମଧ୍ୟରେ ପ୍ରବେଶ କରିବ, ସେତେବେଳେ ତଦ୍ଦ୍ୱାରା ଏପରି ଏକ ପାର୍ଥକ୍ୟ ଘଟିବ ଯେ, ଏହି ସଂସାରରେ ଦୁଃଖ, କଷ୍ଟ, ମୃତ୍ୟୁ ଓ ତତ୍ତୁଲ୍ୟ ଯାବତୀୟ ବସ୍ତୁ ଏହି ସଂସାରରେ ପ୍ରକୃତରେ କିପରି ରହିଛି ବୋଲି ସିଏ ବିସ୍ମିତ ହେବାକୁ ଆରମ୍ଭ କରିବ । ତାହାକୁ ଏହି ଅର୍ଥରେ ଏକ ବିସ୍ମିତ ହେବା ବୋଲି ବୁଝାଯିବ ଯେ, ଏସବୁ ପ୍ରକୃତରେ କିପରି ଘଟିପାରିବ, ଆମେ ତାହା ଆଦୌ ବୁଝି ପାରୁ ନ ଥିବା । —ସତକୁ ସତ ସେହି ଅନ୍ୟ ପାର୍ଶ୍ୱଟିକୁ ଅତିକ୍ରମ କରାଯାଇ ପାରିଥିଲେ ସେ କଥା ମୋଟେ ବୁଝିହେବ ନାହିଁ । ମାତ୍ର, ଏହି ଅନୁଭୂତିଟି ସାଧାରଣତଃ ଆମେ ବର୍ତ୍ତମାନ ଜାଣିଥିବା ଜଗତର ଅସତ୍ୟତାର ଅନୁଭୂତି ସହିତ ସଂଯୁକ୍ତ ହୋଇ ରହିଥାଏ; ମାତ୍ର, ଅପର ପକ୍ଷରେ, ଶ୍ରୀଅରବିନ୍ଦ କହୁଛନ୍ତି ଯେ, ଅତିମାନସ ଚେତନା ମଧ୍ୟରେ ବାସ କରିବାକୁ ହେଲେ ଏହି ଜଗତକୁ ଅସତ୍ୟ ବୋଲି ବୋଧ କରିବାର ଆଦୌ କୌଣସି ଆବଶ୍ୟକତା ନାହିଁ । —ଯାହା ପ୍ରକୃତରେ ବୋଧ ହୁଏ, ତାହା ହେଉଛି ମିଥ୍ୟାର ଅସତ୍ୟତା, ଜଗତର ଅସତ୍ୟତା ଆଦୌ ନୁହେଁ । ଅର୍ଥାତ୍, ଏହି ଜଗତର ଏକ ସ୍ୱକୀୟ ସତ୍ୟ ଅବଶ୍ୟ ରହିଛି, ତାହା ମିଥ୍ୟାଠାରୁ ସ୍ୱତନ୍ତ୍ର ହୋଇ ରହିଛି ।

ମୁଁ ଭାବୁଛି, ତାହାହିଁ ଅତିମାନସର ସର୍ବପ୍ରଥମ ପରିଣାମ—ବ୍ୟକ୍ତି ଭିତରେ ତାହାର ପ୍ରଥମ ପରିଣାମ ରୂପେ ଏହି କଥାଟି ଘଟିବ, କାରଣ ଏହା ବ୍ୟକ୍ତିଠାରୁହିଁ ଆପଣାର କାର୍ଯ୍ୟଟିକୁ ଆରମ୍ଭ କରିବ ।

ଏହି କଥାଟି ବେଶ୍ ସମ୍ଭବ ଯେ, ନୂତନ ଚେତନାର ଏହି ସ୍ଥିତିକୁ ଏକ ସତତ ସ୍ଥିତି ହୋଇ ରହିବାକୁ ପଡ଼ିବ । ମାତ୍ର, ଏଥିରୁ ଏକ ସମସ୍ୟାର ଅବଶ୍ୟ ଉତ୍ଥାପନ ହେବ,— ବିକୃତିର ଅବସ୍ଥା ମଧ୍ୟରେ ଏହି ପୃଥିବୀ ବର୍ତ୍ତମାନ ଯେଉଁଭଳି ହୋଇ ରହିଛି, ତାହା ସହିତ କିପରି ସମ୍ପର୍କ ରକ୍ଷା କରି ରହି ହେବ ? କାରଣ, ମୁଁ ଗୋଟିଏ କଥା ଲକ୍ଷ୍ୟ କରି ଦେଖିଛି : ଯେତେବେଳେ ଏହି ସ୍ଥିତିଟି ଅତ୍ୟନ୍ତ ଶକ୍ତିଶାଳୀ ହୋଇ ରହିଥାଏ, ଅତ୍ୟନ୍ତ ଶକ୍ତିଶାଳୀ ହୋଇରହିଥାଏ, ଏତେ ଶକ୍ତିଶାଳୀ ହୋଇ ରହିଥାଏ ଯେ, ବାହାରୁ ତାହାକୁ ସତେଅବା ଏକ ବିସ୍ଫୋରଣ ଘଟାଇ ଚୂନା କରିଦେବାକୁ ଆସୁଥିବା ଯେ କୌଣସି ବସ୍ତୁର ମଧ୍ୟ ତାହା ପ୍ରତିରୋଧ କରିପାରେ, ସେତେବେଳେ ମୁଁ ଯାହାକିଛି କହେ, ଲୋକେ ମୋର ସେହି କଥାକୁ ମୋଟେ ବୁଝି ପାରନ୍ତି ନାହିଁ, ମୋଟେ ବୁଝି ପାରନ୍ତି ନାହିଁ । ତେଣୁ ଏହି ସ୍ଥିତି ଅନିବାର୍ଯ୍ୟ ଭାବରେ ଏକ ଉପଯୋଗୀ ସମ୍ପର୍କକୁ ପରିହାର କରିଥାଏ ।

'oaob.nitrkl.ac.in' images reprocessed

ଉଦାହରଣ ସ୍ୱରୂପ, କେବଳ ଏହି ଜଗତଟିର କଥା ବିଷୟରେ ବିଚାର କଲେ, ଏଠାରେ ଏକ କ୍ଷୁଦ୍ର ଅତିମାନସ ସୃଷ୍ଟି, ଅତିମାନସ କ୍ରିୟା ଓ ତେଜ-ସ୍କ୍ରିୟତାର ଏକ କେନ୍ଦ୍ର ପ୍ରକୃତରେ କିପରି ସମ୍ଭବ ହେବ ? ଏହା ସମ୍ଭବ ହେବ କି ? ଆମେ ହୁଏତ ଅତିମାନବୀୟ ସୃଷ୍ଟି ତଥା ଅତିମାନବମାନଙ୍କର ଏକ କେନ୍ଦ୍ର ବିଷୟରେ ବେଶ୍ କଳ୍ପନା କରି ପାରିବା; ଅର୍ଥାତ୍ ଏପରି ମନୁଷ୍ୟମାନଙ୍କର କଳ୍ପନା କରିପାରିବା, ଯେଉଁମାନେକି ମନୁଷ୍ୟ ହୋଇ ରହିଥିବେ ଏବଂ ଯେଉଁମାନେ ବିବର୍ତ୍ତନ ଏବଂ ରୂପାନ୍ତରର(ଏହି ଶବ୍ଦଟିର ପ୍ରକୃତ ଅର୍ଥରେ) ମାଧ୍ୟମରେ ଅତିମାନସ ଶକ୍ତିଗୁଡ଼ିକୁ ପ୍ରକାଶିତ କରି ଆଣିବାରେ ସମର୍ଥ ହୋଇଥିବେ; ମାତ୍ର, ମନୁଷ୍ୟତାହିଁ ସେମାନଙ୍କର ଉତ୍ସ ହୋଇ ରହିଥିବ ଏବଂ ମନୁଷ୍ୟତା ସେମାନଙ୍କର ଉତ୍ସହୋଇ ରହି-ଥିବାରୁ, ସେହି କ୍ଷେତ୍ରରେ ଅବଶ୍ୟ ଏକ ସଂପର୍କ ମଧ୍ୟ ରହିଥିବ । ଏପରିକି ଯଦି ସବୁ-କିଛି ରୂପାନ୍ତରିତ ହୋଇଯିବ, ଯଦି ଅବୟବଗୁଡ଼ିକ ଗୋଟିଏ ଗୋଟିଏ ଶକ୍ତିକେନ୍ଦ୍ର ରୂପେ ରୂପାନ୍ତରିତ ହୋଇଯିବ, ସେହି କ୍ଷେତ୍ରରେ ତଥାପି ମାନବୀୟ ହୋଇ ଅବଶ୍ୟ କିଛି ନା କିଛି ରହିଥିବ, — ଏକ ରଙ୍ଗର ଲେପ ପରି ହୋଇ ରହିଥିବା ପରମ୍ପରା ଅନୁସାରେ ସତ୍ତାମାନେହିଁ ଅପରୋକ୍ଷ ଅତିମାନସ ସୃଷ୍ଟିର ରହସ୍ୟକୁ ଆବିଷ୍କାର କରିବେ,—ମାତ୍ର ସେଥିଲାଗି ସେମାନଙ୍କୁ ଆଦୌ ଏହି ସାଧାରଣ ପ୍ରକୃତିର ମଧ୍ୟଦେଇ ଯିବାକୁ ପଡ଼ିବ ନାହିଁ, ଏବଂ ସେହିମାନଙ୍କ ମଧ୍ୟ ଦେଇହିଁ ଯଥାର୍ଥ ଅତିମାନସ ସତ୍ତାମାନେ ଜନ୍ମଲାଭ କରିବେ; ଯେଉଁମାନେ ପ୍ରକୃତରେ ଏକ ଅତିମାନସ ଜଗତରେ ବାସ କରିବେ, ସେହିମାନେ ଜନ୍ମଗ୍ରହଣ କରିବେ । ତେବେ, ଏହି ସତ୍ତା ଏବଂ ସାଧାରଣ ପୃଥିବୀମଧ୍ୟରେ ଏକ ସଂପର୍କ, କିପରି ସ୍ଥାପିତ ହୋଇ ପାରିବ ? ଆମେ କିପରି ପ୍ରକୃତିର କ୍ଷେତ୍ରରେ ମଧ୍ୟ ଏକ ରୂପାନ୍ତରର କଳ୍ପନା କରି ପାରିବା, ଯେଉଁ ରୂପାନ୍ତରକି ପୃଥିବୀପୃଷ୍ଠରେ ଅତିମାନସ ସୃଷ୍ଟିକୁ ସମ୍ଭବ କରି ଆଣିବା ଲାଗି ପ୍ରକୃତରେ ଯଥେଷ୍ଟ ହେବ ? ସେ କଥା ମୁଁ କହି ପାରିବି ନାହିଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହିଭଳି ଗୋଟିଏ କଥା ସମ୍ଭବ ହେବାକୁ ହେଲେ, ଏକ ପ୍ରଭୂତଭାବରେ ଦୀର୍ଘସମୟ ଆବଶ୍ୟକ ହେବ । ଏ କଥା ଅବଶ୍ୟ ଆମକୁ ଜଣାଅଛି । ଏବଂ ସେହି କ୍ଷେତ୍ରରେ ସମ୍ଭବତଃ ପର୍ଯ୍ୟାୟମାନ ବି ରହିଥିବ, ସୋପାନମାନ ବି ରହିଥିବ; ଏପରି ନାନା ବସ୍ତୁର ଆବିର୍ଭାବ ହେଉଥିବ, ଯେଉଁଗୁଡ଼ିକ ସମ୍ବନ୍ଧରେ ଆମେ ବର୍ତ୍ତମାନ ଆଦୌ କିଛି ଜାଣି ନାହୁଁ ଅଥବା କୌଣସି କଳ୍ପନା ମଧ୍ୟ କରି ନାହୁଁ ଏବଂ ସେଗୁଡ଼ିକ ପୃଥିବୀର ଅବସ୍ଥାକୁ ବଦଳାଇ ଦେବେ । —ମାତ୍ର ସେକଥା ନିଶ୍ଚିତ ଭାବରେ କେତେ ହଜାର ବର୍ଷ ପରେ ଯାଇ ହେବ ।

ସମସ୍ୟାଟି ତଥାପି ରହିଯାଉଛି : ସ୍ଥାନର ବିଷୟରେ ଆମର ରହିଥିବା ଧାରଣାକୁ କାମରେ ଲଗାଇବା ସମ୍ଭବ ହେବ କି ? —ଏଠାରେ ମୁଁ ଏହି ପୃଥିବୀର

'oaob.nitrkl.ac.in' images reprocessed

ପିଣ୍ଡୁଲା ଉପରେ ଥିବା ସ୍ଥାନଟି ବିଷୟରେ କହୁଛୁ ।* ଆମେ ଏପରି ଗୋଟିଏ ସ୍ଥାନ ଖୋଜି ପାଇପାରିବା, ଯେଉଁଠାରେ କି ଆମେ ଭବିଷ୍ୟତର ଅତିମାନସଜଗତ ଲାଗି ଆବଶ୍ୟକ ବୀଜ ବା ଗର୍ଭାଧାରଟିକୁ ସୃଷ୍ଟି କରିପାରିବା ? ସେହି ଯୋଜନାଟି ବିଶଦ ଭାବରେ ଆସି ଉପସ୍ଥିତ ହୋଇଥିଲା ; ମାତ୍ର ଏହା ଏପରି ଏକ ଯୋଜନା, ଯାହାକି, ବର୍ତ୍ତମାନର ଏହି ପୃଥିବୀର ଯାହା ସମ୍ଭବ, ତାହା ସହିତ ଆଦୌ କୌଣସି ପ୍ରକାରେ ମେଳ ଖାଇପାରୁ ନାହିଁ । ତଥାପି, ତାହାର ଜଡ଼ସ୍ଥତମ ଅଭିବ୍ୟକ୍ତିଗୁଡ଼ିକରେ ତାହା ଏହି ପୃଥିବୀର ପରିସ୍ଥିତି ଉପରେହିଁ ଆଧାରିତ ହୋଇ ରହିଥିଲା । ଏହା ହେଉଛି ଏକ ଆଦର୍ଶ ନଗରୀର କଳ୍ପନା, ଯାହାକି ଏକ ଆଦର୍ଶଦେଶର କେନ୍ଦ୍ର ରୂପେ ଅବସ୍ଥିତ ରହିବ; ସେହି ନଗରୀର ବିଶୁଦ୍ଧ ଭାବରେ ଉପରିଭାଗୀୟ ଏବଂ ଫଳପ୍ରଦତାର ଭୂମିରେ ଅତ୍ୟନ୍ତ ସୀମାବଦ୍ଧ ହୋଇ ରହିଥିବା ସମ୍ପର୍କମାନ ଅବଶ୍ୟ ରହିବ,— ବାହାରର ଜଗତ୍ ସହିତ ସମ୍ପର୍କମାନ ରହିବ । ତେଣୁ, ଏହି କ୍ଷେତ୍ରରେ ଆମକୁ ଏପରି ଏକ ଶକ୍ତିର କଳ୍ପନା କରିପାରିବାକୁ ହେବ, — ମାତ୍ର ଏହା ଅବଶ୍ୟ ସମ୍ଭବ —ଯାହାକି ଯୁଗପତ୍ ଭାବରେ ଆକ୍ରମଣ ଅଥବା ଅସତ୍-ଇଚ୍ଛା ବିରୁଦ୍ଧରେ ଏକ ସୁରକ୍ଷା (ଏହାକୁ ସବୁଠାରୁ ଅଧିକ ଆସ୍ପୃହାର ସହିତ ଉପଲବ୍ଧ ହେଉଥିବା ସୁରକ୍ଷା ବୋଲି କଦାପି ବୁଝାଯିବ ନାହିଁ) ତଥା ଅନୁପ୍ରବେଶ ଏବଂ ବିମିଶ୍ରଣ ବିରୁଦ୍ଧରେ ମଧ୍ୟ ଏକ ସୁରକ୍ଷା ରୂପେ କାର୍ଯ୍ୟ କରିବାକୁ ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇଥିବ । ମାତ୍ର ଆବଶ୍ୟକ ହେଲେ ଆମେ ଅବଶ୍ୟ ତାହାର କଳ୍ପନା କରିପାରିବା । ସାମାଜିକ ଦୃଷ୍ଟିକୋଣରୁ ଏବଂ ସଂଗଠନର ଦୃଷ୍ଟିକୋଣରୁ କିଂବା ଅନ୍ତର୍ଗତ ଜୀବନର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ, ଏଗୁଡ଼ିକ ଆଦୌ ସମସ୍ୟା ବୋଲି ବୁଝାଯିବ ନାହିଁ । ଯାହା ଅତିମାନସରେ ପରିଣତ ହୋଇ ନାହିଁ, ତାହା ସହିତ କିପରି ସମ୍ବନ୍ଧ ରହିବ, ଅନୁପ୍ରବେଶ ଓ ବିମିଶ୍ରଣକୁ କିପରି ଅଟକାଇ ରଖିହେବ; ଅର୍ଥାତ୍, ଏକ ଅବରସ୍ତରସ୍ଥ ସୃଷ୍ଟିମଧ୍ୟରେ ଆସି ପତିତ ହେବାରୁ କେନ୍ଦ୍ରଟିକୁ କିପରି ନିବୃତ୍ତ କରି ରଖିହେବ,—ତାହାହିଁ ପ୍ରକୃତ ସମସ୍ୟା । ପରିବର୍ତ୍ତନ-କାଳଟି ପ୍ରକୃତରେ କେତେ ଦୀର୍ଘ ହେବ, ତାହାହିଁ ସମସ୍ୟା ।

ଯେଉଁମାନେ ସମସ୍ୟାଟି ବିଷୟରେ ବିଚାର କରିଛନ୍ତି, ସେମାନେ ସମସ୍ତେ ଏପରି ଏକ ବସ୍ତୁର କଳ୍ପନା କରିଛନ୍ତି, ଯାହାକି ଅବଶିଷ୍ଟ ମାନବସମୂହ ଲାଗି ଅନ-

* ପରେ, ଯେତେବେଳେ ମାଆଙ୍କୁ ଏହି ବାକ୍ୟାଂଶଟିର ଅର୍ଥ ବିଷୟରେ ପଚରାଗଲା, ମାଆ ହସିଲେ ଓ କହିଲେ, "ମୁଁ ଅନ୍ୟ ପାଖଟି ବିଷୟରେ କହୁଥିଲି,—ଯେଉଁ ପାଖଟିରେ ଦେଶର ଧାରଣା ଆଦୌ ଏତେ ବେଶୀ ମୂର୍ତ୍ତ ହୋଇ ରହି ନ ଥାଏ ।"

'oaob.nitrkl.ac.in' images reprocessed

ବଞ୍ଚିତ ହୋଇ ରହିଛି; ଉଦାହରଣ ସ୍ୱରୂପ, ଅବଶିଷ୍ଟ ପୃଥିବୀ ଲାଗି ଅଜ୍ଞାତ ରହିଥିବା ହିମାଳୟ ପର୍ବତମଧ୍ୟରେ ଅବସ୍ଥିତ ଏକ ଖ୍ରୀମଗଣ୍ଡି ପରି ତାହାର କଳ୍ପନା କରା-ଯାଇଛି । ମାତ୍ର ଏହାକୁ ଏକ ସମାଧାନ ବୋଲି ବୁଝାଯିବ ନାହିଁ । ଏହା ଆଦୌ କୌଣସି ସମାଧାନ ନୁହେଁ ।

ନା — ଏକ ଗୁହ୍ୟବିଦ୍ୟାଗତ ଶକ୍ତିହିଁ ଏହି କ୍ଷେତ୍ରରେ ଏକମାତ୍ର ସମାଧାନଟିକୁ ଆଣି ଦେଇପାରିବ, ମାତ୍ର ଏହାର ଅର୍ଥ ହେଉଛି ଯେ, ଆଦୌ କିଛି ସମ୍ଭବ ହେବା ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର କେତେଜଣ ବ୍ୟକ୍ତି ଉପଲବ୍ଧିର ଏକ ବୃହତ୍ ପରି-ପୂର୍ଣ୍ଣତା ହାସଲ କରିପାରିଥିବା ଉଚିତ । ମାତ୍ର, ଏକଥା କଳ୍ପନା କରାଯାଇ ପାରିବ ଯେ, ଯଦି ଏହା ସମ୍ଭବ ହୁଏ, ତେବେ ଆମେ ଏପରି ଗୋଟିଏ ସ୍ଥାନର ନିର୍ବାଚନ କରି ପାରିବା ଯାହାକି ବାହ୍ୟ ପୃଥିବୀ ମଧ୍ୟରେହିଁ ଅବସ୍ଥିତ ରହିଥିବ ମାତ୍ର ତଥାପି ଅସଂଲଗ୍ନ ରହିଥିବ (ଅର୍ଥାତ୍ ତାହା ସହିତ କୌଣସି ସମ୍ପର୍କ ନ ଥିବ); ତାହା ଏପରି ଏକ ସ୍ଥାନ ହୋଇଥିବ, ଯେଉଁଠାରେ କି ସକଳ ବସ୍ତୁ ଠିକ୍ ନିଜ ନିଜର ସମୁଚିତ ସ୍ଥାନରେ ଅବସ୍ଥିତ ରହିଥିବ, — ଏକ ଦୃଷ୍ଟାନ୍ତ ପରି ହୋଇ ରହିଥିବ । ପ୍ରତ୍ୟେକ ବସ୍ତୁ ଠିକ୍ ତାହାର ସମୁଚିତ ସ୍ଥାନରେ ରହିଥିବ, ପ୍ରତ୍ୟେକ ବ୍ୟକ୍ତି ତାହାର ସମୁଚିତ ସ୍ଥାନରେ ଥିବ, ପ୍ରତ୍ୟେକ କ୍ରିୟାଶୀଳତା ମଧ୍ୟ ନିଜର ସମୁଚିତ ସ୍ଥାନରେ ରହିଥିବ — ଏବଂ, ନିଜର ସମୁଚିତ ସ୍ଥାନରେ ଏକ ଆରୋହଧର୍ମୀ କ୍ରମୋନ୍ନତିର ଗତିଶୀଳତାର ପ୍ରକ୍ରିୟା ମଧ୍ୟରେହିଁ ରହିଥିବ, ଆଦୌ କୌଣସି ପରିସ୍ଥିତିରେ ମଧ୍ୟ ପଛକୁ ଫେରି ଯାଉ ନ ଥିବ; ଅର୍ଥାତ୍, ସାଧାରଣ ଜୀବନକ୍ଷେତ୍ରରେ ଯାହା ଘଟିଥାଏ, ତାହାର ଠିକ୍ ଓଲଟା ହୋଇ ରହିଥିବ । ନିଃସନ୍ଦେହ ଭାବରେ ଏଥିଲାଗି ପ୍ରଥମେ ଏକ ପରିପୂର୍ଣ୍ଣତା ଦରକାର, ଏକ ପ୍ରକାରର ଏକତା ସମ୍ଭବ ହୋଇ ପାରିଥିବା ମଧ୍ୟ ଦରକାର; ଏଥିଲାଗି ଏହି କଥାଟି ପ୍ରଥମେ ଆବଶ୍ୟକ ଯେ, ଏହା ଦ୍ୱାରା ସର୍ବୋଚ୍ଚ ପରମସତ୍ତାଙ୍କର ବିଭିନ୍ନ ବିଭବ ପ୍ରକଟ ହୋଇ ପାରୁଥିବ ଏବଂ ତାହା ସହିତ ଏକ ଅସାଧାରଣ ସୌନ୍ଦର୍ଯ୍ୟ, ଏକ ସମଗ୍ର ସୌଷମ୍ୟ ଏବଂ ପ୍ରକୃତିର ଶକ୍ତିଚୟ ପାଖରୁ ଆନୁଗତ୍ୟ ଆଦାୟ କରି ପାରୁଥିବା ଭଳି ଯଥେଷ୍ଟ ପରିମାଣରେ ବଳଶାଳୀ ହୋଇ ରହିଥିବା ଏକ ସାମର୍ଥ୍ୟ ମଧ୍ୟ ପ୍ରକଟ ହେଉଥିବ । ଉଦାହରଣ ସ୍ୱରୂପ, ଏହି ସ୍ଥାନଟିକୁ ଚତୁର୍ଦ୍ଦିଗରୁ ବିନାଶ ଓ ଧ୍ୱଂସର ଶକ୍ତିମାନ ଘେରି ରହିଥିଲେ ମଧ୍ୟ ସେମାନଙ୍କର କ୍ରିୟା କରିପାରିବା ଲାଗି କୌଣସି ବଳ ନ ଥିବ; ଅର୍ଥାତ୍ ଯଥାର୍ଥ ପରିମାଣରେ ସୁରକ୍ଷା ଉପଲବ୍ଧ ହେଉଥିବ । ଏହି ସବୁକିଛି ନିମନ୍ତେ ଏହିଭଳି ଏକ ବସ୍ତୁର ସଙ୍ଗଠନ ଲାଗି ବାହାରିଥିବା ବ୍ୟକ୍ତିମାନଙ୍କ ଭିତରେ ଯଥାସମ୍ଭବ ଅଧିକ ପରିପୂର୍ଣ୍ଣତା ସମ୍ଭବ ହୋଇ ପାରୁଥିବା ଆବଶ୍ୟକ ହେବ ।

'oaob.nitrkl.ac.in' images reprocessed

(ମାଆ ନୀରବ ରହିଲେ)

ପ୍ରଥମେ ମନୁଷ୍ୟମାନେ ପ୍ରକୃତରେ କିପରି ତିଆରି ହୋଇଥିଲେ, ସେକଥା ବସ୍ତୁତଃ କାହାକୁ ଜଣା ନାହିଁ; ମନଃ କ୍ଷେତ୍ରରେ ହୋଇଥିବା ପ୍ରଥମ ଉପଲବ୍ଧି କିପରି ହେଲା, କେହି ସେକଥା ଜାଣି ନାହାନ୍ତି । ଏହି ମନୁଷ୍ୟମାନେ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜୀବନରେ ପରସ୍ପରଠାରୁ ଅଲଗା ଅଲଗା ହୋଇ ବାସ କରୁଥିଲେ ଅଥବା ଅନ୍ୟମାନଙ୍କର ଗହଣରେ କିଂବା ଅଲଗା ଅଲଗା ହୋଇ ଏକଥା ଘଟିଲା, ସେକଥା କେହି ଜାଣି ନାହାନ୍ତି । ମୁଁ ସେ ବିଷୟରେ କିଛି କହି ପାରିବି ନାହିଁ । ମାତ୍ର, ଅତିମାନସ ସୃଷ୍ଟିର ଭବିଷ୍ୟ ସମ୍ଭାବନାଟି ସହିତ ଏହାର ଅବଶ୍ୟ ଏକ ତୁଳନା ହୋଇ ପାରିବ । ଏହି କଥାଟିକୁ କଳ୍ପନା କରିବା ଆଦୌ କଷ୍ଟକର ହେବ ନାହିଁ ଯେ, ହିମାଳୟ ପର୍ବତର ନିକାଞ୍ଚନତା ମଧ୍ୟରେ କିଂବା କୌଣସି ଆଦିମ ଅରଣ୍ୟର ନିର୍ଜନତା ମଧ୍ୟରେ ଜଣେ ବ୍ୟକ୍ତି ତା'ର ଚତୁର୍ଦ୍ଦିଗରେ ନିଜର କ୍ଷୁଦ୍ର ଅତିମାନସ ଜଗତଟିକୁ ସୃଷ୍ଟି କରିବା ବେଶ୍ ଆରମ୍ଭ କରିଦେଇ ପାରିବ । ଏହା କଳ୍ପନା କରିବା ପ୍ରକୃତରେ ଭାରି ସହଜ । ମାତ୍ର ସେଥିଲାଗି ମଧ୍ୟ ସେହି ଗୋଟିଏ ବସ୍ତୁ ଆବଶ୍ୟକ ହେବ : ସିଏ ପରିପୂର୍ଣ୍ଣତାର ଏପରି ଏକ ସୋପାନରେ ଯାଇ ପହଞ୍ଚି ପାରିଥିବା ଆବଶ୍ୟକ, ଯେପରିକି ତା'ର ସାମର୍ଥ୍ୟ ଯାବତୀୟ ଅନୁପ୍ରବେଶକୁ ରୋକିବା ସକାଶେ ସ୍ୱତଃନିଷ୍ଠ ଭାବରେ କାର୍ଯ୍ୟ କରି ପାରୁଥିବ, ଯେପରିକି ତା'ର ଜଗତଟି ମଧ୍ୟ ସ୍ୱତଃନିଷ୍ଠ ଭାବରେ ସୁରକ୍ଷିତ ହୋଇ ରହିପାରିବ; ଅର୍ଥାତ୍, ଯାବତୀୟ ବିରୁଦ୍ଧ ତଥା ବିଜାତୀୟ ଉପାଦାନକୁ ନିକଟବର୍ତ୍ତୀ ହୋଇ ଆସିବାରୁ ନିବୃତ୍ତ କରି ରଖାଯାଇ ପାରିବ ।

ପୂର୍ବରୁ ଏହି କିସମର କେତେ କାହାଣୀ କୁହାଯାଇଛି, — ଏଭଳି ବ୍ୟକ୍ତିମାନଙ୍କ ବିଷୟରେ କୁହାଯାଇଛି, ଯେଉଁମାନେ କି ଏକ ଆଦର୍ଶସ୍ଥାନୀୟ ନିର୍ଜନତା ମଧ୍ୟରେ ବାସ କରୁଥିଲେ । ସେହି କଥାଟିର କଳ୍ପନା କରିବା ଆଦୌ ଅସମ୍ଭବ ହେବ ନାହିଁ । ତୁମେ ଯେତେବେଳେ ଏହି ପରମ ଶକ୍ତିମନ୍ତ୍ରର ସଂସ୍ପର୍ଶରେ ରହିଥିବ, ସେତେବେଳେ ତାହା ତୁମର ଭିତରେହିଁ ଥିବ, ସେତେବେଳେ ତୁମେ ଏଇଟିକୁ କୌଣସି ଶିଶୁର ଖେଳ ପରି ବେଶ୍ ଅନୁଭବ କରି ପାରୁଥିବ; ସେତେବେଳେ କେତେକ ବସ୍ତୁକୁ ବଦଳାଇ ଦେବା ମଧ୍ୟ ବେଶ୍ ସମ୍ଭବ ହେବ; ଚତୁଷ୍ପାର୍ଶ୍ୱର ବିବିଧ ସ୍ପନ୍ଦନ ତଥା ଆକାରଗୁଡ଼ିକ ଉପରେ ଏକ ପ୍ରଭାବ ପକାଇ ପାରିବା ମଧ୍ୟ ସମ୍ଭବ ହେବ,—ସେଗୁଡ଼ିକ ମଧ୍ୟ ସ୍ୱତଃନିଷ୍ଠ ଭାବରେ ଅତିମାନସର ଉପାଦାନରେ ପରିଣତ ହେବାକୁ ଆରମ୍ଭ କରିବେ । ସେହି ସବୁକିଛି ଅବଶ୍ୟ ସମ୍ଭବ ହେବ, ମାତ୍ର କେବଳ ଏକ ବ୍ୟକ୍ତିର ସ୍ତରରେହିଁ ଯାହାକିଛି ହେବ । ଅନ୍ୟପକ୍ଷରେ,

'oaob.nitrkl.ac.in' images reprocessed

ଏଠାରେ ଯାହା ଘଟୁଛି, ବର୍ତ୍ତମାନ ତାହାରି ଦୃଷ୍ଟାନ୍ତ ଗ୍ରହଣ କରାଯାଉ,—ଏଠାରେ ବ୍ୟକ୍ତି ସିଧା ଏହି ଯାବତୀୟ ଅଗ୍ରାଜକତା ଦ୍ୱାରା ପରିବେଷ୍ଟିତ ହୋଇ ବାସ କରୁଛି : ଅସଲ ଅସୁବିଧାଟି ସେହିଠାରେହିଁ ରହିଛି ! ଠିକ୍ ସେହି କଥାଟି ଏ କଥାଟିକୁ କ'ଣ ପ୍ରତିପାଦିତ କରି ଦେଉ ନାହିଁ ଯେ, ଏଠାରେ ଉପଲବ୍ଧିର କ୍ଷେତ୍ରରେ ଏକ ପ୍ରକାରର ପରିପୂର୍ଣ୍ଣତା ହାସଲ କରିବା ପ୍ରକୃତରେ ଅସମ୍ଭବ ହୋଇ ପଡ଼ିବ ? ମାତ୍ର, ତା'ପରେ, ସେହି ଅନ୍ୟ ଦୃଷ୍ଟାନ୍ତଟି, ଅରଣ୍ୟ ମଧ୍ୟରେ ଏକାକୀ ବାସ କରୁଥିବା ବ୍ୟକ୍ତିର ଦୃଷ୍ଟାନ୍ତଟି,—ସେଥିରୁ ଆଦୌ ପ୍ରମାଣ ହୋଇ ପାରିବ ନାହିଁ ଯେ ଅବଶିଷ୍ଟ ମାନବସମୂହ ମଧ୍ୟ ସେହି ମାର୍ଗଟିର ଅନୁସରଣ କରିପାରିବ । ମାତ୍ର, ବର୍ତ୍ତମାନ ଏଠାରେ ଯାହା ଘଟୁଛି, ସେହି କାର୍ଯ୍ୟଟିର ଏକ ତେଜସ୍କ୍ରିୟତା ମଧ୍ୟ ଆରମ୍ଭ ହୋଇ ଗଲଣି । ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଠିକ୍ ଏହାହିଁ ଘଟିବା ଦରକାର, ଏହା ଅନିବାର୍ଯ୍ୟ ଭାବରେ ଘଟିବା ଦରକାର । ମାତ୍ର ତଥାପି ସମସ୍ୟାଟି ସେହିପରି ରହି-ଯାଉଛି : ଏହି ଘଟଣାଟି କ'ଣ ଯୁଗପତ୍ ଭାବରେ ଘଟିପାରିବ ଅଥବା ଅନ୍ୟ ବସ୍ତୁଟିର ଉପଲବ୍ଧି ସମ୍ଭବ ହେବା ପୂର୍ବରୁ ମଧ୍ୟ ଘଟିପାରିବ ? ଯୁଗପତ୍ ଭାବରେ ଘଟିବ ଅଥବା ବ୍ୟକ୍ତି, ଜଣେ ବ୍ୟକ୍ତି ଅନ୍ତର୍ମାନସ ଉପାଦାନ ମଧ୍ୟରେ ପ୍ରବେଶ କରି ପାରିବା ପୂର୍ବରୁ ମଧ୍ୟ ଘଟିବ ?

ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଗୋଷ୍ଠୀ ଅଥବା ସମ୍ପ୍ରଦାୟର ପୃଷ୍ଠଭୂମି ଉପରେ ଯେଉଁ ଉପଲବ୍ଧି ଘଟିବ, ତାହାକୁ ଯେକୌଣସି ବ୍ୟକ୍ତିଗତ ଉପଲବ୍ଧିଠାରୁ ଅନେକ ଅଧିକ ପରିମାଣରେ ସମ୍ପୂର୍ଣ୍ଣ, ସମଗ୍ର, ପୂର୍ଣ୍ଣାଙ୍ଗ ଓ ସମ୍ଭବତଃ ପରିପୂର୍ଣ୍ଣ ବୋଲି ମଧ୍ୟ ବୁଝାଯିବ । ଏହି ଉପଲବ୍ଧିଟି ସର୍ବଦା, ଅତ୍ୟନ୍ତ ଅବଶ୍ୟମ୍ଭାବୀ ଭାବରେ ବାହ୍ୟ ଓ ଜଡ଼ର ଭୂମି ଉପରେ ହୋଇଥାଏ, ସମ୍ପୂର୍ଣ୍ଣ ଭାବରେ ସୀମାବଦ୍ଧ ହୋଇ ରହିଥାଏ, କାରଣ ତାହା ସର୍ବଦା ସତ୍ତାର ଗୋଟିଏ ପକ୍ଷତ, ଅଭିବ୍ୟକ୍ତିର କେବଳ ଗୋଟିଏ ମାତ୍ର ପକ୍ଷତ ହୋଇ ରହିଥାଏ ;— ଏଥିରେ ସ୍ପନ୍ଦନଗୁଡ଼ିକର କେବଳ ଗୋଟିଏ କ୍ଷୁଦ୍ର ପୁଞ୍ଜକୁହିଁ ସ୍ପର୍ଶ କରା-ଯାଇଥାଏ ।

ମାତ୍ର କାର୍ଯ୍ୟଟିର ସହଜତା ଦୃଷ୍ଟିରୁ ବିଚାର କରି ଦେଖିଲେ, ମୁଁ ଭାବୁଛି, ଏହି କ୍ଷେତ୍ରରେ ଆଦୌ କୌଣସି ତୁଳନା କରାଯାଇ ପାରିବ ନାହିଁ ।

(ମାଆ ନୀରବ ରହିଲେ)

ସମସ୍ୟାଟି ତଥାପି ସେହିପରି ରହିଛି । ବୁଦ୍ଧ ଓ ଅନ୍ୟମାନଙ୍କ ପରି ସକଳ ବ୍ୟକ୍ତି ପ୍ରଥମେ ସ୍ୱୟଂ ଉପଲବ୍ଧି କରିଥିଲେ ଏବଂ ତା'ପରେ ପୃଥିବୀର ସମ୍ପର୍କକୁ ଆସିଥିଲେ : ମାତ୍ର, ଏହି ବାଟଟି ଅତ୍ୟନ୍ତ ସରଳ । ମାତ୍ର ମୁଁ ଯେଉଁ କଥାଟିକୁ

'oaob.nitrkl.ac.in' images reprocessed

ନୟନ ସମକ୍ଷରେ ରଖିଛୁ, ସେହି ଦୃଷ୍ଟିରୁ ବସ୍ତୁର କରି କହିଲେ, ଉପଲବ୍ଧିଟି ଯେପରି ପ୍ରକୃତରେ ସମଗ୍ର ହୋଇ ପାରିବ, ଏହାକୁ କ'ଣ ଏକ ଅପରିହାର୍ଯ୍ୟ ସର୍ତ୍ତ ରୂପେ ସ୍ୱୀକାର କରିବାକୁ ସମ୍ଭବ ନାହିଁ ଯେ, ବ୍ୟକ୍ତି ଏହି ପୃଥିବୀମଧ୍ୟରେ ରହିହିଁ ଯାହାକିଛୁ ଉପଲବ୍ଧି କରିବ ?

'oaob.nitrkl.ac.in' images reprocessed

# ୩ ଏପ୍ରିଲ୍ ୧୯୭୨

ଏକ ସାଂଘାତିକ ଅପ୍ରୀତିକର ମାଆଙ୍କ ଜୀବନ ବିଷୟରେ ଆଶଙ୍କା ଘଟାଇଥିଲା । ତାହାର କେତେଦିନ ପରେ ।

କାଲି ରାତିରେ ଠିକ୍ ଏଗାରଟା ଓ ବାରଟା ଭିତରେ ମୋ'ର ଯେଉଁ ଅନୁଭୂତି ହେଲା, ମୁଁ ସେଥିରୁ ଆବିଷ୍କାର କରିପାରିଲି ଯେ, ଏପରି ଏକ ଗୋଷ୍ଠୀର କେତେକ ଲୋକ ଅଛନ୍ତି, — ସୁଅଭିପ୍ରେତ ଭାବରେ ସେମାନଙ୍କର ପରିଚୟ ବିଷୟରେ କିଛି କୁହାଯାଇ ନ ଥିଲା — ଯେଉଁମାନେ କି ଶ୍ରୀଅରବିନ୍ଦଙ୍କର ସତ୍ୟୋଦ୍‌ଘାଟନକୁ ଭିତ୍ତି କରି ଗୋଟାଏ ପ୍ରକାରର ଧର୍ମର ସୃଷ୍ଟି କରିବାକୁ ଇଚ୍ଛା କରୁଛନ୍ତି । ମାତ୍ର, ସେମାନେ କେବଳ ସାମର୍ଥ୍ୟ ଏବଂ ଶକ୍ତିର ପାର୍ଶ୍ୱଟିକୁହିଁ ଗ୍ରହଣ କରିଛନ୍ତି, ଏକ ପ୍ରକାରର ଜ୍ଞାନ ଓ ଆଉ ଯାହାକିଛି ଆସୁରିକ ଶକ୍ତିଗୁଡ଼ିକ ଦ୍ୱାରା କାର୍ଯ୍ୟରେ ଲଗାଯାଇ ପାରିବ, ସେମାନେ ସେଇଟିକୁହିଁ ଗ୍ରହଣ କରିଛନ୍ତି । ଏକ ବୃହତ୍‌କାୟ ଆସୁରିକ ସତ୍ତା ଶ୍ରୀଅରବିନ୍ଦଙ୍କର ସାଦୃଶ୍ୟାକାର ଗ୍ରହଣ କରିବାରେ ସଫଳ ହୋଇଛି । ଏହି କ୍ଷେତ୍ରରେ କେବଳ ଏକ ପ୍ରତିଲିପି ମାତ୍ର ରହିଛି । ଶ୍ରୀଅରବିନ୍ଦଙ୍କର ସେହି ପ୍ରତିଲିପିଟି ମୋ' ଆଗରେ ଘୋଷଣା କରି କହିଛି ଯେ, ମୁଁ ଯେଉଁ କାର୍ଯ୍ୟଟି କରୁଛି, ତାହା ପ୍ରକୃତରେ ତାଙ୍କର କାର୍ଯ୍ୟ ନୁହେଁ । ତାହା ଆହୁରି ଘୋଷଣା କରି କହିଛି ଯେ ମୁଁ ତାଙ୍କ ପ୍ରତି ବିଶ୍ୱାସଘାତକର କାର୍ଯ୍ୟ କରିଛି, ତାଙ୍କର କାର୍ଯ୍ୟ ପ୍ରତି ମଧ୍ୟ ବିଶ୍ୱାସଘାତକତା କରିଛି ଏବଂ ତେଣୁ ମୋ'ସହିତ ଆଦୌ କୌଣସି ସମ୍ପର୍କ ରଖିବାକୁ ନାସ୍ତି କରିଦେଇଛି ।

ସେହି ଗୋଷ୍ଠୀରେ ଏପରି ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କୁ କି ମୁଁ ନିଶ୍ଚୟ ଥରେ ବା ଦୁଇଥର ଦେଖିଥିବି; — ସିଏ ସେମାନଙ୍କ ସହିତ ଆତ୍ମଗତ ଭାବରେ ନାହାନ୍ତି, କେବଳ ବାହାରକୁ ଦେଖିବାକୁହିଁ ରହିଛନ୍ତି । ମାତ୍ର ସିଏ ଏହି ବିଷୟରେ କିଛି ଜାଣି ନାହାନ୍ତି, ସେଠାରେ ଯେ ପ୍ରକୃତରେ କଉଲି ସତ୍ତାଟିଏ ରହିଛି, ତାଙ୍କର ସେ ବିଷୟରେ କୌଣସି ଜ୍ଞାନ ନାହିଁ । ଏବଂ ଏହି ସତ୍ତାକୁ ସେ ମୋତେ ଗ୍ରହଣ କରି ନେବାଲାଗି ପ୍ରବର୍ତ୍ତାଇ ପାରିବେ ବୋଲି ସର୍ବଦା ଆଶା କରୁଛନ୍ତି, କାରଣ ତାହାକୁ ସେ ପ୍ରକୃତରେ ଶ୍ରୀଅରବିନ୍ଦ ବୋଲି ବିଶ୍ୱାସ କରୁଛନ୍ତି । ମୁଁ ସେହି ସତ୍ତାକୁ

'oaob.nitrkl.ac.in' images reprocessed

କାଲି ରାତିରେ ଦେଖିବାକୁ ପାଇଲି । ମୁଁ ଦେଖିଥିବା ବସ୍ତୁଟିର ଯାବତୀୟ ବିସ୍ତାରିତ ରୂପ ଦେବାଲାଗି ମୁଁ ଆଦୌ ଇଚ୍ଛା କରୁ ନାହିଁ—ତାହାର କୌଣସି ଆବଶ୍ୟକତା ନାହିଁ । ମାତ୍ର ମୁଁ ନିଶ୍ଚୟ ଏତିକ କହିବ ଯେ, ସେତେବେଳେ ମୁଁ ସମ୍ପୂର୍ଣ୍ଣ ସଚେତନ ଥିଲି, ସକଳ ବିଷୟରେ ସଜ୍ଞାନ ରହିଥିଲି, ଏକ ଆସୁରିକ ଶକ୍ତିକୁ ଦେଖୁଥିଲି ବୋଲି ଭଲକରି ଜାଣିଥିଲି ; ମାତ୍ର, ଶ୍ରୀଅରବିନ୍ଦଙ୍କର ଅନନ୍ତତା ହେତୁ ମୁଁ ଏଇଟିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରୁ ନ ଥିଲି । ସବୁକିଛି ଯେ ତାଙ୍କରି ଅଂଶ ଏବଂ ତେଣୁ ମୁଁ ଆଦୌ କିଛି ପ୍ରତ୍ୟାଖ୍ୟାନ କରିବାକୁ ଚାହୁଁ ନାହିଁ, ମୁଁ ସେ କଥା ଭଲ ଭାବରେ ଜାଣିଥିଲି । କାଲି ରାତିରେ ସେହି ସତ୍ତା ସହିତ ତିନଥର ସାକ୍ଷାତ୍ ହେଲା, ଏପରିକି ମୁଁ ନ କରିଥିବା ଅପରାଧଗୁଡ଼ିକ ବିଷୟରେ ମଧ୍ୟ କ୍ଷମାପ୍ରାର୍ଥନା କରିଥିଲି, ପରିପୂର୍ଣ୍ଣ ପ୍ରେମ ତଥା ସମର୍ପଣ ସହିତ ତାହାକୁ ସାକ୍ଷାତ୍ କରିଥିଲି । ବାରଟା ବେଳେ ମୋର ନିଦ ଭାଙ୍ଗିଗଲା ଓ ମୁଁ ସବୁକିଛି ମନେ କରି ପାରୁଥିଲି । ବାରଟା ପନ୍ଦର ଓ ଦୁଇଟା ମଧ୍ୟରେ ପୂର୍ଣ୍ଣତମ ତଥା ମଧୁରତମ ସମ୍ବନ୍ଧ ଭିତରେ ମୁଁ ପ୍ରକୃତ ଶ୍ରୀଅରବିନ୍ଦଙ୍କ ସହିତ ଥିଲି—ସେଠାରେ ମଧ୍ୟ ପୂର୍ଣ୍ଣ ଚେତନା ଓ ସଜ୍ଞାନତା ମଧ୍ୟରେ ରହିଥିଲି,—ପୂର୍ଣ୍ଣ ସ୍ଥିରତା ଓ ସମତା ଅନୁଭବ କରୁଥିଲି । ଦୁଇଟା ବେଳେ ନିଦରୁ ଉଠିଲି ଏବଂ ଠିକ୍ ତା'ର ପୂର୍ବରୁହିଁ ଦେଖିବାକୁ ପାଇଥିଲି ଯେ, ଶ୍ରୀଅରବିନ୍ଦ ଯେ ତଥାପି ଏହି ଜଡ଼ସ୍ଥୂଳଭୂମିର ପୂର୍ଣ୍ଣ କର୍ତ୍ତା ନ ଥିଲେ, ସିଏ ସ୍ୱୟଂ ମୋତେ ତାହା ଦେଖାଇ ଦେଇଥିଲେ । ଦୁଇଟା ବେଳେ ଉଠି ମୁଁ ଏହି ଶରୀର ଭିତରୁ ମୋ' ଜୀବନକୁ କାଢ଼ି ନେଇଯିବାକୁ ଇଚ୍ଛା କରୁଥିବା ସେହି ଗୋଷ୍ଠୀର ଆକ୍ରମଣ ଦ୍ୱାରା ମୋ'ର ହୃଦୟ ଆକ୍ରାନ୍ତ ହୋଇ ପଡ଼ିଥିବାର ଦେଖିବାକୁ ପାଇଲି ; କାରଣ ସେମାନେ ଜାଣନ୍ତି ଯେ, ମୁଁ ଏକ ଶରୀର ମଧ୍ୟରେ ଏହି ଜଗତରେ ରହିଥିବା ପର୍ଯ୍ୟନ୍ତ ସେମାନଙ୍କର ଉଦ୍ଦେଶ୍ୟ ଆଦୌ ସିଦ୍ଧ ହୋଇ ପାରିବ ନାହିଁ । ଅନେକ ବର୍ଷ ତଳେ ସେମାନେ ପ୍ରଥମ ଥର ଆକ୍ରମଣ କରିଥିଲେ, ଦୃଶ୍ୟରେ କରିଥିଲେ, ନିଦ୍ରାରେ ମଧ୍ୟ କରିଥିଲେ । ରାତିରେ ସେହି ଆକ୍ରମଣ ହୋଇଥିଲା ଓ ମୁଁ ସେ ବିଷୟରେ କାହାକୁ କିଛି କହି ନ ଥିଲି । କେବଳ ତାରିଖଟିକୁ ଟିପି ରଖିଥିଲି ଏବଂ ଯଦି ଏହି ସଙ୍କଟ ଭିତରୁ ବାହାରି ଆସି ପାରିବି, ତେବେ ସେହି ତାରିଖଟିକୁ ଖୋଜି କରି ପାଇବ ଓ ସମସ୍ତଙ୍କୁ କହି ପାରିବି । ବହୁ ବର୍ଷ ପୂର୍ବରୁ ମୋର ମୃତ୍ୟୁ ଘଟିଥିଲେ ସେମାନେ ଖୁସି ହୋଇଥାନ୍ତେ, ସେହିମାନେହିଁ ମୋ' ଜୀବନ ଉପରେ ହୋଇଥିବା ଏହିସବୁ ଆକ୍ରମଣ ସକାଶେ ଦାୟୀ । ମୁଁ ଯେ ଏପର୍ଯ୍ୟନ୍ତ ବଞ୍ଚିଛି, କେବଳ ପରମପ୍ରଭୁଙ୍କର ସେହିପରି ଇଚ୍ଛା ଥିବାରୁହିଁ ତାହା ସମ୍ଭବ ହୋଇଛି । ନ ହେଲେ ଅନେକ ଦିନ ପୂର୍ବରୁହିଁ ଯାଇ ସାରିଥାନ୍ତି ।

ମୁଁ ଆଉ ମୋର ଶରୀର ଭିତରେ ନାହିଁ । ତାହାକୁ ମୁଁ ସେହି ପ୍ରଭୁଙ୍କ ହାତରେ ଛାଡ଼ି ଦେଇଛି ; ସେଇ ତାହାର ଯତ୍ନନେବେ, ତାହା ପ୍ରକୃତରେ

'oaob.nitrkl.ac.in' images reprocessed

ଅତିମାନସର ଉପଲବ୍ଧି କରିବେ କି ନାହିଁ, ସେକଥା ସେଇ ନିଷ୍ପତ୍ତି କରିବେ । ମୁଁ ଜାଣିଛି ଏବଂ କହି ମଧ୍ୟ ସାରିଛି ଯେ, ବର୍ତ୍ତମାନ ଶେଷ ଯୁଦ୍ଧ ଚାଲିଛି । ଏହି ଶରୀର ଯେଉଁଟି ସକାଶେ ଜୀଇକରି ରହିଛି, ଯଦି ସେହି ଉଦ୍ଦେଶ୍ୟଟି ପୂରଣ ହେବାର ଥାଏ, ଅର୍ଥାତ୍, ଯଦି ଅତିମାନସ ରୂପାନ୍ତର ଦିଗରେ ପ୍ରଥମକାଳୀନ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯିବାର ରହିଥାଏ, ତେବେ ଏହି ଶରୀର ଆହୁ ଜୀଇ ରହିବ । ଏହା ସେହି ପରମପ୍ରଭୁଙ୍କର ନିଷ୍ପତ୍ତି । ଏପରିକି, ସିଏ କ'ଣ ନିଷ୍ପତ୍ତି କରିଛନ୍ତି, ମୁଁ ସେକଥା ମଧ୍ୟ ଜାଣିବାକୁ ଚାହୁଁ ନାହିଁ । ଯଦି ଶରୀର ଏହି ଯୁଦ୍ଧଟିକୁ ସହ୍ୟ କରିବା ଲାଗି ସମର୍ଥ ନ ହୁଏ, ଯଦି ଏହାର ବିଲୋପ ହେଉ ବୋଲି ଉଦ୍ଦିଷ୍ଟ ହୋଇ ରହିଥାଏ, ତେବେ ମନୁଷ୍ୟଜାତି ଏକ ସଙ୍କଟମୟ କାଳର ମଧ୍ୟ ଦେଇ ଗତିକରିବ । ଶ୍ରୀଅରବିନ୍ଦଙ୍କର ରୂପଗ୍ରହଣ କରିବାରେ ସଫଳ ହୋଇଥିବା ଆସୁରିକ ଶକ୍ତି ପ୍ରକୃତରେ ଯାହା ସୃଷ୍ଟି କରିବ, ତାହା ହେଉଛି ଏକ ନୂତନ ଧର୍ମ ବା ନୂତନ ବିଚାର; ଅତିମାନସ ଉପଲବ୍ଧି ନାମରେ ସମ୍ଭବତଃ ଅତ୍ୟନ୍ତ ନିର୍ମମ ଏବଂ ନିଷ୍ଠୁର ଭାବରେ ସିଏ ତାହାକୁ ତିଆରି କରିବ । ମାତ୍ର, ସମସ୍ତେ ଅବଶ୍ୟ ଜାଣି ରଖନ୍ତୁ ଯେ ଏହା ପ୍ରକୃତରେ ଯଥାର୍ଥ ନୁହେଁ, ଏହା ଶ୍ରୀଅରବିନ୍ଦଙ୍କର ଶିକ୍ଷା ଆଦୌ ନୁହେଁ, ତାଙ୍କର ଶିକ୍ଷା ମଧ୍ୟରେ ରହିଥିବା ସତ୍ୟ କଦାପି ନୁହେଁ । ଶ୍ରୀଅରବିନ୍ଦଙ୍କର ସତ୍ୟ ହେଉଛି ପ୍ରେମ, ଆଲୋକ ଏବଂ କରୁଣାର ଏକ ସତ୍ୟ । ସିଏ ମଙ୍ଗଳକର, ଉଦାର, କରୁଣାମୟ ଏବଂ ପରମ ଭବ୍ୟ । ଏବଂ ପରିଶେଷରେ ତାଙ୍କରିହିଁ ବିଜୟ ହେବ ।

ଏବଂ, ଯଦି ତୁମେମାନେ ବ୍ୟକ୍ତିଗତ ଭାବରେ ସାହାଯ୍ୟ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମେମାନେ କେବଳ ପ୍ରାର୍ଥନାହିଁ କରିବ । ପରମପ୍ରଭୁ ଯାହା ଇଚ୍ଛା କରୁଛନ୍ତି, କେବଳ ତାହାହିଁ ସମ୍ପାଦିତ ହେବ । କେବଳ ସେଇ ଯାହା ଇଚ୍ଛା କରୁଛନ୍ତି, ସିଏ ତାହାକୁ ଏହି ଅକିଞ୍ଚନ ଶରୀରକୁ ନିମିତ୍ତ କରି ସମ୍ପନ୍ନ କରିନେବେ ।

ପରେ, ଯେତେବେଳେ ଏହି ପ୍ରବଚନଟିର
ପ୍ରତିଲିପି ମାଆଙ୍କ ପାଖରେ ପଢ଼ାହେଲା,
ସେତେବେଳେ ସେ ମନ୍ତବ୍ୟ କରି କହିଲେ :

ଯୁଦ୍ଧଟି ଶରୀର ମଧ୍ୟରେହିଁ ଚାଲିଛି । ଏହା ଏପରି ଅବ୍ୟାହତ ଭାବରେ ଆଦୌ ଚାଲିବ ନାହିଁ । ହୁଏତ ସେମାନେ ପରାସ୍ତ ହେବେ ନ ହେଲେ ଏହି ଶରୀର ପରାସ୍ତ ହେବ । ପରମପ୍ରଭୁ କ'ଣ ନିଷ୍ପତ୍ତି କରିବେ, ସବୁ କେବଳ ତାହାରି ଉପରେ ନିର୍ଭର କରିବ ।

'oaob.nitrkl.ac.in' images reprocessed

ଏହା ହେଉଛି ସଂଗ୍ରାମକ୍ଷେତ୍ର । ଏହି ଶରୀର କେତେଦୂର ପ୍ରତିରୋଧ କରି ପାରିବ, ସେକଥା ମୁଁ ଜାଣି ନାହିଁ । ଆଖର ସବୁ ତାଙ୍କରି ଉପରେ ନିର୍ଭର କରୁଛି । ଉଚିତ ସମୟ ଆସିଲାଣି କି ନାହିଁ, ପରମ ବିଜୟର ଆରମ୍ଭ ହେବା ସମୟ କି,— ସେକଥା ସେଇ ଜାଣିଛନ୍ତି । ତେବେ ଯାଇ ଏହି ଶରୀର ତିଷ୍ଠି ରହିବ । ଯଦି ସେକଥା ନ ହୁଏ, ତେବେ, ଯାହାହେଲେ ମଧ୍ୟ ମୋର ପ୍ରେମ ଏବଂ ଚେତନା ଅବଶ୍ୟ ରହିଥିବେ ।

'oaob.nitrkl.ac.in' images reprocessed

# ୨୩ ଏପ୍ରିଲ୍ ୧୯୭୨

## ୧୨ ଏପ୍ରିଲ୍ ୧୯୭୨ ରାତିର ଅନୁଭୂତି

ମାଅଙ୍କର ଜୀବନକୁ ବିପନ୍ନ କରି ଦେଇଥିବା
ସାଂଘାତିକ ଅସୁସ୍ଥତାର କେତେ ସପ୍ତାହ ପରେ ।

ଆମେ ପୃଥିବୀ-ଯୋଗ କହୁଲେ ଯାହା ବୁଝୁଁ, ତାହାର ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଜ୍ଞାନ ରହି ରାତିରେ ହଠାତ୍ ମୋ'ର ନିଦ ଭାଙ୍ଗିଗଲା । କେତେ-କେତେ ବୃହତ୍ ସ୍ପନ୍ଦନର ମାଧ୍ୟମରେ ସର୍ବୋଚ୍ଚ ପରମ ପ୍ରେମ ଅଭିବ୍ୟକ୍ତ ହେବାରେ ଲାଗିଥିଲା ଏବଂ ପ୍ରତ୍ୟେକଟି ସ୍ପନ୍ଦନ ପୃଥିବୀକୁ ତାହାର ସେହି ଅଭିବ୍ୟକ୍ତିର ପ୍ରକ୍ରିୟାରେ ଆଗକୁ ଆଗକୁ ନେଇ ଯାଉଥିଲା । ଏହାକୁ କେବଳ ସେହି ଶାଶ୍ୱତ ଓ ବିଶାଳ ପ୍ରେମର, କେବଳ ପ୍ରେମର ଦୁର୍ଜ୍ଜେୟ ଏକାଧିକ ସ୍ପନ୍ଦନ ବୋଲି କୁହାଯାଇ ପାରିବ । ସେହି ପ୍ରେମର ପ୍ରତ୍ୟେକ ସ୍ପନ୍ଦନ ଏହି ବିଶ୍ୱକୁ ତା'ର ଅଭିବ୍ୟକ୍ତିର ପ୍ରକ୍ରିୟାରେ ଆଗକୁ ଆଗକୁ ବହନ କରି ନେଇ ଯାଉଥିଲା ।

ଏବଂ ସେଠାରେ ଏହି ସୁନିଶ୍ଚିତତାଟି ରହିଥିଲା ଯେ, ଯାହା କରିବାକୁ ରହିଛି, ଏହା ଦ୍ୱାରା ତାହାହିଁ କରା ହେଉଛି ·ଏବଂ ସେହି ଅତିମାନସ ପରମ ଅଭିବ୍ୟକ୍ତିର ଉପଲବ୍ଧି ହେବାରେ ଲାଗିଛି ।

ସବୁକିଛି ବ୍ୟକ୍ତିଗତ ହୋଇ ରହିଥିଲା, ବ୍ୟକ୍ତିକୈନ୍ଦ୍ରିକ ହୋଇ କିଛି ନ ଥିଲା ।

ଏହି ନିଷ୍ପତ୍ତି ହେବାରେ ଲାଗିଥିଲା, ଅବ୍ୟାହତ ଭାବରେ ହେଉଥିଲା ।

ଏହି ସୁନିଶ୍ଚିତତାଟି ରହିଥିଲା ଯେ, ଯାହା କରିବାକୁ ରହିଛି, ପ୍ରକୃତରେ ତାହାହିଁ ସମ୍ପାଦିତ ହେଉଛି ।

ମିଥ୍ୟାର ଯାବତୀୟ ପରିଣାମ ଅନ୍ତର୍ହିତ ହୋଇ ଯାଇଥିଲା । ମୃତ୍ୟୁ ମାୟାରେ ପରିଣତ ହୋଇ ରହିଥିଲା, ରୋଗ ମଧ୍ୟ ମାୟାରେ ପରିଣତ ହୋଇଥିଲା, ଅଜ୍ଞାନ ମଧ୍ୟ ମାୟାରେ ପରିଣତ ହୋଇ ରହିଥିଲା—ସେଗୁଡ଼ିକର ଯେପରି ଆଦୌ କୌଣସି ସତ୍ୟତା ବା ଅସ୍ତିତ୍ୱ ନ ଥିଲା । କେବଳ ପ୍ରେମ, ପ୍ରେମ, ପ୍ରେମହିଁ ଥିଲା—ବିପୁଳ,

'oaob.nitrkl.ac.in' images reprocessed

ଦୁର୍ଜ୍ଞେୟ ଏବଂ ବିଶାଳ ହୋଇ ରହିଥିଲା, ସବୁ କିଛିକୁ ଆପଣା ଭିତରେ ବହନ କରୁଥିଲା ।

ଏବଂ, ଏହାକୁ ପୃଥିବୀ ପୃଷ୍ଠରେ କିପରି ପ୍ରକଟ କରାଯାଇ ପାରିବ ? ଏହି ପୃଥିବୀରେ ରହିଥିବା ବିରୋଧଗୁଡ଼ିକ ହେତୁ ଏହା ପ୍ରାୟ ଏକ ଅସମ୍ଭବ ବ୍ୟାପାର ହୋଇ ରହିଥିଲା । ମାତ୍ର ତା'ପରେ ତାହାର ମଧ୍ୟ ଉତ୍ତର ଆସି ପହଞ୍ଚିଲା : "ତୁମେ ସ୍ୱୀକାର କରି ନେଇଛ ଯେ, ଏହି ପୃଥିବୀ ମଧ୍ୟ ଅତିମାନସ ପରମସତ୍ୟର ଜ୍ଞାନ ଲାଭ କରିବ···ଏବଂ ଏହା ସମଗ୍ର ଏବଂ ସମ୍ପୂର୍ଣ୍ଣ ଭାବରେ ଅବଶ୍ୟ ଅଭିବ୍ୟକ୍ତ ହେବ ।" ହଁ, ହଁ···ଅବଶ୍ୟ ହେବ ।···

ଏବଂ କାର୍ଯ୍ୟଟି ପ୍ରକୃତରେ ସମ୍ପାଦିତ ହୋଇଛି ।

(ମାଆ ଦୀର୍ଘକାଳ ନୀରବ ରହିଲେ)

ବ୍ୟକ୍ତିଚେତନା ପୁନର୍ବାର ବାହୁଡ଼ି ଆସିଲା : କେବଳ ଏକ ସୀମାବଦ୍ଧତାର ବୋଧ, ଯନ୍ତ୍ରଣାର ଏକ ସୀମାବଦ୍ଧତା ; ସେଇଟି ବ୍ୟତୀତ ବ୍ୟକ୍ତି କଦାପି ସମ୍ଭବ ହେବ ନାହିଁ ।

ଆମେ ପୁନର୍ବାର ଅଗ୍ରସର ହେବାକୁ ଲାଗିଲୁ, ଚରମ ବିଜୟ ବିଷୟରେ ସୁନିଶ୍ଚିତ ହୋଇ ମାର୍ଗରେ ଅଗ୍ରସର ହେଲୁ ।

ସେହି ଚରମ ବିଜୟର ସଙ୍ଗୀତରେ ଗଗନମଣ୍ଡଳ ପୂର୍ଣ୍ଣହୋଇ ରହିଚି ।

କେବଳ ପରମସତ୍ୟହିଁ ଅଛି ; କେବଳ ତାହାରହିଁ ପ୍ରକାଶ ଘଟିବ । ତଥୈବଚ ।

ହେ ପରମ ପ୍ରଭୁ, ହେ ସର୍ବୋଚ୍ଚ ବିଜୟୀ, ତୁମରି ମହିମାହିଁ ଘୋଷିତ ହେଉ ।

(ମାଆ ନୀରବ ରହିଲେ)

ବର୍ତ୍ତମାନ, କାର୍ଯ୍ୟରେ ଅଗ୍ରସର ହେବା ।

ଧୈର୍ଯ୍ୟ, ସହନଶୀଳତା, ପରିପୂର୍ଣ୍ଣ ସମତା, ଏବଂ ଏକ ଅଟଳ ବିଶ୍ୱାସ ।

(ମାଆ ନୀରବ ରହିଲେ)

ମୁଁ ଯାହାସବୁ କହୁଛି, ତାହା ପ୍ରକୃତରେ କିଛି, କିଛି, କିଛି ନୁହେଁ ; ଯଦି ପ୍ରକୃତ ଅନୁଭବଟି ସହିତ ମୁଁ ଏହାର ତୁଳନା କରିବାକୁ ଯାଏ, ତେବେ କେବଳ କେତେକ ଶବ୍ଦ ବ୍ୟତୀତ ଏହା ଆଦୌ କିଛି ନୁହେଁ ।

'oaob.nitrkl.ac.in' images reprocessed

ଏବଂ ଆମର ଚେତନା ସେହି ପରମପ୍ରଭୁଙ୍କର ଚେତନା ସହିତ ଅଭେଦତା ଅର୍ଜନ କରିଛୁ। ଏହି ଦୁଇଟି ମଧ୍ୟରେ କୌଣସି ପ୍ରଭେଦ ନାହିଁ, କୌଣସି, କୌଣସି ପ୍ରଭେଦ ନାହିଁ।

ଆମେ ସେହି ପରମ ତତ୍ତ୍ୱ, ସେହି ପରମ ତତ୍ତ୍ୱ, ସେହି ପରମ ତତ୍ତ୍ୱ।

(ମାଆ ନୀରବ ରହିଲେ)

ପରେ ମୁଁ ଆହୁରି ଭଲ କରି ସବୁ ବୁଝାଇଦେବି। ଯନ୍ତ୍ରଟି ଏବେ ମଧ୍ୟ ପ୍ରସ୍ତୁତ ହୋଇ ନାହିଁ। ବର୍ତ୍ତମାନ ତ କେବଳ ଆରମ୍ଭହିଁ ହେଉଛି।

ପରେ ମାଆ ପୁନର୍ବାର କହିଲେ :

ଏହି ଅନୁଭୂତି ଅନ୍ତତଃ ଘଣ୍ଟାଏ ପାଇଁ ରହିଥିଲା।

ଆହୁରି ଅନେକ ବିଷୟ ରହିଛି, ଯାହାକି ମୁଁ ପରେ କହିବି।

'oaob.nitrkl.ac.in' images reprocessed

## ୭ ସେପ୍‌ଟେମ୍ବର ୧୯୭୩

### ଜଣେ ବସ୍ତୁବାଦୀ ସହିତ କଥୋପକଥନ

ହେ ମୃତ୍ୟୁ, ତୁମେ ସତ୍ୟବାଦୀ,
କିନ୍ତୁ ତୁମର ସତ୍ୟ ସଂହାରକାରୀ ସତ୍ୟ ;
ଯେଉଁ ସତ୍ୟ ଦ୍ୱାରା ମୁଁ ତୁମ ଆହ୍ୱାନର ଉତ୍ତର ଦିଏ,
ତାହା ଉଦ୍ଧାରକାରୀ, ଜୀବନଦାୟୀ ସତ୍ୟ ।

— ଶ୍ରୀଅରବିନ୍ଦ, ସାବିତ୍ରୀ, ୧୦।୩

ସେଦିନ, କର୍ମର ପ୍ରଶସ୍ତି ବିଷୟରେ ଆଲୋଚନା କଲାବେଳେ ମୁଁ ବସ୍ତୁବାଦୀମାନଙ୍କର ଦୃଷ୍ଟିକୋଣରୁ ମୋ ନିଜ କଥାଟିକୁ ବ୍ୟାଖ୍ୟା କରିଦେବାର ଏକ ଅବସର ଲାଭ କରିଥିଲି । ସେମାନେ ବର୍ତ୍ତମାନ କ'ଣ କହୁଛନ୍ତି, ସେକଥା ମୋତେ ଜଣା ନାହିଁ କାରଣ ମୁଁ ଏବେ ସାଧାରଣତଃ ସେସବୁ ବିଷୟ ନେଇ ନିଜକୁ ବ୍ୟାପୃତ କରି ରଖେ ନାହିଁ ।

ସେମାନେ କହନ୍ତି ଯେ, ମନୁଷ୍ୟମାନଙ୍କର ଯାବତୀୟ ଅନୁଭୂତି ଏକ ମାନସିକ ସଙ୍ଗଠନରୁହିଁ ସମ୍ଭବ ହୋଇଥାଏ । ହଁ, କେବଳ ସେହିପରି ହୁଏ । ଆମେ ଏହିପରି ଭାବରେ ମନର କ୍ଷେତ୍ରରେ ଏକ ଚମତ୍କାର ବିକାଶ ଲାଭ କରି ଆସିଛୁ । ଏପରି କାହିଁକି ହୋଇଛି ବା କିପରି ହୋଇଛି, ସେକଥା ସେମାନେ ବୁଝାଇ କହି ପାରିବେ ନାହିଁ । ମାତ୍ର ସଂକ୍ଷିପ୍ତ ଭାବରେ କହିଲେ, ଜଡ଼ହିଁ ଜୀବନର ବିକାଶ କରାଇଛି ଏବଂ ଜୀବନରୁ ମନର ବିକାଶ ହୋଇଛି ଏବଂ, ମଣିଷର ତଥାକଥିତ ଯାବତୀୟ ଆଧ୍ୟାତ୍ମିକ ଅନୁଭୂତି, — ଏଗୁଡ଼ିକ କେବଳ ସେହି ମନ ଦ୍ୱାରା ରଚିତ ହୋଇଛନ୍ତି । ସେମାନେ ଅବଶ୍ୟ ଅନ୍ୟ ଶବ୍ଦଗୁଡ଼ିକୁ ବ୍ୟବହାର କରି ସେକଥା କହନ୍ତି. ମାତ୍ର ମୁଁ ଭାବୁଛି, ସେମାନେ ଏହିପରି ବିଚାର କରିଥାନ୍ତି । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ସେମାନେ ଖାସ୍ କୌଣସି ଆଧ୍ୟାତ୍ମିକ ଅନୁଭୂତି ଅଛି ବୋଲି ସ୍ୱୀକାର କରନ୍ତି ନାହିଁ ଏବଂ ଏକ ବୃହତ୍ତ ସତ୍ତା, ବୃହତ୍ ଶକ୍ତି ଅଥବା ଉଚ୍ଚତର କୌଣସି ତତ୍ତ୍ୱ ଏହି ସବୁକିଛିକୁ ଶାସନ ଓ ଚାଳନ କରୁଛି ବୋଲି ମଧ୍ୟ ସେମାନେ ସ୍ୱୀକାର କରନ୍ତି ନାହିଁ ।

'oaob.nitrkl.ac.in' images reprocessed

ମୁଁ ପୁନର୍ବାର କହୁଛି, ସେମାନଙ୍କର ବର୍ତ୍ତମାନ ମତ କ'ଣ, ସେ କଥା ମୋତେ ଜଣା ନାହିଁ । ମାତ୍ର ମୁଁ ଏକଦା ସେହିପରି ଏକ ସମ୍ପ୍ରତ୍ୟୟର ସମ୍ମୁଖୀନ ହୋଇଥିଲି ।

ଏବଂ ତେଣୁ ମୁଁ କହିଲି : "ମାତ୍ର ଏହା ଅତ୍ୟନ୍ତ ସରଳ କଥା । ମୁଁ ଆପଣମାନଙ୍କର ଦୃଷ୍ଟିକୋଣକୁ ସ୍ୱୀକାର କରି ନେଉଛି । ଆମେ କେବଳ ଯେତକ ଦେଖୁଛୁ, ତାହା ବ୍ୟତୀତ ଆଉ କେଉଁଠି କିଛି ନାହିଁ; ମନୁଷ୍ୟଜାତି ଯେଉଁପରି ହୋଇ ରହିଛି, ଆମେ ତାହାକୁ କେବଳ ସେହି ପରି ଭାବରେ ଦେଖୁଛୁ ଏବଂ, ଯାବତୀୟ ତଥାକଥିତ ଆନ୍ତଃ ରାଜ୍ୟର ଘଟଣମାନ କେବଳ ଏକ ମାନସିକ, ମସ୍ତିଷ୍କଗତ କ୍ରିୟାଫଳରେ ସମ୍ଭବ ହେଉଛି ; ଏବଂ ଯେତେବେଳେ ତୁମର ମୃତ୍ୟୁ ଘଟୁଛି, ତୁମର ସେତେବେଳେ ପ୍ରକୃତରେ ମୃତ୍ୟୁ ଘଟୁଛି,—ଅର୍ଥାତ୍, ଯେତେବେଳେ ଏକତ୍ର ସଂଗତ ହୋଇ ରହିଥିବା ଏହି ବସ୍ତୁଟି ଆପଣା ଜୀବନଲୀଳାର ଶେଷପ୍ରାନ୍ତରେ ଆସି ପହଞ୍ଚି ଯାଉଛି ଓ କ୍ଷୟପ୍ରାପ୍ତ ହେଉଛି, ସେତେବେଳେ ସବୁକିଛି ଶେଷ ହୋଇ ଯାଉଛି । ଏହା ସମ୍ପୂର୍ଣ୍ଣ ଠିକ୍ କଥା ।"

ସମ୍ଭବତଃ, ଯଦି ବସ୍ତୁଗୁଡ଼ିକ ସେହିପରି ହୋଇ ରହିଥାନ୍ତେ, ତେବେ ଜୀବନ ପ୍ରକୃତରେ ଏତେ ଅଧିକ ପରିମାଣରେ ବିରକ୍ତିକର ବୋଲି ପ୍ରତୀତ ହୋଇଥା'ନ୍ତା ଯେ ମୁଁ କେଉଁ କାଳରୁ ଏହି ଜୀବନକୁ ଛାଡ଼ି ଚାଲି ଯାଆନ୍ତିଣି । ମାତ୍ର ମୁଁ କୌଣସି ବିଳମ୍ବ ନ କରି ଏ କଥାଟିକୁ କହିବି ଯେ, କୌଣସି ନୈତିକ ବା ଏପରିକି କୌଣସି ଏକ ଆଧ୍ୟାତ୍ମିକ କାରଣରୁ ଯେ ମୁଁ ଆତ୍ମହତ୍ୟାକୁ ଅନୁମୋଦନ କରେ ନାହିଁ ସେ କଥା ଆଦୌ ନୁହେଁ । ତାହାକୁ ମୁଁ ଏକ ଭୀରୁତା ବୋଲି ମନେ କରେ ; ଏବଂ, ମୋ ଭିତରେ ଏପରି ଏକ ଉପାଦାନ ରହିଛି, ଯାହାକି ଭୀରୁତାକୁ ଆଦୌ ପସନ୍ଦ କରେ ନାହିଁ ଏବଂ ତେଣୁ ମୁଁ କେବେହେଲେ···ମୁଁ କେବେହେଲେ ଏହି ପ୍ରଶ୍ନଟିଠାରୁ ଦଉଡ଼ି ପଳାଇ ଯିବି ନାହିଁ ।

ସେଇଟି ପ୍ରଥମ କଥା ।

ତା'ପରେ, ତୁମେ ଥରେ ଯେତେବେଳେ ଏଠାକୁ ଆସିଛ, ତୁମର ଏହାର ଶେଷ ପର୍ଯ୍ୟନ୍ତ ଯିବା ଅବଶ୍ୟ ଉଚିତ ହେବ, — ଏପରିକି ସେହି ଶେଷରେ ମୋଟେ କିଛିହେଲେ ନ ଥିଲେ ମଧ୍ୟ ଅବଶ୍ୟ ଯିବାକୁ ହେବ — ତୁମେ ଶେଷ ପର୍ଯ୍ୟନ୍ତ ଯିବ, ଏବଂ, ସମ୍ଭାବ୍ୟ ସର୍ବୋତ୍ତମ ପ୍ରକାରେହିଁ ସେହି ଶେଷ ପର୍ଯ୍ୟନ୍ତ ଯିବା କଷ୍ଟରୁ ଅଧିକ ଭଲ ହେବ । ଅର୍ଥାତ୍, ଯେଉଁ ମାର୍ଗଟି ତୁମକୁ ସର୍ବାଧିକ ପରିମାଣରେ ସନ୍ତୋଷ-ଜନକ ବୋଧ ହେଉଛି, ସେହି ବାଟରେ ଯିବା ଅଧିକ ଭଲ ହେବ । ସଂଯୋଗ-ବଶତଃ ମୋ ଭିତରେ କିଞ୍ଚିତ୍ ଦାର୍ଶନିକ ଜିଜ୍ଞାସା ରହିଥିଲା ଏବଂ ତେଣୁ ମୁଁ ଏହିସବୁ

'oaob.nitrkl.ac.in' images reprocessed

ସମସ୍ୟା ବିଷୟରେ କିଛି ଅଧ୍ୟୟନ କରିଥିଲି । ଏହିପରି ଭାବରେ ମୁଁ ଶ୍ରୀଅରବିନ୍ଦଙ୍କର ତତ୍ତ୍ୱବିଦ୍ୱର ପାଖରେ ଆସି ପହଞ୍ଚିଲି ଏବଂ, ଶ୍ରୀଅରବିନ୍ଦ ଯାହାସବୁ କହିଛନ୍ତି, ତାହା ମୋତେ ସବୁଠାରୁ ଅଧିକ ସନ୍ତୋଷଜନକ ବୋଧ ହେଉଛି । ସିଏ ଯାହାସବୁ ଶିକ୍ଷା ଦେଇଛନ୍ତି, (ମୁଁ କହିବି, ଉନ୍ମୋଚନ ଘଟାଇଛନ୍ତି, ମାତ୍ର କଣେ ବସ୍ତୁବାଦୀ ପାଇଁ କରି ନାହାନ୍ତି) ମନୁଷ୍ୟ ଦ୍ୱାରା ସୂତ୍ରବଦ୍ଧ କରି ରଖା ଯାଇଥିବା ସକଳ ସିଦ୍ଧାନ୍ତ ମଧ୍ୟରେ ତାହାକୁହିଁ ମୁଁ ସବୁଠାରୁ ଅଧିକ ସନ୍ତୋଷଜନକ ବୋଲି ଗ୍ରହଣ କରିଛି ; ତାହାକୁ ମୁଁ ସବୁଠାରୁ ଅଧିକ ସମ୍ପୂର୍ଣ୍ଣ ବୋଲି ଗ୍ରହଣ କରିଛି, ତାହାହିଁ ସବୁଠାରୁ ଅଧିକ ସନ୍ତୋଷଜନକ ଭାବରେ ପୃଷ୍ଟ ସକଳ ପ୍ରଶ୍ନର ଉତ୍ତର ଦେଇ-ପାରୁଛି ଏବଂ, ଜୀବନରେ ଯେ ପ୍ରକୃତରେ ଏକ ମୂଲ୍ୟ ରହିଛି, ଜୀବନରେ ସେହିପରି ଏକ ଅନୁଭୂତି ଲାଭ କରିବାରେ ତାହାହିଁ ମୋତେ ସବୁଠାରୁ ଅଧିକ ପରିମାଣରେ ସାହାଯ୍ୟ କରୁଛି । ତେଣୁ, ଶ୍ରୀଅରବିନ୍ଦ ଯାହାସବୁ ଶିକ୍ଷା ଦେଉଛନ୍ତି, ସମ୍ପୂର୍ଣ୍ଣ ଭାବରେ ତାହାକୁ ମାର୍ଗରୂପେ ଗ୍ରହଣ କରିନେବାକୁ ଏବଂ ଜୀବନ ବଞ୍ଚିବାର ସମ୍ଭାବ୍ୟ ସର୍ବୋତ୍ତମ ପ୍ରଣାଳୀରେ ତାହାକୁ ସମ୍ପୂର୍ଣ୍ଣ ଭାବରେ ବଞ୍ଚିବାକୁ ମଧ୍ୟ ମୁଁ ଉଦ୍ୟମ କରୁଛି — ତାହାହିଁ ମୋ ପାଇଁ ସର୍ବୋତ୍ତମ ହୋଇ ରହିଛି । ଅନ୍ୟମାନେ ଏଥିରେ ଯଦି ବିଶ୍ୱାସ ନ କରୁଛନ୍ତି, ତଦ୍ୱାରା ଆଦୌ କୌଣସି ଫରକ ହେଉ ନାହିଁ — ସେମାନେ ଏଥିରେ ବିଶ୍ୱାସ କରୁଛନ୍ତି ବା ନ କରୁଛନ୍ତି, ତଦ୍ୱାରା ମୋ ଲାଗି ଆଦୌ କୌଣସି ପାର୍ଥକ୍ୟ ସୃଷ୍ଟି ହେଉ ନାହିଁ । ମୋ' ଲାଗି ଅନ୍ୟମାନଙ୍କର ବିଶ୍ୱାସ ଓ ପ୍ରତ୍ୟୟ ଦ୍ୱାରା ସମର୍ଥିତ ହେବାର ଆଦୌ କୌଣସି ଆବଶ୍ୟକତା ନାହିଁ । ମୋ ନିଜକୁ ତାହା ସନ୍ତୋଷଜନକ ଲାଗୁଛି, ତାହାହିଁ ଯଥେଷ୍ଟ । ଏବଂ, ମୁଁ କେବଳ ଏତିକି କହିବାକୁ ଇଚ୍ଛା କରୁଛି ।

ଏହି ପ୍ରସ୍ତୋଗଟି ବେଶ୍ ଦୀର୍ଘ ସମୟ ପାଇଁ ଚାଲିଥିଲା । ସମ୍ପୂର୍ଣ୍ଣ ଟିକିନିଖିର କ୍ଷେତ୍ରରେ ମଧ୍ୟ ମୁଁ ଯାବତୀୟ ସମସ୍ୟାର ଠିକ୍ ସେହିପରି ଉତ୍ତର ଦେଇଥିଲି । ଏବଂ ସେସବୁ ଶେଷ ହେଲା ବେଳକୁ ମୁଁ ମନେମନେ କହିଲି, "ମାତ୍ର, ଗୋଟିଏ ଯୁକ୍ତି ହିସାବରେ ପ୍ରକୃତରେ ଏହା ଏକ ଚମତ୍କାର ଯୁକ୍ତି !" କାରଣ, ସଂଶୟ, ଅଜ୍ଞାନ, ଅବୋଧତା, ଅସତ୍-ଇଚ୍ଛା, ନ କାରବାଦତା—ଏ ସବୁ ଯାହାକିଛି ଯେତେବେଳେ ଆସି ପହଞ୍ଚନ୍ତି—ସେମାନେ ସମସ୍ତେ ସେହି ଯୁକ୍ତିଟି ଦ୍ୱାରା ପରାଜିତ ହୋଇ ତତ୍‌କ୍ଷଣାତ୍ ଚାଲିଯାଆନ୍ତି ; ଖଣ୍ଡିତ ହୁଅନ୍ତି, ସେମାନଙ୍କର ଆଉ କୌଣସି ପ୍ରଭାବ ପଡ଼େ ନାହିଁ ।

ଏବଂ ପରେ, ସବୁକିଛି ଅତ୍ୟନ୍ତ ଦୃଢ଼ ଓ ନିରାପଦ ଭାବରେ ବୋଧଗମ୍ୟ ହୋଇଗଲା ।

'oaob.nitrkl.ac.in' images reprocessed

ତୁମର କ'ଣ କହିବାକୁ ଅଛି ?

(ମାଆ ନୀରବ ରହିଲେ)

ଯେଉଁ ବସ୍ତୁବାଦୀମାନେ କଦାପି କୌଣସି ସାଲିଶ୍ କରନ୍ତି ନାହିଁ । ନିଜର ସତ୍ତ୍ୱଗୁଡ଼ିକରେ ଦୃଢ଼ ରହିଥା'ନ୍ତି, ଯେଉଁମାନଙ୍କର ନିଜର ବସ୍ତୁର ପ୍ରତି ନିଷ୍ଠା ଥାଏ (ଅର୍ଥାତ୍, ଆପଣାର ଚେତନାଗତ ସୀମାଗୁଡ଼ିକମଧ୍ୟରେ ନିଷ୍ଠା ରହିଥାଏ), ଏକ ଧନକୁ ସମ୍ପତ୍ତି କରି ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କ ତୁଳନାରେ ସେମାନଙ୍କର ଯାବତୀୟ ପ୍ରଶ୍ନର ଉତ୍ତର ଦେବା ଅନେକ ପରିମାଣରେ ଅଧିକ ସହଜ—ପ୍ରକୃତରେ ଅନେକ ସହଜ ! ·

ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବୌଦ୍ଧିକ ଦୃଷ୍ଟିକୋଣରୁ ମନୁଷ୍ୟର ଯାବତୀୟ ସତ୍ପ୍ରଚେଷ୍ଟା ଲାଗି ଏକ ବ୍ୟାଖ୍ୟା ଓ ଏକ ସ୍ଥାନ ଅବଶ୍ୟ ରହିଥାଏ । ମନୁଷ୍ୟମାନେ ଭାବିଥିବା ଏପରି କିଛି ନାହିଁ, ଯାହାକୁ କି ଏକ ସତ୍ୟର ବିକୃତ ସଂସ୍କରଣ ବୋଲି କୁହା ନ ଯିବ । ସେଠାରେ ଆଦୌ କୌଣସି ଅସୁବିଧା ନାହିଁ, ମାତ୍ର, ଧାର୍ମିକ ବ୍ୟକ୍ତିମାନଙ୍କର ଜୀବନରେ ଏପରି କେତେକ ବସ୍ତୁ ରହିଥାଏ, ଯେଉଁସବୁରେ ବିଶ୍ୱାସ କରିବା ସେମାନଙ୍କର କର୍ତ୍ତବ୍ୟ ହୋଇ ରହିଥାଏ ଓ ସେଗୁଡ଼ିକର ଆଲୋଚନା କରିବା ଲାଗି ମନକୁ ଅନୁମତି ଦେବାକୁହିଁ ଏକ ପାପ ବୋଲି ଜ୍ଞାନ କରାଯାଏ,—ବରଂ ଏହି କଥାଟିରେହିଁ ଅସୁବିଧା ରହିଛି । ତେଣୁ, ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ଆପଣାକୁ କିଳି ରଖିଥା'ନ୍ତି, ଏବଂ ସେମାନେ କଦାପି କୌଣସି ଅଗ୍ରଗତି କରି ପାରନ୍ତି ନାହିଁ । ମାତ୍ର, ଅପର ପକ୍ଷରେ, ବସ୍ତୁବାଦୀମାନେ ସବୁକିଛି ଜାଣିଛନ୍ତି ବୋଲି ଅନୁମାନ କରା ଯାଇଥାଏ, ସେମାନେ ସବୁକିଛିର ବ୍ୟାଖ୍ୟା କରିଦିଅନ୍ତି : ବୁଦ୍ଧିର ସାହାଯ୍ୟରେ ସେମାନେ ଯାବତୀୟ ବିଷୟର ବ୍ୟାଖ୍ୟା କରିଦିଅନ୍ତି । ଏବଂ ସେହି କାରଣରୁ (ମାଆ ହସି କହିଲେ), ସେମାନେ ଯେ ସବୁକିଛିର ବ୍ୟାଖ୍ୟା କରିଦେଇଥାନ୍ତି, ସେଇଥି ଲାଗିହିଁ ତୁମେ ଯେଉଁଠାକୁ ଯିବାଲାଗି ଇଚ୍ଛା କରୁଥିବ, ସେମାନଙ୍କୁ ସେଠାକୁ ମଧ୍ୟ ଚାଳିତ କରିନେଇ ପାରିବ ।

ଧାର୍ମିକ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଆଦୌ କିଛି କରି ହେବ ନାହିଁ ।

ହଁ ।

ମାତ୍ର ତଥାପି, ସେଇଟି ମଧ୍ୟ ଆଦୌ ଭଲ ନୁହେଁ । ସେମାନେ ଯେ କୌଣସି ଏକ ଧର୍ମକୁ ଜାବୁଡ଼ି ଧରିଥା'ନ୍ତି, ତାହାର କାରଣ ହେଉଛି ଯେ ସେହି

'oaob.nitrkl.ac.in' images reprocessed

ଧର୍ମ ସେମାନଙ୍କର କୌଣସି ନା କୌଣସି ପ୍ରକାର ସହାୟତା କରିଥାଏ; ସେମାନଙ୍କ ଭିତରେ ଯାହା ଏକ ସୁନିଶ୍ଚିତତା ଲାଭ କରିବାକୁ ଇଚ୍ଛା କରିଥିଲା, କୌଣସି ପ୍ରକାର ଅନ୍ୱେଷଣ କରିବାକୁ ନୁହେଁ, ମାତ୍ର ଦୃଢ଼ ଭାବରେ କୌଣସି କିଛି ଉପରେ ଅବଲମ୍ବନ କରି ରହିବାକୁ ମାତ୍ର, ସେହି ଦୃଢ଼ତା ଲାଗି କୌଣସି ପ୍ରକାରେ ଦାୟୀ ହୋଇ ନ ରହିବାକୁ—ହୁଏତ ଆଉ କାହାଉପରେ ସେହି ଦାୟିତ୍ୱଟିକୁ ନେଇ ନ୍ୟସ୍ତ କରିଦେବାକୁ (ମ ଆ ଉପିଲେ) ଇଚ୍ଛା କରିଥିଲା, ସେହି ଧର୍ମ ସେମାନଙ୍କୁ ଠିକ୍ ତାହାରି କ୍ଷେତ୍ରରେ ସହାୟତା କରିଥିଲା । ଏବଂ, ସକଳ ବ୍ୟାପାରଟି ଠିକ୍ ଏହିପରି ଭାବରେ ଚାଲିଥାଏ । ସେହି ବ୍ୟକ୍ତିମାନଙ୍କୁ ସେଥିଭିତରୁ ଟାଣି ବାହାର କରି ଆଣିବା,—ତାହା କରୁଣାର ଅଭାବକୁହିଁ ପରିଚୟ ଦେଇଥାଏ । ସେମାନେ ଯେଉଁଠାରେ ଅଛନ୍ତି, ସେମାନଙ୍କୁ ସେଇଠି ଛାଡ଼ିଦେବା ବରଂ ଅଧିକ ଭଲ । କୌଣସି ଧାର୍ମିକ ବିଶ୍ୱାସ ରହିଥିବା ଜଣେ ବ୍ୟକ୍ତି ସହିତ ମୁଁ ଆଦୌ ବିବାଦ କରେ ନାହିଁ —ତାକୁ ତା'ର ବିଶ୍ୱାସରେ ରହିବାକୁହିଁ ଛାଡ଼ି ଦେଇଥାଏ ! ମୁଁ ତାକୁ ଏପରି ଆଦୌ କୌଣସି କଥା ନ କହିବାକୁହିଁ ସତର୍କ ରହିଥାଏ, ଯାହାକି ହୁଏତ ତା'ର ବିଶ୍ୱାସକୁ ହଲାଇଦେଇ ପାରିବ,—କାରଣ ତାହା କଦାପି ଭଲ କଥା ହେବ ନାହିଁ—ସେମାନେ ଆଉ ଅନ୍ୟ ଗୋଟିଏ କିଛିର ଅଧିକାରୀ ହେବାକୁ ସମର୍ଥ ହୋଇ ନ ଥାନ୍ତି ।

ମାତ୍ର ଜଣେ ବସ୍ତୁବାଦୀକୁ ମୁଁ କହିବି : "ମୁଁ କୌଣସି ବିବାଦ କରିବି ନାହିଁ, —ମୁଁ ତୁମର ଦୃଷ୍ଟିକୋଣକୁ ସ୍ୱୀକାର କରୁଛି । କେବଳ ଏତିକି, ତୁମର ମଧ୍ୟ ଆଦୌ କିଛି କହିବାର ନାହିଁ—ମୁଁ ମୋ'ଲାଗି ଗୋଟିଏ ସ୍ଥାନ ବାଛିନେଇଛି, ତୁମେ ମଧ୍ୟ ତୁମଟିରେ ଥାଅ । ତୁମର ଯାହା ରହିଛି, ଯଦି ତୁମର ସେଥିରେ ସନ୍ତୋଷ ହେଉଛି, ତେବେ ସେଇଟିକୁହିଁ ରଖିଥାଅ । ଯଦି ତାହା ତୁମକୁ ଜୀବନ ବଞ୍ଚିବାରେ ସାହାଯ୍ୟ କରୁଛି, ତେବେ ତାହାକୁ ସମ୍ପୂର୍ଣ୍ଣ ଠିକ୍ ବୋଲି କୁହାଯିବ ।

"ମାତ୍ର ମୋତେ ଦୋଷ ଦେବାକୁ ବା ମୋ'ର ସମାଲୋଚନା କରିବାକୁ ମଧ୍ୟ ତୁମର କୌଣସି ଅଧିକାର ନାହିଁ । କାରଣ, ସେଇଟି ମଧ୍ୟ ଠିକ୍ ତୁମରି ଭୂମି ଉପରେ ପ୍ରତିଷ୍ଠିତ ହୋଇ ରହିଛି । ମୁଁ ଯାହାସବୁ କଳ୍ପନା କରିଛି, ଯଦି ତାହା କେବଳ କଳ୍ପନାମାତ୍ରହିଁ ହୋଇଥାଏ, ତେବେ ମୁଁ ତୁମର କଳ୍ପନା ଅପେକ୍ଷା ମୋ'ଟିକୁ ଅଧିକ କାମ୍ୟ ବୋଲି ଗ୍ରହଣ କରୁଛି ।"

ବୁଝିଲ ?

'oaob.nitrkl.ac.in' images reprocessed

## ୨୪ ଡିସେମ୍ବର ୧୯୭୭

### ସତ୍ୟର ନିର୍ବାଚନ

ସତ୍ୟଟି କହିଲେ ପ୍ରକୃତରେ କ'ଣ ବୁଝାଏ ? ଯେତେବେଳେ ଆପଣ "ସତ୍ୟଟି" ବୋଲି କହନ୍ତି, ସେତେବେଳେ ଆପଣ ତାହାକୁ କେଉଁ ଅର୍ଥରେ କହନ୍ତି ?

ତୁମେ ସେହି ସତ୍ୟର ଏକ ମନୋମୟ ସଂଜ୍ଞା ଜାଣିବାକୁ ଇଚ୍ଛା କରୁଛ । ତାହାକୁ କଦାପି ମନର ଭୂମିରେ ବ୍ୟାଖ୍ୟା କରି ହେବ ନାହିଁ । ହଁ, ଏ କଥା ପ୍ରକୃତରେ ଠିକ୍ ସେହିପରି । ଏବଂ ଏ ବିଷୟରେ ଯେତେଯେତେ ପ୍ରଶ୍ନ ପଚରାଯାଏ, ସେ ସବୁ କେବଳ ସେହି ମନଃସ୍ତରର ।

ସେହି ସତ୍ୟକୁ ଶବ୍ଦ ଦ୍ୱାରା ବାନ୍ଧିଦେଇ ହେବ ନାହିଁ । ତାହାର ସଂଜ୍ଞା ନିରୂପଣ କରି ହେବ ନାହିଁ—ତାହାକୁ ବଞ୍ଚିବାକୁ ପଡ଼ିବ ।

ଏବଂ ଯେଉଁ ବ୍ୟକ୍ତି ନିଜକୁ ସେହି ସତ୍ୟ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିଛି, ସିଏ ତାହାକୁ ବଞ୍ଚିବ ବୋଲି ଇଚ୍ଛା କରୁଛି, ସେହି ସତ୍ୟରହିଁ ସେବକ ହୋଇ ରହିବାକୁ ଚାହୁଁଛି, ପ୍ରତ୍ୟେକ ମୁହୂର୍ତ୍ତରେ ତାକୁ କ'ଣ କରିବାକୁ ହେବ, ସେ କଥା ସେ ଅବଶ୍ୟ ଜାଣିପାରିବ । ଏହା ଗୋଟିଏ ପ୍ରକାରର ଅନ୍ତର୍ବୋଧ ବା ସତ୍ୟୋଦ୍‌ଘାଟନ ଦ୍ୱାରା ଘଟୁଥିବ(ଅଧିକାଂଶ ସମୟରେ କୌଣସି ଶବ୍ଦର ସାହାଯ୍ୟ ନ ନେଇ ତାହା ଘଟୁଥିବ, ମାତ୍ର ବେଳେବେଳେ ଶବ୍ଦ ଦ୍ୱାରା ମଧ୍ୟ ବ୍ୟକ୍ତ ହେଉଥିବ), ଯାହାକି ପ୍ରତ୍ୟେକ ମୁହୂର୍ତ୍ତରେ ସେହି ମୁହୂର୍ତ୍ତଟିର ସତ୍ୟ ବିଷୟରେ ତୁମକୁ ଅବଗତ କରାଇ ଦେଇ ପାରୁଥିବ । ଏବଂ ଏହି କ୍ଷେତ୍ରରେ ଏଇଟି ହେଉଛି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ । ତୁମେ ସେହି "ସତ୍ୟଟିକୁ" ସୁସଜ୍ଜୀକୃତ, ସୁଶ୍ରେଣୀଭୁକ୍ତ ଓ ସୁପ୍ରତିଷ୍ଠିତ ଏକ ବସ୍ତୁରୂପେ ଜାଣିବାକୁ ଇଚ୍ଛା କରୁଛ ଏବଂ ତା'ପରେ ନିଶ୍ଚିନ୍ତ ହୋଇ ବସିଯିବ ବୋଲି ଭାବୁଛ ; ଯେପରିକି ତା'ପରେ ଆଉ ଆଦୌ କିଛି ହେଲେ ଅନ୍ୱେଷଣ କରିବାକୁ ପଡ଼ିବ ନାହିଁ ! ତୁମେ ତାହାକୁ ଏହିପରି ଭାବରେ ଗ୍ରହଣ କରୁଛ, ତୁମେ କହୁଛ : "ହଁ, ମୁଁ ଏଥର ସତ୍ୟଟିକୁ ପାଇଲି ।" ଏବଂ ତା'ପରେ ତାହା ସେହିଠାରେହିଁ ସ୍ଥିରୀକୃତ ହୋଇ ରହିଯାଉଛି । ଯାବତୀୟ ଧର୍ମ ଠିକ୍ ସେହି କଥା

'oaob.nitrkl.ac.in' images reprocessed

କରିଛନ୍ତି । ସେମାନେ ନିଜର ସତ୍ୟକୁ ଗୋଟିଏ ଗୋଟିଏ ଅନ୍ଧ ମତପର ପ୍ରତିଷ୍ଠା କରି ଦେଇଛନ୍ତି । ମାତ୍ର ତାହାକୁ ଆଉ ଆଦୌ ଯଥାର୍ଥ ସତ୍ୟ ବୋଲି ବୁଝା ଯିବ ନାହିଁ ।

ଅସଲ ସତ୍ୟଟି ହେଉଛି ଏକ ଜୀବନ୍ତ ଓ ସଚଳ ବସ୍ତୁ ; ତାହା ପ୍ରତି-ମୁହୂର୍ତ୍ତିରେହିଁ ଆପଣାକୁ ବ୍ୟକ୍ତ କରୁଛି ଏବଂ ସର୍ବୋଚ୍ଚ ସତ୍ତାଙ୍କର ନିକଟବର୍ତ୍ତୀ ହେବାଲାଗି ତାହା ଏକ ଅନ୍ୟତମ ପଥ ହୋଇ ରହିଛି । ସମ୍ଭବତଃ ଏ ଭଳି କେତେକ ବ୍ୟକ୍ତି ରହିଛନ୍ତି, ଯେଉଁମାନେ କି ଯୁଗପତ୍ ଭାବରେ ସବୁଯାକ ଦିଗରୁ ତାଙ୍କ ଆଡକୁ ଅଗ୍ରସର ହୋଇ ପାରନ୍ତି । ମାତ୍ର, ଏପରି କେତେକ ଅଛନ୍ତି, ଯେଉଁମାନେ ପ୍ରେମର ମାଧ୍ୟମରେ ତାଙ୍କର ନିକଟବର୍ତ୍ତୀ ହୁଅନ୍ତି ; ଆଉ କେତେକ ଶକ୍ତିର ମାଧ୍ୟମରେ, କେତେକ ଚେତନାର ମାଧ୍ୟମରେ ଓ ପୁଣି ଆଉ କେତେକ ସତ୍ୟର ମାଧ୍ୟମରେ ତାଙ୍କର ନିକଟବର୍ତ୍ତୀ ହୋଇଥା'ନ୍ତି । ମାତ୍ର ସ୍ୱୟଂ ପରମପ୍ରଭୁଙ୍କ ପରି ଏହି ବିଭବ ଓ ମାର୍ଗଗୁଡ଼ିକ ମଧ୍ୟ ପ୍ରତ୍ୟେକେ ସମାନ ଭାବରେ ଅନପେକ୍ଷ, ଅବଶ୍ୟମ୍ଭାବୀ ତଥା ସଙ୍କଳିତ ହୋଇ ରହିଥାନ୍ତି । ସର୍ବୋଚ୍ଚ ପରମପ୍ରଭୁ ହେଉଛନ୍ତି ଅନପେକ୍ଷ, ଅବଶ୍ୟମ୍ଭାବୀ ଏବଂ ସଙ୍କଳିତ, ତାଙ୍କର କ୍ରିୟାର ଭୂମିରେ ସେ ବୋଧାତୀତ ହୋଇ ରହିଛନ୍ତି ; ଏବଂ ତାଙ୍କର ପ୍ରତୀକ ତଥା ସାଧନଗୁଡ଼ିକ ମଧ୍ୟ ଠିକ୍ ଏହି ଗୁଣକୁ ଧାରଣ କରି ରହିଥାନ୍ତି ।

ଏହି କଥାଟିକୁ ଥରେ ଜାଣି ପାରିଲେ, ଯେଉଁବ୍ୟକ୍ତି ଆପଣାକୁ ଏଥିମଧ୍ୟରୁ କୌଣସି ଗୋଟିଏ ବିଭବର ଚର୍ଯ୍ୟାରେ ନିଯୁକ୍ତକରି ରଖିବାକୁ ଯାଉଛି, ସିଏ ଅବଶ୍ୟ ଜାଣିବାକୁ ସମର୍ଥ ହେବ (ସେହି ଜାଣିବା ଜୀବନରେ, କାଳର ଭୂମିରେ, କାଳର ଗତ୍ୟାତ୍ମକ ଭୂମିରେ ବ୍ୟକ୍ତ ହୋଇଥାଏ) ଯେ, ସିଏ ପ୍ରତ୍ୟେକ ମୁହୂର୍ତ୍ତିରେହିଁ ସେହି ସତ୍ୟ ପ୍ରକୃତରେ କ'ଣ ତାହା ଅବଶ୍ୟ ଜାଣିବାକୁ ସମର୍ଥ ହେବ ; ସେହି ଚେତନା ପ୍ରକୃତରେ କ'ଣ, ସେହି ଶକ୍ତି ପ୍ରକୃତରେ କ'ଣ ଏବଂ ସେହି ପ୍ରେମ ଯେ ପ୍ରକୃତରେ କ'ଣ, ସେ ତାହା ଜାଣିବାକୁ ଅବଶ୍ୟ ସମର୍ଥ ହେବ । ଏବଂ, ଏହା ହେଉଛି ଏକ ଅନେକରୂପୀ ଶକ୍ତି, ଅନେକରୂପୀ ପ୍ରେମ, ଚେତନା ଓ ସତ୍ୟ ଏବଂ ଆପଣାକୁ ରୂପା-ୟନର ଭୂମିରେ ଅଗଣିତ ଭାବରେ ବ୍ୟକ୍ତ କରିବାରେ ଲାଗିଛି,—ଠିକ୍ ଯେପରି ପରମପ୍ରଭୁ ମଧ୍ୟ ନିଜକୁ ତାଙ୍କର ରୂପାୟନର ଭୂମିରେ ଅଗଣିତ ଭାବରେ ବ୍ୟକ୍ତ କରିଦେବାରେ ଲାଗିଛନ୍ତି ।

'oaob.nitrkl.ac.in' images reprocessed

## ୨୨ ମଇ ୧୯୭୭

ତୁମେ ଦେଖୁଥିବ ଯେ ପୃଥିବୀର ଏହି ବର୍ତ୍ତମାନ ଅବସ୍ଥାରେ ପରିସ୍ଥିତିଗୁଡ଼ିକ ପ୍ରତ୍ୟେକ ମୁହୂର୍ତ୍ତରେହିଁ ଅସୁବିଧାପୂର୍ଣ୍ଣ ହୋଇ ରହିଛି । ସମୁଦାୟ ପୃଥିବୀ ସଂଗ୍ରାମ ଏବଂ ସଂଘର୍ଷର ଏକ ଅବସ୍ଥା ମଧ୍ୟରେ ରହିଛି । ଗୋଟିଏ ପାଖରେ ଆପଣାକୁ ପ୍ରକଟ କରିଆଣିବାକୁ ଇଚ୍ଛା କରୁଥିବା ସତ୍ୟ ଓ ଆଲୋକର ଶକ୍ତିସମୂହ ରହିଛନ୍ତି ଏବଂ ଅପର ପକ୍ଷରେ, ଯାହାକିଛି କୌଣସି ପରିବର୍ତ୍ତନ ଇଚ୍ଛାକରୁ ନାହାନ୍ତି, ଯାହାସବୁ ଅତୀତ ମଧ୍ୟରେ ଅଟଳ ହୋଇ ରହିଥିବା ବସ୍ତୁଗୁଡ଼ିକର ପ୍ରତିନିଧିତ୍ୱ କରୁଛି, ଶକ୍ତହୋଇ ରହିଛି ଏବଂ ଆଗକୁ ଯିବାଲାଗି ଆଦୌ ସମ୍ମତ ହେଉ ନାହିଁ,— ଅପର ପକ୍ଷରେ ସେହିଗୁଡ଼ିକ ବିରୋଧ ପ୍ରଦର୍ଶନ କରିବାରେ ଲାଗିଛନ୍ତି । ତେଣୁ, ସ୍ୱଭାବତଃ, ପ୍ରତ୍ୟେକ ବ୍ୟକ୍ତି ମଧ୍ୟ ନିଜର ଅସୁବିଧାଗୁଡ଼ିକୁ ଅନୁଭବ କରୁଛି ଏବଂ ସେହି ପ୍ରତି-ବନ୍ଧକତାସମୂହର ସମ୍ମୁଖୀନ ହେଉଛି ।

ତୁମଲାଗି କେବଳ ଗୋଟିଏ ପଥ ଉନ୍ମୁକ୍ତ ରହିଛି । ତାହା ହେଉଛି ଏକ ସଂପୂର୍ଣ୍ଣ, ସମଗ୍ର ତଥା ସର୍ତ୍ତହୀନ ସମର୍ପଣର ପଥ । ଏହି କଥାଟିକୁ ମୁଁ ଏହି ଅର୍ଥରେ କହୁଛି ଯେ, ତୁମକୁ ଯେ କେବଳ ନିଜର ସକଳ କ୍ରିୟା, କର୍ମ ତଥା ମହତ୍ତ୍ୱ ଲାଭ କରିବାର ଯାବତୀୟ ଆକାଂକ୍ଷାଗୁଡ଼ିକୁ ସମର୍ପଣ କରିଦେବାକୁ ପଡ଼ିବ ତା' ନୁହେଁ, ମାତ୍ର ନିଜର ସକଳ ଅନୁଭବକୁ ମଧ୍ୟ ସମର୍ପଣ କରିଦେବାକୁ ପଡ଼ିବ; ଅର୍ଥାତ୍ ତୁମେ ଯାହାକିଛି କାର୍ଯ୍ୟ କରୁଛ, ଯାହାକିଛି ହୋଇ ରହିଛ, ତାହା ଯେ ସଂପୂର୍ଣ୍ଣ ଭାବରେ କେବଳ ସେହି ଦିବ୍ୟ ପରମସତ୍ତାଙ୍କ ଲାଗି ଉଦ୍ଦିଷ୍ଟ ହୋଇ ରହିଛି, ସେହି ବୋଧରେ ସେଗୁଡ଼ିକୁ ସମର୍ପିତ କରି ରଖିବାକୁ ପଡ଼ିବ । ଏହିପରି ଭାବରେ ତୁମେ ନିଜକୁ ତୁମର ଚାରିପାଖରେ ରହିଥିବା ମନୁଷ୍ୟ-ପ୍ରତିକ୍ରିୟାର ଊର୍ଦ୍ଧ୍ୱରେ ରହିଥିବାର ଅନୁଭବ କରୁଥିବ—କେବଳ ସେହି ପ୍ରତିକ୍ରିୟାଗୁଡ଼ିକର ଊର୍ଦ୍ଧ୍ୱରେ ନୁହେଁ, ମାତ୍ର ଦିବ୍ୟ ପରମ କରୁଣାର ରକ୍ଷାପ୍ରାଚୀର ଦ୍ୱାରା ସେଗୁଡ଼ିକଠାରୁ ସୁରକ୍ଷିତ ହୋଇ ରହିଥିବାର ଅନୁଭବ କରୁଥିବ । ତୁମେ ଥରେ ସକଳ ବାସନା ଏବଂ ସକଳ ଆସକ୍ତିରୁ ମୁକ୍ତ ହୋଇଯାଇ ପାରିଲେ, ମନୁଷ୍ୟମାନଙ୍କପାଖରୁ କୌଣସି ପୁରସ୍କାର ପାଇବାର ଆବଶ୍ୟକତାକୁ ଥରେ ପରିତ୍ୟାଗ କରିପାରିଲେ,—ସେହି ମନୁଷ୍ୟମାନେ ଯିଏ ବି ହୋଇଥା'ନ୍ତୁନା କାହିଁକି,—ତୁମେ ଏତିକି ମାତ୍ର ଜାଣିଥିବ ଯେ ଯେଉଁ ପୁରସ୍କାର କେବଳ ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଆସେ, ଏକମାତ୍ର ତାହାହିଁ ହେଉଛି

'oaob.nitrkl.ac.in' images reprocessed

ପାଇବାର ଯୋଗ୍ୟ ଓ ତାହା କଦାପି ଧୋକା ଦିଏ ନାହିଁ—ତୁମେ ଥରେ ଯାବତୀୟ ବାହ୍ୟସତ୍ତା ଓ ବସ୍ତୁ ପ୍ରତି ରହିଥିବା ତୁମର ଆସକ୍ତିକୁ ଛାଡ଼ିଆସି ପାରିଲେ, ତୁମେ ସଙ୍ଗେ ସଙ୍ଗେ ନିଜର ହୃଦୟସ୍ଥ ଭିତରେ ତୁମ ସହିତ ସର୍ବଦା ରହିଥିବା ଏହି ପରମ ଉପସ୍ଥିତି, ପରମ ଶକ୍ତିମତ୍ତା ଓ ପରମ କରୁଣାକୁ ଅନୁଭବ କରିପାରିବ ।

ଏବଂ, ଏହା ବ୍ୟତୀତ ଆଉ ଅନ୍ୟ କୌଣସି ପ୍ରତିକାର ନାହିଁ । ଏହାହିଁ ଏକମାତ୍ର ପ୍ରତିକାର,—ପ୍ରତ୍ୟେକ ବ୍ୟକ୍ତି ଲାଗି ଏକମାତ୍ର ପ୍ରତିକାର ଏବଂ ଏଥିରେ ଆଦୌ କୌଣସି ବ୍ୟତିକ୍ରମ ନାହିଁ । ଯେଉଁମାନେ ଦୁଃଖଭୋଗ କରୁଛନ୍ତି, ସେମାନଙ୍କ ସମସ୍ତଙ୍କ ପାଇଁ କେବଳ ଏହି କଥାଟିକୁହିଁ କୁହାଯାଇ ପାରିବ : ଯାବତୀୟ ଦୁଃଖଭୋଗ କେବଳ ଏହି ସଙ୍କେତ ଦେଇ ଯାଉଥାଏ ଯେ ତୁମର ସମର୍ପଣ ସମଗ୍ର ହୋଇପାରି ନାହିଁ । ତେଣୁ ଯେତେବେଳେ ତୁମେ ନିଜ ଭିତରେ ସେହିପରି ଏକ "ଆଘାତ" ଅନୁଭବ କର, ତେବେ, "ଓଃ, ଏଇଟା କେତେ ଖରାପ କଥା" କିଂବା "ଏହି ପରିସ୍ଥିତି ଏକ କଠିନ ପରିସ୍ଥିତି" ବୋଲି କହିବା ପରିବର୍ତ୍ତେ ତୁମେ "ମୋର ସମର୍ପଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ" ବୋଲି କହିବ । ତେବେଯାଇ ଠିକ୍ କଥା ହେବ । ଏବଂ ସେତେବେଳେ ଯାଇ ତୁମେ ତୁମକୁ ସାହାଯ୍ୟ କରୁଥିବା ଓ ପଥ ଦେଖାଇ ନେଇଯାଉଥିବା ପରମକରୁଣାକୁ ଅନୁଭବ କରିପାରିବ । ଏବଂ ଅଗ୍ରସର ହୋଇଯାଇ ପାରିବ ଏବଂ ଶେଷରେ ଦିନେ ତୁମେ ଏପରି ଏକ ଶାନ୍ତି ମଧ୍ୟକୁ ଉତ୍ତୀର୍ଣ୍ଣ ହୋଇଯାଇ ପାରିବ, ଯାହାକୁକି ଆଦୌ କେହି ବ୍ୟାହତ କରିପାରିବ ନାହିଁ । ଯାବତୀୟ ବିପରୀତ ଶକ୍ତିକୁ, ବିପରୀତ ଗତିସ୍ପନ୍ଦନକୁ, ଆକ୍ରମଣକୁ, ଭୁଲ୍ ବୁଝିବାକୁ ତଥା ଅସତ୍-ଇଚ୍ଛାକୁ ତୁମେ ତା'ପରେ ଏପରି ଏକ ସ୍ମିତହାସ୍ୟ ଦ୍ୱାରା ଜବାବ ଦେଇପାରିବ, ଯାହାକି କେବଳ ସେହି ପରମକରୁଣା ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାରୁହିଁ ସମ୍ଭବ ହୋଇଥାଏ । ଏବଂ ତାହାହିଁ ମୁକ୍ତ ହୋଇ ବାହାରି ଯିବାର ଏକମାତ୍ର ବାଟ, ଆଉ ଅନ୍ୟକୌଣସି ବାଟ ନାହିଁ ।

ଏହି ପୃଥିବୀ ଦ୍ୱନ୍ଦ୍ୱର ଏକ ପୃଥିବୀ,—ଦୁଃଖଭୋଗ, ଅସୁବିଧା ଏବଂ ବାଧାର ପୃଥିବୀ, — ତାହା ଏହିଗୁଡ଼ିକ ଦ୍ୱାରାହିଁ ତିଆରି ହୋଇଛି । ଏହି ପୃଥିବୀ ଏପର୍ଯ୍ୟନ୍ତ ବଦଳି ନାହିଁ, ବଦଳିବାକୁ, ଆହୁରି କିଛି ସମୟ ଲାଗିବ । ଏବଂ, ଏଠାରେ ପ୍ରତ୍ୟେକ ବ୍ୟକ୍ତି ଲାଗି ବାହାରି ଯାଇ ପାରିବାର ଏକ ସମ୍ଭାବନା ରହିଛି । ଯଦି ତୁମେ ସର୍ବୋଚ୍ଚ ପରମକରୁଣାର ଉପସ୍ଥିତିକୁ ଅବଲମ୍ବନ କରି ରହି ପାରିବ, ତେବେ ତାହାହିଁ ଏକମାତ୍ର ଉଦ୍ଧାରପଥ ହୋଇ କାର୍ଯ୍ୟ କରିପାରିବ । ଦୁଇତିନି ଦିନ ହେଲା ମୁଁ ସେହିପରି ସତତ ଭାବରେ ତୁମମାନଙ୍କୁ ଏକଥା କହି ଆସୁଛି ।



'oaob.nitrkl.ac.in' images reprocessed

ଆଉ କିଛି ଅଛି ?

ତେବେ କ'ଣ କରିବାକୁ ହେବ ?

କ'ଣ କରିବାକୁ ହେବ ? ତୁମର କାର୍ଯ୍ୟ ଲାଗି ଆଦୌ କିଛି କହିବାର ନାହିଁ । ଏହି କାର୍ଯ୍ୟକୁ ତୁମେ ସମ୍ପୂର୍ଣ୍ଣ ଭଲଭାବରେ କରୁଛ; ଠିକ୍ ଯେପରି କରିବା ଉଚିତ, ସେହିପରି କରୁଛ । ଏହା ଖୁବ୍ ଭଲ କଥା । ତୁମର କାର୍ଯ୍ୟ ସମ୍ପୂର୍ଣ୍ଣ ଭଲ ଭାବରେ ଚାଲିଛି ।

ମୁଁ ଏହି ପ୍ରଶ୍ନଟି ପଚାରିବାକୁ ଚାହୁଁଥିଲି : ଏହି କାର୍ଯ୍ୟଟିର କୌଣସି ଆବଶ୍ୟକତା ଅଛି ନା ନାହିଁ ? ମୁଁ କାହିଁକି ସେହି କାର୍ଯ୍ୟଟିକୁ କରିବାରେ ଲାଗିଥିବି ?

ଖୁବ୍ ଭଲ, ତୁମେ ସେହି କାର୍ଯ୍ୟଟିକୁହିଁ କରୁଥାଅ । ତାହାକୁ ପରିପୂର୍ଣ୍ଣ ଭାବରେ ସୁଚାରୁରୂପେ କର । ମନୁଷ୍ୟମାନଙ୍କଠାରୁ ସେଥିଲାଗି ପ୍ରଶଂସାର ପ୍ରତ୍ୟାଶା ରଖ ନାହିଁ — କାରଣ, କାହିଁକି କୌଣସି କାର୍ଯ୍ୟର ପ୍ରଶଂସା କରିବାକୁ ହୁଏ, ମନୁଷ୍ୟମାନେ ସେକଥା ଆଦୌ ଜାଣନ୍ତି ନାହିଁ । ପୁନଶ୍ଚ, ଯେତେବେଳେ ସେମାନଙ୍କଠାରୁ ଉଚ୍ଚତର ହୋଇ କୌଣସି ବସ୍ତୁ ରହିଥାଏ, ସେତେବେଳେ ସେମାନେ ତାହାକୁ ଆଦୌ ଭଲ ପାଆନ୍ତି ନାହିଁ ।

ମାତ୍ର ଏପରି ଏକ ବଳ କେଉଁଠାରୁ ମିଳିବ ?

ତୁମ ନିଜ ଭିତରୁ । ତୁମର ଭିତରେହିଁ ଦିବ୍ୟ ପରମ ଉପସ୍ଥିତି ବିଦ୍ୟମାନ ରହିଛି । ତାହା ତୁମ ଭିତରେ ଅଛି । ତୁମେ ତାକୁ ବାହାରେ ଖୋଜି ବୁଲୁଛ । ଏବେ ଭିତରକୁ ଅନାଅ । ଏହା ତୁମର ଭିତରେ ରହିଛି । ସେହିଠାରେହିଁ ସେହି ପରମ ଉପସ୍ଥିତି ବିଦ୍ୟମାନ ରହିଛି । ଶକ୍ତି ପାଇଁ ତୁମେ ଅନ୍ୟମାନଙ୍କର ପ୍ରଶଂସା ଆବଶ୍ୟକ କରୁଛ, — ତେବେ ଏହା ତୁମକୁ କଦାପି ମିଳିବ ନାହିଁ । ସେହି ବଳ ତୁମ ଭିତରେ ରହିଛି । ଯଦି ତୁମେ ଇଚ୍ଛା କରିବ, ତେବେ, ଯାହା ତୁମକୁ ସର୍ବୋଚ୍ଚ ଲକ୍ଷ୍ୟ, ସର୍ବୋଚ୍ଚ ଆଲୋକ, ସର୍ବୋଚ୍ଚ ଜ୍ଞାନ ଓ ସର୍ବୋଚ୍ଚ ପ୍ରେମ ବୋଲି ବୋଧ ହେଉଛି, ତୁମେ ତାହା ଲାଗି ମଧ୍ୟ ଅଭୀପ୍ସା କରି ପାରିବ । ମାତ୍ର ଏହା ତୁମ ଭିତରେ ରହିଛି — ତା ନ ହୋଇଥିଲେ ତୁମେ କଦାପି ତାହାର ସ୍ପର୍ଶ ଲାଭ କରି ପାରୁ ନ ଥାନ୍ତ । ଯଦି ନିଜ ଭିତରେ ଯଥେଷ୍ଟ ଗଭୀରକୁ ଯାଇ ପାରିବ, ତେବେ ସେଠାରେ ଅବଶ୍ୟ ଏହାର ଆବିଷ୍କାର କରିପାରିବ; ତାହା ଏକ ଅଗ୍ନିଶିଖା ପରି ସର୍ବଦା ସେଠାରେ ଜଳିବାରେ ଲାଗିଛି, ଉପରକୁ ସିଧା ହୋଇ ଜଳୁଛି ।

'oaob.nitrkl.ac.in' images reprocessed

ଏବଂ, ଏପରି କଦାପି ବିଶ୍ୱାସ କରିବ ନାହିଁ ଯେ ଏହା ଏକ ଖୁବ୍ କଷ୍ଟକର କଥା । ତୁମର ଦୃଷ୍ଟି ସର୍ବଦା ବାହାରମୁହାଁ ହୋଇ ରହିଛି ବୋଲି ତୁମେ ସେହି ପରମ ଉପସ୍ଥିତିକୁ ଅନୁଭବ କରୁ ନାହିଁ । ମାତ୍ର ଯଦି, ସହାୟ ଲାଗି ବାହାର ଆଡ଼କୁ ନ ଅନାଇ ତୁମେ ନିଜକୁ ସଂକେନ୍ଦ୍ରିତ କରି ଆଣିବ ଏବଂ ପ୍ରାର୍ଥନା କରି ପାରିବ,—ଭିତରେ, ସେହି ସର୍ବୋଚ୍ଚ ଜ୍ଞାନକୁ ପ୍ରାର୍ଥନା କରି ପାରିବ,—ତୁମେ କ'ଣ କରିବ, କିପରି ଭାବରେ କରିବ, ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ସେହିକଥା ଜାଣିବା ଲାଗି ପ୍ରାର୍ଥନା କରି ପାରିବ, ଏବଂ ଯଦି, ପରିପୂର୍ଣ୍ଣତା ଲାଭ କରିବା ସକାଶେ, ତୁମେ ଯାହାକିଛି ହୋଇ ରହିଛ ଓ ଯାହାକିଛି କରୁଛ, ସେହି ସବୁକିଛିକୁ ସେହିଠାରେ ସମର୍ପଣ କରିଦେଇ ପାରିବ, ତେବେ ଅବଶ୍ୟ ଅନୁଭବ କରିପାରିବ ଯେ, ସହାୟଟି ସବୁବେଳେ ରହିଛି, ସର୍ବଦା ପରିଚାଳିତ କରି ନେଉଛି ଓ ତୁମକୁ ବାଟ ଦେଖାଉଛି । ଏବଂ, ଯଦି କୌଣସି ଅସୁବିଧା ଆସି ପହଞ୍ଚିବ, ତେବେ ଲଢ଼ାଇ କରିବାକୁ ଇଚ୍ଛା କରିବା ପରିବର୍ତ୍ତେ ତୁମେ ସେକଥା ବୁଝିବା ଲାଗି ତାହାକୁ ସେହି ସର୍ବୋଚ୍ଚ ପ୍ରଜ୍ଞାର ହାତରେ ନେଇ ସମର୍ପି ଦେବ,—ସକଳ ମନ୍ଦଇଚ୍ଛାକୁ, ସକଳ ଭୁଲ୍ ବୁଝିବାକୁ ଏବଂ ସକଳ ଅନୁଚିତ ପ୍ରତିକ୍ରିୟାକୁ ବୁଝିବାର ଦାୟିତ୍ୱକୁ ତୁମେ ତାହାକୁହିଁ ସମର୍ପଣ କରି-ଦେବ । ଯଦି ସଂପୂର୍ଣ୍ଣ ଭାବରେ ସେହି ସମର୍ପଣଟିକୁ କରି ପାରିବ, ତେବେ ତା'ପରେ ଆଉ ତୁମର ସେ ବିଷୟରେ କିଛି ଚିନ୍ତା କରିବାକୁ ରହିବ ନାହିଁ : ତାହା ସେହି ସର୍ବୋଚ୍ଚ ପରମସତ୍ତାଙ୍କରହିଁ ଦାୟିତ୍ୱ ହୋଇ ରହିବ; ସେଇ ସେଇଟିକୁ ନିଜ ହାତରେ ଗ୍ରହଣ କରିନେବେ ଏବଂ, କ'ଣ କରିବାକୁ ହେବ, ଅନ୍ୟ ଯେକୌଣସି ବ୍ୟକ୍ତି ଅପେକ୍ଷା ସେଇ ସେକଥା ଅଧିକ ଭଲ ଭାବରେ ଜାଣିଥିବେ । ଏହାହିଁ ଏକମାତ୍ର ପଥ, ଏଇ କେବଳ ଗୋଟିଏ ପଥ । ବୁଝିଲ ?

> ଗୋଟିଏ କଥା ହେଉଛି, ସେଠାରେ ମୁଁ ଯାହାକିଛି କରୁଛି, ତାହାକୁ ମୋର ନିଜ ଲୋକମାନେ ଆଦୌ ପସନ୍ଦ କରୁ ନାହାନ୍ତି ।

ସମସ୍ତଙ୍କ ପରି ତୁମର ନିଜ ଲୋକମାନେ ମଧ୍ୟ ଗୋଟାସୁଦ୍ଧା ଗୋଳିଆମିଶା ହୋଇ ରହିଛନ୍ତି ।

> ମାତ୍ର ମୋର ଅନୁଭୂତିଟି ଏତେ ଶକ୍ତିଶାଳୀ ହୋଇ ରହିଥାଏ ଯେ, — କେବଳ ଶକ୍ତିଶାଳୀ ହୋଇ ରହି ନ ଥାଏ, ମାତ୍ର ଦିବାଲୋକ ପରି ଅତ୍ୟନ୍ତ ସ୍ପଷ୍ଟ ହୋଇ ମଧ୍ୟ

'oaob.nitrkl.ac.in' images reprocessed

> ରହିଥାଏ, ସତେଯେପରି ମୁଁ ଆପଣଙ୍କର ଠିକ୍ ସନ୍ନିଧିରେ ଯାଇ ବସିଛି, ଠିକ୍ ସେହିପରି — ତେଣୁ ମୁଁ ପ୍ରକୃତରେ ନିଜେ ଆଦୌ କିଛି କରେ ନାହିଁ । ଏହି ସମସ୍ତ ବର୍ଷ ଧରି ଏହାହିଁ ମୋ ଲାଗି କେଡ଼େ ବାସ୍ତବ ଓ କେଡ଼େ ସ୍ପଷ୍ଟ ଏକ ଅନୁଭୂତି ହୋଇ ରହିଛି । ତେଣୁ, ମୁଁ ଯାହାକିଛି କାର୍ଯ୍ୟ କରୁଛି, ତାହା ପ୍ରକୃତରେ କୌଣସି ଏକ ମହାନ୍ ଶକ୍ତି ଦ୍ୱାରା କରାହେଉଛି ଏବଂ ମୁଁ ମୋଟେ ତାହାକୁ କରୁ ନାହିଁ । ସେହି ଶକ୍ତିହିଁ ତାହାକୁ କରାଇ ନେଉଛି, ମାତ୍ର ତା'ପରେ···

କ'ଣ କହିଲ ? ସଂସାର ମଧ୍ୟ ତାହାକୁ ବୁଝୁ ବୋଲି ତୁମେ ଆଶା କରୁଛ ।

> ନାହିଁ, ମୁଁ ସେ କଥା କରୁ ନାହିଁ । ସେମାନେ ନ ବୁଝିଲେ ନ ବୁଝନ୍ତୁ । ମୁଁ ସେହି କାର୍ଯ୍ୟ ଲାଗି ଆଦୌ କୌଣସି ପ୍ରଶଂସା ଚାହୁଁ ନାହିଁ । ମାତ୍ର ଆପଣ ତ ଜାଣନ୍ତି, ପ୍ରତିବନ୍ଧକଗୁଡ଼ିକ ଏବଂ······

ଯଦି ତୁମେ ବିଶ୍ୱାସ କରୁଥିବ ଯେ : ମୁଁ ସବୁକିଛି ବୁଝିପାରୁଛି ଓ ଜାଣି-ପାରୁଛି, ତେବେ ତୁମେ ମୋର ସମ୍ପୂର୍ଣ୍ଣ ସହାୟତା ଅବଶ୍ୟ ପାଇବ । ତୁମେ ଭୁଲ୍ କାର୍ଯ୍ୟ କରୁଛ ବୋଲି ତୁମକୁ ମୁଁ କେବେ କହି ନାହିଁ, କହିଛି କି ? ତେବେ, ତୁମକୁ ଅତ୍ୟନ୍ତ ଅବିଚଳ ଭାବରେ ଏହିକଥା ବୁଝି ରଖିବାକୁ ହେବ ଯେ, ଯେପର୍ଯ୍ୟନ୍ତ ଲୋକମାନେ ଯଥାର୍ଥ ଯୋଗୀ ନ ହୋଇ ପାରିଛନ୍ତି, ଆପଣା ଅହଂର କବଳରୁ ମୁକ୍ତ ହୋଇ ନ ପାରିଛନ୍ତି ଏବଂ ସର୍ବୋଚ୍ଚ ପରମସତ୍ତାଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ନ ଦେଇଛନ୍ତି, ସେପର୍ଯ୍ୟନ୍ତ ସେମାନେ ପ୍ରକୃତରେ ବୁଝିପାରିବେ ନାହିଁ । କିପରି ବୁଝିପାରନ୍ତେ କହିଲ ? ସେମାନେ ତ କେବଳ ବାହ୍ୟ ଚକ୍ଷୁ ଓ ବାହ୍ୟ ଜ୍ଞାନ ଦ୍ୱାରାହିଁ ସବୁ ଦେଖୁଛନ୍ତି ! ସେମାନେ ବାହ୍ୟ ବସ୍ତୁଗୁଡ଼ିକୁ ଦେଖୁଛନ୍ତି, କେବଳ ଉପରର ଦୃଶ୍ୟମାନଟାକୁ ଦେଖୁଛନ୍ତି । ଭିତରଟିକୁ ମୋଟେ ଦେଖୁ ନାହାନ୍ତି । ଯେତେବେଳେ ଆମେ ବାହାରର ସକଳ ପ୍ରଶଂସାକୁ ଆଶା କରିବା ବନ୍ଦ କରିଦେଇ ପାରିବା, ଅର୍ଥାତ୍, ମନୁଷ୍ୟମାନଙ୍କଠାରୁ ପ୍ରଶଂସାର ଆଶା କରିବା ଛାଡ଼ିଦେଇ ପାରିବା, ତେବେ ଆମର ଆଉ ଅଭିଯୋଗ କରିବାର ଆଦୌ କୌଣସି

'oaob.nitrkl.ac.in' images reprocessed

କାରଣ ରହିବ ନାହିଁ । ସେମାନେ ପ୍ରଶଂସା କରୁଛନ୍ତି, କରନ୍ତୁ, ତାହା ସେମାନଙ୍କ ଗୁଣର ପରିଚୟ ଦେଉଛି । ମାତ୍ର ଯଦି ପ୍ରଶଂସା ନ କରୁଛନ୍ତି, ସେଥିରେ କିଛି ଯାଏଆସେ ନାହିଁ । ସେ କଥା ସେମାନେ ବିଚାର କରିବେ । ଆମେ ଯେ ଯାବତୀୟ କାର୍ଯ୍ୟ କରୁଛୁ, ତାହା ସେମାନଙ୍କୁ ଖୁସି କରାଇବାକୁ ଆଦୌ ନୁହେଁ ; ଏହି କାର୍ଯ୍ୟଗୁଡ଼ିକୁ କରିବା ଉଚିତ, ଆମେ ଏକଥା ଅନୁଭବ କରୁଛୁ ବୋଲି କାର୍ଯ୍ୟଗୁଡ଼ିକୁ କରୁଛୁ ।

> ମାଆ, ମୁଁ କେବେହେଲେ ପ୍ରଶଂସା ପାଇବାକୁ ଆଶା କରି ନାହିଁ ।

ତୁମକୁ ସେହିପରି ଏକ ସ୍ଥିତି ଅବଲମ୍ବନ କରିବା ଲାଗି ସମ୍ଭବତଃ ବସ୍ତୁଗୁଡ଼ିକ ତୁମକୁ ବାଧ୍ୟ କରିବା ଲାଗି ଆସୁଛନ୍ତି, — କାରଣ ତାହାହିଁ ମୁକ୍ତି, ତାହାହିଁ ଅସଲ ମୁକ୍ତି ।

> କୌଣସି ଅହଂ ଦ୍ୱାରା ପ୍ରେରିତ ହୋଇ ନୁହେଁ, ମାତ୍ର ପ୍ରକୃତିବଶତଃହିଁ ମୁଁ ଜଣେ ସାଧୁ । ମୁଁ ଆଦୌ କିଛି ଆବଶ୍ୟକ କରୁ ନାହିଁ ।

ତାହା ଖୁବ୍ ଭଲ କଥା, ମାତ୍ର ତୁମେ ନିଜ ପରିବାରଠାରୁ ମଧ୍ୟ ପ୍ରଶଂସା ପାଇବାକୁ ଆଶା ରଖିବ ନାହିଁ ।

> ମୋର ସକଳ ଅସମର୍ଥତା ଏବଂ ଦୁର୍ବଳତା ସତ୍ତ୍ୱେ ମୁଁ ତଥାପି ଆଦୌ କିଛିହେଲେ ଆବଶ୍ୟକ କରୁ ନାହିଁ । ମୁଁ କୌଣସି ପ୍ରଶଂସା ଆବଶ୍ୟକ କରୁ ନାହିଁ ।

ତେବେ ତୁମେ ମୋଟେ କଷ୍ଟ ଭୋଗ କରିବ ନାହିଁ । କାରଣ, ତୁମ ଲାଗି କେବଳ ସେହି ଅଦ୍ୱିତୀୟ ଦିବ୍ୟ ପରମସତ୍ତାଙ୍କର ସହାୟତା ଆବଶ୍ୟକ ; ଏବଂ ତୁମେ ତାହା ପାଉଛ । ତେବେ ତୁମେ କଦାପି କଷ୍ଟ ପାଇବ ନାହିଁ ।

> ମାତ୍ର ମୁଁ ତଥାପି ଘୋର କଷ୍ଟ ପାଉଛି ।

ହଁ, ତୁମ ସତ୍ତା ମଧ୍ୟରେ ଏକ ଦ୍ୱନ୍ଦ୍ୱ ରହିଛି । ତୁମ ଚେତନାର ଗୋଟିଏ ପାଖ ସବୁକିଛି ଜାଣିଛି, ମାତ୍ର ତଥାପି ସେଥିରେ ଆଉଗୋଟିଏ ପାଖ ମଧ୍ୟ ରହିଛି, ଯାହାକି ପରିସ୍ଥିତିର ଦାସ ହୋଇ ରହିଛି ।

'oaob.nitrkl.ac.in' images reprocessed

(ମା'ଆ ନୀରବ ରହିଲେ)

ସମ୍ଭବତଃ ସର୍ବୋଚ୍ଚ ଏବଂ ସମଗ୍ର ମୁକ୍ତ ଜଗତରୁ ଯେସବୁ ତୁମ ପାଖକୁ ଆସୁଛି । ଏବଂ, ଯଦି ତୁମେ ଏହାକୁ ପରମ ଚେତନାରୁ ଅଭିବ୍ୟକ୍ତ ବୋଲି ଗ୍ରହଣ କରିପାରିବ, ତେବେ ତାହାର ଫଳଟିକୁ ମଧ୍ୟ ଅବଶ୍ୟ ଦେଖିପାରିବ । ତୁମେ ଏକ ଶାନ୍ତିର ଅନୁଭବ କରିବ, ଯାହାକୁ କ କିଛିହେଲେ ବ୍ୟାହତ କରିପାରିବ ନାହିଁ ; ତାହା ପରିପୂର୍ଣ୍ଣ ସମତା ଏବଂ କଦାପି ବିଫଳ ହେଉ ନ ଥିବା ବଳରୂପେ ବିଦ୍ୟମାନ ରହିଥିବ ।

(ମା'ଆ ଦୀର୍ଘକାଳ ନୀରବ ରହିଲେ)

ଏହାକୁ ତୁମେ ଆଜି ଏକ ନୂତନ ଜନ୍ମ ବୋଲି ଗ୍ରହଣ କର । ଯେଉଁ ନୂତନ ଜୀବନ ଆରମ୍ଭ ହେବାକୁ ଯାଉଛି, ତୁମେ ତାହାକୁ ସେହିପରି ଗ୍ରହଣ କର ।

'oaob.nitrkl.ac.in' images reprocessed

## ୧୪ ଅଗଷ୍ଟ ୧୯୬୭

ମୁଁ ଆସନ ଉପରେ ବସିଲି, ପ୍ରାୟ ସମସ୍ତ ହୋଇ ଯାଇଥିଲା, ସମ୍ଭବତଃ ମୋଟେ ଅଧମିନଟ ଥିଲା, ଏବଂ ହଠାତ୍, ଆଦୌ କୌଣସି ପ୍ରସ୍ତୁତ ବିନା, ସତେ ଯେପରି ଏକ ହାତୁଡ଼ିକୁ ଆଣି ପିଟିଦେଲା ପରି; ଏକ ଅତ୍ୟନ୍ତ ଶକ୍ତିଶାଳୀ ଅବତରଣ—ସମ୍ପୂର୍ଣ୍ଣ ଭାବରେ ନିସ୍ପନ୍ଦ—ସେହିପରି ଏକ ବସ୍ତୁର ଅବତରଣ ଘଟିଲା···ଠିକ୍ ସେହି ସମୟରେ ଶ୍ରୀଅରବିନ୍ଦ ମଧ୍ୟ ସତେଯେପରି ମୋ ସହିତ କଥାବାର୍ତ୍ତା ହେଉଥିଲେ (କାରଣ, ଅନୁଭୂତିଟି ସହିତ ତାହାର ବ୍ୟାଖ୍ୟାଟି ମଧ୍ୟ ସେହି ଗୋଟିଏ ସମୟରେ ଆସିଥିଲା : ତାହା ଏକ ଦୃଶ୍ୟମାନ କଳ୍ପନା ଥିଲା ସତ, ମାତ୍ର ତଥାପି କେବଳ ତାହାହିଁ ନ ଥିଲା, ଏହା ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତ ହୋଇ ରହିଥିଲା) ଏବଂ ମୁଁ "ସୁବର୍ଣ୍ଣ-ଶାନ୍ତି" ଏହି ଶବ୍ଦଟିକୁ ଶୁଣିବାକୁ ପାଇଲି । ମାତ୍ର ତାହା ପ୍ରକୃତରେ କେତେ ଶକ୍ତିଶାଳୀ ଥିଲା ! ଏବଂ ପୁନଶ୍ଚ ତାହା ଆଦୌ ଗତିଶୀଳ ନ ଥିଲା । ଏକ ନୂତନବସ୍ତୁ, ଯାହାକୁ କି ମୁଁ ଆଗରୁ କେବେହେଲେ ଅନୁଭବ କରି ନ ଥିଲି । ମୁଁ କିଛି କହି ପାରିବି ନାହିଁ ······ ମୁଁ ତାକୁ ବେଶ୍ ଦେଖି ପାରୁଥିଲି, ମାତ୍ର ଏକ ବସ୍ତୁଧର୍ମୀ ଦୃଶ୍ୟରୂପେ ଆଦୌ ଦେଖୁ ନ ଥିଲି । ଏବଂ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ, ମୋତେ ଅନ୍ୟ ବ୍ୟକ୍ତିମାନେ କହିଲେ ଯେ, ସେମାନେ ଯେମିତି ଧ୍ୟାନ ପାଇଁ ଉପବେଶନ କଲେ (ଏକ ଅତିବିଶାଳ ଅବତରଣର ଇଙ୍ଗିତ), ଅଦ୍ଭୁତ ଓ ଅପରିମିତ ଶକ୍ତି ସହିତ କୌଣସି ଏକ ବସ୍ତୁ ଅବତରଣ କଲା,—ତାହା ସମ୍ପୂର୍ଣ୍ଣ ଭାବରେ ନିସ୍ପନ୍ଦ ହୋଇ ରହିଥିଲା, —ଏବଂ ସେମାନେ ଏପରି ଏକ ଶାନ୍ତି ଅନୁଭବ କରିବାକୁ ଲାଗିଲେ, ଯାହାକି ଜୀବନରେ ଆଉ କେବେହେଲେ ଅନୁଭବ କରି ନ ଥିଲେ ।

ସୁବର୍ଣ୍ଣ-ଶାନ୍ତି । ତାହା ପ୍ରକୃତରେ ଠିକ୍ ସେହିପରି, ତାହା ସୁବର୍ଣ୍ଣବର୍ଣ୍ଣ ଅତିମାନସ ଆଲୋକର ବୋଧ ଆଣି ଦେଇ ଯାଇଥିଲା । ମାତ୍ର ଏହା ··· ପ୍ରକୃତରେ ଏକ ଶାନ୍ତିହିଁ ଥିଲା : ଏକ ମୂର୍ତ୍ତିମନ୍ତ ଶାନ୍ତି ହୋଇ ରହିଥିଲା, କେବଳ ଅଶାନ୍ତି ଓ କ୍ରିୟାଶୀଳତାର ଏକ ଅଭାବାବସ୍ଥା ଆଦୌ ନୁହେଁ ; ନାହିଁ, ଏକ ମୂର୍ତ୍ତିମନ୍ତ, ଅତ୍ୟନ୍ତ ମୂର୍ତ୍ତିମନ୍ତ ଶାନ୍ତି । ମୁଁ ଆଦୌ ଅଟକି ରହିଯିବାକୁ ଇଚ୍ଛା କଲି ନାହିଁ । ସମସ୍ତ ଅତିକ୍ରାନ୍ତ ହୋଇ ଯାଇଥିଲା, ତଥାପି ମୁଁ ଆହୁରି ଦୁଇମିନଟ, ତିନମିନଟ ରହିଥିଲି । ଯେତେବେଳେ ରହିଗଲି, ସେତେବେଳେ ତାହା ଅପସରି ଯାଇଥିଲା । ଏବଂ, ଶରୀର

ପାଇଁ ତାହା ଏକ କେତେବଡ଼ ପାର୍ଥକ୍ୟ ଘଟାଇ ଯାଇଥିଲା — ହଁ, ଏହି ଶରୀର ପାଇଁ — ଏପରି ଏକ ପାର୍ଥକ୍ୟ ଘଟାଇଥିଲା ଯେ, ଯେତେବେଳେ ଏହା ଚାଲିଯାଇ ସାରିଲା, ମୁଁ ଭାରି ଅସ୍ୱସ୍ତି ଅନୁଭବ କରିଥିଲି; ପୁନର୍ବାର ନିଜର ସମତାବସ୍ଥା ଫେରି ପାଇବାକୁ ମୋତେ ଅଧମିନିଟ ସମୟ ଲାଗିଲା ।

ଏହା ଆସିଲା ଓ ପୁନର୍ବାର ଚାଲିଗଲା । ଧ୍ୟାନ ପାଇଁ ଆସିଥିଲା ଓ ତା'ପରେ ଚାଲି ଯାଇଥିଲା । ଅଧଘଣ୍ଟାଠାରୁ ଅଧିକ ସମୟ ପର୍ଯ୍ୟନ୍ତ, ପ୍ରାୟ ପଇଁତିରିଶ ମିନିଟ ପର୍ଯ୍ୟନ୍ତ ରହିଥିଲା ।

ଏବଂ, ସନ୍ଧ୍ୟାବେଳେ, ବାଲ୍‌କୋନି ଦର୍ଶନ ସମୟରେ,* ଅନେକ ଲୋକ ସମବେତ ହୋଇଥିଲେ । ମୁଁ ଭାବୁଛି ଆମର ଏଠାରେ ଏତେବଡ଼ ଭିଡ଼ ଆଉ କେବେ ହୋଇ ନ ଥିଲା । ତାହା ସବୁଯାକ ରାସ୍ତା ଆଡ଼କୁ ଲମ୍ବି ଯାଇଥିଲା; ମୁଁ ଯେତେଦୂର ଯାଏ ଦେଖି ପାରୁଥିଲି, ରାସ୍ତାସବୁ ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲା । ତା'ପରେ ମୁଁ ବାହାରକୁ ଆସିଲି, ଏବଂ ଯେମିତି ବାହାରକୁ ଆସିଲି, ସେମିତି ଏହି ଜନସମାଗମ ଭିତରୁ ଏକ······ଏହି ପୃଥିବୀ ବର୍ତ୍ତମାନ ଯେପରି ଅବସ୍ଥାରେ ରହିଛି, ବିଶେଷ କରି ଏହି ଦେଶର ବର୍ତ୍ତମାନ ଅବସ୍ଥା ଯେପରି ହୋଇ ରହିଛି, ସେହି ବିଷୟରେ ଏକ ଯାତନା, ଏକ ପ୍ରାର୍ଥନା ଓ ଏକ ପ୍ରତିବାଦର ମିଶିଆ ମିଶି ଏକ ଆକୃତି ଉତ୍ଥିତ ହୋଇ ଆସିଲା । ଏବଂ ତାହା ତରଙ୍ଗଚୟର ଆକାରରେ ଉତ୍ଥିତ ହୋଇ ଆସୁଥିଲା । ମୁଁ ସେହିଆଡ଼କୁ ଅନାଇଲି ଏବଂ ତା'ପରେ (ତାହା ଅତିଶକ୍ତ ଭାବରେ ଆଗ୍ରହାକୁଳ ହୋଇ ରହିଥିଲା) ମୁଁ ନିଜକୁ କହିଥିଲି : "ଏହି ଦିନଟି ମୋର ନୁହେଁ," ଏହା ଶ୍ରୀଅରବିନ୍ଦଙ୍କର ଦିନ ।" ତା'ପରେ ଏହିପରି ଭାବରେ ପଛକୁ ଚାଲିଗଲି (ପ୍ରତ୍ୟାହୃତ କରିନେବାର ସଙ୍କେତ) ଓ ଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ରଖିଲି । ଏବଂ ସିଏ ସମ୍ମୁଖରେ ସ୍ଥାପିତ ହୋଇସାରିବା ପରେ, ସମ୍ମୁଖରେ ଦଣ୍ଡାୟମାନ ହୋଇ ସେ କେବଳ, କେବଳ ଏତିକି କହିଲେ : "ପରମପ୍ରଭୁ ଯାହା କରୁଛନ୍ତି, ତାହାକୁ ସେ ଉତ୍ତମରୂପେ ଜାଣିଛନ୍ତି ।" (ମାଆ ହସିକରି କହିଲେ) ସଙ୍ଗେ ସଙ୍ଗେ ମୁଁ ଭିତରୁ ହସିଲି (ହସିଦେଲି ନାହିଁ, ମାତ୍ର

* ଅଗଷ୍ଟ ୧୫ ତାରିଖ ଦିନ ଶ୍ରୀଅରବିନ୍ଦଙ୍କର ଜନ୍ମଦିବସ ଉପଲକ୍ଷେ ମାଆ ତାଙ୍କ ଉପର-ମହଲା କୋଠରିର ବାଲ୍‌କୋନିରେ ଏକାଧିକ ମିନିଟ୍ ଲାଗି ଛିଡ଼ା ହୋଇ ତଳେ ରାସ୍ତାମାନଙ୍କରେ ଦଣ୍ଡାୟମାନ ହୋଇଥିବା ଲୋକମାନଙ୍କ ଉପରେ ଦୃଷ୍ଟିପାତ କରି ଦର୍ଶନ ଦେଉଥିଲେ ।

'oaob.nitrkl.ac.in' images reprocessed

କେବଳ ଈଷତ୍ ହସିବାକୁ ଆରମ୍ଭ କଲ) ଏବଂ ତା'ପରେ, ସକାଳେ ଯେଉଁ ଶାନ୍ତି ବିରାଜମାନ କରୁଥିଲା, ସେହି ଶାନ୍ତି ବିରାଜିତ ହେବାକୁ ଲାଗିଲା ।

ବୁଝିଲ ?

"ପରମପ୍ରଭୁ ଯାହା କରୁଛନ୍ତି, ତାହାକୁ ସେ ଉତ୍ତମରୂପେ ଜାଣନ୍ତି", — ତାଙ୍କର ପରିପୂର୍ଣ୍ଣତମ ବିନୋଦବୋଧ ସହିତ ସେ ତାହା ଜାଣିଛନ୍ତି । ଏବ ତା'ପରେ ସବୁକିଛି ସଙ୍ଗେ ସଙ୍ଗେ ସ୍ଥିର ଓ ଶାନ୍ତ ହୋଇଗଲା ।

, ଓଡ଼ିଶା

# ୨୪ ମଇ ୧୯୭୦

ଦେଶକୁ ତାହାର ଏହି ପ୍ରମାଦ ଭିତରୁ ବାହାର କରି ଆଣିବା ଲାଗି ପ୍ରକୃତରେ କ'ଣ କରିବାକୁ ହେବ ? ଏହି ସବୁକିଛି ପ୍ରମାଦ ଆସୁଛି ବୋଲି ଶ୍ରୀଅରବିନ୍ଦ ଆଗରୁ ଦେଖି ପାରିଥିଲେ ଏବଂ ସିଏ ଏହାର ସମାଧାନ ମଧ୍ୟ ଦେଇ ଯାଇଛନ୍ତି । ଠିକ୍ ବର୍ତ୍ତମାନ ଆମେ ତାଙ୍କର ଶତବାର୍ଷିକୀର ନିକଟବର୍ତ୍ତୀ ହୋଇ ଆସୁଛୁ ; ଏଇଟି ଯେପରି ସେଇଠି, ସେହି ଦିବ୍ୟ ବ୍ୟବସ୍ଥାଟି ଦ୍ୱାରା ବିଗ୍ରଦ ହୋଇ ରହିଥିବା ପରି ବୋଧ ହେଉଛି ; କାରଣ ଏହା ସମଗ୍ର ଦେଶରେ ତାଙ୍କର ଶିକ୍ଷାକୁ ପ୍ରସାରିତ କରିଦେବା ନିମନ୍ତେ ଏକ ଅଦ୍‌ଭୁତ ଅବସର ରୂପେ କାର୍ଯ୍ୟ କରିବ । ତାଙ୍କର ସକଳ ଶିକ୍ଷା, ଜୀବନ ଲାଗି ବାସ୍ତବ ହୋଇ ରହିଥିବା ତାଙ୍କର ଯାବତୀୟ ଶିକ୍ଷା ଓ ଭାରତ ବିଷୟରେ ତାଙ୍କର ଯାବତୀୟ ଶିକ୍ଷା ତଥା ଭାରତର ଯଥାର୍ଥ କର୍ମବ୍ରତର କଥା । ମୋର ମନେ ହେଉଛି ଯେ, ଏହି ଶତବାର୍ଷିକୀକୁ ଏକ ଅବସର ରୂପେ ଗ୍ରହଣ କରି ଆଉ ଟିକିଏ ଅଧିକ ସଙ୍ଗଠିତ ପ୍ରଚେଷ୍ଟା ଦ୍ୱାରା ତାଙ୍କର ଶିକ୍ଷାକୁ ଦେଶର ଚାରିଆଡ଼େ ପ୍ରସାରିତ କରି ଦିଆଯାଇ ପାରିବ, ଯେପରିକି ତାଙ୍କର ବହିଗୁଡ଼ିକ ପ୍ରସାରିତ ହୋଇଯିବ । ଯେଉଁ ବ୍ୟକ୍ତିମାନଙ୍କର ଏହି କାର୍ଯ୍ୟରେ ଆଗ୍ରହ ଅଛି, ସେମାନେ ଏହାକୁ ଗ୍ରହଣ କରିନେବେ ଏବଂ ଶିକ୍ଷା ଦେବେ, ସଭାମାନଙ୍କର ଆୟୋଜନ କରିବେ ଓ ଲୋକମାନଙ୍କୁ ସେହି ଆଲୋକ ତଥା ସେହି ଜ୍ଞାନର ପ୍ରଦାନ କରିବେ । ଏହା ପ୍ରକୃତରେ ଏକ ଅଦ୍ଭୁତ ଅବସର । ଏବଂ ଏହାହିଁ ଯାବତୀୟ ପ୍ରମାଦର ସମାଧାନ ଲାଗି ଏକ ପ୍ରବେଶପଥ ଯୋଗାଇ ଦେଇଯିବ ।

ଯାହାକିଛି ଘଟିଯାଇଛି ଓ ବର୍ତ୍ତମାନ ଯାହାକିଛି ଘଟୁଛି, ସେହି ସବୁକିଛି ବିଷୟରେ ସେ ଅତ୍ୟନ୍ତ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେସବୁ ମଧ୍ୟକୁ ପୁନର୍ବାର ଫେରି ଯିବା ଦ୍ୱାରା ଆଦୌ କୌଣସି ଲାଭ ହେବ ନାହିଁ । ଆମକୁ ଏହି ଦେଶକୁ ତା'ର ଉଚିତ ସ୍ଥାନଟିକୁ ପ୍ରଦାନ କରିବାକୁ ପଡ଼ିବ ; ଅର୍ଥାତ୍, ଦିବ୍ୟ ପରମସତ୍ତାଙ୍କ ଉପରେ ବିଶ୍ୱାସ ରଖିବାର ସେହି ସ୍ଥାନଟିକୁ ପ୍ରଦାନ କରିବାକୁ ପଡ଼ିବ । ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଲୋକେ ବର୍ତ୍ତମାନ ଯାହା ଉପରେ ବିଶ୍ୱାସ କରି ରହିବାକୁ ଚେଷ୍ଟା କରୁଛନ୍ତି, ତାହା ଏଇଟିର ଠିକ୍ ବିପରୀତ ଅନ୍ୟ ପାଖରେ ଯାଇ ରହିଛି । ମାତ୍ର ଶ୍ରୀଅରବିନ୍ଦ ତାହାକୁ ଏପରି ଏକ ପ୍ରଣାଳୀରେ ବ୍ୟାଖ୍ୟା କରି ଦେଇଛନ୍ତି ଯେ, ଏପରିକି ଯେଉଁମାନେ ଏହାର ବିରୁଦ୍ଧରେ ଅଛନ୍ତି, ସେମାନେ ମଧ୍ୟ ଏଥିରେ ନିଶ୍ଚିତ

'oaob.nitrkl.ac.in' images reprocessed

ରାଜ ହୋଇଯିବେ । ବୁଝିପାରୁଛ ତ ? ସେ ଏହାକୁ ବୁଝାଇ କହିବାର ଏପରି ଏକ ମାର୍ଗ ଆବିଷ୍କାର କରିଛନ୍ତି, ଯାହା କି ପ୍ରତ୍ୟେକ ବ୍ୟକ୍ତିର ବୋଧଗମ୍ୟ ହୋଇ ପାରିବ । ମୋ ଦେଖିବାରେ ତାହାହିଁ ଏକମାତ୍ର ସମାଧାନ ; କେବଳ ଗୋଟିଏ ମାତ୍ର ସମାଧାନ । ଅବଶିଷ୍ଟ ସବୁକିଛି କେବଳ ଜଟିଳତା, ବିରୋଧ ଏବଂ କଳହ ଭିତରେ ନେଇ ପକାଇଦେବ ।

ଶ୍ରୀଅରବିନ୍ଦ କେଉଁ ବସ୍ତୁର ଶିକ୍ଷା ଦେଉଥିଲେ, ତାହାକୁ ପ୍ରାୟ ଦର୍ଶାଇଦେବା ପରି କହିବା ଲାଗି ଏକ ସଂଗଠନ ପ୍ରସ୍ତୁତ କରିବାକୁ ଆମ ହାତରେ ଦୁଇବର୍ଷ ସମୟ ଅଛି । ଏବଂ, ମନେରଖ, ଏହା ରାଜନୀତିର ସମ୍ପୂର୍ଣ୍ଣ ଊର୍ଦ୍ଧ୍ୱରେ । ଏଥିରେ ଦଳ ଗଢ଼ିବାର କୌଣସି ପ୍ରଶ୍ନ ନାହିଁ, ଆଦୌ ସେକଥା ନାହିଁ । କାରଣ, ଦଳଟିଏ ଗଢ଼ିଲେ, କେତେକ ତା'ର ସପକ୍ଷରେ ରହିବେ, କେତେକ ନିଶ୍ଚୟ ବିପକ୍ଷରେ ରହିବେ । ଏହା ହେଉଛି ସକଳ ରାଜନୀତିର ଊର୍ଦ୍ଧ୍ୱରେ । ଏହାର ଅର୍ଥ ହେଉଛି, ଦେଶକୁ ରାଜନୀତିର ଊର୍ଦ୍ଧ୍ୱରେ ରଖି ସଂଗଠିତ କରିବା । ଏବଂ ଏହାହିଁ ଏକମାତ୍ର ଉପାୟ । ରାଜନୀତିରେ ସର୍ବଦା ଯୁଦ୍ଧହିଁ ଲାଗିଥାଏ, କୁତ୍ସିତ ଯୁଦ୍ଧ ଲାଗି ରହିଥାଏ— ବଡ଼ କୁତ୍ସିତ ଯୁଦ୍ଧ । ଏବଂ ସେହି ଯୁଦ୍ଧ କେଡ଼େ ଖରାପ ଅବସ୍ଥାକୁ ଆସିଲାଣି । ସେ ମୋତେ ସର୍ବଦା କହୁଥିଲେ ଯେ, ସବୁକଥା ଅଧିକରୁ ଅଧିକ ଖରାପ ହେବ, କାରଣ ବର୍ତ୍ତମାନ ଯୁଗ ଶେଷ ହେବାକୁ ଯାଉଛି । ବର୍ତ୍ତମାନ ଆମେ ଏପରି ଏକ ଯୁଗ ମଧ୍ୟରେ ଯାଇ ପ୍ରବେଶ କରୁଛୁ, ଯେଉଁଥିରେ କି ବସ୍ତୁଗୁଡ଼ିକ ଭିନ୍ନଭାବେ ସଂଗଠିତ ହେବ । ସେହି କାରଣରୁ ବର୍ତ୍ତମାନର କାଳଟି ଏପରି ଅସୁବିଧାପୂର୍ଣ୍ଣ ହୋଇ ରହିଛି ।

ଯାହା ଆସୁଛି, ଆମେ ସେ କଥା ଜାଣିଥିବାରୁ, ତାହାସେପରି ଅପେକ୍ଷାକୃତ ଅଧିକ ଶୀଘ୍ର ଆସିବ ଏବଂ ଅପେକ୍ଷାକୃତ କମ୍ ବିକ୍ଷୋଭଯୁକ୍ତ ଭାବରେ ଆସିବ, ସେଥିରେ ଆମେ ଅବଶ୍ୟ ସହାୟତା କରି ପାରିବା । ପଛ ଆଡ଼କୁ ଫେରି ଯିବାରେ କୌଣସି ଆଶା ଆଦୌ ନାହିଁ । ତଦ୍ଦ୍ୱାରା ବସ୍ତୁଗୁଡ଼ିକ ଅନନ୍ତ କାଳ ଲାଗି ସେହିପରି ହୋଇ ରହିଥିବ । ଆମକୁ ଆଗକୁ ଯିବାକୁ ହେବ, ସମ୍ପୂର୍ଣ୍ଣ ଭାବରେ ଆଗକୁହିଁ ଯିବାକୁ ହେବ,—ଗାରଗୁଡ଼ିକର ସେପାଖକୁ ଯିବାକୁ ହେବ, ଦଳର ସେପାଖକୁ ଯିବାକୁ ହେବ । ଏବଂ, ଏହି କଥାଟିକୁ ଶ୍ରୀଅରବିନ୍ଦଙ୍କଠାରୁ ଆଉକେହି କଦାପି ଅଧିକ ଭଲଭାବରେ ବୁଝାଇଦେଇ ପାରିବ ନାହିଁ, କାରଣ ସିଏ ଏତେ ଅଧିକ ଥିଲେ, ଦଳର ସେପାଖକୁ ଏତେ ଅଧିକ ଦୂର ଯାଇ ପାରିଥିଲେ । ସିଏ ସବୁଯାକ ଦଳର ଧନପାର୍ଶ୍ୱ ଏବଂ ଋଣପାର୍ଶ୍ୱଟିକୁ ଦେଖି ପାରୁଥିଲେ ଏବଂ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ଓ ସମୁଚିତ ଭାବରେ କହିଦେଇ ପାରୁଥିଲେ ।

'oaob.nitrkl.ac.in' images reprocessed

ଯଦି ତୁମେ ତାଙ୍କର ଲିଖିତ ରଚନାଗୁଡ଼ିକୁ ଯତ୍ନର ସହିତ ପଢ଼ିବ,—ସେ କେତେ ବେଶୀ ଲେଖିଛନ୍ତି ଜାଣିଛ ?—ତେବେ ତୁମକୁ ସେଥିରୁ ଏହି ସବୁକିଛି ପ୍ରଶ୍ନର ଉତ୍ତର ମିଳିଯାଇ ପାରିବ । ଏବଂ, ତୁମେ ଯୁଗପତ୍ ଭାବରେ ଏ କଥା ମଧ୍ୟ ଜାଣିବାକୁ ସମର୍ଥ ହେବ ଯେ, ଏହା ଦ୍ୱାରା ତୁମେ ଦିବ୍ୟ ପରମ ଶକ୍ତିର ପୂର୍ଣ୍ଣ ସହାୟତା ମଧ୍ୟ ଲାଭ କରିପାରିବ । ଯେଉଁ ମହାନ୍ ଶକ୍ତି ଶ୍ରୀଅରବିନ୍ଦଙ୍କ ପଶ୍ଚାତରେ ରହିଥିଲା, ତାହା ଏହି ରୂପାନ୍ତରର ପଶ୍ଚାତରେ ମଧ୍ୟ ରହିଛି । ବର୍ତ୍ତମାନ ସେହି ରୂପାନ୍ତରର ସମୟ ଆସି ଉପଗତ ହୋଇଛି । ଆମେ ଆଉ ଅତୀତକୁ ଜାବୁଡ଼ି ଧରି ରଖି ପାରିବା ନାହିଁ ।

ଶ୍ରୀଅରବିନ୍ଦଙ୍କର ବାଣୀର ପ୍ରଚାର,—ତାହାହିଁ ରାଜନୀତିକୁ ଅତିକ୍ରମ କରି ଆହୁରି ସେ ପାଖକୁ ଚାଲିଯିବାର ସର୍ବୋତ୍ତମ ମାର୍ଗ । ମାତ୍ର ସିଏ ଆଉ ଆଦୌ କ୍ଷମତାଧିକାରର ଇଚ୍ଛା ରଖିଥିବା ଏକ ରାଜନୀତିକ ଉପାଦାନ ହୋଇ ରହି ନାହାନ୍ତି । ବର୍ତ୍ତମାନ କେବଳ ତାଙ୍କର ବିଚାରଗୁଡ଼ିକହିଁ ରହିଛି, ଆଦର୍ଶଗୁଡ଼ିକହିଁ ରହିଛି । ଏବଂ, ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଲୋକେ ତାଙ୍କର କାର୍ଯ୍ୟକ୍ରମଟିକୁ ବୁଝନ୍ତେ ଏବଂ ତାହାକୁ କାର୍ଯ୍ୟକାରୀ କରନ୍ତେ, ତେବେ ଦେଶ ଅତ୍ୟନ୍ତ, ଅତ୍ୟନ୍ତ ବଳଶାଳୀ ହୋଇ ପାରନ୍ତା ।

ଯେଉଁମାନେ ଏହି ଶିକ୍ଷାବଳୀକୁ ବୁଝୁଛନ୍ତି, ସେମାନେ ତାକୁ ସଂଗଠିତ ଏବଂ ପ୍ରଚାର କରିବାର କାର୍ଯ୍ୟଟିକୁ ଅବଶ୍ୟ ହାତକୁ ନେଇ ପାରିବେ ।

ମାତ୍ର ମାଆ, ମାଆଙ୍କର ସନ୍ତାନମାନେ ସରକାର ଭିତରକୁ ନ ଆସିବା ପର୍ଯ୍ୟନ୍ତ···

(ମାଆ ହସିଲେ) ତେବେ ସେମାନେ ମଧ୍ୟ ଭାଙ୍ଗିଯିବେ । ଓ ସେମାନେ ନିଜେ ମଧ୍ୟ ସେମାନଙ୍କର ପାଦରେ ଶୃଙ୍ଖଳ ବନ୍ଧା ହୋଇଥିବାପରି ଅନୁଭବ କରୁଥିବେ ।

ଯଦି ରାଜନୀତି ମଧ୍ୟରେ ପ୍ରବେଶ କରିବା ଲାଗି ଅନୁଭବ କରୁଥିବା କୌଣସି ବ୍ୟକ୍ତି ଆଆନ୍ତି, ତେବେ ତାହା ହୁଏତ ଭିନ୍ନ କଥା ହେବ । ମାତ୍ର ମୁଁ ଭାବୁଛି, ଅନ୍ୟମାନେ ବାହାରେ ରହିଲେହିଁ ଅଧିକ ଶକ୍ତିଶାଳୀ ଭାବରେ କାର୍ଯ୍ୟ କରି ପାରିବେ ।

ମାତ୍ର ସରକାର ତ ଯେକୌଣସି ପରିସ୍ଥିତିରେ ମଧ୍ୟ ରହିଥିବ । ମାଆ ଯଦି ······

'oaob.nitrkl.ac.in' images reprocessed

ମାତ୍ର ସେମାନେ ରାଜନୀତିକ ଆଗ୍ରହ ଥିବା ଲୋକ ହୋଇଥିବା ଉଚିତ ।

ରାଜନୀତି ସର୍ବଦାହିଁ ଦଳ ଦ୍ୱାରା, ନାନା ସ୍ୱାର୍ଥର ଦ୍ୱାରା ଓ ନାନା କର୍ତ୍ତବ୍ୟ ଦ୍ୱାରା ମଧ୍ୟ ସୀମାବଦ୍ଧ ହୋଇ ରହିଥାଏ । ଆମେ ଏପରି ଏକ ସରକାର ଲାଗି ଯାହାରକି କୌଣସି ଦଳ ନ ଥିବ, କ୍ଷେତ୍ର ପ୍ରସ୍ତୁତ ନ କରିଥିବା ପର୍ଯ୍ୟନ୍ତ, ଏପରି ଏକ ସରକାର ଯିଏକି ରାଜନୀତିର ଊର୍ଦ୍ଧ୍ୱରେ ରହିଥିବ ଓ ତେଣୁ ସକଳପ୍ରକାର ସ୍ୱାର୍ଥକୁ ସ୍ୱୀକାର କରି ପାରୁଥିବ. — ସେପର୍ଯ୍ୟନ୍ତ ରାଜନୀତି ସେହିପରି ସୀମାବଦ୍ଧ ହୋଇ ରହିଥିବ । ଦଳ ହେଲେହିଁ ସୀମା ରହିଥିବ; ଏହା ଠିକ୍ ଗୋଟିଏ ବାକ୍ସ ପରି ହୋଇ ରହିଥିବ ଏବଂ ତୁମକୁ ସେହି ବାକ୍ସ ଭିତରେ ଯାଇ ପଶିବାକୁ ପଡ଼ିବ । (ମାଆ ହସିଲେ)ହଁ, ଯଦି ଏପରି କେତେକ ବ୍ୟକ୍ତି ଥାଆନ୍ତେ, ଯେଉଁମାନେ କି କୌଣସି ଦଳରେ ନ ଥାଇ ମଧ୍ୟ ସରକାରରେ ଯାଇ ରହିପାରନ୍ତେ — "ଆମେ କୌଣସି ଦଳର ପ୍ରତିନିଧିତ୍ୱ କରୁ ନାହୁଁ ! ଆମେ ଭାରତର ପ୍ରତିନିଧିତ୍ୱ କରୁଛୁ" ବୋଲି କହିପାରନ୍ତେ,—ତେବେ ତାହା ପ୍ରକୃତରେ କେତେ ବଡ଼ କଥା ହୁଅନ୍ତା ।

ତେଣୁ ଚେତନାକୁ ଊର୍ଦ୍ଧ୍ୱକୁ ନିଅ, ଆହୁରି ଊର୍ଦ୍ଧ୍ୱକୁ, ଆହୁରି ଊର୍ଦ୍ଧ୍ୱକୁ ନେଇଯାଅ, ଦଳର ଅନେକ ଉପରକୁ ନେଇଯାଅ ।

ଏବଂ ତା'ପରେ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ଯେଉଁ ବ୍ୟକ୍ତିମାନେ ରାଜନୀତିକ ଦଳଗୁଡ଼ିକର ବାହାରେ ରହି ପାରିଲେ, — ତାହାହିଁ, ତାହାହିଁ ପ୍ରକୃତରେ ଆଗାମୀ କାଲି ପାଇଁ କାର୍ଯ୍ୟ କରିବା ପରି ହେବ । ଆଗାମୀ କାଲି ସତକୁ ସତ ସେହିପରି ହେବ ! ଦେଶକୁ ନେତୃତ୍ୱସ୍ଥାନ ଗ୍ରହଣ କରିବାକୁ ପଡ଼ିବ, ଏହି ଯାବତୀୟ ପୁରାତନ ରାଜନୀତିକ ଅଭ୍ୟାସ ଭିତରୁ ବାହାରି ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ,—ସେହି କାରଣରୁହିଁ ବର୍ତ୍ତମାନ ଏହି ଯାବତୀୟ ଅଶାନ୍ତି ଘୋଟି ରହିଛି । ସରକାର ରହିବ, କିନ୍ତୁ କୌଣସି ଦଳ ରହିବ ନାହିଁ । ଓଃ, ତାହା ପ୍ରକୃତରେ ଏକ କେଡ଼େ ଚମତ୍କାର କଥା ହେବ !

ଶ୍ରୀ
ଗ୍ରା -
ଜି -
ଓଡ଼ିଶା

'oaob.nitrkl.ac.in' images reprocessed